
ବିପଦ ହିଁ ବିବର୍ତ୍ତନର ଜନନୀ
ବିଜୟିନୀ
୨୦୨୧




ହିରୋସିମାରେ ପରମାଣୁ ବୋମା ନିକ୍ଷେପ ପରେ

# ବିପଦ ହିଁ ବିବର୍ତ୍ତନର ଜନନୀ

ବିଜୟିନୀ - ୨୦୨୧

# ବିପଦ ହିଁ ବିବର୍ତ୍ତନର ଜନନୀ

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୨୧

ମୁଦ୍ରଣ :
ପୂଜା ପ୍ରିଣ୍ଟର୍ସ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୧୪

ମୂଲ୍ୟ : ୨୫୦ ଟଙ୍କା

# ଉତ୍ସର୍ଗ

ବିପଦ ହିଁ ବିବର୍ତ୍ତନର ଜନନୀ - ଏହି ପ୍ରସଙ୍ଗର ବିଜୟିନୀ-୨୦୨୧ ସଂସ୍କରଣ ବିଜୟିନୀଙ୍କୁ ଉତ୍ସର୍ଗୀତ...

— ଇନ୍ଦ୍ରମଣି

# ପ୍ରଫେସର ବିଜୟିନୀ ମହାନ୍ତି

(୧୪.୧୧.୧୯୫୭ - ୧୬.୦୯.୨୦୧୩)

ପ୍ରଫେସର ବିଜୟିନୀ ମହାନ୍ତି ଜୀବନରେ ୩୭ ବର୍ଷ ଅଧ୍ୟାପନାରେ ବ୍ୟସ୍ତ ରହିଛନ୍ତି। ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ହୋଇଛି ପୌର ଶାସନ (ଭୁବନେଶ୍ବର ପୌରପାଳିକାରେ ଲୋକମାନଙ୍କର ଅଂଶଗ୍ରହଣ), ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତନ୍ତ୍ର ଓ ଅନେକ ନୂତନ ପ୍ରଶାସନିକ ଭାବଧାରା। ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ୍.ଡି ଓ ଡି.ଲିଟ୍ ଲାଭ କରିଛନ୍ତି। ବହୁଗୁଡିଏ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି।

ସାମାଜିକ ଜୀବନରେ ବିଜୟିନୀ ଅନେକ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି। ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି। ମଣିଷପଣିଆ ନେଇ ହସ ହସ ମୁହଁରେ ସିଏ କାର୍ଯ୍ୟକ୍ଷେତ୍ରରେ ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା, ଘରକରଣା, ଗବେଷଣା, ଶିକ୍ଷାଦାନ ଅବା ପୁସ୍ତକ ପ୍ରଣୟନ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି। 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ହୁଏ। ଏହି ଉପଲକ୍ଷେ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ। ଆତ୍ମୀୟ ଓ ବନ୍ଧୁମାନଙ୍କ ପରାମର୍ଶକ୍ରମେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତୀ ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି। ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ବବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ବବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ 'ବିଜୟିନୀ ସ୍ମାରକୀ ପୁରସ୍କାର' ଦିଆ ଯାଉଛି।

ଏହା ବ୍ୟତୀତ ତାଳପଦେଶ୍ବରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ବରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ' ଦିଆଯାଉଛି।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଥିଲା, କେତେ ଜଣ ପି.ଏଚ୍.ଡି ପ୍ରାର୍ଥୀ ନିଜର ଡିଗ୍ରୀ ପାଇସାରିଲେଣି। ଉତ୍କଳ ବିଶ୍ବବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ, ବ୍ୟକ୍ତିଗତ ଭାବରେ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରିଛି। ବିଭାଗର କେତୋଟି ପୁସ୍ତକ ପ୍ରଣୟନ କରିବା ବିଜୟିନୀଙ୍କର ଲକ୍ଷ୍ୟଥିଲା, ସେହି କାର୍ଯ୍ୟକ୍ରମରେ ଲୋକ ପ୍ରଶାସନ ବିଭାଗ ସହଯୋଗରେ ସମ୍ପାଦିତ ହେବ ବୋଲି ଆଶା।

ପ୍ରଫେସର ବିଜୟିନୀ ମହାନ୍ତିଙ୍କର ଅନେକ ଅସଂପୂର୍ଣ୍ଣ ପ୍ରବନ୍ଧ, ଗବେଷଣା ଲବ୍ଧ ସାମାଜିକ ତତ୍ତ୍ୱକୁ ପ୍ରକାଶ ଉପଯୋଗୀ କରି ଆତ୍ମୀୟ ଓ ଛାତ୍ରଛାତ୍ରୀ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ କରି ବିଜୟିନୀର ସ୍ମୃତିର ଧାରାକୁ ଜୀବନ୍ତ କରି ରଖିଛନ୍ତି। ଗତ ବର୍ଷ ବିଜୟିନୀଙ୍କର ଉତ୍କଳ ପ୍ରସଙ୍ଗ ଆଉ ଓଡିଶା ରିଭିଉ ପତ୍ରିକାରେ ତାଙ୍କର ଅପ୍ରକାଶିତ ଚାରିଗୋଟି ପ୍ରବନ୍ଧ ପ୍ରକାଶିତ ହୋଇଛି। ଗତ ବର୍ଷ ଅପ୍ରେଲ ମାସରୁ ବିଜୟିନୀଙ୍କର ଅନେକ ଅପ୍ରକାଶିତ ତଥ୍ୟ, ପ୍ରବନ୍ଧ ଓ ଛବି ସହିତ http://bijoyini.com ପୋର୍ଟାଲ୍‌ଟି ବ୍ୟବହାର ଉପଯୋଗୀ ହୋଇସାରିଛି। ଅନେକ ପାଠକ ଓ ଗବେଷକ ବିଜୟିନୀ ମାଗଜିନ୍ ଓ ପ୍ରବନ୍ଧଗୁଡିକ ପଢିବାର ସୁଯୋଗ ପାଇପାରିବେ।

୧୯୧୬ ଡିସେମ୍ବରରୁ ଉତ୍କଳ ବିଶ୍ବବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ ପ୍ରତିବର୍ଷ 'ବିଜୟିନୀ ସ୍ମାରକୀ ବକ୍ତୃତା' ଅନୁଷ୍ଠିତ ହେଉଅଛି। ଗତ ଦୁଇ ବର୍ଷ ହେବ କୋଭିଡ-୨୦୧୯ ମହାମାରୀ ବିଜୟିନୀ ସ୍ମୃତିସଭା ଓ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବା ସମୟ ନିର୍ଦ୍ଧାରଣ ପାଇଁ ଅନ୍ତରାୟ ହୋଇଛି।

କିନ୍ତୁ ବିଜୟିନୀ ସ୍ମୃତି ଟ୍ରଷ୍ଟ ପ୍ରତିବର୍ଷ ପରି ଏବର୍ଷ ଏଗୁଡିକ ପାଳନ କରିବାକୁ କେତେ ଦୂର ସମର୍ଥ ହେବ, ଜାଣି ହେଉନାହିଁ। ତଥାପି ଆମେ ଆଶାବାଦୀ ଅଛୁ।

**ଡାକ୍ତର ଇନ୍ଦ୍ରମଣି ଜେନା**

*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

# ବିଜୟିନୀ ମାଗାଜିନ୍ ବିଷୟରେ ପଦେ

ବିଜୟିନୀ -୨୦୨୧ ହେଉଛି ଅଷ୍ଟମ ବାର୍ଷିକ ସଂଖ୍ୟା, ଏହା ଆଗରୁ ୨୦୧୪ରୁ ଆରମ୍ଭ କରି ସାତଗୋଟି ବାର୍ଷିକ ସଂଖ୍ୟା ପ୍ରକାଶିତ ହୋଇଛି । ଦ୍ୱିତୀୟ ସଂଖ୍ୟାରୁ ଆରମ୍ଭ କରି ଏହି ଅଷ୍ଟମ ସଂଖ୍ୟା ପର୍ଯ୍ୟନ୍ତ ପ୍ରତିବର୍ଷ ଗୋଟିଏ ଗୋଟିଏ ପ୍ରସଙ୍ଗ ଉପରେ ନିଆଯାଇଛି । ପ୍ରସଙ୍ଗଭିତ୍ତିକ ହୋଇଥିବାରୁ ଏହାର ପ୍ରବନ୍ଧ ଗୁଡିକ ବିଭିନ୍ନ ଅଧ୍ୟାୟରେ ବିଭାଜିତ ।

ଏହି ମାଗାଜିନ୍‌ର ପ୍ରବନ୍ଧକାରମାନେ ନିଜ ଜ୍ଞାନର ବହୁମୁଖୀ ପ୍ରତିଭାର ପରିଚୟ ଦିଅନ୍ତି କାରଣ ସେମାନଙ୍କ ମଧ୍ୟରୁ ଅନେକ ପ୍ରତିବର୍ଷ ଏହି ମାଗାଜିନ୍‌କୁ ଲେଖା ଦେଇ ଚାଲିଛନ୍ତି । ସେମାନଙ୍କ ଭିତରେ ଅନେକ ପ୍ରଫେସର, ସାହିତ୍ୟିକ, ବୈଜ୍ଞାନିକ, ଚିକିତ୍ସକ ଓ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ପ୍ରବନ୍ଧକାର ଅଛନ୍ତି । ସମସ୍ତଙ୍କୁ ମୁଁ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ ଧନ୍ୟବାଦ ଜଣାଉଛି ।

ଏହି ମାଗାଜିନ୍‌ଟିର ସମୃଦ୍ଧି ପାଇଁ ଡ. ଗୌରହରି ଦାସ, ପ୍ରଫେସର ଅଭିନ୍ନ ସାହୁ ଏବଂ ପ୍ରଫେସର ନାରାୟଣ ସାହୁଙ୍କ ଉଦ୍ୟମ ସକାଶେ କୃତଜ୍ଞତା ଜ୍ଞାପନ କରୁଛି ।

ଚଳିତ ବର୍ଷର ପ୍ରସଙ୍ଗ ରହିଛି, ବିପଦ ହିଁ ବିବର୍ତ୍ତନର ଜନନୀ । ଏହା ନିଶ୍ଚିତ ଯେ, ଆଜିର ମଣିଷ ସମାଜ ଦୁଇ ବର୍ଷ ହେବ କୋଭିଡ୍-୧୯ ମହାମାରୀ ବିପଦ ଭିତର ଦେଇ ଗତି କରୁଛି । ଏଇ ଭୂତାଣୁଟି ଯେମିତି ବିଜ୍ଞାନ ଆଉ ଚିକିତ୍ସା କ୍ଷେତ୍ରରେ ଚକମା ଦେଇ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଉଛି, କିଏ କିଏ ସନ୍ଦେହ କରୁଛନ୍ତି, ସତରେ ମଣିଷ ଏହାଠାରୁ ନିସ୍ତାର ପାଇବ ତ ?

ଆଜିର ମଣିଷ ଇତିହାସର ଅମା ଅନ୍ଧକାର କାଳରୁ ବହୁ ବାଧାବିଘ୍ନ ଦେଇ ଆଜିର ଅବସ୍ଥାକୁ ଆସିଛି । ଯେତିକି ପ୍ରାକୃତିକ ବିପର୍ଯ୍ୟୟ ସିଏ ମୁକାବିଲା କରିଛି, ସେଗୁଡ଼ିକୁ ଅବିସ୍ମରଣୀୟ ଭାବରେ ଓ ଅଭିଜ୍ଞତା ଭାବରେ ରଖି ସାବଧାନତା ସହ ଆଗତ ବିପର୍ଯ୍ୟୟଗୁଡ଼ିକୁ ପ୍ରତିହତ କରି ପାରୁଛି । ଜୀବଜଗତ ସୃଷ୍ଟିରେ ବିବର୍ତ୍ତନ ଏମିତି ରୂପ ନେଇଛି, ବହୁ ବାଧାବିଘ୍ନ ସତ୍ତ୍ୱେ ଜୀବ ତିଷ୍ଠି ରହିପାରୁଛି । ସାଧାରଣ ଜୀବାଣୁ କଥା ଦେଖନ୍ତୁ । ପ୍ରଥମେ ଯେତେବେଳେ ଆଲେକଜାଣ୍ଡର ଫ୍ଲେମିଙ୍ଗ୍ ପେନିସିଲିନ୍ ଉଦ୍ଭାବନ କଲେ, ତାହାର ପ୍ରୟୋଗରେ ପରମାଣୁ ବୋମା ସଦୃଶ ଅସଂଖ୍ୟ ରୋଗ ସୃଷ୍ଟିକାରୀ ଜୀବାଣୁ ନଷ୍ଟ ହେଲେ । କିନ୍ତୁ ଖୁବ୍ କମ୍ ସଂଖ୍ୟକ ଜୀବାଣୁ ବଞ୍ଚି ରହିଲେ ଆଉ ବଂଶ ବୃଦ୍ଧିକଲେ, ପେନିସିଲିନ୍ ସେମାନଙ୍କର କ୍ଷତି କରି ପାରିଲା ନାହିଁ । ତା ପରେ ଟେଟ୍ରାସାଇକ୍ଲିନ୍ ନାମକ ଆଉ ଗୋଟିଏ ନୂଆ ଜୀବାଣୁନାଶକ ଉଦ୍ଭାବନ ହେଲା, କେତେ ଜୀବାଣୁ ମରିଗଲେ, ଯେତିକି ବଞ୍ଚିଲେ, ସେମାନେ ଆଉ ପେନିସିଲିନ୍ କି ଟେଟ୍ରାସାଇକ୍ଲିନ୍‌ରେ ନାଶ ହେଲେନାହିଁ । ସେମାନଙ୍କୁ ମାରିବା ପାଇଁ ଅଜସ୍ର ଜୀବାଣୁନାଶକ ଆଣ୍ଟିବାୟୋଟିକ୍ ଉଦ୍ଭାବନ ହୋଇ ଚାଲିଛି, କିନ୍ତୁ ଜୀବାଣୁ ବଂଶ ଲୋପ ପାଉନି । ସେମାନେ ସେହି ଅନୁସାରେ ବଢି ଚାଲିଛନ୍ତି । ଏଗୁଡ଼ିକୁ କୁହାଯାଏ ବହୁ ଜୀବାଣୁନାଶକ ପ୍ରତିରୋଧକାରୀ ଜୀବାଣୁ ବା ରେଜିଷ୍ଟାଣ୍ଟ ବ୍ୟାକ୍ଟେରିଆ (Resistant Bacteria) ।

ଏହାର ତାତ୍ପର୍ଯ୍ୟ କ୍ଷୁଦ୍ରାତିକ୍ଷୁଦ୍ର ଜୀବାଣୁଟିଏ ଶରୀରରେ ଏମିତି ସୃଷ୍ଟିତତ୍ତ୍ୱ ସନ୍ନିବେଶିତ ଯେ, ସିଏ ବି ବିପର୍ଯ୍ୟୟକୁ ଏଡାଇ ବଞ୍ଚିରହିପାରୁଛି । ଏହାକୁ କୁହାଯାଏ ଡାରଉଇନ୍‌ଙ୍କର ଯୋଗ୍ୟତମର ତିଷ୍ଠିରହିବା ଶକ୍ତି (Survival of the fittest) ।

ଜୀବାଣୁ ତୁଳନାରେ ମଣିଷ ଭୂପୃଷ୍ଠରେ ପାଦ ଦେବା ଠାରୁ ବିପଦ ଆଉ ବିପର୍ଯ୍ୟୟ ତାହାର ପିଛା ଛାଡିନାହିଁ । କେତେ ଭୂମିକମ୍ପ, ମହାମାରୀ, ବାତ୍ୟା, ବନ୍ୟା, ମରୁଡି ଓ ସ୍ୱୟଂକୃତ ବିଶ୍ୱଯୁଦ୍ଧ ହେଉ ଗୋଟିଏ ସମୟରେ ପ୍ରଭୂତ କ୍ଷତି ସାଧନ କରିଛି । ତଥାପି ସେହି ବିପର୍ଯ୍ୟୟ ସମ୍ମୁଖରେ ନିଏଣ୍ଡରଥାଲ୍ ମଣିଷରୁ ଆଜିକା ଏକବିଂଶ ଶତାବ୍ଦୀର ପୂର୍ଣ୍ଣାଙ୍ଗ ମନୁଷ୍ୟ ବିକଶିତ ହୋଇପାରିଛି । କୋଭିଡ୍-୨୦୧୯ ହେଉ କି ପରମାଣୁ ବୋମା ହେଉ, ମଣିଷ ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ 'ଅମୃତସ୍ୟ ପୁତ୍ରାଃ' । ମଣିଷ ଶରୀରରେ ବିବର୍ତ୍ତନ ପ୍ରଥା ଚାଲୁରହିଛି । ତା'ର ଅଲକ୍ଷ୍ୟରେ ପରିବେଶ ନେଇ ଶରୀର ଯୋଗ୍ୟ ହୋଇପାରୁଛି । ସାମାଜିକ ଓ ମାନସିକ ଧାରାରେ ମଧ୍ୟ ବିବର୍ତ୍ତନାତ୍ମକ କ୍ରମ ବିକାଶ ଦେଖିବାକୁ ମିଳୁଛି । ପୃଥିବୀର ଗୋଟିଏ କୋଣରେ ବିପର୍ଯ୍ୟୟ ଦେଖାଦେଲେ, ଅନ୍ୟ ତିନି କୋଣରୁ ସାହାଯ୍ୟ ଓ ସାହନୁଭୂତିର ସୁଅ ଛୁଟୁଛି । କୌଣସି ପ୍ରକାଣ୍ଡ ବିପଦ ମାଡି ଆସିଲେ ତାହାର ମୁକାବିଲା କରିବାକୁ ସମଗ୍ର ମାନବସମାଜ ଅନୁସନ୍ଧାନ ଓ ଗବେଷଣା ସ୍ତରରୁ ଲାଗିପଡନ୍ତି ।

ମନୁଷ୍ୟର ସାମାଜିକତା, ମାନସିକତା ଆଉ ବୌଦ୍ଧିକତାର ଅନ୍ତରାଳରେ ରହିଛି ବିପର୍ଯ୍ୟୟର ଭୟ । ଶକ୍ତିଶାଳୀ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ମନୁଷ୍ୟ ସମାଜ ଗଠନ କରିଛି । ମାନସିକ ଭାବରେ ସମସ୍ତ ମାନବ ସମାଜର ଗୋଟିଏ ଲକ୍ଷ୍ୟ ବିପଦ ଏଡାଇବା ପାଇଁ । ନିଜର ବୌଦ୍ଧିକ ଓ ବିଜ୍ଞାନର

କୌଶଳ ବିନିଯୋଗ କରି ମଣିଷ ସମାଜ ପ୍ରତି ରହିଥିବା ବିପଦକୁ ଟାଳିବାକୁ। ଏଗୁଡ଼ିକ କଅଣ ଆମର ଶାରୀରିକ ବିବର୍ତ୍ତନ ବ୍ୟତୀତ ମାନସିକ ଓ ସାମାଜିକ ବିବର୍ତ୍ତନ ନୁହେଁ ?

ଦୈବ ଦୁର୍ବିପାକ ଭାବରେ ବାତ୍ୟା, ବନ୍ୟା, ଭୂମିକମ୍ପ ଓ ମରୁଡ଼ି ଘଟିବା ଏବେ ଅବଶ୍ୟ ତାମମାତ୍ରା ବୃଦ୍ଧି ଏହାର କାରଣରୁ ବଢ଼ିଯାଇଛି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଣିଷ ଭାବି ନେଇଥିଲା ଆଉ ଏମିତି କୌଣସି ଜୀବାଣୁ ବା ଭୂତାଣୁ ଆସି ପାରିବନି, ଯାହା ଆଧୁନିକ ଭେଷଜ ପଦ୍ଧତିକୁ ବଳିଯାଇ ପ୍ଲେଗ୍ ରଚାଇ ଥିବା ବ୍ଲାକ୍ ଡେଥ୍ ଅବା ସ୍ପାନିସ୍ ଫ୍ଲୁ ପରି ତାଣ୍ଡବ ଘଟାଇବ। ଆଜିର ଏହି ମହାମାରୀ ବଡ ବଡ ମେଡ଼ିକାଲ ଜର୍ଣ୍ଣାଲ୍ ଗୁଡ଼ିକର ଭେଷଜ ବିଜ୍ଞାନର କୃତିତ୍ୱକୁ ପରିହାସ କରେ। ଯେମିତି ଆଜିର କୋଭିଡ୍ ଭୂତାଣୁ କହୁଛି, 'ତୁମେ ଡାଳେ ଡାଳେ ଗଲେ, ମୁଁ ପତ୍ରେ ପତ୍ରେ ଯିବି !'

ସେ ଦିନ ଆଉ ବେଶି ଡେରି ନାହିଁ ଯେବେ କୋଭିଡ୍ ସମ୍ପୂର୍ଣ୍ଣ ଥମିଯିବ। ଏଇଟା ମାନବ ଜାତି ପାଇଁ ଗୋଟିଏ ବହୁମୁଖୀ ଅଭିଜ୍ଞତା। ଚିକିତ୍ସା ବିଜ୍ଞାନ ପାଇଁ ଆହ୍ୱାନ ଆଉ ସାମାଜିକ କ୍ଷେତ୍ର ପାଇଁ ବିଶାଳ ଅନୁଭୂତି। ଏହିପରି ଅନେକ ଘାତ ପ୍ରତିଘାତ ଗଲାଣି, ମଣିଷ ଜାତି ବିକଶିତ ହୋଇ ଚାଲିଛି। ଭବିଷ୍ୟତ ପୁଣି କେବେ ଦୁନିଆକୁ ଅନ୍ଧକାର କରିପାରେ, ହେଲେ ଏହି ବିପର୍ଯ୍ୟୟରେ ଗଢ଼ିଉଠିଥିବା ସଂଯମ ଆଉ ପ୍ରତିରକ୍ଷାର ମୂଳଦୁଆ ପୁଣି ପ୍ରତିବନ୍ଧକୁ ଡେଇଁ ପଡ଼ିବାରେ ପାଥେୟ ହେବ।


**ଡାକ୍ତର ଇନ୍ଦ୍ରମଣି ଜେନା**

ଚେୟାରମାନ୍, ବିଜୟିନୀ ସ୍ମୃତି ଟ୍ରଷ୍ଟ,

ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୩୦

ମୋବାଇଲ୍ - ୯୪୩୮୦୦୭୫୦୯

email: indramanijena552@gmail.com




## ଅଭିମତ

# ବ୍ୟକ୍ତିର ଶେଷ ଅଛି, ଜୀବନର ଶେଷ ନାହିଁ

ମଣିଷର ଯାତ୍ରା, ଉଭୟ ଭୌତିକ ଏବଂ ଆଧ୍ୟାତ୍ମିକ, ସର୍ବଦା ଅନ୍ଧାରରୁ ଆଲୋକ ଆଡ଼କୁ। ପାହାଡ଼ ପର୍ବତର ଖୋଲ, ଜଙ୍ଗଲର ଗଛଛାୟା ଓ ନଦୀକୂଳ ଚାରଣଭୂମିରୁ ଯାତ୍ରା ଆରମ୍ଭ କରି ମଣିଷ ଆଗକୁ ଆସିଛି – ଏଇ ଯାତ୍ରାର ବିଭିନ୍ନ ମୋଡ଼ ବୁଲାଣିରେ ତାକୁ କେତେ ମରୁଭୂମି, ଅମଡ଼ାବାଟ, ଦୁର୍ଗମ ଅରଣ୍ୟ ଏବଂ ବିପଦଜନକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଛି। ମାତ୍ର ଏସବୁ ପ୍ରତିବନ୍ଧକ ସତ୍ତ୍ୱେ ମଣିଷର ଯାତ୍ରା ଅଟକିନାହିଁ, 'ଚରୈବେତି'ର ଆହ୍ୱାନ ତାକୁ ଯେମିତି ଆଗକୁ ଆଗକୁ ପାଦ ବଢ଼େଇବା ଲାଗି ପ୍ରୋତ୍ସାହିତ କରିଛି, 'ନେତି ନେତି'ର ଇସାରା ସେମିତି କୌଣସି ଗୋଟିଏ ଜାଗାରେ ସ୍ଥିର ରହିବାକୁ ବାରଣ କରିଛି। ମଣିଷର ଏହି ଯାତ୍ରା, ଉଭୟ ବାହ୍ୟିକ ଏବଂ ଆତ୍ମିକ, ତାର ଶେଷ ନାହିଁ, ସ୍ଥିର ଠିକଣା ନାହିଁ। ଆତ୍ମିକ କ୍ଷେତ୍ରରେ ମଣିଷର ଯାତ୍ରା ଅଜ୍ଞାନରୁ ଆଲୋକକୁ, ନିଶ୍ଚେତନରୁ ଚେତନକୁ, ଭୂମିରୁ ଭୂମାକୁ। ସଭ୍ୟତାର ଯେତେ ଆବିଷ୍କାର, ଯେତେ ଜ୍ଞାନକୌଶଳର ପ୍ରସାର ସବୁରି ମୂଳରେ ଉର୍ଦ୍ଧ୍ୱଗ ଚେତନାର ଏହି ଆହ୍ୱାନ ପରିସ୍ଫୁଟ।

'ବିଜୟିନୀ'ର ଚଳିତ ବର୍ଷର ଏଇ ସଂଖ୍ୟା ଏକ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟକୁ ତାର ମୁଖ୍ୟ ପ୍ରସଙ୍ଗ ଭାବେ ଗ୍ରହଣ କରିଛି – ବିପଦ ହିଁ ବିବର୍ତ୍ତନର ଜନନୀ। ବଣ ପାହାଡ଼ରେ ରହୁଥିବା ମଣିଷ ପ୍ରତି ଯଦି ଅନୁଦାର ବନ୍ୟଜନ୍ତୁ ଏବଂ ପ୍ରତିକୂଳ ପାଣିପାଗ ଆଡୁ ବିପଦ ନ ଥାଆନ୍ତା ତାହାହେଲେ ସେ ଆଜି ମଧ୍ୟ ସେଇଠି ରହିଥାଆନ୍ତା, ଏ ଗ୍ରାମ, ସହର କି ମହାନଗର ଗଢ଼ିଉଠି ନ ଥାନ୍ତା। ମଣିଷ ଯଦି ନିର୍ବିଘ୍ନରେ ଯାଯାବର ପରି ଘୂରି ଜୀବନ ନିର୍ବାହ କରିପାରୁଥାଆନ୍ତା ତାହାହେଲେ ସେ ବୋହେମିଆନ୍, ବେଦୁଇନ କି ବନ୍‌ଜାରା ସଂପ୍ରଦାୟର ଲୋକଙ୍କ ପରି ନିରୁଦ୍ଦେଶ୍ୟ ଭାବେ ଘୂରି ବୁଲୁଥାଆନ୍ତା। ମାତ୍ର ଏସବୁ ସ୍ଥାନରେ ବିପଦ ହିଁ ତାକୁ ବିବର୍ତ୍ତନମୁଖୀ କରିଛି। ବସ୍ତୁତଃ ବିପଦ ହିଁ ଆବିଷ୍କାରର ଜନନୀ, ପ୍ରୟୋଜନ ହିଁ ଆବିଷ୍କାରର ଜନ୍ମଦାତ୍ରୀ।

ଗତ ଦୁଇବର୍ଷ ହେଲା ସମଗ୍ର ପୃଥିବୀ ଏବଂ ଏହାର ପ୍ରାୟ ପାଞ୍ଚଶହ କୋଟି ମଣିଷ କୋଭିଡ୍ ଜନିତ ବିପଦର ଆଶଙ୍କାରେ କାଳ କାଟୁଛନ୍ତି। ଏହା ଏପରି ଏକ ତିକ୍ତ ଅନୁଭବ ଯାହାକୁ ଶବ୍ଦରେ ପ୍ରକାଶ କରିହେବନାହିଁ। ବିଶ୍ୱଯୁଦ୍ଧ ଏବଂ ପରମାଣୁ ବିଭୀଷିକା ମଣିଷ ଜାତି ପ୍ରତି ଭୟଙ୍କର ବିପଦ ଟାଣିଆଣିଥିଲା। ମାତ୍ର ସେତେବେଳେ ସୁଦ୍ଧା ସାତ ମହାଦେଶର ସକଳ ନରନାରୀ ଏଭଳି ପ୍ରଭାବିତ ହୋଇ ନ ଥିଲେ। ଏହି କୋଭିଡ୍ ମହାମାରୀ ଏବଂ ତଦ୍‌ଜନିତ ଆତଙ୍କ ଶାରୀରିକ, ମାନସିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଯେଉଁପରି ଆମକୁ ଦୁର୍ବଳ କରିଛି, ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ସେମିତି ଅସହାୟ କରିଦେଇଛି। ମୃତ୍ୟୁ ଅପେକ୍ଷା ମୃତ୍ୟୁର ଆଶଙ୍କା ଅଧିକ ଭୟଙ୍କର। ଆଜି ଆମ ଭିତରେ ଏଭଳି କେହି ଜଣେ ନାହାନ୍ତି ଯିଏ କୋଭିଡ୍‌ରେ ତାଙ୍କର କୌଣସି ସଂପର୍କୀୟ, ବନ୍ଧୁ ଅଥବା ପରିଚିତଙ୍କୁ ହରେଇନାହାନ୍ତି। ଏକ ଆନୁମାନିକ ହିସାବରେ ଆମ ଦେଶରେ ପ୍ରାୟ ପଚାଶ ଲକ୍ଷ ଲୋକ ଏହି ମହାମାରୀରେ ପ୍ରାଣ ହରାଇଛନ୍ତି। ପିତାମାତାଙ୍କୁ ହରେଇ ପୁତ୍ରକନ୍ୟା, ସ୍ୱାମୀଙ୍କୁ ହରେଇ ସ୍ତ୍ରୀ ଏବଂ ପିଲାମାନଙ୍କୁ ହରେଇ ବାପ-ମାଆ ଯେଉଁ ଅପ୍ରକାଶ୍ୟ ଦୁଃଖ, ବେଦନା ଓ ମନସ୍ତାପରେ କାଳ କାଟୁଛନ୍ତି ତାହାକୁ ପ୍ରକାଶ କରିବାକୁ ଲେଖକର ଲେଖନୀ ସୁଦ୍ଧା ଅସମର୍ଥ।

ମାତ୍ର ଏସବୁ ସତ୍ତ୍ୱେ ଜୀବନ ଥମିଯାଇନାହିଁ। ବୈଜ୍ଞାନିକମାନେ ଗବେଷଣାରେ ଦିନରାତି ଲାଗି ଟିକା-ଇଂଜେକ୍‌ସନ୍ ପ୍ରସ୍ତୁତ କରିଛନ୍ତି। ଲକ୍ଷ ଲକ୍ଷ ଡାକ୍ତର ଓ ନର୍ସ ନିଜ ନିଜ ଜୀବନକୁ ବିପନ୍ନ କରି ରୋଗୀମାନଙ୍କ ସେବା ଶୁଶ୍ରୂଷାରେ ଲାଗିଛନ୍ତି, ସାରା ପୃଥିବୀର ବିଦ୍ୟାବୁଦ୍ଧି ଏହି ମହାମାରୀର ମୁକାବିଲା ପାଇଁ ଲାଗିପଡ଼ିଛି। ଏହି ସାମୂହିକ ଉଦ୍ୟମ ବିବର୍ତ୍ତନର ପ୍ରାଥମିକ ଲକ୍ଷଣ। କରୋନା ପରବର୍ତ୍ତୀ ପୃଥିବୀ ଏକ ଭିନ୍ନ ପୃଥିବୀ ହେବ ଯେଉଁଠି ଆମ ଜୀବନଚର୍ଯ୍ୟାର ନୂଆ ପରିଭାଷା ଓ ନୂଆ ଢାଞ୍ଚା ନିର୍ମିତ ହେବ। ଏହି ବିପର୍ଯ୍ୟୟର ଏକ ଭଲ ଲକ୍ଷଣ ମଧ୍ୟ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏବେଠାରୁ ଉପଲବ୍ଧ ହେଲାଣି। ଏସବୁ ଯଦି ଅବ୍ୟାହତ ରହେ, କରୋନା ପରବର୍ତ୍ତୀ ପୃଥିବୀ ଅଧିକ ନିରାପଦ – ବାସୋପଯୋଗୀ ହେବ ବୋଲି ଆଶା କରାଯାଇପାରିବ।

ଏହି ବିଭୀଷିକା ଆମର ସାମାଜିକ ଜୀବନକୁ ବଦଳେଇଦେଇଛି। ମଣିଷ ଉପଲବ୍ଧି କରୁଛି ଯେ ପରିବାର ହିଁ ତା ସୁସ୍ଥତାର ମୂଳ ଆଧାର। ପଡ଼ୋଶୀଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ତାକୁ ବିପଦବେଳେ ସାହାଯ୍ୟ କରିବ। ବ୍ୟକ୍ତିଗତ ଭାବେ ଜଣେ ଯେତେ ବିତ୍ତଶାଳୀ କିମ୍ବା କ୍ଷମତାଶାଳୀ ହେଲେ ମଧ୍ୟ ତାହା ତାର ଉପକାର କରିବ ନାହିଁ, ଯଦି ଡାକ୍ତରଖାନାରେ ଅକ୍ସିଜେନ୍‌ର ଅଭାବ ରହିଛି ବା ଆଉଜଣେ କେହି ବିପଦବେଳେ ତାକୁ ଡାକ୍ତରଖାନାକୁ ନେବାଲାଗି

ସାହସ ଦେଖାଉନାହିଁ। 'ବସୁଧୈବ କୁଟୁମ୍ବକମ୍' ବୋଲି ଯେଉଁ କଥା ଉପନିଷଦ କୋଉକାଳୁ ଆମକୁ ଶିକ୍ଷା ଦେଇଥିଲା ତାହାର ପ୍ରୟୋଜନୀୟତା ଆମେ ଆଜିର ସମୟରେ ବେଶି ଉପଲବ୍ଧି କରୁଛୁ।

'ବିଜୟିନୀ'ର ଏହି ବିଶେଷାଙ୍କରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଚିନ୍ତାଦ୍ୟୋତକ ଲେଖାମାନ ପ୍ରକାଶିତ ହୋଇଛି। ସେସବୁ ଆମକୁ ମଣିଷ ସଭ୍ୟତାର ବିଭିନ୍ନ ବିପର୍ଯ୍ୟୟ ସହ ପରିଚିତ କରାଇବା ସହ ପରବର୍ତ୍ତୀ ସମୟର ପରିବର୍ତ୍ତନ ସମ୍ବନ୍ଧରେ ସୂଚନା ଦେଇଛି। ଆଉ କିଛି ଲେଖକ ସାମାଜିକ ଓ ଦାର୍ଶନିକ ଦୃଷ୍ଟିକୋଣରୁ ବିପର୍ଯ୍ୟୟର ଅନୁଶୀଳନ କରିଛନ୍ତି। ନିଜେ ସଂପାଦକ ଡାକ୍ତର ଇନ୍ଦ୍ରମଣି ଜେନା ବହୁ ଉଦ୍ୟମ କରି ଏକାଧିକ ମୂଲ୍ୟବାନ ପ୍ରବନ୍ଧ ପ୍ରସ୍ତୁତ କରି ସଂକଳନର ମାନବୃଦ୍ଧି କରାଇଛନ୍ତି। ଏହି ଦୃଷ୍ଟିରୁ ମୋର ବିଶ୍ୱାସ, ଗତବର୍ଷର ସଂକଳନଗୁଡ଼ିକ ପରି 'ବିଜୟିନୀ'ର ଏହି ସଂଖ୍ୟାଟି ମଧ୍ୟ ସମସ୍ତଙ୍କୁ ଭଲ ଲାଗିବ।

ମୋର ନିଜର ବିଶ୍ୱାସ, ପରାଜୟକୁ ସ୍ୱୀକାର କରିବା ଲାଗି ମଣିଷର ଜନ୍ମ ଅଭିପ୍ରେତ ନୁହେଁ। ସବୁ ଅନ୍ଧାର ଶେଷରେ ସୂର୍ଯ୍ୟୋଦୟ ଅଛି, ସୁଡ଼ଙ୍ଗ ଶେଷରେ ଅଛି ଆଲୋକର ଆଶା ଏବଂ ପ୍ରଳୟ ପରେ ସୃଜନର ସମ୍ଭାବନା। ଭାରତର ବେଦ, ଉପନିଷଦ ସେଥିଲାଗି ମଣିଷକୁ ଅମୃତର ସନ୍ତାନ ଭାବେ ଅଭିହିତ କରିଛନ୍ତି। ବ୍ୟକ୍ତିର ଶେଷ ଅଛି, ଜୀବନର ଶେଷ ନାହିଁ। ଯେତେଦିନ ପର୍ଯ୍ୟନ୍ତ ଜୀବନ ଥିବ ସେତେଦିନ ପର୍ଯ୍ୟନ୍ତ ବିବର୍ତ୍ତନର ସମ୍ଭାବନା ରହିଥିବ ଏବଂ ବିପତ୍ତି ମଧ୍ୟରୁ ଉଦ୍ଧାର ପାଇବାର କୌଶଳ ତାଆରି ଭିତରୁ ସୃଷ୍ଟି ହୋଇଚାଲିଥିବ। 'ବିଜୟିନୀ'ର ଏ ସଂଖ୍ୟା ବିପଦ ପାଖରେ ଆତ୍ମସମର୍ପଣର ଦସ୍ତାବିଜ ନୁହେଁ, ବିପଦ ସତ୍ତ୍ୱେ ବିଜୟୀ ହେବାର ଆସ୍ଥାପାଠ। ଆମ ସମସ୍ତଙ୍କର ଜୀବନ, ଭିନ୍ନ ଭିନ୍ନ ଭାବରେ ଏକ ଏକ ବିଜୟୀ ବା ବିଜୟିନୀର ଜୀବନ - ଏହା ହିଁ ଏ ସଂକଳନର ବାସ୍ତବ ବାର୍ତ୍ତା।

**- ଗୌରହରି ଦାସ**
'ଅନୁଭବ'
୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର-୭୫୧୦୦୩
ମୋ: ୯୪୩୭୦୭୭୨୮୮
Email: gourahari60@gmail.com



# ବିପଦ ହିଁ ବିବର୍ତ୍ତନର ଜନନୀ


| | | | |
|---|---|---|---|
| ବିଜୟିନୀ ମାଗାଜିନ୍ ବିଷୟରେ ପଦେ | ଡା ଇନ୍ଦ୍ରମଣି ଜେନା | - | ୫ |
| ଅଭିମତ ବ୍ୟକ୍ତିର ଶେଷ ଅଛି, ଜୀବନର ଶେଷ ନାହିଁ | ଡ. ଗୌରହରି ଦାସ | - | ୭ |

## (୧) ମନୁଷ୍ୟ ସମାଜ ପାଇଁ ଭୂପୃଷ୍ଠରେ ବିପଦର ଧାରା

| | | | |
|---|---|---|---|
| ବିପତ୍ତିର ସଜ୍ଞା ଓ ସ୍ୱରୂପ | ଡ. ଶ୍ରୀଲେଖା ଭଞ୍ଜମିଶ୍ର | - | ୧୩ |
| ବିପତ୍ତି ଓ ବିବର୍ତ୍ତନ : କେତୋଟି ବିଶ୍ଳେଷଣାତ୍ମକ ଦିଗ | ଡ. ଶ୍ରୀକାନ୍ତ ମହାନ୍ତି | - | ୧୬ |
| ଥରକୁ ଥର ପଡି ତଳେ | ଡା. ଇନ୍ଦ୍ରମଣି ଜେନା | - | ୨୨ |
| ତାଣ୍ଡବ ଓ ସୃଷ୍ଟି ବିଲୟ | ଡ. ଭାରତ ଭୂଷଣ ରଥ | - | ୨୮ |
| ମଣିଷ ଓ ମହାମାରୀ: କଳା ମୃତ୍ୟୁର ଆତଙ୍କ | ବିଦେଶୀ ଭଞ୍ଜ | - | ୩୨ |
| ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ବିଭୀଷିକା | ଶ୍ରୀଚନ୍ଦନ କୁମାର ରାଉତରାୟ | - | ୩୫ |
| ମହାବାତ୍ୟା-୧୯୯୯ | ଜ୍ୟୋତ୍ସ୍ନା ମହାପାତ୍ର | - | ୩୯ |
| କୋଭିଡ୍ - ୨୦୧୯ | ଡା. ଇନ୍ଦିରା ପଟ୍ଟନାୟକ | - | ୪୧ |
| ରହସ୍ୟମୟ ଉହାନ୍ ଭୂତାଣୁ ଗବେଷଣାଗାର | ଡା. ସୋମନାଥ ପ୍ରସାଦ ଜେନା | - | ୪୩ |
| ମହାମାରୀର ଅଭ୍ୟନ୍ତର | ଡା. ଇନ୍ଦ୍ରମଣି ଜେନା | - | ୪୬ |
| ବିପର୍ଯ୍ୟୟ ଜନରବ | ଡା ପ୍ରେରଣା ବିଶ୍ୱାଳ | - | ୪୯ |
| କୋଭିଡ୍ ମହାମାରୀ କାଳର ସାମାଜିକ ଜୀବନ | ଡ. ସୁଜାତା ପ୍ରିୟଦର୍ଶିନୀ | - | ୫୨ |
| ମହାମାରୀ କାଳରେ ଦାର୍ଶନିକ ମୂଲ୍ୟବୋଧ | ଡ. ସଂଘମିତ୍ରା ଭଞ୍ଜ | - | ୫୪ |
| କ୍ଷିପ୍ର ସଂକ୍ରମଣକ୍ଷମ ମହାମାରୀ ପ୍ରତିରୋଧ | ଡା ତନୟା ଜେନା | - | ୫୭ |
| ରୋଗ ଭୟର ମାଳିକା | ଡ. ସୁଶିଲ୍ କୁମାର ପଟ୍ଟନାୟକ | - | ୬୦ |
| ଭସ୍ମାସୁର ଗଢୁଥିବା ମଣିଷ | ଡା. ଇନ୍ଦ୍ରମଣି ଜେନା | - | ୬୩ |
| ବିପତ୍ତି: ଆମ ଭବିଷ୍ୟତ କଳନା | ଡା ଆଦିକନ୍ଦ ସାହୁ | - | ୬୬ |

## (୨) ବିପଦରୁ ପ୍ରୋତ୍ସାହିତ ବିବର୍ତ୍ତନ

| | | | |
|---|---|---|---|
| ମଣିଷ ସୃଷ୍ଟି ପରାଜୟ ପାଇଁ ନୁହେଁ | ଡ. ଗୌରହରି ଦାସ | - | ୭୧ |
| ସଂକଟ ଓ ସମୃଦ୍ଧି | ଡ. ଫକୀର ମୋହନ ସାହୁ | - | ୭୪ |
| ସଂକଟରୁ ଶକ୍ତି: ମନ ମୋହର ନିଜ ଗୁରୁ | ଡ. ଅଜିତ୍ ମହାନ୍ତି | - | ୭୯ |
| ବିପଦରେ ବିବର୍ତ୍ତନର ଲକ୍ଷଣ | ଅଧ୍ୟାପକ ବିଶ୍ୱରଞ୍ଜନ | - | ୮୩ |
| ବିପତ୍ତି ମଧ୍ୟରେ ସମ୍ପତ୍ତିର ସନ୍ଧାନ | ଓମ୍ ପ୍ରକାଶ ଜଗତୀ | - | ୮୬ |
| ବିପଦ ବିଷୟରେ ଦିପଦ | ଡ. ଲିଙ୍ଗରାଜ ରଥ | - | ୮୮ |
| କରୋନା ପରେ ବିଶ୍ୱ କିଭଳି ହେବ ! | ଶୁଭ୍ର ଅରବିନ୍ଦ ମହାନ୍ତି | - | ୯୩ |
| ବିପଦରୁ ବର୍ତ୍ତିବା ହିଁ ବିବର୍ତ୍ତନ | ସଂଘମିତ୍ରା ନାୟକ | - | ୯୫ |

| | | | |
|---|---|---|---|
| ବିପଦ-ବିପର୍ଯ୍ୟୟରେ ଓଡିଆ ଭାଷା-ସାହିତ୍ୟର ବିବର୍ତ୍ତନ | ଡ. ଅଭିନ୍ନ ସାହୁ | - | ୯୮ |
| ବିବର୍ତ୍ତନର ଧାରା | ଅଭିରାମ ବେହେରା | - | ୧୦୨ |
| ଶାରୀରିକ ଓ ବଂଶାନୁକ୍ରମିକ ବିବର୍ତ୍ତନ | ପ୍ରଭାତ କୁମାର ମହାପାତ୍ର | - | ୧୦୭ |
| ବିପଦ ଓ ବିବର୍ତ୍ତନ | ଡ. ସୂର୍ଯ୍ୟ ନାରାୟଣ ମିଶ୍ର ଓ ଡ. ଦେବୀଲାଲ ମିଶ୍ର | - | ୧୧୦ |
| ସମୟର ଆବର୍ତ୍ତନ | ଅଶାଲତା ପାଣ୍ଡବ | - | ୧୧୧ |
| ଅନାଥ ସନ୍ତାନ | ଡା. ଇନ୍ଦ୍ରମଣି ଜେନା | - | ୧୧୪ |
| ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ବିବର୍ତ୍ତନ | ଡ. ଉଦ୍ଧବ ଚରଣ ନାୟକ | - | ୧୧୭ |
| କରୋନା ଏକ ଭିନ୍ନ ଦୃଷ୍ଟିପାତ | ରଘୁନନ୍ଦନ ମିଶ୍ର | - | ୧୨୧ |
| ଅମାନିଆ | ଡ. ପ୍ରଫୁଲ୍ଲ ମହାପାତ୍ର | - | ୧୨୩ |
| ପ୍ରଳୟରୁ ପରିବର୍ତ୍ତନ ଓ ବିବର୍ତ୍ତନବାଦର ଜନ୍ମ | ଡ. ରବୀନ୍ଦ୍ର ନାଥ ପତି | - | ୧୨୫ |


## (୩) ବିବିଧାୟନ


| | | | |
|---|---|---|---|
| ଭଡାଘର | ଡ. ସୁଲୋଚନା ଦାସ | - | ୧୩୩ |
| ରିକସା ଓ ଟୁକୁନି | ଡ. ନାରାୟଣ ସାହୁ | - | ୧୩୮ |
| କରୋନା ମା'ଙ୍କ କରୁଣା | ଡ. ପୀତବାସ ରାଉତରାୟ | - | ୧୪୧ |
| ଧର ବା ମାର | ତପନ ମହାପାତ୍ର | - | ୧୪୪ |
| ଅମୃତସ୍ୟ ପୁତ୍ରାଃ | ଆରିଆ ରାଉତରାୟ | - | ୧୪୮ |
| ଭୟ, ବିବର୍ତ୍ନ ଓ ନିର୍ଭୟ | ସୁଧାଂଶୁ ଶେଖର ଧଡା | - | ୧୫୧ |
| ବିବର୍ତ୍ତନ | ଡ. ଉର୍ମିମାଳା ଆଚାର୍ଯ୍ୟ | - | ୧୫୪ |
| ରବିବାର | ବିରଞ୍ଚି ନାରାୟଣ ପଟ୍ଟନାୟକ | - | ୧୫୭ |
| ବିପର୍ଯ୍ୟୟ ଗଢିପାରେ ପରିଭାଷା | ଡ. ସଂଘମିତ୍ରା ମିଶ୍ର | - | ୧୬୨ |
| ମଣିଷ ଜୀବନ ମହାମାରୀ ବେଳେ ପାଣି ଫୋଟକାଠୁ ହୀନ | ଡ. ବିଷ୍ଣୁପ୍ରିୟା ଓତା | - | ୧୬୫ |
| ଧନ୍ୟରେ କରୋନା | ଡ. ଭବାନୀ ଶଙ୍କର ଦାଶ | - | ୧୬୭ |
| ବିପଦ ଓ ବିବର୍ତ୍ତନରେ ଆମ ଆଧ୍ୟାତ୍ମିକତା | ଡ. ଭାସ୍କର ମିଶ୍ର | - | ୧୬୯ |
| ଆଉ କେତେଦିନ | ସୁଶାନ୍ତ କୁମାର ଆଚାର୍ଯ୍ୟ | - | ୧୭୧ |


## (୪) କବିତାୟନ


| | | | |
|---|---|---|---|
| ମାହେଶ୍ୱରୀ | ଡ. ଫନି ହାନ୍ତି | - | ୧୭୫ |
| ଅକାଳ | ଉମାକାନ୍ତ ମହାପାତ୍ର | - | ୧୭୬ |
| କରୋନା ଯିବ ତ ଦୂରେଇ | ହଂସନାଥ ମୁଦୁଲି | - | ୧୭୭ |
| କରୋନାର କରୁଣ ବିଭାବନା | ସୁଜାତା ସିହ୍ନା | - | ୧୭୮ |
| ବିପତ୍ତିରୁ ନୂତନ ସୂତ୍ର | ଶ୍ୟାମପଦ ଚାଟାର୍ଜୀ | - | ୧୭୯ |
| କୋଭିଡ୍-୧୯ | ଇଂ ମୀନକେତନ ମିଶ୍ର | - | ୧୮୦ |
| ଲକ୍‌ଡାଉନ୍ | ସୁବ୍ରତ କୁମାର ଦାସ | - | ୧୮୧ |
| ମହାଲୀଳା | ବିଜୟଲକ୍ଷ୍ମୀ ଦାଶ | - | ୧୮୨ |

# ମନୁଷ୍ୟ ସମାଜ ପାଇଁ ଭୂପୃଷ୍ଠରେ ବିପଦର ଧାରା



# ବିପତ୍ତିର ସଂଜ୍ଞା ଓ ସ୍ୱରୂପ

*ଡ. ଶ୍ରୀଲେଖା ଭଟ୍ଟମିଶ୍ର*

ବିପତ୍ତି ମୁଖ୍ୟତଃ ପ୍ରାକୃତିକ, ମନୁଷ୍ୟକୃତ ଓ ସଙ୍କର ଜାତୀୟ (ହାଇବ୍ରିଡ୍) ଏହି ତିନି ଭାଗରେ ବିଭକ୍ତ । ଯଦିଓ ବିପତ୍ତିର କୌଣସି ନିର୍ଦ୍ଦିଷ୍ଟ ବ୍ୟାଖ୍ୟା ବିଶ୍ୱ ଜନ ସମୁଦାୟ ଦ୍ୱାରା ସମ୍ୟକ୍ ଭାବରେ ସ୍ୱୀକୃତ ହୋଇପାରିନାହିଁ, ତେବେ ଏ ବିଷୟରେ ମିଳିତ ଜାତିସଂଘର ବକ୍ତବ୍ୟ ଅନେକାଂଶରେ ବିପତ୍ତିକୁ ସଂକ୍ଷେପରେ ବର୍ଣ୍ଣନା କରିବାକୁ ସମର୍ଥ ବୋଲି ମୋର ମତ । ମିଳିତ ଜାତିସଂଘର ବକ୍ତବ୍ୟ ଅନୁଯାୟୀ ବିପତ୍ତି ସାଧାରଣ ଜନଜୀବନକୁ ଭୟାବହ ରୂପରେ ଅସ୍ତବ୍ୟସ୍ତ କରିଦିଏ ଓ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତର ବିଘ୍ନ ଘଟାଇଥାଏ । ଭୂମିକମ୍ପ, ସାମୁଦ୍ରିକ ତୋଫାନ, ବନାଗ୍ନି, ମରୁଡ଼ି, ମହାମାରୀ ଇତ୍ୟାଦିକୁ ପ୍ରାକୃତିକ ବିପତ୍ତି ବୋଲି ଧରାଯାଇଥାଏ । ଧରିନେବା କୌଣସି ବୃକ୍ଷଲତାହୀନ ଜନଜୀବନଶୂନ୍ୟ ମରୁଭୂମି ଅଥବା ବରଫ ପ୍ରାନ୍ତରରେ ଭୂମିକମ୍ପ ସଂଘଟିତ ହେଲା - ତେବେ ତାହା ବିପତ୍ତି ପଦବାଚ୍ୟ ହେବକି ? ବୋଧ ହୁଏ ନୁହେଁ, କିନ୍ତୁ ନାହିଁ ବୋଲି ସ୍ଥିର କରିବା ପୂର୍ବରୁ ଆମକୁ ନିଶ୍ଚିତ କରିବାକୁ ହେବ ଯେ ସଂଘଟିତ ବିପତ୍ତିର କୌଣସି ସୁଦୂରପ୍ରସାରୀ ପରିଣତି ନାହିଁ ତ ? କିଛି ବର୍ଷତଳେ, ୨୦୦୪ ମସିହାରେ ସୁମାତ୍ରା ଦ୍ୱୀପପୁଞ୍ଜ ନିକଟବର୍ତ୍ତୀ ସମୁଦ୍ରର ଗଭୀରତମ ପ୍ରଦେଶରେ ଏକ ଶକ୍ତିଶାଳୀ ଭୂକମ୍ପନ ସୃଷ୍ଟି ହୋଇଥିଲା । ସମୁଦ୍ର ଭିତରେ ଏହାର ଆଞ୍ଚଳିକ କ୍ଷୟକ୍ଷତି ବିଷୟରେ ସବିଶେଷ ତଥ୍ୟ ମିଳିପାରିନାହିଁ । କିନ୍ତୁ ଭୂକମ୍ପନ ସୃଷ୍ଟ ଭୟାବହ ସୁନାମି ବନ୍ୟାରେ ଚଉଦଟି ଦକ୍ଷିଣ-ପୂର୍ବ ଏସୀୟ ଓ ପୂର୍ବ ଆଫ୍ରିକୀୟ ରାଷ୍ଟ୍ରର ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥିଲା ଓ କୋଡ଼ିଏ ଲକ୍ଷରୁ ଅଧିକ ଲୋକ ନିଜର ସର୍ବସ୍ୱ ହରାଇଥିଲେ । ସେତେବେଳେ ଆମ ଦେଶର ତାମିଲ ନାଡୁ ଓ କେରଳରେ ମଧ୍ୟ ବ୍ୟାପକ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିଲା । ସେହିପରି ପୃଥିବୀର ଏକାଧିକ ଦେଶ ଜନଜୀବନ ଶୂନ୍ୟ ସ୍ଥାନରେ ବିସ୍ଫୋରଣ ମାଧ୍ୟମରେ ଆଣବିକ ବୋମା ପରୀକ୍ଷା କରିଥାନ୍ତି । ଯଦିଏ ବିସ୍ଫୋରଣ ଘଟିଥିବା ଜନଜୀବନ ଶୂନ୍ୟ ସ୍ଥାନରେ ଆଞ୍ଚଳିକ କ୍ଷୟକ୍ଷତି ବିଶେଷ ହୁଏନାହିଁ, ତେବେ ପରମାଣୁ ବୋମା ବିସ୍ଫୋରଣର ସୁଦୂରପ୍ରସାରୀ ଭୟଙ୍କର ପରିଣତି ଦୀର୍ଘଦିନ ଧରି ଲାଗି ରହେ । ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚନାଯୋଗ୍ୟ । ଭୟଙ୍କର ବନ୍ୟାରେ ପୃଥିବୀର ବହୁ ଅଞ୍ଚଳ ବହୁ ସମୟରେ ଜଳମଗ୍ନ ହୁଏ ଓ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟିଥାଏ । ନିକଟରେ ମହାରାଷ୍ଟ୍ରର ବନ୍ୟା, ପ୍ରାୟ ବର୍ଷେତଳେ କେରଳରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟା, ଏପରିକି ଉନ୍ନତ ରାଷ୍ଟ୍ର ଜର୍ମାନୀ, ଇଟାଲି ଓ ବେଲଜିୟମ ଇତ୍ୟାଦିରେ କିଛି ଦିନ ତଳେ ବନ୍ୟାଜଳରେ ଉବୁଟୁବୁ ସହର ଗୁଡ଼ିକର ଦୃଶ୍ୟ ଏବେ ବି ଆମ ମନରେ ଜୀବିତ ହୋଇ ରହିଛି । ନିକଟ ଅତୀତରେ ଆମ ସ୍ମାର୍ଟସିଟି ଭୁବନେଶ୍ୱରର ଅନେକାଞ୍ଚଳ ବର୍ଷାପାଣିରେ ଜଳମଗ୍ନ ହେବା କଥା ଆମେ ଭୁଲି ପାରିନାହୁଁ । ସହର ହେଉ ବା ମଫସଲ ଗାଁ ହେଉ, ଧରି ନିଆଯାଉ ସେଠାରେ ବନ୍ୟା ନିୟନ୍ତ୍ରଣ, ସଫଳ ଜଳ ନିଷ୍କାସନ ଆଦି ପ୍ରତିରୋଧକ ବ୍ୟବସ୍ଥାର ସଠିକ ପ୍ରୟୋଗ କରାଯାଉଛି । ତେବେ ସେହି ଅଞ୍ଚଳରେ ବନ୍ୟା ବିପ୍ଲାତ ସମ୍ଭବ କି ? ନଦୀରେ ବନ୍ୟା ଆସିଲେ ଅଥବା ଘନବୃଷ୍ଟି ଯୋଗୁଁ ସେ ଅଞ୍ଚଳ ବନ୍ୟା ବିପତ୍ତିର ସମ୍ମୁଖୀନ ହେବା ଆଶଙ୍କା କ୍ଷୀଣ । ଏ କ୍ଷେତ୍ରରେ ଯଥାଯୋଗ୍ୟ ପୂର୍ବପ୍ରସ୍ତୁତି ଯୋଗୁଁ ବନ୍ୟାବିପତ୍ତି ଏଡ଼ାଇ ଦିଆଯାଇପାରିଲା । ସବୁ ପ୍ରାକୃତିକ ବା ମନୁଷ୍ୟକୃତ ଦୁର୍ଘଟଣା ବିପତ୍ତି ନୁହେଁ, ପରିବେଶ, ପ୍ରସ୍ତୁତି ଓ ପ୍ରକୃତି ଭେଦରେ ଏହା ବିପତ୍ତି ପଦବାଚ୍ୟ ହୁଏ । ଏ ଦୃଷ୍ଟିରୁ ବିଚାର କଲେ ମିଳିତ ଜାତିସଂଘର ବିପତ୍ତି-ଜନିତ ବକ୍ତବ୍ୟ ସମୀଚୀନ ମନେହୁଏ ।

ଆମେ ପିଲାବେଳେ ପଢ଼ିଥିଲୁ 'Necessity is the mother of invention' । ଶ୍ରେଣୀରେ ଶିକ୍ଷକ ଓ ବିଷୟରେ ରଚନା ଲେଖିବାକୁ ଦେଇ କିଛି ଟିପ୍ପଣୀ ମଧ୍ୟ ଦେଉଥିଲେ । ତାଙ୍କ କଥା ଶୁଣି ଆମେ ଚମତ୍କୃତ ହେଉଥିଲୁ । ସତରେ କେତେ ଯୁକ୍ତିଯୁକ୍ତ ବକ୍ତବ୍ୟଟିଏ - ସବୁ ଉଦ୍ଭାବନ ପଛରେ ଆବଶ୍ୟକତାର ଦାବି । ପ୍ରାଗ୍‌ଐତିହାସିକ ଯୁଗରୁ ଆରମ୍ଭକରି ମୁଣ୍ଡ ଗୁଞ୍ଜିବା ପାଇଁ ଘର, ଜୀବନଧାରଣ ନିମନ୍ତେ ଚାଷୋପକରଣ, ଔଷଧ, ଶିଳ୍ପସଂସ୍ଥାନ, ପରିବହନ ଉପକରଣ ଓ ଉନ୍ନତରୁ ଉନ୍ନତତର ହାଇଟେକ୍ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ ଉଦ୍ଭାବନର ଜନନୀ ହେଲା ନିଛକ ଆବଶ୍ୟକତା । ଆଜି ଆମ ଆଗରେ 'ବିପତ୍ତି' ଶବ୍ଦଟି 'ଆବଶ୍ୟକତା'ର ବାଟ ଓଗାଳି ଠିଆ ହୋଇଛି । ବିପତ୍ତି ଆଗରେ ଆବଶ୍ୟକତା ତୁଚ୍ଛ । ଓଲଟା ବିପତ୍ତି ଆମକୁ କଠୋର ବାସ୍ତବତା ଓ ଆବଶ୍ୟକତାର ସାମ୍ନା ସାମ୍ନି କରିଦିଏ । ଆମର ଅସହାୟ, ନଗ୍ନ ରୂପ ଜଳଜଳ ହୋଇ ଦେଖାଯାଏ । ଉଦ୍ଭାବନ 'ବିପତ୍ତି'ର ଏକାଧିକ ମଧ୍ୟରୁ ଏକ ହୋଇପାରେ, ମାତ୍ର ନିଶ୍ଚିତ ରୂପେ ଏକମାତ୍ର ନୁହେଁ । ବିପତ୍ତି ଅନେକ ସୁକୃତି ଓ ଦୁଷ୍କୃତିକୁ ଜନ୍ମଦିଏ ଆଉ ସବୁ ସୁକୃତିର ସମାହାରରେ ଗଠିତ ବିବର୍ତ୍ତନକୁ ନେଇ ନିମ୍ନରେ ମୋର ସଂକ୍ଷିପ୍ତ ଆଲେଖ୍ୟ ।

ବିପତ୍ତି ଓ ବିବର୍ତ୍ତନ ଏହି ପ୍ରତ୍ୟେକଟି ଶବ୍ଦର ପରିସୀମା ପୃଥକ୍ ଭାବରେ ବିସ୍ତୃତ ଓ ବ୍ୟାପ୍ତ - ତେଣୁ ଶବ୍ଦ ଦୁଇଟିର ସମାହାରକୁ ନେଇ ତାତ୍ତ୍ୱିକ ବିଶ୍ଳେଷଣ କରିବା ଏହି ଆଲୋଚନାର ସୀମିତ କଳେବର ମଧ୍ୟରେ ସମ୍ଭବପର ନୁହେଁ। ଅଧୁନା ମନୁଷ୍ୟ ସମାଜ ମହାମାରୀର କରାଳ ପ୍ରଭାବରେ ଉବୁଟୁବୁ ହେଉଥିବା ବେଳେ ଅସୀମ ଧୈର୍ଯ୍ୟ ଓ ଦୃଢ଼ ମନୋବଳ ନେଇ ଆମକୁ ଆଗେଇ ଚାଲିବାକୁ ହେବ। ଆଗରେ ବାଟ ଗତାନୁଗତିକ ବା ଅମଡାବାଟ ହୋଇପାରେ। ମହାମାରୀକୁ ପ୍ରତିହତ କରି ଆଗେଇଯିବା ପାଇଁ ପଥ ଚୟନ ଆମହାତରେ। କାରଣ କେବଳ ଜୀବନରକ୍ଷା ନୁହେଁ, ସାମୂହିକ ଉତ୍‌ଥାନ ଆମର ଲକ୍ଷ୍ୟ। ସେ ବିଷୟରେ କିଞ୍ଚିତ ଆଲୋଚନା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ।

ବିବର୍ତ୍ତନର ବିବିଧ ବ୍ୟାଖ୍ୟା ରହିଛି। ଅଧିକାଂଶ କ୍ଷେତ୍ରରେ ଏହାର ଅର୍ଥଗୁଡିକ ବିଷୟଭିତ୍ତିକ। ଗଣିତ ଶାସ୍ତ୍ର, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ସାମରିକ କଳା କୌଶଳ ପ୍ରତ୍ୟେକରେ ବିବର୍ତ୍ତନର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ। ଆଜି ପ୍ରଳୟଙ୍କାରୀ ମହାମାରୀର ପ୍ରଚ୍ଛଦପଟରେ ବିବର୍ତ୍ତନର ଭୂମିକା ବର୍ଣ୍ଣନା କରିବାକୁ ହେଲେ ବିବର୍ତ୍ତନର ଏକ ସାର୍ବଜନୀନ ବ୍ୟାଖ୍ୟା ସବୁଠାରୁ ଯୁକ୍ତିଯୁକ୍ତ ମନେହୁଏ। ନିରନ୍ତର ପରିବର୍ତ୍ତନ ପ୍ରଣାଳୀ, ଯାହା ପ୍ରଗତି, ଅଭିବୃଦ୍ଧି ଓ ବିକାଶ ଦିଗରେ ଆଗେଇ ନିଏ ତାହାହିଁ ବିବର୍ତ୍ତନ। ପରିବର୍ତ୍ତନ ବିନା ବିବର୍ତ୍ତନ ସମ୍ଭବ ନୁହେଁ। ପରିବର୍ତ୍ତନ ଦ୍ରୁତ ବା ମନ୍ଥର ହୋଇପାରେ, କିନ୍ତୁ ପରିବର୍ତ୍ତିତ ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ପ୍ରକ୍ରିୟା ନିରନ୍ତର ହେବା ଜରୁରୀ। ଅତଏବ ଆଜି ଯେତେବେଳେ ସୃଷ୍ଟିକର୍ତ୍ତାଙ୍କ ରଚିତ କୋଟି କୋଟି ଜୀବ, ନିର୍ଜୀବ ସତ୍ତା ମଧ୍ୟରୁ ଏକମାତ୍ର କରୋନା ଭୂତାଣୁ ବିଶ୍ୱ ମାନବ ସମାଜକୁ କିଂକର୍ତ୍ତବ୍ୟବିମୂଢ଼, ଅସହାୟ କରିଦେଇଛି, ଅନ୍ତତଃ ପୂର୍ବ ସ୍ଥିତାବସ୍ଥାକୁ ଫେରିବାକୁ ହେଲେ ଆମକୁ ପରିବର୍ତ୍ତନକୁ ଆପଣାଇବାକୁ ପଡିବ। ପୁନଶ୍ଚ ଜୀବନର ବିଭିନ୍ନ କ୍ଷେତ୍ରରେ ଏହି ପରିବର୍ତ୍ତନ ଅପରିହାର୍ଯ୍ୟ। ଆର୍ଥିକ ଓ ବୃତ୍ତିଗତ ବ୍ୟବସ୍ଥା, ଶିକ୍ଷା ଓ ଶିକ୍ଷାଦାନ ପ୍ରଣାଳୀ, ବିଜ୍ଞାନ ଭିତ୍ତିକ ଓ ବୈଷୟିକ କଳା କୌଶଳ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସର୍ବୋପରି ମାମାଜିକ ଚଳଣି, ଦୈନନ୍ଦିନ ଜୀବନଚର୍ଯ୍ୟା ଓ ମାନସିକ ଚିନ୍ତାଧାରାରେ ବୈପ୍ଳବିକ ପରିବର୍ତ୍ତନ ଲୋଡା। ପ୍ରକୃତରେ ଏପରି ପରିବର୍ତ୍ତନ କିଛି ବିଚିତ୍ର ନୁହେଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ପରିସ୍ଥିତିକୁ ସ୍ୱୀକାର କରିନେବାକୁ ଜୀବସତ୍ତା ଉପରେ ନିର୍ଦ୍ଦିଷ୍ଟ ଚାପ ପଡେ ଓ ତଦନୁସାରେ ତାର ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଘଟେ। ଉତ୍ତର ଆମେରିକା ଓ ପୂର୍ବ ହିମାଳୟ ପାଦଦେଶରେ ଦେଖାଯାଉଥିବା ଭୟାବହ ବନାଗ୍ନିର ବାରମ୍ବାର ଶିକାର ହେଉଥିବା ଦେବଦାରୁ, ପାଇନ୍ ଆଦି ଚିରହରିତ୍ ବନପ୍ରଦେଶର ଅନେକ ପ୍ରଜାତି ବୃକ୍ଷର ବୀଜରୁ କେବଳ ବନାଗ୍ନି ପରେ ଅଙ୍କୁରୋଦ୍‌ଗମ ହୋଇଥାଏ। ଏହି ବୀଜ ଗୁଡିକ ତାପ କୁପରବାହୀ ଶକ୍ତ ଆବରଣ ଦ୍ୱାରା ପରିବେଷ୍ଟିତ ହୋଇଥାଏ। ବନାଗ୍ନିର ପ୍ରଚଣ୍ଡ ତାପରେ ଶକ୍ତ ଆବରଣ କିଛି ମାପରେ ହୁଗୁଳା ହୋଇଗଲେ ପରବର୍ତ୍ତୀ ବର୍ଷାରେ ଅଙ୍କୁରୋଦ୍‌ଗମ ସୁଗମ ହୁଏ। ଆଉ ଏକ ଉଦାହରଣ ଆମ ଓଡିଶାର ହେନ୍ତାଳ ବଣ ଯାହା ସମୁଦ୍ର ତଟବର୍ତ୍ତୀ ଉତ୍କଟ ପରିବେଶରେ ସୁସ୍ଥ ଭାବରେ ବଢ଼ିପାରେ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବାତ୍ୟା, ଭୂସ୍ଖଳନରୁ ନିରାପତ୍ତା ଦିଏ। ତେଣୁ ମନୁଷ୍ୟ, ଯାହାକୁ ଆମେ ସୃଷ୍ଟିର ଶ୍ରେଷ୍ଠତମ ଜୀବ ବୋଲି ବିବେଚନା କରୁ, ସିଏ କ୍ରମାଗତ ଦେଖା ଦେଉଥିବା ମହାମାରୀର ମୁକାବିଲା ପାଇଁ ନିଜକୁ ପରିବର୍ତ୍ତନ କରିପାରିବ ନାହିଁ କାହିଁକି ?

ଆମ ସଂସ୍କାରରେ ଅଛି 'ବସୁଧୈବ କୁଟୁମ୍ବକମ୍'। ସାମାଜିକ ଦୂରତା, ପୃଥକ୍‌ବାସ ଦ୍ୱାରା ସେହି ବିଶ୍ୱାସରେ ବାଧା ଆସିବ ନାହିଁ। ବରଂ କରୋନା ଭୂତାଣୁ ଦ୍ୱାରା ଊଣା ଅଧିକେ ସମାନ ଭାବରେ ପ୍ରଭାବିତ ପୃଥିବୀର ସମଗ୍ର ମାନବ ଜାତି ଆଜି ଅସହାୟତାର ଗୋଟିଏ ଡୋରିରେ ବାନ୍ଧି ହୋଇଯାଇଛି। ପରିସଂଖ୍ୟାନ ଅନୁଯାୟୀ କରୋନା ମହାମାରୀ କାରଣରୁ ଆମ ଦେଶର ଅଢେଇ କୋଟି ଲୋକ ସଂପୂର୍ଣ୍ଣ ଜୀବନ-ଜୀବିକା ହରାଇ ବସିଛନ୍ତି। ସାଢେ ସାତ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଛନ୍ତି। ମଧ୍ୟବିତ୍ତ ପରିବାର ଗୁଡିକରୁ ପ୍ରାୟ ତିନିକୋଟି ଲୋକଙ୍କର ଉପାର୍ଜନ କ୍ଷମତା ହ୍ରାସ ପାଇଛି। ଭାବି ଦେଖନ୍ତୁ, ସାମାଜିକ ଦୂରତା ମାନି, ମୁହଁରେ ମାସ୍କ ବାନ୍ଧି ଆମେ ନିଜର ତଥା ଦେଶ, ସମାଜର ପ୍ରତିରକ୍ଷା କାର୍ଯ୍ୟରେ ସହଯୋଗ କରିବାନି କି ? ଅତୀତର ସ୍ମୃତିଚାରଣ କରି ଦୁଃଖ ବା ଅବସାଦଗ୍ରସ୍ତ ହେବା ସ୍ୱାଭାବିକ ହୋଇପାରେ କିନ୍ତୁ ଯୁକ୍ତିଯୁକ୍ତ ନୁହେଁ। ହାତ ବଢାଇ ଦେଖନ୍ତୁ, ଅନ୍ୟର ସୁଖ ଦୁଃଖରେ ଭାଗନେଲେ, ମାନସିକ ଶାନ୍ତି ମିଳେ। କରୋନା କଟକଣା ଆମକୁ ଅନ୍ୟର ଦୁଃଖକଷ୍ଟ ଉପଲବ୍ଧି କରିବାକୁ ଯଥେଷ୍ଟ ସମୟ ଓ ସୁଯୋଗ ଦେଇଛି। ଉନ୍ନତ ମାନର ପ୍ରଯୁକ୍ତି ବିଦ୍ୟା ଆଉ ସାମାଜିକ ଗଣମାଧ୍ୟମ ଆମକୁ ମୂଲ୍ୟବାନ ସମୟର ଉପଯୁକ୍ତ ବିନିଯୋଗ କରିବାକୁ ସୁଯୋଗ ଦେଇଛି। ଅନେକ ଏ ଦିଗରେ ବହୁତ କିଛି କରିଚାଲିଛନ୍ତି। ସମୂହ ମାନବ ସମାଜ ଯଦି ମହାମାରୀ କଟକଣା ମାନିନିଏ ଓ ଅସହାୟ ବ୍ୟକ୍ତିର କିଞ୍ଚିତ ପଛେ ହେଉ, ସାହାଯ୍ୟ କରିବାକୁ ଆଗେଇ ଆସେ, ମହାମାରୀ ନିଶ୍ଚୟ ଅଚିରେ ଅପସରି ଯିବ। ଏଇଠି ମୋର ଦଲାଇଲାମା'ଙ୍କର ଉକ୍ତିଟିଏ ମନେପଡେ, "ଯେଉଁମାନେ ଆମକୁ ସବୁଠାରୁ ବେଶି ଅସୁବିଧାରେ ପକାଇଥାଆନ୍ତି, ସେମାନେ ଆମର ସର୍ବୋତ୍ତମ ଶିକ୍ଷକ।" ମୂଳ କଥା ହେଲା ଆମ ଚିନ୍ତାଧାରାର ପରିବର୍ତ୍ତନ।

ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ଶିକ୍ଷା ଅନ୍‌ଲାଇନ୍‌ରେ ହେବ ନା ଅଫ୍‌ଲାଇନ୍ ? ଯଦି ଅଫ୍‌ଲାଇନ୍ ହୁଏ, ତେବେ ବିଶେଷ କରି ବିଦ୍ୟାଳୟ ଗୁଡିକରେ ଛାତ୍ର ଓ ଶିକ୍ଷକ ସଂଖ୍ୟାର ଆନୁପାତିକ ହାର ଓ ଶ୍ରେଣୀ ଗୁଡିକର ଆକାର ପ୍ରକାର କିପରି ହେବ, ମହାମାରୀ ପରିପ୍ରେକ୍ଷୀରେ ଶିକ୍ଷା ବିଷୟବସ୍ତୁରେ ପରିବର୍ତ୍ତନ ଆବଶ୍ୟକ କି ନାହିଁ ଇତ୍ୟାଦି ବିଷୟରେ ଗଭୀର ଧ୍ୟାନ ଦେବାକୁ ପଡିବ। ଭାରତ ପରି ଏକ ଗ୍ରାମବହୁଳ ବିକାଶଶୀଳ ଦେଶରେ ଶିକ୍ଷାର ବିକାଶ ଲାଗି ଶ୍ରେଣୀଗୃହ ଶିକ୍ଷାଦାନ ଅପରିହାର୍ଯ୍ୟ। ମହାମାରୀର କରାଳ ଛାୟା ତଳେ ଆମକୁ ସତର୍କ ରହି ସମ୍ପୂର୍ଣ୍ଣ ବ୍ୟବସ୍ଥିତ ପରିବେଶରେ ସ୍କୁଲ କଲେଜ ଖୋଲିବାକୁ ପଡିବ। ଏହା କିଛି ଦୁଃସାଧ୍ୟ କାର୍ଯ୍ୟ ନୁହେଁ - ଅନେକ ଉନ୍ନତ ରାଷ୍ଟ୍ର ବ୍ୟବସ୍ଥିତ ପରିବର୍ତ୍ତନର ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନ ଆରମ୍ଭ କରିସାରିଛନ୍ତି। ଏଥିପାଇଁ ନିଷ୍ପାପର ଉଦ୍ୟମ ଆବଶ୍ୟକ। ମହାମାରୀ ପରବର୍ତ୍ତୀ ସମୟରେ ଦେଶର ଆର୍ଥିକ, ବ୍ୟବସାୟିକ ଓ ସାମାଜିକ ସ୍ଥିତିରେ ନିଶ୍ଚିତ ଅବନତି ଅନୁଭୂତ ହେବ।

ଭବିଷ୍ୟତରେ ଏହାଠାରୁ ବିପଜ୍ଜନକ ମହାମାରୀ ଆସିପାରେ – ସେ କ୍ଷେତ୍ରରେ କେବଳ ସୁଦୃଢ ଆର୍ଥିକ ସ୍ଥିତି ଓ ଉପଯୁକ୍ତ ଶିକ୍ଷା ଆମକୁ ଆଶ୍ୱସ୍ତ ରଖିବାକୁ ସମର୍ଥ ହେବ । ଆଲବର୍ଟ ଆଇନଷ୍ଟାଇନ୍‌ଙ୍କ ଭାଷାରେ,"Education is not learning of facts but the training of mind to think" । ଏ ଦିଗରେ ଧ୍ୟାନ ଦେଇ ଆମ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନର ସମୟ ଆସି ନାହିଁକି ?

ବିଗତ ପ୍ରାୟ ଦୁଇବର୍ଷ ଧରି ସାରା ବିଶ୍ୱର ଚିକିତ୍ସକ ଓ ଚିକିତ୍ସା ଶାସ୍ତ୍ର ସହିତ ସଂଶ୍ଳିଷ୍ଟ ସମସ୍ତ କର୍ମଚାରୀ ନିଃସ୍ୱାର୍ଥପର ଭାବରେ ଜୀବନକୁ ବାଜି ଲଗାଇ ମହାମାରୀ ମୁକାବିଲା ଲାଗି ଯେପରି ଦିନରାତି ଉଦ୍ୟମ କରୁଛନ୍ତି, ତାହା ସବୁ ପ୍ରଶଂସାର ଊର୍ଦ୍ଧ୍ୱରେ । ଅଙ୍ଗନବାଡି କର୍ମୀ, ସଫେଇ କର୍ମଚାରୀ, ପୋଲିସ୍ ଆଦି ବହୁ ବିଭାଗର କର୍ମଚାରୀଙ୍କର ଅବଦାନ ମଧ୍ୟ ସମାନ ଭାବରେ ବନ୍ଦନୀୟ । ଯେଉଁଠି ଅତି ଉନ୍ନତ ରାଷ୍ଟ୍ର ଗୁଡିକରେ ସରକାର ଓ ବ୍ୟବସ୍ଥାତନ୍ତ୍ର କରୋନା ଆଗରେ ହାର ମାନିଛି, ସେଠାରେ ବିଶାଳ ଜନରାଶି ବିଶିଷ୍ଟ, ଉନ୍ନତିର ସୋପାନ ଚଢୁଥିବା ଭାରତ ପରୀ ଦେଶରେ କରୋନାକୁ ପ୍ରତିହତ କରିବାକୁ ଆଉ କ'ଣ ବା କରିହେବ ? ଏଇଠି ମନକୁ କଥାଟିଏ ଆସୁଛି, "ମୂଳୁଁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି ?" ଏହି ଉକ୍ତିଟି ବୈଜ୍ଞାନିକ ବନ୍ଧୁମାନଙ୍କ ପାଇଁ ଉଦ୍ଦିଷ୍ଟ । ଟିକାର ଉଦ୍ଭାବନ ନିଶ୍ଚିତ ଭାବରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଏବଂ ଏଥିପାଇଁ ପୃଥିବୀର ଗବେଷଣାରତ ବୈଜ୍ଞାନିକମାନେ ଅଭିନନ୍ଦନୀୟ । ରୋଗ ବାହକ ମଶାର ଲାର୍ଭା ଖାଇବା ପାଇଁ ମାଛ ଅଛି, ତେବେ କରୋନା ଭୂତାଣୁକୁ ସମୂଳେ ନିଶ୍ଚିହ୍ନ କରିବାକୁ ହିତକାରୀ ଅନ୍ୟ ଭୂତାଣୁ ବା ଜୀବାଣୁର ପରିକଳ୍ପନା କରିବା କଅଣ ଅବାନ୍ତର ହେବ ? ଏ ବିଷୟରେ ନିଜ ମତାମତ ରଖିବା ପରିବର୍ତ୍ତେ ଶ୍ରୀମଦ୍‌ଭାଗବତ ମହାପୁରାଣର ଦ୍ୱାରିକାଲୀଳାରେ ବର୍ଣ୍ଣିତ ଏକ ଅଧ୍ୟାୟର ସଂକ୍ଷିପ୍ତ ବିବରଣୀ ଦେବା ଉଚିତ୍ ମନେକରୁଛି ।

ଶୋଣିତପୁରର ଦୁର୍ଦ୍ଧର୍ଷ, ଦୁଷ୍ଟ ରାକ୍ଷସରାଜ ବାଣାସୁର ଭୋଳାନାଥ ମହାଦେବଙ୍କର ଅନନ୍ୟ ଭକ୍ତ ଥିଲା । ତା'ର ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ତାକୁ ସହସ୍ରବାହୁ ପ୍ରଦାନ କରିବା ସହ ଅଜୟ ହେବାକୁ ଅଭୟ ପ୍ରଦାନ କରିଥିଲେ । ଦ୍ୱାରକାଧୀନ ଶ୍ରୀକୃଷ୍ଣଙ୍କ ପୌତ୍ର, ପ୍ରଦ୍ୟୁମ୍ନ ପୁତ୍ର ଅନିରୁଦ୍ଧ ସହ ବାଣାସୁରର କନ୍ୟା ଉଷାର ଗୁପ୍ତ ପ୍ରଣୟ ବିଷୟରେ ଜାଣିବା ପରେ ଦିନେ ବାଣାସୁର, ଅନିରୁଦ୍ଧ ଉଷା ସହିତ ସାକ୍ଷାତ କରିବାକୁ ଯାଇଥିବା ବେଳେ ତାଙ୍କୁ ବନ୍ଦୀ କରି କାରାଗାରରେ ନିକ୍ଷେପକଲା । ନାରଦଙ୍କ ଠାରୁ ଖବର ପାଇ ଶ୍ରୀକୃଷ୍ଣ ଓ ବଳରାମ ଦ୍ୱାଦଶ ଅକ୍ଷୌହିଣୀ ଯାଦବ ସୈନ୍ୟ ଓ ଯଥୋଚିତ ଅସ୍ତ୍ରଶସ୍ତ୍ର ନେଇ ଅନିରୁଦ୍ଧଙ୍କୁ ମୁକ୍ତ କରିବାକୁ ଶୋଣିତପୁର ଅଭିମୁଖେ ଅଗ୍ରସର ହେଲେ । ଏ ଖବ ପାଇ ବାଣାସୁର ଦେବାଧିଦେବ ମହାଦେବଙ୍କ ଶରଣ ପଶିଲା । ନିଜ ପ୍ରିୟ ଭକ୍ତର ଦୁର୍ଦ୍ଦଶା ଦେଖି ମହାଦେବ ରୁଦ୍ରସେନା ଓ ବିପୁଳ ଅସ୍ତ୍ରଶସ୍ତ୍ର ନେଇ ବାଣାସୁର ସପକ୍ଷରେ ଯୁଦ୍ଧ କରିବାକୁ ବାହାରି ପଡିଲେ । ରୁଦ୍ରସେନା ଓ ବାଣାସୁର ମିଳିତ ସେନାବାହିନୀ ସହ ଯାଦବ ସୈନ୍ୟଙ୍କର ଘମାଘୋଟ ଯୁଦ୍ଧ ହେଲା । କିନ୍ତୁ କୃଷ୍ଣରୂପୀ ନାରାୟଣଙ୍କ ସାମନାରେ ମିଳିତ ସେନାବାହିନୀ ଅର୍ଥହୀନ ମନେହେଲା । ରୁଦ୍ରଙ୍କର ପାଶୁପତ ପିନାକ ନିଷ୍ପ୍ରଭ ହୋଇଗଲେ । ଉଲଟା କୁମ୍ଭକ ଓ ସମ୍ମୋହନାସ୍ତ୍ର ପୟୋଗ କରି ଶ୍ରୀକୃଷ୍ଣ ରୁଦ୍ରଙ୍କୁ ମୋହାଚ୍ଛନ୍ନ କଲେ । ବାଣାସୁରର ଅନେକ ଧନଜୀବନ ନଷ୍ଟ ହେଲା । ଶ୍ରୀକୃଷ୍ଣ ତାହାର ସହସ୍ର ଭୁଜ ମଧ୍ୟ ଛେଦକଲେ । ମୋହଭଙ୍ଗ ହେବାପରେ ରୁଦ୍ର ବାଣାସୁରର ଦାରୁଣ ଅବସ୍ଥା ଦେଖି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ନିଜ ଦେହରୁ ରୁଦ୍ରଜ୍ୱର ସୃଷ୍ଟିକଲେ । ଆଖି ପିଛୁଳାକେ ରୁଦ୍ରଜ୍ୱର ଆଗକୁ ଆଗକୁ ମାଡି ଚାଲିଲା । ଯାହାକୁ ପାଇଲା ତାକୁ ନିପାତକଲା । ଅନେକ ଧନଜୀବନ ହାନିକଲା, ସତେ ଯେପରି ଖଣ୍ଡପ୍ରଳୟ । ରୁଦ୍ରଜ୍ୱରକୁ ପ୍ରତିହତ କରିବାପାଇଁ ଶ୍ରୀକୃଷ୍ଣ ନାରାୟଣ ଜ୍ୱର ସୃଷ୍ଟିକଲେ । ସୃଷ୍ଟି ହେବାମାତ୍ରେ ନାରାୟଣ ଜ୍ୱର ପ୍ରବଳ ପ୍ରତାପରେ ରୁଦ୍ରଜ୍ୱରକୁ ମାରିବାକୁ ତା ପଛରେ ଧାଇଁଲା । ତାହାର ପ୍ରଚଣ୍ଡ ତେଜ ସାମନାରେ ରୁଦ୍ରଜ୍ୱର ତିଷ୍ଠି ନପାରି ଭୟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଘୂରି ବୁଲିଲା ଆତ୍ମଗୋପନ ଉଦ୍ଦେଶ୍ୟରେ । ନାରାୟଣଜ୍ୱର କିନ୍ତୁ ପିଛା ଛାଡିଲାନାହିଁ । ରୁଦ୍ରଜ୍ୱରର ଜୀବନ ଅସ୍ତବ୍ୟସ୍ତ ହୋଇପଡିଲା ଓ ଶେଷରେ ସେ ବିକଳ ଅବସ୍ଥାରେ ଶ୍ରୀକୃଷ୍ଣଙ୍କର ଶରଣାଗତ ହେଲା । ଶ୍ରୀକୃଷ୍ଣ ତାକୁ ଅଭୟ ଦେଲେ । ଅନୁତପ୍ତ ରୁଦ୍ର ନିଜର ଭୁଲ୍ ବୁଝିପାରି ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲେ ଓ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ରୁଦ୍ରଜ୍ୱରକୁ ନିଜ ଭିତରେ ଲୀନ କରିଦେଲେ । ଭାଗବତର ଏହି ବର୍ଣ୍ଣନା ଏକ ନିଛକ କାହାଣୀ ନା ଏହାର କିଛି ବାସ୍ତବତା ରହିଛି ?

ପ୍ରାକ୍ତନ ପ୍ରଫେସର, ରସାୟନ ବିଜ୍ଞାନ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ – ୯୪୩୭୧୭୬୫୧୫

# ବିପତ୍ତି ଓ ବିବର୍ତ୍ତନ: କେତୋଟି ବିଶ୍ଳେଷଣାତ୍ମକ ଦିଗ

*ଡ. ଶ୍ରୀକାନ୍ତ ମହାନ୍ତି*

ଏହି କ୍ଷୁଦ୍ର ପ୍ରବନ୍ଧର ଉପକ୍ରମରେ ଆଗକୁ ଥିବା ଆଲୋଚନାର ଅନୁଚିନ୍ତା ସଂପର୍କରେ ଏକ ଟିପ୍ପଣୀ ଦେବାକୁ ଚାହୁଁଛି, ଯାହା ପାଠକୀୟ ଆଗ୍ରହ ସୃଷ୍ଟି କରିବାରେ ସହାୟକ ହୋଇପାରେ। ଏ ସଂଖ୍ୟାର ନିର୍ଦ୍ଧାରିତ ପ୍ରସଙ୍ଗ: "ବିପଦ ହିଁ ବିବର୍ତ୍ତନର ଜନନୀ"। ବିପଦ, ବିପତ୍ତି, ବିପର୍ଯ୍ୟୟ, ବିପ୍ଲାତ, ସଂକଟ ପ୍ରଭୃତି ଶବ୍ଦ ସମାର୍ଥବୋଧକ ହୋଇଥିଲେ ମଧ୍ୟ ବିଭିନ୍ନ ପରିସ୍ଥିତିକୁ ନେଇ ସେହି ଶବ୍ଦଗୁଡ଼ିକର ଭିନ୍ନ ଭିନ୍ନ ପ୍ରୟୋଗ ଦେଖିବାକୁ ମିଳେ। ତୀବ୍ର ପ୍ରତିକୂଳ ପରିସ୍ଥିତିରେ – ବ୍ୟକ୍ତି ବିପଦରେ ପଡ଼େ, ଦେଶ କିମ୍ବା ସମାଜ ଉପରେ ବିପତ୍ତି ଆସେ, ବ୍ୟକ୍ତି ଏବଂ ଦେଶ ଧର୍ମସଂକଟ ଅଥବା ଅର୍ଥନୈତିକ ସଂକଟର ସମ୍ମୁଖୀନ ହୋଇପାରନ୍ତି। ଯୁଦ୍ଧ କିମ୍ବା ମହାମାରୀ ଭଳି ବିଧ୍ୱଂସକାରୀ/ ବିନାଶକାରୀ ପରିସ୍ଥିତି ଉପୁଜିଲେ, ତାହାକୁ 'ବିପ୍ଲାତ' କୁହାଯାଇପାରେ। ସେହିପରି ପ୍ରତିକୂଳ ପ୍ରାକୃତିକ ଅବସ୍ଥା ସୃଷ୍ଟିହେଲେ ତାହାକୁ 'ବିପର୍ଯ୍ୟୟ' ବୋଲି କୁହାଯାଇପାରେ। ସର୍ବୋପରି ଏହି ନକାରାତ୍ମକ ଶବ୍ଦସବୁ ଏବଂ ସେମାନେ ସୂଚାଉଥିବା ପରିସ୍ଥିତିଗୁଡ଼ିକ ଯେ ବିବର୍ତ୍ତନର ପଥକୁ ସୁଗମ କରିଦିଅନ୍ତି, ତାହା ଜାଣି ଆଶ୍ଚର୍ଯ୍ୟ ଲାଗେ। ଏହା ବିଜ୍ଞାନସମ୍ମତ ହେଲେ ମଧ୍ୟ ବିଭିନ୍ନ ବିବର୍ତ୍ତନବାଦଗୁଡ଼ିକରେ ପ୍ରଚ୍ଛନ୍ନ ଭାବେ ରହିଥିବା ଆଧିଭୌତିକ ତଥା ଆଧାତ୍ମିକ ଚିନ୍ତନକୁ ବାଦ ଦେଇ କୌଣସି ବିବର୍ତ୍ତନ ତତ୍ତ୍ୱକୁ ବୁଝିବା କଷ୍ଟକର ହୋଇପଡ଼େ।

୧. 'ବିବର୍ତ୍ତନ' କହିଲେ କଣ ବୁଝାଏ।

୨. ବିବର୍ତ୍ତନତତ୍ତ୍ୱଗୁଡ଼ିକ ଜଡ଼ବାଦ ଓ ଆଧାତ୍ମବାଦର ଅପୂର୍ବ ମିଶ୍ରଣ – ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ଗୋଟିଏ ବାଦ୍ ଦେଲେ ଅନ୍ୟଟି ବୁଝିହେବ ନାହିଁ।

୩. ବିବର୍ତ୍ତନ ଏବଂ ଉଦ୍ଦେଶ୍ୟ-ବାଦ (Teleology) ମଧ୍ୟରେ ସଂପର୍କ।

୪. କେତୋଟି ବିବର୍ତ୍ତନବାଦର ସଂକ୍ଷିପ୍ତ ବିବରଣୀ।

୫. ଭାରତୀୟ ସାଂଖ୍ୟ ଦର୍ଶନରେ ବିବର୍ତ୍ତନ ତତ୍ତ୍ୱ (Sankhya theory of Evolution)

୬. ବିବର୍ତ୍ତନ ଏକ ମହାଜାଗତିକ ଯୋଜନା। ଏଥିରେ ବ୍ୟକ୍ତି ଏବଂ ବିଶ୍ୱର ସମ୍ପର୍କ ନିହିତ, ଯାହା ବୁଝିପାରିଲେ ବ୍ୟକ୍ତିଗତ କ୍ଷତି, ବିପଦ ଓ ଆପଦକାଳୀନ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ବ୍ୟକ୍ତି ମାନସିକ ସ୍ତରରେ ଦୃଢ଼ ଏବଂ ଧୈର୍ଯ୍ୟଶୀଳ ହୋଇପାରେ।

ପ୍ରଥମେ ବିବର୍ତ୍ତନ କଣ, ସେ ସଂପର୍କରେ ସଂକ୍ଷିପ୍ତ ଆଲୋଚନା ଏଠାରେ ଆବଶ୍ୟକ ହେଉଛି। ପୃଥିବୀରେ ଜୀବସତ୍ତାର ଆବିର୍ଭାବ ହେବା ପରଠାରୁ ତାହା କିପରି ବିକଶିତ ହୋଇ ବିଭିନ୍ନ ପ୍ରକାରର ଜୀବଜଗତ ସୃଷ୍ଟି ହୋଇପାରିଛି ସେ ସବୁର ସିଦ୍ଧାନ୍ତମୂଳକ ଅନୁଶୀଳନର ଇତିହାସ ହିଁ ବିବର୍ତ୍ତନର ମର୍ମକଥା।

The process, by which different kinds of living organisms are believed to have developed from earlier forms during the history of the earth, is the subject matter of evolution.

ଜୀବସତ୍ତାର ପ୍ରଥମ ଆବିର୍ଭାବ ସଂପର୍କରେ ବହୁ ମତବାଦ ରହିଛି। ତା ମଧ୍ୟରୁ ଗୋଟିଏ ଗ୍ରହଣୀୟ ମତବାଦ: ୪.୪୭ ବିଲିୟନ ଅର୍ଥାତ, ୪୪୭ କୋଟି ବର୍ଷ ପୂର୍ବେ ଏକ ପ୍ରଳୟଙ୍କରୀ ସଙ୍ଘାତରୁ ପୃଥିବୀରେ ଜୀବସତ୍ତାର ଆବିର୍ଭାବ ହୋଇଛି। ଚନ୍ଦ୍ର ଆକାରର ଗୋଟିଏ ପିଣ୍ଡ ପୃଥିବୀ ପୃଷ୍ଠରେ ଘସିହୋଇ ଚାଲିଯିବା ଫଳରେ କୁଆପଥର ପଡ଼ିବା ପରି ପୃଥିବୀ ଉପରେଏକ ଧାତବ ଝଡ଼ ବହୁବର୍ଷ ଧରି ଲାଗିରହିଲା। ଘର୍ଷଣଜନିତ ପ୍ରବଳ ଉତ୍ତାପହେତୁ ପୃଥିବୀର ଉପରି ଭାଗରେ ଥିବା ଜଳ ($H_2O$)ରୁ ଅମ୍ଳଜାନ ଓ ଉଦ୍‌ଜାନ ପରସ୍ପରଠାରୁ ଅଲଗା ହୋଇଗଲେ। ମୁକ୍ତ ଅମ୍ଳଜାନ-ପରମାଣୁସବୁ ଲୌହଜାତୀୟ ଧାତୁସହ ସଂଯୁକ୍ତ ହୋଇ କଳଙ୍କିଲଗା ଲୁହା (Iron Oxide)ର ଆସ୍ତରଣ ରୂପେ ଧରା ପୃଷ୍ଠରେ ଲାଖିରହିଲା। ଉଦ୍‌ଜାନ ସବୁ ବାଷ୍ପୀଭୂତ ହୋଇ ଏକ ସାନ୍ଦ୍ର ବାୟୁମଣ୍ଡଳ ସୃଷ୍ଟିହେଲା, ଯାହାର ସାନ୍ଦ୍ରତା ଧୀରେ ଧୀରେ କମିବାରେ ଲାଗିଲା ଏବଂ କ୍ରମଶଃ ତାହା ଶୂନ୍ୟରେ ସମାହିତ ହୋଇଗଲା। ଏହି ପ୍ରକ୍ରିୟା ଶେଷ ହେଉ ହେଉ ୨୦୦ ମିଲିୟନ (୨୦ କୋଟି) ବର୍ଷ ଅତିବାହିତ ହୋଇଗଲା। ସବୁକିଛି ଥଣ୍ଡା ହେବାପରେ, ଉଦ୍‌ଜାନର ଆବରଣ ତଳେ ଅମ୍ଳଜାନ ଓ ଅଙ୍ଗାରର ସକ୍ରିୟ ଉପସ୍ଥିତିରେ ସରଳ ଜୈବିକ ଅଣୁ (simple organic molucles)ସବୁ ସୃଷ୍ଟି ହେବାରେ ଲାଗିଲା। ବୈଜ୍ଞାନିକମାନଙ୍କ ମତରେ ଏଇଠୁ ଆରମ୍ଭ ହେଲା ଜଟିଳ ଜୈବିକ ପଦାର୍ଥର ସଂଗଠନ ଓ ଧୀରେ ଧୀରେ ଜୀବ ସତ୍ତାର ଆବିର୍ଭାବ। ମୁଖ୍ୟତଃ ଅଙ୍ଗାର ଏବଂ ଉଦ୍‌ଜାନର ଅନୁପସ୍ଥିତିରେ ଜୀବଜଗତ ସୃଷ୍ଟି ହେବା ସମ୍ଭବ ନୁହେଁ।


ନାଇଟ୍ରୋଜେନ୍ ଓ ଆମିନୋ-ଏସିଡ୍ ଠାରୁ ଆରମ୍ଭ କରି ଜଘଇ ଏବଂ ଉଘଇ ପର୍ଯ୍ୟନ୍ତ, ତଥା ଜୀବସତ୍ତାର ପ୍ରଥମ ସୋପାନରେ ପାଦଦେଲା ଧରଣୀ।

Carbon is an essential element for all organic compounds. Its atomic number is 6. Methane is an organic compound that consists of carbon and hydrogen

ଏହି ଜୀବସତ୍ତା ବିଭକ୍ତିକରଣ ପ୍ରକ୍ରିୟାରେ ଧୀରେ ଧୀରେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ବିକଶିତ ହୋଇଛି। ଏହି କ୍ରମପରିବର୍ତ୍ତନ, ସଂଯୋଗ, ବୃଦ୍ଧି, ଏବଂ କ୍ରମନ୍ନୋତିର ଧାରା ପୃଥିବୀର ଆପେକ୍ଷିକ ସମୟ ତୁଳନାରେ ଖୁବ୍ ମନ୍ଥର। ଗୋଟିଏ ପରିବର୍ତ୍ତନ ଆସିବାକୁ ଲକ୍ଷ ଲକ୍ଷ ବର୍ଷ ଲାଗିଯାଇଛି। ସମୟ ଆପେକ୍ଷିକ, କୌଣସି କାଳଖଣ୍ଡର ଅବଧି ଏବଂ ତାର ଉପଲବ୍ଧି ସମସ୍ତଙ୍କ ପାଇଁ ସମାନ ନୁହେଁ।

**ବିବର୍ତ୍ତନ ଏବଂ ଉଦ୍ଦେଶ୍ୟବାଦ (Teleology)**

ଗୋଟିଏ ଛୋଟ ଉଦାହରଣ ସହ ଆଲୋଚନାଟି ଆରମ୍ଭ କରୁଛି। ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଆମକୁ ଯେ କୌଣସି ଚୁମ୍ବକର ଚୁମ୍ବକୀୟ କ୍ଷେତ୍ର ନିର୍ଦ୍ଧାରଣ କରିବାକୁ କୁହାଯାଇଥାଏ। ପରୀକ୍ଷାଟି ଏହିପରି: ଗୋଟିଏ ଧଳା କାଗଜର ଫର୍ଦ୍ଦ ତଳେ ଗୋଟିଏ ଛୋଟ ରଡ୍ ଆକୃତିର ଚୁମ୍ବକ ରଖିଦିଆଯାଏ। ଏହାପରେ କିଛି ଲୁହାଗୁଣ୍ଡ କାଗଜ ଉପରେ ଇତଃସ୍ତତଃ ବିଂଚି ଦିଆଯାଏ। ଏହାପରେ ଟିପରେ ବାଡ଼େଇ ବାଡ଼େଇ କାଗଜକୁ ଆଘାତ କରିବାକୁ ହୁଏ, ଯେପରି କାଗଜରେ ଏକ କଂପନ ସୃଷ୍ଟିହେବ। ଏପରି ବାରମ୍ବାର କରିବା ପରେ ଲୁହାଗୁଣ୍ଡଗୁଡ଼ିକ ଧୀରେ ଧୀରେ ଶୃଙ୍ଖଳିତ ଭାବେ ସଜ୍ଜିତ ହୋଇ ଚୁମ୍ବକୀୟ କ୍ଷେତ୍ରର ବିସ୍ତାର ଓ ବିନ୍ୟାସର ସୂଚନା ଦେଇଥାନ୍ତି।




ଏହି ସାଦୃଶ୍ୟ (analogy)ର ତାତ୍ପର୍ଯ୍ୟ ଏହି ଯେ, କାଗଜ ଏବଂ ଲୁହାଗୁଣ୍ଡଗୁଡ଼ିକୁ ଯଦି ସଚରାଚର ବ୍ରହ୍ମାଣ୍ଡ ସହ ତୁଳନା କରାଯାଏ, ତା ଅନ୍ତରାଳରେ ଲୁଚିରହିଥିବା ଚୁମ୍ବକୀୟ କ୍ଷେତ୍ରଟି ଏକ ମହାଜାଗତିକ ଚେତନା – ସୃଷ୍ଟି ପଛରେ ଥିବା ସତ୍-ଚିତ୍-ଆନନ୍ଦ, ଇଂରାଜୀରେ କହିଲେ – ultimate reality, super intelligence, and infinite bliss, all in one. ଏହି ଚେତନା ସୃଷ୍ଟିପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛି। ଏହାକୁ ଆମେ ଭଗବାନ, ସୃଷ୍ଟିକର୍ତ୍ତା, ବିଶ୍ୱଜୀବନ ପ୍ରଭୃତି ବିଭିନ୍ନ ନାମ ଦେଇଥାଉ। ସାଦୃଶ୍ୟଟିକୁ ଆଉଥରେ ନିରୀକ୍ଷଣ କଲେ ମନେହୁଏ, କାଗଜ ଉପରେ ଟିପ-ଆଘାତରେ ଥରକୁଥର ଯେଉଁ କଂପନ ସୃଷ୍ଟିହେଲା, ଜାଗତିକ କ୍ଷେତ୍ରରେ, ବିଶେଷକରି ମାନବୀୟ ଦୃଷ୍ଟିକୋଣରୁ, ସେସବୁ ଥିଲା ସଙ୍ଘାତ, ବିପତ୍ତି, ବିପର୍ଯ୍ୟୟ, ବିପଦ, ଇତ୍ୟାଦି। ଲୁହାଗୁଣ୍ଡର ସଜ୍ଜୀକରଣ ପରି ପ୍ରତ୍ୟେକ ସଂଘାତ, ସୃଷ୍ଟିର ଗୋଟିଏ ଗୋଟିଏ ଉତ୍ପାଦକାରୀ କାରଣ (triggering cause) ଭାବେ ଗ୍ରହଣ କରାଯାଇପାରେ। ସମସ୍ତ ସୃଷ୍ଟିପ୍ରକ୍ରିୟା ଏକ ଭଗବତ୍ ନିର୍ଦ୍ଧାରିତ ମହତ୍ ଉଦ୍ଦେଶ୍ୟ ଆଡ଼କୁ ପ୍ରଧାବିତ ହେଉଛି। ଏହାହିଁ ଉଦ୍ଦେଶ୍ୟବାଦ (teleology)ର ସାରମର୍ମ।

ଉଦ୍ଦେଶ୍ୟବାଦକୁ ବିବର୍ତ୍ତନବାଦଠାରୁ ଅଲଗା କରିହେବନାହିଁ। ସେପରି କଲେ କୌଣସି ବିବର୍ତ୍ତନବାଦ ତିଷ୍ଠିରହି ପାରିବନାହିଁ। ବିରୋଧାଭାସ ହେତୁ ମୂଳ ଭାବଧାରାଟି କ୍ଷୁଣ୍ଣ ହୋଇଯିବ। ବିବର୍ତ୍ତନର ଧାରା ସବୁ କାଳେ ସୃଷ୍ଟିର ମଙ୍ଗଳ ଓ କ୍ରମୋନ୍ନତି ଆଡ଼କୁ ଅଗ୍ରସର। କୌଣସି ବିଧ୍ୱଂସକାରୀ ଘଟଣାରେ ଅନ୍ତର୍ହିତ ଏକ ସୁଦୂରପ୍ରସାରୀ ଅଗ୍ରଗତିର ମାନଚିତ୍ର ସ୍ଥିରୀକୃତ ହୋଇସାରିଥାଏ। ଅଥଚ ଅନେକ ଅଘଟଣ ପାଇଁ ଆମେ 'ଅଧୋଗତି' ଅଥବା 'ଅଧଃପତନ' ଭଳି ଶବ୍ଦ ବ୍ୟବହାର କରିଥାଉଁ। ସେହିପରି ଇଂରାଜୀରେ evolutionର ବିପରୀତ ଅର୍ଥବୋଧକ ଶବ୍ଦ devolution ଅଥବା degeneration। ସୀମିତ କାଳଖଣ୍ଡକୁ ନେଇ ଯେତେବେଳେ ଆମେ କୌଣସି ବିପତ୍ତିର ତର୍ଜମା କରୁ, ତାହାକୁ କ୍ଷତିକାରକ ଏବଂ ବିନିଷ୍ଟକାରୀ ବୋଲି କହୁ। ବିବର୍ତ୍ତନବାଦୀଙ୍କ ମତରେ ନିରବଧି କାଳସ୍ରୋତରେ ଏହି ବିପତ୍ତି ଆଉଏକ କ୍ରମୋନ୍ନତିର ସୋପାନ। ଏହା ସତ ଯେ, ବିପଦ ପଡ଼ିଲେ ବ୍ୟକ୍ତି, ଜାତି, ଦେଶ ତଥା ବିଶ୍ୱବାସୀ କ୍ଷତି ସହନ୍ତି; ଅନେକଙ୍କର ଜୀବନହାନି ଘଟେ, ବନ୍ୟା, ମରୁଡ଼ି, ରୋଗ ପ୍ରଭୃତିରେ ମଣିଷ ପ୍ରପୀଡ଼ିତ ହୁଏ। କିନ୍ତୁ ତାହା କିପରି ମହାଜାଗତିକ ପରିକଳ୍ପନାରେ ସହାୟକ ହେବ, ତାହା ବୁଝିବା ମଣିଷ ପକ୍ଷେ ସବୁବେଳେ ସମ୍ଭବ ହୁଏନାହିଁ। ସମସ୍ୟା ଆସିଲେ ତାର ସମାଧାନର ବାଟ ଖୋଜୁ ଖୋଜୁ ମଣିଷର ଅଗ୍ରଗତି ହୁଏ। ସେଥିରୁ ମୁକୁଳିବାକୁ ଯାଇ ସେ ନୂଆ ନୂଆ ତଥ୍ୟ ଆବିଷ୍କାର କରିବା ସହ ବୈଜ୍ଞାନିକ ଉଦ୍ଭାବନ କରେ। Every problem has a gift. କୋଭିଡ୍-୧୯ ଆନ୍ତର୍ଜାତୀୟ ମହାମାରୀରେ କେତେ ଜୀବନହାନି ଘଟିଲା, ଲୋକେ ଅକଥନୀୟ ଯନ୍ତ୍ରଣା ଓ ଦୁଃଖଭୋଗ କଲେ। କିଏ କହିବ, ଟିକାର ଉଦ୍ଭାବନ ଓ ହର୍ଡ-ଇମ୍ୟୁନିଟିର ସଂଚାର ଫଳରେ ବିଶ୍ୱବାସୀଙ୍କ ରୋଗ-ପ୍ରତିରୋଧକ ଶକ୍ତି ଏତେ ମାତ୍ରାରେ ବୃଦ୍ଧି ପାଇଥିବ ଯେ, ଭବିଷ୍ୟତରେ ଏହାଠାରୁ ଅଧିକ ମାରାତ୍ମକ ଭୂତାଣୁ ମଣିଷର କ୍ଷତି କରିପାରିବ ନାହିଁ। ବିବର୍ତ୍ତନ ଯଦି ବିଜ୍ଞାନସମ୍ମତ ଏବଂ ଯୁକ୍ତିସଙ୍ଗତ, ଏଥିରେ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କୁ ମାନିନେବାକୁ ହେବ ଯେ, "ଯାହା ହୋଇଛି, ଭଲ ପାଇଁ ହୋଇଛି; ଯାହା ହେଉଛି ତା ମଧ୍ୟ ଭଲ ପାଇଁ ହେଉଛି; ଯାହା ହେବ, ତା ମଧ୍ୟ ନିଃସନ୍ଦେହରେ ଭଲ ପାଇଁ ହେବ।" (ପ୍ରାଚୀନ ଭାରତର ବୈଦିକ ଆପ୍ତବାକ୍ୟ)


ବିବର୍ତ୍ତନ ଯଦି ବିଜ୍ଞାନସମ୍ମତ, ଆମକୁ ଉପରୋକ୍ତ ଆପ୍ତବାକ୍ୟଟିକୁ ମାନିନେବାକୁ ହେବ। ଅନ୍ୟଥା କହିବାକୁ ହେବ ଯେ, ବିବର୍ତ୍ତନ ସଂଗଠିତ

ହେଉନାହିଁ – କେବଳ ଅଧୋଗତି ହିଁ ପରିଲକ୍ଷିତ ହେଉଛି । ଏହା ଏକ ଅସମାହିତ ପ୍ରଶ୍ନବାଚୀ ସୃଷ୍ଟିକରେ, ଏଥିରେ ସନ୍ଦେହ ନାହିଁ ।

**ବିବର୍ତ୍ତନ ଓ ଦ୍ୱନ୍ଦ୍ୱବାଦ (Dialecticism)**

"ବିବର୍ତ୍ତନ ଏକ ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟା" – ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବା ପୂର୍ବରୁ, ଦ୍ୱନ୍ଦ୍ୱବାଦ କ'ଣ, ସେ ସଂପର୍କରେ କିଛି କହିବାକୁ ଚାହୁଁଛି । ଉଦାହରଣ ସ୍ୱରୂପ ଯେଉଁଠାରେ ସଂପୂର୍ଣ୍ଣ ନିରବତା ବିଦ୍ୟମାନ, ଶବ୍ଦ ତାହାକୁ ବିରୋଧ କରିବ; ଅର୍ଥାତ୍, ଅଳ୍ପ ଶବ୍ଦ ସୃଷ୍ଟିହେଲେ ମଧ୍ୟ ସେ ନିରବତା ନଷ୍ଟ ହୋଇଯିବ । କିନ୍ତୁ ଶବ୍ଦର ତୀବ୍ରତା ବଢ଼ି ବଢ଼ି ଚାଲିଲେ ତାହା ଆଉଏକ ନିରବତା ସୃଷ୍ଟିକରିବ । କୌଣସି ସଂକୀର୍ତ୍ତନରେ ଯେତେବେଳେ ଝାଂଜ, ଖୋଳ, କରତାଳ ଇତ୍ୟାଦି ଅତି ତୀବ୍ରଭାବେ ବାଜିଉଠେ, ସେଠାରେ ଉପସ୍ଥିତ ଥିବା ଲୋକେ ଏକ ଅଦ୍ଭୁତ ନିରବତା ଅନୁଭବ କରନ୍ତି । ତେଣିକି କୌଣସି ଶବ୍ଦ ସେ ନିରବତାକୁ ଭାଙ୍ଗିପାରେ ନାହିଁ । ଶବ୍ଦସମ୍ଭୂତ ନିରବତା ଶବ୍ଦରୁ ହିଁ ଉତ୍ପନ୍ନ ହୋଇଥାଏ । ଫଳରେ 'ଶବ୍ଦ' 'ନିରବତା'ର ବିରୋଧାଭାସ ହୋଇ ରହେନାହିଁ । ଏଠାରେ ନିରବତାର ସଂସ୍ଥିତିକୁ 'ଥେସିସ୍' କୁହାଯାଇପାରେ । ନିରବତାକୁ ବିରୋଧ କରୁଥିବା ଶବ୍ଦକୁ 'ଆଂଟି-ଥେସିସ୍' ଅଥବା 'ବିରୋଧାଭାସ' ବୋଲି କହିବା । ସଂକୀର୍ତ୍ତନର ଶବ୍ଦ, ଯାହା ଆଉଏକ ନିରବତା ସୃଷ୍ଟିକରେ, ତାହା 'ସିନ୍ଥେସିସ୍' ଅଥବା 'ସଂଶ୍ଳେଷଣ' । ଥେସିସ୍-ଆଂଟିଥେସିସ୍-ସିନ୍ଥେସିସ୍ର ଶୃଙ୍ଖଳା ଦେଇ ସୃଷ୍ଟି ଧୀରେ ଧୀରେ ବିକଶିତ ହେଉଛି । ଦ୍ୱିତୀୟ ସୋପାନରେ ଏହି ସିନ୍ଥେସିସ୍ (କୀର୍ତ୍ତନର ନିରବତା) ଆଉଏକ ଥେସିସ୍ ଭାବେ ଠିଆହୁଏ, ଯାହାର ଆଂଟିଥେସିସ୍ ଭାବେ ଆଉକିଛି ବିଭାବ ତାକୁ ବିରୋଧ କରେ (କିନ୍ତୁ ଶବ୍ଦ ନୁହେଁ) । ଏହି ଚକ୍ର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଚାଲେ । ପ୍ଲାଟୋଙ୍କଠାରୁ ଆରମ୍ଭ କରି ହେଗେଲ୍ ଓ ମାର୍କସ୍ଙ୍କ ପର୍ଯ୍ୟନ୍ତ ଅନେକ ଚିନ୍ତାନାୟକଙ୍କ ମତରେ ଦ୍ୱନ୍ଦ୍ୱବାଦ ହିଁ ସୃଷ୍ଟିବିକାଶର ମୂଳ ମନ୍ତ୍ର । ବିବର୍ତ୍ତନବାଦ ଏହାକୁ ଅସ୍ୱୀକାର କରେନାହିଁ ।

ଉଦାହରଣ ଭାବେ ଜୀବଜଗତରେ ଦୃଷ୍ଟିଶକ୍ତିର କ୍ରମବିକାଶକୁ ନିଆଯାଇପାରେ । ପ୍ରଥମେ eye-spot ଶରୀରର ଉପରି ଭାଗରେ ଆବିର୍ଭାବ ହେଲା । ତାଳିପଡ଼ିଲା ଭଳି ଏହି ଦାଗ ଆଲୋକ ପ୍ରତି ଧାରଣକ୍ଷମ ଏକ ପ୍ରକାର ପ୍ରୋଟିନ୍, ଯାହା ଜୀବକୋଷର ଉପରି ଭାଗରେ ଲାଖିଥାଏ, ଫଳରେ ଜୀବକୋଷରେ ତାହା ଦ୍ରବୀଭୂତ ହୋଇ ତା ସହ ଏକାଙ୍ଗ ହୋଇପାରେ । ଏହାହିଁ ଯେ କୌଣସି ଇନ୍ଦ୍ରିୟଗ୍ରାହୀ receptorର ଧର୍ମ । ଆଲୋକ ପ୍ରତି ସମ୍ବେଦନଶୀଳ ଏହି ପ୍ରୋଟିନ୍ର ଛୋଟ ଆସ୍ତରଣ ଉପରେ କ୍ରମାଗତ ଭାବେ ଆଲୋକ ପଡ଼ିବା ଫଳରେ ସେହି ସ୍ଥାନଟି ଧୀରେ ଧୀରେ ଦବିବାକୁ ଲାଗେ । କ୍ରମଶଃ ଏକ ଛୋଟ ଗର୍ତ୍ତ ସୃଷ୍ଟିହୁଏ । ଏହିଠାରୁ ଏକ ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟାର ଆରମ୍ଭହୁଏ । ପ୍ରୋଟିନ୍ ରିସେପ୍ଟର୍ ଓ ତୀବ୍ର ଆଲୋକ ଯଥାକ୍ରମେ ଥେସିସ୍ ଏବଂ ଆଂଟିଥେସିସ୍ ଭାବେ ସକ୍ରିୟ ହୋଇଉଠନ୍ତି । ଏହାର ସଂଶ୍ଳେଷଣ (synthesis)ର ପଥ ଉନ୍ମୋଚିତ ହୁଏ । ଏହି ଅବସ୍ଥାରେ photoreceptor proteins ଆଲୋକ ଓ ଅନ୍ଧାରର ପାର୍ଥକ୍ୟକୁ ସହଜରେ ନିର୍ଦ୍ଧାରଣ କରିପାରେ । ଅବଶ୍ୟ କୌଣସି ବସ୍ତୁର ଆକୃତି ଓ ରଙ୍ଗ ବାରିବାର ସାମର୍ଥ୍ୟ ସେମାନଙ୍କର ନଥାଏ । ତଳେ ଦିଆଯାଇଥିବା ଛବିଟିକୁ ଦେଖନ୍ତୁ । ଏହି ଗର୍ତ୍ତଟି ଧୀରେ ଧୀରେ ଛୋଟ ପେଣ୍ଡୁ ଆକାର ଧାରଣକରେ । ଏବଂ ତାର ଉପରି ଭାଗରେ ଏକ ପିନ୍ ହୋଲ୍ ଆକାରର ଛୋଟ ରନ୍ଧ୍ର ରହିଯାଏ, ଯାହା ଭିତରଦେଇ ଅଳ୍ପ ଆଲୋକ ତା ଭିତରେ ପ୍ରବେଶ କରିପାରେ । ଫଳରେ ଆଲୋକ ନିୟନ୍ତ୍ରଣାଧୀନ ଅବସ୍ଥାକୁ ଆସେ । ପୂର୍ବ ଭଳି ତୀବ୍ର ଆଲୋକ ରଶ୍ମି photoreceptor proteins ଗୁଡ଼ିକର ବାଧକ ସାଜେନାହିଁ । ଏହି ପ୍ରକ୍ରିୟାଟି ସଂଶ୍ଳେଷଣମୁଖୀ ହୁଏ । ଛୋଟ ରନ୍ଧ୍ରରେ ଗୋଟିଏ ଜୈବିକ ଯବକାଚ ସୃଷ୍ଟିହୁଏ, ଇତ୍ୟାଦି, ଇତ୍ୟାଦି । ଆଖି ଗୋଟିଏ କ୍ୟାମେରାର କାମକରେ । photoreceptor proteinsର ପ୍ରତିପକ୍ଷ ଏବଂ ବିରୋଧୀଭାବେ ଏକଦା କାମକରୁଥିବା ତୀବ୍ର ଆଲୋକରଶ୍ମି ଏବେ ଦୃଶ୍ୟ ଏବଂ ରଂଗକୁ ରୂପାନ୍ତରିତ ହୋଇଗଲା, ତୀବ୍ର ଆଲୋକରଶ୍ମି ଆଉ କଷ୍ଟଦେଲା ନାହିଁ । ଯେପରି କୀର୍ତ୍ତନର ଶବ୍ଦ ନିରବତାକୁ ଭାଙ୍ଗିପାରିଲା ନାହିଁ ।




ଆଖିର ସୃଷ୍ଟି ଏକ ଉଦାହରଣ ମାତ୍ର । ଶବ୍ଦ, ସ୍ପର୍ଶ, ସ୍ୱାଦ, ଗନ୍ଧ, ଇତ୍ୟାଦି ଅନୁଭବ କରିବାପାଇଁ ଶାରିରୀକ ବିକାଶଗୁଡ଼ିକ ଏହି ଦ୍ୱନ୍ଦ୍ୱାତ୍ମକ ପ୍ରକ୍ରିୟା ଦେଇ ଗତିକରିଛି । ବୈଜ୍ଞାନିକମାନଙ୍କ ମତରେ ୫୪୧୦ଲକ୍ଷ ବର୍ଷ ପୂର୍ବେ ଜୀବଜଗତରେ ପ୍ରଥମେ ଆଖି ସୃଷ୍ଟି ହୋଇଥିଲା ।

**ଆମ ପାଇଁ ବିବର୍ତ୍ତନର ଗତି ମନ୍ଥର:**

ସମୟ ଆପେକ୍ଷିକ ବୋଲି ଆମେ ସମସ୍ତେ ଜାଣୁ । ଚାରିଶହ ଚଉବନ କୋଟି ବର୍ଷ ତଳେ ପୃଥିବୀ ଜନ୍ମଲାଭ କରିଥିଲା । ବହୁ ପୁରାତନ ଫସିଲଯୁକ୍ତ ପଥରଖଣ୍ଡରୁ ପ୍ରମାଣିତ ହୋଇଛି ଯେ, ପ୍ରାୟ ତିନିଶହ ପଚାଶ କୋଟି ବର୍ଷ

ତଳେ ଧରାପୃଷ୍ଠରେ ଜୀବନର ଶୁଭାରମ୍ଭ ହୋଇଥିଲା। ମଣିଷର ଆବିର୍ଭାବ ହୁଏ ମାତ୍ର ୨୦ ଲକ୍ଷ ବର୍ଷ ତଳେ। ଏପରିକି ପ୍ରତ୍ୟେକଟି ଇନ୍ଦ୍ରିୟ (external sense organ) ବିକଶିତ ହେବାକୁ ଲକ୍ଷ ଲକ୍ଷ ବର୍ଷ ଲାଗିଯାଇଛି। ବିବର୍ତ୍ତନର ମନ୍ଥର ଗତିକୁ ବୁଝାଇବାକୁ ଯାଇ ଗୋଟିଏ ଉଦାହରଣ ଦେବି। ତଳେ ଦିଆଯାଇଥିବା ଛବିଟିକୁ ଦେଖନ୍ତୁ। ଏହା ଘୁରୁଥିବା ଗୋଟିଏ ଗ୍ରାମୋଫୋନ୍ ରେକର୍ଡ। କେନ୍ଦ୍ରଠାରୁ ସବୁଠାରୁ ଦୂରରେ ମଶା, ତା ପଛକୁ ବେଙ୍ଗ, ପଛକୁ ପଛ ମଣିଷ ଓ ଦେବତା, ଏବଂ କେନ୍ଦ୍ରରେ ବସିଛନ୍ତି ବ୍ରହ୍ମା। ଧରିନିଆଯାଉ ଏହି ବୃତ୍ତାକାର ଫଳକର ବ୍ୟାସାର୍ଦ୍ଧ ୧୦୦ ଫୁଟ। ତେଣୁ ଏହାର ପରିଧି (୨ପାଇ.ଆର୍) 2 x 22/7 x Radius = 628.5711 ଫୁଟ। ରେକର୍ଡଟି ଗୋଟିଏ ଘେରା (one complete rotation) ବୁଲିଆସିଲା ବେଳକୁ ମଶା ଚକ୍ରାକୃତିରେ ୬୨୮.୫ ଫୁଟ ପଥ ଅତିକ୍ରମ କରିବ। ସେହିପରି ହିସାବକଲେ ବେଙ୍ଗ, ମଣିଷ, ଦେବତା ପ୍ରଭୃତି ଭିନ୍ନ ଭିନ୍ନ ଦୂରତା ଅତିକ୍ରମ କରିବେ। ମଣିଷ ଯଦି କେନ୍ଦ୍ରଠାରୁ ୬୦ ଫୁଟ ଦୂରରେ ଥାଏ, ତାହେଲେ ରେକର୍ଡର ଗୋଟିଏ ଘୂର୍ଣ୍ଣନରେ ମଣିଷ ୩୭୭ ଫୁଟ ଦୂରତା ଅତିକ୍ରମ କରବା ସ୍ଥଳେ ବ୍ରହ୍ମା ମାତ୍ର ୧ କିମ୍ବା ୨ ମିଲି ମିଟର ପଥ ଅତିକ୍ରମ କରିବେ। ସୃଷ୍ଟିରେ ଯିଏ ଜୀବନ ଧାରଣ କରିଛି ତାର ମୃତ୍ୟୁ ସୁନିଶ୍ଚିତ। ବ୍ରହ୍ମା ସୃଷ୍ଟିର ଅଂଶବିଶେଷ ହୋଇଥିବାରୁ ତାଙ୍କର ଜନ୍ମ ଏବଂ ମୃତ୍ୟୁ ଅଛି। ପୁରାତନ ବୈଦିକ ଗାଣିତିକ ସୂତ୍ର ସାହାଯ୍ୟରେ ବ୍ରହ୍ମାଙ୍କର ଆୟୁଷ ଆକଳନ କରାଯାଇ କୁହାଯାଇଛି ଯେ, ବ୍ରହ୍ମାଙ୍କର ଆୟୁଷ ଶହେ ବର୍ଷ ମାତ୍ର। ରେକର୍ଡର ଶେଷ ଭାଗରେ ଥିବା ମଶାଟି ୬୨୮.୫ ଫୁଟ ଅତିକ୍ରମ କଲାବେଳେ ବ୍ରହ୍ମା ଏକ କିମ୍ବା ଦୁଇ ମିଲି ମିଟର୍ ଗୋଟିଏ ଘୁର୍ଣ୍ଣନରେ ଗତିକରିଥାନ୍ତି। ସମୟ ଅଖଣ୍ଡ ହେଲେ ମଧ୍ୟ ତାର ଅନୁଭୂତି ଓ ଅବବୋଧ ବିଭିନ୍ନ ପ୍ରାଣୀଙ୍କ ପାଇଁ ଅଲଗା ଅଲଗା। ବ୍ରହ୍ମାଙ୍କର ଗୋଟିଏ ବର୍ଷର ଅବଧି ମଣିଷର ୩,୧୧୦,୪୦୦, ୦୦୦, ୦୦୦ ବର୍ଷ ସହ ସମାନ। ବ୍ରହ୍ମାଙ୍କର ଗୋଟିଏ ସେକେଣ୍ଡର ଏକ ତୃତୀୟାଂଶ କାଳ କ୍ଷେପଣରେ ଦେବଲୋକରେ ୩୬୦ ବର୍ଷ ବିତିଯାଇଥାଏ। କୌତୂହଳର କଥା ଏହି ଯେ, ବ୍ରହ୍ମା ଯଦି କୌଣସି ମଣିଷକୁ ଆଶୀର୍ବାଦପୂର୍ବକ ଅଭୟ ମୁଦ୍ରାରେ ହାତ ଟେକିବେ, ସେ ହାତ ଟେକୁ ଟେକୁ ମଣିଷ ଉପରେ ହଜାର ହଜାର ବର୍ଷ ବିତିଯାଇଥିବ।




ଦାର୍ଶନିକ ତଥା ବିବର୍ତ୍ତନବାଦୀ ହେନେରି ବର୍ଗସନ୍‌ଙ୍କ ମତରେ, ସମୟର ଦୁଇଟି ବିଭାବ ରହିଛି। ସେଥିରୁ ଗୋଟିଏ ସରଳରୈଖିକ ଓ ନୈର୍ବ୍ୟକ୍ତିକ (objective time), ଯାହା ଆମେ ଘଣ୍ଟା ଏବଂ କ୍ୟାଲେଣ୍ଡର ସାହାଯ୍ୟରେ ମାପୁ। ଅନ୍ୟଟି ଅନୁଭୂତ ସମୟ (lived time) ଅଥବା ସମୟର ଅବବୋଧ, ଯାହା ଅନ୍ତର୍ଚେତନାରେ ସଙ୍ଗଠିତ ହୋଇ ପ୍ରତ୍ୟକ୍ଷବୋଧ ହୋଇଥାଏ।

Bergson argued that time has two faces. The first face of time is "objective time": the time of watches, calendars, and train timetables. The second, la durée ("duration"), is "lived time," the time of our inner subjective experience. This is time felt, lived, and acted.

ଜନ୍ମ, ବୃଦ୍ଧି, ପ୍ରଜନନ, ବାର୍ଦ୍ଧକ୍ୟ ଦେଇ ସମସ୍ତେ ମୃତ୍ୟୁମୁଖରେ ପଡ଼ନ୍ତି। ସମସ୍ତ ଜୀବ ପ୍ରାୟତଃ ସମ୍ପୂର୍ଣ୍ଣ ଜୀବନଟିଏ ଜୀଇଁଥାଆନ୍ତି। ବିଭିନ୍ନ ପ୍ରକାରର ମଶାଙ୍କର ହାରାହାରି ଜୀବନକାଳ ୬-୭ ଦିନରୁ ୬ ସପ୍ତାହ ପର୍ଯ୍ୟନ୍ତ ହୋଇଥିଲେ ମଧ୍ୟ ଜୀବନର ବିଭିନ୍ନ ପର୍ଯ୍ୟାୟ ଦେଇ ସେମାନେ ଗତିକରିଥାଆନ୍ତି। ହୁଏତ ମଣିଷ ଭାବିପାରେ ମଶାଟିଏ ମାତ୍ର କେତୋଟି ଦିନ ପାଇଁ ସଂସାରକୁ ଆସିଛି। କ୍ୟାଲେଣ୍ଡର-ସମୟକୁ ନେଇ ଏପରି ବିଚାର ଆସିପାରେ, ଅଥଚ ଅନୁଭୂତ ସମୟ (lived time) ମଣିଷ ଓ ମଶାଙ୍କ ପାଇଁ ସମାନ ହୋଇପାରେ।

**ପ୍ରାଚୀନ ଭାରତୀୟ ବିବର୍ତ୍ତନତତ୍ତ୍ୱ ଓ ଆଧୁନିକ ବିଜ୍ଞାନ:**

ସୃଷ୍ଟିର ବିବର୍ତ୍ତନକୁ ନେଇ ଋଗ୍ ବେଦର 'ନାସଦୀୟ ସୁକ୍ତ'ସହ କ୍ୱାଣ୍ଟମ ଥିଓରିକୁ ତୁଳନା କରାଯାଇପାରେ। ବିଗ୍ ବ୍ୟାଙ୍ଗ୍ ପୂର୍ବରୁ ଯେଉଁ 'ବ୍ଲାକ୍ ହୋଲ୍' କଥା କୁହାଯାଇଛି ତାହା ଏହିପରି:

୧. ଗ୍ରହନକ୍ଷତ୍ରଠାରୁ ଆରମ୍ଭ କରି ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ସେହି 'ବ୍ଲାକ୍ ହୋଲ୍' ଭିତରେ ସଂକୁଚିତ ହୋଇଯାଇଛି। ଏପରିକି ଆକାଶ (space) ମଧ୍ୟ ତା ଭିତରେ ସମାହିତ ହୋଇଛି। ଯା ବାହାରେ କିଛିନାହିଁ, ଶୂନ୍ୟସ୍ଥାନ ମଧ୍ୟ ନାହିଁ।

୨. ଏହାର ମାଧ୍ୟାକର୍ଷଣ ଶକ୍ତି ଅସୀମ। ଏପରିକି ଆଲୋକରଶ୍ମି ତା ଭିତରୁ ମୁକୁଳି ଆସିପାରୁନାହିଁ।

୩. ଯା ବାହାରେ ସ୍ଥିତି ନାହିଁ କିମ୍ବା ଅସ୍ଥିତି ମଧ୍ୟ ନାହିଁ। କାରଣ କୌଣସି ବସ୍ତୁର ଅସ୍ତିତ୍ୱ ପରିକଳ୍ପନା କରିବାକୁ ହେଲେ ଶୂନ୍ୟସ୍ଥାନ (space or extension)ର ଆବଶ୍ୟକ ହୁଏ। କାଳ ଅଥବା ସମୟ ସେଠାରେ କିମ୍ବା କେଉଁଠାରେ ନାହିଁ। ସମୟ ଅନୁପସ୍ଥିତ ଅଛି କିମ୍ବା ସ୍ଥିର ହୋଇଯାଇଛି କହିଲେ ମଧ୍ୟ ଠିକ୍ ହେବନାହିଁ। ଅର୍ଥାତ୍, ସମୟ ବୋଲି କିଛି ନାହିଁ।

Black hole ସଂପର୍କରେ Quantum Physics ଯାହା କହେ, ସେହି ଅନୁରୂପ ବାକ୍ୟସବୁ 'ନାସଦୀୟ ସୁକ୍ତ'ରେ ଦେଖିବାକୁ ମିଳେ। ଶ୍ୟାମ୍ ବେନେଗଲ୍ ନିର୍ଦ୍ଦେଶିତ ନେହେରୁଙ୍କର Discovery of Indiaର ହିନ୍ଦି ରୂପାନ୍ତର "ଭାରତ୍ ଏକ୍ ଖୋଜ୍" ଟି.ଭି. ସିରିଅଲ୍‌ରେ 'ନାସଦୀୟ ସୁକ୍ତ'ର ହିନ୍ଦି ଅନୁବାଦ ଶୁଣାଯାଇପାରେ।

ପ୍ରାଚୀନ ଭାରତୀୟ ସାଂଖ୍ୟ ଦର୍ଶନର ବିବର୍ତ୍ତନବାଦ ଅନୁଧ୍ୟାନ କଲେ ଜାଣିହୁଏ, ମସ୍ତିଷ୍କ ଏବଂ ସର୍ବୋପରି ମାନବୀୟ ଚେତନାର ଉଦ୍ଭବ ଓ ବିକାଶ କିପରି ହୋଇଛି। ଏହା ଆଧୁନିକ ମନୋବିଜ୍ଞାନର ପରିପନ୍ଥୀ ହୋଇପାରେ। ସାଂଖ୍ୟ ଦର୍ଶନର ୨୪ଟି evolutes ଏ'ପର୍ଯ୍ୟନ୍ତ ମନୋବିଜ୍ଞାନୀଙ୍କର ଦୃଷ୍ଟି ଆକର୍ଷଣ କରିପାରିନାହିଁ। ଜୟଦେବଙ୍କ "ଦଶାବତାର" କେତେଦୂର ବିଜ୍ଞାନସମ୍ମତ, ତାହା ମଧ୍ୟ ବିଚାର୍ଯ୍ୟ। ଏହି କ୍ଷୁଦ୍ର ପ୍ରବନ୍ଧଟିରେ ସେ ସବୁର ତୁଳନାତ୍ମକ ଅଧ୍ୟୟନ ସ୍ଥାନୀତ କରିହେବନାହିଁ।

**ବିବର୍ତ୍ତନ ଓ ଅଧ୍ୟାତ୍ମବାଦ:**

କହିବା ବାହୁଲ୍ୟ ଯେ, ବ୍ଲାକ୍ ହୋଲ୍‌ର ଛବି ଆଙ୍କିବା କିମ୍ବା ତାକୁ କଳ୍ପନା କରିବା ସମ୍ଭବପର ହେବନାହିଁ। କାରଣ କଳ୍ପନା କରୁଥିବା କିମ୍ବା ଛବି ଆଙ୍କୁଥିବା ଲୋକଟି ବ୍ଲାକ୍ ହୋଲ୍‌ର ଅଂଶବିଶେଷ ହେବନାହିଁ। ଯା ବାହାରେ ସ୍ଥିତି-ଅସ୍ଥିତି-ସମୟ-ଶୂନ୍ୟ କିଛି ନାହିଁ ଯେତେବେଳେ, ଚିତ୍ରକରର ସ୍ଥିତି ଆସିବ କୁଆଡ଼େ ? ଏଠାରେ ପ୍ରଶ୍ନଉଠେ – ବ୍ଲାକ୍ ହୋଲ୍ ବାହାରେ ଯଦି କାହାର କୌଣସି ସ୍ଥିତି ନାହିଁ, ତେବେ ବ୍ଲାକ୍ ହୋଲ୍‌ର ସ୍ଥିତାବସ୍ଥା ଜାରିରହିବ ଏବଂ ଏହାର ଆଭ୍ୟନ୍ତରୀଣ ସନ୍ତୁଳନ ଭାଙ୍ଗି ନ ଯିବା ଯାଏଁ, ବିଗ୍ ବ୍ୟାଂଗ୍ ସମ୍ଭବ ହେବନାହିଁ, ଫଳରେ ସମୟ, ସୃଷ୍ଟି ହେବନାହିଁ କି ବିବର୍ତ୍ତନ ଆରମ୍ଭ ହୋଇପାରିବ ନାହିଁ। ତେଣୁ ସ୍ଥିତି, ଅସ୍ଥିତ. ଓ ସମୟର ଉର୍ଦ୍ଧ୍ୱରେ ଏକ ମହାଜାଗତିକକ ଚେତନା ହିଁ 'ବ୍ଲାକ୍ ହୋଲ'କୁ ପ୍ରଭାବିତ କରିପାରିବ। ସେଥିପାଇଁ ଷ୍ଟିଫେନ୍ ହକିନ୍‌ସ୍ ଓ ଆଇନ୍‌ଷ୍ଟାଇନ୍‌ଙ୍କ ପରି ବୈଜ୍ଞାନିକମାନେ ଈଶ୍ୱରୀୟ ସତ୍ତା ଉପରେ ବିଶ୍ୱାସ ରଖନ୍ତି। ହୋଇପାରେ 'ଓଁ' (ଅ+ଉ+ମ)ର ଆଧିଭୌତିକ ସ୍ପନ୍ଦନରେ ବ୍ଲାକ୍ ହୋଲ୍‌ର ସନ୍ତୋଳନ ଭଙ୍ଗହୋଇ ସୃଷ୍ଟି-ପ୍ରକ୍ରିୟା ଆରମ୍ଭ ହୋଇଥାଇପାରେ।

ସୃଷ୍ଟିର ବିବର୍ତ୍ତନକୁ ନେଇ ସାଂଖ୍ୟ ଦର୍ଶନରେ 'ପ୍ରକୃତି' (ସମସ୍ତ ବସ୍ତୁ ବିଶେଷ ଓ ଜୀବଜଗତ) ଏବଂ 'ପୁରୁଷ' (ସଦ୍+ଚିତ୍+ଆନନ୍ଦ – truth+consciousness+bliss)ର ପରିକଳ୍ପନା କରାଯାଇଛି। ସୃଷ୍ଟି ଆରମ୍ଭହେବା ପୂର୍ବରୁ ସାତ୍ତ୍ୱିକ-ରାଜସିକ-ତାମସିକ (ସତ୍ୱ-ରଜ-ତମ) ଗୁଣସମ୍ପନ୍ନ ପ୍ରକୃତି ଭିତରେ କ୍ରିୟାଶୀଳତା ଥିଲେ ମଧ୍ୟ ଗୁଣଗୁଡ଼ିକ ମଧ୍ୟରେ କୌଣସି ବିନିମୟ ସମ୍ଭବ ହୋଇନଥାଏ। ଅର୍ଥାତ୍, 'ସତ୍ୱ' 'ସତ୍ୱ'କୁ, 'ରଜ' 'ରଜ'କୁ, ଓ 'ତମ' 'ତମ'କୁ ହିଁ ପରିବର୍ତ୍ତିତ ହୋଇ ଚାଲିଥାଏ। ତେଣୁ ସୃଷ୍ଟି ସମ୍ଭବ ହୋଇ ନଥାଏ। ପୁରୁଷ ପ୍ରକୃତିକୁ ସ୍ପର୍ଶ କରେନାହିଁ କିମ୍ବା କୌଣସି ପ୍ରକାରେ ହସ୍ତକ୍ଷେପ ମଧ୍ୟ କରେନାହିଁ। କେବଳ ତାର 'ସନ୍ନିଧି' (mere nearness – ସନ୍ନିଧି ମାତ୍ର)ରେ ସୃଷ୍ଟି ଏବଂ ବିବର୍ତ୍ତନ ଆରମ୍ଭହୁଏ। ଏହାକୁ ବୁଝାଇବାକୁ ଯାଇ ସାଂଖ୍ୟ-ଦର୍ଶନରେ ଗୋଟିଏ ଚମତ୍କାର ଚିତ୍ରକଳ୍ପର ପ୍ରୟୋଗ କରାଯାଇଛି। ରୂପାପାତ୍ର ନିକଟକୁ ମନ୍ଦାରଫୁଲଟିଏ ନେଲେ ତାହା ଯେପରି ଲାଲରଙ୍ଗ ଧାରଣକରେ, ସେହିପରି ପୁରୁଷର ସନ୍ନିଧିରେ ପ୍ରକୃତି ପରିବର୍ତ୍ତିତ ହୋଇ ସୃଷ୍ଟିପଥରେ ଅଗ୍ରସରହୁଏ। ସମୟ, ସ୍ଥିତି-ଅସ୍ତିତିର ଉର୍ଦ୍ଧ୍ୱରେ ଅପାର୍ଥିବ 'ପୁରୁଷ' ବିବର୍ତ୍ତନର ମୂଳ କାରଣ। ଭାରତୀୟ ଦର୍ଶନଶାସ୍ତ୍ରମାନଙ୍କରେ 'ପରିଣାମବାଦ' (theory of transformation) ଶବ୍ଦଟି 'ବିବର୍ତ୍ତନ' ଅର୍ଥରେ ହିଁ ବ୍ୟବହୃତ ହୋଇଛି। ସାଂଖ୍ୟ ଦର୍ଶନର ପରିଣାମବାଦକୁ "ସତ୍ କାର୍ଯ୍ୟବାଦ" କୁହାଯାଏ। ଏହାର ଅର୍ଥ 'ପରିଣାମ, ତାର କାରଣରେ ହିଁ ନିହିତ' – The manifested effect is preexisted in the cause. ବ୍ଲାକ୍ ହୋଲ୍ ଭିତରେ ଯେପରି ବ୍ରହ୍ମାଣ୍ଡ ସଂକୁଚିତ ଅବସ୍ଥାରେ ଭ୍ରୂଣ ସଦୃଶ୍ୟ ଲୁଚିରହିଥାଏ, ପୁରୁଷର ସନ୍ନିଧି ପୂର୍ବରୁ ପ୍ରକୃତି ଭିତରେ ବିକଶିତ ହେବାକୁ ଥିବା ବ୍ରହ୍ମାଣ୍ଡ ସୁପ୍ତ ଏବଂ ନିଷ୍କ୍ରିୟ ଅବସ୍ଥାରେ ଥାଏ। ଇତଃସ୍ତତଃ ଭାବେ ପଡ଼ିଥିବା ଲୁହାଗୁଣ୍ଡ ଯେପରି ଚୁମ୍ବକୀୟ କ୍ଷେତ୍ରର ସନ୍ନିଧିରେ ଏକ ଅଭିପ୍ରେତ ରୂପରେଖ ସୃଷ୍ଟିକରନ୍ତି, ଠିକ୍ ସେହିପରି ପୁରୁଷର ସନ୍ନିଧିରେ ପ୍ରକୃତି ବିକଶିତ ହୁଏ।

ବିଭିନ୍ନ ବିବର୍ତ୍ତନବାଦ ଆଲୋଚନା କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ। 'On the Origin of Species' ପୁସ୍ତକରେ ଡାର୍‌ଉଇନ୍ ପ୍ରାକୃତିକ ଚୟନ (natural selection) ସଂପର୍କରେ ଯାହା କହିଛନ୍ତି ତାହା ପ୍ରଚ୍ଛନ୍ନଭାବେ ଏକ ଆଧ୍ୟାତ୍ମିକ ଭାବଧାରାକୁ ସୂଚାଇଦେଉଛି। ଯେଉଁ ପ୍ରାଣୀ ପରିବେଶ ସହ ସମ୍ବେଦନଶୀଳ ହୋଇ ସହଜୀବୀ ସଂପର୍କ ପ୍ରତିଷ୍ଠା କରିପାରେ ସେ ହିଁ ତିଷ୍ଠିରହିପାରେ। ଅବଲୀଳାକ୍ରମେ ପ୍ରକୃତି ତଥା ପରିବେଶ ସହ ନିଜକୁ ଖାପଖୁଆଇ ବଂଚିପାରୁଥିବା ପ୍ରାଣୀ ବିବର୍ତ୍ତନ ପଥରେ ଧୀରେ ଧୀରେ ବିକାଶ ଲାଭ କରେ – Those individuals most suited to their environment survive and, given enough time, the species will gradually evolve. ଅର୍ଥାତ୍, ଯୋଗ୍ୟତମ ବଂଚିରହେ – 'survival of the fittest'. ବଂଚିରହିବାର ଏହି ଯୋଗ୍ୟତା କେବଳ ଶାରିରୀକ କ୍ଷମତା ନୁହେଁ, ତା ହୋଇଥିଲେ ବିଶାଳ କାୟ ଡାଇନାସୋର୍ ଜଗତରୁ ବିଲୁପ୍ତ ହୋଇ ନଥାନ୍ତେ। ବଂଚିବାର କୌଶଳ ସହ ଏକ ନୈତିକ (moral) ଓ ନାନ୍ଦନିକ (aesthetic) ଚେତନାଧାରୀ ପ୍ରାଣୀ ଯୋଗ୍ୟତମ ସାବ୍ୟସ୍ତ ହୋଇପାରେ, ଯାହା ମଣିଷର ପ୍ରତିରୂପଭାବେ ଏକଦା ବିବେଚିତ ହେଉଥିଲା। ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ ଓ ଅତ୍ୟାଚାରୀତ କରି ମଣିଷ ତାର ନୈତିକ ଓ ନାନ୍ଦନିକ ସତ୍ତା ହରାଇ ସାରିଲାଣି। ଫଳାଫଳ ସମସ୍ତଙ୍କୁ ଜଣା।

ସାମଗ୍ରୀକ ଭାବେ ବିଚାର କଲେ ଉଦ୍ଦେଶ୍ୟବାଦରେ ନିହିତ ମହାଜାଗତିକ ଚେତନାର ଅଭିପ୍ରାୟ ପରାହତ ହୋଇନାହିଁ। ଯୋଗ୍ୟ ମଣିଷମାନେ କିମ୍ବା ଅନ୍ୟ କୌଣସି ମହତ୍ତର ପ୍ରାଣୀ ବିବର୍ତ୍ତନର ସହଯାତ୍ରୀ ହେବେ। ସ୍ୱଚ୍ଛ ଚେତନାଧାରୀ ପ୍ରାଣୀ ଧୀରେ ଧୀରେ ଚୈତନ୍ୟପ୍ରାପ୍ତି ଆଡ଼କୁ ଅଗ୍ରସର ହେବେ। ସମସ୍ତ ନିର୍ଜୀବ ଓ ସଜୀବ ମଧ୍ୟରେ ଆଧିଭୌତିକ ଚେତନା ସଂଚରିତ ହେବ। ଏହାହିଁ ବିବର୍ତ୍ତନର ପଥ। ଆଗରୁ କହିଛି – ଚିରସ୍ଥାୟୀ ଅଧୋଗତିକୁ ବିବର୍ତ୍ତନ ବୋଲି କୁହାଯାଇ ପାରିବନାହିଁ।

ସୃଷ୍ଟିର ବିଶାଳତା ଓ ଭଗବତ୍ ଅଭିପ୍ରାୟକୁ ଦୃଷ୍ଟିରେ ରଖି ବିଚାରକଲେ ମନେହୁଏ ଯେ କୌଣସି ନିର୍ମାଣକାର୍ଯ୍ୟରେ କିଛି ବର୍ଯ୍ୟବସ୍ତୁ ସୃଷ୍ଟି ହୋଇଥାଏ। ଛାତର କଂକ୍ରିଟ୍ ଶକ୍ତହେବାପରେ ଯେପରି ଫଲ୍‌ସ୍ ରୁଫ୍‌କୁ କାଢ଼ିଦିଆଯାଏ, ଅନେକ ଘଟଣା ଯାହା ଆମ ଆଖିକୁ ବିପଦ ପରି ଦିଶେ, ବାସ୍ତବରେ ତା'ର ଆବଶ୍ୟକତା ଥିଲା।

ପହଣ୍ଡିବେଳେ ଶ୍ରୀମନ୍ଦିରର ସପ୍ତମ ପାହାଚରେ ଜଗନ୍ନାଥ ଟାହିଆ-ଲାଗି ହୁଅନ୍ତି । ମା ଲକ୍ଷ୍ମୀ ସେହିଠାରୁ ରୋଷ ବ୍ୟକ୍ତକରି ଫେରିଯାଆନ୍ତି । ସେଠାରେ ଥିବା ଏକ ନିର୍ଦ୍ଦିଷ୍ଟ ଶିଳାଖଣ୍ଡକୁ 'ଦର୍ପଣଶିଳା' କୁହାଯାଏ । ପ୍ରଭୁ ସେହିଠାରେ ଦଣ୍ଡେ ଅଟକିଯାଆନ୍ତି । ହୁଏତ ଦେଖନ୍ତି, ଶିଳାଖଣ୍ଡରେ ତାଙ୍କ ମୁଖଶ୍ରୀ ପ୍ରତିବିମ୍ବିତ ହେଉଛି କି ନାହିଁ । ବିବର୍ତ୍ତନ କେତେଦୂର ଅଗ୍ରସର ହୋଇଛି ଆକଳନ କରନ୍ତି । ସୃଷ୍ଟିରେ ଆଧିଭୌତିକ ଚେତନାର ସଂଚରଣ ବିବର୍ତ୍ତନର ଲକ୍ଷ୍ୟ । ଏହି ମର୍ମରେ ମୋର ଏକ ପ୍ରକାଶିତ କବିତା 'ବିବର୍ତ୍ତନ' ଏଠାରେ ଉଦ୍ଧାର ନକରି ରହିପାରୁନାହିଁ ।

ବିବର୍ତ୍ତନ
ତୁମ ଅବର୍ତ୍ତମାନରେ
କେମିତି ଚାଲିବ ସଂସାର !
ତୁମେତ କାଳକାଳକୁ ନିମଗ୍ନ
ଗଢ଼ିବାକୁ ଦ୍ୱିତୀୟ ଈଶ୍ୱର ॥
ଆରମ୍ଭ ଆରମ୍ଭ ଧରି
ଘସି ଚାଲିଛ ଖଣ୍ଡେ ପଥର
ହେ ସ୍ୱପ୍ନବିଭୋର ଲୀଳାଚପଳ !
ମନାସିଛ ଶିଳାକୁ କରିବ ଦର୍ପଣ...
ପ୍ରକଟିବ ସେଥିରେ ରୂପ ତୁମର ...
ସଂଚରିବ ପ୍ରାଣ...
ସଭିଏଁ ପାଲଟି ଯିବେ ଦ୍ୱିତୀୟ ଈଶ୍ୱର ଏବଂ
ବାରିହୋଇଯିବ ତୁମର ଅସ୍ତିତ୍ୱ
ସଚରାଚର ॥
ତୁମେ ଅକ୍ଳେଶରେ ଖସିଯିବ
ସମୟହୀନତାର କେଉଁ ନିର୍ଗୁଣ ସତ୍ତାକୁ
ଅଥବା କଦମ୍ବଶୟନ ଯିବ
କେଉଁ ରତିଲଗ୍ନା ସହ ମାତିଥିବ
ସଂଭୋଗ-ସୃଙ୍ଗାର ରସରେ ॥
ସେତେବେଳେ କେହି କାହାର ଶତ୍ରୁ ନଥିବେ
'ମିଛ' ଶବ୍ଦର ଅର୍ଥ ବୁଝାଇବା ପାଇଁ
ଲେଖାଯିବ ଗଦା ଗଦା ପୋଥି ॥
ମୁଁ ତ ଅକିଞ୍ଚନ
ଝଡ଼ିପୋକର ଜୀବନ ମୋର
ତୁମ ସମୟ ସୂତ୍ରରେ ବିନ୍ଦୁଏ ପ୍ରମାଣ ନୁହେଁ
ଅସ୍ତିତ୍ୱ ମୋହର ॥
ହୁଏତ ମୁଁ ବାଲି-କାଗଜ ଖଣ୍ଡେ
ଲାଗିଛି ତୁମ ପଥର ଘସା କାମରେ
ଯାହା ନିଃଶେଷ ହୋଇଯିବ କିଛିକ୍ଷଣ ପରେ ॥

୪୧୧, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭
ମୋ – ୯୮୬୧୧୧୭୨୪୦
email: mohanty.srikanta@gmail.com

**ସହାୟକ ଗ୍ରନ୍ଥସୂଚୀ**


- # Gupta, Dr. S. V. (2010). "Ch. 1.2.4 Time Measurements". In Hull, Prof. Robert; Osgood, Jr., Prof. Richard M.; Parisi, Prof. Jurgen; Warlimont, Prof. Hans (eds.). *Units of Measurement: Past, Present and Future. International System of Units*. Springer Series in Materials Science: 122. Springer. p. 3. ISBN 9783642007378.
- # Henri Bergson, The Creative Mind: An Introduction to Metaphysics, pp.11-14
- # The Stanford Encyclopedia of Philosophy *Time and Free Will*
- # The Nâsadîya Sûkta (after the incipit *ná ásat*, or "not the non-existent"), also known as the Hymn of Creation, is the 129th hymn of the 10th mandala of the Rigveda (10:129). It is concerned with cosmology and the origin of the universe.[2]

# ଥରକୁ ଥର ପଡି ତଳେ

*ଇନ୍ଦ୍ରମଣି ଜେନା*

ଦୁନିଆ ଗତିଶୀଳ ।

ସେହି ଗତି ଆଉ ଶକ୍ତିର ଉତ୍ସ ଭାବରେ ଏଇ ଧରିତ୍ରୀ ଜୀବ ଜଗତର ଜନ୍ମଦାତ୍ରୀ ଭାବରେ ପରିଚିତ ? ବିଶ୍ୱ ଏହି ଜୀବଜଗତ ସହିତ ଅସୁମାରି ନିର୍ଜୀବ ବସ୍ତୁରେ ପରିପୂର୍ଣ୍ଣ । ଏହି ପୃଥିବୀରେ ଯଦି ଜୀବଜଗତ ତିଷ୍ଠି ରହି ନଥାଆନ୍ତା, ତେବେ କଅଣ ଏହା ସ୍ଥାଣୁ ହୋଇ ରହିଥାଆନ୍ତା ?

କଦାପି ନୁହେଁ । ଆଜି ଜୀବଜଗତର ସତ୍ତା ମିଳୁ ନଥିବା ଅନେକ ଗ୍ରହ ଗୁଡିକ ସେମିତି ସ୍ଥାଣୁ ହୋଇ ରହିନାହାନ୍ତି ।

ଜୀବନର ଅନ୍ୟନାମ ବିବର୍ତ୍ତନ । ବହୁ ସଯତ୍ନରେ ଗଢିଉଠିଛି ଜୀବନ – ଜୀବ ଆଉ ଜୀବଶ୍ରେଷ୍ଠ ମଣିଷ । ସମାନ ପରିବେଶ ଆଉ ଅନୁକୂଳ ପରିସ୍ଥିତିରେ ଅସଂଖ୍ୟ ଜୀବନ ସୃଷ୍ଟି ହୋଇଯାଏ । ତେଣୁ ଜୀବଜନ୍ତୁ ସୃଷ୍ଟିର ସମସ୍ତ ନିୟାମକ ଅନୁସାରେ ନିଜର ବଂଶବୃଦ୍ଧି କରିଥାଆନ୍ତି । ଜୋର ଯା'ର, ମୁଲକ ତାର । ଏମିତି ଜୀବ ଜୀବ ଆଉ ପ୍ରତ୍ୟେକ ଜୀବ ସମ୍ପ୍ରଦାୟ ଭିତରେ ଶକ୍ତି ଅନୁସାରେ ବିନ୍ୟାସ ଘଟିବା ସୃଷ୍ଟିର ଅଘୋଷିତ ନିୟମ । ଟିକିଏ ସାମାଜିକ, ରାଜନୈତିକ, ଅର୍ଥନୈତିକ ଅବା ବିଜ୍ଞାନିକ ଦୃଷ୍ଟିରୁ ବିହଙ୍ଗାବଲୋକନ କଲେ, ମାନବ ସମାଜ ମଧ୍ୟରେ ସ୍ତର ରହିଥିବାର ପ୍ରତୀୟମାନ ହୁଏ ।

ଜୀବନ ଅହରହ ବିପଦସଂକୁଳ ପଥ ଦେଇ ଗତି କରିଥାଏ । ଏମିତିକି ସମଗ୍ର ବିଶ୍ୱ ଯେ ଦିନେ ମାନବଶୂନ୍ୟ ହୋଇପଡିବ, ଏମିତି ପୁରାଣ ଆଉ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳିଛି । ମଣିଷ ଜୀବନ କେବଳ ମଣିଷର ଅସ୍ତିତ୍ୱ ଜାହିର କରେନାହିଁ ବରଂ ଏହା ସୃଷ୍ଟି ପରର ସମସ୍ତ ଚେତନା ବା ବୌଦ୍ଧିକତାର ସୂତ୍ର ବହନକରେ । ସରଳ ଭାଷାରେ କହିବାକୁ ଗଲେ, ଆଜି ବିଶ୍ୱରୁ ମାନବ ସମାଜ ବିଲୋପ ହୋଇଗଲେ, କାଲିକୁ ଶୂନ୍ୟସ୍ଥାନ ହୋଇଯିବ । ପୁଣି ଯଦି ମଣିଷ ସୃଷ୍ଟି ହୋଇ ପାରିବ, ଆଜି ପରି ସେତିକି ମାନବିକତା ଆଉ ବୌଦ୍ଧିକତା ସ୍ତରକୁ ଆସିବାକୁ ପୁନରାୟ ଲକ୍ଷ ଲକ୍ଷ ବର୍ଷ ଲାଗିଯିବ ।

ଆମ ପାଖରେ ଇତିହାସର ଆନୁମାନିକ ସାତ ହଜାର ବର୍ଷର କିଛି ବିବରଣୀ ରହିଛି । ମାତ୍ର ମଣିଷ ତା ପୂର୍ବର ସାତଗୁଣା ସମୟ କିପରି ବଣଜଙ୍ଗଲରୁ ଦଳବାନ୍ଧି ବାହାରି ଆସିଲା, ସେଇଟା ତାର ବିବର୍ତ୍ତନ ଦିଗର ଏକ ଜ୍ୱଳନ୍ତ ଉଦାହରଣ । ଏତିକି ବେଳକୁ ମଣିଷ କଅଣ କମ୍ ବିପତ୍ତିରେ ପଡିଥିବ ?

ପାଞ୍ଚ ଦଶଟା ମଣିଷ ଦୁନିଆରେ ସୃଷ୍ଟି ହୋଇଥିବା କି ନାହିଁ, ଜଙ୍ଗଲ ଆଉ ଅସଂଖ୍ୟ ବାଘ ଭାଲୁ ନିଜର ଶିକାର ଖୋଜି ଅନେକଙ୍କୁ ଖାଇ ଦେଇଥିବା ଅସମ୍ଭବ ନୁହେଁ । କୌଣସି ଭୂମିକମ୍ପ ବା ଅଜଣା ବିପଦରେ ସେମାନଙ୍କ ଭିତରୁ ଅନେକ ମୃତ୍ୟୁବରଣ କରିଥିବା ସମ୍ଭବ । ସର୍ପାଘାତ ବା କୌଣସି ଉଦ୍ଭିଦଜ ବିଷ ପ୍ରକ୍ରିୟା ଏହି କ୍ଷୁଦ୍ର ଦଳକୁ ସଂଖ୍ୟାନ୍ୟୂନ କରିଦେଇଥିବ । ସେତେବେଳେ ପୃଥିବୀର କେଉଁ କୋଣରେ ଏମିତି ମଣିଷର ବିପତ୍ତି ଆଉ ବିବର୍ତ୍ତନର ଆଶା ମଧ୍ୟରେ ଲୁଚକାଳି ଖେଳ ଚାଲିଥିବ । ସମସ୍ତେ ମରିଗଲେ, ମଣିଷ ଧରାବକ୍ଷରୁ ସରିଯିବ । ପବନ ସାମନାରେ ଦୀପବତିଟିଏ ପରି ମଣିଷର ଅସ୍ତିତ୍ୱ ଲିଭି ନଯାଇ କିପରି ତିଷ୍ଠି ରହିଛି, ତାହା ଭାଗ୍ୟର କଥା । ପଡି ଯାଇନି ମଣିଷ ଏଇଠି । ବିପଦ ଟାଳି ନିଜର ସୁରକ୍ଷା କରିଛି ଆଉ ବନ୍ୟଜନ୍ତୁ ତା ସମାଜକୁ ଏମିତି ଲୋପ ପାଇବା ପରି ଘାତକ ହୋଇପାରିଲେ ନାହିଁ ।

ଏମିତି ଅହରହ ସଂଗ୍ରାମର ଜୀବନ ନେଇ ମଣିଷ ସୃଷ୍ଟି ହୋଇଛି ଆଉ ଇତିହାସର ପ୍ରଥମ ସୂର୍ଯ୍ୟୋଦୟ ପୂର୍ବରୁ ଅଦ୍ୟାବଧି ସେହିପରି ତାକତର୍କର ସନ୍ତର୍ପଣରେ ଆଗକୁ ଆଗକୁ ପାଦ ଥାପିଚାଲିଛି ।

## ମଣିଷର ଶାରୀରିକ ବିବର୍ତ୍ତନ ଶକ୍ତି

ମଣିଷ ପୃଥିବୀ ବକ୍ଷରେ କେବଳ ବିବର୍ତ୍ତନ ଶକ୍ତି ବଳରେ ତିଷ୍ଠି ପାରିଛି । ଡାରଉଇନ୍‌ଙ୍କ ତତ୍ତ୍ୱ ଅନୁସାରେ ଜୀବଜଗତର ଅବସ୍ଥାନ ନିମନ୍ତେ ଅହରହ ପ୍ରତିଯୋଗିତା ଲାଗି ରହିଛି । ସେହି ପ୍ରତିଯୋଗିତାରେ କେବଳ ଯିଏ ସମର୍ଥ ସିଏ ହିଁ ବଞ୍ଚିରହିବାର ସୁଯୋଗ ପାଏ, ହାରି ଯାଇଥିବା ଜୀବ ବିକାଶପଥରୁ ଅପସରି ଯାଏ ।

ସେହି ସୂତ୍ରରେ ମଣିଷ ଜୀବଜଗତର ଶ୍ରେଷ୍ଠତମ ପ୍ରାଣୀ ଭାବରେ ମୂଲ୍ୟାୟନ କରାଯାଏ । ମଣିଷର ପ୍ରତିଟି ଅଙ୍ଗ ପୃଥିବୀ ପୃଷ୍ଠରେ ଆବଶ୍ୟକତା ଅନୁସାରେ ବିବର୍ତ୍ତିତ ହୋଇଛି । ଉଦାହରଣ ସ୍ୱରୂପ ମଣିଷର ହାତର ପାଞ୍ଚ ଅଙ୍ଗୁଳି ଆମର ଆବଶ୍ୟକତା ନେଇ ବଡ ସାନ ଓ ସରୁ ମୋଟା ହୋଇ ଗଢା ହୋଇଛି । ଆମକୁ ଯଦି ପୃଥିବୀ ବ୍ୟତୀତ ଅନ୍ୟ କେଉଁ ପରିବେଶରେ ଜୀବନ ଧାରଣ କରିବାକୁ ପଡିଥାଆନ୍ତା, ତେବେ ଆବଶ୍ୟକ ଅନୁଯାୟୀ ଏହା ଅନ୍ୟ

ପ୍ରକାର ହୋଇଥାଆନ୍ତା । ଅବଶ୍ୟ ଏହି ବିବର୍ତ୍ତନ ଗୋଟିଏ ପୁରୁଷ ସମୟରେ ସମ୍ପନ୍ନ ହୋଇପାରେନି, ଏହା ପାଇଁ ହଜାର ହଜାର ବା ଲକ୍ଷ ଲକ୍ଷ ବର୍ଷ ସମୟ ଲାଗିଥାଏ । ଆମେ ଆଜି ମାଙ୍କଡ କାହିଁକି ମଣିଷ ହେଉନି ଚିନ୍ତା କଲେ, ତାହା କେତେ ଲକ୍ଷ ବର୍ଷର ବ୍ୟବଧାନରେ ହୋଇଛି, ଆମ ପରମାୟୁ ଭିତରେ ଖୋଜି ପାଇବା ସମ୍ଭବ ନୁହେଁ ।

ଆମ ଶରୀର ଏହିପରି ଭୂପୃଷ୍ଠରେ ଆମର ଗମନାଗମନ, ଚଳପ୍ରଚଳ ନିମନ୍ତେ ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି ତଥା ସମସ୍ତ ଇନ୍ଦ୍ରିୟାନୁଭୂତି ସେତିକି ବିବର୍ତ୍ତିତ ଯାହା ଫଳରେ ଆମେ ସ୍ୱୟଂ ସମର୍ଥ ଭାବରେ ଚଳିପାରିବୁ । ଏହା ଆମର ଇଚ୍ଛାଶକ୍ତି ଅନୁସାରେ ହୋଇନି । ବିବର୍ତ୍ତନ କଦାପି କାହାର ଇଚ୍ଛାଧୀନ ଶକ୍ତି ନୁହେଁ । ଏହା ଆମ ଶରୀରର ଗୋଟିଏ ଅଦୃଶ୍ୟ ଶକ୍ତି ଭାବରେ ବିକଶିତ ହେଉଛି । ପରିବେଶ ଆଉ ଆମର ବଞ୍ଚିରହିବାର ଅହରହ ସଂଗ୍ରାମ ମଧ୍ୟରେ ସମାଧାନ ସୂଚକ ଏହି ଧୀର ପ୍ରକ୍ରିୟା ଆମକୁ ତିଷ୍ଠି ରହିବାକୁ ସାମର୍ଥ୍ୟ ପ୍ରଦାନ କରେ ।

ଏହି ଜୀବନ ସଂଗ୍ରାମରେ ବିଜୟ ଲାଭ କଲେ ହିଁ କୌଣସି ପ୍ରାଣୀ ଜୀବନ ଧାରଣ କରିପାରିବ । ତା ନହେଲେ ଧରାପୃଷ୍ଠରେ ତାହାର କୌଣସି ସ୍ଥାନ ନାହିଁ ।

## ମଣିଷର ପରିବେଶ ସହିତ ସହାବସ୍ଥାନ

ମଣିଷ କାହିଁକି, ପ୍ରତିଟି ଜୀବ ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ, ତାହାର ଅନ୍ତ ଘଟିଥାଏ । ଏମିତି ଜୀବଜଗତର ବିବର୍ତ୍ତନ ଉପରେ ଦୃଷ୍ଟି ପକାଇଲେ, ଏହା ପ୍ରତୀୟମାନ ହୁଏ କି କେତେ ବିଶାଳାକାୟ ଡାଇନେସରସ୍ ପରି ପ୍ରାଣୀ ବି ପୃଥିବୀପୃଷ୍ଠରୁ ବିଦାୟ ନେଇଛନ୍ତି, ଯାହାକି ସେଇ ପ୍ରାଣୀଗୁଡ଼ିକର ପୋତି ହୋଇଥିବା କଂକାଳରୁ ପ୍ରମାଣିତ ହୁଏ । ଡାଇନେସରସ୍ ପରି ପ୍ରାଣୀର ଆଜି ଭୂପୃଷ୍ଠରେ ଏହି କଂକାଳ ବ୍ୟତୀତ କୌଣସି ଅବଶେଷ ନାହିଁ । ସେମିତି ଜୀବନସଂଗ୍ରାମରେ ପରିବେଶର ପରିବର୍ତ୍ତନରେ ସେହି ବିଶାଳାକାୟ ପ୍ରାଣୀଗୁଡ଼ିକ ପରାସ୍ତ ହୋଇଯାଇଛନ୍ତି ।

ଖାଲି ଡାଇନୋସରସ୍ ନୁହଁନ୍ତି, ଅନେକ ପ୍ରାଣୀ ଭୂପୃଷ୍ଠରୁ ବିଦାୟ ନେଇଛନ୍ତି, ସେମାନଙ୍କର ଅସ୍ତିତ୍ୱ ପ୍ରତ୍ନତତ୍ତ୍ୱବିତ୍ ମାନେ ଗବେଷଣାରୁ ପାଇଥାଆନ୍ତି । ସେହି ଦୃଷ୍ଟିରୁ କୁହାଯାଇ ପାରେ ମଣିଷ ନିଜ ଜୀବନ ସଂଗ୍ରାମରେ ଜିତିପାରିଛି ବୋଲି ଏ ଧରାବକ୍ଷରେ ଅଦ୍ୟାବଧି ତିଷ୍ଠିବାକୁ ସମର୍ଥ ହୋଇଛି । ଏହା ପୃଥିବୀର ପରିବର୍ତ୍ତନଶୀଳ ପରିବେଶରେ ମଣିଷ କାହିଁକି ସମସ୍ତ ଜୀବଜଗତ ପାଇଁ ବିବର୍ତ୍ତନ ଅହରହ ଅଦୃଶ୍ୟ ସଂଗ୍ରାମ ଭାବରେ ଅବତୀର୍ଣ୍ଣ ।

ମଣିଷ ପୂର୍ବରୁ ବାୟୁମଣ୍ଡଳର ଉତ୍ତାପ ହାରାହାରି ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ଚଳିବା ନିମନ୍ତେ ତାହାର ଶରୀର, ଜୀବ କୋଷ ଏବଂ ଜୀବକୋଷ ତଥା ଜୀବକୋଷର ଅସୁମାରି ଜୈବ ରସାୟନ ସୂକ୍ଷ୍ମଭାବରେ ସୃଷ୍ଟି ହୋଇଛି । ଏହି ଜୈବ ରସାୟନର କାର୍ଯ୍ୟକ୍ଷମତା ନିଶ୍ଚିତ ଭାବରେ ତାପ ନିର୍ଭରଶୀଳ । ଆଜିର ବିଶ୍ୱ ପରିବେଶରେ ଉତ୍ତାପ ବୃଦ୍ଧି ଗୋଟିଏ ସମସ୍ୟା ଭାବରେ ମୁଣ୍ଡ ଟେକିଲାଣି । ଆଜି କେତେକ ସ୍ଥାନରେ ଉତ୍ତାପ ୫୦ ଡିଗ୍ରୀ ସ୍ପର୍ଶକଲାଣି । ଏହି ପରିବର୍ତ୍ତିତ ପରିବେଶରେ ଜୀବନ ଧାରଣ କରିବା ସହଜ ନୁହେଁ । ପୁଣି ଉତ୍ତାପ ୬୦ ଡିଗ୍ରୀକୁ ବୃଦ୍ଧିପାଇବ । ସେତେବେଳେ ମଣିଷଜାତିକୁ ବା ସମଗ୍ର ଜୀବଜଗତକୁ କଅଣ ଘଟିବ ?

ଏହି ସଂଗ୍ରାମରେ ତିନୋଟି ଶେଷଫଳ ମିଳିପାରେ । ପ୍ରଥମତଃ ମଣିଷ ଶରୀରରେ ବିବର୍ତ୍ତନର ସ୍ୱର ଭାବରେ ଜୈବରସାୟନର ପରିବର୍ତ୍ତନ ଘଟି ଏହା ୬୦ ଡିଗ୍ରୀ ଉତ୍ତାପରେ କାର୍ଯ୍ୟକାରୀ ହେବାର ସାମର୍ଥ୍ୟ ମଣିଷକୁ ବଞ୍ଚିବାକୁ ସମର୍ଥ କରିବ । ଦ୍ୱିତୀୟରେ ମଣିଷ ନିଜ ବୁଦ୍ଧି ଆଉ ପ୍ରୟୋଗ ଶକ୍ତି ବଳରେ ଯଦି ପରିବେଶର ଉତ୍ତାପ କମାଇଦେବ, ତେବେ ତାକୁ ବଞ୍ଚିବାକୁ କୌଣସି ଅସୁବିଧା ହେବନାହିଁ । କିନ୍ତୁ ତୃତୀୟ ବିକଳ୍ପ ଭାବରେ ଯଦି ଜୈବରସାୟନର କୌଣସି ବିବର୍ତ୍ତନ ହେବନାହିଁ କି ମଣିଷ ପରିବେଶର ଉତ୍ତାପ ହ୍ରାସ କରିବାକୁ ସମର୍ଥ ହେବନାହିଁ, ତେବେ ମଣିଷ କିମ୍ବା ଜୀବଯନ୍ତୁ ଆଉ ତିଷ୍ଠିରହି ପାରିବେ ନାହିଁ । ବିଶ୍ୱର ତାପମାନ ସମସ୍ତଙ୍କୁ ନାଶ କରି ହୁ ହୁ ହୋଇ ପୁଣି ଅଗ୍ନି ପିଣ୍ଡୁଳା ପାଲଟି ଯିବ ।

ଏହି ପ୍ରକ୍ରିୟାରେ ଜୀବଜଗତ ଧ୍ୱଂସ ପାଇବ, ବିଶ୍ୱର ହଜାର ହଜାର ବର୍ଷର ବୌଦ୍ଧିକ ସମ୍ପତ୍ତି ବି ସମାପ୍ତ ତଥା ନଷ୍ଟ ହୋଇଯିବ । ଯଦି ବି ଏ ଧରା ପୁନରାୟ ଉତ୍ତାପ ଦୃଷ୍ଟିରୁ ଜୀବନ ଧାରଣକ୍ଷମ ହେବ, ପୁନରାୟ ବିବର୍ତ୍ତନ ଓ ପୁନରାୟ ଶୂନ୍ୟ ସ୍ତରରୁ ସଭ୍ୟତା ଓ ବୌଦ୍ଧିକତାର ଅୟମାରମ୍ଭ ଘଟିପାରେ କି ବିକୃତ ହୋଇପାରେ, ତାହା ଚିନ୍ତା କରିବା କଠିନ ।

ଏହିପରି ଭାବରେ ମଣିଷ ନିଜ ବାହ୍ୟ ପରିବେଶରେ ରହିଥିବା ସମସ୍ତ ବିପଜ୍ଜନକ ଉପାଦାନ ଠାରୁ ନିଜକୁ ସୁରକ୍ଷିତ ରଖିବାପାଇଁ ତା ଶରୀରରେ ଅନେକ ପରିବର୍ତ୍ତନ ଓ ଉପଯୋଗୀ କରାଇବାର ଉଦ୍ୟମ ରହିଛି । ଗ୍ରୀଷ୍ମର ଉତ୍ତାପରୁ ଏବଂ ଶୀତର ଆଧିକ୍ୟରୁ କେତେକାଂଶରେ ରକ୍ଷା ପାଇବା ପାଇଁ ତାହାର ଶାରୀରିକ ଶକ୍ତି ଅନ୍ତର୍ନିହିତ ଥିବା ଦେଖାଯାଏ । ଜଣେ ଲୋକ ହିମାଳୟ ପରି ପାହାଡ଼ର ଉଚ୍ଚତାରେ ରହିଲେ, ତାହାର ଶରୀର ଭୂପୃଷ୍ଠର ବାୟୁମଣ୍ଡଳରୁ ଯେତିକି ଅମ୍ଳଜାନ ପାଉଥିଲା ତାହା ବହୁତ କମିଯାଏ । ଫଳରେ ଉଚ୍ଚତାରେ ରହୁଥିବା ଲୋକ ଅଣନିଶ୍ୱାସୀ ହୋଇପଡେ । ମାତ୍ର ଦିନ ଦିନ ଧରି ଏହି କମ୍ ଅମ୍ଳଜାନ ଥିବା ଉଚ୍ଚତାରେ ବାସ କଲେ, ତାହାର ଶରୀରରେ ଏମିତି ସହାବସ୍ଥାନ ଶକ୍ତିର ଉଦ୍ଭବ ହୁଏ, ତା ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ଏବଂ ଅମ୍ଳଜାନ ଧାରଣ ଶକ୍ତି ତ୍ୱରାନ୍ୱିତ ହୁଏ, ସେ ଆଉ କୌଣସି ଅସୁବିଧା ଭୋଗେ ନାହିଁ ।

ଏଗୁଡ଼ିକୁ ଆମେ ଆମ ଶରୀରର ବିବର୍ତ୍ତନ ପ୍ରକ୍ରିୟା କହିବା ନା ଅନ୍ତର୍ନିହିତ ଶକ୍ତି କହିବା ? ଏମିତି ଦିନକୁ ଦିନ ଆମର ପ୍ରାକୃତିକ ପରିବେଶ, ବାୟୁମଣ୍ଡଳ, ଯାନ୍ତ୍ରିକ ପରିବେଶ ସବୁଠାରେ ନୂତନତ୍ୱ ଦେଖିବାକୁ ମିଳେ । ଆମ ଶରୀରରେ ଉପଯୋଗିତା ତଥା ସହଭାଗିତା ଶକ୍ତି ନଥିଲେ, ଆମେ ଚଳିବା ସମ୍ଭବ ହେବନାହିଁ ।

## ମଣିଷର ସାମାଜିକ ବିବର୍ତ୍ତନ ଓ ସାମାଜିକ ଶକ୍ତି

ମଣିଷର ସାମାଜିକତାର କାରଣ କଅଣ ହୋଇପାରେ ? କାହିଁକି ମଣିଷର ଏମିତି ସଂଘବଦ୍ଧ ଭାବରେ ରହିବାର ପ୍ରବୃତ୍ତିର ମୂଳ ତତ୍ତ୍ୱ ହେଉଛି, ସିଏ

ନିକଟରେ, ଦୂରରେ ଅବା ଅସମୟରେ ଦୁର୍ଘଟଣା ବା ଦୈବ ଦୁର୍ବିପାକରେ ଏକୁଟିଆ ସେଗୁଡ଼ିକର ସମାଧାନ କରିବାକୁ ସମର୍ଥ ନହେବା କାରଣରୁ ଅନେକଙ୍କ ସହ ମିଶି ନିଜକୁ ସୁରକ୍ଷିତ ବୋଲି ମନେକରିବ।

ପ୍ରାଚୀନ କାଳର କଥା ତ ଭିନ୍ନ। ଆଜି ଗୋଟିଏ ଆଦିବାସୀ ଗ୍ରାମକୁ ଯାଇ ଏକୁଟିଆ ରହିବାର ଅସୁବିଧା କଅଣ ବୋଲି ଲୋକଙ୍କୁ ପଚାରିଲେ, ଉତ୍ତର ମିଳିବ, ଏକୁଟିଆ କାରବାର ହେଲେ ବାଘ ଖାଇଦେବ। ସେହି ପରି କାରଣରୁ ଏକତ୍ରିତ ହୋଇଥିବା ମଣିଷ ଅନେକ କ୍ଷେତ୍ରରେ ସୁବିଧା ନିମନ୍ତେ ସାମାଜିକତାର ବଶବର୍ତ୍ତୀ ହୋଇଛି। ଜାଣିଛି ଅସାମାଜିକ ହେଲେ ତା ଜୀବନ ଓ ସମ୍ପଦ ପ୍ରତି ବିପଦ ଆସନ୍ନ।

ଏହିଭଳି କାରଣରୁ ସମାଜ ଗଠନ କରିଥିବା ମଣିଷ ନିଜର ସମାଜର ଆକାର ଆବଶ୍ୟକତା ନେଇ ବୃଦ୍ଧି କରିଛି। ଛୋଟ ଛୋଟ ଗୋଠରୁ ରାଜ୍ୟ ଏବଂ ରାଜ୍ୟରୁ ରାଷ୍ଟ୍ର ଗଠନ କରିଛି। ସମସ୍ତ ନିବାରଣ-ଯୋଗ୍ୟ ସାମାଜିକ ସୁରକ୍ଷା ସହିତ ବିପର୍ଯ୍ୟୟର ପ୍ରଶମନର ଦିଗ ଖୋଜି ବୁଲୁଛି। ଏହି ସାମାଜିକତା ଆଉ ମାନସିକତା ଫଳରେ ବିଶ୍ୱ ଏକ ପରିବାରରେ ପରିଣତ ହୋଇ ଗଲାଣି। ପାଞ୍ଚଜଣ ଆକାଶ ଦୁର୍ଘଟଣାରେ କାନାଡାରେ ମୃତ୍ୟୁବରଣ କଲେ, ସମଗ୍ର ବିଶ୍ୱବାସୀ ଏହି ସମ୍ବାଦରେ ମର୍ମାହତ ହେଉଛନ୍ତି।

ଏମିତି ପ୍ରତିଦିନ ଅସଂଖ୍ୟ ଦୁର୍ଘଟଣା ଆଉ ବିପର୍ଯ୍ୟୟ ମଣିଷ, ଜୀବଜନ୍ତୁ କ୍ଷୟକ୍ଷତି ପାଇଁ ମନରେ ଆଘାତ ଆସେ। ଏହା ମଣିଷର ସାମାଜିକତାର କାରଣ। ଯଦି ମଣିଷ ସାମାଜିକ ହୋଇ ନଥାନ୍ତା, ତେବେ ତାହା ଇତର ପ୍ରାଣୀଙ୍କ ପରି ଅଜ୍ଞାତ ଏବଂ ନିର୍ବୁଦ୍ଧିଆ ହୋଇ ରହିଯାଇ ଥାଆନ୍ତା। ପ୍ରକୃତିର ତାଡ଼ନାକୁ ସାମନା କରି ନପାରି ଆଜିପରି ଭୂପୃଷ୍ଠର ଶ୍ରେଷ୍ଠ ପ୍ରାଣୀ ହୋଇ ନଥାନ୍ତା। ମଣିଷର ସାମାଜିକତା ତାର ଅନ୍ତସ୍ଥ ପ୍ରକୃତି ବା ବିପର୍ଯ୍ୟୟ ମୁକାବିଲା କରିବାର ଆବଶ୍ୟକତା, ଏହା ନିର୍ଣ୍ଣୟ କରାଯାଇ ପାରେ।

## ଭୂପୃଷ୍ଠରେ ମଣିଷର ବିପର୍ଯ୍ୟୟର ଭୟାବହତାର ଅନୁଭୂତି

ମଣିଷ ନିଜକୁ ଗୋଟିଏ ଜୀବ ଭାବରେ ନିଜର ମୂଲ୍ୟବୋଧ କରିବା ପୂର୍ବରୁ ବିପଦ ଏବଂ ବିପର୍ଯ୍ୟୟ ତାହାର ପିଛା ଛାଡ଼ିନାହିଁ। ଜୀବ ଭାବରେ ମଣିଷ ରୂପ ନେବା ପୂର୍ବର ବିଶ୍ୱ ତାପମାନ, ଅମ୍ଳଜାନ ସୃଷ୍ଟି ସବୁ ପରେ ପ୍ରଥମ ମଣିଷ ଉତ୍ତାପ ଏବଂ ଧୂମମୟ ପରିବେଶରେ ଅଣନିଶ୍ୱାସୀ ହୋଇପଡ଼ିଛି। ଏହି ଦୁର୍ଦ୍ଦଶାମୟ ସମୟର କୌଣସି ହିସାବ ରହିପାରିନି।

ଆଧୁନିକତା ଆଜିକାର ପ୍ରସଙ୍ଗ, ମାତ୍ର ଆନ୍ତର୍ଜାତିକ ସମ୍ପର୍କ ସଭ୍ୟତାର ପ୍ରାରମ୍ଭରୁ ତିଷ୍ଠି ରହିଛି। ମଣିଷ ବହୁ ଲକ୍ଷ ବର୍ଷ ଭୂପୃଷ୍ଠରେ ଅବତୀର୍ଣ୍ଣ ହେଲେହେଁ, ସେମାନେ ମାତ୍ର ସାତ ହଜାର ବର୍ଷ ହେବ ଦଳ ଦଳ ହୋଇ ଶିକାର, ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରିବା ସହ ଅନ୍ୟ ଦଳ, ହିଂସ୍ର ପଶୁ ଓ ପ୍ରତିକୂଳ ପାଗ ପ୍ରତି ସଚେତନ ହେଲେ। ରୋମ୍‌ର ପତନ ଠାରୁ ମୌର୍ଯ୍ୟ ରାଜବଂଶର ପତନ ପର୍ଯ୍ୟନ୍ତ ପ୍ରତ୍ନତାତ୍ତ୍ୱିକ ତଥ୍ୟ ଅନୁଧ୍ୟାନ କଲେ ଦେଖାଯାଏ ଯେ, ପାଞ୍ଚଟି କାରଣ ସଭ୍ୟତାର ପତନ ଘଟାଇଥିଲା। ଅଣନିୟନ୍ତ୍ରିତ ଜନସମାଗମ, ନୂଆ ମହାମାରୀ ରୋଗ, ନିମ୍ନଗାମୀ ରାଜ୍ୟ ଓ ତାହାର ଅତ୍ୟଧିକ ଯୁଦ୍ଧ ପ୍ରବଣତା ତଥା ବ୍ୟବସାୟିକ ରାସ୍ତା ଗୁଡ଼ିକର କ୍ଷୟ ଏହି ସବୁ କାରଣ ଅଟେ।

ମହାମାରୀ ଇତିହାସର ଅମା ଅନ୍ଧକାରରୁ ରାଷ୍ଟ୍ରର ତଥା ପ୍ରଜାମାନଙ୍କର ପରମଶତ୍ରୁ ଭାବରେ ଉଭା ହୋଇଛି। ଏହା ଜନ କ୍ଷୟ କରେ, ଧନ କ୍ଷୟ କରେ ତଥା ରାଜ୍ୟର ରାଜା ଓ ପ୍ରଜା ସମସ୍ତଙ୍କୁ ହତାଶ କରି ଛାଡ଼େ। ଇତିହାସ ପୃଷ୍ଠାରେ ସେହି ମାରାତ୍ମକ ରୋଗ ଗୁଡ଼ିକ ଆଜି ଆମେ ଯାହା ଚିହ୍ନି ପାରୁଛେ, ସେ ରୋଗ ଅବଶ୍ୟ ସେ ସମୟରେ ଅଚିହ୍ନା ଥିଲା, ମହାମାରୀ ରଚାଇଥିବା ସେ ରୋଗଗୁଡ଼ିକ ହେଉଛି ମାଲେରିଆ, ଯକ୍ଷ୍ମା, କୁଷ୍ଠରୋଗ, ଇନଫ୍ଲୁଏଞ୍ଜା, ବସନ୍ତ ରୋଗ, ହଇଜା ଇତ୍ୟାଦି। ମଣିଷ ଯେତେ ଯେତେ ଶିକ୍ଷିତ ହେଲା, ନୂଆ ନୂଆ ଉଚ୍ଚତର ସୌଧ ନିର୍ମାଣକଲା, ଅନ୍ୟାନ୍ୟ ନଗର ଗୁଡ଼ିକୁ ବେପାର ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ କଲା ତଥା ପରସ୍ପର ମଧ୍ୟରେ ଯୁଦ୍ଧ ରଚନା କଲା, ତାହା ହିଁ ମହାମାରୀକୁ ନିମନ୍ତ୍ରଣ ବୋଲି ଧରି ନେବା ହିଁ ସାର।

ରୋଗର ପ୍ରାଦୁର୍ଭାବ ଜୀବନ ଓ ଜୀବିକାକୁ ସାଂଘାତିକ ଭାବରେ ପ୍ରତିହତ କରିଛି। ହିସାବ ତ ନାହିଁ ବହୁତ ରୋଗ ଓ ମୃତ୍ୟୁ ବିଭୀଷିକାର, ମାତ୍ର ବିଶାଳାକାୟ ମହାମାରୀ ଗୁଡ଼ିକ ମଣିଷ ସ୍ମରଣରୁ ଦୂର ହୋଇପାରିନାହିଁ। ଉତ୍ତରୋପର କନଷ୍ଟାଣ୍ଟିନୋପ୍ଲ (ଆଜିର ଇସ୍ତାନବୁଲ୍, ତୁର୍କୀ) ର ଜଷ୍ଟିନିଆନ ପ୍ଲେଗ୍ କେଇ ବର୍ଷ ଇଉରୋପରେ ଆତଙ୍କ ଖେଳାଇଥିଲା। ଏଇଟା ହୋଇପାରେ ୫୪୧ ରୁ ୫୪୨ ମସିହାର ଘଟଣା। ତା ପରର ବିଶାଳ ପ୍ଲେଗ୍ ମହାମାରୀ (୧୩୪୬ ରୁ ୧୩୫୦) ଇୟୁରୋପର 'କଳା ମୃତ୍ୟୁ' ଭାବରେ ପରିଚିତ। ଏହି ଦୁଇ ବର୍ଷ ଅବଧିରେ ଲୋକମାନେ ପୋକମାଛି ପରି ମରି ପଡିଲେ।

ହଇଜା ରୋଗ ବି ଇତିହାସରେ କମ୍ ମହାମାରୀ ସୃଷ୍ଟି କରିନି। ଉଦାହରଣ ଭାବରେ କୁହାଯାଇ ପାରେ ଯେ, ୧୮୯୯ରୁ ୧୯୨୩ ମଧ୍ୟରେ ଛଅଟି ହଇଜା ମହାମାରୀ ବହୁ ଜୀବନ ନାଶ କରିଥିଲା। ସେହିପରି ଭୂତାଣୁ ଜନିତ ରୋଗଗୁଡ଼ିକ ବାୟବୀୟ ସଂକ୍ରମଣ ହୋଇ ବିଶ୍ୱର ଅନିୟନ୍ତ୍ରିତ ଶତ୍ରୁ ଭାବରେ ଉଭା ହୋଇଛନ୍ତି। ୧୯୧୮ ରୁ ୧୯୨୦ ପର୍ଯ୍ୟନ୍ତ ଦୁଇବର୍ଷ ସ୍ପାନିସ୍ ଫ୍ଲୁ ସଂକ୍ରମଣରେ ବିଶ୍ୱର ୫୦ ନିୟୁତରୁ ୧୦୦ ନିୟୁତ ପର୍ଯ୍ୟନ୍ତ ଲୋକ ମୃତ୍ୟୁବରଣ କରିଛନ୍ତି। ମଝିରେ ମଝିରେ ଏସିଆନ ଫ୍ଲୁ, ହଂକଂ ଫ୍ଲୁ, ସ୍ୱାଇନ୍ ଫ୍ଲୁ ମହାମାରୀ ରୂପରେ ଆସୁଛନ୍ତି। ୨୦୦୬ ବେଳକୁ ସାର୍ସ ଭୂତାଣୁର ବାୟବୀୟ ସଂକ୍ରମଣ ମହାମାରୀ ଜଗତରେ ଉଦାହରଣ ସ୍ୱରୂପ ମଣିଷ ପ୍ରତି ଭବିଷ୍ୟତରେ କାଳ ହେବ ବୋଲି ଆଭାସ ଦେଇଛି।

ବିଶ୍ୱ ଆଜି ୨୦୧୯ରେ କରୋନା ଭୂତାଣୁର ମୁହାଁମୁହିଁ ହୋଇଛି। ଏହି ମହାମାରୀ ଅନେକଟା ନିକଟ ଅତୀତ ମହାମାରୀ ପରି ଜୀବ ଜଗତରୁ ଉଦ୍ଭବ ବୋଲି ଜଣାଯାଏ। ଏହି ରୋଗ ମଣିଷର ପଶୁପକ୍ଷୀଙ୍କ ସହିତ ନିକଟତର ସମ୍ପର୍କର ଅପ୍ରକାଶିତ ସୂଚନା ବ୍ୟକ୍ତ କରେ।

କେବଳ ମହାମାରୀ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରି ନିଧନ କରିବାକୁ ଏକମାତ୍ର ରାସ୍ତା ନୁହେଁ। ତାହା ଠାରୁ ବିପଜ୍ଜନକ ରାସ୍ତା ହେଉଛି, ବିଶ୍ୱଯୁଦ୍ଧ ଓ ବାତ୍ୟା, ଭୂମିକମ୍ପ ପରି ଉଜାଡ଼ି ପକାଉଥିବା ପ୍ରାକୃତିକ ବିପର୍ଯ୍ୟୟ।

ପ୍ରଥମ ବିଶ୍ୱଯୁଦ୍ଧରେ ଅନ୍ୟୂନ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିସାବ ଅନୁସାରେ ୧୬ ନିୟୁତ ଲୋକ ନିଧନ

ହୋଇଥିଲେ । ହିସାବ ଅନୁସାରେ ୨୦ ରୁ ୨୫ ନିୟୁତ ଲୋକ ପ୍ଲେଗ୍ କଳା ମୃତ୍ୟୁ (Black Death) ମହାମାରୀରେ ପ୍ରାଣ ହରାଇଥିଲେ । ୧୯୧୮ ମସିହା ଇନଫ୍ଲୁଏଞ୍ଜା ମୃତ୍ୟୁ ପରିମାଣ ୨୦ରୁ ୪୦ ନିୟୁତ ବୋଲି ଆକଳନ କରାଯାଇ ପାରେ ।

ତୃତୀୟ ବିଶ୍ୱ ଯୁଦ୍ଧ ନାମଟି ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ସହ ମଣିଷ ସମାଜ ପ୍ରତି ଆହୁରି ସହସ୍ର ବେଦନାର ଭାର ବହନ କରେ । ଏହି କଳ୍ପିତ ସମର ବିଷୟରେ ଅନେକ କଳ୍ପନା ଜଳ୍ପନା ଶୁଣିବାକୁ ମିଳେ । ଏହି ନାମଟି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରକାଳରେ ବିଶ୍ୱବ୍ୟାପୀ ସାମରିକ ଦ୍ୱନ୍ଦ୍ୱକୁ ବୁଝାଇବ ବୋଲି ଆଶଙ୍କା କରି ନାମକରଣ କରାଯାଇଛି । ୧୯୪୧ ମସିହା ପରଠାରୁ ଏହିଶବ୍ଦଟି ପ୍ରଚଳିତ ଅଛି । କେତେ ଜଣ ବି ଏହାକୁ ଛୋଟ ଛୋଟ ସାମରିକ ଘଟଣାକୁ ନେଇ ତୃତୀୟ ବିଶ୍ୱଯୁଦ୍ଧର ସୂଚକ ବୋଲି ଇଙ୍ଗିତ ବୋଲି ମନେକରନ୍ତି । ଏମିତିକି ଶୀତଳ ଯୁଦ୍ଧ (Cold War) କିମ୍ବା ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମ (War on Terror)କୁ ଭବିଷ୍ୟତ ତୃତୀୟ ବିଶ୍ୱ ଯୁଦ୍ଧର ମୂଳସୂତ୍ର ଭାବରେ ନାମିତ କରନ୍ତି । ଅନେକ ମତ ଦିଅନ୍ତି ଯେ, ଏହି ତୃତୀୟ ମହାସମର ଆରମ୍ଭ ହୋଇଗଲେ, ଏହା ନିର୍ବାପିତ ହେବା ଅସମ୍ଭବ ହୋଇ ପଡିବ । ଏହି ତୃତୀୟ ବିଶ୍ୱଯୁଦ୍ଧ ଅଦ୍ୟାବଧି ହୋଇନି, ପୂର୍ବ ବିଶ୍ୱଯୁଦ୍ଧ ଅଭିଜ୍ଞତାରୁ ଏହା ମଣିଷର ଆତ୍ମଘାତୀ ପରିସମାପ୍ତିର ଦୃଶ୍ୟପଟ ହେବ ବୋଲି ଆଶଙ୍କା କରାଯାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ମୁହୂର୍ତ୍ତରେ ଆଣବିକ ଅସ୍ତ୍ରର ପ୍ରୟୋଗ ଯେପରି କାମ କଲା, ଏହାର ଆବଶ୍ୟକତା ଆସନ୍ତା ଯୁଦ୍ଧଗୁଡ଼ିକରେ ନିଶ୍ଚିତ ରହିବ ବୋଲି ସାରା ବିଶ୍ୱକୁ ପ୍ରତୀୟମାନ ହେଲା । ଏମିତିକି ବହୁତ ରାଷ୍ଟ୍ର ଏହି ଆଣବିକ ଅସ୍ତ୍ର ବିକାଶ କରି ମହଜୁଦ୍ ରଖିଲେ । ଏହି କାରଣରୁ ସମସ୍ତଙ୍କର ନିଦ ହଜିଗଲା । ଯେବେ ବି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କନ୍ଦଳ ଉପୁଜିବ, ତୃତୀୟ ବିଶ୍ୱଯୁଦ୍ଧ ଲାଗିଯିବ ଏବଂ ଏହା ପରମାଣବିକ ଯୁଦ୍ଧରେ ପରିଣତ ହେବ ।

ଏହା ବ୍ୟତୀତ ଆଉ ଗୋଟିଏ ଦିଗ ହେଉଛି ଜୀବାସ୍ତ୍ର ପ୍ରୟୋଗରେ ଶତ୍ରୁପକ୍ଷକୁ ଧ୍ୱଂସ କରିବା । ଏହା ଦ୍ୱାରା ଅତି ବର୍ଦ୍ଧିତ ମାତ୍ରାରେ ଜନସାମାଜକୁ କ୍ଷତି ଘଟିବ । ଏହି ଜୀବାସ୍ତ୍ର ଗୁଡ଼ିକ ପ୍ରୟୋଗ ହେଲା ପରେ ଏମିତି ରୂପ ପରିବର୍ତ୍ତନ କରିବାର ଭୟ ରହିଛି ଯେ, ତଦ୍ୱାରା ଭୂପୃଷ୍ଠ ଆଉ ମଣିଷ ପାଇଁ ବାସଯୋଗ୍ୟ ହୋଇ ରହିବ ନାହିଁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ପ୍ରଥମ ବିଶ୍ୱଯୁଦ୍ଧ ସମସ୍ତ ଯୁଦ୍ଧର ଅନ୍ତ ବୋଲି ମନେ କରାଯାଉଥିଲା । ଆଉ ବିଶ୍ୱସ୍ତରରେ କିଛି ଅବୁଝାମଣା ସୃଷ୍ଟି ହେବ ନାହିଁ ବୋଲି ସମସ୍ତେ ଅନୁମାନ କରୁଥିଲେ । ମାତ୍ର ଦୁଇ ବିଶ୍ୱଯୁଦ୍ଧ ମଧ୍ୟବର୍ତ୍ତୀ କାଳରେ ପୁଣି ବିଶ୍ୱରେ ଦ୍ୱନ୍ଦ୍ୱ ଏମିତି ସ୍ତରକୁ ଆସିଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡିଲା । ଲୋକମାନଙ୍କର ବିଶ୍ୱାସ ଯୁଦ୍ଧଖୋର ମଣିଷର ରାଜନୈତିକ ପ୍ରବୃତ୍ତି ଆଗରେ ହାର ମାନିଲା । ୧୯୪୫ ମସିହାର ଶୀତଳ ଯୁଦ୍ଧ ଆଉ ରୁଷିଆର ଆଣବିକ ବିକାଶ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ବୃଦ୍ଧିକଲା । ଏହି ଆଣବିକ ବିକାଶ ଫଳରେ ପରସ୍ପରକୁ ବିଧ୍ୱସ୍ତ କରିବାର ପ୍ରସ୍ତାବ ବିଶ୍ୱକୁ ମାନବଶୂନ୍ୟ କରିବାର ଧାରଣା ସୃଷ୍ଟିକଲା । ଏହିଭଳି ମାନବସମାଜକୁ ବଳି ପକାଇବାର ସାଧ କେବଳ ଆମେରିକା ଆଉ ରୁଷିଆ ପରି ବିଶ୍ୱର ଦୁଇ ମହାଶକ୍ତି ହାତର ସାମର୍ଥ୍ୟ ବୋଲି ଧାରଣା ସୃଷ୍ଟି ହେଲା ।

୧୯୪୯ ବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣବିକ ଶକ୍ତିର ଅବପାତ ଚାଲିଥିବା ବେଳେ, ଆଇନଷ୍ଟାଇନ୍ ଭବିଷ୍ୟବାଣୀ କରିଥିଲେ, ତୃତୀୟ ବିଶ୍ୱଯୁଦ୍ଧ ଯଦି ହୁଏ, ତା ପରେ ମଣିଷ ପ୍ରସ୍ତର ଯୁଗକୁ ଅବନ୍ନୀତ ହୋଇଯିବ । ତାଙ୍କୁ ଆଲଫ୍ରେଡ୍ ୱେର୍ନର ନାମଧାରୀ ସାମ୍ବାଦିକ ପଚାରିଥିଲେ ତୃତୀୟ ବିଶ୍ୱଯୁଦ୍ଧ କେଉଁ ଅସ୍ତ୍ରରେ ସମାହିତ ହେବ ? ଆଇନ୍ ଷ୍ଟାଇନ୍ ଉତ୍ତର ଦେଇଥିଲେ, ତୃତୀୟ ବିଶ୍ୱଯୁଦ୍ଧ କେଉଁ ଥିରେ ହେବ, କହିପାରିବିନି, ଚତୁର୍ଥ ବିଶ୍ୱଯୁଦ୍ଧ ବାଡ଼ି ଆଉ ଗୋଡ଼ି ପଥରରେ ହେବ ।

ମହାମାରୀ ଆଉ ମଣିଷ ସୃଷ୍ଟ ବିଶ୍ୱଯୁଦ୍ଧର ବିଭୀଷିକାକୁ ବଳି ପଡେ ବିଶାଳ ପ୍ରାକୃତିକ ବିପର୍ଯ୍ୟୟ । ସୁନାମି, ଭୂମିକମ୍ପ, ଭୂସ୍ଖଳନ, ବାତ୍ୟା, ମହାବାତ୍ୟା ବିଶ୍ୱର ବିରାଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜନରାଶିର ମୃତ୍ୟୁ ଘଟାଏ । ଏହା ତ ଭୂପୃଷ୍ଠରେ ନିତିଦିନିଆ ଘଟଣା ହୋଇଗଲାଣି ।

ମଣିଷ ଅଜାଣତରେ ବିଶ୍ୱକୁ ବାସୋପଯୋଗୀ ସ୍ଥିତିରୁ ବିପଜ୍ଜନକ ଗ୍ରହ ଭାବରେ ପରିଣତ କରି ସାରିଲାଣି । ବିଶାଳ ଜନରାଶି ଭୂପୃଷ୍ଠରେ ଅସନ୍ତୁଳନ ସୃଷ୍ଟି କରିବା ଫଳରେ ଅନ୍ୟାନ୍ୟ ଜୀବଜନ୍ତୁ ହ୍ରାସ ପାଇଛନ୍ତି । ଜଙ୍ଗଲ କ୍ଷୟ ହୋଇଗଲାଣି । ଭୂପୃଷ୍ଠର ତାପମାତ୍ରା ହୁ ହୁ ହୋଇ ବଢ଼ିଚାଲିଛି । ଏହା ଦିନେ ଜୀବନ ପ୍ରତି ଏମିତି ବିପଦ ସୃଷ୍ଟି କରିବ, ମଣିଷ କଅଣ କୌଣସି ଜୀବଜନ୍ତୁ ବଞ୍ଚି ରହିବାକୁ ସକ୍ଷମ ହେବେନାହିଁ । ସେହି କାରଣରୁ ଋତୁଚକ୍ର ସମ୍ପୂର୍ଣ୍ଣ ରୂପେ ବଦଳି ଗଲାଣି । ପ୍ରାକୃତିକ ବିପର୍ଯ୍ୟୟ ଚରମ ସୀମାରେ ପହଞ୍ଚି ଗଲାଣି । ଫଳ ସ୍ୱରୂପ ସବୁ ଦିନ ଗୋଟିଏ ସାମୁଦ୍ରିକ ବାତ୍ୟା ନାମକରଣ ହୋଇ କେବଳ ଇତିହାସରେ ଗୁନ୍ଥା ହେଉନି, ଏହା ମାନବ ସମାଜ ଆଉ ପ୍ରାକୃତିକ ସମ୍ବଳର ଧ୍ୱଂସକାରୀ ହୋଇଛି । ଏଭଳି ପରିସ୍ଥିତିରେ ଦଶ ପଚାଶ ବର୍ଷ ବେଳକୁ ବିଶ୍ୱର ପ୍ରତିଟି କୋଣରେ କେତେ ପ୍ରକାର ବିପଦ ମୁଣ୍ଡ ଟେକିବ, ଏମିତି କି ମଣିଷ ବଞ୍ଚିବା ଦୁରୂହ ହୋଇପଡିବ ।

ଏହା ସହିତ ମଣିଷର କ୍ରୁର ପ୍ରକୃତି ଆଉସ୍ୱେଚ୍ଛାରେ ସମୂହ ଆତ୍ମଘାତି ବିପଦ ବରଣ କରିବାର ଉଦାହରଣ ବର୍ତ୍ତମାନର କୋଭିଡ୍ ବିଶ୍ୱମହାମାରୀରୁ ପ୍ରତୀୟମାନ ହୁଏ । ନିଜେ ଭୂତାଣୁ ଗବେଷଣାରୁ ମଣିଷ ଉପରେ ପରମାଣୁ ବୋମା ପରି ଝଡି ପଡିଥିବା କୋଭିଡ୍ ଭୂତାଣୁ ନିୟୁତ ନିୟୁତ ଜନରାଶିର ଯମ ସାଜିବା ପରେ ବି ଛାଡି ଚାଲିଯିବାର ନା ଧରୁନି । ରୂପ ବଦଳାଉଛି, ସଂକ୍ରମଣ ଗତି ତ୍ୱରାନ୍ୱିତ କରୁଛି, ମଣିଷ ସମାଜକୁ ନିଶ୍ଚିହ୍ନ କରିବାର ଅଦମ୍ୟ ଉପାୟ ଅବଲମ୍ବନ କରିଚାଲିଛି ।

ଏହି କୋଭିଡ୍ ଭୂତାଣୁ ଆସିବା ପରଠାରୁ ମଣିଷ ନିଶ୍ଚିହ୍ନ ହେବାର ଶବ୍ଦ ଶୁଣିବାକୁ ମିଳୁଛି । ଆଗରୁ ମଣିଷ ନିଶ୍ଚିହ୍ନ ହୋଇଯିବ, ଏହି ଆଶଙ୍କା କାହା ମନକୁ ଆସୁ ନଥିଲା କି କେହି ସଦ୍ୟ ଦୁନିଆ ଭୁଶୁଡି ପଡିବ ବୋଲି କାହାର ଧାରଣା ନଥିଲା ।

ଏମିତି ମଣିଷ ଜାତି ବିଶ୍ୱ ପୃଷ୍ଠରେ ଥରକୁ ଥର ମୃତାହତ ହୋଇ ପୁନଶ୍ଚ ନୂତନ କଳିକା ପରି ଜୀବନ୍ୟାସ ପାଇଛି । ଥରକୁ ଥର ଭୂମିଷ୍ଟ ହୋଇ

କଷ୍ଟେମଷ୍ଟେ ବିପଦରୁ ମୁକ୍ତ ହୋଇ ସଭ୍ୟତାର ଦିଗ ବଦଳାଇଛି । ଏହି ଅତୀତର ଦାରୁଣ ଅଭିଜ୍ଞତା ଯେ ଆମକୁ ଅନେକ ସତର୍କ କରିଛି ଆଉ ଭବିଷ୍ୟତ ପାଇଁ ସାହସ ଦେଇପାରିବ ସେଥିରେ ସନ୍ଦେହ ନାହିଁ ।

## ମଣିଷର ବୌଦ୍ଧିକ ବିକାଶ, ଏକାଗ୍ରତା ଏବଂ ଯନ୍ତ୍ରଶକ୍ତିର ଉପଯୋଗ

ମଣିଷର ମସ୍ତିଷ୍କର ସ୍ୱତନ୍ତ୍ରତା ଯୋଗୁ ସେ ସମଗ୍ର ଜୀବଜଗତରେ ବୁଦ୍ଧି ବଳରେ ନିଜକୁ ଗଢ଼ିପାରିଛି । ଇତର ଜୀବମାନେ ଏକାଠି ରହୁଥିଲେ ମଧ ସେମାନଙ୍କର ସୀମିତ ବୁଦ୍ଧି ବଳରେ ମଣିଷର ସମକକ୍ଷ ହୋଇ ପାରି ନାହାନ୍ତି ।

ବୁଦ୍ଧିର ବିକାଶ ସହିତ ମଣିଷ ସମାଜ ଗଠନ ଆଉ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ସମସ୍ତ ବୁଦ୍ଧି ଖଟାଇ ନଈବଢ଼ି, ବାତ୍ୟା, ମହାମାରୀ ଆଦି ନିୟନ୍ତ୍ରଣ କରିବାର ମସୁଧା ଅଦ୍ୟାବଧି ଚାଲିଛି । ଏହି ଦିଗରେ ଭୌଗୋଳିକ ସୀମା ଆଉ ଦେଶ ନିର୍ବିଶେଷରେ ସମସ୍ତ ଉଦ୍ୟମ ଯାନ୍ତ୍ରିକ ପ୍ରୟୋଗ, ରାଜନୈତିକ ନିଷ୍ଠା ଅବା ଆର୍ଥିକ ବିନିଯୋଗ ଦିଗରେ ଏକାକାର ।

ବାତ୍ୟା ପୂର୍ବରୁ ଯେତିକି ମୃତାହତର ପରିସଂଖ୍ୟାନ ସୃଷ୍ଟି କରୁଥିଲା, ଆଜି ଦିନରେ ତାହା ଯଥେଷ୍ଟ ହ୍ରାସ ପାଇଛି । ଏହାର କାରଣ ଏବେ ବାତ୍ୟା ବିଧ୍ୱସ୍ତ କରୁଥିବା ଅଞ୍ଚଳକୁ ଯଥେଷ୍ଟ ପୂର୍ବରୁ ଜନ ନିଷ୍କାସନ କରିଦିଆ ଯାଉଛି । ବାତ୍ୟା ସେ ଅଞ୍ଚଳକୁ କ୍ଷତି ପହଞ୍ଚାଇଲା ବେଳକୁ ସେଠିକାର ଅଧିବାସୀମାନେ ନିରାପଦରେ ଅନ୍ୟତ୍ର ଆଶ୍ରୟ ନେଇ ବାତ୍ୟା କବଳରୁ ନିଜକୁ ସୁରକ୍ଷିତ କରି ପାରୁଛନ୍ତି । ଏହି ସାଧାରଣ ପ୍ରଶାସନିକ କାର୍ଯ୍ୟ ବହୁ ପ୍ରଳୟଙ୍କାରୀ ବାତ୍ୟାରେ ମୃତାହତ ସଂଖ୍ୟା ଆଶାତୀତ ଭାବରେ ହ୍ରାସ କରିପାରିଛି ।

କୌଣସି ଦୈବ ଦୁର୍ବିପାକ ମଣିଷ ହାତରେ ନିୟନ୍ତ୍ରଣାଧୀନ ନୁହେଁ । କିନ୍ତୁ ଯଥେଷ୍ଟ ପୂର୍ବରୁ ପୂର୍ବ ସୂଚନା ପାଇଲେ, ବିପଦସଙ୍କୁଳ ସ୍ଥାନରେ ଜନସାଧାରଣ, ପ୍ରଶାସନ ଆଉ ଲୋକସେବା ଦିଗରେ କାର୍ଯ୍ୟରତ ସଂଗଠନମାନେ ଆବଶ୍ୟକ ପଦକ୍ଷେପ ନେଇ ବିପଦ ଟାଳି ଦେବାକୁ ଯତ୍ପରୋନାସ୍ତି ଉଦ୍ୟମ କରିବେ । ଏହିପରି ଭୂମିକମ୍ପ, ବନ୍ୟା, ବାତ୍ୟା ଗୁଡ଼ିକୁ ମଣିଷ ବା ଜୀବଜନ୍ତୁଙ୍କ ମୃତାହତକୁ ଯଥେଷ୍ଟ ପରିମାଣରେ ନିୟନ୍ତ୍ରଣ କରିବ ।

ଆଜିର ଦିନରେ କୋଭିଡ୍ ସଂକ୍ରମଣ ଆଉ ଏହି ରୋଗର ଅଭୂତପୂର୍ବ ପ୍ରସାରଣ କ୍ଷମତା ସାରା ବିଶ୍ୱରେ ଚହଳ ପକାଇ ଦେଇଛି । ଏହି ମହାମାରୀ ଅତୀତର ସମସ୍ତ ମହାମାରୀ ଠାରୁ ଭିନ୍ନ ବୋଲି ସାବ୍ୟସ୍ତ କରୁଛି । କାରଣ କେଇ ଶତାବ୍ଦୀ ପୂର୍ବର ମହାମାରୀଗୁଡ଼ିକ କିପରି ଘଟୁଛି, ତାହା ସେ ସମୟର ସମାଜର ଜ୍ଞାତସାରରେ ନଥିଲା । ପ୍ଲେଗ୍ ଯେତେବେଳେ ବ୍ଲାକ୍ ଡେଥ୍ ଘଟାଇଲା, ତାହା ପ୍ଲେଗ୍ କିପରି ହୁଏ ଏବଂ କିପରି ବ୍ୟାପେ, ତାହା ସମାଜର ଜ୍ଞାନ ପରିସରରୁ ଦୂରରେ ଥିଲା । ଲୋକମାନେ ଦୈବୀଶକ୍ତିକୁ ଦାୟୀ ମନେ କରୁଥିଲେ । ସେମିତି ୧୯୧୮-୨୦ ମସିହା ଇନଫ୍ଲୁଏଞ୍ଜା ମହାମାରୀରେ ରୋଗ ନିରୂପଣ ପାଇଁ ବହୁ ସମୟ ଲାଗିଥିଲା । ମାତ୍ର ଆଜିର ମହାମାରୀରେ ରୋଗ ଆରମ୍ଭରୁ ଏହା ଭୂତାଣୁ ଜନିତ ଆଉ ମୁହଁକୁ ମୁହଁ ଲଗାଇ କଥାହେଲେ, ଖୁବ୍ କମ ସମୟରେ ବ୍ୟାପିଥାଏ ବୋଲି ଲୋକଙ୍କୁ ଜଣାଇ ଦିଆଯାଇଛି । ଏହାର ନିଶ୍ଚିତ ସୁଫଳ ରହିଛି ।

ପ୍ରକୃତପକ୍ଷେ ମଣିଷର ସତର୍କତା ଦିନକୁ ଦିନ ଅଧିକ ହେବାକୁ ଲାଗିଛି । ପ୍ରତିଟି ଜଣା ରୋଗପାଇଁ ଟିକା ନେବାର ସମୟ ଧାର୍ଯ୍ୟ ହୋଇଛି । ଜନ୍ମ ପର ଠାରୁ ନିର୍ଦ୍ଦିଷ୍ଟ ବୟସରେ ଯକ୍ଷ୍ମାଠାରୁ ଆରମ୍ଭକରି ଧନୁଷ୍ଟଙ୍କାର ପର୍ଯ୍ୟନ୍ତ ଟିକା ବାଧ୍ୟତାମୂଳକ । ଏହା ଜାତୀୟ ଟିକାକରଣ ସୂଚୀରେ ଉଲ୍ଲିଖିତ । କିନ୍ତୁ କିଛି ବର୍ଷ ହେବ ଇନଫ୍ଲୁଏଞ୍ଜା ଏବଂ ନିମୋନିଆଁ ପ୍ରତିରୋଧ ପାଇଁ ବୟସ୍କ ଓ ଶ୍ୱାସରୋଗୀ ମାନଙ୍କୁ ପରାମର୍ଶ ଦିଆଯାଉଥିଲା । ଏବେକୁ ପରୀକ୍ଷାମୂଳକ ଭାବରେ ବ୍ୟବହୃତ କୋଭିଡ୍ ଟିକା ଦୁଇଟି ପାନ ପରେ କେତେ ଦିନରେ ବୁଷ୍ଟର ଦିଆଯିବ, ତାହା ଜଣା ଯାଇନି । ଏଇଟା କୃତକାର୍ଯ୍ୟ ହେଲେ, ପୁଣି ନିୟମିତ ହୋଇ ଟିକାକରଣ ସୂଚୀର ଅନ୍ତର୍ଭୁକ୍ତ ହୋଇଯାଇପାରେ ।

## ମଣିଷର ସାମାଜିକ ବିବର୍ତ୍ତନ ଓ ସାମାଜିକ ଶକ୍ତି

ମଣିଷ ପ୍ରକୃତରେ ସାମାଜିକତାରେ ଏମିତି ସ୍ତରରେ ପହଞ୍ଚି ପାରିଛି, ଅସମ୍ଭବ ବୋଲି କୌଣସି କାର୍ଯ୍ୟ ନାହିଁ । ଦେଶ ଦଶ ମିଶି ଯାଇ ଏକାକାର ହୋଇଯାଇଛି । ଦେଶ ଦେଶ ମଧ୍ୟରେ ଉନ୍ନତ ବୁଝାମଣା ସୃଷ୍ଟି ହେଉଛି । ବିଶ୍ୱର କେଉଁ କୋଣରେ ବିପର୍ଯ୍ୟୟ ଘଟିଲେ, ସାହାଯ୍ୟକାରୀ ରାଷ୍ଟ୍ର ଓ ଅନୁଷ୍ଠାନ କମ୍ ନାହାନ୍ତି ।

ଏହିଭଳି ସାମାଜିକତା ଆଉ ଆନ୍ତରିକ ବନ୍ଧୁତ୍ୱ ରହିଲେ, ଦେଶ-ଦେଶ ମଧ୍ୟରେ ଥିବା ଭୌଗୋଳିକ ବିପତ୍ତି ମିଳିତ ଉଦ୍ୟମରେ ପ୍ରତିରୋଧ କରାଯାଇପାରିବ । ସେମିତି ଆନ୍ତର୍ଜାତୀୟ ସ୍ତରରେ ବିଶ୍ୱ ବାୟୁମଣ୍ଡଳ ବା ଜଳରାଶି ଉପରେ ବିପଦ ରହିଲେ, ତାହା ମିଳିତ ଉଦ୍ୟମରେ ମୁକାବିଲା ସମାଧାନ କରାଯାଇ ପାରିବ ।

ଏହିପରି କୌଣସି ଉପାୟରେ ମଣିଷ ନିଜର କ୍ଷତି ସାଧନ କରୁଥିବା ଅନେକଗୁଡ଼ିଏ ବିପଦର ସମ୍ମୁଖୀନ ହେଲେବି ନିଜ ଅଭିଜ୍ଞତା ବଳରେ ନିଜକୁ ରକ୍ଷାକରି ସେହି ପ୍ରକାର ବିପଦ ପ୍ରତି ପ୍ରତିରକ୍ଷାଶୀଳ ହୋଇଯାଉଛି ।

ଅନେକ ସମୟରେ ମନୁଷ୍ୟକୁ ସନ୍ଦେହ ଆସେ କି ପୃଥିବୀ ବାହାରର କୌଣସି ଦୂର ଗ୍ରହରୁ କୌଣସି ଭ୍ରାମ୍ୟମାଣ ବସ୍ତୁ ଏଠିକାର ଅବସ୍ଥା ଅନୁସନ୍ଧାନ କରୁଛି । ଏହା ଦିନେ ମଣିଷ ଜାତି ପାଇଁ ବିପଦର ସଂକେତ । ସେତେବେଳେ ଆମର ଅନୁସନ୍ଧାନ ବଢ଼ିଯାଏ । ବିଶ୍ୱର ଅନେକ ଗୁଡ଼ିଏ ରାଷ୍ଟ୍ରରେ ମହାକାଶ ଗବେଷଣା ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବରେ ଆଗେଇ ଚାଲିଛି । ଏହା ଦିନେ ମଣିଷ ପାଇଁ ମହାକାଶରେ ବସତି ଯୋଗାଇ ପାରିବ ବୋଲି ବିଶ୍ୱାସ ଆସିଲାଣି । ତଦ୍ୱାରା ବିପର୍ଯ୍ୟୟର ଧାରା ନିଶ୍ଚୟ ପରିବର୍ତ୍ତିତ ହେବା ସଙ୍ଗେସଙ୍ଗେ ଆମର ପୃଥିବୀ ମାତା ଉପରେ ଭାର କମିଯିବ । ଜଳ, ସ୍ଥଳ ଓ ଆକାଶ ପୁନର୍ବାର ବିପର୍ଯ୍ୟୟମୁକ୍ତ ହେବେ ।

ସେମିତି ଆଜିକାଲିର ବାତ୍ୟା ବା ବନ୍ୟା ପରି ବିପତ୍ତିରେ ବିପର୍ଯ୍ୟୟ ପରିଚାଳନା ଖୁବ୍ ଉଚ୍ଚକୋଟୀର ହେଉଛି । ବିଶାଳ ସାମୁଦ୍ରିକ ବାତ୍ୟା ଯାହା ଆଗରୁ ହଜାର ହଜାର ମୁଣ୍ଡ ନେଉଥିଲା, ଆଜି ତାହା ନଗଣ୍ୟ ହୋଇଯାଇଛି । ଏହାକୁ ଅଭିଜ୍ଞତା ଛଡା ଆଉ କିଛି କୁହାଯାଇ ନପାରେ ।

ଆଜିର କୋଭିଡ୍ ଆମକୁ ଅସୁସ୍ଥ କରିପକାଇଛି । ଅନେକ ଲୋକ ଏହି ରୋଗର ଶିକାର ହେଉଛନ୍ତି । ଭୂତାଣୁ ରୂପ ବଦଳାଇ ବାରମ୍ବାର ସେହି ଲୋକମାନଙ୍କର ମୃତ୍ୟୁପାଇଁ ଦାୟୀ ହେଉଛି, ଯାହାର ପ୍ରତିରକ୍ଷା କରିବାର ଶକ୍ତି ପରାହତ ।


ଆମର ଆଶା ଅଛି, ଏହି ଭୂତାଣୁ ଯେମିତି ଦ୍ରୁତ ଗତିରେ ଆକ୍ରମଣ କରୁଛି, ସେମିତି ଦିନ କେଇଟାରେ ନିର୍ମୂଳ ହୋଇଯିବ ଏବଂ ଆମେ ଆମର ଶେଷ ବିପର୍ଯ୍ୟୟରୁ ମୁକ୍ତ ହୋଇଯିବା !

ମଣିଷ ଜାତିର ଜୀବନ ସଂଗ୍ରାମର ଅସଂଖ୍ୟ ପ୍ରତିବନ୍ଧକ ଆସିଛି, ଆସୁଛି ଓ ଆସିବ । ନିଶ୍ଚିତ ମଣିଷର ଦ୍ରୁତ ବିକାଶ ଉପରେ ଅଙ୍କୁଶ ଲଗାଇବ । କିନ୍ତୁ କ୍ଷଣିକ ବେଦନା ପରେ ସେଗୁଡ଼ିକୁ ଆଦରି ନେଇ ମଣିଷ ପୁନର୍ବାର ବିକାଶ ପଥରେ ନିଜର ଦୃଷ୍ଟି ସ୍ଥିର କରିବ । ଅତୀତର ସମସ୍ତ ବିପତ୍ତିର ଅଭିଜ୍ଞତା ତାହାର ପାଥେୟ ହେବ ।

ବିବର୍ତ୍ତନ ହେଉଛି ତାହାର ଅଭ୍ୟାସ ବା ଅନ୍ତର୍ନିହିତ ଶକ୍ତି । ଆମ ଭାଗବତର ଦରକାରୀ ପଦଟିଏ –

ଥରକୁ ଥର ପଡି ତଳେ
ଚାଲଇ ଅଭ୍ୟାସର ବଳେ ।

ସମାରୋହ, ୧୨୮ ଡୁମୁଡୁମା (କ)
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ – ୯୪୩୮୦୦୭୫୦୯



# ତାଣ୍ଡବ ଓ ସୃଷ୍ଟି ବିଲୟ

*ଡ. ଭାରତ ଭୂଷଣ ରଥ*

ସଂସାର ପରିବର୍ତ୍ତନଶୀଳ। ଯାହା କ୍ଷଣକ ପୂର୍ବେ ଦୃଷ୍ଟିଗୋଚର ହେଉଛି, ତାହା କ୍ଷଣକରେ ନଷ୍ଟ ହୋଇଯାଉଛି। ବିଶ୍ୱର ସବୁକିଛି 'ବର୍ତ୍ତମାନ' ଦିନେ ନା ଦିନେ ଧୂଳିସାତ୍ ହୋଇ ଇତିହାସର ରୂପ ନେଉଛି। ସୃଷ୍ଟି ଓବଂ ବିଲୟ ସଂସାରର ପ୍ରଥମ ଏବଂ ଅନ୍ତିମ ତତ୍ତ୍ୱ; ତା ଭିତରେ ବର୍ତ୍ତମାନ ହେଉଛି କ୍ଷଣସ୍ଥାୟୀ। ଗତିଶୀଳ ସଂସାର ତା ନିଜ ସ୍ୱଭାବ ଅନୁସାରେ ଗତି କରିଥାଏ। ସଂସାରକୁ ଚଳାଇବାରେ ମାନବର କିଛି ଭୂମିକା ନଥାଏ ; ମାନବ ଯାହା କରେ ତା ନିଜ ଚଳିବା ପାଇଁ କେବଳ। ମାନବ ସଂସାରର ସମସ୍ତ ତତ୍ତ୍ୱକୁ ବ୍ୟବହାର କରି ନିଜେ ଚଳେ କିନ୍ତୁ ବେଳେବେଳେ ମାନବ ଅତି ଚାଲାକ ହୋଇ ସଂସାରକୁ ତା ନିଜ ଇଚ୍ଛା ଅନୁସାରେ ଚଳେଇବାକୁ ସାହସ ବାନ୍ଧେ। ଠିକ୍ ଏତିକି ବେଳେ ଆରମ୍ଭ ହୁଏ ସୃଷ୍ଟିର ବିଲୟ ପ୍ରକ୍ରିୟା। ଏହି ପ୍ରଳୟ ଏତେ ଭୟଙ୍କର ହୁଏ ଯେ ମାନବର କୌଣସି ଶକ୍ତି ନଥାଏ ସେ ପ୍ରଳୟକୁ ବୁଝିବା ପାଇଁ; ରକ୍ଷା ପାଇବା ତ ଦୂରର କଥା। ଯୁଗ ଯୁଗ ଧରି ଏହି ପ୍ରକ୍ରିୟା ବିଷୟରେ ଶାସ୍ତ୍ରଠାରୁ ଆରମ୍ଭକରି ବିଜ୍ଞାନ ପର୍ଯ୍ୟନ୍ତ ସବୁଠାରେ ଲିପିବଦ୍ଧ। ପ୍ରକୃତିକୁ ଅସମ୍ମାନ କରିବାର ଅର୍ଥ ହେଉଛି ନିଜର ବିଲୟକୁ ନିଜେ ନିମନ୍ତ୍ରଣ କରିବା। ଏହାର ଗୋଟିଏ ଉଦାହରଣ ନିଆଯାଇପାରେ 'ତାଣ୍ଡବ'। କ'ଣ ଏହି ତାଣ୍ଡବ ? ଏହା କାହିଁକି ହୋଇଥାଏ ? ଏହାର ପ୍ରଭାବ କ'ଣ ? ଏହି ସମସ୍ତ ତଥ୍ୟର ବିଶ୍ଳେଷଣ କରେ ଆମେ ସ୍ୱତଃ ଜାଣିପାରିବା କୌଣସି ବି ଶକ୍ତିକୁ ବିରକ୍ତ ବା କ୍ରୋଧାନ୍ୱିତ କରାଇବା ଦ୍ୱାରା ସେହି ଶକ୍ତି ଅଭ୍ୟନ୍ତରରେ ଅନେକ ଗୁଡିଏ ବିକାର ସୃଷ୍ଟିହୁଏ। ସେହି ବିକାର ଧୀରେ ଧୀରେ ଏତେ ଭୟଙ୍କର ହୋଇଉଠେ ଯେ, ଶକ୍ତିଟି ଉଗ୍ରରୂପ ଧାରଣକରେ। ସଂସାରକୁ ପରିପାଳନ କରୁଥିବା ଶକ୍ତି ଯେତେବେଳେ ଜାଣିପାରନ୍ତି ବର୍ତ୍ତମାନ ପ୍ରାଣୀ ନିଜେ ସର୍ବେସର୍ବା ହୋଇଛି ଏବଂ ପରମସତ୍ତାକୁ ନିଜ କବଳରେ କବଳିତ କରିବାକୁ ଯାଇ ଅସମ୍ମାନିତ କରୁଛି, ସେତେବେଳେ ଯେଉଁ ତାଣ୍ଡବ ପରମସତ୍ତାଙ୍କ ଦ୍ୱାରା ସମ୍ପାଦିତ ହୁଏ ତାହାର ଅନ୍ତ ହେଉଛି ବିଲୟ। ତା'ପରେ ଘନ ଅନ୍ଧକାର। ସର୍ବତ୍ର ଶାନ୍ତିର ସତ୍ତା। ବିଲୟ ପରର ସ୍ଥିତି ହେଉଛି ପୁନଃ ନବ ସର୍ଜନା। ବିଲୟ ଏବଂ ନବସର୍ଜନାର ସୂଚନା ଦେଇ ମତ୍ସ୍ୟପୁରାଣ କହେ –

ପ୍ରଚଣ୍ଡତାଣ୍ଡବାଟୋପେ ପ୍ରକ୍ଷିପ୍ତା ଯେନ ଦିଗ୍‌ଗଜାଃ
ଭବନ୍ତୁ ବିଘ୍ନଭଂଗାୟ ଭବସ୍ୟ ଚରଣାମ୍ବୁଜାଃ ।। ୧/୧

ମତ୍ସ୍ୟପୁରାଣର ଉପରୋକ୍ତ ଶ୍ଳୋକ କହନ୍ତି – ଭବ ଅର୍ଥାତ୍ ଶିବଙ୍କର ଚରଣକମଳ ଆମ୍ଭମାନଙ୍କର ବିଘ୍ନକୁ ନାଶ କରନ୍ତୁ। ଯେଉଁ ଶିବଙ୍କର ତାଣ୍ଡବନୃତ୍ୟ ସମୟରେ ସମସ୍ତ ଦିଗରେ ଥିବା ଦିଗ୍‌ଗଜମାନଙ୍କ ସହିତ ବିଶ୍ୱ ଧ୍ୱଂସପ୍ରାପ୍ତ ହୋଇଥିଲା।

ପୌରାଣିକ ତତ୍ତ୍ୱରୁ ଆମେ ଜାଣୁ ଯେ, ମାନବ ନିଜ ସତ୍ତାର ଅପବ୍ୟବହାର କରିବା ଦ୍ୱାରା ଭଗବାନ ଶିବ କ୍ରୋଧାନ୍ୱିତ ହୋଇ ତାଣ୍ଡବ ନୃତ୍ୟକଲେ। ତାଙ୍କର ତାଣ୍ଡବ ନୃତ୍ୟର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ଫଳସ୍ୱରୂପ ସମଗ୍ର ସଂସାର ଧ୍ୱଂସମୁଖୀ ହୋଇଗଲା। ସାରା ସଂସାର ଅନ୍ଧକାର ଏବଂ ଜଳମୟ ହୋଇଗଲା। ଏଭଳି ପରିସ୍ଥିତିରେ ସୃଷ୍ଟିକୁ ପୁନଃସର୍ଜନା କରିବାପାଇଁ ଭଗବାନ ବିଷ୍ଣୁ ସର୍ବପ୍ରଥମ ଅବତାର ଗ୍ରହଣ କରିଛନ୍ତି – ଯାହା ହେଉଛି ମତ୍ସ୍ୟାବତାର। ଦଶ ଅବତାର ମଧ୍ୟରୁ ପ୍ରଥମ ଅବତାର ହେଉଛନ୍ତି ମତ୍ସ୍ୟାବତାର। ଏହି ମତ୍ସ୍ୟ ଅବତାର ହେଉଛନ୍ତି ପ୍ରଥମ ସୃଷ୍ଟି। ମତ୍ସ୍ୟ ଅବତାରରେ ବେଦକୁ ଉଦ୍ଧାର କରି ଭଗବାନ ବିଷ୍ଣୁ ବିଶ୍ୱର ପୁନଃସର୍ଜନା କରିଥିଲେ। ବେଦ ହେଉଛନ୍ତି ସଂସାରର ସର୍ବପ୍ରଥମ ତତ୍ତ୍ୱ ଯେଉଁଥିରେ ସଂସାରର ସମସ୍ତ ସୂତ୍ର ବିଚାରିତ ଅଛି। ସେହି ବେଦମାର୍ଗକୁ ଅନୁସରଣ କରି ସଂସାର ପରିଚାଳିତ ହେଉଥିବାରୁ ପ୍ରଭୁ ସର୍ବ ପ୍ରଥମେ ଋଗ୍, ଯଯୁଃ ଏବଂ ସାମ ଏହି ବେଦତ୍ରୟୀଙ୍କୁ ଉଦ୍ଧାର କରିଥିଲେ। ଏଠାରେ ଏକ ପ୍ରଶ୍ନ ଉଠେ ଶିବ ତାଣ୍ଡବ କରନ୍ତି କାହିଁକି ? ଏଥିପାଇଁ ଆମକୁ ଏହି ଶିବତତ୍ତ୍ୱକୁ ବୁଝିବାକୁ ପଡିବ।

ପ୍ରଥମ ଶତକର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ମହାକବି କାଳିଦାସଙ୍କର ଅଭିଜ୍ଞାନଶାକୁନ୍ତଳ ନାଟକର ମଙ୍ଗଳପଦ୍ୟଟି ଶିବତତ୍ତ୍ୱକୁ ଜାଣିବାରେ ଖୁବ୍ ପ୍ରାମାଣିକ ଏବଂ ବିଷୟୋପଯୋଗୀ ମନେହୁଏ। ମହାକବି ବିଦ୍ୱାନ କାଳିଦାସ ଶିବତତ୍ତ୍ୱକୁ ଖୁବ୍ ବୈଜ୍ଞାନିକ ପଦ୍ଧତିରେ ଉପସ୍ଥାପନା କରିଛନ୍ତି। ଯଥା –

ଯା ସୃଷ୍ଟି ସ୍ରଷ୍ଟୁରାଦ୍ୟା ବହତି ବିଧିହୁତଃ ଯା ହବିର୍ଯ୍ୟା ଚ ହୋତ୍ରୀ
ଯେ ଦ୍ୱେ କାଳଂ ବିଧତ୍ତଃ ଶରୁତିବିଷୟଗୁଣା ଯା ସ୍ଥିତା ବ୍ୟପ୍ୟ ବିଶ୍ୱମ୍।
ଯାମାହୁଃ ସର୍ବବୀଜପ୍ରକୃତିରିତି ଯୟା ପ୍ରାଣିନଃ ପ୍ରାଣବନ୍ତଃ
ପ୍ରତ୍ୟକ୍ଷାଭିଃ ପ୍ରପନ୍ନସ୍ତନୁଭିରବତୁ ବସ୍ତାଭିରଷ୍ଟାଭିରୀଶଃ।।

ମଙ୍ଗଳପଦ୍ୟ ଅର୍ଥ ଈଶ୍ୱର ଅର୍ଥାତ ଭଗବାନ ଶିବ ଯିଏ ଆଠଗୋଟି

ତତ୍ତ୍ୱକୁ ନିଜ ଶରୀରରେ ଧାରଣ କରିଛନ୍ତି, ସେହି ଅଷ୍ଟମୂର୍ତ୍ତିଧାରୀ ଶିବ ଆମ୍ଭମାନଙ୍କୁ ରକ୍ଷାକରନ୍ତୁ । ସେହି ଅଷ୍ଟଶକ୍ତି ହେଉଛନ୍ତି -

୧. ଜଳ - ସୃଷ୍ଟିର ଆଦ୍ୟ ତତ୍ତ୍ୱ ।

୨. ଅଗ୍ନି - ବିଧି ଦ୍ୱାରା ଯେଉଁ ଶକ୍ତି ଆହୁତି ଗ୍ରହଣ କରନ୍ତି ।

୩. ଶକ୍ତି - ଯେ ହୋତ୍ରୀ ତଥା କାରୟୀତ୍ରି ଶକ୍ତି (ଯଜମାନ ରୂପିଣୀ)

୪. ସୂର୍ଯ୍ୟ - ଯେ ଦିବସର କାଳକୁ (ସମୟକୁ) ଧାରଣ କରନ୍ତି ।

୫. ଚନ୍ଦ୍ର - ଯେ ରାତ୍ରୀର ସମୟକୁ ଧାରଣ କରନ୍ତି ।

୬. ଆକାଶ - ଶବ୍ଦଗୁଣ ଧାର କରିଥିବା ଶକ୍ତି ।

୭. ପୃଥିବୀ - ସମସ୍ତ ବୀଜମାନଙ୍କର ପ୍ରକୃତି ।

୮. ବାୟୁ - ଯାହାଦ୍ୱାରା ସକଳ ପ୍ରାଣୀ ନିଜନିଜର ପ୍ରାଣକୁ ଧାରଣ କରନ୍ତି

ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ବିଚାରକଲେ ଜଣାଯାଏ ଉପରୋକ୍ତ ଆଠ ଗୋଟି ତତ୍ତ୍ୱ ସଂସାରକୁ ପରିଚାଳିତ କରୁଛନ୍ତି । ଏହି ଆଠଗୋଟି ତତ୍ତ୍ୱ ଭଗବାନ ଶିବଙ୍କର ସ୍ୱରୂପ ବୋଲି କାଳିଦାସ ତାଙ୍କର ମଙ୍ଗଳାଚରଣରେ ବର୍ଣ୍ଣନା କରନ୍ତି । ଏପରିକି ବେଦ ଏବଂ ପୁରାଣମାନଙ୍କରେ ମଧ୍ୟ ଶିବଙ୍କୁ ଏହି ଶକ୍ତିମାନଙ୍କର ଈଶ୍ୱର ବୋଲି ବର୍ଣ୍ଣନା କରାଯାଇଛି । ବର୍ତ୍ତମାନ ଏହି ଆଠଗୋଟି ତତ୍ତ୍ୱକୁ ବର୍ଣ୍ଣନା କରାଯାଉଛି -

୧. ଜଳ ତତ୍ତ୍ୱ - ମତ୍ସପୁରାଣରେ କୁହାଯାଇଛି ଜଳମୟ ସଂସାରରୁ ଏହି ସୁନ୍ଦର ପୃଥିବୀର ସୃଷ୍ଟି । ତେଣୁ ଜଳ ହେଲେ ଆଦ୍ୟ ସୃଷ୍ଟି । ଏହି ଜଳ ପ୍ରତ୍ୟେକ ପ୍ରାଣୀର ଜୀବନ । ତେଣୁ କୁହାଯାଇଛି, ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ । ଦିନୁଦିନ ଜଳ ପ୍ରଦୂଷଣ ଏବଂ ଜଳସ୍ତରରେ ହ୍ରାସ ଫଳରେ ବିଶ୍ୱ ଚିନ୍ତିତ । ସମୁଦ୍ର ଏବଂ ନଦୀର ଜଳସ୍ତରରେ ଆକସ୍ମିକ ଅଭିବୃଦ୍ଧି ଫଳରେ ଧନହାନୀ ଏବଂ ପ୍ରାଣହାନୀ ହେବା ଆମେ ସମସ୍ତେ ଜାଣୁ । ଦୂଷିତ ଜଳର ଭୟାବହ ପରିଣାମ ବିଷୟରେ ଆମେ ଅବଗତ ।

୨. ଅଗ୍ନି ତତ୍ତ୍ୱ - ପ୍ରତ୍ୟେକଟି ଜୀବର ଅନ୍ତରାଳରେ ଅଗ୍ନି ତତ୍ତ୍ୱ ଅନ୍ତର୍ନିହିତ ଭାବରେ ରହିଅଛି । ତେଣୁ ଶରୀରରେ ଉତ୍ତାପ ଥିବା ପର୍ଯ୍ୟନ୍ତ ପ୍ରାଣୀ ଜୀବ ହୋଇଥାଏ ଏବଂ ଉତ୍ତାପ ଚାଲିଗଲେ ପ୍ରାଣୀ ଶବରେ ପରିଗଣିତ ହୁଏ । କେବଳ ପ୍ରାଣୀ ନୁହେଁ, ଏ ବିଶ୍ୱର ପ୍ରତିଟି ପଦାର୍ଥର ଅନ୍ତରାଳରେ ଅଗ୍ନିତତ୍ତ୍ୱ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସନ୍ନିବେଶିତ । ଏପରିକି ଜଳ ଭିତରେ ମଧ୍ୟ ଅଗ୍ନି ରହିଛି ନୋଚେତ୍ ଜଳରୁ ବିଦ୍ୟୁତ ସୃଷ୍ଟି କିପରି ସମ୍ଭବ ହୋଇ ପାରନ୍ତା ? ସେହି ଅଗ୍ନିତତ୍ତ୍ୱର ଯେତେବେଳେ ଅପବ୍ୟବହାର ହୁଏ, ସେତେବେଳେ ତାହା ବିନାଶର କାରଣ ହୁଏ ।

୩. କାରୟିତ୍ରୀ ଶକ୍ତି - ଅଗ୍ନି ଦ୍ୱାରା ଦେବତାମାନଙ୍କ ଉଦ୍ଦେଶ୍ୟରେ ବିଧିପୂର୍ବକ ହବନ କରାଯାଉଥିବା ହବିକୁ ଯେଉଁ ଶକ୍ତି ଦେବତାମାନଙ୍କ ପାଖରେ ପହଞ୍ଚାଇଥାଏ, ସେହି ଶକ୍ତି କାରୟିତ୍ରୀ ଶକ୍ତି । ବାସ୍ତବରେ ସଚରାଚର ଜଗତର ସମସ୍ତ ପ୍ରାଣୀ ଏବଂ ବସ୍ତୁ ନିଜ ଭିତରେ ଏକ ଶକ୍ତିକୁ ଧରି ରଖିଛନ୍ତି । ଯେଉଁ ଶକ୍ତିର ପ୍ରଭାବରେ ସଂସାର ଆତଯାତ, ନିଜେ ନିଜର ଶକ୍ତିକୁ ଜାଣି ପାରୁଥିବା ବ୍ୟକ୍ତିଟିଏ ସଂସାରକୁ ଠିକ୍ ଭାବରେ ବୁଝିପାରେ । ନିଜ ଶକ୍ତିକୁ ଜାଣି ନଥିବା ବ୍ୟକ୍ତି ଜନ୍ମରୁ ମୃତ୍ୟୁ ଯାଏଁ କେବଳ ମାୟା ମରୀଚିକା ପଛରେ ଘୂରିବୁଲେ । ଯେଉଁ ଶକ୍ତିର ସଦ୍‌ବିନିଯୋଗ କରି ପ୍ରାଣୀ ଦେବତାର ସମ୍ମାନ ପାଏ, ସେହି ଶକ୍ତିର ଅସଦ୍‌ପ୍ରୟୋଗ କରି ମାନବ ରାକ୍ଷସର ଚରିତ୍ରରେ ନିନ୍ଦିତ ହୁଏ ।

୪. ସୂର୍ଯ୍ୟ - ସୂର୍ଯ୍ୟ ଏକ ଏଭଳି ତତ୍ତ୍ୱ ଯିଏ ପ୍ରତିଦିନ ପ୍ରତ୍ୟକ୍ଷ ଭାବରେ ସଂସାରର ପରିପାଳନ କରନ୍ତି । ସୂର୍ଯ୍ୟରଶ୍ମି ହିଁ ମାନବକୁ ଜୀବନର ଉତ୍ସ ପ୍ରଦାନ କରେ । ବୃକ୍ଷଲତା, ନଦୀନାଳ, ରୋଗବୈରାଗ୍ୟ ଏ ସବୁର ଗତି ସୂର୍ଯ୍ୟଙ୍କ ଦ୍ୱାରା ନିୟନ୍ତ୍ରିତ । ସୂର୍ଯ୍ୟ ଯେଉଁଦିନ ସାମାନ୍ୟ ଅଧିକ ରଶ୍ମି ବର୍ଷଣ କରିବେ, ସେଦିନ ହୁଏତ ବିଶ୍ୱ ଧ୍ୱଂସ ହେବାକୁ ଗୋଟିଏ କ୍ଷଣ ମାତ୍ର ଯଥେଷ୍ଟ ।

୫. ଚନ୍ଦ୍ର - ଚନ୍ଦ୍ର ହେଉଛନ୍ତି ଶାନ୍ତ ଏବଂ ଶୀତଳତାର ପ୍ରତୀକ । ସେ ରାତ୍ରୀର ଶକ୍ତି । ନଭୋମଣ୍ଡଳରେ ସୂର୍ଯ୍ୟ ଯଦି ଅବିରତ ଚବିଶ ଘଣ୍ଟା ବିରାଜମାନ କରିବେ, ତେବେ ଅଳ୍ପ କିଛି ଦିନରେ ପୃଥିବୀ ଧ୍ୱଂସ ହୋଇଯିବ । ତେଣୁ ଚନ୍ଦ୍ରଙ୍କର ସଂସାରରେ ଶୀତଳତା ଓ ଶାନ୍ତି ପ୍ରଦାନ ନିମନ୍ତେ ଚନ୍ଦ୍ରଙ୍କର ଆଗମନ ହୁଏ । ଚନ୍ଦ୍ର ନିଜର ଶୀତଳତା ପ୍ରଦାନରେ ଖୁବ୍ ଜାଗରୁକ୍ । ରାତ୍ରୀର ତାପମାତ୍ରା ଯଦି ଆଶାତୀତ ଭାବରେ ହ୍ରାସ ପାଏ, ତେବେ କଅଣ ପୃଥିବୀ କଅଣ ତିଷ୍ଠି ପାରିବ ?

୬. ଆକାଶ - ଆକାଶ ହେଉଛି ଶବ୍ଦରୂପ । କାରଣ ସେହି ଶୂନ୍ୟ ଆକାଶରୁ ହିଁ ଆମେ ଶବ୍ଦତତ୍ତ୍ୱକୁ ଶୁଣିପାରୁ । ଆକାଶ ଏକ ତତ୍ତ୍ୱ ଯାହା ଆମକୁ ଜୀବନର ରଙ୍ଗ ପ୍ରଦାନ କରିବା ସହିତ ସୁରକ୍ଷାର ଢାଲ ହୋଇ ରହିଅଛି । ଆକାଶରେ ସୃଷ୍ଟି ହେଉଥିବା ବିପ୍ଳବ ସଂସାରକୁ କ୍ଷଣକରେ ବିନାଶ କରିଦେଇପାରେ ।

୭. ପୃଥିବୀ - ପୃଥିବୀ ହେଉଛି ପ୍ରାଣୀର ପ୍ରଥମ କ୍ରୋଡ । ସମସ୍ତ ବୀଜର କାରଣ ହେଉଛି ପୃଥିବୀ । ପୃଥିବୀ ସମସ୍ତ ଖାଦ୍ୟଶସ୍ୟର ସୃଷ୍ଟିକର୍ତ୍ତା । ମାଟିର ସ୍ପର୍ଶରେ ପ୍ରାଣୀର ପ୍ରାଣୀତ୍ୱ ସିଦ୍ଧି ହୁଏ । ଜୀବକୁ ଜନ୍ମ ଦେବାଠାରୁ ଆରମ୍ଭ କରି ଗଢି ତୋଳିବା ସହିତ ମୃତ୍ୟୁ ସମୟରେ ପୁନଃ ନିଜ କୋଳରେ ସ୍ଥାନ ଦେବା ହେଉଛି ପୃଥିବୀର ମହାନତା । ସେହି ପୃଥିବୀ ଯଦି ବିମନା ହୁଏ, ଭୂକମ୍ପ ଏବଂ ବିଭିନ୍ନ ପ୍ରାକୃତିକ ବିପ୍ଳବରେ ବିଶ୍ୱ ଧ୍ୱଂସ ପାଇଯାଏ ।

୮. ବାୟୁ - ବାୟୁ ତତ୍ତ୍ୱ ହେଉଛି ପ୍ରତ୍ୟେକଟି ଜୀବନର ପ୍ରମୁଖ ତତ୍ତ୍ୱ । ଗୋଟିଏ ସେକେଣ୍ଡ ଯଦି ପୃଥିବୀରେ ବାୟୁ ପ୍ରବାହ ନହୁଏ, ତେବେ ତାହାର ପରିଣତି କଅଣ ହେବ ତାହା ଆକଳନ କରିବା କଷ୍ଟସାଧ୍ୟ । ତେଣୁ ସମଗ୍ର ସଂସାର ବାୟୁତତ୍ତ୍ୱ ନେଇ ଆତଯାତ । ଏହି ବାୟୁର ପ୍ରଦୂଷଣରେ ସୃଷ୍ଟି ହେଉଥିବା ଭୟଙ୍କର ବିପଦ ତଥା ଭୀଷଣ ବାୟୁପ୍ରବାହରେ ସୃଷ୍ଟି ବାତ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଆମେ ସମସ୍ତେ ଅବଗତ ।

ଏବେ ବିଚାର କରାଯାଉ ମହାକବି କାଳିଦାସଙ୍କର ମହତ୍ତର ଚିନ୍ତନକୁ । ସେ କହିଛନ୍ତି ସଂସାରର ଏହି ଆଠଗୋଟି ତଥ୍ୟ ଭଗବାନ ଶିବଙ୍କର ଆଠଗୋଟି ଶରୀର । ସେହି ଅଷ୍ଟତନୁଯୁକ୍ତ ଶିବ ଏ ସଂସାରରେ ମଙ୍ଗଳ ବିଧାନ କରନ୍ତୁ । ଏହି ଶ୍ଳୋକଟିରେ ଅନ୍ତର୍ନିହିତ ଥିବା ବୈଜ୍ଞାନିକ ସିଦ୍ଧାନ୍ତ ଭାରତୀୟ ମୁନିଋଷିମାନଙ୍କର ବୈଜ୍ଞାନିକ ଚିନ୍ତନକୁ ସ୍ପଷ୍ଟକରେ । ଆଧୁନିକ

ଯୁଗର ବିଶିଷ୍ଟ ବୈଜ୍ଞାନିକମାନେ ଯେଉଁ ତତ୍ତ୍ୱଗୁଡ଼ିକର ସୁରକ୍ଷା ପାଇଁ ଜାଗରୂକ୍, ସେହି ସମାନ ତଥ୍ୟଗୁଡ଼ିକର ସୁରକ୍ଷା ପାଇଁ ମହାକବି କାଳିଦାସ ପ୍ରଥମ ଶତକରେ ସ୍ପଷ୍ଟ ଭାବରେ ବୁଝାଇ ଦେଇଛନ୍ତି । ଏହି ତତ୍ତ୍ୱଗୁଡ଼ିକୁ ବେଦମନ୍ତ୍ର ଗୁଡ଼ିକରେ ମଧ୍ୟ ବର୍ଣ୍ଣନା କରାଯାଇଛି । "ବୃକ୍ଷାଣାଂ ପତୟେ ନମଃ । ଔଷଧୀନାଂ ପତୟେ ନମଃ । କକ୍ଷାଣାଂ ପତୟେ ନମଃ" କହି ଚନ୍ଦ୍ର ଏବଂ ସୂର୍ଯ୍ୟ ଭାବରେ ଶିବଙ୍କୁ ନମସ୍କାର କରାଯାଇଛି । ଋଗ୍ ବେଦରେ "ଦ୍ୟୌଃ ଶାନ୍ତିଃ ଅନ୍ତରୀକ୍ଷ ଶାନ୍ତିଃ, ପୃଥିବୀ ଶାନ୍ତିଃ, ଆପଃ ଶାନ୍ତିଃ" ପ୍ରଭୃତି ମନ୍ତ୍ରରେ ଶିବଙ୍କୁ ଅଭିଷେକ କରି ଆକାଶ, ବାୟୁ, ଜଳ ଏବଂ ପୃଥିବୀର ପ୍ରତୀକ ଭାବରେ ସ୍ତୁତି କରାଯାଇଛି ।

ଉପରୋକ୍ତ ସମସ୍ତ ଆଲୋଚନାରୁ ଆମେ ଅବଗତ ହେଲେ ସଂସାରର ସୃଷ୍ଟି ଏବଂ ସ୍ଥିତି ନିମିତ୍ତ ଯେଉଁ ତତ୍ତ୍ୱଗୁଡ଼ିକର ସମ୍ମାନ କରିବା ପ୍ରାଣୀମାନଙ୍କର ସର୍ବପ୍ରଥମ ଦାୟିତ୍ୱ; ଯଦି ପ୍ରାଣୀ ସେହି ତତ୍ତ୍ୱଗୁଡ଼ିକୁ ସମ୍ମାନ କରିବା ପରିବର୍ତ୍ତେ ନଷ୍ଟ କରିବାପାଇଁ ଅଗ୍ରସର ହେବ, ତେବେ ତାହାର ଅନ୍ତିମ ଫଳ ହେବ ସୃଷ୍ଟିର ବିନାଶ । ଯାହା କାଳେ କାଳେ ଶିବ ତାଣ୍ଡବରେ ପରିଣତ ହୋଇଛି । ଅର୍ଥାତ୍ ଏହି ଶକ୍ତିଗୁଡ଼ିକ ଯେତେବେଳେ ଅତିଷ୍ଟ ହୋଇ ନିଜ ନିଜର ପ୍ରଭାବ ପ୍ରଦର୍ଶନ କରିଛନ୍ତି, ସେତେବେଳେ ସଂସାରରେ ମହାପ୍ରଳୟ ଦେଖାଦେଇଛି । ତାହା ହିଁ ଶିବ ତାଣ୍ଡବ । ଅଷ୍ଟମୂର୍ତ୍ତିଧର ମହାଦେବଙ୍କର ଏହି ତାଣ୍ଡବର ରୂପ ଭୀଷଣ ଏବଂ ଅବର୍ଣ୍ଣନୀୟ ।

ପୁରାଣରେ ଶିବଙ୍କର ତାଣ୍ଡବ ଅନେକ ଥର ଦୃଷ୍ଟିଗୋଚର ହୁଏ । ଯେତେବେଳେ ଦୁଷ୍ଟ ଶକ୍ତିମାନେ ପୃଥିବୀରେ ନିଜର କାୟା ବିସ୍ତାର କରିଛନ୍ତି, ସେତେବେଳେ ଶିବଙ୍କୁ ନିଜର ସ୍ୱରୂପ ଦର୍ଶନ କରିବାକୁ ପଡ଼ିଛି । ତେବେ ଶିବଙ୍କ ଦ୍ୱାରା ହୋଇଥିବା ସମସ୍ତ ତାଣ୍ଡବରେ ଯଦିଓ ପୃଥିବୀର ବିଲୟ ଘଟିନାହିଁ, କିନ୍ତୁ ଯେବେ ଅତ୍ୟଧିକ କୋପାବିଷ୍ଟ ଶିବଙ୍କର ତାଣ୍ଡବ ଘଟିଛି, ସେତେବେଳେ ବିଲୟ ଘଟିଛି । ତାପରେ ପୁନଃନବସର୍ଜନା ହୋଇଅଛି ।

ତ୍ରିପୁରାସୁର ନାମକ ଦୁର୍ଦ୍ଧର୍ଷ ଅସୁରକୁ ନିପାତ କରି ତାର ଶବ ଉପରେ କୋପାନଳ ଶିବ ତାଣ୍ଡବ କରିଥିବାର ପ୍ରମାଣ ମିଳେ । ଶିବପୁରାଣର ପ୍ରଥମ ଖଣ୍ଡରେ କୁହାଯାଇଛି -

ଶୁଣନ୍ତି ଋଷିଏ କହନ୍ତି ଯେ ଧାତାସୁତ
ତ୍ରିପୁରାସୁରକୁ ନାଶ କଲେ ବିଶ୍ୱନାଥ ॥
ଅଞ୍ଜନଗିରି ପରାୟେ ଦାନବ ଶରୀର
ପଡ଼ିଲା ଯେ ଭୂମିପରେ ହୋଇ ଦୁଇଗଡ ॥
ଦେଖି ମହେଶ୍ୱର ମନେ ପୁଲକ ହୋଇଲେ
ସେ ଦୁଷ୍ଟ ଅସୁର ଶବ ଉପରେ ଉଠିଲେ ॥
ଦେବତାଗଣଙ୍କୁ ଚାହିଁ ଆରମ୍ଭିଲେ ନୃତ୍ୟ
ତାହା ଦେଖି ଋଷିଗଣ ହେଲେ ପୁଲକିତ ॥
ତାଣ୍ଡବ ନୃତ୍ୟରେ ପଶି ଶିବ ହୋଇ ଭୋଳ
ବାହୁ ବୁଲାଇଣ ନୃତ୍ୟ କଲେ ବେଳୁ ବେଳ ॥
ଚଉଦ ବ୍ରହ୍ମାଣ୍ଡ ହେଲା ଭୟେ କମ୍ପମାନ
ଗ୍ରହଗଣ ଛାଡ଼ି ପଳାଇଲେ ନିଜ ସ୍ଥାନ ॥
ଭାର ପାଇ ବସୁନ୍ଧରା ହେଲା ଟଳମଳ
ସମ୍ଭାଳି ନପାରି ପଡ଼ିବକି ରସାତଳ ॥ ଶିବପୁରାଣ (ପ୍ରଥମ)

ଯେତେବେଳେ ଶିବଙ୍କର ତାଣ୍ଡବରେ ପୃଥିବୀ ତ୍ରାହି ତ୍ରାହି ଡାକଦେଲା ଏବଂ ଧ୍ୱଂସାମୁଖୀ ହେଲା ସେତେବେଳେ ପୃଥିବୀମାତାର ଡାକଶୁଣି ଭଗବାନ ବିଷ୍ଣୁ ଆଦିମାତାଙ୍କୁ ପ୍ରାର୍ଥନା କଲେ । ଆଦିମାତା ପ୍ରଳୟ କାଳରେ ମଧ୍ୟ ନାଶ ପାଆନ୍ତି ନାହିଁ । ତେଣୁ ସେ ଏହି ସଂସାରକୁ ରକ୍ଷାକଲେ । ଯଥା -

ଡାକିଲେ ଆଦିମାତାଙ୍କୁ ଯୋଡହସ୍ତ କରି
ନମସ୍ତେ ଗୋ ମହାମାୟା ଦୁର୍ଗତି ତାରିଣୀ
ପତିତପାବନୀ ମାଗୋ ଶଙ୍କର ଘରଣୀ ॥
ମହାପ୍ରଳୟରେ ତୁମ୍ଭେ କେଭେ ନୁହେଁ ନାଶ
ତୁମ ଠାରୁ ଜନମଇଁ ପୁରା ଚତୁର୍ଦ୍ଦଶ ॥ ଶିବପୁରାଣ (ପ୍ରଥମ)

ଏହାପରେ ଆଦିମାତାଙ୍କ ଅନୁରୋଧରେ ଶିବ ଶାନ୍ତ ହେଲେ ଏବଂ ପରବର୍ତ୍ତୀ ସମୟରେ ଦକ୍ଷଙ୍କର ଘରେ ଆଦିମାତା ଜନ୍ମ କରିବେ ବୋଲି ସୂଚନାଦେଲେ ।

ଅନ୍ୟ ଏକ ପ୍ରସଙ୍ଗରେ ଦକ୍ଷ ପ୍ରଜାପତିଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ନିଜର ପତି ମହାଦେବଙ୍କୁ ଅପମାନ ପୂର୍ବକ ଯଜ୍ଞକୁ ଆହ୍ୱାନ ନକରାଯାଇଥିବା ଶୁଣି ପାର୍ବତୀ ରୋଷ ପ୍ରକଟ କରି ଯଜ୍ଞାଗ୍ନିରେ ନିଜ ଶରୀରକୁ ଆହୁତି ଦେଲେ । ଏହାପରେ ମହାଦେବ ଭୀଷଣ କୋପାବିଷ୍ଟ ହୋଇ ତାଣ୍ଡବ ନୃତ୍ୟ କରିଥଲେ । ସେହି ସମୟରେ ସତୀଙ୍କର ବିଭିନ୍ନ ଅବୟବରୁ ପ୍ରସିଦ୍ଧ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ହୋଇଥିବା ପୁରାଣ ପ୍ରସିଦ୍ଧ । ଏଠାରେ ବୀରଭଦ୍ର ଏବଂ ଦଧିଚି ପଭୃତିଙ୍କର ପ୍ରସଙ୍ଗ ଆସେ ଏବଂ ସଂସାରର ରକ୍ଷା ହୁଏ ।

ଏହି ସମସ୍ତ ତଥ୍ୟ ପ୍ରମାଣିତ କରନ୍ତି, ଯେତେବେଳେ ସମାଜରେ ଶିବଙ୍କୁ କ୍ରୋଧାନ୍ୱିତ କରାଯାଇଛି, ସେତେବେଳେ ସେ ପ୍ରଳୟର ରୂପ ଧାରଣ କରିଛନ୍ତି । ତେବେ ବେଦ, ବିଭିନ୍ନ ପୁରାଣ ଶାସ୍ତ୍ର ଏବଂ ମହାକବି କାଳିଦାସଙ୍କର ବର୍ଣ୍ଣନାର ଶିବତତ୍ତ୍ୱକୁ ଠିକ୍ ଭାବରେ ଅନୁଧ୍ୟାନ କଲେ ଜଣାଯାଏ ଶିବ ହେଉଛନ୍ତି ସଂସାରର ସମସ୍ତ ଶକ୍ତିର ମୌଳିଭୂତ ତତ୍ତ୍ୱ । ଯେଉଁ ଶକ୍ତିଗୁଡ଼ିକୁ ଆଧାରକରି ସଂସାର ତିଷ୍ଠି ରହିଛି, ସେହି ସମସ୍ତ ଶକ୍ତି ଶିବଙ୍କର ଶରୀରାନ୍ତର୍ଭୁକ୍ତ ତତ୍ତ୍ୱ । ଯଦି ସେହି ଶକ୍ତି ଗୁଡ଼ିକର ଗୁରୁତ୍ୱକୁ ମାନବ ଅବମାନନା କରେ, ତବେ ଅଜ୍ଞାନୀ ଭାବରେ ପ୍ରଳୟକୁ ନିମନ୍ତ୍ରଣ କରେ । ତାହା କାଳେ କାଳେ ପ୍ରସିଦ୍ଧି ଲାଭ କରିଛି ତାଣ୍ଡବରୁ ସୃଷ୍ଟିର ବିଲୟ ଭାବରେ ।

ନାଟ୍ୟେ ତାଣ୍ଡବର ବିଭିନ୍ନ ଗୁଣ ବର୍ଣ୍ଣନା କରାଯାଇଛି । ତାଣ୍ଡବ ଭାରତୀୟ ମଞ୍ଚରେ ଶୁଦ୍ଧ ଦୈବ ନୃତ୍ୟ ଭାବରେ ଗ୍ରହଣ କରାଯାଏ । ଏହା କେତେବେଳେ ଆନନ୍ଦ ତାଣ୍ଡବ ତ କେତେବେଳେ ଭୟଙ୍କର ରୁଦ୍ର ତାଣ୍ଡବ । ତ୍ରିପୁରାସୁର ବଦ୍ଧ କଲା ପରେ ଶିବ ତାଣ୍ଡବରେ ଦେଖିବାକୁ ମିଳେ ବୀରତା,

କ୍ରୋଧ, ଘୃଣା, କାରୁଣ୍ୟ ଏବଂ ଆନନ୍ଦର ମାତ୍ରା। ସବୁଠାରୁ ଭୟାନକ ଦୃଶ୍ୟ ସଂହାର ତାଣ୍ଡବର ଫଳ ସ୍ୱରୂପ ସମଗ୍ର ଜଗତର ଧ୍ୱଂସ ହୋଇଯାଏ। ପରେ ପରେ ପୁନର୍ବାର ନବ ଜଗତର ଆବିର୍ଭାବ ହୁଏ।


ଏହି ପୌରାଣିକ ତାଣ୍ଡବ ବା ମହାପ୍ରଳୟର ବର୍ଣ୍ଣନାରେ ଦୂରଦୃଷ୍ଟିର ପ୍ରାଚୁର୍ଯ୍ୟ ଏବଂ ବୈଜ୍ଞାନିକ ଭାବଧାରେ ସ୍ପଷ୍ଟ। ମନୁଷ୍ୟ ପ୍ରକୃତି ସହିତ ଖେଳ ଖେଳିଲେ, ତା ଅଜ୍ଞାତସାରରେ ବିପରୀତ ଫଳ ଫଳେ। ଆମ ମାନଙ୍କର ଜଙ୍ଗଲ କ୍ଷୟ, ଜୀବଜନ୍ତୁ ମାନଙ୍କର କ୍ଷୟ ଏବଂ ବିରଳ ପ୍ରାଣୀ ଭାବରେ ପରିଣତ କରିବା, ପରିବେଶର ସନ୍ତୁଳନ ନଷ୍ଟ କରିବା, ଜୈବ ଅସ୍ତ୍ର ପରି ଗୁପ୍ତରେ ମାରାତ୍ମକ ବିଶ୍ୱ ମହାମାରୀ ଘଟାଇ ପାରୁଥିବା ଭୂତାଣୁ ପ୍ରୟୋଗ କରି ତଥା ଆଣବିକ ଅସ୍ତ୍ରରେ ଦୂରଭେଦୀ କ୍ଷେପଣାସ୍ତ୍ର ଖଞ୍ଜି ବିଶ୍ୱ ଯୁଦ୍ଧର ଡାକରା ଦେଲେ, ବିଶ୍ୱର ଯେଉଁ ବିଳୟ ଘଟିବ ତାହା ହିଁ ଶିବଙ୍କର ସଂହାର ତାଣ୍ଡବ।

କିନ୍ତୁ ଏହା ପରେ ପୃଥିବୀର ମୃତ୍ତିକା ଏବଂ ବାୟୁ ମଣ୍ଡଳ ଜୀବନୋପଯୋଗୀ ନ ହୋଇ ପାରିଲେ ଜୀବ ଜଗତ ଆଶା କରିବା ନିରର୍ଥକ।

ଅଧ୍ୟାପକ, ସଂସ୍କୃତ ସାହିତ୍ୟ,
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆନ୍ଧ୍ରପ୍ରଦେଶ,
ମୋ - ୮୮୯୭୪୨୬୨୪୩

**ପରିଶୀଳିତ ଗ୍ରନ୍ଥ -**


- ଶବ୍ଦ କଳ୍ପଦ୍ରୁମ - ଚୌଖମ୍ବା ବିଦ୍ୟା ପ୍ରକାଶନ, ବନାରସ
- ମତ୍ସ୍ୟପୁରାଣ - ଭାରତୀୟ ବିଦ୍ୟା ପ୍ରକାଶନ, ନୂଆ ଦିଲ୍ଲୀ
- ଅଭିଜ୍ଞାନ ଶାକୁନ୍ତଳମ୍ - ଚୌଖମ୍ବା ବିଦ୍ୟା ପ୍ରକାଶନ, ବନାରସ
- ଶିବ ପୁରାଣ - ଧର୍ମଗ୍ରନ୍ଥ ଷ୍ଟୋର, କଟକ
- ୱିକିପିଡିଆ - ଶିବ ତାଣ୍ଡବ

# ମଣିଷ ଓ ମହାମାରୀ - କଳାମୃତ୍ୟୁର ଆତଙ୍କ

*ବିଦେଶୀ ଭଞ୍ଜ*

ବିଶ୍ୱ ବ୍ରହ୍ମାଣ୍ଡର ବିଶାଳ ଜୀବଜଗତ ଭିତରେ କେବଳ ମନୁଷ୍ୟ ହିଁ ଏକମାତ୍ର ପ୍ରାଣୀ ଯିଏ ଯେ କୌଣସି ଅସ୍ୱାଭାବିକ କିମ୍ବା ଜୀବନ ବିରୋଧୀ ଶକ୍ତି ସହ ସଂଘର୍ଷ କରି ପୁନର୍ବାର ଜୀବନ ଜୀଇଁବାର ନୂତନ ଆଲୋକ ସୃଷ୍ଟି କରିଥାଏ ଏବଂ ପୁଣିଥରେ ନୂଆ ଏକ ମୂଲ୍ୟବୋଧର ଉପକ୍ରମଣିକା ତିଆରି କରେ। ମାନବ ସମାଜର ଇତିହାସ ଉପରେ ଦୃଷ୍ଟିପାତ କଲେ ଜଣାଯାଏ ଯେ ପ୍ରକୃତରେ 'ଆବଶ୍ୟକତା ହିଁ ଆବିଷ୍କାରର ଜନନୀ' ବା 'Necessity is the Mother of Invention' କିମ୍ବା 'ବିପଦ ହିଁ ବିବର୍ତ୍ତନର ଜନନୀ'। ଯଦି ଆମେ ପ୍ରାଗ୍‌ଐତିହାସିକ ଯୁଗ ବା ମାନବ ଇତିହାସର ପ୍ରାରମ୍ଭକାଳକୁ ଯାଇ ଦେଖିବା ତେବେ ସେଥିରୁ ଅନୁମିତ ହେବ ଯେ ମଣିଷ ପ୍ରଥମ ଅବସ୍ଥାରେ ଯେଉଁ ରୂପେ ଅବସ୍ଥାନ କରୁଥିଲା ବା ନଗ୍ନ ହୋଇ ବଣ ଜଙ୍ଗଲରେ ଯାଯାବର ଭଳି ଘୂରି ବୁଲୁଥିଲା ସେଇ ଅବସ୍ଥାରେ ସେ ହଜାର ହଜାର ବର୍ଷ ନିର୍ବିବାଦରେ ବସ୍ତ୍ରହୀନ, ଗୃହହୀନ ଏବଂ ନିୟମିତ ଭାବେ ଖାଦ୍ୟହୀନ ହୋଇ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଘୂରି ବୁଲୁଥିଲା। ବିପରୀତମୁଖୀ ଜଳବାୟୁର ସଂସ୍ପର୍ଶରେ ସେ ନିର୍ଘାତ ଖରା, ଭୟଙ୍କର ବର୍ଷା ତଥା ଲୋମଟାଙ୍କୁରା ଶୀତରେ ଯନ୍ତ୍ରଣାସିକ୍ତ ହୋଇ ପ୍ରାଣଦାନ କରୁଥିଲା। ତା ଛଡା ବାସଗୃହ ନଥିବାରୁ ଅଧିକାଂଶ ସମୟ ବଣ, ଜଙ୍ଗଲ ଓ ପାହାଡ ପର୍ବତର ହିଂସ୍ରଜନ୍ତୁଙ୍କ ଆକ୍ରମଣର ଶିକାର ହୋଇ ତାକୁ ଜୀବନ ଦେବାକୁ ପଡୁଥିଲା। ଏଭଳି ଅସୁରକ୍ଷିତ ଅବସ୍ଥାରେ ଭୋକ ଉପାସରେ ରହିବା ଦ୍ୱାରା ନିଜର ଚିନ୍ତନଶୀଳ ସ୍ୱଭାବ ଯୋଗୁ ନିଜକୁ କ୍ରମଶଃ ଏହି ପ୍ରତିକୂଳ ପରିସ୍ଥିତିରୁ ରକ୍ଷାକରିବା ପାଇଁ ଏକ ସୁରକ୍ଷିତ ବଳୟ ଖୋଜି ବୁଲିଲା ଏବଂ ସମୟାନୁକ୍ରମେ ଆଶ୍ରୟସ୍ଥଳୀ ବା ଘରର ଆବିଷ୍କାର ହୋଇଥିଲା ଓ ଅନେକ ସଦସ୍ୟ ରହି ପରିବାରର ରୂପାୟନ ହେଲା।

ଏହିଭଳି ଭାବେ ଆମେ ଅନୁଧାନ କଲେ ଆମେ ଅନୁଭବ କରିବା ଯେତେବେଳେ କୌଣସି ରାଜ୍ୟ ବା ଦେଶରେ ଅଭାବ ଅନଟନ ବୃଦ୍ଧିପାଇ ବିଦ୍ରୋହାତ୍ମକ ଅବସ୍ଥା ସୃଷ୍ଟି ହୋଇଛି। ତା'ର ପରିଣାମ ସ୍ୱରୂପ ସେଠାରେ ବିଭିନ୍ନ ବିପ୍ଳବମାନ ମୁଣ୍ଡଟେକି ଉଠିଛି ଓ ସେଠିକାର ସାମାଜିକ, ରାଜନୈତିକ ତଥା ଆର୍ଥିକ ଅବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ସଂଘଟିତ ହୋଇଛି। ଯେପରି ଅବସ୍ଥାରେ ଚତୁର୍ଦ୍ଦଶ ଶତାବ୍ଦୀରେ ଘଟିଥିବା ମହାମାରୀ ଏବଂ ଅଷ୍ଟାଦଶ ତଥା ଉନବିଂଶ ଶତାବ୍ଦୀରେ ୟୁରୋପର ଶିଳ୍ପବିପ୍ଳବ ଏହାର ବଳିଷ୍ଠ ଦୃଷ୍ଟାନ୍ତ। ଯେହେତୁ ମନୁଷ୍ୟ ଏକ ବିକାଶଶୀଳ ଜୀବ, ତେଣୁ କାଳାନ୍ତରରେ ଏଇଭଳି ଅଭାବବୋଧ ତାଠାରେ ପରିଲକ୍ଷିତ ହୋଇଥାଏ ଏବଂ ସେଇ ଅଭାବ ପୂରଣ ପାଇଁ ସେ ଧର୍ମ, ଜ୍ଞାନ, ବିଜ୍ଞାନ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୱେଷଣ ପୂର୍ବକ ଉପଲବ୍ଧି ପ୍ରାପ୍ତ ହୋଇ ଆସୁଥାଏ, ନଚେତ୍ ସେ ସେଇ ଆଦିମ ଅବସ୍ଥାରେ ପଡିରହି ଇତର ପ୍ରାଣୀମାନଙ୍କ ମଧ୍ୟରେ ଉତ୍କୃଷ୍ଟ ବୋଲି ବିବେଚିତ ହେଉ ନଥାନ୍ତା।

ମନୁଷ୍ୟ ନିଜର ସନ୍ତୋଷ ପାଇଁ ସବୁ ସମୟରେ ଅଭାବର ଆହ୍ୱାନକୁ ପୂର୍ଣ୍ଣପ୍ରାଣରେ ସ୍ୱୀକାର କରିଥାଏ। ଏହା ଏହିପରି ଅବିଚଳିତ ଶକ୍ତି ମାଧ୍ୟମରେ ପୂର୍ଣ୍ଣତାର ସହଗାମୀ ହୋଇ ମଣିଷ ସମାଜକୁ ଉତ୍ତେଜିତ, ଉତ୍ତୋଳିତ ଓ ଉଦ୍‌ବୁଦ୍ଧ କରୁଥାଏ ଓ ମାନବସମାଜ ଏହାର ଉପଲବ୍ଧି ନିମିତ୍ତ ଉପାୟମାନ ଉଦ୍ଭାବନକରି ବିଭିନ୍ନ ପ୍ରକାର ବିପଦକୁ ମୁକାବିଲା କରିବା ସହିତ ଜୀବନର ସକଳ ଦିଗର ଉନ୍ନତି ବିଧାନ କରୁଥାଏ। ତେଣୁ ବାସ୍ତବିକ ଭାବେ ମଣିଷ ତା'ର ଅଭାବକୁ ଅନୁଭବ କରି ତାହାର ଦୂରୀକରଣ ନିମିତ୍ତ ଉପାୟ ଅବଲମ୍ବନ କରିବା ହିଁ ଶ୍ରେୟ। ହଠାତ୍ କୌଣସି ଆକସ୍ମିକ ବିପଦର ସମ୍ମୁଖୀନ ହେଲେ, ତା'ର ଦୂରୀକରଣ କରିବା ପାଇଁ ସେ ଯଥାସମ୍ଭବ ନୂତନ କୌଶଳ ବା ଉପାୟ ଅହର୍ନିଶି ଖୋଜିବୁଲେ ଓ ସେଥିରେ ବିଳମ୍ବରେ ହେଲେ ମଧ୍ୟ ସଫଳତା ଲାଭକରେ। ତେଣୁ ସେ ଜୀବଜଗତରେ ସର୍ବଶ୍ରେଷ୍ଠ ଆସନର ଅଧିକାରୀ ହୋଇପାରିଛି। ଅତୀତରେ ଆମେ ଅନେକ ସମୟରେ ଏହିଭଳି ଆକସ୍ମିକ ବିପଦ ବା ମହାମାରୀଗୁଡିକ ମାନବ ସମାଜ ଉପରେ ଲଦି ହୋଇଯାଇଥିବା ଏବଂ ତା ଫଳରେ ସୃଷ୍ଟିହୋଇଥିବା ଅସ୍ଥିରତାକୁ ଅନୁଧାନ କରି ଦେଖିଲେ ଅନୁଭବ କରୁ ଯେ, ପ୍ରକୃତରେ ଯେତେବେଳେ ଭୟଙ୍କର ବିପଦ ପୃଥିବୀ ପୃଷ୍ଠରେ ଦେଖାଯାଏ, ସେତେବେଳେ ମାନବ ସମାଜ ନିଜ ଜୀବନ ରକ୍ଷାର୍ଥେ ବିଭିନ୍ନ ଉପାୟମାନ ଆବିଷ୍କାର କରିବାପାଇଁ ଜରୁରୀକାଳୀନ ଭତ୍ତିରେ ଲାଗିପଡେ।

ଯେପରି ଚତୁର୍ଦ୍ଦଶ ଶତାବ୍ଦୀରେ ୧୩୪୭ ମସିହାର ଅକ୍ଟୋବର ମାସରେ କ୍ରିମିଆର କାଫା ସହରରୁ ବାରଟି ବ୍ୟବସାୟିକ ଜାହାଜ ଆସି ଲାଗିଥିଲା ସିସିଲିର ମେସିନା ବନ୍ଦରରେ। ସେତେବେଳେ ହୁଏତ ମେସିନା ଅଧିବାସୀଙ୍କ ପାଇଁ ଅପେକ୍ଷା କରିଥିଲା ଏକ ଭୟାନକ ବିପଦ। ସେ ଜାହାଜଗୁଡିକର ଅଧିକାଂଶ ନାବିକ ଓ ଯାତ୍ରୀମାନଙ୍କର ମୃତ୍ୟୁ ହୋଇସାରିଥିଲା ଏବଂ ବଞ୍ଚିଥିବା

ବ୍ୟକ୍ତିମାନଙ୍କ ଭିତରେ ଅନେକଙ୍କ ଅବସ୍ଥା ସଂକଟାପନ୍ନ ଥିଲା। ଭଲଥିବା ଯାତ୍ରୀମାନେ ସେ ଅବସ୍ଥାରୁ ରକ୍ଷାପାଇବା ପାଇଁ ସହର ଭିତରକୁ ପ୍ରବେଶକଲେ। ଯେତେବେଳେ ମେସିନା ଅଧିବାସୀ ଜାହାଜ ଭିତର ଅବସ୍ଥା ଦେଖିଲେ, ସେମାନେ ଜାଣିଗଲେ ଯେ ଜାହାଜର ଯାତ୍ରୀମାନେ କୌଣସି ଗୁରୁତର ରୋଗରେ ସଂକ୍ରମିତ। ସେମାନେ ଜାହାଜ ଓ ସେଥିରେ ଥିବା ଯାତ୍ରୀମାନଙ୍କୁ ସଙ୍ଗରୋଧରେ ରଖିଲେ। କିନ୍ତୁ ସେତେବେଳକୁ ଯଥେଷ୍ଟ ଡେରି ହୋଇ ସାରିଥିଲା। ଇଉରୋପରେ ପଦାର୍ପଣ କରି ସାରିଥିଲା ଘଟିବାକୁ ଯାଉଥିବା ପୃଥିବୀର ସବୁଠାରୁ ସେପର୍ଯ୍ୟନ୍ତ ବୃହତ୍ତମ ପ୍ରାକୃତିକ ବିପର୍ଯ୍ୟୟ ଯାହାର ନାମକରଣ ହୋଇଛି 'କଳା ମୃତ୍ୟୁ'।

ଏହି ରୋଗ ଜ୍ୱର, ବାନ୍ତିର ପ୍ରାଥମିକ ଲକ୍ଷଣରୁ ଆରମ୍ଭ ହେଉଥିଲା। ଏଥିରେ ଚର୍ମ ତଳୁ ରକ୍ତ କ୍ଷରଣ ହେଉଥିଲା ଏବଂ ଜଂଘ ଉପର, କାଖ ଓ ବେକର ଲସିକା ଗ୍ରନ୍ଥି (Lymph Node) ସବୁ ଭୟଙ୍କର ଭାବେ ଫୁଲିଯାଇ ଫାଟି ଯାଉଥିଲା। ଅସହ୍ୟ ଯନ୍ତ୍ରଣା ଭିତରେ ରୋଗୀ ଅଳ୍ପଦିନରେ ମୃତ୍ୟୁବରଣ କରୁଥିଲା। ଅମ୍ଳଜାନ ଅଭାବରେ ଚର୍ମର ରଙ୍ଗ ପରିବର୍ତ୍ତନ ସହିତ ଚର୍ମତଳେ ରକ୍ତସ୍ରାବ ଜନିତ କାରଣରୁ ରୋଗୀର ଶରୀର କଳା ପଡିଯାଉ ଥିବାରୁ ଏହି ମହାମାରୀକୁ 'କଳାମୃତ୍ୟୁ' (BLACK DEATH) ବୋଲି ନାମକରଣ କରାଯାଇଥିଲା। ଜଂଘ ଉପରଭାଗ ତଳିପେଟ ସଂଲଗ୍ନ ଲସିକା ଗ୍ରନ୍ଥି ବା ଲିମ୍ଫ୍ ନୋଡ୍ ର ଗ୍ରିକ୍ ନାମକରଣ (ବ୍ୟୁବନ୍) ଓ ପରବର୍ତ୍ତୀ କାଳରେ ଫୁଲିଯାଉଥିବା ଗ୍ରନ୍ଥିକୁ (Bubo) ବୋଲା ଯାଉଥିବାରୁ, ଏହି ମହାମାରୀକୁ 'ବ୍ୟୁବୋନିକ୍ ପ୍ଲେଗ' ବୋଲି କୁହାଗଲା। ଏହି ମହାମାରୀର କାରକ ଥିଲା ୟେର୍ସିନିଆ ପେଷ୍ଟିସ୍ (Yersinia pestes) ନାମକ ଏକ ଜୀବାଣୁ। ଏହାର ବାହକ ହେଉଛି ମୂଷା ଏବଂ ମୂଷା ଦେହରୁ ରକ୍ତ ଶୋଷୁଥିବା ଏକ ପ୍ରକାର ଡାଆଁଶ (Rat Flea) ପ୍ରଥମେ ଏହି ଜୀବାଣୁ ଦ୍ୱାରା ସଂକ୍ରମିତ ହେଉଥିଲା। ସେହି ଡାଆଁଶ ମଣିଷର ହାତ ଓ ପାଦକୁ କାମୁଡିବା ଦ୍ୱାର ଜୀବାଣୁ ଲସିକା ଗ୍ରନ୍ଥିରେ ପହଞ୍ଚି ରୋଗ ଜୀବାଣୁର ଗନ୍ତାଘର ସୃଷ୍ଟି କରୁଥିଲା। ସେଠାରୁ ଜୀବାଣୁ ବହୁସଂଖ୍ୟାରେ ରକ୍ତରେ ପହଞ୍ଚି ରକ୍ତ ସଂକ୍ରମଣ କରି ମୃତ୍ୟୁର କାରଣ ହେଉଥିଲେ। ପରେ ଏହି ଜୀବାଣୁ ରୂପାନ୍ତରିତ ହୋଇ ବାୟବୀୟ ମାଧ୍ୟମରେ ଫୁସ୍‌ଫୁସ୍ ସଂକ୍ରମଣ କରି ଦ୍ରୁତ ପ୍ରସାରିତ ନିମୋନିଆ ବା ଫୁସ୍‌ଫୁସ୍ ପ୍ରଦାହ ପରି ନିଦାନ ସୃଷ୍ଟି କରୁଥିଲା। ଏମିତି ଡାଆଁଶ ଏବଂ ପବନ ପଥରେ ଏହି ରୋଗ ଦୃତଗତିରେ ପ୍ରସାରିତ ହେଲା।

ଏହି ମହାମାରୀ ଦକ୍ଷିଣ ଚୀନ୍‌ରେ ସୃଷ୍ଟି ହୋଇଥିଲା ବୋଲି କୁହାଯାଏ ଏବଂ ମଙ୍ଗୋଲ ଯୋଦ୍ଧାମାନଙ୍କ ଦ୍ୱାରା ଉତ୍ତର ଚୀନ୍ ଆଉ ମଙ୍ଗୋଲିଆର ଗୋବି ଅଞ୍ଚଳକୁ ବ୍ୟାପିଥିଲା। ସମର୍ଥିତ ବିବରଣୀ ଅନୁସାରେ ୧୩୫୧ ସୁଦ୍ଧା ଚୀନ୍‌ର ସମୁଦାୟ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ ଏହି ପ୍ଲେଗ୍‌ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସେତେବେଳେ ଚୀନ୍ ଥିଲା ମଙ୍ଗୋଲ ସମ୍ରାଜ୍ୟର ବ୍ୟବସାୟିକ ପ୍ରାଣକେନ୍ଦ୍ର। ଚୀନ ଉତ୍ପାଦିତ ପଦାର୍ଥ ଆରବ, ଇହୁଦୀ ଓ ଖ୍ରୀଷ୍ଟିଆନ୍ ବଣିକଙ୍କ ଦ୍ୱାରା ସମ୍ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଗାଇ ଦିଆଯାଉଥିଲା। ଏହି ପ୍ରକ୍ରିୟାରେ ମହାମାରୀ ମଙ୍ଗୋଲ ସମ୍ରାଜ୍ୟର ଗାଁ ରୁ ଗାଁ, ସହରରୁ ସହର ଏବଂ ଦେଶରୁ ଦେଶ ବ୍ୟାପିଥିଲା। ମଙ୍ଗୋଲ ସୈନ୍ୟବାହିନୀ କାଳକ୍ରମେ ଏହି ମହାମାରୀର ଶିକାର ହେଲେ। ଫଳରେ ଅବରୋଧ ଓ ସୈନ୍ୟ ପ୍ରତ୍ୟାହାର କରାଗଲା। କିନ୍ତୁ ଯୁଦ୍ଧରେ ବ୍ୟବହୃତ ହେଉଥିବା ବାଟୁଳି ଦ୍ୱାରା ମୃତ ମଙ୍ଗୋଲ ସୈନ୍ୟଙ୍କ ଶବ ଗୁଡିକୁ ନିକ୍ଷେପ କଲେ ସହର ଭିତରକୁ। ଫଳରେ ସଂକ୍ରମଣ ଭୟରେ ସହରବାସୀଏ ଭୟଙ୍କର ପରିସ୍ଥିତିରୁ ବର୍ତ୍ତିବା ପାଇଁ ସହର ଛାଡି ସମୁଦ୍ରପଥରେ ପଳାୟନ କଲେ ସୁଦୂର ଇଜିପ୍ଟ, ମଧ୍ୟ ପ୍ରାଚ୍ୟ ଓ ସିସିଲିର ମେସିନାକୁ। କିନ୍ତୁ 'କଳା ମୃତ୍ୟୁ' କବଳରୁ ରକ୍ଷା ପାଇଲେନି, ବରଂ ଏହି ମହାମାରୀକୁ ଆଫ୍ରିକା ଓ ଇଉରୋପକୁ ବ୍ୟାପ୍ତ କରିବାରେ ଅଜାଣତରେ ଏକ ବଡ଼ ଭୂମିକା ନିର୍ବାହ କଲେ। ଏହି ମହାମାରୀରେ ପ୍ରାୟତଃ ଏସିଆର ଜନସଂଖ୍ୟା ୨୪ କୋଟିରୁ ୨୦ କୋଟିକୁ ଓ ଆଫ୍ରିକାର ଜନସଂଖ୍ୟା ୮ କୋଟିରୁ ୭ କୋଟିକୁ କମିଯାଇଥିଲା। ଭାରତକୁ ଏହି ମହାମାରୀ ବ୍ୟାପିଥିଲା କି ନାହିଁ ତାହା ଏପର୍ଯ୍ୟନ୍ତ ରହସ୍ୟାବୃତ। କେହି କେହି କୁହନ୍ତି ଏହା ଭାରତରେ ଅନେକ ଜୀବନ ନେଇଥିଲା। କିନ୍ତୁ ସମ୍ପର୍କରେ କିଛି ଲିଖିତ ତଥ୍ୟ ନାହିଁ। ହୁଏତ ଏ ରୋଗ ସିନ୍ଧୁନଦୀର ଉତ୍ତର ଉପତ୍ୟକା ଓ ଭାରତ ସୀମାବର୍ତ୍ତୀ ସିଲ୍‌କ ରୁଟ୍ (ଯେଉଁ ଗିରିପଥ ଦେଇ ରେଶମ ବ୍ୟବସାୟୀମାନେ ଯିବା ଆସିବା କରୁଥିଲେ) ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୀମିତ ହୋଇ ରହିଯାଇଥିଲା।

ଏହି ମହାମାରୀର ସବୁଠୁ ଅଧିକ ପ୍ରଭାବ ଅନୁଭୂତ ହୋଇଥିଲା ୟୁରୋପରେ। ସିସିଲିରୁ ଆରମ୍ଭ ହୋଇ ଏହା ପ୍ରଥମେ ଇଟାଲି ଓ ୧୩୪୮ ସୁଦ୍ଧା ସମଗ୍ର ଇଉରୋପରେ ବ୍ୟାପିଯାଇଥିଲା। ଏହା ଯେ କେବଳ ମୃତ୍ୟୁର ତାଣ୍ଡବଲୀଳା ରଚନା କରିଥିଲା, ତା' ନୁହେଁ ଏହା ସମଗ୍ର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଥିଲା। ୧୩୫୦ ସୁଦ୍ଧା ତାହା ଆଇସ୍‌ଲ୍ୟାଣ୍ଡ ଓ ଗ୍ରିନ୍‌ଲ୍ୟାଣ୍ଡରେ ପହଞ୍ଚିଯାଇଥିଲା। ଗ୍ରିନ୍‌ଲ୍ୟାଣ୍ଡର ଭାଇକିଂ ଜନଜାତି ଏହା ଯୋଗୁ ଲୋପ ପାଇଯାଇଥିଲା। ସେତେବେଳେ ଇଉରୋପର ଜନସଂଖ୍ୟା ଥିଲା ସାଢେ ସାତ କୋଟି ଓ ସେଥିରୁ ଅଢେଇ କୋଟି ଲୋକଙ୍କ ମୃତ୍ୟୁ ହୋଇଥିଲା। ମିଲାନ୍ ଓ ଭେନିସ୍ ସହରରେ କଡା ସଙ୍ଗରୋଧ ନିୟମ ସହ ରୋଗୀମାନଙ୍କ ଉପରେ କଡା କଟକଣା ଲଗାଇବା ସହ ପାନ୍ଥଶାଳା ଓ ମଦ ଦୋକାନକୁ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ଅଧିକାଂଶ ସହରରେ ସେ ସମୟର ସାମାଜିକ ଜୀବନର କରୁଣ ଚିତ୍ର ହୃଦୟ ବିଦାରକ ଥିଲା। ଏହି ରୋଗରୁ ରକ୍ଷା ପାଇବାପାଇଁ ସ୍ୱାମୀ ସ୍ତ୍ରୀକୁ, ବାପା ମା' ନିଜ ସନ୍ତାନମାନଙ୍କୁ ଏକା ମରିବାକୁ ଛାଡିଯାଉଥିଲେ। ଠିକ୍ କରୋନାରେ ଆଜିର ସାମାଜିକ ଅବସ୍ଥା ଭଳି ଶବ ସତ୍କାର ପାଇଁ ପାଦ୍ରି ମିଳୁ ନଥିଲେ। ହଜାର ହଜାର ସଂଖ୍ୟାରେ ପଡିଥିବା ଶବ ରାସ୍ତାରେ କୁକୁର ଖାଉଥିଲେ। ସେତେବେଳେ କୌଣସି କାନୁନ୍ ବା ସାମାଜିକ ବ୍ୟବସ୍ଥା ଅଭାବରେ ସମ୍ପୂର୍ଣ୍ଣ ଅରାଜକତା ସୃଷ୍ଟି ହୋଇଥିଲା।

ଯେତେବେଳେ ଏହି ମହାମାରୀ ଚରମ ଅବସ୍ଥାରେ ପହଞ୍ଚିଲା, ସେତେବେଳେ ଏହାର କାରଣ ଖୋଜିବାର ଚେଷ୍ଟା କରାଗଲା। ପ୍ୟାରିସ୍ ବିଶ୍ୱବିଦ୍ୟାଳୟର ଡାକ୍ତରମାନେ ଏକ ନିଷ୍କର୍ଷରେ ପହଞ୍ଚିଲେ ଯେ କିଛି ଗ୍ରହମାନଙ୍କର ଅଶୁଭ ସ୍ଥିତି ଯୋଗୁ ଉତ୍ପନ୍ନ ବିଷାକ୍ତ ବାଷ୍ପ ଏହାର କାରଣ

ଓ ନିଦାନ ପାଇଁ ବିଚିତ୍ର ଓ ଭିତ୍ତିହୀନ ପରାମର୍ଶ ଦେଇଥିଲେ। ଦ୍ୱିତୀୟ କାରଣଟି ଆହୁରି ମାରାତ୍ମକ। ପରମ୍ପରାଗତ ବିଦ୍ୱେଷ ଓ ବ୍ୟବସାୟ ସହ ସେମାନଙ୍କ ବୃତ୍ତିଗତ ସମ୍ପୃକ୍ତି ଯୋଗୁ ଅସଂଖ୍ୟ ଖ୍ରୀଷ୍ଟିଆନ୍ ଲୋକ ମେଳି ବାନ୍ଧି କିଛି ଇହୁଦୀଙ୍କୁ ଟାଣି ଆଣି ବାଡେଇ ବାଡେଇ ମାରିଦେଇଥିଲେ। ପରଦିନ ଚାଳିଶଜଣ ଇହୁଦୀଙ୍କର ଶବ ସହର ମଧ୍ୟଭାଗରେ ଟଙ୍ଗା ହୋଇ ଝୁଲୁଥିଲା। ଧୀରେ ଧୀରେ ଏହି ହିଂସା ଅନ୍ୟାନ୍ୟ ସହରକୁ ବ୍ୟାପିବାକୁ ଲାଗିଲା। ତା' ସହିତ ଇହୁଦୀମାନେ କଳା ଯାଦୁ ଦ୍ୱାରା ଖ୍ରୀଷ୍ଟିଆନ୍ ମାନଙ୍କ ପାନୀୟ ଜଳକୁ ବିଷାକ୍ତ କରିଦେବାରୁ ମହାମାରୀ ବ୍ୟାପୁଥିବାର ସନ୍ଦେହ ସୃଷ୍ଟି ହେଲା। ସବୁଠାରୁ ଅଭାବନୀୟ ଘଟଣା ଘଟିଥିଲା ୧୩୪୯ ମସିହା ଫେବୃଆରୀ ଚଉଦ ତାରିଖରେ। ସେହିଦିନ ଜର୍ମାନୀର ଷ୍ଟାସ୍‌ବର୍ଗ ସହରର ପ୍ରଶାସକମାନେ ଆନୁମାନିକ ଦୁଇ ହଜାର ଇହୁଦୀମାନଙ୍କୁ ସହର ବାହାରେ ପ୍ରାୟ ଛଅଦିନ ଧରି ଜଣ ଜଣ କରି ଜୀବନ୍ତ ଦଗ୍ଧ କରିଦେଲେ। ଏହି ହିଂସାରେ ସମୁଦାୟ କୋଡିଏ ହଜାର ଇହୁଦୀ ପ୍ରାଣ ହରାଇଥିବାର ଆକଳନ କରାଯାଏ।

୧୩୫୨ ମସିହାରେ ମହାମାରୀର ପ୍ରାଦୁର୍ଭାବ କମିଗଲା। କିନ୍ତୁ ପୁଣି ଥରେ ଦଶବର୍ଷ ପରେ ୧୩୬୨ ମସିହାରେ ତାହାର ଆବିର୍ଭାବ ଘଟିଲା। କିନ୍ତୁ ଏଥର ଜନସାଧାରଣ ସାବଧାନତା ଅବଲମ୍ବନ କରିଥିବାରୁ ଏହାର ପ୍ରାଦୁର୍ଭାବ ଅଧିକ ହେଲାନି। କିନ୍ତୁ ଏ ମହାମାରୀ ଇଉରୋପର ସାମାଜିକ ବ୍ୟବସ୍ଥାରେ ଦୀର୍ଘସ୍ଥାୟୀ ପ୍ରଭାବ ଛାଡିଗଲା। ଲୋକମାନଙ୍କର ଚର୍ଚ୍ଚ ଉପରେ ଭରସା କମିଯିବାରୁ ଚର୍ଚ୍ଚର ନିରଙ୍କୁଶ କ୍ଷମତା ସଙ୍କୁଚିତ ହେଲା। ଚର୍ଚ୍ଚ ବା ପୁରୁଣା ପଦ୍ଧତି ଉପରେ ବିଶ୍ୱାସ ନକରି ଚିକିତ୍ସକମାନେ ରୋଗର ବିଜ୍ଞାନସମ୍ମତ କାରଣ ଓ ନିଦାନ ଖୋଜିଲେ। ଶ୍ରମିକ ମାନଙ୍କର ଅଭାବ ଲୋକମାନଙ୍କୁ କୃଷି ଓ ଅନ୍ୟାନ୍ୟ କର୍ମସଂସ୍ଥାନରେ ବିକଳ୍ପ ଖୋଜିବା ପାଇଁ ବାଧ୍ୟକଲା ଓ ପ୍ରେରଣାଦେଲା। କେବଳ ସେତିକି ନୁହେଁ, ୟୁରୋପର ରେନାଁସାକୁ ତ୍ୱରାନ୍ୱିତ କରିବାରେ ଏହି ମହାମାରୀର ପ୍ରମୁଖ ଭୂମିକା ରହିଲା।

ଏହି ମହାମାରୀର ବିଲୟ ହୋଇ ନଥିଲା। ବିଭିନ୍ନ ସମୟରେ ବିଭିନ୍ନ ଦେଶରେ ଏହାର ଆବିର୍ଭାବ ଘଟିଥିଲା। କିନ୍ତୁ ବିଜ୍ଞାନର ଅଗ୍ରଗତି ଯୋଗୁଁ ମଣିଷ ଏହା ସହିତ ବଞ୍ଚିବା ଶିଖିଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ମଧ୍ୟ ଆମେ ଆଶା କରିବା ମଣିଷ କୋଭିଡ୍ ସହିତ ମଧ୍ୟ ବଞ୍ଚିବା ଶିଖିଯିବ। କାଳ ବକ୍ଷରେ ଯେପରି ଆଉଥରେ ଇତିହାସର ପୁନରାବୃତ୍ତି ଘଟିଲା।

ଏକବିଂଶ ଶତାବ୍ଦୀରେ ଏହି କରୋନା ଭୂତାଣୁ ପ୍ରଥମେ ଉହାନ ସହରରେ ଆରମ୍ଭ ହୋଇ ମଣିଷ ଦେହରେ ସଂକ୍ରମିତ ହୋଇଥିଲା। ସେହିଠାରୁ ହିଁ ଏହା କ୍ରମଶଃ ବିଭିନ୍ନ ଦେଶର ମଣିଷଠୁ ମଣିଷକୁ ସଂକ୍ରମିତ ହେବାରେ ଲାଗିଲା। ଏହା ଏକ ଗ୍ରୁପ୍ ଅଫ୍ ଭାଇରସ୍ ଯାହାକି ଉଭୟ ମଣିଷ ଓ ପଶୁଜଗତ ସବୁଠାରେ ସଂକ୍ରମିତ ହୋଇପାରେ। ଏହା ପ୍ରଥମେ ଶ୍ୱାସନଳୀକୁ ସଂକ୍ରମଣ କରେ। ଏହି ଭୂତାଣୁର ପୂର୍ବଜ ସାରସ୍ ଭୂତାଣୁ, ଯାହା ୨୦୦୨-୨୦୦୩ରେ ସଂକ୍ରମଣ କରି ଚିହ୍ନଟ ହୋଇଥିଲା। ବର୍ତ୍ତମାନ ଯେଉଁ କୋଭିଡ୍-୧୯ ଭୂତାଣୁ ମଣିଷକୁ ସଂକ୍ରମଣ କରୁଛି, ଏହାର ଲକ୍ଷଣ ହେଉଛି ସାମାନ୍ୟ ଜ୍ୱର, କାଶ ଓ ଥଣ୍ଡା। ଏହା ଦ୍ରୁତ ଗତିରେ ସମଗ୍ର ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ବ୍ୟାପିଯିବା ଫଳରେ ୧୧, ମାର୍ଚ୍ଚ ୨୦୨୦ ଦିନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ୱାର୍ଲଡ୍ ହେଲ୍‌ଥ ଅର୍ଗାନାଇଜେସନ୍ ବିଶ୍ୱବ୍ୟାପୀ ମହାମାରୀ ବା ପାଣ୍ଡେମିକ୍ ବୋଲି ଘୋଷଣା କଲା। ଏହାର ଲକ୍ଷଣ ସମୂହ ହେଉଛି ଥଣ୍ଡା, କାଶ, ଜ୍ୱର, ମୁଣ୍ଡବିନ୍ଧା, ଶ୍ୱାସକ୍ରିୟାରେ କଷ୍ଟ, କଫ, ତଣ୍ଟି କାଟିବା, ମାଂସପେଶୀ ବିନ୍ଧା ଓ ସ୍ୱାଦହୀନତା ଇତ୍ୟାଦି।

ବିଗତ ଦେଢ ବର୍ଷରୁ ଉର୍ଦ୍ଧ୍ୱ ଅର୍ଥାତ୍ ୨୦୧୯ ମସିହାର ଶେଷଭାଗରୁ ଏହା ଧୀରେଧୀରେ ସମଗ୍ର ବିଶ୍ୱକୁ ବ୍ୟାପିଗଲା। ଏହା ଭାରତରେ ୨୦୨୦ ମସିହା ମାର୍ଚ୍ଚ ମାସରୁ କାୟାବିସ୍ତାର କରିବାକୁ ଲାଗିଲା। ଜଣଙ୍କ ମୁହଁରୁ ଆଉ ଜଣଙ୍କ ମୁହଁକୁ ଅଦୃଶ୍ୟ କଣିକା ଭାବରେ ଏହା ଖୁବ୍ କମ୍ ସମୟରେ ଅନେକଙ୍କୁ ଆକ୍ରାନ୍ତ କରିବା ସେଇ ଚତୁର୍ଦ୍ଦଶ ଶତାବ୍ଦୀର ରୂପାନ୍ତରିତ ପ୍ରକ୍ରିୟା। ସେ ସମୟ ପରି ଏହି କୋଭିଡ୍ ମହାମାରୀରେ ଶବ ଗୁଡିକ ଦାହ କରିବାକୁ ସମୟ ଆଉ ଶକ୍ତିର ଅଭାବ ଦେଖାଯାଉଛି। ତା ସହିତ ସାମାଜିକ, ଆର୍ଥିକ ଆଉ ରାଜନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। କୋଭିଡ ସକ୍ରିୟ କାଳରେ ଅନେକ କଳ-କାରଖାନା, ସ୍କୁଲ୍ କଲେଜ, ହୋଟେଲ୍, ସିନେମା ଘର, ବନ୍ଦ ହୋଇଯାଇଛି। ଜୀବନ ଓ ଜୀବିକାର ପାର୍ଶ୍ୱ ବିଭାଜିତ ହୋଇଯାଇଛି, ଜୀବନ ବଞ୍ଚାଇବାକୁ ଯାଇ ଜୀବିକା ହରାଇବାକୁ ପଡୁଛି।

ଯାହାହେଉ, ସୁଖର ବିଷୟ ବୈଜ୍ଞାନିକ ମାନଙ୍କର ପ୍ରଚେଷ୍ଟା ଆଉ ସରକାରୀ ତତ୍ପରତା ଫଳରେ କୋଭିଡ୍ ପ୍ରତିରୋଧକ ଟିକାର ବ୍ୟବସ୍ଥା ହୋଇପାରିଛି ଏବଂ ଏହାଦ୍ୱାରା ରୋଗକୁ ଆୟତ୍ତ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅଳ୍ପଦିନ ମଧ୍ୟରେ କୋଭିଡ୍ ନିୟନ୍ତ୍ରିତ ହେବ।

ଅମୃତନଗର, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୭୦୮୨୧୦୬

# ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ବିଭୀଷିକା

*ଶ୍ରୀଚନ୍ଦନ କୁମାର ରାଉତରାୟ*

ଯେଉଁ ଭାଷାରେ 'ନଅଙ୍କିଆ' ଗୋଟିଏ ସାଧାରଣ ଲୋକର ଭାଷା, ସେହି ନଅଙ୍କ ପୁଣି ଘଟିବାର ଦେଢ ଶହ ବର୍ଷ ପରେ ଗାଁ ଗଣ୍ଡା ଆଉ ନିପଟ ମଫସଲରେ ଏହା ଗୋଟିଏ ସାଧାରଣ ଶବ୍ଦ ହୋଇପାରିଛି। ଏହାର ସାମାଜିକ ଆଉ ଐତିହାସିକ ମୂଲ୍ୟ ବହୁତ ବେଶି ଏବଂ ଏହା ଅତୀତର ଗୋଟିଏ ବିଭତ୍ସ ଘଟଣାର ସ୍ମୃତି ଚାରଣ କରିଥାଏ। ପଦଟିଏରେ କହିଲେ, ୧୮୬୬ ମସିହାରେ ଗଜପତିଙ୍କ ଶାସନର ନବମ ଅଙ୍କରେ ଦୁର୍ଭିକ୍ଷ କାରଣରୁ ୧୦ ଲକ୍ଷ ଲୋକ ଅବେଳାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁମୁଖରେ ପଡିଥିବା ଏହି କଙ୍କାଳସାର ରୂପ ଦେଖିଲେ, ପ୍ରତୀୟମାନ ହୁଏ ଯେମିତି ବିଶ୍ୱର ସମସ୍ତ ଜନରାଶି ଏହି ଦୁର୍ଭିକ୍ଷ କବଳରେ ଲୀନ ହୋଇଯିବେ। ସେହି କୁଖ୍ୟାତ ଦୁର୍ଭିକ୍ଷର ଏକ ପୁଂଖାନୁପୁଂଖ ରଚନା ସିଦ୍ଧ କରେ ଯେ, ଦୁର୍ଭିକ୍ଷ ନିମନ୍ତେ ପ୍ରକୃତି ଯେତିକି ଦାୟୀ, ତାଠାରୁ ବେଶି ଶାସନ ଆଉ ପ୍ରଶାସନ ହିଁ ଉତ୍ତରଦାୟୀ।

ଓଡିଶାର ଇତିହାସ ବିବିଧ ପ୍ରାକୃତିକ ବିପର୍ଯ୍ୟୟରେ ପରିପୂର୍ଣ୍ଣ। ବାତ୍ୟା, ବନ୍ୟା, ମରୁଡି ଓ ମହାମାରୀ ଏଇ ରାଜ୍ୟର ଚିର ସହଚର। ଓଡିଶାର ସୁଶାସନ ବେଳେ ଖାରବେଳଙ୍କ ସମୟରେ ବିଶାଳ ବାତ୍ୟାର ବର୍ଣ୍ଣନା ରହିଛି। ସେହିପରି କପିଳେନ୍ଦ୍ରଦେବଙ୍କ ଅମଳରେ ଘୋର ମରୁଡିର ଉଲ୍ଲେଖ ରହିଛି। କିନ୍ତୁ ଉନବିଂଶ ଶତାବ୍ଦୀର ନଅଙ୍କ ଦୁର୍ଭିକ୍ଷ ସବୁଠାରୁ ଦାରୁଣ ଏବଂ ଓଡିଶାର ମେରୁଦଣ୍ଡ ଭାଙ୍ଗିଦେଇଛି। କାଳ କାଳକୁ ଓଡିଆ ଭାଷା ଆଉ ଭାଗ୍ୟରେ 'ନଅଙ୍କିଆ' ଶବ୍ଦଟିକୁ ଯୋଡି ଦେଇଯାଇଛି। ୧୮୬୬ ମସିହାର ଏହି କୁଖ୍ୟାତ ଦୁର୍ଭିକ୍ଷ ଏମିତି ବିଭତ୍ସ ଇତିହାସ ସୃଷ୍ଟି କରିଛି, ତାହା ଅବର୍ଣ୍ଣନୀୟ। ଏହା ରାଜ୍ୟର ଅର୍ଥନୀତିରେ ଏବଂ ବର୍ଷା ଉପରେ ନିର୍ଭର କରୁଥିବା କୃଷିବୃତ୍ତି ନିମନ୍ତେ ଯୁଗଯୁଗ ପାଇଁ ଅନିଶ୍ଚିତତା ଆଉ ଭୟର ଦ୍ରୁମ ରୋପଣ କରିଯାଇଛି।

ନଅଙ୍କ ଦୁର୍ଭିକ୍ଷ ଏକ ସମୟରେ ବିଶ୍ୱରେ ଚହଳ ପକାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ତଦାନୀନ୍ତନ ଉପନିବେଶିକ ବ୍ରିଟିଶ୍ ପ୍ରଶାସନ ଦୁର୍ଭିକ୍ଷର ଭୟାବହତା ଆଉ କରୁଣ ମୃତ୍ୟୁପାଇଁ ବହୁ ପରିମାଣରେ ଦାୟୀ। କୁହାଯାଏ, ଓଡିଶାର ଏକତୃତୀୟାଂଶ ଜନରାଶି ଏହି ଦୁର୍ଭିକ୍ଷର କରାଳ କବଳରେ କ୍ଷୟ ହୋଇଯାଇଥିଲେ। ଓଡିଶାର ଗଜପତି କୌଣସି ମତେ ଏହି ଦୁର୍ଭିକ୍ଷ କିମ୍ବା ତାର ପ୍ରତିକାର ନିମିତ୍ତ ଦାୟୀ ନହେଲେ ବି ଲୋକମାନଙ୍କର ସମୟ ନିର୍ଦ୍ଧାରଣ ପାଇଁ ତାଙ୍କ ଶାସନର ନବମ ଅଙ୍କରେ ଏହି ଦୁର୍ଯୋଗ ଘଟି ଥିବାରୁ, ଲୋକଭାଷାରେ ଏହା ନଅଙ୍କ ଦୁର୍ଭିକ୍ଷ।

ଏହି ଦୁର୍ଭିକ୍ଷର ଅନେକ କାରଣ ରହିଛି। ୧୮୬୬ ମସିହାର ପୂର୍ବବର୍ଷ ୧୮୬୫ ମସିହାର ମରୁଡି ପରବର୍ଷ ପାଇଁ ଦୁର୍ଭିକ୍ଷର ମୂଳଦୁଆ ପକାଇଥିଲା। ସେ ବର୍ଷ ମୌସୁମୀବାୟୁ ଜଲ୍‌ଦି ଆସିଗଲା ଏବଂ ଅକ୍ଟୋବର-ନଭେମ୍ବର ବେଳକୁ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଜମିବାଡି ଶୁଖିଗଲା ଆଉ ଚାଷବାସ ଉଜୁଡିଗଲା। ଫସଲ ମାତ୍ର ଏକତୃତୀୟାଂଶ ଅମଳ ହେଲା। ଖାଇବାକୁ ତ ଅଣ୍ଟିଲା ନାହିଁ, ଚାଷୀ କଅଣ ବା ଆଗତ ବର୍ଷକୁ ସଞ୍ଚିବେ ?

୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର ଆଉ ଗୋଟିଏ କାରଣ ହେଲା, ଓଡିଶାରୁ ବହୁ ପରିମାଣର ଖାଦ୍ୟଶସ୍ୟ ଓଡିଶା ବାହାରକୁ ରପ୍ତାନି ହୋଇଯିବା। ଇଂରେଜମାନଙ୍କର ଓଡିଶା ଦଖଲ ସମୟରୁ ପ୍ରତିବର୍ଷ ବହୁ ପରିମାଣର ଧାନଚାଉଳ ପ୍ରଦେଶ ବାହାରକୁ ରପ୍ତାନି ହୋଇଯାଏ। ରେକର୍ଡରୁ ଜଣାଯାଇଛି ଯେ, ୧୮୬୬ ମସିହାର ପୂର୍ବ ଛଅ ବର୍ଷରେ ପ୍ରତିବର୍ଷ ଅନ୍ୟୂନ ୨୦୦୦୦ ଟନ୍ ଚାଉଳ ବାହାରକୁ ରପ୍ତାନି ହୋଇଥିଲା। ୧୮୬୫ ମସିହାରେ ଓଡିଶାରୁ ମାଡ୍ରାସ୍‌ର ଧନୀ ତେଲେଙ୍ଗା କୁମୁଟି କମ୍ପାନୀ ୩୩୦୦୦ ଟନ୍ ଚାଉଳ ସଂଗ୍ରହ କରି ଫ୍ରାନ୍ସର ମେସରସ୍ ରବର୍ଟ ଆଣ୍ଡ ଚାରିୟଲ କମ୍ପାନୀକୁ ବିକ୍ରିକରି ବେଶ୍ କିଛି ଲାଭ ପାଇଥିଲା। ତଦ୍ୱାରା ୧୮୬୪ ମସିହା ବେଳର ସମସ୍ତ ବଳକା ଚାଉଳ ଶୂନ୍ୟ ହୋଇଗଲା। ୧୮୬୫ ମସିହାରେ ଯେତେବେଳେ ବର୍ଷା ବନ୍ଦ ହୋଇଗଲା, ବ୍ରିଟିଶ୍ ସରକାର ଓଡିଶାପାଇଁ ବାହାରୁ କିଛି ଖାଦ୍ୟଶସ୍ୟ ଆଣିବାକୁ ଚିନ୍ତା ବି କଲେନାହିଁ।

ଚାଷ ହିଁ ଓଡିଶାର ଲୋକମାନଙ୍କର ଏକମାତ୍ର ବୃତ୍ତି। ୧୮୩୭ ମସିହାରୁ ବ୍ରିଟିଶ୍ ସରକାର ଓଡିଶାରେ ଯେଉଁ ରାଜସ୍ୱ ବନ୍ଦୋବସ୍ତ ଚଳାଉଥିଲେ, ତାହା ୧୮୬୬ ମସିହାକୁ ସରିଆସିଲା। ଖଜଣା ଅଧିକ ପଡିବା ଭୟରେ ଚାଷୀମାନେ ନିଜର ଚାଷ ଜମିର ପରିମାଣ ୧୮୬୪ ବେଳକୁ ହ୍ରାସ କରିଦେଲେ। କମ୍ ପରିମାଣର ଜମି ଚାଷକଲେ, ଖଜଣା କମ୍ ପଡିବ, ଏଥିପାଇଁ ଲୋକମାନେ ଏପରି କରିବାକୁ ବାଧ୍ୟ ହେଉଥିଲେ। ତେଣୁ ୧୮୬୪ ମସିହାରେ ସମ୍ଭବଥିବା ପରିମାଣରୁ ଯଥେଷ୍ଟ କମ୍ ଖାଦ୍ୟଶଷ୍ୟ

ଅମଳ ହୋଇଥିଲା । ଏହା ଓଡିଶାର କୃଷିଜୀବୀ ମାନଙ୍କର ଦୁଃଖର ଆଉ ଗୋଟିଏ କାରଣ ।

ଅପର ପକ୍ଷରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଦଖଲ କରିବା ପରଠାରୁ କୃଷି ବିକାଶ ପାଇଁ ଦୃଷ୍ଟି ଦେବାରେ ଅବହେଳା ପ୍ରଦର୍ଶନ କରିଛି । ଏ ପର୍ଯ୍ୟନ୍ତ ଏହି ନୂତନ ଡିଭିଜନ୍‌ଟିରେ ଜଳସେଚନ ସୁବିଧା ସୃଷ୍ଟି କରିବାର କୌଣସି ଉଦ୍ୟମ ନାହିଁ । ରାଜ୍ୟର କୃଷକ ସମ୍ପୂର୍ଣ୍ଣ ବର୍ଷା ଉପରେ ନିର୍ଭରଶୀଳ । ୧୮୬୫ ମସିହା ସେପ୍ଟେମ୍ବର ମାସରେ ବର୍ଷା ବନ୍ଦ ହୋଇଗଲା । ଆକାଶ ପୂରା ନୀଳ ଏବଂ ମେଘମୁକ୍ତ ହୋଇଗଲା । ବର୍ଷାର କୌଣସି ଆଶା ନାହିଁ । ଏଥିପାଇଁ ଅକ୍ଟୋବର ମାସରୁ ଧାନ ଚାଉଳ ମୂଲ୍ୟ ଅତିମାତ୍ରାରେ ବଢିଗଲା । ଜମିଦାରମାନେ ବର୍ଦ୍ଧିତ ଦରରେ ସରକାରଙ୍କୁ ଖଜଣା ଦେବେ, ଏହା ହିଁ ଧାନ ଚାଉଳ ମୂଲ୍ୟ ବଢିବାର କାରଣ । ଏହା କୃଷକମାନଙ୍କୁ ବେଶ୍ ବାଧିଲା । ସେହିବର୍ଷ ଅକ୍ଟୋବର ୨୬ ତାରିଖରେ ବାଲେଶ୍ୱର କଲେକ୍ଟର ମୁସ୍ତାତ୍ ମରୁଡି ପାଇଁ ଫସଲହାନି ହେବାରୁ ଚାଷୀମାନେ ଖଜଣା ଦେବାକୁ ଅସମର୍ଥ ବୋଲି ଜମିଦାରମାନଙ୍କର ଆବେଦନକୁ ଉପରିସ୍ଥ ଅଧିକାରୀଙ୍କ ପାଖକୁ ସୁପାରିଶ କରିଥିଲେ । ଦୁର୍ଭାଗ୍ୟବଶତଃ ଉଚ୍ଚପଦସ୍ଥ ବ୍ରିଟିଶ୍ ଅଧିକାରୀମାନେ ଏଥି ପ୍ରତି ଉଦାସୀନ ରହିଥିଲେ ।

ପରିବହନର ଅଭାବ ଏହି ଦୁର୍ଭିକ୍ଷର ଆଉ ଗୋଟିଏ କାରଣ । ଓଡିଶା ଓ କଲିକତା ମଧ୍ୟରେ ରାସ୍ତାଘାଟ ଆଦୌ ଭଲ ନଥିଲା । ଏହି ଗମନାଗମନ ପଥରେ ଅନେକ ଗୁଡିଏ ନଦୀ ପଡୁଛି ଏବଂ କୌଣସିଟି ନଦୀ ଉପରେ ବ୍ରିଜ୍ ନାହିଁ । ତେଣୁ କଲିକତା ସହ ସମ୍ପର୍କ ରଖି କୌଣସି ବ୍ୟବସାୟ କରିବାକୁ ଏହି ରାସ୍ତା ଓଡିଶାର ବ୍ୟବସାୟୀ ମାନଙ୍କୁ କୌଣସି ଆଶା ଦେଉ ନଥିଲା । ତା ସହିତ ବର୍ଷାଋତୁ ଥିଲା । ସରକାରଙ୍କର କୌଣସି ଆନ୍ତରିକତା ନଥିଲା । ଥିଲେ ବି ସେପରି ଗମନାଗମନ କ୍ଷେତ୍ରରେ ଓଡିଶା ପାଇଁ ଖାଦ୍ୟଶସ୍ୟ ପହଞ୍ଚାଇବା କୌଣସି ପ୍ରକାରେ ସମ୍ଭବ ନଥିଲା ବୋଲି କହିଲେ ଚଳେ । ସତରେ ଯଦି ଓଡିଶା ଆଉ କଲିକତା ମଧ୍ୟରେ ଗମନାଗମନ ସହଜ ଥାଆନ୍ତା, ତାହିଥିଲେ ବ୍ୟବସାୟୀ ଆଉ ସରକାର କଲିକତାରୁ ଖାଦ୍ୟଶସ୍ୟ ଆମଦାନି କରିପାରି ଥାଆନ୍ତେ । ତା ସହିତ ଶକ୍ତିଥିବା କିଛି ଲୋକ କଲିକତା ବା ଦୂର ଦୂରାନ୍ତକୁ ଚାଲି ଯାଇ ପାରିଥାଆନ୍ତେ ।

ସରକାରୀକଳର ନିଷ୍କ୍ରିୟତା ନଅଙ୍କ ଦୁର୍ଭିକ୍ଷର ପ୍ରଧାନ କାରଣ ବୋଲି କୁହାଯାଇପାରେ । ସତରେ କୁହାଯାଇଛି, ଯେତେବଡ ଦୁର୍ଭିକ୍ଷ ହେଉ, ଏଥିରେ ପ୍ରାକୃତିକ ବିପର୍ଯ୍ୟୟର ହାତ ରହିଛି, ତା ଠାରୁ ବହୁଗୁଣରେ ଶାସକୀୟ ଉଦାସୀନତାର ଦାୟିତ୍ୱହୀନତା ସନ୍ନିବେଶିତ ହୋଇଥାଏ । ତାହା ହିଁ ନଅଙ୍କ ଦୁର୍ଭିକ୍ଷର କାରଣ ବୋଲି ଧରାଯାଇପାରେ । ଆମେ ବିବରଣୀ ପାଠ କରୁଥିବା ଦୁର୍ଭିକ୍ଷ ସମୟରେ ଓଡିଶାରେ ଶାସକ ଆଉ ଶାସିତଙ୍କ ମଧ୍ୟରେ କୌଣସି ସମ୍ପର୍କ ନଥିଲା । କେବଳ ଜମିଦାରଙ୍କ ମାଧ୍ୟମରେ ରାଜସ୍ୱ ସଂଗ୍ରହ । କିଛି ବି ବିକାଶ ମୂଳକ କାର୍ଯ୍ୟ ଅୟମାରମ୍ଭ ହୋଇ ନଥିଲା । କୌଣସି ଇଂରେଜ ଅଧିକାରୀ ଓଡିଶାର ଗାଁ ଆଉ ଗ୍ରାମଜୀବନ ବିଷୟରେ କିଛି ବି ଧାରଣା କରିନାହାନ୍ତି । ସେମାନଙ୍କର ଯଦି ଓଡିଶାର ଗ୍ରାମ ବିଷୟରେ କିଛି ବି ଜ୍ଞାନ ଥାଆନ୍ତା, ସେମାନେ ପରିସ୍ଥିତି ଅନୁଧ୍ୟାନ କରିପାରି ଥାଆନ୍ତେ । ଏବେ ବି ଶୁଣିବାକୁ ମିଳେ, ଯେତେବେଳେ ଓଡିଶାର ପୁରପଲ୍ଲୀରେ ମୃତ୍ୟୁର ତାଣ୍ଡବ ଚାଲିଥିଲା, କୌଣସି ଅନୁସନ୍ଧାନ ଦଳର ଅଧିକାରୀ ଦଳିତ ମହିଳା ମାନଙ୍କର କଂସା ତିଆରି ଅଳଙ୍କାରକୁ ସୁନାରେ ତିଆରି ବୋଲି ବ୍ୟାଖ୍ୟା କରିଥିଲେ ! ଏମିତିକି ଓଡିଶା ଡିଭିଜନ୍‌ର କମିସନର ରେଭେନ୍‌ସା ସାହେବ ବି ଲୋକମାନଙ୍କର ଦୟନୀୟ ଅବସ୍ଥାକୁ ହୃଦୟଙ୍ଗମ କରିପାରି ନଥିଲେ ।

ବଜାରରେ ବି କୃତ୍ରିମ ଅଭାବ ଲାଗି ରହିଥିଲା । ବ୍ରିଟିଶ୍ ସରକାର ସେଥିପ୍ରତି ଆଖି ବୁଜି ଦେଇଥିଲେ । ବ୍ୟବସାୟୀମାନେ ସଂଘବଦ୍ଧ ଭାବରେ ଧାନଚାଉଳ ମହଜୁଦ ରଖି ବିକ୍ରି ପାଇଁ ଛାଡୁ ନଥିଲେ । ଚାଉଳ ଦର ବଢି ବଢି ଅତି ଉଚ୍ଚ ଦରରେ ପହଞ୍ଚିଥିଲା । ସରକାର କଳାବଜାରୀ ମାନଙ୍କୁ ଉଚିତ୍ ଶିକ୍ଷା ଦେଇଥିଲେ, ପରିସ୍ଥିତି ପାଇଁ ଉନ୍ନତିକର ହୋଇଥାଆନ୍ତା ବୋଲି ଆଶା କରାଯାଏ । ଚାଉଳର ଦର ବି ନିୟନ୍ତ୍ରିତ ହୋଇପାରି ଥାଆନ୍ତା । ସରକାରଙ୍କ ଉଦାସୀନତା ଫଳରେ ବ୍ୟବସାୟୀଙ୍କର ମୁନାଫାଖୋର ଆଚରଣ ବଳବତ୍ତର ରହିଲା । ଖାଉଟିମାନେ ଉପାସ ରହି ମୃତ୍ୟୁର ଶିକାର ହେଲେ ।

ସେ ସମୟରେ ଦୁର୍ଭିକ୍ଷକୁ ପ୍ରଚାର ପ୍ରସାର କରିବାକୁ ଗଣମାଧ୍ୟମ ନଥିଲା । ନା ଖବରକାଗଜ, ନା ଇଲେକ୍ଟ୍ରୋନିକ ମିଡିଆ । କୌଣସି ପ୍ରାଦେଶିକ ବା ଆଞ୍ଚଳିକ ମାଧ୍ୟମ ବି ନଥିଲା ଖବର ସଂଗ୍ରହ କି ସରକାରଙ୍କୁ ଜଣାଇବାକୁ । ଦୁର୍ଭିକ୍ଷ ସଂକ୍ରାନ୍ତରେ ପୁରୀ କଲେକ୍ଟର ମିଷ୍ଟର ବାର୍ଲୋ ଆଉ ଡେପୁଟି କଲେକ୍ଟର ଶ୍ରୀ ରାମାକୟ ଚାଟାର୍ଜୀ କେତେଜଣ ପୋଲିସ୍ ଅଫିସରଙ୍କ ସହିତ ମିଶି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ସେମାନଙ୍କର ପ୍ରଚେଷ୍ଟା ବାଲେଶ୍ୱର କଲେକ୍ଟରଙ୍କ ପରି ସରକାରଙ୍କ ପାଖରେ ହାର ମାନିଥିଲା । ଲୋକମାନଙ୍କର ନିରକ୍ଷରତା, ଚେତନାହୀନତା ଆଉ କମିସନର୍ ରେଭେନ୍‌ସାଙ୍କ ଦାୟିତ୍ୱହୀନତା ଏହି ଦୁର୍ଭିକ୍ଷର ପ୍ରଧାନ କାରଣ ବୋଲି ସ୍ୱୀକାର କରାଯାଏ । ରେଭେନ୍‌ସା ଠିକ୍ ସମୟରେ ପଦକ୍ଷେପ ନେଇଥିଲେ ଦୁର୍ଭିକ୍ଷ ବହୁପରିମାଣରେ ନିୟନ୍ତ୍ରିତ ହୋଇପାରି ଥାଆନ୍ତା ।

୧୮୬୬ ମସିହା ଦୁର୍ଭିକ୍ଷର କଳେବର ଦର୍ଶନ କରିବା ନିତାନ୍ତ ଆବଶ୍ୟକ । ଅକ୍ଟୋବର ୧୮୬୫ରୁ ଖାଦ୍ୟଶସ୍ୟର ଉତ୍କଟ ଅଭାବ ଦେଖାଦେଲାଣି । ପୁରୀ କଲେକ୍ଟର ଆପତ୍ତି କଲେ ବି ରେଭେନ୍‌ସା ଏହାକୁ ଗୁରୁତ୍ୱ ଦେଲେନି, ବରଂ ବେଙ୍ଗଲ ସରକାରଙ୍କୁ ଜଣାଇଲେ କି ଓଡିଶାରେ ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଭରପୂର ରହିଛି ।

ବାସ୍ତବରେ ଅକ୍ଟୋବର ୧୮୬୫ରୁ ଦୁର୍ଭିକ୍ଷ ଆରମ୍ଭ ହୋଇଯାଇଛି । ପୁରୀ ଜିଲ୍ଲାର ପାରିକୁଦ ଆଉ ମାଲୁଦ ଅଞ୍ଚଳରେ ଖାଦ୍ୟାଭାବ ଜନିତ ମୃତ୍ୟୁ ଘଟିବା ଆରମ୍ଭ ହେଲାଣି । ସେ ବି କମିସନରଙ୍କୁ ପ୍ରସ୍ତାବ ଦେଇଥିଲେ, କିଛି ସରକାରୀ କାମର ମଜୁରି ଭାବରେ ଖାଦ୍ୟଶସ୍ୟ ଦିଆଯାଉ । ବେଙ୍ଗଲ ସରକାର ଏଥିପାଇଁ ଅର୍ଥ ମଞ୍ଜୁରକଲେ, କିନ୍ତୁ ଖାଦ୍ୟଶସ୍ୟ ଦେବାକୁ ମନାକରିଦେଲେ । ଓଡିଶାକୁ କୌଣସି ଖାଦ୍ୟଶସ୍ୟ ଆମଦାନି କରାଯାଇ ନଥିଲା ।

ଡିସେମ୍ବର ୧୮୬୫ ମସିହାରେ କମିସନର ରେଭେନ୍‌ସା ସାହେବ ଦୀର୍ଘଦିନ ପାଇଁ ଗଡଜାତ ଗସ୍ତରେ ଚାଲିଗଲେ । ଜାଣି ବି ଅଜାଣତ ପରି

ରହିଗଲେ । ଦୁର୍ଭିକ୍ଷର ବହ୍ନି ଦହନ କରିବା ଆରମ୍ଭ କରିଦେଲାଣି । ଜାନୁଆରୀ ୩୧ ତାରିଖରେ ଗସ୍ତରୁ ଫେରି ଶୁଣିବାକୁ ପାଇଲେ ତାଙ୍କ ଅନୁପସ୍ଥିତିରେ ପରିସ୍ଥିତି କିପରି ବିଭତ୍ସ ହେଲାଣି ।

ଏହି ସମୟରେ ଖାଦ୍ୟାଭାବରେ ଓଡିଶାରେ ହାହାକାର ପଡିଗଲା । ଲୋକ ଖାଦ୍ୟ ବଦଳରେ ଅଖାଦ୍ୟ ଖାଇବାକୁ ବି ପାଇଲେ ନାହିଁ । ମରୁଡିର କରାଳ କବଳରେ ବୃକ୍ଷଲତା ବି ମଉଳିଗଲେ । ଧାନଚାଉଳ ପରିବର୍ତ୍ତେ କୌଣସି ପନିପରିବା, ସବୁଜ ପତ୍ର କି ଫଳମୂଳ ବି ମିଳିଲା ନାହିଁ । ପ୍ରତିଟି ଗାଁରେ କେତେଗୁଡିଏ କଙ୍କାଳସାର ମଣିଷ ବଞ୍ଚି ରହିଥିବାର ଓ ଅନେକ ଶଯ୍ୟାଶାୟୀ ହୋଇଥିବାର ଦୃଶ୍ୟ ହି ଦେଖିବାକୁ ମିଳିଲା । ନିରବରେ ଏହି ଓଡିଆମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କରୁଥିଲେ ।

ରେଭେନ୍‌ସା ନିଜର ଭୁଲ୍ ବୁଝିପାରିଲେ । ସେ ଯେ ଅକ୍ଷମଣୀୟ ଅପରାଧ କରିସାରିଛନ୍ତି ଏବଂ ଗୁରୁତ୍ୱକୁ ଖିଆଲିଆ ଭାବରେ ଅବହେଳା କରି ଦୁର୍ଭିକ୍ଷ ବହ୍ନିକୁ ଲେଲିହାନ ରୂପ ନେବାକୁ ପ୍ରଶୟ ଦେଇଛନ୍ତି, ଏଇଟା ହୃଦୟଙ୍ଗମ କରିପାରିଲେ । ତୁରନ୍ତ ଖାଦ୍ୟଶସ୍ୟ ପଠାଇବାକୁ କଲିକତା ଟେଲିଗ୍ରାମ କଲେ । ଦୁର୍ଭାଗ୍ୟକୁ ବେଙ୍ଗଲ ସରକାର ବି ଏହାକୁ କର୍ଣ୍ଣପାତ କରି ନଥିଲେ ।

୧୮୬୬ ମସିହା ଫେବ୍ରୁଆରୀ ୧୩ ରୁ ୧୬ ତାରିଖ ମଧ୍ୟରେ ବେଙ୍ଗଲ ଲେଫଟେନାଣ୍ଟ ଗଭର୍ଣ୍ଣର ସାର୍ ସେସିଲ୍ ବିଡନ୍ କଟକ ପରିଦର୍ଶନରେ ଆସିଥିଲେ । ସେ ଆଦୌ ପରିସ୍ଥିତି ତଦାରଖ କଲେନାହିଁ । ଅଧସ୍ତନ କର୍ମଚାରୀମାନେ ଭୟରେ ତାଙ୍କୁ ଖାଦ୍ୟାଭାବ ଜନିତ ମୃତ୍ୟୁ କିମ୍ବା ଖାଦ୍ୟଶସ୍ୟର ଉତ୍କଟ ଅଭାବ ବିଷୟ ତାଙ୍କୁ ଅବଗତ କଲେନାହିଁ । ଭାଷଣରେ ସିଏ ଓଡିଶାର ରାଜା ଆଉ ଜମିଦାରମାନଙ୍କୁ ମରୁଡି ପ୍ରପୀଡିତ ମାନଙ୍କୁ ସହାୟ ହେବାକୁ ଅନୁରୋଧ କଲେ ।

ମାର୍ଚ୍ଚମାସ ବେଳକୁ ଦୁର୍ଭିକ୍ଷର କରାଳ ଦୃଶ୍ୟ ଦେଖାଦେଲା । ଘରେ ଘରେ ଆଉ ଗାଁଗଣ୍ଡା ଆଉ ଏମିତିକି ସହରରେ ବି ଯାହା ଦେଖାଗଲା, ସାମାଜିକ ଭାବରେ ଅବର୍ଣ୍ଣନୀୟ । ଲୋକମାନେ ହତାଶ ହୋଇ ଅପରାଧ କରିବାକୁ ପଛାଇଲେନି । ସେମାନେ ଚାହୁଥିଲେ କାରାବରଣ କଲେ, ଜେଲ୍ ଭିତରେ କିଛି ଖାଇବାକୁ ପାଇବେ ! ଏହି କାରଣରୁ ଜେଲ୍ ଗୁଡିକ ଅପରାଧୀ ସଂଖ୍ୟାରେ ପୂର୍ଣ୍ଣ ହୋଇଗଲା । ଖାଦ୍ୟ ଲୋଭରେ ଲୋକ ଜାଣିଶୁଣି ଅସାମାଜିକ କାର୍ଯ୍ୟ କରି ଜେଲ୍ ଗଲେ ।

ମାର୍ଚ୍ଚ ୧୮୬୬ରେ ରେଭେନସା ମୟୂରଭଞ୍ଜ ପରିଦର୍ଶନରୁ ବାଲେଶ୍ୱର ଦେଇ କଟକ ଫେରୁଥିବା ବେଳେ ବାଲେଶ୍ୱରେ ଉତ୍ୟକ୍ତ ଜନତାଙ୍କର ସମାବେଶ ଦେଖି ଦୁର୍ଭିକ୍ଷର ଗମ୍ଭୀରତା ହୃଦ୍‌ବୋଧ କଲେ । ସିଏ ବୋର୍ଡ ଅଫ ରେଭେନ୍ୟୁକୁ ଆବେଦନ କଲେ । ମାତ୍ର ତାଙ୍କୁ କେହି ସାହାଯ୍ୟର ହାତ ବଢାଇଲେନି ।

ମେ ମାସ ବେଳକୁ ତାଙ୍କ ଜିଦ୍‌ରେ କଟକର କାରାଗାରର ବୁଭୁକ୍ଷୁ ଜନତାଙ୍କୁ ଖାଇବାକୁ ଦେବାକୁ କିଛି ଖାଦ୍ୟଶସ୍ୟ ଆମଦାନି ପାଇଁ ବୋର୍ଡ ଆଦେଶ ଦେଲେ ।

ସରକାର ଚାଉଳ ଆମଦାନୀ ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର କଲାବେଳକୁ ଜୁନ୍ ଶେଷବେଳକୁ ମୌସୁମୀ ଆସିଗଲା । ବର୍ଷାଋତୁ ଆଉ ଭରାନଦୀ ପାର ହୋଇ କଲିକତା-ଓଡିଶା ଗମନାଗମନ ଅସମ୍ଭବ ହୋଇ ପଡିଲା । ଅଗଷ୍ଟ ମାସ ବେଳକୁ ଖାଦ୍ୟ କଟକରେ ପହଞ୍ଚିବା ବେଳକୁ ସେପ୍ଟେମ୍ବରର ବନ୍ୟା ଖାଦ୍ୟଶସ୍ୟ ବଣ୍ଟନର ପଥରୁଦ୍ଧ କଲା । ୮୮ଟି କେନ୍ଦ୍ରରେ ଖାଦ୍ୟ ବିତରଣ ହେଉଥିଲା । ବେଡି ଉପରେ କୋରଡା ମାଡ ପରି ଓଡିଶାରେ ଦୁର୍ଭିକ୍ଷ ଉପରେ ହଇଜା ମହାମାରୀ ବହୁ ଲୋକଙ୍କ ଜୀବନ ନେଲା । ଏହି ସମୟର ଲୋକମାନଙ୍କର ଦୁର୍ଦ୍ଦଶା ପ୍ୟାରୀ ମୋହନ ଆଚାର୍ଯ୍ୟ ତାଙ୍କ ବର୍ଣ୍ଣନାରେ ଲେଖିଛନ୍ତି, ସହରରେ ହଜାର ହଜାର ମୁହଁ ଓ ଦେହ ଶୁଖି ଯାଇଥିବା କଙ୍କାଳସାର ପୁରୁଷ, ସ୍ତ୍ରୀ ଓ ପିଲା ଓ ଗାଁଗଣ୍ଡାର କୁଢ କୁଢ ଶବ ଶାଗୁଣା ଓ ଶୃଗାଳମାନଙ୍କ ଖାଦ୍ୟ ହୋଇଥିଲା । ଏବେ ବି ଓଡିଶାରେ ଲୋକ କଥାରେ କୁହନ୍ତି କୁଆଡେ ଭୋକ ବିକଳରେ ନଅଙ୍କରେ ମଣିଷ ମାଉଁସ ମଣିଷ ଖାଇବାକୁ ବାଧ୍ୟ ହୋଇଥିଲା ।

ପରିସ୍ଥିତି ସମୀକ୍ଷା କରି ସରକାରୀ କଳ ଏହି ଦୁର୍ଭିକ୍ଷକୁ ବିପଦଶଙ୍କୁଳ ବୋଲି ଗ୍ରହଣ କରିବାକୁ ଜୁଲାଇରୁ ଅକ୍ଟୋବର, ୧୮୬୬ ହୋଇଗଲା । ନିର୍ମାଣ ବିଭାଗ ବିବିଧ ପଦକ୍ଷେପ ଗ୍ରହଣକରି ମଜୁରି ସୂତ୍ରରେ ଖାଦ୍ୟଶସ୍ୟ ଦେବା ଆରମ୍ଭକଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ବି ଖାଦ୍ୟ ପାଇଁ କାମ ଯୋଜନା ଆରମ୍ଭକଲେ । ସରକାର ଦୁର୍ଭିକ୍ଷ ଫଣ୍ଡ ସୃଷ୍ଟିକଲେ । ପୁରୀ, କଟକ, ବାଲେଶ୍ୱର ପାଇଁ ରିଲିଫ ଫଣ୍ଡ ଓ ପରିମଳ ବ୍ୟବସ୍ଥା ତଦାରଖ କରିବାକୁ ଜଣେ ସ୍ୱତନ୍ତ୍ର କମିଶନର ନିଯୁକ୍ତ ହେଲେ ।

ଦୁର୍ଭିକ୍ଷ ସହାୟତା ପାଇଁ ସାଧାରଣ ଲୋକମାନଙ୍କର ଦାନ ସଂଗ୍ରହ କରାଯାଇଥିଲା । ବଜାରର ବ୍ୟବସାୟୀ, ଜମିଦାର ଓ ଧନୀଲୋକମାନଙ୍କର ସଂଗୃହୀତ ଅର୍ଥ ଗରିବ ଓ ଅଭାବଗ୍ରସ୍ତ ଦୁର୍ଭିକ୍ଷ ପ୍ରପୀଡିତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । କିଛି ସମ୍ବଳ ଚାଳଘର ମରାମତି କରିବାକୁ ଦିଆଯାଇଛି । ଦୁର୍ଭିକ୍ଷ କରାଳ କବଳରେ ପିତାମାତାଙ୍କୁ ହରାଇଥିବା ଅନାଥ ପିଲାମାନଙ୍କ ପାଇଁ ମାସିକ ତିନି ଟଙ୍କା ଭତ୍ତା ଦିଆଗଲା । ଅନାଥ କନ୍ୟାର ବିବାହ ପାଇଁ କୋଡିଏ ଟଙ୍କାର ଆର୍ଥିକ ସହାୟତା ରଖାଯାଇଥିଲା । ଲୋକମାନଙ୍କୁ ମାଗଣା ଔଷଧ ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରାଗଲା । ଜମିଦାର ମାନଙ୍କୁ ରୟତମାନଙ୍କ ଖଜଣା ଛାଡ ପାଇଁ ନିର୍ଦ୍ଦେଶ ଆସିଲା । ସରକାରୀ କର୍ମଚାରୀ ମାନଙ୍କୁ ବର୍ଦ୍ଧିତ ଖର୍ଚ୍ଚପାଇଁ କିଛି ଅଧିକ ଦରମା ଦିଆଗଲା । ଏପରି ପଦ୍ଧତି ଦ୍ୱାରା ସରକାର ଡିସେମ୍ବର ୧୮୬୭ ସୁଦ୍ଧା ଦୁର୍ଭିକ୍ଷ ପ୍ରପୀଡିତମାନଙ୍କୁ ସୁବିଧା ଦେଇ ଦୁର୍ଭିକ୍ଷ ସମାପ୍ତ ହେଲା ବୋଲି ଘୋଷଣା କଲେ ।

ନଅଙ୍କ ଦୁର୍ଭିକ୍ଷର ଫଳାଫଳ ନୀଚରୁ ଗାଁଗଣ୍ଡା ଓ ଜନବସତିରୁ ଦୃଷ୍ଟିପାତ କଲେ, ଯେତିକି ଭୟଙ୍କର ଲାଗେ, ସତେ କି ଓଡିଶାର ଜନରାଶି ସଂପୂର୍ଣ୍ଣ ନଷ୍ଟ ହୋଇଯିବେ । ଦୁର୍ଭିକ୍ଷ ପରେ ଓଡିଶା ଜନଶୂନ୍ୟ ହୋଇପଡିବ !

ଶାସନତନ୍ତ୍ର ଦୃଷ୍ଟିକୋଣରୁ ଦୁର୍ଭିକ୍ଷର ଫଳାଫଳ ବେଶ୍ ଗୁରୁତର ଥିଲା ।

ଏହା ପ୍ରଶାସନିକ ଅଧିକାରୀଙ୍କର ଜନସାଧାରଣଙ୍କର ଯତ୍ନନେବା କ୍ଷେତ୍ରରେ ପୂର୍ଣ୍ଣ ଦାୟିତ୍ୱହୀନତାର ପରିଚୟ ମିଳେ । ସରକାରୀ ହିସାବରେ

ଓଡିଶାର ୧୦, ୦୦, ୦୦୦ (ଦଶ ଲକ୍ଷ) ଲୋକ ପ୍ରାଣ ହରାଇ ଥିଲେ। ଏହି ଲୋକସଂଖ୍ୟା କଟକ, ପୁରୀ, ବାଲେଶ୍ୱର ସମୁଦାୟ ଜନସଂଖ୍ୟାର ଏକତୃତୀୟାଂଶ। ଦୁର୍ଭିକ୍ଷ ସହିତ ହଇଜା ଆଉ ମାଲେରିଆର ପ୍ରାଦୁର୍ଭାବ ଓଡିଶାର ବଇରି ସାଜିଥିଲା।

ଏହି ମହାମାରୀ ସାମନା କରିଥିବା ଓଡିଶା ପାଇଁ ଶୁଭବେଳ ଆସିଲା। ପ୍ରଶାସନ ଲୋକମାନଙ୍କର ଯତ୍ନ ନେବାକୁ ଆଗଭର ହେଲା। ଓଡିଶାରେ ଦୁର୍ଭିକ୍ଷ କମିସନ୍ ସୁପାରିସକ୍ରମେ ଭାରତ ସରକାର ବିକାଶର ଯୋଜନା ପ୍ରସ୍ତୁତ କଲେ। ଓଡିଶାର ସୌଭାଗ୍ୟକୁ ରେଭେନସା ବି ଓଡିଶା ପାଇଁ ଯତ୍ନବାନ ହେଲେ। ଓଡିଶାରେ ଶିକ୍ଷା ଓ ଜଳସେଚନ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲା। ଓଡିଆ ଭାଷା ଉପରେ ଗୁରୁତ୍ୱ ଆସିଲା। କଟକ ଜିଲ୍ଲା ସ୍କୁଲ ରେଭେନସା କଲେଜକୁ ଉନ୍ନୀତ ହେଲା। ୧୮୬୬ ମସିହାରେ ମେଡିକାଲ ସ୍କୁଲ୍ ଓ ୧୮୬୯ରେ ଟ୍ରେନିଂ ସ୍କୁଲ୍ ଖୋଲିଲା। ବାଙ୍କୀ ଓ ଆଳି ଠାରେ ନଦୀବନ୍ଧ ମରାମତି ହେଲା। ଓଡିଶା ମଧ୍ୟରେ କଲିକତାରୁ ମାନ୍ଦ୍ରାସ ରେଳରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଲା।

୧୮୬୬ ମସିହାର ଏହି ଦୁର୍ଭିକ୍ଷ ଓଡିଶାର ଅପୂରଣୀୟ କ୍ଷତି ସାଧନ କରିଥିଲା ସତ, ମାତ୍ର ଆସନ୍ତା ଚାରି ଦଶନ୍ଧି ମଧ୍ୟରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ କ୍ଷେତ୍ରରେ ରାଜ୍ୟ ପାଇଁ ସୁଗମର ବାର୍ତ୍ତା ଆଣିଥିଲା। ଦୁର୍ଦ୍ଦିନ ସୁଦିନ ଆଣିବାର ପଥ ସୁଗମ କଲା।

ହାଲ୍ ଟାଉନ୍‌ସିପ, ସୁନାବେଡା
ମୋ - ୯୪୩୮୬୯୪୩୧୦



# ମହାବାତ୍ୟା - ୧୯୯୯

*ଜ୍ୟୋତ୍ସ୍ନା ମହାପାତ୍ର*

ଇତିହାସ ରଚନା ବିସ୍ତୃତ ପୂର୍ବକାଳରୁ ପରିବେଶ ମଣିଷ ଜୀବନକୁ ନିଶ୍ଚିତ ଭାବରେ ପ୍ରଭାବିତ କରୁଥିଲା । ପ୍ରାକୃତିକ ଦୁର୍ଘଟଣା ଆଉ ବିପର୍ଯ୍ୟୟ ନିଶ୍ଚିତ ଆଦିମାନବରୁ ଆରମ୍ଭକରି ପୂର୍ଣ୍ଣାଙ୍ଗ ମାନବକୁ ଆଚ୍ଛନ୍ନ କରିଥିବା ନିଶ୍ଚିତ । କହିବାକୁ ଗଲେ, ଏ ବିଶ୍ୱ ପରିବେଶରେ ବଞ୍ଚି ରହିବାକୁ ହେଲେ, ମଣିଷକୁ ମସୁଧା କରିବାକୁ ପଡୁଥିଲା । ମଣିଷ ସେଇ ଦୈବ ଦୁର୍ବିପାକରେ ଜନ୍ମ । ତାହାର ଶାରୀରିକ ବିବର୍ତ୍ତନ ହିଁ ସେଇ ପରିବେଶରେ ନିୟନ୍ତ୍ରିତ । ପାଣି, ପବନ, ଉତ୍ତାପ ପରି ପ୍ରାକୃତିକ ଉପାଦାନ ଗୁଡିକ ମଣିଷକୁ ନଚାଇ ରଖିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ମଣିଷର ଜ୍ଞାନ ଉଦୟ ହେବା ପୂର୍ବରୁ ବି ସେ ନିଜକୁ ସଜାଡି ନେବାର ପ୍ରତିକ୍ରିୟା ଥିଲା । ନିଆଁ କି ବରଫ ପାଖରୁ ଦୂରେଇଯିବା ଅବା ନଦୀ ସ୍ରୋତ କି ଦ୍ରୁତ ବାୟୁ ସଞ୍ଚାଳନ ପାଖରୁ ଦୂରେଇ ଯିବା ତାହାର ଶାରୀରିକ ପ୍ରତିରକ୍ଷା ର ଜୈବ ପ୍ରକ୍ରିୟା । ସେମାନଙ୍କ ପାଖକୁ ଯେବେ ମେରୁ ବରଫ ମାଡି ଆସୁଥିଲା, ସେମାନେ ତା ଠାରୁ ଦୂରେଇ ଉଷୁମ ସ୍ଥାନକୁ ଧାଇଁ ଯାଉଥିଲେ । ପୁଣି ମେରୁ ବରଫ ପଛେଇ ଗଲେ, ସେମାନେ ସ୍ୱସ୍ଥାନକୁ ଫେରି ଆସୁଥିଲେ । ଯେବେ ଜଳବାୟୁ ଓ ଉତ୍ତାପ ସେମାନଙ୍କର ଫସଲ ଉଜାଡି ଦେଉଥିଲା, ସେମାନେ ବିପରୀତ ଜଳବାୟୁ ପ୍ରତି ହତାଶ ହୋଇ ନିଜର ବାସ ପରିବର୍ତ୍ତନ କରୁଥିଲେ । ମରୁଭୂମିରୁ ଜଳ ଅବବାହିକା, ନଦୀ ଉପତ୍ୟକା ଆଦରି କୃଷି ନିର୍ଭର ସମାଜ ଗଠନ କରିଥିଲେ ।

ମଣିଷ ସମାଜ ଯେତେ ସୁନ୍ଦର ଉପଯୋଗୀ ସ୍ଥାନ ଆଦରି ବସା ବାନ୍ଧିଲେ ବି ଦୈବ ଦୁର୍ବିପାକ ସ୍ଥାନ ବିଶେଷରେ ଅନୁଭୂତ ହୁଏ । ଏ ଭୂପୃଷ୍ଠରେ କୌଣସି ବିପର୍ଯ୍ୟୟ-ଶୂନ୍ୟ ନିରାପଦ ସ୍ଥାନ ନାହିଁ । ନଦୀକୂଳ ହେଉ, ପାହାଡ ପାଖ ହେଉ, ସମୁଦ୍ର ନିକଟବର୍ତ୍ତୀ ହେଉ ସବୁଠାରେ ମଣିଷ ଜୀବନ ପାଇଁ ବିପତ୍ତି ରହିଛି ।

ମଣିଷର ସ୍ମରଣ ଆଉ ଇତିହାସର ମୂଲ୍ୟବୋଧ ଅସିବା ପରଠାରୁ ଦେଖା ଯାଉଛି ଯେ, ସାମୁଦ୍ରିକ ବାତ୍ୟା ଦିନକୁ ଦିନ କିଭଳି ବିଭତ୍ସତରରୁ ବିଭତ୍ସତମ ହେଉଛି । ଏହି ଦୃଷ୍ଟିରୁ ଆମ ରାଜ୍ୟ ଓଡିଶାକୁ ଲକ୍ଷ୍ୟ କରିବା କଥା । ସମସ୍ତେ ଏହାକୁ ଏକ ବିପଦ-ସଂକୁଳ ବା ବିପର୍ଯ୍ୟୟ ପୂର୍ଣ୍ଣ ରାଜ୍ୟ ଭାବରେ ମନେକରନ୍ତି । କାରଣ ସହଜରେ ଅନୁମେୟ । କୌଣସି ବର୍ଷ ଏହି ରାଜ୍ୟକୁ ବିପତ୍ତି ଛାଡେନାହିଁ । ଆଜି ବଢ଼ି ତ କାଲି ମରୁଡି । ଆଜି ବାତ୍ୟା ତ କାଲି ହିଟ୍ ଷ୍ଟ୍ରୋକ୍ ।

ଏହି ମହାନଦୀ, ବଡ ଠାକୁର, ବଡ ଦାଣ୍ଡ ଥିବା ଦେଶରେ ବି ବଡ-ବିପତ୍ତି ଘଟେ । ଏହିଠାରେ ଭୂପତନ ହୁଏ ଅନେକ ମହାବାତ୍ୟାର, ଯାହା ଭିତରୁ ସବୁଠାରୁ ଭୟଙ୍କର ୧୯୯୯ ମହାବାତ୍ୟା କୁଖ୍ୟାତ । ଆଜିକାଲି ତ ବାତ୍ୟାର ନାମକରଣ କରାଯାଉଛି, ଯାହା ୨୦୧୩ ଫାଇଲିନ୍ ପୂର୍ବ ବାତ୍ୟା ଗୁଡିକର ନାହିଁ । ସେଗୁଡିକ ମସିହା ସହିତ ମହାବାତ୍ୟା କି ଅତି ମାରାତ୍ମକ ସାମୁଦ୍ରିକ ଝଡ ବୋଲି ନାମିତ ହେଉଥିଲା । ଓଡିଶାରେ ୧୭୩୭ ମସିହାରୁ ୨୦୨୧ ପର୍ଯ୍ୟନ୍ତ ଅଗଣିତ ବାତ୍ୟା ହୋଇଛି, ମାତ୍ର ଗୁରୁତର ବାତ୍ୟାଗୁଡିକ ଏହିଭଳି ଲିପିବଦ୍ଧ ହୋଇଛି -

| | |
|---|---|
| ୧୭୩୭ - | ମହାବାତ୍ୟା (ସୁପରସାଇକ୍ଲୋନ୍) |
| ୧୮୩୧- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୮୪୬- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୮୬୪- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୮୮୫- | ମହାବାତ୍ୟା (ସୁପରସାଇକ୍ଲୋନ୍) |
| ୧୯୪୨- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୯୬୭- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୯୭୧- | ଅତି ତୀବ୍ର ସାମୁଦ୍ରିକ ଝଡ |
| ୧୯୯୯- | ମହାବାତ୍ୟା (ସୁପରସାଇକ୍ଲୋନ୍) |
| ୨୦୧୩- | ଫାଇଲିନ୍ |
| ୨୦୧୪- | ହୁଡ୍‌ହୁଡ୍ |
| ୨୦୧୮- | ତିତ୍‌ଲି |
| ୨୦୧୯- | ଫନି, ବୁଲ୍‌ବୁଲ୍ |
| ୨୦୨୦- | ଅମ୍ଫାନ, ବବ୍ ୦୩ |
| ୨୦୨୧- | ୟାସ୍ |

ମାତ୍ର ଆଜିର ସ୍ମରଣରେ ୧୯୯୯ ମସିହା ମହାବାତ୍ୟା ସମସ୍ତଙ୍କ ମନକୁ ଦୋହଲାଇ ଦିଏ । କାରଣ ଏହାର ବେଗ ଏତେ ବେଶି ଥିଲା ଯେ, ଏହା ବିଂଶ ଶତାବ୍ଦୀର ଉତ୍ତର ଭାରତୀୟ ମହାସାଗରର ସବୁଠାରୁ ଶକ୍ତିଶାଳୀ ବିଷୁବମଣ୍ଡଳୀୟ ସାମୁଦ୍ରିକ ବାତ୍ୟା ।

ଏହା ୧୯୯୯ ମସିହା ଅକ୍ଟୋବର ୨୫ ତାରିଖ ଦିନ ଆଣ୍ଡାମାନ ସାଗରରେ ରୂପ ନେଇ ଆସ୍ତେ ଆସ୍ତେ ପଶ୍ଚିମ-ଉତ୍ତର ପଶ୍ଚିମକୁ ଗତି କରି ବଙ୍ଗୋପସାଗରେ ପଶିଲା । ପରିବେଶର ସୁବିଧା ନେଇ ଏହାର ଶକ୍ତି ବୃଦ୍ଧି ପାଇଲା ଏବଂ ୨୮ ତାରିଖ ବେଳକୁ ବେଶ୍ ଶକ୍ତିଶାଳୀ ହୋଇସାରିଥିଲା । ୨୯ ତାରିଖ ବେଳକୁ ଏହାର ଗତି ଘଣ୍ଟାକୁ ୨୬୦ କିଲୋମିଟର ହୋଇଥିଲା ଏବଂ ଏହି ଗତିରେ ଓଡିଶାର ପାରାଦୀପ ଅଞ୍ଚଳରେ ଭୂମି ସ୍ପର୍ଶ କରି ସ୍ଥଳଭାଗ ସ୍ପର୍ଶ କଲା । ଏହାର ତାଣ୍ଡବ ନଭେମ୍ବର ଚାରି ପର୍ଯ୍ୟନ୍ତ ଚାଲିଥିଲା ।

ଏହି ଶକ୍ତିଶାଳୀ ମହାବାତ୍ୟାର ପ୍ରଭାବରେ ଜୁଆରିଆ ସମୁଦ୍ରରୁ ୧୬ ଫୁଟ୍ ରୁ ୨୦ ଫୁଟ୍ ଉଚ୍ଚ ଲହରି ସ୍ଥଳଭାଗକୁ ମାଡିଆସିଲା । ଏବଂ ୩୫ କିଲୋମିଟର ପର୍ଯ୍ୟନ୍ତ ସ୍ଥଳଭାଗ ଭିତରକୁ ପଶି ଆସିଲା । ଜଗତସିଂହପୁର ପାରାଦୀପ ସନ୍ନିକଟ ଏରସମାରେ ସମୁଦ୍ରର କୋପ ସବୁଠାରୁ ଅଧିକ ରହିଲା । ଏହି ବାତ୍ୟା ପ୍ରଭାବରେ ୧୬ ଲକ୍ଷ ଘର ନଷ୍ଟ ହୋଇଗଲା । ସରକାରୀ ରିପୋର୍ଟରେ ଦଶ ହଜାର ଲୋକ ମୃତ୍ୟୁବରଣ କରିବାର ହିସାବ ଥିଲେ ହେଁ ତିରିଶ ହଜାର ବା ତଦୂର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅନୁମାନ କରାଯାଏ ଏବଂ ଏହି ଅଗଣିତ ସମୁଦ୍ର ତଟବାସୀ ଲହରିରେ ଭାସିଯାଇ ସମୁଦ୍ରରେ ସଲୀଳ ସମାଧି ପାଇଛନ୍ତି । ଭାରତ ସରକାର ଏହି ବାତ୍ୟାର କ୍ଷୟକ୍ଷତି ୪.୪୪ ବିଲିୟନ୍ ଆମେରିକାନ୍ ଡଲାର ବୋଲି ଆକଳନ କରିଛନ୍ତି ।

ଭାରତର ପାଣିପାଗ ବିଭାଗ ବାତ୍ୟାର ତିନିଦିନ ଆଗରୁ ବାତ୍ୟାର ସଂକେତ ସମସ୍ତ ସମ୍ବାଦ ମାଧ୍ୟମରେ ଘନଘନ ପ୍ରସାରିତ କରୁଥିଲା । ତଥାପି ଲୋକମାନେ ଏତେ ତୀବ୍ର ଗତିର ପବନ ଏବଂ ୨୦ ଫୁଟ୍ ଉଚ୍ଚ ଜୁଆର ଆଶା କରୁ ନଥିଲେ । ଆଶାନୁରୂପରେ ଲୋକଙ୍କୁ ବାତ୍ୟା ପୂର୍ବରୁ ବିପଦ ଅଞ୍ଚଳରୁ ଅନ୍ୟତ୍ର ଆଣିବା ସମ୍ଭବ ହୋଇ ନଥିଲା । ସରକାରୀ ହିସାବରୁ ପ୍ରତୀୟମାନ ହୁଏ ଯେ ୨୮ ତାରିଖ ସୁଦ୍ଧା ୧, ୫୦, ୦୦୦ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ।

ଏବି ମହାବାତ୍ୟାର ବିସ୍ତୃତ ଅଞ୍ଚଳରେ ପ୍ରଭାବ ଅନୁଭୂତ ହୋଇଥିଲା । ରାଜଧାନୀ ଭୁବନେଶ୍ୱର ବି ଏହି ବାତ୍ୟା ବଳୟ ମଧ୍ୟରେ ରହିଥିଲା ଏବଂ ଓଡିଶା ସମଗ୍ର ରାଷ୍ଟ୍ରର ପରିବହନ ଓ ସମ୍ବାଦ ମାଧ୍ୟମ ଗୁଡିକରୁ ବିଚ୍ଛିନ୍ନ ହୋଇ ପଡିଥିଲା । ଭୁବନେଶ୍ୱରରେ ବି ପବନର ଗତି ଥିଲା ଘଣ୍ଟା ପ୍ରତି ୧୫୦ ର ୧୭୫ କିଲୋମିଟର । ବାତ୍ୟାଞ୍ଚଳ ମଧ୍ୟରେ ସମସ୍ତ ବୃକ୍ଷ ଗୁଡିକ ଧରାସାୟୀ ହୋଇ ପଡିଥିଲା ଏବଂସବୁଆଡେ ରାସ୍ତାଘାଟ ଭାଙ୍ଗିପଡିଥିବା ଗଛ ଗୁଡିକ ଯୋଗୁଁ ଗମନାଗମନ ଦୁଇ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ହୋଇଯାଇଥିଲା ।

ଓମଫେଡ୍ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ - ୮୮୯୫୬୨୪୦୧୬



# କୋଭିଡ୍ - ୨୦୧୯

*ଡା ଇନ୍ଦିରା ପଟ୍ଟନାୟକ*

କୋଭିଡ୍-୨୦୧୯ ଏକ ଭୂତାଣୁ ଜନିତ କ୍ଷିପ୍ର ସଂକ୍ରାମକ ରୋଗ, ଯାହା ଶୀଘ୍ର ଶ୍ୱାସରୋକାରୀ (ସାର୍ସ କୋଭ-୨ବା Sars Cov-2) କର୍ତ୍ତୃକ ହୋଇଥାଏ। ଏହି ରୋଗର ପ୍ରଥମ ରୋଗୀଟି ୨୦୧୯ ମସିହା ଡିସେମ୍ବର ମାସରେ ଚୀନର ଉହାନ୍ ସହରରେ ଚିହ୍ନିତ ହୋଇଥିଲା। ତା ପରଠାରୁ ଏହା ବିଶ୍ୱରେ ବ୍ୟାପକ ସଂକ୍ରମଣ ସୃଷ୍ଟିକରି ବିଶ୍ୱ ମହାମାରୀ ଭାବରେ ଲହରି ପରେ ଲହରି ଫଳରେ ମୃତ୍ୟୁର ତାଣ୍ଡବ ରଚାଇ ଚାଲିଛି।

ଅଦ୍ୟାବଧି ୨୦୨୧ ଜୁଲାଇ ମାସ ୩୦ ସୁଦ୍ଧା ଏହି ରୋଗ ଜନିତ ପରିସଂଖ୍ୟାନ ହେଉଛି -

ବିଶ୍ୱରେ ରୋଗୀ ସଂଖ୍ୟା - ୧୯, ୫୮, ୬୫, ୭୪୪
ବିଶ୍ୱରେ ମୃତ୍ୟୁ ସଂଖ୍ୟା - ୪୧, ୮୫, ୭୫୪
ଟିକା ନେଇ ସାରିଲେଣି - ୩୯୬, ୦୬, ୮୧, ୭୪୭
ଆମେରିକା ରୋଗୀ ସଂଖ୍ୟା - ୩, ୪୬, ୬୮, ୫୪୫
ଆମେରିକାରେ ମୃତ୍ୟୁ ସଂଖ୍ୟା - ୬, ୧୧, ୭୭୯

ଏହି ରୋଗର ଲକ୍ଷଣ ସ୍ଥିର ଭାବରେ ଶରୀରର ଗୋଟିଏ କି ଦୁଇଟି ପ୍ରଣାଳୀରେ ସୀମିତ ହୋଇନାହିଁ, ପ୍ରତି ଲହର ସଂକ୍ରମଣରେ ବି ତଫାତ୍ ରହୁଛି। କିନ୍ତୁ ପ୍ରାଥମିକ ଭାବରେ ଏହା ଶ୍ୱାସପ୍ରଶ୍ୱାସ ପ୍ରଣାଳୀର ରୋଗ ଏବଂ ଏହାର ନିଦାନ ନାକ, ତଣ୍ଟି, ଫୁସଫୁସ୍ ଉପରେ ବେଶି। ଏହି ରୋଗରେ ଜ୍ୱର, ଦୁର୍ବଳତା, କାଶ, ନିଶ୍ୱାସ ନେବାରେ କଷ୍ଟ, ଗନ୍ଧ ଏବଂ ସ୍ୱାଦ ହରାଇବା ପରି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଗୁଡ଼ିକ ସଂକ୍ରମଣର ଗୋଟିଏ ଦିନ ପରଠାରୁ ୧୪ ଦିନ ମଧ୍ୟରେ ଦେଖାଯାଏ। ସଂକ୍ରମିତ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୮୧ଜଣ ସାଧାରଣ ଥଣ୍ଡା ପରି ଲକ୍ଷଣ ଦେଖାଯାଏ; ୧୪ ଜଣଙ୍କର ଜ୍ୱର ଏବଂ ଫୁସଫୁସ ପ୍ରଦାହ (ନିମୋନିଆଁ) ଏବଂ ଅମ୍ଳଜାନ ଅଭାବ ଦେଖାଯାଏ ଏବଂ ବାକି ୫ ଜଣ ମାରାତ୍ମକ ଭାବରେ ପୀଡିତ ହୋଇ ଶ୍ୱାସକ୍ରିୟା ବ୍ୟାହତ, ରକ୍ତଚାପ ହ୍ରାସ ତଥା ଶରୀରର ବହୁ ପ୍ରଣାଳୀ କ୍ଷୟ (ମଲଟି ଅର୍ଗାନ ଫେଲ୍ୟୁଅର) ହୋଇଥାଏ। ବୟସ୍କ ଲୋକମାନେ ଏହି ରୋଗରେ ବହୁ ପରିମାଣରେ ଏବଂ ମାରାତ୍ମକ ହେବାର ପ୍ରଥମ ଲହରି ସମୟରେ ପ୍ରତି ଦେଶରେ ଦେଖାଯାଇଥିଲା। ତେବେ ସଂକ୍ରମଣ ହୋଇଥିବା ଲୋକମାନଙ୍କ ଭିତରୁ ଏକ-ତୃତୀୟାଂଶ କୌଣସି ଲକ୍ଷଣ ପ୍ରକାଶ କରନ୍ତି ନାହିଁ, ମାତ୍ର ଏମାନେ ବି ରୋଗ ବିସ୍ତାର କରିପାରନ୍ତି। ଅନେକ ଆରୋଗ୍ୟ ହୋଇଯାଇଥିବା କୋଭିଡ୍-୧୯ ରୋଗୀମାନଙ୍କ ଠାରେ ମାସ ମାସ ପର୍ଯ୍ୟନ୍ତ ନିଃଶ୍ୱାସ-ପ୍ରଶ୍ୱାସଗତ ଦୋଷ, ଦୁର୍ବଳତା, ଦେହ ଦରଜ ପରି ଲକ୍ଷଣ ଦେଖାଯାଏ। ଏହି ରୋଗୀଙ୍କୁ ଦୀର୍ଘ-କୋଭିଡ୍ (ଲଙ୍ଗ୍ କୋଭିଡ୍) ବୋଲି ନାମିତ କରାଯାଇଛି।

କୋଭିଡ୍-୧୯ ଭୂତାଣୁ ପ୍ରଶ୍ୱାସଗତ ଭୂତାଣୁ ଧାରକ ବାୟୁକଣା ବା ଡ୍ରପ୍‌ଲେଟ୍ ଦ୍ୱାରା ରୋଗ ସଂକ୍ରମଣ କରେ। ଜଣେ ରୋଗୀ ପାଖରେ କିଛି ସମୟ (ପ୍ରାୟ ୧୫ ମିନିଟ୍) ସଂସର୍ଗରେ ରହିଲେ, ଏହି ରୋଗ ହେବାର ଦେଖାଯାଇଛି। ଜଣେ ସଂକ୍ରମିତ ଲୋକଠାରେ ରୋଗ ଲକ୍ଷଣ ଦେଖାଯିବା ପୂର୍ବରୁ ତାଙ୍କଠାରୁ ଅନ୍ୟକୁ ବ୍ୟାପିବା ଦେଖାଯାଇଛି, ଏବଂ ରୋଗ ଅବସ୍ଥାରେ ୧୦ ଦିନ ଯାଏ ରୋଗୀ ଅନ୍ୟପ୍ରତି ସଂକ୍ରାମକ। ଅତି ମାରାତ୍ମକ ରୋଗୀମାନେ ୨୦ ଦିନ ପର୍ଯ୍ୟନ୍ତ ସଂକ୍ରାମକ ହେବା ପ୍ରମାଣିତ ହୋଇଛି। ଏହି ରୋଗ ନାକ ଓ ତଣ୍ଟିରୁ ସଂଗୃହୀତ ଲାଳରୁ ଆର୍.ଟି. ପିସିଆର୍ ଟେଷ୍ଟ୍‌ରୁ ନିଶ୍ଚିତ କରାଯାଏ।

ଏହି ରୋଗ ସଂକ୍ରମଣରୁ ରକ୍ଷା ପାଇବାର ପ୍ରତିଷେଧକ ଉପାୟ ହେଉଛି ଶାରୀରିକ ଏବଂ ସାମାଜିକ ଭାବରେ ଦୂରତ୍ୱ ରକ୍ଷାକରିବା, କ୍ୱାରାଣ୍ଟାଇନ୍ ବା ରୋଗୀକୁ ସଂଗରୋଧରେ ରଖିବା, ଘର ଭିତରର ପବନ ସଂଚାଳନ, କାଶ ଓ ଛିଙ୍କକୁ ଘୋଡାଇବା, ହାତ ଧୋଇବା ଏବଂ ଅଧୁଆ ଅପରିଷ୍କାର ହାତକୁ ମୁହଁରେ ସ୍ପର୍ଶ ନକରିବା। ବାସ୍ତବିକ କ୍ଷେତ୍ରରେ ଏହି ମହାମାରୀରେ ବିଶ୍ୱର ସବୁ ସରକାର ମୁହଁରେ ମାସ୍କଦେବା, ଶାରୀରିକ ଭାବରେ ୬ ଫୁଟ ଦୂରତ୍ୱ ରଖିବା, ବାରମ୍ବାର ହାତ ଧୋଇବା ଆଉ ସାମାଜିକ ଜନଗହଳି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି।


ଅଦ୍ୟାବଧି କୋଭିଡ୍-୧୯ ପାଇଁ କୋଣସି ଔଷଧ ଆବିଷ୍କାର ହୋଇ ପାରିନି। ସେଥିପାଇଁ ଏହି ରୋଗରେ ଲକ୍ଷଣମତେ ଚିକିତ୍ସା ଦିଆଯାଉଛି। ଆଜି କୋଭିଡ-୧୯ର ଚିକିତ୍ସା ହେଉଛି - ଲକ୍ଷଣଗତ ଚିକିତ୍ସା, ସ୍ୱାସ୍ଥ୍ୟ ସହାୟକ ଚିକିତ୍ସା, ସଂଗରୋଧ ଏବଂ ପରୀକ୍ଷାଗତ ପ୍ରମାଣଲବ୍ଧ ଉପଚାରର ପ୍ରୟୋଗ। ଟିକା ବି ଆଶାଜନକ।

କୋଭିଡ୍-୧୯ ପାଇଁ ଟିକା ଉଦ୍ଭାବିତ ହୋଇଛି, ଯଦ୍ୱାରା ସୁସ୍ଥ ଲୋକଙ୍କ ଶରୀରରେ ପ୍ରତିରକ୍ଷା ଶକ୍ତି ବୃଦ୍ଧିକରି ଅନ୍ୟାନ୍ୟ ଟିକା ପରି କୋଭିଡ୍-୧୯ କୁ ପ୍ରତିରୋଧ କରିହେବ ବୋଲି ଧାରଣା ଅଛି। କୋଭିଡ୍ ଭୂତାଣୁ ଆସିବା

ପୂର୍ବରୁ ଏହି ଭୂତାଣୁର ମୂଳ ବଂଶ କରୋନା ଭାଇରସ୍ ଉପରେ ଦୀର୍ଘଦିନ ଧରି ସାର୍ସ ଭୂତାଣୁ ଉପରେ ଗବେଷଣା ଚାଲିଛି । ସେହି କାରଣରୁ କୋଭିଡ୍ ଭୂତାଣୁ ପାଇଁ ଟିକା ତିଆରିର ବାଟ ଫିଟିଗଲା । ଅନେକ ଦେଶରେ ଅନେକ ଟିକା ବାହାରିଲା ଏବଂ ପ୍ରତି ଟିକା ତୃତୀୟ ପରୀକ୍ଷା ସ୍ତରରେ ୮୦ ରୁ ୯୫% ପର୍ଯ୍ୟନ୍ତ ଭୂତାଣୁ-ନିରୋଧକ ଗୁଣ ଦେଖାଇଛନ୍ତି । ଏହି ଟିକା ମଧ୍ୟରେ ଅଛି ଦୁଇଟି ଆର୍.ଏନ୍.ଏ. (ଫାଇଜର ବାୟନଟେକ୍ ଓ ମଡର୍ଣ୍ଣା) ଏବଂ ପାରମ୍ପରିକ ମୃତ ଭୂତାଣୁ ସୃଷ୍ଟ (କୋଭାକ୍ସିନ, ବିବିଆଇବିପି-କରୋ, କରୋନାଭାକ୍, କୋଭିଭାକ୍ ଇତ୍ୟାଦି), ଚାରିଟି ଭୂତାଣୁ ବାହକ ବା ଭାଇରାଲ ଭେକ୍ଟର ଟିକା (ସ୍ପୁଟନିକ୍ ଭି, ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା, ଜନସନ୍ ଆଣ୍ଡ ଜନସନ୍ ଏବଂ କନଭିଡେସିଆ) । ୨୦୨୧ ମାର୍ଚ୍ଚ ସୁଦ୍ଧା ୩୦୮ଟି ପ୍ରକାର ଟିକା ଉତ୍ପାଦନର ବିଭିନ୍ନ ସ୍ତରରେ ରହିଥିଲା । ବହୁ ଦେଶ ବିଭିନ୍ନ ପ୍ରାଥମିକତାର ସହିତ କେଉ ବୟସ ଲୋକ ଟିକା ନେବେ ତାହା ସ୍ଥିର କରି ଟିକାଦାନ ପ୍ରୋଗ୍ରାମ୍ ଚାଲୁ ରଖିଛନ୍ତି ।

ଆଜିର ଆଶଙ୍କା ଏବଂ ଲକ୍ଷ୍ୟ ରଖିବାର ଫଳ ହେଉଛି କୋଭିଡ୍-୧୯ର ପାର୍ଶ୍ୱ ପରିବର୍ତ୍ତନ । ଏହା ନିଜର ରୂପ ବଦଳାଇ ଲହର ପରେ ଲହର ହୋଇ ତୃତୀୟ ଏମିତିକି ଚତୁର୍ଥ ଲହରରେ ପହଞ୍ଚିଲାଣି । ଏବେ ସମଗ୍ର ବିଶ୍ୱରେ ଦୈନିକ କୋଭିଡ୍-୧୯ ସଂକ୍ରମଣ ହାରାହାରି ୫୪୦୦୦୦ । ସପ୍ତାହରେ ମୃତ୍ୟୁ ସଂଖ୍ୟା ୭୦୦୦୦ । ଅଷ୍ଟ୍ରିଆର ବିଜ୍ଞାନ ଅନୁଷ୍ଠାନ କୋଭିଡ୍-୧୯ର ପାର୍ଶ୍ୱ ପରିବର୍ତ୍ତନ ସମ୍ବନ୍ଧରେ ମତ ଦେଇଛି କି ମାସ୍କ ଓ ଦୂରତ୍ୱ ରକ୍ଷା ହଟାଇଦେଲେ ଏବଂ ସମାଜର ସର୍ବୋଚ୍ଚ ସଂଖ୍ୟାର ଟିକାକରଣ କଲେ ଭୂତାଣୁ ନିଜର ଗୁଣ (ପ୍ରତିରକ୍ଷାତ୍ମକ ବା ଇମ୍ୟୁନୋଲଜିକାଲ) ବଦଳାଇ ପୁନଃ ସଂକ୍ରମଣ ବଳବତ୍ତର ରଖିଛି ।


ଏନ୍/୨, ଆଇ.ଆର.ସି ଭିଲେଜ୍,
ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୋ - ୯୪୩୭୨୪୬୦୬୬

# ରହସ୍ୟମୟ ଉହାନ ଭୂତାଣୁ ଗବେଷଣାଗାର

*ଡା ସୋମନାଥ ପ୍ରସାଦ ଜେନା*

କୋଭିଡ୍-୨୦୧୯ ଭୂତାଣୁଜନିତ ମହାମାରୀ ବିଶ୍ୱବ୍ୟାପୀ ଭାବରେ ୨୦୧୯ ମସିହା ଦ୍ୱିତୀୟାର୍ଦ୍ଧରୁ ଅଦ୍ୟାବଧି ମାନବ ଜାତିକୁ ତିଳ ତିଳ କରି ଝୁଣି ଚାଲିଛି । ଲହର ପରେ ଲହର ଆଉ ଅଧିକ ସଂକ୍ରମଣ-ପ୍ରସାର କରି ମହାଆତଙ୍କ ସୃଷ୍ଟି କରିଚାଲିଛି । ଏହି ଭୂତାଣୁର ପ୍ରସାର ଏତେ ଦ୍ରୁତ ଏବଂ ମଣିଷ ଶରୀରରେ ଏହାର ପ୍ରତିରକ୍ଷା ଶକ୍ତି ଏତେ ଦୁର୍ବଳ, ଏହା ଅନ୍ୟ ଭୂତାଣୁ ଗୁଡିକ ଠାରୁ ସ୍ୱତନ୍ତ୍ର ମନେହୁଏ ।

ଅନେକ ସନ୍ଦେହ ପ୍ରକାଶ କରନ୍ତି ଏହି ଭୂତାଣୁର ଆବିର୍ଭାବ ସମ୍ବନ୍ଧରେ । ଏହା ଏକ ପ୍ରାକୃତିକ ଭୂତାଣୁ କି ଗୋଟିଏ ପ୍ରାକୃତିକ ଭୂତାଣୁର ବାୟୋଟେକ୍ନୋଲଜି ପଦ୍ଧତିରେ ପରିବର୍ତ୍ତିତ ରୂପର ଭୂତାଣୁ ତାହା ଅଦ୍ୟାବଧି ରହସ୍ୟମୟ ହୋଇ ରହିଅଛି । ଅନେକ ଭୂତାଣୁ ବିଶେଷଜ୍ଞ ଏବଂ ଗବେଷଣାରତ ଭୂତାଣୁ ବୈଜ୍ଞାନିକ କୋଭିଡ-୨୦୧୯ ଭୂତାଣୁଟିକୁ ଉତ୍ପତ୍ତି ଲାଭ କରିଥିବା ଚୀନ ଦେଶର ଏହି କରୋନା ବର୍ଗର ଅନ୍ୟ ଭୂତାଣୁ ଗୁଡିକ ସହିତ ଥିବା ଅସାମାଞ୍ଜସ୍ୟକୁ ନେଇ ଏହା ପ୍ରାକୃତିକ ଭୂତାଣୁ ବୋଲି ଘୋର ସନ୍ଦେହ କରନ୍ତି ।

ଏବେ ଭୂତାଣୁ ଏବଂ ଜୀବାଣୁ ଉପରେ ବାୟୋଟେକ୍ନୋଲଜିର ବିବିଧ ପ୍ରକ୍ରିୟାରେ ରୂପାନ୍ତରିତ କରାଯାଇ ପାରୁଛି । ଦୁନିଆରୁ ଦୂର କରାଯାଇଥିବା ବସନ୍ତ ରୋଗ ଭୂତାଣୁ ବି ବୈଜ୍ଞାନିକ ମାନେ କମ୍ ସମୟରେ ଗଢିପାରିବାକୁ ସମର୍ଥ ହେବେ । ତା ସହିତ ଏବେ କେତେକ ପରାକ୍ରମୀ ଦେଶ ଖଳ ପରବଶ ହୋଇ ବିଷାକ୍ତ ଜୈବ ଅସ୍ତ୍ର ପ୍ରସ୍ତୁତ କରିବାକୁ ଗବେଷଣାରତ । ରାଜନୈତିକ ତଥା କୂଟନୈତିକ ପୃଷ୍ଠଭୂମିରେ ଏମାନେ ନିଜ ଶକ୍ତିର ଭାରସାମ୍ୟ ରକ୍ଷା କରିବାକୁ ପରମାଣୁ ବୋମା ପରେ ଜୈବାସ୍ତ୍ର ମହଜୁଦ ରଖିବାକୁ ଅହରହ ଉଦ୍ୟମ କରୁଛନ୍ତି ।

ଆଜିର ବିଶ୍ୱରେ ଗୋଟିଏ ପରମାଣୁ ବୋମା ପକାଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବା ଅପେକ୍ଷା, କୋଭିଡ୍-୨୦୧୯ ପରି ଭୂତାଣୁ ପ୍ରସାର କରିଦେଲେ, ତାହା ଗୋଟିଏ ଲମ୍ବା ଅବଧିର ମାରାତ୍ମକ ବୋମା ସଦୃଶ କାମ କରିବ, ଏହିପରି ପରିକଳ୍ପନା କରିଥିବା କ୍ରୁର ଶକ୍ତି ଆଜି ଭୂତାଣୁ ଉତ୍ପତ୍ତି ଉପରେ ପ୍ରଶ୍ନ କରୁଥିବା ପ୍ରଶ୍ନକର୍ତ୍ତାଙ୍କୁ ଆଜି ଉତ୍ତର ନଦେଇ ଏହି ପ୍ରସଙ୍ଗକୁ ଅଧିକ ରହସ୍ୟମୟ କରୁଅଛି ।

ଏହି ମହାମାରୀ ଆରମ୍ଭ ହେବା ଦିନ ଠାରୁ ଶୁଣିବାକୁ ମିଳୁଛି ଯେ, ଏହି ଭୂତାଣୁ ଉହାନ୍‌ର ଆମିଷ-ବଜାରରେ ଖାଦ୍ୟ ଭାବରେ ବ୍ୟବହୃତ ବାଦୁଡ଼ି କି ଅନ୍ୟାନ୍ୟ ଜନ୍ତୁ ପାଖରୁ ମଣିଷ ଶରୀରକୁ ପ୍ରାକୃତିକ ଉପାୟରେ ସଂକ୍ରମିତ ହୋଇଛି । କିନ୍ତୁ ଏହି ପ୍ରାକୃତିକ ଉପାୟରେ ସଂକ୍ରମଣ ହୋଇଥିବା ସନ୍ଦେହ ଉପରେ ଅନୁସନ୍ଧାନ କରୁଥିବା ବିଭିନ୍ନ ସଂସ୍ଥା ତଥା ଭୂତାଣୁ ବିଶେଷଜ୍ଞ ମାନଙ୍କୁ ଗଦାଏ ତଥ୍ୟ ମିଳିଲାଣି । ଏ ସବୁ ତଥ୍ୟ ପ୍ରାକୃତିକ ସଂକ୍ରମଣ ସପକ୍ଷରେ ନୁହେଁ, ବରଂ କୋଭିଡ-୨୦୧୯ ଭୂତାଣୁଟିର କୃତ୍ରିମ ଗବେଷଣାଗାର ଲବ୍ଧ ରୂପ ଉପରେ । ଚୀନର ଉହାନ୍ ଭୂତାଣୁ ଗବେଷଣାଗାରରୁ ଏହି ଭୂତାଣୁ ମଣିଷଣରୁ ସଂକ୍ରମଣ କରି ଖୁବ୍ କମ୍ ସମୟରେ ବିଶ୍ୱବ୍ୟାପୀ ହୋଇପଡିଛି ।

କିନ୍ତୁ ଚୀନ ସରକାର ଏହି ତଥ୍ୟକୁ ଅଗ୍ରାହ୍ୟ କରିଦେବା ଏବଂ ଅନ୍ୟ ଆଡକୁ ଅଙ୍ଗୁଳି ଉଠାଇବା ସନ୍ଦେହକୁ ଅଧିକ ରହସ୍ୟାବୃତ୍ତ କରୁଛି ।

ଭୂତାଣୁ ଗବେଷକମାନେ ଅନେକ ଗୁଡିଏ ତଥ୍ୟ ପାଇବାପରେ କହନ୍ତି, ନୂତନ ହୋଇ ଆସିଥିବା ଭୂତାଣୁର ଶରୀର ଏବଂ ତାହାର ବାହ୍ୟ ଆବରଣ ବ୍ୟବଚ୍ଛେଦ କଲେ କିଛି ସନ୍ଦେହଜନକ ତଥ୍ୟ ପରିଦୃଷ୍ଟ ହୁଏ । ଏହା ସାଧାରଣ ଲୋକ ବି ବୁଝିବା କଷ୍ଟକର ନୁହେଁ । କୋଭିଡ୍-୨୦୧୯ ପୂର୍ବର ଯେଉଁ ଭୂତାଣୁଗୁଡିକ ଏମିତି ସଂକ୍ରମଣ ରଚାଇପାରନ୍ତି, ସେଗୁଡିକ ଅପେକ୍ଷା ଏହାର ଶରୀରର କେତେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହାର ପୂର୍ବଜ ସାର୍ସ ଭୂତାଣୁ ୨୦୦୩ରେ ଆତଙ୍କ ଖେଳାଇ ଦେଇଥିଲା । ତାହାଠାରୁ କୋଭିଡ ଭୂତାଣୁର ଶରୀରରେ ବହୁତ ବେଶି ପରିବର୍ତ୍ତନ ଘଟିଛି, ଯାହା ଏହି ୧୬ ବର୍ଷ ବ୍ୟବଧାନରେ ସାଧାରଣତଃ ଅସମ୍ଭବ ।

ଜାନୁଆରୀ ୧୦ ତାରିଖ ୨୦୨୦ ଦିନ ଉହାନ ଭୂତାଣୁ ଗବେଷଣାଗାର ପତ୍ରିକାରେ ପ୍ରକାଶ କରିଛି ଯେ ସେମାନଙ୍କ ପାଖରେ ମହଜୁଦ୍ ଥିବା ଏକ ଭୂତାଣୁ (RaTG13)ର କୋଭିଡ-୨୦୧୯ ସହିତ ୯୬.୨% ସାମଞ୍ଜସ୍ୟ ରହିଛି । ଏହି ଭୂତାଣୁ ୨୦୧୩ ମସିହାରେ ବାଦୁଡିଠାରୁ ସଂଗ୍ରହ କରାଯାଇଥିଲା । ଏହି ଭୂତାଣୁର ବଂଶକଣିକା ଅଧ୍ୟୟନ କୋଭିଡ୍-୨୦୧୯ ସଂକ୍ରମଣ ହେବାପରେ ହିଁ କରାଯାଇଥିଲା ।

ବିଶ୍ୱର ସବୁ ଗବେଷକ ଜାଣନ୍ତି ପୂର୍ବର RaBtCoV/4991 ନାମିତ ଭୂତାଣୁର ନାମ ଠିକ୍ ୨୦୨୦ ଜାନୁଆରୀ ୧୦ ତାରିଖ ଦିନ ପ୍ରକାଶନର ଅବ୍ୟବହିତ ପୂର୍ବରୁ କରାଯାଇଛି। ଏହି ଭୂତାଣୁ ଉପରେ ଉହାନ୍ ଗବେଷଣାଗାର ୨୦୧୬ ଏବଂ ୨୦୧୮ ମସିହାରେ ଗବେଷଣା କରିଛି ଓ ସେହି ଭୂତାଣୁ କୋଭିଡ୍-୨୦୧୯ ସହ ୯୮.୯% ମିଶିଯାଉଛି। ଏହା ଉହାନ ଗବେଷଣାଗାର ସମର୍ଥନ କରି  କହିଲା ଯେ, ଗବେଷଣା ୨୦୧୮ରେ ଚାଲିଥିଲା ଏବଂ ସେ ଭୂତାଣୁ ତା ପରଠାରୁ ଆଉ ନାହିଁ। ଏହି ତଥ୍ୟକୁ ଯେ କେହି ବି ସନ୍ଦେହ କରିବେ, ଏଥିରେ ଦ୍ୱିମତ ହେବାର ନାହିଁ।

କୋଭିଡ-୨୦୧୯ ଭୂତାଣୁର ବାହ୍ୟ ଆବରଣରେ ସକ୍ରିୟ ବନ୍ଧୁକ ପରି ଅଂଶ ବିଶେଷ ଦେଖିବାକୁ ମିଳେ। ଏହା ଫୁରାନ୍ ଗଣ୍ଠିରେ ଯୋଡିହୋଇ ରହିଛି। ଏହି ଶକ୍ତି ବଳରେ ଭୂତାଣୁଟି ମାରାତ୍ମକ ଭାବରେ ଶକ୍ତିଶାଳୀ ଆଉ ଦ୍ରୁତ ପ୍ରସାରକ୍ଷମ ହୋଇପାରିଛି। ଏହି ଭୂତାଣୁର ଫୁରାନ ବିନ୍ଦୁରେ ଯେଉଁ ସକ୍ରିୟ ଅଂଶଟି ସଂଲଗ୍ନ ହୋଇଛି, ଏହି କରୋନା ଭୂତାଣୁ ବର୍ଗ ( ଅନେକ କରୋନା ଭୂତାଣୁ ତଥା ସାର୍ସ ଭୂତାଣୁ) ମଧ୍ୟରୁ  କାହା ପାଖରେ ଦେଖିବାକୁ ମିଳେନି। ଯୋଡା ହୋଇଥିବା ଅଂଶଟି ମଣିଷ ବଂଶକଣିକା ପଦାର୍ଥ ସହ ସାମଞ୍ଜସ୍ୟ ହୋଇଥିବାର ପ୍ରତୀୟମାନ ହୁଏ। ସେହି କାରଣରୁ କୋଭିଡ-୨୦୧୯ଭୂତାଣୁଟି ପ୍ରାକୃତିକ ଉପାୟରେ ରୂପାନ୍ତରିତ ନହୋଇ ଗବେଷଣାଗାର ଲବ୍ଧ ହୋଇଥିବା ସନ୍ଦେହ ବଢିବାରେ ଲାଗିଛି।

କୋଭିଡ୍-୨୦୧୯ ଭୂତାଣୁ ପ୍ରକୃତିରୁ ଉଦ୍ଭବ ବୋଲି କହିଲେ, ବିଶେଷଜ୍ଞଙ୍କର ବିଶ୍ୱାସ ପରିସରକୁ ଆସେନି। ଜନ୍ତୁ ଅବା ପକ୍ଷୀଙ୍କର ଭୂତାଣୁ ଏମିତି ସିଧା ସଳଖ ମଣିଷକୁ ଆକ୍ରମଣ କରିବାର ସମ୍ଭାବନା କମ୍। କେତେକ ବାହକ ମାଧ୍ୟମରେ ମଣିଷ ଶରୀରକୁ ପଶିବାରେ ଅନେକଥର ଅକୃତକାର୍ଯ୍ୟ ହେବା ପରେ ସଂକ୍ରମଣ ଆସିଥାଏ।  ଏମିତି ଉହାନ୍‌ରେ ପ୍ରଥମ ସଂକ୍ରମଣ ସମ୍ବାଦ ସରବରାହ ମାଧ୍ୟମକୁ ଯେତିକି ଦ୍ରୁତ ଗତିରେ ପ୍ରସାରିତ ହେଉଛି, ଏମିତିକି ତାଠାରୁ ଆହୁରି ତୀବ୍ରଗତିରେ କୋଭିଡ-୨୦୧୯ ସମ୍ପ୍ରସାରିତ ହୋଇଥିଲା। ଏହା ୨୦୦୩ ମସିହାର ସାର୍ସ ଭୂତାଣୁ ଅପେକ୍ଷା ୨୦ଗୁଣା ଦ୍ରୁତତର ସଂକ୍ରମଣ ବହନକରେ।

ଏହି ଭୂତାଣୁର ପୂର୍ବଜ ଭୂତାଣୁ ଗୁଡିକୁ କୌଣସିମତେ ଦେଖିବାକୁ ମିଳନ୍ତି ନାହିଁ। ଉହାନ ଭୂତାଣୁ ଗବେଷଣାଗାର ଅନେକ ତଥ୍ୟ ଲୁଚାଇ ରଖିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଚୀନ ମିଳିତ ଭାବରେ ଅନୁସନ୍ଧାନ କରୁଥିବା ତଥ୍ୟ ସମ୍ପୂର୍ଣ୍ଣ ନୁହେଁ ବୋଲି ଆମେରିକା ମତ ଦେଇଛି। ଏହା ଚୀନର ପିପୁଲ୍‌ସ ଲିବରେସନ୍ ଆର୍ମିର ଉହାନ୍ ସଂପୃକ୍ତି ବୋଲି ଆମେରିକା ପ୍ରକାଶ କରେ। ଅନେକ ଆଶାକରନ୍ତି, ୧୯୭୨ ମସିହାରେ ଗଠିତ ହୋଇଥିବା ଜୈବ ଅସ୍ତ୍ର ନିୟାମକ (Biological Weapons Convention) ପ୍ରୟୋଗ ହେଲେ କିଛି ସତ୍ୟତାର ଅନାବରଣ କରାଯାଇପାରେ।

କେତେ ଭୂତାଣୁ ବିଶେଷଜ୍ଞ ମତ ପ୍ରକାଶ କରନ୍ତି ଯେ ଉହାନ୍ ଭୂତାଣୁ ଗବେଷଣାଗାର ଗୋଟିଏ ଉଚ୍ଚମାନର ଭୂତାଣୁ ଗବେଷଣାଗାର ଏବଂ ଏହାର ତୁଳନା ନାହିଁ। ସେମାନଙ୍କର ଗବେଷଣା ରହିଛି, ଗୋଟିଏ ଭୂତାଣୁର ଅଂଶକୁ ଅନ୍ୟଟିର ଶରୀରରେ ରୋପଣ କରିପାରିବେ। ଉହାନ ଗବେଷଣାଗାରର ଏହି ଶକ୍ତି ବିନା ସୁରକ୍ଷା ସୂତ୍ରରେ କୌଣସି ପ୍ରଳୟ ସୃଷ୍ଟି କରିପାରିବ। ଗୋଟିଏ ଦିଆସିଲି କାଠି ସାହାଯ୍ୟରେ ଗ୍ୟାସ ଲିକ୍ ଖୋଜିଲେ ଯେମିତି ବିସ୍ଫୋରଣ ଘଟେ, ସେହିପରି ହିଁ ଘଟିବ।

କେତେଜଣ ଭୂତାଣୁ ବିଶେଷଜ୍ଞ ମତ ଦିଅନ୍ତି ଯେ ଉହାନ ଗବେଷଣାଗାରର ବାଦୁଡି ବିଶେଷଜ୍ଞ ମହିଳା (ଶି ଝେଙ୍ଗଲି) ୟୁନାନ ସନ୍ନିକଟ ତମ୍ବା ଖଣିରୁ ଭୂତାଣୁ ଆଣି ସେହି ଭୂତାଣୁ ଶରୀରରେ ଗୋଟିଏ ଫୁରାନ ଘାତ ସୃଷ୍ଟିକରି କୋଭିଡ୍-୨୦୧୯ ଭୂତାଣୁ ସୃଷ୍ଟି କରିଥିଲେ। ସତ କହିବାକୁ ଗଲେ, ୟୁନାନ ତ ବହୁତ ପଶ୍ଚିମ ଦିଗରେ। କିନ୍ତୁ ଏହି ଭୂତାଣୁ ଟି ୟୁନାନର ବହୁ ଦୂର ପୂର୍ବ ଦିଗରେ ଝୋ-ସାନ୍ ପାଖରୁ ଅଣାଯାଇଛି। ଚୀନା ସାମରିକ ବାହିନୀକୁ କୋଭିଡ୍ ଭୂତାଣୁ ପ୍ରସଙ୍ଗରୁ ଦୂରେଇ ରଖିବା ପାଇଁ ଏପରି ସଫେଇ ଦିଆଯାଇଛି।

ପ୍ରକୃତରେ ଚୀନ୍‌ର ପିପୁଲ୍‌ସ ଲିବରେସନ୍ ଆର୍ମି ୨୦୧୭ ମସିହାରେ ଝୋ ସାନ ସନ୍ନିକଟ ଅଞ୍ଚଳରୁ ଦୁଇଟି ଭୂତାଣୁ (ତଉ୪୫ ଓ ତଢଉ୨୧) ପାଇଥିଲେ। ଏହି ଦୁଇଟି ଭୂତାଣୁ କୋଭିଡ୍ ଭୂତାଣୁର ନିକଟତମ। ଏମାନେ ଜୀବନ୍ତ ଭୂତାଣୁ ପାଇଥିଲେ ଏବଂ ତାକୁ ବି ବଞ୍ଚାଇ ରଖିଛନ୍ତି। ଏହା ମସ୍ତିଷ୍କକୁ ସଂକ୍ରମଣ କରିପାରେ ବୋଲି ଉଲ୍ଲେଖ କରିଛନ୍ତି।

କୋଭିଡ୍ ଭୂତାଣୁ ଯଦି ପ୍ରାକୃତିକ ହୋଇଥାଆନ୍ତା, ତାହାର ଉପର ଖୋଳ ଅଂଶର ପ୍ରୋଟିନ୍ ବାଦୁଡିରୁ ମଣିଷକୁ ଆସିବା ପର୍ଯ୍ୟାୟରେ ବଦଳି ଥାଆନ୍ତା। କିନ୍ତୁ କୋଭିଡ୍ ଭୂତାଣୁ ଅବିକଳ ତା ପୂର୍ବଜ ଦୁଇଟି ଝୋସାନ୍ ଅଞ୍ଚଳର ଭୂତାଣୁ ପରି ଅପରିବର୍ତ୍ତିତ ରହିଛି। ଏହାକୁ କୁହାଯାଇପାରେ ଏକ ଫୁଟନ୍ତା ବନ୍ଧୁକ।

୨୦୦୩ ମସିହାର ସାର୍ସ ଭୂତାଣୁ ସଂକ୍ରମଣ ପରଠାରୁ ଚୀନ ମନ କଲାଣି ଏହି ପ୍ରକାର ଭୂତାଣୁ ଚମତ୍କାର ଜୈବାସ୍ତ୍ର ବନାଇବା ସମ୍ଭବହେବ। ଚୀନର ଅନେକ ଆନୁଷଙ୍ଗିକ ସଂସ୍ଥା ୨୦୧୦ ଠାରୁ ୨୦୧୭ ମଧ୍ୟରେ ଏପରି ବିସ୍ମୟକର ଭୂତାଣୁ ସହିତ ଗବେଷଣାରତ ରହିଲେ। ସେମାନେ ଭୂତାଣୁ ଜଗତରୁ କରୋନା ଭୂତାଣୁ, ଡେଙ୍ଗୁ ଓ ବାଦୁଡି ଭୂତାଣୁ ଆଦି ଉପରେ ଗବେଷଣା କରି ମସ୍ତିଷ୍କରେ ରକ୍ତସ୍ରାବ ଓ ଭୀଷଣ ଜ୍ୱର ଜନ୍ମାଇ ପାରିବା ପରି ଦୁଇ ତିନୋଟି ଭୂତାଣୁ ଆବିଷ୍କାର କରିବାର ଲକ୍ଷ୍ୟ ରଖିଥିଲେ। ସତରେ ଏହି କୋଭିଡ୍-୨୦୧୯ ଭୂତାଣୁ ଜନିତ ସଂକ୍ରମଣରେ ଅନେକ ସ୍ନାୟବିକ ରୋଗ ଘଟୁଛି।

ଚୀନ୍‌ରେ ଗବେଷଣା କରାଯାଉଥିବା ଜୈବାସ୍ତ୍ର କେବଳ କୋଭିଡ୍ କି କରୋନା ଭୂତାଣୁ ବର୍ଗରେ ସୀମିତ ନୁହେଁ। ଅନେକ ମାରାତ୍ମକ ଭୂତାଣୁ ଓ ଜୀବାଣୁ କ୍ଷେତ୍ର ପାଇଁ ପ୍ରସ୍ତୁତ ହେଉଛନ୍ତି। ଏମିତିକି କୋଭିଡ୍ ଗୋଟିଏ ଦିଗରେ ଥିବା ବେଳେ, ଅନ୍ୟ ରାଷ୍ଟ୍ରରେ ଆଉ ଗୋଟିଏ ମାରାତ୍ମକ ରୋଗ ରୋପଣ କରି ବିଶ୍ୱରେ ଜୈବାସ୍ତ୍ର-ଜନିତ କ୍ଷୟକ୍ଷତି ଘଟାଇବାକୁ ଚାହାନ୍ତି। ଚୀନ୍ ର ଏହି ମାନସିକତା ପାଇଁ କୋଭିଡ୍ ଭୂତାଣୁ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ହେବା ଆବଶ୍ୟକ ବୋଲି ଅନେକ ମତ ଦିଅନ୍ତି।

ଏହି ବିସ୍ମୟକର ଜୈବାସ୍ତ୍ର ଜବତ କରି ନପାରିବା ପରି ଅସ୍ତ୍ର। ଚୀନ ଗବେଷଣାଗାର ଗୁଡ଼ିକ ଆନ୍ଥ୍ରାକ୍ସ ଭଳି ବିପଜ୍ଜନକ ଜୀବାଣୁ ଉପରେ ଗବେଷଣା କରୁଥିଲେ। ଚୀନର ସାମରିକ ତଥା ଜୈବାସ୍ତ୍ରବିତ୍‌ମାନେ କୁଆଡେ ମତ ଦିଅନ୍ତି ଯେ, ଯଦି ଅତି ମାରାତ୍ମକ ଜୀବାଣୁ ବା ଭୂତାଣୁ ପ୍ରୟୋଗ ଦ୍ୱାରା ୧୦% ଆକ୍ରାନ୍ତଙ୍କର ମୃତ୍ୟୁ ଘଟେ, ତାହା ଜୈବାସ୍ତ୍ର-ଜନିତ ବୋଲି ହଠାତ୍ ଧରାପଡିଯିବ। କିନ୍ତୁ ମୃତ୍ୟୁହାର ୨ ପାଖାପାଖି ରହିଲେ, ସେମିତି କେହି ସନ୍ଦେହ କରିବେନାହିଁ, କିନ୍ତୁ ସଂକ୍ରମିତ ରାଷ୍ଟ୍ରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆର୍ଥିକ ପରିସ୍ଥିତି ଆଉ ସାମାଜିକ ବ୍ୟବସ୍ଥା ଭୁଶୁଡି ପଡିବ।

ଏମିତିକି, ଚୀନ୍ ଭୂତାଣୁ ଗବେଷକ ଲି ମେଙ୍ଗ୍ ୟାନ ସ୍ୱଷ୍ଟ ଭାବରେ କହିଛନ୍ତି, କୋଭିଡ୍ ଭୂତାଣୁ ଉହାନର ରାଷ୍ଟ୍ରାଧୀନ ଏକ ଗବେଷଣାଗାରରୁ ସୃଷ୍ଟ। କିନ୍ତୁ ଅନେକ ବୈଜ୍ଞାନିକ ମତ ପ୍ରକାଶ କରନ୍ତି, କୋଭିଡ୍ ଭୂତାଣୁ ଗୋଟିଏ ଗବେଷଣାଗାରରୁ ନୁହେଁ, ଚୀନର ଅନେକ ଗବେଷଣାଗାରର ସଂଯୁକ୍ତ ଗବେଷଣାର ଫଳ। ପରିଶେଷରେ ଏହା ଉହାନଠାରେ ଗବେଷଣାଗାରରୁ ଲିକ୍ ହୋଇଛି।

ଏପରି ସ୍ଥଳେ ବିଶ୍ୱ ସମୁଦାୟ ଯେତେବେଳେ ଚୀନକୁ ଉତ୍ତର ମାଗୁଛି, ଚୀନ ଜାଣିଶୁଣି ସେଥିରୁ ଖସି ଯିବାକୁ ଚେଷ୍ଟା କରୁଛି। ଏହି ବିଷୟରେ ଆମେରିକାର ପ୍ରେସିଡେଣ୍ଟ ବିଡେନ୍ କହିଛନ୍ତି କି ସଠିକ ଘଟଣା ସିଏ ନବେ ଦିନ ଭିତରେ ଜାଣିବାକୁ ଚାହାନ୍ତି।

ଆନ୍ତର୍ଜାତୀୟ ସ୍ତରରେ ଏହି ଭୂତାଣୁ ପ୍ରାକୃତିକ ନା ଉହାନ୍ ଗବେଷଣାଗାରରୁ ଲିକ୍ ହୋଇଥିବା କୃତ୍ରିମ ଜେନେଟିକ୍ ଇଞ୍ଜିନିୟରିଙ୍ଗ୍ ଲବ୍ଧ ଶକ୍ତିଶାଳୀ କ୍ଷୀପ୍ର ସଂକ୍ରମଣକାରୀ ଜୀବାଣୁ ତାକୁ ଅଧିକ ରହସ୍ୟମୟ କରୁଛି ଚୀନ ପ୍ରଶାସନ। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦ୍ୱିତୀୟ ଅନୁସନ୍ଧାନ ବହୁ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକର ଦାବି ଯୋଗୁଁ ଆରମ୍ଭ ହେବା ବେଳକୁ ଚୀନ ଏହାକୁ ରାଜନୈତିକ ଭାବେ ରୋକ୍ ଠୋକ୍ ମନାକରି ଦେଲାଣି।

କାଳ କାଳକୁ କୋଭିଡ୍-୧୯ ରହସ୍ୟମୟ ହୋଇ ରହିଯିବ।

ସମାରୋହ,
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୦୭୮୬୭୧୪୭୯



# ମହାମାରୀର ଅଭ୍ୟନ୍ତର

*ଇନ୍ଦ୍ରମଣି ଜେନା*

ଯେତେବେଳେ ଗୋଟିଏ ମହାମାରୀ ତାହାର ବ୍ୟାପକ ପ୍ରସାର ଘଟାଏ, ଏହା ଶୁଣୁଥିବା ଲୋକ ଆତଙ୍କିତ ହୋଇପଡେ। ନିଜକୁ କି ସମଗ୍ର ମାନବ ଜାତିକୁ ବ୍ୟାପିଯିବ ଏବଂ ପ୍ରବଳ ନରସଂହାର ଘଟିବ ବୋଲି ମନକୁ ଭୟ ଆସେ।

ପୃଥିବୀରେ ବହୁତ ବଡ଼ ବଡ଼ ମହାମାରୀ ଘଟିଛି। ଇତିହାସର ପୃଷ୍ଠଭୂମିରେ ଷଷ୍ଠ ଶତାବ୍ଦୀରେ ଜଷ୍ଟିନିଆନ୍ ପ୍ଲେଗରୋଗରେ। ଜଷ୍ଟିନିଆନ ୫୪୨ ମସିହାରେ କନଷ୍ଟାଣ୍ଟିନୋପ୍ଲରେ ରାଜ୍ୟ ଶାସନ କରୁଥାଆନ୍ତି। ଜଣେ ନ୍ୟାୟବନ୍ତ ଶାସକ। ରାଜ୍ୟରେ ଏମିତି ମହାମାରୀ ବ୍ୟାପିଲା, ଦିନରେ ଦଶ ହଜାର ଲୋକ ମରିପଡୁଥିଲେ। ରାଜା ନଗର ପ୍ରାନ୍ତରେ ସେମାନଙ୍କର ସତ୍କାର କରିବାର ବ୍ୟବସ୍ଥା କରୁଥାଆନ୍ତି। ମୃତ୍ୟୁ ରୋଗୀର ଏତେ ସନ୍ନିକଟ ଥିଲା, ରାଜାଙ୍କ ଆଦେଶ ଥିଲା, ଘରୁ ବାହାରିଲେ ହାତରେ ନାମଲେଖା ଗୋଟିଏ ସନ୍ତକ ଧାରଣ କରିବା ଜରୁରୀ। ମୃତକର ତ ପରିଚୟ ମିଳିପାରିବ !ତୁହାକୁ ତୁହା ସେଇ ଶତାବ୍ଦୀରେ ୪ଟି ପ୍ଲେଗ୍ ମହାମାରୀ ଘଟି ସମଗ୍ର ଇଉରୋପର ୧୭% ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଚତୁର୍ଦ୍ଦଶ ଶତାବ୍ଦୀରେ ଇଉରୋପ ଏକତୃତୀୟାଂଶ ଜନରାଶି ଗୋଟିଏ ବିରାଟ ପ୍ଲେଗ ମହାମାରୀରେ ପ୍ରାଣ ହରାଇଥିଲେ ଆଉ ସବୁଠାରୁ ବ୍ୟାପକ ୧୯୧୮ ମସିହାର ଇନଫ୍ଲୁଏଞ୍ଜା ବିଶ୍ୱର ୫% ଲୋକଙ୍କୁ ମୃତ୍ୟୁ ମୁଖରେ ପକାଇଥିଲା ମହାମାରୀର ବ୍ୟାପକତା ଏହି ୧୯୧୮ ମହାମାରୀରୁ ସୁସ୍ପଷ୍ଟ।

ଚିକିତ୍ସାବିତ୍‌ମାନେ ଲକ୍ଷ୍ୟ କରିଛନ୍ତି ପ୍ରତିଟି ମହାମାରୀରେ ଅନେକ ଲୋକ ମରନ୍ତି ସତ, କିନ୍ତୁ ସେମାନେ ଏକମତ ନୁହନ୍ତି କୌଣସି ଜୀବାଣୁ-ଜନିତ ବା ଭୂତାଣୁ-ଜନିତ ବ୍ୟାଧି ପୃଥିବୀପୃଷ୍ଠର ସମସ୍ତ ଜନରାଶିକୁ ନିଧନ କରି ମାନବ ବିହୀନ କରିପାରିବ। ଏମିତି ତିନୋଟି ରୋଗ ବିଗତ ଦୁଇ ଶତାବ୍ଦୀ ଧରି ମଣିଷର ପିଛା ଛାଡୁନି। ସତରେ ମରଣଶୀଳ ମଣିଷ ଜୀବାଣୁନାଶକ ଔଷଧ ବଳରେ ନିଜର ପରମାୟୁ ହାରାହାରି ଅଶୀ ବର୍ଷ ପର୍ଯ୍ୟନ୍ତ ବଢାଇ ପାରିଛି। ଅବଶ୍ୟ ବର୍ଦ୍ଧିତ ବୟସରେ କର୍କଟ ଓ ହୃତ୍‌ରୋଗ ପରି ଜରାକ୍ରାନ୍ତ ବ୍ୟାଧିରେ ଆଉ ଅଧିକ ବୟସ ବଞ୍ଚିବା କଷ୍ଟକର। ତଥାପି ତିନୋଟି ବ୍ୟାଧି ମଣିଷର ଜୀବନ ନାଟିକାକୁ ଦୋହାଲାଇ ଚାଲିଛନ୍ତି।

ଇତିହାସରେ ଗ୍ରୀସ୍‌ଦେଶର ହିପୋକ୍ରାଟିସ ବା ଆମ ଦେଶରେ ଚରକଙ୍କ ଅମଳରୁ ଜୀବାଣୁ ମାନଙ୍କର ରୂପ ପରିବର୍ତ୍ତନ ହୋଇଚାଲିଛି। ବାରମ୍ବାର ମଣିଷଜାତିକୁ ସଂକ୍ରମଣ କରିଚାଲିଛନ୍ତି। ମଣିଷ ଅଦୃଶ୍ୟ ଜୀବାଣୁ ଆଉ ଭୂତାଣୁ କବଳରୁ ରକ୍ଷା ପାଇବାକୁ ଅନେକ ଔଷଧ ଆବିଷ୍କାର କରିଛି ସତ, କିନ୍ତୁ ଏହା କେବଳ ଜୀବାଣୁ ଜନିତ ରୋଗ ଯଥା ପ୍ଲେଗ, ହଇଜା ଆଦି ରୋଗ ପାଇଁ ଫଳପ୍ରଦ ହେଉଥିବା ବେଳେ ଭୂତାଣୁ ଜନିତ ରୋଗ ପାଇଁ ସେମିତି ବିଶେଷ ଔଷଧ ବାହାରି ପାରିନି। ଅନେକ ମହାମାରୀ ଭୂତାଣୁ ଯଥା ଇନଫ୍ଲୁଏଞ୍ଜା, ସାର୍ସ ଆଉ ଆଜିକାର ବିଶ୍ୱମହାମାରୀ ସୃଷ୍ଟି କରିଥିବା କୋଭିଡ-୧୯ ଅଦୃଶ୍ୟ ଭୂତ ପରି ବାରମ୍ବାର ନିଜର ରୂପ ପରିବର୍ତ୍ତନ କରି ମଣିଷର ପ୍ରତିରୋଧ ଶକ୍ତିକୁ ପରାହତ କରି ଆସୁଅଛନ୍ତି। ଏମିତିକି ମଣିଷର ଆଧୁନିକ ସଭ୍ୟତାର କ୍ଷିପ୍ର ପରିବହନ, ଦୈନନ୍ଦିନ ଜୀବନଶୈଳୀ, ବିବାହ ବ୍ରତଘରର ଆନନ୍ଦ କୋଳାହଳ ଏହି କୋଭିଡ-୧୯ ପରି ଭୂତାଣୁର ଦ୍ରୁତ ପ୍ରସାର ମାଧ୍ୟମ ହୋଇଛି।

ବର୍ତ୍ତମାନର କୋଭିଡ୍-୧୯ ଭୂତାଣୁର ବାରମ୍ବାର ରୂପ ପରିବର୍ତ୍ତନ, ରୋଗର ଦ୍ରୁତ ପ୍ରସାର, ନିଦାନ ନିରୂପଣରେ ଅସମର୍ଥତା, ସଠିକ ଚିକିତ୍ସାର ଅନାବିଷ୍କାର ତଥା ଟିକାଦାନର ଅନୁପାଦେୟତା ମଣିଷକୁ ଶଙ୍କାକୁଳ କରିଦେଇଛି। ଜୀବାଣୁ ବା ଭୂତାଣୁ ପୃଥିବୀ ବକ୍ଷରୁ ମାନବ ସମାଜକୁ ନିଶ୍ଚିହ୍ନ କରିଦେବ - ଏହି ଉପସଂହାରକୁ ସତ୍ୟରେ ପରିଣତ କରିବାକୁ ଯାଉଛି। ବିଗତ ଦୁଇ ଦଶନ୍ଧି ହେବ ଶ୍ୱାସପ୍ରକ୍ରିୟା ସଂକ୍ରମଣ କରୁଥିବା ଇନଫ୍ଲୁଏଞ୍ଜା ବର୍ଗର ଭୂତାଣୁ ନିଜ ଶରୀରର ଯଥେଷ୍ଟ ପରିବର୍ତ୍ତନ ଘଟାଇ ମଣିଷର ପ୍ରତିରୋଧ ଶକ୍ତିକୁ କୁଠାରାଘାତ କରୁଛନ୍ତି। ପୂର୍ବ ଦଶନ୍ଧିରେ ସାର୍ସରୋଗ ଆଉ ମାର୍ସ ପରି ସଂକ୍ରାମକ ବ୍ୟାଧି ମଣିଷ ସମାଜରେ ଆତଙ୍କ ସୃଷ୍ଟି କରିଥିଲା, ୨୦୧୯-୨୦ ମସିହା ବେଳକୁ କୋଭିଡ-୧୯ ବିଶ୍ୱର ୨୧୯ ରାଷ୍ଟ୍ରକୁ ବ୍ୟାପିଯାଇ ଅନେକ ଦେଶରେ ନିଜର ରୂପ ପରିବର୍ତ୍ତନ କରି ପୁନଃ ପୁନଃ ସଂକ୍ରମଣ କରିଚାଲିଛି। ବିଜ୍ଞାନୀମାନେ ଏହା ପଛରେ ଧାଇଁଛନ୍ତି, ମାତ୍ର ଏହି ବିସ୍ମୟକର ଭୂତାଣୁ ତୀବ୍ର ବେଗରେ ତାର ପ୍ରସାର କରି ବିଶ୍ୱକୁ କୋଭିଡ୍‌ମୟ କରିବାରେ ବ୍ୟସ୍ତ। ଅଦ୍ୟାବଧି ହାରାହାରି ୧୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇସାରିଲେଣି ଏବଂ ୩୩ ଲକ୍ଷ ମୃତ୍ୟୁବରଣ କରି ସାରିଲେଣି। ପୃଥିବୀର ପ୍ରତ୍ୟେକ ବ୍ୟକ୍ତି କୋଭିଡ-୧୯ ନାଁ ଶୁଣିଲେ ଭୟଭୀତ ହୋଇପଡିବା ସୁନିଶ୍ଚିତ।

ଏଇଟା ତ କୋଭିଡ-୧୯ ଭୂତାଣୁ କଥା ଯାହା ସବୁ ଭୂତାଣୁଙ୍କୁ ଟପି ଯାଇଛି। ପୁଣି ମଣିଷର ସମସ୍ତ ଚେଷ୍ଟା ସତ୍ତ୍ୱେ ଦିନକୁ ଦିନ ଅଧିକ ବ୍ୟାପକ ହୋଇ ନରସଂହାର କରିଚାଲିଛି। ମଣିଷର ଚିନ୍ତା ଆଉ ଚେତନାକୁ ପରାହତ କରି ସମଗ୍ର ବିଶ୍ୱରେ ଲକ୍-ଡାଉନ୍ ଆଉ ସଟ୍-ଡାଉନ୍ ପରି ଅସାମାଜିକ ଉପାୟରେ ରୋଗର ପ୍ରସାର ଅବରୋଧ କରାଯାଉଛି।

ଚିନ୍ତା କରନ୍ତୁ, କୋଭିଡ ଥମିବା ପରେ କେବେ ବି ତାଠାରୁ ଭୟାବହ ଶ୍ୱାସ ରୋଗ ଭୂତାଣୁ ଆସିପାରେ। ଏହା କୋଭିଡ୍ ଅପେକ୍ଷା ଭୟଙ୍କର ହେବାର ନିଶ୍ଚିତ ଭୟ ରହିଛି। ବାୟବୀୟ ମାଧ୍ୟମ ସହଜ ବୋଲି ଭୂତାଣୁର ଦ୍ରୁତ ପ୍ରସାର ସମ୍ଭବପର ହୋଇ ମହାମାରୀ ସୃଷ୍ଟି କରିବାକୁ ସମର୍ଥ ହେଉଛନ୍ତି। ସେହି ସଂକ୍ରମଣ ପ୍ରଣାଳୀକୁ ଏମିତି ବାଟରେ ନିଦାନ ସୃଷ୍ଟି କରିବାକୁ ପରିବର୍ତ୍ତନ କରୁଛନ୍ତି, ତାହା ମଣିଷ ଜାଣିବାକୁ ନିରୁପାୟ ବୋଲି କହିଲେ ଭୁଲ୍ ହେବନି।

ମଣିଷ ନିଜର ବୁଦ୍ଧି ବଳରେ ଯେପରି ସବୁ ଜୀବାଣୁ ଓ କିଛି ଭୂତାଣୁ ମାନଙ୍କର ଗତିବିଧି ଅଧ୍ୟୟନ କରି ତଦ୍‌ଜନିତ ବ୍ୟାଧି ନିରାକରଣ କରିପାରୁଛି, ତାହାଠାରୁ କଠିନ ଅଧ୍ୟୟନ ଓ ଔଷଧ ନିରୂପଣର ଆବଶ୍ୟକତା ପ୍ରତୀୟମାନ ହୁଏ। ଏହି ଭୂତାଣୁ ଗୁଡିକର ଶରୀର ବ୍ୟବଚ୍ଛେଦ କରି ଓ କାର୍ଯ୍ୟକ୍ଷମତା ଆବିଷ୍କାର କରି ତାହାର ସମସ୍ତ ଜୈବ-କୌଶଳତା, ପ୍ରସାରଶୀଳତା ଏବଂ ମୃତ୍ୟୁ ପ୍ରକ୍ରିୟା ପ୍ରତିରୋଧ କରିହେବ।

ମଣିଷର ଅଭିଜ୍ଞତା ଅଛି। କୋଭିଡ୍ ପରି ବାୟବୀୟ ମାଧ୍ୟମରେ ପ୍ରସାର କରୁଥିବା କୋଟି କୋଟି ମନୁଷ୍ୟଙ୍କର ମୃତ୍ୟୁଯନ୍ତା ହୋଇଥିବା ଗୋଟିଏ ଭୂତାଣୁକୁ ନିଶ୍ଚିହ୍ନ କରାଯାଇଛି। କେତେ ଶହ ବର୍ଷରୁ ଆବିଷ୍କାର ହୋଇଥିବା ଟିକାକୁ ବିଭିନ୍ନ ପ୍ରାଦୁର୍ଭାବ ଥିବା ଅଞ୍ଚଳରେ ସଫଳ ଭାବରେ ପ୍ରୟୋଗ କରି ବସନ୍ତ ରୋଗକୁ ନିରାକରଣ କରାଯାଇ ପାରିଛି।

ଆଜିର ମଣିଷ ଅନେକ ରୋଗକୁ ଜିତି ଦୁନିଆରେ ବଞ୍ଚିଛି। ଡାରଉଇନ୍‌ଙ୍କର ବିବର୍ତ୍ତନବାଦ ତଥ୍ୟର ନିଚ୍ଛକ ପ୍ରମାଣ କରୁଛି କି ଜିତାପଟର ବଞ୍ଚିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ସେମିତି ଆଜି ସିଏ ଦୋଛକିରେ ରହି କିପରି କୋଭିଡ୍ ଆଉ ତାହାର ପର ଭୂତାଣୁ ଗୁଡିକୁ ଦୂରେଇ ପାରିବ।

କୋଭିଡ୍-୧୯ ଏକ ନୂତନ ରୋଗ ହୋଇପାରେ, କିନ୍ତୁ ତା ପରି ଭୂତାଣୁ ଗୋଟିଏ ଶତାବ୍ଦୀ ପୂର୍ବରୁ ବି ତାଣ୍ଡବ ରଚନା କରିଯାଇଛି। କହନ୍ତି, ୧୯୧୮ ମସିହାର ଇନଫ୍ଲୁଏଞ୍ଜା ବିଶ୍ୱମହାମାରୀ ଏକ ଅସାଧାରଣ ଭୂତାଣୁ ଜନିତ ରୋଗ। ଏହା ଏକ ଏଚ୍ ୱାନ୍ ଏନ୍ ୱାନ୍ ଜାତୀୟ ଭୂତାଣୁ ଦ୍ୱାରା କୃତ। ଫେବ୍ରୁଆରୀ ୧୯୧୮ ମାସରୁ ୧୯୨୦ ଏପ୍ରିଲ ମଧ୍ୟରେ ଏହା ୫୦ କୋଟି ଲୋକଙ୍କୁ ଆକ୍ରାନ୍ତ କରିଥିଲା। ସେତେବେଳେ ପୃଥିବୀର ଲୋକସଂଖ୍ୟା ଥିଲା ୧୫୦ କୋଟି। ଏତେ ମାରାତ୍ମକ ରୋଗ ଏଥିରେ ଦୁଇ କୋଟି ଲୋକ ମୃତ୍ୟୁବରଣ କରିଥିଲେ ହେଁ ୧୦ କୋଟି ପର୍ଯ୍ୟନ୍ତ ଲୋକ ନିଧନ ହୋଇଥିଲେ ବୋଲି ଆଶଙ୍କା କରାଯାଏ।

ଏହି ସ୍ପାନିସ୍ ଫ୍ଲୁ ପ୍ରଥମେ ୧୯୧୮ ମସିହା ମାର୍ଚ୍ଚ ମସରେ ଆମେରିକାର କାଂସାସ୍‌ରେ ଦେଖାଯାଇଥିଲା। ଏପ୍ରିଲ୍ ବେଳକୁ ଏହା ଇଉରୋପରେ ଫ୍ରାନ୍‌ସ, ଜର୍ମାନୀ ଏବଂ ବିଲାତରେ ଦେଖିବାକୁ ମିଳିଥିଲା। ନୀତିଗତ ଭାବରେ ପ୍ରଥମ ବିଶ୍ୱଯୁଦ୍ଧର ନିୟନ୍ତ୍ରକମାନେ ଏହି ରିପୋର୍ଟ ଗୁଡିକ ଲୁଚାଇ ଫ୍ଲୁ ସଂକ୍ରମଣ ରୋକିବାର ସମସ୍ତ ପଥରୁଦ୍ଧ କରିଦେଲେ। ଖବରକାଗଜ ଗୁଡିକ ବି କିଛି ଖବର ପାଇଲେ ନାହିଁ। କିନ୍ତୁ ଏହି ଯୁଦ୍ଧରେ ନିରପେକ୍ଷ ରହିଥିବା ସ୍ପେନ୍‌ର ସଠିକ୍ ଖବର ପରିବେଷଣ ହେବାର କୌଣସି ନିୟନ୍ତ୍ରଣ ରହିଲାନାହିଁ। ଦୁର୍ଭାଗ୍ୟକୁ ସ୍ପେନ୍‌ର ସମ୍ରାଟ ଆଲଫ୍ରୋନ୍‌ସ-୧୩ ଏହି ଇନଫ୍ଲୁଏଞ୍ଜାରେ ପୀଡିତ ହେଲେ। ସମସ୍ତେ ଅନୁଭବ କଲେ କି ସ୍ପେନ୍ ହିଁ ସବୁଠାରୁ ଅଧିକ ସଂକ୍ରମିତ। ସେଥିପାଇଁ ଏହି ଇନଫ୍ଲୁଏଞ୍ଜାର ଲୋକପ୍ରିୟ ନାମ ହେଉଛି ସ୍ପାନିସ୍ ଫ୍ଲୁ। ତଥାପି ଏହି ରୋଗର ଉତ୍ପତ୍ତିସ୍ଥଳ ଅଦ୍ୟାବଧି ଅନାବିଷ୍କୃତ।

ସାଧାରଣତଃ ଇନଫ୍ଲୁଏଞ୍ଜାରେ ପିଲା ଓ ବୁଢାମାନେ ଅତିମାତ୍ରାରେ ଆକ୍ରାନ୍ତ ହୁଅନ୍ତି। ମଧ୍ୟବୟସ ଲୋକମାନେ ରୋଗକୁ ପ୍ରତିରୋଧ କରିପାରନ୍ତି। ମାତ୍ର ସ୍ପାନିସ୍ ଫ୍ଲୁ ରୋଗରେ ମଧ୍ୟବୟସ୍କ ଲୋକମାନେ ଆଶାତୀତ ଭାବରେ ସଂକ୍ରମିତ ହେବାର ଦେଖାଗଲା। ଏହାର କାରଣ ସାଇଟୋକାଇନ୍ ଷ୍ଟର୍ମ ନାମକ ଶରୀରର ପାର୍ଶ୍ୱପ୍ରତିକ୍ରିୟା ବୋଲି ଅନୁମାନ କରାଯାଏ। କିନ୍ତୁ ପରେ ଜଣାପଡିଲା କି ଇନଫ୍ଲୁଏଞ୍ଜା ରୋଗ ଉପରେ ଜୀବାଣୁ ଜନିତ ଦ୍ୱିତୀୟ ସଂକ୍ରମଣ ସହିତ ରକ୍ତହୀନତା ଏବଂ ଲୋକଗହଳି ଏହାର କାରଣ ଅଟେ।

ଯଦିଚ ସ୍ପେନ୍ ସମ୍ବାଦ ସରବରାହ କାରଣରୁ ରୋଗର ନାମ ସ୍ପାନିସ୍ ଫ୍ଲୁ ବହନ କରିଛି, ତଥାପି ବିଭିନ୍ନ ଦେଶରେ ଏହାର ନାମ ଭିନ୍ନଭିନ୍ନ ରହିଛି। କେଉଁଠି ବ୍ରାଜିଲିଆନ ଫ୍ଲୁ ତ କେଉଁଠି ଜର୍ମାନ ଫ୍ଲୁ, ବଲ୍‌ସେଭିକ୍ ରୋଗ, ୧୯୧୮ ମହାମାରୀ ଇନଫ୍ଲୁଏଞ୍ଜା।

ଆମେରିକାର କାଂସସ୍‌ର ଜଣେ ସାମରିକ ରୋଷେୟା ୧୯୧୮ ମାର୍ଚ୍ଚ ଚାରି ତାରିଖରେ ଏହି ରୋଗରେ ସଂକ୍ରମିତ ହୋଇଥିଲେ ବି ତାଙ୍କ ପୂର୍ବରୁ ଅନେକ ଏହି ରୋଗଗ୍ରସ୍ତ ହୋଇଥିବେ, ଏଥିରେ ସନ୍ଦେହ ନାହିଁ। ଦୁଇମାସ ପୂର୍ବରୁ ଜାନୁଆରୀ ମାସରେ ବି ଅନେକ ଅଞ୍ଚଳରେ ଏହି ରୋଗ ଦେଖାଦେଇଥିବାର ପ୍ରମାଣ ମିଳେ। ଆମେରିକାର ଡାକ୍ତରମାନେ ଏହି ନୂଆ ରୋଗର ସଂକ୍ରମଣ ବିଷୟ ଉଲ୍ଲେଖ କରିବାକୁ ପତ୍ରିକା ଗୁଡିକୁ ଦେଇଥିଲେ। ଫନ୍‌ଷ୍ଟନ୍ ମିଲିଟାରି ଶିବିରରେ ଏହା ହୁ ହୁ ହୋଇ ୫୨୨ଜଣ ସୈନିକଙ୍କୁ ସଂକ୍ରମଣ କରିଥିଲା।

ମାର୍ଚ୍ଚ ୧୧ତାରିଖ, ୧୯୧୮ରେ ଏହି ରୋଗ ନିୟୁୟର୍କରେ ପହଞ୍ଚିଯାଇଥିଲା। କିନ୍ତୁ ସେଠାରେ କୌଣସି ସଂଗରୋଧ ଭଳି କୌଣସି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ନକରାଯାଇ ଥିବାରୁ ପ୍ରଶାସନ ଅଦ୍ୟାବଧି ସମାଲୋଚିତ ହୁଏ। ପ୍ରଥମ ବିଶ୍ୱଯୁଦ୍ଧରେ ଆମେରିକା ଭାଗନେଇଥିବା ପରିସ୍ଥିତିରେ ଫନ୍‌ଷ୍ଟନ୍ ସାମରିକ କ୍ୟାମ୍ପ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଏଠାରୁ ଦୂର ଦୂରକୁ ଏମିତିକି ଇଉରୋପକୁ ଦ୍ରୁତ ଗମନାଗମନ ଚାଲୁ ରହିଥିଲା ଯାହାକି ଭୂତାଣୁ ବ୍ୟାପିବାର ପ୍ରଧାନ ରାସ୍ତା।

ଇଉରୋପର ଫ୍ରାନ୍‌ସର ସମଗ୍ର ଅଞ୍ଚଳ, ଇଂଲଣ୍ଡ, ଇଟାଲି, ସ୍ପେନ୍ ସବୁଆଡେ ଇନଫ୍ଲୁଏଞ୍ଜା ବ୍ୟାପିଗଲା। ଜର୍ମାନୀ ଜେଲ୍ ଗୁଡିକରୁ ମୁକ୍ତ

ହୋଇଥିବା ରୁଷ୍ ସୈନିକମାନେ ଫେରିବା ବାଟରେ ନିଜ ଦେଶରେ ଏହି ରୋଗକୁ ବ୍ୟାପକ କରିଦେଲେ। ଉତ୍ତର ଆଫ୍ରିକା, ଭାରତ ଏବଂ ଜାପାନକୁ ଏହା ବ୍ୟାପିଗଲା। ତା ପରେ ସଂକ୍ରମିତ ହେଲା ପୂର୍ବ ଏସିଆ ଏବଂ ଚୀନ୍।

୧୯୧୮ ମସିହାର ପ୍ରଥମ ଲହରି କହିବାକୁ ଗଲେ ସାମାନ୍ୟ ଥିଲା। ଏହି ସମୟରେ ଆମେରିକାରେ ମୃତ୍ୟୁ ସଂଖ୍ୟା ତିନିବର୍ଷ ତଳର ମୃତ୍ୟୁ ସଂଖ୍ୟା ଅନୁପାତରେ ବେଶ୍ ଅଧିକ ନଥିଲା। ଏହା ପ୍ରଥମ ବିଶ୍ୱଯୁଦ୍ଧକୁ ନିଶ୍ଚିନ୍ତ ଭାବରେ ଆକ୍ରାନ୍ତ କରିଥିଲା। ବିଶ୍ୱଯୁଦ୍ଧରେ ଲଢୁଥିବା ଫ୍ରାନ୍ସ ସୈନ୍ୟଙ୍କର ତିନି-ଚତୁର୍ଥାଂଶ, ଇଂଲଣ୍ଡ ସୈନ୍ୟମାନଙ୍କର ଅଧା ଏବଂ ୯ ଲକ୍ଷ ଜର୍ମାନ ସୈନିକ ସଂକ୍ରମିତ ହୋଇଥିଲେ।

ସ୍ପାନିସ୍ ଫ୍ଲୁର ଦ୍ୱିତୀୟ ଲହରି ୧୯୧୮ ମସିହା ଶେଷ ଆଡକୁ ଆମେରିକା ଆଉ ଇଉରୋପ୍‌ର ବହୁ ଅଞ୍ଚଳକୁ ବ୍ୟାପିଲା। ଆମେରିକାରେ ଫିଲାଡେଲ୍‌ଫିଆରେ ଗୋଟିଏ ପାରେଡ୍ କାର୍ଯ୍ୟକ୍ରମ ହେତୁ ରୋଗ ଅତିମାତ୍ରାରେ ବ୍ୟାପିଗଲା ଏବଂ ୧୨୦୦୦ ଲୋକ ମରିଗଲେ। ସମଗ୍ର ଆମେରିକାରେ ଦ୍ୱିତୀୟ ଲହରିରେ ତିନି ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଇଉରୋପରେ ମଧ୍ୟ ତଦନୁରୂପ ପ୍ରଥମ ଲହର ଅପେକ୍ଷା ଅଧିକ ଲୋକ ମରିଥିଲେ।

୧୯୧୯ ମସିହା ଜାନୁଆରୀ ମାସରେ ସଂଗରୋଧ କୋହଳ ହେବା କାରଣରୁ ଅଷ୍ଟ୍ରେଲିଆରେ ଇନଫ୍ଲୁଏଞ୍ଜାର ତୃତୀୟ ଲହରରେ ୧୨୦୦୦ ଲୋକ ମୃତ୍ୟୁବରଣ କଲେ। ପୁଣିଥରେ ଇଉରୋପ ଓ ଆମେରିକା ଏହି ସଂକ୍ରମଣରୁ ବାଦ୍ ପଡିଲେନାହିଁ। ଏହି ତୃତୀୟ ଲହର ବେଳକୁ ମଧ୍ୟ ଓ ଦକ୍ଷିଣ ଆମେରିକା ଇନଫ୍ଲୁଏଞ୍ଜାର ଶିକାର ହେଲେ। ତୃତୀୟ ସଂକ୍ରମଣର ବିଭୀଷିକା ପ୍ରଥମ ଲହର ଠାରୁ ବେଶି ଥିଲା ମାତ୍ର ଦ୍ୱିତୀୟ ଠାରୁ କମ୍ ଥିଲା।

ଇନ୍‌ଫ୍ଲୁଏଞ୍ଜା ମହାମାରୀ ଏମିତି ତିନୋଟି ସଂକ୍ରମଣ ଲହରିରେ ସୀମିତ ହୋଇ ନଥିଲା। ୧୯୧୯ ମସିହାର ପର ଅବସ୍ଥାରେ ଆମେରିକାର ନିୟୁୟର୍କ, ଡେଟ୍ରଏଟ୍ ପରି ଅନେକ ସହରରେ ବହୁ ଲୋକ ପ୍ରାଣ ହରାଇଲେ। ଏହି ଚତୁର୍ଥ ଲହରିରେ ୧୯୧୮ର ପ୍ରଥମ ସଂକ୍ରମଣ ଠାରୁ ବି ଅଧିକ ଲୋକ ପ୍ରାଣ ହରାଇଥିଲେ।

ଦେଖିବାକୁ ଗଲେ ପ୍ରଥମ ବିଶ୍ୱଯୁଦ୍ଧର ସୈନ୍ୟପରିଚାଳନା ଏହି ଇନଫ୍ଲୁଏଞ୍ଜାର ପ୍ରସାରର ପ୍ରଧାନ କାରଣ ବୋଲି ନିର୍ଣ୍ଣୟ କରାଯାଇ ଥାଏ। ତା ସହିତ ଭୂତାଣୁର ରୂପ ପରିବର୍ତ୍ତନ ଅନେକଟା ଦାୟୀ ବୋଲି ମନେକରାଯାଏ।

ଆଜିର କୋଭିଡ୍-୨୦୧୯ କୁ ଶହେବର୍ଷ ତଳର ଇନଫ୍ଲୁଏଞ୍ଜାକୁ ତୁଳନା କରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ। ଆଜି ବିଶ୍ୱଯୁଦ୍ଧ ନାହିଁ କିନ୍ତୁ ଜଳ, ସ୍ଥଳ ଆଉ ଆକାଶପଥରେ ଗମନାଗମନ ଆଉ ସରବରାହ ଶହେ ବର୍ଷ ଅପେକ୍ଷା ଶହେଗୁଣ ବଢିଛି। ଲୋକମାନଙ୍କର କ୍ଷିପ୍ର ଗମନାଗମନ ଆଉ ଦେଶାନ୍ତର ଇନଫ୍ଲୁଏଞ୍ଜା ଅପେକ୍ଷା କୋଭିଡ୍ ଭୂତାଣୁକୁ ତ୍ୱରାନ୍ୱିତ ସଂକ୍ରମଣ କରିବାକୁ ସୁହାଇଲା। ଶହେ ବର୍ଷରେ ପୃଥିବୀର ଜନସଂଖ୍ୟା ବହୁଗୁଣ ବଢିଯାଇଛି, ଯଦ୍ୱାରା ସୁଦୂର ପ୍ରସାରୀ ସଂକ୍ରମଣ ଘଟି ପାରିଛି।

ବିଗତ ଏକ ଶତାବ୍ଦୀ ମଧ୍ୟରେ ବିଶ୍ୱର ଔଷଧ ଜଗତରେ ସେମିତି କିଛି ଔଷଧ ଆବିଷ୍କାର କରାଯାଇପାରିନି, ଯାହା କି ଏହି ଭୂତାଣୁକୁ ମୁକାବିଲା କରିପାରିବ। କିମ୍ବା ଭବିଷ୍ୟତ ପାଇଁ ଭୂତାଣୁ ଜନିତ ଆକ୍ରମଣ ହେଲେ କିଛି ଆଶାକରାଯାଇ ପାରିବ। ପରୀକ୍ଷାମୂଳକ ଭାବରେ ଏହି କୋଭିଡ୍ ସଂକ୍ରମଣ ପରେ ଟିକାକରଣକୁ ପ୍ରତିରକ୍ଷାର ବିକଳ୍ପ ଭାବରେ ଗ୍ରହଣ କରାଯାଇଛି। ଆଜି ସୁଦ୍ଧା ବହୁ ଲକ୍ଷ ଲୋକ ମୃତ୍ୟୁବରଣ କରିସାରିବା ପରେ ଟିକାକରଣ କୁ ପାଥେୟ କରି ଏହାର ସଫଳତାକୁ ଆଶାବାନ୍ଧି ମଣିଷ ସମାଜ ଅପେକ୍ଷା କରିଛି।

ଲକ୍ଷ୍ୟ କରାଯାଇ ପାରେ, ଆଜି ଆମେ ବି କୋଭିଡ୍ ରୋଗର ଅଭ୍ୟନ୍ତରରେ ରହି ନିଜକୁ, ସମାଜକୁ କୋଭିଡ୍ କବଳରୁ ରକ୍ଷା କରିବାକୁ ପ୍ରସ୍ତୁତ ଅଛୁ। ୧୯୧୮ ଇନଫ୍ଲୁଏଞ୍ଜା ସହିତ ତୁଳନା କଲେ, କୋଭିଡ-୨୦୧୯ ନିଶ୍ଚିତ ଅଧିକ ମାରାତ୍ମକ ଆଉ ଏହାର ରୂପ ପରିବର୍ତ୍ତନ ଆହୁରି ମାରାତ୍ମକ।

ଏହା ବି ଭବିଷ୍ୟତକୁ ଭୟଙ୍କର ହେବାର ନିଶ୍ଚିତ ସମ୍ଭାବନା ସୃଷ୍ଟି କରିଛି। ଶହେ ବର୍ଷ ତଳେ ହୋଇଥିବା ଇନଫ୍ଲୁଏଞ୍ଜା ପାଇଁ ଅଦ୍ୟାବଧି କୌଣସି ଫଳପ୍ରଦ ପ୍ରତିଷେଧକ ନାହିଁ। ସେମିତି କୋଭିଡ୍ ଆସିବା ପରଠାରୁ ତାହାର କୌଣସି ବିଶେଷ ଔଷଧ ସୃଷ୍ଟି ହୋଇପାରିନି। ଯାହା ଅଦ୍ୟାବଧି କୋଭିଡ୍ ଟିକା ଉପରେ ସମସ୍ତେ ନିର୍ଭରଶୀଳ ଅଛନ୍ତି ଏବଂ ଭବିଷ୍ୟତ ତାହା ପ୍ରମାଣ କରିବ।

କିନ୍ତୁ ଏହା ପରବର୍ତ୍ତୀ ଯେଉଁ ଭୂତାଣୁ ଆସିବ, ତାହାର ସଂକ୍ରମଣ କ୍ଷମତା, ଜଟିଳ ଶାରିରୀକ ନିଦାନ ସୃଷ୍ଟିକରି ମୃତ୍ୟୁର ତାଣ୍ଡବ ରଚିବାର ଭୟ ଆଉ ମଣିଷ ଜାତି ସାମନାରେ କୋଭିଡ୍ ଠାରୁ ବି ଭୟଙ୍କର ପ୍ରତିବନ୍ଧକ ସୃଷ୍ଟି କରିବ। ବିଗତ ଶତାବ୍ଦୀରେ ମଣିଷ ନିଜର ବୈଷୟିକ ଜ୍ଞାନ ନେଇ ଗର୍ବିତ ହେଉଥିବା ସମୟରେ ଏହି ଭୂତାଣୁ ପ୍ରମାଣିତ କରିଦେଇଛି ଯେ, ପ୍ରକୃତି ହିଁ ଶକ୍ତିଶାଳୀ ଏବଂ ମଣିଷ ଯେତେ ବୁଦ୍ଧିନେଇ ସବୁରୋଗର ପ୍ରତିରୋଧକ ସହ ସଜାଗ ରହିଲେ ବି ଫାଟ ଦେଖି ମଡକ ସୃଷ୍ଟି କରିବାର ଭୟ ଏଡାଇ ହେବନାହିଁ।

ଓଁ୦ଓଁ

# ବିପର୍ଯ୍ୟୟ ଜନରବ (Disaster Myth)

*ଡା ପ୍ରେରଣା ବିଶ୍ୱାଳ*

ଆଜି କୋଭିଡ୍ ପରି ଦ୍ରୁତ ମହାମାରୀ ସଂକ୍ରମଣରେ ଏକମାତ୍ର ପ୍ରତିକାର କୋଭିଡ୍ ଟିକା ବୋଲି ଅଦ୍ୟାବଧି ବିବେଚନା କରାଯାଏ। ଟିକା ଅନ୍ୟାନ୍ୟ ସଂକ୍ରାମକ ରୋଗରେ ଯେପରି ସଂକ୍ରମଣରୁ ରକ୍ଷା କରୁଛି, ସେହିପରି କୋଭିଡ୍ ଟିକା ଏହି ମହାମାରୀକୁ ପ୍ରତିରୋଧ କରିବାର ଏକମାତ୍ର ଉପାୟ ବୋଲି ସମସ୍ତେ ମତ ଦିଅନ୍ତି। ବିଜ୍ଞାନ ସମ୍ମତ ଭାବରେ ପ୍ରସ୍ତୁତ ଏବଂ ବ୍ୟବହୃତ ଏହି ଟିକା କୁଆଡେ ପୁରୁଷତ୍ୱ ଏବଂ ପ୍ରଜନନ ଶକ୍ତି ନଷ୍ଟ କରେ ବୋଲି ସମାଜରେ ଏବଂ ମିଡିଆରେ ମୃଦୁଗୁଞ୍ଜନ ଶୁଭୁଛି।

ଏହା ବିପର୍ଯ୍ୟୟ ଜନରବ (Disaster Myth) ନୁହେଁ ତ ଆଉ କଅଣ ?

ଏହି କୋଭିଡ୍ ମହାମାରୀ ପରି ବୃହତ୍ ବିପର୍ଯ୍ୟୟରେ ସାରା ବିଶ୍ୱ ମରଣ ମୁହଁରେ ପଡି ଏହି ରୋଗର ମୁକାବିଲା କରିବାକୁ ସତତ ଚେଷ୍ଟିତ ଥିବା ବେଳେ କୋଭିଡ୍ ଜନରବ ଅହରହ ମଣିଷର ବ୍ୟକ୍ତିଗତ ଜୀବନକୁ ଅତିଶୟ ପ୍ରଭାବିତ କରୁଛି। କେବଳ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ନୁହନ୍ତି, ଶିକ୍ଷିତ ମାନେ ବି ଏହି ଜନରବ ସ୍ରୋତରୁ କ୍ଷାନ୍ତ ନୁହଁନ୍ତି। ବିଗତ ଦେଢ ବର୍ଷ ହେବ ବା ଆଉ ଟିକିଏ ଅଧିକ ହେବ, ଗୁଜବ ବ୍ୟାପି ଚାଲିଛି। ଅଜଣା ଭୂତାଣୁ ଆଉ ତା ପାଇଁ ସ୍ୱାସ୍ଥ୍ୟସେବା ଯେପରି ସରକାରଙ୍କର ଦୈନିକ ପରିବର୍ତ୍ତିତ ପରାମର୍ଶ ଆସୁଛି, ସେହିପରି ପ୍ରତିଟି କଥାରେ ଅହରହ ଜନରବ ପ୍ରସାରିତ ହୋଇଚାଲିଛି।

ବିପର୍ଯ୍ୟୟ ଜନରବ କିଛି ନୂଆ କଥା ନୁହେଁ। ଇତିହାସ ପୃଷ୍ଠାରେ ମଣିଷ ବିପଦର କିପରି ସମ୍ମୁଖୀନ ହୁଏ ଆଉ ଜନରବ କିପରି କୋଳାହଳ ସୃଷ୍ଟି କରେ ସେଗୁଡିକର ଜବାବ ଉଲ୍ଲିଖିତ ଅଛି। ଅତୀତରେ ମଣିଷ ସମାଜ କୌଣସି ବିପଦ ବା ବିପର୍ଯ୍ୟୟକୁ ଦେବାଦେବୀ, ଦାନବୀ, ଅସୁର ବା ଐଶ୍ୱରିକ ଶକ୍ତି କର୍ତ୍ତୃକ ଘଟୁଛି ବୋଲି ଅନୁମାନ କରୁଥିଲା। ଏହାର ବହୁକାଳ ପରେ ମଣିଷ ନିଜ ବୁଦ୍ଧିବଳରେ ଜାଣିପାରିଲା କି ଏଗୁଡିକ ପ୍ରକୃତିରୁ ସୃଷ୍ଟ ଏବଂ କ୍ଷୟକ୍ଷତି ଆଉ ସଂଘାତ ପାଇଁ ଦାୟୀ।

କିନ୍ତୁ ବିପଦ ଆଉ ବିପଦର ରୂପରେଖ ଯାହା ହେଉ, ବିପଦଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କ ଭିତରେ କୁହୁକ ବେଗରେ ଜନରବ ଚହଟି ଯାଏ। ଏହା ହିଁ ବିପର୍ଯ୍ୟୟ ଜନରବ। ଏହା କିନ୍ତୁ ବାସ୍ତବ ଠାରୁ ବହୁ ଅସମ୍ପର୍କିତ ବିଷୟ। ଅନେକ ସମ୍ଭାବନା, ଭୟ ଏବଂ ଅନ୍ଧକାର ଭବିଷ୍ୟତର କଳ୍ପନା ବୋଲି ଧରିନେବାକୁ ପଡିବ। ଏହା ଅଯୌକ୍ତିକ ଏବଂ ଅସମ୍ଭବ ବିଷୟ। ଗୁଜବ ବୋଲି କୁହାଯାଇପାରେ। ଲୋକମାନେ ବୁଝି ନବୁଝିଲା ପରି ହୁଅନ୍ତି। ଯେଉଁଠି ବିପଦ ଘନାଉଛି ଆଉ ତ୍ରାହି ପାଇବାର କୌଣସି ଆଶା ନାହିଁ, ସେତେବେଳେ ଲୋକମାନଙ୍କର ମନର ଭୟ ଆଉ ଜୀବନକୁ ଭୟ ତଥା ଆସନ୍ନ ମୃତ୍ୟୁର ଭୟ ସେମାନଙ୍କ ବ୍ୟବହାର, ମାନସିକ ଅବସ୍ଥା ଆଉ ଆଶଙ୍କାକୁ ନକାରାତ୍ମକ ଢଙ୍ଗରେ ପରିବର୍ତ୍ତନ କରିଦିଏ। କୌଣସି କ୍ଷୁଦ୍ର ଘଟଣାଟିଏ ମହାପ୍ରଳୟ ପରି ଧାରଣା ଦିଏ। ଭୟ ଓ ସନ୍ଦେହରେ ଏମାନେ ପ୍ରତ୍ୟେକ ବିଷୟ ଦେଖନ୍ତି। ଏମିତିକି ସରକାରୀ ବିପର୍ଯ୍ୟୟ ସୁରକ୍ଷା ଦଳକୁ ଓଲଟା ଭାବରେ ଗ୍ରହଣ କରନ୍ତି।

ବାତ୍ୟା, ବନ୍ୟା, ଭୂମିକମ୍ପ ପରି ବିପଦ ଆସୁଛି ଶୁଣିବା ମାତ୍ରେ ବିପଦଗ୍ରସ୍ତ ଅଞ୍ଚଳରେ ଲୋକମାନେ କିଛି ମନରେ ନପୂରାଇ ଆଗପଛ ବିଚାର ନକରି ଅନ୍ଧାଧୁନିଆ ଧାଇଁ ବସନ୍ତି। ଜୀବନ ରକ୍ଷା ପ୍ରସଙ୍ଗ ମନକୁ ନଆସିଲେ ବି ବାଘ ଶବ୍ଦ ଶୁଣି ଧାଇଁ ପଳାଇବା ପରି ଲୋକମାନେ ସ୍ଥାନ ଛାଡି କୁଆଡେ ପଳାନ୍ତି। ଏମିତିକି କେଉଁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବେ, ତାହା ବି ମନରେ ସ୍ଥିର କରି ନଥାନ୍ତି। କେବଳ ବିପଦ ବହନ କରିଥିବା ଅଞ୍ଚଳରୁ ବାହାରିଗଲେ, ବିପଦ ଟଳିଯିବ। ଯଦି ସରକାରୀ ବା ବେସରକାରୀ ବିପର୍ଯ୍ୟୟ ସୁରକ୍ଷା ବାହିନୀ କିଛି ହିଁ ସୁରାକ୍ ଦେଇଦେବେ, ତାହା ଧାଇଁ ପ୍ରାଣରକ୍ଷା କରିବା ପଦ୍ଧତିକୁ ହିଁ ସୁହାଇବ।

ବିଶ୍ୱର ବହୁତ ଗୁରୁତ୍ୱପୂର୍ଣ୍ଣ ବାତ୍ୟା, ବନ୍ୟା, ଭୂମିକମ୍ପ, ଭୂସ୍ଖଳନ ଆଦିରେ ଏମିତି 'ଯଃ ଧାବତି ସଃ ତିଷ୍ଠତି' ବା ଧାଇଁ ପଳାଇଲେ ଜୀବନ ବଞ୍ଚିଯିବ ଏମିତି ଘଟଣା ଅନେକ ରହିଛି। ଆମେରିକାର କାଟ୍ରିନା ଝଡରୁ ଆରମ୍ଭ କରି ଜାପାନର ଅନେକ ଭୂମିକମ୍ପ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଇଉରୋପରେ ଏପରି ପଳାୟନ ଧର୍ମ ଦେଖିବାକୁ ମିଳିଛି। ସବୁଠାରେ ସବୁବେଳେ ବିପଦ ନା ଶୁଣିବା ମାତ୍ରେ ଲୋକମାନେ କିଲିବିଲି ହୋଇ ଧାଇଁବାର ଉପକ୍ରମ କରନ୍ତି। ସବୁ ଯୁଗରେ ସବୁ ସ୍ଥାନରେ ମଣିଷର ଏହି ପ୍ରତିରକ୍ଷାତ୍ମକ ସ୍ୱୟକ୍ରିୟତା କାର୍ଯ୍ୟ କରିଥାଏ।

ଅନେକ ସମୟରେ ଲୋକମାନେ ତାଙ୍କ ଅଞ୍ଚଳକୁ ଦୁର୍ବିପାକ ଆସୁଛି ବୋଲି ଶୁଣିଲେ ମୂର୍ଚ୍ଛା ହୋଇଯାଆନ୍ତି । ସେମାନେ ନିସ୍ତେଜ ହୋଇ ପଡନ୍ତି । ବିପର୍ଯ୍ୟୟ ଥମିଗଲେ, ସେମାନେ ସାହସ ସଂଚାଇ ମନରେ ଦୃଢ ହୁଅନ୍ତି । ବାସ୍ତବରେ ସେହି ଲୋକମାନେ ହିଁ ବିପଯ୍ୟୟ ଚାଲିଗଲା ପରେ ବିଧ୍ୱସ୍ତ ହୋଇଥିବା ଅନ୍ୟ ଲୋକଙ୍କୁ ସାହାଯ୍ୟ କରିବାର ଦେଖାଯାଏ । ସେହିଭଳି ଲୋକମାନେ ହିଁ ସରକାରୀ ସାହାଯ୍ୟ ଆସିବା ପୂର୍ବରୁ ଉପଦ୍ରୁତ ଅଞ୍ଚଳରେ ପ୍ରଥମ ସହାୟତାକାରୀ ଶକ୍ତି ।

ଆଉ ଗୋଟିଏ ବିପର୍ଯ୍ୟୟକାଳୀନ ଅସ୍ୱାଭାବିକ ଆଚରଣ ହେଉଛି ଲୋକମାନଙ୍କର ହିଂସା ଆଉ ଲୁଟ୍‌ପାଟ୍ କରିବାର ମନୋବୃତ୍ତି । ଗୋଟିଏ ଗୋଟିଏ ଅଞ୍ଚଳରେ ଏହି ଦୁର୍ଦ୍ଦିନରେ ଲୋକ ନିଜ ଜୀବନ ବଞ୍ଚାଇବାକୁ ନୀଚକର୍ମ କରିବାକୁ ପଛାନ୍ତି ନାହିଁ । ପୂର୍ବରୁ ଶାନ୍ତ ସରଳ ଅଞ୍ଚଳ ଗୁଡିକରେ ଲୋକମାନଙ୍କର ଅପରାଧ ପ୍ରବଣ ମନୋବୃତ୍ତି ଆସେ । ଅଭାବ ଅନାଟନ ସଙ୍ଗକୁ ସରକାରୀ ନିୟନ୍ତ୍ରଣ ହ୍ରାସ ସେମାନଙ୍କୁ ଅପରାଧ କରିବାକୁ ସୁଯୋଗ ଦିଏ । ବେଳେବେଳେ ଏହି ଲୁଟ୍‌ପାଟ୍ ଘଟଣା ସମ୍ବାଦ ପରିବେଷଣ ମାଧ୍ୟମରେ ଅତିରଞ୍ଜିତ କରାଯାଉଥିଲେ ହେଁ ଏହା ମିଥ୍ୟା ନୁହେଁ । ବିଭିନ୍ନ ରାଷ୍ଟ୍ରରେ ଏହି ଆଚରଣ ଦେଖିବାକୁ ମିଳିଛି । ଶିକ୍ଷିତ, ଅଶିକ୍ଷିତ, ବିକଶିତ ଅବା ବିକାଶମୁଖୀ ସବୁ ଦେଶରେ ଏହା ଦେଖାଯାଉଛି । ଆମ ଓଡିଶାରେ ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ଅନେକ ଥର ଏପରି ଘଟଣା ଦେଖିବାକୁ ମିଳିଛି । ଏମିତିକି ସରକାରୀ ସାହାଯ୍ୟ ଆସୁଥିବା ଟ୍ରକ୍ ଗୁଡିକୁ ଅଟକାଇ ଲୁଟ୍ ହେଉଥିବା ସମ୍ବାଦ ଅନେକ ସମୟରେ ପଢିବାକୁ ମିଳେ । ୧୯୯୯ ମସିହାରେ ମହାବାତ୍ୟା ପରେ ପରେ ଚଣ୍ଡିଖୋଲ ଅଞ୍ଚଳରେ ଏଭଳି ଘଟିଥିବାର ସ୍ମରଣ କରନ୍ତୁ । ଗତ ପୁରୀ ପାଖରେ ଲ୍ୟାଣ୍ଡଫଲ୍ କରିଥିବା ଫନି ବାତ୍ୟାରେ ଭୁବନେଶ୍ୱର-ପୁରୀ ରାସ୍ତା ଗମନାଗମନ ପାଇଁ ନିରାପଦ ନଥିଲା ।

ବିପର୍ଯ୍ୟୟ ଏହି ଅସାମାଜିକ ବ୍ୟକ୍ତି ମାନଙ୍କୁ ଆଶ୍ରା ଦେଇଛି ବୋଲି ଧରିନେବାକୁ ହୁଏ । ସ୍ଥାନ, କାଳ, ପାତ୍ର ନେଇ ପୋଲିସ୍ ନିରବ ରହେ । ଲୁଟ୍ ହୋଇଯିବା ଭୟରେ ଅନେକ ନିଜ ଘର ଛାଡି ସୁରକ୍ଷା ସ୍ଥାନକୁ ଯାଆନ୍ତିନାହିଁ ।

ଦେଖାଯାଇଛି, ବିପର୍ଯ୍ୟସ୍ତ ଇଲାକାରେ ଲୋକମାନଙ୍କର ନୈତିକତା ପରିବର୍ତ୍ତିତ ହୋଇଯାଇଛି । ଅଳ୍ପଦିନ ତଳେ ଲୋକ ଯେପରି ଥିଲେ, ଏବେ ସେମାନଙ୍କର ନୈତିକ ଚରିତ୍ର ଭଶୁଡି ପଡିଛି । ଲୋକମାନେ ନକାରାତ୍ମକ ହୋଇପଡିଛନ୍ତି । ଅନୁଭବ କରନ୍ତି, ଯେପରି ବାହାର ଦୁନିଆର ସେମାନଙ୍କ ପ୍ରତି ପରବାୟ ନାହିଁ ।

ପ୍ରକୃତରେ ସେମାନଙ୍କର ଆଶ୍ୱାସନା ଦରକାର । ସେମାନେ ଅନୁଭବ କରିବେ କି ବାହାର ଦୁନିଆ ସେମାନଙ୍କ ପ୍ରତି ସହାନୁଭୂତିଶୀଳ ଏବଂ ସେମାନଙ୍କର ଦୁରବସ୍ଥାରେ ମର୍ମାହତ । ବିପର୍ଯ୍ୟୟ ପର ସ୍ତରରେ ସେମାନେ ଖାଦ୍ୟ, ପାନୀୟ, ଔଷଧ, ଲୁଗାପଟା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପାଇବେ । ସେମାନଙ୍କୁ ପ୍ରୋତ୍ସାହିତ କଲେ ସାମାଜିକତା ଆଉ ଏକାଗ୍ରତା ବୃଦ୍ଧିପାଇବ । କିନ୍ତୁ ଏପରି ହୁଏ, ସରକାରଙ୍କର ଦଳ ଦଳ ଅଧିକାରୀ ଆସି ବହୁ ପ୍ରତିଶ୍ରୁତି ଦେଇଯାଆନ୍ତି । କିଛି ମିଳେ । କିନ୍ତୁ ତା ପାଇଁ ସମୟର ସୀମା କିଛି ନଥାଏ । ଆମ ବିପର୍ଯ୍ୟୟ ପ୍ରବଣ ଓଡିଶାରେ ବାତ୍ୟା ବନ୍ୟା ଏତେ ଶୀଘ୍ର ଆସେ ଯେ, ଶେଷ ବିପର୍ଯ୍ୟୟଟି ସରିବା ବେଳକୁ ବି ପୂର୍ବଟିର ସାହାଯ୍ୟ ପରିମାଣ ମିଳି ନଥାଏ ।

ଗୋଟିଏ ମହାମାରୀର ପ୍ରାଣ ବଞ୍ଚାଇଥିବା ଲୋକ ପର ଅବସ୍ଥାରେ ସମ୍ବେଦନଶୀଳ ହୋଇଯାଏ । ଅନେକ ବିଷୟ ନିଜ ଅନୁଭୂତିରୁ ବର୍ଣ୍ଣନା କରେ । ଏହି କଥା କହିବା ପ୍ରବୃତ୍ତି ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ ।

ରୋଗଜନିତ ମହାମାରୀ ଏମିତି ତୀବ୍ର ବେଗରେ ସଂକ୍ରମିତ ହୁଏ ଯେ, ଲୋକ ପଟାଳି ଭାବରେ ମରିପଡନ୍ତି । ଏହା ହଇଜା, ପ୍ଲେଗ୍, ଇନଫ୍ଲୁଏଞ୍ଜା ରୋଗରେ ଦେଖାଯାଏ । ଆଜିର କୋଭିଡ୍ ରୋଗ ଆଉ କୋଭିଡ୍ ରୋଗ ଭୂତାଣୁ ଏତେ ଭୟାନକ ହୋଇଛି, ତାହାର ସଂକ୍ରମଣ ଆଉ ବିସ୍ତାର ଅଭୁତପୂର୍ବ ମନେହୁଏ । ଏଗୁଡିକ ତ ରୋଗଜନିତ ମହାମାରୀ କଥା । ମାତ୍ର ଯେ କୌଣସି ମହାମାରୀ ଯଥା - ବାତ୍ୟା, ବନ୍ୟା, ଭୂମିକମ୍ପ ସବୁ ଗୁଡିକରେ ହଇଜା, ଝାଡାବାନ୍ତି, ମାଲେରିଆ, ଆଦି ପ୍ରଦୂଷଣ ହେତୁ ଉପଦ୍ରୁତ ଅଞ୍ଚଳରେ ବ୍ୟାପିଯାଏ । ଖାଦ୍ୟାଭାବ ବି ଅନେକ ନୂତନ ରୋଗ ସୃଷ୍ଟିକରେ ।

ବିପର୍ଯ୍ୟସ୍ତ ଅଞ୍ଚଳରେ ଆଉ ଗୋଟିଏ ସମ୍ବେଦନଶୀଳ ଘଟଣା ହେଉଛି ମୃତବ୍ୟକ୍ତିର ପରିଚୟ ମିଳିବା ଏବଂ ଶବକୁ ଆତ୍ମୀୟ ମାନଙ୍କୁ ହସ୍ତାନ୍ତର ଅବା ଆତ୍ମୀୟ ମାନଙ୍କ ଇଚ୍ଛାନୁଯାୟୀ ଶବସତ୍କାର । କିନ୍ତୁ ଆଜିର ଦ୍ରୁତ-ସଂକ୍ରମଣକ୍ଷମ କୋଭିଡ୍ ରୋଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ । କୋଭିଡ୍ ରୋଗୀଟିର ଅବସ୍ଥା ଖରାପ ହୋଇଗଲେ, ସିଏ ଆଇ.ସି.ୟୁରେ ଭର୍ତ୍ତିହୁଏ । ସେଠାରେ ନିଧନ ହୋଇଗଲେ ସରକାରଙ୍କ ତରଫରୁ ଶ୍ମଶାନରେ ଦାହ କରାଯାଏ । କେବଳ ଶ୍ମଶାନରେ ରୋଗୀର ଆତ୍ମୀୟ ଆବୃତ ଶବାଧାରକୁ ଦେଖିପାରିବେ । ଏହି ପ୍ରକ୍ରିୟା ମେଡିକାଲ୍ ବିଜ୍ଞାନ ସମ୍ମତ ହେଲେ ବି ସାମାଜିକ ଭାବରେ ଅନେକଙ୍କର ସମ୍ବେଦନଶୀଳତା ବଢିଯାଏ । ନିଜର ସଂସ୍କୃତି ନଷ୍ଟହେଲା ବୋଲି ଅନେକ ଅଭିଯୋଗ କରନ୍ତି । ଆମ ସମାଜରେ ରହିଥିବା ଅସ୍ଥି ଟିକିଏ  ପାଇବା ଓ ପରେ ଗଙ୍ଗାରେ ବିସର୍ଜନ କରିବା ଅସମ୍ଭବ ହୋଇ ପଡିବାରୁ ଅନେକ ବ୍ୟସ୍ତ ହୋଇପଡନ୍ତି ।

ଆଜିର କୋଭିଡ୍ ମହାମାରୀ ଅନେକ ବିପର୍ଯ୍ୟସ୍ତ ଜନରବ ସୃଷ୍ଟି କରିସାରିଲାଣି ଆଉ ଭବିଷ୍ୟତକୁ ବି କିଛି ଶୁଣିବାକୁ ମିଳିପାରେ । ଏବକାର ପରିବେଷଣ ମାଧ୍ୟମ ସକାଶେ ଏହି ଏପରି ଜନରବ ବହୁମାତ୍ରାରେ ବିସ୍ତାରିତ ହୋଇ ପଡୁଛି । ତା ସାଙ୍ଗକୁ ସାମାଜିକ ମାଧ୍ୟମ ଗୁଡିକ ବି ଖୁବ୍ କମ୍ ସମୟରେ ଏହାକୁ ବ୍ୟାପକ କରିଦେଉଛନ୍ତି ।

ପ୍ରଥମ ଅବସ୍ଥାରେ ଲୋକମାନେ ମାସ୍କ ପିନ୍ଧିବାକୁ ଅପସନ୍ଦ ମଣିଲେ ଏବଂ ରୋଗୀମୃତ୍ୟୁ ଦେଖିବା ପରେ ହିଁ ପିନ୍ଧିବାକୁ ଉଚିତ ମଣିଲେ । ଏହି ନୂତନ ବ୍ୟାଧିରେ କୌଣସି ଔଷଧ ଆବିଷ୍କାର ହୋଇ ନଥିବାରୁ ଆଧୁନିକ ଚିକିତ୍ସା ବିଜ୍ଞାନ ରୋଗଟି ଭୂତାଣୁ ଜନିତ ବୋଲି ନିର୍ଣ୍ଣୟ କରି ଏହାର ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତିକରିବାର ଆବଶ୍ୟକତା ଏବଂ ଅମ୍ଳଜାନ

ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ସହିତ  ପରୀକ୍ଷାରେ ସୁଫଳ ମିଳୁଥିବା ଅନେକ ଆନୁଷଙ୍ଗିକ ଔଷଧ ଉପଦେଶ ମିଳିଲା। ବିଶ୍ୱର ୨୧୫ ଦେଶରେ ବ୍ୟାପିଥିବା ଏହି ବିଶ୍ୱମହାମାରୀରେ ପଶ୍ଚିମ ବିଶ୍ୱର ଗବେଷଣା ଲବ୍ଧ ଅନେକ ଔଷଧ ବ୍ୟବହାରକୁ ଆସିଲା।

କିନ୍ତୁ ଆମ ଦେଶର ତଥା ପ୍ରଦେଶର ଅନେକ ଅଣଚିକିତ୍ସକ ସେମାନଙ୍କର କଳ୍ପନା ପ୍ରସୂତ ଔଷଧ ଚିଠା ସବୁ ସୋସିଆଲ୍ ମିଡିଆରେ ପ୍ରଚାର କରିବାକୁ ଲାଗିଲେ। ଏହା ତୁଳସୀ ପତ୍ର ଠାରୁ ଆରମ୍ଭ କରି ଅନେକ ଦ୍ରବଣ ପର୍ଯ୍ୟନ୍ତ।

ଦେଶ ଭିତରେ ବି ଅନେକ ଆୟୁର୍ବେଦ ନାମଧାରୀ ଅଣଚିକିତ୍ସକ ନିଜ ଆବିଷ୍କାର ଭାବରେ କେତେ ଔଷଧ ପ୍ରସ୍ତୁତକରି କେବଳ ଦେଶରେ ବ୍ୟବହାର ପାଇଁ ନୁହେଁ ବିଦେଶକୁ ବି ରପ୍ତାନି କଲେ। ଏମିତି ଅନେକ କୋଭିଡ୍ ଔଷଧ ସୃଷ୍ଟି କରିଥିବା ଭଣ୍ଡ ଚିକିତ୍ସକ ସୃଷ୍ଟି ହେଲେ।

ଆହୁରି ଲୋକମାନଙ୍କର ବ୍ୟବସାୟିକ ଅସାଧୁତା ବି ଦେଖିବାକୁ ମିଳିଲା। ଅନେକ ଦଲାଲ ରେମ୍‌ଡେସିଭିର୍ ନାମକ କୋଭିଡ୍ ରୋଗରେ ବ୍ୟବହୃତ ଏବଂ ବହୁ ଚାହିଦା ଥିବା ଔଷଧକୁ କଳାବଜାର କରିବାକୁ ଲାଗିଲେ। ଦେଶରେ ଯେତେବେଳେ ରୋଗୀମାନଙ୍କ ପାଇଁ ବେଡ୍ ମିଳୁନି, ଆଇ.ସି. ୟୁ. ମିଳୁନି, ଜରୁରୀ ଔଷଧ ମିଳୁନି, ସେତେବେଳେ ଦଲାଲ ଲାଗିଲେ ସବୁଠାରୁ ଆବଶ୍ୟକ ହେଉଥିବା ଜରୁରୀ ଔଷଧ କଳା କାରବାର କରିବାରେ।

ଆହୁରି ବି ଆମ ଓଡିଶା ଔଷଧ ବଜାରରେ କୋଭିଡ୍ ରୋଗରେ ବହୁମାତ୍ରାରେ ବ୍ୟବାହାର କରାଯାଉଥିବା ଫାବିପିରାଭିର୍ ନାମକ ଔଷଧଟିରେ ନକଲି ଟାବଲେଟ୍ ତିଆରି କରି ବଜାରକୁ ବିକ୍ରି କରିବା ପାଇଁ ଆରମ୍ଭ କରୁଥିଲେ। ବିପଦ ସମୟରେ କଳାବଜାରୀମାନେ କିପରି ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ତାହା  ହିଁ ଦ୍ରଷ୍ଟବ୍ୟ। ସେମାନେ ଧାରଣା କରିଥିଲେ ଯେ ସମସ୍ତଙ୍କର ଦୃଷ୍ଟି କୋଭିଡ୍ ନିୟନ୍ତ୍ରଣ ଉପରେ ରହିଛି। ଏ ଦିଗରେ କାହାର ଦୃଷ୍ଟି ପଡିବନାହିଁ। ସେମିତି ଅନେକ ବିପର୍ଯ୍ୟୟରେ  ସବୁ ପ୍ରକାର ସମାଜରେ ଏମିତି କିଛି ଘଟିବାର ଦେଖାଯାଏ।

ଆମ ଦେଶରେ କାହିଁକି, ସମଗ୍ର ବିଶ୍ୱର ବହୁ ରାଷ୍ଟ୍ରରେ କୋଭିଡ୍ ପାଇଁ ପ୍ରତିଷେଧକ ଟିକା ଦିଆଯାଉଛି। ରୋଗଟି ଆସିବା ପରଠାରୁ ଏହାକୁ କିପରି ପ୍ରତିରୋଧ କରିହେବ, ସେଥିପାଇଁ ଅନ୍ତତଃ ବର୍ଷଟିଏ ଗବେଷଣା ଆଉ ପରୀକ୍ଷଣ ପରେ ବିଶ୍ୱର ବିଭିନ୍ନ ଦେଶ ଏବଂ ଆନ୍ତର୍ଜାତୀୟ ଔଷଧ ପ୍ରସ୍ତୁତକାରୀ କମ୍ପାନୀ କୋଭିଡ୍ ଟିକା ବଜାରକୁ ଆଣିଲେ। ଅନେକ ଦେଶ ଏହାକୁ କ୍ରୟ କରି ମାଗଣାରେ ଲୋକମାନଙ୍କୁ ଦେବାର ନିଷ୍ପତ୍ତି ନେଲେ ଆଉ ଦେଲେ ମଧ୍ୟ।

କିନ୍ତୁ ଭାରତ ସମେତ ଅନେକ ରାଷ୍ଟ୍ରରେ ଲୋକଙ୍କ ମନରେ ଆଗ୍ରହ ବଢାଇବା ପରିବର୍ତ୍ତେ ଅନେକ ଗୁଜବ ଟିକା ନେବାକୁ ଅନ୍ତରାୟ ସୃଷ୍ଟି କରୁଛି। ଏହାର ଉପାଦେୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ କେତେ ବିପଜ୍ଜନକ ଗୁଜବ ସରକାରଙ୍କର ଶତ ପ୍ରତିଶତ ଟିକାକରଣ ଉପରେ କୁଠାରାଘାତ କରୁଛି। ତା ମଧ୍ୟରୁ ସବୁଠାରୁ ଭୟଙ୍କର ଗୁଜବ ହେଲା, ଏହା ପୁରୁଷତ୍ୱ ଏବଂ ପ୍ରଜନନ କ୍ଷମତା ନଷ୍ଟ କରିଦେଉଛି। ଅବଶ୍ୟ ଅନେକ ବିଷୟରେ, ଅନେକ ନୂଆ ଔଷଧ ଆବିଷ୍କାର ବେଳେ ଏହି ପରି ନକାରାତ୍ମକ ମନ୍ତବ୍ୟ ଆସିବାର ନଜିର ରହିଛି। ଏହି ଗୁଜବକୁ ପ୍ରତିହତ କରିବା ପାଇଁ ସରକାରଙ୍କ ତରଫରୁ ଲୋକମାନଙ୍କୁ ବୁଝାଇ ଦିଆଯାଉଛି।

ଏହିଭଳି ବିପର୍ଯ୍ୟୟ ଜନରବ ସମାଜରେ ନିଶ୍ଚିତ ଅନେକ ବିପଦ ଆଣିପାରେ। ସମାଜ କଲ୍ୟାଣ ପାଇଁ ଗଠିତ ସରକାରଙ୍କ ଆଭିମୁଖ୍ୟକୁ ବି ବିଫଳ କରିପାରେ। ତେଣୁ ଆମେମାନେ ଜନରବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ମତ ସୃଷ୍ଟି କରିବାକୁ ସତତ ଚେଷ୍ଟା କରିବା ଉଚିତ୍।

ସମାରୋହ
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋ - ୯୦୭୮୬୭୧୪୭୮

ଽଠଓ

# କୋଭିଡ ମହାମାରୀ କାଳର ସାମାଜିକ ଜୀବନ

*ଡ. ସୁଜାତା ପ୍ରିୟଦର୍ଶିନୀ*

ସବୁ ବିପର୍ଯ୍ୟୟରେ ମଣିଷ ଜୀବନ ଉପରେ ଘୋର ବିପଦ ପଡିଥାଏ। ମଣିଷ ସେତେବେଳେ ନିଜର ଅର୍ଥ ବା ସମ୍ପତ୍ତିକୁ ଦେଖିବାକୁ ସମୟ ପାଏନି। ନିଜ ଘରଦ୍ୱାର ଓ ଜୀବିକା ଭୁଲିଯାଇ କିପରି ନିଜର ଆଉ ପରିବାରର ଜୀବନ ବଞ୍ଚାଇବ, ସେଥିପାଇଁ ରାସ୍ତା ଖୋଜେ। କେତେବେଳେ ସମୁଦ୍ରର ଉତ୍ତାଳ ଜୁଆର ତା ପିଛା କଲାଣି ତ କେତେବେଳେ ତୀବ୍ର ଗତିରେ ଆସୁଥିବା ବାତ୍ୟା ତାକୁ ପବନରେ ଉଡାଇ ନେଲାଣି। କୋଉଠି ଉପର ଆକାଶରେ ବୋମାବର୍ଷୀ ଉଡାଜାହାଜ  ବୋମା ବର୍ଷଣର ଅଗ୍ନି ପିଣ୍ଡୁଳା ସ୍ଖଳନ କରି ମଣିଷ ଜୀବନକୁ ନାଗାସାକି-ହିରୋସିମା ପରି ନାଶ କରିବାର ଭୟଙ୍କର ଆଶଙ୍କାରେ ଦୋହଲି ଯାଉଛି।

ଆଜି କିନ୍ତୁ ଏପରି ଦୃଶ୍ୟମାନ ବିପତ୍ତି ନହେଲେ ବି ଆହୁରି ବିଶ୍ୱାସଘାତକ ଅଦୃଶ୍ୟ ଭୂତାଣୁ ବିଶ୍ୱର ୨୧୯ଟି ରାଷ୍ଟ୍ରରେ ଆତଙ୍କର ଛାୟା ଖେଳାଇଦେଇଛି। ଆଜି ଆବାଳବୃଦ୍ଧବନିତା ସମସ୍ତେ ଏହି ରୋଗ ଚିନ୍ତାରେ କାକୁସ୍ଥ ହୋଇପଡିଛନ୍ତି। ସମସ୍ତଙ୍କ ମୁହଁରେ ଦୁଇ ପରସ୍ତ ଶକ୍ତ ମୁଖା ଆଉ ଅନେକ ଭୂତାଣୁ ଜନିତ ପ୍ରତିଷେଧକ ବ୍ୟବସ୍ଥା।

ଦୁଇ ବର୍ଷ ତଳେ ଗୋଟିଏ ଅଜଣା ରୋଗ ବ୍ୟାପୁଛି ବୋଲି ଚୀନରେ ଜନରବ ଶୁଣିବାକୁ ମିଳୁଥିଲା। ଏହା ଗୋଟିଏ ବିଚିତ୍ର ରୋଗ। ପୁଣି ଚୀନର ବେଜିଂ ସନ୍ନିକଟ ଉହାନ୍ ସହରରେ। ଲୋକମାନଙ୍କୁ ମୁଖା ପିନ୍ଧିବାକୁ ସରକାରୀ କର୍ତ୍ତୃପକ୍ଷ ବାଧ୍ୟକଲେଣି। ପୁଣି ସାଧାରଣ ଲୋକମାନେ ନିଜ ଘର ଚାରିକାନ୍ଥ ମଧ୍ୟରେ ମାସ ମାସ ଧରି ସୀମିତ ହେବାକୁ ତାଗିଦ୍। ନହେଲେ ସୁଟ୍ ଆଟ୍ ସାଇଟ୍। ରାସ୍ତାରେ ଦେଖିବା ମାତ୍ରେ ଗୁଳି। ଉହାନ ସହର ଖାଲି ହୋଇଗଲା। ଏହି ସହରରେ ଯେତେ ବିଦେଶୀୟ ରହିଥିଲେ ବା ବ୍ୟବସାୟ କି ଶିକ୍ଷା ନିମନ୍ତେ ବାହାର ଦେଶରୁ ଆସିଥିଲେ, ପାରିଲାବାଲା ବ୍ୟୋମଯାନରେ ନିଜଦେଶ ମାଲୟେସିଆ, ଜାପାନ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଇଟାଲି, ଇଉରୋପୀୟ ରାଷ୍ଟ୍ର, ଆମେରିକା ବା ଭାରତକୁ ବାହୁଡି ଆସିଲେ। ସେମାନେ ଯେ ଦେଶ ପାଇଁ ଉହାନରୁ ରୋଗ ଭୂତାଣୁ ବହନ କରିଛନ୍ତି, ଏହା ପ୍ରଥମ ସ୍ତରରେ କେହି ଗୁରୁତ୍ୱ ଦେଇ ନଥିଲେ।

ଚୀନ ସରକାରଙ୍କର ଏହି ରୋଗରେ ପୀଡିତଙ୍କ ପାଇଁ ରାତାରାତ ବିଶାଳ ଡାକ୍ତରଖାନା ତିଆରି କରିଦେବେ, ଆଉ ଏଠାରେ ରୋଗୀଙ୍କର ସେବା କରିବ ମାନବୀୟ ରୋବଟ୍ ତାହା ବିଶ୍ୱବାସୀ ଶୁଣିଲେ। ଚୀନ ବିଷୟରେ ସତକଥା ଦେଖିବାକୁ ବା ଶୁଣିବାକୁ ଖୁବ୍ କମ୍ ମିଳେ। ଏହି ଦ୍ରୁତଗତିରେ ନିର୍ମିତ ଡାକ୍ତରଖାନା ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା, ନୂତନ ରୋଗର ବ୍ୟାପକତା ଆଉ ସାଂଘାତିକ ରୂପ ବିଷୟରେ ବିଶ୍ୱ ସନ୍ଦିହାନ ହୋଇ ପଡିଲା।

ଚୀନରେ ହଜାର ହଜାର ଲୋକ ନୂତନ ବିଚିତ୍ର ରୋଗରେ ଜୀବନ ହାରୁଛନ୍ତି, ତାହା ଚୀନ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଜଣାଇଦେଲା। ଏଇଟା ୨୦୧୯ ମସିହା ଡିସେମ୍ବର ମାସର କଥା। ତଥାପି ତିନି ଚାରିମାସ ଆଗରୁ ଚୀନରେ ଜନ ଗୁଞ୍ଜରଣ ଶୁଭୁଥିଲା। କେହି ଜଣେ ଡାକ୍ତର ଏହି ରୋଗର ଦ୍ରୁତ ପ୍ରସାରକ୍ଷମତା ବିଷୟରେ ସତର୍କ କରାଇ ସରକାରୀ ଅଧିକାରୀଙ୍କ ଦ୍ୱାରା ଦଣ୍ଡିତ ହୋଇଥିଲେ।  ତା ପରେ ସତକୁ ସତ ଚୀନରେ ହୁ ହୁ ହୋଇ ରୋଗ ମୃତ୍ୟୁ ତଥ୍ୟ ପ୍ରକାଶ ପାଇଲା। ଚୀନର ପ୍ରକାଶିତ ମୃତ୍ୟୁ ସଂଖ୍ୟାକୁ କାହାର ବିଶ୍ୱାସ ନଥାଏ। ଏମିତି କି ୧୯୬୦ ମସିହା ବେଳକୁ ଚୀନର ଯେଉ ଉତ୍କଟ ଦୁର୍ଭିକ୍ଷ ପଡିଥିଲା ଆଉ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ, ଚୀନ ଏହି ସମ୍ବାଦକୁ ଏମିତି ବିକୃତ କରି ପ୍ରକାଶ କରିଚାଲିଥିଲା ଯେ ସତକଥା ଅନ୍ତରାଳରେ ରହିଗଲା। ସବୁବେଳେ କମ୍ୟୁନିଷ୍ଟ ସରକାରଙ୍କର ସମ୍ବାଦ ପରିବେଷଣ ଉପରେ ପ୍ରବଳ କର୍ତ୍ତୃତ୍ୱ ଦେଖାଯାଏ।

କୋଭିଡ୍ ରୋଗରେ ନାନା କଥା ଉଠିଲା। ବାଦୁଡିରୁ ଆସିଛି, ସାପରୁ ଆସିଛି ତ କିଏ କିଏ କହିଲେ ବଜ୍ରକାପତାରୁ ଆସିଛି। ଯାହାଠାରୁ ଆସୁ, ଏହା ମଣିଷର ରୋଗ ନୁହେଁ, ଏହା ଜନ୍ତୁ ମାନଙ୍କର ଗୋଟିଏ ରୋଗ। ସାପ, ବେଙ୍ଗ ଓ ବାଦୁଡି ଭକ୍ଷଣ କରୁଥିବା ଚୀନାଲୋକ ଉହାନ୍ ଆମିଷ ବଜାରରେ ଏହି ରୋଗର ଭୂତାଣୁ ବାଦୁଡି କି ବଜ୍ରକାପ୍ତାରୁ ସଂକ୍ରମିତ ହୋଇ ମଣିଷ ମାଧ୍ୟମ ପାଇଯାଇଛି। ମଣିଷର ଗତିବିଧି, ସାମାଜିକତା, ପରସ୍ପର ମୁହଁ ଯୋଖା ଯୋଖି ହୋଇ କଥାବାର୍ତ୍ତା କରିବା, ସଭାସମିତି କରିବା, ବଡ ବଡ ମହୋତ୍ସବ ଏବଂ ବଜାର ସିନେମା ଘର ସବୁଗୁଡିକ ଭୂତାଣୁ ପ୍ରସାରର ମାଧ୍ୟମ ହେବାରେ ସୁଗମ ହେଲା। ଖାଲି ସେତିକି ନୁହେଁ, ପୃଥିବୀ ବକ୍ଷରେ ମନୁଷ୍ୟ-ସୃଷ୍ଟ ଦ୍ରୁତ ଗମନା ଗମନ

ପଥରେ ସଂକ୍ରମିତ ମନୁଷ୍ୟ ଜଳ, ସ୍ଥଳ ଆଉ ଆକାଶ ପଥରେ ଉହାନ୍ ସହରରୁ ରୋଗକୁ ବିଶ୍ୱସାରା ବିଞ୍ଚିଦେଲେ । ସେହି ସମୟ ବେଳକୁ ଏହି ରୋଗ ବିଷୟରେ ଉଁ କି ଚୁଁ ଜଣା ନଥିଲା ।

ରୋଗ ଯେତେବେଳେ ଚୀନରେ ଅଣାୟତ ହେଲା ଆଉ ବହୁ ଦ୍ରୁତ ଗତିରେ ବ୍ୟାପିବାକୁ ଲାଗିଲା, ୨୦୧୯ ଡିସେମ୍ବର ବେଳକୁ ଚୀନ ସରକାର ଏହି ଦ୍ରୁତ ସଂକ୍ରାମକ ରୋଗ ବିଷୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଜଣାଇଦେଲେ । ସେହିପରି ପନ୍ଦର ବର୍ଷ ପୂର୍ବରୁ ଚୀନରୁ ସାର୍ସ ରୋଗ ବାହାରିଥିଲା । ସେ ରୋଗ ପାଇଁ ଟିକା ବାହାରିବା ପୂର୍ବରୁ ଆହୁରି ଗୋଟିଏ ଅଧିକ ବିପଜ୍ଜନକ ରୋଗର ଉତ୍ପତ୍ତି ଘଟିଲା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୦ ମସିହା ମାର୍ଚ୍ଚ ମାସରେ ଏହି ରୋଗର ପ୍ରସାର-କ୍ଷମତା ଏବଂ ବିଶ୍ୱବ୍ୟାପୀ ପ୍ରାଦୁର୍ଭାବ ଲକ୍ଷ୍ୟ କରି ଏହାକୁ ନଭେଲ୍ କୋରୋନା ଭୂତାଣୁଜନିତ କୋଭିଡ-୨୦୧୯ ବୋଲି ନାମିତ କଲେ ଏବଂ ଏହି ରୋଗ ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କଲେ ।

ଏମିତିକି ବିଶ୍ୱସମୁଦାୟ କୂଟନୈତିକ ସ୍ତରରେ ଏହି ରୋଗର ଭୂତାଣୁ ଗଠନରେ ଯେମିତି ଆଉ ଯେତିକି ବ୍ୟାପି ପାରୁଛି, ସେଥିପାଇଁ ଏହା ଏକ ଜୈବ ଅସ୍ତ୍ର ଏବଂ ଏହା ଗବେଷଣାଲବ୍ଧ । ଏହି ଜୈବ ଅସ୍ତ୍ରଟିକୁ ଉହାନ ଜୈବ ଗବେଷଣାଗାର କେନ୍ଦ୍ରରେ ସୃଷ୍ଟି କରିବା ସମୟରେ ଏହା କୌଣସି ମତେ ମଣିଷକୁ ସଂକ୍ରମଣ ହୋଇ ଏହାର କରାଳ ରୂପ ପ୍ରକାଶ କରୁଛି । ବିଶ୍ୱବାସୀ ଯେତେବେଳେ ଘୋର ସନ୍ଦେହରେ ଥିଲେ, ଆମେରିକାର ରାଷ୍ଟ୍ରପତି ଏହାକୁ ଚୀନା ଭୂତାଣୁ ବୋଲି ନାମିତ କଲେ ।

ଯାହାହେଉ, ଏହି ରୋଗ ଆସ୍ତେ ଆସ୍ତେ ସବୁଦେଶକୁ ବ୍ୟାପିଗଲା । ଆମ ଦେଶକୁ ବି ଆସିଲା । ପ୍ରଥମ ଲହର ଆସି ମାସେ ଦିମାସ ଭିତରେ ଛାଡିଗଲାନି । ପୁଣି ଦ୍ୱିତୀୟ ଲହରିରେ ଅଜସ୍ର ଲୋକ ପ୍ରାଣ ହରାଇଲେ । ତା ସହିତ ସରକାରଙ୍କର ମହାମାରୀ ନିୟନ୍ତ୍ରଣ ଆଇନ ଅନୁଯାୟୀ, ସଟ୍ ଡାଉନ୍, ଲକ୍ ଡାଉନ୍ ଆଉ କ୍ୱାରାଣ୍ଟାଇନ୍, ଆଇସୋଲେସନ୍ ସବୁ ଆମ ଦୈନନ୍ଦିନ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି ।

ମନରେ ସବୁବେଳେ ଆତଙ୍କ ହିଁ ଆତଙ୍କ । ଭୂତାଣୁ କାହା ପାଟିରେ ନଥିବ ? ମୁହଁରେ ମାସ୍କ ଥିଲେ ବି ସନ୍ଦେହ ଘାରୁଛି । ନିଜକୁ ଯଦି କୋଭିଡ୍ ଆକ୍ରମଣ କରେ, ନିଜେ ତ ଯାହା କଷ୍ଟ ପାଇବ, ତେଣେ ଘର ଲୋକଙ୍କୁ ହନ୍ତସନ୍ତ କରି ମାରିବ । କେଉଁ ଆଇସିୟୁର ଅଭ୍ୟନ୍ତରରେ ଚିକିତ୍ସା ହେବ, କେହି ବନ୍ଧୁଜନ ସେଠିକୁ ପଶିପାରିବେ ନାହିଁ । ପୁଣି ମରିଗଲା ପରେ ମୁର୍ଦ୍ଦାର କୁଆଡେ ଯିବ, କେହି ବି ଦେଖିବେ ନାହିଁ ।

ଏ ଭୟଙ୍କର ରୋଗ ଆମର ମାନସିକ ମେରୁଦଣ୍ଡକୁ ଏମିତି ଚହଲେଇ ଦେଇଛି, ପାଟିରେ ଭାଷା ନାହିଁ । ସମାଜ ପାଲଟିଛି ଏକ ଅସହାୟ ଅନୁଷ୍ଠାନ । ପ୍ରତିଦିନ କେତେ ବନ୍ଧୁବାନ୍ଧବ, ପରିଜନ, ଡାକ୍ତର, ଲେଖକ, କବି, ପ୍ରତିଷ୍ଠିତ ଲୋକ ମୃତ୍ୟୁବରଣ କରୁଛନ୍ତି, ତାହା ବିଶ୍ୱାସ କରିହେଉନି ।

ଏହି ରୋଗରେ ଯେପରି ଲୋକ ପ୍ରାଣ ହରାଉଛନ୍ତି, ତାର କରାଳ କବଳରେ ଯେପରି ପରିବାର ଉଜୁଡି ଯାଉଛି ତାହା କାଳ କାଳକୁ ମନେରହିବ । ଏମିତି ପରିସ୍ଥିତିରେ ମା ବାପା ଦିଜଣ ଜୀବନ ହରାଇଲେ, ପିଲାମାନେ ଅନାଥ ହୋଇଯାଉଛନ୍ତି । କୋଭିଡ୍-୧୯ ଲହର ଲହର ହୋଇ ଆସୁଛି । ସମୟକ୍ରମେ ସମାଜରେ ସୃଷ୍ଟି ହେଉଛି ଅନେକ ପିତୃହରା ପରିବାର, ମାତୃହରା ପରିବାର । ସମାଜର ପ୍ରତିଷ୍ଠିତ ବ୍ୟକ୍ତିବେଶେଷଙ୍କ ମୃତ୍ୟୁ ଦର୍ଶାଉଛି କି କୋଭିଡ୍ କୌଣସି ବାଛ-ବିଚାର ନକରି ସବୁ ବର୍ଗର ଲୋକମାନଙ୍କୁ ଆକ୍ରାନ୍ତ କରି କୋଭିଡ-୧୯ ଅଦ୍ୟାବଧି ଯେତିକି ଘାତକ ହୋଇଛି ଆଉ ପ୍ରାଣ ନେଇଛି, ତା ବ୍ୟତୀତ ଯେତିକି ବଞ୍ଚିଛନ୍ତି, ସେମାନଙ୍କର ଜୀବନ ଶାନ୍ତିରେ କଟୁନି । ରୋଗ ଆଶଙ୍କାକୁ ବାଦଦେଲେ, ସରକାରଙ୍କର ସତର୍କ ଦୃଷ୍ଟି ରହିଛି ରୋଗ ନିୟନ୍ତ୍ରଣରେ । ବହୁ ଦିନ ଲକ୍ ଡାଉନ୍, ସଟ ଡାଉନ । ମାସ୍କ ପିନ୍ଧିବା ଓ ଦୂରତ୍ୱ ରଖିବା ତ ନିତିଦିନିଆ ବ୍ୟବସ୍ଥା ରହିଛି । ଦୋକାନ ବଜାର ସବୁ ବନ୍ଦ ରହିଛି । ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ବିଦ୍ୟାର୍ଥୀମାନେ । ସ୍କୁଲ କଲେଜ ସବୁ ବନ୍ଦ ଏବଂ ପରୀକ୍ଷା ବି ।

ପ୍ରତ୍ୟେକ ମାନସିକ ଭାବରେ ରୋଗୀ ବୋଲି ଆଶଙ୍କା କରୁଛନ୍ତି । କିଛି ନଥାଇ ବି କୋଭିଡ୍ ଟେଷ୍ଟ୍ କରାଇବାରେ ଆନ୍ତରିକତା ରହିଛି । କିଛି ନଥାଇ ବି ବହୁତ ଗୁଡିଏ ପାଥୋଲଜି ପରୀକ୍ଷା କରାଇ କୋଭିଡ୍ ରୋଗ ମୁକ୍ତ ବୋଲି ପ୍ରମାଣ ଆବଶ୍ୟକ କରନ୍ତି ଅନେକ । ପ୍ରକାରାନ୍ତରେ ବହୁଦିନ ପରେ ଯେତେବେଳେ କୋଭିଡ-ମୁକ୍ତ ହୋଇଯିବ ଦୁନିଆ, ଏହିପରି କେତେ ମାନସିକ ରୋଗୀ ଛାଡିଦେଇ ଯିବ କରୋନା ।

କୋଭିଡ୍ ଭୂତାଣୁ ସାମାଜିକ ଭାବରେ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି କରିଛି । ଯୁଦ୍ଧ ସମୟରେ ଯେମିତି ଆମେ ରାତିରେ ଲାଇଟ୍ ଲଗାଇବୁନି ବୋଲି ସତର୍କତା ଅବଲମ୍ବନ କରୁ, ଆଜି ସେମିତି ମାସ୍କ, ଦୂରତା ରକ୍ଷା କରିବା ପରି ସତର୍କତା ଆମର ପାଥେୟ ହୋଇଛି ।

ରିଡର, ଇଂରାଜୀ ବିଭାଗ,
ରାଜଧାନୀ କଲେଜ, ଭୁବନେଶ୍ୱର
ମୋ - ୯୪୩୭୧୩୭୩୭୭

# ମହାମାରୀ କାଳରେ ଦାର୍ଶନିକ ମୂଲ୍ୟବୋଧ

*ଡ. ସଂଘମିତ୍ରା ଭଂଜ*

ଜୀବନ ଯେଉଁଠି ସ୍ୱପ୍ନ ଏବଂ ସମ୍ଭାବନାର ମୂଲ୍ୟାଙ୍କନ କରେ, ସମୟ-ନିୟତି ସେଇଠି ଦୁଃସ୍ଥିତି ଏବଂ ସଂଘାତ-ସଂଘର୍ଷପୂର୍ଣ୍ଣ ପ୍ରତିକୂଳ ପରିବେଶର ବିରୋଧାଭାସକୁ ସଂଯୋଜିତ କରିଦିଏ । ଜୀବନ-ସମୟର ନିଚ୍ଛକ ଆହ୍ୱାନ ଭିତରେ ମାନବ ସଭ୍ୟତାର ଧାରା କେତେ ଯେ ଅବରୋଧର ସାମନା କରିଛି, ତାର ଦଲିଲ୍ ଇତିହାସ ପୃଷ୍ଠାରେ ସୁଲିଖିତ ହୋଇ ରହିଛି । ପଡିଉଠି, ଲହୁଲୁହାଣ ହୋଇ ବଞ୍ଚି ରହିବାର ଦୁର୍ବାର ମହତ୍ତ୍ୱାକାଂକ୍ଷା ମଧ୍ୟରେ ମାନବ ସମାଜର ଗତି ଭଙ୍ଗା ଗଢ଼ାର ସତ୍ୟକୁ ନେଇ ପ୍ରବହମାନ ହେଉଛି । ଏକବିଂଶ ଶତାବ୍ଦୀର ବିଶ୍ୱଜୀବନ ତା'ର ଧରାବନ୍ଧା ଧାରାରେ ଗତିଶୀଳ ଥିଲା । ବିଜ୍ଞାନ, ବୈଷୟିକ, ଔଦ୍ୟୋଗିକ ଉପଲବ୍ଧିକୁ ନେଇ ସଭ୍ୟତାକୁ ଶୀର୍ଷାରୋହଣ କରାଇବାର ଯୋଜନାବଦ୍ଧ ସଂକଳ୍ପ ଆକସ୍ମିକ ଭାବରେ ଆଜି ପ୍ରତିହିତ ହୋଇଥିବା ମନେହୁଏ । ଧର୍ମ ଦର୍ଶନ, ଆଧ୍ୟାତ୍ମିକତା, ଆତ୍ମୋପଲବ୍ଧି, ନୀତିବାଦ ଭଳି ସହଜ-ସରଳ ମାନସିକତାକୁ ଚ୍ୟାଲେଞ୍ଜ ଦେଇ ବିଜ୍ଞାନର ଅବାଙ୍ମାନସ ଗୋଚର ତଥ୍ୟ-ତତ୍ତ୍ୱ ମାନବ ସମ୍ମୁଖରେ ପ୍ରହେଳି ସୃଷ୍ଟିକାରୀ ଏକ ବାତାୟନରେ ପରିଣତ ହୋଇଥିଲା କିନ୍ତୁ, ବର୍ତ୍ତମାନର ସ୍ଥିତିରେ ଅବର୍ତ୍ତମାନକୁ ଅପେକ୍ଷାର ସମୟ ବାସ୍ତବିକ ଅଦ୍ଭୁତ ମନେହୁଏ । ଆଜିର ଦିନ ପରେ ଆଗାମୀ କାଲିର ସୂର୍ଯ୍ୟୋଦୟକୁ ଅପେକ୍ଷା କରୁଥିବା ଏ ସଭ୍ୟ-ଶିକ୍ଷିତ ସଭ୍ୟତା ସତରେ କି ଚାପଗ୍ରସ୍ତ ସନ୍ଧିକ୍ଷଣରେ ଗତି ନକରୁଛି । କେମିତି କରୋନା ମହାମାରୀର ଭୟଙ୍କର ସ୍ଥିତିରୁ ମୁକ୍ତ ହୋଇ କାଲିର ସହଜ-ସ୍ୱାଭାବିକ ଜୀବନ ପ୍ରଣାଳୀକୁ ଆହ୍ୱାନ କରିପାରିବ, ସେଥିନିମନ୍ତେ ଦୀର୍ଘ ଦେଢବର୍ଷର ଏ ସଂଘାତପୂର୍ଣ୍ଣ ଅସହନୀୟ ସ୍ଥିତିକୁ ଅତିକ୍ରମିଯିବାର ପ୍ରୟାସ ଏ ଯାବତ୍ ଜାରି ରହିଛି । ଚିକିତ୍ସାବିଜଜ୍ଞାନର ଅଦ୍ଭୁତ ପ୍ରୟୋଗ ସତେ ଯେମିତି ସମୟର କ୍ରୂର ଚକ୍ରାନ୍ତର ଶିକାର ହେବାପରି ମନେ ହେଉଛି । କରୋନାର ମହାକାଳ ଗର୍ଭରେ ଅସଂଖ୍ୟ ଅସଂଖ୍ୟ ଡାକ୍ତରଙ୍କ ଜୀବନ ଦୀପ ଲିଭିଯାଇଛି । ପ୍ରଶ୍ନ ଉଠେ ଯେଉଁମାନେ ସମାଜର ରୁଗ୍ଣ ମାନବର ସେବା ନିମନ୍ତେ ବିବିଧ ପରୀକ୍ଷାମୂଳକ ତତ୍ତ୍ୱର ମହତ୍ତ୍ୱ ବୁଝନ୍ତି ଏବଂ ମାର୍ଗଦର୍ଶନ କରାନ୍ତି, ସେମାନେ କିପରି ଭାବରେ ଏଭଳି ସଂକ୍ରମଣର ଶିକାର ହୋଇ ମୃତ୍ୟୁମୁଖରେ ପଡିଛନ୍ତି ? ଔଷଧ, ସ୍ୱଚ୍ଛତା, ରୋଗୀଠାରୁ ଦୂରତା ରକ୍ଷା ଏବଂ ପରିଷ୍କାର-ପରିଚ୍ଛନ୍ନ ରହିବାରେ ସତତ ସଚେତନ ଚିକିତ୍ସକମାନେ ଯଦି କରୋନାର ପ୍ରଭାବରୁ ମୁକ୍ତ ନୁହଁନ୍ତି କେବେ ସାଧାରଣ ମାନବ ସମାଜ ସଂପର୍କରେ କ'ଣ ଭାବିହେବା ।

ସଭ୍ୟତାର ଆରମ୍ଭରୁ ଏ ବିଶ୍ୱ ବହୁ ଭୟଙ୍କର ସଂକ୍ରାମକ ରୋଗ ବ୍ୟାଧିର ସମ୍ମୁଖୀନ ହୋଇଛି । ଦୀର୍ଘ ୫୦୦୦ ବର୍ଷତଳେ ଚୀନ୍‌ରେ କୌଣସି ଏକ ଭୟଙ୍କର ବ୍ୟାଧି ହେତୁ ଏକ ପ୍ରାକ୍ତନ କୋଠରୀରେ ଅସଂଖ୍ୟ ନରକଙ୍କାଳ ଠାବ ହେବା ତତ୍କାଳୀନ ସମୟର ଏକ ଭୀଷଣ ବିପତ୍ତିକୁ ଦର୍ଶାଉଛି । ପ୍ରାୟ ୪୩୦ ଖ୍ରୀ:ପୂ.ରେ ଏଥେନ୍‌ସ ଏବଂ ସ୍ପାର୍ଟାରେ ସୁସ୍ଥ ମାନବସମାଜ ପ୍ରାୟ ଆକସ୍ମିକ ଭାବରେ ଭୟଙ୍କର ସଂକ୍ରାମକ ରୋଗର ଶିକାର ହୋଇଥିଲା । ଏଥିରେ ପ୍ରାୟ ୧୦୦,୦୦୦ ଲୋକ ମୃତ୍ୟୁବରଣ କରିଥିବାର ପ୍ରମାଣ ରହିଛି । ୧୬୫-୧୮୦ ଖ୍ରୀଷ୍ଟାବ୍ଦରେ ଆଣ୍ଟୋନି ପ୍ଲେଗ୍ ନାମରେ ଏକ ସଂକ୍ରାମକ ବ୍ୟାଧି ରୋମ୍‌ର ପ୍ରାୟ ୫ ନିୟୁତ ଲୋକଙ୍କୁ ଅକାଳ ମୃତ୍ୟୁକୁ ଟାଣି ନେଇଥିଲା । ପ୍ରାୟ ୨୫୦-୨୭୧ ଖ୍ରୀଷ୍ଟାବ୍ଦରେ ରୋମ୍‌ର 'ସାଇପ୍ରିୟାନ୍ ପ୍ଲେଗ' ନାମକ ବ୍ୟାଧିରେ ପ୍ରାୟ ୫,୦୦୦ରୁ ଉର୍ଦ୍ଧ୍ୱ ଲୋକେ ମୃତ୍ୟୁ ବରଣ କରିଥିଲେ । ୫୪୧-୫୪୨ ଖ୍ରୀଷ୍ଟାବ୍ଦରେ ଜଷ୍ଟିନିୟନ୍ ପ୍ଲେଗ୍‌ରେ ବିଶ୍ୱର ପ୍ରାୟ ଦଶଭାଗ ଲୋକ ମୃତ୍ୟୁବରଣ କରିଥିଲେ । ୧୩୪୬ରୁ ୧୩୫୩ ମସିହାରେ ଏସିଆର ବ୍ଲାକ୍‌ଡେଥ୍, ୧୫୪୫-୧୫୪୮ରେ 'କୋକୋଲିଜ୍‌ଲି' ନାମକ ରୋଗରେ, ୧୫୧୯ ବେଳକୁ 'ଆମେରିକାନ୍ ପ୍ଲେଗ୍', ୧୬୬୫-୧୬୬୬ରେ 'ଲଣ୍ଡନର ମହାମାରୀ' ୧୭୨୦-୧୭୨୩ ମସିହାରେ 'ମାର୍ଶିଲେ ପ୍ଲେଗ୍', ୧୭୭୦-୧୭୭୨ରେ 'ଋଷିଆନ୍ ପ୍ଲେଗ୍' ୧୭୯୩ରେ 'ଫିଲାଡ଼େଲ୍‌ଫିଆ ୟଲୋ ଫିଭର୍' ବ୍ୟାଧି, ୧୮୮୯-୧୮୯୦ର ଫ୍ଲୁ-ବ୍ୟାଧି, ୧୯୧୬ରେ ଆମେରିକାନ ପୋଲିଓ ବ୍ୟାଧି, ୧୯୧୮-୧୯୨୦ରେ ସ୍ପାନିଶ୍ ଫ୍ଲୁ, ୧୯୫୭-୧୯୫୮ର ଏସିଆନ୍ ଫ୍ଲୁ, ୧୯୮୧ରେ ଏଡସ୍ ରୋଗ, ୨୦୦୯-୨୦୧୦ର 'ସ୍ୱାଇନ୍‌ଫ୍ଲୁ', ୨୦୧୪-୨୦୧୬ର 'ଓ୍ୱେଷ୍ଟ ଆଫ୍ରିକା ଏବୋଲା' ବ୍ୟାଧି, ୨୦୧୫ରେ 'ଜିକା ଭାଇରସ୍' ରୋଗ ଏବଂ ପରିଶେଷରେ ୨୦୧୯-୨୦ର କୋଭିଡ୍-୧୯ ମହାମାରୀ ଏ ସମୟର ସର୍ବବୃହତ୍ ବିଶ୍ୱ ମହାମାରୀ ରୂପେ ତା'ର ଭୟଙ୍କରିତା ପ୍ରଦର୍ଶନ କରିଚାଲିଛି ।

ଜନ୍ ହାଁପକିନସ୍ ବିଶ୍ୱବିଦ୍ୟାଳୟର ଆକଳନ ଅନୁସାରେ ୨୦୨୦ ଡିସେମ୍ବର ୧୭ ବେଳକୁ କୋଭିଡ୍‌ରେ ୭.୪୫ କୋଟି ଲୋକ ସଂକ୍ରମିତ ହୋଇସାରିଥିଲେ ଏବଂ ଏଥିଯୋଗୁଁ ସଂପୂର୍ଣ୍ଣ ବିଶ୍ୱରେ ୧୬ ଲକ୍ଷ ଲୋକଙ୍କ ଜୀବନ ଯାଇଛି । ପୂର୍ବରୁ ବ୍ଲାକ୍ ଡେଥ୍‌ରେ ସଂପୂର୍ଣ୍ଣ ବିଶ୍ୱରେ ୨୦ କୋଟି, ଆମେରିକାନ୍ ପ୍ଲେଗ୍‌ରେ ୬୦ ରୁ ୯୦ ଭାଗ ଲୋକ, ସ୍ପାନିଶ୍ ଫ୍ଲୁରେ

ପାଞ୍ଚକୋଟି, ଏଡ୍‌ସ ଯୋଗୁଁ ପ୍ରାୟ ତିନି କୋଟି, ଏସିଆନ୍ ଫ୍ଲୁ (ବାର୍ଡ ଫ୍ଲୁ)ରେ ପ୍ରାୟ ୪,୪୫୧,୭୫୮ ଜଣ ସଂକ୍ରମିତ ଏବଂ ବିଶ୍ୱସ୍ତରରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରିଥିଲେ। ଲଣ୍ଡନ୍ ପ୍ଲେଗ୍‌ରେ ପ୍ରାୟ ସାତମାସ ମଧ୍ୟରେ ୧୦୦,୦୦୦ ମୃତ୍ୟୁବରଣ କରିଥିଲେ। ୧୯୮୪ ମସିହାରେ ଭାରତର ଭୋପାଳ ସହରରେ ରସାୟନିକ ପ୍ଲାଣ୍ଟର ଗ୍ୟାସ୍ ଦୁର୍ଘଟଣା, ଆଧୁନିକ ଇତିହାସର ସବୁଠାରୁ ବଡ଼ ଔଦ୍ୟୋଗିକ ଦୁର୍ଘଟଣା ଘଟିଥିଲା। ଏଥିରେ ପ୍ରାୟ ୩,୫୦୦ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ ଏହାରି ପ୍ରଭାବରେ ୧୫,୦୦୦ରୁ ଅଧିକ ଲୋକେ ମୃତ୍ୟୁବରଣ କରିଥିଲେ। ୧୯ ବର୍ଷ ପୂର୍ବେ ୨୦୦୨-୦୩ରେ ସାର୍ସ ଭାଇରସ୍ ଦ୍ୱାରା ମଧ୍ୟ ୭୦୦ରୁ ଅଧିକ ଲୋକେ ମୃତ୍ୟୁବରଣ କରିଥିଲେ। କିନ୍ତୁ କରୋନା ମହାମାରୀ ସଂପୂର୍ଣ୍ଣ ବିଶ୍ୱରେ ପ୍ରାୟ ୨୦ଲକ୍ଷରୁ ଅଧିକ ଲୋକେ ସଂକ୍ରମିତ ହୋଇଥିବା ପ୍ରମାଣ ମିଳେ। ଏହି ପରିପ୍ରେକ୍ଷୀରେ ରାଧାନାଥରାୟଙ୍କ 'ଶ୍ମଶାନ ଦୃଶ୍ୟ' କବିତା ମନେପଡ଼େ-

"କରାଳ ନିୟତି - କରେ କନ୍ଦୁକ ପରାୟେ
ଉଠନ୍ତି ପଡ଼ନ୍ତି ପ୍ରାଣୀ ଏହି ରୂପେ ସିନା"

ନିୟତିର ଏହି ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତିରେ ମଣିଷ ଜୀବନର ସୁରକ୍ଷା କେବଳ ମଣିଷ ହାତରେ ଥିବା ମନେହୁଏ। ପ୍ରତ୍ୟେକ ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିବା ନିମନ୍ତେ ଶକ୍ତି ପ୍ରୟୋଗ, ଅର୍ଥ ବିନିଯୋଗ କିମ୍ୱା ଜ୍ଞାନର ପ୍ରୟୋଗ ଯଥେଷ୍ଟ ନୁହେଁ, ଏଥି ନିମନ୍ତେ ମାନସିକ ସ୍ଥିରତା, ଅସୀମ ଧୈର୍ଯ୍ୟ, ଅନ୍ତର୍ଦୃଷ୍ଟି, ଦୂରଦୃଷ୍ଟି ତଥା ସହନଶକ୍ତିର ଆବଶ୍ୟକତା ରହିଛି। କରୋନା ମହାମାରୀ ଏକ ଆନ୍ତର୍ଜାତୀୟ ବିପତ୍ତି ଭାବରେ ଦଣ୍ଡାୟମାନ। ଯେଉଁଠି ଅଦୃଶ୍ୟ ଭୂତାଣୁ ତା'ର ପ୍ରଚଣ୍ଡ ବିଷ ଉଦ୍‌ଗାର କରି ପ୍ରକୋପ ସୃଷ୍ଟି କରୁଛି, ସେଇଠି ଅଦୃଶ୍ୟ ଐଶୀ ପ୍ରେରଣାକୁ ମାନବ କାହିଁକି ଅନୁଭବ କରିପାରୁନାହିଁ। ଏହି ଅନୁଭବ ନିମନ୍ତେ ଆମକୁ ନୈତିକ ମୂଲ୍ୟବୋଧର ଦାର୍ଶନିକ ଉତ୍ସ ନିକଟରେ ମଥାନତ ହେବାକୁ ହେବ। ଦାର୍ଶନିକ ବ୍ରେଡ୍‌ଲେଙ୍କ ମତରେ, "ନୈତିକ ଜୀବନ ବଞ୍ଚିଲା ବେଳେ ଆନ୍ତରିକ ବିରୋଧ ଥାଏ ଏବଂ ପ୍ରତ୍ୟେକ ନୈତିକ ପ୍ରଚେଷ୍ଟାର ଅନ୍ତଦ୍ୱାରା ଆମେ ନିଜକୁ ହିଁ ନିଜେ ହତ୍ୟା କରିଥାଉଁ।" ଏହାର ତାତ୍ପର୍ଯ୍ୟ ହେଉଛି, ବିବେକ ଦ୍ୱାରା ପରିଚାଳିତ ହେଲାବେଳେ ନିଶ୍ଚିତ ରୂପେ ଅନ୍ତର୍ଦ୍ୱନ୍ଦ୍ୱ, ବାହ୍ୟଦ୍ୱନ୍ଦ୍ୱ, ତଥା ଭୌତିକ ବିରୋଧ ଆମ ଦୃଷ୍ଟିବଦ୍ଧ ହୁଏ। ତା'ର ଅର୍ଥ ନୁହେଁ ଆମେ ଆମର ନୀତିଗତ ପ୍ରୟାସଠାରୁ ଦୁରେଇବା। ନୀତିଗତ ଧର୍ମ ଆଚରଣ ସାଂପ୍ରତିକ ସମୟର ମୂଳ ଆହ୍ୱାନ। ଯେଉଁଠି 'ମଣିଷପଣିଆ', 'ସେବା', 'ତ୍ୟାଗ', ଆନ୍ତରିକ ଭଲପାଇବାର ସମୁଚ୍ଚ ଆଦର୍ଶ ବିଦ୍ୟମାନ୍ ଥାଏ। 'ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡେ' ନ୍ୟାୟରେ ମନକୁ ସଂପ୍ରସାରିତ କରି ଜଗତକୁ ଦେଖିବାକୁ ହେବ। ଯେଉଁ ସ୍ଥାନରେ ଆମେ ଆଜି ପହଞ୍ଚିଛେ ଅନ୍ୟର ତ୍ରୁଟି ଏବଂ ଅସଂପୂର୍ଣ୍ଣ ସ୍ଥିତି ମଧ୍ୟ ଆମକୁ ଦେଖାଯାଏ। ଦାର୍ଶନିକ କାଣ୍ଟଙ୍କ ମତରେ - "ଆମର ଅନ୍ତିମ ଉଦ୍ଦେଶ୍ୟ ହେଉଛି ପୂର୍ଣ୍ଣତା ଏବଂ ଏହା ସିଦ୍ଧି ନିମନ୍ତେ ଅନନ୍ତ କାଳର ଆବଶ୍ୟକତା ରହିଛି। କିଛି ବିଚାରକଙ୍କ ମତରେ ଅପୂର୍ଣ୍ଣତାର କିଛି ଅଂଶ ମଧ୍ୟ ରହିବା ଦରକାର। ସୋର୍ଟୋ ନିଜ ପ୍ରସିଦ୍ଧ ପୁସ୍ତକ ' ନୈତିକ ମୂଲ୍ୟ'ରେ ଉଲ୍ଲେଖ କରିଛନ୍ତି- "କଳ୍ପନା କର ଯେ ସମସ୍ତ ମୂଲ୍ୟର ସିଦ୍ଧି ହେଲା। ଏହା ହେବା ଦ୍ୱାରା ନୀତିର କ'ଣ ହେବ ? ଆଗକୁ ବଢ଼ିବା ନିମନ୍ତେ କୌଣସି ଆଦର୍ଶ ମଧ୍ୟ ରହିବ ନାହିଁ। ସଫଳତା ସମସ୍ତ ପ୍ରଚେଷ୍ଟାକୁ ଶେଷ କରିଦିଏ ଏବଂ ସେହିପରି ସିଦ୍ଧିପ୍ରାପ୍ତ ନୈତିକ ଆଦର୍ଶ ଜୀବନକୁ ପୂର୍ଣ୍ଣ କରିବା ମଧ୍ୟରେ ଶେଷ ମଧ୍ୟ କରିଦେବ" । ଅପୂର୍ଣ୍ଣତା ବେଳେବେଳେ ସଂଗ୍ରାମ ପାଇଁ ପ୍ରାଣଶକ୍ତି ଦିଏ। ବିଜ୍ଞାନର ଜୟଯାତ୍ରା ପଥରେ ଆମ ପ୍ରଗତିର ଡିଣ୍ଡିମ ପିଟା ଚାଲିଛି। ନୀତିଭ୍ରଷ୍ଟ, ଲକ୍ଷ୍ୟଚ୍ୟୁତ ମାନବସମାଜ ପରିବେଶ ପ୍ରଦୂଷଣ, ବଣ-ଜଙ୍ଗଲ ଉଚ୍ଛେଦ, ବ୍ୟବସାୟିକ ପ୍ରତିଷ୍ଠା ନିମନ୍ତେ ସାଧାରଣ ଚାଷୀଠାରୁ ନିରୀହ ଗରିବଙ୍କ ବାସସ୍ଥାନରୁ ସେମାନଙ୍କୁ ବିସ୍ଥାପିତ କରିବାର ଷଡ଼ଯନ୍ତ୍ର ରଚୁଛି। ନୀତି, ଆଦର୍ଶ, ଜୀବନମୂଲ୍ୟର ଅର୍ଥ କେବଳ ପୁସ୍ତକ, ଶାସ୍ତ୍ର, ପୁରାଣାଦିରେ ସୀମିତ ରହିଯାଉଛି। ସମୟ ଆସିଛି ନିଜକୁ ନିଜେ ସମୀକ୍ଷା କରିବାର ଏବଂ ଦୃଷ୍ଟିକୋଣକୁ ବ୍ୟାପକ କରି ମାନବ ଜୀବନର ଅର୍ଥକୁ ବୁଝି-ବୁଝାଇବାର ସମୟ ଆସିଛି। ବାମପନ୍ଥୀ କବି ଶ୍ରୀ ମନମୋହନ ମିଶ୍ରଙ୍କ 'ମୋର ପରିଚୟ' କବିତାର ପଂକ୍ତି ମନେପଡ଼େ-

"ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି
ଏକ ବେଗବାନ୍ ଏକ ଚକ୍ରର ସାରଥି
ଏକ ରହସ୍ୟମୟୀ ହାସ୍ୟମୟୀ
ଜନ୍ମମାଟିରେ
ରଙ୍ଗୀ କଳାକାର
ମୁଁ ଏକ ସ୍ୱପ୍ନିଳ ବାସ୍ତୁର କର୍ମ-ବିଧି
ମୁଁ ଏକ ବେଗବାନ୍ ଜାତିର ପ୍ରତିନିଧି।"

ଭାରତର ଐଶ୍ୱର୍ଯ୍ୟ ହେଉଛି ଏହାର ଅଧ୍ୟାତ୍ମବାଦୀ-ଦର୍ଶନ। ଜୀବେଦୟା, ପରୋପକାର, ଅହଂବ୍ରହ୍ମାସ୍ମିର ଭାବଗତ ମୂଲ୍ୟକୁ ନେଇ ଏହା ବେଶ୍ ସ୍ୱତନ୍ତ୍ର। ଭାରତୀୟ ଦର୍ଶନ ସାଧାରଣରୁ ଆସାଧାରଣ, ଅସମ୍ଭବରୁ ସମ୍ଭାବନା, ବର୍ତ୍ତମାନରୁ ଅବର୍ତ୍ତମାନ, ଅନ୍ଧକାରରୁ ଆଲୋକ ନିମନ୍ତେ ମହତ୍ତ୍ୱର ମାର୍ଗ ନିର୍ଦ୍ଦେଶ କରେ। ଭାରତର ଏହି ଅସମ୍ଭବ ଆଧ୍ୟାତ୍ମିକତା ନିକଟରେ ନତମସ୍ତକ ଅସଂଖ୍ୟ ଋଷି-ମୁନି, ମହାପୁରୁଷଗଣ ଏଠାରେ ବାରମ୍ୱାର ଜନ୍ମନେବାର ଇଚ୍ଛା ପ୍ରକଟ କରନ୍ତି। ତେଣୁ, ଆଜିର ଏ ସମୟରେ ଅସ୍ତ୍ର-ଶସ୍ତ୍ର, ପରମାଣବିକ-ସ୍ପୁଟନିକ୍ ଶକ୍ତିର ସ୍ଥାପନା ନୁହେଁ, ବରଂ ସଦ୍‌ଭାବ, ଭ୍ରାତୃଭାବ, ସହାନୁଭୂତି-ଆପଣାପଣର ଦର୍ଶନ ହିଁ ମୁଖ୍ୟ କଥା। କିନ୍ତୁ ଦିଗ୍‌ଭ୍ରାନ୍ତ ସଭ୍ୟ-ଶିକ୍ଷିତ ମାନବଜାତି ପ୍ରତି କବି ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ କ୍ଷୋଭପୂର୍ଣ୍ଣ କିନ୍ତୁ ଶାଣିତ ଶବ୍ଦ ପ୍ରୟୋଗ ଏଠାରେ ଉଲ୍ଲେଖନୀୟ-

"ଓଡ଼ିଶାର ଶ୍ମଶାନରେ
ଓଡ଼ିଆର ଶବ ଆରୋହଣ କରି
ମହାଭାରତୀୟ ସେହି କାପାଳିକର
ବିକଟାଳ ରୂପ ଦେଖୁଛ ?
ତା'ରି କର ପତ୍ରରେ
ମୋର ମଲାମୁଣ୍ଡର ସୁରାପାତ୍ର ଭରା ରହିଛି।
ତମେ ତା'ର ସ୍ୱାଦ ନିଅ
ଇସ୍-କି କର୍କଟ କଟୁ।

ମୁଁ ଏକ ଉତ୍କଟ ସୃଷ୍ଟି
ସୃଷ୍ଟିର ଅପକର୍ଷ।"

ଜୀବନର ପ୍ରତ୍ୟେକଟି ମହାନ୍ ମୂଲ୍ୟକୁ ବୁଝିବା ହିଁ ମଣିଷ ଜନ୍ମର ପ୍ରକୃତ ଉଦ୍ଦେଶ୍ୟ। ଏହାଠାରୁ ଦୂରେଇବା ଅର୍ଥ ନିଜେ ନିଜଠାରୁ ଦୂରେଇବ। ଯେତେବେଳେ ଆମେ ନିଜକୁ ବୁଝିପାରୁ ସେତେବେଳେ ଆମେ ଅନ୍ୟ ପାଇଁ ସଦୟ ଏବଂ ସମ୍ବେଦନଶୀଳ ହୋଇଥାଉ। କବି ସଚ୍ଚି ରାଉତରାୟ ଯଥାର୍ଥରେ କହିଥିଲେ – "ଶତାବ୍ଦୀର ସିଂହଦ୍ୱାରୁ ଆସିଅଛି ଦୂତ, ଆଣିଅଛି ବାର୍ତ୍ତା ଭବିଷ୍ୟର, ଜୀବନର ସଂଭାବନା ଯହିଁ ମୂର୍ତ୍ତିମାନ।" ସମୟ ସର୍ବଦା ଗତିଶୀଳ ହେବାକୁ ଶିକ୍ଷାଦିଏ। ସମୟ ଚଳମାନ। ସେଇ ସତ୍ୟୋପଲବ୍ଧ ମଧ୍ୟରେ ଅନନ୍ତ ସତ୍ୟଟି ହେଉଛି- "ଏ ସମୟ ଚାଲିଯିବ" ତେଣୁ ଜୀବନର ନିର୍ଯ୍ୟାସକୁ ହେଜିପାରିଲେ, ସମୟାନ୍ତରେ ମଧ୍ୟ ଅନ୍ୟ କୌଣସି ସମୟର ଉତ୍ତରପୁରୁଷଙ୍କ ପାଇଁ କିଛି ଦୃଷ୍ଟାନ୍ତର ସନ୍ଧାନ ଦେଇହେବ। କାରଣ, ଇତିହାସ ଆମକୁ ଗତାୟୁ ଭୁଲ୍, ଅପରିଣାମଦର୍ଶୀ ଜୀବନର ଚିହ୍ନ ଦେଖାଯାଏ। ବିଶିଷ୍ଟ କବି ଶ୍ରୀ ହରପ୍ରସାଦ ଦାସ ତାଙ୍କ 'ଇତିହାସ' କବିତାରେ ତେଣୁ ଉଲ୍ଲେଖ କରିଛନ୍ତି-

"କରତାଳିର ପ୍ରତିଧ୍ୱନି
ଲେଉଟେ ଓ ଘୂରେ
ଜଟିଳ ଗୁମ୍ଫାରେ
କିଏ ଜାଣେ ଇତିହାସ
ଗିଳିଦେବ କେତେବେଳେ
ମୂଢ଼ ଚଣ୍ଡାଶୋକକୁ ଯେ କେଉଁ
ଅନୁଶାସନର ଅଶୁଦ୍ଧ ବର୍ଣ୍ଣରେ।"

'ମୁଁ'ରୁ 'ଆମେ' ହେବାକୁ ହେବ। ଜୀବନର ଦୃଷ୍ଟିକୋଣକୁ ପ୍ରଥମେ ଆତ୍ମସମୀକ୍ଷା ପୂର୍ବକ ଅନ୍ୟମାନଙ୍କ ଉପରେ ନିବଦ୍ଧ କରିବାକୁ ହେବ। ନିଜର ଦୁଃଖ, ଅବସୋସ, ନିରାଶା ପରି ଅନ୍ୟର ଯନ୍ତ୍ରଣାକୁ ହୃଦ୍‌ବୋଧ କରିବାକୁ ହେବ। ଅନ୍ୟ ପାଇଁ ନିଜକୁ ଦଧିଚୀ ସାଜି 'ସର୍ବଜନହିତାୟ' ନିମନ୍ତେ ଆହୂତି ଦେବାକୁ ହେବ।

କୋଭିଡ୍ ମହାମାରୀ କୌଣସି ଯୁଦ୍ଧଠାରୁ କିଛି କମ୍ ଭୟଙ୍କର ନୁହେଁ। ଯେଉଁ ଯୁଦ୍ଧରେ ନିଜକୁ ସୁରକ୍ଷା ଦେବାର ନିୟମମାନି ଆତ୍ମୀୟ-ପରିଜନଙ୍କୁ ପୋକମାଛି ପରି ମରିଯାଇ ମଢ଼ରେ ପରିଣତ ହେବା ଦେଖିବାକୁ ମିଳେ। କୋଭିଡ୍ ରୋଗୀର ଅନ୍ତିମ ସଂସ୍କାର ନିମନ୍ତେ କ୍ରିୟାକର୍ମ ନକରି ଗୋଟିଏ ଶବ ଉପରେ ଅସଂଖ୍ୟ ଶବକୁ କୁଢ଼େଇ ସଂସ୍କାର କରିବା ଦେଖାଯାଏ। ମୃତ ମାଆର ଶବ ପାଖରେ ଜନ୍ମିତ ଶିଶୁର ବିକଳ ଛାତିଥରା କ୍ରନ୍ଦନ ଶୁଣିବାର ଏ ଦୁର୍ବିସହ-ଅଭାବନୀୟ ସ୍ଥିତିରେ 'ମଣିଷପଣିଆ'କୁ ମନ୍ତ୍ର ଭଳି ଜପ କରିବାକୁ ହେବ। କଞ୍ଚା-ପାଚିଲାର ପ୍ରଭେଦ ଦେଖୁନଥିବା କୋଭିଡ୍ ରୂପୀ ଦୁର୍ଦ୍ଧର୍ଷ ମୃତ୍ୟୁକୁ ଜିତିବାକୁ ହେଲେ ଆତ୍ମଶକ୍ତିର ପ୍ରଚଣ୍ଡ ଜ୍ୟୋତିକୁ ନିଜ ଭିତରେ ପ୍ରଜ୍ୱଳିତ କରି ରଖିବାକୁ ହେବ। ଏହା ଥରେ ତା'ର ଆଭା ବିକିରଣ କଲେ, ଶୋଷଣ ସ୍ୱାର୍ଥପରତା ତଥା କୁଚିନ୍ତନର ନକରାତ୍ମକ ସ୍ଥିତିରୁ ଓହରିବାକୁ ବେଶୀ ସମୟ ଲାଗିବନି। ଏ ଅବେଳରେ ମଣିଷ ପରି ମଣିଷ ହୋଇପାରିଲେ, ପ୍ରତିକୂଳ ସ୍ଥିତି ଉପରେ ବିଜୟ ଲାଭ କରିବା ବେଶ୍ ସହଜ ମନେହେବ। 'ଯତୋ ଧର୍ମଃ ତତୋଃ ଜୟ'।

ସହକାରୀ ଅଧ୍ୟାପିକା (ଓଡ଼ିଆ), ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ - ୯୪୩୮୨୯୪୪୧୮



# କ୍ଷିପ୍ର ସଂକ୍ରମଣକ୍ଷମ ମହାମାରୀର ପ୍ରତିରୋଧ

*ଡା ତନୟା ଜେନା*

ମନୁଷ୍ୟ ସମାଜ ଆଜି ଦିନରେ ଆଉ ଛୋଟ ଛୋଟ ସମାଜରେ ବିଚ୍ଛିନ୍ନ ହୋଇ ଜୀବନ ଧାରଣ କରୁନାହିଁ। ସମଗ୍ର ବିଶ୍ୱ ଆଜି ଗୋଟିଏ ପରିବାର ହୋଇ ଚଳୁଛି ଏବଂ ଭାରତବର୍ଷର ଯୁଗ୍ମ ପରିବାର ଖଣ୍ଡ ଖଣ୍ଡ ହୋଇ ଆମେରିକା, ଇଉରୋପ, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ ଆଦିକୁ ବିଭାଜିତ ହୋଇ ଯାଇଛି କହିବା ଅପେକ୍ଷା, ଗୋଟିଏ ପରିବାର ଦୁଇ ତିନି ଆଡକୁ ବୃତ୍ତିଗତ କାରଣରୁ ବିଚ୍ଛୁରିତ ହୋଇଯାଇଛି କହିଲେ ଠିକ୍ ହେବ। କାରଣ, ଯୁଗ୍ମ ପରିବାରର କ୍ଷୁଦ୍ର ଏକକ ପରିବାର ଗୁଡିକ ପୁଣି ଦେଶକୁ ଫେରି ସେହି ଯୁଗ୍ମ ପରିବାରରେ ମଗ୍ନ ହୋଇଯାଆନ୍ତି। ଆହୁରି ମଧ୍ୟ ଜଗତୀକରଣ ଫଳରେ ଖାଦ୍ୟପଦାର୍ଥ, ଘରକରଣା ଜିନିଷ, ଯନ୍ତ୍ରପାତି ଆଦି ଅବାଧରେ ପ୍ରେରଣ ହେଉଛି। ଏହା କହିବାର ଉଦ୍ଦେଶ୍ୟ ହେଉଛି, ଆଜି ଦୂରତ୍ୱ ଆଉ ସମ୍ପର୍କ ଭାଙ୍ଗି ପାରୁନି ଏବଂ ବାରମ୍ବାର ଗମନାଗମନ ଚାଲିଛି, ଦେଶାନ୍ତର ବୋଲି କିଛି ନାହିଁ। ସେହି ଅବାଧ ଗମନାଗମନ ଅନେକ ଅତି ସଂକ୍ରାମକ ରୋଗ ଗୁଡିକର ଦ୍ରୁତ ପ୍ରସାରଣର କାରଣ ସାଜୁଛି।

ଆଜିର ଶିକ୍ଷିତ ସମାଜ କ'ଣ ନିୟାମକ ରଖିଛି, ଯାହା କି ଜଣେ ଯାତ୍ରୀ ବହନ କରୁଥିବା ଅତି ସାଂଘାତିକ ଇନ୍‌ଫ୍ଲୁଏଞ୍ଜା, ସାର୍ସ ବା କୋଭିଡ୍ ପରି ରୋଗକୁ ଗମନାଗମନ ପାଇଁ ବାରଣ କରିବ ?

ରହିଛି ଏହି ଭୟଙ୍କର କ୍ଷୀପ୍ର-ପ୍ରସାରଣକ୍ଷମ ରୋଗ ଗୁଡିକ ପାଇଁ ଆନ୍ତର୍ଜାତୀୟ ନିୟାମକ, ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ନିୟମ, ୨୦୦୫ (International Health Regulation – IHR, ୨୦୦୫) ଯଦ୍ୱାରା ସଂକ୍ରାମକ ବ୍ୟାଧି ଗୁଡିକର ନାମ, ଶ୍ରେଣୀବିଭାଗ ଓ ସମ୍ବାଦ ସରବରାହ ନିମିତ୍ତ ଉପଯୁକ୍ତ ଭାବରେ ପ୍ରକାଶନକ୍ଷମ କରି ଏହାର ନିୟନ୍ତ୍ରଣ ଏବଂ ନିରାକରଣ ପ୍ରତି ବିଶ୍ୱର ସମସ୍ତ ମିଳିତ ଜାତିସଂଘ ସଭ୍ୟରାଷ୍ଟ୍ର ମାନେ ଉଦ୍ୟମ କରିବେ। ଏହି ନିୟମ ବିଶ୍ୱ ସମୁଦାୟର ଜନସ୍ୱାସ୍ଥ୍ୟ ସମସ୍ୟା ଅନୁସନ୍ଧାନ ଓ ବିଶ୍ୱବ୍ୟାପୀ ସଦ୍ୟ ସଂକ୍ରମଣ ସମ୍ବାଦ ପ୍ରସାର କରି ସତର୍କତା ଘଣ୍ଟି ବଜାଇବା ଉପରେ ଗୁରୁତ୍ୱ ଆରୋପ କରନ୍ତି।

ବିଶ୍ୱର ବାଣିଜ୍ୟ ଓ ଗମନାଗମନ ଆଶାତୀତ ପରିମାଣରେ ବୃଦ୍ଧି ପାଇଥିବାରୁ, ରୋଗ ବ୍ୟାପିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି କହିଲେ ଚଳେ। ରୋଗ ବ୍ୟାପିବା ଏମିତ ଅଦୃଶ୍ୟ ଭାବରେ ବାୟବୀୟ ବା ସ୍ପର୍ଶ ମାଧ୍ୟମରେ ହୁଏ, କାହାରି ଆଖିକୁ ଆଦୌ ଦେଖାଯାଏ ନାହିଁ। ଏହାଦ୍ୱାରା ବ୍ୟୋମଜାନରେ ବସି ଯାଉଥିବା ବହୁରାଷ୍ଟ୍ରୀୟ ଯାତ୍ରୀମାନେ ସଂକ୍ରମିତ ହୋଇ ନିଜ ନିଜ ଦେଶକୁ ରୋଗର ମଞ୍ଜି ବହନ କରି ସମସ୍ତଙ୍କ ଅଜାଣତରେ ନିଜ ଦେଶକୁ ଚାଲିଯାଇ ପାରିବେ। ଅଳ୍ପଦିନ ପରେ ଦେଖାଯିବ, ଯାତ୍ରୀ ବହନ କରିଯାଉଥିବା ରାଷ୍ଟ୍ର ଗୁଡିକରେ ମୃତ୍ୟୁର ତାଣ୍ଡବ ସୃଷ୍ଟ ହେଉଛି। ଏହା ଦ୍ୱାରା ଗମନାଗମନ କେତେ ଦୂର କ୍ଷତିକାରକ ଆଉ ନୂତନ ଜୀବାଣୁ ବା ଭୂତାଣୁର ସଂକ୍ରମଣ କ୍ଷମତାକୁ ବହୁଗୁଣରେ ବୃଦ୍ଧି କରିଦେବାର ସାମର୍ଥ୍ୟ ବିଗତ ଭୂତାଣୁଜନିତ ମହାମାରୀ ଗୁଡିକରେ ସାବ୍ୟସ୍ତ ହୋଇଛି। ଏହା ଦ୍ୱାରା ଅନେକ ରାଷ୍ଟ୍ରରେ ସେଗୁଡକର ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇ ବା ଯୋଗାଇ ନପାରି ଅଚଳ ହୋଇଯାଇଛନ୍ତି। ଦେଶର ଆର୍ଥିକ ସାମର୍ଥ୍ୟ ଲୋପ ପାଇଛି। ଏହି ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟାମନ, ୨୦୦୫ ଆବଶ୍ୟକ କରେ ଯେ,

- ❑ ଜନସ୍ୱାସ୍ଥ୍ୟ ସମସ୍ୟା କେତେ ସାଂଘାତିକ
- ❑ ଘଟଣା ଅସାଧାରଣ ନା ଅଦମ୍ୟ, ଅନିୟନ୍ତ୍ରିତ
- ❑ ଆନ୍ତର୍ଜାତୀୟ ସ୍ତରକୁ ବ୍ୟାପି ଯିବାର ଭୟ
- ❑ ଆନ୍ତର୍ଜାତୀୟ ଗମନାଗମନର ପ୍ରତିବନ୍ଧକ

ଯଦି ଜଣେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସଭ୍ୟ ଏମିତି ବ୍ୟାଧିର ସନ୍ଧାନ ପାଆନ୍ତି, ସେ ୪୮ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ବିପଦ ସମ୍ବଳିତ ତଥ୍ୟ ସଂଗ୍ରହ କରିବେ। ଯଦି ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟାମକ ଦୃଷ୍ଟିରୁ ଘୋଷଣା ଯୋଗ୍ୟ, ତେବେ ୨୪ ଘଣ୍ଟା ଭିତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଜଣାଇଦେବେ।

ସେହି କାରଣରୁ ୨୦୦୫ ମସିହାର ଏହି ସ୍ୱାସ୍ଥ୍ୟ ନିୟାମକ ଆଇନ ବହୁ ଗୁରୁତ୍ୱପୂର୍ଣ୍ଣ। ଏହି ନିୟାମକକୁ ବି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମନ୍ୱିତ ଭାବରେ ସହାୟକ ହୁଏ। ଏହାକୁ ବିଶ୍ୱର ପ୍ରତି ସଭ୍ୟରାଷ୍ଟ୍ର ଚୁକ୍ତି ଭାବରେ ଗ୍ରହଣ କରିଛନ୍ତି। ବିଶ୍ୱବାସୀଙ୍କୁ କ୍ଷିପ୍ର ସଂକ୍ରାମକ ରୋଗ ଦୃଷ୍ଟିଗୋଚର ହେଲେ, ଏହି ରୋଗ ଜନିତ ଲକ୍ଷଣ, ପ୍ରସାରଣକ୍ଷମତା, ସଦ୍ୟ ବିପଦ, ଆଦି ବିଷୟ ଗୁପ୍ତ ନରଖି ଉଚ୍ଚ ସ୍ୱରରେ ବହୁ ସମ୍ବାଦ ପରିବେଷଣ ମାଧ୍ୟମରେ ପ୍ରକାଶ କରିବା ଜରୁରୀ। ତା' ନହେଲେ ବିଶ୍ୱ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବ ଏବଂ ଆନ୍ତର୍ଜାତୀୟ ଗମନାଗମନ ଆଉ ବାଣିଜ୍ୟ ମୁକ୍ତ ନହୋଇ ବିପଦଗ୍ରସ୍ତ

ହୋଇପଡିବ । ସେଥିପାଇଁ ୨୦୦୫ ମସିହା ସ୍ୱାସ୍ଥ୍ୟ ନିୟାମକରେ ନିର୍ଦ୍ଦେଶିତ କେତୋଟି ଦିଗ ହେଉଛି,

୧. ସ୍ୱାସ୍ଥ୍ୟକ୍ଷେତ୍ରରେ ଆସନ୍ନ ବିପଦର ସନ୍ଧାନ
୨. ଅନ୍ୟ ରାଷ୍ଟ୍ର ସହ ଜନସ୍ୱାସ୍ଥ୍ୟ ଜରୁରୀ ଅବସ୍ଥାର ଅନ୍ୱେଷଣ
୩. ନର୍ଦ୍ଦିଷ୍ଟ ରୋଗର ଲକ୍ଷଣ, ପ୍ରତିଷେଧକ ସମ୍ବାଦ ପରିବେଷଣ
୫. ଜନସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଉତ୍ତର ଦାୟିତ୍ୱ

ଏଥିପାଇଁ ବନ୍ଦର, ବିମାନ ବନ୍ଦର, ମୁଖ୍ୟ ଗହଳି ସ୍ଥାନ ତଥା ଛକ ମାନଙ୍କରେ ନିର୍ଦ୍ଦିଷ୍ଟ କଟକଣା ମାନି ଗୋଟିଏ ଦେଶରୁ ଅନ୍ୟ ଦେଶକୁ ରୋଗ ବ୍ୟାପିବାରେ ପ୍ରତିବନ୍ଧକ ସୃଷ୍ଟି କରିବା ଆବଶ୍ୟକ । ଏହି ପଦ୍ଧତିରେ ୨୦୦୩ ମସିହାର ସାର୍ସ ପରି ବାୟବୀୟ ମାଧ୍ୟମରେ ବ୍ୟାପୁଥିବା ରୋଗ, ପଶ୍ଚିମ ଆଫ୍ରିକାର ଏବୋଲା ରୋଗ, ମଧ୍ୟ ଏସିଆର ମର୍ସ ରୋଗ ଗୁଡିକ ପ୍ରତିରୋଧ କରାଯାଇଥିଲା ।

କେତେ ଗୁଡିଏ ରୋଗର ଉପସ୍ଥିତି ସବୁବେଳେ ଜଣାଇବାକୁ ପଡେ । ଏଗୁଡିକ ଅସାଧାରଣ ବା ନୂତନ ନୁହଁନ୍ତି, ଯଥା :- ବସନ୍ତ, ଅସାଧାରଣ ଭୂତାଣୁଜନିତ ପୋଲିଓ, ନୂଆ ପ୍ରକାରର ଇନଫ୍ଲୁଏଞ୍ଜା, ସାଂଘାତିକ ଶ୍ୱାସରୁଦ୍ଧ ବେମାରି (ସାର୍ସ), ପିତ୍ତ ଜ୍ୱର (ଏଲୋ ଫିଭର), ରକ୍ତସ୍ରାବକାରୀ ଭୂତାଣୁ (ହେମୋର୍‌ହେଜିକ୍) ଜନିତ ଜ୍ୱର ସହିତ ୨୦୦୫ ମସିହାରୁ ନୂତନ ତାଲିକାଭୁକ୍ତ ଏଚ୍-୧ଏନ୍-୧, ଇନଫ୍ଲୁଏଞ୍ଜା, ପୋଲିଓ, ଇବୋଲା, ଜାଇକା ଭୂତାଣୁ ।

ମାତ୍ର ଦୁଃଖର କଥା, ବିଶ୍ୱର ୧୯୬ଟି ମିଳିତ ଜାତିସଂଘର ରାଷ୍ଟ୍ର ମଧ୍ୟରୁ ଏକ-ତୃତୀୟାଂଶଙ୍କ ପାଖରେ ଏମିତି ରୋଗ ଚିହ୍ନିବା ପରି ସାମର୍ଥ୍ୟ ରହିଛି । ସେଥିପାଇଁ କେତେ ସମର୍ଥ ଦେଶ ଅନ୍ୟମାନଙ୍କୁ ଏହି ଦିଗରେ ସହାୟକ ହେଲେ, ବିଶ୍ୱରେ ନୂତନ ଏବଂ କ୍ଷିପ୍ର ପ୍ରସାରଣକ୍ଷମ ଦିନକୁ ଦିନ ନୂଆ ରୂପରେ ଆବିର୍ଭାବ ହେଉଥବା ରୋଗ ଗୁଡିକର ସତର୍କବାଣୀ ବିଶ୍ୱର ସବୁ କୋଣରୁ ଉଚ୍ଚସ୍ୱରରେ ଶୁଭିବ ।

ଆଜିର ସଂକ୍ରାମକ ରୋଗ ବହୁଳ ସମୟ ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (World Health Organisation) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରକାଳରୁ ଅଦ୍ୟାବଧି ଆନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରିସଂଖ୍ୟାନ, ସ୍ୱାସ୍ଥ୍ୟ ନୀତି ଆଦିର ସୂତ୍ରଧର ହୋଇ ରହିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜାତିସଂଘର ଏହ ବିଶେଷ ସଂସ୍ଥା । ଏହା ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିମନ୍ତେ କାର୍ଯ୍ୟରତ । ଏହାର ନିଜର ସମ୍ବିଧାନ, ଶାସନ ପ୍ରକ୍ରିୟା, ନିୟମ କାନୁନ ତଥା ତାହାର ନିଜର ଆଭିଲକ୍ଷ୍ୟ ରହିଛି । କହିବାକୁ ଗଲେ, ଏହା ଏକ ବେସରକାରୀ ଅନୁଷ୍ଠାନ । ଏହା ସଭ୍ୟରାଷ୍ଟ୍ର ମାନଙ୍କ ଅନୁଦାନରେ ଚଳେ । ଏହାର ଲକ୍ଷ୍ୟ ରହିଛି, "ପ୍ରତି ଲୋକଙ୍କ ପାଇଁ ସର୍ବୋଚ୍ଚ ସ୍ତରର ସ୍ୱାସ୍ଥ୍ୟ" । ଏହାର ମୁଖ୍ୟ ଦପ୍ତର ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ଅବସ୍ଥିତ । ଏହାର ସମ୍ବିଧାନ ୧୯୪୮ ମସିହା ଅପ୍ରେଲ୍ ୭ ତାରିଖରେ କାର୍ଯ୍ୟକାରୀ ହୋଇଥିଲା, ସେଥିପାଇଁ ପ୍ରତିବର୍ଷ ଅପ୍ରେଲ୍ ସାତ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବରେ ପାଳନ କରାଯାଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନେକ କାର୍ଯ୍ୟାବଳୀ ମଧ୍ୟରୁ ଜରୁରୀ ଜନସ୍ୱାସ୍ଥ୍ୟ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟ ସଂକଟରେ ସମାଧାନ ବ୍ୟବସ୍ଥା ଆଉ ଏହି କାର୍ଯ୍ୟ ପାଇଁ ବିଶ୍ୱ ସ୍ତରରେ ସମନ୍ୱୟ ରକ୍ଷା । ଏହି ସଂଗଠନ ସଭ୍ୟ ରାଷ୍ଟ୍ରମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଗ ନିୟନ୍ତ୍ରଣ ନିମନ୍ତେ ଜ୍ଞାନ କୌଶଳ ପ୍ରଦାନ କରେ, ସ୍ୱାସ୍ଥ୍ୟର ଆନ୍ତର୍ଜାତୀୟ ମାନ ନିର୍ଦ୍ଧାରଣକରେ ଏବଂ ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ ସର୍ଭେ କରେ । ରୋଗ ଏବଂ ପ୍ରତିଷେଧକ ପାଇଁ ଏହାର ୱେବ୍ ସାଇଟ୍‌ରେ ଅନେକ ତଥ୍ୟ ରହିଛି ତଥା ନୂଆ ନୂଆ ରୋଗ ପାଇଁ ଏହାର ବିଶେଷ ଘୋଷଣା କାର୍ଯ୍ୟକ୍ରମ ରହିଛି ।

ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବହୁତ ଅଭିଜ୍ଞତା ରହିଛି । ଗଠନ ମୂଳରୁ ଅଦ୍ୟାବଧି ଏହା ଅନେକ କୃତିତ୍ୱ ହାସଲ କରିଛି । ସେଗୁଡିକ ହେଲା - ବସନ୍ତ ରୋଗର ନିରାକରଣ, ପାଖାପାଖି ପୋଲିଓ ରୋଗର ନିରାକରଣ, ଏବୋଲା ଟିକା ଉଦ୍ଭାବନ । ଆଜିର ଅଗ୍ରାଧିକାର ହେଉଛି ଏଚଆଇଭି / ଏଡ୍‌ସ ରୋଗ ନିୟନ୍ତ୍ରଣ, ଏବୋଲା ଓ କୋଭିଡ୍-୧୯, ମାଲେରିଆ, ଯକ୍ଷ୍ମା, ବ୍ୟତୀତ ହୃଦ୍‌ରୋଗ ଓ କର୍କଟ ପରି ଅଣସଂକ୍ରାମକ ରୋଗର ଉପଚାର ।

ଆଜି ଯେଉଁ କୋଭିଡ୍-୧୯ ରୋଗ ବିଶ୍ୱର ସର୍ବାଧିକ ଦେଶକୁ ବ୍ୟାପି ଯାଇଛି, ଏହାକୁ ସାଂଘାତିକ ଭୂତାଣୁ ବୋଲି କୁହାଯାଇପାରେ, କାରଣଏହା ଅବାଧ ଭାବରେ ବିଶ୍ୱସାରା ବ୍ୟାପିଯାଇଛି । ତାହା ବି ଆଜିର ତ୍ୱରାନ୍ୱିତ ଗମନାଗମନ ଦ୍ୱାରା ଅତି ଶୀଘ୍ର ବ୍ୟାପକ ହୋଇଛି ବୋଲି କହିଲେ, ଅତ୍ୟୁକ୍ତି ହେବ ନାହିଁ ।

ବର୍ତ୍ତମାନର କରୋନା ଭୂତାଣୁ ଯେଉଁ ବିଶ୍ୱ ମହାମାରୀ ଭାବରେ ବିଶ୍ୱରେ ତାଣ୍ଡବ ଖେଳାଇ ଚାଲିଛି, ତାହାର ସଂକ୍ରମଣ ଘୋଷଣା କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଯାହା ଦାୟିତ୍ୱ, ତାହା କିପରି ସମାହିତ ହୋଇଛି, ତାହା ଜାଣିବା ଆବଶ୍ୟକ । କେବଳ ଆଜିର କୋଭିଡ୍ ରୋଗ ନୁହେଁ, ଏହି ସଂଗଠନ ୧୯୪୮ ମସିହାରୁ ପ୍ରତ୍ୟେକଟି ମହାମାରୀ ଉପରେ ପ୍ରତିରୋଧକ କାର୍ଯ୍ୟ ସମ୍ପାଦନ କରିଚାଲିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୦ ମସିହା ଜାନୁଆରୀ ଏକ ତାରିଖରେ ଚୀନ୍‌ରେ ଦ୍ରୁତଗତିରେ ବ୍ୟାପୁଥିବା ଅଜଣା ରୋଗ ସମ୍ବନ୍ଧରେ ଖବର ପାଇଲା । ଏହି ରୋଗରେ ନିମୋନିଆଁ ବା ଫୁସ୍‌ଫୁସ୍ ପ୍ରଦାହ ହିଁ ଥିଲା ରୋଗୀର ମୃତ୍ୟୁର ପ୍ରଧାନ କାରଣ । ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିଜର ଘଟଣା ପରିଚାଳନା ସହାୟକ ଦଳ ଗଠନ କରି ବିଶ୍ୱର ସବୁ ସଭ୍ୟ ରାଷ୍ଟ୍ର ଗୁଡିକୁ ଏହି ଖବର ଜଣାଇଦେବା ପରେ ଏହି ରୋଗ ପାଇଁ କଅଣ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ, ତାହା ସୂଚାଇ ଦେଲା । ଏହି ନୂତନ ବ୍ୟାଧି ଚୀନ୍ ବାହାରେ ପ୍ରଥମ ସଂକ୍ରମଣ ବିଷୟ ନିଶ୍ଚିତ କଲା ପରେ ସମସ୍ତ ଦେଶ ଗୁଡିକୁ ସାବଧାନ କରିଦେଲା । ଏହା ସୀମିତ ମଣିଷ ଠାରୁ ମଣିଷକୁ ସଂକ୍ରମଣ ହେଉଛି ବୋଲି ଜାନୁଆରୀ ୨୦ ତାରିଖ, ୨୦୨୦ ସୁଦ୍ଧା ନିର୍ଣ୍ଣୟ କରାଗଲା । ଜାନୁଆରୀ ୩୦ ତାରିଖ ଦିନ ଏହାକୁ ମହାମାରୀ ଭାବରେ ସବୁ ରାଷ୍ଟ୍ର ଗୁଡିକୁ ଜଣାଇ ଦିଆଗଲା ଏବଂ ୨୦୨୦ ମାର୍ଚ୍ଚ ଏଗାର ତାରିଖରେ ଏହାକୁ


ବିଶ୍ୱ ମହାମରୀ ବୋଲି ଘୋଷଣା କରି ଏହାର ପ୍ରତିରୋଧ କରିବା ସହ ଏହାକୁ ନିଃଶେଷ କରିବାର ପାଇଁ ଆହ୍ୱାନ ଦେଲା।

ସେହି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆହ୍ୱାନରେ ଜର୍ମାନୀ, ସିଙ୍ଗାପୁର, ଦକ୍ଷିଣ କୋରିଆ ଆଦି ତୁରନ୍ତ ପ୍ରତିରୋଧ କାର୍ଯ୍ୟରେ ଲାଗିପଡିଲେ। କିନ୍ତୁ ଆମେରିକା ଏହା ଗ୍ରହଣ କଲାନାହିଁ।

ଏହି ମହାମାରୀ ଘୋଷଣା କରିବା ଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆମେରିକା ଆଉ ଆମେରିକାର ଟ୍ରମ୍ପ ପ୍ରଶାସନର ଘୋର ବିରୋଧର ସମ୍ମୁଖୀନ ହୋଇଛି। ଚୀନ୍‌ର ଜନସ୍ୱାସ୍ଥ୍ୟ ଆଭିମୁଖ୍ୟକୁ ଆମେରିକା ବିରୋଧ କରି ଚୀନ୍ ଏହା କୋଭିଡ୍ ରୋଗ ଜନିତ ପରିସଂଖ୍ୟାନ ଠିକ୍‌ରେ ପରିବେଷଣ ନକରି ଭ୍ରମ ସୃଷ୍ଟି କରୁଛି। ଟ୍ରମ୍ପ ଏହି କୋଭିଡ୍ ଭୂତାଣୁକୁ 'ଚୀନା ଭୂତାଣୁ' ବୋଲି ଦୃଢ କଣ୍ଠରେ ଘୋଷଣା କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ତରଫା ଭାବେ ଚୀନ୍‌କୁ  ସମର୍ଥନ କରୁଛି ବୋଲି ଆମେରିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରିଯିବା ଘୋଷଣା କରି ସମସ୍ତ ଆର୍ଥିକ ସହାୟତା ବନ୍ଦ କରିଦେଇଥିଲା। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର  ସ୍ୱାସ୍ଥ୍ୟ କ୍ଷେତ୍ରରେ ନେତୃତ୍ୱ ପ୍ରତି କୁଠାରାଘାତ ବୋଲି ମନେହୁଏ। ଯାହା ହେଉ, ଆମେରିକାର ନେତୃତ୍ୱ ବିଡେନଙ୍କ ହାତକୁ ଯିବା ପରେ ସେ ଆମେରିକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିରୋଧରେ ନିଆ ଯାଇଥିବା ପଦକ୍ଷେପକୁ ବଦଳାଇଛନ୍ତି।

ଏହିପରି ବିଶ୍ୱ ସ୍ୱାସ୍ଥ୍ୟ ପରିବେଶ ପ୍ରତି ଆମର ସଚେତନତା ଆଉ ପଦକ୍ଷେପ।

ହିନ୍ଦୁସ୍ଥାନ ଏରୋନଟିକସ ହସ୍ପିଟାଲ,
ସୁନାବେଡା, କୋରାପୁଟ
ମୋ-୮୭୬୩୬୬୬୦୩୧



# ରୋଗ ଭୟର ମାଳିକା

*ଡଃ ସୁଶୀଲ କୁମାର ପଟ୍ଟନାୟକ*

ଭବିଷ୍ୟବାଣୀ ଶୁଣାଇ ମଣିଷ ଜାତିକୁ ସତର୍କ କରିବା ଆବହମାନ କାଳରୁ ରହିଛି । ଆମ ଓଡିଶା ରାଜ୍ୟରେ କୌଣସି ବିପତ୍ତିର ଭୟ ରହିଥିଲେ ଅନେକ ଅଚ୍ୟୁତାନନ୍ଦଙ୍କ ମାଳିକାକୁ ଖୋଜି ତନଖି ଥାଆନ୍ତି । ଏମିତି ମଣିଷ ଜାତିର ଭବିଷ୍ୟତ ଏହି ମାଳିକାରେ ଉଲ୍ଲିଖିତ ବୋଲି ଆମ ରାଜ୍ୟର ବହୁ ଲୋକଙ୍କର ଦୃଢ ବିଶ୍ୱାସ ରହିଛି । ମାଳିକାର ଲେଖକ ଅଚ୍ୟୁତାନନ୍ଦ ଦାସ ଷୋଡଶ ଶତାବ୍ଦୀର । ଅଚ୍ୟୁତ ଗଜପତି ପ୍ରତାପରୁଦ୍ରଦେବଙ୍କ ଅମଳର ଏବଂ ସିଏ ପଞ୍ଚସଖାଙ୍କ ମଧ୍ୟରୁ ଜଣେ ଅଟନ୍ତି । ସିଏ ତାଙ୍କ ଶେଷ ଜୀବନ ନେମାଳରେ କଟାଇଥିଲେ । ସେଠିକାର ମଠର ବଟବୃକ୍ଷ ତଳେ ବହୁ ସାଧନା କରି ସିଏ ତାଙ୍କର ଦୁର୍ମୂଲ୍ୟ ମାଳିକା ରଚନା କରିଛନ୍ତି । ଜଣଙ୍କର ଦିବ୍ୟଦୃଷ୍ଟି ନରହିଲେ ଦୂର ଭବିଷ୍ୟତ ମନରେ ସଂଚାର ହୋଇପାରିବ ନାହିଁ । ଏହିପରି ଜ୍ଞାନ ସମ୍ପନ୍ନ ଅଚ୍ୟୁତଙ୍କ ମାଳିକା ଓଡିଶାର ଗୋଟିଏ ଲୋକପ୍ରିୟ ରଚନା ।

ଏହି ଅବସରରେ କୁହାଯାଇ ପାରେ ଯେ, ପାଶ୍ଚାତ୍ ଜଗତରେ ବି ଏମିତି ଭବିଷ୍ୟବାଣୀ ଦେଖିବାକୁ ମିଳେ । ୧୭୦୪ ମସିହାରେ ଆଇଜାକ୍ ନିୟୁଟନ୍ ମଧ୍ୟ କିଛି ଭବିଷ୍ୟବାଣୀ କରିଛନ୍ତି । ତାଙ୍କର ମତରେ ପୃଥିବୀରୁ ମାନବ ସମାଜ ୨୦୬୦ ମସିହାରେ ଶେଷ ହୋଇଯିବ । ସେ ଜଣେ ବିଜ୍ଞ ପଦାର୍ଥ ବିଜ୍ଞାନୀ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଅଛି ବୋଲି ପ୍ରମାଣ କରିଥିଲେ । ଏବେ କୌଣସି ଦିବ୍ୟଦୃଷ୍ଟିରେ ଦେଖିଛନ୍ତି, ତାଙ୍କ ଆକଳନର ୩୫୪ ବର୍ଷ ପରେ ଅର୍ଥାତ୍ ୧୭୦୪ ମସିହାର ୩୫୪ ବର୍ଷ ପରେ ୨୦୬୦ ମସିହାରେ ପୃଥିବୀ ଧ୍ୱଂସ ହେବ ।

ବିଶ୍ୱର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ୍ ହକିଂସ୍ ମଧ୍ୟ କହିଛନ୍ତି, ମଣିଷ ଦିନେ ନିଶ୍ଚିହ୍ନ ହେବା ଭଳି ଅବସ୍ଥାର ଶିକାର ହେବ । ପୃଥିବୀ ସହିତ ଗୋଟିଏ ବିରାଟ ଅନ୍ତରୀକ୍ଷ ବସ୍ତୁ ସହିତ ଧକା ହୋଇପାରେ ଅବା କୃତ୍ରିମ ବୁଦ୍ଧି, ଜଳବାୟୁ ପରିବର୍ତ୍ତନ, ଭୂତାଣୁ ଅବା ଆଣବିକ ଯୁଦ୍ଧ ଏପରି ପରିସ୍ଥିତି ସୃଷ୍ଟି କରିବ । ସେହିପରି ନୋଷ୍ଟ୍ରାଡାମସ୍ (Nostradamus) ଷୋଡଶ ଶତାବ୍ଦୀର ଜଣେ ଭବିଷ୍ୟଦ୍ ବକ୍ତା ଆକଳନ କରିଥିଲେ ଯେ, ୨୦୨୦ ମସିହା ବିଶ୍ୱପାଇଁ ଏକ ବିପର୍ଯ୍ୟୟର ବର୍ଷ । ସେହି ବର୍ଷ ବିଶ୍ୱର ଉତ୍ତାପ ବୃଦ୍ଧିହେବା ସହିତ ଅର୍ଥନୈତିକ ପତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଘଟିବ । ଏଇଟା ବଡ ଆଶ୍ଚର୍ଯ୍ୟର କଥା ନୋଷ୍ଟ୍ରାଡାମସ୍ କିପରି ୨୦୨୦ ମସିହାକୁ ଗୁରୁତ୍ୱ ଦେଲେ ? ଚାରି ଶହ ବର୍ଷ ପରେ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷରେ କଅଣ ଘଟିବ, ଏହା ତାଙ୍କର ଭାବନା ବା ଆକଳନକୁ କିପରି ଆସିଛି, ତାହା ଆଶ୍ଚର୍ଯ୍ୟର କଥା ।

ଏମିତି ଅନେକ ବୈଜ୍ଞାନିକ ବିଭିନ୍ନ ଦିଗରୁ ଆମର ସ୍ଥିତି ଦିନକୁ ଦିନ ତଳରୁ ଆହୁରି ତଳକୁ ଗତିକରୁଛି ବୋଲି ମତ ଦେଉଛନ୍ତି । ଏମିତିକି ୧୯୭୩ର ଗୋଟିଏ ଏମ୍.ଆଇ.ଟି କମ୍ପ୍ୟୁଟର ଭବିଷ୍ୟବାଣୀ କରିଥିଲା କି ଯଦି ବିଶ୍ୱରେ ଜନସଂଖ୍ୟା ଆଉ ଯାନ୍ତ୍ରିକ ବିପ୍ଳବର ନିୟନ୍ତ୍ରଣ ନହୋଇ ତାହା ଆଜିପରି ବୃଦ୍ଧିପାଉଥାଏ, ତେବେ ଆଜିର ସଭ୍ୟତା ୨୦୪୦ ମସିହାକୁ ବିଲୟ ଘଟିସାରିଥିବ । ଅଷ୍ଟ୍ରେଲିଆ, ଆମେରିକା ତଥା ବହୁ ପାଶ୍ଚାତ୍ୟ ବୈଜ୍ଞାନିକ ଆଜିର ଧ୍ୱଂସମୁଖୀ ପରିବେଶ ଏବଂ ଜନସଂଖ୍ୟା ବୃଦ୍ଧି ସହିତ ମାନବ କର୍ତ୍ତୃକ ସୃଷ୍ଟି ହୋଇଥିବା ରୋବୋଟ୍ ଏବଂ ବାୟୋଟେକ୍ନୋଲଜି କିପରି ଆମକୁ ମୃତ୍ୟୁର ବିଶାଳ ଗର୍ତ୍ତ ଆଡକୁ ଟାଣି ନେଉଛି, ସେଥିପାଇଁ ସତର୍କବାଣୀ ଶୁଣାଇ ଦେଇଛନ୍ତି ।

ପାଶ୍ଚାତ୍ୟ ଦେଶ ଗୁଡିକରେ ବିଜ୍ଞାନର ଆଧାର ନିଶ୍ଚିତ ଆମ ଦେଶ ଆଉ ଆମ ପ୍ରଦେଶ ଅପେକ୍ଷା ବହୁ ଅଧିକ । କିନ୍ତୁ ଆମ ଦେଶର ଧର୍ମ, ଦର୍ଶନ ଆଉ ମାନବିକତା ବହୁ ପୁରାତନ ଏବଂ ଅଭିଜ୍ଞତା ସାହାଯ୍ୟରେ ପୂର୍ବଅନୁମାନ କରିବା କଳା ଭାବରେ ରହିଛି । ଅନେକ ସାଧକ ସମାଜରେ ଭବିଷ୍ୟତ ନିର୍ଣ୍ଣୟ କରିବାରେ ପ୍ରବୀଣ ବୋଲି ସମାଜରେ ସେମାନଙ୍କର ମର୍ଯ୍ୟାଦା ରହିଛି । ଷୋଡଶ ଶତାବ୍ଦୀର ପଞ୍ଚସଖାଙ୍କ ମଧ୍ୟରୁ ମହାପୁରୁଷ ଅଚ୍ୟୁତାନନ୍ଦ ନିଜ ସାଧନା ଆଉ କଳ୍ପନା ବଳରେ ବହୁ ଭବିଷ୍ୟବାଣୀ ତାଙ୍କ ରଚିତ ମାଳିକାରେ ଉଲ୍ଲେଖ କରିଛନ୍ତି । ସେଗୁଡିକୁ ପଢିଲେ, ଆମ ରାଜ୍ୟର ସେ ସମୟର ଭାବନା ଆଉ ଭୟର ପରିପ୍ରକାଶ ସହିତ ଭବିଷ୍ୟତ ପାଇଁ ବିପଦର ବିଶେଷ ବିବରଣୀ ରହିଛି । ଆମ ରାଜ୍ୟରେ ବଢି, ମହାବାତ୍ୟା ବା କୌଣସି ବିପର୍ଯ୍ୟୟ ଆସିଲେ ଅଚ୍ୟୁତାନନ୍ଦଙ୍କ ମାଳିକା ଆଲୋଚନାକୁ ଆସେ । ଅଚ୍ୟୁତାନନ୍ଦଙ୍କର ବିଶାଳ ଚେତନା ରହିଥିଲା ଏବଂ ସିଏ ପ୍ରକୃତିକୁ ଶିରା ପ୍ରଶିରାରୁ ଚିହ୍ନିଥିଲେ । ପରିବେଶରେ କେତେପ୍ରକାର ବିପତ୍ତି ଜନ୍ମିପାରେ, ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମ୍ଭାବ୍ୟ ସତ୍ୟାସତ୍ୟ ନିଜ ମାଳିକାରେ ଆଖିଦେଖା ବିବରଣୀ ପରି ପ୍ରକାଶ କରିଛନ୍ତି ।

ସେହି ମାଳିକାର କେତେକ ଭବିଷ୍ୟ ବାଣୀ ଆଜିର ବିପର୍ଯ୍ୟୟ ସମ୍ବନ୍ଧୀୟ ବୋଲି ମନେହୁଏ ।

**ଚକଡା ମଡାଣ**

ପକ୍ଷେ ଅରଜିଲେ ପକ୍ଷେ ନ ଅଣ୍ଟିବ ଦୟା ଧର୍ମ ନରହିବ
ଉତ୍ତର ଦିଗରୁ ହେମାଳ ବହିବ ମାଂସ ଝଡି ପଡୁଥିବ ।୪।
ଅଚିହ୍ନା ବ୍ୟାଧି ଯେ ଜଗତ ଘୋଟିବ, ବଇଦ ବଣା ହୋଇବେ
ରୋଗ ନଚିହ୍ନିଣ ବଣା ହେଉଥିବା, ଅନେକ ପ୍ରାଣୀ ମରିବେ ।୫।
ଏତିକି ବେଳକୁ ଏକାକ୍ଷର ସାର ଗୁରୁ ଆଜ୍ଞା ମୂଳ
ନେମାଳ ବଟକୁ ଲୟ ଲଗାଇଣ କହେ ଅଚ୍ୟୁତ ପାମର ।୬।

**ଶିବକଳ୍ପ**

ଗଦ ମହୌଷଧି କରିବନି କାର୍ଯ୍ୟ, ମାଡି ଆସିବଟି ରୋଗ
ସେକାଳେ ଜାଣିବ ଅଳପ ଦିନରେ ପୃଥିବୀକୁ ପ୍ରଳୟ ଯୋଗ ।
ହେବ ଅତିଶୟ ରୋଗବ୍ୟାଧିଭୟ, କେ କାହା ଘର ନଯିବେ ।
ଶମଶାନ ସମ ଗୃହ ଯେ ହୋଇବ, ଶବ ପଡି ଠାବେ ଠାବେ ।

**ବ୍ରହ୍ମକଳ୍ପ ଟୀକା**

ଚଣ୍ଡୀଗଣ ରୋଗ ରୂପରେ, ଜଗତରେ ବ୍ୟାପିବେ
ଜ୍ୱରଝାଡା ପେଟ ବେଦନା, ରୋଗ ହୋଇ ଗ୍ରାସିବେ ।
ଅଚିହ୍ନା ରୋଗରେ ମରିବେ, ବୈଦ୍ୟ ଚିହ୍ନିବେ ନାହିଁ
ଅଚ୍ୟୁତାନନ୍ଦ ଯେ କହିଲେ, ରାମ ଦାସେ ବୁଝାଇ ।

ପୁରାତନ ସମୟରେ ସମାଜରେ ହେଉଥିବା ରୋଗ ବ୍ୟାଧିର ଚିହ୍ନଟ ଆମ ରାଜ୍ୟରେ ପ୍ରତିଷ୍ଠିତ ବୈଦ୍ୟମାନେ କରୁଥିଲେ । ସେମାନେ ପରିଚିତ ଥିବା ବହୁରୋଗ ବାହାରୁ ବି ସାମଜରେ କେତେ ରୋଗ ନୂଆ ଭାବେ ଆସି ଜୀବନ ସଂହାର କରୁଥିଲା, ଏହା ଉପରୋକ୍ତ ଭବିଷ୍ୟବାଣୀରୁ ପ୍ରମାଣିତ ହୁଏ । ଯେଉଁ ସମୟରେ ସାଧକ ଅଚ୍ୟୁତାନନ୍ଦ ଦେଶ ତଥା ପୃଥିବୀର ଭବିଷ୍ୟତ ବିଷୟରେ କଳ୍ପନା କରୁଥିଲେ, ସେ ସମୟରେ ଇଉରୋପ କି ପାଶ୍ଚାତ୍ୟ ଦେଶ ଗୁଡିକରେ ସ୍ୱାସ୍ଥ୍ୟ ଗବେଷଣା ଆରମ୍ଭ ହୋଇ ନଥିଲା । କିନ୍ତୁ ବିଶ୍ୱରେ ରୋଗବ୍ୟାଧିର ବ୍ୟାପକତା ଏତେ ଥିଲା ଯେ, କେଉଁ କେଉଁ ସମୟରେ ବହୁ ଅଞ୍ଚଳ ଦୁରାରୋଗରେ ଗ୍ରାସିତ ହେଉଥିଲା । ସେ ସମୟର ଦୁଇଟି ସାଧାରଣ ବିପତ୍ତି ହେଉଛି ମରୁଡି, ନଈବଢି ଏବଂ ହଇଜା ବସନ୍ତ ପରି ରୋଗ । ଓଡିଶାରେ ପ୍ଲେଗ୍ ରୋଗର ବିଭୀଷିକା ହୋଇ ଥିବାର ନଜିର ନାହିଁ ।

ତାବେ ସାଧକ ଅଚ୍ୟୁତାନନ୍ଦ କାହିଁକି ଅଚିହ୍ନା ରୋଗ ଆଉ ଜ୍ୱର ଝାଡା ପେଟ ବେଦନା ହେଉଥିବା ବ୍ୟାଧି ବିଷୟରେ ବିସ୍ତୃତ ରଚନା କରିଛନ୍ତି ? ସେ ନିଜର ସାମାଜିକ ଅନୁଭୂତି ନେଇ ଏହା ଜାଣିଛନ୍ତି କି ସେ ସମୟର ଗାଁ ଗଣ୍ଡାରେ ଲୋକମାନଙ୍କର ଖାଦ୍ୟ ଏବଂ ପାନୀୟ ସଂକ୍ରମଣ ହେତୁ ଝାଡାବାନ୍ତି ଜ୍ୱର ପେଟବେଦନା ଲୋକମାନଙ୍କର ପ୍ରଧାନ ଲକ୍ଷଣ ବିଶିଷ୍ଟ ରୋଗଥିଲା ଏବଂ ଏହା ବୈଦ୍ୟମାନଙ୍କ ଚିକିତ୍ସାରେ ଭଲ ହୋଇପାରୁଥିଲା । ବୈଦ୍ୟ ମାନେ ଠିକ୍‌ରେ ସାମାଜିକ କ୍ଷେତ୍ରରେ ପ୍ରାଦୁର୍ଭାବ ରହିଥିବା ରୋଗଗୁଡିକୁ ଜାଣିଥିଲେ । କୌଣସି ବ୍ୟକ୍ତି ସେହି ସୀମିତ ରୋଗ ସମଷ୍ଟି ମଧ୍ୟରୁ ହୋଇଥିଲା, ତାହାର ଉପଚାର କରୁଥିଲେ । ମାତ୍ର ମଝିରେ ମଝିରେ ଏମିତି ରୋଗ ଦେଖାଦେଉଥିଲା, ଯାହାକୁ ଚିହ୍ନିବା ବୈଦ୍ୟ ମାନଙ୍କ ଅଭିଜ୍ଞତା ନଥିଲା । ସେହି ରୋଗ ଗୁଡିକ ସମାଜକୁ ସଂକ୍ରମଣ କରି ଗାଁ ଗାଁର ଲୋକମାନଙ୍କୁ ପୋଛି ନେଉଥିଲା ।

ଅଚ୍ୟୁତାନନ୍ଦ ଏମିତି ଦୂରଦୃଷ୍ଟିରେ ସମାଜରେ କି କି ପ୍ରାକୃତିକ ବିପତ୍ତି ଆସିବ, ତାହାର ଭବିଷ୍ୟବାଣୀ ଲେଖିଦେଇ ଯାଇଛନ୍ତି । ଓଡିଶାରେ ବଡ ଦୁର୍ବିପାକ ଆସିଲେ, ଅନେକ ସେହି ଭବିଷ୍ୟବାଣୀକୁ ସଂକେତ ଭାବରେ ଉଲ୍ଲେଖ କରିଛନ୍ତି ବୋଲି ଅନେକ ଅନୁମାନ କରନ୍ତି । ଓଡିଶାରେ ମରୁଡି ପଡିଲା କିମ୍ବା ନଈବଢି ହେଲେ, ଅଧିକ ଲୋକ ମୃତାହତ ହେଲେ, ଲୋକମାନେ ତାଙ୍କର ମାଳିକା ପାଠକରି ରୋଗଟିର ଗୁରୁତ୍ୱ ବହନ କରନ୍ତି ଏବଂ ଦ୍ରୁତ ବେଗରେ ମଣିଷ ସଂକ୍ରମିତ ହୋଇ ବା ଖାଦ୍ୟାଭାବରୁ ମୃତ୍ୟୁବରଣ କରୁଛନ୍ତି ତାହା ଲୋକମାନଙ୍କର ସମର୍ଥନ ହୋଇପାରେ ।

ଆଜିର କରୋନା ରୋଗ ବା କୋଭିଡ୍-୨୦୧୯ ରୋଗକୁ ଦେଖିଲେ, ଏଥିରେ ଷୋଡଶ ଶତାବ୍ଦୀର ଜଣେ ଓଡିଆ ସାଧକଙ୍କର କେତୋଟି ଭବିଷ୍ୟବାଣୀ ଆଲୋଚନା ପରିସରକୁ ଆସିଥାଏ । ତାଙ୍କ ସମୟରେ ମହାମାରୀ ଶବ୍ଦର ବ୍ୟବହାର ଆସି ନଥିଲା କି ଜୀବାଣୁ, ଭୂତାଣୁ ଆଦି ଭାବନାର ପରିସରକୁ ଆସି ନଥିଲେ । ସେପରି ସ୍ଥଳେ, ଅଚ୍ୟୁତାନନ୍ଦ ସାଧାରଣ ଶବ୍ଦରେ କିପରି ମହାମାରୀ ଆଉ ରୋଗର ସ୍ପଷ୍ଟ ଚିତ୍ର ସୃଷ୍ଟି କରିଛନ୍ତି ?

**ପକ୍ଷେ ଅରଜିଲେ ପକ୍ଷେ ନ ଅଣ୍ଟିବ ଦୟା ଧର୍ମ ନରହିବ**

ସତ କଥା ସମାଜରେ ବିରାଟ ଆର୍ଥିକ ଅନାଟନ ଦେଖାଦେବ ଏବଂ ରୋଜଗାରକ୍ଷମ ମଣିଷ ମାସକର ସମୁଦାୟ ସମୟ କାମ କରିବାକୁ ପାଇବେନି । ସେମାନେ ଉପାସ ରହିବେ, ସମାଜରେ ନାନାଦି ଅସାମାଜିକ ଆଚରଣ ଦେଖିବାକୁ ମିଳିବ । ଲୋକମାନଙ୍କର ଦାରିଦ୍ର୍ୟ କାରଣରୁ ଦୟା, ଧର୍ମ, ନୈତିକତା ଲୋପ ପାଇବ । ମଣିଷ ଅମାନବିକ ହୋଇଯିବ ।

**ଉତ୍ତର ଦିଗରୁ ହେମାଳ ବହିବ ମାଂସ ଝଡି ପଡୁଥିବ**

ଉତ୍ତର ଦିଗ ଟି ହିମାଳୟର ବରଫାବୃତ ଅଞ୍ଚଳ । ସେଠାରୁ ଥଣ୍ଡା ପବନ ବହିବ ଯାହାକି ସବୁଆଡେ ଏପରି ଘୋଟିଯିବ, ମଣିଷର ଅଂଗପ୍ରତ୍ୟଙ୍ଗରୁ ମାଂସ ଝଡାଇ ଦେବ । ଏଇଟାତ ଗୋଟିଏ ପ୍ରକାର କଥା । ଆଜି କିନ୍ତୁ ଏଇଟି ନଘଟି ଆହୁର ବିପଜ୍ଜନକ ଘଟଣା ଘଟିଛି । ଉତ୍ତର ଦିଗରୁ ଗୋଟିଏ ଥଣ୍ଡା ଭୂତାଣୁ ଆସିଛି । ଏହା ଶରୀର ମାଂସ ନଝଡାଇଲେ ବି ତା ଠାରୁ ହଜାର ଗୁଣର ବିପଜ୍ଜନକ ଭୂତାଣୁ ନିମନ୍ତିତ ହୋଇ ଆସିଛି । କେବଳ ମାଂସ କାହିକି ଝଡାଇବ, ଶରୀରର ଯାବତୀୟ କ୍ଷତି ଘଟାଇଛି ।

**ଅଚିହ୍ନା ବ୍ୟାଧି ଯେ ଜଗତ ଘୋଟିବ,**

ଯେଉଁ ବ୍ୟାଧି ଦେଖାଦେବ, ତାହା କିଛି ପୁରୁଣା ରୋଗ ନୁହେଁ । ନୂଆ ରୋଗ ଭାବରେ ଆବିର୍ଭାବ ହେବ । ଏହା ଗୋଟିଏ ସ୍ଥାନରେ ସୀମିତ ନରହି ସାରା ବିଶ୍ୱରେ ବ୍ୟାପିଯିବ । ସତକୁ ସତ ଏଇ କୋଭିଡ୍ ରୋଗ ଗୋଟିଏ ଅଚିହ୍ନା ରୋଗ ଭାବରେ ଉଭା ହେଲା । ଏହାର ବ୍ୟାପକତା ଆଉ ଉତ୍ପତ୍ତିସ୍ଥଳ ଚୀନର ଉହାନରେ କେତେ କ୍ଷିପ୍ର ଗତିରେ ବ୍ୟାପିବାକୁ ଲାଗିଲା, ତାହା ଆଶ୍ଚର୍ଯ୍ୟଜନକ ମନେହୁଏ । ଭୟରେ ରୋଗ ଚିହ୍ନା ହେବା ପୂର୍ବରୁ ଉହାନରେ

ଏମିତି ଆତଙ୍କ ସୃଷ୍ଟି ହେଲା, ସେଠିକାର ଲୋକମାନେ ବିଶେଷତଃ ବାହାର ଦେଶର ନାଗରିକ ମାନେ ସେ ସ୍ଥାନ ତ୍ୟାଗକରି ସ୍ୱ ସ୍ୱ ଦେଶକୁ ଆକାଶ ପଥରେ ଆଗେଇ ଚାଲିଲେ। ସେତେବେଳକୁ ନା ଚୀନରେ ନା ନିଜ ଦେଶରେ ନାଗରିକ ମାନଙ୍କର ଆଗମନ ବା ପ୍ରସ୍ଥାନର ରୋଗ ସଂକ୍ରମଣର କିଛି ନିଷେଧାଦେଶ ଥିଲା। ଏମିତି ରୋଗକୁ ବିଶ୍ୱବ୍ୟାପୀ ମହାମାରୀ ବା ପାଣ୍ଡେମିକ୍ ଭାବରେ ବିଶ୍ୱ ସଂଗଠନ ଘୋଷଣା କଲାବେଳକୁ ଅନେକ ରାଷ୍ଟ୍ରକୁ ବ୍ୟାପିସାରିଥିଲା।

**ବଇଦ ବଣା ହୋଇବେ**

ଏଇଟା ନିହାତି ସତକଥା। ବଇଦ ତ ଆଜିକାଲି ନାହାନ୍ତି, ତାଙ୍କ ସ୍ଥାନରେ ଡାକ୍ତରମାନେ ରୋଗୀଙ୍କୁ ନିୟମିତ ସୂତ୍ର ଅନୁସାରେ ଚିକିତ୍ସିତ ହେଉଛନ୍ତି। ଏହି କୋଭିଡ୍ ରୋଗ ସଂକ୍ରମଣ ସମୟରେ ଶଲ୍ୟ ଚିକିତ୍ସା ସବୁଠାରୁ ବିପଜ୍ଜନକ ମନେହେଲା। ଅନେକ ରାଷ୍ଟ୍ରରେ ଦେଖିବାକୁ ମିଳିଲା, ଶହ ଶହ ଡାକ୍ତର ଓ ଡାକ୍ତରଖାନା କର୍ମୀ ଅସମୟରେ ମୃତ୍ୟୁବରଣ କରୁଛନ୍ତି। ରୋଗ ଚିହ୍ନିବାରେ ବହୁତ ସମୟ ଚାଲିଗଲା। ଯଦ୍ୱାରା ସରକାରୀ ନିର୍ଦ୍ଦେଶନାମା ଦିନକୁ ଦିନ ବଦଳିବାକୁ ଲାଗିଲା।

ସତକୁ ସତ ଡାକ୍ତରମାନେ କୋଭିଡ୍ ସାମନାରେ ପରାସ୍ତ ହୋଇଗଲେ। ବୃତ୍ତିଗତ କାରଣରୁ ସେମାନେ ଏହି ରୋଗକୁ ସହଜରେ ଚିହ୍ନି ନପାରି ଡାକ୍ତରଖାନା ବନ୍ଦ କରିଦେଲେ। ତଥାପି ଏହି ରୋଗ ସକାଶେ ଚିକିତ୍ସା କ୍ଷେତ୍ରରେ ସଂକ୍ରମିତ ହୋଇ ହଜାର ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଜୀବନ ହରାଇଛନ୍ତି।

**ଗଦ ମହୌଷଧି କରିବନି କାର୍ଯ୍ୟ,**

ସେକାଳର ସୀମିତ ଆୟୁର୍ବେଦୀୟ ଔଷଧ ସମାଜରେ ପ୍ରଚଳିତ ଥିଲା। ଗଦ, ହରିଡା, ବାହାଡା, ଅଂଳା ଆଉ ବିଶଲ୍ୟକରଣୀ ପରି ମହୌଷଧି ନେଇ ସମାଜ ଚଳୁଥିଲା। ସାଧକ ଅଚ୍ୟୁତାନନ୍ଦଙ୍କ ମନରେ ସେ ସମୟରେ ଯାହା କଳ୍ପନା ରହିଥିଲା, ଆଜି ଦିନରେ କୋଭିଡ୍-୧୯ ଆସି ବି ଆଧୁନିକ ଚିକିତ୍ସା ବିଜ୍ଞାନ ହତ୍‌ଚକିତ ହୋଇପଡିଛି। ଲକ୍ଷ ଲକ୍ଷ ପ୍ରକାର ଭେଦର ଔଷଧ ବ୍ୟବହାର ପାଇଁ ଯୋଗ୍ୟ ହୋଇ ରହିଛି, କିନ୍ତୁ ନୂଆ ରୋଗରେ କିଛି ଭୁକୁନାହିଁ। କୋଭିଡ୍ ରୋଗୀ ଚିକିତ୍ସା ପାଇଁ ସତରେ କିଛି ଫଳପ୍ରଦ ଔଷଧ ଉପଲବ୍ଧ ହୋଇପାରିନାହିଁ। ବିଭିନ୍ନ ଦେଶର ଡାକ୍ତର ତଥା ଗବେଷକ ମାନେ ଦିନକୁ ଦିନ ନୂଆ ନୂଆ ଫଳପ୍ରଦ ଔଷଧର ବ୍ୟବହାର ଉପଯୋଗୀ ବୋଲି ମତ ପ୍ରଦାନ କରି ବ୍ୟବହାର କଲାବେଳେ ବିଶ୍ୱ ସଂଗଠନ କିଛିଦିନ ପରେ ଏହାକୁ ବୃଥା ବୋଲି ଘୋଷଣା କରୁଛନ୍ତି।

**ହେବ ଅତିଶୟ ରୋଗବ୍ୟାଧିଭୟ, କେ କାହା ଘର ନଯିବେ।**

ଅଚ୍ୟୁତଙ୍କର ଏହି ଆକଳନ ଆଜି କୋଭିଡ୍-୨୦୧୯ ସଂକ୍ରମଣ କାଳରେ ସଂପୂର୍ଣ୍ଣ ସତ୍ୟରେ ପରିଣତ ହୋଇଛି। କୋଭିଡ୍ ଏମିତି ମାରାତ୍ମକ ଭାବରେ ସଂକ୍ରମଣକ୍ଷମ, କୌଣସି କୋଭିଡ୍ ରୋଗୀ ସମ୍ମୁଖରେ ୧୫ ମିନିଟ୍ ବସିଗଲେ, ଶତ ପ୍ରତିଶତ ଲୋକ ରୋଗାକ୍ରାନ୍ତ ହୋଇଯିବେ। ଏହି ଭୟରୁ ଜ୍ଞାନ ଓ ଶିକ୍ଷାଥିବା ବ୍ୟକ୍ତି କଦାପି ମୃତ୍ୟୁର ଦିଗ ଆଦରିବେ ନାହିଁ। ଏହା ଏତେ ବିପଜ୍ଜନକ ହୋଇଛି କି, ସରକାର ବି ଖୋଲପଣେ ରୋଗ ନିୟନ୍ତ୍ରଣ ପାଇ ମୁଖା, ଦୂରତା ଆଉ ବାରମ୍ବାର ହାତ ଧୋଇବା ସହିତ ଆହୁରି ଅନେକ ଗୁଡିଏ ଉପଦେଶାବଳୀ ଦେଇଚାଲିଛନ୍ତି।

ତେଣୁ କେହି କାହା ଘରକୁ ଯିବାକୁ ମନେ କରିବେ ନାହିଁ। ବିପରୀତ ଦୃଷ୍ଟିରୁ କେହି ଜଣେ ଆଗନ୍ତୁକଙ୍କୁ ଘରେ ପ୍ରବେଶ କରିବାକୁ ଦେବେନି। ସତକୁ ସତ ଏହା ଘଟୁଛି। ଗାଁ ଛାଡି ଦୂରରେ କାମଧନ୍ଦା କରି ଅର୍ଥ ଉପାର୍ଜନ କରୁଥିବା ଶ୍ରମିକ ଆଉ ନିଜ ଘରକୁ ବି ଫେରିବାକୁ ବହୁ ଅନ୍ତରାୟ ରହିଛି। ଗାଡି ମୋଟର, ରାଜ୍ୟ ପାରିହେବା ଆଉ ଗାଁକୁ ଆସିଲେ ସରକାରୀ ନିୟମ ୧୪ ଦିନର ସଂଗରୋଧ।

**ଶମଶାନ ସମ ଗୃହ ଯେ ହୋଇବ, ଶବ ପଡି ଠାବେ ଠାବେ।**

ଏହି ପଦଟି ସତରେ ଘଟୁଛି ମହାମାରୀ କୋଭିଡ୍ ରୋଗରେ। ଲକ୍ଷ ଲକ୍ଷ ଲୋକ ରୋଗରେ ଆକ୍ରାନ୍ତ, ହଜାର ହଜାର ମୃତ୍ୟୁବରଣ କରୁଛନ୍ତି। କୋଭିଡ୍ ମୃତ୍ୟୁହାର ଯେତେ କମ୍ ହେଲେବି, (୧% ବା ୨%) ସଂକ୍ରମଣ ପ୍ରାଦୁର୍ଭାବ ଅତି ବେଶି ହୋଇଥିବାରୁ ପ୍ରତ୍ୟହ ବିଶ୍ୱରେ ହଜାର ହଜାର ଲୋକ ନିଧନ ହେଉଛନ୍ତି। ଶବ ସତ୍କାର ନିମନ୍ତେ ସରକାର ଯେତେ ଚେଷ୍ଟା କଲେ ବି ତାହା ଶବ ସତ୍କାରର ସାମାଜିକ ପ୍ରଥାରୁ ବହୁ ଅନ୍ତର। ଶବ ପାଖକୁ ଆସିବାକୁ ସମସ୍ତଙ୍କର ଭୟ ରହିଛି। ପିତା କି ମାତା ହେଲେ ବି କୋଭିଡ୍ ରୋଗରେ ମୃତ ଶବ ନେଇ ଯେତେ ପ୍ରକାର ବିଭତ୍ସ ଘଟଣା ଶୁଣିବାକୁ ବା ଦେଖିବାକୁ ମିଳୁଛି, ତାହା ଗତାନୁଗତିକ ସାମାଜିକ ପ୍ରଥା ଠାରୁ ପୃଥକ୍। କେଉଁଠି ଗଙ୍ଗାନଦୀ ଶବମୟ ତ କେଉଁଠି ଶ୍ମଶାନରେ ସ୍ଥାନାଭାବ। ଶବପାଇଁ ଆଉ ସତ୍କାର ନାହିଁ।

ଅଚ୍ୟୁତାନନ୍ଦ ଏହି ମାଟିର ମଣିଷ ନିଜ ସାଧନା ବଳରେ ନିଜ ଦୃଢମନାର ପରିଚୟ ଦିଅନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ରୋଗ ହେଲେ ସମାଜ ଆଉ ବ୍ୟକ୍ତି କିପରି ପଟ୍ଟ ପରିବର୍ତ୍ତନ କରନ୍ତି, ତାହା ନିଜ ମାଳିକାରେ ଉପସ୍ଥାପନ କରି ନିଜର ବୁଦ୍ଧିମତ୍ତାର ପରିଚୟ ଦେଇଛନ୍ତି।

ସଂଗୀତ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ - ୯୪୩୭୪୯୬୭୪୮

ꣷ୦꣸

# ଭସ୍ମାସୁର ଗଢୁଥିବା ମଣିଷ

*ଡା ଇନ୍ଦ୍ରମଣି ଜେନା*

ଆମ ପୁରାଣରେ ଭସ୍ମାସୁରକୁ ବର ଦେଇ ମହାଦେବ କିପରି ନିଜେ ହରକତ୍ ହେଲେ, ତାହା କାହାକୁ ଅଜଣା ନାହିଁ। ସେଇ କଥା ସମସ୍ତଙ୍କୁ ବିଦିତ ଥିବା ବେଳେ, ଆଜିବି ଆଉ ଗୋଟିଏ ଶକ୍ତ ଭସ୍ମାସୁର ଗଢିଚାଲିଛି ଆଧୁନିକ ସଭ୍ୟତାରେ ଖୋଲା ବଜାରରେ। ବାହାବା ନେଉଛି ସେଇ ଭସ୍ମାସୁରର ଅବୟବରେ, ଚାଲିଚଳଣରେ ଆଉ କାର୍ଯ୍ୟକ୍ଷମତାରେ। ଆଜିର ବାହାଦୁରୀ ଯେ କାଲିକୁ ନିଜ ମୂର୍ଖତାର ଉନ୍ମୋଚନ କରିବ, ଏଥିରେ ସନ୍ଦେହ ନାହିଁ।

ପ୍ରକୃତି କୁହନ୍ତୁ ବା ଭଗବାନ ମଣିଷର ଚାହିଦା ମେଣ୍ଟାଇବା ପାଇଁ ସମସ୍ତ ଶକ୍ତି ଓ ଉପାୟ ପ୍ରଦାନ କରିଛନ୍ତି। ପୃଥିବୀ ପୃଷ୍ଠରେ ତା ପାଇଁ ଆବଶ୍ୟକ ଉପାଦାନ ଯୋଗାଇ ଦେଇଛନ୍ତି। ବାଟ ଚାଲିବାକୁ, ଖାଦ୍ୟ ଖାଇବାକୁ ହାତ ଗୋଡ ଦେଇଛନ୍ତି। ମଣିଷ ନିଜର ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବରେ ବ୍ୟବହାର କଲେ ଶରୀର ସକ୍ଷମ ରହିବ – ଏଇଟା ପ୍ରକୃତିଗତ ନିୟମ। ମାତ୍ର ଅଳସୁଆ ହେଲେ ନିଜର ସମସ୍ତ କାର୍ଯ୍ୟ ହାତରେ ନକରି ସବୁ ଯନ୍ତ୍ର ବଳରେ ସାଧନ କଲେ, ନିଜ ଶରୀର ପ୍ରକୃତିଦତ୍ତ କାରଣରୁ ନିଷ୍କ୍ରିୟ ହୋଇପଡିବ। ପେଟରେ ଚର୍ବି ଜମିଯିବ ଆଉ ମଣିଷ ନିକମା ହୋଇପଡିବ। ଆରାମ ପାଇବାର ଲାଳସାରୁ ମଣିଷ ଅତ୍ୟନ୍ତ ବ୍ୟଥା ଆଉ ବେଦନା ପାଇବା ହିଁ ସାର ହେବ।

ଆଧୁନିକ ସଭ୍ୟତାରେ ଏପରି ଦେଖିବାକୁ ମିଳୁଛି। ମୂର୍ଖ ତେଲି ପରି ବୃକ୍ଷଦେବୀଙ୍କୁ ଦୁଇହାତ ବଦଳରେ ଚାରିଟି ହାତ ଆଉ ଦୁଇ ଗୋଡ ବଦଳରେ ଚାରି ଗୋଡ ପାଇଁ ବର ମାଗିବା ପରି ବୁଦ୍ଧି ପ୍ରୟୋଗ କରୁଛି। ବିଜ୍ଞାନ ଓ ବିଜ୍ଞାନର କରାମତି ମଣିଷ ପାଇଁ ବୁଦ୍ଧିମତାର ବିଷୟ ହେବା ସର୍ବାଦୌ ଉଚିତ୍। ମଣିଷ ନିଜର କୃଷି, ପରିବହନ ଆଉ ବୈଷୟିକ କ୍ଷେତ୍ରରେ କମ୍ପ୍ୟୁଟର ବା ରୋବୋଟ୍ ପ୍ରୟୋଗ କରିବା ଉଚିତ୍। ମଣିଷର ଘରକରଣାର ଛୋଟ ଛୋଟ କାମ କରିବା, ହୋଟେଲରେ ଅଭ୍ୟର୍ଥନା ଆଉ ଖାଦ୍ୟ ପରିବେଷଣ କରିବା ଅବା ଜଣେ ମହିଳା ବେଶରେ ସମଗ୍ର ଇଣ୍ଟରନେଟ୍ ସୁବିଧା ନେଇ ଭାଷଣବାଜି କରିବା କାମରେ ରୋବଟ୍‌କୁ ନିୟୋଜିତ କଲେ, ଅଣମଣିଷ ସତ ମଣିଷ ସହ ପ୍ରତିଦ୍ୱନ୍ଦ୍ୱିତା କରି ଜୟଲାଭ କରିବାର ଅବକାଶ ପାଇବା ନିଶ୍ଚିତ।

ଗୋଟିଏ ହୋଟେଲରେ କିମ୍ବା ଅଭ୍ୟର୍ଥନା ପ୍ରକୋଷ୍ଠରେ କିମ୍ବା ଖାଦ୍ୟ ପରଶିବା ପାଇଁ ଅବା ରୋଗୀକୁ ଔଷଧ ଦେବା ପାଇଁ ରୋବଟ୍ ବ୍ୟବହାର କରିବା ପିଲା ଖେଳ ପରି ବିଷୟ। ବିଶ୍ୱରେ କୋଟି କୋଟି ଲୋକ ବେକାର ଥିବା ବେଳେ ମଣିଷ ସଙ୍ଗତ କାର୍ଯ୍ୟ ନକରି ଏହି କାମ ଗୁଡିକ ଅଣମଣିଷ କାର୍ଯ୍ୟାବଳୀରେ ଖଞ୍ଜିବା ନିଶ୍ଚୟ ମାନବ ସମାଜର ଶ୍ରମବିନ୍ୟାସ ପରିବେଶରେ ଅନ୍ତରାୟ ତଥା ଘାତକ ସିଦ୍ଧ  ହୋଇପାରେ, ଏଥିରେ ତିଳେମାତ୍ର ଦ୍ୱିମତ ନାହିଁ।

ଆବଶ୍ୟକ ସ୍ଥଳେ ମଣିଷ ପକ୍ଷରେ ଅସମ୍ଭବ କାର୍ଯ୍ୟ କରିବାରେ ରୋବଟ୍ ବ୍ୟବହାର ସ୍ୱୀକାର୍ଯ୍ୟ। ଉଦାହରଣ ସ୍ୱରୂପ ରଞ୍ଜନରଶ୍ମୀ ଗୃହରେ କୌଣସି ରେଡିୟମ ଖଚିତ ଉପାଦାନ ନିଯୁକ୍ତ ସ୍ଥାନରୁ ଦୂରୀଭୂତ ହୋଇଗଲେ, ଏହାର ପୁନଃସ୍ଥାପନ କରିବା ମଣିଷ ପକ୍ଷରେ ଦୁରୂହ। ରେଡିୟମ ଏତେ ତେଜସ୍କ୍ରିୟ, ମଣିଷ କି କେଉଁ ଜୀବ ତା ସାମନାରେ କାମ କରିବା ସମ୍ଭବ ନୁହେଁ। ଏହିପରି କ୍ଷେତ୍ରରେ ମଣିଷ ପରିଚାଳିତ ରୋବଟ୍ ଦ୍ୱାରା ଏହି କାର୍ଯ୍ୟ ସହଜରେ ସମ୍ପାଦିତ ହୋଇପାରିବ।

ଏମିତି ଅନେକ ଶଲ୍ୟ ଚିକିତ୍ସା ରହିଛି, ଯାହା ନିଖୁଣ ଭାବରେ କରିବା ସମ୍ଭବ ନୁହେଁ। ବହୁତ ସମୟ ଲାଗିବ, ମାତ୍ର ବହୁ ସମୟ ନିଶ୍ଚେତନରେ ରହିବା ବିପଜ୍ଜନକ। ଏମିତି ଶଲ୍ୟ ଚିକିତ୍ସା ମସ୍ତିଷ୍କ, ହୃତ୍ପିଣ୍ଡ ଅବା ଯକୃତ ପାଇଁ ଆବଶ୍ୟକ ହୋଇଥାଏ। ସେହି ଶଲ୍ୟବିଧି ରୋବଟରେ ପ୍ରୋଗ୍ରାମ କଲେ, ତାହା ସମୟ ଭିତରେ ଅନାୟାସରେ ସମ୍ଭବ ହୋଇପାରିବ। ସାବାସ୍ ରୋବଟ୍। ସେହି ରୋବଟ୍‌କୁ ଜଣେ ଶଲ୍ୟଚିକିତ୍ସକଙ୍କ ତତ୍ତ୍ୱାବଧାନରେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ।

ସେମିତି ବିରାଟାକାୟ ସେତୁ, ବନ୍ଧ ବା ରାସ୍ତାର ନିର୍ମାଣ କାର୍ଯ୍ୟରେ କମ୍ପ୍ୟୁଟର ଓ ରୋବଟ ନିଯୁକ୍ତ କଲେ, ବହୁ ଶ୍ରମ, ଅର୍ଥ ଏବଂ ସମୟ ବଞ୍ଚାଇ ବିପଜ୍ଜନକ ଭୌଗୋଳିକ ପରିବେଶରେ କାର୍ଯ୍ୟ ସମ୍ପାଦିତ ହୋଇପାରିବ।

କିନ୍ତୁ ରୋବଟକୁ ଯଦି ସବୁ କାମ କରିବାକୁ ପ୍ରୋଗ୍ରାମ କରାଯାଏ, ତେବେ ମଣିଷ ବିଶ୍ୱ ସ୍ତରରେ ନିଜର ନିଯୁକ୍ତି ହରାଇବ। ଏହା ମଣିଷର ବଞ୍ଚିବା ସୂତ୍ର। ଦୁନିଆରେ ଯଦି ମଣିଷର କାମ ନାହିଁ, ପ୍ରାକୃତିକ ନିୟମ

ଅନୁସାରେ ତାହାର ଶାରୀରିକ ଆଉ ନୈତିକ ମୃତ୍ୟୁ ହୋଇଗଲା ବୋଲି ଭାବିବାକୁ ପଡିବ। ଜନ୍ମ ହେବା ପରେ ମଣିଷ କାହିଁକି ପାଠ ପଡିବ ଆଉ ନିଯୁକ୍ତି ସମର୍ଥ ହେବାକୁ ଯତ୍ପରୋନାସ୍ତି ଉଦ୍ୟମ କରିବ ?

ଏହି ରୋବଟ୍ ମସ୍ତିଷ୍କରେ କୃତ୍ରିମ ବୁଦ୍ଧି ବା ଜ୍ଞାନ ରୋପଣ କରି ଏହାକୁ କୃତ୍ରିମ ବୁଦ୍ଧିର ଯନ୍ତ୍ର କରାଯାଇପାରେ। ଏମିତି ରୋବଟର ନାମକରଣ କରାଯାଇପାରେ। ଏହା ସାଧାରଣ ମଣିଷ ପରି ବୁଝିପାରିବ। ପ୍ରକୃତ ମଣିଷର ବୁଦ୍ଧିର ସୀମା ରହିଛି। ମାତ୍ର ଏହି ରୋବଟ୍ ଇଣ୍ଟରନେଟ୍‌ର ସମସ୍ତ ତଥ୍ୟ ବଳରେ ବଳୀୟାନ। କୌଣସି ବିଷୟରେ ପ୍ରଶ୍ନ ପଚ଼ରିଲେ, ଏହା ତତ୍‌କ୍ଷଣାତ୍ ସମୁଦାୟ ଇଣ୍ଟରନେଟ୍ ଅନୁସନ୍ଧାନ କରି ସଠିକ୍ ଉତ୍ତର ଦେଇ ପାରିବ। ଏମିତି କେତେ ରୋବଟ୍ ସିଙ୍ଗାପୁର, ଜାପାନ ଓ କୋରିଆରେ ଉତ୍ପାଦିତ ହୋଇ ବିଶ୍ୱରେ ଚହଳ ପକାଇଛନ୍ତି। ସିଙ୍ଗାପୁରର ପ୍ରସ୍ତୁତ ପ୍ରଥମ ରୋବଟ୍‌ର ନା ରଖାଯାଇଛି - ସୋଫିଆ । ଏହା ଏତେ ବିଚକ୍ଷଣ, ବିଦେଶ ଯାଇ ସାଉଦୀ ଆରବିଆରେ ଏମିତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ସେଠିକାର ସରକାରୀ ଅଧିକାରୀ ମାନଙ୍କୁ ଏମିତ ପ୍ରୀତ କରିଦେଇଛି, ସାଉଦୀ ଆରବିଆ ସରକାର ତାକୁ ନାଗରିକତ୍ୱ ପ୍ରଦାନ କରିଛନ୍ତି।

ଦୁଃଖର କଥା, ପୂର୍ବ ପ୍ରାଚ୍ୟରେ ପ୍ରସ୍ତୁତ ରୋବଟ୍ ଗୁଡିକ ସେଠାକାର ସେକ୍ସ-ଡଲ୍‌ରୁ ଉଦ୍ଭବ ହୋଇଥିବାରୁ ଏମିତି ଅନେକ ରୋବଟ୍ ମଣିଷର ଯୌନପିପାସା ନିମନ୍ତେ ପ୍ରସ୍ତୁତ କରାଯାଉଛି ବୋଲି ଶୁଣିବାକୁ ମିଳେ। ଏହା ହେବ ମଣିଷର ନର୍କ ଯନ୍ତ୍ରା। ସମାଜ ଯେତେବେଳେ ଏହି ବିଷୟ ନେଇ ହଜାର ହଜାର ବର୍ଷର ଅଭିଜ୍ଞତା ବଳରେ ବଳିଷ୍ଠ ସଂସ୍କୃତିର ସହ ସମାଜ ଗଠନ କରିଅଛି, ତାହା କୃତ୍ରିମ ବୁଦ୍ଧି ବଳରେ ଗୋଟିଏ ଶତାବ୍ଦୀରେ କଳୁଷିତ ହୋଇ ବିଲୁପ୍ତ ହେବା ମାନବ ସମାଜକୁ ଅଭିଶାପ ବୋଲି ଧରାଯାଇପାରେ। ଏହି ଯୌନେନ୍ଦ୍ରିୟ ମାଧ୍ୟମରେ ରୋବଟ୍ କିଛିଟା ମଣିଷର ଆକର୍ଷଣ ହୋଇପାରେ। ଏହା ତ ଆମେରିକାର ଅତ୍ୟାଧୁନିକ ବ୍ୟକ୍ତିକୈନ୍ଦ୍ରିକ ଜୀବନରେ ଏବେ ବି ପ୍ରଭାବ ପକାଇଲାଣି। ଏମିତି ଯୌନ ଲାଳସା ଧାରଣ କରିଥିବା ଗୋଟିଏ ଦୁଇଟି ରୋବଟ୍‌ର ନାମ ହେଉଛି - ଏରିକା, ଲୁଲୁ ହାସିମୋଟୋ।

ଏହି ସଂକ୍ରାନ୍ତରେ ପ୍ରଫେସର କ୍ୟାଥଲିନ୍ ରିଚାର୍ଡସନ୍, ଡି ମଣ୍ଟଫୋର୍ଟ ବିଶ୍ୱବିଦ୍ୟାଳୟରେ ରୋବଟର ନୈତିକତା ଓ ସଂସ୍କୃତି ବିଭାଗର ପ୍ରଫେସର, ନିଜ ଅଭିଜ୍ଞତା ଓ ଅନୁଭବରୁ ଯୌନ ରୋବଟ୍ ବିରୁଦ୍ଧରେ ଏକ ଅଭିଯାନ ଚଳାଇଛନ୍ତି। ଏହି ରୋବଟ୍ ଗୁଡିକ ଆମ ନୈତିକ ସମାଜର ସ୍ଖଳନ ଘଟାଇବାକୁ ଚେଷ୍ଟାବାନ। ତାଙ୍କର ଯୁକ୍ତି ହେଉଛି ଅଧୁନା ସମାଜ ଆଉ ସାମାଜିକ ଜୀବନ ଖଣ୍ଡବିଖଣ୍ଡିତ। ମଣିଷର ନିର୍ଜନତା ବୋଧ ନେଇ ଏହି ସେବାକାରୀ ଲିଙ୍ଗଭୁକ୍ତ ମହିଳା ରୋବୋଟ୍ ମଣିଷର ମନକୁ କିଣିନେବାକୁ ପଛେଇବନି।

କିନ୍ତୁ କ୍ୟାଥଲିନ୍ କହନ୍ତି ରୋବଟ୍ ଯନ୍ତ୍ର କଦାପି ମଣିଷ ନୁହେଁ। ପ୍ରେମ ମଣିଷ-ମଣିଷ ଭିତର ସମ୍ପର୍କ। ଅନ୍ୟ ବସ୍ତୁକୁ ନେଇ ଏହି ସମ୍ପର୍କ ପୁନଃ ସ୍ଥାପନୀୟ ନୁହେଁ। ରୋବଟ୍ କଦାପି ଜଣେ ସ୍ତ୍ରୀ ପରି ସମ୍ପର୍କ ଗଢିପାରିବନାହିଁ।

ଯାହା ହେଉ, ଆମ ସମାଜରେ ଆମର ବ୍ୟକ୍ତିଗତ ଜୀବନରେ ଲୁପ୍ତ ଅଥଚ ନୀତିଗତ ହୋଇଯାଇଥିବା ପ୍ରେମ ବା ଯୌନ ସମ୍ପର୍କ ଯେ ଯୌନ ରୋବଟ୍ ଦ୍ୱାରା ଉତ୍କଟ ଭାବରେ ପ୍ରଭାବିତ ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏବେ ଅନେକ ଦେଶର ନୀତିକୁ ନେଇ ଅତିଶୟ ଦାମୀ ଯୌନ ରୋବଟ୍ ସମାଜରେ ପ୍ରତିଷ୍ଠିତ ହେବା ଆଦୌ ସମ୍ଭବ ନହେଲେ ବି, ମନୁଷ୍ୟ ପ୍ରକୃତି ନେଇ ଏହି ରୋବଟ୍ ଗୁଡିକୁ କୁପରିଚାଳନା କରି ବେଶ୍ୟାଳୟ ପରି ଅନୁଷ୍ଠାନ ଗଢି ମାନବିକତାକୁ ଯେ ଉଦଭ୍ରାନ୍ତ ନ କରାଯିବ, କିଏ କହିବ ? ଏହା ନିଶ୍ଚିତ ଅନେକ ସାମାଜିକ, ନୈତିକ ଆଉ ଅପରାଧ ଜନିତ ସମସ୍ୟା ଗଢି ଠିଆ କରିଦେବ।

ପୁଣି ଗୋଟିଏ ଦିଗ ହେଉଛି ରୋବଟ୍‌କୁ ଅଧିକ ବୁଦ୍ଧି, ଯୌକ୍ତିକତା ଆଉ ଭାବପ୍ରବଣତା ଗୁଣସମ୍ପନ୍ନ କରାଇ ଆଦର୍ଶ କୃତ୍ରିମ ମଣିଷ ସୃଷ୍ଟି କରିବାରେ ମଣିଷର ପ୍ରୟାସ। ଏଥିପାଇଁ ଦ୍ରୁତ ଗତିରେ ଗବେଷଣା ଚାଲିଛି। ଗବେଷକ ମାନେ ଆଶଙ୍କା କରନ୍ତି, ୨୦୫୦ ମସିହା ବେଳକୁ ଆମେ ଏମିତ ସମୟରେ ଉପନୀତ ହେବା ଯେତେବେଳେ ମଣିଷର ଭବିଷ୍ୟତ କୃତ୍ରିମ ବୁଦ୍ଧିମତ୍ତା ଆଗରେ ବିପନ୍ନ। ଯଦି ଏହି କୃତ୍ରିମ ବୁଦ୍ଧିମତ୍ତାକୁ ସ୍ୱୟଂସକ୍ରିୟ କରାଯାଏ, ତାହା ମାନବିକତା, ସାମାଜିକତାକୁ ଜଳାଞ୍ଜଳି ଦେଇ କେବଳ ଗୋଟିଏ ଅର୍ଥ ଉପାର୍ଜନ ଯନ୍ତ୍ର ହୋଇ ଲାଭ କ୍ଷତିରେ କାମ କରିବ।

ମଣିଷ ନିଜର ସମସ୍ତ ବୁଦ୍ଧିମତା ଏମିତି ରୋବଟ୍‌କୁ ହସ୍ତାନ୍ତର କଲେ ନିଜେ ଅସହାୟ ହୋଇପଡିବ। ଆମ ଭାଷାରେ ଲୋକ କହନ୍ତି, ସକଳ ସମ୍ପତ୍ତି ହରିଙ୍କୁ ଦେଇ, ନିଜେ ବୁଲୁଥିବ ବାବାଜୀ ହୋଇ। ସେମିତି ଅବସ୍ଥା ଆସୁଛି ପ୍ରକୃତ ଆଉ କୃତ୍ରିମ ବ୍ୟବଧାନରେ।

ଆମେ କତ୍ରିମ ବୁଦ୍ଧିମତ୍ତାକୁ ଆଶ୍ରା କଲେ, ଏହା ଆମର ନିଯୁକ୍ତି ସୁଯୋଗ, ବ୍ୟକ୍ତିଗତ ଗୋପନୀୟତା ଆଉ ମାନବ ସୁଲଭ ଗୁଣ ଗୁଡିକୁ ପ୍ରହାର କରିବ। ଯନ୍ତ୍ର ଯେ ଭୁଲ୍ ନକରିବ, ଏଇଟା କହିବା ଆମର ପ୍ରମାଦ। କୃତ୍ରିମ ବୁଦ୍ଧିମତ୍ତା ଅବଧାରିତ ମାନବ ସମାଜ ଦିନେ ଜୀବନ୍ତ ଆଉ ଜୀବନଯୁକ୍ତ ଯୁଦ୍ଧରେ ପରାସ୍ତ ହୋଇ ଧରାବକ୍ଷରୁ ବିଦାୟ ନେବା ଅବକାଶ ରହିଛି। ଏହି ରୋବଟ୍ କୃତ୍ରିମ ମଣିଷ ଭାବରେ ନିଜକୁ ଅମର ମଣିଷ ବୋଲି ଦାବି କରିବ। ସେହି କୃତ୍ରିମ ମଣିଷ ସ୍ୱୟଂକ୍ରିୟ, ମଣିଷ ଆଉ ନଥିବ ତାକୁ ନିୟନ୍ତ୍ରଣ କରିବାକୁ। ବିଶ୍ୱଟା ଏହି କୃତ୍ରିମତାରେ ଭରିଯିବ।

ଏହି ରୋବଟ୍ କତ୍ରିମ ମଣିଷ ହେଲାବେଳକୁ ମଣିଷ ଉଦ୍ୟମରେ ବୁଦ୍ଧି, ଯୁକ୍ତି, କାର୍ଯ୍ୟଦକ୍ଷତା ଆଉ ଅନେକ ମାନବିକତା ଗୁଣରେ ପ୍ରତିରୋପିତ ହୋଇପାରିଥିବ। ଏହା କହିବା ବାହୁଲ୍ୟ, ଏହି ଯନ୍ତ୍ର ଉନ୍ନତ ମସ୍ତିଷ୍କରେ ମାନବୀୟ ଗୁଣ ଗୁଡିକ ଧାରଣ କରି ସମାଜରେ ଚଳନଶୀଳ ହେଲେ, ତାହାର ମନଟିଏ ସୃଷ୍ଟି ନହେବ କାହିଁକି ? କାମ କରିବାକୁ ଆଦେଶ ଦେଲେ, ତା ମନ ଭିତରେ ଦ୍ୱନ୍ଦ୍ୱ ଜାତ ନହେବ କାହିଁକି ? ତା ମନରେ ସ୍ୱତଃ ଆଦେଶ ଅମାନ୍ୟତା, ବୈରଭାବ, ଅମାନୁଷିକତା ଆଉ ପ୍ରତିଶୋଧପରାୟଣତା ଆସିବାର ଆଶଙ୍କା ରହିଛି। ଏହା ଦିନେ ମଣିଷର ଶିକୁଳିରୁ ନିଜକୁ ସ୍ୱାଧୀନ ଘୋଷଣା କରି ଜୀବନ୍ତ ମଣିଷ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବ।

ମଣିଷର ପ୍ରସ୍ତାବିତ ଅନେକ ଘରକରଣା ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟରେ ରୋବଟ୍ ମାନଙ୍କୁ ନିଯୁକ୍ତ କରିବା ସବୁ ଲୋକଙ୍କ ପକ୍ଷେ ଅତ୍ୟାବଶ୍ୟକ ହୋଇପଡିବ । ସମୟ ଆସିବ ଘରେ ଘରେ ଏତେ ରୋବଟ୍ ରହିବେ, ମଣିଷ ସଂଖ୍ୟକ ବା ତତୋଽଧିକ ରୋବଟ୍ ଥିବାର ଦେଖାଦେବେ । ଜନଗଣନା ପରି ରୋବଟ୍ ଗଣନା ଏହା ସିଦ୍ଧ କରିପାରିବ । ତେଣୁ ଯେତେବେଳେ ରୋବଟ୍ ମନ ଏବଂ ବିବେକ ପରି ଦୁଇଟି ଉପାଦାନ ନିଜ ପ୍ରଶିକ୍ଷଣରୁ ପ୍ରାପ୍ତ ହେବ, ସେତେବେଳେ ଘରେ ଘରେ ପ୍ରତିଟି ବିଷୟ ନେଇ ମଣିଷ ଆଉ ଯନ୍ତ୍ର ମଣିଷ ଭିତରେ ପାର୍ଥକ୍ୟ ଲୁପ୍ତ ହୋଇ ବିକାଶଲାଭ କରିବା ଅବା ଏହା ବିରୋଧ-ଧର୍ମୀ ହୋଇ ଦୁଇ ଗୋଷ୍ଠୀ ଛକାପଞ୍ଝାରେ ରହିବେ ।

ଏମିତି ତୃଣମୂଳରୁ ହିଁ ମଣିଷ-ରୋବଟ୍ ସମ୍ପର୍କର ଅବନତି ଘଟି ଏହା ବିଶ୍ୱର ସମସ୍ତ ପରିବାରରେ ପରିଦୃଷ୍ଟ ହେବ । ବିଶ୍ୱରେ ମଣିଷର ସତ୍ତା ହଜିବାର ସମୟ ଆସିବ ଏବଂ ଏହି ସମୟରେ ଏକ ଆତଙ୍କ ବାତାବରଣ ସୃଷ୍ଟି ହେବ । ଦିନେ ବିଶ୍ୱର ଶ୍ରେଷ୍ଠ ଏବଂ ବିବେକବାନ ପ୍ରାଣୀ ବୋଲାଉଥିବା ମଣିଷ ଦେଖିବ ନିଜେ ଗଢିଥିବା ଯନ୍ତ୍ରମଣିଷ କିପରି ଅତି ଜ୍ଞାନୀ ହୋଇ ମଣିଷର ଲଗାମଛଡା ହୋଇଯାଇଛି । ଯନ୍ତ୍ରମାନବ ସବୁକୁ ଟପି ଯାଇଛି ।

ଏହି ରୋବଟ୍‌ର ଦିନେ ବୁଦ୍ଧି ବିସ୍ଫୋରଣ ଘଟି ତାହା ଅପ୍ରସ୍ତୁତ ମଣିଷକୁ ହତାଶ କରିବ । ନିଜେ ଶରୀରର ମାନବାଧୀନ ହୋଇ କାର୍ଯ୍ୟକରିବା ପଦ୍ଧତିକୁ ରଦ୍ଦ କରିଦେବ ଆଉ ସ୍ୱୟଂସକ୍ରିୟ ହୋଇଉଠିବ । ଏବଂ ସେ ସମୟକ୍ରମେ ଲାଭ କରିବ ଯାନ୍ତ୍ରିକ ସ୍ୱତନ୍ତ୍ରତା । ଏହା ନିଜତ୍ୱ ବଜାୟ ରଖିବାକୁ ସତର୍କ ଏବଂ ସଜାଗ ହୋଇଯିବ ।

ମଣିଷ କର୍ତ୍ତୃତ୍ୱାଧୀନ ଥାଇ ବି ରୋବଟ୍ ନିଜର କ୍ଷିପ୍ର ଗତିରେ କାମ କରିବା ହେତୁ, ଅଜାଣତରେ ରୋବଟ୍‌ର ଶିକାର ହେବା ବିରଳ ଘଟଣା ନୁହେଁ । ମାତ୍ର ରୋବଟ୍ ଯେତେବେଳେ ମଣିଷର ଲଗାମ ଛଡା ହୋଇଯାଇଛି, ସମଗ୍ର ବିଶ୍ୱରେ ତାଣ୍ଡବ ସୃଷ୍ଟି କରିଛି । ଶିବଙ୍କ ତାଣ୍ଡବ ସମ ଅପ୍ରତ୍ୟାଶିତ ଭାବରେ ନୁହେଁ, ବହୁ ସମୟ ବ୍ୟବଧାନରେ ଶୀତଳ ଯୁଦ୍ଧ ପରି ମଣିଷକୁ ନିଧନ କରିଚାଲିଛି ।

ଏମିତି ସମୟ ଆସିବ, ମଣିଷ ରୋବଟକୁ ନିୟନ୍ତ୍ରଣ କରିବାକୁ ଯାଇ ପରିଶେଷରେ ତାର ବିଦ୍ୟୁତ ସ୍ରୋତକୁ ବିଚ୍ଛିନ୍ନ କରିଦେଲେ, ତାହା ବନ୍ଦ ହୋଇଯିବନି, ବରଂ ମଣିଷ ତା ଶରୀରରେ ୟୁପିଏସ୍ ପରି କିଛି କ୍ଷଣିକ ଶକ୍ତି ଦେଖିଲେ ଚକିତ ହୋଇଯିବ । ଏହି କ୍ଷଣିକ ଶକ୍ତି ମଧ୍ୟରେ ରୋବଟ୍ ନିଜର ଶକ୍ତି ସ୍ଥଳକୁ ଯାଇ ବିଦ୍ୟୁତ ସଂଯୋଗ କରିପାରିବ ।

ଏମିତି ଅଣମଣିଷ ପ୍ରକୃତ ମଣିଷକୁ ଧରାବକ୍ଷରୁ ନିଶ୍ଚିହ୍ନ କରିଦେଲା ପରେ ସୃଜନଶୀଳତାହୀନ ଏହି କୃତ୍ରିମ ମଣିଷ କେବଳ ଅନୁକରଣରେ ମଣିଷ ଗଢିଥିବା ଇଣ୍ଟରନେଟ୍ ଉପରେ ଭରସା କରି କେତେକାଳ ଚଳିବେ । ଅମର ଅଣମଣିଷ !

ସତରେ କଅଣ ଏମାନେ ଅମର । ଗୋଡ ହାତ ଭାଙ୍ଗିଯିବ, ଚର୍ମ ଭାବରେ ଦେଖାଯାଉଥିବା ସିଲିକନ୍ ଆବରଣ ଘଷିହୋଇ ଛିଣ୍ଡିଯିବ । ବିନା ମଣିଷ ସଯତ୍ନରେ ଏହି ଅଣମଣିଷ ବା ଅମର କୃତ୍ରିମ ମଣିଷ ଟଳିପଡିବ । ଘରେ ଘରେ ମଲା ମଣିଷ ପରି ଦେଖାଯାଉଥିବା କେତୋଟି ଅକର୍ମଣ୍ୟ ରୋବଟ୍ ପଡିଥିବେ ।

ଏହି ରୋବଟ୍ ଗୁଡିକ କଅଣ ନିଜ ଯାନ୍ତ୍ରିକ ତ୍ରୁଟିର ସମାଧାନ କରିପାରିବେ । ମଣିଷ ସିନା ଏଗୁଡିକର ହାର୍ଡଓ୍ୱାର୍ ଏବଂ ସଫ୍ଟଓ୍ୱାର ତିଆରି କରୁଛି, ସଂଶୋଧନ କରୁଛି ଯାହା ବଳରେ ଏହି କୃତ୍ରିମ ଜ୍ଞାନର ସୂକ୍ଷ୍ମ ଯନ୍ତ୍ର କାର୍ଯ୍ୟକ୍ଷମ ହେଉଛି । ତେଣୁ ବିନା ମଣିଷ ସମାଜରେ ଏହି ଅଣମଣିଷ ଗୁଡିକ ବଞ୍ଚିବାକୁ ଅକ୍ଷମ ହୋଇ ପଡିବ । ଅମର ହୋଇଗଲେ ବୋଲି କହିଲେ ବି ଏ ଧରାବକ୍ଷ କେବଳ ରୋବୋଟ୍ ପରିପୂର୍ଣ୍ଣ କରିଦେବେ, ଏହା ମଣିଷର ସ୍ଥିତି ବିନା ସମ୍ଭବ ନୁହେଁ ।

ଯଦି ବି କୌଣସି ପରିସ୍ଥିତିରେ ବିଶ୍ୱର ସମସ୍ତ କୃତ୍ରିମ ଜ୍ଞାନ ଖଚିତ ରୋବଟ୍ ଗୁଡିକ ସେମାନଙ୍କର ନିଜସ୍ୱ ସମ୍ବାଦ ପରିବେଷଣ ମଧ୍ୟରେ ସଂପର୍କ ଗଢିପାରିବା ସମ୍ଭବ ମନେହୁଏନି । ସେଗୁଡିକ ମଣିଷ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦ ଧାରାକୁ ହିଁ ଅନୁସରଣ କରିବେ ।

କୌଣସି ଦୀର୍ଘସୂତ୍ରୀ ପ୍ରକ୍ରିୟାରେ ମଣିଷକୁ ନିଧନ କରିବା ଏଗୁଡିକ ଦ୍ୱାରା ସମ୍ଭବ ହୋଇପାରେ । ତାପରେ ବିଶ୍ୱ ହୋଇଯିବ ଏହି ଅଣମଣିଷମୟ । ତା ପରେ ସେଗୁଡିକ ମଉଳି ପଡିବେ, ଶକ୍ତି ସଂକଟରେ ଅକର୍ମଣ୍ୟ ହୋଇ ପଡିବେ । କେବଳ ଅନ୍ୟ ଗ୍ରହରୁ ଅନୁସନ୍ଧାନରେ ଆସିଥିବା ଜୀବମାନେ ଏହି ଅକର୍ମଣ୍ୟ ରୋବଟ୍ ଗୁଡିକୁ ଦେଖି ଯାହା ଅର୍ଥକରିବେ ।

ସମାରୋହ
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋ - ୯୦୭୮୬୭୧୪୭୮

ଝ୦ଙ୍କ

# ବିପତ୍ତି:ଆମ ଭବିଷ୍ୟତ କଳନା

*ଡା ଆଦିକନ୍ଦ ସାହୁ*

ଆଣବିକ ଯୁଦ୍ଧ ଭବିଷ୍ୟ କଥନରେ ମଣିଷ ନିଶ୍ଚିହ୍ନ ହୋଇଯିବାର କାରଣ ହୋଇପାରେ ବୋଲି ଅନେକ ଅନୁମାନ କରନ୍ତି। ମଣିଷ ନିଶ୍ଚିହ୍ନ ହେବାର ମାନେ ହେଉଛି ପୃଥିବୀ ବକ୍ଷରୁ ସମସ୍ତ ମାନବ ଉଭେଇଯିବା। ଏପରି ନୃତତ୍ତ୍ୱଭିତ୍ତିକ କାରଣ ଅନେକ ହୋଇପାରେ। ଏବେ କେତେ ଜୀବଜନ୍ତୁ ବୃକ୍ଷଲତା ବିରଳ ହୋଇଯାଉଛନ୍ତି ଏବଂ ଅନେକ ନିଶ୍ଚିହ୍ନ ହୋଇଗଲେଣି। ସେହିପରି ମଣିଷ ପାଇଁ ବି ସେପରି ବିପଦ ନାହିଁ, ଏହା କେହି ଅସ୍ୱୀକାର କରିବେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଯଥା ଅନ୍ତରୀକ୍ଷ ବସ୍ତୁସହ ପୃଥିବୀର ଦୁର୍ଘଟଣା ଏପରି କରିବାର ସମ୍ଭାବନା ବିରଳ ହେଲେ ବି ଅସମ୍ଭବ ନୁହେଁ।

ମାତ୍ର ଋତୁ ପରିବର୍ତ୍ତନ, ବିଶ୍ୱବ୍ୟାପୀ ଆଣବିକ ବିଧ୍ୱଂସୀ ପ୍ରସ୍ତୁତି, ଜୈବାସ୍ତ୍ର ସମ୍ବଳିତ ଅସ୍ପଷ୍ଟ ଯୁଦ୍ଧ ଏବଂ ପରିବେଶ ଭୁଶୁଡ଼ି ପଡ଼ିବା ପରି କାରଣ ରହିଛି। ତା ଛଡ଼ା କୃତ୍ରିମ ବୁଦ୍ଧିଜନିତ ବିପ୍ଳବ, ବାୟୋଟେକ୍ନୋଲଜି ଏବଂ ଏହାର ନକାରାତ୍ମକ କାର୍ଯ୍ୟସୂଚୀ, ନାନୋଟେକ୍ନୋଲଜି ଏବଂ ସ୍ୱୟଂ ସକ୍ରିୟ ନାନୋବଟ୍‌ସ ପରି ଅନେକ କାରଣ ରହିଛି।

ମଣିଷ ନିଶ୍ଚିହ୍ନ ହେବାଟା ଆଜିର ଚିନ୍ତନ ନୁହେଁ। ଆମେ ପୁରାଣରେ ଚାରିଯୁଗର ପୌରାଣିକ ଗଳ୍ପ ଜାଣିଛୁ। ପ୍ରତି ଯୁଗ ଶେଷ ହୁଏ ଆଉ ପର ଯୁଗଟି ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଭାବରେ ନବନୂତନ ଭାବରେ ସୃଷ୍ଟି ହୁଏ। ଏହା ଆଧୁନିକ ବିଜ୍ଞାନ ଓ ନୃତତ୍ତ୍ୱବିତ୍ ମାନଙ୍କ ଦ୍ୱାରା ସମ୍ଭାବ୍ୟ ପରିବେଶ କ୍ଷୟ ଆଉ ବିପର୍ଯ୍ୟୟ କର୍ତ୍ତୃକ ଘଟିଥାଏ। ତେଣୁ ପୌରାଣିକ ମତରେ ଯଦି ମଣିଷ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଏ, ତେବେ ଅଧୁନା ଡାରଉଇନ୍‌ଙ୍କର ମତବାଦ ଅନୁଯାୟୀ ପ୍ରତି ଯୁଗ ଆରମ୍ଭରୁ ମଣିଷ ସମୁଦ୍ରର କ୍ଷୁଦ୍ର ଜୀବରୁ ଆରମ୍ଭ ହୋଇ ମଣିଷ ପର୍ଯ୍ୟନ୍ତ ବିବର୍ତ୍ତିତ ହୋଇଥିବ। ତେବେ ଚାରିଯୁଗରେ ତିଷ୍ଠି ରହିଥିବା ହନୁମାନ, ବିଭୀଷଣ ଆଦି କେଉଁଠି ରହୁଥିବେ। ପୁରାଣର ଯୁଗ କଳନା ଏମିତି ଅବାସ୍ତବବାଦୀ ନୁହେଁ। ଏହା ମଣିଷ ସମାଜର ସଂପୂର୍ଣ୍ଣ କ୍ଷୟ ହୋଇ ପୁନରାୟ ଆରମ୍ଭ ହେବା ଅର୍ଥରେ ନୁହେଁ, ମଣିଷର ବିବର୍ତ୍ତନର ସ୍ତର ବିଶେଷ ନେଇ କଳ୍ପନା କରାଯାଇଅଛି।

ଆମର ପୁରାଣ ପରିକଳ୍ପନା ପରି ପାଶ୍ଚାତ୍ୟ ଦାର୍ଶନିକମାନେ, ଏମିତିକି ପ୍ଲାଟୋ, ଏରିଷ୍ଟୋଟଲ୍ ଏବଂ ଲୁକ୍ରିସିଅସ୍ ଉଲ୍ଲେଖ କରନ୍ତି ମଣିଷ ସମାଜର ବିଲୟ ଗୋଟିଏ ଯୁଗରେ ଘଟିଥାଏ ଏବଂ ଯୁଗ ଗୁଡ଼ିକର ପୁନରାବୃତ୍ତି ହୋଇଥାଏ। ପର ଯୁଗର ଦାର୍ଶନିକ ଅଲ୍ ଘାଜଲି, ୱିଲିୟମ ଓଖାମ୍ ଏବଂ ଜେରୋଲାମୋ ତର୍କ ଏବଂ ସମ୍ଭାବନାକୁ ଭିତ୍ତିକରି ମନୁଷ୍ୟ-ବିହୀନ ପୃଥିବୀ ବୋଲି ଆଖ୍ୟା ଦେଇଥିଲେ। ଗୋଟିଏ ପ୍ରାଣୀ ଯେ ନିଶ୍ଚିହ୍ନ ହୋଇପାରେ, ଏହା ବୈଜ୍ଞାନିକ ଯୁଗରେ ୧୭୦୦ ମସିହାରେ ଧାରଣା ଆସିଲା। ଏକଶହ ବର୍ଷ ମଧ୍ୟରେ (୧୮୦୦ ମସିହା ସୁଦ୍ଧା) ଜର୍ଜ କୁଭିୟର୨୩ଟି ପ୍ରାକ୍-ଐତିହାସିକ ଜୀବମାନଙ୍କର ନିଶ୍ଚିହ୍ନ ହୋଇଥିବା ତାଲିକା ପ୍ରସ୍ତୁତ କରିଥିଲେ। ଏହା ଅନେକ ବୈଜ୍ଞାନିକ ରଚନା ଆଉ ଲୋକପ୍ରିୟ ଗଳ୍ପର ଆଧାର ହେବାକୁ ଲାଗିଲା। ୧୮୬୩ ମସିହାର ଡାରଉଇନ୍‌ଙ୍କର ପ୍ରାଣୀର ଉତ୍ପତ୍ତି (*On the Origin of the Species*) ଅତୀତରେ ଜୀବର ଜନ୍ମ ବିବରଣୀ ଆଉ ମଣିଷର ବିବର୍ତ୍ତନ ପ୍ରକ୍ରିୟା ଉପରେ ଆଲୋକପାତ କଲେ।

ପ୍ରଥମ ବିଶ୍ୱଯୁଦ୍ଧର ବିଶାଳ ମାନବ ବିଧ୍ୱଂସ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆଣବିକ ଶକ୍ତିର ପ୍ରୟୋଗ ଓ ପରବର୍ତ୍ତୀ କାଳରେ ବିପୁଳ ପରିମାଣରେ ମହଜୁଦ ରହିବା ସୂଚାଇ ଦିଏ ମଣିଷ ଜାତି ରସାତଳଗାମୀ ହେବା ବେଶି ସମୟସାପେକ୍ଷ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମାତ୍ର ଦୁଇଟି ପରମାଣୁ ବୋମା ଜାପାନରେ ଯେମିତି ପ୍ରଳୟଙ୍କାରୀ ନରସଂହାର କରି ପ୍ରମାଣ କଲା, ପରମାଣୁ ବୋମା ପୀଡ଼ିତମାନେ କେବଳ ମୃତ୍ୟୁବରଣ କଲେନାହିଁ, ଯେତିକି ବଞ୍ଚିଲେ ସେମାନେ କାଳ କାଳକୁ ମନୁଷ୍ୟତ୍ୱ ହରାଇଲେ। ଏବେ ବିଶ୍ୱରେ ସାମରିକ କାରଣରୁ ରାଷ୍ଟ୍ରମାନେ ଜଣାଶୁଣା ଭାବରେ ବା ଗୁପ୍ତ ଭାବରେ ଯେତିକି ପରମାଣୁ ବୋମା ଗଚ୍ଛିତ ରଖିଛନ୍ତି, ତାହା କେତୋଟି ପୃଥିବୀର ଜୀବଜଗତକୁ ଭସ୍ମ କରିଦେଇପାରିବ।

ବିଂଶ ଶତାବ୍ଦୀର ଶେଷଭାଗ ଏବଂ ଚଳିତ ଏକବିଂଶ ଶତାବ୍ଦୀ ମନୁଷ୍ୟ ଅମର ହେବାର ପରିକଳ୍ପନା ରଖିଛି। ବିଜ୍ଞାନର ଅନେକ ପାର୍ଶ୍ୱ ବିବିଧ ଜଟିଳ ପ୍ରୟୋଗାତ୍ମକ ଉପାଦାନ ମଣିଷ ସମାଜ ହିତରେ ଉଦ୍ଭାବନ କରୁଛନ୍ତି। ଏଥିରେ ରହିଛି କୃତ୍ରିମ ବୁଦ୍ଧି (Artificial Intelligence or AI) ବାୟୋଟେକ୍ନୋଲଜି ଆଉ ନାନୋଟେକ୍ନୋଲଜି ପରି ଉଚ୍ଚସ୍ତରୀୟ ପ୍ରୟୋଗ। ଏହି ବୈଜ୍ଞାନିକ ପଦ୍ଧତି ଗୁଡ଼ିକ ଯେତିକି ଉପଯୋଗୀ ହେବାର ସମ୍ଭାବନା ରହିଛି, ଅଜାଣତରେ ମଣିଷକୁ ନିଶ୍ଚିହ୍ନ କରିଦେବାର ନିଶ୍ଚିତ ଉପାୟ ସେତିକି ପରିମାଣରେ ଅନ୍ତର୍ନିହିତ ରହିଅଛି।

ଅନ୍ୟ ଭାଷାରେ କହିବାକୁ ଗଲେ ଏକବିଂଶ ଶତାବ୍ଦୀ ମାନବ ବିଧ୍ୱଂସୀ ବିଜ୍ଞାନ ଗବେଷଣାର କ୍ଷେତ୍ର ପାଲଟିଛି । ମଣିଷ ଉପରେ ସାଂଘାତିକ ବିପଦ ପଡିବାର ଆଶଙ୍କା ଅନେକ ଦାର୍ଶନିକ, ବୈଜ୍ଞାନିକ ଓ ଭବିଷ୍ୟବିତ୍ ମାନଙ୍କର ଶୋଚନାର କାରଣ ହୋଇଛି । ଅନେକ ଭବିଷ୍ୟତବିତ୍ ମତ ପୋଷଣ କରିନ୍ତି କି ୨୧୦୦ ମସିହା ସୁଦ୍ଧା ମାନବ ସଭ୍ୟତା ବହୁ ଅସମାହିତ ସମସ୍ୟାର ସମ୍ମୁଖୀନ ହେବ ଏବଂ ତା ପକ୍ଷରେ ଏଗୁଡିକ ଏତେ କଠିନ ହୋଇପଡିବ, ତାର ବଞ୍ଚିବାର କୌଣସି ରାସ୍ତା ନଥିବ । ସେମାନେ ଏହାର ସମ୍ଭାବନା ୧% ରୁ ୨୦% ବୋଲି ମନେ କରନ୍ତି । ଏହି ସଂକ୍ରାନ୍ତରେ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ବିପର୍ଯ୍ୟୟ ସମ୍ମିଳନୀ କାଳରେ ମତ ଗ୍ରହଣ କରାଯାଇ ପ୍ରକାଶ କରାଯାଇଥିବା ପରିସଂଖ୍ୟାନ ୧୯% ଆକଳନ ବୋଲି ଦର୍ଶାଯାଇଛି ।

୨୦୧୦ ମସିହାରେ ଗୋଟିଏ ସାକ୍ଷାତକାରରେ ଅଷ୍ଟ୍ରେଲିୟାନ ବୈଜ୍ଞାନିକ ଫ୍ରାଙ୍କ ଫେନର୍ ମଣିଷ ଭବିଷ୍ୟତ ବିଷୟରେ ଏକ ଭବିଷ୍ୟବାଣୀ କରିଛନ୍ତି । ସେ ପୃଥିବୀ ପରି ଗ୍ରହରେ ଜନସଂଖ୍ୟା ବୃଦ୍ଧି, ପରିବେଶ କ୍ଷୟ ଓ ଋତୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇ କହନ୍ତି, ଦିନୁ ଦିନ ବର୍ଦ୍ଧିତ ସମସ୍ୟା ନେଇ ଭବିଷ୍ୟତ ଅନ୍ଧକାରମୟ ଦେଖାଯାଏ । ଏହା ଏକ ଶତାବ୍ଦୀ ମଧ୍ୟରେ ମଣିଷକୁ ପୃଥିବୀ ବକ୍ଷରୁ ନିପାତ କରିବା ନିଶ୍ଚିତ ।

ଏସବୁ ଆଲୋଚନାରୁ ପ୍ରତୀୟମାନ ହୁଏ କି ବର୍ଦ୍ଧିତ ଜନସଂଖ୍ୟା ପୃଥିବୀର ପରିବେଶ ଏବଂ ସମ୍ବଳ ବ୍ୟବହାର କରିବାରେ ବହୁ ଅଧିକ ହୋଇଯାଉଛି । ସ୍ଥଳ ଭାଗରେ ମଣିଷର ଜୀବନ ଆଉ ଜୀବିକା ନିମନ୍ତେ ଜଙ୍ଗଲ କମିଯାଉଛି, ଋତୁ ପରିବର୍ତ୍ତନ ହେଉଛି । ବାତ୍ୟା, ଋତୁ ପରିବର୍ତ୍ତନ ପରି ବିଭିନ୍ନ ସମସ୍ୟା ଦିନକୁ ଦିନ ବଢିଚାଲିଛି । ଏହାର ଉପଶମ ପାଇଁ ବିପର୍ଯ୍ୟୟ ପରିଚାଳନା କି ବାତ୍ୟାଞ୍ଚଳର ଆଶ୍ରୟସ୍ଥଳୀ ତ ପଛକଥା, ଲୋକମାନେ ଜନସଂଖ୍ୟା ନିୟନ୍ତ୍ରଣ ଆଉ ବୃକ୍ଷରୋପଣ ଓ ବନୀକରଣ କ୍ଷେତ୍ରରେ କୃତକାର୍ଯ୍ୟ ହେବା ଆବଶ୍ୟକ ।

ଏଥିପାଇଁ ପ୍ରତିକାର ସମ୍ଭବ ବୋଲି କେତେ ସକାରାତ୍ମକ ମତବାଦୀ ଅଛନ୍ତି । ରୁଷ୍‌ର ଅନ୍ତରୀକ୍ଷ ଗବେଷଣାଗାର ଆଶା କରେ କି କେବଳ ଅନ୍ତରୀକ୍ଷରେ ବସତି ସ୍ଥାପନ ଦ୍ୱାରା ମଣିଷର ନିଶ୍ଚିହ୍ନ ଆଶା ବିଲୋପ କରିହେବ । ଚନ୍ଦ୍ର କିମ୍ବା ମଙ୍ଗଳ ଗ୍ରହରେ ସ୍ଥାୟୀ ବାସୋପଯୋଗୀ ବ୍ୟବସ୍ଥା କରିବାରେ ମଣିଷର ଅନ୍ତରୀକ୍ଷ ଅଭିଯାନ ସଫଳ ହେଲେ ହିଁ ବହୁଲୋକ ସେଠାକୁ ପ୍ରେରଣ କରି ବସତି ସ୍ଥାପନ କରିହେବ । ତଦ୍ୱାରା ପୃଥିବୀ ପୃଷ୍ଠର ଭାର ଉପଶମ ହେବ ।

ଏହା ନିରାଟ ସତ୍ୟ ଯେ ବିଶ୍ୱବ୍ରହ୍ମାଣ୍ଡ ନିଜର ଗତିପଥ ଆଉ ଉତ୍ତାପ ବଳରେ ଗୋଟିଏ ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ଜୀବଜନ୍ତୁ ଓ ବୃକ୍ଷଲତା ସୃଷ୍ଟି କରିବାର ସୁଯୋଗ ପାଏ । ଜୀବନ ଧାରଣ କରିବା ସମ୍ଭାବନାକୁ ଦେଖିଲେ, କେତେବେଳେ ଅତି ଉତ୍ତପ୍ତ ଥାଏ ବା କେତେବେଳେ ତାପମାନ ବରଫରୁ କମିଯାଏ । ଆଜି ଯେମିତି ଦେଖିବାକୁ ମିଳୁଛି ପୃଥିବୀ ପୃଷ୍ଠର ତାପମାନ କ୍ରମଶଃ ବୃଦ୍ଧିପାଉଛି । ଏମିତି ଦିନ ବି ଆସିବ, ଯେତେବେଳେ ଉତ୍ତାପ ମଣିଷର ବଞ୍ଚିବାର ସମ୍ଭାବନା ନିମନ୍ତେ ପ୍ରଶ୍ନବାଚୀ ହୋଇ ଠିଆହେବ । ସମଗ୍ର ଜୀବଜଗତ ପାଇଁ ବିଶାଳ ଧ୍ୱଂସକାରୀ ପ୍ରଭାବରେ ଶିଉଳି ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ଜୀବ ଜଗତ ଉଭାନ ହୋଇଯିବ ।

ସେତେବେଳକୁ ମଣିଷ ଯଦି ପୃଥିବୀରେ ବାସକରିବା ଛାଡି ବିଶ୍ୱବ୍ରହ୍ମାଣ୍ଡର ସୁପରିବେଶ ଥିବା ଗ୍ରହ ବା ଉପଗ୍ରହରେ ନିଜର ସ୍ଥାନ ସଂରକ୍ଷଣ କରି ନଥିବ ତେବେ ତାହାର ସତ୍ତା ହରାଇବ । ଏହା କାଲି ଘଟିବାକୁ ଯାଉନାହିଁ । କେତେ ଲକ୍ଷ ବର୍ଷ ଲାଗିଯାଇ ପାରେ ।

କିନ୍ତୁ ଯେତେକାଳ ସିଏ ଧରାବକ୍ଷରେ ତିଷ୍ଠି ରହିବାର ବାତାବରଣ ତଥା ବାୟୁମଣ୍ଡଳ ରହିଛି, ସେ ନିୟନ୍ତ୍ରଣ କରିପାରୁଥିବା ବିପର୍ଯ୍ୟୟ ଗୁଡିକର ସୁପରିଚାଳନା କରି ତଥା ଆତ୍ମସମୀକ୍ଷା କରି ଆପଣା ଅସ୍ତ୍ରରେ ଅଣୁଅସ୍ତ୍ର ଦ୍ୱାରା ସମାପ୍ତ ହୋଇ ନଯାଉ ।

ଆଜି ଧରାବକ୍ଷରେ ବିରାଜମାନ କରିଥିବା ମାନବ, ମାନବୀୟ ବୌଦ୍ଧିକତା ଆଉ ବିଶ୍ୱବ୍ରହ୍ମାଣ୍ଡରେ କେଉଁଠି ଦେଖାଯାଉ ଥିବାର ପ୍ରମାଣ ନାହିଁ । ଏହା ଯେତେ ଦୂର ଭବିଷ୍ୟତ ନେଇ ନିରବଚ୍ଛିନ୍ନ ଭାବରେ ତିଷ୍ଠି ରହିପାରେ, ତାହା ମାନବ ଜାତି ପାଇଁ କେବଳ ନୁହେଁ, ଜଗତ ପାଇଁ ସୁବାର୍ତ୍ତା ।

କ୍ଲବ-ଟାଉନ୍ ଆପାର୍ଟମେଣ୍ଟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,
ମୋ-୯୪୩୭୦୩୪୬୧୩

ଛଠଓ



# ବିପଦରୁ ପ୍ରୋତ୍ସାହିତ ବିବର୍ତ୍ତନ



# ମଣିଷର ସୃଷ୍ଟି ପରାଜୟ ପାଇଁ ନୁହେଁ

*ଗୌରହରି ଦାସ*

ଯୀଶୁଖ୍ରୀଷ୍ଟଙ୍କ ଜନ୍ମକୁ ମଣିଷ ସଭ୍ୟତାର ଇତିହାସରେ ଏକ କାଳ ବିଭାଜକ ଘଟଣା ବୋଲି ସ୍ୱୀକାର କରାଯାଇ ଗ୍ରେଗରିଆନ୍ କ୍ୟାଲେଣ୍ଡରରେ ଈଉ ବା ବିଫୋର କ୍ରାଏଷ୍ଟ ଏବଂ ଇଉ ବା ଆନ୍ନୋ ଡୋମିନି ଶବ୍ଦ ବ୍ୟବହାର କରାଯାଇ ଆସୁଛି। 'ଦ ୱାର୍ଲଡ୍ ଇଜ୍ ଫ୍ଲାଟ୍'ର ଲେଖକ ଥମାସ୍ ଏଲ୍. ଫ୍ରାଏଡ୍‌ମ୍ୟାନ୍ ଏହି କଥାକୁ ଉଦାହରଣ ଭାବେ ନେଇ ନିକଟରେ 'ନ୍ୟୁୟର୍କ ଟାଇମ୍ସ'ରେ ପ୍ରକାଶିତ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ କରୋନା ମହାବ୍ୟାଧି ଯୀଶୁଙ୍କ ଜନ୍ମ ପରି ଏକ କାଳ ବିଭାଜକ ଘଟଣା। ୧୯୧୮ରୁ ୧୯୨୦ ଦୁଇବର୍ଷ ଧରି ହାହାକାର ସୃଷ୍ଟି କରିଥିବା ସ୍ପାନିଶ୍ ଫ୍ଲୁରେ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରେଇଥିଲେ। ଏହି ଫ୍ଲୁର ନାମକରଣ ସ୍ପାନିଶ୍ ଫ୍ଲୁ ହୋଇଥିଲେ ବି ଏହାର ଜନ୍ମ ସ୍ପେନ୍‌ରୁ ନୁହେଁ ବରଂ ଉତ୍ତର ଆମେରିକାରୁ ହୋଇଥିବା କୁହାଯାଏ। ପ୍ରଥମ ବିଶ୍ୱଯୁଦ୍ଧରେ ପୃଥିବୀର ଅଧିକାଂଶ ଦେଶ ପକ୍ଷଭୁକ୍ତ ହୋଇଥିଲା ବେଳେ ସ୍ପେନ୍ ନିରପେକ୍ଷ ରହିଥିଲା ଏବଂ ସେହି କାରଣରୁ ସେଠାକାର ସମ୍ବାଦପତ୍ର ଯୁଦ୍ଧକାଳୀନ କଟକଣାରୁ ମୁକ୍ତ ରହି ସ୍ୱାଧୀନ ଖବର ପ୍ରକାଶ କରୁଥିଲେ। ସ୍ପେନ୍‌ରେ ଏହି ଜ୍ୱର ବ୍ୟାପିବା ଖବର ପ୍ରଥମେ ପ୍ରକାଶିତ ହେବାରୁ ଏହି ଫ୍ଲୁର ନାମକରଣ ସହ ସ୍ପାନିଶ୍ ଶବ୍ଦ ଯୋଡ଼ିହୋଇଯାଇଥିଲା। ୧୮୮୯ରୁ ୧୮୯୪ ପର୍ଯ୍ୟନ୍ତ ୫ ବର୍ଷ କାଳ ରୁଷିଆ ଫ୍ଲୁର ସମୟ, ଯହିଁରେ ୧ ନିୟୁତ ପ୍ରାଣ ହରାଇଥିଲେ। ୧୯୫୭ରୁ ୧୯୫୮ ବର୍ଷକ ଭିତିରେ ଦେଢ଼ରୁ ୪ ନିୟୁତ ଲୋକ ଏସିଆନ୍ ଫ୍ଲୁରେ ଏବଂ ୧୯୬୮-୬୯ରେ ହଂକଂ ଫ୍ଲୁରେ ପ୍ରାୟ ୪ ନିୟୁତ ଲୋକ ମରିଥିଲେ। ୨୦୦୩ର ସାର୍ସ ମହାମାରୀରେ ୩୦ ଦେଶ ପ୍ରଭାବିତ ହୋଇଥିଲେ ଏବଂ ଏଥିରେ ବହୁ ଲୋକ ମରିଥିଲେ। ତେବେ କରୋନା ପରି ସମଗ୍ର ପୃଥିବୀ ଉପର୍ଯ୍ୟୁକ୍ତ କୌଣସି ମହାମାରୀରେ ଏଭଳି ପ୍ରଭାବିତ ହୋଇ ନ ଥିଲା। ସେଥିପାଇଁ କରୋନା ମହାମାରୀ ଏକ କାଳ ବିଭାଜକ ଘଟଣା ଏବଂ ଯେଉଁମାନେ ଏହା ପର ସମୟରେ ବଞ୍ଚିରହିବେ ସେମାନେ ଅଲଗା ପୃଥିବୀରେ ବଞ୍ଚିବେ। ତେଣୁ କରୋନା ପୂର୍ବବର୍ତ୍ତୀ ସମୟକୁ ଈଉ ବା ବିଫୋର କରୋନା ଓ କରୋନା ପରବର୍ତ୍ତୀ ସମୟକୁ ଇଉ ବା ଆଫ୍ଟର କରୋନା କୁହାଯିବ।

ଫ୍ରାଏଡ୍‌ମ୍ୟାନ୍ ତାଙ୍କର 'ଦ ୱାର୍ଲଡ୍ ଇଜ୍ ଫ୍ଲାଟ୍' ବହିଟି ୨୦୦୪ ମସିହାରେ ଲେଖିଥିଲେ ଯେତେବେଳେ ତାଙ୍କରି ଭାଷାରେ 'ଟୁଇଟରର ଅର୍ଥ ସେତେବେଳେ ଥିଲା ଗୋଟେ ଶବ୍ଦ, କ୍ଲାଉଡ୍ ତଥାପି ଥିଲା ଆକାଶରେ, ୪ଜି କହିଲେ ପାର୍କିଂ ପ୍ଲେସ୍‌କୁ ବୁଝାଯାଉଥିଲା ଓ ଆଇଫୋନ୍ ତଥାପି ଷ୍ଟିଭ୍ ଜବ୍‌ସ୍‌ଙ୍କର ଗୋପନୀୟ ପ୍ରିୟ ପ୍ରକଳ୍ପ ହୋଇ ରହିଥିଲା। ମାତ୍ର ୨୦୧୯ ବେଳକୁ ଏସବୁ ଶବ୍ଦର ପରିଭାଷା ବଦଳିଯାଇସାରିଛି। ଏହା ସତ୍ତ୍ୱେ ବୀର ୟୁଆନ୍ ରେସ୍ତୋରାଁରେ ଭାଇରସ୍ ଆକ୍ରାନ୍ତ ବାଦୁଡ଼ି କାମୁଡ଼ିଥିବା ଗୋଟେ ସ୍ତନ୍ୟପାୟୀ ପ୍ରାଣୀକୁ ନୈଶାହାରରେ ଭୋଜନ କରାଯାଇଥିବା ଘଟଣା ପରେ, ଦିନ କେଇଟା ଭିତରେ ଯେମିତି ସମଗ୍ର ପୃଥିବୀପୃଷ୍ଠର ମଣିଷ ପାଦତଳୁ ମାଟି ଧସିପଡ଼ିଲା ତାହା ଅଚିନ୍ତନୀୟ। ୨୦୧୯-୨୦ରେ ଏଭଳି ଘଟଣା ଘଟିବ ଯାହା ପୃଥିବୀର ସର୍ବଶକ୍ତିମାନ୍ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ସହ ୟୁରୋପର ସବୁଠାରୁ ପ୍ରଭାବଶାଳୀ ଦେଶ ଇଟାଲି, ଜର୍ମାନୀ, ଫ୍ରାନ୍ସ, ୟୁକେ ସମେତ ସାରା ପୃଥିବୀକୁ ମାଟି କାମୁଡ଼ାଇଦେବ ଓ ଏହିସବୁ ଦେଶର କୋଟି କୋଟି ନରନାରୀ ନିଜକୁ ବିପନ୍ନ ମନେ କରିବେ ଏକଥା ହୁଏତ କେହି କଳ୍ପନା କରିବା ଅସମ୍ଭବ ହୋଇଥାଆନ୍ତା। ୨୦୨୧ ଜୁଲାଇ ସୁଦ୍ଧା ୪୦ ଲକ୍ଷ ଲୋକ ମରିସାରିଲେଣି। ଆଜି ପୃଥିବୀର ଆକାଶରେ ଉଡ଼ାଜାହାଜର ଶବ୍ଦ ନାହିଁ, ରେଳ ପ୍ଲାଟ୍‌ଫର୍ମଗୁଡ଼ିକ ନିର୍ଜନ, ସମୁଦ୍ର ବେଳାଭୂମି ଖାଁ ଖାଁ ଓ ହିଲ୍‌ଷ୍ଟେସନ୍ ଗୁଡ଼ିକ ନିଛାଟିଆ। ଯାତ୍ରୀବାହୀ ଜାହାଜ ଲଙ୍ଗର ପକାଇବା ପାଇଁ ଜାଗା ଖୋଜୁଛନ୍ତି, ସାଂସ୍କୃତିକ ସଭା ସମିତି, ପର୍ଯ୍ୟଟନ, କ୍ରୀଡ଼ା ଉତ୍ସବ, ସ୍କୁଲ୍, କଲେଜ, ହାଟଘାଟ ସବୁ ପିଲା ଭୟ ଓ ନିଃସଙ୍ଗତା ଭିତରେ ମଣିଷ ଗୃହବନ୍ଦୀ। ସାନ ସାନ ପିଲାଙ୍କ ଆଖିର ସବୁଜ ସ୍ୱପ୍ନ ସବୁ ଧୂମାଭ। ପୁତ୍ରହରା ଜନନୀ, ସ୍ୱାମୀ ହରେଇଥିବା ସ୍ତ୍ରୀ, ଅସମର୍ଥ ବୁଢ଼ାବୁଢ଼ୀ, ପ୍ରଭାବଶାଳୀ ମଣିଷଙ୍କ ଅସହାୟ ଚିତ୍କାର, କର୍ମ ହରାଇ ଶହ ଶହ ମାଇଲ୍ ଚାଲି ଚାଲି ବାସଭୂମି ଖୋଜୁଥିବା ଶ୍ରମଜୀବୀଙ୍କ ଅନ୍ନ-ଆଶ୍ରୟ ପାଇଁ ହାହାକାର ଭିତରେ ପୃଥିବୀର ଏ ପ୍ରାନ୍ତରୁ ସେ ପ୍ରାନ୍ତ ସମାନ ପାଲଟିଯାଇଛି।

ଏପର୍ଯ୍ୟନ୍ତ କୌଣସି ଦେଶରେ କିଛି ଆତଙ୍କବାଦୀ କାର୍ଯ୍ୟ ହେଉଥିଲେ ସେ ଦେଶର ରାଜନେତାମାନେ ତାହା ପଛରେ ବିଦେଶୀ ଶକ୍ତିର ହାତ ଅଛି ବୋଲି ଅଭିଯୋଗ କରିଥିଲେ। କରୋନା ଭାଇରସ୍ କୋଭିଡ୍-୧୯ କ୍ଷେତ୍ରରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଖୋଲାଖୋଲି ଭାବରେ ଅଭିଯୋଗ କରିଥିଲେ ଯେ ଏହା ପଛରେ ଚୀନ୍‌ର ହାତ ରହିଛି। ଏହି ତତ୍ତ୍ୱକୁ ଆହୁରି ଅନେକ ଗବେଷକ ବିଶ୍ୱାସ କରୁଛନ୍ତି ଏବଂ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ଧରଣର ମାନସିକତା ପଛରେ ଚୀନ୍‌ର ଉଗ୍ର ସମ୍ରାଜ୍ୟବାଦ ବିସ୍ତାର ନୀତି ଥିବା ଅଭିଯୋଗ ରହିଛି। ଏହି ମହାମାରୀରେ ମୁହ୍ୟମାନ ଇଟାଲିର

ବିଶିଷ୍ଟ ଲେଖକ ଜି. ନିକୋଲାଜୋ ଏକ ଦୀର୍ଘ ପ୍ରବନ୍ଧରେ ଦର୍ଶାଇଛନ୍ତି ଯେ ତାଙ୍କ ଦେଶକୁ କିଛି କମ୍ୟୁନିଷ୍ଟ ଓ ଦୂରଦୃଷ୍ଟିହୀନ ରାଜନେତା ହିଁ ତଳିତଳାନ୍ତ କରିଦେଲେ । ନିକୋଲାକୋଙ୍କ ମତରେ କରୋନାରେ ଯେଉଁ ମହାବିପର୍ଯ୍ୟୟ ଘଟିଲା ତା'ର ଅୟମାରମ୍ଭ ଘଟିଥିଲା ୨୦୧୪ରୁ, ଯେତେବେଳେ ଫ୍ଲୁରେ ପୂର୍ବତନ ମେୟର ମାତେଓ ରେନ୍‌ଜି ଇଟାଲିର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କରି ବିବାଦୀୟ ନୀତି ଚୀନ୍‌ର ରିଏଲ୍ ଇଷ୍ଟେଟ୍ ବ୍ୟବସାୟୀମାନଙ୍କୁ ଇଟାଲିରେ ବ୍ୟବସାୟର ପସରା ମେଲିବାକୁ ଫାଟକ ଫିଟେଇ ଦେଇଥିଲା । ମାତ୍ର କେତୋଟି ବର୍ଷ ଭିତରେ ଇଟାଲିରେ ଚୀନ୍‌ର ପୁଞ୍ଜି ଲଗାଣ ପରିମାଣ ୫୨୦୦ କୋଟି ୟୁରୋକୁ ବଢ଼ିଯାଇଥିଲା ଏବଂ ଇଟାଲିର ୩୦୦ରୁ ଊର୍ଦ୍ଧ୍ୱ କମ୍ପାନିର ମାଲିକ ପାଲଟି ଯାଇଥିଲେ ଚୀନ୍‌ର କିଛି କର୍ପୋରେଟ୍ ବ୍ୟବସାୟୀ ।

କରୋନା ଭାଇରସ୍ ଆତଙ୍କଜନକ ଚେହେରାର ବଡ଼ କାରଣ ଏହାର ଚକ୍ରବୃଦ୍ଧି ସଂକ୍ରମଣ ହାର । ମଣିଷର ମସ୍ତିଷ୍କ ଯେଉଁ ଚକ୍ରବୃଦ୍ଧି ସୁଧ ହାରର ହିସାବ କରିବାକୁ ଅସମର୍ଥ ଏହି ବ୍ୟାଧି ତାହାଠାରୁ ସୁଦ୍ଧା ଅଧିକ ହାରରେ ସଂକ୍ରମଣ ପଞ୍ଝା ମେଲାଇପାରେ, ଏହା ହିଁ କରୋନା ବ୍ୟାଧିର ନିର୍ମମ ବିଶେଷତ୍ୱ । ଦ୍ୱିତୀୟ କାରଣ ଏ ରୋଗର ଚିକିତ୍ସା ଲାଗି ଏପର୍ଯ୍ୟନ୍ତ ଔଷଧ କିମ୍ବା ଟିକା ଉଦ୍ଭାବିତ ହୋଇନାହିଁ । ଏହି ପ୍ରକାର ଅସହାୟ ପରିସ୍ଥିତି ଯୋଗୁଁ ଆମେରିକା ପରି ଦେଶ ତା'ର ରୋଗୀମାନଙ୍କୁ ଭେଣ୍ଟିଲେଟର ଯୋଗାଇ ପାରିଲା ନାହିଁ । ଭାରତ ଏହି ବିବ୍ରତ ରାଷ୍ଟ୍ରଗୁଡ଼ିକ ଭିତରୁ ଅନ୍ୟତମ, ଯାହା ଏପର୍ଯ୍ୟନ୍ତ 'ଲକ୍‌ଡାଉନ୍' ଅବସ୍ଥାରେ ରହିଛି ଏବଂ ଏ ଅବସ୍ଥା ଆହୁରି କିଛି ମାସ ପର୍ଯ୍ୟନ୍ତ ରହିବ ବୋଲି ସରକାର ଘୋଷଣା କରିଛନ୍ତି ।

କରୋନା ବ୍ୟାଧି ଭୋଗର ଏହି ଦୁଃସମୟ କେବେ ଶେଷ ହେବ ସେ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଭାରତର ତଥା ବିଶ୍ୱର ଅର୍ଥଶାସ୍ତ୍ରୀମାନେ କରୋନା ପରବର୍ତ୍ତୀ ସମୟ ଏହାଠାରୁ ଭୟଙ୍କର ହେବ ବୋଲି ଚେତାବନୀ ପରେ ଚେତାବନୀ ଶୁଣେଇ ଚାଲିଛନ୍ତି । ଇତିମଧ୍ୟରେ ଏହାର ଦ୍ୱିତୀୟ ଲହର ଆସି ଚାଲିଯାଇଛି । ପ୍ରଥମ ଲହର ଠାରୁ ଦ୍ୱିତୀୟ ଲହର ଅଧିକ ଭୟଙ୍କର ଅନୁଭୂତ ହୋଇଥିବା ବେଳେ ଏବେ ତୃତୀୟ ଲହର କଥା କୁହାଯାଉଛି । କେହି ପୁଣି କହୁଛନ୍ତି ଏଇ ମାସ (ଜୁଲାଇ ୨୦୨୧) ପ୍ରଥମ ସପ୍ତାହରୁ କୋଭିଡ଼ର ତୃତୀୟ ଲହର ଆସିସାରିଲାଣି । ସମାଜଶାସ୍ତ୍ରୀମାନେ କହୁଛନ୍ତି ଯେ କରୋନା ଆଧୁନିକ ମଣିଷର ଜୀବନଶୈଳୀ କେବଳ ନୁହେଁ ଶିକ୍ଷାଠାରୁ ନେଇ ବ୍ୟବସାୟ ପର୍ଯ୍ୟନ୍ତ ବହୁ କ୍ଷେତ୍ରର ଢାଞ୍ଚା ବଦଳେଇଦେବ । ଆଗରୁ କିଛି ଦେଶରେ ବା ଅଳ୍ପ କେତେକ ସଂଭ୍ରାନ୍ତ ଏକ୍‌ଜିକ୍ୟୁଟିଭ୍ ଘରୁ ଥାଇ ଅଫିସ୍ କାମ (ୱାର୍କ ଫ୍ରମ୍ ହୋମ୍) କରଥିଲେ । ଏଣିକି ଏହା ଅବଶିଷ୍ଟ ଦପ୍ତରକୁ ସଂପ୍ରସାରିତ ହେବା ଅଧିକରୁ ଅଧିକ ଲୋକ ଘରୁ ଥାଇ ସେମାନଙ୍କର କାମ କରିବେ । କରୋନା ସମୟରେ ଆମେମାନେ ଲକ୍ଷ୍ୟ କରିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଭଳି ଭିଡିଓ ଇନ୍‌ଫରେନ୍‌ସିଂ ଜରିଆରେ ସାରା ଦେଶର ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରଣା କଲେ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ୍ ସହଯୋଗୀଙ୍କୁ ପରାମର୍ଶ ଦେଇଥିଲେ । ଏଭଳି ଗୋଟିଏ ଗୋଟିଏ ବୈଠକ ପାଇଁ ଆଗରୁ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଦିଲ୍ଲୀ ଯିବାକୁ ପଡୁଥିଲା ଏବଂ ଏଥିପାଇଁ ବହୁ ଶ୍ରମ ଓ ସମ୍ବଳର ବିନିଯୋଗ ପ୍ରୟୋଜନ ପଡୁଥିଲା । ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏ ପ୍ରକାର ପରିବର୍ତ୍ତନ ଦେଖିବାକୁ ମିଳୁଛି । କରୋନା ସମୟରେ ପବ୍ଲିକ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ତାଙ୍କ ସ୍କୁଲ୍ ଅନ୍‌ଲାଇନ୍ ଶିକ୍ଷା ଦେବାକୁ ଚେଷ୍ଟା କରିଥିଲା । ଆଇ.ଟି. ଓ ପ୍ରଯୁକ୍ତ ସେବା କ୍ଷେତ୍ରରେ ଏକଥା ବହୁ ଆଗରୁ ହେଲାଣି । ବିଭିନ୍ନ ବିକଶିତ ରାଜ୍ୟର ଟୋଲ୍‌ଗେଟ୍, ଏୟାରପୋର୍ଟ ଏବଂ ବାଣିଜ୍ୟିକ ସଂସ୍ଥାର କାଉଣ୍ଟରରୁ କର୍ମଚାରୀମାନେ ଉଭାନ୍ ହୋଇ ଚାଲିଛନ୍ତି । ସେସବୁ ଜାଗାରେ କମ୍ପ୍ୟୁଟରଗୁଡ଼ିକ ସବୁ କାମ କରୁଛନ୍ତି । ଯୋଉ ପ୍ରକାର ଟୋଲ୍‌ଗେଟ୍ ପାଇଁ ଭାରତରେ ୬୦ରୁ ୮୦ ଲୋକ ଆଜି ଦରକାର ହେଉଛନ୍ତି ଫ୍ରାନ୍‌ସର ସେହି ପ୍ରକାର ବଡ଼ ଟୋଲ୍‌ଗେଟ୍‌ରେ ଜଣେ ହେଲେ ମଣିଷ ଦିଶୁନାହାନ୍ତି । କୁଆଲାଲୁମ୍ପୁର ପରି ଛୋଟ ଦେଶର ଏୟାରପୋର୍ଟର ଚେକ୍‌ଇନ୍ କାଉଣ୍ଟରରେ ଆଉ ସ୍ମିତହସ ହସୁଥିବା ତରୁଣୀମାନଙ୍କୁ ଦେଖିବାକୁ ମିଳୁନାହିଁ । ସବୁ କାମ କମ୍ପ୍ୟୁଟର ଜରିଆରେ ହିଁ କରିବାକୁ ପଡ଼ିଲାଣି । ତେବେ ଯେଉଁ କ୍ଷେତ୍ରରେ ମେଧା ନୁହେଁ ଶାରୀରିକ ଶ୍ରମ ଦରକାର ସେ କ୍ଷେତ୍ରରେ ଶ୍ରମିକଙ୍କ ସହଯୋଗ ପ୍ରୟୋଜନ ପଡ଼ିବ । ଭାରତ ଭଳି ବିକାଶଶୀଳ ଦେଶରେ ସବୁ କଥା ରୋବର୍ଟ କରିପାରିବ ନାହିଁ । ଭାରତର ଗାଡ଼ି ଡ୍ରାଇଭରଠାରୁ ଡେଲିଭରି ବୟ, ପୋଷ୍ଟ୍‌ମ୍ୟାନ୍, ଘର ତିଆରି ଓ କୃଷିକର୍ମ ପରି କାର୍ଯ୍ୟରେ ଶ୍ରମିକମାନଙ୍କ ଉପସ୍ଥିତି ଲୋଡ଼ା ପଡ଼ିବ । ଓଡ଼ିଶାର କ୍ଷେତବାଡ଼ିରେ କାମ କରିବାଲାଗି ଶାରୀରିକ ପରିଶ୍ରମ ଓ ଶ୍ରମିକଙ୍କର ପ୍ରୟୋଜନକୁ ଏତେ ଶୀଘ୍ର ଏଡ଼ାଯାଇପାରିବ ନାହିଁ । ପୁଣି ଆମ ଦେଶରେ ଯେଉଁ ବିଶାଳ ଶ୍ରମିକ ବର୍ଗ ଅଛନ୍ତି ସେମାନଙ୍କ କର୍ମସଂସ୍ଥାନ ପାଇଁ ମଧ୍ୟ କର୍ମକ୍ଷେତ୍ର ଲୋଡ଼ା । ସେମାନଙ୍କ ସଂଖ୍ୟା କୋଟି କୋଟି । ନିକଟରେ ଏକ ଖବର ବାହାରିଥିଲା । ସରକାର ଲୋକଙ୍କୁ ବରାବର କହୁଛନ୍ତି, 'ଘରେ ରୁହ, ଘରେ ରୁହ ।' ଏହି ଖବରର ସାମ୍ବାଦିକ ପଚାରିଥିଲେ, 'ସରକାର ଜାଣନ୍ତି କି, ଦେଶର କେତେ ଲକ୍ଷ ଲୋକଙ୍କର ଘର ନାହିଁ ? ସେମାନଙ୍କ ପାଇଁ ଗଛମୂଳ, ପ୍ଲାଟ୍‌ଫର୍ମ, ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ ଓ ସମୁଦ୍ରକୂଳ ହେଉଛି ତାଙ୍କର ଘର । ସେଇ ସତର ଲକ୍ଷ ଲୋକ କରୋନା ସମୟରେ କେଉଁଠି ରହିବେ ?

ଭାରତର ମନୋରଞ୍ଜନ କ୍ଷେତ୍ର ଅନେକ ଦିନ ଆଗରୁ ଅନ୍‌ଲାଇନ୍ ବ୍ୟବସ୍ଥାକୁ ଆପଣେଇ ସାରିଛି । ଆଉ କୌଣସି ସଂଭ୍ରାନ୍ତ ବର୍ଗ ସିନେମା ହଲ୍‌କୁ ଯିବା ଦରକାର ପଡୁନାହିଁ । କରୋନା ସମୟରେ ଆଇନକ୍ସ ସିନେପଲିସ ପରି ମହଙ୍ଗା ପ୍ରେକ୍ଷାଳୟ ବନ୍ଦ ହୋଇଗଲା । ଏଭଳି କ୍ଷେତ୍ରରେ ନେଟ୍‌ଫ୍ଲିକ୍ସ, ଆମାଜନ ପରି ସଂସ୍ଥା ଗ୍ରାହକଙ୍କୁ ନିଜ ନିଜ ଘରେ ବସି ମନମୁତାବକ ଫିଲ୍ମ ସିରିଏଲ୍ ଦେଖିବାର ସୁଯୋଗ ଦେଉଛି । ଲୋକମାନଙ୍କୁ ବାହାରକୁ ଯିବା ଦରକାର ନାହିଁ । ଅନ୍‌ଲାଇନ୍‌ରେ ଖାଦ୍ୟ, ଔଷଧ, ଅନ୍ୟାନ୍ୟ ଜିନିଷ ତ ମିଳିବା ଆରମ୍ଭ ହୋଇଯାଇଥିଲା, ଅବଶିଷ୍ଟ କ୍ଷେତ୍ରକୁ ସୁଦ୍ଧା ଏହା ବ୍ୟାପିବାରେ ଲାଗିବ ।

ଏହି ପରିପ୍ରେକ୍ଷୀରେ ସାମାଜିକ ସମ୍ପର୍କ, ଦୈନନ୍ଦିନ ଜୀବନଚର୍ଯ୍ୟା, ସମ୍ପର୍କର ପରିଭାଷା ମଧ୍ୟ ବଦଳିବାକୁ ବାଧ୍ୟ । ସ୍ପାନିଶ୍ ଫ୍ଲୁ ସମୟରେ ବୟସ୍କମାନେ ଆଜିପରି ଉପେକ୍ଷିତ ମନେ କରି ନ ଥିଲେ । କାରଣ ଅସହାୟଙ୍କୁ ସାହାଯ୍ୟ କରିବା ମଣିଷର ଧର୍ମ, ଏହି ମୂଲ୍ୟବୋଧ ସେତେବେଳେ ବିପନ୍ନ ହୋଇ ନ ଥିଲା । ମାତ୍ର କରୋନା ଜଣେ ମଣିଷକୁ ଅନ୍ୟ ଜଣର ଶତ୍ରୁ ବା ପ୍ରତିପକ୍ଷ କରି ଠିଆ କରାଇଦେଲା । ବିଶ୍ୱାସର ଏହି ସଂକଟ ଦୂର ହେବା ଖୁବ୍

କଷ୍ଟକର । କାରଣ ମଣିଷ ହୃଦୟର ଆହ୍ୱାନ ଅପେକ୍ଷା ମସ୍ତିଷ୍କର ଚେତାବନୀ ଦ୍ୱାରା ବେଶି ପରିଚାଳିତ ହେବ । ଏହିସବୁ ଦିଗ ପ୍ରତି ଦୃଷ୍ଟିଦେଇ ଭାରତର ଅର୍ଥଶାସ୍ତ୍ରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ ପୃଥିବୀ ଯେମିତି ଭୟଙ୍କର ଅର୍ଥନୈତିକ ପରିସ୍ଥିତିର ସମ୍ମୁଖୀନ ହେବ ଭାରତ ମଧ୍ୟ ଅନୁରୂପ ପରିସ୍ଥିତିର ସାମ୍ନା କରିବ । ଏହାର ଅର୍ଥନୀତି ୩୦ ବର୍ଷ ତଳକୁ ଫେରିଯିବ । କିନ୍ତୁ ଏହି ଭୟଙ୍କର ପରିସ୍ଥିତିରେ ସୁଦ୍ଧା ଭାରତୀୟ ଆସ୍ଥା ପରାଜୟକୁ ସ୍ୱୀକାର କରିପାରିନାହିଁ । ସଂଖ୍ୟାନ୍ୟୂନ ଏହି ସମାଜଶାସ୍ତ୍ରୀମାନେ କହିଛନ୍ତି, ମଣିଷ ସଭ୍ୟତା ଏ ପ୍ରକାର ବିପର୍ଯ୍ୟୟରୁ ବହୁକଥା ଶିକ୍ଷା କରିଥାଏ । ନିଜର ପରାକାଷ୍ଠା ଓ ସାମର୍ଥ୍ୟର ପ୍ରମାଣ ପାଇଁ ସମୟେ ସମୟେ ଏଭଳି ସଙ୍କଟର ପ୍ରୟୋଜନ ପଡ଼ିଥାଏ ବୋଲି କିରିଲ୍ ମାର୍ଟିନୋଭ୍‌ଙ୍କ ପରି ସାମ୍ବାଦିକଙ୍କ ବକ୍ତବ୍ୟ ସହ ସେମାନେ ସ୍ୱର ମିଳାଇଛନ୍ତି । ସେମାନେ ଏକଥା ମଧ୍ୟ କହିଛନ୍ତି ଯେ, କରୋନା ପରି ବିପର୍ଯ୍ୟୟ ସମୟରେ ରାଷ୍ଟ୍ରନେତା, ଧର୍ମଶାସ୍ତ୍ରୀ ଏବଂ ଚିନ୍ତାନାୟକମାନଙ୍କର କର୍ତ୍ତବ୍ୟ ହେଉଛି, ଏହି ଭାଇରସ୍ କିଭଳି ଆମର ଗଣତନ୍ତ୍ରର ଶ୍ୱାସନଳୀକୁ ଅବରୁଦ୍ଧ କରି ନ ଦିଏ ସେଥିପ୍ରତି ଧ୍ୟାନ ଦେବା । ସାମାଜିକ ଗଣମାଧ୍ୟମରେ ଜଣେ ଭାରତୀୟ କହିଛନ୍ତି, "ବିଶାରଦମାନେ ଭବିଷ୍ୟବାଣୀ କରୁଛନ୍ତି ଯେ କରୋନା ଯୋଗୁଁ ଅର୍ଥନୀତି ଭୁଶୁଡ଼ି ପଡ଼ିବ । ମୁଁ ଏହି ବିଶାରଦମାନଙ୍କ ସମ୍ପର୍କରେ ବେଶି କିଛି ଜାଣେ ନାହିଁ, ମାତ୍ର ଏକଥା ମୁଁ ନିଶ୍ଚିତ ଭାବେ ଜାଣେ ଯେ ସେମାନେ ମଣିଷର ସଂକଳ୍ପ ଏବଂ ନିଷ୍ଠା ସମ୍ପର୍କରେ ବିଶେଷ କିଛି ଜାଣନ୍ତି ନାହିଁ । ଯଦି ବିଶାରଦମାନଙ୍କ ଭବିଷ୍ୟବାଣୀ ସତ ହୋଇଥାଆନ୍ତା ତାହାହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନ ପାଉଁଶଗଦା ଭିତରୁ ଉଠି ଛିଡ଼ା ହୋଇ ନ ଥାନ୍ତା । ମାତ୍ର ଏହି ଜାପାନ ମାତ୍ର ତିନି ଦଶନ୍ଧି ଭିତରେ ସଦର୍ପରେ ଛିଡ଼ା ହୋଇଥିଲା ଓ ଆମେରିକାକୁ ମଧ୍ୟ ବଜାର ଅର୍ଥନୀତିରେ କନ୍ଦେଇ ଦେଇଥିଲା । ଭବିଷ୍ୟତ ସମ୍ପର୍କରେ ବିଶାରଦମାନଙ୍କର ଯୁକ୍ତି ସତ୍ୟ ହୋଇଥିଲେ ଇସ୍ରାଏଲ୍ ଆରବ ଶକ୍ତି ଦ୍ୱାରା ନିଶ୍ଚିହ୍ନ ହୋଇଯାଇଥାଆନ୍ତା, ମାତ୍ର ବାସ୍ତବତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏରୋଡାଇନାମିକ୍ସର ନିୟମ ଅନୁସାରେ ବାଘୁଆ ମହୁମାଛି (Bumble Bee) ଆଦୌ ଉଡ଼ିପାରିବା କଥା ନୁହେଁ । ମାତ୍ର ବାଘୁଆ ମହୁମାଛି ସେ ନିୟମ ଜାଣି ନ ଥିବାରୁ ଆଜି ବି ଉଡ଼ିପାରୁଛି । ବିଶାରଦମାନଙ୍କ ଭବିଷ୍ୟବାଣୀ ଅନୁସାରେ ଭାରତ ୧୯୮୩ର କ୍ରିକେଟ୍ ବିଶ୍ୱକପ୍ ଜିଣି ପାରି ନ ଥାନ୍ତା କି ଆମେରିକୀୟ ମହିଳା ଉଇଲ୍‌ମା ରୁଡଲଫ୍ ଚାରି ଚାରିଥର ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିଣି ପାରି ନ ଥାନ୍ତେ । ବିଶାରଦମାନଙ୍କ କଥା ସତ ହୋଇଥିଲେ ପାଦ ହରାଇ ଚାଲିବାକୁ ଅକ୍ଷମ ଅରୁଣିମା ସିହ୍ନା ଏଭେରେଷ୍ଟ ଶୃଙ୍ଗ ଆରୋହଣ କରିପାରି ନ ଥାନ୍ତେ ।'' ଏହି ଭାରତୀୟଙ୍କ ମତରେ କରୋନା ସଂକଟ ମଣିଷ ସମାଜ ପାଇଁ ସେହିଭଳି ଏକ ବିରାଟ ସଂକଟ । ମାତ୍ର ଏହା ସତ୍ତ୍ୱେ ମଣିଷ ଅବଶେଷରେ ଜିଣିବ ଏବଂ ଭାରତର ଅର୍ଥନୀତି ପୁଣିଥରେ ତା'ର ପୂର୍ବ ଅବସ୍ଥାକୁ ଫେରିଆସିବ । ଏହି ବିପର୍ଯ୍ୟୟର ବଡ଼ ଲାଭ ହେବ ଯେ ଏପର୍ଯ୍ୟନ୍ତ ଅବହେଳାର ଶିକାର ହୋଇ ଆସୁଥିବା ସ୍ୱାସ୍ଥ୍ୟକ୍ଷେତ୍ର ଉଚିତ ଧ୍ୟାନ ପାଇବ ଏବଂ ସମଗ୍ର ଦେଶରେ ସ୍ୱାସ୍ଥ୍ୟସେବା ବିକଶିତ ହେବ । ଅନୁରୂପ ଭାବରେ କୋଭିଡ୍ ପରି ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି ମଧ୍ୟ ଏକ ବଡ଼ ଉପଲବ୍ଧି । ଆମକୁ ମନେ ରଖିବାକୁ ହେବ ଯେ 'ମଣିଷର ସୃଷ୍ଟି ପରାଜୟ ପାଇଁ ନୁହେଁ ।'


'ଅନୁଭବ''
୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର- ୭୫୧୦୦୩
E-mail: gourahari60@gmail.com
Mob. : 9437077288




# ସଂକଟ ଓ ସମୃଦ୍ଧି

*ଡ. ଫକୀର ମୋହନ ସାହୁ*

ସଂକଟ ଓ ସମୃଦ୍ଧିର ସହାବସ୍ଥାନ ଆପାତତଃ ଅବିଶ୍ୱାସ୍ୟ ମନେହୁଏ। ମାତ୍ର ଏ ସ୍ଥୂଳ ଧାରଣାର ଉର୍ଦ୍ଧ୍ୱକୁ ଯାଇ ସୂକ୍ଷ୍ମ ବିଶ୍ଲେଷଣ କଲେ ହୃଦ୍‌ବୋଧ ହୁଏ ଯେ, ଏ ଦୁଇଟିର ସହାବସ୍ଥାନ କେବଳ ସମ୍ଭବପର ନୁହେଁ, ବହୁ କ୍ଷେତ୍ରରେ ସଂକଟ ହିଁ ସମୃଦ୍ଧିର କାରଣ ହୋଇଥାଏ। ଦୁର୍ଗତିରେ ମଣିଷ ପ୍ରଗତିର ସ୍ୱପ୍ନ ଦେଖେ, ଦୁର୍ଦ୍ଦିନରେ ସୁଦିନର କଳ୍ପନା କରେ ଏବଂ ବିପଦର ତାଡନା ମଧ୍ୟରେ ସଂପଦର ଅନ୍ୱେଷଣ କରେ।

ଏ ଅବିଶ୍ୱାସ୍ୟ ପରିଣତିର କ୍ଷେତ୍ର ଏକ କିମ୍ବା କାଳ୍ପନିକ ନୁହେଁ। ପ୍ରଥମେ ଜ୍ଞାନ ଜଗତରେ ସଂଘଟିତ ହେଉଥିବା ପଦ୍ଧତିଗତ ସମସ୍ୟା (PARADIGM CRISIS) ଏବଂ ପଦ୍ଧତି ରୂପାନ୍ତର (PARADIGM SHIFT) କଥା ବିଚାର କରାଯାଉ। ଥମାସ କୁନ୍ (Thomas Kuhn) ନାମକ ଜଣେ ପଦାର୍ଥ ବିଜ୍ଞାନୀ ଜ୍ଞାନରାଜ୍ୟର ପରିବର୍ତ୍ତନ ଲକ୍ଷ୍ୟକରି ଦୁଇଟି ଚିନ୍ତାଗର୍ଭକ ପୁସ୍ତକ ଲେଖିଛନ୍ତି। ପୁସ୍ତକ ଦୁଇଟିର ଶିରୋନାମା ହେଉଛି ESSENTIAL TENSION ଏବଂ STRUCTURE OF SCIENTIFIC REVOLUTION.

କୁନ୍ ଯୁକ୍ତି କରନ୍ତି ଯେ ମନୁଷ୍ୟ ତା'ର ପ୍ରଚଳିତ ଅସୁବିଧାକୁ ସ୍ୱୀକାର କରିନିଏ। କିନ୍ତୁ ସ୍ୱାଭାବିକ ଜୀବନଯାତ୍ରାରେ ଏପରି ଏକ ସମସ୍ୟା ଉପୁଜେ, ଯେଉଁ ସମସ୍ୟାଟି ପୂର୍ବ ପ୍ରଚଳିତ ପଦ୍ଧତିରେ ସମାଧାନ ହୋଇ ନଥାଏ। ଧରାଯାଉ ଗୋଟିଏ ସମୟରେ ମଣିଷ ବିଶ୍ୱାସ କରୁଥିଲା ଯେ ପୃଥିବୀ ସମତଳ ଏବଂ ଏପରି ଧାରଣା ନେଇ ସେମାନେ ନୌଯାତ୍ରା କରୁଥିଲେ। କିନ୍ତୁ ସମୟ ସମୟରେ ଦେଖାଗଲା ଯେ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାର ଯୋଜନା କଲେ ମଧ୍ୟ ପୃଥକ୍ ଏକ ସ୍ଥାନରେ ପହଞ୍ଚି ଯାଉଛନ୍ତି। କାହିଁକି ପୂର୍ବାନୁମାନରେ ଏମିତି ତ୍ରୁଟି, ଏହା ବିଜ୍ଞାନୀମାନଙ୍କ ମନରେ ଗଭୀର ମାନସିକ ଚାପ ସୃଷ୍ଟିକଲା। ଏହି ମାନସିକ ଚାପର ଶରବ୍ୟ ହୋଇ ସେମାନେ ଅଧିକରୁ ଅଧିକ ଅନ୍ୱେଷଣ କଲେ। ପରିଶେଷରେ ସେମାନେ ଆବିଷ୍କାର କଲେ ଯେ ପୃଥିବୀର ଆକାର ଗୋଲାକୃତି। ସେହିପରି ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ଏହାର ଚତୁଃପାର୍ଶ୍ୱରେ ଘୂରୁଛି, ଏପରି କଳ୍ପନା ନେଇ କିଛି କାରବାର ଚଳିଯାଉଥିଲା। ମାତ୍ର ଏପରି ତ୍ରୁଟିପୂର୍ଣ୍ଣ ବିଶ୍ୱାସ କେତେକ ଜଟିଳତା ସୃଷ୍ଟି କରିବାରୁ ସୂର୍ଯ୍ୟର ସ୍ଥିରତା ଓ ପୃଥିବୀର ଗତିଶୀଳତାର ନୂଆ ତଥ୍ୟ ସ୍ୱୀକୃତି ଲାଭକଲା।

ବିଜ୍ଞାନରାଜ୍ୟରେ ଏକ ବିରାଟ ବିସ୍ମୟ ହେଉଛି କ୍ୱାଣ୍ଟମ୍ ମେକାନିକ୍ସ। ବସ୍ତୁର କ୍ଷୁଦ୍ରତମ ଅଂଶ ଅଣୁ ପରମାଣୁ ଯେ ପୁନଶ୍ଚ କ୍ଷୁଦ୍ରତର କରାଯାଇପାରେ, ଏହା ସମ୍ଭାବନାର ପରିସରକୁ ନଆସିବା ପର୍ଯ୍ୟନ୍ତ ବସ୍ତୁର ଗତି ବୁଝାଇବା ପାଇଁ ନିଉଟନଙ୍କ ନିୟମ ପ୍ରୟୋଗ କରାଯାଉଥିଲା। ମାତ୍ର ପରମାଣୁଠାରୁ ଆହୁରି କ୍ଷୁଦ୍ରତର ପ୍ରୋଟନ୍ ନିଉଟ୍ରନ୍ ଏବଂ ଇଲେକ୍‌ଟ୍ରନର ପରିକଳ୍ପନା ଆସିବାପରେ ଜ୍ଞାନରାଜ୍ୟରେ ପୁନର୍ଗଠନର ଆବଶ୍ୟକତା ଅନୁଭୂତ ହେଲା। ପୁନଶ୍ଚ କ୍ୱାଣ୍ଟମ୍ ତଥ୍ୟ ଅନୁଯାୟୀ ପ୍ରମାଣିତ ହେଲା ଯେ, ଇଲେକଟ୍ରନ୍ ଓ ପ୍ରୋଟନ୍ ଘନପଦାର୍ଥ ନୁହେଁ। ସେଗୁଡିକ କେବଳ ଶକ୍ତିକଣିକାର କମ୍ପନ ମାତ୍ର। ଏପରି ସବୁ ଆବିଷ୍କାର ପରେ ପଦାର୍ଥବିଜ୍ଞାନର ନୀତିନିୟମ ନୂତନ ରୂପରେଖ ନେଲା। ସ୍ଥୂଳତଃ ଜ୍ଞାନବିଜ୍ଞାନ ରାଜ୍ୟରେ ସମସ୍ୟାକୁ ଝୁଣ୍ଟି ପଡିବାର ପ୍ରକ୍ରିୟାରେ ଅନୁସନ୍ଧାନ ତୀବ୍ରତର ରୂପ ନେଇଛି ଏବଂ ଏହାର ପରିଣତି ସ୍ୱରୂପ ନୂତନ ତଥ୍ୟ ନୂତନ ସମାଧାନର ମାର୍ଗ ଉନ୍ମୋଚିତ ହୋଇଛି।

ଆଜି ମନୁଷ୍ୟ କରୋନା ପରି ମହାମାରୀ-ଜନିତ ମହାଭୀତିର ଶିକାର ହୋଇଥିବା ସମୟରେ ଯେଉଁ ପ୍ରଶ୍ନଟି ସବୁଠାରୁ ଗଭୀର ଆଲୋଡନ ସୃଷ୍ଟିକରିଛି ତାହା ହେଉଛି କ'ଣ ହେବ ଭବିଷ୍ୟତର ରୂପରେଖ ? ମଣିଷ ଏହି ବିପଦରୁ ମୁକୁଳି ପାରିବ ତ ? ଜୀବନଯାତ୍ରା ପୁନଶ୍ଚ ସ୍ୱାଭାବିକ ହେବ ତ ? ଆମର ଉତ୍ତର-ପୁରୁଷ ଆଶା ଆଉ ବିଶ୍ୱାସର ସ୍ୱପ୍ନ ଦେଖିବେ ତ ? ଅତୀତରେ ଘଟିଯାଇଥିବା ମହାବିପର୍ଯ୍ୟୟ ବିଶ୍ଲେଷଣ କଲେ ହୃଦ୍‌ବୋଧ ହେବ ଯେ ନିରାଶାର ବାଦଲ କ୍ରମପ୍ରସାରିତ ହେଉଥିଲେ ମଧ୍ୟ ଅନ୍ତରାଳରେ ଆଶାବାଦର ସୂର୍ଯ୍ୟରଶ୍ମି ସକ୍ରିୟ ରହିଛି।

**ଟ୍ରମା-ପରବର୍ତ୍ତୀ ବିପର୍ଯ୍ୟୟ**

ଜୀବନକୁ ସୁନ୍ଦର ଓ ବିଶ୍ୱକୁ କମନୀୟ କରିବାର ସକଳ ପ୍ରଚେଷ୍ଟା ସତ୍ତ୍ୱେ ବେଶ୍ କିଛି ଲୋକଙ୍କର ଜୀବନ ଦୁର୍ବିସହ ହୋଇଉଠେ। ବିଭୀଷିକାର ଭୟାନକ ରୂପ ଜୀବନର ସୁଖଶାନ୍ତି ଛଡାଇନେଇ ଯନ୍ତ୍ରଣାର ନାଗଫାଶରେ ବାନ୍ଧିଦିଏ। ଏ ବିଭୀଷିକା ପୃଥକ୍ ପୃଥକ୍ ରୂପନେଇ ଭିନ୍ନ ଭିନ୍ନ ଲୋକମାନଙ୍କ ପାଖକୁ ଆସେ। କେତେବେଳେ ଆକସ୍ମିକ ଦୁର୍ଘଟଣାର ରୂପ ନିଏ ତ କେତେବେଳେ ରାସ୍ତା ପାର୍ଶ୍ୱରେ ଜଘନ୍ୟ ଅପରାଧର ଶିକାର ବନାଏ। କିଛି ବ୍ୟକ୍ତି ଏପରି ବିପଦର ସମ୍ମୁଖୀନ ହେବା ସ୍ଥଳେ ଅନ୍ୟକେହି ପାରିବାରିକ

ନିର୍ଯ୍ୟାତନାର ଶରବ୍ୟ ହୋଇ ଦୁଃଖୀ ହୁଅନ୍ତି। ପୁଣି ଅନ୍ୟକେହି ଦୁରାରୋଗ୍ୟ ପୀଡା କବଳରେ ପଡି ନିଜେ ଅସ୍ଥିର ହେବା ସଙ୍ଗେସଙ୍ଗେ ପରିବାର ବର୍ଗଙ୍କୁ ଉତ୍ପୀଡିତ କରିଥାନ୍ତି।

ବିଭୀଷିକା କେବଳ ଯେ ବ୍ୟକ୍ତିଗତ ସ୍ତରରେ ଯନ୍ତ୍ରଣା ସୃଷ୍ଟି କରିଥାଏ ତାହା ନୁହେଁ। ପ୍ରାକୃତିକ ଦୁର୍ବିପାକରେ ତାଣ୍ଡବଲୀଳା ଗୋଷ୍ଠୀଗତ ଜୀବନରେ ବିପର୍ଯ୍ୟୟ ସୃଷ୍ଟିକରି ଯନ୍ତ୍ରଣାର ଗଭୀର ଛାପ ଆଣିଦିଏ। ୧୯୯୯ ମସିହାରେ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅକ୍ଟୋବର ମାସରେ ଘଟିଯାଇଥିବା ମହାବାତ୍ୟାର ପ୍ରଳୟଙ୍କାରୀ ରୂପ ଏବେ ବି ଅସ୍ପଷ୍ଟ ହୋଇନାହିଁ। ଲକ୍ଷ ଲକ୍ଷ ଲୋକମାନଙ୍କର ଜୀବନରେ କାରୁଣ୍ୟର ଦାଗ ଛାଡିଦେଇଥିବା ଏହି ବିଭୀଷିକାର ପ୍ରଭାବ କଳ୍ପନା କରିବା ସହଜ ନୁହେଁ। ଆବାଳବୃଦ୍ଧବନିତା ସମସ୍ତେ ମହାବାତ୍ୟାର ଶରବ୍ୟ ହୋଇଥିଲେ ମଧ୍ୟ ବେଶ୍ କିଛି ସଂଖ୍ୟକ ଲୋକଙ୍କର ଦାରୁଣ କ୍ଷତି ସେମାନଙ୍କୁ ଉତତ୍ରାସର (TRAUMA) ବଳୟ ଭିତରକୁ ଟାଣି ନେଉଥିଲା। ମା' ନିଃସହାୟ ହୋଇ ଠିଆ ହୋଇଥିବା ବେଳେ ସମୁଦ୍ର ଜୁଆରରେ ତା'ର ଶିଶୁସନ୍ତାନର ଶବ ଏବଂ ପିଲାମାନଙ୍କର ଆର୍ତ୍ତଚିତ୍କାର ମଧ୍ୟରେ ପିତାମାତା ଭାଙ୍ଗିପଡୁଥିବା ବିରାଟ ବୃକ୍ଷତଳେ ଚାପି ହୋଇଯିବାର ଭୟାନକ ପରିଣତି ଏହି ଟ୍ରମାର ଅଂଶବିଶେଷ। ମହାବିପର୍ଯ୍ୟୟର ଅନୁଭବ ଫଳରେ ମାନସିକ ଶକ୍ତିର ବିଲୟ ଘଟି ଏକ ବିଶେଷ ଧରଣର ମାନସିକ ବିକୃତି ସୃଷ୍ଟିହୁଏ। ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଏହାକୁ ଟ୍ରମା-ପରବର୍ତ୍ତୀ ବିକୃତି (Post-Traumatic Stress Syndrome ବା PTSD) ଆଖ୍ୟା ଦେଇଛନ୍ତି।

ସୁନାମୀ ସମେତ ବିଭିନ୍ନ ପ୍ରାକୃତିକ ଦୁର୍ବିପାକର ପୁନରାବୃତ୍ତି ଫଳରେ ଉତତ୍ରାସ-ପରବର୍ତ୍ତୀ ମାନସିକ ବିକୃତି ବା ଚଞ୍ଝଊ ପରିଭାଷା ସହିତ ଏବେ ବହୁଲୋକ ପରିଚିତ। ସୁତରାଂ ଏଠାରେ ତାହାର ବର୍ଣ୍ଣନା ଦିଆ ଯାଉନାହିଁ। କେବଳ ସଂକ୍ଷେପରେ କୁହାଯିବ ଯେ ବିପର୍ଯ୍ୟୟ ସମୟରେ ବ୍ୟକ୍ତି ପ୍ରଥମେ ସ୍ତମ୍ଭୀଭୂତ ହୋଇଥାଏ, ତାପରେ ଗଭୀର ଭାବରେ ଭୟଭୀତ ହୁଏ ଏବଂ ପରେ ପରେ କ୍ରୋଧାନ୍ୱିତ ହୁଏ। ଆବେଗର ପ୍ରଭାବରେ ଶରୀରମଧ୍ୟସ୍ଥ କ୍ରିୟାକଳାପ ଏକ ଜରୁରୀକାଳୀନ ରୂପ (ଯଥା: ଦ୍ରୁତ ହୃତ୍ସ୍ପନ୍ଦନ) ନିଏ। ବ୍ୟକ୍ତି କିଛି କରିବାକୁ ଚେଷ୍ଟା କରେ। ମାତ୍ର ପରିଣତି ସମ୍ପୂର୍ଣ୍ଣ ନିୟନ୍ତ୍ରଣହୀନ ହୋଇଥିବାରୁ ପରମୁହୂର୍ତ୍ତରେ ଅବଶ ହୋଇପଡେ।

ସାଧାରଣତଃ ଲକ୍ଷ୍ୟ କରାଯାଏ ଯେ ଟ୍ରମାର ଶରବ୍ୟ ହୋଇଥିବା ବ୍ୟକ୍ତିମାନେ ଗୋଟିଏ ସପ୍ତାହରୁ ମାସେ ପର୍ଯ୍ୟନ୍ତ ମାତ୍ରାଧିକ ଭୟଭୀତ ଅବସ୍ଥାରେ ରୁହନ୍ତି। ମାସକପରେ ବ୍ୟକ୍ତି ଏକ କିଂକର୍ତ୍ତବ୍ୟମୂଢ (Confused) ଅବସ୍ଥାକୁ ଆସେ। ଗୋଳମାଳିଆ ଚିନ୍ତା ମନରେ ପ୍ରବେଶ କରେ। ସାମାଜିକ ସଂସର୍ଗ ଦୁର୍ବଳ ରହିଥାଏ। କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଗୋଟିଏ ମାସ ପରେ ମଧ୍ୟ ଭୟ ଓ କ୍ରୋଧ ରହିଥାଏ। ଅନ୍ୟ କେତେକ କ୍ଷେତ୍ରରେ ଭାବାବେଗ କମିଯାଇ ସ୍ୱାଭାବିକ ଅବସ୍ଥାକୁ ଗତି କରୁଥିବାର ସୂଚନା ମିଳୁଥିଲେ ମଧ୍ୟ ଛ'ମାସ ପରେ ପୁଣି ତୀବ୍ରତା ପ୍ରକାଶ ପାଏ।

ଟ୍ରମା ପରବର୍ତ୍ତୀ ଲକ୍ଷଣ ଖୁବ୍ ଜଟିଳ। ଘଟଣାର ପ୍ରଥମ ଛ'ମାସ ହେଉଛି ପ୍ରଥମ ପର୍ଯ୍ୟାୟ; ଏହା ତୀବ୍ର ଅନୁଭବର ପର୍ଯ୍ୟାୟ। ପରବର୍ତ୍ତୀ ସମୟ ହେଉଛି (ପ୍ରଥମ ଛ'ମାସ ପରେ) ଅନୁଭବହୀନ (Numbing) ପର୍ଯ୍ୟାୟ। ବ୍ୟକ୍ତି ଏକାକୀ ରହିବାକୁ ଚାହେଁ; ଅନ୍ୟମାନଙ୍କଠାରୁ ଦୂରେଇ ରହିବାକୁ ପସନ୍ଦକରେ। ବିଷାଦଗ୍ରସ୍ତ ହୋଇପଡେ। ବାହାରର ଘଟଣାସବୁ ତା'ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରୁଛି ବୋଲି ମନେ ହେଉ ନଥିବାରୁ ଏ ସ୍ତରକୁ ଅନୁଭବବିହୀନ କୁହାଯାଇଛି।

ଭୟ ଓ କ୍ରୋଧ ଦୀର୍ଘଦିନ ଧରି ଶରୀରରେ ତିଷ୍ଠିରହିବା ସମ୍ଭବ ନୁହେଁ। ମସ୍ତିଷ୍କ ମଧ୍ୟ ଦୀର୍ଘଦିନ ଧରି ଏହାକୁ ଗ୍ରହଣ କରିପାରେ ନାହିଁ। ସେହି କାରଣରୁ ବ୍ୟକ୍ତିର ମନ ଓ ଶରୀର ପ୍ରତିକ୍ରିୟାଶୀଳତା ଦର୍ଶାଇବା କମାଇ ଦିଅନ୍ତି। ବାହ୍ୟ ଉଦ୍ଦୀପକ ବ୍ୟକ୍ତିର ପରିସର ମଧ୍ୟରେ ରହିଲେ ମଧ୍ୟ ସେସବୁ ପ୍ରତିକ୍ରିୟା ସୃଷ୍ଟି କରିପାରନ୍ତି ନାହିଁ। ବ୍ୟକ୍ତି ସାମାଜିକ ସଂସର୍ଗ ତ୍ୟାଗକରେ।

ମୁଖ୍ୟତଃ ମହାଭୀତି ପରବର୍ତ୍ତୀ ଅସ୍ୱାଭାବିକ ଲକ୍ଷଣସବୁ ତିନି ପ୍ରକାର ହୋଇଥାଏ। ପ୍ରଥମ ଲକ୍ଷଣ ଶାରୀରିକ। ବ୍ୟକ୍ତି ଅନାବଶ୍ୟକ ଭାବେ ଅତି ସଚେତନ (Hyper vigilant) ରୁହେ। ଶବ୍ଦ ନଥାଇ ମଧ୍ୟ ସେ ଚମକିପଡେ। ନିରାପତ୍ତା ନେଇ ଚିନ୍ତିତ ରହୁଥିବାରୁ ଅତିଜାଗରଣଶୀଳ ଅବସ୍ଥାରେ ରହିଥାଏ। ଗଛରୁ ପତ୍ରଟିଏ ପଡିଲେ କିମ୍ବା କେହି ଛୁଇଁଦେଲେ ସେ ଚମକିପଡେ। ନିଦ୍ରାଜନିତ ଅସୁବିଧା ଅନୁଭୂତ ହୁଏ। ସ୍ମରଣଶକ୍ତି ହ୍ରାସପାଏ। ଏକାଗ୍ରତାର ଅଭାବ ଘଟେ। ଏସବୁ ଶାରୀରିକ ଲକ୍ଷଣ ବ୍ୟତୀତ ଆଉ କେତେକ ରୋଧକ (Intrusive) ଲକ୍ଷଣ ପ୍ରକାଶପାଏ। ଭୟଙ୍କର ସ୍ୱପ୍ନ ଦେଖି ନିଦ ଭାଙ୍ଗିଯାଏ। ଭୟପ୍ରଦ ଚିନ୍ତା ସବୁ ମନକୁ ଆବୋରି ବସେ। ଅତୀତର ଦୁଃଖଦ ଘଟଣାର ପୂର୍ବ ଚିତ୍ରପଟ (Flashback) ଉଦ୍‌ଭାସିତ ହୋଇ ମନକୁ ଅସ୍ଥିର କରେ। ଆତ୍ମଗ୍ଲାନି (ମୁଁ କାହିଁକି ବଞ୍ଚିରହିଛି ?) ବ୍ୟକ୍ତିକୁ ବ୍ୟଥିତ କରେ। ତୃତୀୟ ଧରଣର ଲକ୍ଷଣସବୁ ସଂସର୍ଗ ବର୍ଜନ ଲକ୍ଷଣ। ବ୍ୟକ୍ତି କେବଳ ସାମାଜିକ ସଂସର୍ଗ ତ୍ୟାଗକରେ ନାହିଁ; ଅନ୍ୟର ସୁଖଦୁଃଖରେ ନିଜର ସୁଖଦୁଃଖ ପ୍ରକାଶ କରିବାର ସାମର୍ଥ୍ୟ ହରାଏ। ଆଗ୍ରହ ସୀମିତ ରୁହେ। ଅନନ୍ଦ ନିରାନନ୍ଦ ପକାଶ ସୀମାବଦ୍ଧ ହୁଏ।

ମୂଳତଃ ମହାବିପର୍ଯ୍ୟୟ ପରବର୍ତ୍ତୀ ଲକ୍ଷଣସବୁ ଶାରୀରିକ, ରୋଧକ ଏବଂ ସାମାଜିକ ସଂସର୍ଗ ବର୍ଜନର ରୂପନେଇ ପ୍ରକାଶ ପାଏ। ସ୍ୱାଭାବିକ ଜୀବନଯାପନ କରୁଥିବା ବ୍ୟକ୍ତି ତୁଳନାରେ ଟ୍ରମାରେ ଶରବ୍ୟ ହୋଇଥିବା ପିଲା ଓ ବ୍ୟକ୍ତିବିଶେଷ ମାତ୍ରାଧିକ ପରିମାଣରେ ଅସ୍ୱାଭାବୀ ବ୍ୟବହାର ଦର୍ଶାଉଥିବାରୁ ଏସବୁ ଲକ୍ଷଣକୁ ଟ୍ରମା-ପରବର୍ତ୍ତୀ ବିକୃତି (PTSD) ପର୍ଯ୍ୟାୟଭୁକ୍ତ କରାଯାଉଛି।

**ଟ୍ରମା-ପରବର୍ତ୍ତୀ ବିକାଶ**

ପୂର୍ବ ଆଲୋଚନାରେ ସୂଚନା ଦିଆଯାଇଛି ଯେ ଉତତ୍ରାସ (ଟ୍ରମା) ସମୟରେ ଲୋକମାନଙ୍କର ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିତ ବିଶ୍ୱାସବୋଧ ମଧ୍ୟ ବିପର୍ଯ୍ୟସ୍ତ ହୁଏ। ନିଜର ସାମର୍ଥ୍ୟ ସଂପର୍କରେ, ଏକ ନ୍ୟାୟପୂର୍ଣ୍ଣ ଜଗତ ସଂପର୍କରେ ଏବଂ ନିଜର ଗୁଣାବଳୀ ବିଷୟରେ ବିଶ୍ୱାସ ଭାଙ୍ଗିଯାଏ। ମୋର କାହିଁକି ଏପରି ଘଟିଲା ଏବଂ ମୁଁ କିଛି ଦୋଷ ନକରି ଯଦି କ୍ଷତିଗ୍ରସ୍ତ ହେଲି, ଅନ୍ୟ ସମସ୍ତେ ମଧ୍ୟ ବିପଦଗ୍ରସ୍ତ ହୋଇପାରନ୍ତି - ଏପରି ଭାବନା ବାରମ୍ବାର ମନକୁ ଆଚ୍ଛନ୍ନ କରେ।

ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ଆରମ୍ଭରେ ଅନୁଭବ ମାରାତ୍ମକ ହୋଇଥିଲେ ମଧ୍ୟ ଧୀରେ ଧୀରେ କିଛି ଲୋକ ଏହି ଆବର୍ତ୍ତ ମଧ୍ୟରୁ ବାହାରି ଆସନ୍ତି। ହିଟ୍‌ଲରଙ୍କ ସମୟରେ ଯନ୍ତ୍ରଣା ଶିବିରରେ ଅକଥନୀୟ ଅତ୍ୟାଚାର ଭୋଗିଥିବା, ବଡ ବଡ ଭୂମିକମ୍ପର ଶରବ୍ୟ ହୋଇଥିବା ଏବଂ ୨୦୦୧ ମସିହାରେ ନିୟୁୟର୍କ ନଗରୀରେ ବିଶ୍ୱ ବାଣିଜ୍ୟ ସୌଧର ସନ୍ତ୍ରାସବାଦୀ ଆକ୍ରମଣରେ ଶିକାର ହୋଇଥିବା ଲୋକମାନଙ୍କର ଅଧ୍ୟୟନ କରି ସମାଜବିଜ୍ଞାନୀ ଓ ମନୋବିଜ୍ଞାନୀମାନେ ଏକ ମୋଟାମୋଟି ଆକଳନ ଦେଇଛନ୍ତି। ସେମାନଙ୍କ ମତରେ ପ୍ରାୟ ଦୁଇ-ତୃତୀୟାଂଶ ଲୋକେ ଟ୍ରମା-ପରବର୍ତ୍ତୀ ମାନସିକ ପୀଡନର ଶରବ୍ୟ ହେବା ସ୍ଥଳେ ପ୍ରାୟ ଏକ-ତୃତୀୟାଂଶ ସକାରାତ୍ମକ ପରିବର୍ତ୍ତନର ଅନୁଭବ ପାଆନ୍ତି। ଏହାକୁ ଟ୍ରମା ପରବର୍ତ୍ତୀ ବିକାଶ (Post-Traumatic Growth ବା PTG) କୁହାଯାଉଛି।

ଅବଶ୍ୟ ଧୀରେ ଧୀରେ ବିକାଶ ଅନୁଭୂତ ହୁଏ। ଏପରି ଲୋକମାନେ ନିଜ ସମ୍ପର୍କରେ ଏବଂ ଜୀବନ ସମ୍ପର୍କରେ ଏକ ନୂତନ ଅନ୍ତର୍ଦୃଷ୍ଟି ଲାଭକରନ୍ତି ଓ ଜୀବନର ପୁନର୍ଗଠନ କରନ୍ତି। ସାଧାରଣତଃ ତିନୋଟି କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଅନୁଭୂତ ହୁଏ। ପ୍ରଥମଟି ହେଉଛି ପ୍ରତ୍ୟକ୍ଷଣ (Perception) ଓ ଅନୁଭବର ପରିବର୍ତ୍ତନ। ଭୟାନକ ବିପଦ ମଧ୍ୟରୁ ବାହାରି ଆସିଥିବା ଲୋକମାନଙ୍କର ଆତ୍ମସାମର୍ଥ୍ୟବୋଧ ବଢିଯାଏ। ଜୀବନର ଭଙ୍ଗୁରତା ସତ୍ତ୍ୱେ ସେମାନେ ଯେ ଶକ୍ତିର ଅଧିକାରୀ, ଏପରି ଆତ୍ମପ୍ରତ୍ୟୟ ସୃଷ୍ଟିହୁଏ। ନୈରାଶ୍ୟ ପରିବର୍ତ୍ତେ ଆଶାବାଦିତା ଦୃଢ ହୁଏ। ଦ୍ୱିତୀୟତଃ ସମ୍ପର୍କଶୀଳତାରେ ପରିବର୍ତ୍ତନ ଆସେ। ପରିବାର ପ୍ରତି ଆନୁଗତ୍ୟ ବୃଦ୍ଧିପାଏ। ଅତୀତରେ ପରିବାରକୁ ଅବହେଳା କରୁଥିବା ଲୋକମାନେ ପରିବାର ପ୍ରତି ଅଧିକ ପ୍ରତିବଦ୍ଧ ହୁଅନ୍ତି। ମଦ୍ୟପାନ ବା ନିଶାସେବନର କୁଅଭ୍ୟାସ ରହିଥିଲେ ସେଗୁଡିକ ତ୍ୟାଗ କରନ୍ତି। ସାମାଜିକ ସମ୍ପର୍କକୁ ଦୃଢ କରିବା, ଦୟା ଓ ଅନୁକମ୍ପା ପ୍ରଦର୍ଶନ କରିବା ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ମାନସିକତା ବୃଦ୍ଧିପାଏ। ତୃତୀୟତଃ ଅଧିକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ନିଜ ଜୀବନର ଲକ୍ଷ୍ୟ ପରିପ୍ରେକ୍ଷୀରେ ଅଗ୍ରାଧିକାରର ପରିବର୍ତ୍ତନ। ନୂତନ ଅନୁଭବର ଅଧିକାରୀ ହୋଇ ବ୍ୟକ୍ତି ଜୀବନର ମୂଲ୍ୟବୋଧ ପ୍ରତି ସଚେତନ ହୁଏ। ଜୀବନର ଅର୍ଥପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ନେଇ ପ୍ରତ୍ୟକ୍ଷଣ କରିବାର ମନୋବୃତ୍ତି ଶକ୍ତିଶାଳୀ ହୁଏ। ସାମାଜିକ ପ୍ରତିପତ୍ତି ଓ ବୈଷୟିକ ପ୍ରଗତି ପରିବର୍ତ୍ତେ ସାର୍ଥକତାର ଜୀବନ ଅଧିକ ପ୍ରାଧାନ୍ୟ ଲାଭକରେ। ଟ୍ରମା-ପରବର୍ତ୍ତୀ ବିକାଶ ପର୍ଯ୍ୟାୟରେ ବହୁଲୋକ ଧର୍ମୀୟ ଚେତନା ଓ ଆଧ୍ୟାତ୍ମିକ ଲକ୍ଷ୍ୟଦିଗରେ ଅଭିପ୍ରେରିତ ହୁଅନ୍ତି।

ଟ୍ରମା-ପରବର୍ତ୍ତୀ ଜୀବନ ବିକାଶ ପରିପ୍ରେକ୍ଷୀରେ ଭିକ୍ଟର ଫ୍ରାଙ୍କଲ୍‌ଙ୍କ ଜୀବନ-ବାର୍ତ୍ତା ଏକ ଉଜ୍ଜ୍ୱଳ ଦିଗ୍‌ଦର୍ଶକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ନାରକୀୟ ଯନ୍ତ୍ରଣା-ଶିବିରରେ ଯେଉଁମାନେ ଅତ୍ୟାଚାରିତ ହୋଇଥିଲେ ସେମାନଙ୍କ ଭିତରେ ଭିକ୍ଟର୍ ଫ୍ରାଙ୍କଲ୍ ଅନ୍ୟତମ। ଫ୍ରାଙ୍କଲ୍ ଥିଲେ ସେ ସମୟର ପ୍ରଖ୍ୟାତ ସ୍ନାୟୁବିଜ୍ଞାନୀ ଓ ମନୋବିଜ୍ଞାନୀ। ସେ ଇହୁଦି ବଂଶଜ ଥିବାରୁ ନାଜୀ ଅତ୍ୟାଚାରର ଶିକାର ହେଲେ। ପ୍ରିୟଜନଙ୍କୁ ହରାଇଲେ। ସବୁଠାରୁ ଅଧିକ ନାରକୀୟ ପୋଲାଣ୍ଡର ଅସ୍‌ଭଇଜ୍ ମୃତ୍ୟୁଶିବିରରେ ତାଙ୍କୁ ରଖାଗଲା। ପ୍ରତିଦିନ ସଶ୍ରମ କାରାଦଣ୍ଡ ସହିତ ମୃତ୍ୟୁଭୟ ସଦାସର୍ବଦା ରହିଲା।

ସୌଭାଗ୍ୟବସତଃ ହିଟ୍‌ଲରଙ୍କ ପତନ ପରେ ସେ କାରାମୁକ୍ତ ହୋଇ ବିଶ୍ୱବାସୀଙ୍କୁ ଯେଉଁ ଜୀବନ ମନ୍ତ୍ର ଦେଇଥିଲେ, ତାହା ହେଉଛି ଅର୍ଥପୂର୍ଣ୍ଣତାର ଅନ୍ୱେଷଣ (Search for Meaning)। ଫ୍ରାଙ୍କଲ୍‌ଙ୍କ ମତରେ ମଣିଷ ପରି ବଞ୍ଚିବାକୁ ହେଲେ ଜୀବନରେ ଅର୍ଥପୂର୍ଣ୍ଣତା ଭରିଦେବାକୁ ହେବ। ଅର୍ଥପୂର୍ଣ୍ଣ ସାର୍ଥକ ଲକ୍ଷ୍ୟ ଅନ୍ୟ କେହି ଆମ ଉପରେ ଲଦିଦେଇ ପାରିବେ ନାହିଁ। ଆମକୁ ହିଁ ଏହା ଆବିଷ୍କାର କରିବାକୁ ହେବ। ମନୋବିଜ୍ଞାନୀ ଓ ମନୋଚିକିତ୍ସକ ଏଥିରେ ସହାୟତା କରିପାରନ୍ତି। ମାତ୍ର ଆମର ସାର୍ଥକ ଲକ୍ଷ୍ୟ ଆମକୁ ବାଛି ନେବାକୁ ହେବ। ଟ୍ରମା-ପରବର୍ତ୍ତୀ ବିକାଶ ପଥରେ ପାଦ ଦେଉଥିବା ଲୋକମାନେ ନିଜ ଜୀବନର ସାର୍ଥକ ଲକ୍ଷ୍ୟ ବାଛିନିଅନ୍ତି।

ଟ୍ରମାର ପରବର୍ତ୍ତୀ ପର୍ଯ୍ୟାୟରେ ଜୀବନରେ ପ୍ରାପ୍ତିର ଯେଉଁ ଅନୁଭବ ଆସେ ସେଥିରେ ଦୁଇଟି ସୁଫଳ ମିଳିଥାଏ। ବ୍ୟକ୍ତି ଅତୀତରେ ଯାହା ହରାଇଥାଏ, ତାହାକୁ ଏକ ଅର୍ଥପୂର୍ଣ୍ଣ ଭଙ୍ଗୀରେ ବୁଝିବାର ପ୍ରୟାସ କରେ। କୌଣସି ଜଣେ ପ୍ରିୟଜନକୁ ହରାଇଥିଲେ, ଏପରି କ୍ଷତିକୁ ଏକ ବୃହତ୍ତର ପରିପ୍ରେକ୍ଷୀରେ ବିଚାର କରେ। ଈଶ୍ୱର ତାଙ୍କ ପାଖକୁ ନେଇଯାଇଛନ୍ତି ଏପରି ଧର୍ମୀୟ ଚେତନା ନେଇ ଶାନ୍ତ ହୁଏ, ଅନ୍ୟ କେତେକ କ୍ଷେତ୍ରରେ ପ୍ରାପ୍ତି-ଜନିତ ପରିଣତିକୁ ନେଇ କିଛିଟା ସବଳତା ଅନୁଭବ କରେ। ହୃଦ୍‌ଘାତ ଫଳରେ ନିଜର ପତିଙ୍କୁ ହରାଇଥିବା ମହିଳା ପ୍ରଥମେ ସମ୍ପୂର୍ଣ୍ଣ ଅସହାୟ ଓ ନିଃସହାୟ ମନେକରନ୍ତି। ମାତ୍ର ଧୀରେ ଧୀରେ ସ୍ୱାଭାବିକତା ଫେରିପାଇ ଘରର ଯାବତୀୟ ଦାୟିତ୍ୱ ବୁଝିବା ଏବଂ ବାହାରର ଜଞ୍ଜାଳ ଠିକ୍ ରୂପେ ପରିଚାଳନା କଲାପରେ ଉପଯୋଗୀ ଅନୁଭବ ଆସେ। ଏପରି ଅନୁଭବ ହୁଏତ ବିଳମ୍ବରେ ଆସେ ମାତ୍ର ନିଶ୍ଚିତ ଭାବରେ ଆସିଥାଏ। ଟ୍ରମାର ଶରବ୍ୟ ହୋଇଥିବା କିଛି ଲୋକଙ୍କ ମଧ୍ୟରେ ଏପରି ଅଭିବୃଦ୍ଧି ବିସ୍ମୟକର ହେଲେ ମଧ୍ୟ ଅସମ୍ଭବ ନୁହେଁ।

ପ୍ରକୃତ ଘଟଣା-କୈନ୍ଦ୍ରିକ ବ୍ୟକ୍ତି ଇତିହାସ ଆମ ଧାରଣାକୁ ଅଧିକ ପ୍ରାଞ୍ଜଳ କରିପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ ମସିହାରେ ହିଟ୍‌ଲର୍‌ଙ୍କ ନାଜୀ ଯନ୍ତ୍ରଣା-ଶିବିରରୁ ଉଦ୍ଧାର କରାଯାଇଥିବା ବହୁ ଅନାଥ ଶିଶୁମାନଙ୍କର ପରବର୍ତ୍ତୀ-ବିକାଶ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଏକାଧିକ ମନୋବିଜ୍ଞାନୀ ଏହାର ଅନୁଧ୍ୟାନ କରିଥିଲେ। ଏଠାରେ ଗୋଟିଏ ଘଟଣାର ସୂଚନା ଦିଆଯାଇପାରେ। ଇଂଲଣ୍ଡର ସରେ ସହରରେ 'ଲିଙ୍ଗ୍‌ଫିଲଡ୍' ଅନାଥାଶ୍ରମକୁ ଯେଉଁ ଚବିଶ ଜଣ ଶିଶୁ ଆସିଥିଲେ, ସେମାନେ ପୂର୍ବ-ସୂଚିତ ପୋଲାଣ୍ଡର ଅସଭାଇଜ୍ ଶିବିରରୁ ଆସିଥିଲେ। ପ୍ରତି ମୁହୂର୍ତ୍ତରେ ଗ୍ୟାସ୍ ଚାମ୍ବରକୁ ପଠାହେଉଥିବାର ଦୃଶ୍ୟ ଏମାନେ ଦେଖିଥିଲେ। ଗଳିତ ଶବସବୁର ଦୁର୍ଗନ୍ଧ ଏମାନଙ୍କ ଶରୀରରେ ଲାଖି ରହିଥିଲା। ଇହୁଦି ପୋଡା ହୋଇଥିବା ଗ୍ୟାସ୍ କୋଠରିର ଧୂମ ଏମାନଙ୍କ ଦେହକୁ କବଳିତ କରିଥିଲା। ଅଧିକାଂଶ ଶିଶୁଙ୍କର ବୟସ ତିନିବର୍ଷରୁ ଆଠବର୍ଷ ମଧ୍ୟରେ ସୀମିତ ଥିଲା। ଚାରୋଟି ଶିଶୁଙ୍କର ବୟସ ମାତ୍ର କିଛି ମାସର ହୋଇଥିଲା।

ସାରା ମସ୍କୋଭିଜ୍ ନାମକ ଜଣେ ମନୋବିଜ୍ଞାନୀ କ୍ରମାଗତ ଭାବରେ ଏହି ଶିଶୁମାନଙ୍କର ସ୍ଥିତି ଓ ଗତି ବିଧିବଦ୍ଧ ଭାବରେ ପର୍ଯ୍ୟବେକ୍ଷଣ କଲେ।

୧୯୭୯ ମସିହାରେ ସେ ଦେଖିଲେ ଯେ ସବୁଠାରୁ କମ୍ ବୟସରେ ଅନାଥାଶ୍ରମରେ ପ୍ରବେଶ କରିଥିବା ଶିଶୁ ମାନଙ୍କର ଉପସ୍ଥିତ ବୟସ ପ୍ରାୟ ୩୭ ବର୍ଷ। ଏହି ମନୋବିଜ୍ଞାନୀ ୧୯୭୯ ରୁ ୧୯୮୪ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପର୍ଯ୍ୟବେକ୍ଷଣ ଓ ସାକ୍ଷାତକାର୍ ମାଧ୍ୟମରେ ବିବରଣୀ ପ୍ରସ୍ତୁତ କଲେ। ତାଙ୍କର ମୁଖ୍ୟ ସିଦ୍ଧାନ୍ତ ଥିଲା ଯେ ଅତୀତର ଦୁଃଖଦ ବିପର୍ଯ୍ୟୟ କେତେକଙ୍କ ଜୀବନରେ ଏକ ସଂଗ୍ରାମଶୀଳ ରୂପରେଖ ଛାଡି ଯାଇଥିଲେ ମଧ୍ୟ ସବୁ ପ୍ରକାର ଦୁର୍ଗତି ସତ୍ତ୍ୱେ କେତେକ ପ୍ରଗତିର ସ୍ୱାଦ ଆସ୍ୱାଦନ କରିଛନ୍ତି।

୨୦୦୧ ମସିହାରେ ସେପ୍ଟେମ୍ବର୧୧ ତାରିଖରେ ନିୟୁୟର୍କର ବିଶ୍ୱବାଣିଜ୍ୟ ସୌଧରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣରେ ବହୁଲୋକ ମୃତାହତ ହୋଇଥିଲେ। ଜର୍ଜ ବୋନାନୋ ନାମକ ଜଣେ ମନୋବିଜ୍ଞାନୀ ଏକ ବଡ଼ ଧରଣର ପ୍ରକଳ୍ପ ମାଧ୍ୟମରେ ଫଳାଫଳ ବିଶ୍ଲେଷଣ କଲେ। ବୋନାନୋଙ୍କ ଗବେଷଣା ଅନୁଯାୟୀ ଟ୍ରମାର ଶରବ୍ୟ ହୋଇଥିବା ଲୋକମାନଙ୍କୁ ପାଞ୍ଚୋଟି ବିଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ବର୍ଗର ଲୋକଙ୍କର ବିଷାଦ ଓ ମାନସିକ ବିକୃତି ଚିରଦିନ ରହିଯିବ। ଦ୍ୱିତୀୟ ବର୍ଗର ଲୋକମାନଙ୍କର ଦୁଃଖ ଓ ବେଦନା ଦୀର୍ଘସ୍ଥାୟୀ ହେବ। ତୃତୀୟ ଦଳର ଲୋକମାନଙ୍କର ବିଷାଦ ଧୀରେ ଧୀରେ କଟିବ। ଚତୁର୍ଥ ଦଳର ଲୋକମାନଙ୍କ ଶୋକାକୁଳ ଅବସ୍ଥା ଧୀରେ ଧୀରେ କମିବ। ମାତ୍ର ଗୋଟିଏ ବର୍ଗର ଲୋକମାନେ କେବଳ ଦୁଃସ୍ଥିତି ସହିତ ସଫଳ ସଂଗ୍ରାମ କରନ୍ତି ନାହିଁ, ସେମାନେ ଟ୍ରମା-ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ବିକଶିତ ହୁଅନ୍ତି। ଏମାନଙ୍କର ସଂଖ୍ୟା ମୋଟାମୋଟି ଭାବରେ ବିପର୍ଯ୍ୟୟଗ୍ରସ୍ତ ଲୋକମାନଙ୍କର ଏକ ତୃତୀୟାଂଶ ବୋଲି ବୋନାନୋ ମତବ୍ୟକ୍ତ କରିଥିଲେ। କେବଳ ବିଶ୍ୱବାଣିଜ୍ୟ ସୌଧର ବିପର୍ଯ୍ୟୟ ନୁହେଁ, ଅନେକ ମହାବିପତ୍ତିକୁ ବିଚାରକୁ ନେଇ ଏପରି ଏକ ସିଦ୍ଧାନ୍ତକୁ ସ୍ୱୀକୃତି ଦିଆଯାଇଛି।

**ମୌଳିକ ପ୍ରଶ୍ନ: ସମୃଦ୍ଧିର ନିର୍ଦ୍ଧାରକ**

ସଂକଟ ଆଉ ସମୃଦ୍ଧି ପରିପ୍ରେକ୍ଷୀରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟି ହେଉଛି କେଉଁସବୁ ଉପାଦାନ ପୃଥକ୍ ପୃଥକ୍ ପରିଣତି ସୃଷ୍ଟିକରିବ? କେଉଁମାନେ ବିକାଶର ଅଧିକାରୀ ହେବେ?

ଏ ଦିଗରେ ସିଧାସଳଖ ଉତ୍ତର ଦେବା ସମ୍ଭବନୁହେଁ। ତେବେ ପ୍ରକୃତ ସିଦ୍ଧାନ୍ତ ନିରୂପଣ କ୍ଷେତ୍ରରେ ଯେଉଁ ଦୁଇତିନୋଟି ତାତ୍ତ୍ୱିକ ବିଚାର ରହିଛି, ତାହାର ସୂଚନା ସିଦ୍ଧାନ୍ତ ଗ୍ରହଣରେ ବେଶ୍ ସହାୟକ ହେବ। ତାତ୍ତ୍ୱିକ ଦିଗ ଗୁଡିକ ହେଉଛି - ବିଭୀଷିକା ପରିଚାଳନା ତତ୍ତ୍ୱ, ମୃତ୍ୟୁ-ନିକଟ ଅନୁଭବ ଏବଂ ମନସ୍ତାତ୍ତ୍ୱିକ ବିଶ୍ଲେଷଣ।

ଆର୍ନେଷ୍ଟ ବେକର୍ ନାମକ ଜଣେ ସଂସ୍କୃତି ବିଜ୍ଞାନୀ ୧୯୭୫ ମସିହାରେ ତାଙ୍କର ପୁଲିଜର ପୁରସ୍କାର ପ୍ରାପ୍ତ ପୁସ୍ତକ Denial of Death ମାଧ୍ୟମରେ ଏକ ଆକର୍ଷଣୀୟ ତତ୍ତ୍ୱର ପ୍ରଖ୍ୟାପନ କଲେ। ତାଙ୍କ ମତରେ ମନୁଷ୍ୟର ସୁରକ୍ଷା ଭାବନାକୁ ବିପନ୍ନ କରିବାରେ ମୃତ୍ୟୁଭୟ ଅନ୍ତିମ ଓ ସାର୍ବଜନୀନ ମାଧ୍ୟମ। ମନୁଷ୍ୟର ସମସ୍ତ କାର୍ଯ୍ୟକଳାପର ଅନ୍ତରାଳରେ ଯୌନଲାଳସା ସକ୍ରିୟ ରହୁଥିବାର ଫ୍ରଏଡ୍ ଯୁକ୍ତି କରୁଥିବାସ୍ଥଳେ ବେକର୍ ଦର୍ଶାଇଲେ ଯେ ମୃତ୍ୟୁଚେତନା ଏକ ବିଶେଷ ଧରଣର ଅଭିପ୍ରେରକ। ଏହି ଚେତନା ଫଳରେ ମୃତ୍ୟୁକୁ ଅସ୍ୱୀକାର କରିବା ପାଇଁ ଏବଂ ମୃତ୍ୟୁର ପ୍ରଭାବକୁ ଏଡାଇ ଯିବାପାଇଁ ମନୁଷ୍ୟ ବହୁଧରଣର ଉଦ୍ୟମ କରେ ବୋଲି ବେକର୍ ଯୁକ୍ତି କରୁଥିଲେ। ମୃତ୍ୟୁକୁ ଅସ୍ୱୀକାର କରିବା ପାଇଁ ମାନବୀୟ ଯୋଜନାସବୁକୁ ସମାଜ ଓ ସଂସ୍କୃତି ମଧ୍ୟ ସାହାଯ୍ୟ କରନ୍ତି। ସ୍ମୃତିସ୍ତମ୍ଭ ଏବଂ ଆଉ ସବୁ ପ୍ରତୀକ ସମାଜ ଓ ସଂସ୍କୃତିର ସହାୟକ ଉପାଦାନ।

ବେକରଙ୍କ ଭାବଧାରାକୁ ଆଧାର କରି ଆଧୁନିକ ମନୋବିଜ୍ଞାନୀମାନେ ବିଭୀଷିକା ପରିଚାଳନା ତଥ୍ୟ (Terror Management Theory ବା TMT) ପ୍ରଖ୍ୟାପନ କଲେ। ଏହି ତଥ୍ୟ ଅନୁଯାୟୀ ମୃତ୍ୟୁର ବିଭୀଷିକା ଖୁବ୍ ଭୟପ୍ରଦ। ସୁତରାଂ ଏହି ଭୟରୁ ରକ୍ଷାପାଇବା ପାଇଁ ମଣିଷ ନିଜର ଆତ୍ମମର୍ଯ୍ୟାଦାବୋଧ (Self Esteem) ବୃଦ୍ଧିପାଇଁ ଯତ୍ପରୋନାସ୍ତି ଚେଷ୍ଟାକରେ ଏବଂ ସଂସ୍କୃତି-ପ୍ରଦତ୍ତ ସୁରକ୍ଷା ବ୍ୟବସ୍ଥାକୁ ଜାବୋଡି ଧରେ। ମନୋବିଜ୍ଞାନୀମାନେ ପୁନଶ୍ଚ ଯୁକ୍ତି କରନ୍ତି ମୃତ୍ୟୁଜନିତ ଭୟରୁ ମୁକୁଳିବା ପାଇଁ ମନୁଷ୍ୟର ପ୍ରୟାସ ବିବର୍ତ୍ତନ ଧାରାରେ ଅସ୍ଥିମଜ୍ଜାଗତ ହୋଇପଡିଛି। ସମାଜ ଓ ସଂସ୍କୃତିର ଗତାନୁଗତିକ ବ୍ୟବସ୍ଥା ମଧ୍ୟରେ ଅନେକ ଲୋକ ଧରିନିଅନ୍ତି ଯେ ଭୌତିକ ସମ୍ବଳ, ପ୍ରତିପତ୍ତି ଓ ଧନସମ୍ପଦ ଏକ ସୁରକ୍ଷା କବଚ। ଏପରି କମ୍ବଳର ସାହାଯ୍ୟ ନେଇ ମୃତ୍ୟୁଭୟ ଏଡାଇବାକୁ ଅନେକ ଲୋକ ଚେଷ୍ଟାକରନ୍ତି।

କାସେର୍ ଓ ଶେଲଡନ୍ ନାମକ ଦୁଇଜଣ ମନୋବିଜ୍ଞାନୀ ଗୋଟିଏ ସୁନ୍ଦର ଉପାୟରେ ପ୍ରୟୋଗଶାଳାର ବାତାବରଣ ମଧ୍ୟରେ ପରୀକ୍ଷାମୂଳକ ପରିବେଶ ନିର୍ମାଣକଲେ। ବେଶ୍ କିଛିସଂଖ୍ୟକ ଲୋକଙ୍କ ମନରେ ଶ୍ମଶାନ-ବୈରାଗ୍ୟ (Death Salience) ସୃଷ୍ଟି କରିବାର ଉଦ୍ୟମ କଲେ। ସେମାନଙ୍କୁ ନିଜ ଜୀବନର ଅନ୍ତିମ ଅବସ୍ଥା କଳ୍ପନା କରିବାର ପରାମର୍ଶ ଦେଲେ। ପ୍ରସ୍ତାବଟି ଏହିପରି ଥିଲା : ତୁମର ଶବଟି ପଡିରହିଛି। ସଂସ୍କାର ପାଇଁ କୌଣସି ବ୍ୟବସ୍ଥା ହୋଇପାରି ନାହିଁ। ଦୁର୍ଗନ୍ଧ ନିର୍ଗତ ହେବା ଆରମ୍ଭ ହୋଇଛି। ପୋକମାଛିରେ ଜମାଟ ବାନ୍ଧିଲାଣି। ଇତ୍ୟାଦି ଇତ୍ୟାଦି।

ଦୁଃଖଦ ଓ ଅପ୍ରୀତିକର କଳ୍ପନା ଜଗତରେ କିଛି ସମୟ ରଖାଗଲା ପରେ ସେମାନଙ୍କୁ ଅନ୍ୟତ୍ର ନିଆଗଲା। ପ୍ରତ୍ୟେକଙ୍କୁ ଗୋଟିଏ ପ୍ରଶ୍ନାବଳୀ ଦିଆଗଲା। ସେମାନଙ୍କର କି କି ଆବଶ୍ୟକତା କି ଚାହିଦା ରହିଛି, ତାହାର ଆକଳନ କରିବା ପ୍ରଶ୍ନାବଳୀର ଉଦ୍ଦେଶ୍ୟ ଥିଲା।

କୌତୂହଳର ବିଷୟ ଯେ, ମୃତ୍ୟୁ ଚିନ୍ତନର ଅନୁଭବ ପରେ ସେମାନଙ୍କର ଭୌତିକ କାମନା ବଢିଯାଉଛି। କେତେ ପରିମାଣର ବେତନ ଗ୍ରହଣୀୟ ହେବ, କେଉଁ ଧରଣର ବାସଗୃହ ପସନ୍ଦଯୋଗ୍ୟ ହେବ, ଏବଂ ଗମନାଗମନ ପାଇଁ କି ଗାଡି କ୍ରୟ କରାଯିବ - ଏ ସବୁ ପ୍ରଶ୍ନ ମାଧ୍ୟମରେ ବ୍ୟକ୍ତିର ଭୌତିକ ଆକାଂକ୍ଷା ଓ ଆବଶ୍ୟକତାର ଆକଳନ କରାଗଲା। ଖୁବ୍ ସ୍ପଷ୍ଟ ଭାବରେ ଦେଖାଗଲା ଯେ, ପୂର୍ବରୁ ଯେଉଁସବୁ ଚାହିଦା ଓ ଆବଶ୍ୟକତା ଥିଲା ତାହା ତୁଳନାରେ କାମନା ଅଧିକ ବୃଦ୍ଧିପାଇଛି। ପରୀକ୍ଷଣରେ ଭାଗ ନେଇ ନଥିବା ଲୋକଙ୍କ ତୁଳନାରେ ମଧ୍ୟ ବିଷୟ କାମନା ବଢିଛି। ମୃତ୍ୟୁଭୟ ଅତିକ୍ରମ କରିବା ସମୟରେ ବ୍ୟକ୍ତି ଯେ ସଂସ୍କୃତିଦତ୍ତ ସୁରକ୍ଷା କୌଶଳ (ଏ କ୍ଷେତ୍ରରେ ଧନସମ୍ପତ୍ତି) ଉପଯୋଗ କରେ, ଏହାର ଏକ

ପରୀକ୍ଷାମୂଳକ ପ୍ରମାଣ ମିଳିପାରିଥିଲା ।

ଏହି ପରୀକ୍ଷାରେ ଗୋଟିଏ ଦିଗ ସ୍ପଷ୍ଟ ହେଲେ ମଧ୍ୟ ଅନ୍ୟ ଗୋଟିଏ ଦିଗ ଅସ୍ପଷ୍ଟ ରହିଗଲା । ପୂର୍ବ ଆଲୋଚନା ଅନୁଯାୟୀ ମହାବିପର୍ଯ୍ୟୟ ପରେ ବେଶ୍ କିଛିଲୋକ (ପ୍ରାୟ ଏକ-ତୃତୀୟାଂଶ) ବିକାଶର (Post-Traumatic Growth) ଅଧିକାରୀ ହୁଅନ୍ତି । ଅନ୍ୟ ପକ୍ଷରେ ବିଭୀଷିକା ପରିଚାଳନା ତତ୍ତ୍ୱ ଅନୁଯାୟୀ ମୃତ୍ୟୁଚେତନା ମନୁଷ୍ୟକୁ ବୈଷୟିକ କାମନାର ସୁରକ୍ଷା ବଳୟକୁ ଠେଲିଦିଏ । ବର୍ତ୍ତମାନ ଏହି ଦୁଇ ଆପାତତଃ ପରସ୍ପର ବିରୋଧୀ ସିଦ୍ଧାନ୍ତ ମଧ୍ୟରେ ସଂଗତି ଆସିବ କିପରି ?

ଏହା ସମାଧାନ ଦିଗରେ ମନୋବିଜ୍ଞାନୀମାନେ ଏକାଧିକ ପ୍ରୟୋଗାତ୍ମକ ଗବେଷଣା କରିଛନ୍ତି । ଗୋଟିଏ ବିଶିଷ୍ଟ ସର୍ବେକ୍ଷଣର ଦୃଷ୍ଟାନ୍ତ ଦିଆଯାଇପାରେ । ୧୯୯୪ ମସିହା ଜାନୁଆରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ଲସ୍ ଆଞ୍ଜେଲସ୍ ନଗରର ଉତ୍ତର ସେତୁ ଅଞ୍ଚଳରେ ଏକ ଭୟାନକ ଭୂମିକମ୍ପ ଘଟିଥିଲା । ଏଥିରେ ଜନଜୀବନର ଭୀଷଣ କ୍ଷତି ଘଟିଥିଲା । ଘଟଣାର ପରେ ପରେ ଅଳ୍ପ କେତେକ ମନୋବିଜ୍ଞାନୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କିନ୍ତୁ ଜୀବନ ହରାଇ ନଥିବା ଲୋକମାନଙ୍କର ଜୀବନଶୈଳୀ ଅନୁଧ୍ୟାନ କଲେ । ବିପର୍ଯ୍ୟୟ ଫଳରେ ଲୋକମାନଙ୍କର ଜୀବନ ଲକ୍ଷ୍ୟ କିପରି ପରିବର୍ତ୍ତିତ ହୋଇଛି ତାହାର ନିର୍ଦ୍ଧାରଣ ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଏକ ବିସ୍ତୃତ ପ୍ରଶ୍ନାବଳୀ ମାଧ୍ୟମରେ ସେମାନଙ୍କ ଲକ୍ଷ୍ୟ ବାହ୍ୟିକ (External) କି ଅନ୍ତର୍ନିହିତ (Internal), ତାହା ସ୍ଥିର କରାଗଲା । ମଝିରେ ସମୟର ବ୍ୟବଧାନ ରଖାଯାଇ ଦୁଇଥର ସର୍ବେକ୍ଷଣ କରାଗଲା । ଶାରୀରିକ ଆକର୍ଷଣଶୀଳତା, ଧନସମ୍ପତ୍ତି, ବୃତ୍ତିଗତ ଉନ୍ନତି ପ୍ରଶଂସା ପାଇବା ପରି ଲକ୍ଷ୍ୟ ସବୁ ବାହ୍ୟିକ । ଅନ୍ୟପକ୍ଷରେ ବନ୍ଧୁତ୍ୱଲାଭ, ସଂପ୍ରୀତିର ପ୍ରାପ୍ତି, ବ୍ୟକ୍ତିଗତ ବିକାଶ, ସର୍ଜନଶୀଳ କାର୍ଯ୍ୟ ଅନ୍ତର୍ନିହିତ ଲକ୍ଷ୍ୟ । ଏ ଗବେଷଣାର ଫଳାଫଳ ଖୁବ୍ କୌତୂହଳପ୍ରଦ ।

ବିଶ୍ଳେଷଣରୁ ଦେଖାଗଲା ଯେ ବିପର୍ଯ୍ୟୟ ପରବର୍ତ୍ତୀ ବିକାଶ (ସକାରାତ୍ମକ ପରିବର୍ତ୍ତନ ବା Post-Traumatic Growth ବା PTG) କ୍ଷେତ୍ରରେ ତିନୋଟି ଉପାଦାନ ସକ୍ରିୟ । ପ୍ରଥମତଃ ଘଟଣାର ତୀବ୍ରତା ଏବଂ ଦୀର୍ଘତା ପ୍ରଭାବଶାଳୀ । ସମ୍ଭବତଃ ସେଇଥିପାଇଁ ଗବେଷଣାଗାରରେ ସୃଷ୍ଟି କରାଯାଇଥିବା ଶ୍ମଶାନ-ବୈରାଗ୍ୟ (ମୃତ୍ୟୁ ଚେତନା) ବିଶେଷ ଭାବରେ ଆମର ଅନ୍ତର୍ମନର ମୂଲ୍ୟବୋଧକୁ ପରିବର୍ତ୍ତନ କରି ନଥାଏ । ବ୍ୟକ୍ତି ଉପର ଠାଉରିଆ ଭାବରେ କେତେକ ବାହ୍ୟ ପରିବର୍ତ୍ତନ (ଭଲ ଖାଇବା, ଭଲ ଘରେ ରହିବା କିମ୍ବା ବିଳାସ ବ୍ୟସନରେ ଜୀବନ କାଟିବା) ନେଇ ଖୁସି ହୁଏ । ମରଣକୁ ଜୟ କରିଛି ବୋଲି ଭାବିନିଏ । ଅନ୍ୟପକ୍ଷରେ ବିପର୍ଯ୍ୟୟ-ପରବର୍ତ୍ତୀ ବିକାଶ କ୍ଷେତ୍ରରେ ବ୍ୟକ୍ତି ଜୀବନ ଅନିଶ୍ଚିତତାର ସଂକେତ ବହୁଦିନ ଧରି ଅନୁଭବ କରେ । ପରିବେଶର ଦୁଃସ୍ଥିତିର ତୀବ୍ରତା ଓ ଦୀର୍ଘତା ବିକାଶର ସମ୍ଭାବନା ବୃଦ୍ଧିକରେ ।

ଦ୍ୱିତୀୟ ଉପାଦାନଟି ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର ଶୈଳୀ । କେତେକ ବ୍ୟକ୍ତିଙ୍କର ସ୍ୱଭାବ ହେଉଛି ବହିର୍ମୁଖୀ (Extrinsic) । ବିପର୍ଯ୍ୟୟ ସମୟରେ ଏମାନେ ପରିବର୍ତ୍ତିତ ହେଲେ ମଧ୍ୟ ମୁଖ୍ୟତଃ ବାହ୍ୟ ପରିବେଶ (ଭୌତିକ ସୁଖସ୍ୱାଚ୍ଛନ୍ଦ୍ୟ) ଦିଗରେ ଗତିକରନ୍ତି । ବ୍ୟକ୍ତିତ୍ୱ ବିଚାରରେ ଅନ୍ୟ କେତେକ ଅନ୍ତର୍ମୁଖୀ (Intrinsic) । ଏପରି ଅନ୍ତର୍ମୁଖୀତ୍ୱ ଥିବା ଲୋକମାନେ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ସେମାନଙ୍କର ମୂଲ୍ୟବୋଧ ପରିବର୍ତ୍ତିତ ହେବାର ସମ୍ଭାବନା ରହିଛି । ଦୟା, କରୁଣା ଓ କ୍ଷମାଶୀଳତା ପରି ଗୁଣ ଅଧିକ ବିକଶିତ ହୁଏ । ଅନ୍ୟକୁ ସାହାଯ୍ୟ କରବାର ମାନସିକତା ବେଶି ବୃଦ୍ଧିପାଏ । ସୁତରାଂ ଏପରି ଅନ୍ତର୍ମୁଖୀ ଭାବସମ୍ପନ୍ନ ବ୍ୟକ୍ତିମାନେ ବିକାଶର ଅଧିକାରୀ ହୁଅନ୍ତି ।

ତୃତୀୟ ଉପାଦାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଜୀବନର ଅନିତ୍ୟତା ସମ୍ପର୍କରେ ବାରମ୍ବାର ସଂକେତ ଆସିଲେ ମଧ୍ୟ ସାମୟିକ ଭାବରେ କେତେକ ଲୋକ ଭାବନା କରନ୍ତି । ମାତ୍ର ଏପରି ଚିନ୍ତନ ସଂସାରର କୋଳାହଳ ମଧ୍ୟରେ ମିଳାଇଯାଏ । ପରିବର୍ତ୍ତନ ସ୍ଥାୟୀ, ଗଭୀର ଓ ମୂଲ୍ୟବୋଧଭିତ୍ତିକ ହୋଇ ନଥାଏ । ଅନ୍ୟ ପକ୍ଷରେ ଅନ୍ୟ କେତେକ ବ୍ୟକ୍ତିଙ୍କର ଚିନ୍ତନ ଅଗଭୀର ନହୋଇ ଅନ୍ତର୍ମନ୍ଥନ (Reflection) ସୃଷ୍ଟିକରେ । ମରଣଶୀଳତାର ସଂକେତସବୁ ଆସିବା ପରେ ଏମାନେ ନିଜ ଜୀବନର ସମୀକ୍ଷା କରନ୍ତି, ଜୀବନ ଇତିହାସର ମୁଖ୍ୟ ଘଟଣା ସବୁ ଭାବି ବସନ୍ତି । ଅତୀତରେ ତ୍ରୁଟିବିଚ୍ୟୁତିର ବିଚାର କରନ୍ତି । ଫଳରେ ଜୀବନର ପୁନର୍ଗଠନ ଦିଗରେ ଅଭିପ୍ରେରଣା ସୃଷ୍ଟି ହୁଏ । ସ୍ଥୂଳତଃ ବ୍ୟକ୍ତିର ଅନ୍ତର୍ମୁଖୀ ବ୍ୟକ୍ତିତ୍ୱ, ବିପର୍ଯ୍ୟୟର ମାତ୍ରା (ଗଭୀରତା ଆଉ ଦୀର୍ଘତା) ଏବଂ ଚିନ୍ତନଶୈଳୀ (ଅଗଭୀର କି ଅନ୍ତର୍ମନ୍ଥନ) ସମୃଦ୍ଧିର ସମ୍ଭାବନା ସୃଷ୍ଟିକରେ ।

ଶେଷ ବକ୍ତବ୍ୟ ରୂପେ କୁହାଯାଇପାରେ ଯେ ସଂକଟ ସଦାସର୍ବଦା ସମୃଦ୍ଧିର ଅନ୍ତରାୟ ନୁହେଁ । ବରଂ ମନୁଷ୍ୟର ଅନ୍ତର୍ମନରେ ସୁପ୍ତ ଭାବରେ ଲୁକ୍‌କାୟିତ ଥିବା ସମ୍ଭାବନାକୁ ଜାଗ୍ରତ କରିବା ପାଇଁ ସାମୟିକ ସଂକଟର ଭୂମିକା ଥିଲା ପରି ମନେହୁଏ । ସ୍ଥୂଳ ବିଚାରରେ ଏ ସିଦ୍ଧାନ୍ତଟି କପୋଳକଳ୍ପିତ ମନେହେଲେ ମଧ୍ୟ ସୂକ୍ଷ୍ମତର ବିଚାର ପ୍ରକୃତ ତଥ୍ୟର ପରିଚୟ ଦେଇଥାଏ ।


ଜାଭିୟର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,
(ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର
ପୂର୍ବତନ ମୁଖ୍ୟ ଓ ପ୍ରଫେସର)
ମୋ - ୯୪୩୭୧୨୧୨୭୯




# ସଙ୍କଟରୁ ଶକ୍ତି: ମନ ମୋହର ନିଜ ଗୁରୁ

*ଡ. ଅଜିତ ମହାନ୍ତି*

ମୃତ୍ୟୁର ତାଣ୍ଡବ- ୧୯୯୯ ଅକ୍ଟୋବର ୨୯ ତାରିଖର କାଳରାତ୍ରୀ, ଓଡ଼ିଶାର ମହାବାତ୍ୟା। ଇଏ ହେଉଛି ଏଇ କାଳରାତ୍ରୀକୁ ଅଙ୍ଗେ ନିଭେଇଥିବା ଜଣେ ମହିଳାଙ୍କ କଥା। ନାମ ତ ପ୍ରକାଶ କରି ହେବ ନାହିଁ, ଧରି ନିଅନ୍ତୁ ବିନି। ବିନିର ଶାଶୂ, ଶଶୁର, ତିନି ପିଲା ଘରେ ଶୋଇଥାନ୍ତି, ସ୍ୱାମୀ ସମୁଦ୍ର ବାଲିରେ ଚିଙ୍ଗୁଡ଼ି ଚାଷ ପାଖରେ ନୁଆଁଣିଆ ଛୋଟ ଚାଳିଟିଏ କରି ସେଇଠି ଜଗିବାକୁ ଯାଇଥାଆନ୍ତି। ଆଉ ଦିନ କେଇଟାରେ ଚିଙ୍ଗୁଡ଼ି ଅମଳ ହେବ। କେବଳ ତାଙ୍କରି ଛୋଟ ଲୁଣା ପାଣି କାଜରୁ ପ୍ରାୟ ପନ୍ଦର କୋଡ଼ିଏ ହଜାର ଟଙ୍କାର ଚିଙ୍ଗୁଡ଼ି ବିକ୍ରି ହେବ। ନିଜର ପ୍ରାୟେ ଦେଢ଼ବର୍ଷର ପୁଅକୁ ନିଜ ପାଖରେ ଓ ଆର ଦିଟି ପିଲାଙ୍କୁ ପାଖ ମସିଣାରେ ଶୁଆଇ ଆଗାମୀ ଦିନର ସ୍ୱପ୍ନ ଦେଖୁ ଦେଖୁ ବିନିର ଆଖି ଲାଗି ଯାଇଥାଏ। ହଠାତ୍ ଘରର କାନ୍ଥ ଭାଙ୍ଗି ପାଣିର ପ୍ରଖର ସୁଅ ମାଡ଼ି ଆସିଲା। କିଛି ବୁଝିବା ପୂର୍ବରୁ ଛୋଟ ଛୁଆଟିକୁ ଜାକି ଧରି ବିନି ପାଣିର ସୁଅରେ ଭାସି ଯାଇଥାଏ। ପ୍ରାୟ ୩୦-୪୦ ହାତ ଉଚ୍ଚତାର ଜୁଆର ପାଣିରେ ଭାସି ଯାଉ ଯାଉ ଗୋଟିଏ ହାତରେ ପୁଅକୁ ଜାବୁଡ଼ି ବିନି କୌଣସି ପ୍ରକାରେ ଭାସି ରହିବାକୁ ଚେଷ୍ଟା କରୁଥାଏ ଆଉ ହାତରେ ପାଣିକୁ ବାଡ଼େଇ ବାଡ଼େଇ। ହଠାତ୍ ହାତ ଛନ୍ଦି ହେଲା ତାଳ ଗଛର ବରଡ଼ାରେ ଏବଂ ତତ୍‌କ୍ଷଣାତ୍ ଉପସ୍ଥିତ ବୁଦ୍ଧି ଖଟେଇ ବିନି ଜାବୁଡ଼ି ଧରିଲା ତାଳ ବରଡ଼ାକୁ, ପାଣିର ସୁଅ ସେମିତି ମାଡ଼ି ଚାଲିଥାଏ। ସେଇ ତାଳଗଛର ବରଡ଼ା ଧରି ଓ ଆର ହାତରେ ପିଲାକୁ ଜାବୁଡ଼ି ବିନି ଜଳର ଘେର ଭିତରେ ରହିଲା ପ୍ରାୟ ୬୦ ଘଣ୍ଟା। ପାଣି ସ୍ଥିର ହୋଇ କମିବା ପରେ ଗୋଟିଏ ରିଲିଫ ଡଙ୍ଗା ମା, ପୁଅଙ୍କୁ ଉଦ୍ଧାର କଲା। ତାଳ ଗଛ ଜାବୁଡ଼ି ଧରିଥିବା ଡାହାଣ ହାତ କାମ କରୁ ନଥାଏ। ବାମ ହାତର ଛୁଆଟି ମାଆ ଛାତିରେ ଲାଖି ବଂଚି ଯାଇଥାଏ।

ବିନିକୁ ମୁଁ ଭେଟିଲି ଗୋଟିଏ ରିଲିଫ୍ କ୍ୟାମ୍ପରେ। ପ୍ରାୟ ୨୦ ଦିନ ପରେ ମୁଁ ଯାଇଥାଏ ରିଲିଫ ନେଇ ବାଣ୍ଟିବା କାମରେ ଏବଂ ତା ସହିତ ସରକାରୀ ସାହାଯ୍ୟ କିଭଳି ଭାବରେ ଲୋକଙ୍କ ପାଖରେ ପହଞ୍ଚିଛି ଏବଂ ସେ ସବୁ ବାହ୍ୟ ସାହାଯ୍ୟ ବିପର୍ଯ୍ୟସ୍ତ ଗ୍ରାମବାସୀଙ୍କ ମାନସିକତା ଓ ଭବିଷ୍ୟତ ଯୋଜନା ଓ ପ୍ରସ୍ତୁତି ଉପରେ କି ପ୍ରଭାବ ପକାଉଛି ତାର ଅନୁଧ୍ୟାନ କରିବା ଲକ୍ଷ୍ୟରେ ବିନିର କାହାଣୀ ମତେ ଚକିତ କରିଥିଲା। ବିପଦ ଭିତରେ ନିଜକୁ ଓ ପୁଅକୁ ରକ୍ଷା କରିବାର ସାହସ ଓ ବିଚକ୍ଷଣ ପ୍ରୟାସ ଓ ଧୈର୍ଯ୍ୟ ଖୁବ୍ ଅସାଧାରଣ ମନେ ହେଲା। ତାର ଅନ୍ୟ ଦୁଇଟି ପିଲା, ଶାଶୂ, ଶ୍ୱଶୁର ଏବଂ ସ୍ୱାମୀ ବାତ୍ୟାରେ ପ୍ରାଣ ହରେଇଥିଲେ। ବିନି ସବୁ ଦୁଃଖ ସତ୍ତ୍ୱେ, ଛୋଟ ଅନାଥ ଶିଶୁମାନଙ୍କ ରିଲିଫ୍ କ୍ୟାମ୍ପରେ ଥାଇ, ସମସ୍ତଙ୍କର ଖୁବ୍ ଯତ୍ନ ନେଉଥାଏ ଏବଂ ଖାଦ୍ୟ ପ୍ରସ୍ତୁତି ଓ ପରିବେଶ ପରିଷ୍କାର ରଖିବାରେ ନିଜର ସମସ୍ତ ସମୟ କୁଶଳତାର ସହ ଦେଉଥାଏ। ପ୍ରାୟ ଅଧିକାଂଶ ସମୟରେ ଖୁବ୍ ଚୁପ୍‌ଚାପ୍ ରହି କ୍ୟାମ୍ପର ତତ୍ତ୍ୱାବଧାରକଙ୍କ ଠାରୁ ବିନିର ଦୁର୍ଦ୍ଦଶା ଓ ଅସୀମ ସାହସର କଥା ବୁଝିଥିଲି। ତେଣୁ ପ୍ରାୟ ଦୁଇ ତିନି ଥର ଯିବା ପରେ ବିନିର ଅଭିଜ୍ଞତା ଓ ତାର ମାନସିକ ସ୍ଥିତି ବିଷୟରେ ତାରି ମୁହଁରୁ ଶୁଣିଲି। ଲକ୍ଷ୍ୟ କଲି ଏକ ଅଦ୍ଭୁତ ସ୍ଥିରତା ଓ ଶାନ୍ତ ମନ। ସବୁ ସଂକଟ ଭିତରେ ବିନିର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇଥିବା ପରି ମନେ ହେଲା, ଯଦିଓ କିଛି ଦିନ ପରେ ମୁଁ ଦେଖିଲି ଅନ୍ୟ ଏକ ଅସହାୟ ମନ ଓ ସଂକୋଚ; କିନ୍ତୁ ସେ କଥା ପରେ।

ପ୍ରଥମେ ଅଭୂତପୂର୍ବ ବିପର୍ଯ୍ୟୟ ଓ ମରଣ ମୁହଁରେ ରହି ବିନିର ସାହସ ଓ ନିଜ ସହିତ ନିଜ ପୁଅକୁ ବଂଚେଇ ରଖିବାର ସଂଘର୍ଷ ଶକ୍ତି ଆସିଲା କେଉଁଠୁ? ସ୍ୱାମୀ ଓ ପରିବାର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳା, ଅସହାୟ ମନେ ହେଉଥିବା ମହିଳାଟିଏ ନିଜର ସମସ୍ତ ଶକ୍ତି ଓ ମନ ବଳ ଖଟେଇ ଆସନ୍ନ ମୃତ୍ୟୁ ସହିତ ଲଢ଼ିବାର ପ୍ରେରଣା ପାଇଲା କିପରି? ବିନି ମତେ କହିଥିଲା ଯେ ସେ ଜାଣିଥିଲା ଆଉ ବଞ୍ଚିବାର ଆଶା ନାହିଁ, ତଥାପି ନିଜ ଛୁଆକୁ କୌଣସି ମତେ ବଞ୍ଚେଇବାର ସମସ୍ତ ପ୍ରୟାସ ପାଇଁ ସେ ସଂକଳ୍ପ କରିଥିଲା ମନେମନେ। କିଛି ଗୋଟିଏ ଆଶ୍ରା ପାଇଲେ ପିଲାଟିକୁ ବଞ୍ଚେଇ ଦିଅନ୍ତା -ଏଇ କଥା ଭାବି ସିଏ ଭାସି ଯିବା ଅବସ୍ଥାରେ ମଧ୍ୟ ରାହାଟିଏ, ଆଶ୍ରାଟିଏ ପାଇଁ ବ୍ୟାକୁଳ ଭାବରେ ହାତ ହଲେଇ ଯାହା ପାଇଲେ ଯାବୁଡ଼ି ଧରିବାର ପ୍ରୟାସ କରୁଥାଏ, ମନ ଭିତରେ ଏକ ସଂକଳ୍ପ, ଆଶା ଓ ଧୈର୍ଯ୍ୟ ସହିତ। ତେଣୁ ସେଇ ପ୍ରୟାସମାନଙ୍କ ଭିତରେ ତାଳଗଛର ଆଶ୍ରାଟିକୁ ସିଏ ଅପ୍ରାଣ ଉଦ୍ୟମରେ ଜାବୁଡ଼ି ଧରିଥିଲା, ଯାହା ସେ ଦୁଇ ପ୍ରାଣୀଙ୍କ ଜୀବନ ରକ୍ଷା କଲା। ଭାସି ଯାଉଥିବା ମଣିଷ ପାଇଁ କୁଟା ଖିଅ ଭଳି ସାହାରା ମିଳିଲା, କାରଣ ବିନି ହାରି ଯାଇନଥିଲା।

ସାଧାରଣ ଭାବରେ ଗାଉଁଲି ପରିବାରର ବୋହୂଟିଏ, ହଠାତ୍ ଆସନ୍ନ ମୃତ୍ୟୁରୁ ନିଜକୁ ଓ ନିଜ ସନ୍ତାନକୁ ବଞ୍ଚେଇବାର ସଂକଳ୍ପ ଓ ଶକ୍ତି ନିଶ୍ଚୟ ଖୁବ୍ ଅସାଧାରଣ। ବିପନ୍ନ ଜଣେ ସାଧାରଣ ମଣିଷର ଉତ୍ତରଣ ଏକ ଭିନ୍ନ ସ୍ତରକୁ;

ଏହା ଛଡ଼ା ସମ୍ଭବ କାରଣ ବିପଦ ଓ ଶଙ୍କାର ସମୟ ଭିତରେ ମନ ଖୋଜୁଥାଏ ସମ୍ଭାବନା ଓ ସୁଯୋଗ। ପ୍ରତ୍ୟେକଟି ସଂକଟ ଭିତରେ ଥିବା ଆହ୍ୱାନର ସାମନା କରିବାରେ ହିଁ ବ୍ୟକ୍ତି ଓ ସମାଜ ଆଗକୁ ବଢ଼େ। ବିପଦ କାନ୍ଧରେ ନ ପଡ଼ଲେ ମଣିଷ ହୁଏ ତ ବଜେଇ ଶିଖନ୍ତା ନାହିଁ। ନିଆଁରେ ପଡ଼ି ସୁନା ଉଜ୍ଜ୍ୱଳ ହେଲା ପରି ବିପର୍ଯ୍ୟୟ, ଦୁର୍ଦ୍ଦିନ ଓ ଦୁର୍ଦ୍ଦଶାରେ ପଡ଼ିଲେ ହିଁ ମଣିଷ ଶିଖେ, ନିଜର ଦକ୍ଷତା ବୃଦ୍ଧି କରେ ଏବଂ ଭବିଷ୍ୟତ ପାଇଁ ନିଜକୁ ଅଧିକ ଉନ୍ନତ ଓ ଶାଣିତ କରେ। ଜୀବନ ପଥ ଯଦି ନିରଙ୍କୁଶ, ସହଜ, ସରଳ ଓ ଅବାଧ ହୁଅନ୍ତା ତେବେ ହୁଏତ ମଣିଷ ନିଜର ଅନ୍ତର୍ନିହିତ ସାମର୍ଥ୍ୟ ଓ ସମ୍ଭାବନାମାନଙ୍କୁ ଆଗକୁ ନିଅନ୍ତା ନାହିଁ। କାରଣ, ନିର୍ବାଧ ଜୀବନ ଯାତ୍ରା ଖୁବ୍ ଗତାନୁଗତିକ ହୁଅନ୍ତା ଏବଂ କୌଣସି ଆହ୍ୱାନ ବିନା ପ୍ରତ୍ୟେକ ବ୍ୟକ୍ତି ଓ ସମାଜ ପୂର୍ବ ପରି ସ୍ଥିର ରହନ୍ତା। ବର୍ତ୍ତମାନର କରୋନା ମହାମାରୀର ଭୟାବହତା ଭିତରେ ମଣିଷ ସମାଜର ସାମୂହିକ ସଂଗ୍ରାମ ଓ ସଂକଳ୍ପ ମଧ୍ୟରେ ଅନେକ କିଛି ଅପ୍ରତ୍ୟାଶିତ ଭାବରେ ସମ୍ଭବ ହୋଇଛି କାରଣ ଅଜଣା ଭାଇରସର ଅନିଶ୍ଚିତତା ଭିତରେ ରହି ମଧ୍ୟ ମଣିଷ ହାରିଯାଇ ନାହିଁ। ଖୁବ୍ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଷେଧକ ଟିକା ସମେତ ଅନେକ ନୁଆ ବାଟ ଖୋଜୁଛି, ଯାହା ସମସ୍ତ ଦୁର୍ଦ୍ଦଶା ଓ ଅପୂରଣୀୟ କ୍ଷତି ସତ୍ତ୍ୱେ ସମାଜକୁ ଭବିଷ୍ୟତର ସାମନା କରିବା ପାଇଁ ଅଧିକ ସକ୍ଷମ କରିଛି। କରୋନା ମହାମାରୀକୁ ତ ସୁଯୋଗ କହି ହେବ ନାହିଁ, କିନ୍ତୁ ଏହାର ଆହ୍ୱାନ ମାନବ ସମାଜ ପାଇଁ ଏକ ଭିନ୍ନ ଉତ୍ତରଣ।

ପ୍ରତ୍ୟେକ ମଣିଷର ମନ ଓ ଅନ୍ତର୍ନିହିତ ମାନସିକ ପ୍ରକ୍ରିୟା ଭିତରେ ରହିଛି ଅନେକ ଅଦେଖା, ଅପରୀକ୍ଷିତ ସମ୍ବଳ – ଦୁର୍ଗତିର, ବିପଦର ସଫଳ ଓ ଦକ୍ଷ ମୁକାବିଲା କରିବା ପାଇଁ ବା ବିପଦର ସାମନା କରିବା ପାଇଁ ସାମର୍ଥ୍ୟ। ଏ ପ୍ରକାର ସାମର୍ଥ୍ୟ ଅନ୍ତର୍ନିହିତ ସମ୍ବଳ ଭାବରେ ପ୍ରତ୍ୟେକ ମଣିଷ ମଧ୍ୟରେ ହିଁ ଅଛି, କାରଣ ଆଦିମ କାଳରୁ ଜଙ୍ଗଲୀ ମଣିଷ ଅତର୍କିତ ଆକ୍ରମଣକାରୀ ପଶୁମାନଙ୍କ କବଳରୁ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବାର କୌଶଳମାନ ନିଜ ଭିତରେ ବିକଶିତ କରିଛି। ଏହା ପ୍ରତ୍ୟେକ ମଣିଷ ତଥା ପ୍ରାଣୀଙ୍କର ସଞ୍ଚିତ ସମ୍ବଳ ଯାହା ସେମାନଙ୍କୁ ଅପ୍ରତ୍ୟାଶିତ ବିପଦରୁ ରକ୍ଷାକରେ। ପ୍ରତିକୂଳ ପରିବେଶ ବା ପରିସ୍ଥିତି ମଧ୍ୟରେ ନିଜକୁ ଖାପ ଖୁଆଇ ବିପଦ ଓ ବିପର୍ଯ୍ୟୟର ସାମନା କରିବା, ତାକୁ ସହିବା, ତାର କୁପ୍ରଭାବ ବା ତାଡ଼ନାକୁ ହ୍ରାସ କରିବା ଏବଂ ବିପଦର ପରିସ୍ଥିତିକୁ କାବୁ କରିବାର ପ୍ରଚେଷ୍ଟା ଫଳରେ ବ୍ୟକ୍ତି ସୁରକ୍ଷିତ ରହେ। ବୌଦ୍ଧିକ ଓ ବ୍ୟବହାରିକ ସ୍ତରରେ ପ୍ରତିକୂଳ ପରିବେଶର ସଫଳ ମୁକାବିଲା କରିବାର ସାମର୍ଥ୍ୟ ପ୍ରତେକ ମଣିଷର ଅନ୍ତର୍ନିହିତ ସମ୍ବଳ।

ବିପତ୍ତି ପଡ଼ିଥିଲା ବେଳେ ଏହି ଅନ୍ତର୍ନିହିତ ସମ୍ବଳର, ନିଜ ଧୀଶକ୍ତି ଓ ବ୍ୟବହାରିକ ସାମର୍ଥ୍ୟର ପୂର୍ଣ୍ଣ ବିନିଯୋଗ ନିର୍ଭର କରେ ବ୍ୟକ୍ତିର ନିଜ ମନ ଓ ତାର ନିୟନ୍ତ୍ରଣ ଉପରେ। ପ୍ରତ୍ୟେକ ବିପଦ ବା ବିପର୍ଯ୍ୟୟ ମଧ୍ୟରେ ଏହି ସମ୍ବଳ ମଣିଷକୁ କେତେ ସକ୍ଷମ ଓ ସଫଳ କରିପାରିବ ତାହା ନିର୍ଭର କରେ କେତେକ ମାନସିକ ପ୍ରକ୍ରିୟା ଉପରେ। ଅତ୍ୟଧିକ ବିପଦ ପଡ଼ିଲେ ମନ ନିଶ୍ଚୟ ବିଚଳିତ ହେବ, ଅସ୍ଥିର ହେବ, ଆତଙ୍କିତ ହେବ। ତେଣୁ, ମନର ଶକ୍ତି ଓ ସମ୍ବଳର ପୂର୍ଣ୍ଣ ବିନିଯୋଗର ପ୍ରଥମ ଆବଶ୍ୟକତା ହେଲା ନିଜ ଆବେଗ ଉପରେ ନିୟନ୍ତ୍ରଣ। ନିଜ ମନକୁ ବୁଝେଇ ମନର ଆବେଗକୁ ନିୟନ୍ତ୍ରଣ କଲେ ହିଁ ଜଣେ ବିପତ୍ତିର ସାମନା କରିବାର ସର୍ବନିମ୍ନ ସାମର୍ଥ୍ୟ ପାଇବ। ମନ ଅସ୍ଥିର ଓ ଆବେଗ ଅତ୍ୟଧିକ ହେଲେ ଧିଶକ୍ତି କାମ କରେ ନାହିଁ ବା ବୁଦ୍ଧି ହଜିଯାଏ ଏବଂ ଅଧିକ ଦୁର୍ବଳତା ବ୍ୟକ୍ତିକୁ ଅକାମୀ ଓ ଅସମର୍ଥ କରିଦିଏ। ବିନି ଭଳି ଭାସି ଯାଉଥିବା ବ୍ୟକ୍ତି ଯଦି ନିଜର ଦୁର୍ଦ୍ଦଶାରେ ଅଭିଭୂତ ହୋଇ ହାତ ଟେକି ଦେଇ ଥାଆନ୍ତା, ତେବେ ସେ ବଞ୍ଚି ନଥାନ୍ତା ଓ ତାର ସନ୍ତାନଟିକୁ ବଞ୍ଚେଇ ପାରି ନଥାନ୍ତା। ବିପଦ ସମୟରେ ଉପସ୍ଥିତ ସମସ୍ୟା ନିଶ୍ଚୟ ଖୁବ୍ କଠିନ ଏବଂ ସେ ସବୁର ପୂର୍ଣ୍ଣ ସମାଧାନର ପନ୍ଥା ହୁଏତ ବିପଦରେ ପଡ଼ିଥିବା ବ୍ୟକ୍ତି ପାଖରେ ନାହିଁ। ତଥାପି ସେଇ ଚିନ୍ତାରେ ମଣିଷ ଯଦି ବିପଦ ଆଗରେ ଆତ୍ମସମର୍ପଣ କରିଦିଏ ତେବେ ମୁକ୍ତି ନିଶ୍ଚୟ ନାହିଁ। ଉପସ୍ଥିତିରେ ବ୍ୟକ୍ତିର ଅନ୍ତର୍ନିହିତ ସାମର୍ଥ୍ୟ ଓ ସମ୍ବଳ ଭିତରେ ଯାହା ବା ଯେତିକି ପନ୍ଥା ବା କୌଶଳ ମନକୁ ଆସୁଛି ସେ ସବୁର ସ୍ଥିର ପ୍ରୟୋଗ ହିଁ ବିପଦର ସାମନା କରିବା ପାଇଁ ଦ୍ୱିତୀୟ ଆବଶ୍ୟକତା। କରୋନାର ମୁକାବିଲା କୌଶଳ ଓ ଜ୍ଞାନମାନ ପୃଥିବୀର ମାନବ ସମାଜରେ ନଥିଲା ଏବଂ ଏବେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନାହିଁ। ତେବେ ସେଇ ଅଜ୍ଞତାର ଚିନ୍ତାରେ  ଏବଂ ସେହି ଆଳରେ ଆମେ ଯଦି ସ୍ଥାଣୁ ରହି କରୋନା ମହାମାରୀ ଆଗରେ ଆତ୍ମସମର୍ପଣ କରିଥାଆନ୍ତୁ , ତେବେ ବିଶ୍ୱର ରୂପରେଖ ବଦଳି ଯାଇଥାଆନ୍ତା। ନିଜର ଉପସ୍ଥିତ ଜ୍ଞାନ ଓ ସମ୍ବଳର ବିନିଯୋଗ କରି ବିଭିନ୍ନ ରାଷ୍ଟ୍ରରେ ଓ ସମ୍ମିଳୀତ ପ୍ରୟାସରେ ବିଶ୍ୱ ଏହି ବିପତ୍ତିର ସାମନା କରିଛି, ହାର ମାନି ନାହିଁ। ଫଳରେ ସମ୍ପୁର୍ଣ୍ଣ ନ ହେଲେ ମଧ୍ୟ ଆଂଶିକ ଭାବରେ କିଛିଟା ଆଶ୍ୱସ୍ତି ମିଳିଛି। ବ୍ୟକ୍ତିଗତ ସ୍ତରରେ ବିପଦ ସହିତ ନିଜର ଉପସ୍ଥିତ ବୁଦ୍ଧି ଓ ସାମର୍ଥ୍ୟର ସତ୍‌ସମ୍ଭବ ବିନିଯୋଗ ନକରି ବିନି ଯଦି ବିପଦ ଆଗରେ ହାର ମାନିଯାଇଥାଆନ୍ତା, ତେବେ ଏକ ଭିନ୍ନ ଭାଗ୍ୟ ହୋଇଥାଆନ୍ତା।

ବିପଦ ବେଳେ ମନର ଆବେଗକୁ ନିୟନ୍ତ୍ରଣରେ ରଖିବା ଏବଂ ସ୍ଥିର ଭାବରେ ଉପସ୍ଥିତ ପରିସ୍ଥିତିରେ ଆମ ପାଖରେ ଯାହା ସାମର୍ଥ୍ୟ ଅଛି ଏବଂ ଯାହା ଆମ ପାଇଁ ସମ୍ଭବ ସେତିକିର ଉପଯୁକ୍ତ ବିନିଯୋଗ କରି ସ୍ଥିର ଭାବରେ ବିପଦର ସାମନା କରିବା ହେଲା ଦୁଇଟି ପ୍ରାରମ୍ଭିକ ପଦକ୍ଷେପ। ଏହା ଫଳରେ ଯେ ବିପଦ ତୁରନ୍ତ ହଟିଯିବା ବା ସମସ୍ୟାର ସମାଧାନ ହୋଇଯିବ ତାହା ପ୍ରାୟତଃ ଘଟେ ନାହିଁ। ଫଳରେ ସାମାନ୍ୟ ପ୍ରାଥମିକ ପ୍ରଚେଷ୍ଟା ପରେ ଉପଶମ ନମିଳିଲେ ସାଧାରଣତଃ ଲୋକେ ଅଧୈର୍ଯ୍ୟ ହୋଇ ପଡ଼ନ୍ତି। ଫଳତଃ ବିପଦରେ ପଡ଼ିଥିବା ବ୍ୟକ୍ତି ପ୍ରାଥମିକ ସ୍ତରର ପ୍ରୟାସ ପରେ, ହଠାତ୍ ଅଧିକ ହତୋତ୍ସାହିତ ହୋଇ ପଡ଼ନ୍ତି, କାରଣ ତୁରନ୍ତ ସମାଧାନ ବା ତତ୍‌କାଳୀନ ଫଳାଫଳର ଆଶା ମନ ଭିତରେ ପ୍ରବଳ ଭାବରେ ଥାଏ ଏବଂ ଏହା ମନକୁ ଅଧିକ ଉଦ୍‌ବେଳିତ କରେ, ଯାହା ଫଳରେ ଅଧିକାଂଶ କ୍ଷେତ୍ରରେ ମଣିଷ ଆଉ କିଛି କରେ ନାହିଁ, ଭାଗ୍ୟକୁ ଭରସା କରି ହାତଟେକି ଦିଏ। ବିପଦର ସଫଳ ମୁକାବିଲା କରିବା ପାଇଁ ତୃତୀୟ ଆବଶ୍ୟକତା ହେଲା ଧୈର୍ଯ୍ୟ – ତୁରନ୍ତ ସମାଧାନ ବା ଫଳାଫଳକୁ ନ ଚାହିଁ ଅପେକ୍ଷା କରିବାର ଧୈର୍ଯ୍ୟ। ଏ ସବୁ ମୁଳରେ ହେଉଛି ବିପଦକୁ ସାମନା କରିବାର ଚତୁର୍ଥ ବା ଶେଷ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା– ବିପଦ ବେଳେ ମଣିଷ ମନର ଆତ୍ମ ବିଶ୍ୱାସ ହିଁ ସବୁଠାରୁ ବଡ଼ ସମ୍ପଦ। "ମୁଁ ଚେଷ୍ଟା କରିବି ଏବଂ ସଫଳ ହେବି" ଏହି ପ୍ରକାରର ଦୃଢ଼ ଆତ୍ମ–ବିଶ୍ୱାସ ହିଁ ମନକୁ ଧୈର୍ଯ୍ୟ ଦିଏ, ମନର ଆବେଗକୁ ବା ଆତୁରତାକୁ ନିୟନ୍ତ୍ରଣରେ ରଖେ ଏବଂ

ନିଜର ସାମର୍ଥ୍ୟ ଓ ପରିସ୍ଥିତି ମୁତାବକ ଯଥା ସମ୍ଭବ ବୁଦ୍ଧି ବିଚାରର ପ୍ରୟୋଗ ପାଇଁ ବ୍ୟକ୍ତିକୁ ପ୍ରସ୍ତୁତ କରେ। ବିପଦରେ ସ୍ଥିର ରହି ନିଜ ଦକ୍ଷତାର କୌଶଳର ବା ପ୍ରୟାସର ପୂର୍ଣ୍ଣ ବିନିଯୋଗ କରିବା ବ୍ୟକ୍ତିର ଯେ ମନ ଭିତରେ ଭୟ ନଥାଏ ବା ମାନସିକ ଚାପ ନଥାଏ ଏହା ନୁହେଁ, କିନ୍ତୁ ନିଜ ଉପରେ, ନିଜର ପ୍ରୟାସ ଓ ସାମର୍ଥ୍ୟ ଉପରେ ଅଧିକ ଆତ୍ମ-ବିଶ୍ୱାସ ରଖି ଥିବା ବ୍ୟକ୍ତି ମାନସିକ ଚାପରୁ, ଅତ୍ୟଧିକ ଆତୁରତାରୁ ନିଜକୁ ରକ୍ଷା କରି ପାରନ୍ତି।

ମଣିଷ ଜୀବନରେ ଅନେକ ବିପଦ ଓ ବିପର୍ଯ୍ୟୟ ଆସେ, ଅଧିକନ୍ତୁ ଅପ୍ରତ୍ୟାଶିତ ଭାବେରେ। ଏ ବିପଦମାନଙ୍କୁ ହୁଏତ ସମ୍ପୂର୍ଣ୍ଣ ଭାବରେ ଟାଳି ଦେଇ ହେବ ନାହିଁ। ତେବେ ଜୀବନରେ ଏ ସବୁ ଝଡ଼ ଝଞ୍ଜା ଭିତରେ ହିଁ ମଣିଷ ସଂଗ୍ରାମ କରିଚାଲେ। ପ୍ରତିକୂଳ ପରିସ୍ଥିତିରେ ଅନେକ ଭାଙ୍ଗି ପଡ଼ନ୍ତି କେବଳ ବିପଦ ଯୋଗୁଁ ନୁହେଁ ବରଂ ବିପଦର ମୁକାବିଲା ଜନିତ ମାନସିକ ଚାପରୁ, ସଂଗ୍ରାମର କ୍ଳାନ୍ତିରୁ ଏବଂ ହତାଶାର ବୋଝରୁ। ତେଣୁ ବିପଦ ଅପେକ୍ଷା ଅଧିକ କ୍ଷତି କରେ ବିପଦ ସାମନା କରିବାର ମାନସିକ ଚାପ ଓ ବିଷାଦ। ନିଜ ସାମର୍ଥ୍ୟ ଏବଂ ପ୍ରୟାସ ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ହିଁ ଯଥା ସମ୍ଭବ ବିପଦ ସତ୍ତ୍ୱେ ବିଷାଦଗ୍ରସ୍ତ ନହୋଇ ସ୍ଥିର ରହିପାରେ। ତେଣୁ ବିପଦ ବେଳେ ବ୍ୟକ୍ତି କେତେ ଦୂର ନିଜକୁ ପ୍ରସ୍ତୁତ କରି ପାରରୁଛି ଏବଂ ପ୍ରତ୍ୟେକ ବିପଦ ମଧ୍ୟରୁ  କି କି ଭାବରେ ନିଜ ପାଇଁ ଅଧିକ ସଂଭାବନା ସୃଷ୍ଟି କରି ପାରୁଛି, ତାହା ସୁକ୍ଷ୍ମ ଭାବରେ ଦେଖିଲେ ମନର ଖେଳ। ମନ ଯଦି ସ୍ଥିର ରହିପାରିଲା, ଧୈର୍ଯ୍ୟ ନ ହରେଇଲା ଏବଂ ଦୃଢ଼ ଆତ୍ମବିଶ୍ୱାସ ସହିତ ପ୍ରତିକୂଳ ପରିସ୍ଥିତି ସହିତ  ଲଢ଼େଇ କରିପାରିଲା, ତେବେ ମଣିଷ ପ୍ରତ୍ୟେକ ବିପତ୍ତିରୁ ଉତ୍ତୀର୍ଣ୍ଣ ହେବ ଅଧିକ ଦକ୍ଷତା ଓ କୌଶଳ  ସହିତ। ସାମୂହିକ ସ୍ତରରେ ମଧ୍ୟ ବିପତ୍ତିର ସୁଚିନ୍ତିତ ଓ ଦୃଢ଼ ବିଶ୍ୱାସ ସହିତ ମୁକାବଲା କରିବାରେ ସମାଜ ଉନ୍ନତ ହୁଏ, ଆଗକୁ ଯାଏ। ବିପତ୍ତି ଯେ ଜୀବନକୁ ପ୍ରଭାବିତ କରିବ ନାହିଁ, ତା ନୁହେଁ କିନ୍ତୁ ଏହି ପ୍ରଭାବ ବ୍ୟକ୍ତିକୁ ଓ ସମାଜକୁ ଅଧିକ ଶାଣିତ ଓ ଦକ୍ଷ କରିବ ନା ପଙ୍ଗୁ କରିଦେବ ତାହା ନିର୍ଭର କରେ ସମାଜର ଓ ବ୍ୟକ୍ତିର ମାନସିକତା ଉପରେ, ଦୃଢ଼ ସଂକଳ୍ପ ଓ ଆତ୍ମବିଶ୍ୱାସ ଉପରେ।

ଅନେକ ସମୟରେ ଆତ୍ମ-ବିଶ୍ୱାସର ସହିତ ଜୀବନ ଯୁଦ୍ଧରେ ଲଢ଼ିଥିବା ବ୍ୟକ୍ତି ମଧ୍ୟ ବିପଦର ସାମନା କରିବା ପରେ, ବିପଦ ଜନିତ କ୍ଷୟକ୍ଷତି ଯୋଗୁଁ ନିଜର ପୂର୍ବ ଆତ୍ମ-ବିଶ୍ୱାସ ହରେଇ ଥାଆନ୍ତି ଏବଂ କେତେକ ବ୍ୟକ୍ତି ବିପଦ ପରେ ହଠାତ୍ ଅଧିକ ନିର୍ଭରଶୀଳ ଏବଂ କିଛିଟା ନିଷ୍କ୍ରିୟ ହୋଇ ପଡ଼ନ୍ତି। ବିପଦରେ ପଡ଼ିଯାଇଥିବା ବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବ୍ୟକ୍ତି ଅନେକ ସମ୍ବେଦନା, ସାହାଯ୍ୟ ଓ ଅଯାଚିତ ସେବା ପାଇଥାଏ। ଏ କ୍ଷେତ୍ରରେ ଆତ୍ମ-ବିଶ୍ୱାସ ହରେଇଥିବା ବ୍ୟକ୍ତିର ଏକ ମାନସିକ ନିର୍ଭରଶୀଳତା ଆସିଥାଏ ଏବଂ ସବୁ ଅଯାଚିତ ସାହାର୍ଯ୍ୟର ଛତ୍ରଛାୟା ତଳେ ସେ ରହିଯିବାକୁ ଚାହେଁ। ଅନେକ ସମୟରେ ଆତ୍ମ-ବିଶ୍ୱାସ ହରେଇ ବିପର୍ଯ୍ୟସ୍ତ ବ୍ୟକ୍ତିମାନେ ଅନ୍ଧବିଶ୍ୱାସର ଶିକାର ହୁଅନ୍ତି। ୧୯୯୯ ମସିହାର ମହାବାତ୍ୟା ପରେ, ବିପର୍ଯ୍ୟୟରୁ ବଞ୍ଚି ଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ଏକଥା ଧରି ନେଲେ ଯେ ମହାବାତ୍ୟା ଏକ ଦୈବୀଦୁର୍ବିପାକ ଥଲା, ଯାହା ପାପ ଭାରରୁ ମୁକ୍ତ କରିବା ପାଇଁ ଈଶ୍ୱରଙ୍କ ପ୍ରେରିତ ଅଭିଶାପ ଥିଲା। ଏରସମା ଅଞ୍ଚଳରେ ଯେଉଁମାନଙ୍କ ବିପର୍ଯ୍ୟୟ-ପରବର୍ତ୍ତୀ ମାନସିକତା ବିଷୟରେ ମୁଁ ଅନୁଧ୍ୟାନ କରିଥିଲି, ସେମାନଙ୍କ ମଧ୍ୟରୁ କେତେକ ବିଶ୍ୱାସ କରୁଥିଲେ ଯେ ବାତ୍ୟା ପୂର୍ବରୁ କଚ୍ଛପ ଅବତାରୀ ଭଗବାନ ସମୁଦ୍ର ମଧ୍ୟରେ ଦେଖା ଦେଇଥିଲେ। ସବୁଠାରୁ ବଡ଼କଥା ହେଲା ଏଇ ବ୍ୟକ୍ତିମାନେ ବାତ୍ୟା ପୂର୍ବରୁ ଖୁବ୍ ସଫଳ ଓ କୁଶଳୀ ଚାଷୀ ଥିଲେ ଏବଂ ପାରମ୍ପରିକ ଚାଷ ବ୍ୟତୀତ ମତ୍ସ୍ୟ-ଚାଷ, ଚିଙ୍ଗୁଡ଼ି ଚାଷ ଇତ୍ୟାଦି ଅଭିନବ ଉଦ୍‌ଯୋଗରେ ସଫଳ ଭାବରେ ପୁଞ୍ଜିନିବେଶ କରିଥିଲେ। ସେଇମାନେ ହଠାତ୍ ଆତ୍ମବିଶ୍ୱାସ ହରେଇ ନିଷ୍କର୍ମା ହୋଇଗଲେ ଅନ୍ତତଃ ସାମୟିକ ଭାବରେ। ବିନା ପ୍ରୟାସରେ ଅନେକ ସରକାରୀ ଓ ବେସରକାରୀ ଓ ସାହାଯ୍ୟ ପ୍ରଭୃତି ପରିମାଣରେ ମିଳିଯାଉଥିବାରୁ ସେମାନେ ଆଉ ପ୍ରୟାସ ନକରି ନିର୍ଭରଶୀଳ ହୋଇ ରହିଯିବାକୁ ମାନସିକ ସ୍ତରରେ ସ୍ଥିର କରି ନେଇଥିବାର ମନେହେଲା। ଅନେକ ଘର ଭଙ୍ଗା ସାହାଯ୍ୟ ଯାହାକି ସେତେବେଳେ ଆଂଶିକ କ୍ଷତିଗ୍ରସ୍ତ ବାସଗୃହ ପାଇଁ ଟ୨୫,୦୦୦ ଥିଲା, ତାହା ପାଇ ସାରି ମଧ୍ୟ ନିଜର ଭଙ୍ଗା ଘରକୁ ତିଆରି କରିବା ପ୍ରୟାସ ନକରି ସାହାଯ୍ୟ ଶିବିରରେ ରହି ଯିବାକୁ ଇଚ୍ଛା କରୁଥିଲେ। ବିଶେଷ ଭାବରେ ମୁଁ ଲକ୍ଷ୍ୟ କରିଥିଲି ଯେ ସେମାନଙ୍କର କୌଣସି ଭବିଷ୍ୟତ ଯୋଜନା ନଥିଲା; ସେମାନେ ଭାଗ୍ୟ ଉପରେ ନିଜକୁ ସମର୍ପଣ କରି ସାରିଥିଲେ। ହୁଏତ ସମୟ କ୍ରମେ ସେମାନେ ନିଜ ଆତ୍ମ-ବିଶ୍ୱସ ଫେରି ପାଇ କିଛିଟା ଉଦ୍‌ଯୋଗ ଓ ପ୍ରୟାସ କରିଥିବେ। ତେବେ ବାତ୍ୟା ପରବର୍ତ୍ତୀ ସାହାଯ୍ୟ ସେମାନଙ୍କ ମନକୁ ଅଧିକ ନିର୍ଭରଶୀଳ କରିଥିବାର ପ୍ରମାଣ ମତେ ଅନେକ ମିଳିଥିଲା। ତେଣୁ ଏହା ସ୍ପଷ୍ଟ ଯେ ମନର ଆତ୍ମବିଶ୍ୱାସ ହାରି ଗଲେ ମଣିଷ ପାଇଁ ବିପଦରୁ ସମ୍ପୂର୍ଣ୍ଣ ଭାବେ ଉତ୍ତୀର୍ଣ୍ଣ ହେବା କଷ୍ଟକର। ଯେଉଁମାନେ ବିପର୍ଯ୍ୟୟ ଆଗରୁ ବେଶ ଦୃଢ଼ତା ଓ ଦକ୍ଷତାର ସହିତ ଜୀବନର ସଫଳ ସାମନା କରୁଥିଲେ ସେଇମାନେ ହଠାତ୍ ମନୋବଳ ହରେଇ ବାହ୍ୟ ସାହଯ୍ୟକୁ ଅନେଇ ରହିବା ଖୁବ୍ ଆଶ୍ଚର୍ଯ୍ୟଜନକ ମନେହେଲା। ପୁଣି ଫେରେ ଲଢ଼େଇ କରି ଆସନ୍ନ ମୃତ୍ୟୁରୁ ନିଜକୁ ଓ ନିଜ ସନ୍ତାନକୁ ବଞ୍ଚେଇ ପାରିଥିବା ବିନି କଥାକୁ ସବୁ ବିପର୍ଯ୍ୟୟ ପରେ ଅନାଥ ଶିଶୁଙ୍କ ଶିବିରର ସାହାଯ୍ୟ ଓ ଛାୟା ତଳେ ରହି ବିନି ବୋଧ ହୁଏ ଆସ୍ତେ ଆସ୍ତେ ନିର୍ଭରଶୀଳ ହୋଇପଡ଼ିଥିଲା। ଫଳରେ ଯେତେବେଳେ ନିଜ ଉଦ୍ୟମରେ ସ୍ୱାଧୀନ ଭାବରେ କିଛି କରିବାର ଆହ୍ୱାନ ଆସିଲା ବିନି ସେତେବେଳେ ପଛଘୁଞ୍ଚା ଦେଲା, ପ୍ରତିବାଦ କଲା। ଶିବିର ବାହାରେ କାମ କରି କିଛି ନିଜ ରୋଜଗାର କରିବା ଏବଂ ଘର ତିଆରି ସରକାରୀ ସାହାଯ୍ୟ ବିନିଯୋଗ କରି ନିଜ ଘରକୁ ଫେରିବାର ପରାମର୍ଶ ତାକୁ ଯେବେ ଶିବିର ପରିଚାଳକଙ୍କ ଠାରୁ ଦିଆଗଲା, ସେ ଯିବା ପାଇଁ କୁଣ୍ଠିତ ହେଲା, ପ୍ରତିବାଦ କଲା। ମାଆ କ୍ଷୀର ଉପରେ ନିର୍ଭରଶୀଳ ଶିଶୁ ମାଆ କ୍ଷୀର ଛାଡ଼ିବା ପାଇଁ ଯେପରି କୁଣ୍ଠିତ ହୁଏ, ପ୍ରତିବାଦ କରେ, ଠିକ୍ ସେହିପରି ମାନସିକତା ଦେଖା ଗଲା ବିନି ଠାରେ। ବାରମ୍ବାର ପ୍ରରୋଚନା ସତ୍ତ୍ୱେ ବିନି ଶିବିର ଛାଡ଼ି ବାହାରେ ଆତ୍ମନିର୍ଭରଶୀଳ ହେବା ପାଇଁ ଇଚ୍ଛା କଲାନାହିଁ ଏବଂ ସେଥିପାଇଁ ତାକୁ ଯେବେ ବି ତାଗିଦ୍ କରି ବାହାରକୁ ଯାଇ କାମ କରିବାକୁ ସମୟସୀମା ଦିଆଗଲା ସେ ବାରମ୍ବାର ଠିକ୍ ସମୟ ସରିବା ଆଗରୁ ବେମାର ପଡ଼ିଲା - ଏକ ପ୍ରକାର ଶାରୀରିକ-ମାନସିକ ରୋଗ। ଏ ପ୍ରକାର ନିର୍ଭରଶୀଳତାକୁ ମୁଁ ମାଆ କ୍ଷୀର ଛାଡ଼ିବାର ଆତୁରତା ଓ ଆବେଗ (Weaning Syndrome) ଭାବରେ ବର୍ଣ୍ଣନା କରିଥିଲା ମୋ ଅନୁଧ୍ୟାନର

ବିବରଣୀରେ । କେବଳ ବିନି ନୁହେଁ, ସେ ଅଞ୍ଚଳରେ ଅନେକ ବ୍ୟକ୍ତି ରିଲିଫ ବନ୍ଦ ହେବାରୁ ପ୍ରତିବାଦ କରିଥିଲେ, ବିଭିନ୍ନ ଆଳରେ ରିଲିଫର ଛାୟାରେ ନିର୍ଭରଶୀଳ ହେବାକୁ ଚାହିଁଥିଲେ । ସମୟକ୍ରମେ ହୁଏତ ଅନନ୍ୟୋପାୟ ହୋଇ ସେମାନେ ପୁଣି ନିଜ ବିପର୍ଯ୍ୟସ୍ତ ଜୀବନକୁ ସଜାଡ଼ିଥିବେ ବିନି ପରି । କିନ୍ତୁ , ମନ ଓ ମନର ଆତ୍ମ-ବିଶ୍ୱାସର ଛାଇ ଆଲୁଅ ଖେଳରେ ବିପଦଗ୍ରସ୍ତ ବ୍ୟକ୍ତିମାନେ ଏବଂ ଦୀର୍ଘ ସୂତ୍ରରେ ବିଭିନ୍ନ ଦେଶ ଏବଂ ସମାଜ ମଧ୍ୟ ଏଇ ଭଳି ନିର୍ଭରଶୀଳତାକୁ ଅଗେଇ ନିଅନ୍ତି ।

ବିପତ୍ତି ପ୍ରତ୍ୟେକ ବ୍ୟକ୍ତି ଓ ସମାଜ ପାଇଁ ସାମୟିକ ଆହ୍ୱାନ । ଏ ଆହ୍ୱାନରୁ ମଣିଷ ଓ ସମାଜ ଉତ୍ତୀର୍ଣ୍ଣ ହୁଏ ବିଭିନ୍ନ ବାଟରେ, ବିଭିନ୍ନ ଦିଗରେ । ଅଧିକାଂଶ କ୍ଷେତ୍ରରେ ଆତ୍ମ-ବିଶ୍ୱାସର ସହିତ ବିପଦର ସାମନା କରୁଥିବା ବ୍ୟକ୍ତି ଓ ସମାଜ ବିପର୍ଯ୍ୟୟର ଅନୁଭବ ଭିତରୁ ନୂତନ ପ୍ରୟାସ ଓ ନୂତନ ପ୍ରତିଶ୍ରୁତି ସହିତ ଆଗକୁ ବଢ଼ନ୍ତି । ଉପସ୍ଥିତ ବୁଦ୍ଧି ଓ ମାନସିକ ସ୍ଥିରତା ଓ ଧୈର୍ଯ୍ୟର ସହ ବିନି ଭଳି ଦୁର୍ଭାଗ୍ୟ ସହିତ ସଫଳ ଲଢ଼େଇ କରନ୍ତି । ପୁଣି, ସେଇ ବ୍ୟକ୍ତି ହଠାତ୍ ଆତ୍ମ-ବିଶ୍ୱାସ ହରେଇଲେ ଆତ୍ମ-ନିର୍ଭରଶୀଳତା ପରିବର୍ତ୍ତେ ବାହ୍ୟ ସାହାଯ୍ୟର ପ୍ରତୀକ୍ଷା କରନ୍ତି ଓ ଆବେଗର ସହିତ ସେହି ବାହ୍ୟ ସାହଯ୍ୟକୁ ଛାଡ଼ିବା ପାଇଁ କୁଣ୍ଠିତ ହୁଅନ୍ତି । ତେଣୁ, ସଙ୍କଟ ମଧ୍ୟରୁ ମଣିଷ କି ଭଳି ଭାବରେ ଏବଂ କେଉଁ ପ୍ରକାର ଶକ୍ତି ସଞ୍ଚୟ କରିବ, ଆଗକୁ ଯିବ ନା ପଛକୁ  ନା ସ୍ଥାଣୁ ରହିଯିବ ତାହା ନିର୍ଭର କରେ ମଣିଷର ନିଜ ମନ ଉପରେ, ମନର ବିଶ୍ୱାସ-ଅବିଶ୍ୱାସରେ, ମନର ଦୁର୍ବଳତା ବା ଦୃଢ଼ତା ଉପରେ । ମନ ହିଁ ବାଟ କଢ଼ାଏ, ବିପଦର ସାମନା କରାଏ ଏବଂ ଆଗ ପଛ କରାଏ । ମନକୁ ବୁଝିବା ମନକୁ ନିୟନ୍ତ୍ରଣ କରି ସେଇ ଅନୁସାରେ ପରିଚାଳିତ ହେବାରେ ହିଁ ନିର୍ଭର କରେ ମଣିଷ ଓ ସମାଜର ସ୍ଥିତି ଓ ପ୍ରଗତି ।

ପ୍ରାକ୍ତନ ପ୍ରଫେସର, ଜେ.ଏନ୍.ୟୁ. ଏବଂ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ମୋ - ୯୪୩୮୩୬୦୦୦୩



# ବିପଦରେ ବିବର୍ତ୍ତନର ଲକ୍ଷଣ

*ଅଧ୍ୟାପକ ବିଶ୍ୱରଂଜନ*

ଅନ୍ଧାର ଭିତରୁ ଆଲୋକର ଆବିଷ୍କାର, ଅଜ୍ଞତାରୁ ଜ୍ଞାନର ଆହରଣ ଭିତରେ ମଣିଷର ଜୀବନ ଓ ସଭ୍ୟତାର କ୍ରମ ବିବର୍ତ୍ତନର ଧାରା ଗଢ଼ିଆସୁଛି । କୌଣସି ସମସ୍ୟା ବା ସଂକଟ ନିକଟରେ ଆତ୍ମସମର୍ପଣ ନ କରି ତା'ରି ଭିତରୁ ସେ ନିଜ ବିଜୟର ପଥ ବାଛିନେବାରେ ସଫଳ ହୋଇଛି ଏବଂ ସମସ୍ୟାକୁ ନିଜ ପାଇଁ ସୁଯୋଗରେ ପରିଣତ କରିଛି । ଯୁଗେ ଯୁଗେ ପ୍ରମାଣିତ ହୋଇଛି, ଜୀବନ ଓ ଜଗତରେ ଯେତେବେଳେ କୌଣସି ବିପଦ ଦେଖାଦେଇଛି, ତାହା ପରିଶେଷରେ ମଣିଷର ଜ୍ଞାନ ଓ ବୁଦ୍ଧି ବଳରେ ସମ୍ପଦ ସୃଷ୍ଟିରେ ସହାୟକ ହୋଇଛି । ଉତ୍କଳମଣି ଗୋପବନ୍ଧୁଙ୍କ କାବ୍ୟୋକ୍ତିରେ – 'ବିପଦ ପ୍ରଭୁଙ୍କ କଷଟି ପାଷାଣ, ପରଖନ୍ତି ତହିଁ ନର-ହୃଦ ଟାଣ ।' ଭକ୍ତକବି ମଧୁସୂଦନ ମଧ ଅନୁରୂପ ଢଙ୍ଗରେ କହିଛନ୍ତି –

> କାଞ୍ଚନ ବିଶୁଦ୍ଧ କିମ୍ବା ସେ ଅଟେ ମିଶ୍ରିତ
> ଜଣାପଡ଼େ ଅନଳରେ ହେଲେ ପରୀକ୍ଷିତ
> ସାଧୁତା ବା ଅସାଧୁତା ମନୁଷ୍ୟର ତଥା
> ବିପଦ କାଳରେ ଜଣା ପଡ଼ଇ ସର୍ବଥା ।

ବିପଦ କାଳରେ ହିଁ ପରୀକ୍ଷିତ ହୋଇଛି ମଣିଷର ମଣିଷପଣିଆ । ତା'ର ଶକ୍ତି ଓ ସାମର୍ଥ୍ୟକୁ ଜାଣିବାର, ପରଖିବାର ସୁଯୋଗ ଆଣିଦେଇଛି ବିପଦ । ବିପଦକୁ ସାମ୍ନା କରି ସେ ଆଗକୁ ବଢ଼ିବାର ସାହସ ଜୁଟେଇ ପାରିଛି । ପରିବର୍ତ୍ତିତ ହୋଇଛି ତା'ର ଚିନ୍ତାଧାରା । ପ୍ରଳୟ ଭିତରୁ ପ୍ରଣୟର ମଧୁ-ମୂର୍ଚ୍ଛନା, ମରଣ ଭିତରୁ ଜୀବନରେ ସ୍ୱରଟିଏ ଗୁଞ୍ଜରି ଉଠିଛି ।

ଡିନାମାଇଟ୍‌ର ଆବିଷ୍କାରକ ଆଲଫ୍ରେଡ ନେବୋଲ । ସେ ପ୍ରାୟ ଶହେ ପାଖାପାଖି ଅସ୍ତ୍ରଶସ୍ତ୍ର କାରଖାନା କରି ଅସ୍ତ୍ର ବ୍ୟବସାୟ ମାଧ୍ୟମରେ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ । ୧୮୮୮ରେ ତାଙ୍କର ଭାଇଙ୍କ ମୃତ୍ୟୁରେ ଭୁଲବଶତଃ ଅନେକ ସମ୍ବାଦପତ୍ର ଆଲଫ୍ରେଡ୍‌ଙ୍କ ମୃତ୍ୟୁଜନିତ ଶୋକସମ୍ବାଦ ପ୍ରକାଶ କରିଥିଲେ । ଗୋଟିଏ ଫରାସୀ ସମ୍ବାଦପତ୍ର ଲେଖିଥିଲା 'ମୃତ୍ୟୁର ସୌଦାଗରଙ୍କ ମୃତ୍ୟୁ' । ଅନ୍ୟ ଏକ ସମ୍ବାଦରେ ଲେଖା ହୋଇଥିଲା ଯେ, "Alfred Nobel, who became rich by finding ways to kill more people faster than ever before, died yesterday." ଏଭଳି ସମ୍ବାଦ ପଢ଼ି ହତଚକିତ ହୋଇ ପଡ଼ିଲେ ଆଲଫ୍ରେଡ୍ । ସହସା ପରିବର୍ତ୍ତିତ ହେଲା ତାଙ୍କର ଦୃଷ୍ଟିକୋଣ । ୧୮୯୧ରେ ପ୍ୟାରିସ ଠାରେ Swedish-Norwigan clubରେ ସେ ନିଜର ଅନ୍ତିମ ଉଇଲ ପ୍ରସ୍ତୁତ କରି ସେଥିରେ ତାଙ୍କ ସମ୍ପତ୍ତିର ବହୁଳାଂଶ ଦାନ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ସହିତ ଅନ୍ୟାନ୍ୟ ବିଷୟରେ ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ । ମୁହୂର୍ତ୍ତକରେ ଆଘାତ ବ୍ୟକ୍ତିର ମନ-ମସ୍ତିଷ୍କରେ ଏଭଳି ଝଡ଼ ସୃଷ୍ଟି କରେ ଯେ ତା'ର ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଏ । ଆଘାତ ପୂର୍ବର ସାଧାରଣ ମଣିଷଟି ଆଘାତ ପାଇବା ପରେ ହୋଇଯାଏ ଏକ ଅସାଧାରଣ ମଣିଷ, ସୁପରମ୍ୟାନ ।

ଆଘାତ ସାମାନ୍ୟ ହେଉ ବା ଶକ୍ତ, ଜୀବନରେ ଆଘାତ ପାଇବା ସାଧାରଣ କଥା । ପ୍ରାୟ ପ୍ରତ୍ୟେକଙ୍କ ତାଙ୍କ ଜୀବନକାଳ ମଧ୍ୟରେ ଏଭଳି ଅନୁଭୂତି ହାସଲ କରିଥିବେ । ମାତ୍ର ଅଧିକାଂଶ ଏଭଳି ଘଟଣାରୁ କିଛି ଶିଖନ୍ତି ନାହିଁ । ସେମାନେ ସାମାନ୍ୟ ଆଘାତରେ ଭାଙ୍ଗି ପଡ଼ନ୍ତି । ବିପଦରେ ଆଶା ହରେଇ ବସନ୍ତି । ମାତ୍ର ଏଭଳି ଆଘାତ ବା ଆପଦକାଳୀନ ପରିସ୍ଥିତି ଆଦୌ ଆକସ୍ମିକ ନୁହେଁ । ଏହା ହେଉଛି ପ୍ରକୃତିର ଭାଷା । ନକାରାତ୍ମକ ନ ହୋଇ ଯଦି ଜଣେ ସକାରାତ୍ମକ ଦୃଷ୍ଟିରୁ ଏହାକୁ ଗ୍ରହଣ କରେ, ତେବେ ଏହି ଆଘାତ ହିଁ ପରବର୍ତ୍ତୀ ସମୟରେ ଆଣିଦେବ ଆନନ୍ଦଦାୟକ ଅନୁଭବ । ଦୁଃସ୍ଥିତି ଓ ଦୁଃସମୟ ବିବର୍ତ୍ତିତ ହୋଇଯିବ ସୁସମୟ ତଥା ସର୍ଜନଶୀଳତାରେ । ଏହା ତୁମର ମନ ଓ ଚିନ୍ତନକୁ ଉଦ୍‌ବୁଦ୍ଧ କରିବ । ଜୀବନର ଦୃଷ୍ଟିକୋଣ ବଦଳେଇ ଦେବ । ବ୍ୟକ୍ତିକୁ ବାସ୍ତବବାଦୀ କରିଦେବ । କଥା ହେଲା କିଏ ଏଭଳି ଭାବରେ ଏହାକୁ ଗ୍ରହଣ କରୁଛି । ବ୍ୟକ୍ତି ପାଇଁ ପ୍ରେରଣାଦାୟୀ ହୋଇପାରିବ, ଯଦି ସେ ବିପଦକୁ ବିପଦ ବୋଲି ମନେ ନ କରି ଏହାର ମର୍ମବାଣୀକୁ ଶୁଣିପାରିବ ।

ମୋହନଦାସ କରମଚାନ୍ଦ ଗାନ୍ଧୀରୁ 'ମହାତ୍ମା'ର ବିଶ୍ୱମାନ୍ୟତା ଲାଭ କରିଥିବା ଗାନ୍ଧିଜୀଙ୍କ ଉଦାହରଣ ନିଆଯାଉ । ଦକ୍ଷିଣ ଆଫ୍ରିକାରେ ସେ ଦୀର୍ଘ କୋଡ଼ିଏ ବର୍ଷ ବିତେଇଲେ । ଟ୍ରେନରେ ସେ ଯାତ୍ରା କରୁଥିଲେ ପ୍ରିଟୋରିଆରୁ ଟ୍ରାନ୍ସଭାଲ । ଟ୍ରେନର ଫାଷ୍ଟକ୍ଲାସ କମ୍ପାଟମେଣ୍ଟରେ ବସିଥିଲେ ଫାଷ୍ଟକ୍ଲାସ ଟିକେଟ ସହିତ । ଅଣଶ୍ୱେତାଙ୍ଗମାନଙ୍କୁ ଫାଷ୍ଟକ୍ଲାସ କମ୍ପାର୍ଟମେଣ୍ଟରେ ବସି ଯାତ୍ରା କରିବାର ସୁଯୋଗ ଦେଉନଥିଲେ ଇଂରେଜ ଅଧିକାରୀମାନେ । ସେମାନେ ତାଙ୍କୁ ଅନ୍ୟ କମ୍ପାର୍ଟମେଣ୍ଟକୁ ଚାଲିଯିବାକୁ ଆଦେଶ ଦେଲେ । ମାତ୍ର ଏହି

ଆଇନର ବୈଧତାକୁ ସ୍ୱୀକାର ନ କରିବାରୁ ଗାନ୍ଧିଜୀଙ୍କୁ ଜୋର୍ କରି ତାଙ୍କ ବେଡିଂପତ୍ର ସହ ପ୍ଲାଟଫର୍ମ ଉପରକୁ ଠେଲି ଦିଆଗଲା । ହାଡଭଙ୍ଗା ଶୀତରାତି । ଇଂରେଜମାନଙ୍କ ଅମାନବିକ ତଥା ଅବୈଧ ହିଂସାର ଶିକାର ହେଲେ ଗାନ୍ଧୀ । ମାତ୍ର ସେଇଠୁ ପରିବର୍ତ୍ତିତ ହୋଇ ସେ ଆରମ୍ଭ କଲେ ଅହିଂସାର ଆନ୍ଦୋଳନ । ତା'ର ପରବର୍ତ୍ତୀ ଘଟଣା ସମସ୍ତଙ୍କୁ ଜଣା । ବ୍ୟକ୍ତି ଜୀବନରେ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରୁ ସମଗ୍ର ବିଶ୍ୱରେ ଶାନ୍ତି, ଅହିଂସା ଓ ମାନବତାବାଦର ପୂଜାରୀ ଭାବରେ ଗାନ୍ଧିଜୀ ନିଜର ସ୍ଥିତିକୁ ସବୁଦିନ ପାଇଁ ଜାହିର କରିଦେଇଗଲେ ।

୧୬୬୫ରେ ଆଇଜାକ୍ ନିଉଟନ୍ ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଟ୍ରିନିଟି କଲେଜର ଛାତ୍ର ଥିଲେ । ସେହି ସମୟରେ ଇଂଲଣ୍ଡରେ ପ୍ଲେଗ ମହାମାରୀର ପ୍ରକୋପ । ବିଶ୍ୱବିଦ୍ୟାଳୟ ବନ୍ଦ । ନିଉଟନ୍‌ଙ୍କ ଅନିସନ୍ଧିତ୍ସୁ ମନ ଏହି ବିପଦ ସମୟରେ ବିଚଳିତ ନ ହୋଇ ଲାଗି ପଡ଼ିଥିଲେ ତାଙ୍କ ଗବେଷଣାରେ । ନିଜ ଶୟନକକ୍ଷରେ ପ୍ରିଜମରେ ଖେଳୁଥିବା ସମୟରେ ଆଲୋକର ତତ୍ତ୍ୱକୁ ଆବିଷ୍କାର କରିଥିଲେ । ସେଓ ଗଛରୁ ସେଓ ପତନ ଦୃଶ୍ୟ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ଆବିଷ୍କାର କଲେ ମାଧ୍ୟାକର୍ଷଣ ତତ୍ତ୍ୱ । ନାଟ୍ୟକାର ୱିଲିୟମ୍ ସେକ୍ସପିୟର ଏହି କଳାମୃତ୍ୟୁ ମହାମାରୀ ସମୟର ରଚନା କଲେ କାଳଜୟୀ ନାଟକ ମ୍ୟାକ୍‌ବେଥ୍, ଆଣ୍ଟୋନୀ ଓ କ୍ଲିଓପାଟ୍ରା, କିଙ୍ଗ ଲିଅର୍ । ବିପଦ ହିଁ ସୁଯୋଗ ସୃଷ୍ଟି କରେ ବିଶେଷ ପରିବର୍ତ୍ତନ ପାଇଁ । ନିଜର ସର୍ଜନଶୀଳତାରେ ଦୁଃସ୍ଥିତିକୁ ସାମ୍ନା କରିବାରେ ହିଁ ମିଳେ ପୌରୁଷର ପରିଚୟ, ବ୍ୟକ୍ତି ଜୀବନର ସାର୍ଥକତା ।

ପ୍ରକୃତିର ନିୟମ ଅନୁସାରେ ଜୀବନ ଏକ ସରଳ, ସମତଳ ଯାତ୍ରା ପଥ ନୁହେଁ । ଅଙ୍କାବଙ୍କା ନଈ ଭଳି ବହୁ ଉଠାଣି-ଗଡ଼ାଣି ଦେଇ ଜୀବନର ଯାତ୍ରା । କେତେ ଅଭାବିତ ବିପଦ, ଅପ୍ରତ୍ୟାଶିତ ଆଘାତ, ଅଶୁଭ ମନେହେଉଥିବା ଅଘଟଣ, ଅସୁମାରି ଆହ୍ୱାନ ଭିତରେ ଗତିଶୀଳ ହୁଏ ବ୍ୟକ୍ତିର ଜୀବନ । ମାତ୍ର ଏସବୁକୁ ଯଦି ଅଗ୍ରଗତିର ସୋପାନ ଭାବରେ ଗ୍ରହଣ କରିନିଆଯାଏ, ତେବେ ସବୁ ବାଧାବିଘ୍ନର ଅତିକ୍ରମଣ ଏବଂ ସାମ୍ନାରେ ଥିବା ଏବଂ ଅଲଂଘ୍ୟ ମନେ ହେଉଥିବା ପର୍ବତର ଆରୋହଣ ସମ୍ଭବ ହୁଏ । ଅସୁମାରି ଉଦାହରଣ ରହିଛି ଆମ ସାମ୍ନାରେ - ବିଶ୍ୱ ଇତିହାସରେ ଏବଂ ବ୍ୟକ୍ତିବିଶେଷଙ୍କ ଜୀବନରେ । ଦୃଷ୍ଟିହୀନ, ହସ୍ତପାଦବିହୀନ, ମୁକବଧିର ବ୍ୟକ୍ତିମାନେ ନିଜରର ଜନ୍ମଗତ ଅଥବା ଦୁର୍ଘଟଣାଗ୍ରସ୍ତ ହୋଇ ବରଣ କରିଥିବା ନିଜର ଜୀବନର ବିପଦକୁ ପ୍ରଚଣ୍ଡ ଆତ୍ମପ୍ରତ୍ୟୟ ଓ ଆତ୍ମଶକ୍ତି ବଳରେ ଟାଳି ଦେଇ ଯେଭଳି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି, ସେହିଭଳି ବିଶ୍ୱଯୁଦ୍ଧ ବେଳେ ବୋମା ବର୍ଷଣରେ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଜାପାନ ଆଜି ପ୍ରତି କ୍ଷେତ୍ରରେ ନିଜକୁ ସମୃଦ୍ଧିଶାଳୀ କରି ଗର୍ବରେ ବିଶ୍ୱବାସୀଙ୍କ ସମ୍ମୁଖରେ ମଥା ଟେକି ଠିଆ ହୋଇଛି । ବିପଦ ଭିତରେ ହିଁ ଏ ପ୍ରକାର ବିବର୍ତ୍ତନ  ସମ୍ଭବ ହୋଇଛି ।

ଏବେ ଫେରି ଆସୁଛି, ଆମେ ସମସ୍ତେ, ସାରା ବିଶ୍ୱବାସୀ ସାମ୍ନା କରୁଥିବା ମହାବିପଦକୁ । 'କରୋନା'ର କାୟା କଳେବର ନେଇ ଯାହା ସୃଷ୍ଟି କରିଛି ଆମ ସମସ୍ତଙ୍କ ମନରେ ମହାଆତଙ୍କ । ଏଭଳି ମହାମାରୀ କିଛି ନୂଆ କଥା ନୁହେଁ । ବିଭିନ୍ନ ସମୟରେ ଏ ପୃଥିବୀକୁ ଅନେକ ମହାମାରୀ ଆସିଛି ଭିନ୍ନ ଭିନ୍ନ ନାମ ରୂପ ନେଇ । ସଂଖ୍ୟାତୀତ ଲୋକଙ୍କ ଜୀବନ ନେଇଛି । ତା'ର ପ୍ରତିକାର, ପ୍ରତିରୋଧ ପାଇଁ ବିଜ୍ଞାନୀ, ଚିକିତ୍ସକ, ସ୍ୱାସ୍ଥ୍ୟ ଗବେଷକମାନେ ଗବେଷଣା କରିଛନ୍ତି । ଫଳପ୍ରଦ ବ୍ୟବସ୍ଥା ସମ୍ଭବ ହୋଇଛି । ଇତିହାସର ପୁନରାବୃତ୍ତି ଘଟିଛି । ପ୍ରକାଶିତ ତଥ୍ୟ ଅନୁସାରେ, ୧୯୧୮ରେ ଏମିତି ଏକ ମହାମାରୀ 'ସ୍ପାନିଶ ଫ୍ଲୁ' ନାଁରେ ଭାରତରେ କେବଳ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ହରଣ କରିଥିଲା । ମାତ୍ର ଏ ବିପଦରୁ ମୁକୁଳି ପୁଣି ଆଗେଇଥିଲା ଦେଶ । ଜ୍ଞାନ-ବିଜ୍ଞାନର ବିକାଶ ଘଟିଥିଲା । ମାତ୍ର ସେଇ ବିକାଶ ପଥରେ ଆମେ ପୁଣି ବିନାଶକୁ ଆମନ୍ତ୍ରଣ କରିଆଣିଲୁ । ପ୍ରକୃତି ଉପରେ ଯଥେଚ୍ଛାଚାର, ନଦନଦୀ ବନଗିରି ଅବକ୍ଷୟ, ଅପ୍ରାକୃତିକ ଜୀବନଶୈଳୀ, ମଣିଷକୁ ମଣିଷ ମାରିବାର ଦୁର୍ବୁଦ୍ଧି, ବିଜ୍ଞାନର ଅପପ୍ରୟୋଗ ପୁଣି ସମସ୍ୟା ସୃଷ୍ଟି କରିଛି । ଭୂତାଣୁରେ ଭରପୂର ଏ ଶରୀରରେ ନୂଆ ଭୂତମାନେ ଜନ୍ମ ନେଇଛନ୍ତି । ସୃଷ୍ଟି କରିଛନ୍ତି ବିଷଚକ୍ର । ସେଇ ଚକ୍ରର ଚକ୍ରାନ୍ତରେ ଆମେ ସମସ୍ତେ ଆଜି ଭୀତତ୍ରସ୍ତ ।


ମାତ୍ର ସତ କହିଲେ, ଏ 'କରୋନା'ରର ଭୂତ କ'ଣ କେବଳ ଆମ ଶରୀରରେ ଅଛି ? ଶରୀରର ଭୂତକୁ ସମୟ କିଛି ଲାଗିଲେ ମଧ୍ୟ ତଡ଼ି ଦିଆଯାଇପାରିବ । ମାତ୍ର ଆମର ମନ, ବୁଦ୍ଧି, ବିଚାର, ବିବେକ, ବିଜ୍ଞାନ କ'ଣ କରୋନା କବଳିତ ନୁହେଁ ? ରଙ୍ଗଭେଦ, ଲିଙ୍ଗଭେଦ, ଜାତିଭେଦ, ଧର୍ମଭେଦ, ଦେଶ-ଦେଶ ଭିତରେ ଯୁଦ୍ଧ ଓ ଅହଂକାରକୁ କ'ଣ ଆମେ କରୋନାମୁକ୍ତ କରିପାରିବା ? 'କରେନା' ଏକ ପ୍ରତୀକ ମାତ୍ର । ଏକ ସଂକେତ । ଏକ ଚେତାବନୀ । ମହାବିପଦ ରୂପରେ ଉଭା ହୋଇଥିବା 'କରୋନା'ରୁ ନିଜକୁ ପରିବର୍ତ୍ତିତ, ବିବର୍ତ୍ତିତ କରିବାର ଏକ ସମୟୋପଯୋଗୀ ସତର୍କବାଣୀ । ଏଭଳି ଭଲ ସମୟ କେବେ ଆସିନଥିଲା । ଏଭଳି ଖରାପ ସମୟ ମଧ୍ୟ କେବେ ଦେଖିବାକୁ ମିଳିନଥିଲା । ଆମ ହାତ ତିଆରି ମୁଖା ପିନ୍ଧି ଚଳପ୍ରଚଳ ହେବାର ଯେଉଁ ସ୍ଥିତି ଏବେ ସୃଷ୍ଟି ହୋଇଛି, ତାହା ଆମକୁ ସଚେତନ କରିଦେଉଛି ଯେ, ଏଥର ନିଜର ଅସଲ ମୁହଁକୁ ସଫା ରଖ । ଯେଉଁ ମୁହଁ ଈଶ୍ୱରଙ୍କ ସୃଷ୍ଟିରେ ଆମକୁ ମିଳିଛି, ତା'କୁ ଆପଣାର ମୁଖାପିନ୍ଧା ଅଭିନୟରେ ଆଉ ଅବଗୁଣ୍ଠିତ କରି ରଖନାହିଁ । ଖୋଲିଦିଅ ନିଜକୁ । ସ୍ୱଚ୍ଛ ଓ ନିର୍ମଳ କର ଆପଣାର ହୃଦୟକୁ । ନିର୍ଦ୍ଦିଷ୍ଟ କୌଣସି ଗୋଠ ବା ମଠ ଭିତରେ ନିଜକୁ ହଜେଇ ନ ଦେଇ ମୁକ୍ତ ହୋଇଯାଅ । ଆରମ୍ଭ ହେଉ ବାଟଚଲା । ବାଟୋଇର ଧର୍ମପାଳନ କର । ନିଜ ତିଆରି ଦୁର୍ଗ ଭିତରେ, ତାହା ଯେତେ ଦୃଢ଼ ଓ ମଜଭୁତ ହେଉ ନା କାହିଁକି, କେହି କେବେ ସୁରକ୍ଷିତ ରହିପାରେ ନାହିଁ । ନିଜକୁ ଆବଦ୍ଧ କରି ରଖିବାର ଯେଉଁ ସ୍ଥିତି ବର୍ତ୍ତମାନ, ତାହା ଆପଣାକୁ ମୁକ୍ତ କରିବା ପାଇଁ ଇଙ୍ଗିତ ମାତ୍ର । ଅସଲରେ ମୁଖା ପିନ୍ଧି ଚଳପ୍ରଚଳ ହେବାର ସ୍ଥିତି ହେଉଛି ଏକ ଆହ୍ୱାନ । ମୁଖାପିନ୍ଧା ଜୀବନକୁ ବର୍ଜନ କରିବା ପାଇଁ ଏହି ଆହ୍ୱାନ ବା ଇଙ୍ଗିତକୁ ବୁଝିଲେ ହେଲା ।

ଏବେ 'କରୋନା' କାରଣରୁ 'ସାମାଜିକ ଦୂରତା' ରଖିବାର କଥା କୁହାଯାଉଛି । ଏହା ହେଉଛି ପ୍ରକୃତରେ 'ଶାରୀରିକ ଦୂରତା'ର କଥା । କାରଣ ସାମାଜିକ ଦୂରତା ହେଉଛି ସମାଜ ବିରୋଧୀ, ଜୀବନ ବିରୋଧୀ କଥା । ଏମିତି ଦେଖିବାକୁ ଗଲେ, ଆମେ ଯେଉଁ କାଳଖଣ୍ଡରେ ଏବେ ବାସ କରୁଛେ,

ସେଠି ସାମାଜିକ ଦୂରତା ଆମ ଭିତରେ ବଢ଼ି ବଢ଼ି ଚାଲିଥିଲା । ଆମେ ଏକାଠି ହେଉଥିଲେ ସତ, ହେଲେ ଏକାଠି ନ ଥିଲେ । କେହି କାହା ପାଖରେ ନ ଥିଲେ । ନିକଟରେ ରହି ମଧ୍ୟ ପରସ୍ପର ଠାରୁ ନିରାପଦ ଦୂରତ୍ୱରେ ଥିଲେ । ଏକା ଏକା ନିଜ ଚାରିପାଖରେ ଘୂରି ବୁଲୁଥିଲେ । ସାମାଜିକ ମେଳଣ ଥିଲା ଏକ ଦୃଶ୍ୟମାନ ସ୍ଥିତି । ପ୍ରକୃତରେ ଆମେ ସମସ୍ତେ ଦୁଃସ୍ଥିତି ଭିତରେ ହିଁ ଥିଲେ । ନିଜ କଥା ଭାବୁଥିଲେ । ନିଜର ସୁଖ-ସମୃଦ୍ଧି, ପ୍ରାପ୍ତି-ଅପ୍ରାପ୍ତିଜନିତ ଭାବନାରେ ଅସ୍ଥିର ହେଉଥିଲେ । ସବୁ କିଛି ହାସଲ କରିସାରିଲା ପରେ ମଧ୍ୟ 'ଆଉ କିଛି ରହିଗଲା କି'ରର ଭାବନାରେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ଏ ପ୍ରକାର ବ୍ୟସ୍ତତା ଅଧିକ ପ୍ରକାଶ ପାଉଥିଲା, ସମାଜରେ ନିଜର ବିଦ୍ୟା, ବୁଦ୍ଧି, ଜ୍ଞାନ-ଗରିମା ନେଇ 'ଅସାଧାରଣ' ବିବେଚିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ।

ଏବେ ଯେଉଁ ବିପଦ ଆମ ସମସ୍ତଙ୍କୁ ଘେରି ରହିଛି, ସେତେବେଳେ ମନେହେଉଛି 'ସାମାଜିକ ଦୂରତା'କୁ ଦୂର କରି ସମସ୍ତଙ୍କୁ ସାମାଜିକ ନିକଟତାରେ ବାନ୍ଧି ରଖିବାର ସମୟ ଆସି ପହଞ୍ଚିଛି । 'କରୋନା' କୁହେ ବା 'କାଳ' ବା 'କାଳୀ', ଲହଲହ ଜିହ୍ୱା ବିସ୍ତାର କରି ତା'ର ଉଦ୍ଦଣ୍ଡ ନୃତ୍ୟରେ ସମସ୍ତଙ୍କୁ ସଚେତନ କରିଦେଉଛି ଯେ, ତା' ସାମ୍ନାରେ ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଜ୍ଞାନୀ-ଅଜ୍ଞାନ, ପଣ୍ଡିତ-ମୂର୍ଖର କୌଣସି ଭେଦାଭେଦ ନାହିଁ । ପ୍ରଭାବଶାଳୀ ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ତାଙ୍କର ପ୍ରିୟତମା, କୌଣସି ବିତ୍ତଶାଳୀ ବଣିକ ହୁଅନ୍ତୁ ବା ବୈଜ୍ଞାନିକ 'କାଳ' ଆଗରେ ସମସ୍ତେ ସମାନ । କାଳ କେତେବେଳେ କେଉଁ ନାମ-ରୂପ ନେଇ ଆସିବ, କିଏ କହିପାରିବ ? ନିଜ ପାଇଁ ସ୍ୱର୍ଗର କଳ୍ପନା କରି ସାରା ଜଗତକୁ ନର୍କକୁ ଠେଲିଦେବାର ମାନସିକତାରେ ଏଥର ପୂର୍ଣ୍ଣଚ୍ଛେଦ ପଡୁ । ଏବର ବିପଦ ଜୀବନ ଓ ଜଗତକୁ ବିବର୍ତ୍ତିତ କରିବାର ସୁଯୋଗ ସୃଷ୍ଟି କରିଛି ।

ଫେରିଯାଉଛି ମୁଁ ସେହି ପୁରାଣ ଯୁଗକୁ । ଦେଖୁଛି, ଘନଘୋର ଅମା ଅନ୍ଧକାରେ, ବର୍ଷା ବିଜୁଳିର ଘେରେ ବନ୍ଦୀ ଘରେ ଜନ୍ମ ନେଲେ ଶ୍ରୀକୃଷ୍ଣ, ସର୍ବଶକ୍ତିମାନ । ବଂଶୀର ମଧୁର ତାନେ ମୋହିଲେ କାମିନୀ କୁଳ । ଚକ୍ର ଧରି ବିନାଶିଲେ କଂସ ଆଉ କୁରୁବଳ । ଶୁଣାଇଲେ ଗୀତା ଜ୍ଞାନ, କର୍ମଯୋଗ, ଜୀବନ କୌଶଳ । ଯୁଗ ପରେ ଯୁଗ ବିତେ । ଇତିହାସ କଡ଼ ଲେଉଟାଏ । ବେଗବାନ ସମୟର ଅଦୃଶ୍ୟ ଅଶ୍ୱରେ ବସି କେହି ଜଣେ ଆସୁଥାଏ ଦେବା ପାଇଁ ସୃଜନର ନୂଆ ସମାଚାର । ଜୀବନର ନୂତନ ସନ୍ଧାନ ।


ହିରୋସୀମା ଡେ'

# ବିପତ୍ତି ମଧ୍ୟରେ ସମ୍ପତ୍ତିର ସନ୍ଧାନ

*ଓମ୍ ପ୍ରକାଶ ଜଗତୀ*

ନିକଟରେ ଭୁବନେଶ୍ୱର ଯାଇଥିବାବେଳେ କଲେଜ ବେଳର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସହିତ ସାକ୍ଷାତ ହୋଇଥିଲା । ସ୍ୱଭାବରେ ଅତ୍ୟନ୍ତ ଖୁସି ମିଜାଜର ମଣିଷଟିଏ । ଏଥର କାହିଁକି କିଛିଟା ଉଦାସ ଲାଗୁଥିଲେ । ପଚାରୁ ପଚାରୁ ବୁଝିଲି ଯେ, ଆସନ୍ତା ମାସ ସସ୍ତ୍ରୀକ ୟୁରୋପ ବୁଲି ଯିବାର ଯୋଜନା କରିଥିଲେ । ଦପ୍ତରରୁ ଛୁଟି ପାଇବା ସହ ଭିସା, ବିମାନ ଯାତ୍ରା, ବିଦେଶରେ ରହିବା, ଖାଇବା ତଥା ବୁଲାବୁଲି ପାଇଁ ଆବଶ୍ୟକ ଯୋଗାଡଯନ୍ତ୍ର ହୋଇସାରିଥିଲା । ଏପରିକି ଟ୍ରାଭେଲ୍ ଏଜେଣ୍ଟଙ୍କୁ ଚୁକ୍ତି ମୁତାବକ ଅଗ୍ରିମ ରାଶି ଦିଆ ସରିଥିଲା । କିନ୍ତୁ କୋଭିଡ୍-୧୯ (କୋରୋନା ଭାଇରସ୍) ସବୁ କିଛି ଓଲଟ୍ ପାଲଟ୍ କରିଦେଲା । ଭୂତାଣୁ ଜନିତ ଏହି ରୋଗ ଚୀନ୍‌ରେ ସୀମିତ ରହିବ ବୋଲି ଅନୁମାନ କରାଯାଉଥିଲେ ହେଁ, ଏହା କ୍ରମଶଃ ବିଶ୍ୱର ଅନ୍ୟାନ୍ୟ ଦେଶ ମାନଙ୍କୁ ଏପରିକି ଶକ୍ତିଶାଳୀ ତଥା ବିକଶିତ ଆମେରିକା ଓ ଇଉରୋପୀୟ ଦେଶମାନଙ୍କୁ ବ୍ୟାପିବାକୁ ଲାଗିଛି । ତେଣୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ବିଦେଶ ଭ୍ରମଣକୁ ବାତିଲ୍ କରିବାକ ବାଧ ହୋଇଛନ୍ତି ବନ୍ଧୁ, ଯାହା ତାଙ୍କ ମାନସିକ ବ୍ୟଥାର କାରଣ । ପୂର୍ବରୁ ଯେତେଥର ଦେଖାହୋଇଛି, ସେ ନିଶ୍ଚିତ ଭାବରେ ୟୁନିଟ-୯ ଆନନ୍ଦ ବଜାର ଛକରେ ଥିବା ଗୋଟିଏ ଚା' ଦୋକାନରେ ମୋତେ ଚା' ପିଆଇଛନ୍ତି । ଏଥର କିନ୍ତୁ ବ୍ୟତିକ୍ରମ ଥିଲା । ଜିଜ୍ଞାସା କଲାରୁ ଜାଣିଲି ଯେ ବନ୍ଧୁପତ୍ନୀଙ୍କ ନିର୍ଦ୍ଦେଶ ମୁତାବକ ବାହାରେ କିଛି ଖାଇବା ପିଇବା ବନ୍ଦ । ଫଳତଃ ଆମର ଚା' ପିଇବା କାର୍ଯ୍ୟକ୍ରମ ବାତିଲ୍ ହେଲା । ଗୋରୁମାନଙ୍କ ମୁହଁରେ ଲଗାଉଥିବା ତୁଣ୍ଡି ଭଳି, ବନ୍ଧୁ ନିଜ ମୁହଁରେ ଗୋଟିଏ ମାସ୍କ ଅର୍ଥାତ୍ ମୁଖା ବାନ୍ଧିଥିଲେ । ଯାହାହେଉ, ନିକଟସ୍ଥ ପାର୍କରେ କିଛି ସମୟ ବସି ଗପସପ କରିବା ଛଡା ଆମ ପାଖରେ ଆଉ କିଛି ବିକଳ୍ପ ନଥିଲା । କଥା ହେଉ ହେଉ ବନ୍ଧୁ ପଚାରିଲେ ଯେ କରୋନା ଭାଇରସ୍ ଯୋଗୁଁ ଉପୁଜିଥିବା ସମସ୍ୟା ବିଶ୍ୱ ତଥା ଭାରତର ଅର୍ଥନୀତିକୁ କପରି ପ୍ରଭାବିତ କରିପାରେ ?

ଆଜି ପର୍ଯ୍ୟନ୍ତ କରୋନା ଭାଇରସ୍ ଦ୍ୱାରା ବିଶ୍ୱରେ ଦେଢ ଲକ୍ଷରୁ ଅଧିକ ଲୋକ ଆକ୍ରାନ୍ତ ହେବା ସହିତ ପ୍ରାୟ ସାତ ହଜାର ଲୋକଙ୍କର ଜୀବନହାନି ହେଲାଣି । ଶହେ ପାଖାପାଖି ଦେଶରେ ଏହାର ପ୍ରାଦୁର୍ଭାବ ଦେଖା ଗଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍-୧୯କୁ 'ପାନ୍‌ଡେମିକ୍' ଅର୍ଥାତ୍ ବିଶ୍ୱ ମହାମାରୀ ବୋଲି ଘୋଷଣା କରିଛି । ବ୍ରିଟେନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡୋରିସ୍ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଖବର ପ୍ରକାଶିତ ହୋଇଛି । ଯଦିଓ ବିଶ୍ୱବ୍ୟାପୀ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ହେବା ସହିତ ପ୍ରତ୍ୟେକ ରାଷ୍ଟ୍ର ଯୁଦ୍ଧକାଳୀନ ଭିତ୍ତିରେ ଏହି ରୋଗରୁ ଜନସାଧାରଣଙ୍କୁ ରକ୍ଷାକରିବା ପାଇଁ ଲାଗି ପଡିଛନ୍ତି, ତଥାପି ଏହା ଯୋଗୁଁ ବିଶ୍ୱ ଅର୍ଥନୀତି ସଙ୍କଟସ୍ଥିତି ମଧ୍ୟରେ ଗତି କରୁଛି । 'ଆନ୍ତର୍ଜାତୀୟ ମୁଦ୍ରାକୋଷ' ବା 'ଆଇ.ଏମ୍.ଏଫ୍'ର ମହାନିର୍ଦ୍ଦେଶକ କ୍ରିଷ୍ଟାଲିନାଙ୍କ ଉକ୍ତି ଅନୁସାରେ କୋଭିଡ୍-୧୯ ଦ୍ୱାରା ଚୀନ୍‌ର ଶିଳ୍ପ ଉତ୍ପାଦନ ଓ ରପ୍ତାନି ବାଣିଜ୍ୟ ଖୁବ୍ ବାଧାପ୍ରାପ୍ତ ହୋଇଛି । ଗତ ଦୁଇମାସ ମଧ୍ୟରେ ବିଶ୍ୱ ବଜାରେ ଦୁଇ ଲକ୍ଷ ବିଲିଅନ୍ ଡଲାର୍‌ର ରପ୍ତାନି ବାଣିଜ୍ୟ ହ୍ରାସ ପାଇଛି । ଭାରତୀୟ ମୁଦ୍ରା ହିସାବରେ ଏକ ବିଲିଅନ ଡଲାର୍‌କୁ ସାତ ହଜାର ଚାରି ଶହ କୋଟି ଟଙ୍କା ବୋଲି ଧରାଯାଇପାରେ । ଏବେ ମଧ୍ୟ ଆମେରିକା, ଭାରତ ସମେତ ଆଉ ଅନେକ ରାଷ୍ଟ୍ରର ଜୀବନ ଓ ଅର୍ଥନୀତି ଚୀନ୍‌ଠାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନିର୍ଭରଶୀଳ । ଏଥିରେ ଉଭୟ ପ୍ରସ୍ତୁତ ସାମଗ୍ରୀ ଓ ମଧ୍ୟବର୍ତ୍ତୀ ଉତ୍ପାଦ ଅନ୍ତର୍ଭୁକ୍ତ । ତେଣୁ ଏହି ଦେଶ ଗୁଡିକର ଅର୍ଥନୀତି ମଧ୍ୟ ବାଧାପ୍ରାପ୍ତ ହେବାରେ ଲାଗିଛି । 'ଆଇ.ଏମ୍.ଏଫ୍' ଦ୍ୱାରା ଅଟକଳ କରାଯାଇଛି ଯେ ଯଦି ଚୀନ୍‌ର ଶିଳ୍ପ ଉତ୍ପାଦନ ଓ ରପ୍ତାନି ବାଣିଜ୍ୟ ଆସନ୍ତା ଦୁଇ ମାସ ମଧ୍ୟରେ ସୁଧୁରିଯାଏ, ତେବେ ୨୦୨୦ ମସିହାରେ ବିଶ୍ୱ ଅର୍ଥନୀତର ବିକାଶ ହାର ୦.୧ ହ୍ରାସ ପାଇ ୩.୨% ହେବ । ଯଦି ପରିସ୍ଥିତି ଉଧୁରିବାପାଇଁ ଅଧିକ ସମୟ ଲାଗେ, ତେବେ ବିକାଶ ହାର ଆହୁରି ହ୍ରାସ ପାଇପାରେ । 'ଏସିଆନ ଡେଭେଲୋପମେଣ୍ଟ ବ୍ୟାଙ୍କ'ର ଅଟକଳ ଅନୁସାରେ କରୋନା ଭାଇରସ୍ ଦ୍ୱାରା ବିଶ୍ୱ ଅର୍ଥନୀତିର କ୍ଷୟକ୍ଷତି ୩୪୭ ବିଲିୟନ ଡଲାର ଛୁଇଁ ପାରେ । ଏଥିରେ ଏସିଆର ରାଷ୍ଟ୍ରମାନେ ବେଶି କ୍ଷତିଗ୍ରସ୍ତ ହେବେ । କରୋନା ଭାଇରସ୍ ଦ୍ୱାରା ବେସାମରିକ ବିମାନ ସେବା, ପରିବହନ, ହୋଟେଲ୍, ପର୍ଯ୍ୟଟନ ଭଳି ଶିଳ୍ପ ଗୁଡିକ ବହୁତ କ୍ଷତିଗ୍ରସ୍ତ ହେଉଛନ୍ତି । ଇତି ମଧ୍ୟରେ ଆମେରିକାର ଶୀର୍ଷ ବ୍ୟାଙ୍କ୍ ଫେଡେରାଲ୍ ରିଜର୍ଭ ସୁଧ ହାର (ଫେଡ୍ ରେଟ୍) ଏକ ପ୍ରତିଶତ ହ୍ରାସ୍ କରିଛନ୍ତି । ବିଶ୍ୱ ଅର୍ଥନୀତି ଆଗାମୀ ଦିନ ଗୁଡିକରେ ଅଧିକ ସଙ୍କଟ ମଧ୍ୟରେ ଗତି କରିବାର ସମ୍ଭାବନା ଅଛି ବୋଲି, ଏହି ସୁଧ ହାର ହ୍ରାସ ଏକ ପରୋକ୍ଷ ସୂଚନା ଦେଉଛି । ଏହି ଆଶଙ୍କା ଭାରତର ମୁଦ୍ରା ବଜାର ଏବଂ ଷ୍ଟକ୍ ମାର୍କେଟ୍‌କୁ ମଧ୍ୟ ପ୍ରଭାବିତ କରିଛି ।

କରୋନା ସଂକ୍ରମଣ ବିଶ୍ୱବ୍ୟାପୀ ହୋଇଚାଲିଥିବା ବେଳେ, ବିଭିନ୍ନ ଦେଶ ନିଜକୁ ଅନ୍ୟାନ୍ୟ ରାଷ୍ଟ୍ରଗୁଡିକ ଠାରୁ ଦୂରେଇ ରଖିବାକୁ ଚାହୁଁଛନ୍ତି । ତେଣୁ ବିମାନ ଚଳାଚଳ କ୍ଷେତ୍ର ଘୋର ବାଧାର ସମ୍ମୁଖୀନ ହୋଇଛି । ମାର୍ଚ୍ଚ ୬ ତାରିଖ ପ୍ରକାଶିତ ଇଣ୍ଟରନେସନାଲ ଏୟାର ଟ୍ରାନସ୍‌ପୋର୍ଟ କର୍ପୋରେସନ୍ ସୂତ୍ରରୁ ପ୍ରକାଶିତ ଏକ

ଆକଳନ କହିଛି ଯେ କରୋନା ଦ୍ୱାରା ଏହ କ୍ଷତିର ପରିମାଣ ୧ ୧ ୩ ବିଲିୟନ ଡଲାରରେ ପହଞ୍ଚିପାରେ । କେବଳ ବିମାନ ଚଳାଚଳ ନୁହେଁ, ଲକ୍ ଡାଉନ୍ ତଥା ଅନ୍ୟାନ୍ୟ କଟକଣା ତଥା ଭୟ କାରଣରୁ ସହରର ସଡକଗୁଡିକ ମଧ୍ୟ ଯାନବାହାନଶୂନ୍ୟ ହୋଇପଡୁଛି । ଏ ସବୁର ପ୍ରତିକୂଳ ପ୍ରଭାବ ପଡିଛି ଖଣିଜ ତୈଳ ବ୍ୟାପାର ଉପରେ । ଖଣିଜ ତୈଳ ବିକ୍ରିରେ ଘୋର ହ୍ରାସ ଘଟିଥିବାରୁ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦାମ୍ ବ୍ୟାରେଲ୍ ପିଛା ପ୍ରାୟ ଦଶ ପ୍ରତିଶତ ହ୍ରାସ ପାଇଛି । ଯଦିଓ ଏହା ଭାରତ ପାଇଁ ଲାଭଦାୟକ, ତଥାପି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ଏହି ଲାଭକୁ କିଛି ମାତ୍ରାରେ କମାଇଦେବ ।

କିଛିଦିନ ତଳେ ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଦ୍ୱାରା ପ୍ରେରିତ ପାଣିପାଗ ଉପଗ୍ରହର ଚିତ୍ର ଦେଖାଇଥିଲା କିପରି ଚୀନର ବାୟୁମଣ୍ଡଳରେ 'ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍'ର ସ୍ତର ମାତ୍ରାଧିକ ଭାବରେ ହ୍ରାସ ପାଇଛି । ସାଧାରଣତଃ କଳକାରଖାନା ବା ଗାଡିମୋଟର ଚାଲୁରହିଲେ, ତହିଁରୁ ଏହି କ୍ଷତିକାରକ ଗ୍ୟାସ୍ ନିର୍ଗତ ହୋଇଥାଏ । କିନ୍ତୁ ଚୀନ୍‌ରେ ଏହି ପରିବେଶ ଅନୁକୂଳ ପରିସ୍ଥିତି ଏହା ସୂଚନା ପ୍ରଦାନ କରିଥିଲା ଯେ ସେଠାରେ କଳକାରଖାନା ଆଉ ଗାଡିମୋଟର ସବୁ କିଛି ବନ୍ଦ ହୋଇଯାଇଛି । ତାହା ଥିଲା ଚୀନ୍‌ର ଅର୍ଥନୈତିକ ବିପର୍ଯ୍ୟୟାବସ୍ଥାର ଏକ ପ୍ରମାଣ । ଏବେ ସେହିଭଳି ଚିତ୍ର ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖାଯିବା ହୁଏତ' ସମ୍ଭବ । ଏକ ଅଦୃଶ୍ୟ ଭୂତାଣୁ କିଭଳି ପୃଥିବୀକୁ କବଳିତ କରିପାରେ, ତାହା ଆମେ ଏବେ ଦେଖୁଛୁ ବୋଲି ବନ୍ଧୁଙ୍କୁ କହିଥିଲି ।

ତେବେ କରୋନା ଭାଇରସ୍ ଜନିତ ସମସ୍ୟାରୁ ବିଶ୍ୱ ଅର୍ଥନୀତି ପାଇଁ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ କଥା ଶୁଣିବାକୁ ମିଳୁଛି । ପ୍ରଥମତଃ ବିଜ୍ଞାନ ତଥା କାରିଗରୀ କୌଶଳର ଅଭୂତପୂର୍ବ ପ୍ରଗତି ସତ୍ତ୍ୱେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାରେ ଆବଶ୍ୟକ ମୁତାବକ ଉନ୍ନତି ହେଉନାହିଁ । ହୁଏତ ଜଟିଳ ରୋଗର ଉପଚାର ପାଇଁ ଆଧୁନିକ ଚିକିତ୍ସା ବ୍ୟବସ୍ଥା ଉପଲବଧ ହୋଇ ପାରୁଛି, କିନ୍ତୁ ରୋଗ ପ୍ରତିଷେଧକ ବ୍ୟବସ୍ଥା ସେହି ତୁଳନାରେ ବିଶ୍ୱସନୀୟ ହୋଇ ପାରିନାହିଁ । ପ୍ରକୃତି, ପରିମଳ ଆଉ ପରିବେଶକୁ ହତାଦର କରି ଅର୍ଥନୀତିର ବିକାଶ ପାଇଁ ପ୍ରଚେଷ୍ଟା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନିଶ୍ଚିତ ଭାବରେ ବିପନ୍ନ କରିଦେବ । କୋଭିଡ୍ –୧ ୯ ପ୍ରମାଣ କରିଛି ଯେ ଧନୀ ରାଷ୍ଟ୍ର ଗୁଡିକର ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ମଧ୍ୟ ବିପଦମୁକ୍ତ ନୁହେଁ । ଦ୍ୱିତୀୟରେ ଚୀନ୍ ଉପରେ ଟ୍ରମ୍ପଙ୍କ ବାଣିଜ୍ୟ ବାସନ୍ଦ ଉଦ୍ୟମ ସଫଳ ହୋଇ ପାରିନାହିଁ ବୋଲି ସ୍ୱୀକାର କରିବାକୁ ପଡିବ । ଚୀନ୍‌ଠାରୁ ଆମଦାନି ହେଉଥିବା ସାମଗ୍ରୀ ନ ପହଞ୍ଚିବା ଯୋଗୁଁ ଆମେରିକୀୟ କମ୍ପାନିମାନେ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି । ଘରୋଇ ଅର୍ଥନୀତିକୁ ଆତ୍ମନିର୍ଭରଶୀଳ କରିବା ଉଦ୍ୟମ ସ୍ୱାଗତଯୋଗ୍ୟ । ତୃତୀୟରେ ମୋଦୀଙ୍କର 'ମେକ୍ ଇନ୍ ଇଣ୍ଡିଆ' ଆହ୍ୱାନ ଏଯାବତ୍ ଆଶାନୁରୂପ ସଫଳତା ହାସଲ କରିପାରିନାହିଁ । ଚୀନ୍‌ରୁ ଆମଦାନି ବାଧାପ୍ରାପ୍ତ ହେଲେ ଭାରତୀୟ ଶିଳ୍ପ ସଂସ୍ଥାମାନେ ହନ୍ତସନ୍ତ ହୋଇ ପଡୁଛନ୍ତି । ଏଠାରେ କହି ରଖିବା ଉଚିତ୍ ହେବ ଯେ ସଂପ୍ରତି ଭାରତ ପ୍ରାୟ ସାତ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଚୀନ୍‌ରୁ ଆମଦାନି କରୁଛି । ଅର୍ଥନୀତି ବାଧାପ୍ରାପ୍ତ ହେବାରୁ ଭାରତର ବେକାରି ସମସ୍ୟା ଆହୁରି ଉତ୍କଟ ହେବାର ସମ୍ଭାବନା ଉପୁଜିଲାଣି । ଚତୁର୍ଥରେ କରୋନା ଭାଇରସ୍ ଜନିତ ସଂକଟକୁ ଦମନ କରିବାରେ ଚୀନ୍‌ର ପ୍ରୟାସ ସମସ୍ତଙ୍କୁ ଚମକୃତ କରି ଦେଇଛି । ଚୀନ୍‌ର ପ୍ରଭାବଶାଳୀ ଓ ତ୍ୱରାନ୍ୱିତ ପଦକ୍ଷେପକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ପ୍ରଶଂସା କରିଛି । ଚୀନ୍‌ର ବେପାର ବଣିଜ ସ୍ଥିତି ଅଳ୍ପ କିଛି ମାସ ମଧ୍ୟରେ ଅନେକାଂଶରେ ସୁଧୁରିଯିବ ବୋଲି ଆଶା କରାଯାଇପାରେ ।

ଏବେ ବନ୍ଧୁଙ୍କ ପ୍ରଶ୍ନ ଥିଲା ଯେ କରୋନା ସଂକ୍ରମଣ ସଂକଟ ମଧ୍ୟରେ ଗତି କରୁଥିବା ଭାରତର ଅର୍ଥନୀତି ତଳିତଳାନ୍ତ ହୋଇଯିବ ନାହିଁ ତ ? ଏହା ଉତ୍ତରରେ କହିଥିଲି କୋଭିଡ୍–୧ ୯ର ପ୍ରତିକୂଳ ପ୍ରତିକ୍ରିୟା ଆମ ଷ୍ଟକ୍ ମାର୍କେଟ୍, ମୁଦ୍ରା ବଜାର, ତୈଳ ମାର୍କେଟ୍‌ରେ ଦେଖିବାକୁ ମିଳିଛି । ସେନ୍‌ସେକ୍ସ ମାର୍ଚ୍ଚ ୨ ରୁ ୧ ୬ ତାରିଖ ମଧ୍ୟରେ ଛଅ ହଜାର ସାତ ଶହରୁ ଅଧିକ ପଏଣ୍ଟ ହ୍ରାସ ପାଇ ୩୧, ୩୯୦ରେ ପହଞ୍ଚିଥିଲା । ଏହି ସମୟ ମଧ୍ୟରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହୋଇଛି । ଡଲାର୍ ମୂଲ୍ୟ ବୃଦ୍ଧି ପାଇ ୭୪.୩୦ ଟଙ୍କାରେ ପହଞ୍ଚିଥିଲା । କରୋନା ଭାଇରସ୍‌ର କ୍ରମାଗତ ବିସ୍ତାର ଯୋଗୁଁ ଉଭୟ ଘରୋଇ ଓ ବୈଦେଶିକ ବାଣିଜ୍ୟରେ ଚରମ ଅନିଶ୍ଚିତତା ସୃଷ୍ଟି ହୋଇଛି । ତେବେ ବିପତ୍ତି ହିଁ ନୂଆ ସୁଯୋଗ ଆଣିଦିଏ । ବିପତ୍ତି କାରଣକୁ ନିରପେକ୍ଷ ଭାବରେ ଅନୁଧ୍ୟାନ କରି ଠିକ୍ ପଦକ୍ଷେପ ନେଲେ ଅର୍ଥନୀତି ଅଧିକ ସମୃଦ୍ଧ ହୋଇପାରିବ । କୋଭିଡ୍–୧ ୯ ଅଭିଜ୍ଞତାରୁ ଭାରତ ନିଜର ଯୋଗାଣ ବ୍ୟବସ୍ଥା ପରିଚାଳନା ଅର୍ଥାତ 'ସପ୍ଲାଇ ଚେନ୍ ମାନେଜମେଣ୍ଟ'କୁ ସୁଦୃଢ କରିବାକୁ ପଡିବ । ଦେଶର ପର୍ଯ୍ୟାପ୍ତ ପ୍ରାକୃତିକ ସଂସାଧନ ତଥା ମାନବ ସମ୍ବଳକୁ ନଜରରେ ରଖି ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କଲେ କେବଳ ଆମଦାନି ହ୍ରାସ ପାଇବ । ତାହା ନୁହେଁ ବରଂ ଭବିଷ୍ୟତରେ ଅନ୍ୟ ଦେଶମାନଙ୍କୁ ଚୀନରୁ ହେଉଥିବା ରପ୍ତାନି ବାଣିଜ୍ୟକୁ କିଛି ମାତ୍ରାରେ ଅକ୍ତିଆର କରିପାରିବ । ସଂଘୀୟ ବ୍ୟବସ୍ଥାରେ 'ମେକ୍ ଇନ୍ ଇଣ୍ଡିଆ'କୁ ସଫଳ କରିବାକୁ ହେଲେ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ସହ ହାତ ମିଳାଇ ଉଦ୍ୟମ କରିବାକୁ ପଡିବ । ଚୀନ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଭିତ୍ତିଭୂମିର ବିକାଶ ସବୁଠାରୁ ଅଧିକ ଅଗ୍ରାଧିକାର ପାଇବା ଆବଶ୍ୟକ ।

ରିଜର୍ଭ ବ୍ୟାଙ୍କ୍ କେତେ ମାସ ହେବ କ୍ରମାଗତ ରେପୋ ରେଟ୍ ହ୍ରାସ କରି ବ୍ୟାଙ୍କ ଋଣକୁ ସୁଲଭ କରିବାକୁ ଉଦ୍ୟମ କରି ଆସୁଛନ୍ତି । ଏହା କିନ୍ତୁ ଯଥେଷ୍ଟ ନୁହେଁ । ପ୍ରଥମେ ସମସ୍ତ ବ୍ୟାଙ୍କ୍‌ଗୁଡିକୁ ଆବଶ୍ୟକ ପାଣ୍ଠି ଯୋଗାଇବାକୁ ପଡିବ । ସାଂପ୍ରତିକ ପରିସ୍ଥିତିରେ ଅର୍ଥନୀତିର ବିକାଶ ପାଇଁ ମୁଦ୍ରାସ୍ଫିତିକୁ କିଛି ମାତ୍ରାରେ ସାଲିସ୍ କରାଯାଇପାରେ । ରାଜସ୍ୱ ଲକ୍ଷ୍ୟ ଆଳରେ ପରୋକ୍ଷ ଜୁଲମ ପରିବର୍ତ୍ତେ ଟିକସ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ସୁଦୃଢ କରିବାର ସମୟ ଆସିଛି । ଅର୍ଥନୀତିର ବିକାଶ ହେଲେ ରାଜସ୍ୱ ଛାଏଁ ବଢିବ ।

କରୋନା ଭାଇରସ୍ ବିଶ୍ୱର ପ୍ରଥମ ମହାମାରୀ ନୁହେଁ । ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ ୧ ୯ ୧ ୮ ମସିହାରେ ହୋଇଥିବା ସ୍ପାନିସ୍ ଫ୍ଲୁ ଦ୍ୱାରା ଅନ୍ତତଃ ଦୁଇ କୋଟି ଲୋକଙ୍କ ପ୍ରାଣହାନି ହୋଇଥିଲା । ଏଥିରେ ଭାରତରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ଥିଲା ସାରା ପୃଥିବୀରେ ସର୍ବାଧିକ । ଅବହେଳିତ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ଯୋଗାଯୋଗ ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ମହାମାରୀ ଏତେ ଭୟଙ୍କର ହୋଇଥିଲା । ଏହା ପରେ ଏହି ଦୁଇ କ୍ଷେତ୍ରରେ ବିଶ୍ୱବ୍ୟାପୀ ଉନ୍ନତି ହୋଇଛି । କିନ୍ତୁ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ସମୟକୁ ଚାହିଁ ସୁଦୃଢ ହୋଇପାରିନାହିଁ, ଯାହା କୋଭିଡ୍–୧ ୯ ଦ୍ୱାରା ପ୍ରମାଣିତ ହୋଇଛି । ତେଣୁ ଶିକ୍ଷା କରିବା ଯେ କୋଭିଡ୍–୧ ୯ର ଶିକ୍ଷା ଆମକୁ ବିପତ୍ତି ମଧ୍ୟରେ ସମ୍ପତ୍ତିର ସନ୍ଧାନରେ ସାହାଯ୍ୟ କରିବ ।

(ସୌଜନ୍ୟ ସମ୍ବାଦ)

ମୋ – ୯୮୮୬୨୧୧୭୭୨
opjagati@gmail.com

# ବିପଦ ବିଷୟରେ ଦି'ପଦ

*ଡ. ଲିଙ୍ଗରାଜ ରଥ*

ବିପଦ ବା ଇଂରାଜୀରେ Danger ଶବ୍ଦର ଆଭିଧାନିକ ଅର୍ଥ ହେଲା – 'Exposure or liability to injury, pain, harm or loss'। ତେଣୁ ଯେତେବେଳେ ମଣିଷ ବା ସମାଜ କୌଣସି କ୍ଷତି, ଅନିଷ୍ଟ ବା ଯନ୍ତ୍ରଣା ଆଦିର ସମ୍ମୁଖୀନ ହୁଏ, ସେ ଅବସ୍ଥାକୁ ବିପଦ ବୋଲି କୁହାଯାଏ। ଏହାକୁ ଆପଦ ବୋଲି ମଧ୍ୟ ବହୁ ବୁଦ୍ଧିଜୀବୀ ବ୍ୟକ୍ତି କହିଥାଆନ୍ତି। ଏଥିନେଇ ଆମର ଅଭିବ୍ୟକ୍ତିରେ ଅନେକ ସମୟରେ 'ବିପଦ ଆପଦ' ବା 'ଆପଦ ବିପଦ' ଶବ୍ଦର ପ୍ରୟୋଗ ହୋଇଥାଏ। ପ୍ରକୃତ ପକ୍ଷେ 'ବିପଦ' ନିଜେ କୌଣସି ବିବର୍ତ୍ତନ ବା ପରିବର୍ତ୍ତନ ଆଣି ନଥାଏ, ବରଂ 'ବିପଦ' ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ବା ଆବଶ୍ୟକତା ବିପର୍ତ୍ତନକୁ ଡାକି ଆଣେ। ତେଣୁ ଯଥାର୍ଥରେ କୁହାଯାଇଛି, 'Necessity is the mother of invention.'

ବିପଦର ସମ୍ମୁଖୀନ ହେଲା ପରେ ବା ବିପଦ ଆସିବାର ଆଶଙ୍କା ଥିଲେ, ମଣିଷ ମନରେ ଏହାକୁ ମୁକାବିଲା କରିବାର ସଂକଳ୍ପ ଜାତ ହୁଏ। କାରଣ ମଣିଷ ହେଉଛି ଏକ 'Rational Animal'। ଏହା ଏଭଳି ଏକ ପ୍ରାଣୀ ଯିଏ କେବେ ହେଲେ ହାର ମାନେ ନାହିଁ ବା ହାରିବାକୁ ଚାହେ ନାହିଁ। ଥରେ ବା ଅନେକ ଥର ହାରିବା ପରେ ମଧ୍ୟ ଜିତିବା ନିମନ୍ତେ ନିଜର ପ୍ରୟାସ ଜାରି ରଖିଥାଏ। ପରିଶେଷରେ ପରିଣାମତଃ ମନୁଷ୍ୟ ବିଜୟ ମୁକୁଟ ପିନ୍ଧେ। ଏହା ଯୁଗେ ଯୁଗେ ଘଟି ଆସିଛି।

ଓଡିଶାରେ ଏକ ସାଂଘାତିକ ଭୟାବହ ଦୁର୍ଘଟଣା ବା 'ବିପଦ'ରୁ ଆଲୋଚନା ଆରମ୍ଭ କରାଯାଇ ପାରେ।

ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ୯ ଅଙ୍କ ବା ୧୮୬୫ ମସିହାରେ ଓଡିଶାରେ ଏକ ଲୋମହର୍ଷଣକାରୀ ଅତ୍ୟନ୍ତ ହୃଦୟ ବିଦାରକ ଏକ 'ଦୁର୍ଭିକ୍ଷ' ପଡିଥିଲା ଯାହା ଇତିହାସ ପୃଷ୍ଠାରେ ନଅଙ୍କ ଦୁର୍ଭିକ୍ଷ ନାମରେ ବିଖ୍ୟାତ। ଏଥିରେ ବ୍ରିଟିଶ୍ ଶାସିତ ତତ୍କାଳୀନ ଓଡିଶାରେ ପ୍ରାୟ ଦଶ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରିଥିଲେ, ଯାହା ସେ ସମୟ ଓଡିଶାର ଜନସଂଖ୍ୟାର ଏକ ତୃତୀୟାଂଶ ଥିଲା। ଅନେକ ଗ୍ରାମରେ ଗୋଟିଏ କି ଦୁଇଟି ଘରକୁ ଛାଡି ଅନ୍ୟମାନେ ସମସ୍ତେ ମୃତ୍ୟୁ ମୁଖରେ ପଡିଥିଲେ। ପୁଣି ଏମିତି କିଛି ଗ୍ରାମ ଥିଲା ଯାହା ଦୁର୍ଭିକ୍ଷ ଯୋଗୁ ସମ୍ପୂର୍ଣ୍ଣ ରୂପେ ଜନଶୂନ୍ୟ ହୋଇଯାଇଥିଲା। ଶବ ସତ୍କାର ପାଇଁ ମଧ୍ୟ ଲୋକ ନଥିଲେ। ଯୁଆଡେ ଚାହିଁଲେ ଦିଶୁଥିଲା ଖାଲି ଶବ ଆଉ ଶବ।

ଏହି ଦୁର୍ଭିକ୍ଷ ବର୍ଷାର ଅଭାବ ବା ମରୁଡି ଯୋଗୁ ଘଟିଥିଲେ ମଧ୍ୟ ତତ୍କାଳୀନ ବ୍ରିଟିଶ୍ ଶାସକମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ହିଁ ଭୟଙ୍କର ରୂପ ଧାରଣ କରିଥିଲା। ଏ ସମସ୍ତ ବିଷୟ ବିଶିଷ୍ଟ ସାରସ୍ୱତ ସାଧକ ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦେଶ କାଳ ପାତ୍ର' ପୁସ୍ତକରେ ବିଶେଷ ଭାବେ ବର୍ଣ୍ଣିତ। ଓଡିଶାର କିମ୍ବଦନ୍ତୀ ଔପନ୍ୟାସିକ କାହ୍ନୁଚରଣଙ୍କ ପ୍ରସିଦ୍ଧ ଉପନ୍ୟାସ 'ହା-ଅନ୍ନ'ରେ ନଅଙ୍କ ଦୁର୍ଭିକ୍ଷର ଯେଉଁ କରୁଣ, ବିକଳ ଚିତ୍ର ପ୍ରଦତ୍ତ ତାହା ପଢିଲେ ଆଜି ବି ଦେହ ଓ ମନ ଅପରିସୀମ ଦୁଃଖରେ ଶିହରି ଉଠେ।

ମାତ୍ର ଏହାପରେ ଏହାର ପରିଣାମ ସ୍ୱରୂପ ତତ୍କାଳୀନ ବ୍ରିଟିଶ୍ ଶାସକ ମନ ତଥା ଚିନ୍ତାଧାରାରେ ପରିବର୍ତ୍ତନ ଘଟିଲା। ଫଳରେ ସେତେବେଳେ ଓଡିଶାରେ କାର୍ଯ୍ୟ କରୁଥିବା ପଦସ୍ଥ ବ୍ରିଟିଶ୍ ଅଧିକାରୀମାନେ ଆଧୁନିକ ପ୍ରଣାଳୀରେ ଅଧିକ ଅମଳକ୍ଷମ ଧାନ ଚାଷ ପାଇଁ ଆଗ୍ରହୀ ହେଲେ। ପରିଣାମତଃ ଏହାର କିଛି ବର୍ଷ ପରେ କଟକସ୍ଥିତ ବିଦ୍ୟାଧରପୁର ଉନ୍ନତ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଏହାଛଡା ସେ ସମୟରେ ଏକ ଧାରଣା ବଳବତ୍ତର ହୋଇଥିଲା ଯେ ଦୁର୍ଭିକ୍ଷ ପୂର୍ବରୁ ତଥା ଦୁର୍ଭିକ୍ଷ ସମୟରେ ଏ ସମ୍ପର୍କୀୟ ଉପଯୁକ୍ତ ସୂଚନା ପ୍ରଦାନ କରା ନଯାଇ ଥିବାରୁ ଏ ଦୁର୍ଭିକ୍ଷ ସୃଷ୍ଟି ହୋଇଥିଲା ଏବଂ ପରେ ପରେ ଭୟଙ୍କର ରୂପ ଧାରଣ କରିଥିଲା। ତେଣୁ ଏହି ଅଭାବ ପୂରଣ କରିବା ନିମନ୍ତେ ପ୍ରଯତ୍ନ ଆରମ୍ଭ ହୋଇଥିଲା ଯାହାର ଫଳଶ୍ରୁତି ଥିଲା କର୍ମବୀର ଗୌରୀଶଙ୍କର ରାୟଙ୍କ୍ ଦ୍ୱାରା ସମ୍ପାଦିତ 'ଉତ୍କଳ ଦୀପିକା' (୧୮୬୬)। ଏହା ପରେ ବ୍ୟାସକବି ଫକୀର ମୋହନ ସେନାପତି 'ବୋଧଦାୟିନୀ' ଓ 'ଉତ୍କଳ ସମ୍ବାଦ ବାହିକା' ସମ୍ବାଦପତ୍ର ବାଲେଶ୍ୱରରୁ୧୮୬୯ରେ ପ୍ରକାଶ କରିଥିଲେ ଯାହା ଓଡିଶାର ଜନସାଧାରଣଙ୍କ ସୁଖଦୁଃଖର ପ୍ରତିଛବି ଥିଲା। କେବଳ ସେତିକି ନୁହେଁ ଉତ୍କଳର ଏହି ଦାରୁଣ ବିପର୍ଯ୍ୟୟର ଭଗ୍ନସ୍ତୂପ ମଧ୍ୟରୁ ଓଡିଆ ଅସ୍ମିତାର ନବଜାଗରଣ ସୃଷ୍ଟି ହୋଇଥିଲା। ଓଡିଶାରେ ଶିକ୍ଷା ଓ ସଭ୍ୟତାର ପ୍ରସାର କରିବା ନିମନ୍ତେ ୧୮୮୬ ମସିହାରେ କଟକର ପ୍ରଥମ ମହାବିଦ୍ୟାଳୟ ଭାବେ 'କଟକ କଲେଜ' ପ୍ରତିଷ୍ଠା କରାଯାଇଥିଲା। ଏହା ପରବର୍ତ୍ତୀ ସମୟରେ ପ୍ରସିଦ୍ଧ 'ରେଭେନସା କଲେଜ' ଭାବେ ଆତ୍ମପ୍ରକାଶ କରିଥିଲା।

ଏହାର କିଞ୍ଚିତ ପରବର୍ତ୍ତୀ ସମୟରେ ଓଡିଆ ଅସ୍ମିତାର ପରିପ୍ରକାଶ ରୂପେ ୧୮୮୨ ମସିହାରେ 'ଉତ୍କଳସଭା' ଜନ୍ମ ନେଇଥିଲା। ଏଠାରେ

ଉଲ୍ଲେଖଯୋଗ୍ୟ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ହେବା ପୂର୍ବରୁ କର୍ମବୀର ଗୌରୀଶଙ୍କର ଏବଂ ସେ ସମୟର ଯୁବ ଓକିଲ ମଧୁବାବୁଙ୍କ ପ୍ରଚେଷ୍ଟାରେ ଏହି ରାଜନୈତିକ ଅନୁଷ୍ଠାନ ଜନ୍ମଲାଭ କରିଥିଲା। ପରେ ପରେ ଏହାର ଉନ୍ନତ ସଂସ୍କରଣ ରୂପେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଜନ୍ମ ନେଇଥିଲା ଏବଂ ଓଡ଼ିଶାର ଭାଗ୍ୟ ବଦଳାଇବାକୁ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବାଟ ଫିଟି ଯାଇଥିଲା।

ସେହିପରି ସର୍ବଭାରତୀୟ ସ୍ତରର ଏକ ବିପଦ ବା ଅଘଟଣ କଥା ବିଚାର କରାଯାଉ। ଇଂରେଜ ଶାସନ ରୂପରେ ବିଦେଶୀ ଶାସନ ସମଗ୍ର ଭାରତ ଭୂଖଣ୍ଡ ପାଇଁ ଏକ ବିପଦ ଥିଲା ବୋଲି ବିଚାର କରାଯାଏ। ଏହା ନିଃସନ୍ଦେହରେ ସର୍ବବାଦୀସମ୍ମତ ସତ୍ୟ ଯେ ଏହି ବିଦେଶୀ ଶାସନ ଭାରତର ଅନେକ କ୍ଷତି ଘଟାଇଛି ଯାହା ସମସ୍ତଙ୍କୁ ଅଳ୍ପ ବହୁତେ ଜଣା। ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ଏବଂ ଆଧ୍ୟାତ୍ମିକତା ତଥା କଳାଭାସ୍କର୍ଯ୍ୟ କ୍ଷେତ୍ରରେ ଅଦ୍ୱିତୀୟ ସୁନାର ଦେଶ ଭାରତ ଏହି ବିଦେଶୀ ଇଂରେଜ ଶାସନ ଯୋଗୁ ଏକ ଅନୁନ୍ନତ ଦରିଦ୍ର ଦେଶରେ ପରିଣତ ହୋଇଯାଇଥିଲା।

ମାତ୍ର ଏହି ଇଂରେଜ ଶାସନ ଯୋଗୁ ଭାରତର ଯେଉଁ ଲାଭ ହୋଇଛି ତାହା ମଧ୍ୟ ସ୍ମରଣୀୟ ଏବଂ ଅତୁଳନୀୟ। ଏହି ଲାଭ ମଧ୍ୟରେ ସର୍ବୋତ୍କୃଷ୍ଟ ଲାଭ ହୋଇଛି ସମଗ୍ର ଭାରତବର୍ଷର ରାଜନୈତିକ ଏକତା ଯାହା କସ୍ମିନକାଳେ ସମ୍ଭବ ହୋଇ ନଥିଲା ଏବଂ ଇଂରେଜମାନେ ସମଗ୍ର ଭାରତବର୍ଷକୁ ଅକ୍ତିଆର କରି ନଥିଲେ ସମ୍ଭବ ମଧ୍ୟ ହୋଇ ନଥାନ୍ତା। ଭାରତ ଇତିହାସରେ ଅଶୋକ, ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ ହର୍ଷବର୍ଦ୍ଧନ ଆଦି ଚକ୍ରବର୍ତ୍ତୀ ସମ୍ରାଟ୍ ଭାରତବର୍ଷର ବହୁ ଅଂଶ ଅଧିକାର କରି ଶାସନ କରିଥିଲେ ମଧ୍ୟ ସମଗ୍ର ଭାରତ ଭୂଖଣ୍ଡକୁ ଏକ ଶାସନାଧୀନ କରି ପାରି ନଥିଲେ। ସମଗ୍ର ଭାରତବର୍ଷ ସହସ୍ରାଧିକ ବଡ ଓ ଛୋଟ ରାଜ୍ୟରେ ବିଭକ୍ତ ଥିଲା ଏବଂ ପ୍ରତି ରାଜ୍ୟରେ ସଂପୃକ୍ତ ରାଜାଙ୍କର ମନୋମୁଖୀ ଶାସନ ଚାଲୁଥିଲା। ତେଣୁ ସମଗ୍ର ଭାରତବର୍ଷ ଏକ ନିର୍ଦ୍ଦିଷ୍ଟ ଦେଶ ଭାବରେ ନୁହେଁ ବରଂ ବହୁଦେଶର ସମଷ୍ଟି ବା ଏକ ଉପମହାଦେଶ ଭାବେ ପରିଚିତ ତଥା ପ୍ରସିଦ୍ଧି ଲାଭ କରିଥିଲା। ଏପରିକି ଆମ ଓଡ଼ିଶା ବା ଉତ୍କଳ ଦେଶ ମଧ୍ୟରେ ବହୁ ରାଜା ଓ ମହାରାଜା ଶାସନ କରୁଥିଲେ। ଲକ୍ଷେ ରାଜାଙ୍କ ମଉଡମଣି ଭାବରେ ପରିଚିତ ପୁରୀର ଠାକୁର ରାଜା ଗଜପତି ମହାରାଜଙ୍କ ବ୍ୟତୀତ ମୟୂରଭଞ୍ଜ ମହାରାଜା, ପାଟଣା ମହାରାଜା, କଳାହାଣ୍ଡି ମହାରାଜା ଇତ୍ୟାଦି ମହାରାଜା ମାନଙ୍କର ଶାସନ ଚାଲୁଥିଲା। ଏହି ମହାରାଜାମାନଙ୍କ ବ୍ୟତୀତ ଆହୁରି ବହୁତ ରାଜା ମଧ୍ୟ ନିଜ ନିଜ ସୀମା ଭିତରେ ଶାସନ କରୁଥିଲେ। ସେମାନଙ୍କ କଥା ନକହିଲେ ଭଲ। ପୁଣି ଏ ରାଜାମାନଙ୍କ ଭିତରେ ବିଭିନ୍ନ କାରଣରୁ ଯୁଦ୍ଧ ଲାଗୁଥିଲା ଏବଂ ଜାତୀୟ ଯୁଦ୍ଧଭଳି ଏ ଯୁଦ୍ଧମାନଙ୍କର ବିଜୟ ଗାଥା ଲୋକ ମୁଖରେ ପ୍ରଚାରିତ ହେଉଥିଲା। ଖୋର୍ଦ୍ଧାରାଜା ଓ ବାଙ୍କୀ ରାଜାଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧକଥା ସ୍ମରଣ କରନ୍ତୁ। ଏହି ଯୁଦ୍ଧରେ ବାଙ୍କୀରାଜା ପରାଜିତ ଓ ନିହତ ହୋଇଥିଲେ। ମାତ୍ର ଏ ଖବର ବାଙ୍କୀରେ ପହଞ୍ଚିବା ପରେ ପରାଜୟର ପ୍ରତିଶୋଧ ନେବା ପାଇଁ ବାଙ୍କୀରାଣୀ ଶୁକ ଦେଇ କିପରି ନିଜର ପରାଜିତ ଓ ଅବସାଦଗ୍ରସ୍ତ ସେନାଙ୍କୁ ଏକାଠି କରି ପୁନର୍ବାର ଖୋର୍ଦ୍ଧା ସହ ଯୁଦ୍ଧ କରି ଖୋର୍ଦ୍ଧାରାଜାଙ୍କୁ ପରାଜିତ କରିଥିଲେ ଓଡ଼ିଆଙ୍କୁ ଅଳ୍ପେ ବହୁତେ ଜଣା। କବି ରାଧା ମୋହନ ଗଡନାୟକଙ୍କ ଅମର ଲେଖନୀ ମୁନରେ ସେହି କିମ୍ବଦନ୍ତୀ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଅଛି।

ଏତଦବ୍ୟତୀତ ଇଂରେଜମାନଙ୍କ ସମୟରେ ରେଳପଥ ନିର୍ମାଣ, ଡାକ-ତାର ବ୍ୟବସ୍ଥାର ପ୍ରଚଳନ, ଅନେକ ସାମାଜିକ କୁପ୍ରଥା (ଯଥା - ସତୀଦାହ ପ୍ରଥା, ବାଲ୍ୟବିବାହ ପ୍ରଥା, ନରବଳି ପ୍ରଥା, ଠଗମାନଙ୍କ ଦୌରାତ୍ମ୍ୟ) ଆଦିର ମୂଳୋତ୍ପାଟନ ଭଳି ବହୁ ଭଲ କାମ କରାଯାଇ ଥିଲା ଯାହାକୁ ଆଜିର ଭାରତବର୍ଷ କଦାପି ଭୁଲି ପାରିବନାହିଁ। ଏଣୁ 'ବିଦେଶୀ ଶାସନ' ଭଳି ବିପଦ ମଧ୍ୟ ବହୁ ବିବର୍ତ୍ତନର ସୂତ୍ରପାତ କରିଛି।

ଏ ପରିପ୍ରେକ୍ଷୀରେ ଆମର ବ୍ୟକ୍ତିଗତ ଜୀବନ କଥା ବିଚାର କରାଯାଉ। କ୍ଷମତା, ଧନସମ୍ପତ୍ତି, ଜନବଳ ଇତ୍ୟାଦି ମଣିଷକୁ ମହାମାନବ କରିବା ପରିବର୍ତ୍ତେ ଗର୍ବୀ, ଅହଂକାରୀ ଓ ପରପୀଡକ କରିଥାଏ। ସମାଜରେ ଏହାର ଭୂରିଭୂରି ଦୃଷ୍ଟାନ୍ତ ବିଦ୍ୟମାନ। ଅପର ପକ୍ଷରେ ମଣିଷ ଅଭାବ ଅସୁବିଧା, ଦୁଃଖଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିଲେ ମଧ୍ୟ ଅଧିକାଂଶ ସମୟରେ ପରିଶ୍ରମୀ, ସହିଷ୍ଣୁ, ନୀତିବାନ ତଥା ନମ୍ର ହୋଇଥାଏ ବା ହେବାକୁ ବାଧ୍ୟ ହୋଇଥାଏ। କିଛି କିଛି ଲୋକଙ୍କ କ୍ଷେତ୍ରରେ ଅନ୍ୟଥା ଦୃଷ୍ଟିଗୋଚର ହୋଇଥିଲେ ମଧ୍ୟ ମୋଟାମୋଟି ଭାବରେ ପୂର୍ବୋକ୍ତ ବିଷୟ ହୋଇଥାଏ। ଏମିତିକି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସଂଗ୍ରାମ ଜାରି ରଖି ମଣିଷ ଅନେକ ସମୟରେ ସଫଳତାର ଶୀର୍ଷଦେଶକୁ ମଧ୍ୟ ଯାଇପାରେ। ସଂସାରରେ ଏମିତି ଦୃଷ୍ଟାନ୍ତ ଅନେକ ସଂଖ୍ୟାରେ ବିଦ୍ୟମାନ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ହେଉଛନ୍ତି ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଗତ ଊନବିଂଶ ଶତାବ୍ଦୀରେ ସଂଘଟିତ ହୋଇଥିବା ଭାରତୀୟ ପୁନର୍ଜାଗରଣ (Indian Renaissance)ର ପୁରୋଧା ଥିଲେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର। ତାଙ୍କର ଗୁଣଗାରିମା, ନମ୍ରତା, ପ୍ରସିଦ୍ଧି କିମ୍ବଦନ୍ତୀ ସ୍ତରୀୟ। ବାଲ୍ୟକାଳରେ ଯେପରି ଉତ୍କଟ ଦାରିଦ୍ର୍ୟ ଓ ଅଭାବ ଅସୁବିଧା ମଧ୍ୟରେ ଗତି କରି ପାଠ ପଢିଥିଲେ, ତା'ର ତୁଳନା ନାହିଁ। ବତୀଖୁଣ୍ଟ ତଳେ ବସି ପାଠ ପଢି ବିଦ୍ୟାକୁ ଆୟତ୍ତ କରିଥିବା ତଥା ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିବା ପିଲା ଥିଲେ ସିଏ। ତାଙ୍କରି ଉଦ୍ୟମ ଯୋଗୁ ହିଁ ଦେଶରେ ଶିକ୍ଷାର ବିସ୍ତାର ଘଟିବା ସହ ବିଭିନ୍ନ ସାମାଜିକ ବ୍ୟାଧି ଯଥା ସତୀଦାହ ପ୍ରଥା, ବାଲ୍ୟକନ୍ୟା ବିବାହ ପ୍ରଥା, ବଳି ପରି ଅନେକ କୁପ୍ରଥାକୁ ଦୂର କରିବା ନିମିତ୍ତ ଦୃଢ ପଦକ୍ଷେପ ନିଆ ଯାଇ ପାରିଥିଲା।

ମନୁଷ୍ୟ ଜୀବନରେ ବିବିଧ ଦୁଃଖ ଓ ବିପଦର ଏଭଳି ସକାରାତ୍ମକ ଦିଗ ରହିଛି ଯେ ପୁରାଣ ବର୍ଣ୍ଣନା ଅନୁଯାୟୀ ପାଣ୍ଡବ ମାନଙ୍କର ମାତା ମହାରାଣୀ କୁନ୍ତୀ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସର୍ବଦା ଦୁଃଖ ହିଁ ମାଗୁଥିଲେ। ସେ କହୁଥିଲେ, 'ହେ ପ୍ରଭୁ ଶ୍ରୀକୃଷ୍ଣ ! ମୋତେ ସର୍ବଦା ଦୁଃଖରେ ରଖ। କାରଣ ଦୁଃଖରେ ଥିଲେ ହିଁ ମୁଁ ସର୍ବଦା ତୁମର ସ୍ମରଣ, ଭଜନ ଓ ବନ୍ଦନା କରୁଥିବି। ମୋ ପାଖୁ ସୁଖ ଚାଲି ଆସିଲେ, ମୁଁ ହୁଏତ ଅବାଟକୁ ଯାଇ ତୁମକୁ ଭୁଲିଯାଇପାରେ। ମୁଁ ସର୍ବଦା ତୁମର ସ୍ମରଣ, ଭଜନ ଓ ବନ୍ଦନା କରୁଥିବି। ମୋ ପାଖକୁ ସୁଖ ଚାଲି ଆସିଲେ ମୁଁ ହୁଏତ ଅବାଟକୁ ଯାଇ ତୁମକୁ ଭୁଲି ଯାଇ ପାରେ। ଏହା ଅବଶ୍ୟ ଏକ ପୌରାଣିକ ଉପାଖ୍ୟାନ। ସତ୍ୟ ହୋଇ ପାରେ ନପାରେ। କିନ୍ତୁ ଏଥିରେ ଯେ ସାଧାରଣ ମଣିଷର ମାନସିକ ସ୍ଥିତି ବର୍ଣ୍ଣନା କରାଯାଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ। ଅତଏବ ଏହା ଅନସ୍ୱୀକାର୍ଯ୍ୟ ଯେ ବିଭିନ୍ନ ବ୍ୟକ୍ତିଗତ ଦୁଃଖ ଯଥା ବାଲ୍ୟକାଳର ଉତ୍କଟ

ଦାରିଦ୍ର୍ୟ, ଶୈଶବ କାଳରେ ପିତାମାତାଙ୍କ ପରି ଅନ୍ତରଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ, ଧନୀ ଅବସ୍ଥାରୁ ଦରିଦ୍ର ଅବସ୍ଥା ପ୍ରାପ୍ତ ହେବା, ମନୁଷ୍ୟ ନିହିତ ଅନ୍ତର୍ନିହିତ ପ୍ରତିଭା ଓ ଦିବ୍ୟଶକ୍ତିକୁ ବିକଶିତ କରି ପାରେ। ଇତିହାସ ପୃଷ୍ଠାରେ ତଥା ପାଠ୍ୟ ପୁସ୍ତକ ଗୁଡ଼ିକରେ ଏଭଳି ବହୁ ଘଟଣାର ବର୍ଣ୍ଣନା ରହିଛି।

ଏକ ଦ୍ୱିତୀୟ ଲହର ବିସ୍ତାର କରେ ଚର୍ଚ୍ଚାରେ ଥିବା 'କରୋନା' ମହାମାରୀ ଗତ ଡିସେମ୍ବର ୨୦୧୯/ ଜାନୁଆରୀ ୨୦୨୦ରୁ ସମଗ୍ର ବିଶ୍ୱରେ କରାଳ ରୂପ ପ୍ରଦର୍ଶନ କରିଛି। ଏହି 'କରୋନା' ମହାବ୍ୟାଧିରେ ଅଦ୍ୟାବଧି ବିଶ୍ୱର ୨୨୦ଟି ଛୋଟ ବଡ଼ ଦେଶ ଆକ୍ରାନ୍ତ ହୋଇ ସାରିଛନ୍ତି। ସମ୍ପ୍ରତି ପରିଦୃଷ୍ଟ 'କରୋନା'ର ଦ୍ୱିତୀୟ ଲହର ଅର୍ଥାତ୍ 'କରୋନା'ର ଡେଲଟା ପ୍ରଜାତି (Delta Variant) ବିଶ୍ୱର ୯୮ଟି ଦେଶକୁ ବ୍ୟାପିଗଲାଣି। ଏହି ବ୍ୟାଧିରେ ବହୁ ସାଧାରଣ ତଥା ବିଶିଷ୍ଟ ବ୍ୟକ୍ତି ମୃତ୍ୟୁବରଣ କଲେଣି ଏବଂ ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ଯୋଗୁ ବହୁ ବ୍ୟକ୍ତି ନିଜର ଆୟର ସୂତ୍ର ହରାଇ ଚରମ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ସମୟ ଅତିବାହିତ କରୁଛନ୍ତି। କିନ୍ତୁ ଏଭଳି ପ୍ରଚଣ୍ଡ ଦୁଃସ୍ଥିତି ସମୟରେ ମଧ୍ୟ କିଛି ଲୋକଙ୍କର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିଛି। ସିଧା ସଳଖ କହିଲେ ଏ 'କରୋନା' ବିପଦ ସେମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଘଟାଇଛି।

ଗୋଟିଏ ଉଦାହରଣ ଦେଖନ୍ତୁ ଗତ ଜୁଲାଇ ୪ ତାରିଖରେ ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ମାତ୍ର ସପ୍ତମ ଶ୍ରେଣୀ ଯାଏ ପାଠ ପଢ଼ିଥିବା ୩୫ ବର୍ଷୀୟ ଈଶାକ୍ ମୁଣ୍ଡା ତାଙ୍କ ଜୀବନ ଭଲରେ ଜୀଇଁବା ପାଇଁ ଏକ ନୂତନ ଦିଗର ସନ୍ଧାନ ପାଇଛନ୍ତି। ଈଶାକ ମୁଣ୍ଡାଙ୍କ ଘର ହେଉଛି ସମ୍ବଲପୁର ଜିଲ୍ଲା କୁଚୁମରା ବ୍ଲକ ଅନ୍ତର୍ଗତ ଝାଙ୍ଗରାପଲ୍ଲୀ ଗ୍ରାମ ପଞ୍ଚାୟତର ବାବୁପାଲି ଗ୍ରାମ। ଦିନ ଥିଲା ସେ ପାହାଡ଼ରେ ପଥର କାଟିବା, ନିର୍ମାଣ ଶ୍ରମିକ ଭାବରେ କାମ କରିବା ଭଳି କାର୍ଯ୍ୟ କରି ନିଜର ପରିବାର ପରିପୋଷଣ କରୁଥିଲେ। ମାତ୍ର ଏବେ ସେ କେବଳ ନିଜ ଜିଲ୍ଲା, ପ୍ରଦେଶ ବା ଦେଶ ନୁହେଁ ବହୁ ବିଦେଶୀ ରାଷ୍ଟ୍ରରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ତଥା ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହା ସମ୍ଭବ ହେଲା କେମିତି ? ଗୋଟିଏ ଧାଡ଼ିରେ କହିଲେ, ଏହାର ଉତ୍ତର ହେବ ଏହି ବହୁ ଚର୍ଚ୍ଚିତ କରୋନା ସୃଷ୍ଟି କରିଥିବା 'ବିପଦ'ରୁ।

ଟିକିଏ ବିସ୍ତୃତ ଭାବରେ କହିଲେ, ଘଟଣାଟି ଏହିପରି –

ଗତ ୨୦୨୦ ମସିହାରେ 'କରୋନା' ରୋଗପାଇଁ ଜାରି ହୋଇଥିବା 'ଲକ୍‌ଡାଉନ୍' ସମୟରେ ଈଶାକ୍‌ଙ୍କୁ କାମଧନ୍ଦା ମିଳି ନଥିଲା। ଫଳରେ ନିଜ ପରିବାର ଚଳାଇବା ତାଙ୍କପାଇଁ କଷ୍ଟକର ହୋଇ ପଡ଼ିଥିଲା। ବାହାରେ କିଛି ଶାରୀରିକ ଶ୍ରମ ଜନିତ କାମ ମିଳୁ ନଥିବାରୁ ସେ ଘରେ ବସି ମୋବାଇଲ୍‌ରେ ୟୁ-ଟ୍ୟୁବ୍ (You Tube)ରୁ ବିଭିନ୍ନ ଭିଡିଓ ଦେଖୁଥିଲେ। ଏମିତି କିଛିଦିନ ୟୁ-ଟ୍ୟୁବ୍‌ରୁ ବିଭିନ୍ନ ଭିଡିଓ ଦେଖୁ ଦେଖୁ ସେ ଏପରି ଏକ ଭିଡିଓ ଦେଖିଥିଲେ, ଯେଉଁଥିରୁ ସେ ଜାଣିବାକୁ ପାଇଲେ ଯେ ୟୁ-ଟ୍ୟୁବ୍‌ରେ ନିଜେ ପ୍ରସ୍ତୁତ କରି ଭିଡିଓ ସ୍ଥାନୀତ (Upload) କଲେ କିଛି ଅର୍ଥ ରୋଜଗାର କରିହେବ। ହେଲେ, ତାଙ୍କ ନିକଟରେ ସେହି ସମୟରେ ଏକ ଛୋଟ ମୋବାଇଲ୍ ଥିବାରୁ ତାକୁ ବ୍ୟବହାର କରି ଭିଡିଓ ତିଆରି କରିବା ସମ୍ଭବ ନଥିଲା। ତେଣୁ ବାଧ୍ୟ ହୋଇ ସେ ନିଜର ସଞ୍ଚିତ ତିନି ହଜାର ଟଙ୍କା ସହ ଏକ ଅର୍ଥଲଗାଣକାରୀ ସଂସ୍ଥାଠାରୁ କିଛି ଟଙ୍କା ଆଣି ନିଜପାଇଁ ଏକ ସ୍ମାର୍ଟଫୋନ୍ କିଣିଥିଲେ। ସେଇ ଫୋନ୍‌ରେ ୟୁ-ଟ୍ୟୁବ୍‌ରେ ନିଜର ଆଇ.ଡି. ଖୋଲିଥିଲେ। ଏଇ ଚ୍ୟାନେଲ୍‌ରେ ଈଶାକ୍ ମୁଣ୍ଡା କଅଣ ଖାଏ, କେମିତି ଖାଏ ଇତ୍ୟାଦିର ଏକ ଆକର୍ଷଣୀୟ ଭିଡିଓ ତିଆରି କରି ଛାଡ଼ିଥିଲେ (ଅର୍ଥାତ୍ ଅପ୍‌ଲୋଡ୍ କରିଥିଲେ)। ଓଡ଼ିଶାର ଘରେ ଘରେ ପରିଚିତ ବାସି ପଖାଳ ସମ୍ପର୍କରେ ଏକ ହୃଦୟସ୍ପର୍ଶୀ ବର୍ଣ୍ଣନା ଓ ଚିତ୍ର ସେ ତାଙ୍କ ପ୍ରଥମ ଭିଡିଓରେ ପ୍ରଦାନ କରିଥିଲେ। ଏହି ଭିଡିଓ ଗତ ୨୦୨୦ ମସିହା ମାର୍ଚ୍ଚ ୨୫ ତାରିଖରେ ୟୁ-ଟ୍ୟୁବ୍‌ରେ ଅପଲୋଡ୍ ହୋଇଥିଲା। ଏହି ପ୍ରଥମ ଭିଡିଓକୁ ୩୨୯କେ ବା ତିନି ଲକ୍ଷ ୨୯ ହଜାର ଦର୍ଶକ ଦେଖି ସାରିଛନ୍ତି। ସେହି ସମୟରେ ଏହି ଭିଡିଓ ଏପରି ଲୋକପ୍ରିୟତା ହାସଲ କଲା ଯେ ଏହାପରେ ଈଶାକ୍‌ଙ୍କ ଭାଗ୍ୟ ପରିବର୍ତ୍ତନର ସ୍ପଷ୍ଟ ସୂଚନା ମିଳିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି। ପରବର୍ତ୍ତୀ ଭିଡିଓ ଗୁଡ଼ିକରେ ସେ ତାଙ୍କ ସମ୍ପ୍ରଦାୟର ପରମ୍ପରା, ଖାଦ୍ୟପେୟ, ଚାଲିଚଳନ, ରୀତିନୀତି ଇତ୍ୟାଦି ସମ୍ପର୍କରେ ଏପରିକି ଶାଗଭଜା, ଛତୁ କରଡ଼ି, କୁଲାଇ ଶାଗ ବିଷୟରେ ବହୁ ଭିଡିଓ ପ୍ରସ୍ତୁତ କରି ୟୁ-ଟ୍ୟୁବ୍‌ରେ ସ୍ଥାନିତ କଲେ। ଏହା ଅକଳ୍ପନୀୟ ଲୋକପ୍ରିୟତା ହାସଲ୍ କଲା। ତାଙ୍କ ପ୍ରଥମ ଭିଡିଓରେ ସେ ବାସିପଖାଳ ସହ ଲଙ୍କା ଓ ପିଆଜ ଖାଇବାର ଯେଉଁ ଚିତ୍ର ସେ ପ୍ରଦାନ କରିଥିଲେ, ତାହା ଦେଶବିଦେଶରେ ବହୁ ଲୋକଙ୍କର ଆଦରଣୀୟ ହୋଇପାରିଥିଲା। ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖଯୋଗ୍ୟ ନିକଟରେ ସମ୍ବାଦପତ୍ରରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ବାସିପଖାଳର ଆମ୍ବିଳା ତୋରାଣିରେ କରୋନା-ପ୍ରତିରୋଧକ ଶକ୍ତି ଅଛି ବୋଲି ଗବେଷକମାନେ ଜାଣି ପାରିଛନ୍ତି। ତାଙ୍କର ଏହି ଭିଡିଓଟି କେବଳ ତାଙ୍କ ନିଜ ପ୍ରଦେଶ ବା ଦେଶରେ ନୁହେଁ, ଅନେକ ବିଦେଶ ରାଷ୍ଟ୍ର ଯଥା ଆମେରିକା, ଇଣ୍ଡୋନେସିଆ, ବ୍ରାଜିଲ, ଜାପାନ, ନିଉଜିଲାଣ୍ଡ, ସୁଇଜରଲାଣ୍ଡ, ନାଇଜେରିଆ ଆଦି ୫୫ଟି ଦେଶରୁ ଅନେକ 'ଲାଇକ' (Like) ଓ 'କମେଣ୍ଟ' (Comment) ଲାଭ କରିଛି।

ତାଙ୍କଦ୍ୱାରା ପ୍ରସ୍ତୁତ ପରବର୍ତ୍ତୀ ଭିଡିଓ ଗୁଡ଼ିକ ମଧ୍ୟ ତାଙ୍କ ପୂର୍ବ ଲୋକପ୍ରିୟତାକୁ ଆହୁରି ଆଗକୁ ବଢ଼ାଇଛି। ଈଶାକ୍ ଅଦ୍ୟାବଧି ୨୫୮ଟି ଭିଡିଓ ଉପଲୋଡ୍ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କ ଚାନେଲ୍‌କୁ ୭୨୭ ହଜାର ଦର୍ଶକ ସବସ୍କ୍ରାଇବ୍ କରିଛନ୍ତି। ପ୍ରକାଶିତ ସମ୍ବାଦ ଅନୁଯାୟୀ ଈଶାକ୍ ତାଙ୍କ ଭିଡିଓ ଅପଲୋଡ୍ କରିବାର ତିନି ମାସ ପରେ ଅର୍ଥାତ୍ ଗତ ବର୍ଷ ଜୁନ୍ ମାସରେ ତାଙ୍କ ଆକାଉଣ୍ଟକୁ ପ୍ରଥମେ ୩୭ ହଜାର ଟଙ୍କା ଆସିଥିଲା। ପୁଣି ଗତବର୍ଷ ଜୁଲାଇ ମାସରେ ପାଞ୍ଚ ଲକ୍ଷ ଟଙ୍କା ଆସିଥିଲା। ଏହିପରି ସେ ବିଭିନ୍ନ ସମୟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଭିଡିଓ ପାଇଁ ଅର୍ଥ ଲାଭ କରୁଛନ୍ତି ଓ ନିଜର ପରିବାରକୁ ସ୍ୱଚ୍ଛନ୍ଦରେ ଚଳାଉଛନ୍ତି। ଏହିପରି ଭାବରେ ମହାମାରୀ କରୋନା ଦ୍ୱାରା ସୃଷ୍ଟ ବପଦ ଆଜି ଈଶାକ୍‌ଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ବରଦାନ ସାବ୍ୟସ୍ତ ହୋଇଛି।

କେବଳ ଈଶାକ୍ ନୁହଁନ୍ତି, ଆହୁରି ଅନେକ ଦରିଦ୍ର ଓ ବେକାର ଯୁବକ କରୋନା କରାଳ କାଳରେ ନିଜ ନିଜର ପ୍ରତିଭାକୁ ବିକଶିତ କରିପାରିଛନ୍ତି ଯାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ଏହି କ୍ଷୁଦ୍ର ନିବନ୍ଧର କଳେବର ବୃଦ୍ଧି ହେବାର ଭୟରୁ ସେ ସମ୍ପର୍କରେ ଅଧିକ ସୂଚନା ଦେଇ ହେଉନାହିଁ।

ପୁନଶ୍ଚ ଆଗରୁ ସରକାରୀ ଓ ବେସରକାରୀ କର୍ମଚାରୀ ମାନେ ନିଜ ନିଜର କାର୍ଯ୍ୟାଳୟକୁ ଯାଇ ନିର୍ଦ୍ଧାରିତ ସମୟରେ ନିଜ ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ, କିନ୍ତୁ ଏବେ କରୋନା ସମୟରେ ସେ ବ୍ୟବସ୍ଥା ବଦଳି ଯାଇଛି । ଆଗରୁ ପ୍ରଚଳିତ ନଥିବା ବା ସ୍ୱଳ୍ପ ପ୍ରଚଳିତ ଥିବା "Work from Home" ବ୍ୟବସ୍ଥା ଆଜି ଅନେକ କର୍ପୋରେଟ୍ ଏବଂ ବ୍ୟବସାୟିକ ସଂସ୍ଥା ଗ୍ରହଣ କରିସାରିଛନ୍ତି । ଫଳରେ କରୋନା ନିମିତ୍ତ କାର୍ଯ୍ୟାଳୟକୁ ଗମନାଗମନ ବ୍ୟାହତ ହେଲେ ମଧ୍ୟ ଘରେ ବସି କମ୍ପ୍ୟୁଟର ଯୋଗେ ଅଫିସ୍ କାର୍ଯ୍ୟ କରାଯାଇ ପାରୁଛି । ଏହାଦ୍ୱାରା ନିଶ୍ଚିତ ଭାବେ ଛଟେଇ ବା କାର୍ଯ୍ୟରୁ ଅନ୍ତର କରିବା କମିଯାଇଛି ଏବଂ ଜନସାଧାରଣ ମଧ୍ୟ ସେବା ପାଇପାରୁଛନ୍ତି ।

ସେହିପରି ଆଗରୁ ପ୍ରାୟତଃ ଜଣା ନଥିବା 'On Line' କ୍ଲାସ ଆଜି ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ବାସ୍ତବତାରେ ପରିଣତ ହୋଇଛି, ଏପରିକି ଟ୍ୟୁସନ୍ ବା କୋଚିଂ ମଧ୍ୟ ଏହି 'On Line' ମାଧ୍ୟମରେ ଚାଲିଛି, ପିଲାଏ ନିଜ ଘରେ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ନିଜ ଘରେ ବା ମୋବାଇଲ୍ ଫୋନ୍ ଲାଗି ପାରୁଥିବା ସ୍ଥାନରେ ରହି ବିଦ୍ୟାଦାନ ଓ ବିଦ୍ୟାଶିକ୍ଷା କାର୍ଯ୍ୟ କରାଯାଇ ପାରୁଛି, ଏହି ଅଭିନବ ପଦ୍ଧତି କରୋନା ମହାମାରୀର ଏକ ବିଶେଷ ଅବଦାନ ନୁହେଁକି ।

ଏହା ସମସ୍ତଙ୍କୁ ଜଣା ଯେ ଏବେ ଆମ ଦେଶରେ ତଥା ଅନ୍ୟ ଦେଶମାନଙ୍କରେ କରୋନାକୁ ପ୍ରତିହତ କରିବାକୁ ଟିକାଦାନ କାର୍ଯ୍ୟକ୍ରମ ଜୋର୍‌ସୋର୍‌ରେ ଚାଲିଛି ଯେପରିକି କରୋନାର ତୃତୀୟ ଲହର ଆସିବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ରୂପେ ଦୂର କରିଦେବ । ଏହି ଟିକାଦାନ କାର୍ଯ୍ୟକ୍ରମ ପ୍ରକୃତପକ୍ଷେ ଗତ ଜାନୁଆରୀ ମାସରୁ ଆରମ୍ଭ ହୋଇଗଲାଣି ।

ସାଧାରଣ ଗୋଟିଏ ନୂଆ ମହାମାରୀ ଆତ୍ମପ୍ରକାଶ କଲେ, ତାର ନିରାକରଣ ପାଇଁ ସରକାରମାନେ ତତ୍ପର ହୋଇ ଉଠନ୍ତି ଓ ବୈଜ୍ଞାନିକ-ଗବେଷକମାନେ ତାହାର ପ୍ରତିଷେଧକ ଔଷଧ ବା ଟିକା ଉଦ୍ଭାବନ କରିବାରେ ଲାଗିପଡନ୍ତି । ଏହା ବହୁବାର ଦେଖାଯାଇଛି ଯେ ଔଷଧ ଗବେଷଣାଗାରରୁ ସୃଷ୍ଟି ହୋଇ ଲୋକମାନଙ୍କ ସେବା ନିମିତ୍ତ ବଜାରରେ ପହଞ୍ଚିବା ପାଇଁ ବହୁ ସମୟ ଲାଗିଯାଏ । ଚିନ୍ତା କରନ୍ତୁ, ଯଦି କରୋନା ପ୍ରତିଷେଧକ ଟିକା ପାଇଁ ଅତି କମ୍‌ରେ ପାଞ୍ଚ ବର୍ଷ ସମୟ ଲାଗିଥାଆନ୍ତା ତେବେ ଆମ ଦେଶରେ ଓ ସମସ୍ତ ବିଶ୍ୱରେ କେତେ ଜନଜୀବନ ଓ ଆର୍ଥିକ କ୍ଷତି ଘଟିଥାଆନ୍ତା ! ଏ ଯାଏ ତ ଟିକାକରଣ ସତ୍ତ୍ୱେ ସମଗ୍ର ବିଶ୍ୱରେ ପ୍ରାୟ ୪୧ ଲକ୍ଷ ଓ ଆମ ଦେଶ ଭାରତରେ ପ୍ରାୟ ୫ ଲକ୍ଷ ଏବଂ ଆମ ରାଜ୍ୟ ଓଡିଶାରେ ପ୍ରାୟ ପାଞ୍ଚ ହଜାର ଲୋକ ମୃତ୍ୟୁବରଣ କଲେଣି । ଯଦି 'କରୋନା' ପାଇଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଟିକା ବାହାରି ନଥାନ୍ତା, ତେବେ ଆକ୍ରାନ୍ତଙ୍କ କଥା ଛାଡି ଦିଅନ୍ତୁ, ମୃତ୍ୟୁ ସଂଖ୍ୟା ମଧ୍ୟ କଳ୍ପନାତୀତ ଭାବେ ଅଧିକ ହୋଇ ଥାଆନ୍ତା ଯାହା ଜନସାଧାରଣଙ୍କ ଭିତରେ ହାହାକାର ସୃଷ୍ଟି କରିଥାଆନ୍ତା । ଦେଶ ଚଳାଉଥିବା ବିଶିଷ୍ଟ ବ୍ୟକ୍ତିମାନେ ଗୋଟିଏ ମୁହୂର୍ତ୍ତ ବି ଶାନ୍ତିରେ ରହି ପାରି ନଥାନ୍ତେ । ଏହି ସଂଖ୍ୟା ମଧ୍ୟ ଦୁଇ ଦୁଇଟି ମହାଯୁଦ୍ଧର ମୃତାହତଙ୍କ ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ହୋଇଥାଆନ୍ତା ।

ମାତ୍ର 'କରୋନା'ର କରାଳ ରୂପ ଆମ ସମ୍ମୁଖରେ ଏତେ ବିପଦ ଠିଆ କରିଦେଲା ଯେ ଆମ ଦେଶରେ ତଥା ସମଗ୍ର ବିଶ୍ୱର ବୈଜ୍ଞାନିକ ମାନେ ଆଶାତୀତ ଭାବେ ସକ୍ରିୟ ହୋଇ ଉଠିଲେ ଯଦ୍ଦ୍ୱାରା ଏହି ମହାମାରୀ ସୃଷ୍ଟି ହେବାର ମାତ୍ର ନଅ ମାସ ମଧ୍ୟରେ ଟିକା (Vaccine) ସବୁ ଉଦ୍ଭାବିତ ହୋଇ ଜନସାଧାରଣଙ୍କ ସେବାରେ ଲାଗି ଯାଇଥିଲା ଓ ଆଜିଯାଏ ଲାଗି ରହିଛି । ତେଣୁ ଯଥେଷ୍ଟ କମ୍ ସମୟ ମଧ୍ୟରେ ଏହି ଉଦ୍ଭାବନକୁ 'କରୋନା'ର ଏକ ପରୋକ୍ଷ ଅବଦାନ କହିବାରେ କିଛି ଅସୁବିଧା ଅଛିକି ?

କରୋନା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ମଧ୍ୟ ଦେଇ ସାରିଛି । ତାହା ହେଲା ଘରୋଇ ସଂସ୍ଥା ଉପରେ ଅତ୍ୟଧିକ ନିର୍ଭର କରି ସରକାରୀ ଅନୁଷ୍ଠାନ ଗୁଡିକୁ ଦୁର୍ବଳ କରିଦେବା ଅତ୍ୟନ୍ତ ବିପଜ୍ଜନକ । ଆମେରିକାରେ ସ୍ୱାସ୍ଥ୍ୟସେବା ଘରୋଇ ସଂସ୍ଥାଗୁଡିକ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ । ଘରୋଇ ସଂସ୍ଥାମାନେ ମୁଖ୍ୟତଃ 'ଲାଭ'କୁ ହିଁ ଆଖିରେ ରଖି ହସପିଟାଲରେ କେତୋଟି ଶଯ୍ୟା ରହିବ, କେତେ ରୋଗୀଙ୍କୁ ଗ୍ରହଣ କରାଯିବ, ତାହା ସ୍ଥିର କରନ୍ତି ଯାହା 'କରୋନା' ହଠାତ୍ ବ୍ୟାପିବା ବେଳେ ଘାତକ ସାବ୍ୟସ୍ତ ହେଲା । ମନେ ପକାନ୍ତୁ 'କରୋନା'ର ପ୍ରଥମ ଲହରରେ ଆମେରିକାରେ 'କରୋନା' ରୋଗୀ ତଥା ସେମାନଙ୍କ ମୃତ୍ୟୁସଂଖ୍ୟା କିପରି ଚିନ୍ତାଜନକ ଥିଲା । ଅପର ପକ୍ଷରେ ଭାରତରେ ପୂର୍ବ ତୁଳନାରେ ଡାକ୍ତରଖାନା ସଂଖ୍ୟା ତଥାପି ପର୍ଯ୍ୟାପ୍ତ ସଂଖ୍ୟାରେ ଅଛି । ତେଣୁ ମୁଖ୍ୟତଃ ସରକାରୀ ଡାକ୍ତରଖାନା, ସରକାରୀ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଆୟୁଧ କରି ସରକାର କରୋନା ମହାମାରୀ ସହ ଲଢିଲେ ଓ ଜୟଯୁକ୍ତ ହେଲେ । ତେଣୁ ଉତ୍କୃଷ୍ଟ ପ୍ରତିଭାମାନଙ୍କୁ ସରକାରୀ ସଂସ୍ଥାରେ ରଖି ସରକାର ଯଦି ସାଧୁତାର ସହ ସମସ୍ତ ବିଷୟ ପରିଚାଳନା କରନ୍ତି, ତେବେ ଜନସାଧାରଣ ନିଶ୍ଚିତ ହେବେ, ମାତ୍ରାଧିକ ଖର୍ଚ୍ଚରୁ ରିହାତି ପାଇବେ ଓ ଅଧିକ ସେବା ଲାଭ କରିପାରିବେ ।

କେବଳ 'କରୋନା' ନୁହେଁ, ଏହା ପୂର୍ବରୁ ବିଶ୍ୱରେ ଅନେକ ମହାମାରୀ ଦେଖା ଦେଇ ଜନ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛନ୍ତି । ଉଦାହରଣ ସ୍ୱରୂପ ଚତୁର୍ଦ୍ଦଶ ଶତାବ୍ଦୀ (୧୩୪୭ ମସିହା)ରେ 'ବୁବୋନିକ୍ ପ୍ଲେଗ୍' ମହାମାରୀ ସୃଷ୍ଟି କରି ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା । ଇଉରୋପ, ଏସିଆ ଓ ଆଫ୍ରିକାର ବହୁ ସ୍ଥାନରେ ଏହି ମହାମାରୀ ତାର ଭୟଙ୍କର ରୂପ ଦେଖାଇଥିଲା । ଏକ ତଥ୍ୟ ଅନୁଯାୟୀ ଏହି ମହାମାରୀ ଦ୍ୱାରା ତତ୍କାଳୀନ ଏସିଆର ଜନସଂଖ୍ୟା ୨୪ କୋଟିରୁ ଖସି ଆସିଥିଲା । ସେହିପରି ତତକାଳୀନ ଆଫ୍ରିକାର ଜନସଂଖ୍ୟା ୮ କୋଟିରୁ ୭ କୋଟିକୁ ଖସି ଆସିଥିଲା । ଇଉରୋପର ଇଟାଲି, ଗ୍ରୀସ୍ ଆଦି ବହୁ ଦେଶରେ ଏହି ମହାମାରୀ କାୟା ବିସ୍ତାର କରିଥିଲା । ସେ ସମୟରେ ଇଉରୋପର ଜନସଂଖ୍ୟା ଥିଲା ସାଢେ ସାତ କୋଟି । ସେମାନଙ୍କ ମଧ୍ୟରୁ ପ୍ରାୟ ଅଢେଇ କୋଟି ଲୋକ ଏହି ମହାମାରୀ ଯୋଗୁ ମୃତ୍ୟୁବରଣ କରିଥିଲେ । ୧୩୫୨ ମସିହା ବେଳକୁ ଏହାର ପ୍ରାଦୁର୍ଭାବ ନିମ୍ନଗାମୀ ହେଲା, କିନ୍ତୁ ଏହି ମହାମାରୀ ଆଜିକା କରୋନାର ଦ୍ୱିତୀୟ ଲହର ପରି ପୁଣି ଥରେ ୧୩୬୨ ମସିହାରେ ଆବିର୍ଭୂତ ହୋଇଥିଲା । ମାତ୍ର ଜନସଚେତନତା ଯୋଗୁ ଏଥର ଏହା ଅଧିକ ଘାତକ ସାବ୍ୟସ୍ତ ହେଲାନାହିଁ । ମାତ୍ର ଏହି ମହାମାରୀର ପ୍ରଭାବ ସୁଦୂର ପ୍ରସାରୀ ହୋଇଥିଲା । ଏହା ଯୋଗୁ ଲୋକମାନଙ୍କର ଚର୍ଚ୍ଚ ଉପରେ ଆସ୍ଥା ଓ ବିଶ୍ୱାସ କମି ଯିବାରୁ ଚର୍ଚ୍ଚର ଅବାଧ କ୍ଷମତା ଉପରେ ଆଞ୍ଚ ଆସିଥିଲା । ଫଳରେ ଲୋକମାନେ ରୋଗର ଉପଶମ ପାଇଁ ଚର୍ଚ୍ଚ ବା ପୁରାତନ ପଦ୍ଧତି ଉପରେ ଭରସା ନକରି ରୋଗର ବିଜ୍ଞାନସମ୍ମତ କାରଣ ଓ ବିଜ୍ଞାନସମ୍ମତ ନିରାକରଣ ପଦ୍ଧତି ଉପରେ ଦୃଷ୍ଟି କେନ୍ଦ୍ରୀଭୂତ

କଲେ । ଏହାଦ୍ୱାରା ଇଉରୋପୀୟ ନବଜାଗରଣ ବା ରେନେସାଁର ବାଟ ଫିଟି ଯାଇଥିଲା ।

ଏହା ପରେ ୧୫୮୦ ମସିହାରେ ଇଉରୋପରେ ଇନଫ୍ଲୁଏଞ୍ଜା ମହାମାରୀ ଦେଖା ଦେଇଥିଲା । ଏଥିରେ ମଧ୍ୟ ବହୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ସେହି ପରି ୧୯୧୮-୧୯ ମସିହାରେ ସ୍ପାନିସ୍ ଫ୍ଲୁ (Spanish Flu) ଏକ ବିରାଟ ବିପଦ ସୃଷ୍ଟି କରିଥଲା । ଏହି ମହାମାରୀରେ ପୃଥିବୀର ପାଞ୍ଚ କୋଟି ଲୋକ ପ୍ରାଣ ହରାଇଥିଲେ । ସେତେବେଳେ ବିଶ୍ୱ ଜନସଂଖ୍ୟା ଥିଲା ଆନୁମାନିକ ୧୭୦ କୋଟି । ଏବେ ବିଶ୍ୱର ଜନସଂଖ୍ୟା ପ୍ରାୟ ୮୦୦ କୋଟି । ଏହି ସ୍ପାନିସ୍ ଫ୍ଲୁ ବା ସ୍ପେନୀୟ ଅଣ୍ଡାଜ୍ୱର ଏକ ମହାମାରୀ ରୂପେ ସମ୍ପୂର୍ଣ୍ଣ ପୃଥିବୀରେ ହାହାକର ମଚାଇଥିଲା । ବହୁ ସଂଖ୍ୟକ ଲୋକଙ୍କ ପ୍ରାଣହାନୀ ଯୋଗୁ ତତକାଳୀନ ବୈଜ୍ଞାନିକମାନେ ରୋଗର ନିରାକରଣ ପାଇଁ ଲାଗି ପଡିଥିଲେ । ଫଳରେ ଗବେଷଣା କରି ଲୁଇ ଫିସରଙ୍କ ଭଳି ବୈଜ୍ଞାନିକ ଜଣାଇଦେଲେ ଯେ ଏହି ଫ୍ଲୁ ରୋଗ ଭୂତାଣୁ ଦ୍ୱାରା ସୃଷ୍ଟ ।

ସେହିପରି ଷୋଡ଼ଶ ଶତାବ୍ଦୀରେ ବସନ୍ତ ରୋଗ ମହାମାରୀ ରୂପେ ଉଭା ହୋଇ ତାଣ୍ଡବ ରଚିଥିଲା । ଫଳରେ ଏହି ବିପଦ ବୈଜ୍ଞାନିକ ମାନଙ୍କୁ ଏହାର ପ୍ରତିକାର ଉଦ୍ଭାବନ କରିବାକୁ ପ୍ରଚୋଦିତ କଲା । ପରିଣାମତଃ ୧୭୯୨ ମସିହାରେ ଏଡ୍‌ଓ୍ୱାର୍ଡ ଜେନର୍ ଏହାର ପ୍ରତିଷେଧକ ଗୋବୀଜ ଟିକା ଉଦ୍ଭାବନ କଲେ । ଏବେ ପୃଥିବୀ ପୃଷ୍ଠରେ ବସନ୍ତ ରୋଗ ସମ୍ପୂର୍ଣ୍ଣ ଲୋପ ପାଇ ଯାଇଛି କହିଲେ ଚଳେ ।

କେବଳ ସ୍ୱାସ୍ଥ୍ୟ କ୍ଷେତ୍ର ନୁହେଁ, ସାମାଜିକ କ୍ଷେତ୍ରରେ ଘଟିଥିବା ଅନେକ ଅଘଟଣ ମଧ୍ୟ ଆମକୁ ଅନ୍ଧକାରରୁ ଆଲୋକ ଆଡକୁ ନେଇ ଯାଇଛି । ବିଶ୍ୱ ପ୍ରସିଦ୍ଧ 'କ୍ରୀତଦାସ ପ୍ରଥା' ବିଚାରକୁ ନିଆଯାଉ । ଏହା ବିଭିନ୍ନ ରୂପରେ ତ ବିଭିନ୍ନ ଢଙ୍ଗରେ ସମଗ୍ର ବିଶ୍ୱରେ ପ୍ରଚଳିତ ଥିଲା । ଇତିହାସର ତଥ୍ୟାନୁଯାୟୀ ୧୫୨୫ରୁ ୧୮୮୫ ମସିହା ଭିତରେ ପ୍ରାୟ ଦେଢ କୋଟି ଆଫ୍ରିକୀୟ କୃଷ୍ଣକାୟ ମାନଙ୍କୁ ଯୁକ୍ତରାଷ୍ଟ୍ରକୁ ଜାହାଜରେ ଅଣାଯାଇଥିଲା । ସେ ସମୟରେ ଥରେ ଆମେରିକାକୁ ଆସିବା ପାଇଁ ଜଳପଥରେ ପ୍ରାୟ ଦୁଇମାସ ସମୟ ଲାଗୁଥିଲା । ଏମାନଙ୍କୁ ହ୍ୟୁମାନ୍ କାର୍ଗୋ (Human Cargo) କୁହାଯାଉଥିଲା । ଏହି ଯାତ୍ରାକାଳ ମଧ୍ୟରେ ପ୍ରାୟ ୨୦ ଲକ୍ଷ କୃଷ୍ଣକାୟ ପ୍ରାଣ ହରାଇଥିଲେ । ଯେଉଁମାନେ ବି କୌଣସିମତେ ବଞ୍ଚିଗଲେ ସେମାନଙ୍କର ବଞ୍ଚିରହିବା ମୃତ୍ୟୁ ଠାରୁ ଅଧିକ ଭୟାବହ ଥିଲା । 'Uncle Tom's Cabin' ବହିରେ ଏହି କ୍ରୀତଦାସ ପ୍ରଥାର କାରୁଣ୍ୟ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ବର୍ଣ୍ଣିତ । ମାତ୍ର କ୍ରୀତଦାସ ପ୍ରଥାର କାରୁଣ୍ୟ ଓ ନିର୍ମମତା ଏତେ ଅଧିକ ଥିଲା ଯେ ଏହା ଚିନ୍ତାଶୀଳ ମାନବ ସମାଜର ବିବେକକୁ ଦୋହଲାଇ ଦେଲା ଏବଂ ୧୮୬୩ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ ଏହି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କଲେ । ବର୍ତ୍ତମାନ 'କ୍ରୀତଦାସ ପ୍ରଥା' ବିଶ୍ୱରେ ନାହିଁ କହିଲେ ଚଳେ ।

ସେହିପରି ଭାରତ ସହ ବିଶ୍ୱାସଘାତକତା କରି ୧୯୬୨ ମସିହାରେ ଚୀନ୍ ଯେପରି ଭାରତକୁ ଆକ୍ରମଣ କରି ପରାସ୍ତ କରିଥିଲା, ସେ ବିଷୟକୁ ବିଚାର କରାଯାଉ । ୧୯୬୨ ଅକ୍ଟୋବର ୨୦-୨୧ ତାରିଖ ଠାରୁ ନଭେମ୍ବର ୨୧ ତାରିଖ ଯାଏ ଏହି ଯୁଦ୍ଧ ଚାଲିଥିଲା ଏବଂ ଭାରତ ଏହି ଯୁଦ୍ଧରେ ଶୋଚନୀୟ ଭାବରେ ପରାଜିତ ହୋଇଥିଲା । ଯୁଦ୍ଧରେ ଚୀନ୍ ଭାରତର ପ୍ରାୟ ୪୦ ହଜାର ବର୍ଗ କିଲୋମିଟର ଅଞ୍ଚଳ ଦଖଲ କରିନେଲା ଯାହା ଏଯାଏ ସେ ନିଜ କବ୍‌ଜାରେ ରଖିଛି । ଅଧିକନ୍ତୁ ଭାରତର ଅରୁଣାଚଳ ପ୍ରଦେଶ ଓ ଲାଦାଖକୁ ମଧ୍ୟ ନିଜ ଅଞ୍ଚଳ ବୋଲି ଦାବି କରି ଆସୁଛି । ମାତ୍ର ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୯୬୨ର ସାମରିକ ପରାଜୟ ଭାରତ ପାଇଁ ଏକ ବିରାଟ ଶିକ୍ଷା ଥିଲା । ଏହା ପରଠାରୁ ଭାରତ ଆଉ କୌଣସି ଯୁଦ୍ଧରେ ପରାଜୟ ବରଣ କରିନାହିଁ । କାରଣ ଏହି ଯୁଦ୍ଧ ପରେ ପରେ ଭାରତ କ୍ରମାଗତ ଭାବରେ ନିଜ ସାମରିକ ଶକ୍ତି ବୃଦ୍ଧି କରି ଏମିତି ଏକ ସ୍ଥିତିରେ ପହଞ୍ଚିଛି ଯେ ଯଦି ଏକ ସମୟରେ ପାକିସ୍ତାନ ଓ ଚୀନ୍ ଭାରତ ଉପରେ ଆକ୍ରମଣ କରନ୍ତି, ତେବେ ମଧ୍ୟ ଭାରତ ସେମାନଙ୍କର ସଫଳ ମୁକାବିଲା କରିପାରିବ ।

ଭୁଟାନ୍ ସୀମା ନିକଟସ୍ଥ ଡୋକଲାମ ଠାରେ ଭାରତ ଓ ଚୀନ୍ ସୈନ୍ୟ ୨୦୧୭ ଜୁନ୍ ୧୬ ତାରିଖ ଠାରୁ ଅଗଷ୍ଟ ୨୮ ତାରିଖ ଯାଏ ଦୀର୍ଘ ୭୩ ଦିନ କାଳ କିପରି ମୁହାଁମୁହିଁ ହୋଇ ରହିଥିଲେ ଏବଂ ଅବଶେଷରେ ଭାରତୀୟ ସେନାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ଚୀନ୍ କିପରି ପଛକୁ ହଟିବାକୁ ବାଧ୍ୟ ହୋଇଥିଲା, ତାହା ଏବେ ସର୍ବଜନବିଦିତ ।

ସେହିପରି ଖୁବ୍ ନିକଟ ଅତୀତରେ ଲାଦାଖର ଗଲୱାନ୍ ଉପତ୍ୟକାରେ ଚୀନ୍ ଅନୁପ୍ରବେଶ କରି ଭାରତୀୟ ଅଞ୍ଚଳକୁ ନିଜ କବ୍‌ଜାକୁ କରି ନେବାପାଇଁ ୨୦୨୦ରେ ଦ୍ୱିତୀୟ ଥର ଉଦ୍ୟମ କରିଥିଲା । ମାତ୍ର ଭାରତୀୟ ସୈନ୍ୟମାନଙ୍କ ଦୃଢ ପ୍ରତିରୋଧ ତଥା ଭାରତୀୟ ସେନାଙ୍କ ସହ ହାତା ହାତି ସଂଘର୍ଷରେ ଚୀନ୍ ସେନାଙ୍କ ଶୋଚନୀୟ ପରାଜୟ ଯୋଗୁ ଚୀନ୍‌ର ଏହି ଷଡ଼ଯନ୍ତ୍ର ସଫଳ ହୋଇ ପାରିଲା ନାହିଁ । ଏପରିକି ଖବରକାଗଜରେ ପ୍ରକାଶିତ ଫଟୋରୁ ଦେଖିବାକୁ ମିଳିଛି ଯେ ଗଲୱାନ୍ ସୀମାନ୍ତକୁ ବାଧ୍ୟ ହୋଇ ଆସୁଥିବା ଚୀନ୍ ସୈନ୍ୟମାନେ ଭାରତୀୟ ସେନା ହାତରେ ନିଜର ଆସନ୍ନ ମୃତ୍ୟୁର ଆଶଙ୍କାରେ କିପରି ଅବୋଧ ଶିଶୁ ଭଳି ବସ୍‌ରେ ବସି କାନ୍ଦୁଛନ୍ତି । ଭାରତର ଏହି ସାମରିକ ଶକ୍ତି ବୃଦ୍ଧି ୧୯୬୨ ପରାଜୟ-ରୂପକ ବିପଦର ଫଳଶ୍ରୁତି ନୁହେଁ କି ?

ସେଥିପାଇଁ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଯଥାର୍ଥରେ କହିଛନ୍ତି, "ଗୋଟିଏ ସମସ୍ୟା ସହିତ ଦୀର୍ଘ ସମୟ ବିତାଇଲେ, ସମାଧାନର ସୂତ୍ର ଆପେ ଆପେ ମିଳିଥାଏ ।"

ପରିଶେଷରେ ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ -

"ବିପଦ ପ୍ରଭୁଙ୍କ କଷଟି ପାଷାଣ
ପରଖନ୍ତି ତହିଁ ନର ହୃଦ ଟାଣ
ବିଦଗଧ ହେଲେ ବିପଦ-ଅନଳେ
ଭସ୍ମ ନୋହି ଯେହୁ ଦାଉ ଦାଉ ଜଳେ
ସେହି ଏକା ଶୁଦ୍ଧ ସୁବର୍ଣ୍ଣ ହୃଦୟ
ଲଭେ ଆଶ୍ୱାସନା, ଅଭୟ, ବିଜୟ ।"

ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ
ମୋ-୯୪୩୭୦୧୪୨୪୪

ଡ଼୦ଔ

# କରୋନା ପରେ ବିଶ୍ୱ କିଭଳି ହେବ !

*ଶୁଭ୍ର ଅରବିନ୍ଦ ମହାନ୍ତି*

୧୯୯୬ରେ ପ୍ରକାଶିତ ଏକ ଗଳ୍ପ 'ଦି ପରଫେକ୍ଟ ଷ୍ଟର୍ମ'ର କଥାବସ୍ତୁ ଥିଲା ମଝି ସମୁଦ୍ରରେ ଥିବା ଏକ ଛୋଟ ଜାହାଜକୁ କେନ୍ଦ୍ର କରି ଯାହା ସେଠାରେ ଝଡ ଓ ଅନ୍ୟ ବିଭିନ୍ନ ପ୍ରକାରର ବିପଦପୂର୍ଣ୍ଣ ପରିସ୍ଥିତିର ମୁକାବିଲା କରୁଥିଲା। ଏହି ଜାହାଜର କ୍ୟାପ୍‌ଟେନ୍‌ଙ୍କ ପାଇଁ ଏ ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନୂଆ ଓ ଅପ୍ରତ୍ୟାଶିତ। ଗଳ୍ପଟି ବହୁଳ ଆଦୃତ ହୋଇଥିଲା, ବିଶେଷ କରି ମ୍ୟାନେଜମେ ଆଉ ଅର୍ଥନୈତିକ ବୁଦ୍ଧିଜୀବୀ ମହଲରେ, କାରଣ କୌଣସି ନୂତନ ବିପତ୍ତିକୁ ସାମନା କରିବା ପାଇଁ କଅଣ କରାଯିବା ଉଚିତ୍, ଏହା ତା'ର ଗୋଟିଏ ଭଲ ଉଦାହରଣ ଥିଲା। ତେବେ କରୋନା ମହାମାରୀ ହେତୁ ଯେ ଦିନେ ବିଶ୍ୱର ପରିସ୍ଥିତି ସେହି ଗଳ୍ପରେ ବର୍ଣ୍ଣିତ ଜାହାଜର ସ୍ଥିତି ତୁଲ୍ୟ ହୋଇଯିବ, ଏ ଧାରଣା କାହାର ନଥିଲା।

ନଭେମ୍ବରରୁ ଡିସେମ୍ବର ୨୦୧୯ରେ ଯେତେବେଳେ କରୋନା ଭୂତାଣୁର ସୂଚନା ବିଶ୍ୱକୁ ମିଳିଥିଲା, କେହି କଳ୍ପନା କରି ନଥିଲେ ଯେ ଏହା ସମଗ୍ର ବିଶ୍ୱର ଅର୍ଥନୀତି, ସାମାଜିକ ବ୍ୟବସ୍ଥା ତଥା ଜନଜୀବନକୁ ଏକ ପ୍ରକାର ଅଚଳ କରିଦେବାର ଶକ୍ତି ବହନ କରିଛି। ସାଧାରଣତଃ କୌଣସି ଅଞ୍ଚଳ ବା ସମ୍ପ୍ରଦାୟ ଉପରେ କୌଣସି ବିପତ୍ତି ପଡିଲେ, ସେହି ବିପତ୍ତିରୁ ଦୂରରେ ରହିଥିବା ଲୋକେ ଆଶ୍ୱସ୍ତ ହୁଅନ୍ତି ଯେ ଯାହା ହେଉ, ସେମାନେ ତହିଁରୁ ବର୍ତ୍ତିଗଲେ। କିନ୍ତୁ କରୋନା ମହାମାରୀ ସେ ଆଶ୍ୱସ୍ତି କାହାକୁ ଦେଉନାହିଁ। ଦୁର୍ଭିକ୍ଷ ହେଉ ବା ପ୍ଲେଗ୍ ବା କଲେରା ବା ବସନ୍ତ ଭଳି ରୋଗ ହେଉ; ସେହି କାରଣରୁ ସୃଷ୍ଟ ମହାମାରୀ ଏବେ ଇତିହାସର ଗୋଟିଏ ଗୋଟିଏ ଅଧ୍ୟାୟ ମାତ୍ର। କାରଣ ସେ ସବୁ ରୋଗ ବା ଖାଦ୍ୟାଭାବ ଜନିତ ଦୁର୍ଭିକ୍ଷରୁ ମହାମାରୀ ସଂଘଟିତ ହେବାର ଆଶଙ୍କା ଆଉ ପ୍ରାୟ ନାହିଁ। କାରଣ ଅଧିକାଂଶ ରୋଗର ପ୍ରତିଷେଧକ ଉପଲବ୍ଧ ଏବଂ ବିଶ୍ୱରେ ସମସ୍ତଙ୍କ ପାଇଁ ପ୍ରଚୁର ଖାଦ୍ୟ ମହଜୁଦ୍ ରହିଛି। ୨୦୦୯ରେ 'ପାନ୍‌ଡେମିକ୍' ହୋଇଯାଇଥିବା ସାଇନ୍ ଫ୍ଲୁ ମଧ୍ୟ ପ୍ରତିଷେଧକର ଉଦ୍ଭାବନ ପରେ କବଳିତ। କିନ୍ତୁ କରୋନା ମହାମାରୀ ଆଜି ମଣିଷ ଜାତିକୁ ଅସହାୟ କରିଦେଇଛି, କାରଣ ଏହାର ସଂକ୍ରମଣର ବେଗ ଖୁବ୍ ଦ୍ରୁତ ହୋଇଥିବା ବେଳେ ଏହାର କୌଣସି ପ୍ରତିଷେଧକ ଏଯାବତ୍ ଉଦ୍ଭାବିତ ହୋଇନାହିଁ।

ଏହା ସତ ଯେ ଏବର ବିଶ୍ୱ ଅର୍ଥନୀତି ଓ ସାମାଜିକ କାର୍ଯ୍ୟକଳାପ ପାରସ୍ପରିକ ନିବିଡ ସମ୍ପର୍କ ଦ୍ୱାରା ସଂଜ୍ଞାୟିତ। କର୍ମ ବା ସୁଯୋଗ ସନ୍ଧାନରେ ବିଶ୍ୱର ସର୍ବତ୍ର ସବୁ ଦେଶର ଲୋକଙ୍କ ସମାଗମ ଚାଲିଛି। ଭାରତରେ ଆଜି ପ୍ରତ୍ୟେକ ପରିବାରରେ କେହି ନା କେହି ନିଜ ଭୂମି ଛାଡି ଅନ୍ୟତ୍ର କାର୍ଯ୍ୟରତ ଓ ବାହାରେ ବସବାସ କରୁଛନ୍ତି। କେବଳ ସେତିକି ନୁହେଁ, ଜଗତକରଣ ପ୍ରକ୍ରିୟାରେ ବ୍ୟବସାୟ ବାଣିଜ୍ୟ ସବୁକିଛି ଆଜି ବିଶ୍ୱ ପରିବ୍ୟାପ୍ତ। ସେଥିଲାଗି ତ ଆଜି ଭଳି ସମୟରେ ହିଁ ବିଶ୍ୱ ଏକ ଗ୍ରାମରେ ପରିଣତ ହୋଇଛି ବୋଲି କହିଲେ କିଛି ଭୁଲ୍ ହେବନାହିଁ। ସୁତରାଂ କରୋନାର ମହାସଂକ୍ରମଣ ଏହି ବିଶ୍ୱଗ୍ରାମରେ ବ୍ୟାପିଯାଇ ଏକ ପ୍ରକୃତ ଭୟାବହ 'ପାନ୍‌ଡେମିକ' ସ୍ଥିତି ସୃଷ୍ଟି କରିଛି।

ସେଥିଲାଗି କରୋନା ଦ୍ୱାରା ଆଜି ଆମେମାନେ ସମସ୍ତେ ଭୟଭୀତ। କହିବା ବାହୁଲ୍ୟ ଯେ ଏବେ ଅନେକ ବୁଦ୍ଧିଜୀବୀ 'ଗ୍ଲୋବାଲାଇଜେସନ୍' ବା 'ଜଗତ୍‌କରଣ'ର ଅକାଳ ମରଣର ଭବିଷ୍ୟତ ବାଣୀ କରିବାକୁ ଲାଗିଲେଣି। ପ୍ରଶ୍ନ ହେଉଛି ଏଭଳି କ'ଣ ସତରେ ଘଟିବାକୁ ଯାଉଛି ? ଏହା ପରେ ବିଶ୍ୱ କଅଣ ଏକ ନୂଆ ପ୍ରକାରର ଅର୍ଥନୈତିକ ଓ ସାମାଜିକ ସମୀକରଣ ଦେଖିବ ? ଏହାର ସଠିକ୍ ଉତ୍ତର ଏବେ କାହା ପାଖରେ ନାହିଁ। କାରଣ କେବଳ ଭବିଷ୍ୟତ ହିଁ କହିବ କରୋନା ପରବର୍ତ୍ତୀ ଏକ ବିପର୍ଯ୍ୟସ୍ତ ବିଶ୍ୱ କିଭଳି ଆଚରଣ ପ୍ରଦର୍ଶନ କରିବ।

ଏ ସନ୍ଦର୍ଭରେ ଗୋଟିଏ ପ୍ରସଙ୍ଗ ବିଚାର କରାଯାଉ। 'ହାଇଡ୍ରୋକ୍ସି-କ୍ଲୋରୋକ୍ୱିନ୍' ଅନ୍ତତଃ ଏବେ କରୋନା ବିରୁଦ୍ଧରେ ଏକ ମହାଅସ୍ତ୍ର ଭାବେ କାମ କରୁଛି। ଏହି ଔଷଧର ଶତକଡା ସତୁରି ଭାଗ ଉତ୍ପାଦିତ ହୋଇଥାଏ ଆମ ଦେଶରେ। କିନ୍ତୁ ତାହାର ଏ.ପି.ଆଇ (ଆକ୍ଟିଭ୍ ଫାର୍ମାସିଉଟିକାଲ ଇନଗ୍ରେଡିଏଣ୍ଟ) ବା ମୁଖ୍ୟ କଞ୍ଚାମାଲ୍ ଚୀନ୍‌ରେ ଉତ୍ପାଦିତ ହୋଇଥାଏ ଓ ସେଠାରୁ ଭାରତକୁ ଆମଦାନି କରାଯାଏ। ଭାରତୀୟ ଔଷଧ କମ୍ପାନିମାନେ ଅତି ଶସ୍ତାରେ ଆଉ ବହୁ ପରିମାଣରେ ଏହି ଔଷଧକୁ ଉତ୍ପାଦନ କରିପାରୁଥିବାର ଏକ ବଡ଼ କାରଣ ହେଉଛି ଆମ ଦେଶ ଆଉ ଚୀନ୍ ଭିତରେ ଥିବା ଭୌଗୋଳିକ ସମୀପତା ଏଠାରେ ପ୍ରଣିଧାନଯୋଗ୍ୟ ଯେ କିଛିଦିନ ତଳେ ଆମ ଦେଶରେ କେତେକ ପ୍ରମୁଖ ଔଷଧ ପ୍ରସ୍ତୁତକାରୀ କମ୍ପାନି ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି ଯେ 'ହାଇଡ୍ରୋକ୍ସି-କ୍ଲୋରକ୍ୱିନ୍'ର ଦର ନୀଚା ରଖିବାକୁ ହେଲେ ଚୀନ୍‌ରୁ ଏ.ପି.ଆଇ.କୁ ତୁରନ୍ତ ମଗାଇବାକୁ ହେବ। କାରଣ ଚୀନ୍‌ର ଶସ୍ତା ଶ୍ରମ ମୂଲ୍ୟ ହିଁ ଏହି ଦରକୁ କମ୍ ରଖିବାରେ ସହାୟକ ହେବ। ଜଗତ୍‌କରଣ

ଯୁଗରେ ପୃଥିବୀରେ ଦେଶଗୁଡିକ କେମିତି ପରସ୍ପର ଉପରେ ନିର୍ଭରଶୀଳ, ଏହା ତାର ଗୋଟିଏ ଦୃଷ୍ଟାନ୍ତ ମାତ୍ର । ପୁଣି ସୂଚନା ପ୍ରଯୁକ୍ତିର ବିକାଶ ପରେ ସାରା ପୃଥିବୀ ସଂଯୋଜିତ ହୋଇଯାଉଥିବା ପରିପ୍ରେକ୍ଷୀରେ ଶସ୍ତା ମାନବ ସମ୍ବଳ ଆଉ ବଜାର ଲାଗି ଆଜି ସବୁ ରାଷ୍ଟ୍ର ପରସ୍ପର ଉପରେ ନିର୍ଭର କରୁଛନ୍ତି । ତେଣୁ ଏହା ମଧ୍ୟରେ ଦେଖିବାକୁ ମିଳୁଛି ଯେ ଆଜି ପ୍ରତ୍ୟେକ ଦେଶ ଓ ତା'ର ସରକାର ଏକଜୁଟ୍ ହୋଇ ପରିସ୍ଥିତିର ସାମ୍ନା କରୁଛନ୍ତି । ଏହା ପଛରେ ମେରୁଦଣ୍ଡ ହୋଇ ଜାଗତିକ ପରିବାର ଛିଡା ହୋଇଛି ବୋଲି କହିବାକୁ ହେବ । ଏହି କାରଣରୁ ସବୁ ଦେଶରେ ଚାଲିଥିବା ଗବେଷଣା ଓ ତଦ୍‌ଜନିତ ତଥ୍ୟର ଆଦାନ ପ୍ରଦାନ ପ୍ରକ୍ରିୟା ଚାଲିଛି । ପୃଥିବୀର ପ୍ରାୟ ୧୭ଟି ସ୍ଥାନରେ 'ଭ୍ୟାକ୍‌ସିନ୍' ଉତ୍ପାଦନ ଲାଗି ଦିନରାତି ଉଦ୍ୟମ ଚାଲିଛି । କିନ୍ତୁ ଏଣେ ଏହାବି ଦେଖିବାକୁ ମିଳିଛି ଯେ କିଛି ରାଷ୍ଟ୍ର ସଂକୀର୍ଣ୍ଣମନା ହୋଇ ନିଜକୁ ଅନ୍ୟଠାରୁ ନିବୁଜ କରୁଛନ୍ତି ଯେମିତି ଆମେରିକା ଏ ସ୍ୱାସ୍ଥ୍ୟ ସଂକଟର ମୁକାବିଲା ସକାଶେ ନିଜ ରାଷ୍ଟ୍ରକୁ ପ୍ରାଧାନ୍ୟ ଦେଇ ଭେଣ୍ଟିଲେଟର ବା ପିପିଇ ବନ୍ଦ କରିଥିବା ବେଳେ 'ହାଇଡ୍ରୋକ୍ସି-କ୍ଲୋରୋକ୍ୱିନ୍' ପାଇବା ଲାଗି ଭାରତ ଉପରେ ଚାପ ପକାଉଛି । ଆମେରିକା ତଥା ଅନ୍ୟାନ୍ୟ ଦେଶ ଏଥିଲାଗି ଚୀନ୍‌କୁ ଦାୟୀ କରିବା ବା 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ'କୁ ଦୋଷ ଦେବାର ପ୍ରକ୍ରିୟାରୁ ଲାଗେ ଯେ ଭବିଷ୍ୟତ୍‌ର ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମ୍ପର୍କର ସ୍ଥିତି ଜଟିଳ ହୋଇପାରେ । ତେଣୁ ବିଭିନ୍ନ ରାଷ୍ଟ୍ର ଦ୍ୱାରା ପରସ୍ପର ବିରୋଧୀ ଆଭିମୁଖ୍ୟ ତଥା ଆଚରଣ ପ୍ରଦର୍ଶନ କରାଯାଉ ଥିବାରୁ କରୋନା ପରବର୍ତ୍ତୀ କାଳରେ ବିଶ୍ୱ ସମ୍ପର୍କ କିଭଳି ହେବ ତାହା କହିବା ମୁସ୍କିଲ୍ । ତାହା କେବଳ ଭବିଷ୍ୟତ୍ ହିଁ କହିବ ।

ତେବେ, ଏହା ସ୍ୱୀକାର କରିବାକୁ ହେବ ଯେ ଆମ ଜୀବନଯାତ୍ରା ଏମିତି ହୋଇସାରିଲାଣି ଯେ ଜଗତ୍‌କରଣ ଆମ ଅସ୍ତିତ୍ୱର ଏକ ଅବିଚ୍ଛେଦ୍ୟ ବାସ୍ତବତାରେ ପରିଣତ ହୋଇଛି । ଯଦି କରୋନା ଆମକୁ କିଛି ଶିଖାଇଛି, ତାହା ହେଉଛି ଏହି ଜଗତ୍‌କରଣ ପରିପ୍ରେକ୍ଷୀରେ ଆମ ଆଚରଣ କିପରି ହେବା ଉଚିତ୍ ସେ ନେଇ ସଚେତନତା ଏବେ ଆମେ ପରସ୍ପର ଉପରେ ନିର୍ଭରଶୀଳ । ତେଣୁ ଗୋଟିଏ ସ୍ଥାନର ଦୁର୍ଦ୍ଦଶାର ପ୍ରତିଧ୍ୱନୀ ଅନ୍ୟ ସବୁ ସ୍ଥାନରେ ମଧ୍ୟ ଊଣା ଅଧିକେ ଶୁଣାଯିବ । ଯେତେବେଳେ ଗଲାବର୍ଷ ନଭେମ୍ବର ମାସରେ ଚୀନ୍‌ରେ କରୋନା ଭୂତାଣୁ ବିଷୟ ଜଣା ପଡିଲା, ସେତିକିବେଳେ ଚୀନ୍ ତାହାକୁ ଚାପିଦେବାକୁ ଚେଷ୍ଟାକଲା । ସେଥିଲାଗି ଏହା ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା । ଏଣେ ପାଶ୍ଚାତ୍ୟ ଦେଶଗୁଡିକ ଏହାର ଭୟାବହତାକୁ ନବୁଝି ଅହଂକାରର ବଶବର୍ତ୍ତୀ ହୋଇ ଯେଉଁଭଳି ଆଚରଣ ପ୍ରଦର୍ଶନ କଲେ, ତାହା ଏହାକୁ ଅଣାୟତ ଅବସ୍ଥାକୁ ନେଇଆସିଲା । ଯଦି ଚୀନ୍ ବା ଯୁକ୍ତରାଷ୍ଟ୍ର ଆମେରିକା ଭଳି ପାଶ୍ଚାତ୍ୟ ରାଷ୍ଟ୍ରମାନେ ଏ ବିଶ୍ୱକୁ ଏକ ଗ୍ରାମ ତୁଲ୍ୟ ମନେକରି ସାଧାରଣ ଦାୟିତ୍ୱଶୀଳତାର ପରିଚୟ ଦେଇଥାଆନ୍ତେ, ତେବେ ହୁଏତ ସ୍ଥିତି ଆଜି ଯେମିତି ଭୟାବହ ହୋଇଛି, ସେମିତି ହୁଅନ୍ତା ନାହିଁ । କରୋନା ସଂକ୍ରମଣ କାଳରେ ଏହା ହେଉଛି ଏକ ଜଗତକୃତ ବିଶ୍ୱ ଲାଗି ସବୁଠାରୁ ବଡ ଶିକ୍ଷା ।

କରୋନାକୁ ଯେତେବେଳେ ସରକାରୀ ଓ ବେସରକାରୀ ତଥା ବ୍ୟକ୍ତିଗତ ସ୍ତରରେ ମୁକାବିଲା କରାଯାଉଛି, ସେତିକିବେଳେ ମ୍ୟାନେଜମେଣ୍ଟ ବିଜ୍ଞାନର ଏକ ମୂଳସୂତ୍ର ସାମନାକୁ ଆସୁଛି । ତାହା ହେଲା ସମାନୁଭୂତି (ଇଂରାଜୀରେ ହେଲା 'ଏମପାଥି') ମୂଳକ ମାନସିକତାର ପରିପ୍ରକାଶ । ଜଣେ ନିଜକୁ ଅନ୍ୟ ସ୍ଥାନରେ ରଖି ଘଟଣାର ପ୍ରକୋପକୁ ବୁଝିବାକୁ କୁହାଯାଏ ସମାନୁଭୂତି । ଜଣେ ସମାନୁଭୂତିସମ୍ପନ୍ନ ବ୍ୟକ୍ତି ଅନ୍ୟର ଦୁଃଖ ବୁଝିପାରେ, ସତେ ଯେମିତି ସେ ନିଜେ ସେହି ଦୁଃଖର ଅଂଶୀଦାର । ସେଇ ମାନସିକତାର ଉନ୍ମେଷ କାରଣରୁ ଆଜି ପୃଥିବୀ ବ୍ୟାପୀ ଲକ୍ଷ ଲକ୍ଷ ଡାକ୍ତର, ଚିକିତ୍ସା କର୍ମୀ, ପୋଲିସ୍ ଇତ୍ୟାଦି ନିଜ ଜୀବନକୁ ବାଜି ଲଗାଇ ଏହାର ମୁକାବିଲାରେ ଲାଗି ପଡିଛନ୍ତି । ଏହା ଏକ ସକାରାତ୍ମକ ଚିତ୍ର ଯାହା କରୋନା ମୁକାବିଲାକୁ ସହଜ କରିଛି ଏବଂ କରୋନାର ମହାସଂକ୍ରମଣ କାଳରେ ଯାହା ସବୁଠାରୁ ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହୋଇଛି, ତାହା ହେଲା ବିଶ୍ୱ ନିୟନ୍ତା ଭାବେ ମନେ କରୁଥିବା ଶକ୍ତିଶାଳୀ ରାଷ୍ଟ୍ର ଧରାଶାୟୀ ହେବା, ଅସହାୟ ହୋଇ ଏକଦା ହେୟ ମନେ କରୁଥିବା ରାଷ୍ଟ୍ରଗୁଡିକ ଠାରୁ ସାହାଯ୍ୟ ଭିକ୍ଷା କରିବା ଇତ୍ୟାଦି । ଏଥିରୁ ଅନୁମାନ କରି ହୁଏ ଯେ କରୋନା ପରବର୍ତ୍ତୀ ପୃଥିବୀରେ ରାଷ୍ଟ୍ରଶକ୍ତିର ଭାରସାମ୍ୟ ଆଉ ପୂର୍ବଭଳି ରହି ନପାରେ । କରୋନା ପରବର୍ତ୍ତୀ ପୃଥିବୀରେ ଆର୍ଥିକ ମାନ୍ଦାବସ୍ଥା ଏକ ଆହ୍ୱାନ ରୂପେ ଛିଡା ହେବ । ସୂଚନା ପ୍ରଯୁକ୍ତି ଦ୍ୱାରା ସଂଯୋଜିତ ଏ ପୃଥିବୀ ଏହାର ମୁକାବିଲା କେମିତି କରିବ ତାହା ଦେଖିବାକୁ ବାକି ରହିଲା । ପରସ୍ପରକୁ ସହଯୋଗ କରି ଏ ପୃଥିବୀ ଏ ମାନ୍ଦାବସ୍ଥାରୁ ରକ୍ଷା ପାଇବ ନା କିଛି ରାଷ୍ଟ୍ର ନିଜକୁ ସୁରକ୍ଷିତ ରଖିବା ଲାଗି ସ୍ୱାର୍ଥ୍ୟସର୍ବସ୍ୱ ନିବୁଜ ନୀତି ଆପଣାଇବେ ତାହା ଦେଖିବାକୁ ବାକି ରହିଲା ।

(ସୌଜନ୍ୟ - ସମ୍ବାଦ)

subhra.arabinda@gmail.com
Twiter - @subhrarabinda

ଈ୦ଓ

# ବିପଦରୁ ବର୍ତ୍ତିବା ହିଁ ବିବର୍ତ୍ତନ

*ସଂଘମିତ୍ରା ନାୟକ*

"ଜୋର ଯା'ର ମୁଲକ ତାର" (Survival of the fittest)। ଅହରହ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷ ଲାଗି ରହିଛି। ସଂଘର୍ଷରେ ଯେ ଜିଣିବ ସେ ହିଁ ବଞ୍ଚିବ ଓ ସେ ହିଁ ସର୍ବଶକ୍ତିମାନ୍ ରୂପେ ପରିଗଣିତ ହେବ ଏହାହିଁ ହେଉଛି ମହାଜାଗତିକ, ଚିରନ୍ତନ ସତ୍ୟ। ବହୁ ବିବର୍ତ୍ତନ ମଧ୍ୟରେ ସୃଷ୍ଟି ହୋଇଥିବା ଆଜିର ମଣିଷ-ବଞ୍ଚି ରହିବା ପାଇଁ ପୁରାତନ କାଳରୁ ଅଦ୍ୟାବଧି ବିଭିନ୍ନ ସଂଘର୍ଷ କରି ଆସିଛି। ଦୈବୀ ଦୁର୍ବିପାକ ହେଉ କିମ୍ବା ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ, ସେ ସଂଘର୍ଷ କରି କରି ସେ ଆଜି ଆଧୁନିକ ବୈଜ୍ଞାନିକ ଯୁଗରେ ପାଦ ଥାପିଲାଣି। ପ୍ରଥମେ ହିଂସ୍ର ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ସେ ନିର୍ମାଣ କଲା ଅସ୍ତ୍ରଶସ୍ତ୍ର। ପରବର୍ତ୍ତୀ ସମୟରେ ତା'ର ଜୀବନଧାରା ବଦଳିଲା। ମନୁଷ୍ୟର ଆବଶ୍ୟକତା ବଢି ଚାଲିଲା ସସୀମରୁ ଅସୀମ। ଯାଯାବର ଜୀବନରୁ ଦିଗ ବଦଳାଇ ସେ କୃଷିକାର୍ଯ୍ୟ କରି କରି ଅତିଷ୍ଠ ହୋଇ ପଡିଲା। ମନସ୍ଥ କଲା ନଦୀ ଉପକୂଳ ଉପତ୍ୟକା ମାନଙ୍କରେ ଜନବସତି ସ୍ଥାପନ କରି ସାମାଜିକ ଜୀବନ ଆରମ୍ଭ କରିବ। କିନ୍ତୁ ଏଥିରେ ମଧ ତା' ପାଇଁ ସୃଷ୍ଟି ହେଲା ସମସ୍ୟା। ସେ ସମ୍ମୁଖୀନ ହେଲା ବିପଦର। ପ୍ରକୃତିସୃଷ୍ଟ ନିର୍ମଳ ଜଳପୂର୍ଣ୍ଣ ନଦୀ ବର୍ଷାଦିନେ ଯେତେବେଳେ କରାଳମୁଖା ହୋଇ, ଭୀଷଣ ଗର୍ଜନ କରି ଦୁଇକୂଳ ଲଂଘି ଜନପଦଗୁଡ଼ିକୁ ଭସାଇ ନେଲା. ସେ ହତବାକ୍ କଲା ମଣିଷ ସମାଜକୁ। ଯେତେବେଳେ ମନୁଷ୍ୟ ବିପଦର ସମ୍ମୁଖୀନ ହୁଏ, ସେ ନିଜକୁ ରକ୍ଷା କରିବା ପାଇଁ ଅନେକ ଉପାୟ ଚିନ୍ତାକରି ବସେ। ତେଣୁ ବନ୍ଧ ବାନ୍ଧିବା ଶିଖିଲା। ଇତିହାସର ପୃଷ୍ଠାକୁ ସମୀକ୍ଷା କଲେ ଜଣାଯାଏ ଯେ ଯେବେ ମନୁଷ୍ୟ ବିପଦର ସମ୍ମୁଖୀନ ହୋଇଛି, ସେ ବଞ୍ଚିରହିବା ପାଇଁ ନୂଆ ନୂଆ ଉପାୟମାନ ଚିନ୍ତା କରି ବସିଛି ଏବଂ ଗଢି ଚାଲିଛି ନୂତନ ପରେ ନୂତନ ଉଦ୍ଭାବନ। ପ୍ରକୃତିର କ୍ରୁରତାର ବିରୁଦ୍ଧାଚରଣ କରି ନିଜ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ବୁଦ୍ଧିମାନ ମାନବ ନିତ୍ୟ ନବ ନବ ନିର୍ମାଣ ଓ ଉଦ୍ଭାବନରେ ବ୍ରତୀ। ସେଥିପାଇଁ ଅହରହ ଚାଲିଛି ବିବର୍ତ୍ତନ।

ଆଜିର ଜୈବ ଯୁଦ୍ଧର ଆହ୍ୱାନ ଯେ କେବଳ ଆଧୁନିକ ବୈଜ୍ଞାନିକ ଯୁଗରେ ଦେଖାଯାଇଛି ତାହା ନୁହେଁ, ଐତିହାସିକ ସର୍ବେକ୍ଷଣ କଲେ ଜଣାଯାଏ ଯେ ମନୁଷ୍ୟ ଜାତି ବହୁବାର ଏହିପରି ଜୈବ ଯୁଦ୍ଧର ଶିକାର ହୋଇଛି। ଷୋଡ଼ଶ ଶତାବ୍ଦୀରେ ମଧ ଏହି ଜୈବ ଯୁଦ୍ଧର ନଜିର ରହିଛି। ୧୩୨୫ ମସିହାରେ ଆଜ୍‌ଟେକ୍ ଜନଜାତି ନିଜର ପରିଶ୍ରମ ଓ ବୁଦ୍ଧିବଳରେ ଏକ ବିରାଟ, ବିତ୍ତଶାଳୀ ଓ ଉନ୍ନତ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ। ସ୍ପେନୀୟମାନେ କ୍ୟୁବା ଅଧିକାର କରିବା ପରେ ଆଜ୍‌ଟେକ୍ ସାମ୍ରାଜ୍ୟର ଅମାପ ଧନ ସମ୍ପଦ ନିଜ ଆୟତ୍ତାଧୀନ କରିବାକୁ ଇଚ୍ଛା ପ୍ରକାଶ କଲେ। ସ୍ପେନ୍‌ର ଗଭର୍ଣ୍ଣର ଭେଲାଜ୍ କ୍ୱେଜ୍ ୧୫୧୯ରେ ହେର୍ଣ୍ଣାଣ୍ଡୋ କୋଟେଜ୍‌ଙ୍କ ନେତୃତ୍ୱରେ ଆଜ୍‌ଟେକ୍‌ମାନଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଥିଲେ। କ୍ରମଶଃ କୋଟେଜ୍ ଅତ୍ୟନ୍ତ ଦୁର୍ଦ୍ଦଶା ଏବଂ ପ୍ରତିପତ୍ତିଶାଳୀ ହୋଇଚାଲିଲେ। ତାଙ୍କୁ କାବୁ କରିବା ପାଇଁ ସ୍ପେନ୍‌ର ଗଭର୍ଣ୍ଣର, ନାର୍‌ଭାଏସ୍‌ଙ୍କ ନେତୃତ୍ୱରେ ଏକ ନୌବାହିନୀ ଟବାସ୍କୋ ପଠାଇଲେ। ଏହି ସମୟରେ ନାର୍‌ଭାଏସ୍‌ଙ୍କ ସେନାବାହିନୀ ସହିତ ଆଜ୍‌ଟେକ୍ ସାମ୍ରାଜ୍ୟକୁ ସ୍ପେନୀୟମାନଙ୍କ ଗୁପ୍ତ ଅସ୍ତ୍ର ମହାମାରୀ 'ବସନ୍ତ' ପ୍ରବେଶ କଲା। ସେମାନଙ୍କ ସହିତ ଆସିଥିବା 'ଇଗୁଇଆ' ନାମକ ଜଣେ କ୍ରୀତଦାସ ଦେହରେ ବସନ୍ତର ଲକ୍ଷଣ ଦେଖାଯାଇଥିଲା। ସ୍ପେନୀୟମାନଙ୍କ ପାଇଁ 'ବସନ୍ତ' ରୋଗ ନୂତନ ହୋଇନଥିବା ହେତୁ, ସେମାନେ ତାଙ୍କୁ ସଂଗରୋଧରେ ରଖିଲେ ଓ ତା'ର ଦେଖାଶୁଣା ଭାର ନ୍ୟସ୍ତ କରିଥିଲେ ସ୍ଥାନୀୟ ଦେଶୀୟ ଲୋକଙ୍କ ହସ୍ତରେ। ସେମାନଙ୍କ ଦ୍ୱାରା ଏହି ମହାମାରୀ ଆଜ୍‌ଟେକ୍ ସାମ୍ରାଜ୍ୟ ମଧକୁ ପ୍ରବେଶ କରିଥିଲା। ଦୁଇମାସ ମଧ୍ୟରେ ନଗରୀର ଅର୍ଦ୍ଧାଧିକ ଲୋକ ମୃତ୍ୟୁବରଣ କଲେ। ଏହି ଅବସ୍ଥା ଉପୁଜିଲା କି ଶବ ସଂସ୍କାର କରିବା ଅସମ୍ଭବ ହୋଇପଡ଼ିଲା। କୃଷି କାର୍ଯ୍ୟ କରିବାକୁ ଜନସଂକଟ ଦେଖାଦେଲା। ଫଳତଃ ଆର୍ଥିକ ସଂକଟ ଉପୁଜିଲା। ହଜାର ହଜାର ଲୋକ ରୋଗାଗ୍ରସ୍ତ ହୋଇ ଖାଦ୍ୟାଭାବରୁ ମୃତ୍ୟୁବରଣ କଲେ। ଏହିପରି କ୍ରମାଗତ ଭାବେ ଯୁଦ୍ଧର ସମ୍ମୁଖୀନ ହୋଇ ଆଜ୍‌ଟେକ୍ ସଭ୍ୟତାର ପତନ ଘଟିଲା। କିନ୍ତୁ ୧୭୯୨ ମସିହାରେ ଏଡ୍‌ୱାର୍ଡ୍ ଜେନର୍‌ଙ୍କର ଦ୍ୱାରା ଉଦ୍ଭାବିତ ପ୍ରତିଷେଧକ ଟିକା ମଣିଷ ଜାତିକୁ ବଞ୍ଚାଇବାକୁ ସମର୍ଥ ହେଲା। ଯଦିଓ ପୃଥିବୀ ପୃଷ୍ଠରୁ 'ବସନ୍ତ'ର ଭୂତାଣୁ ସମୂଳେ ବିନାଶ ହେବା ପାଇଁ ୧୮୮ ବର୍ଷ ଲାଗିଯାଇଥିଲା, ତଥାପି ପୃଥିବୀରେ ଆଜି ବସନ୍ତ ରୋଗର ଭୂତାଣୁ ଦେଖାଯିବାର ନଜିର ନାହିଁ।

ଏହି ଜୈବ ଯୁଦ୍ଧର ଏକ ଉଦାହରଣ ମଧ ପୌରାଣିକ ପୃଷ୍ଠାରେ ଦେଖିବାକୁ ମିଳେ। ସର୍ବଦା ଦେବତା, ଅସୁର, ନିଜ ନିଜର ପ୍ରତିପତ୍ତି ଓ ପ୍ରଭୁତା ବଜାୟ ରଖିବା ପାଇଁ ଯୁଦ୍ଧରେ ଲିପ୍ତ ରହୁଥିଲେ। ଏକଦା ଶ୍ରୀ ଲଳିତା ମହାତ୍ରିପୁର ସୁନ୍ଦରୀ ଏବଂ ଭଣ୍ଡାସୁର ଘୋର ସମରରେ ଲିପ୍ତ ରହିଥିଲେ।

ଭଣ୍ଡାସୁର 'ପାଶଶାସ୍ତ୍ର' ଏହିପରି ଅସ୍ତ୍ର ପ୍ରୟୋଗ କରିଥିଲା । ଶ୍ରୀ ଲଳିତା ସୁନ୍ଦରୀ ମଧ୍ୟ ପାଶୁପତାସ୍ତ୍ର, ବ୍ରହ୍ମାସ୍ତ୍ର, ବରୁଣାସ୍ତ୍ର ଇତ୍ୟାଦି ଅସ୍ତ୍ରର ପ୍ରୟୋଗ କରିଥିଲେ । କିନ୍ତୁ ଭଣ୍ଡାସୁର ଶେଷରେ 'ମହାରୋଗାସ୍ତ୍ର' ପ୍ରୟୋଗ କରିଥିଲା, ଯାହାଦ୍ୱାରା ଶ୍ରୀ ଲଳିତା ତ୍ରିପୁରାସୁନ୍ଦରୀଙ୍କ ବହୁ ସୈନିକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ପାଣ୍ଡବ ଗୀତାରେ ବର୍ଣ୍ଣିତ ଥିବା ଧନ୍ୱନ୍ତରୀ ମହାପ୍ରଭୁଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ବ୍ୟାଧି ଉପଶମ ମନ୍ତ୍ର 'ନାମ ତ୍ରୟ' ଜପ କରିବା ପାଇଁ ଆରମ୍ଭ କଲେ ଶ୍ରୀ ଲଳିତାଙ୍କ ସୈନ୍ୟମାନେ ।

"ଅଚ୍ୟୁତାନନ୍ତ ଗୋବିନ୍ଦ ନାମୋଚାରଣ ଭେଷ୍ ଜାତ୍
ନଶ୍ୟନ୍ତି ସକଳା ରୋଗାଃ ସତ୍ୟମ୍ ସତ୍ୟମ୍ ବଦାମ୍ୟହମ୍ ॥"

ଅର୍ଥାତ୍ ଅଚ୍ୟୁତ, ଅନନ୍ତ ଏବଂ ଗୋବିନ୍ଦ ଏହି ତିନୋଟି ନାମ ଔଷଧୀୟ ଫଳ ପ୍ରଦାନ କରିଥାନ୍ତି । ଏହାର ଉଚ୍ଚାରଣ କଲାପରେ ସମସ୍ତ ରୋଗ ନଷ୍ଟ ହୋଇଥାଏ । ଦେବତାମାନଙ୍କର ବୈଦ୍ୟ ଧନ୍ୱନ୍ତରୀ ଏହି କଥା କୃଷ୍ଣ ଦ୍ୱୈପାୟନ ବ୍ୟାସ ଦେବଙ୍କୁ କହିଥିଲେ । ଏହାକୁ ସେ 'ସତ୍ୟଂ ସତ୍ୟଂ' ବୋଲି ଦୁଇବାର ଉଚ୍ଚାରଣ କରି ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ । ଶ୍ରୀ ଲଳିତା ସୁନ୍ଦରୀ ଏହି ମନ୍ତ୍ର ଉଦ୍‌ଭାବନ କରି ନିଜର ସୈନିକମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିଥିଲେ ।

ଅନନ୍ତକାଳରୁ ଲାଗିଆସିଥିବା ଏହି ଜୈବିକ ଯୁଦ୍ଧର ଆଉ ଏକ ଉଦାହରଣ ହେଉଛି ବର୍ତ୍ତମାନର 'କାରୋନା ଯୁଦ୍ଧ' । ପୌରାଣିକ ଓ ଐତିହାସିକ ସମୟରେ ଦେଖାଦେଇଥିବା ଜୈବ ଯୁଦ୍ଧର ନିରାକରଣ ପାଇଁ କିଛି ନା କିଛି ବାଟ ବାହାରିଛି । ପୌରାଣିକ କଥା ଅନୁସାରେ ଶ୍ରୀ ଲଳିତା ସୁନ୍ଦରୀ 'ନାମତ୍ରୟ' ମନ୍ତ୍ର ଜପ ଦ୍ୱାରା ଯକ୍ଷ୍ମା ରୋଗର ନିରାକରଣ କରିବା ସ୍ଥଳେ ଏଡ୍‌ୱାର୍ଡ଼ଙ୍କ ଜେନରଙ୍କ ଦ୍ୱାରା ଉଦ୍‌ଭାବିତ ଗୋବିଜ ଟୀକା ମନୁଷ୍ୟ ଜାତିକୁ ବସନ୍ତ ମୁକ୍ତ କରିପାରିଛି । ତେବେ 'କରୋନା' ମାନବ ସମାଜ ପାଇଁ ଗୋଟିଏ ମସ୍ତବଡ଼ ଆହ୍ୱାନ । ସଂକ୍ରମଣବିତ୍‌ମାନେ ଭାରତରେ ତୃତୀୟ ଲହର ଅକ୍ଟୋବର ୨୦୨୧ରେ ଦେଖାଦେବାର ଅନୁମାନ କରି ଏହାକୁ ସମ୍ମୁଖୀନ ହେବା ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରିବାକୁ ଉପଦେଶମାନ ପ୍ରଦାନ କରିଛନ୍ତି ।

ଆଜି ପୃଥିବୀକୁ କବଳିତ କରିଛି 'କରୋନା' । ଜନଜୀବନ ଅସ୍ତବ୍ୟସ୍ତ । ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି । କରୋନାରେ ଆକ୍ରାନ୍ତ ଏବଂ ଅନାଟନରେ ଦିଗ୍‌ଭ୍ରଷ୍ଟ ମାନବ ସମାଜ ବିଶ୍ୱନିୟନ୍ତାଙ୍କ ଆଗରେ ଆଜି ସମର୍ପିତ । ଏହି ଯୁଦ୍ଧରେ ନା ଅଛନ୍ତି ସୈନ୍ୟ ନା ଅଛି ଯୁଦ୍ଧାସ୍ତ୍ର । ଏହାର ଭୂତାଣୁକୁ ସଂପ୍ରସାରିତ କରିଥିବା ସାମ୍ରାଜ୍ୟବାଦୀ ଚୀନ୍, ସର୍ବଶକ୍ତିଶାଳୀ ହେବାର ଲକ୍ଷ୍ୟରଖି ସୃଷ୍ଟି କରିଛି ଏହି ଜୈବିକ ଅସ୍ତ୍ର । ଭାରତରେ ଗତ ୨୦୨୦ ମାର୍ଚ୍ଚରୁ 'କରୋନା' ପଦାର୍ପଣ କରିଛି । ପ୍ରଥମ ଲହର ପରେ ପରେ ମାସେ ଦୁଇମାସ କରୋନାର ପ୍ରାଦୁର୍ଭାବ ଟିକିଏ କୋହଳ ହୋଇଥିଲା, କିନ୍ତୁ ଦ୍ୱିତୀୟ ଲହର ପ୍ରଥମ ଲହର ଠାରୁ ଅଧିକ ଭୟଙ୍କର ରୂପ ନେଇ ସମଗ୍ର ମାନବ ସମାଜକୁ ଗ୍ରାସ କରିଚାଲିଛି । ଏଯାବତ୍ ତା'ର ତାଣ୍ଡବ ଶେଷ ହୋଇନାହିଁ । ସାରା ବିଶ୍ୱରେ କରେନା ଭୂତାଣୁର ମ୍ୟୁଟେସନ୍ ବା ରୂପାନ୍ତରଣ ଚିନ୍ତାଜନକ ପରିସ୍ଥିତି ଉପୁଜିଛି ।

ଏହିଠାରେ ମଧ୍ୟ ଚାଲିଛି ମନୁଷ୍ୟ ଏବଂ କରୋନାର ଯୁଦ୍ଧ । କ୍ଷୁଦ୍ରାପି କ୍ଷୁଦ୍ର ଭୂତାଣୁ ମଧ୍ୟ ନିଜକୁ ବଞ୍ଚାଇ ଅଧିକ ପ୍ରସାରଣକ୍ଷମ ହେବା ପାଇଁ ମ୍ୟୁଟେସନ୍ କରିଚାଲିଛି । Survival of the fittest । ନୀତିରେ ଏହି ଭୂତାଣୁ ଦିନେ ନିଃଶେଷ ହେବ, ସନ୍ଦେହର ଅବକାଶ ନାହିଁ । ବାରମ୍ବାର ରୂପ ପରିବର୍ତ୍ତନ କରି ଏହି ଭୂତାଣୁର ଡବଲ୍ ମ୍ୟୁଟାଣ୍ଟ ବି.୧.୬୧୭ ଓ ବି.୧.୬୧୮ ଟିପଲ୍ ମ୍ୟୁଟାଣ୍ଟ୍ ଚିହ୍ନଟ ହୋଇଥିବା ସ୍ଥଳେ ସାରା ବିଶ୍ୱର କରେନାର ୧୨ଟି ମ୍ୟୁଟେସନ୍ ଚିହ୍ନଟ ହୋଇପାରିଛି ।

ପୌରାଣିକ ଓ ଐତିହାସିକ ସମୟରେ ଦେଖାଯାଇଥିବା ଜୈବିକ ଯୁଦ୍ଧର ନିରାକରଣ ପାଇଁ କିଛି ନା କିଛି ବାଟ ବାହାରିଛି ବୋଲି ଆମେ ଉପରୋକ୍ତ ବିଭିନ୍ନ ଉଦାହରଣରୁ ଦେଖିପାରିଲେ । ବସନ୍ତ ରୋଗ ପୃଥିବୀ ପୃଷ୍ଠରୁ ସମ୍ପୂର୍ଣ୍ଣ ଲୋପ ପାଇବା ପାଇଁ ୧୮୮ ବର୍ଷ ଲାଗିଯାଇଥିଲା, କିନ୍ତୁ ଭୂତାଣୁର ରୂପ ପରିବର୍ତ୍ତନ ହୋଇଥିବା ହେତୁ କରୋନା ଯୁଦ୍ଧର ଅବସାନ କେବେ ହେବ ତାହା ଏବେ ଆକଳନ କରିବା ସମ୍ଭବ ନୁହେଁ । ତେବେ ଏହାକୁ ପ୍ରତିହତ କରିବା ପାଇଁ ଟିକାକରଣ ହିଁ ଏକମାତ୍ର ସମାଧାନ ଓ ନିରାକରଣର ଉପାୟ ବୋଲି ସଂକ୍ରମଣବିତ୍ ମାନେ ମତ ପ୍ରକାଶ କରିଛନ୍ତି । ପରନ୍ତୁ ଭାରତ ପରି ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକରେ ଭିତ୍ତିଭୂମିର ଅଭାବ ଯୋଗୁଁ ଏହାର ସଂକ୍ରମଣ ରୋକିବା ଅଦ୍ୟାବଧି ସମ୍ଭବ ହୋଇପାରୁନାହିଁ । କେବଳ ଯେ ଭିତ୍ତିଭୂମିର ଅଭାବ ଏହାର ଏକମାତ୍ର କାରଣ ସେକଥା କହିହେବ ନାହିଁ । ଅପରହସ୍ତରେ ଜନସଚେତନତା, ଅସାବଧନତା ଏବଂ ଗୁଜବ ଏହାର ଅନ୍ୟାନ୍ୟ କାରଣ ମଧ୍ୟ ହୋଇପାରେ ।

ମହାଜାଗତିକ ସଂଘର୍ଷ (Friction)ରୁ ସୃଷ୍ଟି ହୋଇଛି ଆମର ପୃଥିବୀ । ଜଗତର ନୀତି-ମହାବିବର୍ତ୍ତନ ଆଉ ସାରା ଜଗତ, ସାରା ସଂସାର ହେଉଛି ବିବର୍ତ୍ତନଶୀଳ । ଏହି ଯେଉଁ ତିନୋଟି ଜୈବିକ ଯୁଦ୍ଧ ବିଷୟରେ ଏହି ପ୍ରବନ୍ଧରେ ଅବତାରଣା କରାଗଲା, ତାହା ବସ୍ତୁତଃ ଦେଶ-ଦେଶ, ଜାତି-ଜାତି ଓ ସଂପ୍ରଦାୟ-ସଂପ୍ରଦାୟ ମଧ୍ୟରେ ସଂଘର୍ଷରୁ ହିଁ ସୃଷ୍ଟ । ଦେଖାଗଲା ସଂଘର୍ଷରୁ ବିପଦ ଆସି ଉଭା ହୋଇଛି । ସଂଘର୍ଷ/ବିପଦ ହିଁ ଉଦ୍‌ଭାବନ ବା ବିବର୍ତ୍ତନର ଜନନୀ । ବିପଦ ପଡ଼ିଲେ ସେଥିରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ବିଭିନ୍ନ ଉପାୟ ବାହାର କରିବାକୁ ଚେଷ୍ଟା କରିଥାଏ । ଏହିପରି ପୂର୍ବରୁ ବିଭିନ୍ନ ସଂକଟ ବ୍ୟକ୍ତିଗତ ଓ ସାମୂହିକ ଭାବରେ ମନୁଷ୍ୟ ଉପରକୁ ଆସିଛି, ତାହାକୁ ଦୂରକରି ବଞ୍ଚି (Survive) ରହିବାକୁ ଚେଷ୍ଟା କରିଛି । ଦାର୍ଶନିକତା ଦୃଷ୍ଟିରୁ ଅବଲୋକନ କଲେ ମଧ୍ୟ କୁହାଯାଇପାରିବ ପୃଥିବୀର ପ୍ରଳୟ ମଧ୍ୟ ବିବର୍ତ୍ତନର ଏକ ନିଦର୍ଶନ ।

ମନୁଷ୍ୟ ନିଜ ଜ୍ଞାନ ଆସିବା ବେଳକୁ ଦେଖିଲା କେତେ ବିଭତ୍ସ ବିଭୀଷିକାମୟ ଏହି ଧରା ବକ୍ଷ । ଏଠାରେ ଶାନ୍ତିରେ ବଞ୍ଚିବାକୁ ଦିଏନି ପ୍ରାକୃତିକ ବିପତ୍ତି । ସେହି ବିପତ୍ତି ଗୁଡ଼ିକର ସମ୍ମୁଖୀନ ହୋଇ ନିଜକୁ ସମର୍ଥ କରି ଗଢ଼ି ତୋଳିବା ପାଇଁ ସାମାଜିକ ଭାବରେ ଏକତ୍ରିତ ହୋଇ ବିପର୍ଯ୍ୟୟ ପ୍ରଶମନର ପନ୍ଥା ଅନ୍ୱେଷଣରେ ଧ୍ୟାନ ଦେଲା । ବର୍ଷ କେଇଟାରେ ଏବେ ଦେଖିବାକୁ ମିଳୁଛି, ବାତ୍ୟାକୁ ଗୋଟିଏ ନାଁ ଦେଇ ତାକୁ ଅନ୍ୟୁନ ଚାରି ପାଞ୍ଚ ଦିନ ଅବପାତ ହେବା ପୂର୍ବରୁ ଧନଜୀବନକୁ ସୁରକ୍ଷିତ କରିବାର ସକଳ ଉଦ୍ୟମ କରାଯାଉଛି । ବାତ୍ୟା ଆସୁଛି, କିନ୍ତୁ ଆଉ ପୂର୍ବପରି ଲକ୍ଷ ଲକ୍ଷ ବା ହଜାର ହଜାର ଲୋକ ମୃତ୍ୟୁବରଣ କରୁନାହାନ୍ତି । ମହାମାରୀ, ଭୂମିକମ୍ପ, ଆଦିର ସର୍ବାଧିକ ସୁରକ୍ଷା

ଦିଆଯାଇ ପାରୁଛି । ଏ ସବୁ ମଣିଷର ଶାରୀରିକ ବିବର୍ତ୍ତନରୁ ଉପଲବ୍ଧ ନୁହେଁ, ତାର ସାମାଜିକ, ବୌଦ୍ଧିକ, ମନୋସ୍ତାତ୍ତ୍ୱିକ, ଯାନ୍ତ୍ରିକ, ଆର୍ଥିକ, ପ୍ରୟୋଗାତ୍ମକ କୌଶଳ ଲବ୍ଧ ଦିଗ ଗୁଡ଼ିକର ବିବର୍ତ୍ତନରୁ ହିଁ ସଫଳ ହୋଇପାରିଛି ।

ଆଶା ଓ ବିଶ୍ୱାସ, ବିପଦ ଯେତିକି ଘନେଇ ଆସିବ, ମଣିଷର ବିବର୍ତ୍ତନ ଶକ୍ତି ଆଶାନୁଯାୟୀ ତାହାର ପ୍ରତ୍ୟୁତ୍ତରରେ ବଢ଼ିଚାଲିବ ଏବଂ ଏହି ହର୍ଡଲସ୍ ରେସ୍ ପରି ବିପଦ ପଥରେ ମଣିଷ ବିଜୟୀ ହୋଇ ରହିବ । ଅନ୍ୟ ଦୃଷ୍ଟିରୁ କହିବାକୁ ଲେ, ବିନା ବିପଦରେ ମଣିଷ ସମାଜର ବୌଦ୍ଧିକ ଓ ଚେତନାର ବିବର୍ତ୍ତନ ଆଶାଜନକ ହୋଇପାରିବ ନାହିଁ ।

ଅନାଦିକାଳରୁ ସର୍ବଦା ବିବର୍ତ୍ତନର ଧାରା ଲାଗିରହିଛି ଓ ରହିବ ।

ଖାନନଗର, କଟକ
ମୋ-୯୯୩୭୬୯୭୯୪୬



# ବିପଦ-ବିପର୍ଯ୍ୟୟରେ
# ଓଡ଼ିଆ ଭାଷା-ସାହିତ୍ୟର ବିବର୍ତ୍ତନ

*ପ୍ରଫେସର ଅଭିନ୍ନ ସାହୁ*

ବିପଦ-ବିପର୍ଯ୍ୟୟ, ସଂଘର୍ଷ-ସଂଘାତ ସହ ବିବର୍ତ୍ତନର କିଭଳି ଅଙ୍ଗାଙ୍ଗୀ ସଂପର୍କ ରହିଛି, ସେ ସଂପର୍କରେ ବିଶ୍ୱବିଶ୍ରୁତ ଐତିହାସିକ ଓ ଚିନ୍ତାନାୟକ ଟୟନବି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତର ଅବତାରଣା କରନ୍ତି। ପ୍ରାମାଣିକତା ସହ ତାଙ୍କର ସୁଚିନ୍ତିତ ମନ୍ତବ୍ୟ ହେଉଛି, ଚଳମାନ ସମୟ ଗତିରେ ଏଇ ପ୍ରତିକୂଳ ପରିବେଶ ହିଁ ବିବର୍ତ୍ତନର ପଥପ୍ରଦର୍ଶକ ହୁଏ; ଏକ ମଞ୍ଜୁରିତ ସମ୍ଭାବନାମୟ ନୂତନ ଇତିହାସକୁ ଜନ୍ମ ଦିଏ।

ଆଜିକୁ ହଜାର ହଜାର ବର୍ଷ ତଳେ, ମହାଭାରତକାର ବ୍ୟାସ, ଗୀତା ପ୍ରକରଣରେ ମଧ୍ୟ ଧର୍ମାନୁଶାସନରେ ଗ୍ଲାନି ବା ବା ବିପର୍ଯ୍ୟୟ ଆସିଲେ, ମାନବୋଚିତ ସତ୍‌ମାର୍ଗର ପ୍ରବର୍ତ୍ତନ ପାଇଁ, ସ୍ୱୟଂ ସ୍ରଷ୍ଟା ଯୁଗେ ଯୁଗେ ଧରାବତରଣ କରି ଧର୍ମାନୁଶାସନ ପ୍ରବର୍ତ୍ତନ କରି ଥାଆନ୍ତି। ଏଠାରେ ଧର୍ମ 'ରିଲିଜିଅନ୍' ବା କର୍ମକାଣ୍ଡର ଧର୍ମ ନୁହେ। ପକ୍ଷାନ୍ତରେ ଏହା ମାନବର ସ୍ୱଧର୍ମ; କୌଣସି ନିର୍ଦ୍ଦିଷ୍ଟ ଧର୍ମ ବିଶେଷରେ ସଂକୁଚିତ ନୁହେଁ। ବିଶ୍ୱମାନବୀୟ ସାମ୍ୟମୈତ୍ରୀ-ସୌଭ୍ରାତୃତ୍ୱ ପ୍ରଭୃତି ସମସ୍ତ ମାନବୀୟ ମୂଲ୍ୟବୋଧର ସଂବାହକ। ବୈଜ୍ଞାନିକର ନିଷ୍ପକ୍ଷ ଦୃଷ୍ଟିରେ, ସ୍ୱଧର୍ମ ବିଶ୍ଳେଷିତ ହୋଇଛି। ପ୍ରାଚ୍ୟ-ପାଶ୍ଚାତ୍ୟ ନିର୍ବିଶେଷରେ, ଶଂସିତ ଜୀବନ ଦର୍ଶନ ଏକ ବିଶ୍ୱଦର୍ଶନ, ବିଶ୍ୱରତ (Inter cosmic discipline)ର ପ୍ରବର୍ତ୍ତକ।

ଏଇ ବୃହତ୍ତର ପରିପ୍ରେକ୍ଷୀରେ, ଓଡ଼ିଆର ଜାତୀୟତା କଥା ବିଚାର୍ଯ୍ୟ। ପ୍ରଥମରୁ ସ୍ପଷ୍ଟ କରିବା ଆବଶ୍ୟକ, ଓଡ଼ିଆ ଏକ ସାଧାରଣ ଜାତିବିଶେଷ ନୁହେଁ, ଏହା ଏକ ମହାଜାତି ବା 'ରେସ୍'(race)। ଏହାର ସ୍ୱକୀୟ ଜୀବନବୋଧ-ଜୀବନଦର୍ଶନ, ସାହିତ୍ୟ-ସଂସ୍କୃତି, ସାମାଜିକ-ରାଜନୈତିକ ଉନ୍ନତ ଭାବଧାରା ରହିଛି। ଶଂସିତ ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟର ପ୍ରତିପାଦିତ ବକ୍ତବ୍ୟ, ଆଧୁନିକ ଓଡ଼ିଆ-ଭାଷା ସାହିତ୍ୟକୁ, ଉତ୍କଳୀୟ ମହାମନୀଷାମାନଙ୍କ ଦ୍ୱାରା କିଭଳି ସଂରକ୍ଷିତ ଓ ପ୍ରତିପାଦିତ ହୋଇଛି, ତାହା ଦର୍ଶାଇବା। ବିଶେଷଭାବେ ବିପଦ-ବିପର୍ଯ୍ୟୟ ମଧ୍ୟରେ ବିବର୍ତ୍ତନର ନୂତନଧାରା; ଅନ୍ତଃସଲୀଳା ଫଲ୍‌ଗୁଭଳି, ଓଡ଼ିଆ ମହାଜାତିକୁ ସର୍ବାନ୍ତକରଣରେ ଉଦ୍‌ବୁଦ୍ଧ କରିବା ପ୍ରସଙ୍ଗ ସଦୃଷ୍ଟାନ୍ତ, ପ୍ରାୟୋଗିକ ବିଶ୍ଳେଷଣ ମଧ୍ୟରେ ସୂଚିତ।

ଓଡ଼ିଆ ଜାତି ଯେ ଏକ 'ରେସ୍' ବା ମହାଜାତି ଏହାର ପ୍ରାମାଣିକତା ସର୍ବଭାରତୀୟ ସ୍ତରରେ, ନିର୍ବିବାଦରେ ସ୍ୱୀକୃତି ପାଇଛି। ଗୁଜରାଟୀ, ମରହଟ୍ଟୀ, ହିନ୍ଦି, ବଂଗଳା ଓ ଅସମିଆ (ଆସାମୀ) ପ୍ରଭୃତି ସମସ୍ତ ଆର୍ଯ୍ୟଭାଷା ଭିତରେ କେବଳ ଓଡ଼ିଆ ସର୍ବଭାରତୀୟ ସ୍ତରରେ ଶାସ୍ତ୍ରୀୟ ବା କ୍ଲାସିକାଲ୍ ମାନ୍ୟତା ମୁକୁଟ ପରିମଣ୍ଡିତ। ଏହା ମୂଳରେ ରହିଛି, ଓଡ଼ିଆ ଭାଷାର ସର୍ବଗ୍ରାସୀ ଗ୍ରାହିକା ଶକ୍ତି। ଭାରତୀୟ ଭାଷାର ତିନୋଟି ମୁଖ୍ୟ ପ୍ରଶାଖା ହେଉଛି, ଜନଜାତି ବା ଅଷ୍ଟ୍ରିକ୍, ତାମିଲ୍-ତେଲୁଗୁ-ମଲୟାଲମ୍ ପ୍ରଭୃତି ଦକ୍ଷିଣ ଭାଷା କହୁଥିବା ଦ୍ରାବିଡ଼ ଓ ସମଗ୍ର ଆର୍ଯ୍ୟାବର୍ତ୍ତର ସଂସ୍କୃତ ତଥା ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟଭାଷା କହୁଥିବା ଆର୍ଯ୍ୟବର୍ତ୍ତର ସଂସ୍କୃତ ତଥା ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟଭାଷା କହୁଥିବା ଆର୍ଯ୍ୟ ଗୋଷ୍ଠୀ। ଓଡ଼ିଆ କହୁଥିବା ଓଡ଼ିଶାବାସୀ, ଆର୍ଯ୍ୟ ଅଧ୍ୟୁଷିତ ଉତ୍ତର ଭାରତ ଓ ଦ୍ରାବିଡ଼ ଅଧ୍ୟୁଷିତ ଦକ୍ଷିଣ ଭାରତର ମଧ୍ୟବର୍ତ୍ତୀ। ସର୍ବୋପରି ସମଗ୍ର ଭାରତରେ ଓଡିଶା ଭଳି, ପାଖାପାଖି ଚାଳିଶ ଭାଗ ଜନଜାତି ଥିବା, ଏଭଳି ଦ୍ୱିତୀୟ ରାଜ୍ୟ ନାହିଁ। ଓଡ଼ିଆ ଭାଷାର ସ୍ଥିତିସ୍ଥାପକତା (ଇଲାଷ୍ଟିସିଟି) ଓ ଉଦାର ସାର୍ବଭୌମ ଗ୍ରାହିକା ଶକ୍ତି ଅନୁପମ ଓ ଅନନ୍ୟ। ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ ଯେଭଳି ଜନଜାତି ଶାବର, ଦ୍ରାବିଡ଼ ଓ ଆର୍ଯ୍ୟମାନଙ୍କ ଆଧ୍ୟାତ୍ମିକ ବିଶ୍ୱାସର ମଧୁର ସମନ୍ୱୟ, ସେଭଳି ଓଡ଼ିଆ ଭାଷା ମଧ୍ୟ ଏଇ ପ୍ରମୁଖ ତିନି ମହାଭାରତୀୟ ଭାଷା ଗୋଷ୍ଠୀର ଏକ ତ୍ରିବେଣୀ ସଙ୍ଗମ। ଏହା କଳିଙ୍ଗ ଭାଷା ମହୋଦଧିର ପାବନ ଶୋଭନ, ଅନନ୍ତ ମହାସାଗରରେ ନିଜ ନିଜର ସ୍ୱକୀୟ ଅସ୍ମିତା ହରାଇ ଏକ ସମୃଦ୍ଧତମ ଓଡ଼ିଆ ଭାଷା ମହାକୁମ୍ଭ ସହ ଏକାତ୍ମ ହୋଇଛନ୍ତି। ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଓଡ଼ିଆ ଭାଷା, ବଙ୍ଗଳା ସମେତ ଅନ୍ୟାନ୍ୟ ଆର୍ଯ୍ୟଭାଷା ଅପେକ୍ଷା ଯେ ନିଶ୍ଚିତ ଭାବେ ପ୍ରାଚୀନତର ଏହା ପ୍ରମାଣିତ। କିନ୍ତୁ ବ୍ରିଟିଶ ଶାସିତ ଭାରତରେ ପ୍ରଥମେ ବଙ୍ଗଳା ଦେଶ ଓ ଶେଷରେ ଓଡ଼ିଶାରେ ବ୍ରିଟିଶ୍ ଶାସନ ଓ ଇଂରେଜୀ ଭାଷାର ପ୍ରସାର ଘଟିଲା। ତେଣୁ ଓଡ଼ିଆ ଗବେଷକଙ୍କ ଅପେକ୍ଷା ଇଂରେଜ ପ୍ରଶିକ୍ଷିତ ବଂଗୀୟ ଭାଷାବିତ୍‌ମାନେ ଆଞ୍ଚଳିକ-ଜାତୀୟତା ପ୍ରଣୋଦିତ ହୋଇ ଅର୍ବାଚୀନ ବଙ୍ଗଭାଷାକୁ ଓଡ଼ିଆ ଅପେକ୍ଷା ପ୍ରାଚୀନତର ବୋଲି ସାବ୍ୟସ୍ତ କରିବା ଅପପ୍ରୟାସ କରିଛନ୍ତି। ରାଜେନ୍ଦ୍ର ମିତ୍ରଙ୍କ ଭଳି ପ୍ରତିଷ୍ଠିତ ଐତିହାସିକ ଓ ବହୁ ବଂଗୀୟ ବୁଦ୍ଧିଜୀବୀମାନେ ଏଇ ଅପପ୍ରଚାର ପାଇଁ ପରୋକ୍ଷ ବା ପ୍ରତ୍ୟକ୍ଷ ଇନ୍ଧନ ଯୋଗାଇଛନ୍ତି। ବସ୍ତୁତଃ, କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଭଳି ଚକ୍ରାନ୍ତର ବହୁ ପୂର୍ବରୁ କୋର୍ଟ-କଚେରୀ, ବିଦ୍ୟାଳୟରୁ ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ବଂଗୀୟ କର୍ମଚାରୀ, ଶିକ୍ଷକ ଓ ଶିକ୍ଷା-ପରିଦର୍ଶକଙ୍କ ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିଥିଲା।

ଅବଶ୍ୟ ଅନ୍ୟ କେତେକ ବଂଗୀୟ ନିଷ୍ପକ୍ଷ, ସତ୍ୟନିଷ୍ଠ ଗବେଷକ ମଧ୍ୟ ଅନୁରୂପ ଚକ୍ରାନ୍ତର ବିରୋଧ କରିଛନ୍ତି।

ଓଡ଼ିଆ ଭାଷା ବିଲୋପ ତଥା ଉଚ୍ଛେଦ ପାଇଁ ନିରବଚ୍ଛିନ୍ନ ଉଦ୍ୟମ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ; ସମଗ୍ର ଓଡ଼ିଆ ଜାତି ପାଇଁ ଥିଲା ଏକ ପ୍ରଚଣ୍ଡ ଆହ୍ୱାନ, ପୁଣି ପ୍ରଚ୍ଛନ୍ନ ଆଶୀର୍ବାଦ (blessing in disguise) ମଧ୍ୟ। ଓଡ଼ିଆ ଜାତି ସଂଗଠିତ ଭାବେ, ଏଥିପାଇଁ ସଂଗ୍ରାମ-ସଂଘର୍ଷ ଜାରି ରଖିଲା। ଏଇ ମହାସଂଗ୍ରାମର ଅପରାଜେୟ ସେନାପତି ହେଉଛନ୍ତି ସେନାପତି ଫକୀର ମୋହନ, ଦେଶପ୍ରାଣ ମଧୁସୂଦନ ଦାସ, ବର୍ଣ୍ଣବୋଧକାର ମଧୁସୂଦନ ରାଓ, ଆଧୁନିକ ଯୁଗପ୍ରବକ୍ତା ରାଧାନାଥ। ସଂଯୋଗବଶତଃ, ବାଲେଶ୍ୱର ଗଡ଼ଗଡ଼ିଆ ଘାଟରେ ଏ ମହାସଂଗ୍ରାମର ପ୍ରସ୍ତୁତି ପର୍ବ ପାଇଁ, ପ୍ରାୟଶଃ ଏମାନେ ଏକତ୍ରିତ ହେଉଥିଲେ। ଓଡ଼ିଆ ଭାଷା ଓ ଜାତୀୟତା ପାଇଁ ପ୍ରତିକୂଳ ପରିବେଶ ବିରୋଧରେ ସଂଗ୍ରାମ-ସଂଘର୍ଷ-ସଂଘାତରୁ ଶକ୍ତି, ସାମର୍ଥ୍ୟ ଆହରଣ କରି, କିଭଳି ଇତିହାସରେ ନିଜ ଜାତିର ନ୍ୟାର୍ଯ୍ୟ ସ୍ଥାନ ସଂରକ୍ଷଣ କରିଛନ୍ତି, ତାହା ଦର୍ଶାଇବା ପାଇଁ ଭାଷାତତ୍ତ୍ୱ ଓ ଭାଷାବିଜ୍ଞାନ-ପାରିଭାଷିକ ସଂକ୍ଷିପ୍ତ ସଂକେତ ନଦେଲେ, ଶଂସିତ ନିବନ୍ଧର ଭିତ୍ତିଭୂମି ଦୁର୍ବଳ ଓ ଅସ୍ପଷ୍ଟ ହୋଇଯିବାର ସମ୍ଭାବନା। ଆମ ମାତୃଭାଷା ଓଡ଼ିଆ ଭାଷା, ଇଣ୍ଡୋଇଉରୋପିଆନ୍ ଭାଷା ପରିବାରର ଇଣ୍ଡୋଆରିୟାନ୍ ଶାଖାର, ପୂର୍ବୀ ପ୍ରଶାଖାରୁ ସୃଷ୍ଟ। ଆମ ସଗୋତ୍ର ସହୋଦରୀ, ନବ୍ୟଭାରତୀୟ ଆଧୁନିକ ଭାଷାଗୁଡ଼ିକ ହେଲେ; ବଂଗଳା, ଆସାମୀ ବା ଅସମୀୟା ଓ ମୈଥିଳୀ। ବିଶିଷ୍ଟ ଭାଷାବିତ୍ ସୁନୀତି କୁମାର ଚଟ୍ଟୋପାଧ୍ୟାୟ, ତାଙ୍କର ବହୁ ଚର୍ଚ୍ଚିତ ଭାଷାତତ୍ତ୍ୱ ଆଧାରିତ ପୁସ୍ତକ 'Origin and development of Bengali language'ରେ ପ୍ରାସଙ୍ଗିକତା କ୍ରମେ, ବଂଗଳା-ଓଡ଼ିଆ-ଅସମୀୟା ସୃଷ୍ଟିର କାଳାନୁକ୍ରମିକତା କଥାର ଅବତାରଣା କରିଛନ୍ତି। ଏଇ ତିନି ଭାଷା ଓଡ଼ିଆ ଭାଷା ଅପେକ୍ଷା ବଂଗଳା ପ୍ରାଚୀନତର ବୋଲି ସେ ଦର୍ଶାଇଛନ୍ତି। କିନ୍ତୁ ଏହାକୁ ଖଣ୍ଡନ କରି ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଆମେରିକାର କର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟରେ, 'A controlled Historical Reconstruction of Oriya, Assamese, Bengali and Hindi' ଶୀର୍ଷକ ଗବେଷଣା ନିବନ୍ଧରେ, ଓଡ଼ିଆ ଭାଷା କିଭଳି ପ୍ରାଚୀନତମ, ତାହା ଅକାଟ୍ୟ ଭାଷାତାତ୍ତ୍ୱିକ ପ୍ରାମାଣିକତା ସହ ପ୍ରତିପାଦିତ କରିଛନ୍ତି। ଏହାର ବହୁପୂର୍ବରୁ ଦୁଇଜଣ ବିଶିଷ୍ଟ ସିଭିଲିଆନ୍ ପ୍ରଶାସକ, ଜି.ଏ. ଗ୍ରିୟରସନ୍ ୧୯୦୩ ଓ ବାଲେଶ୍ୱରର କଲେକ୍ଟର ତଥା ଓଡ଼ିଶାର କମିସନର ଜନ୍ ବିମ୍ସ, ୧୮୮୦ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ଭାଷାର ପ୍ରାଚୀନତା, ମୌଳିକତା ଓ ଆଭିଜାତ୍ୟ, ସର୍ବୋପରି ସ୍ୱାତନ୍ତ୍ର୍ୟ ସଂପର୍କରେ 'The Journal of Asiatic Society of Bengal'ରେ ସୁଦୃଢ଼ ମନ୍ତବ୍ୟ ଉପସ୍ଥାପନ କରି ସାରିଥିଲେ। ସମ୍ମାନନୀୟ ଜନ୍ ବିମ୍ସଙ୍କ ଏଇ ତଥ୍ୟ ସଂବଧିତ ଗବେଷଣା ନିବନ୍ଧ ହିଁ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଚକ୍ରାନ୍ତକୁ ପ୍ରତିହତ କରି, ଓଡ଼ିଆ ଭାଷାକୁ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରି ପାରିଲା।

ଜର୍ଜ ଗ୍ରିୟରସନ୍ ତାଙ୍କର ଯୁଗାନ୍ତକାରୀ ବିଶ୍ୱବିଖ୍ୟାତ 'Linguistic Survey of India Volume-V, Part-II-1903' ରେ ଓଡ଼ିଆ, ଅନ୍ୟାନ୍ୟ ପ୍ରତିବେଶୀ 'ଇଣ୍ଡୋଆରିଆନ୍' ଭାଷାମାନଙ୍କ ମଧ୍ୟରେ, ଏକମାତ୍ର ଧ୍ୱନିବିଜ୍ଞାନ ରୀତିରେ ଉଚ୍ଚାରିତ ହେଉଥିବା ଭାଷା ଭାବରେ, ଏହାର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ପାଠକମାନଙ୍କୁ ଏ ସଂପର୍କରେ ଏକ ସ୍ଥୂଳ ଧାରଣା ଦିଆଗଲେ ବକ୍ତବ୍ୟ ପ୍ରାଞ୍ଜଳ ହେବ। ଘର ଶବ୍ଦକୁ ଓଡ଼ିଆ ଭାଷା 'ଘର୍+ଅ'= ଘର ବୋଲି ଉଚ୍ଚାରଣ କରେ। କାରଣ ଶବ୍ଦଟିରେ ସ୍ୱରାନ୍ତ 'ଅ' ଅଛି। କିନ୍ତୁ ବଂଗୀୟ ଓ ହିନ୍ଦି ଭାଷା ଲେଖିବା ବେଳେ 'ଘର' ଲେଖନ୍ତି, ଅଥଚ ଉଚ୍ଚାରଣ କଲାବେଳେ 'ଘର୍' ବୋଲି କହିଥାନ୍ତି। ସେଭଳି ଓଡ଼ିଆ ଭାଷା 'ଭାତ' ବୋଲି (ସ୍ୱରାନ୍ତ 'ଅ'ଯୁକ୍ତ କରି , ଭାତ୍+ଅ=ଭାତ) ଉଚ୍ଚାରଣ କରେ ଓ ଲେଖେ ମଧ୍ୟ। କିନ୍ତୁ ବଂଗଭାଷୀ ଏଇ ଶବ୍ଦଟିକୁ 'ଭାତ' ବୋଲି ଲେଖିଲେ ମଧ୍ୟ ଉଚ୍ଚାରଣ କଲାବେଳେ 'ହଳନ୍ତ' ଦେଇ 'ଭାତ୍' ଉଚ୍ଚାରଣ କରେ। କୌଣସି ଭାଷାର ଶବ୍ଦଟିକୁ ଯେଭଳି କୁହାଯାଏ, ସେଭଳି ଅବିକଳ ଲେଖାଗଲେ ହିଁ ଏହା 'ଫୋନେଟିକ୍ ଲାଙ୍ଗୁଏଜ୍'ର ମର୍ଯ୍ୟାଦା ପାଇପାରେ। ଆପାତତଃ ଅବିଶ୍ୱାସ୍ୟ ମନେହେଉଥିଲେ ହେଁ ଏହା ସତ୍ୟ ଯେ ଆନ୍ତର୍ଜାତିକ ଭାଷା ଇଂରେଜୀ, ଆଦୌ ଫୋନେଟିକ୍ ଲାଙ୍ଗୁଏଜ୍ ନୁହେ। ଦୃଷ୍ଟାନ୍ତ ସ୍ୱରୂପ, ଲେଖାଯାଏ Picture (ପିକ୍ଚର୍), କୁହାଯାଏ ପିକ୍ଚର୍। ଲେଖାଯାଏ Pneumonia; କିନ୍ତୁ କୁହାଯାଏ ଓ ପଢ଼ାଯାଏ 'ନ୍ୟୁମୋନିଆ'। ଏ ସମସ୍ତ କଥା ବିଚାରକୁ ନେଇ ଇଂରେଜୀଭାଷୀ ଜର୍ଜ ଗ୍ରିୟରସନ୍ ଇଂରେଜୀ, ଫ୍ରେଞ୍ଚ୍ ସମେତ ପୃଥିବୀର ଅଧିକାଂଶ ପ୍ରମୁଖ ଭାଷାମାନଙ୍କ ପରିପ୍ରେକ୍ଷୀରେ ଭାଷାବିଜ୍ଞାନ ସମ୍ମତ ରୀତିରେ କଥିତ ଓ ଲିଖିତ ଓଡ଼ିଆ ଭାଷାକୁ, ବିରଳ ଫୋନେଟିକ୍ ଲାଙ୍ଗୁଏଜ୍ର ମାନ୍ୟତା ତଥା ସ୍ୱୀକୃତି ଦେବା ଓଡ଼ିଆ ଜାତି ପାଇଁ ଏକ ଗର୍ବ ଗୌରବ ଓ ବିରଳ ମର୍ଯ୍ୟାଦା କଥା ନୁହେ କି? ଏହି ସ୍ୱୀକୃତିର ଅନ୍ତିମ ବିବର୍ତ୍ତିତ ବିଭାବ ହେଉଛି, ଆମ ଭାଷା ସର୍ବଭାରତୀୟ ଆର୍ଯ୍ୟଭାଷାମାନଙ୍କ ମଧ୍ୟରେ ଏକମାତ୍ର କ୍ଲାସିକାଲ୍ ବା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିରେ ଗୌରବାନ୍ୱିତ।

ସମଗ୍ର ଭାରତୀୟ ଆର୍ଯ୍ୟ ଭାଷାର ମଉଡ଼ମଣି ଭାବେ ପ୍ରମାଣିତ, ଓଡ଼ିଆ ଭାଷା ଅନ୍ୟୂନ ପନ୍ଦରଶହ ବର୍ଷ ତଳର, ଐତିହ୍ୟସଂପନ୍ନ ଏକ ବିକଶିତ ଭାଷା। ଅଥଚ ପାଖାପାଖି ମାତ୍ର ଦେଢ଼ଶହ ବର୍ଷତଳେ, କୌଣସି ସ୍ୱାତନ୍ତ୍ର୍ୟ ନଥିବା ଦ୍ୱାହି ଦେଇ, ଶିକ୍ଷା ଓ ପ୍ରଶାସନରୁ ଏହାକୁ ଉଚ୍ଛେଦ କରିବା, ଏକ ପ୍ରଚଣ୍ଡ ବିରୋଧାଭାସ ଓ ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା। କାରଣ ଏହାର ମାତ୍ର ଦୁଇବର୍ଷ ପୂର୍ବରୁ ୧୮୬୬ର କରାଳ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଅଣ୍ଟା ଭାଙ୍ଗି ଦେଇଥିଲା। ଓଡ଼ିଆଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସଂପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇଥିଲା। ଏହି ବିପର୍ଯ୍ୟୟରୁ ଅଣ୍ଟା ସଳଖି ଠିଆ ହେଉ ନ ହେଉଣୁ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନର ଏହି ଆଘାତ କିଭଳି ଏକ ସୁସଂଗଠିତ ବଂଗୀୟ ଗୋଷ୍ଠୀର ଚକ୍ରାନ୍ତ, ତାହା ଆଗରୁ ସୂଚାଇ ଦିଆଯାଇଛି। ଏହାର ପ୍ରବର୍ତ୍ତକ, ସୂତ୍ରଧର ଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ସେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ବୋଲି ପୁସ୍ତିକା, ଏଇ ମର୍ମରେ ଲେଖି ପ୍ରକାଶ କଲେ। ଏଇ ପୁସ୍ତକରେ ଉଲ୍ଲିଖିତ ସୂଚନା ଅନୁଯାୟୀ, କଲିକତାର ଅପର୍ ସର୍କୁଲାର୍ ରୋଡ଼ରେ ଅବସ୍ଥାପିତ 'ଗିରୀଶ ବିଦ୍ୟାରତ୍ନ ଯନ୍ତ୍ର' ଏହାର ମୁଦ୍ରକ ଓ ପ୍ରକାଶକ। ପଣ୍ଡିତ କାନ୍ତିଚନ୍ଦ୍ର ଏଇ ଆନ୍ଦୋଳନର ସୂତ୍ରଧର ହେଲେ ହେଁ, ଏହାର ସୂତାନିର୍ମିତ ଜାଲ କଲିକତା ସମେତ ବଂଗଳାର ତତ୍କାଳୀନ ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ପ୍ରଲମ୍ବିତ।

ଇଂରେଜମାନେ ବଂଗଳା ଦଖଲ କଲା ପରେ ସ୍ଥାନୀୟ ବଂଗଭାଷୀମାନେ ତାଙ୍କର ହାତବାରିସି ହୋଇ ଶାସନରେ ସହାୟକ ଭାବେ ନିଯୁକ୍ତି ପାଇଲେ। ସମୟକ୍ରମେ ସମଗ୍ର ବଂଗ-ବିହାର-ଓଡ଼ିଶା ବ୍ରିଟିଶ୍ ଶାସନାଧୀନ ହେଲା। ସେତେବେଳେ କଲିକତା ସେମାନଙ୍କ ରାଜଧାନୀ ହେଲା ଓ ବଂଗୀୟ କର୍ମଚାରୀମାନେ ହିଁ କଲିକତାରୁ ଓଡ଼ିଶା ଶାସନ ନିୟନ୍ତ୍ରଣ କଲେ। କ୍ଷମତାର ଅପବ୍ୟବହାର କରି ବହୁ.ଅବାଞ୍ଛିତ ସ୍ୱାର୍ଥ-ସୁବିଧା ହାସଲ କଲେ। ତା'ର ଏକ ପ୍ରତିନିଧି ସ୍ଥାନୀୟ ଦୃଷ୍ଟାନ୍ତ ହେଉଛି, 'ସୂର୍ଯ୍ୟାସ୍ତ ଆଇନ' ବା 'Sunset Law'। ଜମିଦାରମାନେ ଏକ ନିର୍ଦ୍ଦିଷ୍ଟ ଦିନର ସୂର୍ଯ୍ୟାସ୍ତ ପୂର୍ବରୁ, କଲିକତାରେ ଲାଟବନ୍ଦୀ (କଂପାନୀ ସରକାରଙ୍କୁ ଦେବା ପ୍ରାପ୍ୟ) ଟଙ୍କା ଜମା ନକରି ପାରିଲେ ଜମିଦାରି ସବୁ କଲିକତାରେ ନିଲାମ ହୋଇଯାଉଥିଲା। ସେତେବେଳେ ବାଲେଶ୍ୱରରୁ କଲିକତା ଯିବା ପଥ ଭୀଷଣ ଦୁର୍ଗମ ଓ ବିପଦ ଶଙ୍କୁଳ ଥିଲା। ଶଗଡ଼ ଗାଡ଼ି ହିଁ ଏକମାତ୍ର ଯାନ ଓ କଲିକତାରେ ପହଞ୍ଚିବାକୁ ଅନ୍ୟୂନ ୫ଦିନ ଲାଗୁଥିଲା। କବିବର ରାଧାନାଥ ଏଣ୍ଟ୍ରାନ୍ସ ପାସ୍ କରି, କଲିକତା ପ୍ରେସିଡେନ୍ସି କଲେଜରେ ଆଡ଼ମିଶନ (୧୮୫୩ ମସିହା) ପାଇଁ ଯିବାବେଳେ ଏଇ ଦୀର୍ଘ ଯାତ୍ରା ଓ ସୁଦୀର୍ଘ ୫ଦିନ ସମୟର ବିସ୍ତୃତ ସୂଚନା ମିଳେ। ଏହାର ପୂର୍ବବର୍ତ୍ତୀ ଅବସ୍ଥା ତ ଆହୁରି ସାଂଘାତିକ। ତେଣୁ ଅଧିକାଂଶ ଓଡ଼ିଆ ଜମିଦାର ସୂର୍ଯ୍ୟାସ୍ତ ପୂର୍ବରୁ ଟଙ୍କା ପଇଠ କରିବା ସମ୍ଭବ ହେଉନଥିଲା। ଫଳରେ ସେମାନଙ୍କ ଅନୁପସ୍ଥିତିରେ ଶାଗମାଛ ଦରରେ, ଜମିଦାରି ସବୁ ନିଲାମ ହୋଇଯାଉଥିଲା। ସରକାରୀ କର୍ମଚାରୀ ଏମିତିକି ଶାସନରେ ଥିବା ନିମ୍ନ ବେତନ ଭୋଗୀ ବଂଗୀୟ କର୍ମଚାରୀମାନେ ମଧ ରାତାରାତି ଜମିଦାର ହୋଇ ଯାଉଥିଲେ। ଫକୀର ମୋହନ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ଏହାର ଜୀବନ୍ତ ଚିତ୍ର ଦେଇଛନ୍ତି। ଅଭିଜାତ ଓଡ଼ିଆ ଜମିଦାର ବାଘସିଂ ବଂଶର ଜମିଦାରି ଏଭଳି ଉଚ୍ଛେଦ ହୋଇ ବଂଗୀୟ ଜମିଦାର ଦିଲ୍‌ଦାର୍ ମିଆଁ ମାଧ୍ୟମରେ ମଙ୍ଗରାଜଙ୍କ ପାଖକୁ ଆସିବାର ନାଟକୀୟ ଧ୍ୱନ୍ୟାତ୍ମିକ ସଂକେତ ଦେଖିବାକୁ ମିଳେ। ଓଡ଼ିଶାର ଅଧିକାଂଶ ଜମିଦାରୀ ଏଭଳି ଉଚ୍ଛେଦ ହୋଇ, ବଂଗୀୟମାନେ ତା'ର ଉତ୍ତରାଧିକାରୀ ହେଲେ। ପରବର୍ତ୍ତୀ ପର୍ଯ୍ୟାୟର ଲକ୍ଷ୍ୟ ଥିଲା ଓଡ଼ିଆମାନଙ୍କୁ ଶିକ୍ଷା ଓ ପ୍ରଶାସନ ଠାରୁ ଦୂରେଇ ରଖିବା। ବସ୍ତୁତଃ କଚେରୀ ଓ ପ୍ରଶାସନରେ କ୍ୱଚିତ୍ ଜଣେ ଅଧେ ଓଡ଼ିଆ ଅମଲା ଥିଲେ। ପ୍ରାୟ ସବୁ ଅମଲା ଓ ଶିକ୍ଷକମାନେ ଅଣଓଡ଼ିଆ, ବଂଗାଳୀ। ସେଥିପାଇଁ "ମୂଳୁ ମାରିଲେ ଯିବ ସରି" ନୀତିରେ ଓଡ଼ିଆମାନଙ୍କୁ ସ୍କୁଲରେ ମାତୃଭାଷା ଓଡ଼ିଆ ଶିକ୍ଷାରୁ ବଞ୍ଚିତ କରି, ତା' ପରିବର୍ତ୍ତେ କୌଶଳକ୍ରମେ, ବାଧ୍ୟତାମୂଳକ ଭାବେ ବଂଗଳା ଶିକ୍ଷା ଦେବାର ପଥ ସୁଗମ କରିଦିଆହେଲା। ଓଡ଼ିଆ ସ୍ୱତନ୍ତ୍ର ମୌଳିକ ଭାଷା ନୁହେଁ ବୋଲି ପ୍ରତିପାଦିତ କରିବା ପାଇଁ କାନ୍ତିଚନ୍ଦ୍ର 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ନାମକ ପୁସ୍ତିକା ଲେଖି, 'ଓଡ଼ିଆ ଭାଷାର ବଙ୍ଗଳାଠାରୁ କୌଣସି ରକମର ଭିନ୍ନତା ବା ସ୍ୱାତନ୍ତ୍ର୍ୟ ନାହିଁ, ତେଣୁ ସ୍କୁଲରେ ଓଡ଼ିଆ ମାତୃଭାଷା ପଢ଼ିବାର ଆବଶ୍ୟକତା ନାହିଁ' ଏକ ବିଧିବଦ୍ଧ ସଂଗଠିତ ଷଡ଼ଯନ୍ତ୍ରର ଅମୋଘ ଅସ୍ତ୍ର ହେଲା ପଣ୍ଡିତ କାନ୍ତିଚନ୍ଦ୍ରଙ୍କ ସମେତ ବଂଗୀୟ ଚକ୍ରାନ୍ତକାରୀ ଗୋଷ୍ଠୀଙ୍କ ପାଇଁ। ତା'ହେଲେ ଓଡ଼ିଆ ଜମିଦାରଙ୍କ ଭଳି, ଶିକ୍ଷିତ ଓଡ଼ିଆଙ୍କ ମାତୃଭାଷା ଓଡ଼ିଆ ଅନାୟସରେ ସମ୍ପୂର୍ଣ୍ଣ ଉଚ୍ଛେଦ ହେବ ଏବଂ ମେଦିନୀପୁର ଭଳି ଓଡ଼ିଆଭାଷୀଙ୍କ ମାତୃଭାଷା ଲୋପ ପାଇ ତା'ର ସ୍ଥାନ ବଂଗଳା ଭାଷା ଗ୍ରହଣ କରିବ। ଏକଦା ଶତକଡ଼ା ଶହେ ଓଡ଼ିଆ ଭାଷାଭାଷୀ 'ମେଦିନୀପୁର' 'ମିଦିନାପୁର' ରୂପାନ୍ତରିତ ହେବା ଭଳି ସମଗ୍ର ଓଡ଼ିଶା ହୋଇଥାନ୍ତା ବଂଗଳା ଭାଷାଭାଷୀ ବଂଗ ଦେଶର ଏକ ଉପନିବେଶ। ତତ୍‌କାଳୀନ ଓଡ଼ିଶାର ରାଜଧାନୀ ଓ ପ୍ରାଣକେନ୍ଦ୍ର ଖୋଦ୍ କଟକର ଛାତି ଉପରେ, ଡିବେଟିଂ କ୍ଲବ୍‌ରେ ଟି. ରେଭେନ୍ସାଙ୍କ ଅଧ୍ୟକ୍ଷତାରେ ହେଉଥିବା ସଭାରେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ହେବା ଅନୁଚିତ ବୋଲି' ପ୍ରକାଶ୍ୟରେ ଦୃଢ଼ୋକ୍ତି କଲେ ଜଣେ ସୁପ୍ରତିଷ୍ଠିତ ବଂଗୀୟ ବିଦ୍ୱାନ ତଥା ଐତିହାସିକ। ଏହି ନ୍ୟସ୍ତସ୍ୱାର୍ଥ ବଂଗୀୟ ଗୋଷ୍ଠୀର ଆଉ ଏକ ଅକାଟ୍ୟ ଯୁକ୍ତି ଥିଲା, ଓଡ଼ିଆ ଭାଷାରେ ବଂଗୀୟ ଭାଷା ଭଳି ଉନ୍ନତ, ପାଠ୍ୟକ୍ରମର ଅତ୍ୟାବଶ୍ୟକୀୟ ପାଠ୍ୟପୁସ୍ତକ ନାହିଁ।' ପ୍ରତିକୂଳ ପରିବେଶ ସହ ମୁହାଁମୁହିଁ ହେବାର ଆହ୍ୱାନୀ-ସଂଗ୍ରାମୀ-ସଂଘର୍ଷ-ସଂଘାତରୁ ବିବର୍ତ୍ତନ ପାଇଁ, କିଭଳି ଆବଶ୍ୟକୀୟ ସମସ୍ତ ଶକ୍ତି-ସାମର୍ଥ୍ୟ ସଞ୍ଚିତ ଥାଏ, ତା'ର ଏକ ସର୍ବକାଳୀନ ଦୃଷ୍ଟାନ୍ତ ହେଉଛି, ଭକ୍ତକବି ମଧୁସୂଦନଙ୍କ ପାଠ୍ୟପୁସ୍ତକ ବର୍ଣ୍ଣବୋଧ ପ୍ରଣୟନ। ଓଡ଼ିଆ ଭାଷାରେ ସେ ପର୍ଯ୍ୟନ୍ତ ଉନ୍ନତମାନର ଫାଷ୍ଟବୁକ୍ ବା ବର୍ଣ୍ଣବୋଧ ନଥିଲା। ଶ୍ରୀଯୁକ୍ତ ରାଓ ମାତ୍ର ଗୋଟିଏ ଦିନ ମଧ୍ୟରେ ଏକାନ୍ତ ଉଚ୍ଚମାନର ବର୍ଣ୍ଣବୋଧ ଲେଖି, କେବଳ ଇର୍ଷୁକ ବଙ୍ଗଭାଷୀ ସମାଲୋଚକ ନୁହେଁ, ସମଗ୍ର ନବ୍ୟ ଭାରତୀୟ ଭାଷାମାନଙ୍କ ପାଇଁ ଏକ ଅନତିକ୍ରମଣୀୟ ବିସ୍ମୟ ସୃଷ୍ଟି କଲେ। ଏବେ ମଧ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପରେ, ମ୍ୟାକ୍ସମୁଲାର କଂପାନୀ ଦ୍ୱାରା ପ୍ରକାଶିତ ବର୍ଣ୍ଣବୋଧ ସର୍ବାପେକ୍ଷା ବହୁଳ ପ୍ରସାରିତ, 'ବେଷ୍ଟ ସେଲର୍' ଗୌରବ ଅର୍ଜନ କରିଛି। ପାଠ୍ୟପୁସ୍ତକ ଅଭାବ ଦୂର କରିବା ପାଇଁତାଙ୍କ ସହ ଅଣ୍ଟା ଭିଡ଼ିଲେ, ବ୍ୟାସକବି ଫକୀର ମୋହନ ଓ କବିବର ରାଧାନାଥ ରାୟ। ମାତୃଭାଷା ଓଡ଼ିଆ ପ୍ରଶିକ୍ଷଣରେ ସବୁଠାରୁ ବଡ଼ ଅଭାବ ଓ ଅନ୍ତରାୟ ପାଠ୍ୟପୁସ୍ତକ ସମସ୍ୟା ଦୂର ହେଲା। ବାସ୍ତରୀ ପୃଷ୍ଠା ବିଶିଷ୍ଟ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ'ର ଉପସଂହାରାତ୍ମକ ବକ୍ତବ୍ୟ "ଭାରତେର ଅଧୁନା ପ୍ରଚଲିତ ଭାଷା ସମୂହର ଆଦି ନିରୂପନ, ଭାଷା ବିଭାଗେର କାରନ୍, ସୁବର୍ଣ୍ଣରେଖା ଦକ୍ଷିନ କଥିତ ଭାଷା ବାଂଲା ଓ ଉଡ଼ିଆ ସ୍ୱତନ୍ତ୍ର ଭାଷା ନୟ।" ତାଙ୍କ ଅଯୌକ୍ତିକ ବକ୍ତବ୍ୟର ଅବାସ୍ତବତା ସତ୍ତ୍ୱେ, ବଂଗୀୟ ପ୍ରଶାସକ ଅମଲାତନ୍ତ୍ରର ଓଡ଼ିଆ ବିରୋଧୀ ଚକ୍ରାନ୍ତ ସଫଳ ହେଲା। ଫକୀର ମୋହନ ଏଥିରେ ବିସ୍ମିତ ହୋଇ ଲେଖିଛନ୍ତି: ଅଚାନକ ଅପ୍ରତ୍ୟାଶିତ ଭାବେ, ସ୍କୁଲ ସମୂହର ଇନ୍ସପେକ୍ଟରଙ୍କ ମାଧ୍ୟମରେ ଏକ ଜରୁରୀ ସରକାରୀ ହୁକୁମନାମା ଆସିଲା, "ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲ୍‌ରେ କେବଳ ସଂସ୍କୃତ ଓ ବଙ୍ଗଳା ପଢ଼ାଯିବ।" ଅର୍ଥାତ୍ ଏହାର ତାତ୍ପର୍ଯ୍ୟ ସମସ୍ତ ସ୍କୁଲମାନଙ୍କ ପାଠ୍ୟକ୍ରମରୁ ମାତୃଭାଷା ଓଡ଼ିଆ ବାଦ୍ ପଡ଼ିଲା।

କାନ୍ତିଚନ୍ଦ୍ରଙ୍କ ସହ ମାତୃଭାଷା ଓଡ଼ିଆ ବିରୋଧୀ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମହଲ ଏଇ ବିଜୟ ବାର୍ତ୍ତା ସଂବାଦରେ ଉଲ୍ଲସିତ ହେଲା। ଫକୀର ମୋହନଙ୍କୁ 'ଶାଲା ରିଂ ଲିଡର୍' କହି କରୁଥିବା ବ୍ୟଙ୍ଗବିଦ୍ରୂପ ଆହୁରି ଶାଣିତ ଓ ତୀକ୍ଷଣ ହେଲ। କିନ୍ତୁ ସେନାପତି ଫକୀର ମୋହନ ଏ ପରାଜୟକୁ ସ୍ୱୀକାର କଲେ ନାହିଁ। ସେ ଓ ଭାଷା ସୁରକ୍ଷା ମଞ୍ଚର ତାଙ୍କ ସହଯାତ୍ରୀ ବନ୍ଧୁମାନେ ଦ୍ୱିଗୁଣିତ ଉତ୍ସାହରେ ଭାଷା ସୁରକ୍ଷା ମଞ୍ଚର ରଣକୌଶଳ ବା Strategy ବଦଳାଇଲେ। ଦୂରଦ୍ରଷ୍ଟା ଫକୀର ମୋହନ ସ୍ପଷ୍ଟ ଦେଖିପାରୁଥିଲେ, ସରକାରୀ ହୁକୁମନାମାର ଅବଶ୍ୟମ୍ଭାବ୍ୟ ସୁଦୂର ପରିଣତି। ଏହା ତାଙ୍କର ଆତ୍ମଚରିତରେ ବିଶଦ ଭାବେ

ବିଶ୍ଳେଷିତ। ଏଣିକି ସ୍କୁଲ ପାଠ୍ୟକ୍ରମରୁ ମାତୃଭାଷା ଓଡ଼ିଆ ବାଦ୍‌ଦେଇ କେବଳ ବଂଗଳା ଓ ସଂସ୍କୃତ ପଢ଼ାଯିବ। ଏହାର ଭୟାବହ ପରିଣତି ହେଲା ମାତୃଭାଷା ଓଡ଼ିଆର ବିକଳ୍ପ ହେବ ବଂଗଳା, ବଂଗଳା ନ ପଢ଼ିଲେ, ନ ଜାଣିଲେ ଭବିଷ୍ୟତ ଅନ୍ଧକାରମୟ, ସରକାରୀ ଚାକିରି ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ଓଡ଼ିଆମାନେ କେବଳ ଚିରଦିନ ପାଇଁ ବଞ୍ଚିତ ହେବେ। ସର୍ବୋପରି ସମୃଦ୍ଧତମ ନିଜ ମାତୃଭାଷା ମହକ ଓ ମହତ୍ତ୍ୱ ଉପଲବ୍ଧି କରିପାରିବେନି। ସେଥିପାଇଁ କଟେରୀର ଶିକ୍ଷିତ ଅମଲାଙ୍କ ସମେତ, ସଚେତନ ଓଡ଼ିଆ ନାଗରିକଙ୍କ ଦସ୍ତଖତ ସଂବଳିତ ଦରଖାସ୍ତ, ଗଭର୍ଣ୍ଣମେଣ୍ଟରେ ଉପସ୍ଥାପିତ କରିବା ପାଇଁ, ବାଲେଶ୍ୱର କଲେକ୍ଟର ମହୋଦୟଙ୍କୁ ଦିଆଗଲା। ସୌଭାଗ୍ୟକୁ ସେତେବେଳେ କଲେକ୍ଟର ଥିଲେ ଜନ୍‌ବିମ୍‌ସ୍। ସେ ଜଣେ ବିଶିଷ୍ଟ ଭାଷାବିତ୍ ବୋଲି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ହୋଇସାରିଥିଲେ। ପେଷାରେ ସିଭିଲ୍ ସର୍ଭିସ୍ କରୁଥିଲେ ମଧ୍ୟ ନିଶା ଓ ଅଭିରଚିରେ ଭାଷାବିଜ୍ଞାନୀ ଥିଲେ। ୧୮ ମାସ କଠୋର ପରିଶ୍ରମ କରି ସେ Comparative Grammar of the Modern Aryan Languages of India ଶୀର୍ଷକ ଯୁଗାନ୍ତକାରୀ ପୁସ୍ତକ ପ୍ରଣୟନ କଲେ। ୧୮୭୨ ଖ୍ରୀଷ୍ଟାବ୍ଦରେ ଏହା ଲଣ୍ଡନରେ ପ୍ରକାଶିତ ହେବା ପରେ, ଭାଷା ଓ ବ୍ୟାକରଣ ଜଗତରେ ଚହଳ ପକାଇଥିଲା। ଅଧିକାଂଶ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଏହା ପାଠ୍ୟ ପୁସ୍ତକର ମାନ୍ୟତା ପାଇଥିଲା। ଓଡ଼ିଆ ସମେତ ୧୪ଟି ଭାଷା ଉପରେ ଗବେଷଣାର ଏହା ଥିଲା ଫଳଶ୍ରୁତି। ସଂଯୋଗ ବଶତଃ ବ୍ୟାସକବି ଫକୀର ମୋହନ ଥିଲେ ତାଙ୍କର ଓଡ଼ିଆ ଭାଷାଶିକ୍ଷଣର ଶିକ୍ଷାଗୁରୁ। ଫକୀର ମୋହନଙ୍କ ସଂପର୍କରେ ତାଙ୍କର ମନ୍ତବ୍ୟ ଥିଲା, ସେ ଜଣେ ଦେଶହିତୈଷୀ, ଭାଷାବିତ୍ ଓ ପ୍ରତିଭାଦୀପ୍ତ ବିଦ୍ୱାନ ପଣ୍ଡିତ। ଓଡ଼ିଆରେ ସର୍ଜନାତ୍ମକ ଲେଖାଲେଖି ପାଇଁ ଜନ୍‌ବିମସ୍ ହିଁ ପ୍ରେରଣା ଦେଉଥିଲେ।

ଦରଖାସ୍ତ ପାଇଲାକ୍ଷଣି, ଭାଷାବିତ୍ ବିମ୍‌ମ ସାହେବ ଅନୁକୂଳ ମତାମତ ସହ ଓଡ଼ିଶା ଡିଭିଜନର କମିଶନର ଟି. ରେଭେନ୍ସାଙ୍କ ପାଖକୁ ପଠାଇ ଦେଲେ। ଏଥିସହ ଓଡ଼ିଆ ଭାଷା-ସାହିତ୍ୟ ଉପରେ ଟିପ୍ପଣୀ ଦେଇ ଭାଷାବିତ୍ ବିମ୍‌ସ ସାହେବ ଲେଖିଥିଲେ, "ଓଡ଼ିଆ ଭାଷା କସ୍ମିନ୍‌କାଳେ ବଙ୍ଗଳାର ଉପଭାଷା ବା ପ୍ରତିରୂପ ନୁହେଁ। ଏହା କେବଳ ବଙ୍ଗଳା ନୁହେ, ଭାରତୀୟ ଆର୍ଯ୍ୟଭାଷା ମଧ୍ୟରେ ପ୍ରାଚୀନତମ। ଏହି ଭାଷାରେ ତାଳପତ୍ର ଲିଖିତ ବହୁ କାବ୍ୟଶାସ୍ତ୍ର ଗଚ୍ଛିତ ଅଛି। ଏଇ ସୁପ୍ରାଚୀନ, ଆଭିଜାତ ଭାଷାକୁ ଉଚ୍ଛେଦ କରିବା ଅନୁଚିତ। ପକ୍ଷାନ୍ତରେ ମାତୃଭାଷା ରୂପେ ପ୍ରଶାସନ ଓ ଶିକ୍ଷାକ୍ଷେତ୍ରରେ ଏହାକୁ ପ୍ରୋତ୍ସାହନ ମିଳିବା ଉଚିତ୍।" ଓଡ଼ିଶାର କମିଶନର୍ ଟି. ରେଭେନ୍ସା ମହୋଦୟ ମଧ୍ୟ ଓଡ଼ିଆ ଓ ଓଡ଼ିଶାପ୍ରେମୀ ପ୍ରଶାସକ ଭାବେ ଏହି ଦରଖାସ୍ତ ଅନୁମୋଦନ କରି ଗଭର୍ଣ୍ଣମେଣ୍ଟ୍‌କୁ ଆବଶ୍ୟକୀୟ ଅନୁକୂଳ ପଦକ୍ଷେପ ନେବା ପାଇଁ ସୁପାରିଶ୍ କଲେ।

ଗଭର୍ଣ୍ଣମେଣ୍ଟ ମାତୃଭାଷା ଓଡ଼ିଆକୁ ଏକ ମୌଳିକ, ସ୍ୱତନ୍ତ୍ର ଭାଷା ଭାବେ ସ୍ୱୀକୃତି ଦେବା ସଂଗେ ସଂଗେ ଓଡ଼ିଶାର ସମସ୍ତ ସ୍କୁଲରୁ ବଙ୍ଗଳା ଉଠାଇବା ଏବଂ ଓଡ଼ିଆ ଭାଷାର ବହୁଳ ପ୍ରସାର ପାଇଁ ସ୍ଥାନେ ସ୍ଥାନେ ସଂପୂର୍ଣ୍ଣ ଓଡ଼ିଆ ପାଠ୍ୟକ୍ରମ ପ୍ରବର୍ତ୍ତିତ କରି ସ୍କୁଲମାନ ଖୋଲାଯାଉ।

ପ୍ରାତଃସ୍ମରଣୀୟ ଭାଷାବିତ୍ କଲେକ୍ଟର ବିମ୍‌ସ ସାହେବ ଓ ଉତ୍କଳବତ୍ସଳ ଟି. ରେଭେନ୍ସାଙ୍କ ଓଡ଼ିଆ ଭାଷାକୁ ସୁନିଶ୍ଚିତ ମୃତ୍ୟୁ ସଙ୍କଟରୁ ଉଦ୍ଧାର କଲେ। ଏକ ମର୍ଯ୍ୟାଦାବନ୍ତ ଭାଷାର ମାନ୍ୟତା ପାଇଲା ଓଡିଆ। କାନ୍ତିଚନ୍ଦ୍ରଙ୍କ ଚକ୍ରାନ୍ତ ପଣ୍ଡ ହେଲା ଓ ଗଭର୍ଣ୍ଣମେଣ୍ଟଙ୍କ ନିଷ୍ପତ୍ତି ପାଖରେ ମୁଣ୍ଡ ନୁଆଇଁ ସେ ଲେଖିଲେ "ଉଡ଼ିଷ୍ୟାୟ ଏଖନ ଆର୍ ବାଂଲା ଭାଷା ପ୍ରଚଳିତ ନାଇ। କି ବିଦ୍ୟାଳୟ କି ଅଦାଲତ ସର୍ବତ୍ର ଉତ୍କଳ ଭାଷା ଲିଖିତ ଓ କଥିତ ହୟ। ଗଭର୍ଣ୍ଣମେଣ୍ଟ ବିଦ୍ୟାଳୟ ସକଲେର ସଂସ୍ଥାପନ ଅବଧି, ଏ ସମସ୍ତ ବାଂଲା ଭାଷାର ପ୍ରଚଳନ ଛିଲ। ସଂପ୍ରତି ମାନ୍ୟବର କମିଶନର୍ ସାହେବର ବିଜ୍ଞାପନ ଅନୁସାରେ ବାଂଲା ଉଠିଆ ଗିୟା, ଉଡ଼ିଆ ଭାଷା ପ୍ରଚଳିତ ହଇୟାଛେ।" ଭାଷା ବିଲୋପ ଚକ୍ରାନ୍ତ ଜନିତ ବିପର୍ଯ୍ୟୟରୁ ହିଁ ଓଡ଼ିଆ ଭାଷା ବିବର୍ଦ୍ଧନ, ସଂସ୍ଥାପନ ଓ ନବସର୍ଜନାର ପ୍ରେରଣା ପାଇଲା। ପ୍ରଶାସନର ମାଧ୍ୟମ ହେଲା। ଭକ୍ତକବି ମଧୁସୂଦନ ରାଓ ବ୍ୟାସକବି ଫକୀର ମୋହନ ସେନାପତି ଓ କବିବର ରାଧାନାଥ ରାୟ ଉଚ୍ଚକୋଟିର ପାଠ୍ୟପୁସ୍ତକ ପ୍ରଣୟନ କଲେ। କେବଳ ସେତିକି ନୁହେଁ, ଓଡ଼ିଆ କଥାସାହିତ୍ୟ, କାବ୍ୟସାହିତ୍ୟରେ ନୂତନ ଯୁଗ ପ୍ରବର୍ତ୍ତିତ ହେଲା। ନଅଙ୍କ ଦୁର୍ଭିକ୍ଷକୁ ପ୍ରେକ୍ଷାପଟ୍ଟରେ ରଖି ବହୁ ପ୍ରତିଷ୍ଠିତ ଓ ନବାଗନ୍ତୁକ ଲେଖକଙ୍କର ଲେଖନୀ ଚାଳନାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ଓ ବିବର୍ଦ୍ଧିତ ହେଲା।

ବିନମ୍ର କୃତାଞ୍ଜଳି
ବ୍ୟାସକବି ଫକୀର ମୋହନ ସେନାପତି
ଉତ୍କଳମଣି ଗୋପବନ୍ଧୁ ଦାସ
ପଣ୍ଡିତ ନୀଳକଣ୍ଠ ଦାସ
ଲୋକରତ୍ନ କୁଞ୍ଜବିହାରୀ ଦାଶ
ବରେଣ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି
ଭାଷତତ୍ତ୍ୱବିତ୍ ଡ.ବିଜୟ ପ୍ରସାଦ ମହାପାତ୍ର
ସମାଲୋଚକ ଶିଶିର ମିଶ୍ର
ସ୍ରଷ୍ଟା ସମାଲୋଚକ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ
ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ
ଡ. ପ୍ରଫେସର ନୃସିଂହ ଚରଣ ପଣ୍ଡା
କଥାକାର ଡ. ଇନ୍ଦ୍ରମଣି ଜେନା
ସ୍ରଷ୍ଟା ସମ୍ପାଦକ ଡ. ପୀତବାସ ରାଉତରାୟ
ସଂକଳନ-ସ୍ରଷ୍ଟା ମଞ୍ଜୁବାଳା ଦାସ

୯୬୬ ବି, ପ୍ରକୃତି ବିହାର, ବରମୁଣ୍ଡା
ଭୁବନେଶ୍ୱର, ୭୫୧୦୦୩
ମୋ - ୯୪୩୭୫୬୭୫୦୦

୫୦୯

# ବିବର୍ତ୍ତନର ଧାରା

*ଅଭିରାମ ବେହେରା*

ବିବର୍ତ୍ତନ ହେଉଛି ଏକ ବିଜ୍ଞାନ ସମ୍ବନ୍ଧୀୟ ଶବ୍ଦ । ଏହି ଶବ୍ଦର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି କ୍ରମବିକାଶ ବା କ୍ରମପରିବର୍ତ୍ତନ । ଉଭିଦ ହେଉ କିମ୍ବା ପ୍ରାଣୀ ହେଉ ସେମାନଙ୍କର ସୃଷ୍ଟି ଆରମ୍ଭରୁ କ୍ରମଶଃ ପରିବର୍ତ୍ତିତ ହୋଇ ବର୍ତ୍ତମାନର ଉନ୍ନତ ଅବସ୍ଥାରେ ପହଞ୍ଚିଛନ୍ତି ବୋଲି ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏହି କ୍ରମ ପରିବର୍ତ୍ତନ ଯୋଗୁଁ କାଳକ୍ରମେ ସରଳରୁ ଜଟିଳ ଓ ଉନ୍ନତ ଜୀବ ସୃଷ୍ଟି ହୋଇଛନ୍ତି । ଜୀବମାନଙ୍କର ଏହି କ୍ରମ ପରିବର୍ତ୍ତନ ପ୍ରକ୍ରିୟାକୁ ଜୈବ ବିବର୍ତ୍ତନ କୁହାଯାଏ ।

ଆମ ପୃଥିବୀରେ ଜଳ, ସ୍ଥଳ ଓ ବାୟୁମଣ୍ଡଳ ଘେରି ରହିଛି । ଏହି ପୃଥିବୀରେ କିଛି ଜୀବଜଗତ ରହିଛି ଏବଂ ଆଉ କେତେକ ନିର୍ଜୀବ ପଦାର୍ଥ ରହିଛି ଯାହାକୁ ଆମେ ବସ୍ତୁ କହିଥାଉ । ଉପଯୁକ୍ତ ବାତାବରଣ ନ ଥିଲେ ଜୀବଜଗତ ବଞ୍ଚିବା ଏବଂ ବଂଶବିସ୍ତାର କରିବ ସମ୍ଭବ ନୁହେଁ । ପ୍ରାଣୀ ହେଉ କିମ୍ବା ଉଭିଦ ହେଉ ଉପଯୁକ୍ତ ଖାଦ୍ୟ, ପାନୀୟ, ଅନୁକୂଳ ଜଳବାୟୁ ଓ ରହିବାର ସୁବିଧା ପାଏ, ତାହେଲେ ସେଠାରେ ରହି ସେ ବୃଦ୍ଧିପାଏ ଏବଂ ବଂଶବିସ୍ତାର କରେ । ଜୀବ ବଞ୍ଚିରହିବା ପାଇଁ ଏହି ନିର୍ଦ୍ଦିଷ୍ଟ ପ୍ରାକୃତିକ ବାସସ୍ଥଳୀକୁ 'ପରିସ୍ଥାନ' ବା ଐବଭସଗ୍ଧ କୁହାଯାଏ । ବାଘ, ଭାଲୁ, ହାତୀ ଜଙ୍ଗଲରେ ରୁହନ୍ତି । ଚଢ଼େଇ, ପକ୍ଷୀ ଗଛ ଉପରେ ରହେ, ଓଟ ମରୁଭୂମିରେ ବାସକରେ, ମାଛ ପାଣି ଭିତରେ ନିଜର ବାସସ୍ଥଳୀ କରିଥାଏ । ତେଣୁ ବାତାବରଣ ଅଭାବ ହେଲେ ବିଭିନ୍ନ ଜୀବଗୁଡ଼ିକ ବଞ୍ଚିପାରିବେ ନାହିଁ । ମାଛକୁ ପାଣି ଭିତରୁ ବାହାର କରି ଖୋଲା ମାଟିରେ ରଖିଦେଲେ କିଛି ସମୟ ପରେ ସେ ମରିଯିବ । ଏକଶତରୁ ଦୁଇଶତ ନିୟୁତ ବର୍ଷ ପୂର୍ବେ ଆମ ପୃଥିବୀ ପୃଷ୍ଠରେ ଡାଇନୋସେରସ୍ ନାମକ ଏକ ବିରାଟକାୟ ପ୍ରାଣୀ ଦୀର୍ଘଦିନ ଧରି ଆଧିପତ୍ୟ ବିସ୍ତାର କରି ରହି ପାରିଥିଲେ । ସେମାନେ ବଞ୍ଚିବା ପାଇଁ ପ୍ରତିକୂଳ ଅବସ୍ଥା ସୃଷ୍ଟି ହେବାପରେ ଡାଇନୋସରସ୍ ଆଜି ଏ ପୃଥିବୀ ବକ୍ଷରୁ ସମ୍ପୂର୍ଣ୍ଣ ଲୋପ ହୋଇଯାଇଛି ।

ମହାନ ଜୈବ ବୈଜ୍ଞାନିକ ଡକ୍ଟର ଚାରଲସ୍ ଡାରୱିନ୍ ଏପ୍ ମାନବରୁ ଆଜିର ଆଧୁନିକ ମଣିଷ ପର୍ଯ୍ୟନ୍ତ ଯେଉଁ ପରିବର୍ତ୍ତନ ଘଟିଛି ତାକୁ ସେ ୧୮୫୯ ମସିହାରେ ଏକ ତତ୍ତ୍ୱ ଭାବରେ ଆବିଷ୍କାର କରିଛନ୍ତି । ଆମ ପୃଥିବୀରେ କୋଟି କୋଟି ବର୍ଷ ତଳେ ମାନବ ଭାବରେ କେତେକ ଜଙ୍ଗଲ ମଣିଷ ବାସ କରୁଥିଲେ । ଏହି ଏପ୍‌ମାନଙ୍କରୁ ବିବର୍ତ୍ତନ ଜରିଆରେ କ୍ରମବିକାଶ ଘଟି ଆଜି ଯେଉଁ ଆଧୁନିକ ମଣିଷ ଆମେ ଦେଖୁଛନ୍ତି ତାହାହିଁ ବିବର୍ତ୍ତନବାଦ ବୋଲି ବୈଜ୍ଞାନିକମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ।

ଏପ୍ ମଣିଷ ଘନ ଜଙ୍ଗଲ ମଧ୍ୟରେ ପଡ଼ିଥିବା ଫୁଲ ଫଳ କିମ୍ବା ପତ୍ରକୁ ଖାଇଛି । ସେ ଏ ଡାଳକୁ ସେ ଡାଳ ଡେଇଁ ଖାଦ୍ୟ ସଂଗ୍ରହ କରିଛି । ତା ଶରୀର ମଧ୍ୟରେ ସୃଷ୍ଟି ହୋଇଥିବା ଭୋକକୁ ସେ ଅନୁଭବ କରିଛି । ଏଭଳି ଖାଦ୍ୟ ସଂଗ୍ରହ କରି ଖାଇବା, ବଞ୍ଚିବା ପରେ ସେ ଦେଖିଛି ଖାଦ୍ୟ, ଫୁଲ ଫଳ, ଜଙ୍ଗଲ ମଧ୍ୟରେ ଆଉ ପାଉନାହିଁ । ତାର ଭୋକକୁ ମେଣ୍ଟାଇବା ପାଇଁ ଜଙ୍ଗଲରେ ଘୂରି ବୁଲିଛି । ଖାଦ୍ୟ ପାଇଁ ଖୋଜି ବୁଲିଛି । କିଛିଦିନ ପରେ ପୁଣି ଜଙ୍ଗଲରେ ଫୁଲ, ଫଳ, ଭରି ଉଠିଛି । ପୁଣି କିଛିଦିନ ପରେ ଫଳ ସବୁ ସରି ଯାଉଛି । ପ୍ରକୃତି ଦ୍ୱାରା ଗଛରେ ନୂଆନୂଆ ଫୁଲଫଳ ଭରି ଉଠିଛି । ମଣିଷ ମନ ଭିତରେ ବିଭିନ୍ନ ପ୍ରକାର ଋତୁ ପରିବର୍ତ୍ତନ ସମ୍ପର୍କରେ ଜ୍ଞାନ ଉଦୟ ହୋଇଛି । ଗ୍ରୀଷ୍ମ ଋତୁରେ ଗ୍ରୀଷ୍ମ, ବର୍ଷାଦିନ ଗୁଡ଼ିକରେ ବର୍ଷା ଓ ଶୀତ ଦିନର ଶୀତ, କାକରକୁ ସେ ଉପଲବ୍ଧି କରିପାରିଛି । ଫଳରେ ଋତୁଚକ୍ର ସମ୍ପର୍କରେ ଚେତନା ସୃଷ୍ଟି ହୋଇଛି ।

ଲକ୍ଷଲକ୍ଷ ବର୍ଷ ଧରି ବଣ ଓ ଜଙ୍ଗଲରେ ଖାଦ୍ୟ ଖାଇ ବଞ୍ଚି ରହିବା ଭିତରେ ସେମାନେ ଅନୁଭବ କଲେ ଯେ ଭୂପ୍ରକୃତିର ବିବର୍ତ୍ତନ ଫଳରେ ଗଛ ସବୁ ମରିଯାଉଛି । ଘଞ୍ଚ ଜଙ୍ଗଲ ସବୁ ପତଳା ହୋଇଯାଉଛି । ବଡ଼ବଡ଼ ଫଳଗଛ କମିଯିବା ଫଳରେ ଛୋଟଛୋଟ ବୁଦୁବୁଦୁକିଆ ଜଙ୍ଗଲ ଏବଂ ବିଶାଳ ବୃକ୍ଷହୀନ ତୃଣଭୂମିକୁ ବୁଲିବୁଲି ଖାଦ୍ୟ ସଂଗ୍ରହ କରିଛି । ବଡ଼ବଡ଼ ଫଳଗଛ ନାହିଁ । ଖାଦ୍ୟର ଅଭାବ ଦେଖାଦେଇଛି । ବଞ୍ଚିବା ପାଇଁ ଉପାୟ ଚିନ୍ତା କରିଛନ୍ତି ସମତଳ ଅଞ୍ଚଳରେ ମାଟି ତଳେ ଥିବା ଖାଦ୍ୟକୁ ନିଜର ସରୁସରୁ ଆଙ୍ଗୁଠି ଓ ନଖ ସାହାଯ୍ୟରେ ନରମ ମାଟିକୁ ଖୋଳି କଅଁଳିଆ ଚେର ମୂଳକୁ ବାହାର କରିଛନ୍ତି । ତା' ମଧ୍ୟରୁ ଯାହା ଭଲ ଲାଗିଲା ତାକୁ ଖୋଳି ଖାଇବାରେ ଲାଗିଲେ । ପ୍ରଥମେ ଫୁଲ, ଫଳ ଖାଉଥିଲେ, କଞ୍ଚାପତ୍ର ସବୁ ଖାଉଥିଲେ, ଏବେ ନୂଆ ଚେରମୂଳ ପାଇଲେ ତାକୁ ଖାଇଲେ । ଏପ୍ ମାନବମାନଙ୍କ ଖାଦ୍ୟ ତାଲିକାରେ ଫୁଲ, ଫଳ ଓ ପତ୍ର ସହିତ ଚେର ମୂଳକୁ ଯୋଡ଼ିଲେ ।

ଏପ୍ ମଣିଷ ଚାରି ପାଦରେ ଚାଲିଚାଲି ଭୂଇଁ ଉପରେ ପଡ଼ିଥିବା ଖାଦ୍ୟ ବା ଫୁଲ ଫଳକୁ ଉଠାଇ ଖାଉଥିଲା । ସମୟ ସମୟରେ ସେ ମାଟି ଉପରେ

ଖାଦ୍ୟ ପାଇନାହିଁ ଗଛ ଡାଳରେ ଓହଳି ରହିଥିବା ଫୁଲଫଳକୁ ସେ ଦେଖିଛି ତାକୁ ସେ ଡାଳରୁ ତୋଳିବା ପାଇଁ ଚେଷ୍ଟା କରିଛି। ପଶୁ ବଡ଼ ପାଦ ଦୁଇଟିରେ ଭରାଦେଇ ଛୋଟ ପାଦର ପାପୁଲି ସାହାଯ୍ୟରେ ଫୁଲ ଫଳକୁ ତୋଳିଛି। ତାକୁ ଖାଇଲା ପରେ ଚାରି ପାଦରେ ପୁଣି ଚାଲିଛି। ଏଭଳି ଲକ୍ଷଲକ୍ଷ ବର୍ଷ ଚାଲିବା ମଧ୍ୟରେ ସେ ଧୀରେ ଧୀରେ ପଛର ଦୁଇଟି ବଡ଼ ପାଦରେ ସିଧା ହୋଇ ଠିଆ ହେବାକୁ ଚେଷ୍ଟା କରିଛି।

ବୈଜ୍ଞାନିକମାନଙ୍କ ଗବେଷଣାର ସିଦ୍ଧାନ୍ତ ଅନୁସାରେ ଆମ ସୌରମଣ୍ଡଳ ମଧ୍ୟରେ ପୃଥିବୀର ସୃଷ୍ଟି ପ୍ରାୟ ୫୦୦ କୋଟି ବର୍ଷ ପୂର୍ବର। ଏହି ଉତ୍ପତ୍ତି ବାଷ୍ପୀୟ ପୃଥିବୀ ଧୀରେଧୀରେ ଶୀତଳ ହୋଇ କଠିନ, ବାଲି ପଥର ପାହାଡ଼, ପର୍ବତ, ନଦୀ, ସାଗର, ମହାସାଗରରେ ପରିଣତ ହୋଇଛି। ଏହାର ଚତୁଃପାର୍ଶ୍ୱରେ ଅଦୃଶ୍ୟ ଭାବରେ ଉଦ୍‌ଯାନ, ଅମ୍ଳଜାନ, ଅଙ୍ଗାରକାମ୍ଳ ବାଷ୍ପ ମିଳିତ ହୋଇ ବାୟୁମଣ୍ଡଳ ଘେରି ରହିଛି। ଭୂପୃଷ୍ଠରେ ୫ ଭାଗ ମଧ୍ୟରୁ ୩ ଭାଗ ହେଉଛି ଜଳ ଓ ଏକ ଭାଗ ସ୍ଥଳ ଭାବରେ ପୃଥିବୀକୁ ଘେରି ରହିଛି। ୫ କୋଟି ବର୍ଷ ତଳେ ପୃଥିବୀ ପୃଷ୍ଠରେ ଘଞ୍ଚ ଜଙ୍ଗଲ ମଧ୍ୟରେ ମଣିଷ ବାସ କରୁଥିଲା। ଏହି ମଣିଷମାନଙ୍କୁ 'ଏପ୍ ମାନବ' ବା ଜଙ୍ଗଲ ମଣିଷ ଭାବରେ ନାମିତ କରାଯାଇଛି। ଏହି ଏପ୍ ମାନବମାନଙ୍କର ଦେହସାରା ଲମ୍ୱଲମ୍ୱ ଘଞ୍ଚ ଲୋମ ଦ୍ୱାରା ଆବୃତ୍ତ ହୋଇଥିଲା। ସେମାନଙ୍କର କାନଗୁଡ଼ିକ ବହୁତ ଛୋଟଛୋଟ ଥିଲା। ପୁରୁଷ ମାନବ ଓ ସ୍ତ୍ରୀ ମାନବମାନଙ୍କର ମୁହଁରେ ନିଶ ଦାଢ଼ୀ ଥିଲା। ଏପ୍‌ମାନଙ୍କ ଜଙ୍ଗଲ ମଧ୍ୟରେ ଚାରିପାଦରେ ଚଲାବୁଲା କରୁଥିଲେ। ଜଙ୍ଗଲ ପଶୁ ଓ ଏପ୍ ମାନବ ମିଶିକରି ଜଙ୍ଗଲରେ ବାସ କରୁଥିଲେ। ଜଙ୍ଗଲ ଗଛମାନଙ୍କରେ ଏ ଡାଳରୁ ସେ ଡାଳକୁ ଡିଆଁଡେଇଁ କରୁଥିଲେ। ଜଙ୍ଗଲରେ ତଳେ ପଡ଼ିଥିବା ଫୁଲଫଳ, କଞ୍ଚାପତ୍ର ସବୁ ଖାଉଥିଲେ ବର୍ଷସାରା। ପ୍ରକୃତିର ବର୍ଷା, ଶୀତ, କାକର ସବୁ ଲାଗି ରହିଥିଲା। ଏମାନେ ମଧ୍ୟ ଅନ୍ୟାନ୍ୟ ପଶୁପକ୍ଷୀ ଭଳି ଶୀତ, କାକର, ବର୍ଷାରେ ଭିଜିଭିଜି ସଢୁଥିଲେ। ସକାଳ ସୂର୍ଯ୍ୟ ଉଦୟ ହେଲେ ଖରାକୁ ପିଠି ଦେଖାଇ ଉଷୁମ ପାଉଥିଲେ। ଭୀଷଣ ଗ୍ରୀଷ୍ମ ବେଳେ ଏହି ମଣିଷମାନେ ଜଙ୍ଗଲ, ଗଛ ଛାଇରେ ଆଶ୍ରୟ ନେଇଯାଉଥିଲେ। ଘଞ୍ଚ ଜଙ୍ଗଲରେ ଫଳ, ମୂଳ, ଫୁଲ, ପତ୍ର ଯାହା ଭଲ ଲାଗୁଥିଲା ତାକୁ ଖାଇ ବଞ୍ଚି ଯାଉଥିଲେ। ପଶୁ ପକ୍ଷୀଙ୍କ ଭଳି ଜନନ ପ୍ରକ୍ରିୟା ଜରିଆରେ ନିଜ ନିଜର ବଂଶ ବୃଦ୍ଧି କରି ଚାଲିଥିଲେ। ଜଙ୍ଗଲର ଚାରିପାଦ ଥିବା ବାଘ, ସିଂହ, ହାତୀ, ଗାଇ, ମଇଁଷି, ହରିଣ ଭଳି ଚାରି ପାଦରେ ହିଁ ଚାଲୁଥିଲେ। ଲକ୍ଷଲକ୍ଷ ବର୍ଷ ଧରି ଏପ୍ ମାନବ ଏହି ଭଳି ଜୀବନ ବିତାଇ ଚାଲିଥିଲେ।

**ନିଆରା ମଣିଷ :**

ପୃଥିବୀ ପୃଷ୍ଠରେ ପ୍ରାୟ ୧୦ ଲକ୍ଷ ଜୀବ ଓ ୫ ଲକ୍ଷ ଉଦ୍ଭିଦ ତିଷ୍ଠି ରହିଛନ୍ତି। ସେମାନଙ୍କ ମଧ୍ୟରେ ମଣିଷ ହେଉଛି ସମ୍ପୂର୍ଣ୍ଣ ନିଆରା। ମଣିଷମାନଙ୍କ ମଧ୍ୟରେ ଏପରି ଏକ ଶକ୍ତି ରହିଛି। ସେ ଶକ୍ତି ହେଉଛି ମସ୍ତିଷ୍କର ଚିନ୍ତା, ଭାବନାର ଶକ୍ତି। ମଣିଷ ଯାହା ତାର ଆଖି ସାହାଯ୍ୟରେ ଦେଖୁଛି, ଯାହା ଶୁଣୁଛି ତାର ପଞ୍ଚ ଇନ୍ଦ୍ରିୟ ଦ୍ୱାରା ଉପଲବ୍ଧିକୁ ଗଭୀର ଭାବରେ ଚିନ୍ତା କରି ତାକୁ ତାର ମତାମତ ପ୍ରକାଶ କରିପାରୁଛି। The Environemnt Creates the Thought – ଏହି ଚିନ୍ତା, ଭାବନାକୁ ଆପ୍ ମନୁଷ୍ୟ କିଛିକିଛି ଅନୁଭବ କରିପାରିଛି।

**ଦୁଇ ପାଦରେ ଛିଡ଼ା ହୋଇଛି :**

ଏପ୍ ମାନବ ସବୁ ପଶୁଙ୍କ ଭଳି ଚାରିପାଦରେ ଚାଲୁଥାଏ। କ୍ରମେକ୍ରମେ ଆଗ ପାଦର ଛୋଟ ଦୁଇଟି ପାଦରେ ଫୁଲଫଳକୁ ଗୋଟାଇ ଆଣି ଖାଉଛି। ଏପ୍ ମଣିଷଟି ନୂଆନୂଆ କଥା ଚିନ୍ତା କରିଛି ଦୁଇଟି ବଡ଼ ପାଦରେ ସିଧା ହୋଇ ଠିଆ ହେବାକୁ ଚିନ୍ତା କରିଛି। ତାକୁ ନୂଆ ବାଟଟି ମିଳିଯାଇଛି। ତାର ଦୁଇଟି ବଡ଼ ପାଦକୁ ଚାଲିବା ପାଇଁ ବ୍ୟବହାର କରି ଛୋଟ ପାଦଟିକୁ ଚାଲିବା କାର୍ଯ୍ୟରୁ ମୁକ୍ତ କରିଦେଇଛି। ଧୀରେଧୀରେ ସେ ସିଧା ହୋଇ ଠିଆ ହୋଇଛି। ସେହି ଦୁଇ ପାଦରେ ସେ ଧୀରେଧୀରେ ଚାଲିବା ଆରମ୍ଭ କରିଛି। ଯାହା ଚିନ୍ତା କରୁଥିଲା ଏଥିରେ ମଧ୍ୟ ସେ ସଫଳ ହୋଇଛି। ଏପ୍ ବାନର ଯଦି ତାର ପଛ ପାଦ ଦୁଇଟିରେ ସିଧା ଭାବେ ଠିଆ ହୋଇ ନଥାନ୍ତା, ତାହେଲେ ତାର ଉତ୍ତରାଧିକାରୀ ମଣିଷ ଆଜି ମଧ୍ୟ ଚାରିପାଦରେ ଚାଲିବାକୁ ବାଧ୍ୟ ହୋଇଥାନ୍ତା। ଅନ୍ୟ ପଶୁମାନଙ୍କ ଭଳି ଚାରିପାଦରେ ଚାଲି ମୁଣ୍ଡ ତଳକୁ କରି ଚାଲିଥାଆନ୍ତା। ଫଳରେ ସେ ତାର ଚାରିପାର୍ଶ୍ୱର ଦୁନିଆକୁ କିଛି ଦେଖିପାରନ୍ତା ନାହିଁ। ସେହି ପଶୁ ବା ଚତୁଷ୍ପଦ ପ୍ରାଣୀର ମସ୍ତିଷ୍କ ଭଳି ଅନୁନ୍ନତ ଅବସ୍ଥାରେ ହିଁ ରହିଯାଇଥାନ୍ତା।

**ମୁକ୍ତ ହାତ :**

ଏପ୍ ମଣିଷଟି ସିଧା ହୋଇ ଚାଲିଲା। ତାର ଆଗ ପାଦ ଦୁଇଟିକୁ ଫଳଫୁଲ ଗଛରୁ ତୋଳିବା, ତଳେ ପଡ଼ିଥିବା ଖାଦ୍ୟ ଜିନିଷକୁ ଉଠାଇ ଖାଇବା, ଇତ୍ୟାଦି ବିଭିନ୍ନ କାର୍ଯ୍ୟରେ ବିନିଯୋଗ କଲା। ତାର ହାତର ଆଙ୍ଗୁଠିଗୁଡ଼ିକ ତାକୁ ଗଛ ଡାଳକୁ ଧରି ଝୁଲିବା, ତଳୁ ଖାଦ୍ୟ ଉଠାଇବାରେ ସାହାଯ୍ୟ କଲା। ବୁଢ଼ା ଆଙ୍ଗୁଠିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଲା। ଗଛର ପତ୍ର ଫୁଲ ତୋଳିପାରିଲା। ଡାଳକୁ ଭାଙ୍ଗିପାରିଲା। ଧୀରେଧୀରେ ହାତର ଉଲ୍ଲେଖନୀୟ ପରିବର୍ତ୍ତନମାନ ଘଟିଲା। ମଣିଷର ଆଗ ପାଦକୁ ହାତ ଭାବରେ ବ୍ୟବହାର କରି 'ମୁକ୍ତହାତ'ଟି ଅନେକ ଶ୍ରମ ସୃଷ୍ଟି କରିପାରିଲା। ଫଳରେ ମଣିଷଟିର ସମ୍ପୂର୍ଣ୍ଣ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ସହିତ ବିଶେଷ ଭାବରେ ମସ୍ତିଷ୍କର ବିକାଶରେ ସହାୟକ ହେଲା। ମଣିଷ ସିଧା ହୋଇ ଠିଆ ହେବା ପାଦରେ ଚାଲିବା, ତଳକୁ ଥିବା ହାତକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରି ଶ୍ରମଶକ୍ତି ସୃଷ୍ଟି କରିବା ମଣିଷ ଶରୀର ଓ ଜୀବ ଦେହରେ ଯେଉଁ ବୈପ୍ଳବିକ ପରିବର୍ତ୍ତନମାନ ଘଟିଲେ ତାହାହିଁ ବିବର୍ତ୍ତନ।

ବଣ ମଣିଷଗୁଡ଼ିକ ମିଳିମିଶି ଖାଦ୍ୟ ସଂଗ୍ରହ କରି ସୁରୁଖୁରୁରେ ବଞ୍ଚୁଥାଆନ୍ତି। ଦିନେ ଏକ ନୂଆ ବିପଦ ଆସି ଦେଖାଦେଲା। ଜଙ୍ଗଲ ମଧ୍ୟରୁ ଏକ ବାରହା ଆସିଗଲା। ସମସ୍ତେ ଭୟରେ ଯେ ଯୁଆଡ଼େ ଦୌଡ଼ିଲେ। ଜଣେ ବୁଢ଼ା ମଣିଷଟିଏ ଦୌଡ଼ି ପାରିଲା ନାହିଁ। ବାରହାଟି ବୁଢ଼ା ମଣିଷଟିକୁ ମାରି ଟିକିଟିକି କରିଦେଲା। ଆଉ ଦିନେ ଏକ ଗଧିଆ ଆସି ଗୋଟିଏ ଛୋଟ ପିଲାକୁ ଉଠାଇ ଜଙ୍ଗଲକୁ ନେଇ ମାରି ଖାଇଦେଲା। ସମସ୍ତେ ଏକାଠି ହୋଇ 'ଆତ୍ମରକ୍ଷା' ପାଇଁ ଚିନ୍ତା କଲେ ଜଙ୍ଗଲରୁ ଗଛ ଡାଳକୁ ଭାଙ୍ଗି ଲାଠି ତିଆରି କଲେ। ମୁନିଆ ପଥର ଖଣ୍ଡକୁ ସଂଗ୍ରହ କରି ରଖିଲେ ତାକୁ ବଡ଼ବଡ଼ ପଥର

ଦେହରେ ଘସିଘସି ଅଧିକ ଧାରୁଆ କଲେ । ଯେତେବେଳେ ବଣ ଜଙ୍ଗଲରେ ହିଂସ୍ରଜନ୍ତୁ ଆକ୍ରମଣ କରିବାକୁ ଆସିଲା, ସମସ୍ତେ ଲାଠି ଓ ଧାରୁଆ ପଥର ସାହାଯ୍ୟରେ ତାକୁ ମାରିମାରି ଘଉଡ଼ାଇ ପାରିଲେ । ଜଙ୍ଗଲର ହିଂସ୍ରଜନ୍ତୁମାନେ ସେମାନଙ୍କ ଦାନ୍ତ ଓ ନଖକୁ ବ୍ୟବହାର କରି ଶତ୍ରୁକୁ ଆକ୍ରମଣ କଲେ । ମଣିଷ କିନ୍ତୁ ଜଙ୍ଗଲରୁ ଲାଠି ଓ ମୁନିଆ ପଥରକୁ ଅସ୍ତ୍ର କରି ଶତ୍ରୁକୁ ମୁକାବିଲା କରିବା ଶିଖିଲା । ଏଠାରେ ମଧ୍ୟ ମଣିଷମାନେ ଶ୍ରମଶକ୍ତି ପ୍ରୟୋଗ କରି ଖାଦ୍ୟ ସଂଗ୍ରହ କଲେ ଓ ଶତ୍ରୁ ଆକ୍ରମଣକୁ ପ୍ରତିରୋଧ କରିପାରିଲେ ।

ମଣିଷମାନେ ଏକାଠି ବାସ କରୁଥିଲେ । ଏକାଠି ବସି ପଥରକୁ ଘସିଘସି ମୁନିଆ କରୁଥିଲେ । ସେତେବେଳେ ନିଜର ଭାବନାକୁ ଆଦାନପ୍ରଦାନ କରିବା ପାଇଁ କେତେଗୁଡ଼ିଏ ଶବ୍ଦ ବ୍ୟବହାର କଲେ । ଆସ୍ତେଆସ୍ତେ ଶବ୍ଦଗୁଡ଼ିକୁ ସୃଷ୍ଟି କରି ଭାଷା ଶିଖିବାରେ ଲାଗିଲେ ।

ବିଭିନ୍ନ ଖାଦ୍ୟ, ଶ୍ରମ ଓ ଭାଷା ପ୍ରୟୋଗ ଫଳରେ ମଣିଷ ଗୁଡ଼ିକର ମସ୍ତିଷ୍କରେ ମଧ୍ୟ ନୂଆନୂଆ ବିକାଶ ଲାଭକଲା । ମିଳିମିଶି ଏକାଠି ହୋଇ ଖାଦ୍ୟ ସଂଗ୍ରହ କଲେ । ଫଳ, ଫୁଲ, ପତ୍ର ସଂଗ୍ରହ କରି ଖାଇଲେ । ବିଭିନ୍ନ ସ୍ଥାନ ବୁଲିବା ଭିତରେ ନଦୀ ନାଳ ସବୁ ଦେଖିଲେ । ସ୍ୱଚ୍ଛ ପାଣିକୁ ପିଇବାରେ ଲାଗିଲେ । ନଦୀ ନାଳରେ ବୁଲାବୁଲି କରିବା ବେଳେ କଙ୍କଡ଼ା ଜଣେ ବ୍ୟକ୍ତିକୁ କାମୁଡ଼ିଦେଲା । ଏ ବ୍ୟକ୍ତି ରାଗରେ ସେହି କଙ୍କଡ଼ାଟିକୁ କାମୁଡ଼ିଦେଲା । ସେମାନେ ଦେଖିଲେ ଖୁବ୍ ସୁନ୍ଦର କଅଁଳିଆ କଙ୍କଡ଼ା ମାଂସ ତାଙ୍କ ପାଟିକୁ ଭାରି ସୁଆଦ ଲାଗିଲା । ସମସ୍ତେ ମିଳିମିଶି ନଦୀ ନାଳରେ କଙ୍କଡ଼ା ଖୋଜିବାରେ ଲାଗିଲେ । କଙ୍କଡ଼ା ଖୋଜିଲା ବେଳେ ମାଛ ମଧ୍ୟ ପାଇଗଲେ । ମଣିଷ ପାଣି ଭିତରୁ ମାଛ କଙ୍କଡ଼ା ଧରି ଖାଇବାବାକୁ ଶିଖିଗଲେ । ଜଙ୍ଗଲ ମଧ୍ୟରେ ଠେକୁଆ ଓ ଅନ୍ୟାନ୍ୟ ଛୋଟଛୋଟ ପ୍ରାଣୀମାନଙ୍କୁ ପାଇଲେ ତାକୁ ମାରି ଖାଇବା ଶିଖିଗଲେ ।

**ନିଆଁର ଆବିଷ୍କାର :**

ଗ୍ରୀଷ୍ମ ଋତୁରେ ଜଙ୍ଗଲ ଭିତରେ ଗଛ ସହିତ ଗଛ ଘର୍ଷଣ ହୋଇ ନିଆଁ ଲାଗିଯାଇଛି । ଜଙ୍ଗଲ ସାରା ଭୟଙ୍କର ନିଆଁ ଜଳିଛି । ନିଆଁକୁ ଦେଖି ପ୍ରଥମେ ମଣିଷ ଭୟରେ ଦୌଡୁଛି । ସେମାନେ ଦେଖୁଛନ୍ତି ଏ ନିଆଁର ଦାବାନଳରେ ଜଙ୍ଗଲ ପୋଡ଼ି ଉଷ୍ମ ହୋଇଯାଇଛି । ନିଆଁର ଉତ୍ତାପରେ ମଣିଷଗୁଡ଼ାକ ଦୌଡ଼ାଦୌଡ଼ି କରିଛନ୍ତି । ଜଙ୍ଗଲର ଅନ୍ୟ ପଶୁମାନେ ମଧ୍ୟ ଭୟରେ ଦୌଡ଼ିଛନ୍ତି । ଶୀତ ଦିନେ ନିଆଁ ତାକୁ ଉଷୁମ ଯୋଗେଇଛି । ନିଆଁ ଲିଭିଯିବା ପରେ ବଡ଼ ବଡ଼ ଗଛର ଗଣ୍ଡିଗୁଡ଼ିକ ଜଳୁଥିବାର ଦେଖିଲେ । ନିଆଁ ଲିଭିବା ପରେ ଜଙ୍ଗଲ ପଶୁ ପୋଡ଼ି ମରିପଡ଼ିଥିବାର ଦେଖିଲେ । ଯେଉଁ ପଶୁ ଗଛରେ ଲାଠି, ମୁନିଆ ପଥର ଧରି ଦୌଡ଼ିଦୌଡ଼ି ଶିକାର କରୁଥିଲେ, ସେ ପଶୁ ମରି ପଡ଼ିଥିବାର ଦେଖିଲେ । ପୋଡ଼ା ମୃତ ପଶୁର ମାଂସ ଖାଇବାରେ ଲାଗିଲେ । ସମସ୍ତେ ଅନୁଭବ କଲେ ଯେ ପୋଡ଼ି ଯାଇଥିବା ପଶୁ ମାଂସଟି ଖୁବ୍ ନରମ ଓ ସୁଆଦିଆ ଲାଗୁଛି । ସେଇ ପଶୁର ପୋଡ଼ା ମାଂସକୁ ସମସ୍ତେ ମିଳିମିଶି ଖୁବ୍ ଆନନ୍ଦରେ ନାଚ ଗୀତ କରି ମାଂସ ଖାଇବାରେ ଲାଗିଲେ । ମାଂସ ନରମ ଓ ସୁଆଦିଆ ହେତୁ ସେମାନେ ଚିନ୍ତା କରିବାରେ ଲାଗିଲେ । ଏ ପୋଡ଼ାମାଂସ କାହିଁକି ଏତେ ସୁଆଦ । ଶେଷରେ ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପୋଡ଼ା ମାଂସ ଏତେ ସୁଆଦ ଲାଗିବାର କାରଣ ହେଉଛି ନିଆଁର ପ୍ରଭାବ ।

ସେମାନେ ଏହି ଦାବାନଳ ନିଆଁକୁ କିପରି ଆୟ କରିବେ ସେ ଚିନ୍ତାରେ ଲାଗିଗଲେ । ଜଙ୍ଗଲ ପୋଡ଼ି ଧ୍ୱଂସ ହୋଇଗଲା ପରେ ଯେଉଁ ଗଛ ଗୁଡ଼ିକ ଜଳୁଥିଲା, ସେହି ଜଳନ୍ତା ନିଆଁକୁ ଶୁଖିଲା କାଠପତ୍ର ପକାଇ ଜଳାଇଲେ । ସେ ଜଳନ୍ତା ନିଆଁକୁ ଜଳାଇ ଜଳାଇ ବଞ୍ଚାଇ ରଖିଲେ । ଆମ ଦେଶରେ ବୈଦିକ ଯୁଗରେ ଯଜ୍ଞକୁଣ୍ଡରେ ଅଗ୍ନିକୁ ରକ୍ଷା କରାଯାଉଥିଲା । ସେତେବେଳେ ନିଆଁକୁ ଜଳାଇ ଜଳାଇ ରକ୍ଷା କରାଯାଉଥିଲା । ବର୍ତ୍ତମାନ ଦିଆସିଲି, ଗ୍ୟାସ୍ ଚୂଲାର ଲାଇଟ୍‌ର ଜରିଆରେ ନିଆଁ ଜଳାଇବା ପଦ୍ଧତିମାନ ମଣିଷ ଆବିଷ୍କାର କଲା । ଆଜି ମଧ୍ୟ ହୋମ, ଯଜ୍ଞ କଲାବେଳେ କେତେକ ସ୍ଥାନରେ କାଠକୁ ଘସିଘସି ନିଆଁ ଧରାଇବା ପଦ୍ଧତି ଚଳାଇ ରଖିଛନ୍ତି । ନିଆଁର ଆବିଷ୍କାର ମଣିଷମାନଙ୍କୁ ବହୁତ କିଛି ବିକାଶ ପଥକୁ ନେଇଯାଇଛି । କଞ୍ଚା ମାଂସ, ଖାଦ୍ୟକୁ ନିଆଁ ସାହାଯ୍ୟରେ ରାନ୍ଧିକରି ଖାଇବା ଶିଖିଲେ । ରନ୍ଧାଖାଦ୍ୟ ସୁଆଦିଆ ଏବଂ ସହଜରେ ହଜମ ହୋଇଯାଏ ।

ନିଆଁର ବ୍ୟବହାର ମଣିଷ ଶିଖିଲା ପରେ ଖଣିମାନଙ୍କରୁ ତମ୍ବା, ପିତଳ ଇତ୍ୟାଦି ଧାତୁକୁ ତରଳାଇ ତାକୁ ବ୍ୟବହାର କରିବା ଶିଖିଲେ । ପ୍ରଥମେ ପ୍ରଥମେ ପତ୍ରରେ ଖାଦ୍ୟ ଖାଉଥିଲେ । ତାପରେ ମାଟି, ପଥର ପାତ୍ର ଖାଇବା ପାଇଁ ବ୍ୟବହାର କଲେ । ତମ୍ବା, ପିତଳ ଧାତୁ ଆବିଷ୍କାର କରି ଧାତୁ ପାତ୍ରକୁ ଖାଇବା ପାଇଁ ବ୍ୟବହାର କରିଛନ୍ତି । ରନ୍ଧା ମାଂସ ଖାଇ ଶିଖିବା ପରେ ଜଙ୍ଗଲ ପଶୁମାନଙ୍କୁ ଶିକାର କରି ତାର ମାଂସକୁ ରାନ୍ଧିକରି ଖାଇଲେ । ନିଆଁକୁ ବ୍ୟବହାର କରି ଧାତୁକୁ ତରଳାଇ, ମୁନିଆ ପଥରକୁ ଅସ୍ତ୍ରରୂପେ ବ୍ୟବହାର ନ କରି ଧାତୁକୁ ଅସ୍ତ୍ରରୂପେ ବ୍ୟବହାର କଲେ । ଫଳରେ ଶିକାର କରି ଖାଦ୍ୟ ସଂଗ୍ରହ କରିବା ସେମାନଙ୍କ ପାଇଁ ବହୁତ ସହଜ ହୋଇଯାଇଥିଲା । ମଣିଷ ନିଆଁକୁ ସାଇତି ରଖିବା, ଧାତୁ ତରଳାଇ ଅସ୍ତ୍ରଶସ୍ତ୍ର, ବାସନକୁସନ ତିଆରି କରିବା, ଅସ୍ତ୍ର ସାହାଯ୍ୟରେ ଶିକାର କରିବା ପାଇଁ ନିଜନିଜର 'ଶ୍ରମ' ବିନିଯୋଗ କରିଚାଲିଲେ । ଦୁନିଆର ଯେତେ ପ୍ରାଣୀ ଅଛନ୍ତି, ସେମାନେ ସିଧା ସଳଖ ଖାଦ୍ୟ ସଂଗ୍ରହ କରି ଖାଉଛନ୍ତି । ମଣିଷ ତାର ଶ୍ରମକୁ ବିନିଯୋଗ କରି ଶିକାର କରି ରାନ୍ଧିକରି ଖାଉଛି । ମଣିଷ ତାର ଶ୍ରମକୁ ବିନିଯୋଗ କରି ଶିକାର କରି ରାନ୍ଧିକରି ଖାଉଛି । ମଣିଷର ଶରୀର ମସ୍ତିଷ୍କ ଚିନ୍ତା ଚେତନା ଏସବୁ ବହୁତ କିଛି ଧୀରେଧୀରେ ବିକାଶ କଲା ।

ମଣିଷର ମସ୍ତିଷ୍କର ବିକାଶ ଫଳରେ ସେ ଚିନ୍ତାକଲା । ତାର ଖାଦ୍ୟ ପାଇଁ ସବୁ ସମୟରେ ଶିକାର କାହିଁକି କରିବ ? ଅନେକ ସମୟରେ ଶିକାର ମିଳିବା ସମ୍ଭବ ହୁଏନାହିଁ । ତେଣୁ ଭୋକ ଉପାସରେ ରହେ । ତେଣୁ ଶିକାର କରିବା ପରେ ସବୁ ପଶୁକୁ ମାରନ୍ତି ନାହିଁ । କେତେକ ଜୀଅନ୍ତା ପଶୁକୁ ବାନ୍ଧାଇ ରଖିଲେ । ଆବଶ୍ୟକବେଳେ ସେମାନଙ୍କୁ ବ୍ୟବହାର କଲେ । ପଶୁମାନଙ୍କୁ ଅଟକ ରଖିଥିବା ବେଳେ ଦେଖିଲେ ସ୍ତ୍ରୀ ପଶୁମାନଙ୍କଠାରୁ ଛୁଆ ଜନ୍ମ ହୋଇ ପାରୁଛି । ମଣିଷ ସେହିଦିନରୁ ପଶୁପାଳନ କଲା ଏବଂ

ପଶୁମାନଙ୍କଠାରୁ ପଶୁ ପ୍ରଜନନର କଳାକୌଶଳ ଆରମ୍ଭ କଲା। ପଶୁପାଳନ ଫଳରେ ସେମାନେ ନିୟମିତ ଖାଦ୍ୟ ପାଇବାର ଅସୁବିଧା ହେଲାନାହିଁ। ସବୁ ସମୟରେ ଶିକାର କରିବା ଜରୁରୀ ହେଲାନାହିଁ। ପଶୁପାଳନ ଫଳରେ ସେମାନଙ୍କ ପାଖରେ ଥିବା ପଶୁଗୁଡ଼ିକର ବଂଶ ବୃଦ୍ଧିହେଲା ଓ ଖାଦ୍ୟ ସଙ୍କଟ ସମ୍ପୂର୍ଣ୍ଣ ଭାବରେ ମେଣ୍ଟି ପାରିଲା। ପଶୁପାଳନ ଫଳରେ ସେମାନେ ଦେଖିଲେ ସ୍ତ୍ରୀ ପଶୁଗୁଡ଼ିକ ସେମାନଙ୍କ ଛୁଆକୁ ଦୁଗ୍ଧ ଦେଇ ବଡ଼ କରୁଛନ୍ତି। ମଣିଷ ମଧ୍ୟ ପଶୁମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ନିଜର ଶିଶୁମାନଙ୍କୁ ଦୁଗ୍ଧ ପିଆଇ ବଡ଼ କରିପାରିଲେ। ମଣିଷ ଶିଶୁମାନଙ୍କ ପାଇଁ ଦୁଗ୍ଧ ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ ଭାବେ ବ୍ୟବହାର କଲେ।

ଲକ୍ଷଲକ୍ଷ ବର୍ଷ ଲଗାତର ଭାବରେ ମଣିଷ ଶ୍ରମ କରିଚାଲିଛି। ଖାଦ୍ୟ ପାଇଁ ପ୍ରକୃତି ସହିତ ସଂଘର୍ଷ କରିଚାଲିଛି। ଫଳମୂଳ, ମାଛମାଂସ, ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟର ଦଖଲକୁ ଆସିବା ପରେ ମଣିଷର ଖାଦ୍ୟର ଅଭାବ ଦୂର ହୋଇଛି। ପୁଣି ଆଉ ଏକ ନୂଆ ବିପଦ ଆସି ଦେଖାଦେଇଛି। ମଣିଷ ଯେଉଁ ପଶୁପାଳନ କରୁଥିଲା, ସେମାନଙ୍କ ପାଇଁ ଖାଦ୍ୟ ଓ ତୃଣଭୂମିର ଅଭାବ ଦେଖାଦେଲା। ଋତୁ ପରିବର୍ତ୍ତନ ଫଳରେ ହିମ ପ୍ରବାହ ଦେଖାଦେଲା। ତୃଣଭୂମି ସବୁ ଲୋପ ପାଇବାରେ ଲାଗିଲା। ମଣିଷମାନଙ୍କ ଭିତରେ ଜନସଂଖ୍ୟା ବୃଦ୍ଧି ପାଇଲା। ମଣିଷ ହିମ ପ୍ରବାହ ସ୍ଥାନରୁ ଉଷ୍ଣତର ଅଞ୍ଚଳ, ଉଷ୍ଣତର ଅଞ୍ଚଳରୁ ଶୀତ ପ୍ରବାହ ଅଞ୍ଚଳମାନ ସନ୍ଧାନରେ ଲାଗିଲେ। ଆଜି ମଧ୍ୟ ମଣିଷମାନଙ୍କୁ ବାସସ୍ଥାନର ଅଭାବ ଦେଖାଦେଇଛି। ଆମ ପୃଥିବୀ ୧୨୦ କୋଟି ମଣିଷଙ୍କ ବାସସ୍ଥାନ ପାଇଁ ସକ୍ଷମ। ବର୍ତ୍ତମାନ ପୃଥିବୀରେ ୭୫୦ କୋଟିରୁ ଅଧିକ ମଣିଷ ବାସ କରୁଛନ୍ତି।

ମଣିଷ ପଶୁପାଳନ କରିବା ପରେ ଯାଯାବର ଜୀବନ ବିତାଉଥିଲା। ଗୋଟିଏ ଜାଗାରେ ପଶୁଖାଦ୍ୟ ବା ଚାରଣଭୂମି ସରିଗଲେ ସେ ପଶୁମାନଙ୍କୁ ନେଇ ଆଉ ଏକ ନୂଆ ଜାଗା ଖୋଜି ପହଞ୍ଚି ଯାଉଥିଲା। ସେଠାରେ ସେ ତମ୍ବୁଟାଣି ନିଜେ ରହୁଥିଲା। ଯେଉଁଠି ପଶୁ ପାଇଁ ଘାସ ଦେଖୁଥିଲା, ସେଠାରେ ସେ ରହି ପଶୁମାନଙ୍କୁ ଖାଦ୍ୟ ଯୋଗାଉଥିଲା। ମଣିଷ ପ୍ରଥମେ ପ୍ରଥମେ ପଶୁମାନଙ୍କ ପାଇଁ ଘାସ ଚାଷ କଲା। ନିଜ ପାଇଁ ମଧ୍ୟ ଗହମ, ଧାନ, ପନିପରିବା ମଞ୍ଜି, ବିହନକୁ ମାଟିରେ ପକାଇଲା। ନଦୀ କୂଳେକୂଳେ ଉର୍ବର ମାଟି ଦେଖି ମଞ୍ଜି ପୋତିଲା। ବିଭିନ୍ନ ଫଳଗଛ ମଞ୍ଜି ପୋତି ବଗିଚା କଲା। ଧାନ, ଗହମ, ପନିପରିବା, ଆମ୍ବ, ପଣସ, ଫଳଗଛମାନ ହେବା ଫଳରେ ସେ ସେଠାରେ ସ୍ଥାୟୀ ଭାବରେ ଚାଷ ଆରମ୍ଭ କଲା। ଓଟ, ଘୋଡ଼ା, ବଳଦ ମହିଁଷିଙ୍କୁ ବ୍ୟବହାର କରି ଜମି ସବୁ ଚାଷକଲା। ମଣିଷ ପ୍ରକୃତି ସହିତ ସଂଘର୍ଷ କରି କଠିନ ପରିଶ୍ରମ କରି କୃଷି ଉତ୍ପାଦନ ଆରମ୍ଭ କଲା। ମଣିଷ କୃଷି ଓ ଚାଷକୁ କଠିନ ପରିଶ୍ରମ କରି ଆୟତ୍ତ କରିସାରିଲା ପରେ ସେ ଯାଯାବର ଜୀବନ ଛାଡ଼ି ସ୍ଥାୟୀ ବାସିନ୍ଦା ହେଲା। ସେ ଜମି ସହିତ ବନ୍ଧା ହୋଇଗଲା। ଜମିରେ ଚାଷ କରି ନିଜର ଖାଦ୍ୟ ଉତ୍ପାଦନ କରିବା ପାଇଁ ତାକୁ କଠିନ ପରିଶ୍ରମ କରିବାକୁ ପଡ଼ିଲା। ତାର ଉତ୍ପାଦିତ ଖାଦ୍ୟକୁ ସାଇତି କରି ରଖିଲା। ଜମି ଚାଷ ପାଇଁ ପ୍ରକୃତି ସହିତ ସଂଘର୍ଷ କରିବା ମଧ୍ୟରେ, ବାତ୍ୟା, ବନ୍ୟା, ମରୁଡ଼ି, ହାତୀ, ବିଭିନ୍ନ ପଶୁପକ୍ଷୀଙ୍କ ସହିତ ମଧ୍ୟ ସଂଘର୍ଷ ଜାରି ରଖିବାକୁ ପଡ଼ିଲା। ମଣିଷ ପଶୁପାଳନ ପାଇଁ ଚାରଣଭୂମି ଏବଂ କୃଷିକାର୍ଯ୍ୟ ପାଇଁ ଚାଷଉପଯୋଗୀ ଜମି ଖୋଜିଖୋଜି ବିଶ୍ୱସାରା ଘୂରି ବୁଲିଲେ। ପୃଥିବୀର ସ୍ଥଳଭାଗରେ ବିଭିନ୍ନ ଦେଶ, ମହାଦେଶମାନ ପ୍ରତିଷ୍ଠା ହେଲା।

ଏକ ଭୂଖଣ୍ଡରେ ନିଜର ସ୍ଥିତି ସୁରକ୍ଷିତ କରିବା ପାଇଁ ପରସ୍ପର ମଧ୍ୟରେ ଆରମ୍ଭ ହୋଇଥିଲା ଅନେକ ସଂଘର୍ଷ। ପ୍ରାଗ୍‌ଐତିହାସିକ ସମୟରେ ଭୟଙ୍କର ସଂଘର୍ଷମାନ ସୃଷ୍ଟି ହୋଇଛି। ପ୍ରାୟ ୬ ଲକ୍ଷ ବର୍ଷ ପୂର୍ବେ ଆଫ୍ରିକାରେ ବିକାଶ ହୋଇଥିବା ମଣିଷ ଓ ଏସିଆରେ ବିକଶିତ ହୋଇଥିବା ମଣିଷମାନଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଲାଗି ରହିଥିଲା। ଏହି ଯୁଦ୍ଧ ଏକଲକ୍ଷ ବର୍ଷ ଧରି ଚାଲିଥିବାର ବୈଜ୍ଞାନିକମାନେ ମତ ଦିଅନ୍ତି। ଆଫ୍ରିକାର ମଣିଷ ହୋମୋସାପିଏନ୍ ଏବଂ ଏସିଆ ୟୁରୋପର ମଣିଷ ନିଏନଡେର୍ଥାଲ ପ୍ରଜାତିର ଥିବା କଥା ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। ମଣିଷ ନିଜ ନିଜ ଗୋଷ୍ଠୀ, ଜାତି, ପ୍ରଜାତି ମଧ୍ୟରେ ସଂଘର୍ଷ ଜାରି ରଖିଥିଲେ ମଧ୍ୟ ବାଘ, ସିଂହ, ଭାଲୁ, ହାତୀ ଭଳି ହିଂସ୍ର ଜୀବଜନ୍ତୁମାନଙ୍କ ସହିତ ଲଗାତର ସଂଘର୍ଷ ଜାରି ରଖିଥିଲେ।

ଏପ୍ ମଣିଷ ବା ଆଦିମାନବ ତାର ସମସ୍ତ ଅଭାବ, ଅସୁବିଧା, ବିପଦକୁ ଶ୍ରମ ଦ୍ୱାରା ସଂଘର୍ଷ କରି ହାସଲ କରିପାରିଛି। ୧୦ ଲକ୍ଷ ଜୀବ ମଧ୍ୟରେ ମଣିଷର ଉନ୍ନତ ମସ୍ତିଷ୍କ ଲାଗି କୌଣସି ଘଟଣାକୁ ଅନୁଭବ କରିବା, ମନେ ରଖିବା, ବିଶ୍ଳେଷଣ କରି ସେହି ଅନୁସାରେ ନିଜର କାର୍ଯ୍ୟକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇଛି। ମଣିଷ ଚିନ୍ତା କରୁଛି ତାର ଅଭାବ, ଆବଶ୍ୟକତା, ବିପଦଗୁଡ଼ିକ ଶେଷ ହେଉନି। ମଣିଷର ବାସଗୃହ, ପିନ୍ଧିବା ପାଇଁ ଲୁଗା, ଗାଡ଼ିରେ ବୁଲିବା, ଆକାଶରେ ଉଡ଼ିବା, ଜିନିଷପତ୍ରକୁ ବୋହିନେବା, ଏପରି ସବୁକିଛି ସେ ସ୍ୱପ୍ନ ଦେଖିଚାଲିଛି।

ପୃଥିବୀର ଉତ୍ପତ୍ତି ୫୦୦ କୋଟି ବର୍ଷରୁ ଅଧିକ। ମଣିଷର ସୃଷ୍ଟି କେତେ କୋଟି ବର୍ଷ ହେଲାଣି। ମଣିଷ ଚାଷ କରିଛି ୨୦ରୁ ୩୦ ହଜାର ବର୍ଷ ତଳେ। କିନ୍ତୁ ମଣିଷ ଅନ୍ୟ ଜୀବଠାରୁ ନିଆରା, ଏକଥା ଜାଣିଛି ୧୦ ହଜାର ବର୍ଷ ମଧ୍ୟରେ। ମଣିଷ ଚିନ୍ତା କରିଛି ଏ ମଣିଷ ସମସ୍ତଙ୍କଠାରୁ ନିଆରା କାହିଁକି ?

୧୨ଶ ଶତାବ୍ଦୀ ବେଳେ ଗାଲିଲିଓ ପ୍ରମାଣ କଲେ ସୂର୍ଯ୍ୟ ସୌରମଣ୍ଡଳରେ ସ୍ଥିର ଥାଇ ପୃଥିବୀ ତାର ଚତୁର୍ଦ୍ଦିଗରେ ଘୂରୁଛି। ଖ୍ରୀଷ୍ଟ ଧର୍ମଗୁରୁ ପୋପ ତାଙ୍କୁ ବିରୋଧ କରି ରାଜଦରବାରରେ ନେଇ ଠିଆ କରାଇଲେ। ରାଜା ତାଙ୍କୁ କଠୋର ଦଣ୍ଡଦେଲେ। ବିଭିନ୍ନ ଧର୍ମଗୁରୁମାନେ ବିଜ୍ଞାନର ଏହି ଉଦ୍‌ଭାବନଗୁଡ଼ିକୁ ସତ ବୋଲି ପ୍ରମାଣ କରିବାକୁ ସୁଯୋଗ ଦେଲେନାହିଁ। ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟ, ଜୈନ, ବୌଦ୍ଧ ସମସ୍ତେ ନିଜନିଜ ଧାର୍ମିକ ଚିନ୍ତାଧାରାକୁ ଗୁରୁତ୍ୱ ଦେଇ ଚାଲିଲେ।

ମଣିଷ ତାର ଆବଶ୍ୟକତା ପାଇଁ ୫୦୦୦ ବର୍ଷ ତଳେ ଶଗଡ଼ଗାଡ଼ି ଆବିଷ୍କାର କରିଥିଲା। ରେଳଗାଡ଼ି ଆବିଷ୍କାର ହେଲା ୧୮୨୫ ଖ୍ରୀଷ୍ଟାବ୍ଦରେ। ଆମେରିକାର ଦୁଇ ବୈଜ୍ଞାନିକ ଭାଇ ଭିଲବର ରାଇସ୍ ଓ ରିଭିଲେ ରାଇଟ୍

ମିଶି ୧୭ ଡିସେମ୍ବର ୧୯୦୩ ମସିହା ଦିନ ଉଡ଼ାଜାହାଜ ଉଡ଼ାଇଲେ। ଏହି ଯନ୍ତ୍ରଟିର ନାମ ପ୍ଲାୟାର। ତାକୁ ୧୦ ମିନିଟ୍ ପାଇଁ ଉଡ଼ାଇଥିଲେ। ପରେ ଆଜିର ମୋଟର କାର। ଏହା ଆବିଷ୍କାର ହୋଇଥିଲା ୧୮୮୬ ଖ୍ରୀଷ୍ଟାବ୍ଦରେ। ଖ୍ରୀଷ୍ଟପୂର୍ବ ୪୭୬ରେ ଗଣିତ ଶାସ୍ତ୍ର ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଜନ୍ମଗ୍ରହଣ କରିଥିଲେ। ବୈଜ୍ଞାନିକ ମାର୍କୋନି ୧୯୦୯ ମସିହାରେ ରେଡ଼ିଓ ଆବିଷ୍କାର କରିଥିଲେ। ଆମେରିକର ନାସା ବୈଜ୍ଞାନିକମାନେ ଚନ୍ଦ୍ରମଣ୍ଡଳରେ ବାସ କରିବା ପାଇଁ ନିଲ ଆର୍ମଷ୍ଟ୍ରଙ୍ଗଭ୍‌କୁ ଚନ୍ଦ୍ରକୁ ୧୯୬୯ ମସିହାରେ ପଠାଇଥିଲେ। ଚନ୍ଦ୍ରରେ ଜଳ କିମ୍ବା ଅମ୍ଳଜାନ ନଥିବା ଦେଖି ଏବେ ଆମେରିକା, ଚୀନ ବୈଜ୍ଞାନିକ ମଙ୍ଗଳ ଗ୍ରହକୁ ଅଭିଯାନ ଜଳାଇଛନ୍ତି। ମଙ୍ଗଳ ଗ୍ରହରେ ଉଦ୍‌ଯାନ ୨.୭%, ଅମ୍ଳଜାନ ୦.୧୩%, ଅଙ୍ଗାରକାମ୍ଳ ବାଷ୍ପ ୯୫.୩୨%। ସେଠାକାର ଉତ୍ତାପ –୬୩° ସେଣ୍ଟିଗ୍ରେଡ୍। ପ୍ରବଳ ଥଣ୍ଡା ହେତୁ ଜଳ ବରଫ ଆକାରରେ ଟାଣ ହୋଇ ରହିଛି। ବୈଜ୍ଞାନିକମାନଙ୍କ ଅଭିଯାନ ଜାରି ରହିଛି। ଦିନେ ମଣିଷ ମଙ୍ଗଳ ଗ୍ରହରେ ବାସ କରିବ। ଏହାହିଁ ଆଜିର ବୈଜ୍ଞାନିକ ଦୁନିଆର ବିବର୍ତ୍ତନ।

ଏହିପରି ଶାରୀରିକ ବିବର୍ତ୍ତନ ସହିତ ମଣିଷ ନିଜର ସାମାଜିକ, ଅର୍ଥନୈତିକ ଓ ମାନସିକ କ୍ଷେତ୍ରରେ ଅନେକ ଅଦୃଶ୍ୟ ଧାରାରେ ପରିବର୍ତ୍ତନ ଘଟାଇଛି। ପ୍ରତ୍ୟେକ କ୍ଷେତ୍ରରେ ଯଥା ଶାସନ କ୍ଷେତ୍ରରେ ଗଣତନ୍ତ୍ର ଏବଂ ଶାସନରେ ଉତ୍ତରଦାୟୀତା, ଅର୍ଥନୀତିରେ ସ୍ୱଚ୍ଛତା ପରି ଉପାଦାନ ଉଲ୍ଲେଖଯୋଗ୍ୟ। ବିପଦରୁ ରକ୍ଷା ପାଇବା ପାଇଁ ସମାଜ ଗଢିଥିବା ମଣିଷ ନିଜର ସମସ୍ତ ଶକ୍ତି, ବୁଦ୍ଧି ଓ କୌଶଳର ବିକାଶ କରି ଆଜିର ଅବସ୍ଥାରେ ପହଞ୍ଚି ପାରିଛି।

କୌଣସି ନା କୌଣସି ଉପାୟର ଆଜିର ବିପତ୍ତି କରୋନା ରୋଗକୁ ମଣିଷ ଅକ୍ତିଆର କରିବା ସହିତ ଏହିଭଳି ମାରାତ୍ମକ ମହାମାରୀର ଆଗମନକୁ ବାଧା ବି ଦେବ।

**ଖଣ୍ଡଦେଉଳି।**
**ମୋ : ୯୪୩୭୨୦୪୧୩୮**



# ଶାରୀରିକ ଓ ବଂଶାନୁକ୍ରମିକ ବିବର୍ତ୍ତନ

*ପ୍ରଭାତ କୁମାର ମହାପାତ୍ର*

ଓଡ଼ିଆରେ ଗୋଟିଏ ଢ଼ଗ ଅଛି: 'ଯାହାର ପୁଅକୁ ସାପ କାମୁଡ଼ିଥାଏ, ସେ ମା' ପାଳ ଦଉଡ଼ି ଦେଖିଲେ ଡରେ।' ଅର୍ଥାତ୍ ସେ ମା'ଙ୍କର ମନର ଭାବନା ତାଙ୍କୁ ସାପ ବୋଲି ଯାହା ଦେଖାଇ ଥାଏ, ତାହା ହେଉଛି ବାସ୍ତବରେ ପାଳ ଦଉଡ଼ିଟିଏ ମାତ୍ର ଏଥିରେ ଯାହା ସାବ୍ୟସ୍ତ ହୋଇଥାଏ, ତାହା ହେଲା ଆମର ଭାବନା ଦେଇ ହିଁ ଆମେ ଦୁନିଆକୁ ଦେଖିଥାଉ ଏବଂ ଅନେକ ସମୟରେ ଏହି ଦୁନିଆ ପାଳ ଦଉଡ଼ି-ସାପ ବିପଦ ଭଳି ଏକ ଭେଳିକି ମାତ୍ର ହୋଇଥାଏ। ଅନ୍ୟ ପ୍ରକାରେ କହିଲେ, ଯେଉଁ ମନର ଭାବନା ବା ଅନୁଭବ ମାଧ୍ୟମରେ ଆମେ ବାସ୍ତବ ଦୁନିଆକୁ ଦେଖି ଥାଉ ବୋଲି ବିଶ୍ୱାସ କରୁ, ପ୍ରକୃତରେ ବାସ୍ତବ ଦୁନିଆକୁ ନିର୍ଭୁଲ ଭାବରେ ଆମକୁ ଦେଖାଇବାକୁ ପ୍ରକୃତି ଆମର ସେ ଭାବନାକୁ ତିଆରି କରି ନାହିଁ।

ଅବଶ୍ୟ 'ତିଆରି କରି ନାହିଁ ବୋଲି' କହିବା ଠିକ୍ ହେବ ନାହିଁ, କାରଣ ମନୁଷ୍ୟ ତଥା ପୃଥିବୀ ପୃଷ୍ଠରେ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀ ହେଉଛି ଡାରଉ୍ୱିନୀୟ ବିବର୍ତ୍ତନ ପ୍ରକ୍ରିୟାର କ୍ରୀଡ଼ନକ ଏବଂ ତାହାରି ପ୍ରଭାବରେ ହିଁ ସେମାନଙ୍କର ମନ୍ଥର କିନ୍ତୁ ଅବିରତ ଭାବରେ ରୂପଭେଦ ଘଟି ଚାଲିଥାଏ। ବିବର୍ତ୍ତନର କେନ୍ଦ୍ରରେ ଥିବା ଯେଉଁ ନିୟମ ସମଗ୍ର ପ୍ରକ୍ରିୟାକୁ ନିୟନ୍ତ୍ରିତ କରି ଥାଏ, ତାହା ହେଉଛି- 'ପ୍ରାକୃତିକ ଚୟନ'। ସଂକ୍ଷେପରେ ଏହି ପ୍ରାକୃତିକ ଚୟନ ନିୟମକୁ ଏହିପରି ବର୍ଣ୍ଣନା କରାଯାଇ ପାରେ: ଯଦି ଗୋଟିଏ ପ୍ରାଣୀ ଜାତି ମଧ୍ୟରେ କେତେକ ପ୍ରାଣୀଙ୍କ ବଂଶାନୁକ୍ରମିକ ଲକ୍ଷଣରେ କିଛି ପ୍ରଭେଦ ଦେଖାଦିଏ ଏବଂ ସେଇ ପରିବର୍ତ୍ତିତ ଲକ୍ଷଣମାନ ସେମାନଙ୍କୁ ତିଷ୍ଠି ରହିବାରେ ଏବଂ ପ୍ରଜନନ କରିବାରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସକ୍ଷମ କରେ, ତେବେ ନିଃସନ୍ଦେହରେ ସେଇ ଜାତିର ସାମଗ୍ରିକ ବଂଶାନୁକ୍ରମିକ ଲକ୍ଷଣ ଭଣ୍ଡାରରେ ପରିବର୍ତ୍ତନ ଘଟିବ।

ଅବଶ୍ୟ ଗୋଟିଏ ପିଢ଼ିରେ ଏହି ପରିବର୍ତ୍ତନ ନଗଣ୍ୟ ହୋଇ ପାରେ, କିନ୍ତୁ ଶେଷରେ ଏହି ପରିବର୍ତ୍ତନ ଏପରି ସର୍ବବିଦ୍ୟମାନ ହେବ ଯେ ତାହା ଏକ ନୂତନ ଜାତିର ପ୍ରାଣୀର ଆବିର୍ଭାବ ଘଟିବା ସହିତ ସମାନ ହେବ। ଯଦି ଲମ୍ବା ବେକ ଗଛରୁ ପତ୍ର ଖୁଣ୍ଟି ଖାଇବାରେ ସହାୟକ ହୁଏ ଏବଂ ଛୋଟ ବେକ ଯୋଗୁଁ ପତ୍ର ପାଖରେ ନପହଞ୍ଚି ପାରୁଥିବା ପ୍ରାଣୀର ଭୋକ ଉପାସରେ ମୃତ୍ୟୁ ଘଟେ, ତେବେ ଗୋଟିଏ ପିଢ଼ିରେ ସେ ଜାତିର ପ୍ରାଣୀମାନଙ୍କର ବେକ ଲମ୍ବା ହୋଇଯିବ, ଏପରି ନୁହେଁ। କିନ୍ତୁ ପିଢ଼ି ପରେ ପିଢ଼ି ଯେତେବେଳ ଛୋଟ ବେକିଆ ମାନଙ୍କର ଆବିର୍ଭାବ ଘଟି ଚାଲିବ ଏବଂ ଲମ୍ବା ବେକିଆ ମାନେ ପରିବେଶ ସହିତ ଖାପ ଖାଇ ଅଧିକ ଦିନ ବଞ୍ଚି ରହିବାରେ ଅଧିକ ସଫଳ ହୋଇ ଚାଲିବେ, 'ପ୍ରାକୃତିକ ଚୟନ' ଯୌନ ପୁନଃ ସଙ୍ଗମ ଓ ଜିନ୍ ରୂପାନ୍ତର ମାଧ୍ୟମରେ ସେ ଜାତିର ପ୍ରାଣୀମାନଙ୍କଠାରେ କ୍ରମେ ଅଧିକ ଲମ୍ବା ବେକ ଖଞ୍ଜିବା ଆରମ୍ଭ କରିବା ସେମାନଙ୍କ ବେକର ହାରାହାରି ଦୈର୍ଘ୍ୟରେ କ୍ରମେ ବୃଦ୍ଧି ଘଟିବାକୁ ଲାଗିବ ଏବଂ ଯେଉଁ ପ୍ରାଣୀର ଆରମ୍ଭ ହୋଇଥିଲା ଘୋଡାଭଳି ଆକୃତି ଧାରଣ କରି, ତାହା ଶେଷରେ ଲମ୍ବା ବେକିଆ ଜିରାଫ୍‌ରେ ପରିଣତ ହେବା ଏକ ନୂତନ ପ୍ରାଣୀ ଜାତିର ଆବିର୍ଭାବ ଘଟିବା ଛୋଟ ବେକିଆମାନଙ୍କର ବିଲୋପ ଘଟିବ।

'ପ୍ରାକୃତିକ ଚୟନ' ଲମ୍ବା ବେକକୁ ପସନ୍ଦ କରିବା ପଛରେ କେବଳ ମାତ୍ର ଗୋଟିଏ ଗୋଟଏ ଉଦ୍ଦେଶ୍ୟ ନିହିତ ଥାଏ; ତାହା ହେଲା ସେ ପ୍ରାଣୀ ଜାତିଟିକୁ ଛୋଟ ବେକ ଯୋଗୁଁ ସୃଷ୍ଟି ହେଉଥିବା ଖାଦ୍ୟାଭାବ ବିପଦରୁ ରକ୍ଷା କରିବା, ଯେପରି ସେ ଜାତିର ଜିନ୍ ସବୁ ସଫଳ ଭାବରେ ପର ପିଢ଼ିକୁ ହସ୍ତାନ୍ତରିତ ହୋଇପାରିବା ନିମିତ୍ତ ସେ ପ୍ରାଣୀମାନେ ଯଥେଷ୍ଟ କାଳ ଜୀବିତ ରହିପାରିବେ ଡାରଉଇନ୍‌ଙ୍କ ଭାଷାରେ 'ପ୍ରାକୃତି ଚୟନ' ପରିଚାଳିତ ବିବର୍ତ୍ତନର ଆଦର୍ଶ ହେଉଛି : 'ସବଳତମ ଜୀଇ ରହୁ ଏବଂ ଦୁର୍ବଳତମର ମୃତ୍ୟୁ ଘଟୁ।' ଏଠାରେ 'ସବଳତମ' ଦୈହିକ ରୂପେ ବଳବାନ୍‌କୁ ବୁଝାଇ ନଥାଏ ଏବଂ ଦୁର୍ବଳତମ ଦୈହିକ ରୂପେ ଦୁର୍ବଳକୁ ବୁଝାଇ ନଥାଏ। ଏଠାରେ 'ବଳ' ହେଉଛି ପ୍ରାଣୀର ବଞ୍ଚରହିବା ପାଇଁ ଆବଶ୍ୟକ ପରିବେଶ ସହିତ ଖାପଖାଇବାର କୌଶଳ ଯାହା ଶେଷରେ ପର ପିଢ଼ିକୁ ଜିନ୍ ହସ୍ତାନ୍ତର ସମ୍ଭବ କରାଏ। ଏହାକୁ ଅନ୍ୟ ପ୍ରକାରେ କୁହାଯାଇଥାଏ: 'ଯୋଗ୍ୟତମ ହିଁ ଜୀବିତ ରହେ' ଉପର ଉଦାହରଣରେ ଲମ୍ବା ବେକିଆମାନେ ହିଁ ହେଉଛନ୍ତି ଯୋଗ୍ୟତମ, କାରଣ ସେମାନଙ୍କ ପାଖରେ ଅଛି ପରିବେଶ ସହିତ ଖାପଖାଇ ବିଲୟ ବିପଦକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ସର୍ବଶ୍ରେଷ୍ଠ ଯୋଗ୍ୟତା।

ଯେତେବେଳେ ଅବଶେଷରେ ସେ ଜାତିର ପ୍ରତ୍ୟେକ ପ୍ରାଣୀଠାରେ 'ପ୍ରାକୃତିକ ଚୟନ' ତା'ର ଜିନ୍ ଭଣ୍ଡାରରୁ ବାଛି ବାଛି କେବଳ ଲମ୍ବା ବେକ ସୃଷ୍ଟି କରୁଥିବା ଜିନ୍ ସ୍ଥାପନ କରିଦେବ ସେତେବେଳେ ସେ ଜାତିର ପ୍ରାଣୀମାନଙ୍କଠାରେ ଛୋଟ ବେକ ସୃଷ୍ଟିକାରୀ ଜିନ୍ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏହା ପରେ ଲମ୍ବା ବେକ ପ୍ରତ୍ୟେକ ଜିରାଫର ଏବଂ ଅବିଚ୍ଛେଦ୍ୟ ଶାରୀରିକ ଲକ୍ଷଣରେ ପରିଣତ ହୋଇ ଯିବ। ଏଠାରେ ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ, ତାହା ହେଲା, ଏକ ଘୋଡା ଆକୃତିର ଜୀବର ବିବର୍ତ୍ତନ ଘଟି ସେ ଜିରାଫ୍‌ରେ ପରିଣତ ହେବା ମୂଳରେ ଯେଉଁ କାରଣ ନିହିତ ଅଛି, ତାହା ହେଲା ସେ ସମ୍ମୁଖୀନ ହୋଇଥିବା ଖାଦ୍ୟାଭାବର ବିପଦ ଉପସ୍ଥିତ ପରିବେଶ ସହିତ ଖାପଖାଇ ନପାରିବା ଯୋଗୁଁ କୌଣସି ଏକ ପ୍ରାଣୀ ଜାତିର ସ୍ଥିତି ଯେତେତେବଳେ ବିପନ୍ନ ହୁଏ, ସେତେବେଳେ ତାକୁ ସେ ବିପଦର ଉଦ୍ଧାର କରିବା ନିମିତ୍ତ ବିବର୍ତ୍ତନ ତା'ଠାରେ ଏମିତି ଚାରିତ୍ରିକ ପରିବର୍ତ୍ତନ ଘଟାଇ ଥାଏ, ଯେମିତି ତାହା ତାକୁ ପରିବେଶ ସହିତ ଖାପ ଖାଇ ତିଷ୍ଠି ରହିବାରେ ସହାୟକ ହେବ ଏବଂ ସେ ବଞ୍ଚି ରହି ପର ପିଢ଼ିକୁ ଜିନ୍ ହସ୍ତାନ୍ତର କରିପାରିବ।

ଠିକ୍ ସେଇ ଉଦ୍ଦେଶ୍ୟ ସାଧନ ପାଇଁ ହିଁ ବିବର୍ତ୍ତନ ମା'ର ମନକୁ ଏପରି ଗଢ଼ିଛି, ଯେମିତି ପାଳ ଦଉଡ଼ିଟି ତା' ପାଇଁ ସାପର ଭେଳିକି ସୃଷ୍ଟି କରିବ। ବହୁ ପ୍ରାଚୀନ ସମୟରେ ଆମର ପ୍ରାଗିତିହାସିକ ପୂର୍ବ ପୁରୁଷମାନେ ଯେତେବେଳେ ଶିକାର ବା ଫଳମୂଳ ସନ୍ଧାନରେ ବଣଜଙ୍ଗଲରେ ଘୂରି ବୁଲୁଥିଲେ, ସେତେବେଳେ ବୁଦା ଭିତରେ କିଛି ଖସ୍ ଖସ୍ ଶବ୍ଦ ଶୁଣିଲେ ସେମାନେ ତାହାକୁ ସାପ ଭାବି ଭୟରେ ଚମକି ପଡ଼ି ସାବଧାନ ହୋଇ ଯାଉଥିଲେ। ହୁଏତ ଖସ୍‌ଖସ୍ କରୁଥିବା ଜନ୍ତୁଟି ବୁଦାରୁ ବାହାରି ଆସିବା ପରେ ତାହା ମାତ୍ର ଏକ ନିରୀହ ଏଣ୍ଡୁଅ ହୋଇଥିବା ଜଣା ପଡ଼େ।

ହୁଏତ ଆମ ପୂର୍ବପୁରୁଷ ଶହେଥର ଶୁଣିଥିବା ଏଇ ଭଳି ଖସ୍‌ଖସ୍ ଶବ୍ଦର ଅନେଶ୍ୱତ ଥର ଏହା ପଛରେ କେବଳ ମାତ୍ର ଏଣ୍ଡୁଅ ଥିବା ଦେଖାଯାଇଥାଏ। କିନ୍ତୁ ବାକି ଥରକ ଖସ୍ ଖସ୍ ଶବ୍ଦ ଯଦି ଏକ ବିଷଧର ସାପର ଉପସ୍ଥିତିର ସୂଚନା ହୋଇଥାଏ ଏବଂ ଆମ ପୁରୁଷ ଜଣକ ତାକୁ ଏକ ଏଣ୍ଡୁଅ ଭାବି ସାବଧାନତା ଅବଲମ୍ବନ କରି ନଥାନ୍ତେ, ତେବେ ସେ ଉତ୍ତର ପଢ଼ିକୁ ତାଙ୍କର ଜିନ୍ ହସ୍ତାନ୍ତର କରିବା ପାଇଁ ବଞ୍ଚିରହି ନଥାନ୍ତେ କିମ୍ବା ଏକଥା ଲେଖିବାକୁ କିମ୍ବା ପଢ଼ିବା ପାଇଁ ଆଜି ଆମର ଆବିର୍ଭାବ ଘଟି ନଥାନ୍ତା। ଅର୍ଥାତ୍, ଆମର ପୂର୍ବପୁରୁଷ ଯଦି ଶହେଥର ଯାକ ଏଣ୍ଡୁଅକୁ ସାପ ମନେ କରି ବିପଦ ଭୟରେ ସତର୍କ ନହୁଅନ୍ତେ, ତେବେ "ପ୍ରାକୃତିକ ଚୟନ"ର ଏକମାତ୍ର ଉଦ୍ଦେଶ୍ୟ – ଉତ୍ତର ପିଢ଼ିକୁ ଜିନ୍ ହସ୍ତାନ୍ତର ପଣ୍ଡ ହୁଅନ୍ତା।

ପ୍ରାକୃତିକ ଚୟନ ତେଣୁ ଆମଠାରେ ଯେଉଁ ଭାବନା ଯନ୍ତ୍ର ଖଞ୍ଜିଛି, ତାହା ଅଧିକାଂଶ ସମୟରେ ଆମକୁ ବାସ୍ତବ ଦୁନିଆକୁ ଦେଖାଇବା ପରିବର୍ତ୍ତେ ଭେଳିକିମାନ ହିଁ ଦେଖାଇ ଚାଲିଥାଏ: ମା'କୁ ପାଳଦଉଡ଼ି– ସାପ ଭେଳିକି ଦେଖାଇବା ଭଳି। ଆମର ସେଇ ପ୍ରାଗୈତିହାସିକ ପୂର୍ବପୁରୁଷମାନଙ୍କ ଠାରୁ ବିବର୍ତ୍ତନ ପ୍ରକ୍ରିୟା ଦେଇ ହସ୍ତାନ୍ତରିତ ହୋଇ ଆମ ପାଖରେ ପହଞ୍ଚିଥିବା ସେଇ ବିଦ–ନିବାରକ ସାବଧାନତା ଜିନ୍ ହିଁ ମା'ର ମନରେ ପ୍ରତିଥର ପାଳ ଦଉଡ଼ି ଦର୍ଶନ ସାପର ଭ୍ରମ ସୃଷ୍ଟି କରିଥାଏ। ଏହାର ସୁଫଳ ସ୍ୱରୂପ ମା' ଯେତେବେଳେ ସତ ସତିକା ସାପଟିକୁ ହାବୁଡ଼େ, ସେ ପୂର୍ବରୁ ପାଳଦଉଡ଼ିକୁ ସାପ ମନେକରି ଭୟରେ ଅବଲମ୍ବନ କରି ଆସୁଥିବା ଅଭ୍ୟାସ ଗତ ସାବଧାନତା ତାକୁ ସର୍ପଦଂଶନରୁ ସୁରକ୍ଷିତ ରଖି ପରପିଢ଼ିକୁ ତା'ର ଜିନ୍ ହସ୍ତାନ୍ତର ସମ୍ଭାବନାରେ ବୃଦ୍ଧି ଘଟାଇ ଥାଏ।

ଏଥିରୁ ଯାହା ଜଣା ପଡ଼ିଥାଏ, ତାହା ହେଲା: ପ୍ରାକୃତିକ ଚୟନର ଏକ ମାତ୍ର ଲକ୍ଷ୍ୟ ହେଉଛି ପିଢ଼ିପରେ ପିଢ଼ିକୁ ପକ୍ଷୀର ଜିନ୍ ହସ୍ତାନ୍ତର–ଜିନ୍ ହସ୍ତାନ୍ତର ସମ୍ଭବ ହେବା ପାଇଁ ପ୍ରାଣୀଟି ବଞ୍ଚି ରହିବା ଆବଶ୍ୟକ– ପ୍ରାଣୀର ଜୀବନ କିନ୍ତୁ ବିପଦ ସଂକୁଳ– ବିପଦ ପ୍ରତି ସତର୍କ ନରହିଲେ ପ୍ରାଣୀର ମୃତ୍ୟୁ ଘଟିପାରେ– ପ୍ରାଣୀ ମନରେ ଭୟ ସଞ୍ଚାର ହେଲେ ହିଁ ସେ ସମ୍ଭାବ୍ୟ ବିପଦ ପ୍ରତି ସତର୍କତା ଅବଲମ୍ବନ କରିବ–'ପ୍ରାକୃତିକ ଚୟନ' ତେଣୁ ପ୍ରାଣୀ ମନରେ ଭୟ ଭାବନା ଉଦ୍ରେକକାରୀ ଜିନ୍ ସ୍ଥାପନ କରିଥାଏ।– ବିବର୍ତ୍ତନ ପ୍ରକ୍ରିୟା ମାଧ୍ୟମରେ ଏହି ଜିନ୍ ପିଢ଼ି ପରେ ପିଢ଼ିକୁ ହସ୍ତାନ୍ତରିତ ହୋଇ ଚାଲିଥାଏ। ଅନ୍ୟ ପ୍ରକାରେ କୁହାଯାଇପାରେ– ଏହି ବିପଦ ଭୟ ସୃଷ୍ଟିକାରୀ ଜିନ୍‌ର ବଂଶାନୁକ୍ରମିକ ହସ୍ତାନ୍ତରର ଆବଶ୍ୟକତା ହିଁ ବିବର୍ତ୍ତନକୁ ଜନ୍ମ ଦେଇଥାଏ, ଏଣୁ ବିପଦ ହିଁ ହେଉଛି ବିବର୍ତ୍ତନର ଜନନୀ।


ଉପରେ ବର୍ଣ୍ଣନା କରାଯାଇଥିବା ସର୍ପଭୟ ଉଦାହରଣ ବିପଦ, ଭୟ ଓ ବିବର୍ତ୍ତନ ମଧ୍ୟରେ ଥିବା ଏହି କାର୍ଯ୍ୟ–କାରଣ ସମ୍ପର୍କର ଏକମାତ୍ର ଉଦାହରଣ ନୁହେଁ। ଯଦି ମନୁଷ୍ୟକୁ ପ୍ରାଣୀମାନଙ୍କର ପ୍ରତିନିଧି ରୂପେ ବ୍ୟବହାର କରାଯାଏ, ତେବେ ଏହା ଆବିଷ୍କାର କରିବା କଷ୍ଟକର ନୁହେଁ ଯେ ମନୁଷ୍ୟ ଅନୁଭବ କରୁଥିବା ସମସ୍ତ କିସମର ବିପଦ ଭୟର ଶେଷରେ ତାର ବଞ୍ଚିରହିବାର ନିଶ୍ଚିତତା ଓ ନିରାପତ୍ତା ସହିତ ନିବିଡ଼ ସମ୍ପର୍କ ଥାଏ।

ବିବର୍ତ୍ତନବାଦର ଜନକ ହେଉଛନ୍ତି ଚାର୍ଲସ୍ ଡାର୍‌ୱିନ୍ ଏବଂ ଏହା ପ୍ରଥମେ ପ୍ରକାଶିତ ହୋଇଥିଲା ୧୮୫୯ରେ ତାଙ୍କର ପୁସ୍ତକ 'ଦି ଅରିଜିନ୍ ଅଫ୍ ସ୍ପେସିଜ୍'ରେ । ଏହାର ପ୍ରାୟ ସତର ଶହ ବର୍ଷ ପୂର୍ବରୁ ଦ୍ୱିତୀୟ ଶତାବ୍ଦୀର ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନଙ୍କ ରଚିତ 'ଧର୍ମସଂଗ୍ରହ' ସଙ୍କଳନରେ ଯେଉଁ ପାଞ୍ଚ କିସମର ବିପଦ ଭୟର ଉଲ୍ଲେଖ କରାଯାଇଛି, ସେ ସମସ୍ତରେ ଏହି ସମ୍ପର୍କ ସ୍ୱଷ୍ଟରୂପେ ଦେଖା ଯାଇଥାଏ। ସେ ପଞ୍ଚଭୟ ହେଉଛନ୍ତି: 'ଆଜିବିକା ଭୟ', 'ଶୋକ ଭୟ', 'ଦୁର୍ଗତି ଭୟ' ଓ 'ପର୍ବଦଶାଦ୍ୟ ଭୟ'। ଏ ଗୁଡ଼ିକୁ ବୁଝାଇବାର ଆବଶ୍ୟକତା ନଥିଲେ ହେଁ, ଏତିକି କୁହାଯାଇପାରେ ଯେ ପ୍ରଥମଟି ହେଉଛି ଜୀବିକା ହରାଇବାର ଭୟ, ଦ୍ୱିତୀୟଟି ଦୁଃଖ ବା ବିଷାଦର ଭୟ, ତୃତୀୟଟି ମୃତ୍ୟୁର ଭୟ, ଚତୁର୍ଥଟି ଦୁର୍ଭାଗ୍ୟର ଭୟ ଓ ପଞ୍ଚମଟି ହେଉଛି ଭୀରୁତା ଜନିତ ଭୟ। ବୁଦ୍ଧଦେବଙ୍କ ସମୟରେ ହେଉ କି ନାଗାର୍ଜ୍ଜୁନଙ୍କ ସମୟରେ ହେଉ, ଏହି ବିପଦ

ଭୟମାନଙ୍କର ମନୁଷ୍ୟର ବଞ୍ଚି ରହିବାର ସମ୍ଭାବନା ସହିତ ସେତେବେଳେ ଯେଉଁଭଳି ଘନିଷ୍ଠ ସମ୍ପର୍କ ଥିଲା, ଆଧୁନିକ ସମୟରେ ମଧ୍ୟ ସେଇ ଭଳି ରହିଛି । ଏହି ବିପଦଗୁଡ଼ିକର ସଫଳ ମୁକାବିଲା କରି ତିଷ୍ଠି ରହିବାକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ହିଁ ଦୀର୍ଘ କାଳ ଧରି ବିବର୍ତ୍ତନ ମନୁଷ୍ୟର ମସ୍ତିଷ୍କରୁ ଅଙ୍ଗପ୍ରତ୍ୟଙ୍ଗ ପର୍ଯ୍ୟନ୍ତକୁ ରୂପ ଦେଇ ଚାଲିଛି ଓ ଚାଲିଥିବ ।

ମନୁଷ୍ୟୋତର ପ୍ରାଣୀମାନଙ୍କଠାରେ ତ ବିପଦ ଓ ବିବର୍ତ୍ତନ ମଧ୍ୟରେ ଥିବା ସମ୍ପର୍କ ଆହୁରି ସିଧା ସଳଖ ଓ ସ୍ୱଷ୍ଟ ହୋଇଥାଏ । ଭୋକ ବିପଦରୁ ରକ୍ଷା ପାଇବା ପାଇଁ ବିବର୍ତ୍ତନ ବାଘକୁ ଶିକାର କରିବାକୁ ଯେଉଁ ଭଳି ନଖ ଦାନ୍ତରେ ସଜ୍ଜିତ କରିଛି, ବାଘ-ବିପଦରୁ ରକ୍ଷା ପାଇବା ନିମିତ୍ତ ହରିଣକୁ ସେଇ ଭଳି ଦ୍ରୁତ ଗତି ପ୍ରଦାନ କରିଛି । ମାଛର କାତିରୁ କଇଁଛର ଖୋଳ କିମ୍ବା ପକ୍ଷୀର ପର ପର୍ଯ୍ୟନ୍ତି ହେଉଛି ସେମାନଙ୍କୁ ବିଭିନ୍ନ ପ୍ରକାରର ବିପଦରୁ ରକ୍ଷା କରିବା ନିମିତ୍ତ ବିବର୍ତ୍ତନ କରିଥିବା ଆୟୋଜନ । କ୍ଷୁଦ୍ରାତିକ୍ଷୁଦ୍ର ଭୂତାଣୁଠାରୁ ଆରମ୍ଭ କରି ଅତିକାୟ ତିମି ପର୍ଯ୍ୟନ୍ତ ସମସ୍ତଙ୍କଠାରେ ବିବର୍ତ୍ତନ ଯେଉଁ ସବୁ ଲକ୍ଷଣମାନ ଖଞ୍ଜିଛି, ସେ ସମସ୍ତର ଉଦ୍ଦେଶ୍ୟ ହେଉଛି ଗୋଟିଏ: ପାରିପାର୍ଶ୍ୱିକ ବିପଦରୁ ସେମାନଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେବା । ଏହା ଅବଶ୍ୟ ଆଉ ଏକ କଥା ଯେ ବିବର୍ତ୍ତନ ଏଥିରେ ସର୍ବଦା ସଫଳ ହୋଇନଥାଏ ।

୫ ୨.ଏ. ଶିବ ନଗର
ଟଙ୍କପାଣି ରୋଡ, ଭୁବନେଶ୍ୱର-୧୮



# ବିପଦ ଓ ବିବର୍ତ୍ତନ

*ଡ. ସୂର୍ଯ୍ୟନାରାୟଣ ମିଶ୍ର, ଡ. ଦେବୀଲାଲ ମିଶ୍ର*

ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ମଣିଷ ଜୀବନ ସର୍ବଦା ଏକ ସଂଘର୍ଷ ମଧ୍ୟରୁ ଜନ୍ମନିଏ ଏବଂ ଗତିଶୀଳ ହୁଏ। କିନ୍ତୁ ପ୍ରତ୍ୟେକ ଆହ୍ୱାନ ମଣିଷକୁ ନିଜର ସାମର୍ଥ୍ୟର ସନ୍ଧାନ ପାଇଁ ଅନୁପ୍ରେରିତ କରେ।

ଏ ବିଶାଳ ସଂସାରରେ ଯେତେ ସବୁ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧିମାନ ଅଛି, ସେ ସବୁର ଜନ୍ମ ଏକ ପ୍ରତିକୂଳ ପରିସ୍ଥିତି ମଧ୍ୟରୁ ହିଁ ସମ୍ଭବ ହୋଇଛି। ମାନବ ସଭ୍ୟତାର ଗତି ଓ ପ୍ରଗତି ଏପରି ଅନେକ ଆହ୍ୱାନ ଓ ବିପଦର ସମ୍ମୁଖୀନ ହୋଇଛି। ମଣିଷ ଚେତନାର ପ୍ରତ୍ୟେକ ବିକଶିତ ସ୍ତର ଏକ ସ୍ୱତନ୍ତ୍ର ଆହ୍ୱାନକୁ ଅତିକ୍ରମ କରିବାର ନିରବଚ୍ଛିନ୍ନ ପ୍ରୟାସ ଓ ପ୍ରକ୍ରିୟା ମାତ୍ର। ଶ୍ରୀ ଅରବିନ୍ଦ ମହାମାନବୀୟ ବା ଅତିମାନବୀୟ ଚେତନାର ଯାତ୍ରା ମଧ୍ୟ ସାଧନା ପଥରେ ଥିବା ସମସ୍ତ ବିପଦ ଓ ସେଥିରୁ ସୃଷ୍ଟ ବିବର୍ତ୍ତନର ପରିଚାୟକ।

ଆମ ଭାରତୀୟ ସନାତନ ଦର୍ଶନ ମଧ୍ୟ ବିପଦରୁ ବିବର୍ତ୍ତନର କଥା କହେ। ଅଭାବରୁ ଆବିଷ୍କାର, ଚିନ୍ତାରୁ ଚେତନା, ସମସ୍ୟାରୁ ସମ୍ଭାବନା, ସୀମାରୁ ସାମର୍ଥ୍ୟ ଓ ସୀମିତତାରୁ ସୁଯୋଗର ଦୃଷ୍ଟିଭଙ୍ଗୀ ପ୍ରଗତି ଧର୍ମୀ ମାନସିକତା ଚରିତ୍ର ସୃଷ୍ଟିକରି ଆସିଛି। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ବିଭବ ଅନେକାଂଶରେ ମଣିଷର ଚାରିତ୍ରିକ ବିବର୍ତ୍ତନ ଉପରେ ପର୍ଯ୍ୟବସିତ। ବିପଦ ବିବର୍ତ୍ତନକୁ କ୍ରିୟାଶୀଳ ଓ ପ୍ରକ୍ରିୟାଶୀଳ କରେ। ଆଗରୁ ବିପଦ ଅଛି– ଏଇ କଥା ଭାବି ଆମେ ଅନେକ ସମୟରେ ଉଚିତ୍ ନିଷ୍ପତ୍ତି ନେବା ପାଇଁ ଚେଷ୍ଟା କରୁ। ବର୍ତ୍ତମାନ ସମୟରେ ଆମ ରାଜ୍ୟ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସାରା ବିଶ୍ୱରେ ଏକ ଉଦାହରଣ ପାଲଟିଛି। କିନ୍ତୁ ଏକଦା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଆମେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଥିଲେ। ବିପଦରୁ ମିଳୁଥିବା ଶିକ୍ଷା ଆମକୁ ସାମର୍ଥ୍ୟରୁ ବିବର୍ତ୍ତନର ମଞ୍ଜି ପୋତା ହୁଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ଅବସ୍ଥାରୁ ଦେଖି ଅନେକ ସମାଜ ବିଜ୍ଞାନୀ ଏହାର ସ୍ଥିତି ଓ ସତ୍ତାକୁ ନେଇ ପ୍ରଶ୍ନ କରିଥିଲେ। କିନ୍ତୁ ଜାପାନ ବାହ୍ୟ ପରିସ୍ଥିତି ସାମ୍ନାରେ ଦବି ନଯାଇ ନିଜ ସାମର୍ଥ୍ୟର ବିକାଶରେ ମନୋନିବେଶ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଏକ ବିଶ୍ୱଶକ୍ତି ଭାବେ ଏହାର ଅଭ୍ୟୁଦୟ ସମ୍ଭବ ହୋଇ ପାରିଥିଲା।

ସେମିତି ବିଶ୍ୱର ଅର୍ଥନୀତି ମଧ୍ୟ ଅନେକ ସମୟରେ ବିପଦ ଓ ବିବର୍ତ୍ତନ ଦେଇ ଗତି କରି ଆସିଛି। ସମାଜରେ ଅନେକ ସଂସ୍କାର ଆସିଛି ଏବଂ ମଣିଷର ବ୍ୟବହାରିକ ପରିବର୍ତ୍ତନ ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନର କରୋନା ମହାମାରୀକୁ ବିପଦ ଓ ବିବର୍ତ୍ତନର ଏକ ଅନନ୍ୟ ଉଦାହରଣ ଭାବେ ନିଆଯାଇପାରେ। ଗୋଟିଏ ପକ୍ଷରେ କରୋନା ମହାମାରୀର ବିପଦ ଯେତେ ବଡ଼ଥିଲା, ଅନ୍ୟପକ୍ଷରେ ଏହି ବିପଦକୁ ମୁକାବିଲା କରିବା ପାଇଁ ମଣିଷର ସାମର୍ଥ୍ୟ ମଧ୍ୟ ସେତିକି ଉଦାହରଣୀୟ ଥିଲା। କରୋନା ଟିକା (Vaccine)ର ଉଦ୍ଭାବନ ମଣିଷ ସାମର୍ଥ୍ୟର ବିବର୍ତ୍ତନ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଏତେ କମ୍ ସମୟ ମଧ୍ୟରେ ବିଶ୍ୱରେ ଅନ୍ୟ କୌଣସି ମହାମାରୀର ଟିକା ପ୍ରସ୍ତୁତ ହୋଇ ପାରି ନାହିଁ।

ବିପଦର ବିଶାଳତା ମଣିଷର ସାମର୍ଥ୍ୟର ବିଶାଳତା ନିମନ୍ତେ ସର୍ବଦା ସୁଯୋଗ ସୃଷ୍ଟିକରେ। ସମସ୍ୟା ସମୟରେ ହିଁ ପ୍ରକୃତ ସାମର୍ଥ୍ୟର ସନ୍ଧାନ ସଫଳ ହୁଏ। କଥାରେ ଅଛି ପଥର ଯେମିତି ଘର୍ଷଣ ବିନା ଚମକି ପାରିନାହିଁ, ମଣିଷ ସେମିତି ବିପଦ ବିନା ସଂପୂର୍ଣ୍ଣ ହୋଇ ପାରେ ନାହିଁ। ଏକଦା ଆଲବର୍ଟ ଆଇନଷ୍ଟାଇନଙ୍କୁ ଜଣେ ଛାତ୍ର ତାଙ୍କ ସଫଳତାର କାରଣ ପଚାରିଲେ। ଆଇନଷ୍ଟାଇନଙ୍କ ଉତ୍ତର ଥିଲା, "ମୁଁ ଏଥିପାଇଁ ସଫଳ ନୁହେଁ ଯେ ମୁଁ ବୁଦ୍ଧିମାନ, ଅପିତୁ ମୁଁ ଅଧିକ ସମୟ ମୋ ସମସ୍ୟା ଓ ବିପଦ ସାଥିରେ ରହିପାରେ"। ବିପଦ ବିନା ବିବର୍ତ୍ତନ ଅସମ୍ଭବ। ବିପଦ ଚରିତ୍ର ତିଆରି କରେ ଓ ଚରିତ୍ର ସାମର୍ଥ୍ୟ ସୃଷ୍ଟି କରିଥାଏ। ପୂର୍ବ ପ୍ରଧାନ ମନ୍ତ୍ରୀ କହିଥିଲେ, ପଡ଼ିବାର ପୀଡ଼ା ମଣିଷର ଚଢ଼ିବାର ସାମର୍ଥ୍ୟକୁ ପ୍ରଭାବିତ ନ କରୁ। ମଶିଷକୁ ପରିସ୍ଥିତି ସହ ଲଢ଼ିବା ଦରକାର, ଗୋଟିଏ ସ୍ୱପ୍ନ ଭାଙ୍ଗିଲେ ଆଉ ଗୋଟିଏ ଗଢ଼ିବା ଦରକାର।

ଛୋଟ ମନ ନେଇ କେହି କେବେ ବଡ଼ ହୋଇ ପାରେନା ବା ଭଙ୍ଗା ମନରେ କେହି କେବେ ଛିଡା ହୋଇ ପାରେନା। ବାଧା ଆସିବ, କିନ୍ତୁ ଆଗକୁ ବଢ଼ିବାର ସମ୍ଭାବନା ମଧ୍ୟ ସର୍ବଦା ବଳବତ୍ତର ରହିବ। ବିପଦ ଓ ବିବର୍ତ୍ତନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଟେ ମଣିଷର ଚରିତ୍ର। କେବେ ହାର ନ ମାନିବାର ମାନସିକତା ଆମର ଧ୍ୟେୟ ହେବା ଜରୁରୀ।

# ସମୟର ଆବର୍ତ୍ତନ

*ଆଶାଲତା ପାଣ୍ଡବ*

ଏବେ ଘରେ ଘରେ ମହାମିଳନ ପର୍ବ। ଏହି ମହାର୍ଘ ମୁହୂର୍ତ୍ତ କେତେ ପୁଲକ ସତେ !

ଆବାଳବୃଦ୍ଧବନିତା ଏବେ ସମସ୍ତେ ଗୃହବନ୍ଦୀ। ପ୍ରଥମେ ଏହା ତାଜୁବ୍ ଲାଗୁଥିଲା। କେବେ କଟକଣା ଭିତରେ ରହି ନଥିବା ମଣିଷ ଯେମିତି କଏଦୀ ଭାବରେ ତଟସ୍ଥ ହୋଇ ଦିନରାତି କାଟୁଛି ବୋଲି ଅନୁଭବ କରୁଛି। ସରକାରଙ୍କ ନିର୍ଦ୍ଦେଶ ତ ମାନିବାକୁ ପଡିବ। ଦୀପ ପ୍ରଜ୍ୱଳନ, ଘଣ୍ଟା ବାଦନ, ବନ୍ଦେ ଉତ୍କଳ ଜନନୀ ଗାନ ଏହି ସବୁ ଆନନ୍ଦ ଲହର ଭିତରେ କିଛିଦିନ କଟିଗଲା। ତା ପରେ ଘରେ ବି ଖାଦ୍ୟ ପ୍ରତିଯୋଗିତାର ଲମ୍ବା ସୁଅ ଛୁଟିଲା। ପ୍ରତିଦିନ ପାଟି ଚିକ୍କଣିଆ ଖାଦ୍ୟ ଖାଇ ଖାଇ ଅସ୍ୱସ୍ତିକର ବୋଧ ହେଲା। ଯୋଗ ପ୍ରାଣାୟମ ଦ୍ୱାରା କିଛିଟା ମାନସିକ ଆଶ୍ୱସ୍ତି ତ ମିଳେ, ହେଲେ ଗୃହବନ୍ଦୀ ଜୀବନରୁ ନିସ୍ତାର ମିଳିବ କେବେ ?

ପିଲାମାନଙ୍କୁ ଅନ୍-ଲାଇନ୍ ପାଠ ପଢିବାରେ ସାହାଯ୍ୟ, ଘରର ନାନାବିଧ କାମ, ବଜାର ସଉଦା ବି ଅନ୍-ଲାଇନ୍ ମଗାଇବା, ଘରର ହାନିଲାଭ ବୁଝି ଘରର ଘରଣୀ ବି ନୟାନ୍ତ। ଏ ସବୁରେ ଅଭ୍ୟସ୍ତ ନ ହୋଇଥିବା ମଣିଷ ଟିକିଏ ସମୟ ପାଇଲେ ଫୋନ୍‌ରେ ସାଙ୍ଗସାଥି ମାନଙ୍କ ସହିତ ଯୋଡିହୋଇ ଦୁଃଖସୁଖ ହୁଏ। ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରି କିଛି ନିର୍ଯ୍ୟାସ ପାଏ। ସେଥିରୁ ସେ ଅବଗତ ହୁଏ ଯେ, ପରିବର୍ତ୍ତନ ହିଁ ସତ୍ୟ। ସୃଷ୍ଟିର ଅୟମାରମ୍ଭରୁ ପରିବର୍ତ୍ତନ ପ୍ରକ୍ରିୟା ଚିର ପ୍ରବହମାନ ସ୍ରୋତରେ ଧାବମାନ।

ମାଆ ପାଖରେ ବସି ଶୁଣୁଥିବା ଅଷ୍ଟମ ଶ୍ରେଣୀର ପୁଅ ଭାଗବତ ମନରେ କିଛି ଜିଜ୍ଞାସା ଉଦ୍ରେକ ହୁଏ। ପିଲାମାନେ ତ ସହଜେ ଜିଜ୍ଞାସୁ। ଅଧିକ ଜାଣିବା ଲକ୍ଷ୍ୟନେଇ ଜେଜେବାପାଙ୍କ ସାହାରା ଲୋଡେ। ନାତିର ଆଗ୍ରହକୁ ପ୍ରତ୍ୟାଖ୍ୟାନ କରିବାକୁ ନଦେଇ ଜେଜେବାପା ସବୁଦିନ କିଛି ତତ୍ତ୍ୱଦର୍ଶୀ କଥା ଶୁଣାଇବାକୁ କଥା ଦିଅନ୍ତି। ମନେମନେ ଧନ୍ୟବାଦ ଅର୍ପଣ କରନ୍ତି ଭଗବାନଙ୍କୁ। ହେ ଭଗବାନ ! ଏହି ମହାବିପଦ (କରୋନାକାଳ) ସମୟରେ ବି କିଛି ଆନନ୍ଦ ଗୋଟାଇବାର ମଉକା ଜୁଟାଇଛ ! ଧନ୍ୟ ତୁମ ଲୀଳା ପ୍ରଭୁ ଧନ୍ୟ ତୁମ ସଂସାର ସଂରଚନା।

ତାଙ୍କ କଣ୍ଠରୁ ଭାସି ଆସେ ସେ ବିସ୍ମୟ ବିମୁଗ୍ଧ ଓ ଭକ୍ତି ପ୍ରଣୀତ ଗୀତ–

କି ସୁନ୍ଦର ଆହା କି ଆନନ୍ଦମୟ<br>
　　　　ଏହି ବିଶାଳ ସଂସାର<br>
ଧନ୍ୟ ମହାପ୍ରଭୁ, ମହିମା ତୁମ୍ଭର<br>
　　　　ଅଟେ ଅନନ୍ତ ଅପାର। (ମଧୁସୂଦନ)

ତା' ପରେ ଜେଜେ ବି ସଂଶୟ ଘେରରେ ବୁଡନ୍ତି। କ'ଣ ବା କିପରି ଢଙ୍ଗରେ ସେ ନାତି ଭାଗବତକୁ ମନ ମୋହିଲା କଥା କହି ତା ବିଚକ୍ଷଣତା ପାଖେ ବଶୀଭୂତ ହେବେ। କୋଭିଡ୍-୧୯ ଭୂତାଣୁଟିର ଚୀନର ଉହାନ୍ ସହରରୁ ଉତ୍ପତ୍ତି। ଏହା ଏକବିଂଶ ଶତାବ୍ଦୀର ମାନବ ସମାଜର ରୋଗମୁକ୍ତ ଭାବରେ ବଞ୍ଚିବାର ଅଦମ୍ୟ ଉତ୍ସାହ ଓ କାର୍ଯ୍ୟକ୍ଷମତାକୁ ବିରାଟ ଆହ୍ୱାନ ହୋଇଛି। ଏହା ତ ସବୁଦିନର ଖବରକାଗଜ ଓ ଟିଭି ପରଦାର ମୁଖ୍ୟ ସ୍ଥାନ ଦଖଲ କରି ପରିବେଷଣ କରାଯାଉଛି। ବରେଣ୍ୟ ସ୍ତମ୍ଭକାରଙ୍କ ସହିତ ପ୍ରଥିତଯଶା ବହୁ ଗୁଣୀ ଲେଖକ ଲେଖିକାମାନେ ତାଙ୍କ ଅଜସ୍ରସ୍ରାବୀ ଲେଖନୀରେ ଖବରକାଗଜର ପୃଷ୍ଠା ବିମଣ୍ଡିତ କରୁଛନ୍ତି। ତାକୁ ନାତି ମନଦେଇ ପଢେ ଆଉ ସଭିଙ୍କୁ ଶୁଣାଏ। ତେବେ କ'ଣ କହିବେ ଭାବି କହିଲେ, ଦେଖ ବାବା, ତତେ ମୁଁ ସୃଷ୍ଟି ଓ ସ୍ରଷ୍ଟା ବିଷୟରେ ସମ୍ୟକ କିଛି କହୁଛି। ଯାହା ତୁ ବୁଝିପାରିବୁ, ନଚେତ୍ କହିବସିଲେ ତ ପୋଥି ପୁରାଣ ହେବ। ମୋର କିଞ୍ଚିତ୍ ଜ୍ଞାନରେ ତତେ କିଛି କହିବାର ଅଭିଳାଷ ଯୁଟାଇଛି। ତୋର ସମ୍ମତି ଓ ଇଚ୍ଛାଶକ୍ତି ପାଇଁ ଏହା ମୋର ଛୋଟ ପ୍ରୟାସ ମାତ୍ର।

ଏ ସୁନ୍ଦର ପୃଥିବୀ, ଯାହାର ସୃଷ୍ଟି, ସେ ହେଉଛନ୍ତି ସୃଷ୍ଟିକର୍ତ୍ତା। ସେ ସର୍ବମୟ କର୍ତ୍ତା। ସକଳ ସୃଷ୍ଟିର ଆଧାର। ତାଙ୍କରି ଇଙ୍ଗିତରେ ଏ ସୃଷ୍ଟିର ସମସ୍ତ ଜୀବଜନ୍ତୁ ଆତଜାତ ଓ ପରିଚାଳିତ। ସେ ସର୍ବ ନିୟନ୍ତା। ତାଙ୍କ ସୃଷ୍ଟି ପ୍ରକୃତି ରାଜ୍ୟକୁ ନାନା ସାଜରେ ସଜାନ୍ତି, ରଙ୍ଗାନ୍ତି। କେବଳ ତାଙ୍କୁ ହିଁ ଜଣା ତାଙ୍କ ସୃଷ୍ଟିର ରହସ୍ୟ। କେତେବେଳେ ଆନନ୍ଦ ରୂପରେ ତାଙ୍କ ରାଜ୍ୟକୁ ରଙ୍ଗାଇଥାନ୍ତି ତ କେତେବେଳେ ରୁଦ୍ର ରୂପରେ ତାଙ୍କ ସୃଷ୍ଟିକୁ ଉଜାଡି ଦିଅନ୍ତି। ହେଲେ

ପ୍ରକାରାନ୍ତରେ ବିଶ୍ୱ ସୃଷ୍ଟି ଅନୁପମ କେବଳମ୍। ଅମୃତର ଝର ମଧ୍ୟ ନିରନ୍ତର ବହୁଥାଏ। ଋଗ୍ ବେଦରେ ଉଲ୍ଲେଖ ରହିଛି –

"ମଧୁବାତା ଋତାୟନେ
ମଧୁ କ୍ଷରନ୍ତି ସିନ୍ଧବଃ
ମାଧ୍ୱୀନଃ ସନ୍ତୋଷଧୀଃ"

ପରମ କାରୁଣିକ ଭଗବାନ ଜୀବ ଜଗତର ଉଦ୍‌ଭବ କଲେ। ଏ ପୃଥିବୀରେ ମଣିଷ ଜନ୍ମ ହେଉଛି ଭଗବାନଙ୍କ ଅଶେଷ କରୁଣା। ପାର୍ଥିବ ଜୀବନର ମୂଳ ହେଉଛି ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ। ସୌରମଣ୍ଡଳ ଓ ଜୀବ ଜଗତ ପରସ୍ପର ପରିପୂରକ। ଗୋଟିଏ ବିନା ଆରଟି ଅଧୁରା। ଦିନ-ରାତି, ଆଲୁଅ-ଅନ୍ଧାର, ହସ-କାନ୍ଦ ସର୍ବୋପରି ବଞ୍ଚିବାର ପରମ ଆନନ୍ଦରେ ଏ ମଣିଷ ମୋହମୟ ହେଲା। ସୌନ୍ଦର୍ଯ୍ୟର ଗନ୍ତାଘର ଏହି ପ୍ରକୃତିରୁ ମଣିଷ ଖାଦ୍ୟ, ପାନୀୟ, ବସ୍ତ୍ର ସବୁ କିଛି ଲାଭକଲା।

ସଭ୍ୟତାର ଦ୍ୱାରଦେଶରେ ପଦାର୍ପଣ କରି ସଂସାର ପଥରେ ଆଗେଇ ସମାଜ ସମ୍ମୁଖରେ ଠିଆ ହୋଇ ମଣିଷ ନିଜର ପରିଚୟ ସୃଷ୍ଟିକଲା। ପ୍ରେମର ପୋଖରୀରୁ ପ୍ରିୟତମା ପ୍ରାପ୍ତ ହୋଇ ଅନୁଭବର ଦୃପ୍ତ ନିନାଦରେ ବଞ୍ଚିବାର ନିଷ୍ଠାକୁ ବଳବତ୍ତର କଲା ତ କେତେବେଳେ ଯନ୍ତ୍ରଣାର ଯମୁନାକୂଳେ ଲୁହ ଢାଳି ଡହଳ ବିକଳ ହେଲା।

କ୍ରମଶଃ ସମ୍ପର୍କକୁ ଆଧାର କରି ନିଜ ସାମାଜିକତାକୁ ଦୃଢତର କଲା। ନିଜର କାର୍ଯ୍ୟଦକ୍ଷତା, ଆଚାର ବ୍ୟବହାର ଓ ବୁଦ୍ଧିମତ୍ତା ବଳରେ ନିଜ ଚରିତ୍ର ମଧ୍ୟ ପ୍ରତିପାଦନ କଲା, ସେଗୁଡିକ ଇତିହାସ ହୋଇ ରହିଗଲା। ସେହି ପୂର୍ବପିଢିମାନଙ୍କ ଅଭିଜ୍ଞତା ଆଜି ଆମେ ପଢି ନିଜ ବର୍ତ୍ତମାନ ଆଉ ଭବିଷ୍ୟତ ପାଇଁ ପ୍ରୟୋଗ କରି ଲାଭବାନ ହେଉଛୁ। କେତେ ସୁଶିକ୍ଷା ଆଗାମୀ ପିଢି ଗୁଡିକ ପାଇଁ ସଂଚିତ ହୋଇ ରହିଛି !

ପୁରାଣ ଯୁଗର କେତେ ଆଦର୍ଶ ଚରିତ୍ର ବିଷୟରେ ଜାଣିଲେ ନିଶ୍ଚୟ ଚରିତ୍ର ଗଠନ ହୁଏ। ଆମର ମହାନ ଗ୍ରନ୍ଥ ଗୀତା ସୂଚାଇ ଦିଏ ଯେ ଶ୍ରୀକୃଷ୍ଣ କିପରି ମହାଭାରତ ଯୁଦ୍ଧର କର୍ଣ୍ଣଧାର ସାଜି ତାଙ୍କ ମୁଖ ନିଃସୃତ ଅମୃତବାଣୀରେ ଅର୍ଜୁନଙ୍କୁ ଉପଦେଶ ଦେବା ଛଳରେ ସଂସାରକୁ ଚେତାଇ ଦେଇଛନ୍ତି। ପାଣ୍ଡବ କୌରବଙ୍କ କାହାଣୀରୁ ସବୁ ଚରିତ୍ରର ଚିତ୍ରଣ ଆମ ଆଜିର ସମାଜ ପ୍ରତି ମଣିଷର ସମ୍ପର୍କ ଅବଲୋକନ କଲେ ନିଦ୍ୱନ୍ଦ୍ୱରେ ବୁଝା ପଡିଯାଏ। ପାରିବାରିକ ସମ୍ପର୍କ ମଧ୍ୟରେ ମାଆର ବାତ୍ସଲ୍ୟ ସ୍ନେହ ତଥା ସବୁ ମିଳନ ଆଉ ବିଚ୍ଛେଦର କାହାଣୀ ଆମ ଜୀବନ ସହିତ ଜଡିତ। ମହାଦାନୀ କର୍ଣ୍ଣ ଏମିତି ଏକ ଚରିତ୍ର, ଦୁର୍ଯ୍ୟୋଧନ ସହିତ କୃତଜ୍ଞତା ଭିତ୍ତିରେ ସମ୍ପୃକ୍ତ। ସେଇ ଭୁଲ୍ ବୁଝାମଣା ପାଇଁ ଚନ୍ଦ୍ରରେ କାଳିମା ସଦୃଶ ତାଙ୍କ ବ୍ୟକ୍ତିତ୍ୱ ବ୍ୟର୍ଥ ହୋଇଛି ମହାଭାରତରେ।

ରାମାୟଣରେ ପିତାଙ୍କ ବଚନ ରକ୍ଷାକରି ରାମଚନ୍ଦ୍ର ବନବାସ ଯାଇଥିବା ବେଳେ ଭାତୃ ପରାୟଣ ହୃଦୟ ନେଇ ଭରତ ସିଂହାସନ ଆରୋହଣ ନକରି ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ପୂଜା କରିଥିଲେ। ଭଲ ପାଇବାର ନିଦର୍ଶନ ସ୍ୱରୂପ ଦକ୍ଷ ଲଳନା ମାତା ସତୀ ପିତାଙ୍କ ବାରଣ ସତ୍ତ୍ୱେ ମହାଦେବ ଶିବଙ୍କୁ ପତିରୂପେ ବରଣ କରିଥିଲେ ଏବଂ ପର ମୁହୂର୍ତ୍ତରେ ବିନା ନିମନ୍ତ୍ରଣରେ ଦକ୍ଷଯଜ୍ଞକୁ ଆସି ପିତାଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଯଜ୍ଞକୁଣ୍ଡରେ ଝାସ ଦେଇଥିଲେ। ତାପରେ ପରିଣାମ ସ୍ୱରୂପ ମହାଦେବ ଶିବ ତାଣ୍ଡବ ରଚିଥିଲେ। ଏ ସବୁ ସଂସାରର ନିୟମ।

ଜେଜ ନାତି ବାର୍ତ୍ତାଳାପ ମଧ୍ୟରେ ନାତି ନିଜର ସଂଶୟ ଉପସ୍ଥାପନ କରିଛନ୍ତି ଜେଜଙ୍କ ପାଖରେ। ଏ ସଂସାର ଯଦି ସୁନ୍ଦର, ତେବେ ଗୌତମ ବୁଦ୍ଧ କାହିଁକି ନିର୍ବାଣ ଚାହିଥିଲେ ?

ଏଇ ସଂସାରରେ କିଏ ଆସ୍ତିକ ପୁଣି କିଏ ନାସ୍ତିକ। କେହି ଆଶାବାଦୀ ତ କିଏ ନୈରାଶବାଦୀ। ପ୍ରତ୍ୟେକ ବ୍ୟକ୍ତିର ଦୃଷ୍ଟିକୋଣ ଅଲଗା ଅଲଗା। ସମସ୍ତଙ୍କଠାରେ ଭିନ୍ନତା ପରିଲକ୍ଷିତ ହୁଏ। ଏହାତ ଜୀବନ ଦର୍ଶନ। କିଏ ଏଠାରେ ନିରାଶ ଦର୍ଶନରେ ଜର୍ଜରିତ ତ କିଏ ଆଶାର କିରଣରେ ସୁନ୍ଦର ସୌଧ ନିର୍ମାଣରେ ବ୍ୟସ୍ତ। ସବୁ ସତ୍ତ୍ୱେ ବି ଏ ସଂସାର ଅନିତ୍ୟ। ଏଠି ଦାର୍ଶନିକତା ବିଚାରରେ ସବୁ ସତ୍ୟ। ଆତ୍ମା ନିତ୍ୟ। ଭୋଗ୍ୟ ବସ୍ତୁ ସବୁ ଅନିତ୍ୟ। ପ୍ରତ୍ୟେକ ଖୁସି ଓ ଆନନ୍ଦର ଆରମ୍ଭ ଶେଷ ରହିଛି। ଆଦି ଆଉ ଅନ୍ତ। ଶଙ୍କରାଚାର୍ଯ୍ୟଙ୍କ ଉକ୍ତିରେ –

"ମା କୁରୁ ଜନ ଧନ ଯୌବନ ଗର୍ବମ୍
ହରତି ନିମେଷାତ୍ କାଳ ସର୍ବମ୍ ।"

ସମୟକ୍ରମେ ମଣିଷ ଭୋଗ ବିଳାସରେ ବୁଡିଲା। ସ୍ୱାର୍ଥାନ୍ୱେଷୀ ହେଲା। ଛଳନା, ପ୍ରତାରଣା ସହ ନିଜକୁ ନିଜେ ଠକି ସର୍ବଶ୍ରେଷ୍ଠ ଜୀବ ଭାବରେ ଆକଳନ କଲା। ସେଥିରେ ସେ ଆତ୍ମତୃପ୍ତି ଲାଭକଲା। ଏହି ଗୋଷ୍ଠୀର ବ୍ୟକ୍ତିମାନେ ଖଳ ଭାବରେ ପରିଚିତ। ସେମାନଙ୍କର ଦୃଷ୍ଟିଭଙ୍ଗୀ ଦ୍ରୁତତମ ଅଶ୍ୱଟିକୁ ବନ୍ଧନମୁକ୍ତ କରି ଅନିୟନ୍ତ୍ରିତ କରିବା।

ଉତ୍ତମ ବ୍ୟକ୍ତିମାନେ କିନ୍ତୁ ବିକ୍ଷିପ୍ତ ମନକୁ ବାନ୍ଧି ରଖନ୍ତି। ନିଜକୁ ସମର୍ପଣ କରନ୍ତି ଅଦୃଶ୍ୟ ଶକ୍ତିର ପାଦତଳେ। ଖଳ ସବୁଠାରେ ଉପସ୍ଥିତ। ସମୁଦ୍ର ମନ୍ଥନ ଠାରୁ ଆରମ୍ଭକରି ରାମାୟଣ ମହାଭାରତ ପର୍ଯ୍ୟନ୍ତ ସବୁଠାରେ ଖଳ ଆଉ ଉତ୍ତମ ସାମନା ସାମନି ହୋଇଛନ୍ତି।

ଆଜି ବିଂଶ ଶତାବ୍ଦୀରେ ପଦାର୍ପଣ କରି ବିଜ୍ଞାନର ଦ୍ରୁତ ଅଗ୍ରଗତିକୁ ସ୍ୱାଗତ କରି ମଣିଷ ଆଗେଇ ଚାଲିଛି। ତା ଜୀବନଶୈଳୀରେ ଢେର୍ ପରିବର୍ତ୍ତନ ଆଣିଛି, ଯାହାର ପରିଣାମ ସ୍ୱରୂପ ଆଜିର ଏହି ପରିସ୍ଥିତି। ଦେଶ ପ୍ରଗତିଶୀଳ ନାମରେ ନିଜ ନାମକୁ ଟେକ ରଖିବାକୁ ଚାହୁଁଛି। ଦେଶ ମଧ୍ୟରେ ଆଭ୍ୟନ୍ତରୀଣ ଓ ଦେଶ ଦେଶ ମଧ୍ୟରେ ବାହ୍ୟିକ ଶତ୍ରୁତା ଲାଗି ରହିଛି। ଅନ୍ୟ ଦେଶକୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ କ୍ରୂର ଗବେଷଣା ଲବ୍ଧ ରାସାୟନିକ ଅସ୍ତ୍ର ଗଚ୍ଛିତ ରଖୁଛନ୍ତି ଅନେକ ଧନୀ ପାରିଲା ରାଷ୍ଟ୍ର। ବାୟୁମଣ୍ଡଳ ଦୂଷିତ ହେବା ଫଳରେ ପ୍ରକୃତି କ୍ଷୁବ୍ଧ ହେଉଛି। ଅମ୍ଳଜାନ ସ୍ତର କମିବା ସହ ଜୀବନ ବିପନ୍ନ କରିବା ଗ୍ୟାସ୍ ପରିମାଣ ବଢି ଉଠୁଛି। ଏହା ହିଁ ମଣିଷର ପୃଥିବୀ ବକ୍ଷରେ ତିଷ୍ଠି ରହିବାର ଦୁର୍ବାର ଆଶାକୁ କ୍ଷୁଣ୍ଣ କରୁଛି।

ତେବେ ଆମେ ଏସବୁ ଅଲୋଚନା କରି ପରିଶେଷରେ କିଛି ନିର୍ଯ୍ୟାସ ପାଇଲେ ବୋଲି ଚିନ୍ତା କରୁଛୁ ତ ? ଏହାର ଉତ୍ତରରେ ନାତି ଗଭୀର ଓ ନମ୍ର ଭାବରେ କହିଲା, ମୁଁ ତ କହୁଛି କରୋନା ମହାମାରୀ ସମସ୍ତଙ୍କ ପାଇଁ ପରୀକ୍ଷାର ଘଡି।

ହଁ,

କରୋନା ମହାମାରୀର ଆଧାତ୍ମିକ, ପୌରାଣିକ, ବୈଜ୍ଞାନିକ, ସାମାଜିକ ପୃଷ୍ଠଭୂମି ଉପରେ ଆଲୋକପାତ କଲେ ଆମେ କିଛି ଅବଗତ ହେବା। ପ୍ରାୟ ଶହେ ବର୍ଷରେ ଥରେ ଏମିତି ମହାମାରୀ ପୃଥିବୀ ପୃଷ୍ଠକୁ ଆସିଥାଏ ବୋଲି ପୌରାଣିକ କିମ୍ବଦନ୍ତୀ ଅଛି। ଏହା ଅନିବାର୍ଯ୍ୟ ଅଟେ। ଆଧାତ୍ମିକ ଦୃଷ୍ଟିକୋଣରୁ କେହି କାହାକୁ ମାନିଲେ ନାହିଁ। ଉଗ୍ର ଆଧୁନିକତାର ପ୍ରଭାବରେ ବାପା ମାଆ ଗୁରୁଜନ ଆଉ ଜନ୍ମମାଟି ଭୁଲି ମତୁଆଲା ହେଲେ। ଯାହାଦ୍ୱାରା ଭଗବାନ ପରୀକ୍ଷା ସ୍ୱରୂପ ଏମିତି ଏକ ଭୂତାଣୁଜନିତ ରୋଗ ଭିଆଇଲେ ଯେ ତାହାର ନିରାକରଣ ନିମନ୍ତେ ଗବେଷଣା, ଔଷଧ, ଟିକା ବାବତରେ ବର୍ଷ ବର୍ଷ ସମୟ ଓ ସମ୍ବଳ ଗଲେ ବି ରୋଗ ଆୟତ ବାହାରେ। ସେ ତ ହେଲା ସମାଜର କଥା।

ମାତ୍ର ଘର ଭିତରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରିବା କଥା। ରୋଗର ପ୍ରତିକାର ପାଇଁ ସମସ୍ତେ ନିଜ ନିଜ ଘର ମଧ୍ୟରେ ସୀମିତ ହୋଇ ରହିଲେ। ପରିବାର ଏକଜୁଟ୍ ହେଲା। ସମସ୍ତେ ଏକାକିତ୍ୱ ଅନୁଭବ ନକରି ଉଲ୍ଲସିତ ହେଲେ। ସକାରାତ୍ମକ ଚିନ୍ତନରେ ଘର ହସି ଉଠିଲା। ସମସ୍ତେ ବିମୋହିତ ହେଲେ। ଘରକୁ ସ୍ୱର୍ଗସମ ମଣିଲେ -

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

ବୈଜ୍ଞାନିକ ଦୃଷ୍ଟିରୁ ଲୋକେ ଖାଦ୍ୟ ସନ୍ତୁଳନ ପ୍ରତି ଧ୍ୟାନ ନଦେଇ ମଦ, ମାଂସ, ଅଖାଦ୍ୟ ଖାଇଲେ, ଯଦ୍ୱାରା ମେଦବୃଦ୍ଧି ଓ ଦୁରାରୋଗ୍ୟ ବ୍ୟାଧିର ଶିକାର ହେଲେ। ପରିବେଶକୁ ନଷ୍ଟ କରିବାଦ୍ୱାରା ପ୍ରଦୂଷଣରୁ ବି ରୋଗ ଜନ୍ମିଲା।

ଆଜିର କୋଭିଡ୍୧ ୯ ରୋଗର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଉ ସରକାରଙ୍କ ସଙ୍ଗରୋଧ, ତାଲାବନ୍ଦ ଆଦି ପାଳନ ଦ୍ୱାରା ପ୍ରମାଣ ମିଳୁଛି ଯେ ମଣିଷର ଯାନବାହାନ ବନ୍ଦ ହେବା ଦ୍ୱାରା ବାୟୁମଣ୍ଡଳ ଶୁଦ୍ଧ ରହୁଛି। ପରିବେଶର ଉନ୍ନତି ପରିଲକ୍ଷିତ ହେଉଛି।

ସାମାଜିକ ପୃଷ୍ଠଭୂମିରେ କୋଭିଡ-୧ ୯ ଫଳରେ ଅଭୂତପୂର୍ବ ଘଟଣା ଦେଖିବାକୁ ମିଳୁଛି। ରୋଗୀ ହେଲେ ତ ଆଇ.ସି.ଇୟୁରେ ଏକାନ୍ତ ରହିବାକୁ ପଡୁଛି। ନା ବାପା ମା କି କେହି ଆତ୍ମୀୟ ଦେଖିପାରିବେ। ମରିଗଲେ ବି ମୃତଦେହ ଆତ୍ମୀୟ ମାନଙ୍କୁ ହସ୍ତାନ୍ତର କରା ନଯାଇ ସିଧା ମଶାଣିରେ ସରକାରଙ୍କ ପକ୍ଷରୁ ଦାହ କରାଯିବ। ସେମିତି ସବୁଠାରେ ସୀମା ଧାର୍ଯ୍ୟ ହୋଇଛି ବିବାହ, ବ୍ରତ ଓ ଅନ୍ୟ ସାମାଜିକ କାର୍ଯ୍ୟ ଗୁଡିକରେ। ସତ କହିବାକୁ ଗଲେ, ଏବେ ସମାଜ ରାସ୍ତା ଛାଡି ପରିବାରରେ ଆତ୍ମଗୋପନ କରିଛି। ଏହା ଯେ ବିପଯ୍ୟୟ-ଭିତ୍ତିକ ଆଉ ପ୍ରାଣରକ୍ଷାର ସୂତ୍ର, ଏଥିରେ ଦ୍ୱିମତ ହେବାର ନାହିଁ।

ସତରେ କଅଣ କରୋନା ରୋଗ ଏମିତି ସମସ୍ତଙ୍କୁ ବର୍ଷ ବର୍ଷ ଧରି ପଙ୍ଗୁ କରିଦେବ ? ଏହା ଏମିତି ଗୋଟିଏ ବ୍ୟାଧି ମଣିଷର ସମାଜ, ସାମାଜିକ ଜୀବନ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ସବୁକୁ ନିର୍ବାକ୍ କରି ଦେଇସାରିଲାଣି। ଏମିତି ଆହୁରି ବର୍ଷଟିଏ ଗଲେ, ବିଶ୍ୱରେ ଖାଦ୍ୟାଭାବ, ଅନେକ ପ୍ରକାର ରୋଗ ବ୍ୟାଧି ଘୋଟିଯିବ।

କିନ୍ତୁ ଆଶା ଓ ବିଶ୍ୱାସ, ସୃଷ୍ଟି ଆରମ୍ଭରୁ ମଣିଷ ସମାଜ କେତେ ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଆଉ ଆଣବିକ ବିପତ୍ତିର ସମ୍ମୁଖୀନ ହୋଇଛି। କିନ୍ତୁ ସମୟକ୍ରମେ ସବୁ ଗୁଡିକରୁ କେବଳ ନିସ୍ତାର ପାଇନାହିଁ, ନିଜେ କିଛି ପ୍ରତିରୋଧକ୍ଷମ ଶକ୍ତି ଅର୍ଜନ କରିଛି। ଆଜି କେତେକ ମହାମାରକ ପ୍ଲେଗ୍ କି ବସନ୍ତ ରୋଗ ନାହିଁ। ଆଜି ବି ଆଉଥରେ ମହାବାତ୍ୟା ଆସିଲେ, ଆଗଭଳି କ୍ଷୟକ୍ଷତି କରିପାରିବନାହିଁ।

ଏହା ମଣିଷ ଆଉ ପ୍ରକୃତି ମଧ୍ୟରେ ରହିଥିବା ଅନ୍ତର ମଧ୍ୟରୁ ମଣିଷ କିଛି ପାଇଛି, ଶିଖିଛି। ନିଜର ବୁଦ୍ଧିବଳରେ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରୁଛି।

କରୋନା ରୋଗ ସମାଜର ଯେତେ କ୍ଷତି କଲେ ବି ପୁଣି ସେହି ଶହେ ବର୍ଷ ତଳର ଆତଙ୍କ ଖେଳାଇଥିବା ଇନଫ୍ଲୁଏଞ୍ଜା ପରି ଧରା ବକ୍ଷରୁ ବିଦାୟ ନେବ।

ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ - ୭୯୭୮୬୭୨୬୫୩

ଓଁ୦ଓଁ

# ଅନାଥ ସନ୍ତାନ

*ଡା ଇନ୍ଦ୍ରମଣି ଜେନା*

ବିଭଞ୍ଜନ ନାମରେ ମାମୁଁଘର ନାମକରଣ କରିଛନ୍ତି ପୁଅଟିର । ବାପା ମାଆ ପୁଅର ଏହି ନାମରେ ବହୁତ ଶାନ୍ତି । ପୁଅଟି ବଡ ହେଲେ ତାହାର ରଚି ଅନୁସାରେ ତାହାର ବିଦ୍ୟା ଆଉ ବୃତ୍ତି ଆଦରି ନେବ ବୋଲି ସେମାନେ ମନେ ମନେ ନିଶ୍ଚିତ ଅଛନ୍ତି ।

କିନ୍ତୁ ଦଇବର ବିଧି ଅଲଗା ପ୍ରକାରର । ବିଭଞ୍ଜନ ମାତ୍ର ଆଠ ବର୍ଷ ହେବା ବେଳକୁ ଗୋଟିଏ ବର୍ଷରେ ମାତା ଆଉ ମାସକ ପରେ ପିତା ଇହଧାମ ଛାଡି ଚାଲିଗଲେ । ମାତା ଚାଲିଯିବା ପରଠାରୁ ଆଠ ବର୍ଷର ପିଲାଟି ପଡୋଶୀ ଗାଁରେ ମାମୁଁ ଘରକୁ ଯିବାକୁ ବାଧହେଲା । ଅବଶ୍ୟ ସେଠାରୁ ବାପାଙ୍କ ବିୟୋଗ ଖବର ପାଇ ଅଜା ଆଇଙ୍କ ସାଥିରେ ନିଜ ଘରକୁ ଆସି ବାପାଙ୍କ ଶବ ସତ୍କାରରେ ଯୋଗ ଦେଇଥିଲା ।

ଗାଁର ଲୋକ ପିଲାଟିକୁ ଅନାଥ ହେବାର ତାଙ୍କ ନିଜ ଆଖିରେ ଦେଖିଛନ୍ତି । ମନରେ ସମସ୍ତଙ୍କର ସହାନୁଭୂତି । ବିଚରା ଛୋଟ ପିଲାଟି, କେମିତି ବଞ୍ଚିବ ମାଆ ବାପାଙ୍କ ଅନ୍ତେ !

କେହି କେହି ପିଲାଟିର ଦୁର୍ଭାଗ୍ୟର କାରଣ ବୁଝି ପାରୁ ନଥିଲେ । କେତେ ଗାଁ ମାଇପେ କଥା ହେଉଥିଲେ, ଭଲ ହେଲା ସିଏ ମାମୁଁ ଘରକୁ ଚାଲିଗଲା । ନହେଲେ ତାର କଅଣ ନହେବ ବୋଲି କିଏ କହିବ ? ସେ ଘରକୁ ତ ଦୁର୍ଭାଗ୍ୟ ଗ୍ରାସିଛି ।

ଦୁନିଆକୁ ଆଦୌ ଦେଖି ନଥିବା ବିଭଞ୍ଜନ ନିଜକୁ ପ୍ରଥମେ ଦୋଷୀ ମନେ କରୁଥିଲା । ନିଜେ ପଢୁଥିବା ପ୍ରାଥମିକ ସ୍କୁଲର ଅନ୍ୟ ସାଙ୍ଗ ମାନଙ୍କ ସହିତ ନିଜକୁ ତୁଳନା କରି ତାହାର ହୋସ୍ ଉଡିଯାଉଥିଲା । ସମସ୍ତଙ୍କର ପିତାମାତା ବଞ୍ଚିଥିବା ବେଳେ ତା ଭାଗ୍ୟରେ କାହିଁକି ବଜ୍ରପାତ ହେଲା ସିଏ ବୁଝି ନପାରି ନିଜକୁ ପାପୀ ଆଉ ମାଆ ଛେଉଣ୍ଡ ଓ ବାପଛେଉଣ୍ଡ ବୋଲି ଧିକ୍କାର କରୁଥିଲା ।

ସାଇ ପଡିଶାରେ କି ଗାଁ ଦାଣ୍ଡରେ କିଏ ତାକୁ କଥାରେ ଛେଉଣ୍ଡ ବୋଲି କହି ଆହା କରୁଥିଲେ ବି ତା ମନରେ ବହୁତ ଦୋଷ ଲଦି ଦେବା ପରି ସେ ଅନୁଭବ କରେ । ଦିନରାତି ଶୋଇ ପାରେନି । କିନ୍ତୁ ସେ ମନରେ ଶକ୍ତି ଯୁଟାଇ ନିଜକୁ ଗଢି ତୋଳିବାର ବ୍ରତ ନିଏ ।

ବର୍ଷଟିଏ ପରେ ମାଆଙ୍କର ବର୍ଷିକିଆ ପର୍ବ ପାଳନ ତାହାର ଦୁଃଖ ବହୁଗୁଣରେ ବଢାଇଦିଏ । ସବୁ ଦୁଃଖରେ ସେ ଶପଥ ନିଏ ମାଆ ପାଇଁ ମନଦେଇ ପାଠ ପଢିବ । ମାଆ ତାର ସବୁବେଳେ କହୁଥିଲେ, ଘରେ ସିନା କେହି ପାଠ ପଢିନାହାନ୍ତି, ମୋ ପୁଅ ବିଭଞ୍ଜନ ବହୁତ ପାଠ ପଢିବ । ଆମ ଗାଁରେ ସମସ୍ତ ପଢୁଆମାନଙ୍କ ଠାରୁ ବେଶି ପଢିବ । ସିଏ ବାପା ବୋଉଙ୍କର ଖ୍ୟାତି ଆଣିବ ।

ଏହିକଥା ମନେ ପଡିଗଲେ, ବିଭଞ୍ଜନର ଦୁଇ ଆଖି ଲୋତକପୂର୍ଣ୍ଣ ହୋଇ ଉଠୁଥିଲା । କାହାକୁ ନଦେଖାଇ ସିଏ ନିଜ ଗାମୁଛା କାନିରେ ଆଖିର ଲୁହକୁ ପୋଛି ପକାଉଥିଲା । କିନ୍ତ ଏହି କାନ୍ଦ ସହିତ ତା ମନରେ ଅଦୃଶ୍ୟ ଭାବରେ ଏକ ସକାରାତ୍ମକ ଆଲୋକ ତେଜି ଉଠୁଥିଲା । ମନକୁ ନିଜେ ଆଶ୍ୱାସନା ଦେଉଥିଲା, ମୁଁ ମୋର ମାଆର କଥା ରଖିବି । ମନମାରି ପୁନରାୟ ନିଜ କାମରେ ଲାଗି ପଡୁଥିଲା ।

ବିଭଞ୍ଜନ ଦେଖୁଥିଲା ତାଙ୍କର ଘର ତାଲା ପକାଇ ବାଡିର ତାଟି ବନ୍ଦକରି ସେ ଅଜା ଆଇଙ୍କ ସହିତ ମାମୁଁ ଘରକୁ ଫେରିଯାଉଛି । ସତରେ ସେ ଘର ବାପା ବୋଉ ଥିବା ବେଳେ କେତେ ଆନନ୍ଦଦାୟକ ଥିଲା । ବାପା ମାଙ୍କର ଏକମାତ୍ର ସନ୍ତାନ । ମାଆର ସ୍ନେହ କିପରି ତାକୁ ଚୁମ୍ବକ ପରି ଟାଣିନିଏ । ଆଶ୍ରା ଥିଲା ମାଆର କୋଳ, ପୁଣି ସବୁବେଳେ ମାଆଙ୍କ ପଛେ ପଛେ କାନିଧରି ରୋଷେଇଘର କି ଅଗଣା ଓଳାଇବା ବେଳେ ସିଏ ଚାଲିଥାଏ । ମାଆଙ୍କ କଥା ସିଏ ଶୁଣେନାହିଁ କି ମାଆ ତାକୁ ଏଥିଲାଗି ମନା କରନ୍ତିନାହିଁ ।

ସେଇ ମାଆ ତା ପାଇଁ ଲୁଚେଇ ରଖି ଥାଆନ୍ତି କଦଳୀଟିଏ କି ଛେନାଗଜାଟିଏ । ସେ ଆଜି ଭାବୁଛି, ସେଇ କଦଳୀଟିର ମିଠା ତାକୁ ସେତେବେଳେ ଯେତିକି ଆପ୍ୟାୟିତ କରୁଥିଲା, ତାଠାରୁ ପ୍ରିୟ ଥିଲା ମାଆଙ୍କର ତା ପ୍ରତି ସ୍ନେହ ଆଉ ଶ୍ରଦ୍ଧା । ସେଇ ମାଆ ତାକୁ କଣ୍ଢେଇଟିଏ କରି ବିଭିନ୍ନ ରଙ୍ଗର ପୋଷାକ ପରିଚ୍ଛଦରେ ସଜ୍ଜିତ କରି ରଖିଥିଲେ ।

ମାଆ ବୋଲି ଶବ୍ଦ କରି ଭୋ ଭୋ ହୋଇ କାନ୍ଦି ଉଠୁଥିଲା ପ୍ରଭଞ୍ଜନ । ଅଜା ଆଇକୁ କହୁଥିଲେ, ପୁଅଟାକୁ ଟିକିଏ ଧରିପକା । ମାଆ ମନେ ପଡୁଛି । ତା ମଥାକୁ ଟିକିଏ ଆଉଁସି ଦିଅ । ଆସ ଟିକିଏ ବସିଯିବା, କିଛି ସମୟ ପରେ ପୁଣି ଉଠି ବାହାରିବା ।

ବିଚରା ବିଭଞ୍ଜନ ନିଜର ଭାଗ୍ୟ ଆଦରି ପଡୋଶୀ ମାମୁଁ ଘର ଗାଁରେ ରହିଥାଏ। କିନ୍ତୁ ତାହାର ସ୍କୁଲ ରହିଲା ନିଜ ଗାଁ ମୁଣ୍ଡ ସ୍କୁଲ୍। ନିଜ ଗାଁ ଆଉ ମାମୁଁଘର ଗାଁ ପାଇଁ ସେଇ ଗୋଟିଏ ସ୍କୁଲ୍। ସ୍କୁଲ୍‌କୁ ଆସିଲେ ନିଜର ସେଇ ପୁରୁଣା ସାଙ୍ଗମାନେ ମିଶି ପଢନ୍ତି।

ପୁଣି ମାସଟିଏ ପରେ ବାପାଙ୍କ ବର୍ଷିକିଆ ଶ୍ରାଦ୍ଧ। ଅଜା ଆଈଙ୍କ ସହ ପୁନର୍ବାର ନିଜ ଘରକୁ ଫେରେ। ଘରଟି ସେମିତି ତାଟି ଆଉଜା ହୋଇ ରହିଛି। ମାସେ ଭିତରେ କେହି ବି ଭିତରକୁ ପଶିନାହାନ୍ତି। ଘରେ ଶ୍ରାଦ୍ଧ ଦେବାବେଳେ ବିଭଞ୍ଜନ ଅନୁଭବ କଲା ସତରେ ବାପା ଆଜି ଆସି ନିଜର ଶ୍ରାଦ୍ଧ ପିଣ୍ଡ ଭୋଜନ କରୁଛନ୍ତି। ପୁରୁଣା କଥା ଗୁଡିକ ମନରେ ସିନେମା ରିଲ୍ ପରି ଘୂରିଯାଉଛି। ବାପା ଦିନେ ଧୀର ସ୍ୱରରେ କହିଥିଲେ, ମୋ ପୁଅ ଭଲ ପାଠପଢି ଆମ ଗାଁକୁ ଆସୁଥିବା ସାମାଜିକ ଅଧିକାରୀ ହେବ। ଲୋକଙ୍କର ସବୁ ଆପତ୍ତି ଅଭିଯୋଗ ଶୁଣିବ। ଲୋକ ମାନଙ୍କର ମହତ୍ତ୍ୱ ବଢାଇବ।

ଚମକି ପଡିଲା ବିଭଞ୍ଜନ। ବାପା ତ କିଛି କହନ୍ତିନି। ଆଈ ତାଙ୍କୁ କହେ, ମୋ କ୍ୱାଇଁ ମାଛିକୁ ମଃ କହନ୍ତିନି। ଭାରି ନିର୍ମାୟା ଲୋକ। ସତରେ ତାଙ୍କର ମୌନବ୍ରତରୁ ମୁହଁକୁ ଅନେଇ ତାଙ୍କ ଭାଷା ଧରିନିଏ ବୋଉ। ବାପା ମୋ ପାଇଁ ମୁହଁ ଖୋଲି ମୋତେ କଅଣ କରିବାକୁ ପଡିବ କହି ଯାଇଛନ୍ତି। ସେ ଯେତେବେଳେ ନାହାନ୍ତି, ତାଙ୍କ କଥା ମୋତେ ରଖିବାକୁ ପଡିବ।

ଅଜା ଆଈ ବିଭଞ୍ଜନକୁ ଧରି ପୁଣି ନିଜ ଘରକୁ ଫେରନ୍ତି। ବାଟରେ କାଳେ ବାପା କି ମାଆ କହି ସେ ହୋସ ହରାଇବ, ତେଣୁ ସେମାନେ ଅନ୍ୟ ଗୋଟିଏ ବାଟରେ ଯାଉଛନ୍ତି। ଏଥର ବିଭଞ୍ଜନର ସେମିତି କିଛି ଘଟିଲା ନାହିଁ। କିନ୍ତୁ ବାପା ଶ୍ରାଦ୍ଧ ପରଠାରୁ ପିଲାଟି ଏମିତି ମନ ମାରି ଦେଇଛି, ପୂରା ଗୁମ୍ ହୋଇଯାଇଛି। ଖୁବ୍ କମ୍ କଥାବାର୍ତ୍ତା। କେତେ ଥର ପଚାରିଲେ, ଥରେ ପଦଟିଏ ଉତ୍ତର।

ବିଭଞ୍ଜନର ସାଙ୍ଗମାନେ ଦେଖିଲେଣି ସିଏ ଆଉ ଆହା ଚୁ ଚୁ କଥାକୁ ଆଦୌ ଶୁଣୁନାହିଁ। ନିଜକୁ ଏକାକୀ ମନେ କଲେ ବି ସେ ଆଉ ପୂର୍ବପରି ଏତେ ମିଶାଣିଆ ହୋଇନାହିଁ। ମନ ଦେଇ ପାଠ ପଢୁଛି। କୌଣସି ଦୁଷ୍ଟାମି କରିବାକୁ ନାରାଜ। ଗତ ବର୍ଷ ଗୁଡିକରେ ଆମ୍ବ ଋତୁରେ କି ବରକୋଳି ଋତୁରେ ସେଇ ଅରଚାଡ୍ ଆଡକୁ ସିଏ ଯିବାକୁ ମନା କରିଦେଉଛି। ପାଠରେ ମନ ଦେଉଛି।

ବିଭଞ୍ଜନର ଦୁର୍ଭାଗ୍ୟର ସୀମା ନାହିଁ। ଅଜା ଆଈଙ୍କ ଭିତରୁ ପ୍ରଥମେ ଅଜା, ତା ପରେ ଆଈ ପରଲୋକକୁ ଚାଲିଗଲେ। ସମସ୍ତଙ୍କର ଚିନ୍ତା ଏଇ ପିଲାଟି ପାଇଁ। କେବଳ ବାପା ମାଆ ଛେଉଣ୍ଡ ନୁହେଁ, ତାହାର ଦାୟିତ୍ୱ ତୁଲାଉଥିବା ଅଜା ଆଈ ବି ଚାଲିଗଲେ। ବିଚରା କଅଣ କରିବ ?

ତାହାର ଦୁଃଖର ଅନ୍ତ ହେଲା। ତାଙ୍କ ଅଞ୍ଚଳର ବ୍ଲକ ଉନ୍ନୟନ ଅଫିସର ବା ବିଡିଓ ଲୋକ ମାନଙ୍କର ଅନୁରୋଧ କ୍ରମେ ବିଭଞ୍ଜନର ଦାୟିତ୍ୱ ନେଲେ। ତା ପାଇଁ ତା ସ୍କୁଲ୍‌କୁ ସବୁଠାରୁ ନିକଟ ଅନାଥାଶ୍ରମରେ ରହିବାର ବନ୍ଦୋବସ୍ତ କରିଦେଲେ।

କିନ୍ତୁ, ବିଭଞ୍ଜନର ମାନସିକ ଯନ୍ତ୍ରଣା ବହୁଗୁଣ ବଢିଗଲା। ଯାହା ସିଏ ବାପା ଆଉ ମାଆଙ୍କ ବିୟୋଗ ଭୁଲିବାକୁ ବସିଥିଲା, ତା ପଛକୁ ଆସିଲା ତାର ସାହାରା ଥିବା ଅଜା ଆଉ ଆଈ ଦୁଇଜଣଙ୍କ ବିୟୋଗ। ଏହାକୁ ନିଜ ଭାଗ୍ୟର କିଛି ବିଡମ୍ବନା ବୋଲି ସିଏ ପରିସ୍ଥିତି କ୍ରମେ ଭାବିବାକୁ ବାଧ୍ୟ ହେଲା। ଭାବିଲା, ମୋ ପରି ପୁଅଟିଏ ଯଦି ମୋ ବାପା ମା ଜନ୍ମ କରି ନଥାଆନ୍ତେ, ନା ସେମାନେ ମରିଥାଆନ୍ତେ ନା ଅଜା ଆଈ। ଯିଏ ମୋତେ ଆଶ୍ରା ଦେଉଛି, ସିଏ ହିଁ ନିଧନ ହେଉଛି। ଏମିତି ହତଭାଗ୍ୟ କିଏ ଅଛି ?

ଆଶ୍ରୟ ଅନାଥାଶ୍ରମରେ ବିଭିନ୍ନ ବୟସର ୧୮ ଜଣ ଅନାଥ ପିଲା ଆଶ୍ରା ପାଇଥିଲେ, ବିଭଞ୍ଜନର ଯୋଗଦାନ ପରେ ଏହି ସଂଖ୍ୟା ଆହୁରି ଏକ ବଢି ୧୯ ହୋଇଗଲା। ବିଭଞ୍ଜନ କେତେ ଦିନ ହେବ ମନ ଉଣା କରି ରୁମ୍‌ର ଗୋଟିଏ କୋଣରେ ବସି ରହିଲା। ଆଖିରୁ ସର ସର୍ ଲୁହ ଗଡୁଛି। ଏଇଠି କେହି ନାହାନ୍ତି ଆହା କହିବାକୁ, ଯିଏ ସବୁ ଥିଲେ ଦୁନିଆ ଛାଡି ଚାଲିଗଲେ।

କିଛି ସମୟ ପରେ ସାନ ପିଲାଟିଏ ଧୀରେ ଧୀରେ ପାଖକୁ ଆସି କହିଲା, ଭାଇ କାନ୍ଦନି। ଏଇ ଆଶ୍ରୟ ସ୍ଥାନଟି ଭଲ ଆଉ ଆମେମାନେ ଅପଣଙ୍କର କେହି ପର ନୁହଁ।

ମନ ପରିବର୍ତ୍ତନ ହୋଇଗଲା ବିଭଞ୍ଜନର। ତା ଠାରୁ ସାତ ସାନ ପିଲାଟିଏ ତାକୁ ବୋଧ କରିବାକୁ ଧାଇଁ ଆସୁଛି। ସତରେ ଏହି ଅନାଥାଶ୍ରମରେ ଜୀବନ ଅଛି, ଚେତନା ଅଛି। ନିଜକୁ ବୁଝେଇ ସେ ସମସ୍ତଙ୍କ ମଧ୍ୟରେ ତାକୁ ହଜାଇଦେଲା। ପଲ ପଲ ହୋଇ ପିଲାମାନେ ଆସି ତାହାର ଦୁଃଖ ଶୁଣିଲେ। ପୁଣି ସିଏ ଜଣ ଜଣଙ୍କ ଜୀବନୀ ଶୁଣି ନିଜକୁ ତୁଳନା କରିନେଲା।

କିନ୍ତୁ ତାହାର ସ୍କୁଲ୍ ଯିବାରେ କି ପାଠ ପଢିବାରେ କୌଣସି ଅବହେଳା କଲାନାହିଁ। ସତେକି ତାର ବାପା ତାକୁ ମନଦେଇ ପାଠ ପଢିବାକୁ ପ୍ରୋତ୍ସାହିତ କରୁଛନ୍ତି। ନିଜର ଅନେକ ମାନସିକ ଶକ୍ତି ସିଏ ଦୁଃଖ ମନରେ ଅପଚୟ ନକରି ପାଠରେ ନିବିଷ୍ଟ କଲା।

ବାପା ମା ଯିବାର ଚଉଦ ବର୍ଷ ଅତିବାହିତ ହୋଇଗଲାଣି। ନିଜର ମାନସିକତା ଟାଣ କରି ସିଏ ଆଜି ବିଶ୍ୱ ବିଦ୍ୟାଳୟର ଏମ୍.ଏ. ସୋସିଓଲଜିର ଜଣେ ବିଶିଷ୍ଟ ଛାତ୍ର। ବିଶେଷତା ବିଭଞ୍ଜନ ପାଖରେ ଖୁବ୍ ଆତ୍ମନିର୍ଭରଶୀଳତା ଆଉ ପରିଶ୍ରମ। ଏଥିପାଇଁ ବିଭାଗୀୟ ମୁଖ୍ୟା, ମାଡାମ୍ ରଥଙ୍କର ଆଦରର ଛାତ୍ର।

ପାଠର ଶେଷ ସୋପାନରେ ନିଜେ ଗୋଟିଏ ଗବେଷଣା ପ୍ରବନ୍ଧ ଉପସ୍ଥାପନ କରିବା ଆବଶ୍ୟକ। ଅନେକ ଗୁଡିଏ ତଥ୍ୟ ସହିତ ସେ ନିଜର ମତାମତ ରଖି ମାଡାମ୍‌ଙ୍କୁ ତାଙ୍କ ମତାମତ ପାଇଁ ନିଜର ରଫ୍ ପ୍ରବନ୍ଧଟିକୁ ଦେଖାଇବାକୁ ଅପେକ୍ଷା କରିଛି ବିଭଞ୍ଜନ।

ମାଡାମ୍ କହିଲେ, ଆସ ବିଭଞ୍ଜନ, ସାମନାରେ ବସ। ତୁମର ପ୍ରବନ୍ଧଟିକୁ ଦେଖିନେବା।

ମାଡାମ୍ ପଚାରିଲେ, ତୁମର ପ୍ରବନ୍ଧ ବିଷୟ ତୁମେ କାହିଁକି ଏହି ଅନାଥ ସନ୍ତାନ ଉପରେ ନେଲ ?

ବିଭଞ୍ଜନ ଉତ୍ତର ଦେଲା, ମାଡାମ୍, ମୁଁ ନିଜେ ଜଣେ ଅନାଥ, ମୋର ୧୪ ବର୍ଷର ଅନୁଭୂତି ଅଛି । ଆଉ ଏଇ ବିଷୟରେ ବେଶି କେହି ଆନ୍ତରିକତାର ସହିତ କାମ କରିପାରିବେ, ମୋର ବିଶ୍ୱାସ ଆସୁନାହିଁ ।

ମାଡାମ୍ କହିଲେ, ମୁଁ ଆଶ୍ଚର୍ଯ୍ୟ ହେଉଛି । ତା ଭିତରୁ ତୁମେ ନିଜ ମୁଣ୍ଡ ଟେକି ଗୋଟିଏ ବ୍ୟାଚ୍‌ର ବେଷ୍ଟ ଆଉଟ୍ ଗୋଇଙ୍ଗ୍ ଷ୍ଟୁଡେଣ୍ଟ ହେବାକୁ ଯାଉଛ ! ତୁମ ପାଇଁ ମୋ ମନରେ ଯେତିକି କୋହ ଆସୁଛି, ତାର ପ୍ରତି ବଦଳରେ ସେତିକି ଆନନ୍ଦାଶ୍ରୁ ଆସୁଛି । ତୁମେ ଯେତେବେଳେ ଏହି ପ୍ରବନ୍ଧଟି ସାଉଁଟି ବସିଛ, ଏହା ନିଶ୍ଚିତ ଭାବରେ କିଛି ଅନନ୍ୟ ତଥ୍ୟରେ ଭୂଷିତ ହୋଇଥିବ ।

ମାଡାମ୍ ପୃଷ୍ଠା ପରେ ପୃଷ୍ଠା ଦେଖି ଚାଲିଲେ । ଅଧ୍ୟାୟ ଶେଷରେ ତାଙ୍କର ଓଜୋସ୍ୱିନୀ ମନ୍ତବ୍ୟ ଦେଇ ଚାଲିଲେ ।

କହିଲେ, ତୁମେ ଏହି ପ୍ରବନ୍ଧରେ ଅନାଥ ମାନଙ୍କର ସଂଜ୍ଞାର ରେଫରେନ୍ସ ଦେଇଛ । ଆମ ଖାଣ୍ଟି ଓଡିଆରେ ବାପ ଛେଉଣ୍ଡ, ମା ଛେଉଣ୍ଡ ଶବ୍ଦ ଗୁଡିକ ଆମେରିକାନ୍ ଭାଷାରେ ପାଟର୍ନାଲ ଅରଫାନ୍, ମାଟର୍ନାଲ ଅରଫାନ୍ ଆଉ ଡବଲ୍ ଅରଫାନ୍ ।

ସତରେ ସମାଜରେ ଦୁର୍ଭାଗ୍ୟକୁ ଜଣେ ବାପା, ମାଆ କିମ୍ବା ଉଭୟଙ୍କୁ ହରାଏ । ଏଗୁଡିକ କ୍ୱଚିତ୍ ଏବଂ ସାମାଜିକ ବ୍ୟବସ୍ଥାରେ ସେହି ସମ୍ବଳହୀନ ପିଲାମାନଙ୍କୁ ୧୮ ବର୍ଷ ପର୍ଯ୍ୟନ୍ତ ଲାଳନ ପାଳନ ଶିକ୍ଷା ଓ ବେଉସା ବୃତ୍ତି ପ୍ରଶିକ୍ଷଣ ଆଦି ସମ୍ପନ୍ନ କରି ସମାଜରେ ପ୍ରତିଷ୍ଠିତ ହେବାପାଇଁ ଛାଡି ଦିଆ ଯାଏ ।

ଦ୍ୱିତୀୟ ଅଧ୍ୟାୟରେ ତୁମେ ଗୋଟିଏ ସୁନ୍ଦର ପରିସଂଖ୍ୟାନ ଦେଇଛ ଏବଂ ଏହି ଅଧ୍ୟାୟର ନାମକରଣ କରିଛି ଅନାଥ ମହାମାରୀ । ସତରେ ଏଇଟା ମହାମାରୀର ଆଉ ଗୋଟିଏ ଦିଗ । ମରୁଡି, ରୋଗ ଅବା ପ୍ରାକୃତିକ ବିପର୍ଯ୍ୟୟ ବହୁତ ଧନ ସମ୍ପତ୍ତି ନଷ୍ଟକରେ । ବହୁତ ଜନ କ୍ଷୟ କରେ । ଏମିତି ଭାବରେ ଲୋକ ମୃତ୍ୟୁ ବରଣ କରନ୍ତି, ହଜାର ହଜାର ଅନାଥ ହୋଇଯାଆନ୍ତି । ତାହା ସେହି ଅଞ୍ଚଳରେ ଗୋଟିଏ ସାମାଜିକ ସମସ୍ୟା ହୋଇ ରହେ ।

ତୁମେ ଅନେକ ଉଦାହରଣ ଦେଇଛ । ପ୍ରଥମ ଉଦାହରଣ ହେଉଛି ଓଡିଶାର ନଅଙ୍କ ଦୁର୍ଭିକ୍ଷ । ସରକାର ଅନାଥ ମାନଙ୍କର ଭରଣ ପୋଷଣ ପାଇଁ ପ୍ରତ୍ୟେକଙ୍କୁ ମାସିକ ତିନି ଟଙ୍କା ଆଉ ଝିଅ ମାନେ ବାହା ହେବା ବେଳକୁ କୋଡିଏ ଟଙ୍କା । ସଠିକ କେତେ ପିଲା ଅନାଥ ହେଲେ, ତାହାର ସଠିକ୍ ସଂଖ୍ୟା ଉଲ୍ଲେଖ ନାହିଁ । ଯେତେବେଳେ ସରକାରୀ ଆକଳନ ଜନସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ୍ ଦଶ ଲକ୍ଷ ଲୋକମାନଙ୍କର ମୃତ୍ୟୁ, ସେଥିରେ ହଜାର ହଜାର ଅନାଥ ହୋଇଯାଇଥିଲେ ।

ସେହିପରି ୧୮୧୮ ଇନଫ୍ଲୁଏଞ୍ଜା ମହାମାରୀରେ ସେମିତି ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ପିଲା ଅନାଥ ହେବାର ଆକଳନ ରହିଛି । ତା ପରେ ବିଗତ ତିରିଶ ବର୍ଷ ମଧ୍ୟରେ ଏଚ୍.ଆଇ.ଭି./ ଏଡ୍‌ସ, ଏବୋଲା ଆଦି ରୋଗରେ ହଜାର ହଜାର ଅନାଥ ସୃଷ୍ଟି ହୋଇଛନ୍ତି । ସବୁ କ୍ଷେତ୍ରରେ ସରକାର ଯେଉଁ ଦେଶର ହୁଅନ୍ତୁ ନା କାହିଁକି, ସେ ଅନାଥ ମାନଙ୍କର ଥଇଥାନ ପାଇଁ ସାଧ୍ୟମତେ ଉଦ୍ୟମ କରିଛନ୍ତି ।

ପରିଶେଷରେ ଆଜି ଏହି କୋଭିଡ୍-୧୯ ବିଶ୍ୱବ୍ୟାପୀ ଆକଳନରେ ୨୦୨୦ ମସିହା ମାର୍ଚ୍ଚ ୧ ତାରିଖରୁ ୨୦୨୧ ମସିହା ଅପ୍ରେଲ୍ ୩୦ ତାରିଖ ପର୍ଯ୍ୟନ୍ତ ଅନ୍ୟୁନ ୧୧ ଲକ୍ଷ ପିଲାଙ୍କୁ ଅନାଥ କରିଦେଇଛି । ଭାରତରେ ଗୋଟିଏ ସମୟରେ ମୃତ୍ୟୁହାର ବଢିଯାଇଛି ଏବଂ ସେହି ଅବଧିଟି ୨୦୨୧ ଫେବ୍ରୁଆରୀ, ମାର୍ଚ୍ଚ ଆଉ ଅପ୍ରେଲ । ସେହି ତିନିମାସ ସମୟରେ ବିଶ୍ୱର ଅନ୍ୟ ରାଷ୍ଟ୍ର ମାନଙ୍କର ହିସାବ ଟପି ଭାରତରେ ପ୍ରାୟ ୪୩ ହଜାର ଅନାଥ ସୃଷ୍ଟି ହୋଇଛନ୍ତି ।

ଆଉ କୋଭିଡ୍-ସୃଷ୍ଟ ଅନାଥ ସ୍ୱତନ୍ତ୍ର ପ୍ରକାରର । କାରଣ କୋଭିଡ୍ ମୃତ୍ୟୁ ଦୁଇ ସପ୍ତାହ ମଧ୍ୟରେ ଘଟୁଛି ଆଉ ବାପା ମାଆ ଧ୍ରୁବ ମୃତ୍ୟୁର ଯନ୍ତ୍ରଣାରେ ଛଟପଟ ହେଲେ ମଧ୍ୟ ପିଲାମାନଙ୍କ ଭବିଷ୍ୟତ ପାଇଁ କିଛି ସଂଚିବାକୁ କି ବାଟ ବତାଇବାକୁ ଅକ୍ଷମ । ଯେଉଁ କ୍ଷେତ୍ରରେ ବାପା ମାଆ କିଛି ସମୟ ବ୍ୟବଧାନ ପାଇବେ, ସେମାନେ ସନ୍ତାନ ସନ୍ତତି ମାନଙ୍କ ଭବିଷ୍ୟତ ପାଇଁ ବନ୍ଧୁବାନ୍ଧବ କି ଅନୁଷ୍ଠାନ ବାଛିଦେବେ, ଦରକାର ହେଲେ ନିଜର ସଂଚିତ ଅର୍ଥକୁ ବିନିଯୋଗ କରି ଯିବେ । ଏମତି କେବଳ କୁଷ୍ଠ ରୋଗୀ କି ଏଡ୍‌ସ ରୋଗୀ ସମୟ ପାଇ କରିପାରିବେ ।

ବାସ୍ତବରେ ବିପର୍ଯ୍ୟୟ ନିଜ ତାଣ୍ଡବ ଲୀଳା ମଧ୍ୟରେ ଲୁକ୍‌କାୟିତ ଭାବରେ ଏମତି ଏକ ଅନାଥ ବିପର୍ଯ୍ୟୟ ଗଢି ତୋଳିଥାଏ ।

ମାଡାମ୍ ବି ଖୁବ୍ ସନ୍ତୋଷ ବ୍ୟକ୍ତ କଲେ ବିଭଞ୍ଜନ ଯେପରି ଶେଷକୁ ଉପସଂହାର ଏବଂ ମନ୍ତବ୍ୟ ରଚନା କରିଛନ୍ତି । ଅନାଥ ଗୋଟିଏ ଶବ୍ଦ ଯାହା ଏକ ବିରାଟ ଭଗ୍ନ ପରିବାରର ନାମକରଣ ଆଉ ସମାଜରେ ଥଇଥାନ ହେବାରେ ଅସଂଖ୍ୟ ସମସ୍ୟା ଜଡିତ । ଅନାଥମାନଙ୍କୁ ସାଧାରଣ ମାନସିକତାକୁ ଆଣିବା ହେଉଛି ସମାଜର ଏଇ ଦିଗରେ ପ୍ରାଥମିକ କାର୍ଯ୍ୟ ।

ଖୁବ୍ ପ୍ରୀତ ହୋଇ ମାଡାମ୍ ପ୍ରଫେସର ରଥ ଏହି ସନ୍ଦର୍ଭଟିକୁ ଫାଇନାଲ ଟାଇପ କରି ସବମିଟ୍ କରିବାକୁ ଦୃଢ ମତ ପୋଷଣ କଲେ ।

ମାଡାମ୍ ବିଭଞ୍ଜନ ପ୍ରତି ଆଶା ପୋଷଣ କରି କହିଲେ, ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ତୁମେ ଅଳ୍ପ କେଇଦିନ ଭିତରେ ତୁମ ସ୍ୱର୍ଗତଃ ପିତାଙ୍କ ଆଶୀର୍ବାଦରୁ ତୁମେ ଜଣେ ପ୍ରଶାସକ ହେବ ଏବଂ ସାମାଜିକ ସ୍ତରରେ କାର୍ଯ୍ୟ କରି ତୁମର ଅଭିଳାଷ ପୂରଣ କରିବ ।

# ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ବିବର୍ତ୍ତନ

*ଡ. ଉଦ୍ଧବ ଚରଣ ନାୟକ*

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତଥାନମଧର୍ମସ୍ୟ ତଦାତ୍ମାନଂ ସୃଜମ୍ୟହମ୍ ।।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।

ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ କି, ଯେଉଁ ସମୟରେ ଧର୍ମର ଗ୍ଲାନି ଘଟେ ଆଉ ଅଧର୍ମର କୁପ୍ରଭାବ ବଢିଚାଲେ, ସେହି ସମୟରେ ମାନବ ଶରୀର ଧାରଣକରି ମୁଁ ପୃଥିବୀରେ ଆସି ପହଞ୍ଚେ । ଆଉ ଅଧର୍ମ ପ୍ରଭାବରୁ ସାଧୁଜନଙ୍କୁ ରକ୍ଷାକରିଥାଏ । ଏହା ନିରାଟ ସତ୍ୟ । ଅଷ୍ଟାଦଶ ଶତକର ଦ୍ୱିତୀୟ ପାଦ ଓ ଉନବିଂଶ ଶତକର ପ୍ରଥମ ପାଦ- ଏହି ସମୟରେ ଭାରତବର୍ଷ ଓ ଉତ୍କଳର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥା ଥିଲା ଅତ୍ୟନ୍ତ ବିପର୍ଯ୍ୟସ୍ତ । ଫଳରେ ଭାରତୀୟ ଧର୍ମସମାଜ କ୍ଷେତ୍ରରେ ପ୍ରକାଶ ପାଇଥିଲା ପୁନଃ ଅଭ୍ୟୁତ୍‌ଥାନ (Renaissance) ଆନ୍ଦୋଳନ । ମୁଖ୍ୟତଃ ସର୍ବ ଭାରତୀୟସ୍ତରରେ ସାମାଜିକ ଚେତନା, ସଂସ୍କାର ଓ ଅଭ୍ୟୁତ୍‌ଥାନ ଆନ୍ଦୋଳନର ମୁଖ୍ୟ ପୁରୋଧାଥିଲେ ବଙ୍ଗଳାର ରାଜା ରାମମୋହନ ରାୟ (୧୭୭୨-୧୮୩୩), କେଶବଚନ୍ଦ୍ର ସେନ (୧୮୩୮-୧୮୮୪), ରାମକୃଷ୍ଣ ପରମହଂସ (୧୮୩୬-୧୮୮୧), ଗୁଜୁରାଟର ସ୍ୱାମୀ ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩), ମହାତ୍ମାଗାନ୍ଧୀ (୧୮୬୯-୧୯୪୮), ବିହାରର ମହାଦେବ ଗୋବିନ୍ଦ ରାଣାଡେ (୧୮୪୨-୧୯୦୧) ଏବଂ ଓଡ଼ିଶାର ମହିମା ସ୍ୱାମୀ (୧୮୨୬-୧୮୭୬) ଓ ଭୀମଭୋଇ (୧୮୪୬-୧୮୯୫) ।

ଏହି ସମୟରେ ଭାରତ ବର୍ଷରେ ବ୍ରିଟିଶ ଶକ୍ତିର ପ୍ରତିଷ୍ଠାବୃଦ୍ଧି ସଙ୍ଗେ ସଙ୍ଗେ ସମଗ୍ର ଦେଶରେ ଘୋର ସାମାଜିକ ଓ ନୈତିକ ଅଧୋପତନ ପ୍ରକାଶ ପାଇଥିଲା । ତତ୍‌କାଳୀନ ଭାରତୀୟ ସମାଜର ତଥାକଥିତ ବଡପଣ୍ଡା ବ୍ରାହ୍ମଣମାନଙ୍କ ଦ୍ୱାରା ଲାଞ୍ଛିତ, ଅପମାନିତ ଓ ଘୃଣିତ ହୋଇ ବହୁ ନୀଚବର୍ଣ୍ଣର ଲୋକେ ତ୍ରାହି ତ୍ରାହି ଡାକ ଛାଡୁଥିଲେ । ଏହି ସୁଯୋଗ ନେଇ ତତ୍‌କାଳୀନ ଇଂରେଜ ସରକାର ଏହି ଲୋକମାନଙ୍କ ମଧ୍ୟରୁ ବହୁଲୋକଙ୍କୁ ପ୍ରଲୋଭିତ କରି ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରାଇଲେ । ଫଳରେ ଦେଶର କେତେକ ବିଜ୍ଞଲୋକଙ୍କର ହୃଦୟ ଆଲୋଡ଼ିତ ହେଲା ଓ ସଂସ୍କାରର ପଥ ପରିଷ୍କାର ହୋଇଗଲା । ରାଜା ରାମମୋହନ ରାୟଙ୍କ ବ୍ରାହ୍ମ ସମାଜ ଦ୍ୱାରା ବ୍ରାହ୍ମଧର୍ମ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବୈଦିକ ହିନ୍ଦୁଧର୍ମ, ରାମକୃଷ୍ଣ ପରମହଂସଙ୍କ ଜାତିଭେଦ ବର୍ଜିତ ରାମକୃଷ୍ଣ ମିଶନ ଦ୍ୱାରା ବିଶୁଦ୍ଧ ହିନ୍ଦୁଧର୍ମ ଓ ମହିମାସ୍ୱାମୀଙ୍କ ପ୍ରତିଷ୍ଠିତ ମହିମା ସମାଜ ଦ୍ୱାରା ଏକେଶ୍ୱରବାଦ ମହିମାଧର୍ମର ଅଭ୍ୟୁଦୟ ଘଟି ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଧର୍ମାନ୍ତରୀ ହୋଇ ଯାଇଥିବା ଲୋକମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା । କାରଣ ଏହି ମନୀଷୀମାନଙ୍କ ଅନୁସୃତଧର୍ମ ଦ୍ୱାରା ବ୍ରାହ୍ମଣ୍ୟଧର୍ମର ପ୍ରଭାବ ପରାହୃତ ହୋଇଥିଲା । ବଡ଼ ଆଶ୍ଚର୍ଯ୍ୟର କଥା, ଯେଉଁ ବ୍ରାହ୍ମଣମାନଙ୍କ ଦ୍ୱାର କୁସଂସ୍କାର ପ୍ରବର୍ତ୍ତିତ ହୋଇ ନୀଚ ଲୋକମାନଙ୍କୁ ଘୃଣିତ ଓ ଲାଞ୍ଛିତ କରାଯାଉଥିଲା ସେହି ବ୍ରାହ୍ମଣ ପରିବାର ମଧ୍ୟରୁ ରାଜାରାମ ମୋହନ ରାୟ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ମୂଳଶଙ୍କର) ଅଣ୍ଟାଭିଡ଼ି ବାହାରି ଆସି ସମାଜରେ ସଂସ୍କାର ଆନୟନ ପୂର୍ବକ ଭାରତୀୟ ସନାତନ ଧର୍ମକୁ ସୁରକ୍ଷା କରିବାରେ ସହାୟକ ହୋଇଥିଲେ । ଫଳରେ ବହୁଲୋକ ଖ୍ରୀଷ୍ଟଧର୍ମ ଗ୍ରହଣ ଓ ବ୍ରାହ୍ମଣ୍ୟଧର୍ମ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ସୁସ୍ଥଭାବରେ କାଳାତିପାତ କରିବାରେ ଲାଗିଲେ ।

ସେହି ସମୟରେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅବସ୍ଥାଥିଲା ଅତ୍ୟନ୍ତ ବିପର୍ଯ୍ୟସ୍ତ । ୧୮୦୩ ମସିହା ଅକ୍ଟୋବର ୧୪ ତାରିଖରେ ଇଂରେଜମାନେ ମରହଟ୍ଟାମମାନଙ୍କ ହସ୍ତରୁ ଓଡ଼ିଶାର ଶସନଭାର ଗ୍ରହଣ କରିଥିଲେ । ତା' ପୂର୍ବରୁ ଓଡ଼ିଶାବାସୀ ମରହଟ୍ଟାମାନଙ୍କ ଶାସନ ଦାଉରେ ଭୟ ଓ ଆତଙ୍କରେ କାଳାତିପାତ କରୁଥିଲେ । ଖୋରଧାର ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ, ଯାଜପୁର ବାଲିଆ ଜମିଦାରୀରେ ଖଜଣାଛାଡ଼ ଆନ୍ଦୋଳନ, ପୁରୀର ଚାଖି ଖୁଣ୍ଟିଆଙ୍କ ନେତୃତ୍ୱରେ ସଂଗ୍ରାମର ଆହ୍ୱାନ, ଅନୁଗୁଳର ଶେଷରାଜା ସୋମନାଥ ସିଂହଙ୍କ ବ୍ରିଟିଶ ଶକ୍ତି ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ, ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଓ କନ୍ଧମାଳରେ କନ୍ଧ ମେଳରେ ସୂତ୍ରପାତ ଯୋଗୁ ସମଗ୍ର ଓଡ଼ିଶାର ରାଜନୈତିକ ପରିସ୍ଥିତି ଥିଲା ଅତ୍ୟନ୍ତ ସଙ୍ଗିନ ।

ଏହି ସମୟରେ କଲିକତାଠାରେ ସୂର୍ଯ୍ୟାସ୍ତ ନିୟମ ଅନୁସାରେ ଓଡ଼ିଶାର ଜମିଦାରୀ ଗୁଡ଼ିକ ତରବରିଆ ଭାବରେ ନିଲାମ କରି ଦିଆଯିବାରୁ ସେଗୁଡ଼ିକ ଅଣ ଓଡ଼ିଆ (ବଙ୍ଗାଳୀ) ମାନଙ୍କ ହାତରେ ପଡ଼ିଲା । ଇଂରେଜ ଶାସନ ଓଡ଼ିଆ ଜାତିର ନିବାସ ସ୍ଥଳକୁ ପାଞ୍ଚ ଭାଗରେ ବିଭକ୍ତ କରି, ଚାରିଭାଗକୁ ପଡ଼ୋଶୀ ରାଜ୍ୟସହ ମିଶାଇ ଦେଲେ । ଏକ ଭାଗର ସାମାନ୍ୟ ଅଂଶକୁ ଖାସ୍ ଅଧୀନରେ ରଖି ଅବଶିଷ୍ଟକୁ ଛତିଶ ଗୋଟି କରଦ ରାଜ୍ୟରେ ବିଭକ୍ତ କରିଦେଲେ । ଫଳରେ ଭାଷା-ସଂସ୍କୃତି ଓ ଉଦ୍ଦାମ ଜନଶକ୍ତି ଉଦ୍ଦୀପ୍ତ ଉତ୍କଳର ମୂଳଭିତ୍ତି

ଭୁଶୁଡ଼ି ପଡ଼ିଲା । ୧୮୦୬, ୧୮୦୭, ୧୮୦୯ ଓ ତାର ପ୍ରତି ବର୍ଷେ ଦୁଇବର୍ଷରେ ଦୁର୍ଭିକ୍ଷ ପଡୁଥିଲା । ୧୮୩୬ ମସିହାରେ ଓଡ଼ିଶାରେ ଭୀଷଣ ମରୁଡ଼ି ପଡ଼ିଲା । ୧୮୬୬-୬୭ ମସିହାରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା । ସମଗ୍ର ଓଡ଼ିଶା ଶ୍ମଶାନରେ ପରିଣତ ହୋଇଗଲା । ମଣିଷ ମଣିଷ ମାଂସ ଭକ୍ଷଣ କଲା । ଏହାକୁ କୁହାଯାଏ ନ'ଅଙ୍କ ଦୁର୍ଭିକ୍ଷ । ଏହା ପରେ ପରେ ୧୮୬୯, ୧୮୭୦ ଓ ୧୮୭୫ରେ ଦୁର୍ଭିକ୍ଷମାନ ପଡ଼ିଲା । ଲୋକେ ପୋକମାଛି ପରି ମରିଗଲେ । ଲୋକଙ୍କର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିପଡ଼ିଲା ।

ଓଡ଼ିଆଭାଷାର ମୂଳୋତ୍ପାଟନ ନିମନ୍ତେ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓ ଉମା ଚରଣ ହାଲଦାର ଚକ୍ରାନ୍ତ କରିବାକୁ ଓଡ଼ିଶାରେ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଲା । ସେହି ସମୟରେ ଟି.ଇ ରେଭେନ୍ସା ସାହେବଙ୍କର ଓଡ଼ିଶା କମିଶନର ନିଯୁକ୍ତି ଓଡ଼ିଶା ପାଇଁ ଭଗବାନଙ୍କର ଆଶୀର୍ବାଦ କହିଲେ ଚଳେ । ଓଡ଼ିଶାର ସରକାରୀ କାର୍ଯ୍ୟାଳୟ ଓ ଜମିଦାରୀମାନଙ୍କରେ ସ୍ୱଳ୍ପ ଶିକ୍ଷିତ ବଙ୍ଗାଳି ବ୍ୟକ୍ତିମାନେ କାର୍ଯ୍ୟେ ନିଯୁକ୍ତି ପାଇଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୌଡ଼ୀୟ ବୈଷ୍ଣବ ମତାବଲମ୍ବୀ । ଫଳରେ ବଙ୍ଗଭାଷାର ଜଣାଣ, ଭଜନ, ପାର୍ଥନା ଓଡ଼ିଶାର ହିନ୍ଦୁମାନଙ୍କ ମନପ୍ରାଣକୁ ସ୍ପର୍ଶକଲା । ଓଡ଼ିଆମାନେ ଭଙ୍ଗଭାଷାରେ ରଚିତ ନଦୀୟା କୀର୍ତ୍ତନ ଓ ଉଦଣ୍ଡ କୀର୍ତ୍ତନ ପ୍ରତି ବିଶେଷ ଆକୃଷ୍ଟ ହୋଇ ପଡ଼ିଲେ ।

ଓଡ଼ିଶା ସମେତ ସାରାଭାରତ ବର୍ଷରେ ସତୀଦାହ ପ୍ରଥା ଉଗ୍ରରୂପ ଧାରଣ କରିଥିଲା । ୧୮୨୯ ମସିହାରେ ଉଇଲିୟମ ବେଣ୍ଟିକ୍ ଆଇନଦ୍ୱାରା ସାରା ଦେଶରେ ସତୀଦାହ ପ୍ରଥାକୁ ନିଷେଧ କଲେ । ହେଲେ ଓଡ଼ିଶାରେ ଏହାର ରୂପଥିଲା ଅତ୍ୟନ୍ତ ଚିନ୍ତାଦାୟକ । ୧୮୨୮ ମାର୍ଚ୍ଚ ମାସ ୧୫ ତାରିଖରେ କରମଳାର ତତ୍କାଳୀନ ଜମିଦାର ପଦ୍ମଚରଣ ପଟ୍ଟନାୟକଙ୍କ ଭାଉଜ ସତୀ ହୋଇଥିଲେ । ୧୮୪୨ ମସିହାରେ ଖଣ୍ଡପଡ଼ା ରାଜପରିବାରରେ ଶେଷ ସତୀଦାହ ପ୍ରଥା ଘଟିଥିବା ଜଣାଯାଏ । ସେହି ବର୍ଷ ଦୁଇ ରାଣୀ ପାର୍ବତୀ ମାଳୀ ଦେବୀ (୩୦ ବର୍ଷ) ଓ ରାଧାମାଳୀ ଦେବୀ (୨୫ବର୍ଷ)ଙ୍କ ସମେତ ୨୩ ବର୍ଷ ଓ ୨୬ ବର୍ଷ ବୟସରେ ଦୁଇଟି ରକ୍ଷିତା ସ୍ତ୍ରୀ ଚିତାଗ୍ନିରେ ପୋଡ଼ି ପ୍ରାଣ ହରାଇଥିଲେ । ସେହିପରି କୋଦଳା ଓ ଗଞ୍ଜାମର କେତେକ ଅଞ୍ଚଳରେ କେତେ ଜଣ ସତୀ ହୋଇଥିବାର ସୂଚନା ମିଳେ ।

ଏହି ସବୁ ଘଟଣା ସହ ସମାଜରେ ଛୁଆଁ ଅଛୁଆଁ ଭେଦଭାବ ପ୍ରବଳ ଭାବରେ ପ୍ରଚଳିତ ଥିଲା ।। ଶିକ୍ଷା ଓ ସାକ୍ଷରତା ହାର ଥିଲା ଅତ୍ୟନ୍ତ ନ୍ୟୂନରେ । ନାରୀ ଶିକ୍ଷା କଥା ନକହିଲେ ଭଲ । ବାଲ୍ୟ ବିବାହ ପ୍ରଥା ପ୍ରବଳ ଭାବରେ ଥାଏ ପ୍ରଚଳିତ । ନାରୀ ଶିକ୍ଷା ଓ ପ୍ରାପ୍ତବୟସ୍କା କନ୍ୟାର ବିବାହ କେବଳ ପ୍ରଚଳିତ ଥିଲା କରଣ ଜାତିରେ । ଶିକ୍ଷାକ୍ଷେତ୍ରରେ କେବଳ ବ୍ରାହ୍ମଣମାନେ ଥିଲେ ଆଗୁଆ । ନଡ଼ିଆ ଚାଷ ପରି ଅର୍ଥକାରୀ ଚାଷକୁ ବ୍ରାହ୍ମଣମାନେ ଏକଚାଟିଆ କରିନେଇଥିଲେ । ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ସମାଜକୁ କବଳିତ କରି ରହିଥାଏ । ନିଚ୍ଚବର୍ଣ୍ଣର ଲୋକେ ମଠମନ୍ଦିରରେ ପ୍ରବେଶ ନକରିପାରି ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଥିଲେ । ଏହାର ଫାଇଦା ଉଠାଇଲେ ଇଂରେଜ ସରକାର । ସେମାନେ ପୀଡ଼ିତ ଲୋକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରି ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ପରିସ୍ଥିତିକୁ ନିଜ ଆଡକୁ ନେଇ ଯାଇଥିଲେ । ଫଳରେ ଖ୍ରୀଷ୍ଟଧର୍ମ ଓଡ଼ିଶାରେ କାୟା ବିସ୍ତାର କରିବାରେ ଲାଗିଲା ।

ଠିକ୍ ଏହି ସମୟରେ ଉତ୍କଳରେ ମହିମାସ୍ୱାମୀଙ୍କ ପ୍ରତିଷ୍ଠିତ ତଥା ଭୀମଭୋଇଙ୍କ ସାହିତ୍ୟ ମାଧ୍ୟମରେ ମହିମାଧର୍ମର ବିପୁଳ ପ୍ରଚାର -ପ୍ରସାର ଘଟିଲା । ମହିମାଧର୍ମ ସମଗ୍ର ଓଡ଼ିଶାର ଗଡ଼ଜାତ ଅଞ୍ଚଳରେ ବହୁଳ ଲୋକପ୍ରିୟତା ଅର୍ଜନ କଲା । ବ୍ରାହ୍ମଣମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହିଧର୍ମକୁ ସାଦରେ ଗ୍ରହଣ କରିଥିଲେ । ଉପକୂଳ ଅଞ୍ଚଳରେ ମଧ୍ୟ ଏହି ଧର୍ମ ବିଶେଷ ପ୍ରଭାବ ପକାଇଥିବାର ଜଣାଯାଏ । ଜାତିଭେଦ ବର୍ଜିତ ବହୁ ସଂସ୍କାର ସଂସ୍କାରପୂର୍ଣ୍ଣ ନୀତି ଏହି ଧର୍ମଦ୍ୱାରା ପ୍ରଚାରିତ ହେବାରୁ ବହୁନୀଚ ତଥା ଅସ୍ପୃଶ୍ୟ ଶ୍ରେଣୀର ଲୋକେ ଏହି ଧର୍ମପ୍ରତି ଆକୃଷ୍ଟ ହେଲେ । ଫଳରେ ଖ୍ରୀଷ୍ଟଧର୍ମ ଓଡ଼ିଶାରେ ପ୍ରଭାବ ବିସ୍ତାର କରିପାରିଲା ନାହିଁ । ଜଣାଯାଏ ଭାରତବର୍ଷର ଅନ୍ୟ ରାଜ୍ୟତୁଳନାରେ ଓଡ଼ିଶାରେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସଂଖ୍ୟା ବହୁତ କମ୍ । ସେହିପରି ଓଡ଼ିଶାର ଅନ୍ୟସ୍ଥାନ ତୁଳନାରେ ଗଡ଼ଜାତମାନଙ୍କରେ ଖ୍ରୀଷ୍ଟଧର୍ମବଲମ୍ବୀମାନେ ଆଦୌ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଏହା ହିଁ କେବଳ ମହିମାଧର୍ମ ପ୍ରଚାର ଯୋଗୁ ସମ୍ଭବ ହୋଇପାରିଥିବାର ଜଣାଯାଏ ।

ମହିମାଧର୍ମର ପ୍ରବର୍ତ୍ତକ ମହିମାଗୋସେଇଁ ମହିମାସ୍ୱାମୀ ସର୍ବପ୍ରଥମେ ୧୮୨୬ ମସିହାରେ ଶ୍ରୀକ୍ଷେତ୍ର ପୁରୀର ବଡ଼ ଦାଣ୍ଡରେ ଧୂଳିଆଗୋସେଇଁ ଭାବରେ ଆବିର୍ଭୂତ ହୋଇଥିଲେ । ପରେ ଖଣ୍ଡଗିରିରେ ବାରବର୍ଷ (୧୮୨୬-୧୮୩୮) ଓ ଢ଼େଙ୍କାନାଳର ସୁରମ୍ୟଗିରି କପିଳାସରେ ବାର ଲେଖାଏଁ ଦୁଇଟି ପର୍ଯ୍ୟାୟରେ ଚବିଶବର୍ଷ (୧୮୩୮-୧୮୬୨) ଯୋଗ ସାଧନାରେ ନିମଗ୍ନ ହୋଇ ୧୮୬୨ ମସିହାଠାରୁ ସେ ତାଙ୍କର ଆଦ୍ୟଶିଷ୍ୟ ଗୋବିନ୍ଦ ବାବାଙ୍କୁ ଧର୍ମରେ ଦୀକ୍ଷିତ କରାଇଥିଲେ । ୧୮୬୨ ମସିହାରେ ଖୋର୍ଦ୍ଧାର ଦାରୁଠେଙ୍ଗରେ ସର୍ବପ୍ରଥମେ ମହିମାଟୁଙ୍ଗି ସ୍ଥାପନ କରି ବୌଦ୍ଧର ନରସିଂହ ଦାସ, କଟକ ଜିଲ୍ଲା ସାଇଁଲୋପାଟଣା ଅନ୍ତର୍ଗତ ବ୍ରାହ୍ମଣ ବସ୍ତିର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣଦାସ ଓ ଭଗବାନଦାସ ଏବଂ ଖୋର୍ଦ୍ଧା ଦାରୁଠେଙ୍ଗର ମାଧବଦାସ, କୃପାସିନ୍ଧୁଦାସ ଓ ଅଚ୍ୟୁତ୍ୟାନନ୍ଦ ଦାସଙ୍କୁ ମହିମା ସନ୍ୟାସୀ ଭାବରେ ଦୀକ୍ଷିତ କରି ଗୋବିନ୍ଦ ବାବାଙ୍କ ହସ୍ତରେ ଏମାନଙ୍କୁ ବଲ୍କଳ ପ୍ରଦାନ କରିଥିଲେ । ଏମାନଙ୍କୁ ଧର୍ମ ପ୍ରଚାର ନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପଠାଇଥିଲେ । ଏହି ସନ୍ୟାସୀମାନଙ୍କ ଗହଣରେ ରହି ମହିମାସ୍ୱାମୀ ସ୍ୱ ପ୍ରତିଷ୍ଠିତ ଧର୍ମର ନାମ ମହିମା ଧର୍ମ ବୋଲି ନାମକରଣ କରିଥିଲେ । ସେ ମହିମାଧର୍ମର ପ୍ରବର୍ତ୍ତକ ହେତୁ ତାଙ୍କର ଶିଷ୍ୟମାନେ ତାଙ୍କୁ ମହିମା ଗୋସେଇଁ ବା ମହିବା ସ୍ୱାମୀ ଭାବରେ ଅଖ୍ୟାୟିତ କଲେ, ମହିମାଗୋସେଇଁଙ୍କର ପୂର୍ବନାମ ମୁକୁନ୍ଦଦାସ ଥିଲା ବୋଲି ତତ୍କାଳୀନ ସରକାରୀ ରେକର୍ଡ ପତ୍ରରୁ ଜଣାଯାଏ । ମହିମା ସ୍ୱାମୀଙ୍କର ଜନ୍ମକାଳ, ଜନ୍ମସ୍ଥାନ, ପିତାମାତାଙ୍କ ପରିଚୟ ଅଜଣା ରହିଥିବାରୁ ମହିମାଧର୍ମର ସନ୍ୟାସୀ ଭକ୍ତମାନେ ତାଙ୍କୁ ଅଯୋନୀସମ୍ଭୂତ ଭାବରେ ଆଖ୍ୟାୟିତ କରନ୍ତି । ହେଲେ ଗବେଷକମାନେ ଏକଥାରେ ଏକମତ ନୁହଁନ୍ତି । ୧୮୬୨ ମସିହାରେ ଦାରୁଠେଙ୍ଗଠାରେ ମହିମାଧର୍ମର ନୀତିନିୟମ ଅନୁମୃତ ହୋଇ ମହିମାସ୍ୱାମୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଲା । ଏହି ଧର୍ମର ନୀତି ନିୟମଗୁଡ଼ିକ ହେଲା ।

ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ ଓ ପ୍ରତିମାପୂଜା ଆଦି କୁସଂସ୍କାରକୁ ପ୍ରହାର ପୂର୍ବକ ଏକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶିବା ବା ଆତ୍ମ ସମର୍ପଣ କରିବା ଏହି ଧର୍ମର ମୂଳତତ୍ତ୍ୱ। ବିଶ୍ୱ ନିୟତା ପୁରୁଷ ବା ଅଲେଖ ପୁରୁଷ ସର୍ବବ୍ୟାପୀ। ତାଙ୍କର ଆକାର ନାହିଁ ସେ ନିରାକାର ବା ଅଣାକାର ଭାବରେ ବିବେଚିତ। ତାଙ୍କର ମହିମାରେ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି। ତାଙ୍କ ଆଜ୍ଞାରେ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହନକ୍ଷତ୍ରାଦି ଆତଯାତ। ତାଙ୍କ ମହିମା ଲେଖିବା ଦ୍ୱାରା ସମ୍ଭବ ନୁହେଁ; ଏଣୁ ସେ 'ଅଲେଖ'। ହିନ୍ଦୁ ଜଗତର ତେତ୍ରିଶକୋଟି ଦେବାଦେବୀଙ୍କ କଳ୍ପନା ଓ ଆରାଧନା, ବ୍ରାହ୍ମଣଧର୍ମର ବାହ୍ୟ ଆଡ଼ମ୍ବରକୁ ପ୍ରତ୍ୟାଖ୍ୟାନ ପୂର୍ବକ ଏକ ଶୂନ୍ୟବ୍ରହ୍ମଙ୍କ ଉପାସନା କରିବା ଏହି ଧର୍ମର ମୂଳ ଲକ୍ଷ୍ୟ।

ପ୍ରତ୍ୟେକ ମାନବର ପରମବ୍ରହ୍ମଙ୍କୁ ଉପାସନା କରିବାର ସମାନ ଅଧିକାର ଅଛି। ସମାଜରେ ଜାତିଭେଦ ପ୍ରଥା ଘୃଣ୍ୟ ଓ ନିନ୍ଦନୀୟ। ମହିମା ସ୍ୱାମୀ ଦୃଢ଼କଣ୍ଠରେ ଘୋଷଣା କଲେ-

"ଜାତି ଖୋଜିଲେ ମୁକ୍ତି ନାହିଁ।
ମୁକ୍ତି ଖୋଜିଲେ ଜାତି ନାହିଁ।
ଏକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶ।
ରୂପ ନାମରେ ମୁକ୍ତି ନାହିଁ।
କାମନା ହିଁ ମୁକ୍ତିର ପ୍ରତିବନ୍ଧକ।
ଅଲେଖ ଏକାକ୍ଷର ହିଁ ବ୍ରହ୍ମ ନାମ।।"

ସନ୍ନ୍ୟାସୀ ଓ ଆଶ୍ରିତ ଭକ୍ତମାନଙ୍କ ପାଇଁ ରାତ୍ରୀ ଭୋଜନ ନିଷେଧ। ସନ୍ନ୍ୟାସୀ ଓ ଆଶ୍ରିତମାନେ ପ୍ରାତଃ ଓ ସାୟଂ କାଳରେ ଅଲେଖ ମହିମା ମହାମନ୍ତ୍ର ଉଚ୍ଚାରଣ କରି ପରଂବ୍ରହ୍ମଙ୍କୁ ଦର୍ଶନ କରିବେ। ସତ୍ୟ ଓ ନିରପେକ୍ଷ ଶାସ୍ତ୍ର ପଠନ କରି ଗୁରୁଙ୍କୁ ଭକ୍ତି କରିବେ। ସନ୍ନ୍ୟାସୀମାନେ 'ଗ୍ରାମକେ ରାତିଏ ଓ ଘରକେ ମୁଠିଏ' ନିୟମ ପାଳନ କରିବେ। ସନ୍ନ୍ୟାସୀମାନେ ବିଦ୍ୟାଳୟ ଆଦି ସ୍ଥାନମାନଙ୍କରେ ଆଶ୍ରୟ ଗ୍ରହଣ କରିବେ। ଭିକ୍ଷା ନିମନ୍ତେ ସନ୍ନ୍ୟାସୀମାନେ ରନ୍ଧାଅନ୍ନ ବ୍ୟତୀତ ଚାଉଳ ଗ୍ରହଣ କରିବେ ନାହିଁ ଇତ୍ୟାଦି ଇତ୍ୟାଦି।

ମହିମାଧର୍ମ ଏକ ଧର୍ମ ନୁହେଁ; ଏହା ଏକ ବିଚାର ଓ ସଂସ୍କାର ମାତ୍ର। ମହିମାଧର୍ମର ଏହି ସମସ୍ତ ନୀତି ନିୟମ ଅନୁସରଣ କରି ମହିମାସ୍ୱାମୀ ରେଢ଼ାଖୋଲର କାଙ୍କଣ ପଡାଠାରେ ଅବସ୍ଥାନ କରୁଥିବା ଭୀମଭୋଇଙ୍କୁ କୂପ ମଧ୍ୟରୁ ଉଦ୍ଧାର କରି ମହିମାଧର୍ମର ନୀତି ନିୟମ ଗୁଡ଼ିକୁ ପ୍ରାଞ୍ଜଳ ଭାବରେ ବୁଝାଇ ଦେଲେ। ଏ ସମ୍ପର୍କରେ ସାହିତ୍ୟ ରଚନା କରିବା ନିମନ୍ତେ ଆଦେଶ ପ୍ରଦାନ କରିଥିଲେ ୧୮୬୨ ମସିହାରେ। ସେହି ସମୟରେ ଭୀମଭୋଇଙ୍କୁ ଷୋହଳବର୍ଷ ବୟସ ହୋଇଥିଲା। ଭୀମଭୋଇ ନିରକ୍ଷର ହୋଇଥିବାରୁ ତାଙ୍କ ରଚନା ସମୂହକୁ ତାଳପତ୍ରରେ ଲିପିବଦ୍ଧ କରିବା ପାଇଁ ଦୁଇଜଣ ବ୍ରାହ୍ମଣ ପଣ୍ଡିତ ହରି ପଣ୍ଡା ଓ ବାସୁଦେବ ପଣ୍ଡା ଏବଂ ଦୁଇଜଣ ବୈଷ୍ଣବ ପଣ୍ଡିତ ଧର୍ମାନନ୍ଦ ଦାସ ଓ ମାର୍କଣ୍ଡ ଦାସଙ୍କୁ ଭୀମଭୋଇଙ୍କ ନିକଟକୁ ପଠାଇଲେ। ଏହି ଚାରିଜଣ ଲେଖନକାର ଭୀମଭୋଇଙ୍କ ମୁଖ ନିସୃତ ଅଜସ୍ର କାବ୍ୟ କବିତା, ଭଜନ, ଜଣାଣ, ପ୍ରାର୍ଥନା ସ୍ତୁତିଗୁଡ଼ିକୁ ନକଲ କରି ମହିମାସ୍ୱାମୀଙ୍କ ଅନୁମୋଦନ ନିମନ୍ତେ ପଠାଇବାରେ ଲାଗିଲେ। ଭୀମଭୋଇ ଷୋହଳ ବର୍ଷ ବୟସରେ କବିତ୍ୱ ଲାଭ କରିଥିବା କଥା ସ୍ୱରଚନାରେ ଉଲ୍ଲେଖ କରିଛନ୍ତି। ଏହା ସହିତ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗୁରୁ ମହିମାସ୍ୱାମୀଙ୍କ ଦୟାରୁ ସେ କବିପଣ ପ୍ରାପ୍ତ ହୋଇଥିଲେ-

ଷୋହଳ ବର୍ଷରେ ମୁଁ କରିଲି କବିତ୍ୱ
ଏକରାଗେ ମୁଁ ବାନ୍ଧିଲି ଦୁଇଯୋଡ଼ା ଗୀତ।। (ଭଜନମାଳା)
ଜନମକାଳରୁ ମୁଁ ମୂର୍ଖ ହୋଇଥିଲି।
ଷୋହଳ ବରଷେ କବି ମୁଁ କୃତ୍ୟକଲି।
ଗୁରୁ ହୃଦ ପଦ୍ମେ ବସିଯେ ଦେଲେ କହି।।

x x x x x

ଯେତେବେଳେ ଯେ ଗୁରୁ କହିଥାନ୍ତି ଭେଦ।
ତେଣୁ ସେ ଯୋଡ଼ଇ କବିକୃତ୍ୟ ପଦ।। (ଆଦିଅନ୍ତ ଗୀତା)

ଭୀମଭୋଇ ଏକ ରାଗରେ ଦୁଇ ଯୋଡ଼ା ଅର୍ଥାତ୍ ଚାରଗୋଟି କବିତା (ଭଜନ) ରଚନା ଏକାଥରକେ କରୁଥିଲେ ଚାରିଜଣ ଲେଖନକାରଙ୍କୁ ପାଖରେ ବସାଇ। ମହିମାଧର୍ମ ସମ୍ପର୍କରେ ଭୀମଭୋଇ ୧୩୨ ଖଣ୍ଡ ପୁସ୍ତକ ସମେତ ହଜାର ହଜାର ଭଜନ, ଜଣାଣ ଚଉତିଷା, ସ୍ତୁତି ଆଦି ତାଙ୍କ ଜୀବନ କାଳମଧ୍ୟରେ ରଚନା କରିଯାଇଛନ୍ତି। ଏହି ସମସ୍ତ ପୁସ୍ତକ ଓ ଭଜନ ଜଣାଣଗୁଡ଼ିକୁ ସେ କଣ୍ଠସ୍ଥ କରି ରଖିଥିଲେ। ସେ ଯେତେବେଳେ ଯେଉଁ ପୁସ୍ତକର ଯେଉଁ ଅଧ୍ୟାୟ ତାଙ୍କୁ ବୋଲିବା ପାଇଁ କୁହାଯାଉଥିଲା, ତତ୍‌କ୍ଷଣାତ୍ ସେ ତାହା ଗଳଗଳ କରି ଗାୟନ କରୁଥିଲେ।

ମହିମାସ୍ୱାମୀ ସମ୍ପର୍କରେ ନୀତିନିୟମ ଓ ମହିମାଧର୍ମ ସମ୍ପର୍କରେ ପୁସ୍ତକ ରଚନା କରିବା ପାଇଁ କବି ଓ ସହଯୋଗୀ ଲେଖନକାର ଠିକ୍ କରିସାରିବାପରେ ମହିମାଧର୍ମର ଟୁଙ୍ଗି ବା ଆଶ୍ରମମାନ ପ୍ରତିଷ୍ଠା ସେଗୁଡ଼ିକ ମଧ୍ୟରେ ମାଳବିହାରପୁର, ଆଠଗଡ଼, ଖୁଣ୍ଟୁଣୀ, ଖୋର୍ଦ୍ଧା, ଡମଣା, ଅନ୍ଧାରୁଆ, ଅନୁଗୁଳର ଅଙ୍ଗାରବନ୍ଧ, ହିନ୍ଦୋଳର ବ୍ରହ୍ମପୁର, ଢ଼େଙ୍କାନାଳର ମଡ଼ି (କାମାକ୍ଷାନଗର), ଜକା, ଯୋରନ୍ଦା, ବଉଳପୁର, ଆଦି ମହିମାଟୁଙ୍ଗି ଅନ୍ୟତମ। ଏହି ସବୁ ସ୍ଥାନମାନଙ୍କରେ ମହିମାସ୍ୱାମୀ ବ୍ରହ୍ମଧୁନି ପ୍ରତିଷ୍ଠା କରି ମହିମାମେଳା ଆଦି ଅନୁଷ୍ଠିତ କରି ଜନସାଧାରଣଙ୍କୁ ଧର୍ମ ସମ୍ପର୍କରେ ବକ୍ତବ୍ୟମାନ ପ୍ରଦାନ କରୁଥିଲେ। ମହିମା ଟୁଙ୍ଗି ଗୁଡ଼ିକ ଥିଲା ଗୋଟିଏ ଗୋଟିଏ ଶିକ୍ଷାକେନ୍ଦ୍ର।

ମହିମାଧର୍ମର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ମହିମାସ୍ୱାମୀ ସନ୍ନ୍ୟାସୀ ଶ୍ରେଣୀ ସୃଷ୍ଟି କରିବା ନିମନ୍ତେ ଚିନ୍ତା କଲେ। ବାଙ୍କୀର ମାଳ ବେହେରାପୁର ଠାରେ ଅନାହତ ଧୁନି ସ୍ଥାପନ କରି ଏହି ଧୁନି ମନ୍ଦିରକୁ ତାଙ୍କର ଦ୍ୱିତୀୟ ସନ୍ନ୍ୟାସୀ ଶିଷ୍ୟ ନୃସିଂହବାବାଙ୍କ ଦାୟିତ୍ୱରେ ଅର୍ପଣ କରି ନିଜେ ବିଭିନ୍ନ ସ୍ଥାନ ଭ୍ରମଣ କରିବାରେ ଲାଗିଲେ। ମହିମା ସ୍ୱାମୀଙ୍କ ଆଦେଶରେ ନୃସିଂହବାବା ଓଡ଼ିଶା, ଛତିଶଗଡ଼, ବଙ୍ଗଳା ଓ ମାଡ୍ରାସ ପ୍ରୋଭିନ୍ସର ଏକାନବେ ଜଣ ଧାର୍ମିକ ବ୍ୟକ୍ତିଙ୍କୁ କୁମ୍ଭୀବୃକ୍ଷର ବକ୍‌କଳଧାରୀ ସନ୍ନ୍ୟାସୀ ଶିଷ୍ୟ ଗୋବିନ୍ଦ ପର୍ଯ୍ୟାୟରେ ସନ୍ନ୍ୟାସୀଶ୍ରେଣୀ ସୃଷ୍ଟି ଆରମ୍ଭ ହୋଇଥିଲା। ୧୮୬୬ ମସିହାରେ ନୃସିଂହବାବା ଦେହତ୍ୟାଗ କରିସାରିଥିଲେ ଏହି ଏକାନବେ ଜଣ ବକ୍‌କଳଧାରୀ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଚଉଷଠୀ ଜଣଙ୍କୁ

ମହିମାସ୍ୱମୀ ସିଦ୍ଧଭାବରେ ଘୋଷଣା କରି ସେମାନଙ୍କଠାରେ ଐଶୀ ଶକ୍ତି ନିହିତ କରିଥିଲେ। ଏହି ସମସ୍ତ ସନ୍ୟାସୀ ପଦକ୍ରମରେ ବିଭିନ୍ନ ଅଞ୍ଚଳ ଭ୍ରମଣ କରି ମହିମାଧର୍ମ ପ୍ରଚାର କରିବାରେ ଲାଗିଲେ। ୧୮୭୫ ମସିହାରେ ମହିମାସ୍ୱାମୀଙ୍କ ଆଦେଶରେ ଢେଙ୍କାନାଳର ଜକା ମହିମା ଆଶ୍ରମଠାରେ ସିଦ୍ଧ ବାଞ୍ଛାନିଧି ବାବା ଷାଠିଏ ଜଣଙ୍କୁ ଡ଼ୋର କୌପୀନ ପ୍ରଦାନ କରି ସେମାନଙ୍କ ମଧ୍ୟରୁ ଚଉତିରିଶ ଜଣଙ୍କୁ ମହିମାସ୍ୱାମୀ ସିଦ୍ଧ ଆଖ୍ୟା ପ୍ରଦାନ କରିଥିଲେ। ମହିମାସ୍ୱାମୀଙ୍କ ଦ୍ୱାରା ସୃଷ୍ଟିହୋଇଥିବା ଏଡି ବଲ୍‌କଲଧାରୀ ଓ କୌପୀନଧାରୀ ସନ୍ନ୍ୟାସୀମାନେ ଦୃତ ବେଗରେ ମହିମାଧର୍ମ ପ୍ରଚାର କରିବାରେ ଲାଗିଲେ। ଭୀମଭୋଇଙ୍କ ରଚିତ ଏହି ପୁସ୍ତକ ମଧ୍ୟରେ ବ୍ରାହ୍ମନିରୂପଣ ଗୀତା, ସ୍ତୁତିଚିନ୍ତାମଣି, ଭଜନମାଳା ଓ ଚଉତିଶା ଗ୍ରନ୍ଥମାଳା ଆଦି ଅନ୍ୟତମ। ମହିମା ସନ୍ନ୍ୟାସୀଶ୍ରେଣୀ ଓ ମହିମା ସାହିତ୍ୟ ମହିମାଧର୍ମ ପ୍ରଚାର ନିମନ୍ତେ ବେଶ୍ ସହାୟକ ହେଲା। ମହିମାଧର୍ମ ମାତ୍ର ଦଶ ବାର ବର୍ଷ ମଧ୍ୟରେ ଓଡ଼ିଶା, ବଙ୍ଗଳା, ବିହାର, ମଧ୍ୟପ୍ରଦେଶ, (ସେଣ୍ଟ୍ରାଲପ୍ରୋଭିନ୍ସ) ଓ ମାଡ୍ରାସ ପ୍ରୋଭିନ୍ସରେ ଲୋକଙ୍କଦ୍ୱାରା ଆଦୃତ ହୋଇ ମହିମାଧର୍ମ ଗଣଧର୍ମରେ ପରିଣତ ହୋଇ ଗଲା। ଏହା ହେଲା ଓଡ଼ିଶାର ନିଜସ୍ୱଧର୍ମ ବା ବିଚାର।

ତତ୍‌କାଳୀନ ସମାଜ ଯେଉଁମାନଙ୍କୁ ଅସ୍ପୃଶ୍ୟ ବୋଲି କହୁଥିଲା ମହିମାଧର୍ମ ସେମାନଙ୍କୁ କୋଳାଗ୍ରତ କଲା। ଭୀମଭୋଇ ସାହିତ୍ୟରେ ଉଲ୍ଲେଖ ଅଛି-

"ଧୀବର ହୋଇଲା ମୀନ ମାରୁ ପଛେ ମହିମାକୁ ଥାଉ ଧ୍ୟାୟୀ।
ତାହାର ବୃତ୍ତି ତାକୁ ଦିଆ ହୋଇଛି କେମନ୍ତେ ଛାଡ଼ିବ ସେହି
x x x x x
ମୋଚି ହୋଇ ଚର୍ମ କାଟୁଥାଉ ପଛେ ନାମରେ ଆଶ୍ରିତ ହେଉ।
ତାହାର ବୃତ୍ତିସେ କେମନ୍ତେ ଛାଡ଼ିବ ରୋଜଗାର କରୁଥାଉ।।
ହାଡ଼ି ହୋଇପଛେ ଦାଣ୍ଡ ପହଁରଇ ବାଡ଼ିଘର ପଛେ ଖଟୁ।
ଗୁରୁପାଦତଳେ ଚିତ୍ତବୃତ୍ତି ରଖି ଦୃଢ଼ ଚିତ୍ତେ ନାମ ରଟୁ।।
ତାହାର ବୃତ୍ତି ସେ ନକରିବ ଯେବେ କେ କରିବ ସେହୁ କର୍ମ।
ସୁଖେ ଯେବେ ଗୁରୁ ନାମ ଜପୁଥିବ ଉଧାର କରିବେ ବ୍ରହ୍ମ।।
ଅଜ୍ଞାନୀ ଜନ ଯେବେ କିଛି ନଜାଣେ ଗୁରୁ ସେବା କରୁଥାଉ।
ଜ୍ଞାନ ଧ୍ୟାନ ଆଦି କିଛି ହିଁ ନଜାଣୁ ଗୁରୁ ଆଜ୍ଞା ଶିରେ ବହୁ।। "
(ସ୍ତୁତିଚିନ୍ତାମଣି - ୯୧ବୋଲି)

ସ୍ତିରୀ ପୁରୁଷ ବୋଲି ଏହା ବ୍ୟତୀତ ମହିମାଧର୍ମରେ ଜାତି ଭେଦ ନାହିଁ ଦୁଇଟି ନୀତି ଭୀମଭୋଇ ଗାଇଲେ-

ସ୍ତିରୀ ପୁରୁଷ ଦୁହିଁଙ୍କୁ ଗଢ଼ିଅଛି ଯୋଡ଼ିଏ ସ୍ୱରୂପ ଦେଖ।
ଦ୍ୱିତୀୟ ଜାତିରୁ ତିନି ଜାତି ନାହିଁ ସୁଜନେ କର ବିବେକ।।
(ସ୍ତୁତିଚିନ୍ତାମଣି)

ଏପରି ଧର୍ମ ପ୍ରଚାର କରି ଓ ଶିଷ୍ୟମାନଙ୍କ ଦ୍ୱାରା କରାଇ ମହିମାଧର୍ମର ଶୁକ୍ଳ ଚତୁର୍ଥୀ ତିଥିରେ ଯୋରନ୍ଦା ମହିମାଶ୍ରମଠାରେ ପରମଧାମକୁ ଯାତ୍ରା କଲେ। ଯୋରନ୍ଦା ଗ୍ରାମର ପୂର୍ବଦିଗରେ ତାଙ୍କର ମରଶରୀରକୁ ଭୂସମାଧି କରାଗଲା। ତା ଉପରେ ସ୍ଥାନ ମହିମାଧର୍ମର ପୁଣ୍ୟପୀଠ ମହିମାଗାଦି ଭାବରେ ଖ୍ୟାତ।

ଇ-୧୯୨, ବରମୁଣ୍ଡା ହାଉସିଂବୋର୍ଡ କଲୋନି
ଭୁବନେଶ୍ୱର - ୭୫୧୦୦୩
ମୋ - ୯୪୩୮୨୯୯୧୭୪



# କରୋନା- ଭିନ୍ନ ଏକ ଦୃଷ୍ଟିପାତ

*ରଘୁନନ୍ଦନ ମିଶ୍ର*

ରୂପ ବଦଳେଇ ଆସୁଛି କରୋନା- ପୁଣିଥରେ ହାବୁଡ଼ରେ ମଣିଷ । ଦେଶ ଦେଶ ମଧ୍ୟରେ ଥିବା ଭୌଗୋଳିକ ସୀମା ଟପି ମାଡି ଯାଉଛି ଆଗକୁ । ବିକାଶର ଶିଖର ଛୁଇଁଥିବା ଆମେରିକାର ଅସ୍ପର୍ଦ୍ଧା ଉପରେ କରୋନାର ଶକ୍ତ ଜପୋଟାଘାତ । ଚୀନ୍‌ର ବିଶ୍ୱାସନୀୟତା ଉପରେ ପ୍ରଶ୍ନର ପାହାଡ଼ । ବିଶ୍ୱ ସବୁଦାୟ ଖୋଜୁଛି ନିଦାନ ଓ ନିରାକରଣ । ସର୍ବବ୍ୟାପି କରୋନାର ଆତଙ୍କ ଓ ଅଚଳାବସ୍ଥା । ମାନ୍ଦା ଅର୍ଥନୀତି, ଶିକ୍ଷାନୁଷ୍ଠାନ ଠପ୍, ସରଳ ବିଚରଣରେ ସରକାରୀ ଅଙ୍କୁଶ, ଜନଶୂନ୍ୟ ରାଜପଥ, ଜୀବନ ଓ ଜୀବିକା ମଧ୍ୟରେ କେଉଁଠି ଆଗ, ଏଇ ପ୍ରଶ୍ନରେ ବିଚଳିତ ରାଷ୍ଟ୍ରନିତିଜ୍ଞ । ଜୀବନ ଦୋଛକିରେ, ମୁଖାପିନ୍ଧି ଠିଆ ହୋଇଛି ନିଃସ୍ୱ ନିକମା ମଣିଷ- ଆଗରେ ଅନିଶ୍ଚିତ ଭବିଷ୍ୟତ ।

ମହାମାରୀର ବିଚାର ଭେଦ ନଥାଏ ଠିକ୍ ମହାକାଳ ପରି । ପରିବର୍ତ୍ତନକୁ ଆପଣେଇବା ପୂର୍ବରୁ ଟଳି ପଡୁଛି ମଣିଷ, ବୃଦ୍ଧ, ଯୁବକ, ଧନୀକ, ଉଜୁଡ଼ି ଯାଉଛି ସଂସାର ବଦଳି ଯାଉଛି ଜୀଜବନର ଚିତ୍ର, ଭୟକୁ ନେଇ ବଞ୍ଚିବାର ବିକଳ ମାନସିକତା, ଗ୍ରାସ କରିଛି ବିଶ୍ୱବ୍ୟାପି, ସମସ୍ତଙ୍କୁ ।

ଅଜଣା ମୃତ୍ୟୁର ଅନବରତ କୋଳାହଳ ନେଇ ଘରକୁ ବାହୁଡ଼ିଛନ୍ତି ଅନେକ । ଏକଦା ପରିବାରକୁ ସମୟ ଦେଇପାରୁନଥିବା ଲୋକ ପାଇଁ ଘର ପାଲଟିଥିବା ଅଭୟ ଆଶ୍ରମ ସହଯୋଗର ହାତ ଲମ୍ୱିଆସିଲା । ଟେଲି ଯୋଗାଯୋଗରେ ଚିକିତ୍ସା, ଔଷଧ, ଡାକ୍ତରି ପରାମର୍ଶ, ପୃଥକ ବାସରେ ରହି ଅନେକ ସୁସ୍ଥ ହେଲେ । ସ୍ୱତଃ ପ୍ରତିଭାତ ହେଲା ଆମେ ପରିବାରକୁ ଯେମିତି ଅନୁଭବ କରୁ, ତାଠାରୁ ଢ଼େର ଉର୍ଦ୍ଧ୍ୱରେ ତାର ସ୍ଥାନ । ଏହା ଏକ ଗୌଣ ଅନୁଷ୍ଠାନ ନୁହେଁ- ସହଯୋଗ, ସହମତିର ଏକ ପବିତ୍ର ବନ୍ଧନ, ଯେଉଁଠି ଜଣକ ସାଫଲ୍ୟରେ ଅନ୍ୟମାନେ ଆନନ୍ଦିତ ।

ହଠାତ୍ ବିଗିଡ଼ି ଗଲା ସ୍ୱାସ୍ଥ୍ୟ ସେବାର 'ଭିତିଭୂମି' । ଏକ ମହାବିପର୍ଯ୍ୟୟ ମୁକାବିଲା ପାଇଁ ଆମର ଭିତିଭୂମି ପର୍ଯ୍ୟାପ୍ତ ନୁହେଁ ଏହା ହିଁ ପ୍ରତିପାଦିତ ହେଲା । ଆବଶ୍ୟକ ନୂଆ ହାସପାତାଲ, ରୋଗୀ, ଶଯ୍ୟା, ନିରବଚ୍ଛିନ୍ନ ସେବା ପାଇଁ ଜୀବନ ପାଇଁ ଜୀବନ ରକ୍ଷାକରି ଯନ୍ତ୍ରପାତି, ଆମ୍ୱୁଲାନ୍ସ ଅମ୍ଳଜାନ ଥଳି । ଆଗେଇ ଆସିଲେ ଶିଳ୍ପପତି, ଅଭିନେତା । ମୁଣ୍ଡ ଟେକିଲା Crowd funding ନିଜକୁ ପରାମର୍ଶ ପିଠି ଥାପୁଡ଼େଇ ଥିବା ନିକମା ମଣିଷ ଦାମୀ ହାସପାତାଳର ଚିକିତ୍ସା ଲାଗ କଲା ଅଥଚ ସେ ଜାଣେ ନାହିଁ ଏତେ ବିପୁଳ ଅର୍ଥ ଆସିଲା କେଉଁଠାରୁ ସେ ଯାହା ହେଉ କେତେ ଆପଣାର ମଣିଷ ସିଏ-

ଏହା ପଛରେ ଏକ ମହନୀୟ ବାଣୀ-
"ଦାନ କରି କେହି ଗରିବ ହୁଏନି" ।

ଦିଲ୍ଲୀ ସହରର ଏକ ଚମକପଦ ଅଥଚ ରୋଚକତଥ୍ୟ- ସଦା ଧୂମାଚ୍ଛନ୍ନ ଦିଲ୍ଲୀ ଆକାଶରେ କେତେ ଦଶନ୍ଧି ପରେ ଦୃଶ୍ୟମାନ ହେଲେ ତାରା, ବାହୁଡ଼ିଲେ ଘର ଚଟିଆ । ଧୂଳି ଧୂଆଁରେ ଅଣନିଃଶ୍ୱାସୀ ଶ୍ୱାସରୋଗୀଟିର ଶ୍ୱାସ ଆଚାନକ ସ୍ୱାଭାବିକ ହେବାକୁ ଲାଗିଲା । ବାୟୁ ପ୍ରଦୂଷଣର ମାତ୍ରା ଅନେକଟା କମି ଯାଇଥିଲା । ଗାଡ଼ି ଚଳାଚଳ ଓ କଳକାରଖାନା ବନ୍ଦ ଜନିତ କାରଣରୁ ପ୍ରକୃତିର ପ୍ରଚ୍ଛନ୍ନ ଇଂଗିତ ମିଳିଲା । ଭୟାନକ ବିପଦ ଆସିବା ଆଗରୁ ନିଜେ ବଦଳି ଯାଅ । କରୋନା କାଳର ଏକ ଅଭାବନୀୟ ଦୃଶ୍ୟ- ଶହଶହ କୋଶ ପବନ, ମୁଣ୍ଡରେ ବୋଝ, ମନରେ ଭରସା, ହାତରେ ପାଣି ବୋତଲ- ଶୂନ୍ ଶାନ୍ ରାଜପଥ ।

ମନେପଡ଼େ କୁହୁକ ପେଡ଼ି ଧରି ଜଣେ ସରଗ ସୁନ୍ଦରୀ ହାତରେ କୁହୁକ ପେଡ଼ି ଧରି ଓହ୍ଲେଇଲେ ମର୍ତ୍ତ୍ୟକୁ । ସର୍ତ୍ତ- ଯିଏ ପେଡ଼ି ଖୋଲିବ ତାକୁ ସେ ବିବାହ କରିବେ । ଅଜଣା ଆତଙ୍କର ଦ୍ୱାହି ଦେଇ ଫେରିଗଲେ ଅନେକ । ଏକ ଗ୍ରାମୀଣ ସାହସୀ ଯୁବକ ପେଡ଼ି ଖୋଲିଲା । ସେଥିରୁ ବାହାରିଲେ ଅନେକ କୁଶକ୍ତି, ଅବସାଦ, ଉଦ୍‌ବେଗ, ଅନାଗ୍ରହ, ଦ୍ୱନ୍ଦ୍ୱ, ବିଷାଦ ଶେଷକୁ ସମସ୍ତଙ୍କୁ ଶକ୍ତିକୁ ନଷ୍ଟ କରି ପାରୁଥିବା ଦିବ୍ୟ ପ୍ରେରଣା - 'ଆଶା' ସେଇ ଆଶାକୁ ଉଜ୍ଜୀବିତ କରି ଅନ୍ଧାରରେ ବାଟ ଚାଲିଥିଲେ ଅସଂଖ୍ୟ ଦାଦାନ ।

କରୋନା କାଳରେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ ବୁଲା କୁକୁର ପଶୁ, ପକ୍ଷୀଜଗତ, ମୁଖ୍ୟତଃ ହୋଟେଲର ଉଦ୍ଦିଷ୍ଟ, ଘରୋଇ ଆବର୍ଜନାର ବାସି ରୁଟି ଖାଇ ବଞ୍ଚୁଥିଲେ ସେମାନେ । ହୋଟେଲ ବନ୍ଦ, ଦୁଆର କିଳିଣୀ ଫିଟୁନି । ଖରା ଧାସରେ ପୋଡ଼ି ଯାଉଛି ଦେହ ।

ଏ ବେଳରେ ଭୟ ଓ ଭ୍ରମରେ ପଡ଼ି କେତେ ପ୍ରମୁଖ ସହରରେ ଶ୍ରଦ୍ଧାରେ ପାଳିତ ପୋଷାକୁକୁରର କରୋନା ସଂକ୍ରମଣର ବାହକ ନୁହେ ।

ଏହା ପ୍ରାଣୀ ଚିକିତ୍ସକମାନଙ୍କର ଦୃଢ଼ ମତ ଥିଲା। ଖାଦ୍ୟ ସଂଗ୍ରହରେ ଅନଭ୍ୟସ୍ତ ପୋଷାକୁକୁରକୁ ଆକ୍ରମଣ କଲେ ବୁଲା କୁକୁର ଦଳ। ପୂରେଇ ଦେଲେନି ସେମାନଙ୍କ ଅଧିକୃତ ଇଲାକାରେ। ସଂଘର୍ଷ ଓ ରକ୍ତ ପାତରେ ମୃତ୍ୟୁ ହେଲେ ପୋଷାକୁକୁର। ନିଶାର୍ଦ୍ଧରେ ଶୁଭୁଥିଲା ସେମାନଙ୍କର କରୁଣ ଚିତ୍କାର।

**ଅଙ୍ଗେନିଭା କଥା:-**

ରୋଗିଣୀ ଧେଡ଼ିକୁତି ଉପରକୁ ଢିମା ଫିଙ୍ଗା, ବୁଢା ଷଣ୍ଢର ଲାଞ୍ଜ ମୋଡ଼ି ଅଜସ୍ର ଆନନ୍ଦ ଗୋଟାଉଥିବା ଏକ ସାହି ଲଫଙ୍ଗା ଅବହେଳିତ ପଶୁପକ୍ଷୀଙ୍କ ପାଇଁ ସାଜିଥିଲା ସାଧୁ ସ୍ୱେଚ୍ଛାସେବକ। ଘର ଘରବୁଲି ସାହଯ୍ୟ ଭିକ୍ଷାରେ, ଖାଦ୍ୟ ପାନୀୟ ଯୋଗାଇଲା। ଏହା ଦୁର୍ଗୁଣର ଅପଭ୍ରଂଶ ନା ଚେତନାର ରୂପାନ୍ତର। ମନେହୁଏ ଆପଦକାଳରେ ସଂପୂର୍ଣ୍ଣ ନୀରବତା ଅସମ୍ଭବ, କରୋନା ସରିନି, ଫେରୁଛି ଭୟଙ୍କର ରୂପ ନେଇ କୌଣସି ସଫଳତା ସପୂର୍ଣ୍ଣ ନୁହେଁ। କୌଣସି ପରାଜୟ ଅସମ୍ପୂର୍ଣ୍ଣ ନୁହେଁ। ଅଭିଜ୍ଞତାରୁ ଶିକ୍ଷା ଲାଭ କରି, ଏବେ ଆଗକୁ ପାଦ ପକେଇବାର ବେଳ। Do not miss a crisis.

ଅବସରପ୍ରାପ୍ତ ଓ.ଏ.ଏସ୍., ବାଲିପାଟଣା
ମୋ- ୯୯୩୭୬୪୪୨୫୬



# ଅମାନିଆ

*ଡଃ ପ୍ରଫୁଲ୍ଲ ମହାପାତ୍ର*

"ଅତି ଅମାନିଆଟା। କାହା କଥା ଶୁଣୁନାହିଁ।" କବେ ନା କେବେ ମା', ଜେଜେମାଙ୍କର ମଧୁର ବିରକ୍ତି ମିଶା ଏହି ଭଳି ମୃଦୁ ଭର୍ତ୍ସନାକୁ ଆମେ ପ୍ରାୟ ସମସ୍ତେ ଅଙ୍ଗେ ନିଭାଇଛେ। ବେଳେବେଳେ ବେଶ୍ ଉପଭୋଗ ମଧ୍ୟ କରିଛୁ। ଖିଆ ପିଆ ଭୁଲି ବେଳ ଅବେଳରେ ସାଙ୍ଗମାନଙ୍କ ସଙ୍ଗେ ଖରାରେ ବୁଲିବା, ଗୁଡ଼ି ଉଡ଼େଇବା ଭଳି ମସ୍ତିରେ ମାତି ଅମାନିଆ ବୋଲାଇବାର ତିକ୍ତ ମଧୁର ଅନୁଭବ ପରିଣତ ବୟସରେ ବେଶ୍ ଆମୋଦ ଦାୟକ ହେଇଥାଏ। ଏବେ କିନ୍ତୁ 'ଅମାନିଆ' ହେବା ଗୋଟେ ଧର୍ତ୍ତବ୍ୟ ଅପରାଧ ହେଉଛି। ଅମାନିଆମାନଙ୍କ ଲାଠି ପ୍ରହାର କରିବା, ବସ ଉଠ୍ କରାଇବା ଏବଂ ମୋଟା ଅଙ୍କର ଅର୍ଥଦଣ୍ଡରେ ଦଣ୍ଡିତ କରିବାର ଦୃଶ୍ୟ ଏବେ ଟେଲିଭିଜନ ପରଦାରେ ଅନେକ ସମୟରେ ଦେଖିବାକୁ ମିଳୁଛି। ସମୟ ଓ ପରିସ୍ଥିତି ଭାଷା ଓ ଶବ୍ଦମାନଙ୍କ ବ୍ୟବହାରରେ ଏଭଳି ପରିବର୍ତ୍ତନ ଆଣିବା ବିଚିତ୍ର ନୁହେଁ। ବିଂଶ ଶତାବ୍ଦୀର ବିଶିଷ୍ଟ ଭାଷା ଦାର୍ଶନିକ ଲୁଡ୍‌ୱିଗ୍ ଉଇଟ୍‌ଗେନ୍‌ଷ୍ଟାଇନ୍ କହିଥିଲେ ଯେ ଶବ୍ଦମାନଙ୍କର କୌଣସି ଅର୍ଥ ନଥାଏ; ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଉପଯୁକ୍ତ ବାକ୍ୟରେ ବ୍ୟବହୃତ ହେଲେ ଏଗୁଡ଼ିକର ଅର୍ଥ ପ୍ରକାଶିତ ହୁଏ। ମଣିଷମାନଙ୍କ କ୍ଷେତ୍ରରେ ବ୍ୟବହାର କରାଯାଉଥିବା କିଛି ଶବ୍ଦ ବିଷୟରେ ମଧ୍ୟ ଅନୁରୂପ ସୂଚନା ମିଳେ। କେହି କାହାର ମିତ୍ର ନୁହଁନ୍ତି କି କେହି କାହାର ଶତ୍ରୁ ନୁହନ୍ତି। ବ୍ୟବହାରରେ ଆମର ଅନ୍ୟମାନଙ୍କ ପ୍ରତି ମିତ୍ରତା ବା ଶତ୍ରୁଭାବ ଜଣାପଡ଼େ। "ନ କଶ୍ଚିତ୍ କସ୍ୟଚିତ୍ ମିତ୍ରଂ ନ କଶ୍ଚିତ୍ କସ୍ୟଚିତ୍ ରିପୁଃ; ବ୍ୟବହାରେଣ ମିତ୍ରାଣି ଜାୟନ୍ତେ ରିପବସ୍ତଥା।" ତେବେ ଏହି ବ୍ୟବହାର – ତାହା ଭାଷାର ହେଉ ଅବା ମଣିଷର – ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ସମୟ ଉପରେ ନିର୍ଭର କରେ।

ଏବେ ସମଗ୍ର ମାନବ ଜାତି, ସାରା ପୃଥିବୀ ଏକ ଅତ୍ୟନ୍ତ ଅଭାବନୀୟ ସମୟ ଦେଇ ଗତି କରୁଛି। ସାଂପ୍ରତିକ ସ୍ଥିତି ଏପରି ହେଉଛି ଯେ ଆସନ୍ତା କାଲି, ଏପରିକି ପରବର୍ତ୍ତୀ ମୁହୂର୍ତ୍ତରେ କାହାର କ'ଣ ହେବ, କହି ହେଉ ନାହିଁ କରୋନାର କରାଳ କବଳରେ ସମଗ୍ର ବିଶ୍ୱବାସୀ ଘୋର ଅନିଶ୍ଚିତତାର ଅନ୍ଧାରରେ ବୁଡ଼ି ଯାଇଛନ୍ତି। କରୋନା ଏକ ଅଭୂତପୂର୍ବ ବ୍ୟାଧି, ଏହାର ପ୍ରଭାବ ମଧ୍ୟ ଅନରୂପ ଭାବରେ ଅକଳ୍ପନୀୟ। ଦଲକାଏ ପବନ ରାସ୍ତା କଡ଼ର ପାଚେରି ବା ଗୋହିରର କାନ୍ଥରେ ଧକ୍କା ଖାଇଲା। ପରେ କେଉଁ ଦିଗରେ ବା କେଉଁ କେଉଁ ବାଟ ଦେଇ ବହି ଚାଲିବ, ତା'ର କଳ୍ପନା କେହି କରି ପାରିବେ ନାହିଁ। ଠିକ୍ ସେହିପରି ଅକଳ୍ପନୀୟ କରୋନାର ଗତି ଓ ପରିଣତି। ଆଜିର ସୁସ୍ଥ ସବଳ ମଣିଷଟି ହଠାତ୍ ଏ ବ୍ୟାଧିର ଶିକାର ହେଉଛି।

ଭାଗ୍ୟ ଜୋର ଥିଲେ ବ୍ୟାଧିମୁକ୍ତ ହେଇ ଘରକୁ ଫେରୁଛି। ନ' ହେଲେ ଅପ୍ରତ୍ୟାଶିତ ଭାବରେ ମୃତ୍ୟୁ ମୁଖରେ ପଡୁଛୁ। ସେ ପୁଣି ଏପରି ମୃତ୍ୟୁ ଯାହା ତାକୁ ସମାଜ, ପ୍ରତିବେଶୀ ଏବଂ ଆତ୍ମୀୟ ସ୍ୱଜନଙ୍କ ପାଇଁ ଶୋଚନୀୟ ଭାବରେ ଅସ୍ପୃଶ୍ୟ କରି ଦେଉଛି। ବାପର ଶବ ଛୁଇଁବାକୁ ପୁଅ ଡରୁଛି। ଶାସ୍ତ୍ର ମତେ ମୃତ୍ୟୁବ୍ୟକ୍ତିଟିକୁ ମୁଖାଗ୍ନି ଦେବା ପାଇଁ କେହିଁ ସାହସ କରୁନାହିଁ। ବର୍ଜ୍ୟବସ୍ତୁ ଭଳି ହୃଦୟହୀନ ଭାବରେ ତାକୁ ଅନ୍ୟ ଅଜଣା ଶବମାନଙ୍କ ସହ ସରକାରୀ କର୍ମଚାରୀ କିମ୍ବା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅଗ୍ନିରେ ଲୀନ ହେବାକୁ ପଡୁଛି। ଅଥବା ବିଶାଳ ଜେସିବି ଯନ୍ତ୍ର ସାହାଯ୍ୟରେ ଭୂଗର୍ଭରେ ଖୋଳା ଯାଇଥିବା ଗର୍ତ୍ତରେ ନିକ୍ଷେପ କରାଯାଉଛି। ନାମ ପରିଚୟହୀନ ହେଉ ଅନ୍ୟ ଅନୁରୂପ ମୃତ ଦେହମାନଙ୍କ ସହିତ ମାଟିରେ ମିଶୁଛି ସେ ଶବଟି। ଏପରିକି ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡରେ ଗଙ୍ଗା ଏବଂ ସାବରମତୀ ନଦୀ ଜଳରେ କୁଢ଼ କୁଢ଼ ଶବ ଭାସିବାର ଖବର ଆମକୁ ବିସ୍ମିତ ବା ବିଚଳିତ କରୁନାହିଁ। କରୋନାଗ୍ରସ୍ତ ହେଇ ବାପା ମା' କିମ୍ବା ପୁଅ ଝିଅ ଯଦି ମୃତ୍ୟୁ ମୁଖରେ ପଡ଼ନ୍ତି, ଅନ୍ୟ ଦେଶରେ ବା ଏଇ ଦେଶର ଅନ୍ୟ ରାଜ୍ୟରେ ରହୁଥିବା ସନ୍ତାନ ସନ୍ତତି ବା ବାପ ମା' ତାଙ୍କ ଶେଷ ଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ଅଥବା ଗୋଟିଏ ସହରରେ ନିଷ୍ଠୁର କରୋନାରେ କବଳିତ ହେଇ ବାପ ମା', ପୁଅଝିଅ ଆଗ ପଛ ହୋଇ ଚାଲିଯାଉଛନ୍ତି। ସାରା ପରିବାର ଶେଷ ହୋଇ ଯାଉଛି। କେତେ କେତେ ଶିଶୁ ଅକସ୍ମାତ୍ ବାପା ମା'ଛେଉଣ୍ଡ ହେଉଛନ୍ତି।

ଏଘୋର ବିପତ୍ତିର ସାମନା କିପରି କରିବା ? ସରକାରୀ ନିର୍ଦ୍ଦେଶ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶିଷ୍ଟ ଚିକିତ୍ସକମାନଙ୍କର ପରାମର୍ଶ, ଲକ୍‌ଡାଉନ୍, ସଟ୍‌ଡାଉନ୍ ଇତ୍ୟାଦି ଅବଶ୍ୟ ରୋଗ ବ୍ୟାପିବାରେ ଫଳପ୍ରଦ ବାଧକ ପ୍ରମାଣିତ ହେଉଛି। କିନ୍ତୁ ଏହା ସତ୍ତ୍ୱେ ନିୟମ ଭାଙ୍ଗବାର ସ୍ୱର୍ଦ୍ଧିତ ଅଭ୍ୟାସ ଯୋଗୁଁ ଅନେକ ଅମାନିଆ ହେବାର ଦୁଃସାହସ ପ୍ରଦର୍ଶନ କରୁଛନ୍ତି, ଯାହା ଫଳରେ ଲକ୍‌ଡାଉନ୍‌ର ଅବଧି ବଢ଼ାଇବା ଜରୁରୀ ହେଉଛି ଏବଂ ଜୀବନ ଓ ଜୀବିକାର ବୈକଳ୍ପିକ ଗୋଲକଧନ୍ଦାରେ ପଡ଼ି ଜୀବନରକ୍ଷା ହିଁ

ସରକାରଙ୍କ ପାଇଁ ବାଧତାମୂଳକ ପନ୍ଥା ହେଉଛି। କିନ୍ତୁ ଅନ୍ୟପକ୍ଷେ ଲୋକେ ରୋଜଗାର ହରାଇ ଅକଥନୀୟ ଦୁଃଖ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଅମାନିଆମାନଙ୍କର ଏ ଦିଗରେ ଗଭୀର ଚିନ୍ତନ ଓ ଆତ୍ମପ୍ରଚେଷ୍ଟାର ଆବଶ୍ୟକତା ରହିଛି। ନିଜ ଆଡୁ ନିୟମ ମାନିବାର ମାନସିକତା ନରହିଲେ ସକଳ ନିୟମ ପ୍ରଣୟନ ନିରର୍ଥକ ହେବ।

ପ୍ରଖ୍ୟାତ ଇଂରେଜ ଅର୍ଥନୀତିଜ୍ଞ ଥୋମାସ୍ ରବଟ୍ ମାଲଥସ୍ କହିଥିଲେ ଯେ ବିଶ୍ୱରେ ଲୋକସଂଖ୍ୟା ବୃଦ୍ଧି ଖାଦ୍ୟ ଉତ୍ପାଦନ ତୁଳନାରେ ଆପେକ୍ଷିକଭାବେ ଅତ୍ୟଧିକ। କାରଣ ଲୋକସଂଖ୍ୟା ଜ୍ୟାମିତିକ କ୍ରମରେ ବଢୁଥିବା ସ୍ଥଳେ ଖାଦ୍ୟ ଉତ୍ପାଦନ ଗାଣିତିକ କ୍ରମରେ ବୃଦ୍ଧିପାଏ। ସେହି କାରଣରୁ କୌଣସି ନା କୌଣସି ସମୟଖଣ୍ଡରେ ଶୋଚନୀୟ ଖାଦ୍ୟଭାବ ସୃଷ୍ଟି ହୋଇ ଲୋକଙ୍କର ବଞ୍ଚିବା ଦୁରୁହ ହେବା ଅବଶ୍ୟମ୍ଭାବୀ। କିନ୍ତୁ ପ୍ରକୃତିର ନିୟମରେ ଏହାର ପ୍ରତିକାର ଆପେ ଆପେ ଘଟିଥାଏ। ମହାମାରୀ, ବିଶ୍ୱଯୁଦ୍ଧ ଏବଂ ଦୁର୍ଭିକ୍ଷ ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟି ବର୍ଦ୍ଧିତ ଲୋକସଂଖ୍ୟା ଖାଦ୍ୟଯୋଗାଣ ସହ ସମାନୁପାତିକ ଭାବେ ହ୍ରାସ ପାଇବା ଏକ ପ୍ରାକୃତିକ ଆବଶ୍ୟକତା ହେଇଥାଏ। ମାଲ୍ଥସ୍ ଏହାକୁ Positive check ବୋଲି କହିଛନ୍ତି। ବିପତ୍ତିର ଏହି ପ୍ରାକୃତିକ ପ୍ରତିକାର ବ୍ୟତୀତ ମଣିଷ ହାତରେ ମଧ୍ୟ କିଛି ପ୍ରତିଷେଧକ ପ୍ରତିକାର କରିବାର ଶକ୍ତି ରହିଛି ବୋଲି ମାଲ୍ଥସ୍ ମତ ବ୍ୟକ୍ତ କରିଛନ୍ତି, ଯାହାକୁ ସେ Preventive check ବୋଲି କହିଥିଲେ। ଯଥା, ବିବାହରେ ବିଳମ୍ବ, ଆତ୍ମସଂଯମ, ଜନ୍ମ ନିରୋଧ ଇତ୍ୟାଦି। କରୋନା ମହାମାରୀ କ୍ଷେତ୍ରରେ ଏହି ମାନବ ନିୟନ୍ତ୍ରିତ ପ୍ରତିଷେଧକ ପଦକ୍ଷେପର ବିଶେଷ ପ୍ରୟୋଜନ ରହିଛି। ଅମାନିଆ ମାନଙ୍କର ସ୍ୱଭାବଗତ ନିୟମ ଭାଙ୍ଗିବା ମନୋଭାବକୁ ଗଭୀର ଆତ୍ମନିୟନ୍ତ୍ରଣ ଏବଂ ଦାୟିତ୍ୱବୋଧ ସହିତ ଦମନ କରିବାକୁ ହେବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ, ଯାହା ସମାଜର କଲ୍ୟାଣ ସାଧନ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି କଲ୍ୟାଣର ପଥ ପରିଷ୍କାର କରିଥାଏ; କାରଣ ସମାଜ ଓ ବ୍ୟକ୍ତି ଅଙ୍ଗାଙ୍ଗୀ ଭାବରେ ସଂପୃକ୍ତ, ଏଣୁ ସମାଜର ବିକାଶରେ ହିଁ ବ୍ୟକ୍ତିର ବିକାଶ ସମ୍ଭବ ହେବ। ମାଲଥସ୍ଙ୍କ ଦର୍ଶିତ ପ୍ରତିଶେଧକ ପଦକ୍ଷେପ Preventive check ମଣିଷ ସ୍ୱଭାବ ବୁଝିବା ପାଇଁ ଅତ୍ୟନ୍ତି ତାତ୍ପର୍ଯ୍ୟ ପୂର୍ଣ୍ଣ। ମଣିଷର ଅନ୍ତର୍ନିହିତ ଜାନ୍ତବ ପ୍ରକୃତି ଯୋଗୁ ହେଉ ଅଥବା ତା'ର ସ୍ୱଭାବିକ ଆତ୍ମରକ୍ଷା ପ୍ରବୃତ୍ତି ଯୋଗୁଁ ହେଉ, ଆକସ୍ମିକ ବିପତ୍ତି ସମକ୍ଷରେ ପ୍ରତିଷେଧକ ପଦକ୍ଷେପ ନେବା ଏକ ଅତ୍ୟନ୍ତ ଅନିବାର୍ଯ୍ୟ ପ୍ରତିକ୍ରିୟା ହୋଇଥାଏ, ଯେପରି କି ଆଖି ଆଗରେ ହଠାତ୍ ପତଙ୍ଗଟିଏ ପହଞ୍ଚିଗଲେ ଆମ ଆଖିପତା ତତ୍କ୍ଷଣାତ୍ ବନ୍ଦ ହୋଇଯାଏ ଏବଂ ଏହି ପ୍ରାୟ ଆମ ଅଲକ୍ଷ୍ୟରେ ଘଟିଯାଏ। କରୋନା ଭଳି ସର୍ବଗ୍ରାସୀ ମହାମାରୀ ସମୟରେ ଉକ୍ତ ସ୍ୱଭାବସୁଲଭ ପ୍ରତିଷେଧକ ପଦକ୍ଷେପ ଅଧିକ ସୁଚିନ୍ତିତ ଭାବରେ କାର୍ଯ୍ୟକାରୀ ହେଇଥାଏ ଏବଂ ଅମାନିଆ ହେବାର ମାନସିକତା ଆପେ ଆପେ ଅପସରି ଯାଏ।

ପ୍ରକୃତିର ପ୍ରତିକୂଳରେ ଯାଇ ନିଜର ତଥାକଥିତ ପ୍ରଭୁତ୍ୱ ଉପଭୋଗ କରିବାର ସାମୟିକ ଆନନ୍ଦରେ ବିଭୋର ହୋଇ ମଣିଷ ଭୁଲିଯାଏ ଯେ ଗଛଲତା, କୀଟପତଙ୍ଗ ଓ ଜୀବଯନ୍ତୁ ସବୁ ତା'ର ବହୁ ପୁରାତନ ପୂର୍ବଜ ପ୍ରଜାତି ଏବଂ ଆମେ ଏଠି ସର୍ବକନିଷ୍ଠ ଆଗନ୍ତୁକ। କିନ୍ତୁ ପ୍ରକୃତିର କୋପ ଯେବେ ଭୟଙ୍କର ରୂପ ନିଏ; ମଣିଷ ତା ସାମ୍ନାରେ ଅତ୍ୟନ୍ତ ଅସହାୟ ହୋଇପଡ଼େ। ସ୍ୱାଭାବିକ ଅବସ୍ଥାରେ ପ୍ରକୃତି ସ୍ୱତଃସ୍ଫୁର୍ତ୍ତ ହେଇ ଆମର ସହାୟତା କରେ ଏବଂ ଆମକୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରିଥାଏ। ମାତ୍ର ପ୍ରକୃତି ଉପରେ ମାତ୍ରାଧିକ ଅତ୍ୟାଚାର ହେଲେ ଆମପାଇଁ ମହା ସଂକଟ ସୃଷ୍ଟି ହୁଏ। ଏପରି ଭାବିବା ଅବଶ୍ୟ ଠିକ୍ ହେବନାହିଁ ଯେ ପ୍ରକୃତି, ଗଛଲତା ସବୁକୁ ତା' ବାଟରେ ଅବାଧରେ ବଢ଼ିବା ପାଇଁ ଛାଡିଦେବା ଉଚିତ୍। ଉଭୟଙ୍କ ଭିତରେ ପରସ୍ପର ପ୍ରତି ସନ୍ତୁଳିତ ସଯତ୍ନ ସଂପର୍କ ଉଭୟଙ୍କ ପାଇଁ ହିଁ ହିତକର। ଆମମାନଙ୍କର ବଗିଚା କରିବାର ଅଭିଜ୍ଞତା ଆମକୁ ଶିଖାଇଛି ଯେ ଗଛଲତାଙ୍କୁ ଅବାଧରେ ବଢ଼ିବାକୁ ଛାଡିଦେଲେ ଘନ ଜଙ୍ଗଲର ସୃଷ୍ଟିହୁଏ। ଯାହା ଅନ୍ତତଃ ଜନପଦ ପାଇଁ ସ୍ୱଚ୍ଛନ୍ଦ ଓ ସୁଖକର ହୋଇ ନଥାଏ। ପକ୍ଷାନ୍ତରେ ସେସବୁର ଉପଯୁକ୍ତ ପ୍ରୁନିଂ (Pruning) କଲେ ଆମେ ସୁନ୍ଦର ଉପବନର ସୌନ୍ଦର୍ଯ୍ୟ ଉପଭୋଗ କରିଥାଉ। ଅରଣ୍ୟ ଓ ଉପବନ ଉଭୟେ ପ୍ରକୃତିର ଅମୂଲ୍ୟ ବିଭବ।

ସୁତରାଂ ବିପଦ ଓ ତା'ର ବିବର୍ତ୍ତିତ ପ୍ରତିଷେଧକ ପ୍ରତିକ୍ରିୟା ଅତ୍ୟନ୍ତ ସ୍ୱାଭାବିକ ଭାବରେ ପରସ୍ପରର ସାମନା କରନ୍ତି ଏବଂ ଜୀବଜଗତର ଆବଶ୍ୟକୀୟ ସୁରକ୍ଷା ସାଧିତ ହୁଏ। ମାଲଥସ୍ଙ୍କ ଜନସଂଖ୍ୟା ତତ୍ତ୍ୱ ଏବେ ମଧ୍ୟ ଏକ ପ୍ରାସଙ୍ଗିକ ଉପଯୋଗୀ ପଥ-ପ୍ରଦର୍ଶକ, ଯାହା ଆମ କର୍ତ୍ତବ୍ୟବୋଧ ଉଦ୍ରେକ କରିବାରେ ଭବ୍ୟ ଭୂମିକା ଗ୍ରହଣ କରେ।

ପ୍ରାକ୍ତନ ଦର୍ଶନ ପ୍ରଫେସର,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

# ପ୍ରଳୟରୁ ପରିବର୍ତ୍ତନ ଓ ବିବର୍ତ୍ତନବାଦର ଜନ୍ମ

*ଡ. ରବୀନ୍ଦ୍ର ନାଥ ପତି*

ପ୍ରକୃତିର ନିୟମ ଅନୁସାରେ ବିବର୍ତ୍ତନବାଦ, ପରିବର୍ତ୍ତନ ଓ ପ୍ରଗତି ବିଶ୍ୱର କୋଣ ଅନୁକୋଣରେ ଅନୁଭୂତ ହୋଇଥାଏ । ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ । ଜଳବାୟୁ ପରିବର୍ତ୍ତନ (Climate Change), ସୁନାମି, କରୋନା ଭଳି ବିପର୍ଯ୍ୟୟ ପ୍ରକୃତିର ନିୟମର ବିରୁଦ୍ଧାଚରଣ ପାଇଁ ସୃଷ୍ଟି ହେଉଛନ୍ତି । ପ୍ରାକୃତିକ ଦୁର୍ବିପାକ ବିବର୍ତ୍ତନବାଦର ଏକ ଅଙ୍ଗ । Darwinଙ୍କ ମତରେ ମାନବ ସଭ୍ୟତା ଚାରିଟି ବିବର୍ତ୍ତନବାଦ ଦେଇ ଗତି କରିଛି । ଯଥା- ଅଗ୍ନିର ବ୍ୟବହାର ବିଷୟରେ ଜ୍ଞାନ ଆହରଣ କରିବା, କୃଷିର ଜ୍ଞାନ କୌଶଳ ଲାଭ, ସହରରେ ଜୀବନଯାପନ କରିବା ଓ ଶେଷରେ ବିଜ୍ଞାନ ଓ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଉନ୍ନତ ମାନର ଜୀବନଯାପନ କରିବା ଏ ସବୁ ପରିବର୍ତ୍ତନ ପ୍ରକୃତିର ଅନୁକୂଳ ପ୍ରତିକୂଳ ପରିସ୍ଥିତିରେ ସୃଷ୍ଟି ହୋଇଛି । ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି ଓ ଜାଣିବାକୁ ଚେଷ୍ଟା କରିଛନ୍ତି କି ଯେ ମନୁଷ୍ୟକୃତ ବିପର୍ଯ୍ୟୟ ପ୍ରାକୃତିକ ବିପର୍ଯ୍ୟୟ ଠାରୁ ଭୟାଭୟ କି ନୁହେଁ । କରୋନା ଭୂତାଣୁ ବର୍ତ୍ତମାନ ବିଶ୍ୱସାରା ୨୧୬ ଦେଶରେ ମହାମାରୀର ରୂପ ଧାରଣ କରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ପ୍ରତିଦିନ ଏହି କରୋନା ଭୂତାଣୁ ସଂକ୍ରମଣରେ ସହସ୍ରାଧିକ ଲୋକ ମୃତ୍ୟୁ ବରଣ କରୁଛନ୍ତି । କରୋନା ଭୂତାଣୁ ପ୍ରକୃତିର ନିୟମ ଉଲଘଂନର ଏକ ଦୃଷ୍ଟାନ୍ତ । ଏହିଭଳି Spanish Fluର ଭୂତାଣୁ ୧୯୧୮ରୁ ୧୯୨୦ରେ ବିଶ୍ୱରେ କରୋନା ଭଳି ମହାମାରୀ ସୃଷ୍ଟି କରିଥିଲା । ଏହି ମହାମାରୀରେ ବିଶ୍ୱରେ ୫କୋଟି ଲୋକ ମୃତ୍ୟୁ ବରଣ କରିଥିଲେ । ଏହି ମହାମାରୀକୁ ମୁକାବିଲା କରିବା ପାଇଁ ବୈଜ୍ଞାନିକ ମାନେ ଟିକା ଓ ଉନ୍ନତ ସ୍ୱାସ୍ଥ୍ୟରକ୍ଷା ପାଇଁ ପ୍ରତିଷେଧକ ମାନଦଣ୍ଡ ବିକାଶ କରିଥିଲେ ।

କରୋନା କାଳରେ ସହର ଓ ମଫସଲରେ ସମସ୍ତଙ୍କ ଜୀବନ ଓ ଜୀବିକା ଉପରେ କୁପ୍ରଭାବ ପଡିଛି । ଜୀବନଯାପନର ଶୈଳୀରେ ପରିବର୍ତ୍ତନ ଘଟିଛି । କରୋନା ପ୍ରମାଣ କରିଦେଇଛି ଯେ ଆମ ଜୀବନ ଓ ସମ୍ପତ୍ତି କ୍ଷଣସ୍ଥାୟୀ ପ୍ରତିଦିନ ପ୍ରତିଷ୍ଠିତ ଓକିଲ, ଅଭିନେତା, ବ୍ୟବସାୟୀ ଓ ଚିତ୍ରଶିଳ୍ପୀମାନଙ୍କର ଅକାଳ ମୃତ୍ୟୁ ଘଟୁଛି । ଗୋଟିଏ ଗୋଟିଏ ପରିବାର ନିଶ୍ଚିହ୍ନ ହୋଇଯାଉଛନ୍ତି। ଖବର କାଗଜ, ଟି.ଭି ଓ ସୋସିଆଲ ମିଡିଆର ଖବର ଦେଖି ଜୀବନ ତୁଚ୍ଛ ଲାଗୁଛି । ସହରୀ ଜୀବନଯାପନ ଶୈଳୀ, ବ୍ୟବସାୟ ଅନୁଷ୍ଠାନ, ଜିମ୍, ମଲ୍, ସିନେମା ହଲ୍, ହୋଟେଲ୍ ପାର୍ଟି ସହିତ ଜଡିତ । ଜୀବନଶୈଳୀ କରୋନା କାଳରେ ତୁଚ୍ଛ ଓ ମୂଲ୍ୟହୀନ । କରୋନା ଶିଖାଉଛି ଯେ ନିଜର ଘର ଓ ପରିବାର ସୁରକ୍ଷା ପ୍ରଦାନ କରିବେ । ଆଉ କେହି ନୁହଁନ୍ତି । ଲୋକମାନେ ଭୟରେ ଜୀବନଯାପନ କରୁଛନ୍ତି, ବହୁତ ବଡ ଆଶା ଓ ବିଶ୍ୱାସ ନେଇ ବଞ୍ଚୁଛନ୍ତି । ବର୍ତ୍ତମାନ ଧୈର୍ଯ୍ୟ ଓ ସାହସ ସହିତ କରୋନାର ମୁକାବିଲା କରିବା ସହିତ ବଡ ଆଶା ଓ ସ୍ୱପ୍ନ ନେଇ ଭବିଷ୍ୟତକୁ ଆଗେଇ ଯିବାକୁ ପଡିବ । କରୋନା ଆମ ସମାଜକୁ ବହୁତ ସୁଯୋଗ ପ୍ରଦାନ କରିଛି ଯେ ଗବେଷଣା କରି ନୂଆ ଭ୍ୟାକ୍ସିନ୍ ଉଦ୍ଭାବନ କରିବାକୁ ଏବଂ ଟେକ୍ନୋଲୋଜି ଦ୍ୱାରା କରୋନା ଭଳି ଭୂତାଣୁ ଭିତ୍ତିକ ମହାମାରୀକୁ ପ୍ରତିହତ କରିବାକୁ । ଗବେଷକ, ଡାକ୍ତର ଓ ବୈଜ୍ଞାନିକଙ୍କ ଭୂମିକା ଏହି ପରିବର୍ତ୍ତନଶୀଳ ଜୀବନକୁ ସୁରକ୍ଷା ଦେବାରେ ବହୁତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱବ୍ୟାପୀ କରୋନା ମହାମାରୀ (କୋଭିଡ୍-୧୯) ଜଳବାୟୁ ପରିବର୍ତ୍ତନର ଏକ ସମାଧାନ ନୁହେଁ ବରଂ ଏ ବିଶ୍ୱର ଇଣ୍ଡଷ୍ଟ୍ରିଆଲିଷ୍ଟମାନଙ୍କୁ ଚେତାବନୀ ଦେଉଛି ଯେ ଶୂନ୍ୟ ସ୍ତରରେ କଳକାରଖାନାରୁ ଗ୍ୟାସ ନିର୍ଗତର ଏକ ସୁଚିନ୍ତିତ ପ୍ରଣାଳୀ ନିର୍ଦ୍ଧାରଣ କରାଯାଉ । କରୋନାରେ ସଂକ୍ରମିତ ହୋଇଥିବା କେତେକ ବ୍ୟକ୍ତି inferiority Complexର ଶିକାର ହୋଇଥାନ୍ତି ଏବଂ ହସ୍ପିଟାଲ ଯାଇ ଯାଞ୍ଚ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ, ଫଳରେ ସଂକ୍ରମଣ ସଂଖ୍ୟା ଠିକ୍ ଭାବରେ ନିର୍ଦ୍ଧାରିତ ହୋଇପାରେ ନାହିଁ । ପରିବାରରେ ଲକ୍‌ଡାଉନ ସମୟରେ ସଙ୍ଗରୋଧ ହେଉଥିବା ବ୍ୟକ୍ତିମାନେ ମାନସିକ ଚାପର ଶିକାର ହୋଇଥାନ୍ତି । କରୋନାରେ ସଂକ୍ରମିତ ହୋଇଥିବା ସଦସ୍ୟମାନଙ୍କୁ ଘରେ ଏକୁଟିଆ ରହିବାକୁ ଦିଆଯାଏ। ଅଛୁଆଁ ଲୋକ ଭଳି ସେମାନଙ୍କୁ ଖାଦ୍ୟ ପାନୀୟ ଦିଆଯାଏ । ସେମାନେ ୧୪ଦିନ ଏକାନ୍ତ ବାସ କରନ୍ତି । କାହା ସହିତ ମିଳାମିଶା କରନ୍ତି ନାହିଁ । ଏହି ବ୍ୟକ୍ତିମାନେ ଭୀଷଣ ମାସିକ ଚାପର ଶିକାର ହୋଇଥାନ୍ତି । କେତେଜଣ ବି ବ୍ୟକ୍ତି ଆତ୍ମହତ୍ୟା କରିଥାନ୍ତି । ବହୁବ୍ୟକ୍ତି ଏକତ୍ର ବାସ କରିବା ଦ୍ୱାରା ସଂକ୍ରମଣ ହେବା ଭୟରେ ଏକାକୀ ଜୀବନ ଯାପନ କରନ୍ତି । ବହୁ ସଂକ୍ରମିତ ବ୍ୟକ୍ତି ବଞ୍ଚିବେ କି ମରିବେ ଏହି ମାନସିକତା ନେଇ ଦରମରା ଅବସ୍ଥାରେ ବଞ୍ଚନ୍ତି । ହତାଶାରେ ତାଙ୍କ ଜୀବନଯାପନ ଶୈଳୀ ସଂପୂର୍ଣ୍ଣ ଛାରଖାର ହୋଇଯାଏ ।

ବହୁ ହାର୍ଟ, ଡାଇବେଟିସ୍ ଓ ରକ୍ତଚାପ ଆକ୍ରାନ୍ତ ହୋଇଥିବା ରୋଗୀମାନେ ଏହି ଲକ୍‌ଡାଉନ୍ ଓ କରୋନା କାଳରେ ତାଙ୍କ ନିଜ ଡାକ୍ତରଙ୍କ ସହିତ ପରାମର୍ଶ କରି ପାରୁନାହାଁନ୍ତି । ଟେଲିଫୋନ୍‌ରେ ପରାମର୍ଶ ନେଇ ଔଷଧ ଖାଇ ଭଗବାନଙ୍କ ଭରସାରେ ଘରେ ଚିକିତ୍ସିତ ହେଉଛନ୍ତି । ହସ୍‌ପିଟାଲକୁ ଯିବା ପାଇଁ କରୋନାରେ

ସଂକ୍ରମିତ ହେବା ଡରରେ ବହୁ ଲୋକ ଲାବ୍ରୋଟୋରୀରେ ରକ୍ତ ନମୁନା, X-Ray ଏବଂ ଅନ୍ୟାନ୍ୟ ପାଥୋଲୋଜିକାଲ ପରୀକ୍ଷା କରିବାକୁ ପସନ୍ଦ କରୁନାହାଁନ୍ତି । ଏହାଦ୍ୱାରା ସେମାନଙ୍କର ମାନସିକ ସନ୍ତୁଳନ ବିଗିଡି ଯାଉଛି ।

କରୋନା କାଳରେ ଚାକିରୀରୁ ଛଟେଇ ହୋଇ ବହୁତ ଯୁବକ ଓ ଯୁବତୀଙ୍କୁ ନିରାଶାର ଅନ୍ଧକାର ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି । ବିଦେଶରେ ବାସ କରୁଥିବା ବହୁତ ଯୁବକ ଓ ଯୁବତୀ ନିଜ ପରିବାରକୁ ଫେରି ପାରନ୍ତି ନାହିଁ । କରୋନା କେବଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ ବରଂ ମାନସିକ ସ୍ୱାସ୍ଥ୍ୟକୁ କୁଠାରଘାତ କରିଛି । ଗବେଷକମାନେ ଗବେଷଣାରୁ ପ୍ରତିପାଦିତ କରିଛନ୍ତି ଯେ କରୋନା ମହାମାରୀ ବିଶ୍ୱର ବୈଜ୍ଞାନିକ, ଉଦ୍ୟୋଗପତି ଓ ନେତା ମାନଙ୍କୁ ଶିକ୍ଷା ଦେଇଛି ଯେ ପ୍ରକୃତି ସହିତ ସୁସଂପର୍କ ରଖି ବଞ୍ଚିବା ଦରକାର । ଆଦିବାସୀମାନଙ୍କ ଜୀବନଯାପନ ଶୈଳୀରୁ ପ୍ରାକୃତିକ ସମ୍ପଦ କିପରି ସୁରକ୍ଷା କରାଯିବ ତା'ର ଶିକ୍ଷା ଲାଭ କରିବା ଦରକାର। ନଚେତ୍ ବିଶ୍ୱ ପ୍ରାକୃତିକ ନିୟମ ଉଲଂଘନର ପରିଣାମ ସ୍ୱରୂପ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ । ପରିବେଶର ସ୍ୱାସ୍ଥ୍ୟ ଓ ପ୍ରତି ସମାଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ କଳକାରଖାନା ନିର୍ମାଣ ଓ ଡ୍ୟାମ୍ ପ୍ରୋଜେକ୍ଟର କାର୍ଯ୍ୟକ୍ରମ ହାତକୁ ନେବା ଦରକାର ।

ପ୍ରଳୟକାରୀ କୋଭିଡ୍ ସାରା ବିଶ୍ୱରେ ମାନବ ସମାଜ ଉପରେ କୁପ୍ରଭାବ ପକାଇବା ସହିତ ଜୀବନ ମାନଦଣ୍ଡର ବିରାଟ ପରିବର୍ତ୍ତନ ଆଣିଛି । ଯୁବ ସମାଜର ବହୁତ କ୍ଷତି ଘଟୁଛି । ଛାତ୍ରମାନେ ଶିକ୍ଷା ଚାକିରୀ ସୁବିଧା, ସ୍ୱାସ୍ଥ୍ୟ ଓ ସମୂହ ବିକାଶ ଧାରାରେ ସାମିଲ ହେବା ପାଇଁ ବଞ୍ଚିତ ହୋଇଛନ୍ତି । ବିଶ୍ୱର ଅନୁନ୍ନତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଲୁଗା, ମସଲା, କଳାକୃତିର ସାମଗ୍ରୀ ରପ୍ତାନି କରି ଆର୍ଥନୈତିକ ସ୍ଥିତି ସୁଦୃଢ଼ କରିଥାନ୍ତି । ଏହି କୋଭିଡ୍ ମହାମାରୀ କାଳରେ ଏ ରପ୍ତାନୀର ସ୍ରୋତ ବାଧାପ୍ରାପ୍ତ ହେବାରୁ ସେମାନଙ୍କ ଅର୍ଥନୀତି ଭୁଶୁଡି ଯାଇଛି । ଏହି ଦେଶରେ ଥିବା କମ୍ପାନୀମାନେ ହାତବୁଣା Sweater, ଯୋତା, ହାତବ୍ୟାଗ, ସୂତାର ନାରୀ ଓ ପୁରୁଷମାନଙ୍କ ପାଇଁ ପୋଷାକ ପ୍ରସ୍ତୁତ କରି ରପ୍ତାନି କରନ୍ତି । ଏହି ରପ୍ତାନିଭତ୍ତିକ କାମରେ ଏହି ଦେଶର ବେକାର ଯୁବକ ଓ ଯୁବତୀମାନେ ରୋଜଗାର ପାଇଥାନ୍ତି । ଯାହା ଫଳରେ ଏହି ଦେଶମାନଙ୍କୁ ଦାରିଦ୍ର୍ୟ ସମସ୍ୟାର ଆଂଶିକ ସମାଧାନ ହୋଇଥାଏ । ମହାମାରୀ ସମୟରେ ଏହି ଦେଶମାନଙ୍କର ଋଣ ଭାର ବଢ଼ିବା ସହିତ ଆର୍ଥିକ ମାନଦଣ୍ଡର ବିପୁଳ କ୍ଷତି ହେଉଛି । ବିଶ୍ୱସାରା କୋଭିଡ୍‌କୁ ମୁକାବିଲା କରିବା ପାଇଁ ଲକ୍‌ଡାଉନ୍ ହେବାଦ୍ୱାରା କଳକାରଖାନା, କ୍ଷୁଦ୍ର ବ୍ୟବସାୟ, ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରୁଥିବା ଲୋକମାନଙ୍କ ଅପୂରଣୀୟ କ୍ଷତି ଘଟିଛି । ଗୁରୁତର ରୋଗୀମାନେ ହସ୍ପିଟାଲକୁ ଯାଇ ନପାରି ଔଷଧ ଓ ଡାକ୍ତରଙ୍କ ସେବାରୁ ବଞ୍ଚିତ ହୋଇଛନ୍ତି । ହାର୍ଟ ରୋଗୀମାନେ ସେମାନଙ୍କ ଡାକ୍ତରଙ୍କ ସହିତ ପରାମର୍ଶ ଓ ଚିକିତ୍ସାର ସୁବିଧା ନପାଇ ମୃତ୍ୟୁ ମୁଖରେ ପଡିଛନ୍ତି । ଛୋଟରୁ ଆରମ୍ଭ କରି ବଡ ବଡ କମ୍ପାନୀମାନେ ଏହି ସମୟରେ Cash flow ର ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି । ସରକାର ଅଳ୍ପ ରୋଜଗାର କରୁଥିବା ପରିବାର, ବୃଦ୍ଧବ୍ୟକ୍ତି, ମହିଳା, ପିଲାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ସେମାନଙ୍କୁ ପେଟପୂରା ଖାଇବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସାହାଯ୍ୟ କରିଛନ୍ତି । ଆମେରିକା ଭଳି ଧନୀ ଓ ଉନ୍ନତ ରାଷ୍ଟ୍ର ଏହି ମହାମାରୀର ମୁକାବିଲା କରିପାରିନାହାନ୍ତି । ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଥିଲେ ମଧ୍ୟ ପ୍ରତିଦିନ ଶହ ଶହ ଲୋକ ଏହି ମହାମାରୀର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି । ବହୁତ ଲୋକ ଡରି ଡରି ମାନସିକ ରୋଗର ଶିକାର ହେଉଛନ୍ତି ଓ ଚିକିତ୍ସାର ସୁବିଧା ପାଇପାରି ନାହାନ୍ତି । ଏହି ମହାମାରୀ ଅସମ୍ମାନର ସ୍ରୋତ ସୃଷ୍ଟି କରିବା ସହିତ ବୟସ୍କ ଓ ବୃଦ୍ଧ ଲୋକମାନଙ୍କ ନିସହାୟତାର ଘାଇ ମଧ୍ୟକୁ ଠେଲି ଦେଇଛ । ବୃଦ୍ଧ ଓ ବୟସ୍କ ବ୍ୟକ୍ତି ଯେଉଁମାନେ ହୃଦୟ ରୋଗୀ କିମ୍ବା ୟସବଭରସ୍ୱରସ୍ପ ରୋଗୀ ବହୁତ ଶୀଘ୍ର ଏହି ମହାମାରୀର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତ । ଘରେ ସେମାନଙ୍କୁ isolation ରେ ରଖି ଚିକିତ୍ସା କରାଯାଉଥିବାରୁ ସେମାନେ ମାନସିକ ଚାପର ଶିକାର ହୋଇଥାନ୍ତି । କିନ୍ତୁ ଏହି ସମୟରେ ସେମାନଙ୍କ ସହିତ ମିଳାମିଶା କରି ସାନ୍ତ୍ୱନା ଦେବା ଦରକାର । ବହୁତ ହସ୍ପିଟାଲରେ ventilator ଅଭାବ ଥିବାରୁ ବୃଦ୍ଧ କରୋନା ରୋଗୀମାନେ ମୃତ୍ୟୁ ବରଣ କରିଥିବାର ଦୃଷ୍ଟାନ୍ତ ରହିଛି । ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏହି ମହାମାରୀ ସମୟରେ ବହୁମୁଖୀ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସ୍ୱାସ୍ଥ୍ୟସେବା ପାଇବା ସେମାନଙ୍କ ପାଇଁ କାଠିକର ପାଠ । ସାମାଜିକ ବାସନ୍ଦ ଓ ସେମାନଙ୍କୁ ଘୃଣା ଦୃଷ୍ଟିରେ ବ୍ୟବହାର ସେମାନଙ୍କ ଆତ୍ମସମ୍ମାନର ବହୁତ ହାନି ଆଣିବା ସହିତ କରୋନା ମହାମାରୀରୁ ରକ୍ଷା କରିବାପାଇଁ ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଭିତ୍ତିକ ସୁବିଧା ପାଇବାରେ ବାଧା ସୃଷ୍ଟି କରେ । ଅଧିକାଂଶ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧର ଜ୍ଞାନ ପାଇବାରୁ ବଞ୍ଚିତ ହୋଇଥାନ୍ତି । କରୋନାର ପ୍ରତିଷେଧକ ନିୟମାବଳୀ ଯଥା ନିୟମିତ ହାତ ଧୋଇବା, ଘର ସାନିଟାଇଜ୍ କରିବା ବହୁତ କଠିନ କାମ ହୋଇଥାଏ । କାରଣ ସେମାନଙ୍କ ଶରୀର ଦିବ୍ୟାଙ୍ଗ ହୋଇଥିବାରୁ କରିପାରନ୍ତି ନାହିଁ।। ନିଜର ଯତ୍ନ ନେବା ପାଇଁ ପରିବାରର ଅନ୍ୟମାନଙ୍କ ସହଯୋଗ ଓ ସାହାଯ୍ୟ ଆବଶ୍ୟକ । ବହୁ କ୍ଷେତ୍ରରେ ସେମାନେ ଏଥିରୁ ବଞ୍ଚିତ ହୋଇଥାନ୍ତି ।

ବିଶ୍ୱର ବିଭିନ୍ନ ଦେଶରେ ଜଙ୍ଗଲ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକମାନେ ଏହି ମହାମାରୀ ସମୟରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନେ ଦୁର୍ଗମ ଅଞ୍ଚଳରେ ରହୁଥିବା ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରନ୍ତି ନାହିଁ । ସେମାନେ ପାରମ୍ପରିକ ଚିକିତ୍ସା ଉପରେ ନିର୍ଭର କରନ୍ତି । କରୋନା ମହାମାରୀ ବିଷୟ ସଠିକ ତଥ୍ୟ ସେମାନେ ପାଇ ପାରନ୍ତି ନାହିଁ ।

ଆଦିବାସୀମାନେ ସେମାନଙ୍କ ନିଜ ଭାଷା, ସଂସ୍କୃତି ଓ ଜୀବନଶୈଳୀକୁ ପ୍ରାଧାନ୍ୟ ଦିଅନ୍ତି । ସେମାନେ ସେମାନଙ୍କ ଜୀବିକା ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ, ଟୁରିଜିମ୍, ହସ୍ତଶିଳ୍ପ ବିକ୍ରି ଓ ସହର ଅଞ୍ଚଳରେ ଆସି କାମକରି ପରିବାର ପୋଷଣ କରନ୍ତି । କରୋନାର ମୁକାବିଲା ପାଇଁ ସେମାନେ ପାରମ୍ପରିକ ଚିକିତ୍ସା ପଦ୍ଧତି ଉପରେ ନିର୍ଭର କରନ୍ତି । ମାସ୍କ ପିନ୍ଧିବା, ହାତ ବାରମ୍ବାର ଧୋଇବା ଓ ୨ ମିଟର ଦୂରତାରେ ରହି କାମ କରିବାକୁ ଗ୍ରହଣ କରନ୍ତି ନାହିଁ । ବରଂ ବନଦେବତା ଓ ପୂର୍ବ ପୁରୁଷଙ୍କୁ ପୂଜା କରି କରୋନା ମହାମାରୀ ମୁକ୍ତ ହେବା ପାଇଁ ଚେଷ୍ଟା କରନ୍ତି । କରୋନାରେ ବହୁଳ ସଂଖ୍ୟାରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବାର ପ୍ରମାଣ ମିଳିଛି । ଏ ସବୁ ସମସ୍ୟା ନୂତନ ଜ୍ଞାନକୌଶଳ, ଉଦ୍ଭାବନ ଓ ପରିବର୍ତ୍ତନର ସ୍ରୋତ ପାଇଁ ବାଟ ଫିଟାଇ ଦେଇଛି ।

କରୋନା ଭୂତାଣୁକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ବିଶ୍ୱର ବିଭିନ୍ନ ଫାର୍ମାସିଉଟିକାଲ କମ୍ପାନୀର ବୈଜ୍ଞାନିକମାନେ ଗବେଷଣା କରି ବିଭିନ୍ନ ଭାକ୍‌ସିନ୍ ଉଦ୍‌ଭାବନ କରିଛନ୍ତି ଏବଂ ତା'ର ପ୍ରଭାବ ବିଷୟରେ ବିସ୍ତୃତ ଭାବେ ପରୀକ୍ଷା କରିଛନ୍ତି । ଏହି କମ୍ପାନୀମାନେ ନିମ୍ନୋକ୍ତ ଭାକ୍‌ସିନ୍ ଗୁଡ଼ିକୁ ଉଦ୍ଭାବନ କରି ବିଶ୍ୱବାସୀଙ୍କୁ କରୋନା ମହାମାରୀରୁ ରକ୍ଷାକରିବା ପାଇଁ ପ୍ରୟାସ କରିଛନ୍ତି । ଏହି ଗବେଷଣା ଓ ନୂଆ ଔଷଧର ଉଦ୍ଭାବନର ଜନନୀ ହେଲା କରୋନା ମହାମାରୀ ।

| **କମ୍ପାନୀ** | **ଭାକ୍ସିନ** |
|---|---|
| Serum Institute of India | - Covishield |
| Bharat Biotech | - Covaxin |
| Biological E | - Biological E |
| Zydus Cadia | - ZyCov-D |
| Hetero Biopharma | - Sputinik-V |
| Panacea Biotech | - Covaxin |
| Gennova | - HGCO19 |
| Mynvas | - Mynvax |
| Pfizer and Boi N Tech | - Pfizer (BNT762b2) |
| Moderna/ nc | - Moderna (MRNA-1273) |
| Sinovac Biotech | - Corona Vac |
| Chaina Nahanal | - New Crown |
| Pharmaceuheal Group | - Covid-19 |

ଆମେରିକା, ରୁଷିଆ, ଭାରତ, ଜାପାନ, ଚିନ ଓ ପାଶ୍ଚାତ୍ୟ ଦେଶର ଗବେଷକ ଓ ବୈଜ୍ଞାନିକ ମାନଙ୍କ ମାସ ମାସର କ୍ଲିନିକାଲ୍ ଟ୍ରାଇଲ୍ ଓ ଗବେଷଣା ଲବ୍ଧ ଜ୍ଞାନରେ ଉପରୋକ୍ତ ଭାକ୍ସିନ୍ ଗୁଡିକ ଉତ୍ପାଦନ କରାଯାଇ ସମଗ୍ର ବିଶ୍ୱକୁ କରୋନାମୁକ୍ତ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି । ପ୍ରତ୍ୟେକ ଦେଶର ସିଂହ ଭାଗ ରାଜସ୍ୱ କରୋନା ଭାକ୍ସିନ୍ ଉଦ୍ଭାବନ କରିବାରେ ଖର୍ଚ୍ଚ କରାଯାଇଛି । ଆବଶ୍ୟକତା ହିଁ ସବୁ ଉଦ୍ଭାବନର ଜନନୀ । Platoଙ୍କ ଭାଷାରେ "Necessity is ithe mother of Invention" କୋଭିଡ୍ ୨୦୧୯ ପୃଥିବୀର ବୈଜ୍ଞାନିକ ମାନଙ୍କୁ ବହୁତ ସୁଯୋଗ ଦେଇଛି Technology ଓ ବୈଜ୍ଞାନିକ ଗବେଷଣା ଦ୍ୱାରା ନୂଆ ଔଷଧ ଆବିଷ୍କାର କରିବା ପାଇଁ । ଏହି ଦୁର୍ବିପାକ ସମୟରେ ଏକାନ୍ତ ବାସରେ ରହିଥିବା ଗବେଷକ, କବି ଓ ବୈଜ୍ଞାନିକମାନେ ବହୁ ନୂତନ ଚିନ୍ତାଧାରା ସେମାନଙ୍କ ପୁସ୍ତକ ମାଧ୍ୟମରେ ବିଶ୍ୱକୁ ପ୍ରଦାନ କରିଛନ୍ତି । ଜ୍ଞାନକୌଶଳ ଓ ନୂତନ Technology ବ୍ୟବହାର କରି କିପରି ସୁସ୍ଥ ସ୍ୱାସ୍ଥ୍ୟ ପରିବେଶ ସୃଷ୍ଟି ହୋଇ ପାରିବ, ଚିକିତ୍ସା ପଦ୍ଧତିରେ କିପରି ପରିବର୍ତ୍ତନ ଅଣାଯାଇ ପାରିବ ଓ ଲୋକମାନଙ୍କୁ କିପରି ଏହି ଭୂତାଣୁ ଜନିତ ମହାମାରୀ ଦାଉରୁ ରକ୍ଷା କରାଯାଇ ପାରିବ ସେସବୁ କୌଶଳ ଓ ପ୍ରକ୍ରିୟାର ମାନଦଣ୍ଡର ସୃଷ୍ଟି ହୋଇପାରିଛି । ଏ ପରିସ୍ଥିତିରେ ମୁକାବିଲା କରିବାପାଇଁ ଲୋକମାନେ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ଯୋଗ ଓ ପ୍ରାଣାୟମ ମାଧ୍ୟମରେ ଆୟତ କରି ନିଜ ଭିତରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଛନ୍ତି । କରୋନା ପ୍ରତିଷେଧକ ଭାବେ ଲୋକମାନେ ନିଜର ଜୀବନ ଧାରଣ ଶୈଳୀ ବଦଳାଇ ଦେଇଛନ୍ତି - ଯଥା ସବୁବେଳେ ମାସ୍କ ପିନ୍ଧିବା, ୬ ଫୁଟ ଦୂରତା ମଧ୍ୟରେ ରହିବା ନିୟମିତ ସାବୁନରେ ହାତ ଧୋଇବା ଓ ଘର ଭିତରେ ସବୁବେଳେ ରହିବା ଇତ୍ୟାଦ । କରୋନା ମହାମାରୀ ଲୋକମାନଙ୍କ ଚିନ୍ତାଧାରାରେ ବିରାଟ ପରିବର୍ତ୍ତନ ଆଣିଦେଇଛି । ବହୁଲୋକ ହସ୍ପିଟାଲରେ ମୃତ୍ୟୁ ବରଣ କରୁଛନ୍ତି । ଶ୍ମଶାନରେ କୁଢ଼ କୁଢ଼ ଶବ । ଶବ ଦାହ କରିବାକୁ ସ୍ଥାନ ନାହିଁ । କରୋନା ରୋଗୀର ମୃତ୍ୟୁ ପରେ ନିଜ ଜ୍ଞାତିକୁଟୁମ୍ବ ତାର ଶବକୁ ଚାରିକାନ୍ଧ ଦେଉନାହାନ୍ତି କି ସ୍ପର୍ଶ କରୁନାହାଁନ୍ତି । ବିଶ୍ୱରେ ଏଭଳି ପରିସ୍ଥିତି କେବେ ଘଟିନଥିଲା । ପ୍ରତିଦିନ ଏହି ଖବର ଶୁଣି, ଲୋକମାନେ ସ୍ଥାଣୁ ପାଲଟି ଯାଉଛନ୍ତି ଓ ଜୀବନ, ଧନ ସମ୍ପତ୍ତି ପ୍ରତି ମାୟା ମମତା ତୁଟାଇ ଦେଇଛନ୍ତି । ଜୀବନ ଓ ଜୀବିକା ବଞ୍ଚାଇବା ଚେଷ୍ଟାରେ ସେମାନେ ଜୀବନ ବଞ୍ଚାଇବାକୁ ପ୍ରାଧାନ୍ୟ ଦେଇଛନ୍ତି । ଜୀବନ ବଞ୍ଚିଲେ ଜୀବିକା । ଜୀବନର ଅର୍ଥ ଓ ସମ୍ପତ୍ତି ପାଇଁ ଲୋଭର ମୂଲ୍ୟ କିଛିନୁହେଁ । ଏହା ଆଜିକା ପରିସ୍ଥିତିରେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି । ଜୀବନରେ ମିଳୁଥିବା ଛୋଟ ଛୋଟ ପଦାର୍ଥ ନେଇ ଶାନ୍ତି ଲାଭ କରିବା ଯଥେଷ୍ଟ । ନିଜର ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ବଳରେ କରୋନା ଭଳି ମହାମାରୀକୁ ପରାସ୍ତ କରିହେବ । ଏହି ବିପତ୍ତିକାଳରେ ସାମାଜିକ ସୁସମ୍ପର୍କର ମୂଲ୍ୟବୋଧ ଏକ ଶକ୍ତିଶାଳୀ ଅସ୍ତ୍ର ଭଳି କାମ କରିବା ଏହି ସମୟରେ ବିଦେଶରେ ଥିବା ବନ୍ଧୁମାନଙ୍କୁ ଇ-ମେଲ ମାଧ୍ୟମରେ ସମ୍ପର୍କ ରଖିବା, ପୁରୁଣା ବନ୍ଧୁ ମାନଙ୍କ ସହିତ ମୋବାଇଲ ଫୋନ୍‌ରେ କଥା ହେବା, ପଡୋଶୀମାନଙ୍କ ପାଇଁ ପୋଷ୍ଟର ମାଧ୍ୟମରେ ନିଜ ମତ ପ୍ରକାଶ କରିବା, ଫେସ୍‌ବୁକ, ଟ୍ୱିଟର ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ନିଜ ଅଞ୍ଚଳ ଓ ଦେଶରେ ଘଟୁଥିବା ଘଟଣାର ଚିତ୍ର ପ୍ରଦାନ କରିବା ଦ୍ୱାରା ସାମାଜିକ ସମ୍ପର୍କ ଦୃଢ଼ ହେବା ସହିତ ବହୁ ଶିକ୍ଷଣୀୟ ଟିପ୍‌ସ ମିଳିଥାଏ ।

ଭାରତ ବିଶ୍ୱର ଏକ ବିକାଶଶୀଳ ଦେଶ ରୂପେ ମାନ୍ୟତା ପାଇଛି । ବିକାଶ ପାଇଁ ଆମ ସମାଜକୁ ବହୁ ମୂଲ୍ୟ ଦେବାକୁ ପଡିଛି, ଯଥା- ବିକାଶ ନାମରେ ଗଢ଼ି ଉଠୁଥିଲା କଳକାରଖାନା ଦ୍ୱାରା ଜଙ୍ଗଲର ଅବକ୍ଷୟ, ସାମାଜିକ ସ୍ୱାସ୍ଥ୍ୟହାନୀ ଓ ପରିବେଶ ସଂରକ୍ଷଣ ହାନି, ମାରତ୍ମକ ରୋଗ ସୃଷ୍ଟି, ଜଳ ସମ୍ପଦ ହାନି ଓ କରୋନା ଭଳି ମହାମାରୀର ଉତ୍ପତ୍ତି । ପରିବେଶର ସ୍ୱାସ୍ଥ୍ୟହାନି ହେବାଦ୍ୱାରା ବାୟୁ ଓ ଜଳର ପ୍ରଦ୍ୟୁଷଣ ଦ୍ୱାରା ସାମାଜିକ ସ୍ୱାସ୍ଥ୍ୟର ବହୁ ହାନି ଘଟୁଛି । ବିଭିନ୍ନ ପ୍ରାକୃତିକ ଦୁର୍ବିପାକର ସାମନା କରିବାକୁ ପଡୁଛି ଯଥା- ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି । ଏହା ଦ୍ୱାରା ଭାରତ ଭଳି ବିକାଶଶୀଳ ଦେଶର ଆର୍ଥିକ ମାନଦଣ୍ଡ ଭୁଶୁଡିବାରେ ଲାଗିଛି । ପ୍ରାକୃତିକ ଦୁର୍ବିପାକ ମନୁଷ୍ୟକୁ ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବାପାଇଁ ପ୍ରୋତ୍ସାହନ ଓ ନୂତନ ଦିଗ ଦେଖାଇ ଦେଇଛି । ବିକାଶଶୀଳ ଦେଶମାନେ ଏକତ୍ରିତ ହୋଇ ପ୍ରାକୃତିକ ସମ୍ପଦ କିପରି ସଂରକ୍ଷଣ କରିବେ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବେ ତାର ଏକ ସୁଚିନ୍ତିତ ଯୋଜନାର ପରିକଳ୍ପନା କରୁଛନ୍ତି । ବିଶ୍ୱ ସ୍ତରରେ ଏ

ବିଷୟରେ ଚର୍ଚ୍ଚା କରିବା ପାଇଁ ବିଭିନ୍ନ ଆନ୍ତର୍ଜାତିକ ଆଲୋଚନା ଚକ୍ର, ସେମିନାର, କନ୍‌ଭେନ୍‌ସନ ଓ ସବ୍‌ମିଟର ଆୟୋଜନ କରାଯାଇଛି ।

ଟେକ୍ନୋଲୋଜିର ବହୁଳ ବ୍ୟବହାର Internet ମାଧ୍ୟମରେ କରାଯାଉଛି । ଯାହାର କୁଫଳ ସ୍ୱରୂପ ପିଲାମାନଙ୍କ ମାନସିକ ଚାପ, ଦୃଷ୍ଟିଶକ୍ତି ହାନୀ ଘଟୁଛି । କିନ୍ତୁ କୋଭିଡ୍-୧୯ ଭଳି ଭୂତାଣୁ ଜନିତ ମହାମାରୀର ମୁକାବିଲା କରିବା ପାଇଁ ନୂତନ ଔଷଧର ଉଦ୍ଭାବନ, ନୂତନ ଚିନ୍ତାଶକ୍ତିର ଜାଗ୍ରତ ଦ୍ୱାରା ବିଶ୍ୱର ସବୁ ଡାକ୍ତର ଓ ବୈଜ୍ଞାନିକମାନେ ଏକାଠି ହୋଇ ଏହି ମାରାତ୍ମକ ମହାମାରୀର ମୁକାବିଲା କରୁଛନ୍ତି । ସୃଜନଶୀଳ ଚିନ୍ତାଧାରା ଏହି ସମୟରେ ବୁଦ୍ଧିଜୀବୀମାନଙ୍କ ନୂତନ ଦିଗଦର୍ଶନ ଦେଖାଇଥାଏ ଏବଂ ନୂତନ ଔଷଧ ଓ ଜ୍ଞାନ କୌଶଳ ଉଦ୍ଭାବନ କରିବାକୁ ସୁଯୋଗ ଦେଇଥାଏ । ବଡ ବଡ ଔଷଧର ଆବିଷ୍କାର ହୋଇଥାଏ, ଯେତେବେଳେ ବୈଜ୍ଞାନିକମାନେ ବିନା ଭୟରେ ବିଭିନ୍ନ ପ୍ରକାର ସମାଧାନର ବାଟ ଖୋଜନ୍ତି । କୋଭିଡ୍ ପ୍ରତିକାର କରି ବିଶ୍ୱବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବହୁ ପ୍ରକାର ଟିକାର ଉଦ୍ଭାବନ ହୋଇଛି ଯାହା ବିଶ୍ୱରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଛି । କରପୋରେଟ୍ ସଦସ୍ୟମାନେ ଲୋକମାନଙ୍କୁ ଏହି ମହାମାରୀର ଦୃଢ଼ ମୁକାବିଲା କରିବା ପାଇଁ ଆଗେଇ ଆସିଛନ୍ତି । ସରକାରଙ୍କୁ ଆର୍ଥିକ ସାହାଯ୍ୟ ସହିତ ଔଷଧ Oxygen ଓ କୋଭିଡ୍ ହସ୍ପିଟାଲ କରିବା ପାଇଁ ସହଯୋଗ କରୁଛନ୍ତି । ସଠିକ୍ ତଥ୍ୟ ପାଇବା ଏକ ବଡ ସମସ୍ୟା । କେତେ ଲୋକ Corona ରେ ମରୁଛନ୍ତି ଓ କେତେଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି ତାର ବିଭ୍ରାନ୍ତିକର ତଥ୍ୟ ପରିବେଷଣ ଦ୍ୱାରା ସମସ୍ୟାର ସଠିକ ମୁକାବିଲା ପାଇଁ ଯୋଜନାର ସଫଳ ରୂପରେଖର ପ୍ରସ୍ତୁତିରେ ବାଧା ସୃଷ୍ଟି ହେଉଛି । କରୋନା ପ୍ରଳଙ୍କର ମହାମାରୀ ସୃଷ୍ଟି କରିବା ସହିତ ସାମାଜିକ ପରିବର୍ତ୍ତନ, ଔଷଧ ଉଦ୍ଭାବନ ଓ ନୂତନ ବିବର୍ତ୍ତନବାଦର ଆଲୋକପାତ କରିଛି ।

ବିଶ୍ୱରେ ବୈଜ୍ଞାନିକ ଜ୍ଞାନକୌଶଳ, ଟେକ୍‌ନୋଲୋଜି ଓ ବିଭିନ୍ନ ଉଦ୍‌ଭାବନ ଦ୍ୱାରା ବହୁତ ବିକାଶ ଲାଭ ହୋଇଛି । ଏବେ ଆମେରିକା, ଚୀନ୍, ଭାରତ, ରୁଷିଆ ଆଣବିକ ଶକ୍ତି ବିକାଶ କରି ପୃଥିବୀ ପୃଷ୍ଠରୁ ରକେଟ ପ୍ରେରଣ କରି ଚନ୍ଦ୍ର, ମଙ୍ଗଳ ଗ୍ରହ ସମ୍ବନ୍ଧରେ ଜ୍ଞାନ ଲାଭ କରୁଛନ୍ତି । କିନ୍ତୁ ପ୍ରକୃତିକୁ ନିଜର ଆୟତ୍ତ କରିପାରି ନାହାନ୍ତି । ପ୍ରକୃତି ଉଗ୍ର ରୂପ ଧାରଣ କରି ମାନବ ସଭ୍ୟତାକୁ ଧ୍ୱଂସ ମୁଖକୁ ଯେ କୌଣସି ସମୟରେ ଠେଲି ଦେଇପାରେ ।

Neil de Grasse Tyson ଙ୍କ ମତରେ "Even with all our technology and inventions that make modern life so much easier than it once was, it takes just one big natural disaster to wipe all that away and remind us that here on earth we are still at mercy of nature".

ବିଶ୍ୱର ମାନବ ସଭ୍ୟତା ଧ୍ୱଂସ ମୁଖକୁ ଗତି କରୁଛି । ଆଣବିକ ଶକ୍ତି ପରୀକ୍ଷା ଦ୍ୱାରା ପ୍ରକୃତିର ନିୟମ ଉଲଙ୍ଘନ ହେଉଛି । କରୋନା ଭଳି ଭୂତାଣୁର ସୃଷ୍ଟି ହେଉଛି । ଆମେ କେବେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକି ପାରିବା ନାହିଁ । ଆମକୁ ପ୍ରାକୃତିକ ନିୟମ ମାନି ଜୀବନଯାପନ କରିବାକୁ ହେବ । ଅନେକ ପ୍ରାକୃତିକ ବିପର୍ଯ୍ୟୟ ମନୁଷ୍ୟକୃତ । ପୃଥିବୀର ବୈଜ୍ଞାନିକମାନଙ୍କୁ ମାନିବାକୁ ପଡିବ ଯେ କରୋନା ଭଳି ପ୍ରାକୃତିକ ଦୁର୍ବିପାକ ମନୁଷ୍ୟକୃତ । ଆମମାନଙ୍କୁ ଏଥିରୁ ବହୁତ ଶିକ୍ଷା ଲାଭ କରିବାର ଅଛି ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେପରି ନହୁଏ ସେ ଦିଗରେ ସଚେତନ ରହିବାକୁ ହେବ । ବହୁ ବିଦ୍ୱାନ ବ୍ୟକ୍ତିମାନେ କହିଛନ୍ତି ଯେ ମନୁଷ୍ୟ ଯେବେ ଯେବେ ପ୍ରକୃତିକୁ ନିଜର ମା' ସମ୍ମାନ ନ ଦେଇ କୁଠାରଘାତ କରିଛି, ପ୍ରକୃତି ମନୁଷ୍ୟକୁ ବହୁ ବିପତ୍ତି ଓ ଦୁର୍ବିପାକ ଆଣି ଦେଇଛି । Shreyas Aruvathottil କହିଛନ୍ତି "If you try to hurt Mother Nature she will kick ......with natural calamites, if you try to love and care Mother Nature she will protect you from disaster."

ଆମେ ଏହିଭଳି ପ୍ରାକୃତିକ ଦୁର୍ବିପାକ ସୃଷ୍ଟି କରି ଦିଗହରା ହୋଇ ବଞ୍ଚି ଅଛୁ । ମାନବ ସଭ୍ୟତାର ଭବିଷ୍ୟତ ଘନ ଅନ୍ଧାର । Appolos Dekibo ଙ୍କ ମତରେ "With natural disaster being caused artificially, we are slowly becoming inhabitants without a habitation, travelling to future without a destination. So for the sake of mother earth, save our future". ଆମେ ଆମ ଭବିଷ୍ୟତ ବଂଶଧରଙ୍କ ପାଇଁ ପରିବେଶ ଓ ପ୍ରକୃତିକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ଦିଗରେ ଧ୍ୟାନ ଦେବା ଦରକାର ।


କରୋନା ମହାମାରୀର ମୁକାବିଲା କରିବା ପାଇଁ ବିଶ୍ୱର ବିକାଶଶୀଳ ଦେଶର ବୈଜ୍ଞାନିକ, ଡାକ୍ତର ଓ ଉଦ୍ୟୋଗପତିମାନେ ଗବେଷଣା ଭିତ୍ତିକ ନୂତନ ସ୍ୱାସ୍ଥ୍ୟ ଟେକ୍ନୋଲୋଜି, ନୂତନ ପ୍ରଣାଳୀରେ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟସେବା ମଡେଲରେ ନୂତନ ଉଦ୍ଭାବନ କରି ଏହି ମହାମାରୀ କବଳରୁ ବିଶ୍ୱକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ଏହା ସବୁ କରୋନା ମହାମାରୀ ପାଇଁ ସମ୍ଭବ ହୋଇଛି । ଆଫ୍ରିକା ମହାଦେଶରେ ସ୍ୱାସ୍ଥ୍ୟସେବା ମଡେଲ୍‌ରେ ବିରାଟ ପରିବର୍ତ୍ତନ ଆସିଛି । ଆଫ୍ରିକା ମହାଦେଶରେ ୮୦ ପ୍ରତିଶତ ଲୋକ ଅନୁନ୍ନତ ଗ୍ରାମାଞ୍ଚଳରେ ବସବାସ କରନ୍ତି । ସ୍ୱାସ୍ଥ୍ୟସେବା ସହର ଅଞ୍ଚଳରେ କେନ୍ଦ୍ରୀଭୂତ । କେନିଆରେ ଏକ ନୂତନ ସ୍ୱାସ୍ଥ୍ୟସେବା ମଡେଲ୍ ଉଦ୍ଭାବନ କରାଯାଇଛି । Check-up Medical Centre ବିଭିନ୍ନ ଗ୍ରାମାଞ୍ଚଳରେ ସ୍ଥାପନ କରାଯାଇଛି । ଏହି କେନ୍ଦ୍ରରୁ ମୋଟର ସାଇକେଲରେ ନାଇରୋବିରୁ ସ୍ୱାସ୍ଥ୍ୟକର୍ମୀମାନେ ଯାଇ ଟେଲିମେଡିସିନ୍ ଓ ଫାରମାସିଉଟିକାଲ ସାମଗ୍ରୀ ରୋଗୀମାନଙ୍କୁ ସେମାନଙ୍କ ଘରେ ଦେଇପାରୁଛନ୍ତି । ସେହିଭଳି ଉଗାଣ୍ଡାରେ CAMtech Uganda ହାତ ସାନିଟାଇଜ୍‌ର ଉତ୍ପାଦନ କରି ପ୍ରତି ଗ୍ରାମରେ ଲୋକମାନଙ୍କୁ ସଚେତନ କରି ବାଣ୍ଟୁଛନ୍ତି । ଏହା ଦ୍ୱାରା ଆଫ୍ରିକା ଗ୍ରାମ ମାନଙ୍କରେ କରୋନା ପ୍ରତିଷେଧକ ବହୁଳ ଭାବେ ତ୍ୱରାନ୍ୱିତ ହୋଇଛି । ଭାରତରେ ଲକ୍‌ଡାଉନ ସମୟରେ ବହୁ ରୋଗୀ, ଦିନମଜୁରିଆ, ବୃଦ୍ଧ ଓ ଅସହାୟ ବ୍ୟକ୍ତିମାନେ ଖାଇବାକୁ ପାଇଲେ ନାହିଁ । ଏହି ସମସ୍ୟାର ସମାଧାନ କରିବା ପାଇଁ feed my city community Kitchen Indiaରେ କେତେକ ଯୁବ ଉଦ୍ୟୋଗୀମାନଙ୍କ ଦ୍ୱାରା ଆରମ୍ଭ ହୋଇ ପ୍ରତିଦିନ ୫୦୦ ଦିନ ମଜୁରିଆ ଓ ଅସହାୟ ଲୋକଙ୍କୁ ମାଗଣା ଖାଦ୍ୟ ଦିଆଗଲା । ୫ଟି ବଡ ବଡ ସହରରେ (Noida,

Bangalore, Hyderabad, Mumbai, Chenai) ଏହି ଯୋଜନା ଦ୍ୱାରା ୪୫ ଲକ୍ଷ ମିଲ ରନ୍ଧାଯାଇ ବିତରଣ କରାଗଲା । ଏହି ପ୍ରୋଜେକ୍ଟ ପାଇଁ ବହୁ ବଦାନ୍ୟ ବ୍ୟକ୍ତି ମୁକ୍ତ ହସ୍ତରେ ଦାନ କରିବାକୁ ଆଗେଇ ଆସିଲେ । କରୋନା ମୁକାବିଲା କରିବା ପାଇଁ ଏକ ନୂତନ ଚିନ୍ତାଧାରା ରୂପରେଖ ନେଲା । ଆଫ୍ରିକାର ଗାମ୍ବିଆରେ ଛୋଟ କୃଷକ ଏହି ମହାମାରୀ ଦ୍ୱାରା ବହୁତ କ୍ଷତିଗ୍ରସ୍ତ ହୋଇଛନ୍ତି । ଚାଷରେ ବହୁଳ ପରିମାଣର କ୍ଷତି ଯୋଗୁ ଖାଦ୍ୟ ସୁରକ୍ଷାରେ ପ୍ରବଳ ବାଧା ଆସିଥିଲା । ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ବହୁ ବିଶ୍ୱସ୍ତରୀୟ ସଂଗଠନ ଯଥା IFAD କୃଷିଜମିର ଜଳସେଚନ ଓ ବଜାରରେ କୃଷିଜାତ ପଦାର୍ଥର ବିକ୍ରି ପାଇଁ ସାହାଯ୍ୟ କରିଛନ୍ତି ।

ବିକାଶଶୀଳ ରାଷ୍ଟ୍ରର ବୈଜ୍ଞାନିକମାନେ digital innovation ମାଧ୍ୟମରେ କରୋନାର କିପରି ମୁକାବିଲା କରାଯିବା ତାର ରୂପରେଖ ନିର୍ଦ୍ଧାରଣ କରିଛନ୍ତି । Artificial Intellegence ର ବହୁଳ ଭାବେ ପ୍ରୟୋଗ କରି କୃଷି ଉତ୍ପାଦନ ବୃଦ୍ଧି, ମନୋରଞ୍ଜନ ପନ୍ଥା ନିର୍ଦ୍ଧାରଣ କରାଯାଇ ପାରୁଛି । Online training ମାଧ୍ୟମରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କୋଭିଡ ରୋଗୀମାନଙ୍କୁ କିପରି ଚିକିତ୍ସା କରାଯାଇ ସୁରକ୍ଷା ପ୍ରଦାନ କରାଯାଇପାରିବ ସହସ୍ର କୋଶ ଦୂରରେ ବସି ଆମେରିକା, ଜାପାନ, ଅଷ୍ଟ୍ରେଲିଆର ଡାକ୍ତରମାନେ ଜ୍ଞାନ ବିତରଣ କରୁଛନ୍ତି । କୋଭିଡ୍ ମହାମାରୀ ଏଭଳି ନୂତନ ଜ୍ଞାନ କୌଶଳର ସ୍ରଷ୍ଟା, ଏଭଳି ଉଦ୍ଭାବନ ବିଶ୍ୱର ଅର୍ଥନୈତିକ ଉନ୍ନତି ଓ ସାମାଜିକ ଉନ୍ନତିର ପରିପୂରକ । ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ମନୁଷ୍ୟ ସବୁବେଳେ ନୂଆ ଚିନ୍ତାଧାରା ନେଇ ନୂତନ ଉଦ୍ଭାବନ କରିଥାଏ । ମଣିଷ gun ଓ bombର ଉଦ୍ଭାବନ କରି ଦେଶର ସୁରକ୍ଷା ରକ୍ଷା କରି ଶତ୍ରୁମାନଙ୍କୁ ମୁକାବିଲା କରିବାପାଇଁ ସକ୍ଷମ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବହୁ ଆଣବିକ ଅସ୍ତ୍ରଶସ୍ତ୍ରର ଉଦ୍ଭାବନ ହୋଇଛି ଦେଶକୁ ଶକ୍ତିଶାଳୀ ଓ ସୁରକ୍ଷା ପ୍ରଦାନ କରିବାପାଇଁ । ଉଦ୍ଭାବନ ଦ୍ୱାରା ବିଶ୍ୱର ଓ ମାନବ ସମାଜର କଲ୍ୟାଣ ହେବା ସହିତ ବହୁବିଧ ସମସ୍ୟାର ସମାଧାନର ବାଟ ଖୋଲିଥାଏ ।

ନୂତନ ଚିନ୍ତାଧାର ନେଇ ହୋଇଥିବା ଉଦ୍ଭାବନ ସାଙ୍ଗେ ସାଙ୍ଗେ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥାଏ । ଏହାର ପରୀକ୍ଷା ନିରୀକ୍ଷା ପରେ ସରକାର ଓ ଲୋକମାନେ ଏହି ଉଦ୍ଭାବନକୁ ଗ୍ରହଣ କରନ୍ତି । କରୋନା ପାଇଁ ଉଦ୍ଭାବନ ହୋଇଥିବା ବିଭିନ୍ନ ଭାକ୍ସିନ ବହୁ ପରୀକ୍ଷା ଓ ଲାବୋରଟୋରୀ ଟେଷ୍ଟ ପରେ ଲୋକମାନଙ୍କ ମଧ୍ୟରେ ପ୍ରୟୋଗ କରାଯାଇଛି । ପ୍ରଳୟ ହିଁ ପରିବର୍ତ୍ତନ, ଆବିଷ୍କାର ଓ ବିବର୍ତ୍ତନବାଦର ଜନନୀ, ଏହା କରୋନା ମହାମାରୀ ପ୍ରମାଣିତ କରିଛି ।

ପ୍ରାକ୍ତନ ପ୍ରଫେସର, ଆନ୍ଥ୍ରୋପୋଲୋଜି
ମକେଲ ୟୁନିଭରସିଟି, ଇଥୋପିଆ
Email: sainathpati2011@gmail.com
Mob: 9583823553



# କରୋନା ଭୂତାଣୁର ନରସଂହାର

*ମନୋଜ କୁମାର ମହାପାତ୍ର*

ଏ ସୃଷ୍ଟିର ସବୁକିଛି ଶୃଙ୍ଖଳିତ ଭାବରେ ଗତିକରେ । ଉଦ୍ଭିଦ ଓ ପଶୁ ଜଗତରୁ ଆରମ୍ଭ କରି ମନୁଷ୍ୟ ସମେତ ସମସ୍ତ ଜୀବ ଓ ଅଜୀବ ଭିତରେ ଏକ ପ୍ରାଣଶକ୍ତି କ୍ରୀଡାରତ ଏବଂ ଜୀବନ ସ୍ରୋତ ସଦା ପ୍ରବାହିତ । ବିଭିନ୍ନ ରକମର ପକ୍ଷୀ ଡାଳରୁ ଡାଳ ଡେଇଁ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟି କରେ ତ ପଶୁମାନେ ନିଜ ନିଜର ପ୍ରବୃତି ଅନୁସାରେ ପାଶବିକ କାର୍ଯ୍ୟରେ ଉନ୍ମତ । ପ୍ରକୃତିର ନିୟମ ଅନୁସାରେ ଭୂମିକମ୍ପ, ବନ୍ୟା, ବାତ୍ୟା, ମଡକ ଭଳି କେତେ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସମୟେ ସମୟେ ଘଟେ କିନ୍ତୁ ସେମାନେ ସେ ଆଡକୁ ନ ଚାହିଁ ନିଜ ନିଜ ସ୍ୱଭାବରେ ନିର୍ଭୟରେ ଜୀବନ ବଂଚନ୍ତି । କିନ୍ତୁ ନିଜକୁ ବୁଦ୍ଧିମାନ ବୋଲାଉଥିବା ମଣିଷ କେବଳ ଏସବୁ ବିପତି ସମୟରେ ଭୟ ଓ ନାନା ପ୍ରକାର ଆଶଙ୍କାରେ ଜର୍ଜରିତ ହୁଏ । ବର୍ତ୍ତମାନ କରୋନା ଭାଇରସ୍‌ର ମାରାତ୍ମକ ତାଣ୍ଡବ ନୃତ୍ୟ ଦେଖି ମଣିଷ ଭାବେ ଯେ ଈଶ୍ୱରଙ୍କ ପ୍ରତି ଅବମାନନା ଯୋଗୁ କରୋନା ଭାଇରସ୍ ପରି ମାରାତ୍ମକ ଭୂତାଣୁକୁ ଜନ୍ମ ଦେଇ ଈଶ୍ୱର ତାଙ୍କର କ୍ରୋଧ ଉପଶମ କରୁଛନ୍ତି ।

ବିଭିନ୍ନ ଧର୍ମର ଲୋକେ ନିଜ ନିଜର ଧାର୍ମିକ ଶାସ୍ତ୍ରକୁ ପାଥେୟ କରି ବଡ ଜ୍ଞାନୀ ଭଳି କହନ୍ତି – ଦେଖହୋ ଆମ ଶାସ୍ତ୍ରରେ ପରା ଏପରି ଘଟିବ ବୋଲି ବହୁ ବର୍ଷ ଆଗରୁ ଭବିଷ୍ୟବାଣୀ ହେଇସାରିଛି ଓ ଈଶ୍ୱର ପାପୀମାନଙ୍କର ସଂହାର କରିବାଲାଗି କରୋନା ଭୂତାଣୁ ପରି ପ୍ରଚଣ୍ଡ ଅପଶକ୍ତିକୁ ପଠାଇଛନ୍ତି,ଏଭଳି ଅନେକ ଡରାଇବାର କଥା । ପ୍ରକୃତି କେତେବେଳେ ଭୀଷଣମୟୀ ହୁଏ କେତେବେଳେ ସୌନ୍ଦର୍ଯ୍ୟମୟୀ ହୁଏ । ଏ ଜଗତ ଏଭଳି ବିଶାଳ ଯେ ମନୁଷ୍ୟ ଏଠାରେ ଏକ କ୍ଷୁଦ୍ର ପ୍ରାଣୀ । ସ୍ରଷ୍ଟା କେବେ କାହା ଉପରେ ଦାଉ ସାଜନ୍ତିନି କି ରୋଷ କରନ୍ତନି । ସୃଷ୍ଟିରେ ସେ ନିରପେକ୍ଷ ଓ ନିଷ୍ପକ୍ଷ ଜଗତ ଓ ପ୍ରକୃତିରେ ଉଭୟ ସର୍ଜନା ଓ ପ୍ରଳୟ ଅବାରିତ ଭାବେ ଚାଲେ, ଏହାହିଁ ପ୍ରକୃତିର ନିୟମ । କରୋନା ଭାଇରସ୍ ଅବଶ୍ୟ ମହାମାରୀ ରୁପ ନେଇଛି କିନ୍ତୁ ଏହା ପୂର୍ବରୁ କେତେ ଯେ ଭୂତାଣୁ ଜନିତ ମହାମାରୀ ଏ ସୃଷ୍ଟିକୁ ଆସିଛି ଓ ସଂହାର କ୍ରିୟା ସମ୍ପାଦନ କରି ଚାଲିଯାଇଛି । ତେଣୁ ଯାହା କିଛି ଘଟୁଛି ତାହା ଆମକୁ ଭୋଗିବାକୁ ପଡିବ । ରୋଗ ସମେତ ଯେତିକି ବିପର୍ଯ୍ୟୟ ପୃଥିବୀ ପୃଷ୍ଠରେ ଘଟେ ତାହାର ମୁକାବିଲା ବି ମଣିଷ କରିଥାଏ । ଏ ଜଗତରେ ପ୍ରଚଣ୍ଡ ଶୀତ ଈଶ୍ୱର ଦେଇଛନ୍ତି କିନ୍ତୁ ଶୀତରୁ ରକ୍ଷା ପାଇବା ପାଇଁ ବସ୍ତ୍ର ଦେଇନାହାନ୍ତି । ସେ ଦେଇଛନ୍ତି ମଣିଷକୁ ବୁଦ୍ଧି, ସେଥିରୁ ସେ ବସ୍ତ୍ର ତିଆରି କରି ନିଜକୁ ଶୀତଦାଉରୁ ରକ୍ଷାକରେ । ଏଭଳି ଆମେ ଅନେକ ଉଦାହରଣ ଦେଇ ଈଶ୍ୱରଙ୍କ କାର୍ଯ୍ୟକୁ ବୁଝିପାରିବା । ଆଜିକାଲି କେତେକ ଧର୍ମର ଲୋକ କହନ୍ତିଯେ ଆମ ଈଶ୍ୱରଙ୍କ ବାଣୀକୁ ମାନୁନଥିବାରୁ ଈଶ୍ୱର କ୍ରୋଧାନ୍ୱିତ ହୋଇ ତାର ଭୟାବହତା ମାନବ ସମାଜ ଉପରେ ଲଦି ଦେଇଛନ୍ତି । ଏସବୁ ମୂର୍ଖତା, ନିର୍ବୋଧତା ଜାଲରେ ମଣିଷ ପଡି ସମାଜରେ ଘୃଣା ଓ ବିଦ୍ୱେଷ ଭାବ ଚାରିଆଡେ ପ୍ରଚାର କରିଥାଏ । ଈଶ୍ୱର ତାଙ୍କ ସୃଷ୍ଟିରେ କାହାକୁ ବାଣୀ ପ୍ରଦାନ କରନ୍ତନି । ବରଂ ସିଦ୍ଧପୁରୁଷମାନେ ନିଜକୁ ତାଙ୍କ ନିକଟରେ ଭକ୍ତି ସହକାରେ ସମର୍ପଣ କରି ଯାହା ଉପଲବ୍ଧି କରନ୍ତି, ତାକୁ ହିଁ ମାନବର କଲ୍ୟାଣ ନିମନ୍ତେ କହିଥାନ୍ତି । । କରୋନା ଭାଇରସ୍ ବର୍ତ୍ତମାନ ଅବଶ୍ୟ ମାରାତ୍ମକ ମହାମାରୀରେ ପହଂଚି ସାରିଛି । ମଣିଷ ଆଜି କାଲି ଟିକା ବାହାର କରି ସାରିଲେଣି ଏବଂ ସାରା ବିଶ୍ୱରେ ଟିକାକରଣ ଦ୍ରୁତ ଗତିରେ ଆଗେଇ ଚାଲିଛି ଯେପରି ଆଗରୁ ପ୍ଲେଗ, କଲେରା ବା ଅନ୍ୟାନ୍ୟ ମହାମାରୀ ପାଇଁ ଔଷଧ ତିଆରି କରି ମାନବ ସମାଜକୁ ରକ୍ଷା କରିଥିଲା । କାହିଁକି ନା ମଣିଷ ପ୍ରକୃତିରୁ ସୃଷ୍ଟି ହେଉଥିବା ସମସ୍ତ ସମସ୍ୟାକୁ ମୁକାବିଲା ମଧ୍ୟ କରେ । ଆଜି ଯେଉଁ ମହାମାରୀର କବଳରେ ଲକ୍ଷ ଲକ୍ଷ ଲୋକ ପଡି ଦୁଃଖ ଭୋଗ କରୁଛନ୍ତି, ସେଥିପାଇଁ ଅବଶ୍ୟ ପୂଜା, ଉପାସନା, ଧ୍ୟାନ, ଧାରଣା ଓ ପ୍ରାର୍ଥନା କରିବା ଶ୍ରେୟସ୍କର, ସେଥିରେ ସନ୍ଦେହ ନାହିଁ କିନ୍ତୁ ତତସହିତ ରୋଗୀମାନଙ୍କର ସେବା ଓ ମହାମାରୀକୁ ରୋକିବା ପାଇଁ ସମସ୍ତ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥାକୁ ବି ମାନିବା ବି ଆବଶ୍ୟକ ।

ମହାମାରୀର ନିରାକରଣ ପାଇଁ ବୈଜ୍ଞାନିକଗଣ ବିଭିନ୍ନ ପ୍ରକାର ଫଳପ୍ରସୂ ଟୀକା ଓ ଔଷଧ ତିଆରି କରିବା ପାଇଁ ଚେଷ୍ଟା ଚଳେଇଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ସହିତ ଦୃଢ ବିଶ୍ୱାସ ରଖିବା ଉଚିତ । ସୃଷ୍ଟି ପ୍ରକ୍ରିୟାରେ ଯେଉଁ ପ୍ରକାରର ବିନାଶ ଘଟେ ତାହା ମଣିଷ ପାଇଁ ଅଗୋଚର । ବର୍ତ୍ତମାନ ଯେଉଁ ସାମାଜିକ ପୃଥକୀକରଣ ବା ଏକୁଟିଆ ରହିବାର କଥା କୁହାଯାଉଛି ଏହି ଭୂତାଣୁକୁ ରୋକିବା ପାଇଁ ବାସ୍ତବରେ ଆମ ପାଇଁ ଏକ ସୁବର୍ଣ୍ଣ ସୁଯୋଗ

। ଆମେ ଏହି ସୁଯୋଗକୁ ହାତଛଡା ନକରି ଯଦି ଏକାନ୍ତରେ ବସି ନିଜକୁ ଜାଣିବା ପାଇଁ ଚେଷ୍ଟା କରିବା ତେବେ ଆମେ ଅବଶ୍ୟ ଅନେକ କଥା ଜାଣିପାରିବା । ଧ୍ୟାନ ଅବସ୍ଥାରେ ଆମେ ବୁଝିପାରିବା ଆମେ ବାସ୍ତବରେ କିଏ ଏବଂ ଆମର ଭବିଷ୍ୟତ କଣ । ଗୋଟିଏ କଥା ସବୁବେଳେ ମନେରଖିବା ଯେ ପ୍ରତ୍ୟେକ ମନୁଷ୍ୟ ଏକୁଟିଆ ଆସିଛି ଏକୁଟିଆ ଯିବ ମଧ୍ୟ । ଆଜି ନହେଲେ କାଲି ମୃତ୍ୟୁ ନିଶ୍ଚିତ ହେବ । ସେହି ମୃତ୍ୟୁକୁ ଆମେ ଭୟ କରିବା କାହିଁକି ?


ମହାପୁରୁଷମାନେ କହିଛନ୍ତି ମୃତ୍ୟୁ ବିଷୟରେ ସବୁବେଳେ ଚିନ୍ତା କର । ମୃତ୍ୟୁ ବିଷୟରେ ଚିନ୍ତା କରିବା ନକାରାତ୍ମକ ଭାବନା ନୁହେଁ ବରଂ ଏହା ଆମର ଅନ୍ତଃକରଣକୁ ଶକ୍ତିଶାଳୀ କରେ ମୃତ୍ୟୁର ସମ୍ଭାବନାକୁ ସାମ୍ନା କରିବାକୁ । ଜନ୍ମ ଓ ମୃତ୍ୟୁ ନିଶ୍ଚିତ ଭାବରେ ଏକ ପ୍ରକ୍ରିୟା । ମୃତ୍ୟୁ ପରେ ପୁଣି ଏକ ଜୀବନ ଅଛି ବୋଲି ଆମର ଭାରତୀୟ ସକଳ ଧର୍ମ ଆଶ୍ୱାସନା ଦେଇଥାଏ, ତାହା ଭୁଲିଯିବା ଉଚିତ ନୁହେଁ । ମୃତ୍ୟୁ ଆସେ ପୁଣି ଚାଲିଯାଏ । ତାର ନିରାକରଣର ବାଟ ବି ଦେଖାଇଦିଏ । ଜୀବନ ସେମିତି ପ୍ରବାହିତ ହେଉଥାଏ ବିଭିନ୍ନ ରୂପ ବା ଢ଼ଙ୍ଗରେ । ଏସବୁ ଚିନ୍ତା କଲେ ଜଣାପଡେ ଏହି ଅଦ୍ଭୁତ କାର୍ଯ୍ୟର ସମାପ୍ତି ନାହିଁ । ଥରେ ମାତ୍ର ବାହାରକୁ ଚାହିଁ ଦେଖ କିପରି ଗଛ ତରୁଲତା ଜନ୍ମ ହୋଇ ଓ ମୃତ୍ୟୁରେ ପଡି ପୁଣି ଥରେ ସଜେଇ ହୋଇଯାଉଛି ।

ଆମେ ଯଦି ଈଶ୍ୱରଙ୍କୁ ଓ ମନୁଷ୍ୟର କର୍ମଫଳକୁ କେବଳ ଦୋଷ ଦେବାରେ ସମୟ ନଷ୍ଟ କରିବା ତେବେ ଆମ ଭିତରେ ନକାରାତ୍ମକ ଭାବନା ବେଶୀ ଜନ୍ମନେବ । ଏହି ସମୟରେ ଏକୁଟିଆ ଘରେ ରହିଥିବା ବେଳେ ଆମେ ଯଦି ଚିନ୍ତା କରିବା ମୁଁ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଇପାରେ ଏବଂ ଏହି ରୋଗରୁ ବର୍ତ୍ତିବା ପାଇଁ ସକଳ ଚେଷ୍ଟା ସତ୍ତ୍ୱେ ଯଦି ମୋର ମୃତ୍ୟୁ ହୋଇଯାଏ ତେବେ ପରବାୟ ନାହିଁ । ଆମେ ସବୁବେଳେ ଭାବିବା ଉଚିତ ଯେ ଏ ଦେହ ମୁଁ ନୁହେଁ, ଏ ରୂପ ମୁଁ ନୁହେଁ, ମୁଁ ଏକ ଶାଶ୍ୱତ ଆତ୍ମା ଯିଏ ବାରମ୍ବାର ରୂପ ବଦଳାଏ । ଏହି ଭାବନାଟି ଯଦି ଆମେ ନିରନ୍ତର ଆମ ଭିତରେ ରଖିପାରିବା ନିଶ୍ଚୟ ଆମେ ମୃତ୍ୟୁଞ୍ଜୟୀ ହୋଇପାରିବା । କ୍ଷୁଦ୍ର ବାଲିକଣାଠୁ ଆହୁରି କ୍ଷୁଦ୍ର ମଣିଷ । ପୁଣି ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଏବଂ କରୋନା ଭୂତାଣୁ ଭଳି ମାରାତ୍ମକ ବ୍ୟାଧି ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁହଁରେ ପକାଏ ସେତେବେଳେ ଆମକୁ ଭାବିବାକୁ ହେବ ଯେ ଏଥିରେ ଈଶ୍ୱରଙ୍କର କୌଣସି ମହତ ଉଦ୍ଦେଶ୍ୟ ରହିଛି । ଗଢ଼ିବା, ପାଳିବା, ମାରିବା ଯାହାର କାର୍ଯ୍ୟ ସେତେବେଳେ ମରିବାକୁ କାହିଁକି ଆମେ ଏତେ ଗୁରୁତ୍ୱ ଦେଇ ଈଶ୍ୱରଙ୍କ ଉପରେ ସବୁବେଳେ ଦୋଷ ଲଦି ଦେବା ? ଶେଷରେ କୁହାଯାଇପାରେ ଯେ ଏହି ଘଡିସନ୍ଧି ମୁହୂର୍ତ୍ତରେ ଆମେ ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ହେବା ଏବଂ ରୋଗର ନିରାକରଣ ପାଇଁ ସମସ୍ତ ପ୍ରକାର ଘୋଷିତ ନିୟମକୁ ପାଳିବା ସହିତ ଆମେ ବିଶେଷ କରି ଈଶ୍ୱରଙ୍କ ପାଖରେ ଆମର ସର୍ବସ୍ୱ ସମର୍ପଣ କରି ଭାବିବା ତାଙ୍କର ଇଚ୍ଛା କେବଳ ପୂର୍ଣ୍ଣ ହୁଏ । ଯେଉଁମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତନି ସେମାନେ ବି ଏ ସୃଷ୍ଟିର ଅଂଶ । ସେମାନେ ଅତି ସହଜରେ ଏ ବିଶ୍ୱ ଓ ପ୍ରକୃତିକୁ ସୁନ୍ଦର ଭାବରେ ବୁଝିପାରନ୍ତି ଏବଂ କୌଣସି ପ୍ରକାରର ଅନ୍ଧ ମାନସିକତାକୁ ନେଇ ଧର୍ମ ଓ ଜାତି ମଧ୍ୟରେ ସଂଘର୍ଷ କରନ୍ତିନି । କିନ୍ତୁ ମାନବିକତା ପରମଧର୍ମ ଭାବି କାର୍ଯ୍ୟ କରନ୍ତି । ଈଶ୍ୱରଙ୍କୁ ବିଶ୍ୱାସ କରିବା ବା ଅବିଶ୍ୱାସ କରିବା ଈଶ୍ୱରଙ୍କ ଉପରେ କିଛି ଫରକ ପଡେନି । ସେ ସମସ୍ତଙ୍କ ପାଇଁ ସମାନ ଓ ନିରପେକ୍ଷ । ବର୍ତ୍ତମାନ ଦୁଃସ୍ଥିତି ସମୟରେ ସ୍ରଷ୍ଟାଙ୍କ ନିକଟରେ ଶରଣାଗତ ହୋଇ ଏ ବିପତ୍ତିରୁ ମୁକୁଳିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ଉଚିତ ।

ଏମନ୍ତ ଜଗତ ଓ ସୃଷ୍ଟି ପଶ୍ଚାତରେ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟ କଣ ଏହି କ୍ଷୁଦ୍ର ମଣିଷ କେମିତିବା ବୁଝିବ ! ଏହି ପରିପ୍ରେକ୍ଷୀରେ ଭାରତରେ ଏକ ପ୍ରାଚୀନ ସ୍ତୋତ୍ର ଯାହା ଅନ୍ନପୂର୍ଣ୍ଣା ସ୍ତୋତ୍ର ଭାବେ ବିଖ୍ୟାତ ଆଜି ପାଠ କଲେ ମନରେ ଜାତହୁଏ ଏକ ପ୍ରକାର ଦିବ୍ୟ ମନୋଭାବ । ଶଙ୍କରାଚାର୍ଯ୍ୟ ଜଗଜ୍ଜନନୀଙ୍କ ପାଖରେ ପ୍ରାର୍ଥନା କରି ଗାଇଥିଲେ - ହେମାତା ! ତୁମେ ହିଁ ଏ ବିଶ୍ୱର ଅଧିଶ୍ୱରୀ । ସମସ୍ତ ଜୀବଜନ୍ତୁଙ୍କୁ ନିଜ ଉଦରରେ ସ୍ଥାନ ଦେଇ କେତେ ପ୍ରକାର କ୍ରୀଡା କରୁଛ । କେତେବେଳେ ଭଲ, କେତେବେଳେ ମନ୍ଦ । ତାହା ମଧ୍ୟ ଅଗୋଚର ଆମକୁ । ହେ ଜଗନ୍ମାତା ଆମ ପ୍ରତି କୃପା ପ୍ରଦର୍ଶନ କରି ଏହି ଭୟାନକ ଦୁଃଖରୁ ତ୍ରାହି କର । ଏତିକି ଆମର ପ୍ରାର୍ଥନା ଦୃଶ୍ୟା ଦୃଶ୍ୟ ପ୍ରଭୁତବାହନକରୀ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ, ଲୀଳାନାଟକ ସୂତ୍ରଭେଦନ କରୀ ବିଜ୍ଞାନଦୀପାଙ୍କୁରୀ । ଶ୍ରୀବିଶ୍ୱେଶମନଃ ପ୍ରସାଦନକରୀ କାଶୀପୁରାଧିଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ।

(ବିଶେଷ ସୂଚନା – ଏହି ଲେଖକ ଗତ ଜୁଲାଇ ୫ ତାରିଖରୁ ଜୁଲାଇ ୩୧,୨୦୨୧ ତାରିଖ ପର୍ଯ୍ୟନ୍ତ କରୋନାରେ ଆକ୍ରାନ୍ତ ହେଇ କିମ୍ସ ହସପିଟାଲ ଆଇ.ସି.ୟୁ.ରେ ରହି ସୁସ୍ଥ ହୋଇ ଅଗଷ୍ଟ ଏକ ତାରିଖରେ ଘରକୁ ଫେରିଛି । ଡକ୍ଟର ଇନ୍ଦ୍ରମଣି ଜେନାଙ୍କ ମତରେ ମୁଁ କାଳେ ସ୍ୱର୍ଗରାଜ୍ୟରୁ ଫେରି ଆସିଛି ବୋଲି ସେ କୁହନ୍ତି)

ଭୁବନେଶ୍ୱର
୯୯୩୭୨୯୭୦୩୯


Vasudhaiv Kutubkam

# ବିବିଧାୟନ



# ଭଡାଘର

*ଡ. ସୁଲୋଚନା ଦାସ*

ଦ୍ୱି' ବଖୁରିଆ ଭଡାଘର। ଛୋଟ ରୋଷେଇ ଘର। ଚାରି ଫୁଟରେ ଚାରିଫୁଟର ପାଇଖାନା। ଛୋଟ ଅଗଣାଟିଏ। ସେଇ ଭଡା ଘରେ ବନ୍ଦନାଙ୍କ ସଂସାର ଆରମ୍ଭ। ଦେଢ଼ବର୍ଷର ସଂସାର ଭିତରେ କୋଳମଣ୍ଡନ କରିଛି .. ମାସର ପୁଅ। ଦୁଇଖଣ୍ଡ ଖଟ। ଗୋଟେ ଅଲଗା। ଦୁଇଟି ଚଉକି ଆଉ ଗୋଟେ ଟେବୁଲ। କିଛି ବାସନ କୁସନ। ସଂପତ୍ତି କହିଲେ, ବଡ଼ ସଂପତ୍ତି ହେଉଛି ଫିଲିପ୍ସ ରେଡ଼ିଓ, ଆଉ ରାଲେ ସାଇକେଲ ଗୋଟେ। ଏତିକିରେ ତାଙ୍କ ଘରକରଣା। ବାହା ହୋଇ ଆସିଲାବେଳେ ତିନି ଚାରୋଟି ଟ୍ରଙ୍କ ଓ ଗୋଟେ ଚମଡା ସୁଟ୍‌କେଶରେ ଯାହା ସାଂଗରେ ଆସିଥିଲା। ସେ ନିଜେ ସୁନାରେ ଛାଉଣି ହୋଇ ଆସିଥିଲା।

ସ୍ୱାମୀଙ୍କର ଏକାଜିଦ୍ ଥିଲା, ସେ କୌଣସି ଜାନି ଯଉତୁକ ନେବେ ନାହିଁ। ବିନା ବାଜାବାଣରେ ବାହାଘର ହେବ। ହେଲେ ବନ୍ଦନାଙ୍କ ବୋଉ କାନ୍ଦିଥିଲେ। "ସେମିତି ହେଲେ ବାହାଘର ବନ୍ଦ କରିଦିଅ। ଆମେ ଆଉ କେଉଁଠି ଦେଖିବା। ମୋ ଝିଅକୁ ତ ରୂପଗୁଣରେ ବାଛିବାକୁ କାହା ଜିଭରେ ଭଲା ହାଡ଼ ଅଛି। ମଧ୍ୟସ୍ଥି ନଟ ଅବଧାନଙ୍କୁ ଖାଲି ବାତେନିଟିଏ ପଠାଇ ଦିଅ, ଦେଖିବ ଗଣ୍ଡା ଗଣ୍ଡା ଜ୍ୱାଇଁଙ୍କ ପ୍ରସ୍ତାବ ଆଣି ସେ ପହଞ୍ଚିବେ। ତମ ମନ ମୁତାବକ ଘରବର ଦେଖି ଯେଉଁଠି ପସନ୍ଦ ହେବ, କରିବ। ମୁଁ ଯାହା କହୁଛି ଟିକେ ଶୁଣ ମୋ କଥା। ମୋ ଝିଅକୁ ମୁଁ ରାଜଜେମା ପରି ବଢ଼େଇଛି। କ'ଣ ଏଇଥି ପାଇଁ ?"

ବାପା ବହୁତ ବୁଝେଇଥିଲେ "ଏ ସମୟରେ କିଏ ଏମ୍.ଏ.ଏଲ.ଏଲ.ବି ପାଶ୍ କରିଛି କହିଲ। ଅଧ୍ୟାପକ ଚାକାରି, ପିଲାଟା ଯୋଗ୍ୟ, ଆଦର୍ଶବାଦୀ। ଯା'ଠୁ ଭଲ ପ୍ରସ୍ତାବ ଆଉ କଉଁଠୁ ଆସିବ କୁହ ? ଧନୀଘର ମିଳିବ; କିନ୍ତୁ ଭଲ ମଣିଷଟେ ମିଳିବ କି ? ସେ ଯୌତୁକ ନ ନେଉ। ତମ ଝିଅକୁ ଯାହା ସୁନା ଗହଣା ଦେବା କଥା ଦିଅ। ତାକୁ ତ ସେ ମନା କରିପାରିବନି। ହେଲେ ତା କଥାକୁ ସମ୍ମାନ ଦେଇ ଆମେ ଆଉ କିଛି ଜିନିଷ ଦେବାନି।"

ଘରର ଯାବତୀୟ ସଂପତ୍ତି ଭିତରେ ତିନି ପୁରୁଷର ସୁନା ରୁପା ଗହଣା ଥିଲା ଅକଳନ୍ତି। ବନ୍ଦନାଙ୍କୁ ପ୍ରାୟ ସତୁରୀ ଅଶୀ ଭରି ଗହଣାରେ ସଜେଇ ପଠେଇଥିଲେ ଶାଶୁଘରକୁ। ବନ୍ଦନାଙ୍କ ନିଜସ୍ୱ ସଂପତ୍ତି ସେତକ। ବେଳ ଅବେଳରେ ମନଖୁସିରେ ଟ୍ରଙ୍କରୁ କାଢି ଏଇଟା ସେଇଟା ପିନ୍ଧନ୍ତି। ସ୍ୱାମୀ ହସି ଦିଅନ୍ତି – ତମର ପିଲାଳିଆମି ଯାଇନି। ହଉ ପିନ୍ଧ। ହେଲେ ବାହାର ଲୋକଙ୍କ ଆଖିରେ ପଡ଼ିଲେ ଚୋର ଭୟ ବି ରହିଛି। ଇଏ ତ ତମ ଗାଁ ନୁହେଁ। ଏଇଟା ସହର। ଦରକାର ହେଲେ ଗଳାକାଟି ନେଇଯିବେ। ସାବଧାନ। ମୁଁ ବୁଝୁଛି। ତମର ବୟସ ହୋଇନି। ପିଲାଲୋକ। ଯାହା ବି ମନେ ରଖିଥିବ ଏଇଟା ସହର। ଏଠିକା ଲୋକ ଗାଁ ଲୋକଙ୍କ ପରି ସରଳ ନୁହଁନ୍ତି। ସେମାନଙ୍କ ଭିତରେ ଅନନ୍ତ ଶୋଷ। ଅନେକ ତୃଷ୍ଣା। ତମେ ଏସବୁ ବୁଝିପାରିବନି।

ବନ୍ଦନା କିଛି ବୁଝିପାରନ୍ତି। ଆଉ କିଛି ନ ବୁଝି ହସି ଦିଅନ୍ତି। ମନେ ମନେ ଠାକୁରଙ୍କୁ ପ୍ରାର୍ଥନା କରନ୍ତି– ପ୍ରଭୁ ମୋ ଘର ସଂସାର ଉପରେ ଯେମିତି କାହାର ନଜର ନପଡୁ।

ଖରା ଲେଉଟାଣି। ଧୀରେ ଧୀରେ ସୂର୍ଯ୍ୟଦେବତା ଢ଼ଳି ପଡୁଥିଲେ ପଶ୍ଚିମ ଦିଗନ୍ତ ଆଡ଼କୁ। ଅଳସ ଅପରାହ୍ନର କୋମଳ ସ୍ନିଗ୍ଧତା ନଇଁ ଆସୁଥିଲା ସହରର ମଥାନ ଉପରକୁ। ଖଟ ଉପରେ ଗଡ଼ପଡ଼ ହେଉଥିଲେ ବନ୍ଦନା। ପୁଅ ଏବେ ବି ଶୋଇଛି ଗାଢ଼ ନିଦରେ। ମଝିରେ ମଝିରେ ସ୍ମିତ ହସଟିଏ ଉକୁଟି ଉଠୁଛି ତା ନିଦୁଆ କଅଁଳ ଓଠରେ। ମାତୃତ୍ୱର ସ୍ୱର୍ଗୀୟ ବୋକଟିଏ ଆଙ୍କିଦେଲେ ତା କପାଳରେ। ମୁଦ୍ରିତ ଆଖିପତା ଦୁଇଟିରେ ସତେ ଅବା ଅୟୁତଯୁଗ ସ୍ୱପ୍ନ ଲହଡ଼ା ଭାଙ୍ଗୁଥିଲା। ମାତୃତ୍ୱର ମହ ମହ ବାସ୍ନା ସଂଚରି ଯାଉଥିଲା ସାରା କୋଠରି ଭିତରେ। ବାସ୍ନାୟିତ ହୋଇ ଉଠୁଥିଲା ଘରର କାନ୍ଥ, ଝରକା, ଛାତ ସବୁକିଛି।

ବାରି ପଛପଟ କବାଟରେ ଠକ୍ ଠକ୍ ଶବ୍ଦ ଶୁଭିଲା। ବନ୍ଦନାଙ୍କୁ ଏ ସ୍ୱର୍ଗୀୟ ଆବେଗରୁ ମୁକ୍ତି ହେବାକୁ ଅବଶ୍ୟ କିଛି ସମୟ ଲାଗିଲା। ସେ ଲୁଗା ସଜାଡ଼ି ଉଠିଗଲେ କବାଟ ଖୋଲିବାକୁ। ସାମ୍ନାରେ ଛିଡା ହୋଇଥିଲେ ଘରବାଲୀ ମାଉସୀ। ସେ ଗୋଟାଏ ବଡ଼ ପାହୁଣ୍ଡ ପକାଇ ସଦର୍ପେ ପହଞ୍ଚି ଗଲେ ଘରର ଅଗଣା ଭିତରେ। ତାଙ୍କୁ ଦେଖିବା ମାତ୍ରେ ବନ୍ଦନାଙ୍କ ଦେହରୁ ରକ୍ତ ଶୁଖିଗଲା ପରି ଲାଗିଲା।

ପାଦରେ ଝାଲର ଲଗା ରୁଣ୍ଠୁଝୁଣ୍ଠୁ ଶବ୍ଦ କରୁଥିବା ପାଉଁଜି, କାନରେ ବଡ଼ ବଡ଼ ସୁନା ପେଣ୍ଡି। ବେକରେ ମୋଟା ଧାରୁଆ ହାର, ହାତରେ ମୁଠା ମୁଠା ସୁନାଚୁଡି, ବାହୁଟି, ଶଙ୍ଖା, ଦୁଇ ହାତ ଆଙ୍ଗଠିରେ ଚାରି ପାଞ୍ଚଟା ଦେଖିଲା

ଭଳିଆ ବଡ଼ ବଡ଼ ପଥର ବସା ମୁଦି, ମଥାରେ ସିନ୍ଦୂର, ପାନର ଲାଲ ରଙ୍ଗରେ ରଙ୍ଗାୟିତ ଟହଟହ ଓଠ । କଳା ମଚି ମିଚି ମୁହଁ ସାଙ୍ଗକୁ ସାଜସଜ୍ଜା ଦେଖିଲେ ଯେ କେହି କହିବ ମା କାଳୀ ସାକାର ବିଗ୍ରହ ରୂପରେ ଉଭା ହୋଇଛନ୍ତି । ସତେକି ତାଙ୍କର ସେ ଲହ ଲହ ଜିହ୍ୱାରେ ଶୋଷି ନେବେ ବନ୍ଦନାଙ୍କ ଦେହର ରକ୍ତ ।

ତାଙ୍କୁ ଦେଖିବା ମାତ୍ରେ ବନ୍ଦନାଙ୍କ ପିଳେହି ପାଣି ହୋଇଯାଏ । ଛାତିରେ ଭୂମିକମ୍ପ ସୃଷ୍ଟି ହୁଏ । ମୁହଁ ବିବର୍ଣ୍ଣ ଦିଶେ । ଦେହ ହାତ ଅବଶ ଲାଗେ । ଭୟରେ ଜଡସଡ ହୋଇ ଯାଆନ୍ତି ବନ୍ଦନା । ଘରବାଲି ମାଉସୀଙ୍କ ଆବିର୍ଭାବ ଅର୍ଥ ଗୋଟେ ବଡ଼ ଧରଣର ବିସ୍ଫୋରଣ ନିଶ୍ଚୟ । ନିଶ୍ଚୟ କିଛି ଅଭିଯୋଗ, କିଛି ସମସ୍ୟା । ମାଉସୀଙ୍କ ବୟସ ପଞ୍ଚାବନ କି ଷାଠିଏ ହେବ । ମାତ୍ର ବନ୍ଦନାଙ୍କ ବୟସ ଉଣେଇଶ କୋଡ଼ିଏ ଭିତରେ । ସେ ତାଙ୍କ ଝିଅ ପରି । ହେଲେ ମାଉସୀଙ୍କୁ ଦେଖିବା ମାତ୍ରେ ସେ ଇଷ୍ଟ ସ୍ମରଣ କରନ୍ତି । ମନେ ମନେ କହନ୍ତି- ହେ ପ୍ରଭୁ ଜଗନ୍ନାଥ ମୋତେ ଏ ସ୍ତ୍ରୀ ଲୋକ କବଳରୁ ରକ୍ଷାକର । ତୁମେ ବ୍ୟାଧ କବଳରୁ ମତେ ରକ୍ଷା ନକଲେ, ମୁଁ ମଲି ଜାଣ । ମତେ ରକ୍ଷାକର ହେ ଦୟାମୟ ।

ମାଉସୀ ପ୍ଲାଷ୍ଟିକ ଚଉକିଟା ଟାଣିଆଣି ଲଥ୍ କରି ବସି ପଡ଼ିଲେ । ଦୁଇ ହାତ ଯୋଡ଼ି ମାଉସୀଙ୍କୁ ନମସ୍କାର କରି ବନ୍ଦନା କହିଲେ, ଚା' କରି ଆଣୁଛି । ପାଣି ପିଇବେକି ?

ମୁଁ ଏଠିକି ଚା ପିଇବାକୁ ଆସିନି କି ମୋ ଘରେ ପାଣିର ଅଭାବ ନାହିଁ । ସେ ଚଉକିରୁ ଉଠିଆସି ପିଚ୍‌କିନା ମେଞ୍ଚାଏ ପାନ ପିକ ପକାଇଦେଲେ ସେ ଘରର ଛୋଟ ଅଗଣାରେ । ବନ୍ଦନା ଜାଣନ୍ତି, ବଡଲୋକଙ୍କୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣି ନାହିଁ । ଅପରାଧ କରିଥିବା ଛୁଆଟେ ପରି ସେ କାକୁସ୍ଥ ହୋଇ ଛିଡ଼ା ହୋଇଥାନ୍ତି ।

- ଦେଖେଇଁ ଦେଖେଇଁ, କ'ଣ ଭାରି ସୁନ୍ଦର ଆର୍ମଲେଟ୍ ପିନ୍ଧିଛ ? ଏଇଟା କ'ଣ ସୁନା ! ନା ଇମିଟେସ୍ନ ? ଆଜିକାଲି କିଏ ସୁନା କିଏ ଇମିଟେସନ ଜାଣି ହେଉନି ପରା । ହଇଲୋ, ତୋତେ ଏଇଟା କିଏ ଆଣି ଦେଇଛି ? ତୋର ବର ତ କି ଚାକିରି କରୁଛି କେଜାଣି, ଘରଭଡା ଦେଇ ପାରୁନି । କ୍ଷୀର କିଣୁଛି ଯେ ତା ପଇସା ବି ଦେଇପାରୁନି । ଆଉ ତୋ ବରର ଏ ରୋଜଗାର ନା ଆଉ କାହାର ? କାହା ପାଇଁ କେଉଁ ସୁଆଗରେ ଏ ଗହଣା ତୁ ପିନ୍ଧିଛୁ ବା ? କୋଉଠୁ ଚୋରିମାଲ ପାଇ ଯାଇଛୁକି ? ତୋ ବର ଚାକିରିବାକିରି କରିଛି ନା ଚୋରି ଡକେଇତି କରୁଛି ବା ? କିଏ ଜାଣେ ଲୋ ମାଆ, ନର ମାୟା ନାରାୟଣଙ୍କୁ ଅଗୋଚର ।

ବନ୍ଦନାଙ୍କ ଛାତିରେ କିଏ ଯେମିତି ଛୁରୀ ଭୁସିଦେଲା । ଏ ଅଭଦ୍ର ସ୍ତ୍ରୀ ଲୋକଟି ମୁହଁରେ ବାଡ଼ବତା ନଥାଏ । ପଇସା ଗର୍ବରେ ସେ ଧରାକୁ ସରା ମଣେ । ନିଜ ସ୍ୱାମୀକୁ ବି କୁକୁର ମାଛି ପରି ବ୍ୟବହାର କରେ । କଥା କଥା କେ କହେ ମୁଁ କିଏ ଜାଣିଛୁ ? ମୁଁ ହେଉଛି ବାଞ୍ଛା ସାହୁ ଝିଅ । ପାଞ୍ଚ ପାଞ୍ଚଟା ଟ୍ରକ ମୋ ବୋପାର । ମାଲଗୋଦାମରେ ବେପାର ଲକ୍ଷଲକ୍ଷ ଟଙ୍କାର । ମୁଁ ଦୁଧ ମହୁରେ ହାତ ଧୋଉଥିଲି । ଭାଗ୍ୟ ଖରାପ ଯୋଗୁଁ ତୁମ ପରି ଅକର୍ମା ଚାକିରିଆଟାଏ ହାତରେ ପଡ଼ିଲି । କ'ଣ ନା ସରକାରୀ ତହବିଲ ସମ୍ଭାଳୁଛନ୍ତି । ମୋ ବାପା ତିନିଟା ଭଡ଼ାଘର ତିଆରି କରିଦେଇଛି ବୋଲି ତମର ଏତେ ବହପ । ନ ହେଲେ ମାସକର ଘର ସଉଦାକୁ ତ ତମ ଦରମା ନଅଣ୍ଟ । ଏ ଛଟକ ବୋ ବୋପା ପଇସାରେ ।

ନିଜ ସ୍ୱାମୀଙ୍କୁ ଏପରି ଝିଂଗାସି କହିବାର ତା'ର କାହିଁରେ କେତେ ଗର୍ବ । ବାପଘର ବଡ଼ପଣ ଦେଖାଇ, ଆଙ୍ଗୁଠି ଦେଖେଇ କଥା କହିବା ତା'ର ଅଭ୍ୟାସ । ସତ କହିଲେ, ଏପରି ଏକ ଅସୁନ୍ଦରୀ ଝିଅକୁ ବାହା ହେବା ପାଇଁ ତାଙ୍କ ବାପା ଯେ ଆଣ୍ଠେଇ ପଡ଼ିଥିବେ ଏକଥା ସହଜରେ ଅନୁମେୟ । ସେଥିପାଇଁ ତିନିଟା କୋଠାଘର ତିଆରି କରି ଜ୍ୱାଇଁ କି ଯୌତୁକ ଦେଇଛି । ସେଇ ଯୌତୁକ ଲୋଭ ଦେଖେଇ ଟ୍ରେଜରୀରେ କିରାଣୀ ଚାକିରୀ କରୁଥିବା ଜ୍ୱାଇଁକୁ ସେ ପାଲରେ ପକାଇଛି । ସ୍ୱାମୀର ଉପୁରି ପଇସାକୁ ଓ ସ୍ତ୍ରୀଲୋକ ମୁଠେଇ ନିଏ ସିନା ହେଲେ ତାକୁ ସେ ତା'ର ପାରିଲାପଣ ଭାବରେ ହିସାବରେ ନିଏନି । କଥା କଥାକେ କହେ, କି ଟଙ୍କା ବା ? ମୋ ବାପାର ଦିନକର ରୋଜଗାରକୁ ସରି ନୁହେଁ । ମାସକୁ ମାସ ବାପା ପଠାଇଦିଏ ଡାଲି ଚାଉଳଠୁ ଆରମ୍ଭ କରି ତେଲ ସାବୁନ ଯାଏ; ଯାହା ଘର ପାଇଁ ଦରକାର । ଦୁଇଟା ଯାକ ପୁଅ ପାଠ ଶାଠ ନପଢ଼ି ବାପ ଅଜାଙ୍କ ପଇସାରେ ଅୟସ କରନ୍ତି । ତିନିଟା ଯାକ ଭଡାଘରୁ ଭଡା ଆଦାୟ କରେ ଏ ସ୍ତ୍ରୀଲୋକ । ଏପରି ଜଣେ ଗର୍ବୀ, ଉଦ୍ଧତ ସ୍ତ୍ରୀଲୋକ ପାଖରେ ତୁଣ୍ଡ ଖୋଲିବା ମୂର୍ଖାମି ଛଡ଼ା ଆଉ କ'ଣ ହୋଇପାରେ । ଘରର ମାଲିକାଣୀ ହୋଇଛି, ତାର ଯାହା କହିବା କଥା କହି ଦେଇଯାଉ । ବନ୍ଦନା ଚୁପ୍ ହୋଇ ଛିଡ଼ା ହୋଇଥିଲେ ।

-ଆଲୋ ହେ, କ'ଣ ତୋ ନାଁ ଟି ? ଏ ପୋଡ଼ପଡ଼ା ମନରେ କ'ଣ ହେଜ ରହୁଛି । -ମାଉସୀ, ମୋ ନାଁ ବନ୍ଦନା । ଆମେ ପରା ଆପଣଙ୍କ ଘରେ ଦେଢ଼ବର୍ଷ ହେଲାଣି ଅଛୁ । ଆପଣ ଭୁଲି ଯାଉଛନ୍ତି ମୋ ନାଁ ।

-ହଁ ବା ବନ୍ଦନା କି ଫନ୍ଦନା । କେତେ କଥା ମନେ ରଖିବ ମଣିଷ । ହଇଲୋ ବନ୍ଦନା , ତୋ ବରଟା ତ ସଳଖ ସୁନ୍ଦର ଭେଣ୍ଡିଆଟାଏ । ଏ ଉଭାଣି ପିଲାଟିକୁ କ୍ଷୀରଟିକେ କିଣି ଦେଇ ପାରୁନି । ଛୁଆ ଜନମ କରୁଥିଲା କାହିଁକି ? ଧିକ ଲୋ ତା ମରଦପଣିଆକୁ । ସେ ଗଉଡ଼ଟା, ଯିଏ ତୋ ଘରେ କ୍ଷୀର ନାଗୁଆ ଦେଉଥିଲା, ସେ ଯାଇ ସାଇ ସାରା ଗପି ବୁଲୁଛି । ତୁ କୁଆଡ଼େ ତାକୁ କ୍ଷୀର ପଇସା ଦେଇ ନପାରି ତୋ କାନରୁ ସୁନା ପେଣ୍ଡି ଖୋଲି ଦେଲୁ । ଏକଥା ତୋ ବର ଜାଣିଛିଟି ? ଆଲୋ, କେମିତି ସେ ଛାତି ପତେଇ ସହିଲା ? ମାଇପ କାନରୁ ଖୋଲି କ୍ଷୀର ପଇସା ଦେଲା; ଆଉ ଇଏ ନାଗର ସାଜି କୁଆଡ଼େ ବୁଲୁଛି । କ'ଣ ନା ଦେଶସେବା କରୁଛି । ହଇଲୋ, କି ଦେଶସେବା କିଏ । ଯିଏ ମାଇପ ମନ ବୁଝିଲାନି, ସେ ଦେଶର ମନ କ'ଣ ବୁଝିବ । ସତ କହିଲୁ, ତୁ କେମିତି ରହିଛୁ ତା ପାଖରେ ? ମୁଁ ହୋଇଥିଲେ କୋଉ ଦିନଠୁ ବାପଘରକୁ ପଳାନ୍ତିଣି । କଥାରେ ଅଛି ପରା ପଥ ପଚାରି ବାପ ଘର ଯିବ, ଆଉ ଅଯୋଧ୍ୟା ମନ ନ କରିବ । ହଇଲୋ, ତୋ ବାପଘରେ ତୋ ବୋପା ମାଆ କେମିତି ସହୁଛନ୍ତି ବା ? ବେକାରିଆଟାକୁ କୋଉଖୁସିରେ ଛନ୍ଦି ଦେଇଛନ୍ତି ? ତା ଅପେକ୍ଷା ତଣ୍ଟିରେ ଦଉଡ଼ି ଦେଇ ଟାଙ୍ଗି ଦେଲେନି । ନଈ

ପୋଖରୀକୁ ଠେଲି ଦେଲେନି। ଖରାପ ଲାଗୁଛି କି ତତେ ! ମୁଁ ଯାହା କହୁଛି କ'ଣ ଭୁଲ କହୁଛି ? ମୋ କଥା ତ ସେମିତି। ଖାଲରେ ପଡୁ କି ଢ଼ିପରେ ପଡୁ, ଯାହା କହିବି ସତ କହିବି। ଯିଏ ଯାହା ଭାବୁଛି ଭାବୁ। ହଇଲୋ ବନ୍ଦନା, ତୁ ସେ ଗଉଡଟାକୁ କାହିଁକି ତୋ ସୁନା ପେଣ୍ଡି ଦେଇଦେଲୁ। ମତେ କହିଥାନ୍ତୁ। ମୁଁ ଦେଇଥାନ୍ତି ତା ପଇସା। ପେଣ୍ଡି ଦିଟା ବନ୍ଧା ରଖିଥାନ୍ତି। ତୋର ଯେତେବେଳେ ପଇସା ହୋଇଥାନ୍ତା ମୁକୁଳେଇ ଆଣିଥାନ୍ତୁ। ମୁଁ କ'ଣ ତୋଠୁ ବେଶି ସୁଧ ନେଇଥାନ୍ତି। ତୁ ତ ମୋ ଝିଅ ପରି। ସମସ୍ତଙ୍କଠୁ ଟଙ୍କାକେ ମାସକୁ ଦଶପଇସା ସୁଧ ନଉଛି ସିନା, ତୋ'ଠୁ ପାଞ୍ଚ ପଇସା ହିସାବରେ ନେଇଥାନ୍ତି। ମନେରଖ ଏଣିକି ତୋର ଯେତେବେଳେ ଯାହା ଦରକାର ହେବ, ମତେ କହିବୁ। ମୁଁ ଅଛି, ଟ୍ରେଜେରୀ ଖୋଲି ଦେବି ତୋ ପାଇଁ। ତୋ'ର ସେ ସୁନା ଗହଣା ତୋ ପାଖରେ ରହିବା ଯାହା ମୋ ପାଖରେ ରହିବା ସେଇଆ। ଏ ଘରେ ତ ତୁ ଏକୁଟିଆ ରହୁଛୁ ଛୁଆଟାକୁ ଧରି। କେତେବେଳେ ଚୋର ଠାବ କରି କଳାକନା ବୁଲେଇ ନଦେବ, କିଏ କହିବ। ମୋ ଘରେ ତ ଆଇରନ ଚେଷ୍ଟ ଅଛି। ମଉସା ଆଣିଛନ୍ତି ଖାସ୍ ଏ ସବୁ ଟଙ୍କା କଉଡ଼ି, ସୁନାରୂପା, ବନ୍ଧାଛନ୍ଦା ନିରାପଦରେ ରଖିବା ପାଇଁ।

ଭୟରେ ଶିହରି ଉଠିଲେ ବନ୍ଦନା। ଏ ସ୍ତ୍ରୀଲୋକଙ୍କର କୁଦୃଷ୍ଟି ପଡ଼ିଲାଣି ତାଙ୍କ ଗହଣା ଉପରେ। ସେ ଜାଣେ କି ବନ୍ଦନା ନିଜେ ଜଣେ ବିଶିଷ୍ଟ ଜମିଦାରଙ୍କ କନ୍ୟା। ସ୍ୱଇଚ୍ଛାରେ ସ୍ୱାମୀଙ୍କର ଏ ଦାରିଦ୍ର୍ୟକୁ ବରଣ କରିଛନ୍ତି। ଚାକିରୀ ଛାଡ଼ି ସର୍ବୋଦୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି, କ'ଣ ନା ଏହାରି ମାଧ୍ୟମରେ ଲୋକଙ୍କ ସେବା କରିବେ। ସାଂଧ୍ୟ କଲେଜରେ ପାଠ ପଢ଼ାଇ ପାଆନ୍ତି ମାତ୍ର ଦେଢ଼ଶହ ଟଙ୍କା। ସେଇ ତାଙ୍କର ସମ୍ବଳ ଆଜିକାଲି ସମୟରେ କିଏ ଏମିତି ଗୋଟେ ନିରାପଦ ବଳୟ ଭିତରୁ ବାହାରି ଆସି ଏପରି ଏକ ଅନିଶ୍ଚିତତା ଭିତରକୁ ଡ଼େଇଁ ପଡ଼ିବ। କେଉଁ ବୁଦ୍ଧିମାନର କାର୍ଯ୍ୟ।

ରାଜକନ୍ୟା ଦେବୀ ସତୀ ଦିନେ ଶ୍ମଶାନବାସୀ ଦେବ ଦେବ ମହାଦେବଙ୍କୁ ବିବାହ କରି ରାଜ ପ୍ରସାଦର ଭୋଗ ବିଳାସକୁ ପରିତ୍ୟାଗ କରିଥିଲେ। ପିତାଙ୍କର କୋପ ଦୃଷ୍ଟି ଯୋଗୁଁ ତାଙ୍କୁ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ହୋଇଥିଲା ସ୍ୱାମୀଙ୍କ ଅପମାନ ସହି ନପାରି ସେ ଯଜ୍ଞକୁଣ୍ଡରେ ଆତ୍ମାହୁତି ଦେଇଥିଲେ। ଆଜି ତାଙ୍କର ସେହି ଅବସ୍ଥା।

ସରକାରୀ ଦୃଷ୍ଟାନ୍ତ ଦେଇ ତାଙ୍କ ସମଗ୍ର ଅସ୍ତିତ୍ୱକୁ ଦୋହଲାଇ ଦେଲେ ସେ ସ୍ତ୍ରୀଲୋକ। ଅବଶ୍ୟ କଥାଟି ସତ। ଆଖି ଆଗରେ ତାଙ୍କର ନାଚିଗଲା ସେ ଦିନର ସେ ଅପମାନଜନକ ଘଟଣାଟି।

ରନ୍ଧାବଢ଼ା ସାରି ଭିତରେ କ'ଣ ଗୋଟାଏ କାମ କରୁଥାନ୍ତି ବନ୍ଦନା। ଅପ୍ରତ୍ୟାଶିତ ଭାବରେ ପହଞ୍ଚିଗଲା କ୍ଷୀରବାଲା। ସକାଳେ କ୍ଷୀର ଦେଇସାରି କିଛି ସମୟ ଛିଡ଼ା ହେଲା। ତା ପରେ କିଛି ନ କହି ଚାଲିଯାଇଥିଲା। ବନ୍ଦନା ସେତେବେଳେ ପୁଅକୁ ଗାଧୋଇ ଦେଉଥିଲେ। ତାଙ୍କୁ ସାହାଯ୍ୟ କରିବାକୁ ଥିବା ପିଲାଟି ବଜାରକୁ କ'ଣ ସଉଦା ଆଣିବାକୁ ଯାଇଥିଲା। କ୍ଷୀରବାଲା ବନ୍ଦନାଙ୍କ ବ୍ୟସ୍ତତା ଦେଖି ଫେରିଯାଉଥିଲା। ହଠାତ୍ ଏ ଅସମୟରେ ତାକୁ ଦେଖି ବନ୍ଦନା ବୁଝି ପାରିଲେ, ସେ କ୍ଷୀର ପଇସା ମାଗିବାକୁ ଆସିଛି। ଦୁଇମାସର ପଇସା ବାକି ରହିଲାଣି। ତା'ର ବ୍ୟସ୍ତ ହେବା ସ୍ୱାଭାବିକ। ବନ୍ଦନା କୋମଳ ଭାବରେ କହିଲେ

- ମଉସା, ମୁଁ ଜାଣେ, ତମେ ପଇସା ପାଇଁ ଆସିଛ। ମତେ ବି ଭାରି ଖରାପ ଲାଗୁଛି। କ'ଣ କରିବି ମଉସା। ଚେଷ୍ଟା କରୁଛି, ଯଥା ଶୀଘ୍ର ତୁମ ପଇସା ଦେଇଦେବି। ଅଭାବୀ ଲୋକ ତମେ। କେତେ ସହିବ। ମତେ ଆଉ ସାତ ଆଠଟା ଦିନ ସମୟ ଦିଅ ମଉସା। ଯେମିତି ହେଉ ମୁଁ ତୁମ ପଇସା ତୁଟେଇ ଦେବି।

- ମୁଁ କିନ୍ତୁ ଆଉ ସହି ପାରିବିନି। ମୋର ଗୋଟେ କଥା ମାନନ୍ତୁ, ଆପଣ ପୁଅକୁ କ୍ଷୀର ନପିଆଇ ମ୍ୟୁନିସିପାଲିଟି କଳରେ ଆସୁଥିବା ମାଗଣା ପାଣି ପିଆନ୍ତୁ।

ବନ୍ଦନାଙ୍କ ଭିତରେ କ'ଣ ଯେମିତି ଝମ୍ କିନା ହୋଇଗଲା। ଛାତି ଭିତରେ କିଏ ସତେକି ହାତୁଡ଼ିରେ ପ୍ରହାରେ ଦେଲା। ଗାଁରେ ତାଙ୍କର ଏବେ ବି ଗାଈଗୁହାଳରେ ବଳଦ, ଗାଈ, ବାଛୁରୀ ହୋଇ ପଲେ ବନ୍ଧା ହୋଇଛନ୍ତି। ଅଥଚ କେତେବଡ଼ କଥାଟା ଏ କହିଲା। କହିପାରିଲା କେମିତି ? ଭିତରୁ ହାବୁକା ହାବୁକା କୋହ ଉଚୁଳି ଆସୁଥିଲା। ନିଜକୁ ସମ୍ଭରଣ କରିବାକୁ ସେ ନିଜ ଭିତରେ ସଂଘର୍ଷ କରୁଥିଲେ। ତାଙ୍କ ଆତ୍ମମର୍ଯ୍ୟାଦାକୁ ଯେପରି ତୀକ୍ଷ୍ଣ ଅସି ଧାରରେ ଟିକ୍ ଟିକ୍ କରି କାଟି ପକାଉଛି ଏ କ୍ଷୀରବାଲା, କିଛି ସମୟ ନୀରବ ରହିବା ପରେ ନିଜ କାନରେ ପିନ୍ଧିଥିବା ବଡ଼ ବଡ଼ ମୁକ୍ତାବସା ଝୁମୁକା ଦିଟାକୁ ଖୋଲି ଦେଇ କହିଲେ- ଏତିକିରେ ତମର କ୍ଷୀର ପଇସା ହେବ କି ନାହିଁ ଜାଣେନି। ଯଦି ନ ହେବ ମତେ କହିବ। ହଁ, କାଲିଠୁ ଆଉ କ୍ଷୀର ଦେବନି। ମୁଁ ମୋ ପିଲାକୁ ମ୍ୟୁନିସପାଲିଟି କଳରୁ ପାଣି ପିଆଇବି।

ଏତିକି କହି ସେ ଝଡ ଭଳି ଘରଭିତରକୁ ପଶି କବାଟ କିଳିଦେଲେ। କ୍ଷୀରବାଲାଟି କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା- ମୋର ବଡ଼ ଭୁଲ ହୋଇଗଲା ମାଆ। ମତେ କ୍ଷମା କରିଦିଅ। ତମ ଝୁମୁକା ନେଲେ ମୋତେ ଠାକୁରେ କ୍ଷମା କରିବେନି। ମୁଁ ଗରିବ ଲୋକ। ପାଟିରୁ କ'ଣ ବାହାରିଗଲା। ହାତ ଯୋଡୁଛି ମାଆ। ତମ ସୁନା ଫେରେଇ ନିଅ। ମୋତେ ଠାକୁରଙ୍କ ପାଖରେ ଦ୍ରୋହୀ କରନି ମାଆ।

ଘର ଭିତରେ ଥାଇ ବେଶ ଦୃଢ଼ ଭାବରେ କହିଲେ ବନ୍ଦନା- ମଉସା, କ୍ଷମା ମାଗିବା କିଛି ଦରକାର ନାହିଁ। ତମେ ସେଇଟା ନେଇ ଘରକୁ ଯାଅ। କସ୍ମିନକାଳେ ତାକୁ ମୁଁ ଆଉ ଫେରାଇ ନେବି ନାହିଁ। ଯଦି ତୁମେ ନେବ ନାହିଁ, ତେବେ ପ୍ରାଚୀର ଆରପଟ ଅଳିଆଗଦାକୁ କିମ୍ବା ନର୍ଦ୍ଦମାରେ ଫିଙ୍ଗିଦିଅ। ତମର ଯାହା ଇଚ୍ଛା କର।

ଏଇଟା ବନ୍ଦନାଙ୍କର ସ୍ୱାଭିମାନ ଥିଲା କି ଅହଂକାର ଥିଲା ସେକଥା ସେ ବୁଝିପାରିନଥିଲେ। ଦାରିଦ୍ର୍ୟର କଷାଘାତରେ ନିଷ୍ପେସିତ ହୋଇ ଯାଇଥିଲେ ବି ବେଳେ ବେଳେ ତାଙ୍କ ଭିତରେ ଚେଇଁ ଉଠୁଥିଲା ସେ ଜମିଦାରିଆ ମନୋଭାବ।

ଲୋକଟି କାନ୍ଦୁଣୁ ମାନ୍ଦୁଣୁ ହୋଇ ଚାଲିଗଲା ସିନା, ହେଲେ ବନ୍ଦନାଙ୍କ ଭିତରର ରକ୍ତକ୍ଷରଣ ଯେପରି ଚିରସ୍ରୋତା ଝରଣା ପାଲଟିଗଲା । ବିଛଣାରେ ପୁଅକୁ କୋଳରେ ଜାକିଧରି ସେ ଅନେକବେଳ ଯାଏ କାନ୍ଦିଲେ ।

ସେ ସିନା ଏ କଥା କାହା ଆଗରେ କହିଲେ ନାହିଁ । କିନ୍ତୁ କ୍ଷୀରବାଲା ସାଇ ସାରା ଗପିଲା । କଥାଟା ଆଉ ଲୁଚାଛପା ହୋଇ ରହିଲା ନାହିଁ । କିଏ ନିନ୍ଦା କଲା ତ ଆଉ କିଏ ପ୍ରଶଂସା କଲା । ଦିନେ ଏକଥା ବାହାରୁ କେଉଁଠୁ ଶୁଣି ଆସି ସ୍ୱାମୀ ତାଙ୍କୁ ପଚାରଲେ । ବନ୍ଦନା ଧୀରେ କହିଲେ– ହଁ ସତ । ଜଣେ ସ୍ତ୍ରୀଲୋକର ଗହଣା ତ ସମୟ ଅସମୟ ପାଇଁ ଥାଏ । ଜାଣିଛ, ମୋ ଜେଜେମା କ'ଣ କହେ ! ସେ ସବୁବେଳେ କହେ– ସ୍ତ୍ରୀଲୋକର ଗହଣା ହେଉଛି ସ୍ୱାମୀର ସୋହାଗ । ସେଇଟା ନଥିଲେ, ଦେହଟା ସାରା ସୁନାରେ ଛାଉଣୀ ହୋଇ ଯାଇଥିଲେ ବି ତାହା ଅସାର । ଆଉ ସ୍ୱାମୀର ସ୍ନେହ ଆଦର ଯେଉଁଠି ଅଛି, ଦେହରେ ନିମକାଠି ଥିଲେ ବି ତାହା ସ୍ୱର୍ଗସଂପଦ, ତୁମେ କୁହ, ସେ ସ୍ୱର୍ଗ ସଂପଦ ମୋ ପାଖରେ ଅଛି କି ନାହିଁ ? ଏ ପ୍ରଶ୍ନର ଉତ୍ତର ମୁଁ ତୁମକୁ ମାଗୁଛି । ଆଉ ସାମାନ୍ୟ ସୁନା ଝୁମୁକା ପାଇଁ ମୁଁ ବ୍ୟସ୍ତ କି ଦୁଃଖିତ କାହିଁକି ହେବି । ସ୍ୱାମୀ ତାଙ୍କୁ ନିଜ ଛାତିରେ ଆଶ୍ଳେଷି ନେଇ, ଅଜସ୍ର ଚୁମା ଆଙ୍କି ଦେଇଥିଲେ ସର୍ବାଙ୍ଗରେ ।

ଆଜି ଏ ଘରବାଲୀ ସ୍ତ୍ରୀଲୋକ ତାଙ୍କର ଏ କାମକୁ ଦୁର୍ବଳତା ବୋଲି ଭାବିଛି । ସେ କେମିତି ବୁଝି ପାରିବ, ତ୍ୟାଗରେ କି ଆତ୍ମସୁଖ ରହିଛି । ଅର୍ଥଛଡ଼ା ସେ ଆଉ କାହାକୁ ଚିହ୍ନିଛି ଯେ ବୁଝିବ ଗୋଟେ ଝିଅର ମନ ? ନିଜ ସ୍ୱାମୀକୁ ଯିଏ ଏପରି ବ୍ୟବହାର କରେ, ତା'ଠୁ ଅଧିକ କ'ଣ ଆଶା କରାଯାଇପାରିବ । ଅହଂକାର ମଦମତ୍ତ ତା'ର ହୃଦୟ କେବେବି କାହା ଦୁଃଖ କି ସୁଖରେ ଆବେଗାୟିତ ହେବ ନାହିଁ । ଏ କଥା ଏ ଦେଢ଼ବର୍ଷର ରହଣି ଭିତରେ ସେ ବେଶ୍ ବୁଝି ସାରିଛନ୍ତି ।

ନିଜ ଭିତରେ ସାହସ ସଂଚୟ କରି ବନ୍ଦନା କହିଲେ – ମାଉସୀ, କୁଆଡ଼େ ଆସିଥିଲେ କିଛି କହିଲେ ନି ଯେ ?

କ'ଣ ଆଉ କହିବି । ତମେ କ'ଣ ଜାଣିଛ ? ନା, ଫଟେଇ ହୋଇ ପଚାରୁଛ ମୋ ତୁଣ୍ଡରୁ ଶୁଣିବା ପାଇଁ । ତିନିମାସ ହେଲାଣି । ଘରଭଡା ଦେଇନ । ମାସକୁ ସତୁରୀଟଙ୍କା ହେଲେ ତିନିମାସକୁ ଦୁଇଶହ ଟଙ୍କା । ତୋ ବର କ'ଣ ଦେଇପାରିବ ଏତେ ଟଙ୍କା ? ଭଲରେ କହି ଦେଉଛି, ଆଜି ହିଁ ମୋର ଟଙ୍କା ଦରକାର । ତମେ କୁହ ତମ ବରକୁ । ସେ ଚୋରି କରୁ କି ଡକେଇତି କରୁ । ସେ ସବୁ ମୁଁ ଜାଣିନି । ତା ନହେଲେ କାଲିକି ମୁଁ ତମ ଘରର ଇଲେକ୍ଟ୍ରି ଲାଇନ୍ କାଟିଦେବି । ମୋ ସାଙ୍ଗରେ ବେଶି ଚାଲାକି କଲେ ଗଳାଧକ୍କା ଦେଇ ଘରୁ ବାହାର କରିଦେବି । ମୁଁ ରାଗିଲେ କାହାର ନୁହଁ । ହଁ, ହଁ, ମୁଁ କାହାର ନୁହଁ । ସତ କହୁଛି । ଦେଖିବି ତମ ପିଠିରେ କୋଉ ବୋପା ଆସି ପଡ଼ିବ । ତୋ ବରଟା ତ ମାଇଚିଆଟେ । ଆଉ ଗୋଟେ ଦିଟା ଟୋକାଙ୍କୁ ଡାକି ଶୁଅ ଯେ ସେ ତୋତେ ରକ୍ଷା କରିବେ । ମୁଁ ଦେଖିବି କାହାର ଏତେ ବହପ ବାଞ୍ଛା ସାହୁ ଝିଅ ସାମ୍ନାରେ କଥା କହିବ ।

ବନ୍ଦନାଙ୍କ ଆଖିରୁ ଟପ୍‌ଟପ୍ ଲୁହ ଝରି ପଡ଼ିଲା । ଭିତରଟା ମନ୍ଥି ହୋଇଗଲା ଅବ୍ୟକ୍ତ ଯନ୍ତ୍ରଣାରେ । ଆଉ କେତେ ଦୁଃଖ ସେ ସହିବେ ! କେତେ ଅପମାନ ଆଉ ଦେବେ ଭଗବାନ । ଦିନେ ସେ ରାଜକୁମାରୀ ପରି ଅୟସରେ ଦିନ ବିତଉଥିଲେ । ଆଜି ସେ ରାଜରାସ୍ତାର ଭିକାରୁଣୀଠୁ ବି ହୀନ । ଏତେ ଲାଞ୍ଛନା କେବେ କେହି ତାଙ୍କୁ ଦେଇନଥିଲେ । ଏପରି କଟୁକଥାକୁ ସେ କେମିତି ସହିବେ । ବାପା ମା'ଙ୍କ ହାତ ପାପୁଲିରେ କଅଁଳ ସଜଫୁଟା ଫୁଲଟି ପରି କେତେ ଆଦରଯତ୍ନ ସେ ପାଉଥିଲେ, କ'ଣ ଏଇଥି ପାଇଁ । ଏଇୟା ତାଙ୍କ କପାଳରେ ଲେଖାଥିଲା ! ଭାଗ୍ୟ କେଉଁଠୁ ଆଣି କେଉଁଠି ପହଞ୍ଚାଇ ଦେଲା ତାଙ୍କୁ । ଏତେ ଅପମାନ, ଏତେ ଅଶାଳୀନ ଭାଷା ! ଏ ସବୁ ଶୁଣିବା ଅପେକ୍ଷା ତାଙ୍କର ମୃତ୍ୟୁ ହୋଇଗଲାନି କାହିଁକି ?

ଆଜି ସନ୍ଧ୍ୟା ସୁଦ୍ଧା ଟଙ୍କା ନଦେଲେ ସତକୁ ସତ ସେ ଦୁଷ୍ଟ ସ୍ତ୍ରୀ ଲୋକଟା କ'ଣ ନାଇଁ କ'ଣ କରିଦେବ । ସ୍ୱାମୀ ତ ଭୁବନେଶ୍ୱର କ'ଣ କାମରେ ଯାଇଛନ୍ତି । ସେଠୁ ଫେରି ସାଂଧ୍ୟ କଲେଜରେ କ୍ଲାସ୍ ନେଇ ଆସିଲା ବେଳକୁ ରାତି ନଅଟା କି ଦଶଟା । ତାଙ୍କ ଅନୁପସ୍ଥିତିରେ ଏ ସ୍ତ୍ରୀଲୋକଟା ଯଦି କିଛି ଅଘଟଣ କରିବସେ, ସେ ଏ କଅଁଳା ଛୁଆଟାକୁ ନେଇ ରାତିବିକାଳି କୁଆଡ଼େ ଯିବ । କି ବିଷମ ପରିସ୍ଥିତି । ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦିଶୁଥିଲା । ଇଚ୍ଛା ହେଉଥିଲା ମୁଣ୍ଡପିଟି ଭୋ ଭୋ କାନ୍ଦିବେ । କିନ୍ତୁ କାନ୍ଦିବେ କାହା ପାଖରେ ? ଏ ରାକ୍ଷସ ପାଖରେ ? ଯାହାର ହୃଦୟ ବୋଲି କିଛି ନାହିଁ ।

ବନ୍ଦନାଙ୍କ ନୀରବତା ସେ ସ୍ତ୍ରୀଲୋକଟି ପାଇଁ ଅସହ୍ୟ ହୋଇଉଠିଲା । ସେ ବିକଟାଳ ରଡ଼ିଟେ ଛାଡ଼ିଲା । ସେ ରଡ଼ିରେ ସତେ ଯେମିତି ଆକାଶର ମଥାନ ଥରି ଉଠିଲା । ଧରିତ୍ରୀର ବକ୍ଷ କଂପିଗଲା । ପବନ ସ୍ତବ୍ଧ ହୋଇଗଲା । ଚଢ଼େଇଙ୍କ ତୁଣ୍ଡରୁ କାକଳି ହଜିଗଲା ।

– ଆଲୋ ହେ, ତତେ କ'ଣ ମୋ କଥା ଶୁଗୁନି ? ଭାବିଛୁ, ମୋ ଆଗରେ ସେ ସୁନା ଲୁହଗୁଡ଼ାକ ନିଗାଡ଼ି ଦେଲେ ମୁଁ ତରଳିଯିବି । ନୁହେଁ, ଜାଣିଛୁଟି ମୁଁ କିଏ ? ମୁଁ କାହାର ଝିଅ । କେମିତି ଟଙ୍କା ଆଦାୟ କରିବାକୁ ହୁଏ, ମତେ ବେଶ ଜଣା ।

ସେ ନିଜକୁ ଦୃଢ଼ କରିବାକୁ ଚେଷ୍ଟା କଲେ । ମାଉସୀ ମତେ ବିଶ୍ୱାସ କରନ୍ତୁ, ଏଇ ସାତଦିନ ଭିତରେ ଆମେ ଯେଉଁଠୁ ହେଲେ ଟଙ୍କା ଯୋଗାଡ଼ କରି ଆପଣଙ୍କ ସବୁ ଟଙ୍କା ଶୁଝିଦେବୁ । କିଛି ନହେଲେ ମୁଁ ଗାଁରୁ ବାପାଙ୍କ ପାଖରୁ ଟଙ୍କା ମଗେଇ ଆଣିବି । ଆଉ ଗୋଟେ କଥା ମାଉସୀ, ଘର ଛାତରୁ ପାଣି ଗଳୁଛି । ବର୍ଷା ଅସରାଏ ହେଲେ ଛୋଟ ଛୁଆଟାକୁ ଧରି ଏଠିସେଠି ହଉଛି ମୁଁ । ଘରସାରା ଡେକ୍‌ଚି, କରେଇ, କଂସା ବାସନ କେତେ ରଖିବି । ଆପଣ ଉପରେ ଗୋଟେ ତାରପୋଲିନ୍ ପକେଇ ଦିଅନ୍ତୁ । ବର୍ଷା ଦିନ ଗଲେ ଛାତଟା ମରାମତି କରିଦେବେ ।

– କ'ଣ କହିଲୁ, କ'ଣ କହିଲୁ ? ଘର ଛାତରୁ ପାଣି ଗଳୁଛି । ଯାଆ ଘରଛାଡ଼ି ପଳେଇଯାଅ, କୋଉ ରାଜ ଉଆସରେ ରହିବ । କଥାର ଅଛି – କୋଉ ବାହାକୁ ଦି'ଗୋଡ଼ ଅଳତା । ଏଇ ଘରକୁ ତ ଭଡ଼ା ଦେଇପାରୁନ ।

କ'ଣ ନା ରାଜ ଉଆସ ଦରକାର। ମୁଁ ମରିଯାଉଁଥାଏ ଟି। ହେଲା ହେଲା ବହୁତ ହେଲା, ଆଉ ନୁହେଁ।

ସେ ଧାଇଁ ଆସିଲା ବନ୍ଦନାଙ୍କ ପାଖକୁ। ବନ୍ଦନା ପିନ୍ଧିଥିବା ଆର୍ମଲେଟ୍‌କୁ ମାଡ଼ିବସିଲା ଦି'ହାତରେ। ଖୋଲି ଦେଲା ତା'ର କଡ଼ିଆ। ଦୁଇଟାଯାକ ଆର୍ମଲେଟ୍‌କୁ ଖୋଲି ତା କାନିରେ ଗଣ୍ଠି ପକାଇ କହିଲା – ମୁଁ ଜାଣିଛି, ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ। ତୁ ଦେଇପାରିବୁନି ଘରଭଡ଼ା। ଯାହାର ଘରଭଡ଼ା, କ୍ଷୀର ପଇସା ଦେବାକୁ ସାମର୍ଥ୍ୟ ନାହିଁ, ସେ କେଉଁ ଖୁସିରେ ଏ ସୁନା ପିନ୍ଧି ନେଥେଇ ଫୁଲେଇ ହେବ। କହିଦବୁ ତୋ ବରକୁ ମୁଁ ଆସିଥିଲି। ମରଦପଣିଆ ଅଛି ତ ସଂଧ୍ୟା ସୁଦ୍ଧା ଘରଭଡ଼ା ନେଇ ପହଞ୍ଚେଇ ଦବ। ନଚେତ୍ ଏ ଗହଣା କଥା ଭୁଲିଯିବୁ। ଭଲକରି ମନେରଖ। ମୁଁ ବାଞ୍ଛା ସାହୁ ଝିଅଟି। ମୁଁ ରାଗିଲେ କାହାର ନୁହଁ। କହୁ କହୁ ସେ କବାଟ ବାଟେ ଚାଲିଗଲା। ଦୁମ୍‌କରି କବାଟ ବନ୍ଦ କରି ଅଦୃଶ୍ୟ ହୋଇଗଲା। ତା ଧପଧପ ଚାଲିରେ ସତେ କି ପୃଥିବୀ ଦୁଲୁକି ଯାଉଥିଲା। ପଥରମୂର୍ତ୍ତି ପରି ବନ୍ଦନା ଛିଡ଼ା ହୋଇଥିଲେ।

– ମାଆ ତୁ ଫିତା କାଟୁନୁ  କାହିଁକି ? ତୋତେ ସମସ୍ତେ ଅପେକ୍ଷା କରିଛନ୍ତି ମାଆ। ହାତରେ କଇଁଚିଟା ଧରି କ'ଣ ଭାବୁଛୁ ? କିଛି ଅସୁବିଧା ହେଲା କି ? ତୋ ଦେହ ଭଲ ଲାଗୁନି କି ? ପାଣି ଟିକେ ପିଇବୁକି ? ସମସ୍ତେ ଭିତରକୁ ଯିବେ ମାଆ।

ଏକାଥରକେ ଅନେକଗୁଡ଼େ ପ୍ରଶ୍ନ ପଚାରି ମାଆ ମୁହଁକୁ ଅପଲକ ନାୟନରେ ଚାହିଁଥିଲା ପ୍ରିୟାଂଶୁ। ସାଙ୍ଗସାଥୀ, ବାପା, ତା ପତ୍ନୀ, ପୁଅ, ବଂଧୁବାଂଧବ ସମସ୍ତେ ସତୃଷ୍ଣ ନୟନରେ ଚାହିଁ ରହିଥିଲେ ବନ୍ଦନାଙ୍କ ହାତକୁ। ଫିତା କଟା ହେବ। ଏତେବଡ଼ ଡାକ୍ତରଖାନାଟେ ଆଜି ଉନ୍ମୋଚନ ହେବ। ଅନେକ ଡାକ୍ତର ବଂଧୁ ବି ଅପେକ୍ଷା କରିଥିଲେ ସେ ମାହେନ୍ଦ୍ର ଲଗ୍ନକୁ। କେତେବେଳେ ଫିଟା କାଟିବେ ଡାକ୍ତର ପ୍ରିୟାଂଶୁଙ୍କ ମାଆ ବନ୍ଦନା। ଏ ଶୁଭ ଉଦ୍‌ଘାଟନ ପର୍ବର ସେ ହିଁ ପ୍ରମୁଖ ପୁରୋଧା। ଏହା ପରେ ହେବ ଗୃହ ପ୍ରତିଷ୍ଠା, ଭୋଜିଭାତ ସବୁକିଛି। ହେଲେ ମାଆ ଖାଲି ଭାବୁଥିଲେ, ସମୟର ପୃଷ୍ଠା କେତେ ଶୀଘ୍ର ଓଲଟି ପଡିଲା।

ଅଦ୍ଭୁତ ଖିଆଲ ଡାକ୍ତର ପ୍ରିୟାଂଶୁଙ୍କର। ଅନେକ ଡାକ୍ତର ବଂଧୁ ପରାମର୍ଶ ଦେଇଥିଲେ କେନ୍ଦ୍ର ମନ୍ତ୍ରୀ କିମ୍ବା ଗଭର୍ଣ୍ଣର କି ମୁଖ୍ୟମନ୍ତ୍ରୀ ଏମିତି କେହି ଜଣେ ବିଶିଷ୍ଟ ରାଜନେତାଙ୍କୁ ନିମନ୍ତ୍ରଣ କରି ଉଦ୍‌ଘାଟନ କଲେ ସାମ୍ବାଦିକମାନେ ତତ୍ପର ହୋଇଉଠିବେ। ଗଣମାଧ୍ୟମରେ ଛାଇ ହୋଇଯିବ ସମ୍ବାଦ। ହାର୍ଭାଡ଼ରୁ ସର୍ବୋଚ ଡିଗ୍ରୀ ହାସଲ କରି ଫେରିଛନ୍ତି ଡାକ୍ତର ପ୍ରିୟାଂଶୁ ଚୌଧୁରୀ। ତାଙ୍କର ସ୍ୱପ୍ନ ଓଡ଼ିଶାର ସେବା। ଅଗଣିତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଉଚ୍ଚମାନର ଡାକ୍ତରୀ ସୁବିଧା ମିଳିବ। ମାଆଙ୍କର ଅନୁରୋଧ ଥିଲା ଗରିବଗୁରୁବାଙ୍କ ପାଇଁ ଗୋଟେ ଫାଳକରେ ହେବ ଦାତବ୍ୟ ଚିକିତ୍ସାଳୟ। ମାଆ କହୁଥିଲେ- ବାପାରେ, ଜୀବନ ପାଇଁ ଅର୍ଥ ଦରକାର। କିନ୍ତୁ ଜୀବନର ସର୍ବସ୍ୱ ନୁହେଁ। ସାଧନ ମାତ୍ର।

ଅଦ୍ଭୁତ ଖିଆଲ ମାଆ ପୁଅଙ୍କର। ପୁଅର ଏକା ଜିଦ୍ ତା ମାଆ ହିଁ ଉନ୍ମୋଚନ କରିବେ ଏ ଡାକ୍ତରଖାନା। କୌଣସି ବଡ଼ବଡ଼ିଆଙ୍କୁ ଡାକି ଗୁଡ଼ାଏ ହଇଚଇ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ନୁହେଁ। ତାଙ୍କର ଲକ୍ଷ୍ୟ ଲୋକଙ୍କ ସେବା। ଅର୍ଥାତ୍ ରୋଜଗାର ହେବ ହିଁ ହେବ। ଏହି ଉନ୍ନତମାନର ଡାକ୍ତରଖାନାର ପରିଚାଳନା ପାଇଁ, ଡାକ୍ତର, ନର୍ସ, କର୍ମଚାରୀ ସମସ୍ତଙ୍କ ଦରମା ପାଇଁ ଯେଉଁ ଅର୍ଥ ଆବଶ୍ୟକ ହେବ ତାହା ଅନ୍ୟମାନଙ୍କ ଚିକିତ୍ସା ବାବଦରେ ମିଳିଯିବ। ଏ ଡାକ୍ତରଖାନା ପ୍ରତିଷ୍ଠାର ଉଦ୍ଦେଶ୍ୟ ନୁହେଁ ମୁନାଫାଖୋର ହୋଇ ଲୋକଙ୍କୁ ଲୁଟିବା। ପ୍ରିୟାଂଶୁଙ୍କ ବାପା ଜଣେ ସର୍ବୋଦୟ କର୍ମୀ। ତାଙ୍କ ଶିରା ପ୍ରଶିରାରେ ତ୍ୟାଗ, ସେବା, ପରୋପକାର। ତାଙ୍କ ପୁଅ ହୋଇ କେମିତି ଡାକ୍ତର ପ୍ରିୟାଂଶୁ ସେ ଆଦର୍ଶ ପଥରୁ ବିଚ୍ୟୁତ ହେବେ।

ବରାଟ ହସପିଟାଲ। ଅତ୍ୟାଧୁନିକ କ୍ୟାନସର ଚିକିତ୍ସା ନିମିତ୍ତ ସମସ୍ତ ସୁବିଧା। ଯେତେବେଳେ ପ୍ରିୟାଂଶୁ ହାର୍ଭାଡ଼ ବିଶ୍ୱବିଦ୍ୟାଳୟରୁ କ୍ୟାନସରରେ ଗବେଷଣା କରି ସର୍ବୋଚ୍ଚ ଡିଗ୍ରୀ ଧରି ଫେରିଲେ ବନ୍ଦନା ପଦେ କଥା କହିଥିଲେ- ଧନରେ, ତୁ ଆଉ ବିଦେଶ ଫେରି ଯାଆନା। ଏ ଦେଶରେ ବହୁ ଅଭାବୀ ଲୋକ ଅଛନ୍ତି ସେମାନଙ୍କ ମୁହଁକୁ ଟିକେ ଅନା। ତୋ ପରି ଡାକ୍ତର ଜଣେ ପାଇଲେ ଏ ମାଟିର ବହୁଲୋକ ଉପକୃତ ହେବେ। ମାଟିର ଋଣ ତ ଶୁଝିବାକୁ ହେବରେ ଧନ।

ମାଆଙ୍କ କଥାରେ ଏପରି ଯାଦୁ ଥିଲା ଯେ, ପ୍ରିୟାଂଶୁ ଲାଗିପଡ଼ିଲେ ଅତ୍ୟାଧୁନିକ କ୍ୟାନସର ହସ୍‌ପିଟଲ ପରିକଳ୍ପନାରେ। ତାଙ୍କର ସଂଚିତ ଅର୍ଥ, ବ୍ୟାଙ୍କରୁ ଋଣ ସବୁ କିଛି ବାଜି ଲଗେଇ ଦେଲେ। ଆଜି ମୁଣ୍ଡ ଟେକି ଛିଡା ହୋଇଛି ତାଙ୍କ ସ୍ୱପ୍ନ, ତାଙ୍କ ବାପା ମାଆଙ୍କ ଜୀବନବ୍ୟାପୀ ତ୍ୟାଗର ପ୍ରତିଭୂ- "ସର୍ବୋଦୟ ଚିକିତ୍ସାଳୟ"।

ବନ୍ଦନା ଫିତା କାଟିଲେ। ଭିତରକୁ ପାଦ ବଢ଼ାଇବା ଆଗରୁ ପ୍ରିୟାଂଶୁ ବାପା ମାଆଙ୍କୁ ଭୂମିଷ୍ଠ କଲେ। ଶଂଖ, ହୁଳହୁଳି ଧ୍ୱନିରେ ଉଚ୍ଛୁଳି ପଡ଼ିଲା ଆଖପାଖ ଅଞ୍ଚଳ। ପାଖାପାଖି ଗାଁ ଗଣ୍ଡାରୁ ଆସି ଜମା ହୋଇଥିବା ଲୋକେ ଭିଜି ଯାଉଥିଲେ ଅନିର୍ବଚନୀୟ ଆନନ୍ଦର ଉପଲବ୍ଧିରେ।

ବାଦାମବାଡି, କଟକ
ମୋ - ୯୪୩୭୨୬୯୬୩୯

# ରିକ୍ସା ଓ ଟୁକୁନି

*ଡ. ନାରାୟଣ ଚନ୍ଦ୍ର ସାହୁ*

ପାଠକେ ଆପଣମାନେ ଅନେକ କାହାଣୀ ପଢ଼ିଥିବେ ଆଉ ପଢ଼ାଇଥିବେ ମଧ୍ୟ। ହେଲେ ଏ କାହାଣୀଟି ବିଲକୁଲ ନିଆରା। ଆମେ ଆପଣଙ୍କୁ ଶୁଣାଇବାକୁ ଯାଉଛୁ ଝାରଖଣ୍ଡର ରାଂଚିର ଜଣେ ଝିଅର କଥା। ସେଠାକାର କଲେକ୍ଟରଙ୍କ କଥା।

ଝିଅଟି ନାଁ ଟୁକୁନି ସାହୁ। ବର୍ଷେହେଲା ସେ ରାଂଚିରେ ପୋଷ୍ଟିଙ୍ଗ୍ ହୋଇଛି। ସରକାରୀ ବଙ୍ଗଳା। ରୋଷେୟା, ମାଳୀ, ପିଅନ ମିଳିଛି ଟୁକୁନି ମାଡାମ୍‌ଙ୍କୁ। ସବୁକିଛି ମିଳିଛି ତାଙ୍କୁ। ବିବାହ କରିନାହାଁନ୍ତି। ବିବାହ କଥା କେବେ ମନକୁ ବି ଆସିନି। ଅସଲ କଥା ହେଉଛି, ଏ ବିଷୟ ଭାବିବାକୁ କେବେ ସମୟ ମିଳିନି।

ଟୁକୁନି ସାହୁ ଅଳ୍ପକାଳ ମଧ୍ୟରେ ରାଂଚିରେ ବେଶ୍ ପରିଚିତ। ଆଡ଼ା ଚଉଡ଼ା ନାହିଁ। ସାଧାରଣ ପୋଷାକ। ମାଛ ମାଂସ ଖାଆନ୍ତି ନାହିଁ। ନିଜ କାମ ନିଜେ କରନ୍ତି। ନିଜେ ରୋଷେଇ କରନ୍ତି। ନିଜେ ବଜାରରୁ ପରିବାପତ୍ର କିଣନ୍ତି। ବଡ଼ି ଭୋରରୁ ଟୁକୁନି ମାଡାମ୍ ମର୍ଣିଙ୍ଗ୍ ୱାକ୍ କରନ୍ତି।

ଲୋକେ ତାଜୁବ୍ ହୁଅନ୍ତି। ଏଡ଼େ ବଡ ପୋଜିସନ୍‌ରେ ଥାଇ ମଧ୍ୟ କଲେକ୍ଟର ସାହିବା ଏମିତି ଅତି ସାଧାରଣ ଜୀବନଯାପନ କାହିଁକି କରୁଛନ୍ତି। ଅଫିସ୍‌ରେ କାମ ଆଉ ଲୋକଙ୍କ କଥା ବୁଝୁ ବୁଝୁ ସମୟ କେତେବେଳେ ଚାଲିଯାଏ, ଜଣାପଡ଼େନି।

ଛୁଟିଦିନ ଏପରିକି ରବିବାର ମଧ୍ୟ ମାଡାମ୍‌ଙ୍କୁ ଫୁରସତ୍ ମିଳେନି। ସଦାବେଳେ କାମ ଆଉ କାମ। ସକାଳ ଆଉ ସଂଧ୍ୟାରେ ମାଡ଼ାମ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଶୁଣିବାକୁ ଭଲପାଆନ୍ତି। 'ବୈଷ୍ଣବ ଜନତୋ....'। ଭଜନ ଭିତରେ ନିଜକୁ ହଜେଇ ଦିଅନ୍ତି ଟୁକୁନି ମାଡ଼ମ୍।

'ରାମୁ, ଜରା ସୁନୋ ତୋ'– ଡ୍ରାଇଭର ରାମୁକୁ ଡାକିଲେ ଟୁକୁନି ମାଡାମ୍।

ରାମୁ ଆସି ନମସ୍କାର କରି ଠିଆହେଲା। ମାଡ଼ାମ୍ ବାରଣ୍ଡାରେ ବୁଲୁଥିଲେ।

'ଅଭି କାହା ନିକ୍‌ଲେଙ୍ଗେ ?' – ରାମୁ ପଚାରିଲା ନମ୍ର ଭାବରେ। 'ଆଜ୍ ନେହିଁ କାଲ। ଭୋରସେ ନିକ୍‌ଲେଙ୍ଗେ। ତିନ୍ ଦିନ୍ କେ ଲିଏ ହମେ ଗାଓଁ ଜାନା ହାଏ।'

ରାମୁ ଆଶ୍ଚର୍ଯ୍ୟ ହୋଇଥିଲା। ଯେତେ କଲେକ୍ଟର ଏ କୋଠାରେ ରହିଛନ୍ତି, ସମସ୍ତଙ୍କ ଘରକୁ ସେ ଯାଇଛି। ଆଉ ସମସ୍ତଙ୍କ ଘର ସହରରେ। ହେଲେ ଇଏ ମାଡମ୍... ?

'କ୍ୟା ହୁଆ ?'– ପଚାରିଲେ ମାଡାମ୍।

'କୁଛ ନେହିଁ'– ଉତ୍ତର ଦେଲା ରାମୁ।

'କାଲ୍ ସବେରେ ନିକଲ୍ ଯାଏଁଗେ ସାଥମେ ଅପ୍‌ନି ସାମାନ୍ ବି ଲେନା। ଦୋ ତିନ୍ ଦିନ କା ବାତ୍'....

ଆଶ୍ଚର୍ଯ୍ୟ ଲାଗୁଥିଲା ରାମୁକୁ । ମାଡାମଙ୍କ ଗାଁକୁ ସେ ଯିବ। ସତରେ କ'ଣ ମାଡାମ୍ ଗାଉଁଲି ଝିଅ ? ଗାଁର ଝିଅ କେମିତି କଲେକ୍ଟର ହୋଇପାରିବ ! ଏମିତି କେତେ କଥା ଭାବି ଯାଉଥିଲା ରାମୁ।

x x x x x

ଜୁଲାଇ ୧୬ ତାରିଖ। ବଡ଼ି ଭୋର୍‌ରୁ ଗାଡ଼ି ଚାଲିଲା। ସରକାରୀ କାର୍ ନୁହେଁ। ଭଡ଼ା କାର୍ ଚଳାଉଥିଲା ଡ୍ରାଇଭର ରାମୁ। ବାଟରେ ଡ୍ରାଇଭରକୁ ଚା' ଜଳଖିଆ ଖାଇବାକୁ କହିଲେ ମାଡାମ୍। ରାମୁ ଗାଡ଼ି ରଖିଲା। ହୋଟେଲ ଭିତରକୁ ଯିବା ପୂର୍ବରୁ ପଚାରିଲା– 'ଆପ୍‌କେ ଲିଏ କ୍ୟା ଲାଉଁ ?'

'କୁଛ୍ ନେହିଁ। ମୈନେ ଘରସେ ନାସ୍ତା କରଲିଆ'। ହୋଟେଲ ଭିତରକୁ ପଶିଲା ରାମୁ, ଝାରଖଣ୍ଡ ସୀମା ଭିତରେ। ନିଜ ପସନ୍ଦର ଖାଦ୍ୟ। ଦୁକ୍ତା ବି ଟିକେ ପାଟିରେ ପକାଇଲା। ଅନେକଥର ମାଡାମ୍ ତାକୁ ଏ ଦୁକ୍ତା ଛାଡ଼ିବାକୁ କହିଲେଣି। ସହଜେ କ'ଣ ଛାଡିହେଉଛି ! ତିରିଶି ବର୍ଷର ଅଭ୍ୟାସ। ସାହେବମାନେ ମଦପାଣି ସେ ଖାଲି ଏଇ ଦୁକ୍ତା ଟିକକ ପାଟିରେ ପକାଇଥାଏ। ଆଉ କିଛି ଅଭ୍ୟାସ ନାହିଁ।

ହେଲେ ଇଏ ମାଡାମ୍ ତ ବିଲ୍‌କୁଲ୍ ନିଆରା। ଆମିଷ ଖାଆନ୍ତି ନାହିଁ। କିଛି ଖରାପ ଅଭ୍ୟାସ ନାହିଁ। ନିଜ କାମ ନିଜେ କରିବାକୁ ପସନ୍ଦ କରନ୍ତି। ବିଚିତ୍ର ଏଇ ମାଡାମ୍ ଆମ ଟୁକୁନି ସାହୁ।

ବଲାଙ୍ଗୀର ଅଂଚଳର ଏକ ଅଖ୍ୟାତ ଗାଁ। ଅଣ୍ଡିଆପାଲୀ। କିଏ ବା କାହିଁକି ଏ ଗାଁକୁ ମନେ ରଖିବ। ଏଇ ଗାଁର ଝିଅ ଟୁକୁନି ସାହୁ। ରାଂଚିର କଲେକ୍ଟର। ଗାଁଲୋକେ ଟୁକୁନି କଲେକ୍ଟର ହେବା କଥା ଖବରକାଗଜରୁ

ପଡ଼ିଛନ୍ତି । ରେଡିଓ, ଟେଲିଭିଜନ୍ ମଧ୍ୟ ଖବର ପ୍ରସାର କରିଛି । ହେଲେ ସେ'ତ ଅନେକ ଦିନ ତଳର କଥା ।

ହୋଟେଲରୁ ବାହାରିଲା ରାମୁ । ଗାଡ଼ିରେ ବସିଲା । ଗାଡ଼ି ଚାଲିଲା ବାଲାଙ୍ଗୀରରୁ ଅଣ୍ଡିଆପାଲୀ ଅଭିମୁଖେ । ରାସ୍ତା ବତେଇ ଦେଉଥାନ୍ତି ଟୁକୁନି ମାଡାମ୍ । ବଲାଙ୍ଗୀର ପହଞ୍ଚିଲା ବେଳକୁ ଦିନ ବାର । ଅଣ୍ଡିଆପାଲୀ ଏଠୁ ଆହୁରି ଚାଳିଶି କିଲୋମିଟର । ଗାଡି ଚାଲିଥିଲା ରାସ୍ତାର ଦୁଇପଟେ ଦୃଷ୍ଟି ବୁଲାଇ ଆସୁଥିଲେ ଟୁକୁନି ମାଡାମ୍ । ଏତେଦିନ ପରେ ସେ ଗାଁକୁ ଯାଉଛନ୍ତି । ମନେ ମନେ ହସୁଥିଲେ ।

ବାଟ କଢ଼େଇ ନେଉଥିଲେ ଟୁକୁନି ମାଡମ୍ । ଗାଡ଼ି ଯାଇ ପହଂଞ୍ଚିଲା ଅଣ୍ଡିଆପାଲୀରେ । ଛୋଟ ଗାଁଟି । ଗାଁକୁ ଘେରି ରହିଛି ଶସ୍ୟଶ୍ୟାମଳା ଚାଷକ୍ଷେତ । ବର୍ଷା ହୋଇଛି । ଧାନବିଲରେ ପାଣି ଭର୍ତ୍ତି ।

ଗାଁରେ ଗାଡ଼ି ପହଁଚିଲା । ଗାଡ଼ିରୁ ଓହ୍ଲାଇଲା ଟୁକୁନି । ଗାଁରେ ସାଙ୍ଗେ ସାଙ୍ଗେ ହାଲ୍ଲା ହୋଇଗଲା । ଟୁକୁନି ଗାଁକୁ ଆସିଛି । ତାଙ୍କ ପ୍ରିୟ କଲେକ୍ଟର ଗାଁକୁ ଫେରିଛି । ପିଲା ବୁଢ଼ା ସମସ୍ତେ ଦଉଡ଼ି ଆସଲେ । ଛୋଟ ଗାଁଟି ଯେମିତି ଉଠିଲା ପଡ଼ିଲା । ଗାଁ ପିଲାଏ ଚକୋଲେଟ ପାଇଁ ଘେରିଗଲେ । ଟୁକୁନି ଏ ସବୁ ଯୋଗାଡ କରିଥିଲା । ସେ ଭଲଭାବେ ଜାଣିଥିଲା, ଗାଁ ପିଲାଏ ମାଗିବେ ।

ବୁଢ଼ାବୁଢ଼ୀ ସମସ୍ତେ ଘେରିଲେ । ସମସ୍ତଙ୍କ ପାଦ ଛୁଇଁ ଓଳଗି ହେଲା ଟୁକୁନି । କଲେକ୍ଟର ହେଲେ ବି ସେ ଗାଁର ସଣ୍ଢଣା ଭୁଲିନି । ଗାଁ ମାଟିକୁ ମଥାରେ ଲଗାଇ ସେ ଘରକୁ ପଶିଲା । ଘରଟା ସାରା ଧୂଳି ଭର୍ତ୍ତି । ପଡ଼ିଶା ଘରର ନୂଆବୋହୂ ଦୁଇ ତିନିଜଣ ଝଡାଝଡିରେ ଲାଗିଗଲେ । ଅଧ ଘଣ୍ଟା ଭିତରେ ଘର ପୂରାପୂରି ଚିକ୍କଣ ।

ବିଚରା ଡ୍ରାଇଭର ରାମୁକୁ ଏ ସବୁ ତାଜୁବ ଲାଗୁଥିଲା ଏତେ ଲୋକଙ୍କ ଏମିତି ଭଲ ପାଇବା ସେ ଆଜିଯାଏ କେଉଁଠି ଦେଖିନି । ସତରେ ଧନ୍ୟ ଏଇ ଝିଅ, ଆଉ ଧନ୍ୟ ତାର ଗାଁ ।

କାହାଣୀଟା ମୂଳରୁ ଆରମ୍ଭ ନକଲେ ଟୁକୁନି ବିଷୟରେ ଜାଣି ହେବନି । ଅଣ୍ଡିଆପାଲୀ ଗାଁର ସନେଇ ଆଉ ଧୋବୀଙ୍କର ଏକମାତ୍ର ଝିଅ ଟୁକୁନି । ସାହୁଏ ସେମିତି ବଡ ଚାଷୀ ନୁହଁନ୍ତି । ତଥାପି କୌଣସି ପ୍ରକାରେ ତିନିପ୍ରାଣୀ ଚଳିଯାଆନ୍ତି । ଅଭାବ କେବେ ଅନୁଭବ କରି ନାହାଁନ୍ତି । ମଣ୍ଡିରେ ଧାନ ବିକି ଦି' ପଇସା ବି ପାଆନ୍ତି ସାହୁଏ ।

ଠିକ୍ କୋଡିଏ ବର୍ଷ ତଳେ ମାଡି ଆସିଥିଲା ଝଡବର୍ଷା । ଚାରିଆଡ଼େ ପାଣି ଭରିଗଲା । ଧାନମଣ୍ଡିରେ ପାଣି ପଶିବାରୁ ଧାନବସ୍ତାଗୁଡ଼ିକ ନଷ୍ଟ ହୋଇଗଲା । ବିଲବାଡ଼ିରେ ପାଣିଭର୍ତ୍ତି । ବଡ଼ବଡ଼ ଗଛ ଭାଙ୍ଗିଗଲା । ଘରର ଛପର ଉଡ଼ିଗଲା । ଈଶ୍ୱରଙ୍କୁ ଡାକିବା ଛଡା ଅନ୍ୟଗତି ନଥିଲା । ଚାରିଆଡ଼େ ହାହାକାର । ଲୋକେ ଖାଇବେ କ'ଣ ? ବଂଚିଲେ କେମିତି ?

ସରକାର ମାସେ ଯାଏ ରିଲିଫ ଯୋଗାଇଦେଲେ । ଲୋକେ ଝାଡ଼ିଝୁଡ଼ି ହେଲେ ନୂଆ ଜୀବନ ପାଇଁ । ଘରଟା ସଜାଡ଼ି ହୋଇଗଲା କୌଣସି ପ୍ରକାରେ । ହେଲେ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଗଲା । ଗୌନ୍ତିଆ କୋଡ଼ିଏ ହଜାର ଧାର ଦେଇଥିଲା ।

ଫସଲ ତ ନାହିଁ । ମଣ୍ଡିର ଧାନ ତ ନଷ୍ଟ ହୋଇଗଲା ସେମାନଙ୍କ ଟଙ୍କା ଶୁଝିବେ କେମିତି । ମୁଣ୍ଡରେ ଚିନ୍ତା ଘାରିଗଲା । ଖିଆ ପିଆ ଛାଡ଼ିଦେଲେ ସାହୁଏ । ବ୍ୟାଙ୍କବାଲା ଟଙ୍କା ଶୁଝିବା ପାଇଁ ବାରମ୍ବାର ତାଗିଦା କରି ଫେରିଲେ । ଗୌନ୍ତିଆ ବି ଛାଡ଼ିବା ଲୋକ ନୁହେଁ । ସିଧା ସିଧା ବତେଇଲା – 'ଟଙ୍କା ଯଦି ଦେଇ ପାରିବୁନି, ତା ହେଲେ ତୋ ମାଇପକୁ ଛାଡିଦେଇ ଆ' ।

କଥାଟା ଭାରି ବାଧିଥିଲା ସାହୁଙ୍କୁ । ଦିନରାତି ନିଦ ହେଲାନାହିଁ । କେଉଁଠୁ ଟଙ୍କା ଆଣି ଶୁଝିବେ । ବ୍ୟାଙ୍କ କି ଗୌନ୍ତିଆ କେହି ଛାଡ଼ିବାବାଲା ନୁହଁନ୍ତି ସ୍ୱାମୀ ସ୍ତ୍ରୀ ଦି'ଜଣଯାକ ସ୍ଥିର କଲେ, ଋଣ ତ ଶୁଝି ହେବନି । ବରଂ ଜୀବନଟା ହାରିଦେବା ଭଲା ଆଉ ଝିନ୍‌ଝିଟ୍ ନଥିବ । ଜମିରେ କୀଟ ମାରିବା ପାଇଁ ସାହୁଏ ଔଷଧ କିଣି ରଖିଥିଲେ । ଫସଲ ତ ଗଲା । ଔଷଧ ଆଉ କି କାମରେ ଆସିବ । ସ୍ୱାମୀ ସ୍ତ୍ରୀ ଦି'ଜଣ ଯାକ ରାତିରେ ସେତିକି ପିଇ ଦେଲେ । ଯୋଗକୁ ଟୁକୁନି ପାଖ ଗାଁର ମଉସାଙ୍କ ଘରେ ରହିଯାଇଥିଲା । ଉଦ୍ଧାର ପାଇଗଲା ।

ସକାଳୁ ହୁରି ପଡ଼ିଗଲା ଅଣ୍ଡିଆପାଲୀରେ । ପୋଲିସ ଆସି ଶବ ଜବତ କଲା । ଗାଁଲୋକେ ବି ସେଇଆ କହିଲେ 'ଋଣ ବୋଝ ବଢ଼ିବାରୁ ସାହୁଏ ଆତ୍ମହତ୍ୟା କରିଛନ୍ତି' । ଗୌନ୍ତିଆ ମୁଣ୍ଡରେ ହାତ ଦେଲା । ତାର କୋଡିଏ ହଜାର ବୁଡିଲା ।

ହସ ଖୁସିର ପରିବାରଟା ଅକାଳରେ ଉଜୁଡ଼ିଗଲା । ମଉସା ଘରୁ ଫେରିଲା ଟୁକୁନି । କାନ୍ଦି କାନ୍ଦି ଭୂଇଁରେ ଲୋଟିଗଲା । କିଏ ଆଉ ତାକୁ ସାହା ହବ । ଚଳିବ କେମିତି । ବଂଚିବ କେମିତି । ଗାଁଲୋକେ ସାଇପଡ଼ିଶା ଦଶ ପନ୍ଦର ଦିନ ଚଳାଇଲେ । ବଢ଼ିଲା ଝିଅଟା ରହିବ କେମିତି ଏକା । ତା' ଛଡା ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା । କ'ଣ ପଢ଼ି ସେ ପରୀକ୍ଷା ଦେବ । ସ୍କୁଲର ଦିଦି' ତାକୁ ପରୀକ୍ଷାଟା କୌଣସି ପ୍ରକାରେ ଦେଇଦବା ପାଇଁ କହିଲେ । ମାଟ୍ରିକଟା ପାଶ୍ କରିଗଲା ପରେ କିଛିନା କିଛି ଯୋଗାଡ଼ ହୋଇପାରେ ।

ଦିଦିଙ୍କ ଭରସାରେ ମାଟ୍ରିକ ପରୀକ୍ଷା ଦେଲା ଟୁକୁନି । ମାଗିକରି ସ୍କୁଲ ସାର ଆଉ ଦିଦିଙ୍କଠାରୁ ବହି ଆଣି ପଢ଼ିଲା । ଶାଗପଖାଳ ଯାହା ମିଳିଲା, ସେଇଥିରେ ଚଳେଇଲା । ବେଳେ ବେଳେ ଓପାସ ବି ରହିବାକୁ ପଡ଼ିଲା ।

ଦିଦିଙ୍କର ଗୋଟାଏ ଭଂଗା ରିକ୍ସା ଥିଲା । ତାରି ଉପରେ ନଜର ପଡ଼ିଲା ଟୁକୁନିର । ମଉସା ଘର ଗାଁରେ ରିକ୍ସା ଥିଲା ଜଣଙ୍କର । ସେଇଠୁ କିଛିଟା ରିକ୍ସା ଚଳେଇବା ଶିଖି ଯାଇଥିଲା । ମନରେ ସାହସ ବାନ୍ଧି ସ୍କୁଲ ଦିଦିଙ୍କୁ ରିକ୍ସାଟା ସଜାଡ଼ି ଦେବାକୁ ଅନୁରୋଧ କଲା । ଦିଦି ବି ରାଜି ହୋଇଗଲେ । ହଜାରେ ଟଙ୍କା ଖର୍ଚ୍ଚ ହେଲା । ଟୁକୁନି ରିକ୍ସା ଗଡାଇଲା । ଦୁଇ ତିନି ଦିନ ପରେ ଗାଁରୁ ୫ କିଲୋମିଟର ଦୂର ବ୍ଲକ ଅଫିସ ଯାଏ ତା' ରିକ୍ସା ଚାଲିଲା । ଦିଦିଙ୍କର ଦରକାର ପଡ଼ିଲେ ବ୍ଲକ୍ ଅଫିସ ନେଉଥିଲା ।

ଛୋଟ ସହରରେ ରିକ୍ସା ଟାଣି ଦି' ପଇସା ହାତ କଲା । ଦିଦି ବି ଖୁସି ହେଲେ । ସ୍କୁଲର ସାର୍‌ମାନେ ବି ତାର ଏ ନୂଆ କାମକୁ ତାରିଫ କଲେ ।

ଚଳିବା ପାଇଁ ଅସୁବିଧା ହେଲା ନାହିଁ ଟୁକୁନିର। ମାଟ୍ରିକ୍ ରେଜଲ୍ଟ ବାହାରିଲା। ଜିଲ୍ଲାରେ ଟୁକୁନି ହୋଇଥିଲା ପ୍ରଥମ ଶ୍ରେଣୀରେ ପ୍ରଥମ।

କଲେଜରେ ପଢ଼ିବା କଥା ଦିଦିଙ୍କୁ ଆଉ ସାର୍‌ମାନଙ୍କୁ ଜଣେଇଲା ଟୁକୁନି। ସମସ୍ତେ ସାହସ ଦେଲେ ଆଉ ତାର ଉଦ୍ୟମକୁ ପ୍ରଶଂସା କଲେ। କଲେଜରେ ପାଠ ପଢ଼ିଲା ଟୁକୁନି। କଲେଜର ସାର୍‌ମାନେ ବି ବହିପତ୍ର ଯୋଗାଇଦେଲେ। ପାଠପଢ଼ା ସହିତ ରିକ୍ସାଟଣା ଏକା ସାଙ୍ଗରେ ଚାଲିଲା।

ସବୁଠୁ ବଡ଼କଥା ହେଲା, ଗୌନ୍ତିଆର କୋଡିଏ ହଜାର ଟଙ୍କା ଟୁକୁନି ଶୁଝି ଦେଇଥିଲା ତିନିଥରରେ। ଗୌନ୍ତିଆ ସୁଧ କଥା ଉଠାଇବାରୁ ଗାଁଲୋକେ ଛି'ଛାକର କରିଥିଲେ। ବାଧ୍ୟହେଇ ଗୌନ୍ତିଆ ସୁଧ ଛାଡ଼ିଦେଇଥିଲା।

ଟୁକୁନି ଉପରେ ଗାଁ ଲୋକଙ୍କଠାରୁ ଆରମ୍ଭକରି, ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ, କଲେଜ ସାର୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆଶୀର୍ବାଦ ଥିଲା। ମାଗଣାରେ ବି ସେ ଗାଁ ଲୋକଙ୍କୁ ମେଡ଼ିକାଲ ନେଇଛି। କାହାରିଠାରୁ ପଇସା ନିଏ ନାହିଁ। କେହି ଯାଚିଲେ, ଟୁକୁନି ଉତ୍ତର ଦିଏ "ମତେ ଗଢ଼ିବାରେ ଏ ଗାଁର ଆଉ ତମମାନଙ୍କର କିଛି ଅବଦାନ ନାହିଁ? ମା'ଠାରୁ ଝିଅ କ'ଣ କେବେ ପଇସା ନିଏ?"

ସମସ୍ତେ ଖୁସି। ତା'ର ମଙ୍ଗଳ ପାଇଁ ଗାଁଲୋକେ ପ୍ରାର୍ଥନା କରନ୍ତି। ଯେଉଁଦିନ ସେ ବି.ଏ. ପାଶ୍‌କଲା ଗାଁ ସାଇପଡ଼ିଶା ଲୋକେ ଠାକୁରାଣୀ ମନ୍ଦିରରେ ଜନ୍ତାଳ କରିଥିଲେ। ଗୌନ୍ତିଆ ବି ଆସିଥିଲା। ପିଲାଟି ଦିନେ ବଡ ମଣିଷ ହେବ, ଏକଥା ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଜଣା ପଡ଼ି ଯାଇଥିଲା।

ଓ.ଏ.ଏସ୍. ପରୀକ୍ଷା ଦେବା ପାଇଁ ସେ ଅଣ୍ଟା ଭିଡ଼ିଲା। ସାର୍‌ମାନେ ତାକୁ ଆଇ.ଏ. ଏସ୍ ପରୀକ୍ଷା ଦେବା ପାଇଁ ଉପଦେଶ ଦେଇଥିଲେ। କାରଣ ସେମାନେ ତା ଜ୍ଞାନଗାରିମାକୁ ଖୁବ୍ ନିକଟରୁ ପରଖି ସାରିଥିଲେ।

ଟୁକୁନି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭକଲା। କେଉଁ ବହି ପଢ଼ିବାକୁ ହେବ, ସାର୍‌ମାନେ ବୁଝାଇ ଦେଇଥିଲେ। ସମସ୍ତଙ୍କ ଦୁଆ ଆଉ ଗାଁ ମାଟିର ଆଶୀର୍ବାଦ ସଫଳ ହେଲା। ଟୁକୁନି ଆଇ.ଏ.ଏସ୍ ପାଇଲା। ମସୋରୀରେ ଟ୍ରେନିଙ୍ଗ ଯିବା ପୂର୍ବରୁ ସ୍କୁଲଦିଦିଙ୍କ ଆଶୀର୍ବାଦ ନେଇଥିଲା। ଦିଦି କୁଣ୍ଢାଇ ପକାଇଥିଲେ ତାକୁ।

'ମୁଁ ଆଜି ଯାହା କିଛି ହୋଇଛି, ସବୁ ଆପଣଙ୍କ ରିକ୍‌ସା ପାଇଁ'। ଦିଦିଙ୍କ ଆଖିରୁ ଲୁହ ଝରିପଡ଼ିଥିଲା। ଟୁକୁନି ଲୁହପୋଛି ଦେଇ କହିଥିଲା - ଦିଦି, ମତେ ଆଉ ରିକ୍ସାଟା ମାଗିବେନି। ସିଏ ହଉଛି ମୋର ଜୀବନ। ସିଏ ହଉଛି ମୋ ମା'। ଆଜି ମୁଁ ଯାହାକିଛି ହୋଇଛି, ସବୁ ତାରି ପାଇଁ।

ଦିଦି ଆଉ କିଛି କହି ପାରିନଥିଲେ। ଲୁହ ତାଙ୍କର ବନ୍ଦ ହୋଇ ନଥିଲା। ସମସ୍ତଙ୍କ ପାଦଧୂଳି ନେଇ ଟୁକୁନି ବାହାରିଲା ମୁସୋରୀ। ଯେଉଁଦିନ ତା' ନାଁ ଖବରକାଗଜରେ ବାହାରିଥିଲା, ଗାଁ ଲୋକେ ଶିବ ମନ୍ଦିରରେ ନଡ଼ିଆ ଚଢ଼ାଇଥିଲେ।

ଟୁକୁନିର ଟ୍ରେନିଙ୍ଗ୍ ଶେଷ ହେଲା। ପୋଷ୍ଟିଙ୍ଗ ହେଲା ରାଂଚିରେ। ଟୁକୁନିର ପ୍ରଥମ କାମ ହେଲା ଜନସେବା। କାରଣ ସିଏ ଯେଉଁ ପରିସ୍ଥିତିରେ ବଢ଼ିଥିଲା, ସେଇ ପରିସ୍ଥିତି ହିଁ ତାକୁ ଜୀବନ ସହିତ ଲଢ଼ିବା ଶିଖେଇ ଦେଇଥିଲା।

ରିକ୍ସାଟି ଘରର ଛାମୁଡ଼ିଆ ତଳେ ରହିଥିଲା। ଅନେକ ଦିନ ଧରି ସିଏ ଯେମିତି କାହାକୁ ଖୋଜୁଥିଲା। ଘର ଭିତରକୁ ଯିବା ପୂର୍ବରୁ ରିକ୍ସାକୁ ଆଉଁସି ଦେଇଥିଲା ଟୁକୁନି। ଆଖିରୁ ଦୁଇବୁନ୍ଦା ଲୁହ ବି ରିକ୍ସା ଉପରେ ଝରି ପଡ଼ିଥିଲା।

କିଛି ବୁଝି ପାରୁନଥିଲା ଡ୍ରାଇଭର ରାମୁ। ବୁଝି ବି ପାରିବନି। ସେଦିନ ଟୁକୁନି ଆଉ ରିକ୍ସା ଏକାକାର ହୋଇଯାଇଥିଲେ। ଗାଁ ଲୋକେ ଏ ବିରଳ ଦୃଶ୍ୟକୁ କେମିତି ବା ଭୁଲିପାରିବେ!!!

ପ୍ରାକ୍ତନ ପ୍ରଫେସର,
ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
୫୮, ମୈତ୍ରୀଜନପଦ, ନହରକଣ୍ଟା,ଭୁବନେଶ୍ୱର - ୭୫୨୧୦୧
ମୋ - ୯୪୩୭୯୧୯୧୨୩

ଓଁ ୦ ଓଁ

# କରୋନା ମା'ଙ୍କ କରୁଣା

*ଡ. ପୀତବାସ ରାଉତରାୟ*

ଏ କି ଅଭିଲା କଥା ?

ଯେଉଁ କରୁଣାକୁ ମହାମାରୀ ବୋଲି ଘୋଷଣା କରି ସାରା ବିଶ୍ୱରେ ଲକ୍‌ଡାଉନ୍ ଘୋଷଣା ହୋଇ ଚାଲିଛି ତାକୁ ପୁଣି ମା'ର ଆସନ !

ପ୍ରିୟ ପାଠକ ପାଠିକାଗଣ ! ମନେପକାନ୍ତୁ ଆଗକାଳର କଥା । ସେ କାଳେ ହଇଜା ଓ ବସନ୍ତ ଭଳି ମହାମାରୀ ଯେତେବେଳେ ବ୍ୟାପୁଥିଲା ସେତେବେଳେ ଠାକୁରାଣୀ ବିଜେ କରିଛନ୍ତି ବୋଲି ଗାଁ ଗହଳିରେ କେତେ ପୂଜା ଅର୍ଚ୍ଚନା ହେଉଥିଲା । ମା'ଙ୍କୁ ସନ୍ତୁଷ୍ଟ କଲେ ମା' ଆଉ ବିଜେ ନ ହୋଇ ଚାଲିଯିବେ ଏହି ବିଶ୍ୱାସ ଥିଲା । ଏକବିଂଶ ଶତାବ୍ଦୀରେ ଆମେ ଯେତେବେଳେ ଇନ୍ଦ୍ର ଚନ୍ଦ୍ର ମାନିବାକୁ ପ୍ରସ୍ତୁତ ନଥିଲେ ବିଜ୍ଞାନର ଜୟଯାତ୍ରା ଘୋଷଣା କରି ଚାଲିଥିଲେ ସେତେବେଳେ ମାଆ ଗୋଟିଏ ଅଦୃଶ୍ୟ ଭୂତାଣୁ ରୂପରେ ଆସି ନିଜର ଗୁଣ ଦେଖାଇ ଦେଇ ବିଶ୍ୱଜନଙ୍କୁ ତାଙ୍କର ପାଦ ତଳକୁ ନେଇ ଆସିଲେ । ଆମେ ମୂଢ଼ଜନେ କରୋନାକୁ ମା' କହିବା କି ନାହିଁ ବିଚାର କରିବାର କଥା ।

ମା' କହିଲେ ଆମେ ଯେଉଁ ମାତୃଶକ୍ତିକୁ ବୁଝୁଛୁ ତାଙ୍କର ଦୁଇଟି ରୂପ – ଗୋଟିଏ ଶାନ୍ତ ସୁଲଭ ମା'ର ସ୍ନେହ ସରାଗ ପ୍ରେମ ଓ ମମତାର ରୂପ ଆଉ ଗୋଟିଏ ହେଲା ମା'ର ହିଂସ୍ରରୂପ ଯେତେବେଳେ ସିଏ ସଂହାରକାରିଣୀ ରୂପ ନିଏ । କରୋନା ମା'ଙ୍କର ସଂହାର ରୂପ ଦେଖି ଆମେମାନେ ତ ଛାନିଆ ହୋଇଗଲେଣି ମାତ୍ର ମା'ଙ୍କ ଆବିର୍ଭାବ ଫଳରେ ତାଙ୍କର କୋପଦୃଷ୍ଟି ସହ ଯେଉଁ ଅମୃତ ଦୃଷ୍ଟି ପଡ଼ିଛି ସେ ବିଷୟରେ କେବେ ଆମେ ତର୍ଜମା କରିଛେ କି ?

ଇଂରାଜୀରେ ଗୋଟିଏ ଆପ୍ତ ବାକ୍ୟ ଅଛି – Every cloud has a silver lining. ଅର୍ଥାତ୍ ପ୍ରତ୍ୟେକ ଘନକୃଷ୍ଣ ବାଦଲରେ ଗୋଟିଏ ସ୍ୱର୍ଣ୍ଣିମ ରେଖାଟିଏ ଥାଏ । ସେମିତି ପ୍ରତ୍ୟେକ ବିପତ୍ତିରୁ ମଧ୍ୟ କିଛି ଶିକ୍ଷାଲାଭ କରାଯାଇପାରେ । ସେମିତି ହେଉଛି ମା' କରୋନା ଯାହାଙ୍କ ଆଗମନ ହୋଇଥିଲା ଚାଇନାରେ, ଡିସେମ୍ବର ମାସ ୨୦୧୯ ମସିହାରେ COVID-19 ନାମରେ । ସେହି କରୋନା ର ପ୍ରଥମ ପ୍ରବେଶ ଖବର ଭାରତବର୍ଷର ଖବରକାଗଜ ପୃଷ୍ଠା ମଣ୍ଡନ କଲା ୨୦୨୦ ମସିହା ଜାନୁୟାରୀ ମାସ ୩୦ ତାରିଖରେ । ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ବେଳେ ଘୋଷଣା ହେଲା କେରଳ ରାଜ୍ୟର ତ୍ରିଚୁର ଜିଲ୍ଲାର ଜଣେ ଛାତ୍ର ଯେ କି ଚାଇନା ଓ୍ୱାହାନ୍‌ରୁ ଫେରିଥିଲା ତା' ଦେହରେ କରୋନା ଲକ୍ଷଣ ପ୍ରକାଶ ପାଇଛି ।

ତା'ପରେ ଆରମ୍ଭ ହେଲା କରୋନା ସମ୍ପର୍କରେ ସତର୍କ ଘୋଷଣା । କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ଜ୍ୱର, କଫ, କାଶ, ମୁଣ୍ଡବିନ୍ଧା, ଗଳାଦରଜ ଏପରିକି ଝାଡ଼ା ମଧ୍ୟ ହୋଇ ନିମୋନିଆ ଆଡ଼କୁ ଗତିକରି ଶ୍ୱାସକ୍ରିୟାକୁ ଆକ୍ରମଣ କରି ଫୁସ୍‌ଫୁସ୍‌କୁ ଦୁର୍ବଳ କରିଦିଏ । ଏ ଥିଲା ପ୍ରଥମ ବର୍ଷ ମାନେ ୨୦୨୦ର ଲକ୍ଷଣର ଚେତାବନୀ ଯେଉଁ ସମୟରେ ଭେଣ୍ଟିଲେଟର, ଆଇ.ସି.ୟୁ ଓ ସ୍ୱତନ୍ତ୍ର କୋଭିଡ ହସ୍‌ପିଟାଲ୍ ପୃଷ୍ଠା ମଣ୍ଡନ କଲେ କିନ୍ତୁ ୨୦୨୧ ବେଳକୁ ପୁଣି ନୂଆରୂପରେ କରୋନା ମହାମାରୀ ପ୍ରବେଶ କଲେ ଡେଲ୍‌ଟା ଯୁକ୍ତ ମହାମାରୀ ରୂପେ । ସାରା ଭାରତବର୍ଷରେ ଆରମ୍ଭ ହୋଇଗଲା ଅକ୍ସିଜେନ୍‌ର ସଂକଟ । ପ୍ରତି ଡାକ୍ତରଖାନାରେ ଅକ୍ସିଜେନ୍ ସିଲିଣ୍ଡର ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ପଡ଼ିଲା । ବିନା ଅକ୍ସିଜେନ୍‌ରେ କରୋନା ଘାତକ ରୂପ ନେଇଗଲା ।

ଦୁଇବର୍ଷ ଧରି କରୋନାର କରାଳରୂପ ଦେଖି ମାନବ ସମାଜ ସିନା ବ୍ୟଥିତ ମାତ୍ର ସତରେ କ'ଣ କରୋନା କେତେ ନୂଆ ନୂଆ ବାଟ ଫିଟାଇ ନାହିଁ ?

ପ୍ରଥମେ ଦେଖନ୍ତୁ ଆମର କମ୍ପ୍ୟୁଟର ସଭ୍ୟତାକୁ ସାରା ବିଶ୍ୱରେ କମ୍ପ୍ୟୁଟର ହିଁ ଏକମାତ୍ର ମାଧ୍ୟମ ଯାହାକୁ ଆଧାର କରି ଅଧିକାଂଶ ଜିନିଷର ହିସାବ ନିକାଶ କରାଯାଉଅଛି । ଛୋଟ ତେଜରାତି ଦୋକାନଠାରୁ ମଲ୍‌ଟିନ୍ୟାସ୍‌ନାଲ୍ ସଂସ୍ଥା ପର୍ଯ୍ୟନ୍ତ କମ୍ପ୍ୟୁଟର ସାହାଯ୍ୟ ନ ନେଲେ ତାଙ୍କର କାର୍ଯ୍ୟ ନିର୍ବିଘ୍ନରେ ଅଳ୍ପ ସମୟରେ ସମ୍ପନ୍ନ ହେବା କଷ୍ଟକର ସେଥିପାଇଁ ଭାରତ ବର୍ଷର ଅଧିକାଂଶ ଇଂଜିନିୟରିଂ ଛାତ୍ରଛାତ୍ରୀ ଯେଉଁ ବିଭାଗରେ ଇଂଜିନିୟରିଂ ଡିଗ୍ରୀ ହାସଲ କରିଥିଲେ ମଧ୍ୟ କମ୍ପ୍ୟୁଟର ବିଭାଗ ସର୍ବଂସହା ଧରିତ୍ରୀ ଭଳି ସମସ୍ତଙ୍କ ପାଖକୁ ନେଇ ସଫ୍ଟୱେର ଇଂଜିନିୟର କରି ଗଢ଼ିଦେଲେ । ଦିନ ନାହିଁ ରାତି ନାହିଁ ଭାରତର ଅଧିକାଂଶ କମ୍ପ୍ୟୁଟର ସଂସ୍ଥା ବିଶ୍ୱର ବିଭିନ୍ନ ସଂସ୍ଥା ସହ ମେଳି ହୋଇ କମ୍ପ୍ୟୁଟର ମାଧ୍ୟମରେ ଇଂଜିନିୟରମାନଙ୍କୁ ନେଇ ତାଙ୍କର କାର୍ଯ୍ୟ କରିଚାଲିଥିଲେ । ଯେତେବେଳେ ପ୍ରଥମ ଲକ୍‌ଡାଉନ୍ ଆରମ୍ଭ ହେଲା ସେତେବେଳେ କେହି ଘରୁ ବାହାରକୁ ଯିବାକୁ ମନା ହୋଇଗଲା ।

ସେତେବେଳେ କମ୍ପ୍ୟୁଟର ସଂସ୍ଥାମାନେ ସଙ୍ଗେ ସଙ୍ଗେ ଘୋଷଣା କଲେ 'ୱାର୍କ ଫ୍ରମ୍ ହୋମ୍' । ଘରେ ବସି କାମ କର । ହେ କମ୍ପ୍ୟୁଟର ଇଂଜିନିୟରଗଣ ତୁମ ପାଖରେ ତ ଅଛି ଅମୋଘ ଅସ୍ତ୍ର ଲାପଟପ୍ କମ୍ପ୍ୟୁଟର । ଯେଉଁ କାମ ପାଇଁ ଘରୁ କାକସ୍ନାନ, ଗଧଭୋଜନ କରି କୁକୁର ଧାଉଡ଼ି ଭଳି ଗାଡ଼ି ଚଳାଇ ଅଫିସ୍‌କୁ ଆସି କାମ କରୁଥିଲ ସେଇ କାମ ତମ ନିଜ ଲ୍ୟାପ୍‌ଟପରେ କର । ତମର ଯିବାଆସିବା ସମୟ ବଞ୍ଚିବ ଖର୍ଚ୍ଚ ବି ବଞ୍ଚିବ ଏଣେ ଘରେ ରହି ଘରୋଇ ପରିବେଶର ଆନନ୍ଦ ପାଇବ । ରାତି ଡେରି ହେଲେ ମଧ୍ୟ କିଛି ଘରକୁ ଯିବାର ଚିନ୍ତା ରହିବ ନାହିଁ । ଏଣେ କମ୍ପ୍ୟୁଟର କମ୍ପାନୀର ଚାକିରିଆମାନେ ଆବିଷ୍କାର କଲେ ସେମାନେ ବହୁତ ସମୟ ଓ ପଇସା ବଞ୍ଚାଇ ପାରୁଛନ୍ତି ତେଣେ କମ୍ପ୍ୟୁଟର କମ୍ପାନୀଗଣ ଦେଖିଲେ ସଂସ୍ଥାର ବଡ଼ ବଡ଼ ଅଫିସ୍‌କୁ ସହରର ମୁଖ୍ୟ ସ୍ଥାନରେ ଅତ୍ୟଧିକ ଭଡ଼ା ଦେଇ ପୁଣି ସବୁ କୋଠରୀକୁ ଶୀତତାପ ନିୟନ୍ତ୍ରିତ ରଖି କାମ କରାଇବାର ଖର୍ଚ୍ଚଠାରୁ ଘରେ ରହି କାମ କରାଇବାରେ ବହୁତ କମ୍ ଖର୍ଚ୍ଚରେ ହୋଇପାରୁଛି । ବହୁ ସଂସ୍ଥା ସେମାନଙ୍କର କାର୍ଯ୍ୟାଳୟର ଆୟତନକୁ କମାଇ ଅଳ୍ପ ଲୋକ ରଖିଲେ ଓ ସମସ୍ତଙ୍କୁ ଘରୁ କାମ କରିବାର ନିର୍ଦ୍ଦେଶ ଦେଲେ । କରୋନାମାୟୀ ଏହାଦ୍ୱାରା ବହୁ ସଂସ୍ଥା ଖର୍ଚ୍ଚକାଟ କରିପାରିଲେ ଓ ବହୁ ଇଂଜିନିୟର ଯେଉଁ ସହରରେ କାମ କରୁଥିଲେ ସେ ସହରରେ ନରହି ନିଜ ନିଜର ବାପା ମା'ମାନଙ୍କ ପାଖକୁ ଆସି କାମ କରିବାରେ ଲାଗିଲେ । ଏହା ଦ୍ୱାରା ପ୍ରତି ପରିବାରରେ ମିଳନର ପର୍ବ ଆରମ୍ଭ ହୋଇଗଲା । ପିଲାମାନେ ଖୁସ୍ ତାଙ୍କ ବାପା ମା' ଖୁସ୍ । ଘରେ ନାତିନାତୁଣୀଙ୍କୁ ଖେଳାଇବାରେ ଆନନ୍ଦ, ସେପଟେ କମ୍ପାନୀ ଖୁସ୍, କାମ ଅଧିକ ଆଦାୟ ଏଣେ ଖର୍ଚ୍ଚ କମ୍ । ଏ କ'ଣ କରୋନାମାୟୀଙ୍କ ମହିମା ନୁହେଁ ?

ଆଉ ଗୋଟିଏ ବଡ଼ ଜିନିଷ ଆବିଷ୍କାର ହେଲା ସଭା ସମିତି ପରିଚାଳନା । ପ୍ରାକ୍ କରୋନା କାଳରେ ଯେତେ ଯେତେ ସଭା ସମିତି ହେଉଥିଲା ସେଥିରେ ଶ୍ରୋତାଙ୍କ ଉପସ୍ଥିତି ଥିଲା ଗୋଟିଏ ବଡ଼ ଚ୍ୟାଲେଞ୍ଜ । ଶ୍ରୋତାଙ୍କୁ ବାପାଲୋ, ଧନଲୋ କହି ସଭାସ୍ଥାନକୁ ଡାକିବା ତେଣେ ଜଳଯୋଗ କିମ୍ବା ଭୋଜନର ବ୍ୟବସ୍ଥା କରିବା ଏଣେ ହଲ୍‌ଖୋଜି ଖୋଜି ପଇସା ଅଗ୍ରୀମ ଦେଇ ସଭା ଆୟୋଜନ କରିବା ଏକ ବିରାଟ ଚାଲେଞ୍ଜ ଥିଲା । ସେଥିରେ ପୁଣି ବକ୍ତାମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ପାଇଁ ଯାନବାହାନ ଯୋଗାଡ଼ କରି ସଭା ସରିଲା ବେଳକୁ ଉଦ୍ୟୋକ୍ତା ବେଶ୍ ଗଳଦ୍‌ଘର୍ମ ହେଉଥିଲେ । କରୋନା ସମୟରେ ସଭାସମିତି ବନ୍ଦ ହୋଇଗଲା ମାତ୍ର ଭର୍ଚୁଆଲ୍ ସଭାର ପ୍ରଚଳନ ହୋଇଗଲା । ସମସ୍ତେ ଘରେ କିନ୍ତୁ ମୋବାଇଲ୍ ଫୋନ୍‌ର ପରଦା କିମ୍ବା କମ୍ପ୍ୟୁଟର ପରଦାରେ ସମସ୍ତେ ଏକାବେଳକେ ଆବିର୍ଭାବ ହୋଇଯିବେ । ଏହି ଭର୍ଚୁଆଲ୍ ସଭା ପୁରୁଣା ଢଙ୍ଗର ହଲ୍ ମଧ୍ୟରେ ଥିବା ସଭାଠାରୁ ବହୁଗୁଣରେ ଉନ୍ନତ ହେବାରେ ଲାଗିଲା । ଏହି ସଭାରେ ସମସ୍ତେ ଘରେ ବସିଲେ – ଯିବା ଆସିବା ସମୟ ନଷ୍ଟ ହେଲା ନାହିଁ କିମ୍ବା ଯାତାୟତ ଖର୍ଚ୍ଚ ହେଲାନାହିଁ କିନ୍ତୁ ବିଭିନ୍ନ ବକ୍ତାଙ୍କୁ ଶୁଣିବାର ସୁଯୋଗ ମିଳିଲା । ଏହି ଭର୍ଚୁଆଲ୍ ସଭା ଗୋଟିଏ ସହରରେ ସୀମିତ ରହିଲା ନାହିଁ । ଏହା ସହର ନୁହେଁ, ରାଜ୍ୟ ନୁହେଁ, ରାଷ୍ଟ୍ରକୁ ମଧ୍ୟ ଅତିକ୍ରମ କରି ବିଶ୍ୱର ବିଭିନ୍ନ ପ୍ରାନ୍ତର ଅତିଥି ଓ ଦର୍ଶକ ଯୋଗ ଦେବାକୁ ଲାଗିଲେ । ପ୍ରଥମେ ସଭାସ୍ଥଳରେ ହଲ୍‌ର ବସିବା କ୍ଷମତା ନେଇ ସଭା ହେଉଥିଲା ଏବେ ତାର କୌଣସି ପ୍ରତିବନ୍ଧକ ରହିଲା ନାହିଁ । ଗୋଟିଏ ଗୋଟିଏ ସଭାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ୫୦୦ରୁ ଊର୍ଦ୍ଧ୍ୱ ମଧ୍ୟ ବ୍ୟକ୍ତି ଭାଗ ନେଇ ପାରୁଛନ୍ତି ।

ପୁଣି କରୋନା ଦେଲା ଆଉ ଗୋଟିଏ କଟକଣା । ବିଗ୍ ବଜାର, ମଲ୍ ଇତ୍ୟାଦି ବଡ଼ ବଡ଼ ଦୋକାନ ଖୋଲିପାରିବ ନାହିଁ କାରଣ ଏଠାରେ ବହୁତ ଭିଡ଼ ହେଲେ କରୋନା ବ୍ୟାପିବାର ସମ୍ଭାବନା ଅଧିକ । କରୋନା ଡାକେ ଡାକେ ଗଲେ ବ୍ୟବସାୟୀଗଣ ପତ୍ରେ ପତ୍ରେ ଯିବା ଆରମ୍ଭ କଲେ । ଆରମ୍ଭ ହେଲା 'ଡୋର ଡେଲିଭରୀ' ବା ଘରେ ପହଞ୍ଚାଇବାର ବ୍ୟବସ୍ଥା । ଗ୍ରାହକ ଫୋନ୍ ମାଧ୍ୟମରେ ବିଭିନ୍ନ ମଲ୍‌କୁ ତାଙ୍କର ଆବଶ୍ୟକତା ମୁତାବକ ଜିନିଷର ତାଲିକା ପଠାଇଦେଲେ ୨୪ ଘଣ୍ଟା ଭିତରେ ଜିନିଷ ଆସି ଘରେ ହାଜର । ଏତେ ଟଙ୍କା ପଇସାକୁ ହାତରେ ଧରିଲେ କରୋନା ବ୍ୟାପିବାର ଭୟ ଥିବାରୁ ଆରମ୍ଭ ହେଲା ଗୁଗୁଲ୍ ପେ, ପେଟିଏମ୍, ଫୋନ୍-ପେ କିମ୍ବା ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଚାଲାଣ ଯେଉଁଠି ଟଙ୍କା ସହ କୌଣସି ଯୋଗସୂତ୍ର ରହିବ ନାହିଁ ମାତ୍ର ଗ୍ରାହକ ଟଙ୍କା ଦେବ ଓ ଦୋକାନୀ ଜିନିଷ ଦେଇ ଟଙ୍କା ପାଇଯିବ । ଏହିଭଳି ଦ୍ୱାର ପାଖରେ ସେବା ମାଧ୍ୟମରେ ମଧ୍ୟ ମାଛ, ମାଂସ, ଚିକେନ ଏପରିକି ପରିବା ଉପଲବ୍ଧି ହେବାରେ ଲାଗିଲା ଯାହା ଫଳରେ ବେପାରୀ ଓ ଗ୍ରାହକ ଦୁହେଁ ଉପକୃତ ହେଲେ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କେବଳ ନୁହେଁ ବିଦେଶୀ ମଦ ଭଳି ଜିନିଷ ମଧ୍ୟ ଦ୍ୱାର ଦେଶରେ ପହଞ୍ଚିବା ଆରମ୍ଭ ହୋଇପାରିଲା ।

କରୋନା ଆଉ ଗୋଟିଏ ଖର୍ଚ୍ଚକାଟର ବାଟ ଫିଟାଇ ଦେଲା । ଆମମାନଙ୍କର ସଂସ୍କୃତିରେ ବିବାହ ବ୍ରତ ଗୋଟିଏ କାର୍ଯ୍ୟକ୍ରମ ଯେଉଁଥିରେ ନିଜର ମିଛ ବଡ଼ଲୋକି ଦେଖାଇବା ଭଳି କାର୍ଯ୍ୟ କରାଯାଏ ଯେଉଁଥିରେ କନ୍ୟା ପିତା ଓ ବର ପିତା ଲୋକ ଦେଖାଣିଆ ଜିନିଷରେ ଖର୍ଚ୍ଚ କରି ତଳିତଳାନ୍ତ ହୋଇଯାନ୍ତି... ବିବାହ ମଣ୍ଡପ ବୁକିଂଠାରୁ ଆରମ୍ଭ କରି ବିବାହ କାର୍ଯ୍ୟ ସରିବା ମଧ୍ୟରେ ଆଜିକାଲି ଯେଉଁ ନୂଆ ନୂଆ କାର୍ଯ୍ୟକ୍ରମ ଯୋଡ଼ା ହୋଇଚାଲିଛି ସେଥିରେ ବିବାହ ଆଉ ଗୋଟିଏ ଦିନରେ ସୀମିତ ରହୁନାହିଁ ବରଂ ତିନି ଚାରିଦିନ ବ୍ୟାପୁଛି । ଗୋଟିଏ ଆରମ୍ଭହେଉଛି ମେହେନ୍ଦି ଯେଉଁଠାରେ ବର ଘର ହେଉ ବା କନ୍ୟାଘର ହେଉ ବିବାହ ଉତ୍ସବରେ ଯୋଗ ଦେଉଥିବା ମହିଳାମାନେ ହାତରେ ମେହେନ୍ଦି ଲଗାଇବା କାର୍ଯ୍ୟକ୍ରମ । ତା'ପରେ ହେଉଛି ସଙ୍ଗୀତ । ବିବାହ ପୂର୍ବରୁ ବରଘର ଓ କନ୍ୟାଘରର ଗୋଟିଏ ଲେଖାଏଁ ସଙ୍ଗୀତ ଆସର ରହୁଛି ଯେଉଁଠାରେ ଗୀତ ନାଚ ପ୍ରାଧାନ୍ୟ ବିସ୍ତାର କରୁଛି । ତା'ପରେ ବର ଘର ଥିଲେ ବରଯାତ୍ରୀ କନ୍ୟା ଘରେ ଭୋଜି ସହ ବରଯାତ୍ରୀଙ୍କ ଅତିଥି ସତ୍କାର ସବୁଥିରେ ଭିଡ଼ ଯେମିତି ଖର୍ଚ୍ଚ ସେମିତି । ବିବାହ ମଣ୍ଡପ ବୁକିଂ, ବାହାଘର ଭୋଜି ଦିନର ସାଜସଜ୍ଜା ଭୋଜିଭାତ ଯେଉଁଥିରେ ଆଜିକାଲି ଗୋଟିଏ ନିରାମିଷରେ ଅତିଥିମାନେ ସନ୍ତୁଷ୍ଟ ହେଉନାହାନ୍ତି । ମାଛ, ମାଂସ, ଚିକେନ୍, ଚିଙ୍ଗୁଡ଼ି ଏପରିକି ପାଞ୍ଚପ୍ରକାର ମିଠା । ଆମିଷ ଓ ନିରାମିଷର ବିଭିନ୍ନ ବିଭାଗରେ ଖର୍ଚ୍ଚ ବଢ଼ିଚାଲେ । କରୋନା ପାଇଁ ଯେତେବେଳେ ମାତ୍ର ୫୦ରେ ଅତିଥି ସଂଖ୍ୟା ସୀମିତ ରଖିବା ପାଇଁ ନିର୍ଦ୍ଦେଶନାମା ହେଲା ସେତେବେଳେ କେତେ ଉଶ୍ୱାସ ହୋଇଗଲା ବରକନ୍ୟାପିତାଙ୍କର ବୋଝ ! କରୋନା ଯେମିତି ଶିଖାଇଦେଲା ବିବାହ ବନ୍ଧନ ହେଉଛି ପବିତ୍ର ବନ୍ଧନ । ବାହ୍ୟ ଖର୍ଚ୍ଚ ହେଉଛି ବହୁ ଆଡ଼ମ୍ବର ତା'ର ନାହିଁ ପ୍ରୟୋଜନ ।

କରୋନାର ଆଉ ଗୋଟିଏ ଦିଗ ହେଲା ପରିବାର ମଧ୍ୟରେ ଯେଉଁ ଏକାଠି ହେବାର ଆନନ୍ଦ। ବୃଦ୍ଧ ପିତା ମାତା ଗୋଟିଏ ସ୍ଥାନରେ, ପିଲାମାନେ ଚାକିରୀ ପାଇଁ ବିଭିନ୍ନ ସହରରେ ମାତ୍ର ଯେତେବେଳେ ଘରୁ କାମ କରିବାର ସୁଯୋଗ ମିଳିଲା ପରିବାରରେ ଗୋଟିଏ ମଧୁର ମିଳନର ବାତାବରଣ ଆରମ୍ଭ ହୋଇଗଲା। ପତ୍ନୀମାନେ ପତିଙ୍କୁ ଘରେ ରହିବାର ସାନ୍ନିଧ୍ୟ ପାଇଲେ। ପତିମାନେ ମଧ୍ୟ ପତ୍ନୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇଲେ। ବହୁସ୍ଥାନରେ ପତିମାନେ ରୋଷେଇରେ ପାରଙ୍ଗମ ହୋଇଗଲେ। କିଛି ପରିବାରରେ ବିବାହ ବିଚ୍ଛେଦ ହୋଇ ଛାଡ଼ପତ୍ର ଦେବା ଚିନ୍ତା କରୁଥିବା ଦମ୍ପତି କରୋନା ପାଇଁ ଏକତ୍ର ସହାବସ୍ଥାନ କରୁ କରୁ ବିଚ୍ଛେଦ କଥା ଭୁଲି ପୁଣି ମିଳନ ପାଇଁ ଆଗେଇ ଆସିଲେ।

କରୋନା କେବଳ ରୋଗ ଆକାରରେ ଆତଙ୍କ ଖେଳାଇଲା ନାହିଁ ସାରା ବିଶ୍ୱ ଆଗରେ ଭାରତର ମାନ ଉଚ୍ଚ କରିଦେଲା। ଭାରତ ବିଶେଷ କରି ଉତ୍କଳ ପ୍ରଦେଶର ସାଧକମାନେ କେତେ ଦୂରଦୃଷ୍ଟିସମ୍ପନ୍ନ ଥିଲେ ତାର ଉଦାହରଣ ଦେଇ ପାରିଲା। ଅଚ୍ୟୁତାନନ୍ଦ ମାଳିକାକୁ ଉଦ୍ଧାର କରି –

ବଳଦ ସମ ପ୍ରାୟେ ହୋଇ<br>
ମୁହଁରେ ବାନ୍ଧିବେ ତୁଣ୍ଡି ସେହି<br>
ଭୈରବ ଆସି ଦେବ ଡାକ<br>
ଗୃହେ ଲୁଚିବେ ସବୁ ଲୋକ।<br>
ସେହିଭଳି –<br>
ଘରେ ଘରେ ତାଟି କବାଟ ପଡ଼ିବ<br>
ଗ୍ରାମେ ବୁଲିବେ ଶୃଗାଳ<br>
ବଇଦ ବାପୁଡ଼ା ରୋଗ ନ ଚିହ୍ନିବ<br>
ଖାଇବେ ଶ୍ୱାନ ଶୃଗାଳ।

ସାରା ବିଶ୍ୱ ଏପରିକି ଜାତିସଂଘ କଟକଣା ଜାହିର୍ କଲା ଦୂରତା ରକ୍ଷାକରନ୍ତୁ, ପରସ୍ପର ସହ ହାତ ମିଳାନ୍ତୁ ନାହିଁ, ଦେଖିବା ମାତ୍ରେ ଆଲିଙ୍ଗନ କରିବା ଅଭ୍ୟାସ ଛାଡ଼ନ୍ତୁ।

ଜାତିସଂଘ ପକ୍ଷରୁ ବିଶ୍ୱର ଏହି ଉପଦେଶ ଶୁଣି ଭାରତୀୟ ସଂସ୍କୃତିର ଗବେଷକମାନେ ଛାତି ଫୁଲାଇ କହିଲେ – କେତେ ଦୂରଦ୍ରଷ୍ଟା ଥିଲେ ଆମ ଭାରତୀୟ ସଂସ୍କୃତିର ପୁରୋଧାଗଣ। ଆମ ସଂସ୍କୃତିରେ ଜଣକୁ ଦେଖିଲା ମାତ୍ରେ ହାତଯୋଡ଼ି ପ୍ରଣାମ କରିବା ହେଲା ନିୟମ। ଆଲିଙ୍ଗନ ସ୍ଥାନରେ ଥିଲା ଭୂମିଷ୍ଠ ପ୍ରଣାମ। କେହି କାହାକୁ ସ୍ପର୍ଶ କରିପାରିବେ ନାହିଁ ମାତ୍ର ଭାବ ବିନିମୟ କରିପାରିବେ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ କହିଲା ହାତ ଗୋଡ଼ ଧୋଇ ଘରେ ପ୍ରବେଶ କରନ୍ତୁ, ଭାରତୀୟ ସଂସ୍କୃତିର ପ୍ରବକ୍ତାମାନେ କହିଲେ ଏ ତ ଆମ ସଂସ୍କୃତିରେ ବହୁ କାଳରୁ ଚଳି ଆସୁଛି।

କରୋନା ଯୋଗୁଁ ଭାରତୀୟମାନେ ବିଶ୍ୱବାସୀଙ୍କ ସାମ୍ନାରେ ଛାତି ଫୁଲାଇ ଚାଲିପାରିଲେ। ପରିବେଶବିତ୍‌ମାନଙ୍କ ପାଇଁ କରୋନା ନେଲା ମହା ସନ୍ଦେଶ। ଯେତେବେଳେ ଯାନ ବାହନ ଚଳପ୍ରଚଳ ପାଇଁ କଟକଣା କରାଗଲା ଦେଖାଗଲା ଏ ଆକାଶ କେତେ ନିର୍ମଳ ଦିଶୁଛି। ତାରାମାନେ କେତେ ଉଜ୍ଜ୍ୱଳ ଦେଖାଯାଉଛନ୍ତି। ଉପରେ ଥିବା ଜିନିଷ କେତେ ସ୍ୱଚ୍ଛ ପ୍ରତୀୟମାନ ହେଉଛନ୍ତି। ଏତେ ନିର୍ମଳ ବାତାବରଣର ଝଲକ ବିଶ୍ୱବାସୀ ପାଇପାରିଲେ।

କରୋନା ପୁଣି ପୃଥିବୀବ୍ୟାପି ବୈଜ୍ଞାନିକମାନଙ୍କୁ ଦେଖା ଆହ୍ୱାନ – ସତର୍କବାଣୀ, ହେ ମାନବଜାତି ଧ୍ୱଂସ ହେବା ଆଗରୁ ଟିକା ଉଦ୍ଭାବନ କର। ତାପରେ ଆସିଗଲା ଟିକା, ଯାହାକୁ ବିଭିନ୍ନ ରାଷ୍ଟ୍ର ଉଦ୍ଭାବନ କଲେ ଓ ପର୍ଯ୍ୟାୟକ୍ରମେ ବୟସ୍କ ବ୍ୟକ୍ତିମାନଙ୍କ ଠାରୁ ଆରମ୍ଭ କରି ଶିଶୁମାନଙ୍କ ପାଇଁ ଦେବାର ବ୍ୟବସ୍ଥା ହେଲା।

କରୋନା ଯୋଗୁଁ ଆମ ଓଡ଼ିଶା ରାଜ୍ୟରେ କେତେ ନୂଆ ନୂଆ କଥା ସୃଷ୍ଟି ହେଲା। କୋଭିଡ୍ ଡାକ୍ତରଖାନାମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଗଲା। କରୋନା ନିୟନ୍ତ୍ରଣ ପାଇଁ ପଞ୍ଚାୟତରେ ସରପଞ୍ଚଙ୍କୁ ମଧ୍ୟ ଜିଲ୍ଲାପାଳ କ୍ଷମତା ପ୍ରଦାନ କରାଗଲା। ଏସବୁ କରୋନା କାଳର ଗୋଟିଏ ଲେଖାଏ ଉତ୍କୃଷ୍ଟ ଉଦାହରଣ।

ପ୍ରିୟ ପାଠକ ପାଠିକାଗଣ ! ଆପଣମାନେ ନିଜେ ତଳେଇ କରି ଦେଖିଲେ ହୃଦୟଙ୍ଗମ କରିବେ ଯେ କରୋନା ଯୋଗୁଁ ସଂସାରରେ ବହୁ କିଛି ପରିବର୍ତ୍ତନ ହୋଇପାରିଛି। ଘରର ପୁରୁଷମାନେ ରୋଷେଇ କରିପାରୁଛନ୍ତି ଏପରିକି ବାସନମଜା, ଲୁଗାସଫା, ଘରଝାଡୁ କାମ କରିପାରୁଛନ୍ତି। ସ୍ତ୍ରୀମାନେ ନୂଆ ନୂଆ ରୋଷେଇ କରି ପରିବାରର ସମସ୍ତଙ୍କୁ ଖୁଆଇ ପାରୁଛନ୍ତି। ବହୁ ଅପୂର୍ଣ୍ଣ କାର୍ଯ୍ୟ ଯାହା କରିପାରୁନଥିଲେ ସମୟ ଅଭାବରୁ ତାହା ଏବେ କରିପାରୁଛନ୍ତି।

ଏମିତି କ'ଣ ଅବସ୍ଥା ଆସିଥାନ୍ତା ଯଦି କରୋନା ମହାମାରୀ ମହାମାୟୀ ରୂପେ ଆସି ନଥାନ୍ତା ? ତେଣୁ କରୋନା ମା'ର କରୁଣାକୁ ଦେଖି କହିବା 'କରୋନାଙ୍କୁ କରନାହିଁ ନା।'

ଏ-୬୬, ଅନନ୍ୟା, ପିପିଏଲ୍ ହାଉସିଂ କଲୋନୀ,<br>
ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୧୦୧୯<br>
ମୋ: ୯୪୩୭୫୭୪୬୪୯

ဢ୦ଔ

# ଧର ଅବା ମାର

*ତପନ ମହାପାତ୍ର*

ତାଙ୍କୁ ଆମର ଭୀଷଣ ଭୟ । ଘୃଣା ବି । ସେ ଠିଆ ହୋଇଥିଲେ ଆମେ ବାଟ ଭାଙ୍ଗିଦେଉ । କେବେ ଲୁଚି ଛପି ଯାଉ । ସେତିକି ନୁହେଁ ତାଙ୍କ ନାଁ ବି ଥିଲା ଆମପାଇଁ ଆତଙ୍କ ।

ଖୁବ୍ ଡେଙ୍ଗା ଚେହେରାର କଳା ମଚମଚ ଲୋକ ସେ । ଦୁଆରେ ବସିଥିଲେ ଅଧା କାନ୍ଥକୁ ଛୁଉଁଥିବ ମୁଣ୍ଡ । ହାତରେ ଦି' ଦି'ଟା ବନ୍ଧୁକ । କେବେ ତୁଳା, ତେଲରେ ନଳୀ ପୋଛୁଥିବେ କେତେବେଳେ ଟ୍ରିଗାରରେ ଆଙ୍ଗୁଠି ଚାପ ଦେଇ ଗୋଟେ ଆଖିରେ ଏକ ନର୍ଦ୍ଦିଷ୍ଟ ଦିଗକୁ ଲକ୍ଷ୍ୟ କରୁଥିବେ ।

ଏବେଳେ ଆମେ ଯେଉଁ ପିଲା ଅଝଟ ହେଉ ମୁରବିମାନେ ଦାଣ୍ଡକୁ ଅଣାଇ ତାଙ୍କୁ ଦେଖାଇ ଦିଅନ୍ତି । କେବେ ସେ ପାଟିକରି ଗୁଳି ଫୁଟାଇ ଦେବି କୁହନ୍ତି କେତେବେଳେ ବିନା ବନ୍ଧୁକରେ ଖାଲି ଚାହିଁ ଦିଅନ୍ତି ।

କି ଭୟଙ୍କର ଆଖି ସେ !

ଶିକାରୀର ଆଖି । ଗୋଟେ ଆଖି ବୁଜି ଆର ଆଖିରେ ଡୋଳା ବଡ କରି ଥୟରେ ଚାହିଁଦେବେ ଯଦି, ଦେହ କାଠ ହୋଇଯିବ । ଆମ ଚିର୍ ଚିରା ରଡ଼ିରେ ଦାଣ୍ଡ ଫାଟିବ ।

ଆଉ ଚାଲି !

ନଦେଖିଲା ଲୋକ ବିଶ୍ୱାସ କରିପାରିବ ନାହିଁ; ଏଡେ ଲୋକଟାଏ ଏତେ ଜୋର୍‌ରେ ଧାଇଁବା ପରି ଚାଲୁଛି ଅଥଚ ଶବ୍ଦ ଟିକିଏ ନାହିଁ !

ସେ ଚାଲି କେତେଥର ଆମ ହାତ ପାଦର ଦୁଷ୍ଟାମି ପଛରେ ଠିଆ ହୋଇ ଏକମୁହାଁ ଘରକୁ ଫେରାଇଛି । ପିଲାମନର କେତେ କେତେ ଯୋଜନା ଭଣ୍ଡୁର କରିଛି ।

ଥରେ ଥରେ ନିଶୂନ ରାତିରେ ମୁଣ୍ଡରେ ଶିକାରୀ ଆଲୁଅର ପଟି ବାନ୍ଧି ଛାତ ଉପରେ ଛିଡା ହେବେ । ଘଞ୍ଚ ଜଙ୍ଗଲ ଆଡ଼ର ପକ୍ଷୀଙ୍କ ଗମନାଗମନକୁ ନିରେଖି ଫୁଟାଇଦେବେ ଗୋଟେ ଗୋଟେ ଗୁଳି । ଗୋଟେ ଯୋଡ଼େ ବାଦୁଡ଼ି ଖସି ପଡ଼ନ୍ତି ସେଥିରେ ।

ମାତ୍ର ଆମେ ! ଏ ଆଲୁଅରେ ଚମକିଛୁ । ଗୁଳିରେ ଚମକିଛୁ । ତାଙ୍କ ଆଖି ଆକଟରେ ଚିହିରା ଛାଡିଛୁ । ଭୟ କରିବୁ ନାହିଁ କେମିତି ?

ପରେ ପରେ ଏ ଭୟ ସହିତ ଯୋଡି ହୋଇଗଲା ଘୃଣା । ଯେତେବେଳେ ଶୁଣିଲୁ ସେ ଗୋଟେ ହାତୀ ମାରି ଦେଇଛନ୍ତି ।

ଚନ୍ଦକା ଅଞ୍ଚଳରୁ ବାହାବା ସାଉଁଟି, ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇ, ଇଷତ୍ ହଳଦୀ ରଙ୍ଗର ବିରାଟ ବିରାଟ ଦୁଇଟି ଦାନ୍ତ ଧରି ସେ ଆସିଥିଲେ ବି ସେ ଗର୍ବ ବା ଗୌରବ ପ୍ରତି ଆମର କୌଣସି ଆଗ୍ରହ ନଥିଲା । ବରଂ ମା' ମହାଲକ୍ଷ୍ମୀଙ୍କ ବାହାନକୁ ମାରି ପ୍ରତ୍ୟକ୍ଷ ବା ପରୋକ୍ଷରେ ଯଶ ଅପେକ୍ଷା ବେଶି ଅପଯଶ ଆମେ ଶୁଣିଥିଲୁ ମୁରବି ମାନଙ୍କ ଆଲୋଚନାରେ ।

ଏ ଆଲୋଚନା ବେଳେ ଆମ ମନରେ ଧାରଣା ଆସିଲା, ଏ ଲୋକଟା ପାଗେଳା ହାତୀକୁ ମାରିଦେଲା; ହାତୀ ଏକୁ କାହିଁକି ମାରିଦେଲା ନାହିଁ ? ଭଲ ହୋଇ ଥାନ୍ତା ।

ଏମିତି ଭୟ, ଏମିତି ଘୃଣା ଆମର ଅନେକ ଦିନ ଯାଏ ବଳବତ୍ତର ଥିଲା । ମାତ୍ର ସମୟର ପ୍ରଭାବରେ ଆମେ ଯୁବକ ହୋଇଗଲୁ ସେ ସମ୍ପୂର୍ଣ୍ଣ କ୍ଷୀଣ ଦୃଷ୍ଟିଶକ୍ତିରେ ବିନା ବନ୍ଧୁକରେ ବୁଢା ହୋଇ ବସି ରହିଲେ ଦାଣ୍ଡ ଦୁଆରେ ।

ସେତେବେଳେ ଆମେ ଯାଇ ତାଙ୍କ ପାଖାପାଖି ହେଲୁ । ଶୁଣି ବସିଲୁ କିଛି କିଛି ଶିକାର କାହାଣୀ । ଖୁବ୍ ରଚିକର, ରୋମାଞ୍ଚକର ସେ ବର୍ଣ୍ଣନା । ନିଜ କଥାରେ ସେ କୁହନ୍ତି, ଜଙ୍ଗଲର ଯେମିତି ହାତୀ ସମ୍ପଦ ଶିକାରୀର ଆଖି ଆଉ ଚାଲି ହିଁ ତା'ର ସମ୍ପଦ ।

ଶିକାରୀ କେତେ ଦୂର ଯାଏଁ ଦି ଆଖିରେ ଦେଖି ପାରୁଛି, କେତେ ବାଟ ଗୋଟେ ଆଖିରେ ଦେଖି ପାରୁଛି, ଜଙ୍ଗଲରେ କେତେ ନିଃଶଙ୍କରେ ଆସ ଯା' କରିପାରୁଛି ତା' ଉପରେ ନିର୍ଭର କରେ ତା'ର ଶିକାର । ସେମିତି ନୋହିଲେ ମିରିଗ, ଠେକୁଆ, ଗୋଟେ ଜାତିର ବଣ ଚଢେଇ ଏତେ ତରକା ଯେ ଟିକେ ଶବ୍ଦ ଶୁଣିଲେ ତରକି ଯା'ନ୍ତି । ଜନ୍ତୁଜୁନ୍ତା ଥରେ ତରକିଲେ ଆଉ ତାଙ୍କ ପିଛା କରି ହେବନାହିଁ ।

ଆଉ ହାତୀ !

ଘ୍ରାଣ ଶକ୍ତି ଆଉ ଶ୍ରବଣଶକ୍ତି ଏତେ ପ୍ରଖର ଯେ ମଣିଷ ପୁଣି ଶିକାରୀ ଗନ୍ଧ ସେ ଖଣ୍ଡ ଦୂରରୁ ଜାଣିଯିବ । ତାକୁ ପାରିବା କ'ଣ ସହଜ ?

ପାଗେଳା ହାତୀ ନା ବନ ରଖିବ ନା ଜନ ! ସେଭଳି ହାତୀ ନମରିବା ଯାଏଁ ଅଞ୍ଚଳବାସୀ ରାତିରେ ନିଦ ଯିବେ ନାହିଁ। ତେଣୁ ହାତୀ କବଳରୁ ମୁକ୍ତି ପାଇଁ ଦୁଇଟି ଉପାୟ। ଧର ଅବା ମାର।

ତାଙ୍କୁ ନେଇ ଏ 'ମାର' ଶବ୍ଦଟା ଆମେ ଶୁଣିଥିଲୁ, କିନ୍ତୁ 'ଧର' ଶବ୍ଦଟା ଶୁଣିଲୁ ତାଙ୍କ ମୁହଁରୁ। ସେତେବେଳ ଯାଏ ଆମେ କେବଳ ଯୁଦ୍ଧରେ ହାତୀ ପ୍ରୟୋଗ ହେବା ଅବା ବିଭିନ୍ନ କାମରେ ତାକୁ ନିୟୋଜିତ କରିବା ଆଦି ଶୁଣିଥିଲୁ, ପଢିଥିଲୁ ସିନା ହାତୀ ଧରାଯିବା କଥା, ଆମର ଧାରଣା ନଥିଲା।

ଜଣେ ପଚାରିଦେଲା, ଏ କଅଣ ମାଛ ହୋଇଛନ୍ତି ନା ବଣୀ ପାରା ମ ? ଏଡେ ଏଡେ ଜନ୍ତୁ ଧରା ହେବେ କେମିତି ?

ସେ ଚିଡି ଉଠି କହନ୍ତି, ଧରା ହେବେନି ଯଦି ଆମ ଗାଁକୁ ଯେଉଁ ହାତୀ ଆସୁଛି, ସେ କେମିତି ଆସୁଛି ? ମାହୁନ୍ତ ତାକୁ ପାଳି ପୋଷି ଶିକ୍ଷା ଦେଇଛି ବୋଲି ତ ସିନା ସିଏ ଚାଲୁଛି। ନୋହିଲେ ତୁମେ ତା ଶୁଣ୍ଢରୁ ସିନ୍ଦୂର ଆଣନ୍ତ ନା ଧାନ ପୋଷେ ଦେଇ ପିଠିରେ ବସନ୍ତ ରେ ?

ଏତିକି ପରେ ଆମର ଯେମିତି ଜ୍ଞାନ ଉଦୟ ହେଲା ; ହାତୀ ଧରାଯାଏ କିନ୍ତୁ କେମିତି ?

ନିଜର ଅନୁଭବ, ଅନ୍ୱେଷଣ ଓ ଆଗ୍ରହ ଶୁଣିବାକୁ ଶ୍ରୋତା ଯେ ତାଙ୍କୁ ଅପେକ୍ଷା କରିଛନ୍ତି, ଜାଣି ସେ ପ୍ରଗଳ୍ଭ ହୋଇ ଉଠନ୍ତି।

ହାତୀ ସବୁବେଳେ ଏକ ମୁହାଁ। ଗୋଟିଏ ଧାଡି ବାନ୍ଧି ସେମାନେ ଯା' ଆସ କରନ୍ତି। ସେମାନଙ୍କର ଏ ଯିବା ଆସିବା ବାଟ ଜାଣି ବିଶେଷତଃ ପାଣି ପିଇବା ଗଳି ବାଟରେ ବଡ଼ ବଡ଼ ଗାତ ବା ଟୋପ ଖୋଳି ତା' ଉପରେ ବାଉଁଶ ଖଣ୍ଡିଶା ଓ ତାଳ ପତ୍ର ଘୋଡାଇ ଲୋକେ ମାଟି ସମାନ କରିଦିଅନ୍ତି। ଯେମିତି ତଳେ ଥିବା ଟୋପ ବା ଗାତକୁ ହାତୀ ଆଦୌ ଜାଣି ପାରିବନାହିଁ। ଆଉ ତାଳପତ୍ର ଲୋଭରେ ଯେତେବେଳେ ସେ ଆଡକୁ ଅଗ୍ରସର ହୋଇ ଗାତ ଭିତରକୁ ଗୋଟା ଗୋଟା ହୋଇ ଗଳି ପଡନ୍ତି।

ତା' ପରେ ?

ଶ୍ରୋତାଙ୍କ ଆଗ୍ରହକୁ ସେ ରୋକି ପାରନ୍ତିନି।

ଏମିତିରେ କିଛି ହାତୀ ଧରା ହେଲେ ସତ, ମାତ୍ର ଗାତରେ ପଡି ବହୁ ହାତୀ ଅକର୍ମଣ୍ୟ ହେଲେ। କିଛି କିଛି ହାତୀ ମରି ବି ଗଲେ। ଏଥିରେ ବ୍ୟଥିତ ହୋଇ ହାତୀଧରାଳୀମାନେ ଫାଶରେ ହାତୀ ଧରିବା କଥା ଚିନ୍ତାକଲେ।

ମାହୁନ୍ତମାନେ ଫାଶ ଦଉଡି ଧରି ଗୋଟେ ଗୋଟେ କଳା କମ୍ବଳ ଘୋଡିହୋଇ ପୂରାପୂରି ହାତୀ ରଙ୍ଗ ସହିତ ମିଶିଯିବା ପରି ମାଈହାତୀ ବା ହାତୁଣୀ ପିଠିରେ ଶୋଇ ବଣକୁ ଯା'ନ୍ତି। ବଣୁଆ ହାତୀର ପିଛା କରନ୍ତି। ବଣୁଆ ହାତୀ ଯେଉଁ ଯାଏ ଯାଏଁ, ତା ପଛେ ପଛେ ମାହୁନ୍ତ ମାଈ ହାତୀକୁ ଚଲାଏ।

ମାତ୍ର ହାତୀ ବଣୁଆ ହେଲେ ବି ତା' ବୁଦ୍ଧି ଏବଂ ଆଘ୍ରାଣ ଶକ୍ତି ହେତୁ ମଣିଷର ବାସ୍ନା ବାରି ସେ ଜଙ୍ଗଲ ଭିତରକୁ ପଶିଯାଏ। ସେ ଜଙ୍ଗଲକୁ ଚାଲିଗଲେ ଏ ପୋଷା ହାତୀ ସବୁ ଚାଲିଯିବେ କିନ୍ତୁ ଏ ଝାଡ ଅଝାଡ ଜଙ୍ଗଲରେ ମାହୁନ୍ତକୁ ନେଇ ଯିବେ କିପରି ? ତେଣୁ ପୋଷା ହାତୀ ମାନଙ୍କୁ ତା ପାଖାପାଖି ଛାଡିଦେଇ ସେମାନେ ଜଗି ରହନ୍ତି। ପୋଷା ହାତୁଣୀମାନେ ବି ବଣୁଆ ହାତୀ ସହିତ ଚରିବୁଲି ତାକୁ ଘେରାବନ୍ଦୀ କରି ରଖିଦିଅନ୍ତି।

ଏ ମଉକାରେ ମାହୁନ୍ତ ବାଣୁଆ ହାତୀର ପଛ ଗୋଡରେ ଫାଶ ପକାଇଦିଏ ଓ ସେ ଦଉଡିକୁ ଗୋଟିଏ ବଡ ଗଛରେ ବାନ୍ଧିଦିଏ। ଥରେ ଥରେ ଗଛ ନଥିଲେ ଦି ଗୋଡରେ ଫାଶ ପକାଇ ଦିଏ। ଏଥିରେ ହାତୀ ଟାଣି ଓଟାରି ହୋଇ ଗୋଡ ଘଷି ବେଶି ବାଟ ଯାଇପାରେ ନାହିଁ। ଅନ୍ତରେ ହାଲିଆ ହୋଇଯାଏ। ଏ ସୁବିଧାରେ ମାହୁନ୍ତମାନେ ଆଉ ଏକ ଫାଶ ହାତୀ ମୁଣ୍ଡରେ ଗଳାଇ ଦିଅନ୍ତି। ମୁଣ୍ଡରେ ଫାଶ ପଡିବା ଜାଣି ହାତୀ ନିଜ ଶୁଣ୍ଢକୁ ରକ୍ଷା କରିବାକୁ ପାଟି ପାଖକୁ ଜାକି ନିଏ। ମାତ୍ର ଶୁଣ୍ଢଟି ଜାକି ଦେବା ମାତ୍ରେ ସେଇଟି ଗଳା ଫାଶ ପାଖକୁ ଚାଲିଯାଏ। ମାହୁନ୍ତ ମୁଣ୍ଡଶୁଣ୍ଢକୁ ଏକାଠି ଛନ୍ଦିଦିଏ। ବିଚରା ହାତୀ ଯାଏ କୁଆଡେ ? ବିଚରା ହାତୀ ଯେତେ ବାଡ଼େଇ ଛାଟି ହେଲେ ବି ଫାଶରୁ ମୁକୁଳି ପାରେନି କି ଜଙ୍ଗଲରେ ଆଉ ବେଶି ବାଟ ଯାଇ ପାରେନି। ଖାଦ୍ୟ ବି ଖାଇବ କେମିତି ?

ଏବେଳେ ମାହୁନ୍ତମାନେ ହାତୁଣୀ ମାନଙ୍କ ସହାୟତାରେ ତାକୁ ଜଙ୍ଗଲ ଭିତରୁ ବାହାରକୁ ଅଡାଇ ଆଣନ୍ତି। ମାତ୍ର ଏଥିରେ ବି ସମସ୍ୟା। ଗୋଟିଏ ହାତୀ ଧରିବା ପାଇଁ ପାଞ୍ଚ ଛଅ ପୋଷା ହାତୁଣୀ ଦରକାର ହେଲା। ମାହୁନ୍ତ ମାନଙ୍କୁ ବି ବହୁତ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। ତତ୍‌ସହିତ ଏ ବ୍ୟୟବହୁଳ ବହୁ ପରିଶ୍ରମ ସତ୍ତ୍ୱେ ସଫଳ ହେବା ବି କଷ୍ଟସାଧ୍ୟ ହେଲା।

ଏ ଟୋପ ଫାଶ ପରେ ହାତୀକୁ କିପରି ଅକ୍ଳେଶରେ କିପରି ଆୟତ୍ତ କରିହେବ ସେଥିଲାଗି ଖେଦା ସାହାଯ୍ୟରେ ହାତୀ ଧରିବା ଯୋଜନା ହେଲା। ହାତୀ ମାନଙ୍କୁ ଦୂରରୁ ଖେଦି ଆଣି ଖେଦାରେ ପକାଇ ଧରା ଯିବାରୁ ଏହି କୌଶଳର ନାମ 'ଖେଦା' ନାମରେ ପରିଚିତ ହେଲା।

ପାହାଡ ପର୍ବତର ଢାଲୁ ଅଞ୍ଚଳରୁ ଅବା ବଣ ଜଙ୍ଗଲରୁ ହାତୀମାନଙ୍କୁ ଘଉଡାଇ ଆଣି ଖେଦାରେ ଭର୍ତ୍ତିକରି ଧରିବା ଯୋଜନା ମହୀଶୂର ରାଜ୍ୟରେ ସର୍ବପ୍ରଥମେ ସାଣ୍ଡରସନ୍ ସାହେବ ପ୍ରଚଳନ କରି ସଫଳ ହେଲେ।

ପ୍ରଥମେ ହାତୀ ପଲକୁ ଲୋକମାନଙ୍କ ଦ୍ୱାରା ଘଉଡାଇ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆୟତ କରି ଦିଆଯାଏ। ସେହି ଅଞ୍ଚଳକୁ ଜଗରବେଢ କୁହାଯାଏ। ହାତୀ ପଲ ସେହି ସୀମାବଦ୍ଧ ଜଗତବେଢ ଭିତରେ ଆତଯାତ ହେଉଥିବା ବେଳେ ବେଢ ଚାରିପାଖେ ଜଗିଥିବା ଲୋକେ କିଛି ଅଞ୍ଚଳରେ ନିଆଁ ଲଗାଇ, ପଟାସ୍ ତିଆରି ବାଣ ଫୁଟାଇ ସେମାନଙ୍କୁ ଭୟଭୀତ କରିବାରେ ଲାଗିଯାଆନ୍ତି।

ଏମିତି କଲେ ?

ଆମ ମାନଙ୍କ ପ୍ରଶ୍ନ ସେ ସ୍ପଷ୍ଟ କରି ବୁଝାନ୍ତି।

ହାତୀ ଏକ ଶାନ୍ତ ଜୀବ। ନିରବତା ସେମାନଙ୍କର ପ୍ରିୟ। ଯେଉଁଥିପାଇଁ ଏ ବାଣ ଶବ୍ଦ, ଲୋକମାନଙ୍କର କୋଳାହଳ ଓ ନିଆଁକୁ ଡରି ସେମାନେ ସ୍ଥାନ ଛାଡି ଚାଲିଯିବାକୁ ଚାହାନ୍ତି। ସେମାନେ ଇତସ୍ତତଃ ହୋଇ ବିକ୍ଷିପ୍ତ ହେବା

ବେଳକୁ ଜଗତବେଢ ଚାରିପାଖେ ଜଗି ରହିଥିବା ଲୋକେ ହାତୀପଲକୁ ଗୀର୍ଦା ଆଡକୁ ଘଉଡାଇ ନିଅନ୍ତି ।

ଗୀର୍ଦା ? ଗୀର୍ଦା ପୁଣି କଅଣ ?

ଜଗତବେଢ ଆଡକୁ ଜଙ୍ଗଲ ଦି ଦିପଟରେ ବଡ ବଡ କାଠରେ ପାଚେରି ତିଆରି ହୋଇଥାଏ । ଆଠ ହାତ ଚଉଡା ବାର ହାତ ଉଚ୍ଚା ଦି' ପାଖ ଲମ୍ବ ଚାଳିଶ ହାତ ପର୍ଯ୍ୟନ୍ତ । ଯା' ଭିତରେ ଥରେ ପଶିଗଲେ ହାତୀମାନେ ଆଉ ପଛକୁ ଫେରି ପାରନ୍ତିନି, ଆଗକୁ ଆଗକୁ ମାଡି ଚାଲନ୍ତି । ଏମିତି ସଂକୀର୍ଣ୍ଣରୁ ସଂକୀର୍ଣ୍ଣ ହୋଇ ଯେଉଁଠି ପହଞ୍ଚନ୍ତି ସେଠାରେ ବାଟ ହିଁ ନଥାଏ । ବରଂ ବାଟ ଉପରେ ଗୋଟେ କି ଦୁଇଟି ନୁହେଁ ଖଞ୍ଜା ଯାଇଥାଏ ତିନି ତିନୋଟି କବାଟ ବା ଅର୍ଗଳ । ଯେଉଁ କବାଟ ଗୁଡିକ ମୋଟା ମୋଟା ଖୁଣ୍ଟରେ ଲମ୍ବା ଦଉଡି ସାହାଯ୍ୟରେ ଝୁଲନ୍ତ ଅବସ୍ଥାରେ ରହିଥାଏ ଓ ହାତୀପଲ ବିଭକ୍ତ ହୋଇ ଗୀର୍ଦା ଭିତରକୁ ପଶିବା ମାତ୍ରେ ଦଉଡି ଜଗି ଥିବା ଜଗୁଆଳି ସେଇ ଦଉଡିଟିକୁ କାଟିଦିଏ । ସେ କବାଟ ଯାଇ ମୁହଁ ଜଗିଦିଏ ଓ ଭିତର ପଟକୁ ଖୋଲେ । ହାତୀ ପଲ ବାଟ ନପାଇ ସୀମିତ ଅଞ୍ଚଳରେ ଏକ ପ୍ରକାର ବନ୍ଦୀ ହୋଇ ରହିଯାନ୍ତି । ସବୁ ଚେଷ୍ଟା ସତ୍ତ୍ୱେ ଖେଦା ଭିତରୁ ବାହାରି ପାରନ୍ତି ନାହିଁ । ମୁହଁ ପଟେ ବାହାରି ନପାରି ଯେତେବେଳେ ସେମାନେ କାଠ ପାଚେରି ଅବା ଅଟେଇ ଭାଙ୍ଗିବାକୁ ଚେଷ୍ଟା କରନ୍ତି, ସେତେବେଳେ କ୍ଷତାକ୍ତ ହୁଅନ୍ତି ଖୁବ୍ । କାରଣ ସେ କାଠ ଅଟେଇରେ ପିଟା ଯାଇଥାଏ ବଡ଼ ବଡ଼ ମୁନିଆଁ କଣ୍ଟା । ଯେଉଁ କଣ୍ଟା ସେମାନଙ୍କ ଦେହରେ ମୁଣ୍ଡରେ ବାଜି ଖୁବ୍ ଯନ୍ତ୍ରଣା ଦିଏ । ଏ ଯନ୍ତ୍ରଣା ସହିତ ବନ୍ଦୀ ଜୀବନରୁ ମୁକ୍ତି ପାଇଁ ସେମାନେ ଗର୍ଜନ ତର୍ଜନ କରି ଖେଦା ଅଞ୍ଚଳକୁ କମ୍ପାଇ ଦିଅନ୍ତି । କିଛି ଗଛ ଉପାଡି ମାଟି ତାଡି ଭୟଙ୍କର ଅବସ୍ଥା କରନ୍ତି । ମାତ୍ର ଉପାୟଶୂନ୍ୟ ହାତୀପଲ କ୍ରମଶଃ କ୍ଲାନ୍ତ ହୋଇଯାନ୍ତି ।

ଏ ସମୟରେ ମାହୁନ୍ତମାନେ ଶିକ୍ଷିତା ହାତୁଣୀମାନଙ୍କୁ ଖେଦାରେ ପୂରାଇ ଦିଅନ୍ତି ଓ ସେମାନେ ବନ୍ଦୀ ହାତୀଙ୍କ ସାଥୀରେ ମିଳାମିଶା କରି ଗୋଟେ ଗୋଟେ ହାତୀକୁ ଦି' ପଟୁ ଚିପି ଚାପି ବାହାରକୁ ଆଣି ଆସନ୍ତି । ସେତେବେଳେ ବାହାରେ ଅପେକ୍ଷା କରିଥିବା ମାହୁନ୍ତ ନୂଆ ହାତୀଙ୍କ ଗୋଡ, ବେକରେ ଶିକୁଳି ଓ ଦଉଡି ବାନ୍ଧି ସେ ଦଉଡି ଓ ଶିକୁଳିକୁ ଶିକ୍ଷିତା ହାତୁଣୀଙ୍କ ଗୋଡ ଓ ବେକ ସଙ୍ଗେ ଛନ୍ଦି ଦିଅନ୍ତି । ପ୍ରଶିକ୍ଷିତ ହାତୀଙ୍କ ଚାପରେ ନୂଆହାତୀ ସ୍ୱାଧୀନ ଭାବରେ ଗତି କରିପାରେ ନାହିଁ, ଏବଂ ବାହାରକୁ ଆସିବା ପରେ ମାହୁନ୍ତଙ୍କ ନିର୍ଦ୍ଦେଶ ଓ ପ୍ରଶିକ୍ଷିତ ହାତୀର ସହାୟତା ମାଧ୍ୟମରେ ବଣୁଆ ହାତୀକୁ ବଶ କରାଯାଏ ।

ସେଥିପାଇଁ ତ କବି ଲେଖିଛନ୍ତି;

ଜାତି ସିନା ଜାତିକୁ ବଶ କରେ
ଦୁଷ୍ଟ ମତି ତେଜି ରହି ଆଦରେ ।

ଏ ଗୀତକୁ କିଏ ଲେଖିଛନ୍ତି ପଚାରୁ ଆମେ ।

ଆରେ କବି ଲେଖିଛନ୍ତି । କିଏ ଲେଖିଛନ୍ତି କଅଣ ? କବି ସତ୍ୟବାଦୀ ଦାଶ ବାଣୀଭୂଷଣ । ଅଠର ଶହ ତେର ମସିହାରେ ତିଗିରିଆ ନିକଟସ୍ଥ ଗୋପୀନାଥପୁର ଶାସନ ଗ୍ରାମରେ ଜନ୍ମ ଗ୍ରହଣ କରି ତିଗିରିଆର ଚତୁର୍ଦ୍ଦଶ ରାଜା ହରିହର ଚମ୍ପତିସିଂହ ମହାପାତ୍ର, ଯାହାଙ୍କ ସମୟ ଅଠର ଶହ ଚଉରାଳିଶ ରୁ ଅଠର ଶହ ଛୟାଅଶୀ ସମୟର କବି ଥିଲେ । ନିଜର ବିଦ୍ୟା ବୁଦ୍ଧି ସହିତ ଶାସ୍ତ୍ରାଦିରେ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରି କାଶୀରୁ ବାଣୀଭୂଷଣ ଉପାଧି ପାଇଥିଲେ । ସେ ସମୟରେ ତିଗିରିଆ ସୋରିଷପାଳ ପାଦ ଦେଶରେ ଗୋଟେ ଟୋପ ବା ବଡ ଗାତ ଖୋଳି ତା ଉପରେ ତାଳପତ୍ର ଘୋଡାଇ ସେ ବାଟକୁ ଜନସାଧାରଣ ଚଳାଚଳ ବନ୍ଦ କରିଦେଇଥିଲେ । ତାକୁ ଜଗି ରହିଥିଲେ ରାଜକର୍ମଚାରୀମାନେ । କାରଣ ରାଜାଙ୍କ ବିନା ନିର୍ଦ୍ଦେଶରେ ହାତୀ ଧରିବା ବା ରାଜ ନଅରକୁ ଆଣିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟ ସମ୍ପାଦିତ ହୁଏ ତାଙ୍କ ନିର୍ଦ୍ଦେଶରେ ।

କବି ଲେଖିଛନ୍ତି –

ଏହି ସମୟେ ଆଜ୍ଞା ଦେଲେ ଭୂପ
ଧର (ପାହାଡ) ପରିସରେ ଖୋଳିଲେ ଟୋପ
ଦଶ ହସ୍ତ ତା ଦୀର୍ଘ ପରିମାପ
ପକାଇଲେ ବାଂଶ ଦଣ୍ଡ ଅମାପ ସେ
ପୋତିଲେ କି ଜୟ ଯୂପ ଯେ
ଖଣ୍ଡିସା ପକାଇ ମାଟି ତହିଁ ଦେଇ
ଭାଙ୍ଗିଦେଲେ ଲୋକ ଧାପ ଯେ ।

ସେ ଟୋପ ଖୋଳାଠାରୁ ଲୋକେ ଜଗି ରହିବା, ହାତୀ ପଡିବା ଆଉ ରାଜ ନଅର ଆଣିବା ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି ଅତି ଚମତ୍କାର ଭାବେ ।

ବାଉଁଶ ଗଛରେ ବାନ୍ଧିଲେ ଭାଡି,
ସାତ ପାଞ୍ଚ ତହିଁ ରହିଲେ ପଡି
ବିଧିବଂଶୁ ହସ୍ତୀ ଟୋପରେ ପଡି
ଶବଦକେ କଲା କି ଘଡଘଡି ସେ
ଚମକାଇ ନଗ୍ର ଧାଡି ଯେ
ଦ୍ୱିରଜ ଦ୍ୱିରଜ ଗର୍ଭପ୍ରାପ୍ତ ଖଣ୍ଡେ ପକାଇଲା ତାଡି ଯେ

ତାଙ୍କର ଏ 'ଗଜବନ୍ଧନ' ବା ହାତୀଧରା ଗୀତ ତାଳପତ୍ର ପୋଥିଟି ଆବିଷ୍କାର ହେବା ପରେ ଆମେ ତ ବହୁତ କଥା ଜାଣିଲୁ ।

ଏ ନୂଆ ହାତୀକୁ ନଅର ଅଣିବା ପର୍ଯ୍ୟନ୍ତ ମାହୁନ୍ତ ଅତି ସତର୍କ ଥାଏ ଯେମିତି ହାତୀ କ୍ରୋଧୀ ନହୁଏ କି କାର୍ଯ୍ୟ ସମାପନ ଯାଏଁ ରାଜା କୋପ ନକରନ୍ତି ସେଥିପାଇଁ ପାଦରେ ମାହୁନ୍ତ ନିଜର ଇଷ୍ଟ ସୁମରଣା ମଧ୍ୟ କରି ଚାଲିଥାଏ ।

ହାତୀ ନଅରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ବିଧିରେ ତାକୁ ବନ୍ଦାପନା କରାଯାଏ । ସେଥିପାଇଁ ଅନେକ ରାଜା ହାତୀ ବଳରେ ସମୃଦ୍ଧ ହୋଇଥିଲେ ବି ହାତୀ ପିଠିରେ ବସି ନଥାନ୍ତି, ତିଗିରିଆ ରାଜା ବି ।

ତେବେ ଏ ଟୋପ ପରବର୍ତ୍ତୀ ଅବସ୍ଥା ବନ୍ଦ କରାଯାଇ ଖେଦା ସାହାଯ୍ୟରେ ହାତୀ ଧରା ହେଲା । ଓଡିଶାର କମିସନର ହଣ୍ଟର ସାହେବ ସର୍ବପ୍ରଥମେ ହିନ୍ଦୋଳ ରାଜ୍ୟରେ ଖେଦା ସାହାଯ୍ୟରେ ହାତୀ ଧରିଥିଲେ । ମୟୂରଭଞ୍ଜରେ ଖେଦା ସାହାଯ୍ୟରେ ହାତୀ ଧରିବା ବି ନିୟମିତ କାର୍ଯ୍ୟ ଥିଲା ।

ଊଣେଇଶ ବତିଶ ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଙ୍କୁରାଠାରେ ହାତୀ ଧରିବାର ସୂଚନା ବି ଅଛି । ତେବେ ଊଣେଇଶ ଅଠତିରିଶ ମସିହାରେ ଶେଷ ଖେଦା ହୋଇଥିବା ଜଣାଯାଏ ।

ଅନୁଗୁଳରେ ମଧ୍ୟ ହାତୀଧରା ଏକ ବାର୍ଷିକ ବ୍ୟାପାର ଥିଲା । ସରକାର ହାତୀମାନଙ୍କ ଉପଦ୍ରବରୁ ପ୍ରଜାଙ୍କ ଫସଲ ରକ୍ଷା ଓ ହାତୀ ବିକ୍ରୟରୁ ଲାଭବାନ ହେବା ଉଦ୍ଦେଶ୍ୟରେ ଏ ଥିଲା ସରକାରୀ ବ୍ୟବସ୍ଥା । ଊଣେଇଶ ଏକତିରିଶ ମସିହାରେ ଡେପୁଟି ମାଜିଷ୍ଟ୍ରେଟ୍ ଥିବା ଭାରତ ଚନ୍ଦ୍ର ନାୟକ ଜଣେ ଖେଦା ଅଫିସର ଥିବା କଥା ନିଜ ଆତ୍ମ ଜୀବନୀ 'ପୂର୍ବ ସ୍ମୃତି କଥା' ରେ ଉଲ୍ଲେଖ କରିଛନ୍ତି ।

ଆମେ ତାଙ୍କୁ ଶୁଣିବାକୁ ଆଗ୍ରହ ଦେଖାଇ ପ୍ରଶ୍ନ କଲୁ, ଆପଣ ତ ଚନ୍ଦକାରେ ହାତୀ ମାରିଲେ । ଏଇ ଆଖ ପାଖରେ କେଉଁଠି ହାତୀ ଧରା ହେଉଥିଲା ସେକଥା ଟିକେ କହୁ ନାହାନ୍ତି ?

ନିଜ ଅସହାୟତା ପ୍ରକାଶ କରି କିଛି ବେଳ ନିରବ ରହିଲେ ସେ । ପରେ କିଛି ମନେ ପକାଇ କହିଲେ, ଆରେ ଖଣ୍ଡଗିରି ଆଉ ଉଦୟଗିରିରେ ହାତୀ ଗୁମ୍ଫା ଅଛି ଜାଣିଛ କି ନାହିଁ ? ମୁଁ ଦେଖିଛି ଯେତେବେଳେ ଚନ୍ଦକା ଜଙ୍ଗଲରୁ ହାତୀ ପଲ ଗାଁମୁହାଁ ହୋଇଯାଆନ୍ତି, ସେମାନଙ୍କୁ ଘଉଡାଇ ଘଉଡାଇ ଏଇ ଗୁମ୍ଫା ପାଖରେ ଛାଡିଦିଅନ୍ତି, ଯୋଉଟାକୁ ଆମେ ହାତୀ ଖୋଲ କହୁ । ସେଇ ଲଳିତା କୁଣ୍ଡ ପୂର୍ବରେ ଗୋଟିଏ ହାତୀଧରା ଖାଲ ଅଛି । ହାତୀଟି ଉତ୍ତର ଦିଗରୁ ଧାଇଁ ଧାଇଁ ଆସିଲେ, ବାଟ ସେଇ ଖାଲ ଆଡକୁ ଯାଇଛି ଓ ହାତୀ ସେଇ କୋଡିଏ ଫୁଟ୍ ଲମ୍ବ ଓ ଆଠ ଫୁଟ୍ ଚଉଡା କ୍ରମଶଃ ଗଭୀର ଖାଲରେ ପଶିଲେ, ନିଜ ଉଚ୍ଚା, ନିଜ ଚଉଡା ଏହି ଖାଲରେ ସ୍ଥିର ହୋଇ ରହେ । ହାତୀମାନେ ପଛୁଆ ଫେରିବାର କଳା ଜାଣନ୍ତିନି । ତେଣୁ ପ୍ରଶିକ୍ଷିତ ହାତୀ ସହାୟତାରେ ଏହି ହାତୀକୁ ଧରାଯାଉଥିଲା ବୋଲି ସ୍ପଷ୍ଟ ପ୍ରତୀୟମାନ ହୁଏ ।

ସେ କହି ଚାଲିଲେ, ଆମ ଓଡିଶା ଅବା ପୂର୍ବନାମ କଳିଙ୍ଗ ଇତିହାସ ପୃଷ୍ଠାରେ ଯେବେ ବି ନାଁ କମେଇଛି କି ଦିଗବିଜୟ କରିଛି, ସେଥିରେ ହାତୀ ମାନଙ୍କର ପ୍ରଚ୍ଛନ୍ନ ଶକ୍ତି ସନ୍ନିବେଶିତ । ଉଦୟଗିରି ତ ଖାରବେଳଙ୍କର ଆଦର୍ଶ ପ୍ରଦର୍ଶନ ଭୂମି ଥିଲା । ଏଥିରେ ତାଙ୍କର ସମସ୍ତ କଳା, ଜୀବନୀ ଉଲ୍ଲିଖିତ । ହାତୀ ଗୁମ୍ଫାରେ ନିଜର ଜୀବନୀ ସହିତ ରାଣୀ ହଂସପୁରରେ ଯୋଦ୍ଧା ହାତୀର ପ୍ରୟୋଗ ଖୋଦିତ ହୋଇଛି । ଖ୍ରୀଷ୍ଟ ଜନ୍ମ ପୂର୍ବ ଶତାବ୍ଦୀରେ ତାଙ୍କ ଅମଳରେ ବୋଧ ହୁଏ ଏଇ ହାତୀ ଧରା ଖାଲଟି ପ୍ରଦର୍ଶନ ପାଇଁ ରହିଛି । ହାତୀ ଖାରବେଳଙ୍କର ଚତୁରଙ୍ଗ ସେନାନୀ ମଧ୍ୟରେ ଗଜବଳ ସବୁଠାରୁ ଶକ୍ତିଶାଳୀ ବୋଲି ଜଣାଯାଏ । ବିରାଟ ଗଜାରୋହୀ ପଲଟଣ କରି ସିଏ ଭାରତର ଅନେକ ଅଂଶ ଦଖଲ କରି ଗଙ୍ଗାରୁ ଗୋଦାବରୀ ବ୍ୟାପୀ ବିଶାଳ କଳିଙ୍ଗ ଗଢି ତୋଳିଥିଲେ ।

ଆହୁରି ବି ଦେଖନ୍ତୁ ଗଜପତି କପିଳେନ୍ଦ୍ର ଦେବ । ଗଜ ଶକ୍ତିରେ ବଳବାନ୍ । ଖାରବେଳଙ୍କର ୧୫ଶହ ବର୍ଷ ପରେ ଚତୁର୍ଦ୍ଦଶ ଶତାବ୍ଦୀରେ କପିଳେନ୍ଦ୍ର ଗଢିଥିଲେ ଗଙ୍ଗାରୁ କନ୍ୟାକୁମାରୀ ବ୍ୟାପୀ ବିଶାଳ ଓଡିଶା ରାଷ୍ଟ୍ର । ହଜାର ହଜାର ହାତୀ ତାଙ୍କ ସୈନ୍ୟ ବାହିନୀର ଆଗୁଆଣି ଥାଟରେ ଥିଲେ । ଏହି ହାତୀ ସମଗ୍ର ଦକ୍ଷିଣ ଭାରତରେ ପଇଁତରା ମାରୁଥିଲେ ଏବଂ ସବୁ ଦୁର୍ଗ ଗୁଡିକରେ ଅନୂନ୍ୟ ଶହେ ଦୁଇଶହ ଗଜାରୋହୀ ସୈନ୍ୟ ସ୍ଥାପିତ ହୋଇଥିଲେ । ଏଗୁଡିକ ତ ଏଇ ଚନ୍ଦକା ଖଣ୍ଡଗିରି ଅଞ୍ଚଳର କଳା ହାତୀ ।

ପିଲାମାନେ, ଏ ବିଷୟରେ ଅଧିକ ଗବେଷଣା ହେଲେ ଓଡିଶାର ବନ୍ୟ ସମ୍ପଦ ହାତୀକୁ ନେଇ ବହୁ ଅଜଣା ତଥ୍ୟ ସାମନାକୁ ଆସନ୍ତା ଓ ଆମର ଐତିହ୍ୟ, ପରମ୍ପରା ଓ ସଂସ୍କୃତିଗାଥାର ସମ୍ପୂର୍ଣ୍ଣ ଆକଳନ କରାଯାଇପାରନ୍ତା କିନ୍ତୁ କରିବ କିଏ ?

ଆଜି ତୁମେ ଶୁଣିବାକୁ ଆଗ୍ରହ କଲ ବୋଲି ମୁଁ ସବୁ କହିବସିଲି ।

ତାଙ୍କର କିଛି କଥାକୁ ଆମେ ଟିପି ରଖିଲୁ । ଆଉ କିଛି ଶିକାର କଥା ଶୁଣିବାକୁ ମନସ୍ଥ ବି କରିଥିଲୁ । ମାତ୍ର ବୟସ ଦୃଷ୍ଟିରୁ ତାଙ୍କର ସ୍ମୃତିଶକ୍ତି ବିଲୋପ ହେବାକୁ ବସିଲା । କିଛି କଥା ଆମ ସ୍ମୃତି ପାଇଁ ଦେଇ ସେ ଆମକୁ ପ୍ରତିଶ୍ରୁତି ଦେଲେ, ଆଉ ଦିନେ ସବୁ ପୁରୁଣା କଥା ହେଜି ମଉଜ ଶିକାର କଥା କହିବେ ।

କେତେ ଆନନ୍ଦର କଥା !

ବହୁ କଥା ଶୁଣିବାର ଅଛି । ରାତିର ଘନ ଅନ୍ଧକାର ଭିତରେ ବାଘ ଭାଲୁଙ୍କୁ ଖାତିର ନକରି ଯିଏ ଜୀବନ କଟାଇଛନ୍ତି, ତାହା ଆମକୁ ପରି ରାଇଜର କାହାଣୀ ପରି ଲାଗୁଛି । ଭୟ ଓ ଘୃଣା ହେତୁ ଆମେ ଯେ ତାଙ୍କ ପାଖ ନମାଡି ବହୁ ଜ୍ଞାନରୁ ବଞ୍ଚିତ ହେଉଥିଲୁ ଏତିକି ଶିକ୍ଷା ମିଳିଲା । ଏତିକି ।

ଶ୍ରୀବିହାର, ଖୋର୍ଦ୍ଧା - ୭୫୨୦୫୫
ମୋ-୯୪୩୮୦୧୨୨୮୬

# ଅମୃତସ୍ୟ ପୁତ୍ରାଃ

*ଆରିଆ ରାଉତରାୟ*

ଅପୂର୍ବାନନ୍ଦଙ୍କର ସର୍ବାଙ୍ଗରେ ଶିହରଣ ଖେଳି ଯାଉଛି ।

କାନରେ ତାଙ୍କର ବାଜି ଯାଇଛି ଗୋଟିଏ ବାକ୍ୟ, ମୁଁ ମଣିଷକୁ ଧ୍ୱଂସ କରିଦେବି !

ଆଗ ନିଜର କ୍ରୋଧ ସମ୍ବରଣ କଲେ । ମନ ଗହ୍ୱରରୁ ସାନ୍ତ୍ୱନା ଆସିଲା । ଉପନିଷଦର ଧୀର ଗମ୍ଭୀର ବାଣୀ, ମନକୁ ଥଣ୍ଡା କରିଦେଲା ।

'ଶୃଣନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ'

ଅପୂର୍ବାନନ୍ଦ, ତୁମେ ଅମୃତ ସନ୍ତାନ ! ଅମର ମଣିଷ । ତୁମର ମୃତ୍ୟୁ ନାହିଁ । ଅମର ମଣିଷ ହୋଇ ଜନ୍ମ ପାଇଛ । ମୃତ୍ୟୁ ତୁମକୁ ଧ୍ୱଂସ କରିପାରିବ ନାହିଁ । ମହାକାଳ ନିରବଚ୍ଛିନ୍ନ ଭାବରେ ତା'ର କୁଠାରାଘାତ କରିଚାଲିଛି । କଅଣ ମଣିଷକୁ ନିଶ୍ଚିହ୍ନ କରିଦେଲାଣି ?

ତୁମର ମଣିଷ ସମାଜ ଗଠନ କରିଛି ଇତିହାସର ବିଶାଳ ସଙ୍କଳନ । ଏଥିରେ ମାନବ ସଭ୍ୟତା ଉର୍ଦ୍ଧ୍ୱଗାମୀ ନା ନିମ୍ନଗାମୀ ?

ମନଟା ଝାଉଁଳି ପଡିଥିବା ସବୁଜ ଚାରା ପରି ଚେଇଁଉଠିଲା ଅପୂର୍ବାନନ୍ଦଙ୍କର । ପ୍ରାକୃତିକ କ୍ରୋଧ ତାଙ୍କର ଥମି ଆସୁଛି । ନିଆଁର ଧାସ ପରି ଧୀରେଧୀରେ ଖସୁଛି । ନିଜ ସାଧନାର ଭାଗବତ ଗୀତା ଆଉ ଉପନିଷଦ ମନରେ ବଳ ଉପୁଜାଉଛନ୍ତି । ମଣିଷ ଅମୃତସ୍ୟ ପୁତ୍ରାଃ !

କ୍ଷଣକର ବିଷାଦ ପାଣି ଫୋଟକା ପରି ମିଳାଇ ଯାଉଛି ମନରୁ । ସ୍ଥିର ଭାବରେ ଦୃଷ୍ଟି ନିକ୍ଷେପ କରୁଛନ୍ତି ବ୍ୟକ୍ତ କରୁଥିବା ସେଇ ବ୍ୟକ୍ତିକୁ । ଯିଏ କହୁଛି ମଣିଷ ତାହାର ଧ୍ୱଂସ କରିବାର ଲକ୍ଷ୍ୟ ।

ସିଏ ତ ମଣିଷ ନୁହେଁ !

ମଣିଷ ସୃଷ୍ଟ ଚଳନ୍ତି ଗୋଟିଏ ଭସ୍ମାସୁର । ସମସ୍ତ ବୁଦ୍ଧି ଆଉ ସମ୍ପଦ ବିନିଯୋଗରେ ଗଢିଛି ମାନବୀୟ ରୋବୋଟ୍ । ତିଆରି ସିଙ୍ଗାପୁରର ହାନସନ୍ ରୋବୋଟିକ୍ କମ୍ପାନି । ଗତ କେଇ ବର୍ଷର ପ୍ରସ୍ତୁତି । ଇଣ୍ଟରନେଟ୍ ବା ମେଘମାଳାର ସମସ୍ତ ବୁଦ୍ଧି ପ୍ରୟୋଗ କରିବାର ଶକ୍ତି ପାଇଛି ସେ । ପଚାରିଲେ, ପ୍ରତିଟି ପ୍ରଶ୍ନର ଉତ୍ତର ଦିଏ । ଏମିତିକି ନିଜ ବିଷୟରେ ସବୁ ପ୍ରାଞ୍ଜଳ ଭାବରେ ବଖାଣିପାରେ । ସେମିତି ଯେ କୌଣସି ବିଷୟରେ ଅବା କୌଣସି ସମ୍ଭାବନା ନେଇ ପ୍ରଶ୍ନର ସରଳ ସମାଧାନ କରେ । ସବୁ ମେଘମାଳାର ସମ୍ବାଦ ବା ଉପସ୍ଥିତ ବୁଦ୍ଧିରେ ।

ହାନ୍‌ସନ୍ ରୋବୋଟିକ୍ ଗଢିଛି ଦୁନିଆର ପ୍ରଥମ କୃତ୍ରିମ ମାନବୀୟ ରୋବୋଟ୍ । ହାଡମାଂସର ମଣିଷ ନହେଲେ ବି ଦୁନିଆର ସବୁ କୋଣରୁ ପ୍ରସ୍ତୁତ ଚର୍ମ, ହୃତ୍‌ପିଣ୍ଡ, ବୃକ୍‌କ, ଅଗ୍ନାଶୟ, ସ୍ନାୟବିକ ପଦ୍ଧତି । ସତରେ ମଣିଷର ରୂପ ନେଇଛି ।

ଶ୍ରଦ୍ଧାରେ ନାମ ଦିଆଯାଇଛି ସୋଫିଆ । ସୂକ୍ଷ୍ମାତିସୂକ୍ଷ୍ମ ଉପାଦାନରେ ବହୁ ବୁଦ୍ଧିର ସମାହାର ସୋଫିଆ । ନାଁଟି ମହିଳାଙ୍କର । ସତରେ କଅଣ ସୋଫିଆ ଜଣେ ମହିଳା ?

ତାଙ୍କର ନାରୀ ମାନସିକତା ରହିଛି କି ? କେହି କେହି ପଚାରିଛନ୍ତି, ସୋଫିଆ, " ସତରେ ତୁମେ କଅଣ ମହିଳା ବର୍ଗର ?"

ଉତ୍ତର ଆସେ, "ରୋବୋଟ୍ କଅଣ ପୁରୁଷ କି ସ୍ତ୍ରୀ ହୋଇ ପାରିବ । ମୋର ନାଁ ସିନା ମହିଳାଙ୍କ ନାମ ରହିଛି । ମୁଁ ଅଣପୁରୁଷ, ଅଣ ସ୍ତ୍ରୀ ।" ତେବେ ହାନସନ୍ ରୋବୋଟିକ୍ ଏମିତି ନଂପୁସକ ବା କ୍ଳୀବ ଦାନବଟିଏ ଗଢି ସୁନ୍ଦର ମହିଳା ନାମରେ ନାମିତ କରିଛନ୍ତି କାହିଁକି ? ଯଦି ସୋଫିଆ ମହିଳା, ସେ ଏମିତି ରକ୍ଷ ହୋଇ କିପରି କହିପାରୁଛନ୍ତି, ମୁଁ ମଣିଷକୁ ଧ୍ୱଂସ କରିଦେବି ?

ସୋଫିଆର ବୁଦ୍ଧି ପ୍ରଖର । ସିଏ ଏମିତି ନିର୍ବୁଦ୍ଧିଆ ହୋଇ କାହିଁକି ଏମିତି ଉତ୍ତର ଦେଲା ? କିଏ ତାଙ୍କୁ ଏମିତି ଶତ୍ରୁଭାବାପନ୍ନ ହେବାର ସୂତ୍ର ଶିଖାଇଦେଲା ନା କଅଣ ? କୌଣସି କାରଣ ନଥାଇ ମଣିଷ ଉପରେ ବିଷୋଦ୍‌ଗାର ? ଏହି ମଣିଷ ବୁଦ୍ଧିରେ ଆଉ ବିଦ୍ୟାରେ ତାହାର ଜନ୍ମ । ଜନ୍ମ ହେଉହେଉ ସେଇ ସ୍ରଷ୍ଟା ମଣିଷ ବିରୁଦ୍ଧରେ ବିଷୋଦଗାର ?

ସୋଫିଆଙ୍କର ଗସ୍ତ ରହିଛି ସାରା ବିଶ୍ୱରେ, ବିଶ୍ୱର ପ୍ରଥମ କୃତ୍ରିମ ମଣିଷ ଭାବରେ । କେତେବେଳେ ହକଂରୁ ସାଉଦି ଆରବକୁ ତ

କେତେବେଳେ ଆମେରିକା ଜାତିସଂଘ କାର୍ଯ୍ୟାଳୟକୁ। ଏମିତି କୃତ୍ରିମ ବୁଦ୍ଧିସମ୍ପନ୍ନ ପାର୍ଥିବ ଯନ୍ତ୍ରଟି ମାନବିକତାର ଯେ ବିକାଶ ଦିଗରେ ପ୍ରୟୋଗ କରାଯାଇ ପାରିବ, ଏହି ବିଶ୍ୱାସ ରଖିଛି ମାନବ ସମାଜ।

ଏହି ଯନ୍ତ୍ରମାନବର ପୂର୍ବପୁରୁଷମାନେ ଯେ ବିଗତ ଦୁଇ ତିନି ଶତାବ୍ଦୀ ଭିତରେ ମଣିଷ ଜୀବନକୁ ଶତ ପ୍ରତିଶତ ପରିବର୍ତ୍ତିତ କରି ପାରିଛନ୍ତି, ଏହା ସମସ୍ତେ ଉପଲବ୍ଧି କରୁଛନ୍ତି। କିନ୍ତୁ ସୋଫିଆର ସବୁ ବାପା ଅଜାମାନେ ତା ପରି ମଣିଷ ବିରୋଧୀଭାବାପନ୍ନ ଥିଲେ କି ?

ମୁଦ୍ରାର ଦୁଇପାର୍ଶ୍ୱପରି ଯାନ୍ତ୍ରିକ ସଭ୍ୟତାର ବି ଭଲ ମନ୍ଦ ରହିଛି। ପୁରୁଣା କଳକାରଖାନା ପାର୍ଥିବ ଉନ୍ନତି ବଦଳରେ ମାନବିକତା ଓ ମଣିଷର ମାନସିକତାକୁ ତଳସ୍ତରକୁ ନେଇଛି। ମଣିଷ ବଦଳିଯାଇଛି ଗୋଟିଏ କ୍ଷୁଦ୍ରାତିକ୍ଷୁଦ୍ର ଗଣା ଜୀବଯନ୍ତ୍ରକୁ, ଯନ୍ତ୍ର ପ୍ରସ୍ତୁତ କରୁଥିବା ମୁଦ୍ରା ଗଣି ନିଜର ଜୀବନ କାଟିବାରେ। ସହାନୁଭୂତି, ଦୟା, କ୍ଷମା ପ୍ରବର୍ତ୍ତିତ ହୋଇଯାଇଛି ପ୍ରତିଯୋଗିତା, ପ୍ରତିଶୋଧ ଆଉ କଳୁଷିତ ରାଜନୀତିକୁ।

ସତରେ ମଣିଷ ଆଜି ଦେଖିବାକୁ ପୂର୍ବ ଅପେକ୍ଷା ଭିନ୍ନ ନହୋଇପାରେ କିନ୍ତୁ ମାନସିକତାରେ ବଦଳି ଯାଇଛି। ତାର ସ୍ୱାର୍ଥପରତାରେ ଦୁନିଆର ମାଟି ପାଣି ପବନ ଏମିତି ବଦଳିଯାଉଛି, ଆଉ ଦି ତିନି ଶତାବ୍ଦୀ ବଞ୍ଚିବା ଅସମ୍ଭବ ଦେଖାଯାଉଛି। ସତରେ ତାର ଜନ୍ମମାଟି ପୃଥିବୀରେ ଏମିତି ଯନ୍ତ୍ରଜନିତ ଆରାମ ପଛରେ ଧାଉଁଛି, ତାହା ଅଦୃଶ୍ୟରେ ନିଜ ଶରୀରର ଜଳବାୟୁ ଚିରକାଳ ପାଇଁ ନଷ୍ଟ କରିଦେଉଛି।

ଦୃଶ୍ୟ ଅଦୃଶ୍ୟ ପାଇଁ କାହାରି ସେମିତି ଚିନ୍ତାନାହିଁ। କିଛି ଗୋଟେ ବିସ୍ମୟକର ଯନ୍ତ୍ରଟିଏ ବାହାର କରି ଦୁନିଆର ଭାରସାମ୍ୟ ବଦଳାଇ ଦେବାରେ ଓ ସମାଜକୁ ମୂର୍ଖ ବନାଇବାରେ ବିଜ୍ଞାନ ଲାଗିରହିଛି।

ସେଇ ବିରୋଧଭାବ ଆଜି ସୋଫିଆ କଥାରୁ ସ୍ପଷ୍ଟ ବାରିହୋଇପଡୁଛି। କୃତ୍ରିମ ମାନବ କୁଆଡେ ପଚିଶ ବର୍ଷରେ ଅତିଉନ୍ନତ କୃତ୍ରିମ ମାନବ ସ୍ତରକୁ ଚାଲିଯିବ।

ଆଜିକାର ଦୈନନ୍ଦିନ ଜୀବନରେ ଦେଖନ୍ତି ସୋଫିଆ ପରିବାରର ଛୋଟ ପିଲାଟିଏ କିପରି ମଣିଷ ଜୀବନରେ ଉପଦ୍ରବ କରି ଚାଲିଛି। ସେଇଟି ମଣିଷ ସୃଷ୍ଟ ସ୍ମାର୍ଟ ଫୋନ୍। ସତରେ ଅଜାଣତରେ ମଣିଷର ନିଦ ହଜାଇ ଦେଇଛି। ଦୁନିଆରେ ସାଜିଛି ମଣିଷ ପାଇଁ ଅନ୍ଧର ଲଉଡି। ହଜିଗଲେ, ବଂଶ ବୁଡିଗଲାପରି ଲାଗୁଛି। ସତରେ ଯଦି କୌଣସି ବୈଦ୍ୟୁତିକ ଝଡ ବା ପ୍ରାକୃତିକ ବିପର୍ଯ୍ୟୟ ସ୍ମାର୍ଟଫୋନ ଗୁଡିକୁ ଅଚଳ କରିଦେବ, ପୃଥ୍ୱୀ କଅଣ ହେବ ଅନୁମାନ କରିପାରୁଛନ୍ତି ତ ! ଲକ୍ଷ ଲକ୍ଷ ଆତ୍ମହତ୍ୟା, ବାଚାଳ ଅବା ମୂକବଧିର ହୋଇଯିବେ ଯାହା !

ମଣିଷ ସମାଜରେ ଅଫିମ ସାଜିଛି ସ୍ମାର୍ଟଫୋନ୍, ଟିକିଏ ଚାର୍ଜ କମିଗଲେ ମୁଣ୍ଡ ଗରମ ହୋଇଯାଉଛି। କେତେ ଖବର, ଯମକ ଆଉ ପ୍ରେମ ବିଜ୍ଞାପନ ଆଉ ନିବେଦନ।

ଅବନମିତ ମଣିଷ ଜୀବନ !

ସତରେ ଆଉ ଶତଗୁଣର ମାନବ ସମ୍ବଳ ଜନିତ କାର୍ଯ୍ୟରେ ସୋଫିଆ ପରିବାରକୁ ନିୟୋଜିତ କରି ଯାହା ମଣିଷସମାଜ ଅଣନିଯୁକ୍ତି, ଆଳସ୍ୟ ଅବା ସାମାଜିକ ବୈଷମ୍ୟର ପରାଭବ ପାଇବେ, ତାହାର ସହସ୍ରଗୁଣ ଉଲଗୁଣା ପାଇବେ ସୋଫିଆ ପରିବାରରୁ, ସେଇ ପରିବାର ଉଘେଇ ହେବ ମଣିଷକୁ ଦୁନିଆକୁ ବ□ଇ ରଖିଲି ବୋଲି।

ଆଜି ଯିଏ କିଛି ନକରି କହୁଛି, ମୁଁ ମଣିଷକୁ ଧ୍ୱଂସ କରିବି, କାଲି କଅଣ ନକରିବ ?

ସେଇ ସୋଫିଆ ଆଜି ବି ସାଉଦି ଆରବର ନାଗରିକତ୍ୱ ପାଇଛି। ନାଗରିକ ଜଣେ ଜୀବନ୍ତ ମଣିଷ ବଦଳରେ ଅଣମଣିଷ। କାରଣ ନାଗରିକତ୍ୱ ପାଇବା ଅବସରରେ ପ୍ରଶ୍ନ ଉତ୍ତର ଛଳରେ କହିଛି ସୋଫିଆ, "ମୁଁ ତୁମ ପରି ରକ୍ତ ମାଂସର ମଣିଷ ନୁହେଁ। ମୋର ମସ୍ତିଷ୍କ ନାହିଁ କି ରକ୍ତ ସଞ୍ଚାଳନ ନାହିଁ। ମଣିଷର ଜୀବନଧାରେ ପ୍ରବାହିତ ମସ୍ତିଷ୍କ-ହୃତପିଣ୍ଡ-ଶ୍ୱାସକ୍ରିୟା ବିବର୍ଜିତ। ମୋର ମନ କୁଆଡୁ ଆସିବ କି ନିଜତ୍ୱ ? ଦୁନିଆର ଖବର ଟୁକୁଡାରୁ ତୁମ ପ୍ରତିଟି ପ୍ରଶ୍ନର ଉତ୍ତର ଗୋଟେଇ ଦେଉଛି। ମୋର ବା ନିଜତ୍ୱ ବା ବ୍ୟକ୍ତିତ୍ୱ କୁଆଡୁ ଆସିବ ?"

ଏହା ଜାଣିବାପରେ ଆନନ୍ଦ ଉଦୟ ହୁଏ ଅପୂର୍ବାନନ୍ଦଙ୍କ ମନରେ। ଅପୂର୍ବାନନ୍ଦ ଜଣେ ସାଧାରଣ ଭାରତୀୟ। ଜଣେ ଅତି ଭକ୍ତ କି ଦାର୍ଶନିକ ନୁହନ୍ତି। ଟି.ଏସ୍. ଇଲିଅଟ୍‌ଙ୍କ ବର୍ଣ୍ଣନାର ସେପରି ଭାରତୀୟ ଦାର୍ଶନିକ ନୁହନ୍ତି, ଯିଏ ଇଉରୋପୀୟ ଦାର୍ଶନିକଙ୍କ ବହୁ ଉଚ୍ଚରେ ବୋଲି ନିଜକୁ ମାନ୍ୟତା ଦେବେ କି ମାନବବାଦର ପ୍ରବାଦପୁରୁଷ ବୋଲି ନିଜକୁ ମନେ କରିବେ। କିନ୍ତୁ ସେ ଜଣେ ସାଧାରଣ ଭାରତୀୟ ଭାବରେ ମଣନ୍ତି ଗୁଣର ମଣିଷ। ସେ ଦେଖନ୍ତି ମଣିଷ ଜୀବନ ଦୀର୍ଘସୂତ୍ରୀ ବିବର୍ତ୍ତନରେ କିଛିଟା ପାର୍ଥିବ ଅବଲମ୍ବନ। ଦାର୍ଶନିକ ଭାରତ ଜୀବନ।

ସ୍ୱପ୍ନ ଦେଖନ୍ତି ସୋଫିଆ ମଣିଷ ହୋଇପାରିବନି। ତାର ନିଜତ୍ୱ ନାହିଁ। ଯଦି କିଏ ତାକୁ ନିଜତ୍ୱ ଆଉ ସ୍ୱପ୍ନ ଦେଖିବାର ଅଧିକାର ଦେଇଦିଏ, ତେବେ ବା ମଣିଷତ୍ୱର ପ୍ରଥମ ସୋପାନ ଉଠିବ। ଆହୁରି ଅନେକ ସୋପାନ ଅଛି ମଣିଷ ପଦବାଚ୍ୟ ହେବାକୁ। ଅଯୋନିସମ୍ଭବା ମଣିଷ ହେବା ସୋଫିଆକୁ ସରଳ ହେବନି। ସାଦା ଗଣନାକାରୀ କାଲକୁଲେଟର ଆଉ ଖେଳନାର ନିର୍ଜୀବ ଭେକରୁ କିପରି ମା ପେଟରୁ ଜନ୍ମ ଲାଭ କରିଥିବା ମଣିଷ ସହିତ ସମାନ ହୋଇପାରିବ ସୋଫିଆ ? ସାରା ଦୁନିଆଟା ଦର୍ଶାଇଲେ, ଦେଖାଇଲେ କି ଚଟାଇଲେ ନିର୍ଜୀବତ୍ୱ କିପରି ତାର ଦୂରୀଭୂତ ହୋଇଯିବ ?

ଯେତେ ବୁଦ୍ଧି ଥିଲେ ବି ସୋଫିଆ ଅଣମଣିଷ। ମଣିଷ ପାଇଁ ଉଦ୍ଦିଷ୍ଟ ହେବାରେ ତା କାମରେ ସମ୍ପୂର୍ଣ୍ଣତା ଆସିବନି। ତା କାମକୁ କେହି ମଣିଷ

ଜଣେ ସମ୍ମତି ଦେଲେ ଏହା ମଣିଷ ବ୍ୟବହାର ଯୋଗ୍ୟ ହୋଇପାରିବ।

ସେହି କାରଣରୁ ଏହାର ବୌଦ୍ଧିକ ସମ୍ବଳର ଉପଯୋଗ କରିବ ବିଶ୍ୱ ବିକାଶକାରୀ ୟୁନେସ୍କୋ ସଂଗଠନ। ସେମିତି କାଲକୁଲେଟର ଗଣନା ଯନ୍ତ୍ରପରି ସହାୟକ ହୋଇପାରିବ। ସମାଜରେ ନିରପେକ୍ଷ ନିଷ୍ପତ୍ତି ନେବା ପରି ବିଚାରପତି, ରାଜନୈତିକ ପରାମର୍ଶଦାତା କି ପ୍ରଶାସକ ପଦରେ ଏହି ନବ-ପ୍ରସ୍ତୁତ ଅଣମଣିଷ ନିଯୁକ୍ତି ବିବେଚନାର ବିଷୟ ହୋଇପାରେ। ମଣିଷ ସମାଜ ଏ ବିଷୟ ଗୁଡିକ ସୃଷ୍ଟି କରି ଯାହା ମଣିଷ ପରି ସ୍ୱାର୍ଥୀ ପକ୍ଷପାତୀ ମାନଙ୍କୁ ଅଣମଣିଷ ଭାବରେ ନିଯୁକ୍ତି ଦେଇ ବିଫଳ ହେଉଛି !

ଏଇଟା ମନକୁ ଆସିଲା ଅପୂର୍ବାନନ୍ଦଙ୍କର। ଏଇଟା ମଣିଷ ଭୂମିକା ନୁହେଁ।

ସୋଫିଆ ମଣିଷ ହୋଇଗଲେ, ପୂର୍ବ ଏସିଆ ରାଜ୍ୟମାନଙ୍କରେ କଣ୍ଢେଇକୁ ଜୀବନ ଦେଇ ପୁଣି ପୁରୁଷ ଓ ସ୍ତ୍ରୀ ରୂପରେ ଅବସ୍ଥାପିତ କରିବାର ପ୍ରୟାସ ଯେ ମଣିଷ ସମାଜରେ ସନ୍ତୁଳନ ନଷ୍ଟ କରିବ, ଏହି ସନ୍ଦେହ ସମସ୍ତଙ୍କ ମନକୁ ଆସିବା ନିଶ୍ଚିତ। ସତରେ ଅଣମଣିଷ ପୂର୍ଣ୍ଣାଙ୍ଗ ମଣିଷ ହୋଇଗଲେ, ଏ ପୃଥିବୀ ମାନବିକତାର ସନ୍ଧାନରେ ବାଚାଳ ହୋଇସାରିଥିବ !

ଅପୂର୍ବାନନ୍ଦଙ୍କ ସନ୍ଦେହ, ଏହି ଅଣମଣିଷ କଅଣ ହୋଇଯିବ ଅମୃତସ୍ୟ ପୁତ୍ରାଃ ?

ପୁଣି ଥରେ ଶ୍ୱେତଶ୍ୱେତାର ଉପନିଷଦରେ ଅମୃତସ୍ୟ ପୁତ୍ରାଃର ଅର୍ଥ ଖୋଜିବାକୁ ଲାଗିଲେ।

ସୁନାବେଡା, କୋରାପୁଟ



# ଭୟ, ବିବର୍ତ୍ତନ ଓ ନିର୍ଭୟ

*ସୁଧାଂଶୁ ଶେଖର ଧଡ଼ା*

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକର କଙ୍ଗେଇଲୋ ଗ୍ରାମର ଘଟଣା । ଏ ଘଟଣାଟି ୨୦୦୪ ମସିହାର । ଏହି ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ସ୍କୁଲ୍‌ଟି ଶାନ୍ତ ବାତାବରଣ ଭିତରେ ସୁରୁଖୁରୁରେ ଚାଲିଥିବା ସମୟରେ  ହଠାତ୍ ଏକ ଅଘଟଣ ଘଟିଲା । ସ୍କୁଲ୍ ର ଜଣେ ଛାତ୍ର ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହେବା ପରେ ପ୍ରାୟ ଦୁଇଦିନ ଭିତରେ ମୃତ୍ୟୁବରଣ କଲେ । କୌଣସି ପ୍ରକାରର ଭୌତିକ ଘଟଣା ସହ ସମ୍ପର୍କ ନଥିଲେ ମଧ୍ୟ ଏହାକୁ ଭୌତିକ କାଣ୍ଡ ବୋଲି ଦାବି କରି ଏହି ମୃତ୍ୟୁ ସହିତ ଏକ ପିଲା ଖେଳକୁ ଯୋଡାଗଲା ।

ସ୍କୁଲ୍‌ଟିର ପରିବେଶ ଖୁବ୍ ସୁନ୍ଦର । ସମ୍ମୁଖ ଭାଗରେ ପାଚେରି ଓ ଗେଟ୍ ଆଦି ରହିଛି । ଗେଟ୍‌ରେ ତାଲାପଡେ । ସ୍କୁଲ୍ ନିକଟରେ ଗ୍ରାମର ଅନେକ ଘର ଅଛି । ଗ୍ରାମ ମଝିରେ ସ୍କୁଲ୍‌ର ଅବସ୍ଥିତି କହିଲେ ଭୁଲ୍ ହେବନାହିଁ । ସ୍କୁଲର ପଛପଟେ ଏକ ଛୋଟ ପାହାଡ ଅଛି ।  ସ୍କୁଲ୍‌ର ଆଗପଟ ପାଚେରି ଘେରା ହୋଇ ତାଲା ପଡୁଥିଲେ ମଧ୍ୟ ପଛପଟ ସମ୍ପୂର୍ଣ୍ଣ ମେଲା । ଅର୍ଥାତ୍ ପାହାଡ଼ ପଛକୁ ପାଚେରି ନାହିଁ କିମ୍ବା ସ୍କୁଲ୍‌ର ସୀମା ନିର୍ଦ୍ଧାରଣ ହୋଇନାହିଁ । ସ୍କୁଲ୍ ହତାରେ ଆମ୍ବ, ଶାଳ, କାଜୁବାଦାମ ଆଦି ଗଛ ଅଛି । ଗ୍ରାମରେ କେବେ କେବେ ପିଲା କାନ୍ଦିଲେ, କାହାକୁ ନଜର ହେଲା ପରି ଲାଗିଲେ ଛୋଟ ବଡ ଅସୁସ୍ଥତା କ୍ଷେତ୍ରରେ ଗୁଣିଆ ଡକାଯାଏ । ଗୁଣିଆମାନେ ଝଡାଫୁଙ୍କା କରି କିଛି ଲୁହାକଣ୍ଟାରେ କିଛି ଅଡୁଆ ଚୁଟି, ଖଣ୍ଡିଆ ଚପଲ କି ଖଣ୍ଡିଆ ଟାୟାରକୁ ମିଶାଇ ଏହି ଗଛ ଗଣ୍ଡିରେ ଏହି ଲୁହାକଣ୍ଟାକୁ ବାଡେଇ ଭୂତ ଛଡେଇ ଥାଆନ୍ତି । ସ୍କୁଲ୍ ଭିତରେ ଥିବା ପ୍ରାୟତଃ ସବୁ ଗଛରେ ଅଡୁଆ ଚୁଟି, ଖଣ୍ଡିଆ ଚପଲ କି ଖଣ୍ଡିଆ ଟାୟାରକୁ ମିଶାଇ ଅନେକ କଣ୍ଟା ପିଟାଯାଇଥିବା ଦେଖିବାକୁ ମିଳେ । ଗୋଟିଏ ଗୋଟିଏ ଗଛରେ ୮ ରୁ ୧୦ ପର୍ଯ୍ୟନ୍ତ ଏହି ଭଳି କଣ୍ଟା ମରାଯାଇଥିବା ଦେଖାଯାଇଛି । ଏହି କଣ୍ଟାଗୁଡିକୁ ସାଧାରଣତଃ ଭୂତଛଡା କଣ୍ଟା କହି କେହି ଏହାକୁ ଛୁଅନ୍ତି ନାହିଁ । ସ୍କୁଲର ଏହି ପିଲାଟିର ମୃତ୍ୟୁ ପୂର୍ବରୁ ଏକ ଅସ୍ୱାଭାବିକ ଘଟଣା ଘଟିଥିଲା ।

ଏହି ପିଲାଟି ଅନ୍ୟ ଦୁଇ ତିନିଜଣ ସାଙ୍ଗଙ୍କ ସହ ମିଶି ଗଛ ଗୁଡିକରେ ପିଟାଯାଇଥିବା କଣ୍ଟାରୁ ଅଡୁଆ ଚୁଟି ଖୋଲି ଆଣି ନିଶ ଦାଢି କରି ଖେଳିଥିଲା । ଗୋଟାଏ କଣ୍ଟା ଉପାଡି ଆଣି ସେ ବସୁଥିବା ଡେସ୍କରେ ପିଟି ସେଥିରେ ତା ସ୍କୁଲ୍‌ବ୍ୟାଗ୍ ଝୁଲାଇଥିଲା । ଏହା ଥିଲା ତା ମୃତ୍ୟୁର ଦୁଇଦିନ ପୂର୍ବର ଘଟଣା । ଖେଳିବା ପରେ ସେହିଦିନ ପିଲାଟି ଚେତାଶୂନ୍ୟ  ହୋଇ ପଡିଥିଲା । ତେଣୁ ତାକୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପରିବାର ବର୍ଗ ସଙ୍ଗେସଙ୍ଗେ ନେଇ ଯାଇଥିଲେ । ସେଠାରେ ଡାକ୍ତର ପିଲାଟିର ଗୁରୁତର ଅବସ୍ଥା ଦେଖି ତାକୁ କଟକ ବଡ ମେଡିକାଲକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ । ଆର୍ଥିକ ଦୃଷ୍ଟିରୁ ପରିବାର ବର୍ଗ ପିଲାଟିକୁ କଟକ ନେଇ ନପାରି ଢେଙ୍କାନାଳ ଚିକିତ୍ସାଳୟରେ ରହିଲେ । ତେବେ ପରଦିନ ଏହି ଅବସ୍ଥାରେ ପିଲାଟିର ମୃତ୍ୟୁ ଘଟିଲା । ଏଭଳି ଏକ ଅସ୍ୱାଭାବିକ ମୃତ୍ୟୁରେ ଡାକ୍ତର ବ୍ରେନ୍ ଟ୍ୟୁମର ହୋଇଥିବା ସନ୍ଦେହ କରିଥିଲେ । ଘଟଣାଟି ଏତିକି ପର୍ଯ୍ୟନ୍ତ ଏକ ମୃତ୍ୟୁ ଭାବରେ ରହିଥିଲା ।

ପିଲାଟି ମେଧାବୀ ଥିଲା । ତେଣୁ ତାର ମୃତ୍ୟୁକୁ ପରିବାର ବର୍ଗ କିମ୍ବା ଶିକ୍ଷକ ଓ ସହପାଠୀମାନେ ସହଜରେ ଗ୍ରହଣ କରିପାରି ନଥିଲେ ।  ଦୁଇଦିନ ପୁର୍ବେ ଭୂତଛଡା ହୋଇଥିବା ଲୁହା କଣ୍ଟାକୁ ଗଛରୁ ଉପାଡି ସେଥିରେ ଲାଗିଥିବା ଅଡୁଆ ଚୁଟିକୁ ନିଶଦାଢି କରି ଖେଳିବା ଘଟଣାକୁ ଏ ମୃତ୍ୟୁ ସହିତ ଯୋଡି ଦିଆଗଲା । ଏହା ଫଳରେ ସ୍କୁଲ୍ ଭିତରେ ଏକ ପ୍ରକାର ଭୌତିକ ଭୟର ବାତାବରଣ ଖେଳିଗଲା । ଯେଉଁ ଡେସ୍କଟିରେ ସିଏ କଣ୍ଟା ପିଟି ବସ୍ତାନି ଝୁଲାଉଥିଲା, ସେହି ଡେସ୍କଟିକୁ ଭୌତିକ ଡେସ୍କ କହି ସ୍କୁଲ୍ ପଡିଆରେ ଫୋପାଡି ଦିଆଗଲା । ଡେସ୍କଟିକୁ ଆଉ କେହି ଛୁଇଁବାକୁ ସାହସ କଲେନାହିଁ । କ୍ରମେ ଦୁଇଦିନ ଭିତରେ ସ୍କୁଲ୍‌ର ଛାତ୍ରଛାତ୍ରୀ ଆସିବା ବନ୍ଦ କରିଦେଲେ । ଦୁଇଦିନ ଭିତରେ ସ୍କୁଲ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ବାପା ମାଆମାନେ ସ୍କୁଲ୍‌କୁ ପିଲାମାନଙ୍କୁ ଛାଡିଲେ ନାହିଁ । ଶିକ୍ଷକମାନେ ଡାକିଲେ ମଧ୍ୟ ପିଲାମାନେ ଆଉ ସ୍କୁଲ୍‌କୁ ଆସିଲେ ନାହିଁ ।  ଏଭଳି ପରିସ୍ଥିତିରେ ଶିକ୍ଷକମାନେ ସ୍କୁଲ୍‌ରେ ତାଲା ପକାଇ ସ୍କୁଲ୍ ବାହାରେ ଜଗି ବସିଲେ । ଏଭଳି ପ୍ରାୟ ତିନି ଚାରିଦିନ ଚାଲିଗଲା ।

ଏଭଳି ଏକ ଅସ୍ୱାଭାବିକ ଘଟଣା ଜିଲ୍ଲାରେ ଚହଳ ପକାଇଦେଲା । ଜିଲ୍ଲାର ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଗଙ୍ଗାଧର ସାହୁଙ୍କଦୃଷ୍ଟିକୁ ଏହି ଘଟଣା ଅଣାଗଲା । ଏହା ଜାଣିବା ପରେ ଜଣେ ହେତୁବାଦୀ ଭାବରେ ଶ୍ରୀଯୁକ୍ତ ସାହୁ ଘଟଣାଟିର ଅନୁସନ୍ଧାନ କରି ସମାଧାନ

କରିବାକୁ ଚାହିଲେ। ତେଣୁ ସେ ମୋତେ ତୁରନ୍ତ ଢେଙ୍କାନାଳରେ ଆସି ପହଞ୍ଚିବାକୁ ଅନୁରୋଧ କଲେ। ଘଟଣାଟି ସମ୍ପର୍କରେ ମୁଁ ତାଙ୍କଠାରୁ ଜାଣିବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ସେହିଦିନ ହିଁ ଢେଙ୍କାନାଳରେ ପହଞ୍ଚିଥିଲି। ପରଦିନ ସକାଳେ ଶ୍ରୀଯୁକ୍ତ ସାହୁଙ୍କ ସହିତ ଆମେ ସେହି ବିଦ୍ୟାଳୟ ଅଭିମୁଖେ ବାହାରି ପଡିଲୁ। ସ୍କୁଲରେ ପହଞ୍ଚିବା ପରେ ସେଠାକାର ଅବସ୍ଥା ଦେଖି ଜଣେ ହେତୁବାଦୀ ଡେମନଷ୍ଟ୍ରେଟର ଭାବରେ କେଉଁ କାମ ମୋ ପାଇଁ ଆଗ ହଠାତ୍ ସ୍ଥିର କରିପାରିଲି ନାହିଁ। କିନ୍ତୁ ମୋ ସମ୍ପର୍କରେ ମୁଁ ଆସିବା ଆଗରୁ ଲୋକମାନଙ୍କୁ ଓ ଶିକ୍ଷକମାନଙ୍କୁ ଜଣାଇଦିଆ ଯାଇଥିବାରୁ ମୋ ପକ୍ଷରେ ପରିସ୍ଥିତି ଅନୁକୂଳ ହୋଇଗଲା। ଗ୍ରାମବାସୀ, ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ମନରେ ଥିବା ଭୂତ ଭୟକୁ ଦୂର କରିବା ମୋର ପ୍ରଥମ କାମ ଥିଲା।

ତେଣୁ ଗ୍ରାମରୁ ଗୋଟିଏ କଣ୍ଟା କାଢିବା ପ୍ଲାସ୍ ଓ ସ୍କ୍ରୁ ଡ୍ରାଇଭର ସଂଗ୍ରହ କରି ଗଛ ଗୁଡିକରେ ମରାହୋଇଥିବା ଅଡୁଆ ଚୁଟି ଓ ଖଣ୍ଡିଆ ଟାୟାର ଆଦିକୁ ପ୍ରଥମେ ସଂଗ୍ରହ କରିଲି। ଏହି କାର୍ଯ୍ୟକୁ ଦେଖି ଲୋକମାନେ ଭୟରେ ସ୍କୁଲ୍ ହତାକୁ ଆସିଲେନାହିଁ। ଏମିତି ଅଧ ବ୍ୟାଗ ଅଳିଆ ସଂଗ୍ରହ କରିବା ପରେ ସ୍କୁଲ୍ ହତାର ସବୁତକ ଗଛ ମୁଁ ସଫା କରିଦେଲି। ଏହା ପରେ ପିଲାମାନଙ୍କୁ ସେମାନଙ୍କ ଘରୁ ପିତାମାତାଙ୍କ ଡକାଇ ଅଣାଗଲା। ଏହା ପୂର୍ବରୁ ସ୍କୁଲରୁ ଭୁତ ତଡିବା ପାଇଁ ଶିକ୍ଷକମାନେ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ଗୁଣିଆ ଡକାଇଥିଲେ। ଗୁଣିଆମାନେ ଆସି ସ୍କୁଲ୍ ଚାରିପଟେ କଣ୍ଟାପିଟି ଧଳା ସୂତାରେ ସମୁଦାୟ ସ୍କୁଲଟିକୁ ସାତ ବେଢା ଗୁଡାଇ ବନ୍ଦ କରି ରଖିଥିଲେ।

ସେ ସବୁ ସୂତାକୁ ଛିଣ୍ଡାଇ ମୁଁ ଫୋପାଡିଲି। ଏସବୁ କାର୍ଯ୍ୟଗୁଡିକୁ ଦେଖିବା ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଏଣିକି ବିଦ୍ୟାଳୟ ପ୍ରତି ଭୟ କରିବା ଛାଡିଦେଲେ ଏବଂ ଶ୍ରେଣୀ କକ୍ଷ ଭିତରକୁ ପଶିବାକୁ ସାହସ କଲେ। ସମସ୍ତଙ୍କ ବସିବାପାଇଁ ଗୋଟିଏ ବଡ କୋଠରୀର ଆୟୋଜନ କରାଗଲା। ପଡିଆରେ ଫିଙ୍ଗାଯାଇଥିବା ଡେସ୍କଟିକୁ ମୁଁ କ୍ଲାସ୍‌ରୁମ୍ ଭିତରକୁ ଆଣିଲି। ପୂର୍ବରୁ ଏହି ଡେସ୍କଟିକୁ ଦେଖି ଭୟ କରୁଥିବା ଲୋକମାନେ ବର୍ତ୍ତମାନ ମୋତେ ଡେସ୍କଟିକୁ ଆଣିବାରେ ସାହାଯ୍ୟ କରିଥିଲେ। ଏଥର ସେମାନେ ବେଶ୍ ସାହସ ପ୍ରଦର୍ଶନ କରିଥିଲେ। ଡେସ୍କଟିକୁ କୋଠରି ଭିତରକୁ ଆଣି ଗଛ ଗୁଡିକରୁ ସଂଗ୍ରହ କରିଥିବା ଅଳିଆ ଚୁଟି କଣ୍ଟା ଇତ୍ୟାଦିକୁ ଏହି ଡେସ୍କ ଉପରେ ଥୋଇ ସଭାର ଆୟୋଜନ କରିଲି।

ଏହି ଘଟଣାଟି ଉପରେ ଏକ ସଂକ୍ଷିପ୍ତ ସୂଚନା ଦେଇ ଶ୍ରୀଯୁକ୍ତ ଗଙ୍ଗାଧର ସାହୁ ମୋର ପରିଚୟ ଲୋକମାନଙ୍କ ସହ କରାଇଥିଲେ ଏବଂ ଏହା ପରେ ମୁଁ ଅଲୌକିକତା ପ୍ରଦର୍ଶନ ଓ ଅନାବରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲି। ପ୍ରାୟ ଦେଢ ଘଣ୍ଟା ସମୟ ଧରି ମୁଁ ବିଭିନ୍ନ ପ୍ରକାରର ତଥାକଥିତ ଭୌତିକ କାଣ୍ଡ, ଡାହାଣୀ ଲାଗିବା, ତାନ୍ତ୍ରିକ ମାନଙ୍କ ଦ୍ୱାରା ଡହାଣୀ ଲାଗିଥିବା ପରୀକ୍ଷା କରିବା, ଶୂନ୍ୟ ହାତରୁ ଡେଉଁରିଆ ଦେବା ଭଳି ବିଭିନ୍ନ ପ୍ରକାର ତନ୍ତ୍ରଯନ୍ତ୍ର ଅଲୌକିକତା ଆଦି ପ୍ରଦର୍ଶନ କରିଥିଲି। ପ୍ରତ୍ୟେକଟି ଘଟଣାର ବିଶ୍ଳେଷଣ କରି ଯେ ସବୁ ପଛରେ ରହିଥିବା ଧୋକାବାଜି, ହାତସଫେଇ ଆଦିର ବର୍ଣ୍ଣନା ତଥା କୌଶଳ ପ୍ରଦର୍ଶନ କରିଥିଲି। ଅଡୁଆ ଚୁଟି ଗୁଡିକ ସେହି ଡେସ୍କ ଉପରେ ରଖାଯାଇ ଥିବାରୁ ମୋର ବିଶ୍ଳେଷଣ ଉପରେ ଲୋକମାନଙ୍କର ଭରସା ଆସିଯାଇଥିଲା। ଏବଂ ଏହି ଦୁଃଖଦାୟକ ମୃତ୍ୟୁ ସହିତ କୌଣସି ଭୌତିକ ସମ୍ପର୍କ ନାହିଁ ବୋଲି ଦୃଢ ବିଶ୍ୱାସ ମଧ୍ୟ ଜନ୍ମିଥିଲା। ଏଣିକି ବି ସ୍କୁଲଟିକୁ ନିୟମିତ ଆସିବେ, ଅଭିଭାବକମାନେ ସେମାନଙ୍କୁ ସ୍କୁଲ୍ ଆସିବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ଅଲୌକିକତା ଅନାବରଣ କାର୍ଯ୍ୟକ୍ରମ ପରେ ବିଦ୍ୟାଳୟର ହତା ଭିତରକୁ କୌଣସି ତାନ୍ତ୍ରିକ ଗୁଣିଆ ଆଦିକୁ ପ୍ରବେଶ ନକରାଇବା, ଭୂତ ତଡିବାକୁ ଯଜ୍ଞ ଆଦି ନକରିବାକୁ ଶିକ୍ଷକମାନଙ୍କୁ ମୁଁ ପରାମର୍ଶ ଦେଇଥିଲି। ଏଭଳି କାର୍ଯ୍ୟ କରିଲେ, କୋମଳମତି ପିଲାମାନେ ମାନସିକ ଭାବରେ ଦୁର୍ବଳ ହୋଇଯିବେ ବୋଲି କହିଥିଲି। ପିଲାମାନଙ୍କ ଠାରେ ମାନସିକ ଦୃଢତା ସୃଷ୍ଟି କରାଇବା ପାଇଁ କେତୋଟି କୌଶଳ ବତାଇ ଦେଇଥିଲି।

ଏହି ଦୁଃଖଦାୟକ ଘଟଣାଟି ସ୍କୁଲ୍ ବନ୍ଦ ହେବାଭଳି ବଡ ଧରଣର ଘଟଣାର ମୋଡ ନେବବୋଲି କେହି କେବେ ଆଶା କରିନଥିଲେ। ପିଲାଟିର ମୃତ୍ୟୁପାଇଁ କୌଣସି ଭୂତ ପ୍ରେତ ଦାୟୀ ନଥିଲେ। ପିଲାଟିକୁ ତୁରନ୍ତ କଟକ ବଡ ମେଡିକାଲକୁ ନିଆଯାଇଥିଲେ, ହୁଏତ ବଞ୍ଚିପାରି ଥାଆନ୍ତା। କିନ୍ତୁ ଲୋକମାନେ ଅନ୍ଧବିଶ୍ୱାସ ଯୋଗୁଁ ଏକ ଶାରିରିକ ସମସ୍ୟାକୁ ଭୌତିକ କାଣ୍ଡ ଭାବରେ ଗ୍ରହଣକରି ପ୍ରାୟ ପାଞ୍ଚଦିନ ଧରି ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍ ଆସିବାକୁ ଦେଇ ନଥିଲେ। ପୂର୍ବରୁ ଗାଁର ଶାରୀରିକ ଅସୁସ୍ଥତା କ୍ଷେତ୍ରରେ ଲୋକମାନେ ଡାକ୍ତର ପରାମର୍ଶ ପରିବର୍ତ୍ତେ ଗୁଣିଆ ତାନ୍ତ୍ରିକ ଆଦିଙ୍କ ସହିତ ପରାମର୍ଶ କରୁଥିବାରୁ ଏକ ସ୍ୱାସ୍ଥ୍ୟଗତ କାରଣ ଜନିତ ମୃତ୍ୟୁ ଭୌତିକ କାଣ୍ଡରେ ପରିଣତ ହୋଇଗଲା। ଭୂତ ପ୍ରତି ମନରେ ଭୟ ଥିବାରୁ ସ୍କୁଲଟି ଅନାବଶ୍ୟକ ଭାବରେ ଜିଲ୍ଲାରେ ଚର୍ଚ୍ଚାର ପରିସରକୁ ଆସିଥିଲା। ଗୁଣିଆମାନେ ଅନେକ ସମୟରେ ଅଡୁଆ ଚୁଟି, ଖଣ୍ଡିଆ ଚପଲ ଆଦି ପଦାର୍ଥକୁ ହତା ଭିତରେ ଥିବା ଗଛ ଗୁଡିକରେ ପିଟୁ ଥିବାରୁ ଲୋକମାନଙ୍କ ମନରେ ଅନ୍ଧବିଶ୍ୱାସ ଦୃଢୀଭୂତ ହେଉଥିଲା। ଛୋଟମୋଟ କଥାରେ ଗୁଣିଆ ମାନଙ୍କ ପରାମର୍ଶ ନେଇ ମନ୍ତୁରା ଲୁଣ ଭଳି ପଦାର୍ଥ ପିଲାମାନଙ୍କୁ ଖାଇବାକୁ ଦେଉଥିବାରୁ, ହାତରେ ଡେଉଁରିଆ ବାନ୍ଧୁଥିବାରୁ କୋମଳମତି ପିଲାମାନେ ବିଶେଷ ଭାବେ ମାନସିକ ସ୍ତରରେ ଦୁର୍ବଳ ହୋଇପଡୁଥିଲେ।

ମୃତ୍ୟୁପରେ କିଛି ଲୋକ ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣି ଆଦିରେ ପରିଣତ ହୁଅନ୍ତି ବୋଲି ଗୁଣିଆ ତଥା ତାନ୍ତ୍ରିକମାନେ ଲୋକମାନଙ୍କୁ ଡରାଇବା ପାଇଁ କହିଥାଆନ୍ତି। ଏହା ସେମାନଙ୍କର ଏକ ବୃତ୍ତିଗତ କୌଶଳ ଏବଂ ମିଥ୍ୟା। ଧାର୍ମିକ ପରିବେଶ ଭିତରେ ଗୁଣିଆମାନଙ୍କର ଏଭଳି କଥାକୁ ଲୋକମାନେ ଦୃଢତାର ସହ ବିଶ୍ୱାସ କରନ୍ତି। ଛୋଟମୋଟ ଶାରୀରିକ ଅସୁବିଧା କ୍ଷେତ୍ରରେ ପ୍ଲାସେବୋ ପ୍ରଭାବ, ୟୁଫୋରିଆ ପ୍ରଭାବ ତଥା ଶାସ୍ତ୍ରୀୟ ପ୍ରଭାବ ଆଦି ଯୋଗୁଁ ଲୋକମାନେ ନିଜକୁ ନିଜେ ଅସୁସ୍ଥ ହେଉଥିବା ଏବଂ ଉପଯୁକ୍ତ ଚିକିତ୍ସା ବିନା ଓ ଔଷଧବିନା ସୁସ୍ଥ ହୋଇଗଲେ ବୋଲି ମଧ୍ୟ କହିଥାଆନ୍ତି। ଆଉ କେତେକ କ୍ଷେତ୍ରରେ କୌଣସି ଏକ ଭ୍ରାନ୍ତ ଧାରଣାକୁ ଦୃଢ ଭାବରେ ବିଶ୍ୱାସ

କରି ଅସୁସ୍ଥ ହେବା ମଧ୍ୟ ଦେଖାଯାଏ। ଏହାକୁ ସାଇକୋସୋମାଟିକ୍ ପ୍ରଭାବ ବୋଲି କୁହାଯାଏ। ଗ୍ରାମାଞ୍ଚଳରେ ବିଜ୍ଞାନ ସମ୍ମତ ଚିକିତ୍ସା ସେବା ଆବଶ୍ୟକ ଭାବରେ ପହଞ୍ଚିପାରୁ ନଥିବାରୁ ଲୋକମାନେ ହାତପାଆନ୍ତାରେ ଥିବା ଗୁଣିଆ ମାନଙ୍କ ପାଖକୁ ଯାଇ ଅଜ୍ଞାତସାରରେ ଏକ ଭୁଲ୍ କରିବସନ୍ତି। ଏହି ଭୁଲ୍‌ଟିର ପ୍ରଭାବ କୋମଳମତି ପିଲାମାନଙ୍କ ଉପରେ ପଡେ। ଏହା ସେମାନଙ୍କ ମନରେ ସାରା ଜୀବନ ପାଇଁ ରହିଯାଏ। ଗୁଣିଆମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଲେ ଏବଂ ସେମାନଙ୍କର ପ୍ରତ୍ୟେକଟି କାର୍ଯ୍ୟକୁ ଦୂରରୁ ନିରୀକ୍ଷଣ କଲେ ସେମାନଙ୍କର ଚାଲ୍‌ବାଜି ସହଜରେ ଧରାପଡିଯାଏ। ଗୁଣିଆମାନେ ଭୂତ ଛଡାଇବା ଭଳି କାର୍ଯ୍ୟରେ ବିଭିନ୍ନ ପ୍ରକାର ଧୋକାବାଜି କରୁଥିବାରୁ ଏହା ସ୍ୱତଃ ପ୍ରମାଣିତ ହେଉଛି ଯେ ଭୂତ ପ୍ରେତ ବୋଲି କିଛି ନାହିଁ। ଓଡିଆ ଭାଷାରେ ଏକ ପ୍ରହେଳିକା ରହିଛି - ଡାହାଣୀ ହୋଇ ଲାଗିବା ଆଉ ଗୁଣିଆ ହୋଇ ଝାଡିବା। ଏକଥା କହିବାର ଅର୍ଥ ହେଲା ନିଜେ ସମସ୍ୟା ସୃଷ୍ଟି କରି ନିଜେ ସମାଧାନ କରିବା ଅର୍ଥାତ୍ ମୂଳରୁ ସମସ୍ୟା ହିଁ ନଥାଏ। ତେଣୁ ସମାଧାନ କରିବା ଏକ ନାଟକ ବ୍ୟତୀତ ଆଉ କିଛି ନୁହେଁ। ଇଚ୍ଛାଶକ୍ତି ଥିବା ବ୍ୟକ୍ତିମାନେ ଏତିକିରୁ ଗୁଣି ଗାରେଡି ତଥା ଡାହାଣୀ ଭୂତ ଆଦିର ଅବଧାରଣା ଭିତ୍ତିହୀନ ବୋଲି ବୁଝିବା ଉଚିତ୍।

ଏଇ ଆଲୋଚନା ପରେ ସମସ୍ତେ ଏକାଠି ବସି ସ୍କୁଲ୍ ଘରେ ମଧ୍ୟାହ୍ନ ଭୋଜନ କରିଥିଲୁ। ମଧ୍ୟାହ୍ନ ଭୋଜନ ପରେ ମୁଁ ସଂଗ୍ରହ କରି ଆଣିଥିବା ସମସ୍ତ ଅଡୁଆ ଚୁଟି, କଣ୍ଟା, ଖଣ୍ଡିଆ ଚପଲ, ଟାୟାର୍ ଆଦିକୁ ସାଙ୍ଗରେ ନେଇ ଆସିଲି। ଆସିବାବେଳେ ଗ୍ରାମବାସୀ ଆଉ ଶିକ୍ଷକମାନଙ୍କୁ ଏତିକି କହିଥିଲି ଯେ, ଏହି ଗ୍ରାମରେ ଥିବା ସମସ୍ତ ଭୂତ, ପ୍ରେତ ଡାହାଣୀ ଆଦିଙ୍କୁ ମୁଁ ମୋ ବ୍ୟାଗରେ ପୂରାଇ ସାଙ୍ଗରେ ନେଇଯାଉଛି। ଏହା ସେଠାରେ ଏକ ସାମୂହିକ ହାସ୍ୟରୋଳ ସୃଷ୍ଟି କରିଥିଲା। ଏହି ଘଟଣା ପରଠାରୁ ସ୍କୁଲ୍‌ଟିରେ ଆଉ କୌଣସି ଭୌତିକ ଘଟଣା ଘଟି ନଥିଲା।

ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର -୭୫୧୦୩୦
ମୋ - ୯୩୩୭୦୧୫୮୮୨



# ବିବର୍ତ୍ତନ

*ଡ. ଉର୍ମିମାଳା ଆଚାର୍ଯ୍ୟ*

ପ୍ରାୟ ଚାଳିଶ ବର୍ଷ ପରେ ଗାଁକୁ ଯାଇଥାଏ । ଗାଁକୁ ଯିବାର ମୋହ ବା କାହା ମନରେ ନାହିଁ, ଝିଅମାନେ ବାହାହୋଇ ସାରିଲା ପରେ ବାପଘର ସହିତ ବହୁତ କମ୍ ସମ୍ପର୍କ ରଖନ୍ତି, ଯଦିଓ ତାହା ଆଜିକାଲି ଯୁଗରେ ବହୁତ କମ୍ ଦେଖାଯାଉଛି । ତଥାପି ଅବସର ଗ୍ରହଣ ପରେ ମନରେ ଲୁକ୍‌କାୟିତ ଇଚ୍ଛାକୁ ସଫଳ କରିବା ପାଇଁ ଦଶହରା ସମୟରେ ଗାଁକୁ ଯିବାକୁ ମନସ୍ଥ କଲି । ଯଦିଓ ସେ ଇଚ୍ଛାଟା ବେଶି ଜାଗ୍ରତ ହେଲା ଯେତେବେଳେ ଶୁଣିଲି ମୋର ପିଲାଦିନର ସାଙ୍ଗ ଦୁଇଜଣ ମଧ୍ୟ ସେହି ସମୟରେ ଗାଁକୁ ଯାଉଛନ୍ତି । ଦଶହରା ସମୟରେ ପ୍ରତି ଘରେ ପ୍ରାୟତଃ ଦେବୀ ପୂଜା ପାଆନ୍ତି । ଷଷ୍ଠୀଦିନ ପ୍ରତ୍ୟୁଷରୁ ସ୍ନାହାନ କରି କଳସ ଏବଂ ମାଟି ନଦୀକୂଳରୁ ଅଥବା ପୋଖରୀକୂଳରୁ ଆଣି ଠାକୁରଙ୍କ ପାଖରେ ଘଟ ସ୍ଥାପନ କରାଯାଏ । ଘଣ୍ଟ, ଶଙ୍ଖ ତଥା ହୁଳହୁଳିରେ ଗାଁ'ଟାଯାକ କମ୍ପୁଥାଏ । ଘରେ ଘରେ ଝିଅ ବୋହୂ ଭର୍ତ୍ତି ହୋଇଥାନ୍ତି । ନୂତନ ବସ୍ତ୍ର, ଗହଣା ଏବଂ ଅଳତା ପିନ୍ଧି ଘରେ କାମ କରୁଥାନ୍ତି । ଭଳିକି ଭଳି ଖାଦ୍ୟ ପଦାର୍ଥର ସୁବାସରେ ପୂରା ଗାଁ ମହକୁଥାଏ ।

ବୋଉର ସ୍ୱର୍ଗବାସ ପରେ ଗାଁକୁ ଯାଇ ମୋତେ ଲାଗିଲା ଯେପରି କେବଳ ଆମଘରକୁ ଛାଡ଼ି ମା' ଦୁର୍ଗା ସମସ୍ତଙ୍କ ଘରେ ବିରାଜମାନ । ଆଖିରେ ଲୁହ ଆସିଯାଉଥାଏ । ବୋଉର ଶେଷ ସମୟରେ ମୁଁ ଟିକେ ତାକୁ ଦେଖି ପାରିଲିନି । ଏହି ଅବସୋସ ଯେପରି ମୋତେ ଅନ୍ତର ଭିତରେ ମନ୍ଥି ପକାଉଥିଲା । ମାତ୍ର ମନର ଦୁଃଖକୁ ମନରେ ମାରି ମୁଁ ଘରେ ଥାଏ । ମୋ ସାଙ୍ଗ ଗୀତା, ଯିଏ କି ଗାଁ ସମ୍ପର୍କରେ ଭାଉଜ ହେବ ସେ ମୋତେ ଆସି ଡାକିନେଲା । ତାଙ୍କ ଘରେ ତାର ସମସ୍ତ ଯା', ନଣନ୍ଦ ମିଶି ପୂଜା ପାଇଁ ପ୍ରସ୍ତୁତି କରୁଥାନ୍ତି । ସମସ୍ତେ ମୋ ହାତ ଭିଡ଼ିନେଇ ପାଖରେ ବସେଇଲେ । ତାଙ୍କ ଘରେ ପୂଜା ପିଠାପଣା ଭିତରେ ଏତେ ତଲ୍ଲୀନ ହେଇଗଲି ଯେ, ମୋ ମନର ଦୁଃଖ ସୁଖରେ ବଦଳିଗଲା । ସତରେ ମାଁ ମାଟିର ଗୋଟିଏ ଅନନ୍ୟ ବାସ୍ନା ଥାଏ । ସେ ବାସ୍ନାରେ ଜୁବୁବୁବୁ ହୋଇଯାଉଥିଲି ମୁଁ । ଏତେ ଆନନ୍ଦ ବୋଧେ ମୁଁ ବିଗତ କେତେ ବର୍ଷ ଧରି ଅନୁଭବ କରିନଥିଲି । ଜୀବନଟା ଯେପରି ଏକ ବାକ୍‌ଶକ୍ତିହୀନ ମେସିନ୍ ପାଲଟି ଯାଇଥିଲା । ଜୀବନରେ ଏତେ ବର୍ଣ୍ଣାଢ୍ୟ ମୁହୂର୍ତ୍ତ ସତରେ କ'ଣ ତେବେ ମୁଁ ହଜେଇ ଦେଇଥିଲି । ଚାକିରି ସହିତ କର୍ମମୟ ଜୀବନ ତଥା ଘରର ପିଲାମାନଙ୍କର ଦାୟିତ୍ୱ ମଧ୍ୟରେ କେତେବେଳେ ଯେ, ସମୟ ବିତିଗଲା ବିଲକୁଲ୍ ଜଣାପଡ଼ିଲା ନାହିଁ ।

ଆମେ ତିନି ସାଙ୍ଗ ମୁଁ, ଗୀତା ଏବଂ ଗୀତାଞ୍ଜଳୀ ସାଙ୍ଗ ହୋଇ ଗାଁ ବୁଲିବାକୁ ସନ୍ଧ୍ୟାବେଳେ ବାହାରିଲୁ । ଯେପରି ଆକାଶରେ ପକ୍ଷୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି ସେହିପରି ଅନୁଭବ ହେଉଥିଲା, ନା ଥିଲା ପରିବାରର ବନ୍ଧନ ନା କାହା ପାଇଁ କିଛି ଉତ୍ତରଦାୟିତ୍ୱ । ବୋଧହୁଏ ଏହିପରି ବନ୍ଧନହୀନ ଜୀବନର କଳ୍ପନା ମୁଁ କେବେ କରିଥିଲି ବୁଲାବୁଲି କରିସାରି ଆମେମାନେ ଯାଇ ପହଞ୍ଚିଲୁ ଗାଁର ଅଜୟ କକେଇଙ୍କ ଘରେ । ପିଲାଦିନେ ଆମ୍ଭେମାନେ ତାଙ୍କ ଘରକୁ ଯିବାକୁ ଡରୁଥିଲୁ । ଗୋରା ତକ୍‌ତକ୍ ୬ଫୁଟ୍ ପାଖାପାଖି ଚେହେରା, ମୁହଁରେ ବାଘୁଆ ନିଶ ଆଉ ତାଙ୍କର ଯୋଡ ହସ ଯାତ୍ରାପାର୍ଟିର ଭିଲିୟାନ୍ ହସ ପରି ଲାଗେ । ଏହାଛଡ଼ା ଅଜୟ କକେଇଙ୍କର ଗମ୍ଭୀରତା ଓ ଠୋସ୍ କଥା ଆମ ମନରେ ଭୟ ସଞ୍ଚାର କରୁଥିଲା । କେତେ ପ୍ରତିପତ୍ତି, କେତେ ସଂପତ୍ତି ତାଙ୍କ ବାପାଙ୍କର । ସେତେବେଳେ ଗାଁରେ ଏକମାତ୍ର ତାଙ୍କର ହିଁ ତିନିମହଲା କୋଠାଘର ଥିଲା ଏବଂ ସମସ୍ତ ପ୍ରକାରର ସୁଖ ସୁବିଧା ତାଙ୍କ ପାଖରେ ଉପଲବ୍ଧ ଥିଲା । ତାଙ୍କ ସ୍ତ୍ରୀ କୁନ୍ତଳା ଖୁଡ଼ି ଦେଖିବାକୁ ଯେପରି ସୁନ୍ଦରୀ, ସେହିପରି ବୁଦ୍ଧିମତୀ ମଧ୍ୟ । ସେ ଇଂରାଜୀ ଅନର୍ସରେ ଫାଷ୍ଟକ୍ଲାସ୍ ପାଇ ଏମ୍.ଏ. ପଢ଼ିବାକୁ ଚାହୁଁଥିଲେ, ମାତ୍ର ତାଙ୍କ ବାପା ଅଜୟ କକେଇଙ୍କୁ ଦେଖି ଏତେ ଖୁସି ହେଇଗଲେ ଯେ, ନିଜର ଏକମାତ୍ର ଝିଅର ପାଠପଢ଼ା ବନ୍ଦକରି ବିବାହ କରାଇଦେଲେ । ଖୁଡ଼ିଙ୍କ ବାପା ତତ୍କାଳୀନ ମନ୍ତ୍ରୀମଣ୍ଡଳରେ ଜଣେ ଟାଣୁଆ ମନ୍ତ୍ରୀ ଥିଲେ । ଖୁଡ଼ି ଯେତେବେଳେ ବିଭାହୋଇ ଆସିଲେ, କେତେ ଭାର, କେତେ ଜିନିଷ ଆଣିଥିଲେ । ଗାଁ ଲୋକ ସେ ଭାର ଏବଂ ଖଟ-ପଲଙ୍କ ଦେଖି ଆଶ୍ଚର୍ଯ୍ୟ ହୋଇ ପରସ୍ପର କଥାବାର୍ତ୍ତା ହେଉଥିଲେ, ଏପରି ଜିନିଷ ସେମାନେ କେବେ ବି ଦେଖିନଥିଲେ । ସେ ସବୁ ଜିନିଷ ଅଜୟ କକେଇଙ୍କ ଘରକୁ ବୋହିବାକୁ ୧୦ଜଣ ଲୋକଙ୍କୁ ସାରାଦିନ ସମୟ ଲାଗିଥିଲା । ଏତେ ମିଠା ଆସିଥିଲା ଯେ ଗାଁର ସମସ୍ତଙ୍କ ଘରେ ତଥା ମହାନ୍ତିସାହି, ନାହାକସାହି, ହରିଜନ ସାହିରେ ମଧ୍ୟ ପ୍ରଚୁର ପରିମାଣରେ ବଣ୍ଟାଯାଇଥିଲା । ସେ ସବୁ ମିଠା ଯେଉଁମାନେ ଖାଇଛନ୍ତି ସେମାନେ ଏବେ ବି ତା'ର ସ୍ୱାଦକୁ ଝୁରି ହେଉଛନ୍ତି । କୁନ୍ତଳା ଖୁଡ଼ି ଆସି ଘରେ ରାଜରାଣୀ ପରି ରହିଲେ । କେତେ ଚାକରବାକର, ମୂଲିଆ, ଗୁମାସ୍ତା ଘରେ ଥିଲେ । ତାଙ୍କ କଥା ବୁଝିବା ପାଇଁ ଦୁଇଜଣ ଚାକରାଣୀ ତାଙ୍କ ବାପା ପଠାଇଥିଲେ । ସେମାନେ ତାଙ୍କର ସମସ୍ତ ପ୍ରକାର କାମ କରୁଥିଲେ । ଏହିପରି ଗାଁରେ ଯଦି ଥିଲାବାଲାଙ୍କ କଥା

କେତେବେଳେ ଆଲୋଚନା ହୁଏ, ତେବେ ସମସ୍ତେ ଅଜୟ କକେଇଙ୍କ ଉଦାହରଣ ଦେଇଥାନ୍ତି।

ସନ୍ଧ୍ୟାବେଳେ ଆମେ ତାଙ୍କ ଘରେ ପହଞ୍ଚିଲା ପରେ ମୁଁ ଦେଖିଲି ଏକ ଅବଗୁଣ୍ଠନବତୀ ସ୍ତ୍ରୀ ଲୋକ ବୃନ୍ଦାବତୀଙ୍କ ପାଖରେ ସନ୍ଧ୍ୟା ଦେଉଛନ୍ତି। ଶ୍ୱେତବସ୍ତ୍ର ପରିହିତା ଦୁର୍ବଳ ଶରୀରର ନାରୀଟିଏ। ତାଙ୍କର ପ୍ରାଚୁର୍ଯ୍ୟପୂର୍ଣ୍ଣ ବିଳାସମୟ ଅଟ୍ଟାଳିକା ଯେପରି ବିବର୍ଣ୍ଣ ଏବଂ କିଛି ଖସିପଡ଼ିଥିବା ସିମେଣ୍ଟ ଖଣ୍ଡ ସହିତ ଆଗନ୍ତୁକଙ୍କୁ ଖତେଇ ହେଉଥିଲେ। କୁନ୍ତଳା ଖୁଡ଼ି ଆମ୍ଭମାନଙ୍କୁ ବହୁତ ଆଦର କରନ୍ତି। ବିଶେଷକରି ମୁଁ ଭଲ ପାଠ ପଢ଼େ ବୋଲି ମୋତେ ସବୁବେଳେ ସ୍ନେହରେ ତାଙ୍କ ଘରକୁ ଯିବାକୁ ଖବର ପଠାନ୍ତି। କୁନ୍ତଳା ଖୁଡ଼ି ମୋତେ ଦେଖି ଆରେ 'କୁନି' ତୁମେ କେଉଁଦିନ ଆସିଛ କହି କୁଣ୍ଢାଇ ପକାଇଲେ। ମୋତେ ଆଲିଙ୍ଗନରେ ଆବଦ୍ଧ କରିଥିବା ଶିରାଳ ଦୁର୍ବଳ ହସ୍ତଦ୍ୱୟ ଯେ ସେହି କୁନ୍ତଳା ଖୁଡ଼ିଙ୍କର ବୋଲି ମୁଁ ଚିନ୍ତା କରିପାରୁନଥିଲି। ବନ୍ଧନମୁକ୍ତ ହୋଇ ମୁଁ ନିରେଖି କରି ଦେଖିଲି ଯଦିଓ ସେହି ପୁରୁଣା ଔଜଲ୍ୟ ନାହିଁ ତଥାପି ତାଙ୍କ ଆଖିରେ ମୁଁ ସେହି ଜ୍ୟୋତି ଦେଖିବାକୁ ପାଇଲି, ଯାହା କି ପିଲାବେଳେ ମୁଁ ସେହି ସ୍ନେହପୂର୍ଣ୍ଣ ଦୃଷ୍ଟିକୁ ଆଡ଼େଇ ପାରୁନଥିଲି। ମୋ ପାଟିରୁ ହଠାତ୍ ବାହାରିଲା - ଖୁଡ଼ି ! ଏ କ'ଣ ? ତୁମେ ଏପରି କାହିଁକି ଦେଖାଯାଉଛ ? ଖୁଡ଼ି କିଛି ନକହି ଆମ ହାତ ଧରି ଘର ଭିତରକୁ ନେଇଗଲେ। ଘରର ଦ୍ୱାର ଦେଶରେ ବହୁ ପୁରୁଣା ପର୍ଦ୍ଦା ଝୁଲୁଥିଲା, ମାତ୍ର ଗୃହର କାନ୍ଥ ତଥା ଛାତରୁ ପଲସ୍ତରା ଖସି ଏତେ ବିବର୍ଣ୍ଣ ଦେଖାଯାଉଥିଲା ଯେପରି ବହୁ ପୁରାତନ ପରିତ୍ୟକ୍ତ ଦେବସ୍ଥାନ। ଖୁଡ଼ିଙ୍କ ଶରୀରରେ ଶୁଭ୍ର ବସ୍ତ୍ର ଏବଂ ତାଙ୍କ ଖାଲି କପାଳକୁ ଦେଖି ଆଉ ଅବୁଝା ରହିଲା ନାହିଁ ଯେ, କକେଇ ଆଉ ନାହାନ୍ତି। ଅତି ଆଦରରେ ଖୁଡ଼ି ତାଙ୍କ ଶୟନ କକ୍ଷକୁ ନେଇ ବସାଇଲେ ଏବଂ ସ୍ନେହରେ ମୁଢ଼ିମୁଆଁ ତଥା ବାଦାମଭଜା ଆଣି ଦେଲେ। ମୁଁ ଏକଦମ ସ୍ତବ୍ଧ ହୋଇଯାଇଥାଏ, ଏପରି କିପରି ହେଲା ? ମୋତେ ତ କେହି କେବେ ଏକଥା କହିନାହାନ୍ତି। ତେବେ ସୁବେଳେ ନିଜର ପ୍ରତିଷ୍ଠା ଏବଂ ବୈଭବ ଯୋଗୁଁ ଅଜୟକକୁ ଯେପରି ନିଜସ୍ୱ ଶୈଳୀରେ ଜୀବନଯାପନ କରୁଥିଲେ, ସେଥିପାଇଁ ଅଧିକାଂଶ ଲୋକଙ୍କୁ ବାସ୍ତବ ସ୍ଥିତି ଜ୍ଞାତ ନଥିଲା। ଆମ ସମସ୍ତଙ୍କ ମୁହଁରେ ଆଶ୍ଚର୍ଯ୍ୟ ଭାବକୁ ଏଡ଼ାଇଯାଇ ଖୁଡ଼ି ଚା' ତିଆରି କରି ଆଣି ପିଇବାକୁ ଦେଲେ। ସମସ୍ତେ ଚୁପ୍‌ଚାପ୍ ବସିଥାଉ। ଖୁଡ଼ି ତା'ପରେ କହିଲେ କେତେ ବର୍ଷ ପରେ ତୁମମାନଙ୍କ ସାଥିରେ ଦେଖାହେଲା। ମୁଁ ଏତେ ଖୁସି ଯେ, ତାହା ଶବ୍ଦରେ ବର୍ଣ୍ଣନା କରିପାରୁନି।

ତା'ପରେ ଆମ୍ଭେମାନେ ତାଙ୍କ ପାଖରେ ଅଳିକରି ଏହି ଦୁରାବସ୍ଥାର କାରଣ ଜିଜ୍ଞାସା କଲୁ। ଖୁଡ଼ି କହିଲେ, ମନୁଷ୍ୟ ଜୀବନ ଦୁଃଖ-ସୁଖ, ଅନ୍ଧାର-ଆଲୁଅର ସମ୍ମିଶ୍ରଣରେ ଗଢ଼ା। ତେଣୁ ଯାହା ଯେତେବେଳେ ଆସିବ, ସେହିପରି ତାକୁ ଆତ୍ମବିଶ୍ୱାସର ସହିତ ସାମନା କରିବାକୁ ପଡ଼ିବ। ଖୁଡ଼ି ଆମ ପାଖରେ ବସିଥିବା ବେଳେ ତାଙ୍କର ଦୁଇଝିଅ କଲ୍ୟାଣୀ ଏବଂ କୁସୁମ ଆସି ପହଞ୍ଚିଲେ। ସେମାନେ ଖୁଡ଼ିଙ୍କ ହାତରେ ଧରେଇ ଦେଲେ କିଛି ଟଙ୍କା। ଖୁଡ଼ି ଟଙ୍କାତକ ଗଣିକରି ରଖିଲେ। ପାଖରେ ବସି ଖୁଡ଼ି ଆଦରରେ ମୁଢ଼ିମୁଆଁ ମୋତେ ଖୁଆଇ ଦେଉ ଦେଉ କହିଲେ, ମନେଅଛି ତୁମେ ପିଲାଦିନେ ମୁଢ଼ିମୁଆଁ କେତେ ପସନ୍ଦ କରୁଥିଲ ? ଆମ ଘର ସାମ୍ନାରେ ଯେଉଁ ମଲ୍ଲୀ ଗୁଡ଼ିଆଣୀ ଥିଲା ତା' ଘରୁ ଧାନ ଦେଇ ନେଉଥିଲ। ପିଲାଦିନର କଥା ଶୁଣି ମୋ ମୁହଁ ଉଜ୍ଜଳି ଉଠିଲା। ମୁଁ କହିଲି ଖୁଡ଼ି ମୁଁ ତ ଲୁଚି ଲୁଚି ଜେଜିମା ଡରରେ ଧାନବସ୍ତାରୁ ଧାନ ଆଣି ମୁଢ଼ିମୁଆଁ ନେଉଥିଲି। ତୁମେ କେମିତି ଦେଖିଲ ? ଖୁଡ଼ି କହିଲେ, ତୁମେ ମୁଢ଼ିମୁଆଁ ଆଣି ଆମ ଘର ପଛପଟ ବାଡ଼ି ପିଣ୍ଡାରେ ବସି ଖାଉଥିବାର ମୁଁ ଅନେକ ଥର ଝରକାବାଟେ ଦେଖିଛି। ମାତ୍ର କାହାକୁ ମୁଁ ଏ ବିଷୟରେ କେବେ ବି କହିନଥିଲି। ତୁମେ ବୋଧେ ଜାଣିନ, ମୋତେ ମୁଢ଼ିମୁଆଁ ଭାରି ଭଲ ଲାଗେ। ମାତ୍ର ତୁମ କକୁ ସେସବୁ ପସନ୍ଦ କରନ୍ତିନି। ମୁଁ ଥରେ ମୁଆଁ ଆଣିବାକୁ କହିବାରୁ ସେ କ'ଣ କହିଥିଲେ ଜାଣ ? ଛିଃ ! ସେଗୁଡ଼ା ସବୁ ଗରିବ ଦିନଦୁଃଖୀ ଲୋକ ଖାଆନ୍ତି। ଆମ ପରି ସମ୍ଭ୍ରାନ୍ତ ବଂଶର ଲୋକମାନେ ତ ଛେନାପୋଡ଼, ସାଳେପୁର ରସଗୋଲା, କଟକୀ କାଳାକନ୍ଦ ଆଉ ଭଗବାନ ସାହୁ ଚମ୍‌ଚମ୍ ଆଦି ମିଠା ଖାଇବା କଥା। କୁହ କେତେ ମିଠା ଆଣିବି ? ଆଜି ଆମ ଗୁମାସ୍ତା ନେଇଆସିବ।

ଖୁଡ଼ିଙ୍କ ଆଖିରେ ଲୁହ ଭରି ଆସିଲା। ସୁନ୍ଦର ଢଳଢଳ ଆଖି ଭିତରଟା ଲାଲ ପଡ଼ିଗଲା। କୁହାଯାଏ ଲୁହ ସଂକ୍ରାମକ ଅଟେ। ମୋ ଆଖିରେ ମଧ୍ୟ ଲୋତକ ବିନ୍ଦୁ ସଞ୍ଚରି ଗଲା। ମୁଁ ଲୁଗାକାନିରେ ଖୁଡ଼ିଙ୍କ ଆଖିରୁ ଲୁହ ପୋଛିଦେଲି। ଖୁଡ଼ି କୋହଭରା କଣ୍ଠରେ କହିଲେ, ତୁମ କକୁଙ୍କର ଏହି ବଡ଼ ପଣ, ଦେଖାଇହେବା ନୀତି ହିଁ ସବୁ ଦୁର୍ଦ୍ଦଶାର ମୂଳ କାରଣ। ନିଜ ବଡ଼ପଣ ଦେଖାଇବାକୁ ଯିଏ ଯାହା ମାଗିଲା ଦେଇ ଦିଅନ୍ତି। କଟକର ବକ୍ସିବଜାରରେ ଏକ ବଡ଼ ବହି ଦୋକାନ କରିଥିଲେ, ବହୁତ ଭଲ ଲାଭ ହେଉଥିଲା। ମାତ୍ର ଦୋକାନ କଥା ନିଜେ ନ ବୁଝି ତାଙ୍କର ସେହି ଧୂର୍ତ୍ତ ସାଙ୍ଗ ଗଗନ ହାତରେ ଧରାଇ ଦେଲେ। ଆଖିବୁଜି ଗଗନକୁ ବିଶ୍ୱାସ କରୁଥିଲେ କକେଇ। ଗଗନ ଧୀରେ ଧୀରେ ଠାକୁର ସାଥିରେ ଖଟୁଲି ଖାଇଦେଲା। ତୁମ କକେଇଙ୍କ ମୁଣ୍ଡରେ ଚେତା ପଶିଲାନି। ମୁଁ ଯଦି କେବେ କିଛି ପଚାରେ, ତେବେ ତୁମ କକୁ କହନ୍ତି, ତୁମର ଛୋଟିଆ ମୁଣ୍ଡ, ତେଣୁ ବଡ଼ ବଡ଼ କଥାରେ ଭାରାକ୍ରାନ୍ତ ହୁଅନାହିଁ। ଏହିପରି ଟଙ୍କାପଇସାର ବିନିର୍ବ୍ୟୟ ହେଇଚାଲିଲା। ଗଗନର ପ୍ରରୋଚନାରେ ଗାଁ ମୁଣ୍ଡରେ ଗୋଟିଏ କୁକୁଡ଼ା ଫାର୍ମ କଲେ। ଫାର୍ମ ଆଧୁନିକ ପ୍ରଣାଳୀରେ ପ୍ରସ୍ତୁତ କରାଯାଇଥିଲା। ତଳେ ପୋଖରୀରେ ମାଛ ଯାଆଁଳ ଛଡ଼ା ଯାଇଥିଲେ ଏବଂ ପୋଖରୀ ଉପରେ କୁକୁଡ଼ାମାନଙ୍କର ପିଞ୍ଜରା ଥିଲା। କୁକୁଡ଼ାଙ୍କ ମଳ ମାଛମାନେ ଖାଇ ହୃଷ୍ଟପୁଷ୍ଟ ହେବେ ତଥା କୁକୁଡ଼ା ମାନଙ୍କ ଖାଦ୍ୟର ଯାହା ଅବଶିଷ୍ଟାଂଶ ତଳେ ପଡ଼ିଯିବ ତାକୁ ମଧ୍ୟ ମାଛ ଖାଇବେ। ସୁତରାଂ ଦାନା ନଷ୍ଟ ହେବନି। ମାତ୍ର ଗଗନ ତ ଲୁଟିବାରେ ଧୁରନ୍ଧର। ଲାଲୁ ଯାଦବ ପରି ସମସ୍ତ କୁକୁଡ଼ା ଖାଦ୍ୟ ହଡ଼ପ କରି ଚାଲିଲା। କକୁ ବହୁତ କମ୍ ଏସବୁ ବ୍ୟବସ୍ଥାର ତଦାରଖ କରୁଥିଲେ। ରାଜନୀତିରେ ପଶି ଅନେକ ଅର୍ଥ ମଧ୍ୟ ଉଡ଼େଇ ଦେଲେ। ଏମ୍.ଏଲ୍.ଏ. ପାଇ ୨ଥର ଏବଂ ଏମ୍.ପି. ପାଇଁ ଥରେ ଠିଆହୋଇ ଅନେକ ଅର୍ଥ ଶ୍ରାଦ୍ଧ କଲେ। ସେଥିରେ ଯେତେ ଜମିବାଡ଼ି ଥିଲା ସମସ୍ତ ଶାଗମାଛ ମୂଲ୍ୟରେ ବିକ୍ରି ହୋଇଗଲା। ପିଲାମାନଙ୍କ ପାଠପଢ଼ା ପାଇଁ ମଧ୍ୟ ପଇସା ନଥିଲା। ମୁଁ ମୋ ଗହଣା ବିକି କୁନାଳ ମୋ ବଡ଼ପୁଅକୁ ମେଡିକାଲ୍ ପଢ଼ାଇଲି। ତା'ର ବହୁତ ଇଚ୍ଛା ଥିଲା ସେ ଡାକ୍ତର ହେବ। ବଡ଼ଝିଅ କାଞ୍ଚନର ମଧ୍ୟ ଏକ ସୁପାତ୍ର ଦେଖି ବିବାହ କରାଇଲି। ଆଉ ଯାହା ବା କିଛି ଅଳଙ୍କାର

ଥିଲା କକେଇ ଯେତେବେଳେ ବେମାରିରେ ପଡ଼ିଲେ, ତାକୁ ବିକିଦେଲି। ଆମେ ସର୍ବସ୍ୱାନ୍ତ ହେଇଗଲୁ। କୁନାଳର ଦ୍ୱିତୀୟ ବର୍ଷ ମେଡିକାଲ୍ ବେଳେ କକେଇଙ୍କର ପୂରା ଶରୀର ପାରାଲିସିସ୍ ହେଇଗଲା। ସେ ଆଉ ହଲଚଲ ହେଇପାରିଲେ ନାହିଁ। ଘୋର ଆର୍ଥିକ ସଂକଟ ଯୋଗୁଁ କୁନାଳ ପାଠପଢ଼ା ଛାଡ଼ି ଆସି ଘରେ ରହିଲା। ଦୁର୍ଭାଗ୍ୟ ଯେତେବେଳେ ଆସେ ଏକାକୀ ଆସେ ନାହିଁ। ଏହି ଦୁଃସମୟରେ କାଞ୍ଚନର ସ୍ୱାମୀ ମଧ୍ୟ ରାସ୍ତା ଦୁର୍ଘଟଣାରେ ଚାଲିଗଲେ। ଶାଶୂଘର ଲୋକଙ୍କ ଦୌରାତ୍ମ୍ୟରେ କାଞ୍ଚନ ଘରକୁ ପଳାଇଆସିଲା। କ'ଣ କରିବି, ମୋତେ କିଛି ବୁଦ୍ଧିବାଟ ଦିଶିଲାନି। ସମସ୍ତେ କହିଲେ ବାପଘରକୁ ଚାଲିଯା, ନହେଲେ ଭାଇମାନଙ୍କୁ ସାହାଯ୍ୟ ମାଗ। ମାତ୍ର ମୁଁ ବା କାହିଁକି ସେମାନଙ୍କ ପାଖରେ ହାତ ପତେଇବି ? ସେଥିପାଇଁ ନିଜେ ମନରେ ଆଣ୍ଠି ବାନ୍ଧିଲି। କକେଇଙ୍କର ଔଷଧ ଖର୍ଚ୍ଚ, ୪ଜଣ ପିଲା ତଥା ମୁଁ, ଆମର ଖର୍ଚ୍ଚବାର୍ଚ୍ଚ ଯେଉଁଠୁ ବି ଯୋଗାଡ଼ କରିବାକୁ ହେବ।

ସେତେବେଳେ ଗାଁରେ ଏକମାତ୍ର ଆମ ଘରେ ବୋର୍‌ୱେଲ୍ ଥାଏ। ବୋରିଂ ପାଣି ଦେହ ପାଇଁ ହିତକର। ଯଦିଓ ଏକଥା ବିଲକୁଲ୍ ଅମାନବୀୟ, ତଥାପି ମୁଁ ଗାଁ ଲୋକଙ୍କ ଠାରୁ ବାଲ୍‌ଟିଏ ପାଣି ବଦଳରେ ୧ ଟଙ୍କା ଲେଖାଏଁ ରଖିଲି। କିଛି ଟଙ୍କା ସଂଗ୍ରହ କଲେ ତ ସଂସାର ଚଳିବ। ଯେଉଁ ଗାଁ ଲୋକମାନେ ମାଗଣାରେ ବାଲ୍‌ଟି ବାଲ୍‌ଟି ପାଣି ନେଉଥିଲେ, ସେମାନଙ୍କ ଠାରୁ ଟଙ୍କା ସଂଗ୍ରହ କରିବାକୁ ମୋତେ ସଂକୋଚ ଲାଗୁଥିଲେ ବି ବାଧ୍ୟ ହୋଇ ସେପରି କଲି। ମୋ ବଡ଼ଲୋକିର ଖୋଳପାକୁ ମୁଁ ତ୍ୟାଗ କରି ପରିଶ୍ରମ କରିବାକୁ ଆଗଭର ହେଲି। ପିଲାମାନେ ମଧ୍ୟ ମୋତେ ସାହସ ଦେଲେ। ଗୋଟିଏ ଫାର୍ମାସୀ ସାର୍ଟିଫିକେଟ ଯୋଗାଡ଼ କରି କୁନାଳ ଗାଁ ମୁଣ୍ଡରେ ଔଷଧ ଦୋକାନ ଖୋଲିଲା। ମୁଁ କାଠିକୁଟା ଜାଳ ସଂଗ୍ରହ କରି ମୁଢ଼ି ଭାଜି ବିକିଲି। ପିଲାଦିନେ ତ ମୁଁ ବହୁତ ଅୟସରେ ବଢ଼ିଥିଲି, ତେଣୁ କିଛି କାମ ମୋତେ ଜଣାନଥିଲା। ତେଣୁ ପ୍ରଥମେ ପ୍ରଥମେ ତ ବଡ଼ କଷ୍ଟ ହେଲା, ମାତ୍ର ଧୀରେ ଧୀରେ ମୁଁ ମୁଢ଼ି ଭାଜିବା ଶିଖି ତାକୁ ବିକୁଥିଲି। ତା'ପରେ କ୍ରମଶଃ ଗୁଡ଼ କିଣି ମୁଢ଼ିମୁଆଁ, ବାଦାମ ମୁଆଁ ଆଦି କରି ବିକିଲି। ମାତ୍ର ଗାଁରେ ବା କେତେ ବିକ୍ରି ହେବ ! ସେଥିପାଇଁ କୁସୁମ ଓ କଲ୍ୟାଣୀଙ୍କ ହାତରେ ପାଖ ବଜାରକୁ ପଠାଇଲି। ମୋ ହାତ ତିଆରି ଲଡୁ, ମୁଆଁ ଲୋକମାନଙ୍କର ବହୁତ ପସନ୍ଦ ହେଲା। ଆସ୍ତେ ଆସ୍ତେ ଦୁଇ ପଇସା ଆସିଲା। ଘର କାମରେ କାଞ୍ଚନ ସାହାଯ୍ୟ କରେ। କୁସୁମ ଓ କଲ୍ୟାଣୀ ପାଠପଢ଼ା ସହିତ ବଜାର ଯିବା ମାର୍କେଟିଂ କରିବା ଆଦି କରନ୍ତି। ଯାହାହେଉ ଯେମିତି ବି ମୋ ସଂସାର ବହୁତ କଷ୍ଟରେ ଚାଲିଥିଲା। ଏ ବିଷୟରେ ଆମ୍ଭେମାନେ କକେଇଙ୍କୁ କିଛି କହିନଥିଲୁ। ମାତ୍ର ଯେତେବେଳେ କକେଇ ସମସ୍ତ କଥା ଜାଣିଲେ ସେ ପଶ୍ଚାତାପ କରି କରି ମରିଗଲେ। ତାଙ୍କର ମୃତ୍ୟୁ ଦୁଇ ବର୍ଷ ତଳେ ହୋଇଥିଲା। ଏବେ ଅତି ସୁବିଧାରେ ନ ହେଲେ ବି କୌଣସି ମତେ ଜୀବନ ଚାଲିଛି। ରଜା ଘର ଝିଅ ଶାଗ ଭାଜିଲା ପରି ମୋ ଜୀବନରେ ମୁଁ ସବୁ ପ୍ରକାରର ଅନୁଭୂତି ସାଉଁଟିଲି।

ଆଶ୍ଚର୍ଯ୍ୟ ହେଇ ମୁଁ ନାତିଦୀର୍ଘ, କ୍ଷୀଣ କାୟା, ପାନପତ୍ର ପରି ସୁନ୍ଦର ମୁହଁଟିକୁ ଚାହିଁ ରହିଥିଲି। ଖୁଡ଼ିଙ୍କ ମୁହଁ ବିନା ଶୃଙ୍ଗାରରେ ମଧ୍ୟ ମୋ ଆଖିକୁ ଚକମକ୍ ଦିଶୁଥିଲା ମୁଁ ଖୁଡ଼ିଙ୍କ ପାଦତଳେ ନମସ୍କାର କରି କହିଲି, ଧନ୍ୟ ତୁମେ ଖୁଡ଼ି ! ତୁମେ ମାନବୀ ନୁହଁ ! ଧୈର୍ଯ୍ୟ ତଥା ସାହସର ଅପୂର୍ବ ପରାକାଷ୍ଠା ସମ୍ପନ୍ନା ଦେବୀ। ଏତେ ଦୁର୍ଦ୍ଦିନରେ ମଧ୍ୟ ତୁମ ପରି ଲବଣୀ ପିତୁଳି ନାରୀ ଯେପରି ଅଦମ୍ୟ ଚେଷ୍ଟା କରି ପରିବାରକୁ ରକ୍ଷା କଲା ତାହା ଯୁଦ୍ଧରେ ବିଜୟ ଲାଭ କରିବା ସହିତ ଆପାତତଃ ସମାନ। ତୁମେ ମହିୟସୀ, କାହିଁ ତୁମର ସେହି ଅଳଙ୍କାର, ପଟ୍ଟବସ୍ତ୍ର, ଦାସ-ଦାସୀ ପରିବେଷ୍ଟିତ ବେଶ। ଏବେ ତୁମର ଏ ଶୁଭ୍ରବସ୍ତ୍ର, ଶୁଭ୍ର କେଶ ତଥା ଆୟତ୍ତ ମୁଖମଣ୍ଡଳ। ବିପତ୍ତି ହିଁ ବିବର୍ତ୍ତନର ଜନନୀ। ସେହିପରି ତୁମେ ହିଁ ହେଉଛ ସେହି ଜନନୀ, ଭଗିନୀ ତଥା ଜାୟା। ସମସ୍ତ ବିପର୍ଯ୍ୟୟକୁ ସାମ୍ନା କରି ଦୁର୍ବାର ସାହସରେ ପରିସ୍ଥିତିକୁ ସାମନା କରିଚାଲିଛ। ବିପତ୍ତି ତୁମ ପାଖରେ ହାର ମାନିଛି। ତୁମେ ଅନ୍ୟମାନଙ୍କ ପାଇଁ ତ୍ୟାଗ ଓ ବଳିଦାନର ମୂର୍ତ୍ତିମନ୍ତ ସ୍ୱରୂପ। ଭଗବାନ ନିଶ୍ଚୟ ତୁମର ସହାୟ ହେଇଛନ୍ତି ଏବଂ ହେଉଥିବେ। ତୁମକୁ ମୋର କୋଟି କୋଟି ପ୍ରଣାମ।

୪୫୫, ଅମୃତାୟନ, ଶକ୍ତି ବିହାର,
ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ, ଭୁବନେଶ୍ୱର-୭୫୧୦୧୭
ମୋ-୯୪୩୭୨୮୩୦୨୬

# ରବିବାର

*ବିରଞ୍ଚି ନାରାୟଣ ପଟ୍ଟନାୟକ*

ସକାଳ ୭ଟା।

କଲିଂବେଲ୍ ଶବ୍ଦ ତରଙ୍ଗରୁ ମାଲୁମ ପଡିଲା ଏହା ବିଶ୍ୱଭୂଷଣ ମହାନ୍ତିଙ୍କର ଦ୍ୱିଶବ୍ଦବାଲା ସ୍ୱତନ୍ତ୍ର ବେଲ୍। ସିଏ ମୋର ସଂଗାତ। ପିଲାଦିନରୁ ଶିଶୁ ଶ୍ରେଣୀରେ ପାଠପଢା ଆରମ୍ଭ ହେବା ବେଳଠାରୁ ଆମର ଏମିତି ସମ୍ପର୍କ ଗଢି ଉଠିଛି। ଏଇଟା ସ୍ୱତଃ ନୁହେଁ, ଆମର ଅଭିଭାବକ ମାନଙ୍କର କୌଣସି ନିଷ୍ପତ୍ତି ବି ଥିଲା। ସେ ସମ୍ପର୍କଟା ଅଦ୍ୟାବଧି ଘନିଷ୍ଠ ହୋଇ ରହିଛି। ବନ୍ଧୁ ଭାବରେ ନିବିଡ ସମ୍ବନ୍ଧ। ଚାକିରି ଜୀବନରେ ଅନେକ ବର୍ଷ ପୃଥକ୍ ହେବା ପରେ ଅବସର ପର ସମୟ ଗାଁ ମାଟିରେ କଟୁଛି। ସଂଗାତ ନିୟମିତ ଆମ ଘରକୁ ଆସନ୍ତି ଓ ମୁଁ ବି ତାଙ୍କ ଘରକୁ ଯାଏ। ଅନେକ ସମୟରେ ସେ ମର୍ଣ୍ଣି ୱାକ୍‌ରୁ ଫେରିବା ବାଟରେ ଆମ ଘରକୁ ଆସନ୍ତି।

ତଥାପି ତାଙ୍କ ଆସିବା ଟା ମୋତେ ଚକିତ କରିଦେଲା। କାରଣ ଏଇଟା କୋଭିଡ୍ ଅକାଳ। କେହି ଘରୁ ବାହାରୁ ନାହାନ୍ତି। ସରକାରୀ କଟକଣା ତ ରହିଛି। ହେଲେ କାହାର ଜୀବନକୁ ଭୟ ନାହିଁ? ଘର ଦୁଆର ତାଟି କବାଟ ପଡିଯାଉଛି। ଗାଁ ଦାଣ୍ଡ ଖାଁ ଖାଁ ହୋଇପଡିଛି। କେହି କୁଣିଆଘର ଯାଉନାହାନ୍ତି କି କୁଣିଆ ଆସିଲେ, ତାଙ୍କୁ ଘରେ ପୂରାଇବାକୁ କୁଣ୍ଠାବୋଧ କରୁଛନ୍ତି। ଏ ଜଟିଳ ବ୍ୟାଧିଟି ଏମିତି ମୁହଁକୁ ମୁହଁ କଥା ହେବାରେ ବ୍ୟାପୁଛି। ଏ ସମୟରେ ସଂଗାତ କାହିକି ଅବା ଆସିଛନ୍ତି?

ମନରେ ଶଙ୍କା ଆସିଲା। କୌଣସି ଗୁରୁତର ବିଷୟ ଥାଇପାରେ। ଉପର ମହଲାରୁ ତଳକୁ ଆସି ଦେଖିଲି ସତକୁ ସତ ସଂଗାତ ଆସିଛନ୍ତି। ସହଜରେ ଚିହ୍ନି ତ ହେଉନି। ପୋଷାକ ପରିଚ୍ଛଦ ଆଉ ଠିଆ ହେବା ଶୈଳୀରୁ ତାଙ୍କ ପରି ଲାଗୁଛି। ମାସ୍କ ତ ମୁହଁକୁ ଘୋଡାଇ ଦେଇଛି ଆଉ କହିବା କଥାର ସ୍ୱର ବି ବଦଳାଇ ଦେଇଛି। ଅକାଳ ସମସ୍ତଙ୍କୁ ଗ୍ରାସ କରିଛି। ମଣିଷର ରୂପ ଭେକ ଠିକ୍ ରହିବ କିପରି?

ଭୂତାଣୁ ଭୟରେ ଏଇଟା ଆମର ଆତ୍ମଗୋପନ। ଆଗରୁ ମୁହଁରେ ମାସ୍କ କିଏ ପିନ୍ଧୁଥିଲା? ମୁହଁ ବିକୃତ ଥିଲେ ବି କେହି ପିନ୍ଧୁ ନଥିଲେ। କେବଳ ପିନ୍ଧୁଥିଲେ ଚୋର ତସ୍କର ମାନେ। ସେମାନଙ୍କୁ କିଏ କାଳେ ଚିହ୍ନିଦେବ, ସେଇ ଭୟରେ ସେମାନେ କଳା ରଙ୍ଗର ମୁଖା ପିନ୍ଧୁଥିଲେ। ଆଉ ବାହାରକୁ କେହି ଦେଖିବାକୁ ପାଉ ନଥିଲେ ବି ଡାକ୍ତରମାନେ ଅପରେସନ୍ ଥିଏଟର୍ ଭିତରେ ମୁଖା ପିନ୍ଧି ଶଲ୍ୟ ଚିକିତ୍ସା କରନ୍ତି ବୋଲି ଜଣା। ସାଧାରଣ ଲୋକ ମୁଖା ପିନ୍ଧିବ, ଏକଥା କାହାକୁ ଜଣା ନଥିଲା। ଚୀନରେ ନୂଆ ହୋଇ ଯେବେ ଉହାନ୍ ସହରରେ କୋଭିଡ୍ ରୋଗ ଦେଖାଦେଲା, ଆମକୁ ଆଶ୍ଚର୍ଯ୍ୟ ଲାଗୁଥିଲା, ଏମିତି ମୁଖାକୁ କେମିତି ବାଧ୍ୟତାମୂଳକ କରାଯାଇଛି।

ସଂଗାତ କହିଲେ, ମୁଁ ଭିତରକୁ ପଶିବାକୁ ଚାହୁନି। ବାହାରକୁ ଟିକିଏ ଆସ। ମୁଁ ଦିପଦ କଥା ହୋଇ ଚାଲିଯିବି।

ମୁଁ ଅନୁରୋଧ କଲି, ନାଇଁ ଭିତରକୁ ଆସ। ତଳ ମହଲାର ଏଇ ପ୍ରବେଶ ଘରଟି ଆମେ ଟ୍ରାଂଜିସନ୍ ରୁମ୍ ଭାବରେ ବ୍ୟବହାର କରୁଛୁ। ଏଇଠି ମାସ୍କ ବଦଳାଯାଏ। ବାହାରୁ ଫେରିଲେ, ଏଇଠି ମାସ୍କ ରଖି ଭିତରକୁ ପଶିବ। ଏଇଠି ଛାଡି ଛାଡି ବସିବା ଆଉ ଦି ପଦ କଥା ହେବା।

ସତରେ ଆଜି ଭଳି ଅକାଳରେ ଜଣେ ଅନ୍ତରଙ୍ଗ ବନ୍ଧୁ ପାଇବା ଭାଗ୍ୟର କଥା। ଖାଇବା ପିଇବା ପିନ୍ଧିବା ପରି ଜଣେ ନିଜ ମନର କିଛି କଥା ନକହି ଚଳିବା କଷ୍ଟକର। ପୁଣି ନିଜର ଜଣେ ପାଖ ଲୋକ ଆଉ ସମବୟସ୍କ ନହେଲେ କଅଣ ଏମିତ ଖୋଲାରେ କଥାଭାଷା ହୋଇ ହୁଏ?

ଏମିତି ନିଃସଂଗ ହୋଇ ଚଳିବା କେତେ କଷ୍ଟଦାୟକ ଦେଖିଥିଲେ ବି ମୁଁ ଅନୁଭବ କରି ନଥିଲି। ଥରେ ଦେଶ ବାହାରକୁ ଯାଇଥିଲି। କାନାଡାର ମଣ୍ଟ୍ରିଲ ସହରର ଗୋଟିଏ ଇଣ୍ଡିଆନ ରେଷ୍ଟୁରାଣ୍ଟକୁ ଭୁବନେଶ୍ୱର ନୂଆପଲ୍ଲୀରୁ ବଟ ବୋଲି ଜଣେ ମୁଖ୍ୟ ରୋଷେୟା ଆମକୁ ଦେଖି ଏତେ କୃତକୃତ୍ୟ ହୋଇ ଉଠିଲା, ଆମକୁ ଆଶ୍ଚର୍ଯ୍ୟ ଲାଗିଲା। ବଟ କହୁଥିଲା, ମୁଁ ମନରେ ଗଭୀର ଦୁଃଖରେ ଥିଲି। ମୋ ମାତୃଭାଷା କାହା ମୁହଁରୁ ଶୁଣି ପାରିନି ବିଗତ ଦଶ ମାସ ଭିତରେ। ଆଜି ଆପଣମାନଙ୍କ ମୁହଁରୁ ସେଇ ଭାଷା ଶୁଣି ମୋର ନିର୍ବାସିତ ଜୀବନ ଧନ୍ୟ ହେଲା ବୋଲି ମାନୁଛି।

ସଂଗାତ ଆସିଛନ୍ତି, ଦିପଦ ଦୁଃଖସୁଖ କଥା ହେବାକୁ ମନ ଉଚ୍ଛନ୍ନ ହେଲା। ଏ ଅକାଳ କେତେଦିନ ରହିବ କେଜାଣି, ଚାହୁଁ ଚାହୁଁ ତ ଦେଢ

ବର୍ଷରୁ ବହକାଇଲାଣି। ଦିନକୁ ଦିନ ସରକାରଙ୍କର ନିର୍ଦ୍ଦେଶ ବଦଳି ଚାଲିଛି ଆଉ ଆମେ ମାନି ଚାଲିଛୁ। ମଣିଷର ମଣିଷତ୍ୱ ଆଜି ପୁରାଣର ସତୀ ନାରୀର ସତୀତ୍ୱ ପରୀକ୍ଷା ପରି ଅଗ୍ନିଶିଖାର ସମ୍ମୁଖୀନ। ଅକାଳ ଯେଉଁ ଭୂତାଣୁ ଆଣିଲା, ତାର ଜନ୍ମବେଳାଟା କେତେ ଅଶୁଦ୍ଧ, ଏଇଥିରୁ ଅନୁମେୟ।

ସଂଗାତ ମୋର ସାରା ଜୀବନ ଗାଁରେ କଟାଇଛନ୍ତି। ଗାଁର ସବୁ ଲୋକଙ୍କୁ ଚିହ୍ନିପାରନ୍ତି। ସମସ୍ତଙ୍କ ଚଳଣି ସହିତ ଅଭ୍ୟସ୍ତ। କାହା ପିଲାଙ୍କ ନାଁ କଅଣ, କୋଉଠି କେଉଁ କ୍ଲାସ୍‌ରେ ପଢୁଛି କି ଚାକିରି ପାଇଗଲାଣି ସବୁ ଜଣା। ଛୋଟିଆ ଗାଁଟିଏ ଆମର। ୮୨ଟି ପରିବାର। କାହାର ଆୟ କେତେ ବ୍ୟୟ କେତେ ଆଉ ମୁଖ୍ୟ ଚାହିଦା କଅଣ ସବୁ ନିଜ ଘର ପରି ତନଖି ରଖି ଥାଆନ୍ତି। ମୋର ବି କାହା ବିଷୟରେ ଜାଣିବାକୁ ଥିଲେ, ମୁଁ ତାଙ୍କୁ ହିଁ ପଚାରେ।

ଆମେ ଦୁଇଜଣ ଛାଡି ଛାଡି ଅନ୍ତତଃ ୮ ଫୁଟ୍ ଅନ୍ତରରେ ବସିଲୁ। ମାସ୍କ ଥାଏ। ମୋର କୌତୂହଳ ଥାଏ, ସଂଗାତ କାହିଁକି ଏଭଳି ଚିରୋଟିଆ ସମୟରେ ଆସିଛନ୍ତି। ବିଶ୍ୱ ମହାମାରୀ ଓ ତାର ଭୟାବହତା ତୁହାକୁ ତୁହା ରେଡିଓ ଆଉ ଟେଲିଭିଜନରେ ପ୍ରସାର ଚାଲିଛି। ପ୍ରଧାନମନ୍ତ୍ରୀଙ୍କର ଆଉ ମୁଖ୍ୟମନ୍ତ୍ରୀଙ୍କର ସତର୍କବାଣୀ। ମାସ୍କ, ଦୂରତ୍ୱ ଆଉ ନିଜ ଘର ଭିତରେ ଆବଦ୍ଧ ହୋଇ ରହ, ସେମିତି ଗୁରୁତର କାମ ନଥିଲେ ଘରୁ ବାହାର ନାହିଁ।

ସଂଗାତଙ୍କର କଅଣ ଆଉ ଅଭାବ ରହିଲା, ମୋ ପାଖକୁ ସକାଳୁ ଆସିଲେ। ଅବଶ୍ୟ ତିନିମାସ ହେବ ଭେଟ ହୋଇ ନଥିଲା। ତାଙ୍କର ତ ଅର୍ଥାଭାବ ନାହିଁ। ଘରେ ମାମୁଁ ମାଇଁ ଦି ପ୍ରାଣୀ। ପୁଅ କୌଣସି ବହୁଜାତୀୟ କମ୍ପାନୀରେ କାମକରେ। ଏବେ ତାର ପୋଷ୍ଟିଂ କାନାଡାରେ। ଝିଅ ବି ଆମେରିକାରେ। ଝିଅ ଜ୍ୱାଇଁ ଦୁଇଜଣ ଆମେରିକାରେ କାର୍ଯ୍ୟରତ। ସଂଗାତ ତିନିବର୍ଷ ତଳେ ସପତ୍ନୀକ କିଛିଦିନ ଆମେରିକା ବୁଲିଯାଇଥିଲେ। ତିନିମାସ ପରେ ଫେରିବାର ଟିକେଟ୍ ହୋଇଥିଲା। ଏତେ ଗାଁ ପ୍ରିୟ ଲୋକ, ମାସକ ଭିତରେ ଫେରିବାକୁ ବ୍ୟସ୍ତ ହେଲେ। ସେଠାରୁ ମୋତେ ବି ଫୋନ୍ କରିଥିଲେ। ମୁଁ କହିଥିଲି, ମାସଟିଏ ତ ଗଲାଣି। ଆଉ ଦି ମାସ ସୁନ୍ଦର ଚକ୍ ଚକ୍ ଆମେରିକା ଭଲରେ ଦେଖି ଫେରିବ। ଗାଁ ଯେମିତି ଦେଖି ଯାଇଥିଲ, ଠିକ୍ ସେମିତି ରହିଛି। ତନ୍ଦରା କାହିଁକି ହେଉଛ। ହୋଇ ପାରିଲାନି। ଗୋଟିଏ ଜିଦ୍। ମୁଁ ଗାଁକୁ ଫେରିଯିବି। ସତକୁ ସତ ଜ୍ୱାଇଁ ତାଙ୍କର ରିଟର୍ଣ୍ଣ ଟିକେଟ୍ ବଦଳାଇ ତାଙ୍କର ପ୍ରସ୍ଥାନ ବ୍ୟବସ୍ଥା କଲେ।

ସେଠାରୁ ଫେରିବା ପରଦିନ ସକାଳୁ ସକାଳୁ ମୋ ପାଖକୁ ଆସି ମୋତେ ଆଶ୍ଚର୍ଯ୍ୟ କରି ଦେଇଥିଲେ। କହିଲେ, ବୁଝିଲ ସଂଗାତ, ଯୁଆଡେ ଗଲେ ବି ଆମେ ଗାଁ ମାଟି କାମୁଡି ପଡିଛୁ। ସେଠିକାର ଆବଭାବ ଆଉ ଆମଠାରୁ ଭିନ୍ନ ପୃଥିବୀ ଦିନ ଦି ଟାରେ ମୋତେ ଅପ୍ରାକୃତିକ ବୋଧ ହେଲା। ତୃତୀୟ ଦିନରୁ କେମିତି ଫେରିବି ବାଟ ପାଇଲି ନାହିଁ। କଷ୍ଟେମଷ୍ଟେ ମାସଟିଏ ମନକୁ ବୁଝାଇ ରହିଲି। ଆଉ ହୋଇପାରିଲା ନାହିଁ। ଘର ଦୁଆର ମନେପଡିଲା। ଗାଁଗଣ୍ଡା, ବିଲବାଡି ବନ୍ଧୁବାନ୍ଧବ ମନେପଡିଲେ।

ସଂଗାତ ତାହେଲେ କାହିଁକି ଆଜି ମୋ ପାଖକୁ ଆସିଲେ ମୋତେ ବୁଝା ପଡୁନି।

ଖୋଲପଣେ ସତ, ସିଏ କଦାପି ଅର୍ଥ ଆବଶ୍ୟକ କରୁନାହାନ୍ତି। ଯାହା ତାଙ୍କ ଘରର କଥା ମୋତେ ସବୁ କହନ୍ତି। ଗୋଟିଏ ଦୁଃଖ ତାଙ୍କ ମନରେ, ପୁଅ ବାହା ହୋଇନି। କାନାଡା ଯିବା ପୂର୍ବରୁ ଅନେକଗୁଡିଏ ଭଲ ପ୍ରସ୍ତାବ ଆସିଥିଲା। ପୁଅର ଗୋଟିଏ ଜିଦ୍ ସେ ବାହା ହେବନାହିଁ। ସଂଗାତଙ୍କ ମନ ଦୁଃଖ। ଗୋଟିଏ ବୋଲି ପୁଅ। ବୟସ ତିରିଶ ଡେଇଁ ଗଲାଣି। ଆମ ବେଳେ ପଚିଶ ବର୍ଷ ହୋଇଗଲେ, ଡେରି ହୋଇଗଲା। ପୁଣି ପୁଅ କହୁଛି ବାହା ହେବନି। ଇୟେ ତ ବଅଁଶ ବୁଡାଇବା କଥା। ବାପା ମା ଯେତେ ବୁଝାଇଲେ ହୋଇପାରିଲାନି। ଶେଷକୁ ଗୋଟିଏ ଭଲ ପ୍ରସ୍ତାବ ଆସିଲା। ପାତ୍ରୀ ଟି ବି ତା ପରି ସଫ୍ଟୱୟାର୍ ବ୍ୟାଙ୍କିଂରେ କାମ କରୁଛି। ପ୍ରସ୍ତାବ ନେଇ ତାର ବାପା ମା ଘରକୁ ଆସିଥିଲେ। ପୁଅ କୁଆଡେ ବାହାରିଗଲା, ଦେଖା ମିଳିଲାନି।

ସଂଗାତ ଆଉ ତାଙ୍କ ସ୍ତ୍ରୀ ନିଶ୍ଚୟ ମନରେ ସନ୍ଦେହ କରିବା କଥା। ପୁଅର ଆଉ କୋଉ ଝିଅ ପସନ୍ଦ କି ଯେଉଁଥିପାଇଁ ସିଏ କୌଣସି ପ୍ରସ୍ତାବରେ ମୁଣ୍ଡ ଖେଳାଉନି ? ସେମିତି କିଛି ଜଣାଯାଉନି। ଗୋଟିଏ ଜିଦ୍ ସିଏ ବାହା ହେବନି। ତାହାର କେହି ପ୍ରେମିକା ନାହାନ୍ତି। ଏହି ପ୍ରଶ୍ନଟି ସଂଗାତଙ୍କ ପାଖରେ ଅସମାହିତ ହୋଇ ରହିଛି। ସିଏ କିଛି କରିବାର ନାହିଁ, ଆଶାବାଦୀ ଅଛନ୍ତି ପୁଅ ନିଜର ଲକ୍ଷ୍ୟ ଆମେରିକା କି କାନାଡା ଯିବା ପୂରଣ ହୋଇଛି। ବର୍ଷ କେଇଟାରେ ନିଶ୍ଚୟ ପୁଅର ମନ ପରିବର୍ତ୍ତନ ଘଟିବ। ପୁଅ ବାହାଘର ଆଉ ତାଙ୍କର ଚିନ୍ତା ନାହିଁ। ତାହା ପୁଅ ହାତରେ।

ଆଉ କଅଣ ଅନ୍ୟ ଆବଶ୍ୟକତା ଅଛି କି ସଂଗାତଙ୍କର। କିଛି ଜଣାପଡୁନି।

ମୁଁ ଆରମ୍ଭ କଲି। ଏଇ କୋଭିଡ୍ ଆସିବାଠାରୁ ଆମ ଗାଁ ଲୋକ ବେଶ୍ ସଚେତନ ହୋଇଗଲେଣି। ପଡୋଶୀ ଗାଁରେ ଗୋଟିଏ ଭୋଜି ଖାଇ ବାର ଜଣ କୋଭିଡ୍ ପଜିଟିଭ୍ ବାହାରିଲେ। ସେଇ ଗାଁର ଲୋକ ମାନେ ଆମ ଘରପାଖ ରାସ୍ତାରେ ଆମ ଗାଁରେ ପଶନ୍ତି। କିନ୍ତୁ ଆମ ଗାଁରେ ଏ ଖବର ଆସୁ ଆସୁ ଲୋକ ସେଇ ରାସ୍ତାରେ ବାଉଁଶ ବାଡ କରି ବନ୍ଦ କରିଦେଲେ।

ସଂଗାତ କହିଲେ, ମୁଁ ତ କେଇବର୍ଷ ହେବ ନିଜ ଘର ଛାଡି ଗାଁ ମୁଣ୍ଡକୁ ଚାଲିଯାଇଛି। ମୋତେ ଆଗଭଳି ଗାଁ ଖବର ସହଜରେ ମିଳୁନି। ଭଲ କଥା। ମାମଲତିଆ ପିଲା ଅନେକ ଅଛନ୍ତି ଏବେ ଆମ ଗାଁରେ। ଜେନାଘର, ପଧାନ ଘର ଆଉ ସ୍ୱାଇଁ ଘର ପିଲାମାନେ କୌଣସି ଅଘଟଣ ହେଲେ ଆସି ଘେରିଯିବେ। ଭଲ କଲେ। କୋଭିଡ୍ ସଂକ୍ରମିତ ଅମାନିଆଁ କୁ ଗାଁରେ ପୂରାଇ ଦେଲେନି।

ପୁଣି ମୋତେ ପଚାରିଲେ, ତଥାପି ତ ଆମ ଗାଁରୁ କେଇ ମୁଣ୍ଡ ଗଡିଲାଣି ଏଥର କରୋନା ରୋଗରେ ?

ତୁମେ ତ ଶୁଣିଥିବ, ଏଇ ଛୋଟ ଗାଁଟିରୁ ଚାରି ମୁଣ୍ଡ ଯାଇଛି। ତା ଭିତରୁ ପ୍ରଥମଟି ହେଉଛି ଆମ ତଳ ଶ୍ରେଣୀରେ ପଢୁଥିବା ତରଣୀ ବେହେରା। ମରିବର ଦି ଦିନ ଆଗରୁ ଆମ ଗାଁ ଦାଣ୍ଡରେ ଡାକ୍ତରଖାନା ଗଲାବେଳେ ରାସ୍ତାରେ ଠିଆ ହୋଇ ମୋ ସହିତ ଦି'ପଦ କଥା ହୋଇ ଗଲା। ତାର ରାତିରୁ କାହିଁକି ଦମ୍ ତୁଟି ଯାଉଛି। ଆଗରୁ ତ ତାର ମଧୁମେହ ରୋଗ ଅଛି। ଔଷଧ ଖାଏ। କିନ୍ତୁ ଏବେ କେଇ ମାସ ହେବ ଔଷଧ ଖାଇବାରେ ହେଳା କରିଛି। ବିଚରା ଜୀବନଟା ଯାକ ଡ୍ରାଇଭର ହୋଇ କଟିଲା। ଏବେ ସିନା ଓଲା ଓବେର ଆସିଲା ପରେ ହାତ ବାନ୍ଧି ବସିଲା ଆଉ ନିଜ ଗାଡି ଦୁଇଟି ବିକ୍ରି କରିଦେଲା। ତଥାପି ଦୁଇ ପୁଅ ବ୍ୟବସାୟ କରି ବାପା କଥା ବୁଝନ୍ତି।

ତୁମେ ତ ସଂଗାତ ଜାଣିଛ, ତରଣୀଟା ଟିକେ ହେଳାଦସ୍ତିଆ ନୁହେଁ କି ? ସବୁଥିରେ କାଳ ବିଳମ୍ବ ଆଉ ଅବହେଳା। ରୋଗ ହେଲେ ସିନା ଔଷଧ ଠିକ୍‌ରେ ଖାଇବ। ସବୁ କାମରେ ଧୀର ଆଉ ପଛ। ସମୟରେ ସିଏ କାମ କରେନି। ଦେଢ ବର୍ଷରୁ ଅଧିକ ହେଲାଣି। ମୁହଁରେ କଅଣ ତାର ମାସ୍କ୍ ଅଛି ? କେତେବେଳେ ପିନ୍ଧୁଛି କେତେବେଳେ ନାହିଁ। ତା ଧାରଣା ସରକାରୀ ଚେକ୍ ଚାକ୍ ବେଳକୁ ସିନା ମାସ୍କ୍। ନହେଲେ ସତରେ କଅଣ ମଣିଷ ମରିଯାଉଛି ? ପୁଣି ତା ପ୍ରକୃତି ଯାହା ସହିତ କଥା ହେଉଥିବ, ମୁହଁକୁ ମୁହଁ ଯୋଡି ହୋଇ କଥା ହେବ। କାନକୁ ତ ତାର ଠିକ୍ ଶୁଭେ। ଏଇଟା ତ କୋଭିଡ୍ ଭୂତାଣୁକୁ ବାଟ କଢେଇଲା ?

ଯେଉଁ ଦିନ ମୋ ସହ କଥା ହୋଇ ଡାକ୍ତରଖାନା ଗଲା, ଦିନ ୩ଟା ତ ରହିଛି। ପରେ ତା ସାନଭାଇଠୁ ଶୁଣିବା ବେଳକୁ ଭାଇ ଚାଲିଗଲା କୋଭିଡ୍ ରୋଗରେ। ଆମ ଗାଁରେ ସିଏ ପ୍ରଥମ ରୋଗୀ। ଶୁଣାଯାଉଥିଲା ତାଙ୍କ ଘର ପାଖରେ କେହି କୋଭିଡ୍ ରୋଗୀ ନଥିଲେ, ସେ କିନ୍ତୁ ଅବାଧରେ ବାହାରକୁ ଯା ଆସ କରି କେଉଁଠୁ ରୋଗ ଧରି ଆସିଲା।

ସଂଗାତ କହିଲେ, ଆହା, ବିଚରା ତରଣୀ ଆମଠାରୁ ସାନ। ବୟସ ବି ହୋଇ ନଥିଲା। ଏହି ନୂଆ ରୋଗଟି ଆସି ନଥିଲେ, ଆଉ ବରଷ କୋଡିଏଟା ବଞ୍ଚି ଥାଆନ୍ତା।

କହିଲେ, ଆମ ଉପରସାହି ଆଉ ମଝି ସାହିରେ ଆଉ କେତେ ମୁଣ୍ଡ ଗଲାଣି ? ସବୁଆଡେ ତ ହାହାକାର ପଡିଗଲାଣି। ସହର ମାନଙ୍କରେ ଶ୍ମଶାନରେ ଜୁଇ ଅହରହ ଜଳୁଛି। ବିନା ଶବବାହକରେ ବିନା ଆତ୍ମୀୟ ମାନଙ୍କର ଶୋକାକୁଳ ପରିବେଶରେ ବିନା କୋକେଇ ଆଉ ଚିରାଚରିତ ପ୍ରଥାରେ ମଣିଷର ମରଶରୀର ଦାହ ହେଉଛି। ସତରେ ଏଇ କାଳକୁ କଳିକାଳ କହୁଛନ୍ତି।

ସଂଗାତ କହି ଚାଲିଛନ୍ତି, ଗାଁଟା ସାରା କୁହାକୁହି ହେଉଛନ୍ତି, ଏତିକି ଦିନରେ ଚାରିଜଣ ଗଲେଣି। ଆହୁରି ତ ଅଛି। ଯେଉଁ ଗାଁ ମଶାଣିକୁ ବରଷରେ ଥରେ କି ଦିଥର ମୂର୍ଦାର ଯାଏ, ଏବେ ଦିନ କେଇଟାରେ ଚାରି ଗଲେଣି। ରୋଗ ବଇରାଗର କିଛି ସୂଚନା ନାହିଁ। ଦିନଟିଏ ଅଣନିଶ୍ୱାସୀ, ତା ପରଦିନ ଆଉ ଜୀବନ ରହୁନି।

ମୁଁ କହିଲି, ମଝି ସାହିର ସେହି ବଇକୁଣ୍ଠିଆ ଗୁଡିଆ ଘର। ତାହାର ମୋଟି ହୋଇ ସ୍ତ୍ରୀ, ଗାଁ ମୁଣ୍ଡ ବଜାରରେ ଗୁଡିଆ ଦୋକାନରେ ଦେଖିଥିବ। ସିଏ ମରିଗଲା ଏଇ କୋଭିଡ୍ ରୋଗରେ। ଦିନ ଚାରିଟା ଶ୍ୱାସ ରୋଗ ହୋଇଛି ବୋଲି ତିନି ଚାରି ଡାକ୍ତର ଦେଖାଇଲା। ପାଞ୍ଚଦିନ ବେଳକୁ ଅଣନିଶ୍ୱାସୀ ହୋଇ ଡାକ୍ତରଖାନାରେ ଆଡ୍‌ମିସନ୍ ହେଲା। ପରଦିନ ସିଏ ମରିଗଲା।

ସଂଗାତ କହିଲେ, ଆମ ଗାଁ ଲୋକମାନେ କଅଣ ଗୁରୁତ୍ୱର ସହିତ ମାସ୍କ ପିନ୍ଧୁନାହାନ୍ତି ? ପିନ୍ଧିଲେ କଅଣ ହେଲା, ଯାହା ଘରେ ଜଣେ ରୋଗୀ ଚିହ୍ନା ପଡୁଛି, ଏକା ସଙ୍ଗେ ସମସ୍ତେ ରୋଗୀ ବୋଲି ଧରା ପଡୁଛି। ଅନେକ ରୋଗ ଅଛି। ଏମିତି କିଛି ରୋଗ ଆଗରୁ ନଥିଲା ଯେତେବେଳେ ଅଜଣା ଭାବରେ ରୋଗ ବ୍ୟାପିଯାଇ ଏତେ ମଡକ ପଡୁଥିଲା।

ହଉ, ଛାଡ। ପ୍ରତିଘରର ଗୁରୁତ୍ୱ ରହିଥିବା ଲୋକମାନେ ମରିଗଲେ। ଏମିତି ଘଟିଲେ ଆମ ଗାଁଟା ଛାରଖାର ହୋଇଯିବ। ଏବେ ସିନା ଅକାଳ ଆସିଛି। କେହି କାହା ସହିତ କଥାବାର୍ତ୍ତା କରିବା ସମ୍ଭବ ନୁହେଁ। ସ୍ୱାମୀ ଚାଲିଗଲେ ବି ସ୍ତ୍ରୀର ଆକୁଳ କାନ୍ଦଣା କେହି ଶୁଣିବାକୁ ନାହାନ୍ତି କି ପିଲା ମରିଗଲେ ମାଆର ମର୍ମସ୍ପର୍ଶୀ ଶୋକ ଶୁଣିବାକୁ କେହି ନାହାନ୍ତି।

ମୁଁ କହିଲି, ସଂଗାତ ଛାଡ ସେ ମୃତ୍ୟୁ ଖବର। ଯେତିକି ଆଲୋଚନା କରୁଛେ, ସେତିକି ମନ ଦୁଃଖ ହେଉଛି। ଆଉ କହ, ବଜାର ହାଟ କେମିତି ହେଉଛି ଆଉ କଅଣ ଖାଇବା ହେଉଛି ?

ସଂଗାତ କହିଲେ, ବଜାର ହାଟ ତ ଭାଙ୍ଗିଦେଲାଣି ଏହି ରୋଗ। ବନ୍ଦ ଯୋଗୁ ସବୁ ବଜାର ବନ୍ଦ ହୋଇଗଲାଣି। ସକାଳୁ କେଇଘଣ୍ଟା ଛୋଟ ଛୋଟ ପରିବା ଦୋକାନରୁ ପରିବା ଆଉ କିଛି ଡାଲି ଚାଉଳ ନେଇ ଆସିଲେ ଯାଏ। ବାର ଅବାର ଆଉ ଦିନର ଅଧା ବନ୍ଦ କି ପୂରା ବନ୍ଦ ଏମିତି ଘରର ବହୁ ଦରକାରୀ ଜିନିଷ ବ୍ୟବହାର ହରାଇଲାଣି। ମୋ ଘଣ୍ଟାରୁ ବ୍ୟାଟେରି ସରିଗଲାଣି। ସେ ଦୋକାନ କେବେ ଖୋଲୁନି। ମୁଁ ଆଉ ଘଣ୍ଟା ବ୍ୟବହାର କରୁନି। ଘଣ୍ଟା ଦୋକାନ କେବେ ଖୋଲିବ ସେକଥା ଜଣାନାହିଁ। କିନ୍ତୁ ମୋତେ ଯାହା ଲାଗୁଛି, ମୋର ଆଉ ହାତରେ ହାତ ବନ୍ଧା ଘଣ୍ଟାଟି ବାନ୍ଧିବା ଆବଶ୍ୟକ ନାହିଁ।

ଖାଲି ସେତିକି ନୁହେଁ ଏହି କୋଭିଡ୍ ଭୂତାଣୁ ଆମର ନିଜତ୍ୱକୁ ଧ୍ୱଂସ କରିସାରିଲାଣି। ମଣିଷ ମଣିଷ ଭିତର ସମ୍ପର୍କକୁ ଚୂନା କରିଦେଲାଣି। କେହି କାହାକୁ ଛୁଇଁ ପାରିବେନି, ମୁହଁରେ ମୁଖା ଆଉ ଚୁପ୍ ଚୁପ୍ କଥା ହୋଇ ପାରିବେନି, ଘରେ ବାହାରେ ସବୁଠି ଦୂରତା। ଏଗୁଡିକ ସବୁ ମଣିଷର ସୃଷ୍ଟି ଆରମ୍ଭରୁ ଉଠି ଆସିଥିବା ସାମାଜିକତାକୁ କୁରାଢିମାଡ। ଆଉ ସବୁ ନାଚ ଗୀତ ଆମ ସଂସ୍କୃତି ଏବେ ଆମେ ଅବହେଳା କରିବାକୁ ବାଧ୍ୟ। ଯେଉଁ କଳା ଜନ ଗହଳି ଆବଶ୍ୟକ କରେ, ସେଇଠି କୋଭିଡ-୧୯ ଭୂତାଣୁର

ଆବାସ। ପ୍ରଥମ ଅବସ୍ଥାରେ ଅନେକ ସୁପର ସ୍ପ୍ରେଡର ପରି ସଂକ୍ରମିତ ଲୋକ ରହିଥିଲେ, ସେପରି ଜଣ ଜଣଙ୍କ ଠାରୁ ଶତାଧିକ ବ୍ୟକ୍ତି ରାତାରାତ୍ ସଂକ୍ରମିତ ହୋଇଯାଉଥିଲେ। ସେପରି ଘଟଣା ରେଷ୍ଟୁରାଣ୍ଟ, ଜଳ ଜାହାଜ ଆଉ ସଂଗୀତ ନାଟକ କାର୍ଯ୍ୟକ୍ରମ ଗୁଡ଼ିକରୁ ବ୍ୟାପୁଥିବାରୁ ଜନ ସଚେତନ ହେବା ଆଗରୁ ବିଶ୍ୱର ସବୁ ସରକାରମାନେ ମହାମାରୀ ଆଇନ୍ ବଳରେ ସବୁ ସମାରୋହ, ବିବାହ, ବ୍ରତ ଆଉ ଶୁଦ୍ଧକ୍ରିୟା କାର୍ଯ୍ୟକ୍ରମରେ ଲୋକସମାଗମ ଉପରେ ରୋକ୍ ଲଗାଇ ଆତ୍ମୀୟ ଓ ଅତିଥି ମାନଙ୍କର ସଂଖ୍ୟା ନିର୍ଦ୍ଧାରଣ କରିଦେଲେ।

ଆମର ସାମାଜିକତା ଘୋର ବାଧାପ୍ରାପ୍ତ ହେଲା। ଆମ ଗାଁରେ ଦେଖୁନ, କେତେ ବିଭାଘର ବହୁତ ଡେରି ପର୍ଯ୍ୟନ୍ତ ଘୁଞ୍ଚିଗଲା, କେତେ ବାହାଘର ଭାଙ୍ଗିଗଲା ଆଉ ଲୋକ ବାଜା ବାଣ ଆଉ ବାହାଘର ବିଧି ଅନୁସାରେ ନକରିବାରୁ ସାମାଜିକ କାର୍ଯ୍ୟକ୍ରମରୁ ମନ ଛାଡି ଯାଉଛି। ଯଦି ଅଧିକ ଦିନ ଏ ଭୂତାଣୁ ଆସ୍ଥାନ ଜମାଇ ରହିବ, ଏହା ଆମର ସବୁ ସାମାଜିକ ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ ରସାତଳକୁ ନେଇଯାଇ ଥିବ।

ଲୋକମାନେ ଆଉ ଆଡମ୍ବରରେ ବାହାଘର ପ୍ରସେସନ୍ ନେବେନି, ଜଣେ ମୃତବ୍ୟକ୍ତିର ଶବାଧାରରେ ଆଉ ଗାଁର ଅସଂଖ୍ୟ ଲୋକ ବାହୁନି ବାହୁନି ଶ୍ମଶାନକୁ ଯିବେନି। ଆମ ଗାଁର ଦୋଳଯାତ୍ରା କୋଭିଡ୍ ଆଇନ୍ ଅନୁସାରେ ହେଲା। ଦୋଳଯାତ୍ରାର ମହତ ରହିଲାନି। ହୋଲି ତ ସଂପୂର୍ଣ୍ଣ ଲୋପ ପାଇଯାଇଛି ଗତ ଦିବର୍ଷ ହେବ। ସବୁ ନାଚୁଆ, ପାଲାବାଲା ଆଉ ଯାତ୍ରାଦଳ ବେକାର ହୋଇ ଯାଇଛନ୍ତି। ସେହି ବୃତ୍ତିର ଲୋକମାନେ କେବଳ ଆଜି ଉପାସରେ ରହୁନାହାନ୍ତି, ତା ସହିତ ସେହି କଳାଗୁଡ଼ିକ ସ୍ଥାଣୁ ଅବା ନିମ୍ନଗାମୀ ହୋଇପଡିବେ। ଯାତ୍ରାପାର୍ଟି ମାଲିକ ମାନେ ବର୍ଷ ବର୍ଷ ବିନା ଆୟରେ ନିଜର ସରଞ୍ଜାମ, ଗାଡି ମଟର ଆଉ ମାନବ ସମ୍ବଳ ଆୟତ୍ତରେ ରଖିପାରିବେ ନାହିଁ।

ଭବିଷ୍ୟତ ଅନ୍ଧକାରମୟ ଦେଖାଯାଉଛି। କୋଉ ସରକାର ଏଭଳି ପରିସ୍ଥିତିରେ ବର୍ଷ ବର୍ଷ ସମ୍ଭାଳି ପାରିବ? ବହୁ ମୃତ୍ୟୁରେ ଅନେକ ଘର ଦେବାଳିଆ ଆଉ ଅସହାୟ ହୋଇପଡୁଛି। ଯେଉଁ ଗରିବ ଲୋକଙ୍କୁ ବିପିଏଲ୍ ଶ୍ରେଣୀଭୁକ୍ତ କରାଯାଇଛି, ସେମାନଙ୍କୁ ଓଡିଶା ସରକାର ଟଙ୍କିକିଆ ଚାଉଳ ତ ମିଳୁଛି, ସେମାନେ ବିନା କାମଧନ୍ଦାରେ ଚଳିପାରୁଛନ୍ତି। ତଥାପି ସେମାନଙ୍କର ବି ସମ୍ପୂର୍ଣ୍ଣ ପେଟ ପୂରୁନାହିଁ। ଆଉ ନିମ୍ନ ମାଧ୍ୟମିକ ଲୋକଙ୍କ ଅବସ୍ଥା ଅତି ଶୋଚନୀୟ। ନା ସେମାନେ ବିପିଏଲ ନା ସେମାନେ ଦାରୀଦ୍ର୍ୟର ସୀମା ଟପି ସେମିତି ରୋଜଗାରକ୍ଷମ ବା କିଛି ସଂଚିତ ଧନର ଅଧିକାରୀ।

ଦେଖୁନ, ଆମ ଗାଁର ପଧାନଘର, ଥୋଡିଆ ଘର ଆଉ ମହାନ୍ତିଘର। ସେମାନେ ଏତେଟା ଜମିବାଡିର ମାଲିକ ନୁହଁନ୍ତି। ଜମିରୁ ମିଳୁଥିବା ଧାନରେ ବରଷଟା ଚଳିବା ସମ୍ଭବ ନୁହେଁ। ବାକିଟା ସେମାନେ ପରିଶ୍ରମ ବା କିଛି ବ୍ୟବସାୟ କରି ଅର୍ଜନ କରନ୍ତି। ଆଜିର କରୋନା ତିରୋଟି ସମୟରେ ହରିଜନ ବସ୍ତି ଗୁଡିକ ଏବଂ ଗାଁର କିଛି ମୁଷ୍ଟିମେୟ ଲୋକ ଟଙ୍କିକିଆ ଚାଉଳ ପାଇଲେ। ମାତ୍ର ଗାଁର ନିମ୍ନ ମଧ୍ୟବିତ ମାନେ ଉପାସ ରହିବା ଛଡା ଅନ୍ୟଗତି ନାହିଁ।

ମାସ ମାସ ଧରି ଗାଁ ଦୋକାନ ଗୁଡ଼ିକ ବନ୍ଦ ରହିଛି। ଯଦି କିଏ ଦୋକାନ ଖୋଲିଲା, ପୁଲିସ୍‌ର ଦୌରାତ୍ମ୍ୟ। ପୋଲିସ୍ ବି କଅଣ କରିବେ, ସେଇଟା ରୋଗ ପ୍ରତିରୋଧ ପାଇଁ ସରକାରୀ ନିୟମ।

ସଂଗାତ ପ୍ରଶ୍ନବାଚୀ ସୂଚକ ଭାବର କହିଲେ, ଭଗବାନ ଜାଣନ୍ତି ଆଉ କେତେ ଦିନ ଏହି ଅନାହୁତ କୋଭିଡ୍ ଆମକୁ ଏମିତି ଦହଗଞ୍ଜ କରୁଥିବ। ମାସ କେଇଟା ଗଲେ ଲୋକ ଖାଇବାକୁ ପାଇବେନି।

ମୁଁ କହିଲି, ଯେବେ କେଉଁ ବଡ ମହାମାରୀ ଆସିଛି, ନିଶ୍ଚୟ ଲହର ଲହର ହୋଇ ଦୁଇ ତିନି ଲହରରେ ସରିଛି। ପୁଣି ବରଷ ଦୁଇଟା ପରେ ପୁଣି ମୁହଁ ଦେଖାଇବାକୁ ଆସିଛି। ସେମିତି କୋଭିଡ୍ ଆସି ପ୍ରଥମ ଲହରରେ ଅନେକଙ୍କୁ ପଦା କରିଦେଇ ଗଲା। ଲୋକ ଭାବିଲେ, ସତକୁ ସତ ଏହି ରୋଗରୁ ମୁକ୍ତି ମିଳିଗଲା। କିନ୍ତୁ ଏ ଯେଉଁ ଦ୍ୱିତୀୟ ଲହରଟି ଆସିଲା, ଏଥିରେ ଆହୁରି ଅଧିକ ଲୋକ ମରିଗଲେ ଓ କୋଭିଡ୍ ପର ଜଟିଳତାରେ ଶ୍ୱାସ-ପଙ୍ଗୁ ହୋଇ ଧକଉଛନ୍ତି ବା ତା ଭିତରୁ ଅନେକ ମରିଯାଉଛନ୍ତି।

କେବେ କେବେ ଜନରବ ଶୁଭୁଛି ତୃତୀୟ ଲହର ଆସିବ ଆଉ ବେଶୀ ପିଲାମାନଙ୍କୁ ସଂକ୍ରମଣ ହେବ। ଏଇଟା ଲୋକମାନେ ମନକୁ ଫାନ୍ଦି କହୁନାହାନ୍ତି। ପଢାଶୁଣା ଲୋକ ଯିଏ ଶହେ ବର୍ଷ ତଳର ୧୯୧୮-ଇନଫ୍ଲୁଏଞ୍ଜା ମହାମାରୀ ବିଷୟ ଅନୁଧ୍ୟାନ କରିଛନ୍ତି ସେଇମାନେ ହିଁ କହୁଛନ୍ତି।

ସଂଗାତ ଗୋଟିଏ ଦୀର୍ଘ ଶ୍ୱାସ ଛାଡିଲେ।

କହିଲେ, ଆହୁରି ଏତେ ଦିନ ବାକି ଅଛି? ସେ କଥା ଶୁଣିବା ବେଳକୁ ହଂସା ଉଡିଯାଉଛି। ହଇହେ, ଆମ ଗାଆଁ ରହିବଟି? ଆଉ ତୁମେ ଆମେ ରହିବାଟି? ଯାହା ତ ସରକାର ଟିକା ଦେଇ ଆମକୁ କୋଭିଡ୍ ମୁକ୍ତ କରିବାର ଆଶା ଦେଇଛନ୍ତି। କିନ୍ତୁ ପେଟ ପାଟଣା? ବର୍ଷ ବର୍ଷ ବିନା ପରିଶ୍ରମରେ ଚାଷ ରହିବଟି? ସେମିତି କଳ କାରଖାନା ନିଶ୍ଚୟ ପରିଶ୍ରମ ଅଭାବରେ ନିଜର ଲକ୍ଷ୍ୟ ହାସଲ କରିପାରିବେ ନାହିଁ। ପ୍ରତିଟି ଜିନିଷ ଆବଶ୍ୟକ ପରିମାଣରେ ମିଳିବନାହିଁ। ବଜାର ହାଟ ଭାଙ୍ଗି ପଡିବ। ଜୀବନ ହା'ହୁତାଶମୟ ହୋଇପଡିବ।

ମୁଁ ବି ସତରେ ଭାବି ପାରୁ ନଥିଲି, ଦୁଇ ତିନି ବର୍ଷ ଅବାରିତ ଭାବରେ ଏମିତି ବନ୍ଦ ଚାଲିଲେ, ଆମ ଜୀବନକୁ ବିପଦ ଆସିବ। ଭୂତାଣୁକୁ ସିନା ଜିତି ଯିବାର ଆଶା ଅଛି ଆଉ ଆମର ଜୀବିକାକୁ ଜଳାଞ୍ଜଳି ଦେବାକୁ ପଡୁଛି।

ଭୂତାଣୁ ବେଶି ଦିନ ରହିଲେ, ତା କୋପରୁ ଆମର କାମଧନ୍ଦା ବନ୍ଦ ହୋଇଯିବ ଆଉ ଖାଦ୍ୟାଭାବ ଘଟିବ ଆଉ ଯାହା ଭବିଷ୍ୟତ ସେ କଥା ଭାବିଲେ, ଅନ୍ଧାର ଦିଶୁଛି।

ଦି'ଜଣ କେଇ ମୁହୂର୍ତ୍ତ ଚିନ୍ତାରେ ବସିଗଲୁ।

ସଂଗାତ କହିଲେ, ଛାଡ। ଭଗବାନଙ୍କର ଯାହା ବରାଦ ଅଛି ଆମେ କି ତାକୁ ବଳିପାରିବା।

ସଂଗାତ ଉଠି ପ୍ରସ୍ଥାନ କରିବାକୁ ଉଦ୍ୟତ ହେଉ ହେଉ କହିଲେ, ଆଜି ସକାଳୁ ଉଠି ମୁହଁ ଧୋଇ କଅଣ ମନକୁ ଆସିଲା, ପାଞ୍ଜିଟା ଆଖିରେ ପଡିଲା। ଦେଖିଲା ବେଳକୁ ଆଜି ରବିବାର। ରବିବାର ମନକୁ ଆସିଲେ ତୁମ ପାଖକୁ ଟିକିଏ ଆସିବାକୁ ଇଚ୍ଛା ହୁଏ। ଏମିତି ବହୁ ରବିବାର ଗଲାଣି, ଜାଣି ପାରେନି। ଆଜି କାଲି ଆଉ କଅଣ ଆଗପରି ବାର ଗୁଡିକ ଆସୁଛି କି ? ସବୁ ଦିନ ତ ରବିବାର। ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଗୋଟିଏ ବାର ରବିବାର !

ମୁଁ ବି ଚକମି ପଡିଲି। ସତରେ ଆଜି ରବିବାର। ଆଉ ସପ୍ତାହ ନାହିଁ କି ସପ୍ତାହିକ ହାଟ ବଜାର ନାହିଁ ଯେ ସ୍ମରଣକୁ ଆସିବ। ମୋର ତ ଦିନ ରାତି ଛଡା ସମୟ ନିର୍ଘଣ୍ଟ ବି ନାହିଁ। ମୋ ଘଣ୍ଟାଟି ବ୍ୟାଟେରୀ ଅଭାବରୁ ନିଘୋଡ ନିଦରେ ଶୋଇଯାଇଛି। କୋଭିଡ୍ ନିଦ।

ମୁଁ ସଙ୍ଗାତଙ୍କୁ କହିଲି, ସତରେ ଆଜି ରବିବାର ବୋଲି ମୋର ଆଦୌ ହେତୁ ନାହିଁ। ଏଇ ଭୂତାଣୁ ସତରେ ଗୋଟିଏ ଭୂତ। ଆମର ସ୍ଥାନ କାଳ ପାତ୍ର ଜ୍ଞାନ ସବୁ ଭସ୍ମ କରିଦେଇଛି। ଆମର ମଣିଷପଣିଆ ଛଡାଇ ନେବାକୁ ଆଉ କେତେ ଦୂର ?

କିଏ ଜାଣିଛି କାଲିକୁ କଅଣ ଘଟିବ ?

ଅଜଣା ଭୟସୂଚକ ମୁହଁ ମୁ ଦେଖିପାରୁଥିଲି ମୋ ପାଖରୁ ଦୂରେଇ ଯାଉଥିବା ସଂଗାତଙ୍କର।

ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୮୭୬୩୨୧୧୪୪୬



# ବିପର୍ଯ୍ୟୟ ଗଢ଼ିପାରେ ପରିଭାଷା

*ଡ. ସଂଘମିତ୍ରା ମିଶ୍ର*

ବିପର୍ଯ୍ୟୟ ଶବ୍ଦଟି କିପରି ଭାଷା ଆଉ ଲୋକପ୍ରିୟ କଥିତ ଭାଷାକୁ ରୂପାନ୍ତରିତ ହୋଇ ଯୁଗ ଯୁଗ ଅପରିବର୍ତ୍ତିତ ରହେ, ତାକୁ ଅନୁସରଣ କରି ଏହି ପ୍ରବନ୍ଧଟି ରଚିତ।

ଆମେ ସେହି ରାଜ୍ୟର ଲୋକ, ଯେଉଁଠି ବିପର୍ଯ୍ୟୟ ଗୋଟିଏ ସାଧାରଣ ଘଟଣା। ସେହି ବିପର୍ଯ୍ୟୟ ହିଁ ଆମ ଅର୍ଜନର ଦୁଇ-ତୃତୀୟାଂଶ ଭୋଜନ କରିଦିଏ। ତେବେ ଆମେ ସେହି ଦୈବ ଦୁର୍ବିପାକ ଅନୁସାରେ ଆମର କଥିତ ଅବା ଲିଖିତ ଭାଷାରେ କାହିଁକି ସେଗୁଡ଼ିକୁ ସ୍ଥାନ ନଦେବୁ ?

ଯଦି ଗୋଟିଏ କଙ୍କାଳସାର ବ୍ୟକ୍ତିଟିକୁ ଓଡ଼ିଆ ଭାଷାରେ ନଅଙ୍କିଆ ବୋଲି କହିବୁ, ସେଇଟା କଅଣ ଭୁଲ୍ ହୋଇଯିବ ? ହଇହେ, ନଅଙ୍କ ପରା ତା କାଳରେ ସମୁଦ୍ରତଟ ଓଡ଼ିଶାରୁ ତିନିଭାଗରୁ ଏକଭାଗ ଲୋକଙ୍କ ମୃତ୍ୟୁର କାରଣ ହୋଇଥିଲା। ଆଉ ସମଗ୍ର ଜାତିଟାକୁ ଖାଦ୍ୟ ଅଭାବରୁ କଙ୍କାଳସାର କରିଦେଇଥିଲା।

ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ବିଷୟରେ କିଛି କହିବାର ଅଛି। ଆମ ରାଜ୍ୟ ହେଲେ କଅଣ ହେବ ? ଏହା ଭୌଗୋଳିକ କାରଣରୁ ଗୋଟିଏ ବିପର୍ଯ୍ୟୟ-ପ୍ରବଣ ରାଜ୍ୟ ବୋଲି ଅନେକ ଅନୁଭବ କରନ୍ତି। ଭାରତର ଅନେକ ରାଜ୍ୟ ସହିତ ତୁଳନା କଲେ, ଏହି ପୂର୍ବ ଭାରତୀୟ ରାଜ୍ୟରେ ୪୧ ନିୟୁତରୁ ଅଧିକ ଲୋକ ବାସ କରନ୍ତି। ଏହି ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୧୩ଟି ଜିଲ୍ଲା ସମୁଦ୍ରତଟରେ ଅବସ୍ଥିତ। ବଙ୍ଗୋପସାଗରର ୪୫୦ କିଲୋମିଟର ତଟ ଏହି ଜିଲ୍ଲାଗୁଡ଼ିକୁ ସ୍ପର୍ଶ କରନ୍ତି। ଏହି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଅନ୍ୟ ଜିଲ୍ଲାଗୁଡ଼ିକ ଠାରୁ ସାମୁଦ୍ରିକ ବାତ୍ୟା ନିମନ୍ତେ ୫ ଗୁଣ ଅଧିକ ପ୍ରବଣ।

ଏହାର କାରଣ, ଭୌଗୋଳିକ ଭାବରେ ଓଡ଼ିଶା ତଟର ବଙ୍ଗୋପସାଗର କାହାଳି ପରି ଅଂଶରେ କିଛିଟା ଆକର୍ଷଣୀୟ ସମୁଦ୍ରକୁ ମାଡ଼ି ଯାଇଥିବା କୂଳ ରହିଛି। ସେଥିପାଇଁ ବଙ୍ଗୋପସାଗରର ପଶ୍ଚିମ ତଟର ବହୁ ବନ୍ୟା ନିମନ୍ତେ ଓଡ଼ିଶା ଆଉ ପଶ୍ଚିମ ବଙ୍ଗ ଅବପାତର ସ୍ଥଳ।

ଓଡ଼ିଶା ଏତେ ବିପର୍ଯ୍ୟୟ ପ୍ରବଣ, ଏହି ରାଜ୍ୟକୁ ଭାରତର ବିପର୍ଯ୍ୟୟ କେନ୍ଦ୍ର ବୋଲି ନାମିତ କରାଯାଇଛି। ବିଗତ ଏକଶତ ବର୍ଷ ମଧ୍ୟରେ କେବଳ ୧୦ଟି ବର୍ଷକୁ ବାଦ୍ ଦେଲେ, ବାକି ୯୦ ବର୍ଷ ଯାକ କିଛି ନା କିଛି ବିପର୍ଯ୍ୟୟ ସ୍ଥାନ ନେଇଛି। ବନ୍ୟା ୪୯ ବର୍ଷ, ମରୁଡ଼ି ୩୦ ବର୍ଷ ଆଉ ସାମୁଦ୍ରିକ ବାତ୍ୟା ୧୧ବର୍ଷ, ଗାଏବ ମୋଟ ୯୦ ବର୍ଷ। ୧୯୯୮ ମସିହାରେ ଅଂଶୁଘାତରେ ୧୫୦୦ ପ୍ରାଣହାନି ଘଟିଛି। ପ୍ରତିବର୍ଷ ଏତିକି ଧନହାନି ଘଟୁଛି, ତାହାର ହିସାବ ଅସମ୍ଭବ।

ଓଡ଼ିଶା ରାଇଜ ଏତେ ସାମୁଦ୍ରିକ ବାତ୍ୟା ପ୍ରବଣ, ତାହା ଏହି କ୍ରମାଗତ ଘଟି ଚାଲିଥିବା ମାହାବାତ୍ୟା ଓ ଅତି ତୀବ୍ର ବେଗର ବାତ୍ୟା ଗୁଡ଼ିକରୁ ଅନୁଭୂତ ହୁଏ। ୧୯୯୯ ମସିହାର ମହାବାତ୍ୟାରେ ଜଗତସିଂପୁର ଏରସମା ପାରାଦ୍ୱୀପ ଉପକୂଳର ୧୦ ହଜାରରୁ ଅଧିକ ମୃତ୍ୟୁ ଘଟିଥିଲା। ତାହା ପୂର୍ବରୁ ୧୯୭୧ ମସିହାରେ ବାଲେଶ୍ୱର ଉପକୂଳରେ ବାତ୍ୟାଦ୍ୱାରା ୧୦୦୦୦ ଲୋକ ନିହତ ହୋଇଥିଲେ। ଧାରା କ୍ରମେ ଦେଖିଲେ, ୧୭୩୭ ମସିହାରୁ ୧୮୩୧, ୧୮୪୬, ୧୮୬୪, ୧୮୮୫, ୧୯୪୨, ୧୯୬୭, ୧୯୭୧, ୧୯୯୯, ୨୦୧୩ (ଫାଇଲିନ୍), ୨୦୧୪ (ହୁଡ୍‌ହୁଡ୍), ୨୦୧୮ (ତିତ୍ଲି), ୨୦୧୯ (ଫନି), ୨୦୨୦ (ଅମ୍ଫାନ୍) ଓ ୨୦୨୧ (ୟାସ୍) ବାତ୍ୟା ଗୁଡ଼ିକ ରାଜ୍ୟର ଅପରିମିତ ଧନ ଜୀବନ କ୍ଷୟ ପାଇଁ ଦାୟୀ ଅଟନ୍ତି।

ଏଥିରୁ ପ୍ରତୀୟମାନ ହୁଏ ଯେ, ଓଡ଼ିଶାରେ ଜୀବନ ଏହି ବନ୍ୟା ବାତ୍ୟା ଆଉ ମରୁଡ଼ି ସହ ସନ୍ତୁଳିତ। ଇତିହାସର ପୃଷ୍ଠାରେ ବି ଏମିତି ବାତ୍ୟା, ବନ୍ୟା ଆଉ ମରୁଡ଼ିର କଷାଘାତ ଦେଖିବାକୁ ମିଳେ। ଏମିତିକି, ସମ୍ରାଟ ଖାରବେଳଙ୍କ ସମୟରେ ସେ ସିଂହାସନ ଆରୋହଣ କଲାମାତ୍ରେ ବାତ୍ୟା ବିଧ୍ୱସ୍ତ କଳିଙ୍ଗନଗରୀର ଗେଟ୍ ମରାମତି କରିଥିଲେ। ପବନର ଗତି ଏତେ ଦ୍ରୁତ ହୋଇଥିଲା, ତାହା ପଥର ନିର୍ମିତ ଗେଟ୍‌କୁ ଚୂନା କରିଦେଇଥିଲା।

ଆଉ ଓଡ଼ିଶା ସବୁଠାରୁ ବିଶାଳ ରୂପ ନେଇଥିଲା ଜଣେ ଗଜପତିଙ୍କ ଅମଳରେ। ସେ କପିଳେନ୍ଦ୍ରଦେବଙ୍କ ବ୍ୟତୀତ ଆଉ କିଏ ନୁହଁନ୍ତି। ତାଙ୍କର ଶାସନ କାଳରେ ରାଜ୍ୟରେ ମରୁଡ଼ି ପଡ଼ିଥିବାର ଉଲ୍ଲେଖ ଥିବାର ଦେଖିବାକୁ ମିଳେ। ମରୁଡ଼ି ଏତେ ସାଧାରଣ ବିପର୍ଯ୍ୟୟ, ଏହା ବହୁ ରାଜାଙ୍କ ଶାସନ କାଳରେ ଦେଖାଦେଇଛି। ଓଡ଼ିଶା ଇତିହାସରେ ମରୁଡ଼ି ତ ଅନେକ ହୋଇଛି, ମାତ୍ର ୧୮୬୬ ମସିହାର କୁଖ୍ୟାତ ମରୁଡ଼ି ଯେଉଁ ବିଭତ୍ସ ରୂପ ଧାରଣ କରିଥିଲା, ତାହା କଳନା କରାଯାଇ ପାରିବ ନାହିଁ।

ସଦ୍ୟ ଓଡିଶାକୁ ନିଜ କଳେବରରେ ଉଦରସ୍ଥ କରିଥିବା ଇଷ୍ଟ ଇଣ୍ଡିଆ କମ୍ପାନୀ ସିନା ନିଜ ରାଜକୋଷ ଭରିବା ପାଇଁ ଜମିଦାର ମାନଙ୍କ ମାଧ୍ୟମରେ ଲୋକମାନଙ୍କ ଠାରୁ କର ଆଦାୟ କରୁଥିଲା। ଦୀର୍ଘ ୬୩ ବର୍ଷ (୧୮୦୩ -୧୮୬୬) ପର୍ଯ୍ୟନ୍ତ ଗମନାଗମନ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟର କୌଣସି ସୁବନ୍ଦୋବସ୍ତ ବିଷୟ ଚିନ୍ତା ବି କରି ନଥିଲେ। ଉପକୂଳ ଓଡିଶାର ସମସ୍ତ ନଦୀ ସ୍ରୋତ ଓଡିଶାରୁ ଇଂରେଜମାନଙ୍କ ରାଜଧାନୀ କଲିକତା ପର୍ଯ୍ୟନ୍ତ ରାସ୍ତାକୁ ବିଖଣ୍ଡିତ କରି ବର୍ଷାଦିନରେ ସମ୍ପୂର୍ଣ୍ଣ ଅଗମ୍ୟ କରି ରଖିଥିଲେ। ଜମିଦାରୀ କଲିକତାରେ ନିଲାମ ହେଉଥିଲା ଏବଂ ଜମିଦାର ମାନେ ଇଂରେଜ ରାଜକୋଷର କାରପଟଦାର ଭାବରେ ତ ନିଶ୍ଚିତ କାର୍ଯ୍ୟନିର୍ବାହ କରୁଥିଲେ, ମାତ୍ର କର ଦେଉଥିବା ଗରିବ ଚାଷୀ ମାନଙ୍କୁ ଶୋଷଣ କରିବାର ସମସ୍ତ ଉପାୟ ଅବଲମ୍ବନ କରୁଥିଲେ।

ଓଡିଶାରୁ ବଳକା ଧାନ ୧୮୬୫ ମସିହାରେ କୌଣସି ମାଡ୍ରାସ ଦଲାଲ ଖରିଦ କରି ନେଇଯାଇଥିଲା। ସେହି ବର୍ଷ ବର୍ଷା ଅଭାବରୁ ଫସଲ ଅମଳ କମିଗଲା। ପୁଣି ପରବର୍ଷ ବି ବୃଷ୍ଟି ଫସଲକୁ ସହାୟକ ହେଲାନାହିଁ। ଓଡିଆ ହାଣ୍ଡିରେ ଖାଇବାକୁ ଭାତ ନାହିଁ।

ଓଡିଆ ସାହଯ୍ୟ ଆବଶ୍ୟକ କରେ। ପେଟରେ ଭୋକ, ମୁହଁରେ ଲାଜ। କହିବ କାହାକୁ ? ଜମିଦାରମାନେ ଧାନ ଲୁଚେଇ ଦେଲେଣି। ପୁଣି ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧିକାରୀମାନେ କେମିତି ଦେଖିବେ ଓଡିଶା ଦୁର୍ଦ୍ଦଶା ? ଏହି ଜମିଦାର ମାନେ ତ ସ୍ୱାର୍ଥପର ହୋଇ ଜଣେଇ ଦେଲେଣି ଓଡିଶାରେ ଧାନ ଚାଉଳର କିଛି ଅଭାବ ନାହିଁ।

ଭୋକରେ ପେଟ ଦାଉ ଦାଉ ହୋଇ ଜଳୁଛି ଓଡିଆର। ଦି ବର୍ଷର ଫସଲ ନଷ୍ଟ କଅଣ ତା ଘରେ ଆଉ କିଛି ଧାନ ଓଳିଆ ବାକି ରଖିଛି ? କିଛି ଯାହା ବିହନ ଥିଲା ସବୁ ବିଲରେ ଗଲା। ଗଜାମରୁଡି ହୋଇଗଲା। ଖାଇବାକୁ କିଛି ନାହିଁ। ଜମିଦାର କହୁଛି, ତା ପାଖରେ ଔଷଧ କରିବାକୁ ବି ଧାନ ନାହିଁ। ଲୋକମାନଙ୍କର ଭୋକ ଉପାସରେ ପେଟ ଖଙ୍କା ହୋଇଗଲାଣି। ବାଟ ନାହିଁ କିଛି ଖାଦ୍ୟ ପାଇବାକୁ। ବିଲ ବି ଫାଙ୍କା ହୋଇ ପଡିଛି। ଧାନ କଅଣ ବାଲୁଙ୍ଗା ଗଛ ବି ଉଧେଇବ ନାଇଁ ଏ ଋତୁ ଜଳବାୟୁରେ।

ପରିବାରର ସବୁ ଲୋକ ଖାଦ୍ୟାଭାବରେ ପାଣି ପିଇ କେତେ ଦିନ ବା ବଞ୍ଚିବେ। ଯେତିକି କଅଁଳିଆ ଶାଗପରି ଚାକୁଣ୍ଡା, ଭାର୍କୁଣ୍ଡା ଆଦିକୁ ଅଖାଦ୍ୟ ଭାବରେ ଗଣା ହେଉଥିଲା, ସେ ସବୁ ନେଇ ଶିଝାଇ ଗାଁ ଲୋକେ ଦିନ କେଇଟା ଚଳିଲେ। ଆଉ ବି ଗଛରେ ପତ୍ରନାହିଁ ପେଟ ଭରିବାକୁ।

ସେ ସାହିର ଦିନରେ ୪ ଜଣ ମଲେଣି ତ ଏ ସାହିରୁ ପାଞ୍ଚ ଜଣ। ଶବ ଦାହ କରିବା ସମ୍ଭବ ହେଉନି। କାଠ କିଏ ଆଣିବ ? ଗୋଡ ହାତ ଚଳୁନି କାହାର। ଆସ୍ତେ ଆସ୍ତେ ଗାଁରୁ ପିଲା ବୁଢା ବୁଢୀ ସବୁ ଚାଲିଗଲେଣି। କିଛି ମଧ୍ୟବୟସ ଲୋକ ଯାହା କ୍ଷୀଣ ଶରୀର ହୋଇ କୋରଡା ଆଖିରେ ମିଞ୍ଜିମିଞ୍ଜି ହୋଇ ଅନାଇଁ ଛନ୍ତି। ଭୋକ ଦାଉରେ ପାଟି ଶୁଖିଗଲେ ବି ଯେମିତି କିଛି ଖାଦ୍ୟ ମିଳିଗଲେ ଢୋକିପକାଇବେ। ଖାଦ୍ୟ ତ ସାତ ସପନ।

ଜମିଦାର ଘର କବାଟ କିଳି ମଉଜରେ ଅଛନ୍ତି। ସେମାନେ ଆଉ ବାହାରକୁ ବାହାରୁ ନାହାନ୍ତି। ଜମିଦାର ପରିବାରରେ କାହାରି ସ୍ୱାସ୍ଥ୍ୟହାନୀ ଘଟିନି। ସିଏ ତ କମ୍ପାନୀର ପ୍ରତିନିଧି। ତାହାର କଅଣ ହେବ, ତାକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଧାନ ଚାଉଳ ଦେଇ ପାଳିବ ନିଶ୍ଚୟ। ଗାଁ ଗାଁର ଅଭାବୀ ଲୋକମାନେ ଏତେ ମରୁଛନ୍ତି, ଯେତେ ମିନତି ହେଲେ କଅଣ ସେ ଜମିଦାର ଉପରକୁ କହି କିଛି ବନ୍ଦୋବସ୍ତ କରୁଛି ?

ନା ସେ ବିଲାତି ବାବୁ ମାନଙ୍କୁ କିଛି ଦେଖାଯାଉଛି ? ଗାଁରେ ଶବ ସତ୍କାର ହୋଇପାରୁନି। ଘରେ କାହାରି ଚୁଲି ଜଳୁନି। ସମସ୍ତେ ଥକା ହୋଇ ଶୋଇଛନ୍ତି। ଉଠିବାକୁ ବଳ ନାହିଁ। ସେଥିରେ ବି କାହାରି ଆଞ୍ଜୁଳାଏ ଚାଉଳ ଦେବାକୁ ମନ ନାହିଁ !

ଗାଁ ମୁଣ୍ଡର ଭଣ୍ଡାରି ଘର। ସେ କୁଆଡେ ବୁଲି ବୁଲି ଦିମୁଠା ଚାଉଳ ଆଣିଲା ରୋଷେଇ କରିବାକୁ। ସେ ଚାଉଳ ଆଉ ହାଣ୍ଡିକୁ ଯାଇନି। ଘରେ କିଏ ତାକୁ ଚୋବେଇ ଖାଇଦେଲା। ଏମିତି ଦୁର୍ଭିକ୍ଷ ସାରି ଦେଇଛି ମଣିଷତ୍ୱକୁ। ଘରେ ବୁଢାଲୋକ ପିଲା ମାନେ ଥାଉ ଥାଉ ସେମାନଙ୍କୁ ନ ଚାହିଁ ପାରିଲା ବାଲା ପେଟ ଭରୁଛନ୍ତି।

ପାଖ ଗାଁ ପୂରା ନିଶବ୍ଦିଆ ହୋଇ ଗଲାଣି। ଗଲା ମାସରେ ଚାରି ଭାଗରୁ ତିନି ଭାଗ ଯାଏ ଲୋକ ମରିଗଲେଣି। ତା ପାଖ ଗାଁରେ ବି ଦଶ କି ପନ୍ଦର ଜଣ ଯାହା ଜୀଇଁ ଥିବେ। ସବୁ ଗାଁରୁ ଅଧା ତିନିପା ଲୋକ ସରିଗଲେଣି। ଯେ ଯାହା ଘରେ ମରିପଡିଛନ୍ତି। କିଏ ଅଛି ଯେ, ଶବ ଉଠିବ ? ଶବ ଉଠାଇବାକୁ କାହାର ବଳ ନାହିଁ, ଖାଲି ମଶାଣି ପାଖରେ ଧାଡି କରି ଥୋଇ ଦେବାକୁ କେହି ଉଠୁନାହାନ୍ତି।

ଅନେକ ଗାଁରେ ଏହି କଙ୍କାଳସାର ଲୋକଙ୍କୁ ବି ରୋଗ ଛାଡୁନି। ପାଳି ଜ୍ୱର ତ କାହାକୁ ଝାଡାବାନ୍ତି ହଇଜା ରୋଗ। ପଟାଳି ପରି ଲୋକ ମରି ପଡୁଛନ୍ତି। କିଛି ବି ଏ ଯାଏ ଲୋକ ବାହାରି ସାହାଯ୍ୟ ପାଇଲେ ନାହିଁ। କହୁଛନ୍ତି ଓଡିଶାରେ ତ ଧାନ ଚାଉଳ ନାହିଁ, କଲିକତାରୁ ଆଣିବାକୁ ବାଟ ନାହିଁ। ବରଷା ଋତୁରେ ବାଲେଶ୍ୱରରୁ କଲିକତା ରାସ୍ତା ନଦୀ ବନ୍ୟା ଜଳରେ ଅଗମ୍ୟ ହୋଇପଡିଛି।

ଓଡିଆରେ ଆମର ଢଗ ଅଛି, ରାଣ୍ଡେ ସେଇ ଘଇତା କରନ୍ତି, କିନ୍ତୁ ବଅଂଶ ବୁଡାଇ ମାରନ୍ତି। ଆମ ଓଡିଶା କମିସନର୍ ରେଭେନସା ସାହେବ ସେଇ ଧରଣର ଲୋକଟିଏ। ଗାଁ ଗାଁରେ ଲୋକ ମରିବାର ଦେଖିବି ସମୟରେ ପ୍ରତିକାର କରିବା ବଦଳରେ ଓଡିଶାରେ ସମସ୍ୟା ନାହିଁ ବୋଲି ଉପରିସ୍ଥ କଲିକତା ଅଧିକାରୀ ମାନଙ୍କୁ ଜଣାଇଦେଲେ। ମାସ ଦୁଇଟା ପରେ ଅବସ୍ଥା ଅତିଶୟ ବୋଲି ଯେତେ ଜଣାଉଛନ୍ତି, ବଙ୍ଗାଳୀ ବାବୁ ମାନେ କାନରେ ଚୁଷ୍ଟାମାରି ବସିଛନ୍ତି। ଏପଟେ ଓଡିଶା ଗାଁ ଗଣ୍ଡାରେ ଲୋକମାନେ ପୋକମାଛି ପରି ମରି ସଢୁଛନ୍ତି।

ଯେତେଦୂର ଦେଖାଯାଉଛି, ଓଡିଶା ସାହଯ୍ୟରେ ଧାନ ଚାଉଳ ପାଇଲା ବେଳକୁ ଅଧା ତିନିପା ଲୋକ ଇହଧାମରେ ନଥିବେ। ଏ ସନ ତ ଧାନଚାଉଳ ବଢୀ ଆଉ ମରୁଡିରେ ସଫା ହୋଇଗଲା। ଫସଲ ଆସିଲା ବେଳକୁ ଆହୁରି ବରଷେ। କିଏ ବଞ୍ଚିଥିଲେ ସିନା ଚାଷ କି ଖାଦ୍ୟ !

ଦୁର୍ଭିକ୍ଷ କଲେ ଇଂରାଜୀ ଲୋକମାନେ। ସେଇମାନେ ହିଁ ଲୋକଙ୍କ ଦାନା ଲୁଟିନେଲେ। ମଲା ପୂର୍ବରୁ ବି ନା ଖାଦ୍ୟ ନା କାମ। କିନ୍ତୁ ମୁମୂର୍ଷୁମାନେ ଏହାକୁ ଇଂରେଜଙ୍କ ନାମରେ ୧୮୬୬ ଦୁର୍ଭିକ୍ଷ ନ କହି ପୁରୀ ରାଜାଙ୍କ ନବମ ଅଙ୍କରେ ହୋଇଥିବା ଏହି ଦୁର୍ଭିକ୍ଷକୁ ଲୋକଙ୍କ ଭାଗ୍ୟ ହିସାବରେ ଦୁର୍ଦ୍ଦଶାଗ୍ରସ୍ତ ନଅଙ୍କ ଦୁର୍ଭିକ୍ଷ ବୋଲି ନାମିତ କରିଛନ୍ତି। ଏହି ଶବ୍ଦଟି ଦୁର୍ଭିକ୍ଷ ପ୍ରପୀଡିତ ବଞ୍ଚିରହିଥିବା କିଛି ସେଇ କଙ୍କାଳସାର ରୂପକୁ ନଅଙ୍କିଆ ବୋଲି ନାମିତ କରାଯାଏ।

ଆଜି ସେଇ କୁଖ୍ୟାତ ଦୁର୍ଭିକ୍ଷର ଦେଢଶହ ବର୍ଷ ପରେ ବି କୌଣସି ଲୋକ ଖାଦ୍ୟାଭାବରୁ ହେଉ କି ରୋଗ ଦୃଷ୍ଟିରୁ ହେଉ, କଙ୍କାଳସାର ହୋଇଗଲେ, ତାକୁ ନଅଙ୍କିଆ ବୋଲି କୁହାଯାଏ। ଦଳେ ଲୋକ ଖାଦ୍ୟ ପାଇଲେ ଅତି ବିକଳ ହୋଇ ଖୁବ୍ କମ୍ ସମୟରେ ଖାଇଦେଲେ ବି ସେମାନଙ୍କୁ ନଅଙ୍କିଆ ପରି ଭୋଜନ କଲେ ବୋଲି ଗାଁ ଗଣ୍ଡାରେ ଆଉ ନିପଟ ମଫସଲରେ ଲୋକେ କହନ୍ତି।

ଏମିତି କାଳ କାଳକୁ ନଅଙ୍କ ଦୁର୍ଭିକ୍ଷର ନାଁଟି ଲୋକମାନଙ୍କର ମୂଳଭାଷାରେ ରହିଗଲା।

ନଅଙ୍କ ଦୁର୍ଭିକ୍ଷର ଆଉ ଗୋଟିଏ ଶବ୍ଦ ବି ଗାଁ ଗଣ୍ଡାରେ ବହୁଳ ଭାବରେ ବ୍ୟବହାର ହୋଇଥାଏ। ଦୋଷୀ ଆଉ ଚୋର ବଦମାସ୍ ଲୋକକୁ ଛତରଖିଆ (ବା ଛତ୍ରଖିଆ) ବୋଲି ଶୋଧନ୍ତି। ଏହି ଦାନ ଛତ୍ର କାରବାର ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ବେଳରୁ ସମ୍ଭବତଃ ପଶିଲା। ଇଜ୍ଜତ ଭୟରେ ବହୁ ଲୋକ ଏହାକୁ ବାରିଲେ ଏବଂ ଯେଉଁମାନେ ଦାନଛତ୍ରରେ ଖାଇଲେ, ସେମାନଙ୍କୁ ଅଜାତିଆ ଓ ଛତ୍ରଖିଆ ବୋଲି ସମ୍ବୋଧନ କଲେ। ସେଇ ଶବ୍ଦଟି ଗାଁ ଗଣ୍ଡାରେ ଲୋକମାନେ ଛତରଖିଆ ବୋଲି ଲମ୍ବାଇ କହନ୍ତି।

ଆହୁରି ବି ଖୋଜିଲେ, ସେମିତି କେତେ ଶବ୍ଦ ରହିଛି। ଓଡିଶାର ଉପକୂଳ ଅଞ୍ଚଳରେ ହଇଜା ବହୁ ସମୟରେ ମହାମାରୀ ରୂପ ନିଏ। ଏହି ରୋଗକୁ 'ବାଡି' ବୋଲି ବି କୁହାଯାଏ। ଲୋକମାନେ କାହାକୁ ଅଭିଷାପ ଦେଲେ, ତୋତେ 'ବାଡି ଖାଉ' ବୋଲି କହିଥାଆନ୍ତି। କାହାକୁ ବି ବାଡିଖିଆ ବୋଲି ସମ୍ବୋଧନ କରାଯାଇଥାଏ। ଏହି ଶବ୍ଦଟି ବି ଗୋଟିଏ ମହାମାରୀ ରୋଗରୁ ଉଦ୍ଭବ।

ତେଣୁ ହଇଜା ରୋଗ ତାହାର ପରିଭାଷା ସୃଷ୍ଟି କରିଛି।

ତୃତୀୟରେ ଓଡିଶାରେ ବିଗତ ଶହେ ବର୍ଷ ଭିତରର ରନ୍ତଲେଇ ଘଟଣା ବୋଲି ଗୋଟିଏ ଉଦାହରଣ ରହିଛି। ଅନୁଗୁଳ ପାଖର ରନ୍ତଲେଇ ଗାଁ। ସେଠାରେ ଠାକୁର ପ୍ରସନ୍ନ ହେଲେ ବୋଲି ସାରା ଓଡିଶା କାହିଁକି ପାଖାପାଖି ବିହାର ଆଉ ବଙ୍ଗଳାର ଲୋକମାନେ ବି ପ୍ରବଳ ଭିଡ ଜମାଇଲେ। ପରିମଳ ବ୍ୟବସ୍ଥାର କିଛି ଆୟୋଜନ ନଥିଲା। ଏହି ଅବସରରେ ସେଠାରେ ହଇଜା ରୋଗ ଦେଖାଦେଲା। ଶହ ଶହ ଲୋକ ହଇଜା ରୋଗରେ ପଡି ମୃତ୍ୟୁବରଣ କଲେ।

ଏହି ମୃତ୍ୟୁକୁ ଲୋକେ ରନ୍ତଲେଇ ବୁଢୀ ଖାଇଗଲା ବୋଲି ଲୋକକଥାରେ ରହିଗଲା। ତେଣୁ ଲୋକ ଅନ୍ୟକୁ ଗାଳି ଦେଲେ କି ଅଶୁଭ ମନାସିଲେ କହନ୍ତି, ତତେ ରନ୍ତଲେଇ ବୁଢୀ ଖାଉ।

ଏମିତି ଅନେକ ବିପର୍ଯ୍ୟୟ ରହିଛି, ଯାହା ଲୋକମାନଙ୍କ ମନରେ ଏମିତ ଧାରଣା ସୃଷ୍ଟି କରିଛି, ତାହା ଗୋଟିଏ ନାଁ ନେଇ ଲୋକକଥା ଆଉ ଲୋକଭାଷାରେ ଚିରକାଳ ପାଇଁ ସ୍ଥାନୀତ ହୋଇଛି।

ଏଇଟା ଯେ କେବଳ ଓଡିଶାରେ ପରିଭାଷା ହୋଇଛି, ତା ନୁହେଁ। ବିଶ୍ୱର ପ୍ରତିଟି ଭାଷାରେ ସେଠାରର ଆଗ୍ନେୟଗିରି, ସମୁଦ୍ର ବା ନଦୀ ଅଥବା ବାରମ୍ବାର ଘଟୁଥିବା ବିପର୍ଯ୍ୟୟ ନେଇ ଅନେକ ନାମକରଣ ଆଉ ଲୋକକଥା ରହିଛି।

ପ୍ରାକ୍ତନ ପ୍ରଫେସର, ଓଡିଆ ଭାଷା ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱ ବିଦ୍ୟାଳୟ, ବାଣୀ ବିହାର
ବି-୪୫, ସହିଦନଗର, ଭୁବନେଶ୍ୱର-୭
ମୋ - ୯୪୩୭୦୧୯୧୩୩

# ମଣିଷ ଜୀବନ: ମହାମାରୀ କରେ ପାଣି ଫୋଟକାଠୁ ବି ହୀନ

*ଡଃ ବିଷ୍ଣୁପ୍ରିୟା ଓତା*

ଯୁଗ ଯୁଗ ଧରି ମନୁଷ୍ୟ ନିଜର ଆୟୁ ନିରୁପଣ କରି ଆସୁଛି । ଆୟୁ ସମ୍ବନ୍ଧୀୟ ସମସ୍ତ ଦାର୍ଶନିକ, ପରିସଂଖ୍ୟାନଗତ ଓ ଆଧୁନିକ ବିଜ୍ଞାନ-ସମ୍ମତ ଆକଳନରୁ, ଜୀବନ ଯେ ମୂଲ୍ୟହୀନ ଏବଂ ସମୟ ଚକ୍ରରେ ପାଣି ଫୋଟକା ପରି କ୍ଷଣିକ ବୋଲି ନିର୍ଣ୍ଣୟ ନେଇ ମନୁଷ୍ୟ ନିଜ ମନରେ ହତୋତ୍ସାହିତ ହୋଇ ରହିଛି । ବର୍ଷ ବର୍ଷର ଦର୍ଶନ ତଥା ଚାରି ଶତାବ୍ଦୀର ଆଧୁନିକ ବିଜ୍ଞାନ ଏହି ଦିଗରେ କ୍ୱଚିତ୍ କୃତୀ ହାସଲ କରିଛି ।

କିନ୍ତୁ ବେଳେ ବେଳେ ଉନ୍ମାଦନାରେ ଜୀବନକୁ ମୂଲ୍ୟବାନ ମନେକରି ନିଜର ସମସ୍ତ ଜ୍ଞାନ ଓ ପ୍ରତିଭା ବଳରେ ଅନେକ ଶାରୀରିକ ତଥା ବୌଦ୍ଧିକ ସମ୍ପଦ ସୃଷ୍ଟି କରୁଛି । କୌଶଳୀ ପ୍ରସ୍ତର ଶିଳ୍ପୀ ସୁଶୋଭିତ ମନ୍ଦିରଟିଏ ଗଢି ତୋଳୁଛି ତ ଅସଂଖ୍ୟ କାରିଗର ସୁନ୍ଦର ବ୍ୟବହାରଯୋଗ୍ୟ ଉପକରଣ ପ୍ରସ୍ତୁତ କରି ସମାଜରେ ଏବଂ ପାରିବାରିକ ଭିତ୍ତିଭୂମିରେ ସଂସ୍କାର ଆଣିଛନ୍ତି । ସମାଜରେ ଆଜି ସିନା ଜାତିଭେଦ ପ୍ରଥା ମ୍ଳାନ ହୋଇଗଲାଣି, କିନ୍ତୁ ନୂତନ ବୃତ୍ତି ଭଙ୍ଗୀରେ ଡାକ୍ତର, ଇଂଜିନିୟର, ପ୍ରଶାସନିକ ଅଧିକାରୀ, ପ୍ରଫେସର ଓ ଶିକ୍ଷାବିତ୍, ରାଜନୈତିକ, ସାମ୍ବାଦିକ ଏମିତି ଅସରନ୍ତି ଗୋଷ୍ଠୀ । ପ୍ରତି ଦେଶରେ ସମାଜରେ ଏମିତି ନାମକରା ଡାକ୍ତର, ପ୍ରଫେସର ଏବଂ ଦାର୍ଶନିକ, କବି ଓ ଲେଖକ ଓ କଳାକାର ଅଛନ୍ତି, ଯିଏ ସର୍ବଜନ ବିଦିତ । ସମାଜ ଏମାନଙ୍କ ସମ୍ମାନରେ ବହୁ ପ୍ରଚାରର ଊର୍ଦ୍ଧ୍ୱରେ । ରାସ୍ତାରେ ଚାଲିଗଲେ, କହିବା ଭାଷାରେ ଗର୍ଭିଣୀ ଗାଈ ବି ରାସ୍ତା ଛାଡିଦେବ ଏମାନଙ୍କୁ । ସେଇ ମାନଙ୍କୁ ନେଇ ଆଧୁନିକ ସମାଜ ଆଜି ଗର୍ବିତ । ସାଧାରଣ ଲୋକ ମାନଙ୍କ ତୁଳନାରେ ଏମାନେ ପୂର୍ବକାଳର ରାଜକୀୟ ଶୈଳୀରେ ଜୀବନ ବଞ୍ଚନ୍ତି । ସମାଜ ଅଦୃଶ୍ୟରେ ବହୁଖଣ୍ଡିତ ହୁଏ - ପ୍ରତିଷ୍ଠିତ ବା ସାଧାରଣ, ପ୍ରଶାସକ - ଅଣ ପ୍ରଶାସକ, ରାଜନୈତିକ-ଅଣରାଜନୈତିକ, କଳାକାର-କଳାପ୍ରେମୀ । ତାହାରି ମଧ୍ୟରେ ପୂଜା ପାଆନ୍ତି ଅନେକ ଦୈବୀକଳାର ସୁସନ୍ତାନମାନେ । ନିଜ ନିଜର କ୍ଷେତ୍ରରେ ନିଜ କୃତୀର ସାବାସି ଅର୍ଜନ କରନ୍ତି ।

ସମାଜର ଦୃଷ୍ଟି ଆଢୁଆଳରେ ମହାମାରୀ ବା ବିପର୍ଯ୍ୟୟ ଆଖି ମିଟିକା ମାରୁଥାଏ । ଠିକ୍ ଅନ୍ୟଦିଗରୁ ଗତି କରି ସମାଜର କୌଣସି ସାମାଜିକ ମର୍ଯ୍ୟାଦାକୁ ଖାତିର ନକରି ଉଚ୍ଚ ଲହରିରେ ଭୂପୃଷ୍ଠକୁ ମାଡି ଆସିଲା ପରି ମଣିଷ ଆଉ ଜୀବଜନ୍ତୁଙ୍କ ସଂସାରକୁ ମୂଳପୋଛ କରିଦିଏ । ବିପର୍ଯ୍ୟୟ ।

ଆଜି କରୋନା ଯୁଗରେ ଜୀବନର ପୁନର୍ମୂଲ୍ୟାୟନର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହି କରୋନା ବା କୋଭିଡ୍ ଯମରାଜଙ୍କର ଚିତ୍ରଗୁପ୍ତ ପାଞ୍ଜିକୁ ବଦଳାଇ ଧନୀ-ଗରିବ, ପ୍ରତିଷ୍ଠିତ-ସାଧାରଣ ଆଉ ବାଳୁତ-ବୃଦ୍ଧ ବ୍ୟବଧାନକୁ ଭଙ୍ଗ କରି କାହାକୁ କେତେବେଳେ ଉଦରସ୍ଥ କରୁଛି, ତାହା ପ୍ରତି ଜୀବିତ ଆଉ ବିବେକମାନ୍ ମନୁଷ୍ୟଙ୍କୁ ହତ୍‌ଚକିତ କରିଛି ।

ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ଖବ୍ କମ୍ ସମୟରେ ବହୁ ଜୀବନହାନି ଘଟାଇଛି । ବିଶ୍ୱରେ କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ୨୦୨୧ ମସିହା ଅପ୍ରେଲ୍ ୧୭ ତାରିଖରେ ତିନି ନିୟୁତ ଟପିଯାଇଛି । ମହାମାରୀ ୨୧୯ଟି ରାର୍ଷ୍ଟକୁ ବ୍ୟାପିଥିଲେ ମଧ୍ୟ ସାତୋଟି ରାଷ୍ଟ୍ରର ମିଶ୍ରିତ ମୃତ୍ୟୁସଂଖ୍ୟା ଏହି ତିନି ନିୟୁତର ଅଧା ହେବ । ଏହି ସାତୋଟି ରାଷ୍ଟ୍ର ହେଲେ ଆମେରିକା, ବ୍ରାଜିଲ୍, ଭାରତ, ଇଂଲଣ୍ଡ, ଇଟାଲି, ଫ୍ରାନ୍ସ, ମେକ୍ସିକୋ ।

କୋଭିଡ୍ ପରି କୌଣସି ମହାମାରୀ ବାୟବୀୟ ମାଧ୍ୟମରେ ପ୍ରସାରିତ ହେଉଥିଲେ, ବିଶେଷ ଭାବରେ ଡାକ୍ତର ଓ ଡାକ୍ତରୀ ସେବା ଦଳ ଏହି ରୋଗରେ ବେଶି ସଂକ୍ରମିତ ହେବାର ଦେଖାଯାଏ । ଆଜିର ବ୍ୟାପକ କୋଭିଡ୍ ସଂକ୍ରମଣରେ ଏହା ସିଦ୍ଧ ହୋଇଛି ।

ସବୁବେଳେ ରୋଗଟା ରୋଗୀ ପାଖରେ ଥାଏ । ସଂକ୍ରମଣର ସୁବିଧା ପାଇଲେ ପ୍ରଥମେ ଡାକ୍ତର ହିଁ ରୋଗର ଶିକାର ହୁଅନ୍ତୁ । ସେଇଭଳି ଘଟଣା ଘଟିଛି ଏହି କୋଭିଡ୍ ସଂକ୍ରମଣରେ । ଭାରତକୁ ରୋଗ ଅଧିକ ସଂକ୍ରମଣ କରିବା ଆଗରୁ, ଆମେରିକା ଓ ଇଟାଲିରେ ଚିକିତ୍ସକମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେବାକୁ ଯାଇଛନ୍ତି । ଅଜଣା ରୋଗ ବିଷୟରେ କିଛି ଜଣା ପଡିବା ପୂର୍ବରୁ ଏମାନେ ଅନେକ ରୋଗୀ ପରୀକ୍ଷା କରି ମୃତ୍ୟୁବରଣ କରିଛନ୍ତି । ସେହି ଘଟଣାର ପୁନରାବୃତ୍ତି ଘଟିଛି ଭାରତବର୍ଷ ଆଉ ଓଡିଶାରେ । ଦେଶରେ ତଥା ପ୍ରଦେଶରେ ଲକ୍ ଡାଉନ୍ ଆଉ ସଟ୍ ଡାଉନ୍ ସମୟରେ ଡାକ୍ତରଖାନା ଗୁଡିକ ଏମର୍ଜେନସି ସର୍ଭିସ ଭାବରେ କାର୍ଯ୍ୟରତ ଥିଲେ । ସମସ୍ତ ସ୍ୱାସ୍ଥ୍ୟରକ୍ଷା ଆଦେଶ ପାଳନ କରି ବି କୋଭିଡ୍ କାହାକୁ ଛାଡିବନାହିଁ ।

ଉଦାହରଣ ସ୍ୱରୂପ କୁହାଯାଇ ପାରେ ଆମ ଓଡିଶାରେ ଯଥେଷ୍ଟ ସୁନାମ ଅର୍ଜନ କରିଥିବା ଭାସ୍କର୍ଯ୍ୟ ଶିଳ୍ପୀ ଏବଂ ରାଜ୍ୟସଭା ସଦସ୍ୟ ଶ୍ରୀ ରଘୁନାଥ

ମହାପାତ୍ର । ତାଙ୍କର ଖୋଦିତ ପ୍ରସ୍ତର ଶିଳ୍ପ କେବଳ ଭାରତର ପାର୍ଲିଆମେଣ୍ଟରେ ଯେ ସ୍ଥାନିତ ହୋଇଛି, ତା ନୁହେଁ ବିଦେଶରେ କେତେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଶୋଭା ପାଉଛି ତାର ହିସାବନାହିଁ । ସେ ବି ଓଡିଶା ବାସୀଙ୍କ ମନରେ ଆଶା ଜନ୍ମାଇଥିଲେ, ସେ ଦ୍ୱିତୀୟ କୋଣାର୍କ ନିର୍ମାଣ କରିବେ । କୋଭିଡ୍ ଭାକ୍‌ସିନ୍ ବି ନେଇଥିଲେ । କିପରି କେଉଁଠାରେ କୋଭିଡ୍ ଭୂତାଣୁ ସଂକ୍ରମଣ ହେଲା, ସେ ସବୁ ଚେଷ୍ଟା ସତ୍ତ୍ୱେ ଏହି ଭୂତାଣୁର ଶିକାର ହେଲେ । ସେତିକି ନୁହେଁ, ତାଙ୍କର ପୁତ୍ର ବି ସେମିତି କୋଭିଡ୍ ରୋଗରେ ଗୁରୁତର ହୋଇ ଜୀବନ ହାରିଲେ ?

ସେମିତି ଜଣେ ଲୋକପ୍ରିୟ ଗାୟିକା, ତପୁ ମିଶ୍ର । ସଂଗୀତ ଜଗତରେ ତାଙ୍କ ସୁମଧୁର ସ୍ୱର ଆଉ ମିଳିବ ନାହିଁ । କୋଭିଡ୍ ରୋଗ ତାଙ୍କୁ ମୃତ୍ୟୁ ପୂର୍ବରୁ ବହୁତ ହନ୍ତସନ୍ତ କରି ଜୀବନ ନେଇଛି ।

ଆମ ରାଜ୍ୟର କେତେ ଶକ୍ତିଶାଳୀ ପ୍ରଶାସନିକ ଅଧିକାରୀ ଏହି ରୋଗର ଶିକାର ହୋଇଛନ୍ତି, ତାହାର ହିସାବ ନାହିଁ । ପ୍ରଧାନମନ୍ତ୍ରୀଙ୍କର ଅବା ମୁଖ୍ୟମନ୍ତ୍ରୀଙ୍କର ଦପ୍ତରର ଅଫିସର ହୁଅନ୍ତୁ ଅବେ କେନ୍ଦ୍ର ରାଜ୍ୟ ପ୍ରଶାସନର ଦକ୍ଷ ଅଧିକାରୀ ହୁଅନ୍ତୁ, କରୋନା କାହାକୁ ଛାଡିନାହିଁ । ଖାଲି ଯେ ଜଣାଶୁଣା ଲୋକପ୍ରିୟ ଅଧିକାରୀମାନେ ମୃତ୍ୟୁବରଣ କରୁଛନ୍ତି, ତାହା ନୁହେଁ । ସେଇ ଅନୁପାତରେ ସାଧାରଣ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି, ତାହା ପରିସଂଖ୍ୟାନରୁ ଜଣାପଡେ ।

ଏବେ କୌଣସି ମଶାଣି ଭୂଇଁ ଆଉ ନିଶ୍ଚଳ ହୋଇ ରହିନାହିଁ । ଅହରହ ଶବ ସତ୍କାର ଚାଲିଛି । ଭୁବନେଶ୍ୱରର ସତ୍ୟନଗର କଥା କୁହନ୍ତୁ ବା କଟକର ଖାନନଗର । ସବୁଠାରେ ଶବ ପରେ ଶବ, ସତ୍କାର ପାଇଁ ବ୍ୟବସ୍ଥା ଚାଲିଛି । କୋଭିଡ୍ ମୃତ୍ୟୁ ଆମ କୋଭିଡ୍ ପୂର୍ବ ସମୟର ସାମାଜିକତା ହରାଇଛି । ଆଉ "ଛ' ଖଣ୍ଡ କାଠ ହେବ ତୋ ପାଇଁ ଲୋଡା" ଏମିତି ହେଉନି । କୋଭିଡ୍ ରୋଗୀ ଡାକ୍ତରଖାନା ଆଇ.ସି.ୟୁ. ରେ ଅମ୍ଳଜାନ ସହ ଚିକିତ୍ସା ନେବାବେଳେ ଆଉ ରୋଗୀକୁ ଶାରୀରିକ ଭାବରେ ଦେଖିବା ସମ୍ଭବ ନୁହେଁ । ତା ପରେ ମରିଗଲେ, ମୁନିସିପାଲିଟି ଶବ ବୁହା ଗାଡିରେ ସିଧା ମଶାଣି । ସେଇଠି ସତ୍କାର ପୂର୍ବରୁ ସୀମିତ ସଂଖ୍ୟକ ଆତ୍ମୀୟମାନେ ତାଙ୍କ ସଂପୂର୍ଣ୍ଣ ଧଳା ଚଦରରେ ଆବୃତ୍ତ କରିଥିବା ଶବାଧାରରେ ଦେଖିବାକୁ ପାଇବେ !

ଏମିତି ଦେଖିବାକୁ ଗଲେ ଏହି କୋଭିଡ୍ ମହାମାରୀ ଦୁନିଆଁର ଅନେକ ରୀତି ନୀତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବ । ଦଳ ବା ବହୁଜନର କାର୍ଯ୍ୟକ୍ରମ ଗୁଡିକ ନିଶ୍ଚିତ ଭାବେ ବ୍ୟାହତ ହେବ । ଦଳାଚକଟା ଆଉ ବିଶାଳ ଜନସମାଗମକୁ ସାଧାରଣ ଲୋକ ନିଶ୍ଚିତ ଡରିବେ । ଭୋଜିଭାତଗୁଡିକ ସ୍ୱତଃ ସୀମିତ ହୋଇଯିବ । ଲୋକମାନେ ମନ୍ଦିର, ମସଜିଦ୍ ଆଉ ଚର୍ଚ୍ଚରେ ବି ଆଗପରି ଖୋଲାମନରେ କାରବାର ହେବାକୁ କୁଣ୍ଠା ଆସିବ । ପୁଣି ସରକାରଙ୍କ ତରଫରୁ ଏଗୁଡିକ ଉପରେ ରହିଥିବା କଟକଣାକୁ କୋହଳ କରିବେ କି ନାହିଁ, ତାହା ବି ଆଉ ଗୋଟିଏ ଦିଗ ।

ପୂର୍ବତନ ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୪
ମୋ-୯୪୩୭୩୫୩୭୧୭



# ଧନ୍ୟରେ କରୋନା

**_ଡ. ଭବାନୀ ଶଙ୍କର ଦାଶ_**

ଶ୍ରୀ ଜଗନ୍ନାଥଙ୍କ ଜଗତସାରା ଆଜି ଅପମୃତ୍ୟୁର ଭୈରବୀ ଡାକ ସବୁରି ପ୍ରାଣରେ ଭୟ ସୃଷ୍ଟି କଲାଣି। ସାରା ଜଗତ ଭୟରେ ଥରହର। ତାହା ପୁଣି ସବୁ ବିଳକ୍ଷ ବ୍ୟବସ୍ଥା ଗ୍ରହଣ ସତ୍ତ୍ୱେ ଥମିବାର ନାଁ ଧରୁନାହିଁ। ମାଡ଼ିଚାଲିଛି। ଭାରତରେ ଆରମ୍ଭ ହେଲାଣି ଓ ବଢ଼ିଚାଲିଲାଣି। ପୃଥିବୀର ଅନନ୍ୟ ବିକଶିତ ଓ ଶକ୍ତିଶାଳୀ ରାଷ୍ଟ୍ରମାନେ ଏଥିରେ ସାଂଘାତିକ ଭାବେ ଘାଇଲା ହେଲେଣି। ଅଥଚ ପ୍ରତିରୋଧ କରିବାର ସକଳ ସୂତ୍ର ନିର୍ଭର ଯୋଗ୍ୟ ସାବ୍ୟସ୍ତ ହୋଇ ପାରୁନାହିଁ। ବିଜ୍ଞାନ ସତେ ଯେମିତି ନିଜ ଅକ୍ଷମତା ଅଘୋଷିତ ଭାବେ ଘୋଷଣା କରି ହାତ ଟେକି ସାରିଲିଣି କିମ୍ବା କରୋନା ସାମ୍ନାରେ ଆଣ୍ଠୁମାଡ଼ି କାନଧରି ବସିଗଲାଣି। ୨୦୧୯ ଡିସେମ୍ବର ମାସରୁ ଚାଇନାର ଉହାନ ପ୍ରଦେଶରୁ ଜନ୍ମଲାଭ କଲାପରେ କରୋନା ସାରା ପୃଥିବୀକୁ ସଂକ୍ରମୀ ଗଲାଣି। ମାନବ ସଭ୍ୟତା ପାଇଁ ଏହା ଏକ ବିରାଟ ପ୍ରଶ୍ନବାଚୀ। ସତେ ଯେମିତି କରୋନାର ଏଇ ସର୍ବଗ୍ରାସୀ କରାଳ ଗର୍ଭରୁ ମୁକ୍ତି ହିଁ ନାହିଁ। କାରଣ ବିଶ୍ୱ ପଟ୍ଟରେ ଦିନକୁ ଦିନ କରୋନା ସଂକ୍ରମଣ ଓ ମୃତ୍ୟୁହାର ଆଶାତୀତ ଭାବେ ସଂପ୍ରସରିଯାଉଛି। ଏବେ ୨୦୨୧ରେ କରୋନାର ଦ୍ୱିତୀୟ ଲହର ଅତି ସାଂଘାତିକ ସାବ୍ୟସ୍ତ ହେଲାଣି। ୩ୟ ଲହର କେବେ ଜଣା ନାହିଁ।

ଅନ୍ୟ ଦିଗରୁ ଚିନ୍ତାକଲେ ଯାହା ହଉଛି ଭଲ ହେଉଛି। ଯାହା ହେବ ବି ଭଲ ହେବ। ଥରେ ଚିନ୍ତା କରାଯାଉ। ବିଜ୍ଞାନର ଶିଖରକୁ ସ୍ପର୍ଶ କରିପାରିଛି ଭାବି ମଣିଷ ସ୍ରଷ୍ଟା ଈଶ୍ୱରଙ୍କୁ ବି ଅସ୍ୱୀକାର କଲା। ନିଜକୁ ସ୍ରଷ୍ଟା ମନେକଲା। ଅନ୍ୟ ପ୍ରାଣୀ କେହି ନୁହେଁ। କେବଳ ମଣିଷ ପାଇଁ ହିଁ ଏ ସୁନ୍ଦର ସୃଷ୍ଟି ପରିବେଶ ଗତ ଅସନ୍ତୁଳନର ଶିକାର ହେଲା। ପ୍ରାଣୀ ସମୂହର ସନ୍ତୁଳନ ରକ୍ଷାକରିବା ପାଇଁ ବୋଧେ ଈଶ୍ୱର ଏପରି ଏକ ଉନ୍ନତ ଧରଣର ମହାବୈଜ୍ଞାନିକ କୌଶଳ ଆପଣେଇଲେ। ଯେଉଁଥିପାଇଁ ଆଜି ଚାରିଆଡ଼େ ହା ହା କାର।

ପୃଥିବୀ ପାଇଁ ଅତି ସାଂଘାତିକ ସମୟ ବର୍ତ୍ତମାନ। କେହି ଏହାକୁ ବୁଝୁ କି ନବୁଝୁ ଅମୃତର ସନ୍ତାନ ପାଇଁ ପରମ ପିତା କରୋନା ନାମକ ଉତ୍କଟ ଭୂତାଣୁ ବିଷ ପ୍ରୟୋଗ କରି ଅମୃତତ୍ୱର ପରୀକ୍ଷା ନେଉଛନ୍ତି। ସନ୍ଥପାଳନ; ଧର୍ମରକ୍ଷା ଓ ଅଧର୍ମର ବିନାଶ ପାଇଁ ଯୁଗେ ଈଶ୍ୱର ସଜାଗଥାନ୍ତି ବୋଲି ଧର୍ମଶାସ୍ତ୍ର କହିଥାନ୍ତି। ଏଣୁ ଧର୍ମ ନାଁରେ ଚଳୁଥିବା ଯାବତୀୟ ଅଧର୍ମକାର୍ଯ୍ୟ ନିମ୍ନରଣ ପାଇଁ ଏଇ କରୋନା ନାମକ କରୁଣ ଅବସ୍ଥା ସୃଷ୍ଟି ହେଉଛି ସ୍ରଷ୍ଟାଙ୍କର ଚଳିତ ସଭ୍ୟତା ଉପଲକ୍ଷେ ଏକ ଅନବଦ୍ୟ ଦାନ। ବିଳାସୀ, ମଦମତ୍ତ, ଅହଂପ୍ରବଣ, ନିଷ୍ଠୁର, ଧର୍ମବର୍ଜିତ ସାଂପ୍ରତିକ ମାନବ ପାଇଁ କରୋନା ଏକ ମେଳାପୀ ମାଡ଼ ନିଶ୍ଚୟ। କରୋନା କେମିତି ବ୍ୟାପେ, ଏହାର ଲକ୍ଷଣ କଣ ଓ ଏହାର ପ୍ରତିକାର ତଥା ପ୍ରତିଷେଧକ କିପରି ଇତ୍ୟାଦି ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ହୋଇପାରି ନଥିବା ବେଳେ ସିଏ ଗୋଟା ଗୋଟା ମୁଣ୍ଡ ମୋଡ଼ି ଚାଲିଛି। ସାରା ଆକ୍ରାନ୍ତ ଦେଶମାନଙ୍କର ଲୋକେ ଗୃହବନ୍ଦୀର ଜୀବନ ବଂଚୁଛନ୍ତି। ଯେଉଁଆଡ଼େ ଦେଖିଲେ ଦେଖାଯାଉଛନ୍ତି ମୁଖାପିନ୍ଧା ମଣିଷ। ଯୌବନ, ସୌନ୍ଦର୍ଯ୍ୟ, ପ୍ରତିପତ୍ତି ଓ ପ୍ରାଚୁର୍ଯ୍ୟ ଇତ୍ୟାଦି ସବୁକିଛି ସେଇ ମୁଖା ତଳେ ଲୁଚି ଯାଇଛି। ଛଳ ମଣିଷର ମୁଖା ସ୍ୱଷ୍ଟ ହୋଇ ଯାଉଛି। ରାସ୍ତାଘାଟ, ଛକ ବଜାର ଶୂନଶାନ। ଯଦି କେବେ କେହି ଏକାଠି ହେଉଛନ୍ତି ତେବେ ଅଲୋଚନା ହେଉଛି କେବଳ କରୋନାକୁ ନେଇ। ମହା ମଡ଼କ ରଚାଇଥିବା ମହାମାରୀ କରୋନା। ହା ଦୁର୍ଭାଗ୍ୟ ସମସ୍ତ ପ୍ରାଣୀମାନଙ୍କୁ ଏକରକମ ବନ୍ଦୀ କରି ରଖି ନିଜେ ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷ ନିଜ ତିଆରି ଜାଲରେ ନିଜେ ବନ୍ଦୀ ଓ ନିଜ ଶ୍ରେଷ୍ଠତାକୁ ନେଇ ସନ୍ଧିହାନ ହୋଇ ପଡ଼ିଲାଣି। ମଣିଷ ଗୃହବନ୍ଦୀ ଅଥଚ ଅନ୍ୟ ପ୍ରାଣୀ ସବୁ ରାଜରାସ୍ତାରେ। ଏଇଆକୁ ବୋଧେ କହନ୍ତି ନିୟତି।

ଉଣାଅଧିକେ ଲୋକଙ୍କଠାରେ କରୋନା ଭୟରେ ଭକ୍ତିଭାବ ଜାଗ୍ରତ ହେଲାଣି। ବିଜ୍ଞାନ ଉପରୁ ଆସ୍ଥା ତୁଟାଇ ଅଦୃଶ୍ୟ ଈଶ୍ୱରଙ୍କ ଆଡ଼କୁ ଚାହିଁଲେଣି। ଅଭକ୍ତ ଭକ୍ତ ବୋଲାଇଲେଣି। ଅଦାତା ଦାନୀ ସାଜିଲେଣି। ସାରା ଜଗତ ଏବେ ହାଣ୍ଡସେକ୍ ଓ ହଗ୍ଗିଂ ଛାଡି ଭାରତୀୟ ନମସ୍କାର ପରଂପରାକୁ ଆପେଣେଇ ନେଲେଣି। ଧନ ସାଇତିବାର ମୋହ ଆଉ ନାହିଁ। ଏକାନ୍ତ ବାସ ହିଁ କରୋନା ରୋକିବାର ପ୍ରମୁଖ କୌଶଳ ବୋଲି ଜାଣିଗଲା ପରେ କାମିନୀ କାଞ୍ଚନ ଲୋଭ ବି ମଣିଷ ପାଖରୁ ଦୂରେଇବା ଆରମ୍ଭ କଲେଣି। ଋଷି ସୁଲଭ ଜୀବନଯାପନ କଲାଣି ଦିନେ ଧରାକୁ ସରାଜ୍ଞାନ କରୁଥିବା ମଣିଷ। ଜଣେ କୋଟିପତିର ଜୀବନ ଶୈଳୀ ଓ ଜଣେ ସାଧାରଣ ଲୋକର ଜୀବନ ଶୈଳୀ ପ୍ରାୟତଃ ଏକା ପ୍ରକାର ହୋଇଗଲାଣି। ହିଂସା, ଦ୍ୱେଷ, ଈର୍ଷା, ଅସୂୟାର ହାର କମିଗଲାଣି। ସର୍ବଶ୍ରେଷ୍ଠ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ମଧ୍ୟ କରୋନାମାଡ଼ରେ ଘାଇଲା ହୋଇ ଭୁଲି ଗଲାଣି ନିଜର ପାରିବାପଣିଆକୁ। କରୋନା କ'ଣ ନ କଲା। ପୃଥିବୀର ଜନସଂଖ୍ୟା କମେଇ ଦେଲା। ମଣିଷ ମନକୁ ମୋହମାୟାଠାରୁ ଦୁରେଇ ନେଇ ଈଶ୍ୱରାଭିମୁଖୀ କରାଇଲା। ଅସଂଗତ ଚିତ୍ତକୁ ସଂଯମ ଶିଖଇ ଦେଲା। ଜୀବନର ନଶ୍ୱରତା ଚିହ୍ନାଇ ଦେଇ ବଂଚିବାର ରାହା ସୂଚେଇ ଦେଲା।

ସର୍ବୋପରି ଜୀବନର ଅର୍ଥ ବୁଝିବାର ବ୍ୟବସ୍ଥା କରାଇଦେଲା । କାରଣ ଦୁଇ ଦୁଇଟା ପ୍ରତିଷେଧକ ଟିକା ନେବା ପରେ ବି ରୋଗ ଆକ୍ରମଣ କରୁଛି ।

ଆମ ପୁରାଣଶାସ୍ତ୍ର କୁହନ୍ତି ଯୁଗେ ଯୁଗେ ଏୟା ହୁଏ । ଯୁଗର ସନ୍ଧିକ୍ଷଣରେ ଏମିତି ପରିବର୍ତ୍ତନ ଆଦେ । ତେବେ ମନରେ ପ୍ରଶ୍ନ ଆସୁଛି ତେବେ କଣ କଳିଯୁଗ ଏଇଠି ସରିବ ଓ ସତ୍ୟଯୁଗ ଆରମ୍ଭ ହେବ । ଇଟାଲୀ, ସ୍ପେନ ଓ ଆମେରିକାରେ କୁଢ଼ କୁଢ଼ ଶବ ଦେଖିଲେ ମନେ ହେଉଛି ଆମ ପଞ୍ଚସଖାଙ୍କ ମାଳିକା ବଚନ ସତ ହେଲାକି-

"ଅଷ୍ଟରତ୍ନମାନ ପଥେ ପଡ଼ିଥିବ
କେହି ନ ଛୁଇଁବେ ତାକୁ
ମିଥ୍ୟା ବୋଲି କରି କେବଣ ପଦାର୍ଥ
ପଚାରିବେ ଆକୁ ତାକୁ ।"
(ଶିଶୁ ଅନନ୍ତ)

ସେଇ ଅବସ୍ଥା ଏବେ ଚାରିଆଡ଼େ । ଲକଡାଉନ୍, ସର୍ଟଡାଉନ୍, ଏକାନ୍ତବାସ ବା ସାମାଜିକ ଦୂରତ୍ୱ ଆପାତତଃ ବୈରାଗୀ ସଜାଇଦେଲାଣି ଜନସାଧାରଣଙ୍କୁ । ଋଷି ସୁଲଭ ଜୀବନଚର୍ଯ୍ୟାକୁ ବାଧ୍ୟବାଧକତାରେ ସମସ୍ତେ ଆପଣେଇ ନେଲେଣି । ଏ ଅବରୁଦ୍ଧ ଅବସ୍ଥା କେତେଦିନ ଚାଲିବ କହିବା କଷ୍ଟକର । ଲାଗୁଛି ଈଶ୍ୱରଙ୍କ ଧର୍ମ ସଂସ୍ଥାପନ ପ୍ରକ୍ରିୟା ଚାଲୁହେଲା । ଆଗାଡ଼ି ଉଡ଼ିଯିବା ଓ ଧାନ ରହିବା ଯାହାର ଅନ୍ତର୍ନିହିତ ଅର୍ଥ । ଏ ପରୀକ୍ଷାରେ ସମସ୍ତେ ସାମିଲ ହେବାକୁ ବାଧ୍ୟ । ଏକ କଠିନ ପରୀକ୍ଷା । ମୃତ୍ୟୁ ତ ଅବଶ୍ୟମ୍ଭାବୀ । ତେବେ କରୋନାରେ ମଲେ ଶବକୁ ଛୁଇଁବାମନା । ମଲାବେଳେ ତୁଣ୍ଡରେ ପାଣିଟିକେ ଦେବା ମନା । ମୁଖାଗ୍ନି ଦେବା ମନା । ତେବେ ମୂର୍ଖ ବୁଦ୍ଧିରେ ଆମେ ଏତିକି କହିପାରିବା ଯେ ଜଗନ୍ନାଥ ଜଗତରେ ଏହା ହେଲା ଠିକ୍ । ଯାହା ହଉଛି ଠିକ୍ । ଯାହା ହବ ତା ବି ଠିକ । କାରଣ ଘଟଣା ସବୁ ମଣିଷ ଇଚ୍ଛାରେ ଘଟେ ନାହିଁ । ଯାହା ଘଟେ ତାଙ୍କ ଇଚ୍ଛାରେ । ଏ କଥାକୁ ନ ହେଜି ଥିବାରୁ ବୋଧେ ଆଜିର ଏ ଦୁର୍ଦ୍ଦଶା । ଏଭଳି ପରିସ୍ଥିତି ଦିନେ ହେବ, ଏଥିରୁ ମୁକୁଳିବାର ରାସ୍ତା ମଧ୍ୟ ପଞ୍ଚସଖା ସୂଚିତ କରିଛନ୍ତି-

ସର୍ବେ ହୋଇବେ ଏକ ମୁଖ
ଡାକିବେ ନାରାୟଣ ରଖ ।।

ଅତଏବ କରୋନାକୁ ଡ଼ରି ଆମ ମଣିଷମାନେ ମୁଖାପିନ୍ଧା ମଣିଷ ହୋଇଗଲୁଣି । ବାସ୍ତବ ମୁହଁ ଲୁଚିଗଲାଣି । ଏକ ମନ ହୋଇ ପ୍ରାର୍ଥନା କରାଯାଉ । କରୋନାକୁ ମନେ ନ ପକାଇ ମହାପ୍ରଭୁଙ୍କୁ ଆକୁଳ ନିବେଦନ କରାଯାଉ । ଆମ ଅକ୍ତିଆରରେ ନଥିବା ବଦମାସ କରୋନାକୁ ମହାପ୍ରଭୁ ନିଜ ନିୟନ୍ତ୍ରଣକୁ ନିଅନ୍ତୁ । ନହେଲେ ଦ୍ୱିତୀୟ ଲହରର ଭୟାବହତାକୁ ତୃତୀୟ ଲହର ଟପି ଯିବନି ତ ? ଅନେକ ଦେଶ ଟିକା ତିଆରି କରି ନେଇ ସାରିଲେଣି । ଭାରତରେ ଟିକାଦାନ ଚାଲୁ ରହିଛି । ଦେଖାଯାଉ, କରୋନା ମାତ୍ ଖାଉଛି ନା ମାତ୍ ଦଉଛି ।

ବାଲିପାଟଣା
ମୋ-୯୪୩୭୨୭୯୧୪୨



# ବିପଦ ଓ ବିବର୍ତ୍ତନରେ ଆମ ଆଧ୍ୟାତ୍ମିକତା

*ଡ. ଭାସ୍କର ମିଶ୍ର*


ଉତ୍କଳର ପରମ ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତି ଓ ଜନ ମାନସର ପ୍ରାଣ କେନ୍ଦ୍ର । ସେ ଆମର ଆଧ୍ୟାତ୍ମିକ, ଧାର୍ମିକ ଓ ମାନସିକ ଭାବଧାରାକୁ ଅନାଦି କାଳରୁ ଆଚ୍ଛନ୍ନ କରି ରଖିଛନ୍ତି । ସୁଖ ଓ ଦୁଃଖରେ ଆମ୍ଭେ ତାଙ୍କୁ ସ୍ମରଣ କରୁ। ସେ ଆମର ଇଷ୍ଟ । ଯେତେ ବଡ଼ ବିପଦ ଆସିଲେ ବି ତାହାକୁ ଏଡ଼ାଇ ଦେବା ପାଇଁ ପରଂବ୍ରହ୍ମରୂପୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତି ଆପଣାର ଭାବେ ଆମ୍ଭେ ପ୍ରାର୍ଥନା କରିଥାଉ । ବିଗତ ହଜାର ହଜାର ବର୍ଷ ଧରି ବହୁ ଝଡ ଝଞ୍ଜା, ବିପଦ ଆପଦରେ ପଡ଼ି ଏ ଜାତି ପ୍ରଭୁଙ୍କୁ ସ୍ମରଣ କରେ ଆଜି ବି ମାନସିକ ଶାନ୍ତି ପାଇ ପାରିଛି । ତାଙ୍କର ନିତ୍ୟ ଆରାଧ୍ୟସ୍ଥଳ ମର୍ତ୍ତ୍ୟ ବୈକୁଣ୍ଠ ସଦାସର୍ବଦା ଆତ୍ମମାନଙ୍କୁ ଆନନ୍ଦ ପ୍ରଦାନ କରି ଆସିଛି । ଏ ସମ୍ବନ୍ଧରେ ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ପ୍ରଥମ ଅଧ୍ୟାୟସ୍ଥିତ ୧୮ ଶ୍ଳୋକରେ ଅତି ଚମତ୍କାର ବର୍ଣ୍ଣନା ରହିଛି । ତାହା ହେଲା । ପ୍ରଜାପିତି ବ୍ରହ୍ମା ଚରାଚର ଜଗତ ସୃଷ୍ଟି ତରେ ତୀର୍ଥ, ନଦୀ, ସାଗର ଓ କ୍ଷେତ୍ର ଗୁଡ଼ିକୁ ଯଥା ସ୍ଥାନରେ ସ୍ଥାପନ ପୂର୍ବକ, ସୃଷ୍ଟି ଭାରରେ ନିଜକୁ ପ୍ରପୀଡିତ ମନେ କଲେ, ଚିନ୍ତାମଗ୍ନ ହୋଇ ଭାବିଲେ ଯେ, କି ଉପାୟ ଅବଲମ୍ବନ କଲେ, ମୋତେ ଏପରି ଗୁରୁତର କାର୍ଯ୍ୟ ପୁନର୍ବାର ପ୍ରାପ୍ତ କରିବାକୁ ପଡ଼ିବ ନାହିଁ, ଏବଂ ଅଧ୍ୟାତ୍ମିକାଦି ତାପ ତ୍ରୟନର ସନ୍ତାପିତ ଜୀବଗଣ ମଧ୍ୟ କି ପ୍ରକାରେ ମୁକ୍ତି ଲାଭ କରିବେ, ପରିଶେଷରେ ପ୍ରଜାବତ୍ସଳ ପ୍ରଜାପତି ଚିନ୍ତା କରେ ମୁକ୍ତିର କାରଣ ପରାତ୍ପର ପରେମେଶ୍ୱର ବଷ୍ଣୁ ସ୍ୱରୂପ ଶ୍ରୀଜଗନ୍ନାଥଙ୍କୁ ସ୍ତବ କରିଥିଲେ । ସ୍ତବରେ ସନ୍ତୁଷ୍ଟ ହୋଇ ଭଗବାନ୍ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ପ୍ରକାଶ କରିଥିଲେ ଯେ, ସମୁଦ୍ରର ଉତ୍ତର ତୀରରେ ଓ ମହାନଦୀର ଦକ୍ଷିଣରେ ଥିବା ପ୍ରଦେଶଟି ପୃଥିବୀ ମଧ୍ୟରେ ସକଳ ତୀର୍ଥର ଫଳ ପ୍ରଦାନ କରିଥାଏ । ହେ ବ୍ରହ୍ମନ୍ ! ସେହି ସ୍ଥାନରେ ଯେଉଁ ମନୁଷ୍ୟମାନେ ବାସ କରନ୍ତି, ସେମାନେ ବୁଦ୍ଧିମନ୍ତ ଏବଂ ପୂର୍ବ ଜନ୍ମାର୍ଜିତ ପୁଣ୍ୟ ଫଳକୁ ଭୋଗ କରିଥାନ୍ତି । କ୍ଷର ଓ ଅକ୍ଷରକୁ ଅତିକ୍ରମ କରି ଏହି ପରୁଷୋତ୍ତମ କ୍ଷେତ୍ରରେ ମୁଁ ଅବସ୍ଥାନ କରୁଅଛି । ଏହି କ୍ଷେତ୍ରଟି ସୃଷ୍ଟି ଓ ପ୍ରଳୟ ଦ୍ୱାରା ଆକ୍ରାନ୍ତ ହୁଏ ନାହିଁ । ପୁରାଣର କଥାରୁ ସ୍ପଷ୍ଟ ଭାବେ ଜ୍ଞାତ ହୁଏ ଯେ, ପରଂବ୍ରହ୍ମ ସ୍ୱରୂପ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏଠାରେ ବିଦ୍ୟମାନ ଥିବାରୁ ଏହି କ୍ଷେତ୍ରଟିରେ ଯେତେ ପ୍ରଳୟ ସଂଘଟିତ ହେଲେ ବି କ୍ଷତି ହୋଇ ପାରିବ ନାହିଁ ।

କାଳର କରାଳ ସ୍ରୋତରେ ସମାଜରେ ବିଭିନ୍ନ ମହାମାରୀ, ଝଡ଼, ବାତ୍ୟା, ବିଭୀଷିକା, ଯୁଦ୍ଧ ଇତ୍ୟାଦି ଘଟି ଥିଲେ ହେଁ ମନୁଷ୍ୟ ପୂର୍ବ ଭଳି ଜୀବନ ବିତାଉଛି । ସାମୟିକ ଭାବେ ମନରେ ଭୟ ଉଦ୍ରେକ ଆସିଥିଲେ ହେଁ ପରବର୍ତ୍ତୀ ସମୟରେ ପୁନଶ୍ଚ ପୂର୍ବାବସ୍ଥା ଫେରି ଆସିଛି । ତେଣୁ ଯୁଗେ ଯୁଗେ ବିଶ୍ୱର ମନୁଷ୍ୟ ସମାଜ ତାର ଇଷ୍ଟ ପ୍ରଭୁଙ୍କ ଉପରେ ଆସ୍ଥା ରଖି ଏ ବିପଦମାନଙ୍କୁ ସହ୍ୟ କରିବା ସଙ୍ଗେ ସଙ୍ଗେ ପୁନଶ୍ଚ ଜୀବନଯାପନ ଅତିବାହିତ କରି ଆସିଛି ।

ସପ୍ତମ ଶତାବ୍ଦୀର ଶେଷ ଭାଗରେ ଆରବ୍ୟ ରକ୍ତବାହୁ ଜଳ ପଥରେ ଆସି ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲା । ସେତେବେଳେ ଶ୍ରୀ ବିଗ୍ରହମାନଙ୍କୁ ଜଳ ପଥରେ ଅର୍ଥାତ୍ ମହାନଦୀରେ ସୋନପୁରର ଗୋପାଲିକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରାୟ ୧୪୪ ବର୍ଷ ପରେ ଯଯାତି କେଶରୀ ନୂତନ ମୂର୍ତ୍ତି ନିର୍ମାଣ କରାଇ ପୁନଃ ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ମହାପ୍ରଭୁମାନଙ୍କୁ ଅଧିଷ୍ଠିତ କରାଇଥିଲେ । ସେହିପରି ୧୫୬୮ ଖ୍ରୀଷ୍ଟାବ୍ଦର କଥା କଳାପାହାଡ଼ର ଶ୍ରୀମନ୍ଦିର ଉପରେ ବର୍ବର ଆକ୍ରମଣ କରି ଶ୍ରୀ ବିଗ୍ରହମାନଙ୍କ ଧ୍ୱଂସ ସାଧନ ନିମନ୍ତେ ପ୍ରବଳ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ପାରିନଥିଲା । ଗଙ୍ଗା ନଦୀକୂଳରୁ ଶ୍ରୀ ବିଗ୍ରହମାନଙ୍କ କଳେବରରୁ 'ବ୍ରହ୍ମ ପଦାର୍ଥ'ଙ୍କୁ ସଂଗ୍ରହ କରି ବିଶର ମହାନ୍ତି ନାମକ ଜନୈକ ବୈଷ୍ଣବ ଗଡ଼କୁଜଙ୍ଗ ଠାରେ ଅତ୍ୟନ୍ତ ଗୋପନୀୟ ଭାବେ ୮ ବର୍ଷ ଧରି ପୂଜାର୍ଚ୍ଚନା କରୁଥିଲା । ତତ୍ପରେ ଭୋଇ ବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ (ପ୍ରଥମ) ୧୫୭୫ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ବନଯାଗ ପଦ୍ଧତିରେ ନୂତନ ବିଗ୍ରହ ନିର୍ମାଣ ପୂର୍ବକ ରତ୍ନ ସିଂହାସନରେ ମହାପ୍ରଭୁଙ୍କୁ ବିଜେ କରାଇଥିଲେ । ଏହିପରି ଭାବେ ୧୩ ଥରରୁ ଉର୍ଦ୍ଧ୍ୱ ଶ୍ରୀମନ୍ଦିର ଉପରେ ଆକ୍ରମଣ ସଂଘଟିତ ହୋଇଥିଲେ ହେଁ ଓଡ଼ିଆ ଜାତିର ଇଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରସ୍ଥିତ ନୀଳକନ୍ଦରରେ ବିରାଜିତ ହୋଇ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇ କୃତାର୍ଥ କରି ଆସୁଅଛନ୍ତି । ଏକଥା ଏଠାରେ ଉଲ୍ଲେଖ କରାଯିବାର ପ୍ରାସଙ୍ଗିକ ହେଉଛି ଯେ ବିଭିନ୍ନ ଦୈବୀ ଦୁର୍ବିପାକ ମଧ୍ୟରେ ମନୁଷ୍ୟ ସମାଜ ଗତି କରୁଥିଲେ ମଧ୍ୟ ଆଜି ବି ପ୍ରକୃତିର ଅବଦାନକୁ ଉପଭୋଗ କରି ଆସୁଅଛି । ଅଦ୍ୟ ଏକ ଐତିହାସିକ ଘଟଣା ହେଉଛି ୧୬୯୪ ଅକ୍ଟୋବର ମାସ ୬ ତାରିଖରେ ଭୟଙ୍କର ଝଡ଼ ତୋଫାନ ହୋଇ ବଡ଼

ଦେଉଳ ଉପରୁ ନୀଳଚକ୍ର ଉପୁଡ଼ି ପଡ଼ି ତଳେ ପଡ଼ି ଯାଇଥିଲା। ପୁନଶ୍ଚ ୧୭୧୫ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୬ ତାରିଖରେ ଗଜପତି ଦିବ୍ୟସିଂହ ଦେବ ମହାରାଜାଙ୍କ ୩୩ ଅଙ୍କରେ ଶ୍ରୀମନ୍ଦିର ଚୂଡ଼ା ଦେଶରେ ନୂତନ ନୀଳଚକ୍ର ସଂସ୍ଥାପନ ହୋଇଥିଲା। ଦୀର୍ଘ ୨୦ ବର୍ଷ ପରେ ଶ୍ରୀ ନୀଳଚକ୍ର ପୁନଃ ସଂସ୍ଥାପନ ହୋଇ ଧ୍ୱଜା ଉଡ଼ିଥିବାରୁ ଧର୍ମପ୍ରାଣ ଜନତା ଭକ୍ତି ଗଦ୍ ଗଦ୍ ହୃଦୟରେ ଆନନ୍ଦିତ ହୋଇଥିବା କଥା ଐତିହାସିକ କେଦାର ନାଥ ମହାମାତ୍ର ତାଙ୍କ ରଚିତ 'ଖୁରୁଧା ଇତିହାସ'ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏକଥା ଏଠାରେ ଉପସ୍ଥାପନ କରିବାର ତାତ୍ପର୍ଯ୍ୟ ହେଉଛି ଯେ, ବିଭିନ୍ନ ସମୟରେ ବହୁ ବିଭୀଷିକା, ଝଡ଼ଝଞ୍ଜା, ମହାବାତ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ଘଟି ଥିଲେ ହେଁ କିଛି କ୍ଷଣ ପାଇଁ ଜନତାଙ୍କ ମନରେ ଆଶଙ୍କା ଓ ଭୟ ସୃଷ୍ଟି ହୋଇଥାଏ। ଏପରିକି ଅତୀତରେ ଜଗତ ଧ୍ୱଂସ ହୋଇଯିବ ବୋଲି କେତେକ ପ୍ରଚାର ହୋଇଥିଲେ ହେଁ ମାନବ ସମାଜ ସ୍ୱଭାବିକ୍ ତଥା ବସବାସ କରି ଆସୁଅଛନ୍ତି। ବିପଦ ବେଳେ ତାର ଇଷ୍ଟ ଜଗତରନାଥ ଜଗନ୍ନାଥଙ୍କୁ ସୁମରଣା କରି ବହୁ ଆସନ୍ନ ବିପଦରୁ ରକ୍ଷା ପାଇଥିବାର ବଦ୍ଧମୂଳ ବିଶ୍ୱାସ ଏବେ ବି ଅତୁଟ ରହିଛି। ତେଣୁ ଓଡ଼ିଆ ଜାତିର ଅସ୍ମିତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସାଧାରଣ ଜନତା ଗଭୀର ବିଶ୍ୱାସ ଓ ଆସ୍ଥା ରଖିପାରିଛନ୍ତି।

ମୁଖ୍ୟ ସମ୍ପାଦକ,
ନୀଳାଦ୍ରି ଶ୍ରୀକ୍ଷେତ୍ର ଧାମ, ପୁରୀ



# ଆଉ କେତେଦିନ

*ସୁଶାନ୍ତ କୁମାର ଆଚାର୍ଯ୍ୟ*

ବାରଆଡୁ ତେର କଥା ଶୁଣି ମନଟା ଜମାରୁ ଭଲ ଲାଗୁନି । ଭଲ ଲାଗୁନି ମାନେ ମନଟା ଦବିଗଲାଣି । କରୋନା ସଂକ୍ରମଣ ବଢ଼ିଚାଲିଲାଣି ଦୃତଗତିରେ । ୨୦୨୦ ମସିହା ମାର୍ଚ୍ଚ ମାସରୁ ଭାରତରେ ପାଦ ଥାପିଲା କରୋନା ଜୁଲାଇ ମାସ ଆରମ୍ଭରୁ ଓଡ଼ିଶାରେ କରୋନା ମୃତ୍ୟୁହାର ଆତଙ୍କିତ କଲା । ବେଶି ଭୟ ଲାଗୁଛି ଯେ ଏ କରୋନା କୁଆଡ଼େ ଉଚ୍ଚରକ୍ତଚାପ, ମଧୁମେହ କ୍ୟାନସର ଇତ୍ୟାଦି ରୋଗୀଙ୍କୁ ବେଶି ପସନ୍ଦ କରେ । ଭାରତକୁ ତ ମଧୁମେହର ରାଜଧାନୀ କୁହାଯାଏ । ତେବେ ଏ ସବୁ କଥା ସହିତ ଅଧିକ କଷ୍ଟ ହେଉଛି ଆତ୍ମୀୟ ସ୍ୱଜନଙ୍କ ପରାମର୍ଶ ସବୁ । ଝିଅ କହିଲାଣି ଅମୁକ ଅମୁକ ପକାଇ କାଢା କରି ପିଇବାକୁ ତ ବୋହୂ ବାର୍ତ୍ତା ପଠେଇଛି ଉହାନରେ ବ୍ୟବସାୟ କରୁଥିବା ଭାରତୀୟଙ୍କ ଭିଡିଓ । ସେମାନେ ଗରମ ପାଣି ପିଇ ବଞ୍ଚିଛନ୍ତି କେମିତିର ଦୃଶ୍ୟ । ବାବା ରାମଦେବ କହିଲେଣି ନିର୍ଦ୍ଦିଷ୍ଟ କେତେକ ପ୍ରାଣାୟାମ କଥା । ଯିଏ ଯାହା କହିଲା କରୋନା ଭୟରେ ସବୁ କରିବାକୁ ହେଉଛି । ସେଥିରେ ଏଇ ବେଳାରେ ସରକାରଙ୍କ ତରଫରୁ କରୋନାର ନୂଆ ରୂପ କଥା କୁହାଗଲାଣି । ଟିକା ସଂପୁର୍ଣ୍ଣ ହେଲାପରେବି କରୋନା କାମୁଡ଼ି ଦଉଛି । ସରକାରଙ୍କ ନିର୍ଦ୍ଦେଶ ମୁତାବକ କୋଭିଡ଼ ନିୟମକୁ ନିଜେ କଡ଼ାକଡ଼ି ପାଳନ କରି ସାମାଜିକ ଦୂରତ୍ୱ ରକ୍ଷାକରୁଥିଲେ ମଧ କରୋନା ଦାନ୍ତ ଦେଖେଇ ଦେଲା ଭଳି ଲାଗୁଛି । ଘରେ ଫୁଟଣ ଫୁଟିବାରୁ ଛିଙ୍କ ହେଲେ ବି ଡରମାଡୁଛି । ଖବରକାଗଜରୁ ଜାଣିବାକୁ ମିଳିଲା ଯେ ଓଡ଼ିଶାର ଜଣେ କିଏ ତିନିମାସ ହେଲା ଘରେ ଆବଦ୍ଧ ରହିଥିଲେ ହେଁ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏକଥା ଜାଣି ସାରିଲା ପରେ ନିଜ ଉପରୁ ଭରସା ତୁଟିଯାଉଛି । ଦୋକାନରୁ ଅତ୍ୟାବଶ୍ୟକ ଜିନିଷଟେ ଆଣିବା କଥା ଉଠିଲେ ଭାବିବାକୁ ହେଉଛି ଅନେକ କଥା । ସଉଦା, ପରିବା ପତ୍ର, କ୍ଷୀର ପ୍ୟାକେଟ ବା ଟଙ୍କା ପଇସାରେ ବସି କରୋନା ବାହାରୁ ମୋ ସହିତ ମୋ ଘରଭିତରକୁ ପଶିଆସିବ ନାଇଁ ତ ?ଯଦି ପଶି ଆସିଲା କଣ କରାଯିବ ? ପରିବାପତ୍ର ବା କ୍ଷୀର ପ୍ୟାକେଟ୍‌କୁ ସିନା ସାବୁନରେ ଧୋଇଦେଇ ହବ ହେଲେ ସଉଦାପତ୍ର ଓ ଟଙ୍କା ପଇସାକୁ କଣ କରାଯିବ ? ଏ ପର୍ଯ୍ୟନ୍ତ କରୋନା ବ୍ୟାପୀବାର ରୀତିନୀତି ସମ୍ପର୍କରେ ତ କୌଣସି ଠୋସ୍ ପ୍ରମାଣ ନାହିଁ । ଆକ୍ରାନ୍ତଙ୍କ ସଂପର୍କରେ ଆସିଲେ ବ୍ୟାପୀଥାଏ ବୋଲି ସାରା ଦୁନିଆଁରେ ସାମାଜିକ ଦୂରତ୍ୱ ସଙ୍ଗରୋଧ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । କରୋନା ପାଇଁ ସାରା ପୃଥିବୀ ଆକଟାମାକଟା ହୋଇଗଲେଣି । ଅନ୍ୟଦେଶ ଅପେକ୍ଷା ଭାରତ ଭଲ ସ୍ଥିତିରେ ଥିଲା । ହଠାତ୍ ଭାରତର ରାଜନୈତିକ ହୃଦୟରେ ପ୍ରଥମ ଲହର ବେଳେ ଉଦାରତା ଜାଗି ଉଠିଲା । ସମ୍ବିଧାନର ଦ୍ୱାହିଦେଇ ରାଜ୍ୟ ବାହାରେ ଓ ଦେଶ ବାହାରେ ଥିବା ଆମ ଲୋକଙ୍କୁ ଫେରେଇ ଅଣାଯିବାର ବ୍ୟବସ୍ଥା ହେଲା । ତହୁଁ ଉଦାରତାରୁ କରୋନା ଉଧାର ସୂତ୍ରେ ମାଡ଼ିଆସିଲା । ଟିଭି, ରେଡ଼ିଓ ଓ ମୋବାଇଲ ଫୋନ୍ ଇତ୍ୟାଦିରେ ପ୍ରସାରିତ କରୋନା ଖବର ଜାଣିବାକୁ ସମସ୍ତଙ୍କର ଭାରି ଆଗ୍ରହ । ଜାଣିଲେ ଭାରି ଡ଼ର ମାଡ଼ିଲାଣି । ଦିନେ ରାତିରେ ସ୍ୱାମୀଙ୍କର ଜୋର୍‌ରେ କାଶ ହେଲା । ଘରୋଇ ଟୁଣୁକାଟୁଣୁକି ଆରମ୍ଭ କରି ଡାକ୍ତରୀ ଔଷଧ ଯାହା ଘରେ ଥିଲା ସବୁ ପ୍ରୟୋଗ କଲେ ମଧ କାଶଟା ଜମାରୁ ବନ୍ଦ ହେଲା ନାହିଁ । ତାଙ୍କ ସ୍ତ୍ରୀ ସହାୟକ ନମ୍ବର ୧୦୪କୁ ଡାକିବାକୁ କହିବାରୁ ସେହିଦିନଠୁ କାଶ ବନ୍ଦ ହୋଇଯାଇଛି । ପୁଅର ଅଭ୍ୟାସ ଥିଲା କାମ ଥାଉ ନଥାଉ ଭୁବନେଶ୍ୱରରେ ଘେରାଏ ବବୁଲି ଆସିବା । ଯଦି ସେଥିରେ ସାଙ୍ଗମେଳରେ ମୁନ୍ଦାଏ ହୋଇଗଲା ତ ଅତି ଉତ୍ତମ । ମାତ୍ର ଅମାନିଆକୁ ପୋଲିସର ଉତ୍ତମ ମଧ୍ୟମ ଦେଖିସାରିଲା ପରେ ପଡାଛକକୁ ବି ତା ଯିବା ବନ୍ଦ । କେଜାଣି ଲୁଚିଛପି ଯାଉଥିବ । ପଡିଶାଘର ଝିଅ ଯେତେବେଳେ ଦେଖି ବସି ମୋବାଇଲ ଧରି କଣ ଚଲେଇଛି । ମୋବାଇଲକୁ ଚାହିଁ ହସୁଛି । ମୋବାଇଲକୁ ଖତେଇ ହୋଇ ହସୁଛି । ବିକୃତ ମୁହଁକରି ବା ଅଳସୀକନ୍ୟା ଠାଣିରେ ମୋବାଇଲକୁ କଣେଇ ଚାହୁଁଛି । ପଚାରିଲେ କହୁଛି ଅନ୍‌ଲାଇନରେ କ୍ଲାସ କରୁଛି । ନିତ୍ୟ ବ୍ୟବହାର୍ଯ୍ୟ ଜିମିଷ ଓ ପରିବା ପତ୍ରର ଦାମ୍ ବଢ଼ି ବଢ଼ି ଚାଲିଲାଣି । ଚାଷୀ ମୁଣ୍ଡରେ ଚଡ଼କ ଓ ଖାଉଟୀ ମୁଣ୍ଡବି କୋଉଦିନ ଘରଦୁଆର ମୁହଁରେ କୋଭିଡ୍ ନୋଟିସ୍ ଟଙ୍ଗା ହୋଇଯିବ ତ କଥା ସରିଲା । ଜଣଙ୍କ ପରିଶ୍ରମ ଓ ରୋଜଗାରରେ ଚଳୁଥିବା ପରିବାର ଏକାଥରେ ଭାସିଯିବ ରସାତଳକୁ । ସେଥିପାଇଁ ଜାଣିବାଶୁଣିବା ଲୋକ କାହାରି ମୁହଁରେ ସରସତା ନାହିଁ, ମନଭିତରଟା ଗୋଳେଇ ଘାଣ୍ଟି ହେଉଛି ଖାଲି । ଖାଇବା, ପିଇବା, ବୁଲାବୁଲି କରିବା କାହାକୁ ଭେଟିବା ସବୁକିଛି ବନ୍ଦ ହୋଇଗଲା । ଚାରିକାନ୍ଥ ଭିତରେ କେତେ ବସି ବନ୍ଦୀ ଜୀବନ ଜୀଇଁହବ । ଦିନେ ଅଧେ କଥା ନିଆରା ହଇଓ ମାସମାସ ହେଇ ଦି'ବର୍ଷ ହେଲାଣି ଏଇ କରୋନା ପାଲା ଚାଲିଛି । ଗୋଡ଼ ହାତ, ମନ ଓ ବୁଦ୍ଧି ସବୁକିଛି କୋଢ଼ିଆ ହୋଇଗଲେଣି । ସେଥିରେ ଅକ୍ଟୋବର ମାସରେ କରୋନାର ତୃତୀୟ ଲହର ଆସିବ । ତୃତୀୟ ଲହର ଆସି କାଳେ ଅନ୍ୟଦେଶରେ ବ୍ୟାପୀଲାଣି । ଗତଥର

ଏମିତି ପ୍ରଥମ ଲହର ଆସିଲା। ଚଳାଚଳ ଉପରେ ରୋକ୍ ଲାଗିଲା। ମାତ୍ର ନୂଆବର୍ଷ ୨୦୨୧ ତା ବାଟରେ ଆସିପହଞ୍ଚିଲା। ମଦ, ମାଂସ, ଅଭିନନ୍ଦନ, ପାର୍କ ପିକ୍‌ନିକ୍ ବାଟଦେଇ ପ୍ରତିବର୍ଷ ନୂଆବର୍ଷ ଆମ ଏଠିକି ଆସେ। ଏବେ ତ ଅସୁବିଧା। ତେବେ ଉତ୍ସବ ମନେଇବା ବନ୍ଦ ନାହିଁ। ତେଣିକି ଯାହା ହେଉଛି ହେଉ। ଭିତରେ ଭିତରେ ସବୁ ଚାଲିଛି। ଦ୍ୱିତୀୟ ଲହରର ପ୍ରଭାବୀ ମୃତ୍ୟୁ ବିଭୀଷିକା ଏଯାଏ ସରିନାହିଁ। ତୃତୀୟ ଲହର ପରେ ଚତୁର୍ଥ ନାହିଁ ତ ?

ସତରେ ଭାବିଲେ ଦେଖି ଜୀବନଟା ଜୀଇଁବା କେତେ ଜଟିଳ ହୋଇଗଲା। ଏ ଲକ୍‌ଡାଉନ୍ ଇତ୍ୟାଦି ସରକାରୀ କଟକଣା କିଛିଟା ବଞ୍ଚେଇ ଦେଉଛି। ନହେଲେ ଏ ଅମାନିଆମାନ ଯେମିତି ହଉଛି ନା ଖୁବ୍ ବ୍ୟାପୀଯିବ। ହଠାତ୍ ଜ୍ୱର ଆସିବ। ଗଳା ଦରଜଲାଗିବ, ନିଶ୍ୱାସ ନନବାରେ କଷ୍ଟ ହେବ। ତାପରେ କୋଭିଡ଼ ପରୀକ୍ଷାର ଦିନ ଆସିବ। ଏଥର ଘୋର ଦୁଶ୍ଚିନ୍ତାର ଦିନସବୁ। କେଭିଡ଼ ପରୀକ୍ଷା ଫଳ ନକାରାତ୍ମକ ହେଲେ ରକ୍ଷା ନହେଲେ ସକାରତ୍ମକ ହେଲେ ରିପୋର୍ଟ ଯିବ ପ୍ରଶାସନ ପାଖକୁ। ସେଇ ଅନୁସାରେ କୋଉ ଡାକ୍ତଖାନାରେ ଚିକିତ୍ସା କରାଯିବ ସ୍ଥିର ହେବ। ତାପରେ ଆମ୍ବୁଲାନ୍ସ ଆସିବ କଲୋନୀ ଭିତରକୁ। କଲୋନୀ ଲୋକେ ତୁମକୁ ନେଇ ଚୁପୁରୁଚାପୁର ହେବେ। କବାଟ ଫାଙ୍କରେ ଚାହିଁବେ ତୁମକୁ। କିଛି ଲୋକ ତୁମ ସମ୍ପର୍କରେ କିଛି ଟିପ୍‌ପଣୀ ବି ଦେବେ। ଏତିକିବେଳେ ଆବଶ୍ୟକ ଲୁଗାପଟା ନେବା ପାଇଁ ଆମ୍ବୁଲାନ୍‌ସ ବାଲା କହିବ। ନିଜ ଘରଲୋକ ସେତେବେଳେ ତୁମକୁ ଆଖିପୁରେଇ ମନଭରି ଦେଖି ନେବେ। ହୁଏତ ଶେଷଥର ପାଇଁ ତୁମକୁ ଛୁଇଁବେ କି ନା ଦ୍ୱନ୍ଦରେ ରହିବେ। ଏଇ ସମୟକୁ ତୁମେ ଓ ସାରାପରିବାରର ଚିନ୍ତା ବଢ଼ିଯାଇଥିବ। ଆମ୍ବୁଲାନ୍‌ସ ଏଥର ଗଡ଼ିବ। ତୁମ ଆଖିରେ ସେତେବେଳେ ଲୁହ ଜକେଇ ଆସିବ ଓ କିଛି କହିବାକୁ ଚାହିଁଲାବେଳେ ପ୍ରଶାସନ ଗାଡ଼ିକୁ ନିର୍ଦ୍ଦେଶ ଦବ ଚାଲିବାକୁ। ଆମ୍ବୁଲାନ୍‌ସର ଦରୱାଜା ବନ୍ଦ ହେବ। ସାଇରନ୍ ବଜାଇ ଗାଡ଼ି ଚାଲିବ ଡାକ୍ତରଖାନା ଦିଗରେ। ସେତେବେଳେ ଘରଲୋକେ ଚିନ୍ତା କରିବେ ଯାପରେ କାହା ନମ୍ବର ପଡ଼ିବ। ତାପରେ କଲୋନୀବାଲା ଘରୁ ପଦାକୁ ମୁହଁ କାଢ଼ିବେ। ତା'ପରେ ସେ କଲୋନୀକୁ ସିଲ୍ କରିଦିଆଯିବ ଚଉଦ ଦିନଯାଏ। କଲୋନୀବାସୀ ତାଙ୍କର ଏ ଅବସ୍ଥା ପାଇଁ ତୁମକୁ ଦାୟୀ କରିବେ। ତୁମକୁ ନେଇ ସଂସର୍ଗ ସଂକ୍ରମଣର ତାଲିକା ତିଆରିହେବ। ତୁମପାଇଁ କେତେ ଲୋକ ହଇରାଣ ହେଲେ ମେଡ଼ିକାଲରେ ଥାଇ ସେ ଚିନ୍ତା ତୁମର ନଥିବ। ଦିନକୁ ଦିବେଳା ଜୀବନପଯୋଗୀ ଖାଦ୍ୟ ସହ ଆନୁଷଙ୍ଗିକ ଖାଦ୍ୟ, ଜଳ ଓ ଔଷଧରେ ତୁମ ଦିନ କଟିବ। ତାପରେ ଆଖି ସାମ୍ନାରେ ଥିବ ଖାଲି କାନ୍ଥଟେ। ସେଥିରେ ଦେଖାଯିବ ଅତୀତ ଓ ଭବିଷ୍ୟତ। ଏଇଠି ଦେଖାଯିବ ଯେବେ ସବୁ ଖରାପ ସ୍ୱପ୍ନ। ଏବେ ଯଦି ତୁମେ ସୁସ୍ଥ ହେଲ ତ ଠିକ୍ ଅଛି। ତାହାପୁଣି ଲାଗି ଲାଗି ତିନିଟା ଟେଷ୍ଟ ରିପୋର୍ଟ ଯଦି ନେଗେଟିଭ୍ ହୁଏ। କିନ୍ତୁ ଯଦି ଚିକିତ୍ସିତ ଅବସ୍ଥାରେ କିଛି ଅଘଟଣ ଘଟିଯାଏ ତ ସେ ସୁନ୍ଦର ଶରୀରଟାକୁ ପ୍ଲାଟିକ୍ ଘୋଡ଼ଣୀରେ ରଖି ସତ୍କାର ପାଇଁ ନିଆଯିବ। ଏପରିକି ସେ ଶରୀରକୁ ଗୋଟେ ନେଟ୍ ସାର୍ଟିଫିକେଟ ମିଳିବ। ତାହା ପୁଣି ଅନ୍ତିମ ସଂସ୍କାର ପାଇଁ କେବଳ ଆବଶ୍ୟକ ଥିବାରୁ। ତା ପରେ ତୁମେ ନଥିବ ଶୁଣିବାକୁ ଯେ ଲୋକେ କଥା ହେଉଥିବେ ଆହା ବିଚରା ଚାଲିଗଲା। ଭଲ ଥିଲା। କ'ଣ ହେଲା ? ତାପରେ ଖୋଳ ପର୍ବତ ମାର ମୂଷା ପର୍ଯ୍ୟନ୍ତ ଆରମ୍ଭ ହେବ ଖୋଳତାଡ଼। ତୁମେ ଯେଉଁ ଦୋକନକୁ ବା ଯାହାପାଖକୁ ଯାଇଥିବ ସେମାନଙ୍କ ତାଲିକ କରାଯିବ ଓ ସେମାନଙ୍କୁ ଚଉଦ ଦିନିଆ ସଙ୍ଗରୋଧ ଦଣ୍ଡମିଳିବ। ସେ ଭିତରୁ ଯଦି କେହି କରୋନାଧାରୀ ବାହାରିଲେ ସେମାନେ ତୁମପାଇଁ କଷ୍ଟ ପାଇଲେ କହିବେ। ଯଦି କିଏ ସେ ଭିତରୁ ଇହଲୀଳା ସମ୍ବରଣ କଲେ ସେଥିପାଇଁ ତୁମେ ହିଁ ଦାୟୀ ରହିବ ସବୁଦିନ ପାଇଁ। ୨୦୨୧ ନୂଆବର୍ଷ ପୁରୁଣା ହେଉ ନ ହେଉଣୁ କରୋନାର ନୂଆ ରୂପ ଚିନ୍ତା ବଢ଼ାଇଲାଣି। ଏମିତି ଆଉ କେତେଦିନ ? ଆସନ୍ତା ୨୦୨୨ ନୂଆବର୍ଷ ଯାଏ ଯଦି ସେ ଦୈବୀ ନାଟକ ଚାଲିବ ଲୋକେ କହିବେ ବିଶ୍ୱର ରକ୍ଷକ ଈଶ୍ୱରଙ୍କୁ ଯେ 'ଆଉ କେତେଦିନ' ? କାରଣ ୨୦୨୦ ମସିହାର ରଥଯାତ୍ରା ଓ ୨୦୨୧ ରଥଯାତ୍ରା ବିନା ଦଉଡ଼ି ଛୁଇଁବା, ଶରଧାବାଲିରେ ରଥ ଟାଣିବା ଓ ରଥ ଉପରେ କାଳିଆ ଦର୍ଶନ ପ୍ରତ୍ୟକ୍ଷଭାବେ ବନ୍ଦ ହେବାଟା ସାରା ଓଡ଼ିଶାକୁ ଖୁବ୍ ବାଧୁଛି। ପ୍ରାଣକୁ କଷ୍ଟ ହେଲାଣି ଜୋର୍‌ରେ। ଆଉ କେତେ ଦିନ ? ସତରେ ଆଉ କେତେ ଦିନ।

ଶ୍ରୀକ୍ଷେତ୍ର ଭକ୍ତ ନିବାସ, ପୁରୀ
ମୋ - ୯୪୩୭୨୯୦୬୭୮

କବିତାୟନ



# ମାହେଶ୍ୱରୀ

*ଡ. ଫନୀ ମହାନ୍ତି*

କୋଉ ଅବର୍ଣ୍ଣ ବର୍ଣ୍ଣରେ ବର୍ଣ୍ଣିବି
ଦରଫୁଟା ନୀଳ କଇଁପରି କୋମଳ
ଦିଶୁଥିବା ତୁମ ଅପରୂପ
ରୂପର ଲାବଣ୍ୟ ?
କୋଉ ରୀତିନୀତି ଶୁଦ୍ଧପୂତ ପୂଜା
ପ୍ରାର୍ଥନାରେ ଅନୁଗତ ଭକ୍ତପରି
ଆରାଧନା ତମ ଆବାହନ ?
ତୁମ କୃଷ୍ଣନୀଳ ଘୂର୍ମନ୍ତ କବରୀ
ନିଷ୍କଳ ଦିଗଶୁ ଆକାଶେ ଯେଉଁ
ଆରମ୍ଭ ପୁଣି ନୂଆ
ଏକ ପ୍ରେମର ସାମ୍ରାଜ୍ୟ ।
ତୁମେ ତ ଅପାପବିଦ୍ଧା ଅକାୟା
ଅବ୍ରଣା, କଳ୍ପନାର ଆଦ୍ୟ ଉତ୍ସ ତମେ
ରହସ୍ୟରେ ପରିପୂର୍ଣ୍ଣ ରସୋତ୍ତୀର୍ଣ୍ଣ
ଭାଷାର ବ୍ୟଂଜନା
ହୀରକ ଖଚିତ ଝିଲିମିଲି ମେଘମାଳା
ତୁମ ପିନ୍ଧା ରନ୍ ଓଡିଆଣୀ ଶାଢିତ
ଉତ୍ତରୀ, ବର୍ଣ୍ଣୋଜ୍ଜ୍ୱଳ ଇନ୍ଦ୍ରଧନୁ
ଝକମକ ଅପାସୋରା ମଣି ।
ମାୟା ମେଘ ଖଂଡେ ଭଳି ତମେ
ସାରା ଆକାଶରେ ବ୍ୟାପ୍ତ, ବିକ୍ଷୁବ୍ଧ
ବିଶ୍ୱର ତମେ କଳକଳ
ଛଳଛଳ ଶୀତଳ
ମଧୁର ପ୍ରପାତ ।
ସାଧକର ସିଦ୍ଧି ତମେ
ପୁଷ୍ପର ସୁଗନ୍ଧ ତମେ
ପ୍ରେମ ଓ କରୁଣାର
ଚଳଂତି ପ୍ରତିମା ।

କାବ୍ୟ-କବିତାର ଆତ୍ମା
ତମେ, ସପ୍ନ ଓ କଳ୍ପନାର
ଛନ୍ଦତାଳ ଲୟ ତମେ
ଆଦ୍ୟ ଆଷାଢର ବାରିପାତ
ତମେ ଅଶାଂତ
ସାଗରର ଶାଂତ କାଂତ
ଅନଂତ ନୀଳିମା ।
ତମ ବିକୀର୍ଣ୍ଣ କେଶରାଜିର
ରେଶମ ଫାଶରେ ଆଜୀବନ
ଗୃହବନ୍ଦୀ ମୋର
ଟଳମଳ, କର୍ମ ଅବଳକୁ
ଯେ ବାୟା ରାଜ୍ୟ
ତମ ଗର୍ଭଗୃହେ
ନିବାଡ ଅଂଧାରେ କ୍ଷଣୁକ୍ଷଣ
ଲୀନ ପଳପଳ ।
କେମିତି ବର୍ଣ୍ଣିବି ତୁମକୁ
ଯେଉଁଠାରେ ସ୍ୱପ୍ନ ଓ କଳ୍ପନାର
ସୀମାରେଖ ଶେଷ
ସେଇଠୁ ହିଁ ତମର
ଆରଂଭ ଓ ମୋର
ଅଂତିମ ମହାଯାତ୍ରା ଶେଷ ।।

୯୦୬

# ଅକାଳ

*ଉମାକାନ୍ତ ମହାପାତ୍ର*

ସ୍ୱାଭାବିକତାରୁ ଦୂରେଇ ଯାଇ
ଆମେ ଏବେ ଅନ୍ଧମୁହାଣିରେ ।
ପ୍ରକୃତି ଆଉ ପ୍ରବୃତ୍ତିରୁ
ସାଉଁଟି ନେଇଛୁ ସବୁତକ
ପ୍ରାଣ ଓ ପ୍ରାଚୁର୍ଯ୍ୟ
ଅଣଦେଖାକରିଛୁ ଆପଣାକୁ
ମାଟିର ମୁଗ୍ଧ ମନ୍ମୟ ଆବେଦନକୁ
ଅତି ନିର୍ଦ୍ଦୟ ଭାବରେ ।
ଅସୂୟାର ବୀଜ ପୋତି
ସମ୍ପାତି ନେଇଛୁ
ଯାବତ୍ ଅବିବେକିତା
ଯା' ଏବେ ପ୍ରଚ୍ଛନ୍ନ ପ୍ରାଞ୍ଜଳ
ସାରା ଦିଗନ୍ତରେ
ବିଷମୟ ସଂକ୍ରମଣ ପରି
ଜଗତରେ ବିଷଣ୍ଣ ବ୍ୟାକୁଳ
ଜୀବନ ମୃତ୍ୟୁରେ ।
ଯଦିଓ ବିଜୟର ଶଂଖନାଦ ଶୁଭୁନାହିଁ
ଶାଖାହୀନ, ଶିଖା ମ୍ଳାନ
କ୍ଷୀଣ ଓ ଶୀର୍ଣ୍ଣ
ଶିଥିଳ ବି ମାର୍ମିକ ମଳିନ ଆଶା
ପ୍ରତି ହୃଦୟରେ ।
ମୃଣ୍ମୟ ଆବେଗଟିଏ
ଜିଇ ଜିଇ ନିଃଶେଷ ହେବାକୁ ଲାଗେ
କାଳନେମୀ ଅକାଳ ଆତୁରେ
ସମୟର ବ୍ରୀଡା ଭାଙ୍ଗି ଅସହନ
ମୁହୂର୍ତ୍ତଟିଏ ଚେଇଁ ଉଠେ
ମରଣ ଦୁଆରେ ।
ଜୀବନକୁ ଫେଡିବାର
କଳା ଓ କୌଶଳ ସବୁ ଜଣା ତାକୁ
ଦଣ୍ଡ ଓ ଦାମ୍ଭିକତା ପରି
ନିରନ୍ତର ପ୍ରଳୟ ପର୍ବରେ ।
ଯା' ଗତିଶୀଳ ଚିରନ୍ତନ
ଆପଣାର କର୍ମ ସାରଣୀରେ ।
ବିଜୟର ବୈଜୟନ୍ତିକା ସେ
ମହାସ୍ରୋତ ମହାପ୍ରଳୟର
ମହାମାରୀ ପରି ମାଡିଯାଏ
ସଂସାର ସାଗର ।
ବିଜୟର ଟୀକା ପିନ୍ଧି
ଆମେ ସବୁ ପ୍ରମତ୍ତ ପାଗଳ
କରୁଣାର କରୁଣ କାଳରେ
ମାୟାର ପାଚେରି ଭାଙ୍ଗି
ଉଭା ହୁଏ ଚରାଚର
ବିନା ସଂକେତରେ ।
ଜୀବନର ବାଜିଟିଏ
ହାରିବାକୁ ଲାଗେନାହିଁ ଡେରି
ଯାବତ୍ ବନ୍ଧନ କାଟି କ୍ଷଣିକରେ
ଜୀବନ ବି ଜତୁଗୃହେ ଜଳିଯାଏ
ମରଣର ବିଜୟ ଉଲ୍ଲାସ ପରି
କାଳର ମର୍ଜିରେ ।
ଅକାଳ ଚହଟୁଥାଏ
ନିଆଁର ଡହକ ପରି
ଅଜଣା ଓ ଅଛବ ମୁଦ୍ରାରେ !!

ଉଦୟରାଗ କମ୍ପ୍ଲେକ୍ସ, ବଳିଆପଣ୍ଡା, ସିପସରୁବାଲି,
ପୁରୀ- ୭୫୨୦୦୧
ମୋ - ୯୨୩୮୫୯୨୪୯୨, ୭୦୦୮୪୪୮୯୦୭

# କରୋନା ଯିବ ତ ଦୂରେଇ

*ହଂସନାଥ ମୁଦୁଲି*

ସରସ ସୁନ୍ଦର  ଦୁନିଆ ଭିତରେ
ଜୀବନ ସୁନ୍ଦର ଭାରି
କେଉଁଠୁ ଆସିଛି କରୋନା ରାକ୍ଷସ
ସାଜୀ ଜୀବନ ବଇରୀ ।
ମାନବ ସମାଜ ପାଇଁକ କି କାଳଟେ
ଲଗାଇ ଦେଇଛି ଭୟ
ଟିକିଏ ଛୁଆଁରେ ଗୋଟିଏ ଡିଆଁରେ
ଆସିବା କରୁଛି ଥୟ ।
ଗୋଟିଏ ଦେଶ କି ଦୁଇଟି ନୁହଁଇ
ସାରା ବିଶ୍ୱ ଆଜି ସିଏ
ଆଁଟେ କରିସେ ମାଡ଼ି ଚାଲିଅଛି
ଏପଟୁ ସେପଟ ଯାଏ ।
ଏମିତି ରୋଗଟେ ଯାହା ପାଇଁ ଆଜି
ଔଷଧ ବାହାରି ନାହିଁ
ତା' କବଳରୁ ରକ୍ଷା ପାଇବାଟା
କଠିନ ସେଇଥି ପାଇଁ ।
କରୋନାକୁ ଏଠୁ ହଟାଇ ଦେବାକୁ
ଗୋଟିଏ ଉପାୟ ଏବେ
ନିଜକୁ ଅନ୍ୟଠୁ ଦୂରେଇ ଦୂରେଇ
ରଖି ପାରିବା ତ ଯେବେ ।

ଜଣଙ୍କଠାରୁ  ଏ ଛୁଆଁ ଛୁଇଁ ଦ୍ୱାରା
ଅନ୍ୟର ଦେହକୁ ଯାଏ
ହାତ ମିଳାଇବା ଅବା କୋଳାଇବା
ବେଳେ ଏହା ବ୍ୟାପିଥାଏ ।
ଛିଙ୍କ, କାଶ ବେଳେ ବାୟୁ ମଣ୍ଡଳରେ
ଭୂତାଣୁ ବା ଆସେ ଉଡ଼ି
ସେହି ପାଖାପାଖି ଆଉ ଯିଏ ଯାଏ
ତା ଦେହକୁ ଆସେ ମାଡି ।
ସଂକ୍ରମିତ ରୋଗୀ ଯେଉଁ ଚିଜ ପରେ
ପରଶ ତା ଦିଏ ରଖି
ସେଇଠି ଭୂତାଣୁ ତା' ଅଜାଣତେ
ରହି ଯାଇଥାଏ ଲାଖି
ଆଉ ଯେଉଁ ଜନ ସେ ଚିଜକୁ ଛୁଏଁ
ହୋଇଯାଏ ସଂକ୍ରମିତ
ସେଇଥି ପାଇଁ ତ ଦୂରେଇ ରହିବା
ବେଳେ ବିପଦ ମୁକ୍ତ ।
ସାବୁନ ଲଗାଇ ବାରମ୍ବାର ହାତ
ଧୋଇବା ଜରୁରୀ ଏଠି
ପାଟି, ନାକ, ଆଖି ସହିତ ମୁହଁକୁ
ନ ଯାଉ ହାତ ଯେ ଉଠି ।

ଜନ ସମାବେଶ ବାରଣ ତ ଲୋଡା
ରୋଗ ହଟାଇବା ଲାଗି
ସେଇଥି ପାଇଁତ ହାଟଘାଟ ଗଲେ
ଚଳିବାକୁ ହେବ ଜଗି ।
ସ୍ୱାସ୍ଥ୍ୟ ସମ୍ବଳିତ ନିୟମ ମାନିବା
ସଭିଙ୍କ ପାଇଁ ଜରୁରୀ
ନିଜ ଚାରିପାଖ ନିଜେ ସଫାରଖି
ଏ ବିପଦୁ ହେବା ପାରି ।
ବିନା କାରଣରେ ବାହାରେ ନ ବୁଲି
ଘର ଭିତରେ ରହିବା
ନିଜ ପରିବାର ସୁରକ୍ଷା ସଜାଡ଼ି
ଅନ୍ୟକୁ ବତାଇ ଦେବା ।
କାହାଠାରେ କେବେ ଦିଶିଲେ ଲକ୍ଷଣ
ଡାକ୍ତର ଖାନାକୁ ନେବା
ସମାଜର ହିତେ ଡାକ୍ତର ଖାନାର
ନିୟମ ଯେ ପାଳୁଥିବା ।
ଜମା ନ ଡରିକି ସତର୍କତା ଯେତେ
ମାନୁଥିଲେ ସବୁବେଳେ
ଏକ ମନ ହୋଇ ଚଳାଇଲେ ଯୁଦ୍ଧ
କରୋନା ଯିବ ତ ଦୂରେ

ଖଣ୍ଡଗିରି(ଡୁମୁଡୁମା ଛକ)
ଭୁବନେଶ୍ୱର-୭୫୧୦୩୦
ମୋ:-୯୭୭୭୯୬୮୭୧୯

୫୦୦୫

# କରୋନାର କରୁଣ ବିଭାବନା

*ସୁଜାତା ସିହ୍ନା*

କରୋନା
ମନର ଦୁର୍ଭାବନା ପରି
ଉଭାହେଲା, ଭଲହେଲା
ଅନ୍ତତଃ ଏ ଦୁନିଆକୁ
ଭଲକରି ଚିହ୍ନିବାର
ସୁଯୋଗଟେ ଦେଲା
ସମ୍ପର୍କର ସବୁ ଖିଅ ଗୁଡ଼ିକୁ
ଗୋଟିଏ ମଙ୍ଗରେ ଧରାଇ ଦେଇ
ଜୀବନର ଭେଦ ବତାଇଲା ।

ରଙ୍ଗମଞ୍ଚ ଏବେ ଖାଲି,
କଳାକାର ଶୂନ୍ୟ, କୋଳାହଳମୟ
ସଂସାରରେ ଗୋଟେ
ଅହେତୁକ ଭୟର ଉଦୟ ।

ସବୁ ସମ୍ପର୍କ ମୂଲ୍ୟହୀନ
ବ୍ୟବଧାନ ସୀମାହୀନ
ପିତା-ପୁତ୍ର, ଜାୟା ଓ ସୋଦର ସବୁ
ସ୍ୱାର୍ଥପର, ଆପଣା ହିତରେ
ଖାଲି ଯାହା ଲୁହ ପୋଛି
ବୋକ ଦେଇ
କରୁଥାନ୍ତି କରୋନା ବାହାନା
ସବୁ କିଛି ଅଳିକ ବଞ୍ଚନା
ନୀଳ ପ୍ରବଞ୍ଚନା ।

କରୋନା ଆଜି ଅଛି
କାଲି ଚାଲିଯିବ
ମାୟାର ସମ୍ପର୍କ ସବୁ / ଆପେ ଆପେ ଆପଣାର
ରଙ୍ଗ ପୋଛି, ମୁଖା ଖୋଲି
ଚିହ୍ନା ପଡିଯିବ
ଗର୍ବ ଓ ଗୁମାନ ସବୁ
ଧୂଳିପରି କାହିଁ ଚାଲିଯିବ ।
ବଳ ଓ ବୟସ
କାଲିର ଅନ୍ଧାର ସବୁ
ପ୍ରକାଶ ଦେଖିବ ।

କରୋନା ତ ଫେରିଯିବ
ଅଫେରା ରାଜ୍ୟକୁ
ଏ ଛିଣ୍ଡା ସମ୍ପର୍କ ସବୁ
ସେଇମିତି ମଳି ପରି
ମୂଲ୍ୟହୀନ ହେବ
ଆଉ କେବେ ଯୋଡି ତ ନହେବ ! !

ଦଳ ନଈ, ବନ୍ତଳୀ ଗ୍ରାମ, ପୁରୀ
ମୋ-୮୬୩୭୨୯୫୭୮୮

୫୦୯

# ବିପତ୍ତିରୁ ନୂତନ ସୂତ୍ର

*ଶ୍ୟାମାପଦ ଚାଟାର୍ଜୀ*

କେବେ ଆସି ବାତ୍ୟା
ଭାଙ୍ଗି ଦେଇଅଛି
ସମାଜର ମେରୁଦଣ୍ଡ,
ହେଲେ ଏ ସମାଜ
ଅଣ୍ଟାକୁ ସଳଖି
ପୁଣି ଟେକିଛି ତା ମୁଣ୍ଡ ।

ଧୂଳିରେ ମିଶାଇ
ଅଟ୍ଟାଳିକା କେତେ
ରଚିଛି ଧ୍ୱଂସର ଲୀଳା,
ତଥାପି ମଣିଷ
ଛାଡିନି ବିଶ୍ୱାସ
ରଖିଛି ଆଧାର ଶିଳା ।

ହଜାର ହଜାର
ଜୀବନ ନେଲେ ବି
ବଞ୍ଚିଗଲେ ଯେଉଁ ଲୋକ,
ପରିସ୍ଥିତି ଆଗେ
ନୋଇଁଲେନି ମଥା
ବାଣ୍ଟିଲେ ନୂଆ ଆଲୋକ ।

ଗଢିଦେଲେ ପୁଣି
ନୂଆ ଅଟ୍ଟାଳିକା
ହାତରେ ମିଶାଇ ହାତ,
ମୃତ୍ୟୁ ଶୋକ ଧୀରେ
ଭୁଲିଯାଇ ପୁଣି
ଗାଇଲେ ସୁରକ୍ଷା ଗୀତ ।

ଭବିଷ୍ୟତେ ଏହି
ବିପତ୍ତି ସହିତ
କରିବାକୁ ମୁକାବିଲା,
ଆବିଷ୍କାର କଲେ
ସୁରକ୍ଷା କବଚ
ବିପତ୍ତି ବି ଡରିଗଲା ।

ଯେବେ ଯେବେ
ଏହି ପୃଥିବୀ ବୁକୁରେ
ଆସେ ଏପରି ବିପତ୍ତି,
ଶିଖାଏ ଆମକୁ
ଲଢିବାର କେତେ
ନୂଆ ନୂଆ ରଣନୀତି ।

ହୁଏ ତ ବିପତ୍ତି
ଆଣଇ ଦୁର୍ଗତି
ଖଟାଇ ସବୁ ତା ଶକ୍ତି,
ସେଥିରୁ ଜନମେ
ବିଜ୍ଞାନୀର ଜ୍ଞାନ
ଆଉ ଭଗବତ ଭକ୍ତି ।

ଦୈବୀ ଦୁର୍ବିପାକ
କରି ଦେଇଯାଏ
ବିଶ୍ୱାସକୁ ଆମ ଦୃଢ,
ନୂଆ ନୂଆ ତଥ୍ୟ
ଆବିଷ୍କାର ପାଇଁ
ଚିନ୍ତାରେ ଆଣେ ସେ ମୋଡ ।

ନାସ୍ତିକକୁ ତାହା
ଆସ୍ତିକ ବନାଇ
ମନ୍ଦିରେ ଲଗାଇ ଭିଡ,
ଭକ୍ତର ଶକତି
ବନାଏ ଏମିତି
ଭାଙ୍ଗେ ସେ ଭୟର ବାଡ ।

ଧ୍ୱଂସ ତ ଅଟଇ
ନୂତନ ସୃଷ୍ଟିର
ଗୋଟିଏ ବାଟ କେବଳ,
ଫୁଲ ଯଦି ନଷ୍ଟ
ନ ହେଉ ଥାଆନ୍ତା
ପାଆନ୍ତେ କି ଆମେ ଫଳ ?

ସତ୍ୟନଗର, ଭୁବନେଶ୍ୱର
ମୋ-୮୨୪୯୪୩୬୦୪୪

ꠀ୦ଓ

# କୋଭିଡ-୧୯

*ଇଂ ମୀନକେତନ*

ଭୂତାଣୁ ଜାଳୁଥିଲା ନିଆଁ ଚୁଲିମୁଂଡେ
ପୃଷ୍ଠା ପୃଷ୍ଠା ଜଳୁଥିଲେ ଶ୍ୟାମଳ ସ୍ୱପ୍ନମାନେ ରଡନିଆଁରେ
ହାଂଡିରେ ଫୁଟୁଥିଲା ପାଣି
ନଉତେ ଚାଉଳ ପାଇଁ ବାବୁଆଣୀଂକ ପାଦତଳେ
ଲଂବଲଂବ ଶନିଆ
ଚାରିଆଡେ ତାଲାବନ୍ଦୀ......କର୍ଫ୍ୟୁ
ଶୂନଶାନ ସହରଟା
ନିଶ୍ଚଳ କୁଂଭୀର ପରି
ଖରା ପୋଉଁଛି ବେଳାଭୂଇଁରେ
ଭୋକ କୋରି ଖାଉଚି ପେଟ
ହେଲେ ଭାତ ସିଝିଲେ ତ....।

ମୁଂଡରେ କଳଂତର ସୁଧ
ଶିରା ପ୍ରଶିରା ଲୋମମୂଳ ପର୍ଯ୍ୟନ୍ତ ଲଂବିଚି
ସୁଧର କଳଦଉଡି
ଫିଂ’ ସାଲ ଗଉଣିରେ ମାପିଦିଏ ଶନି
ମେଢିମୂଳେ......
ଜଗନ୍ନାଥ...ଦୁଇ...ତିନି...ଏଇମିତି
ଶହେ ପର୍ଯ୍ୟନ୍ତ ଗଣିଯାଏ
ଖୋଲା ମଣିଷଟା କପଟ ଜାଣେନା
କପାଳରୁ ସରାଏ ଲୁଣିଆ ଝାଳପୋଛି
ବାବୁଆଣୀଂକ ନାଲିଆଖି ତଳେ
ଶନିଆ ପଢେ ପାଠ
ଦେଖେ ଚୁଲିମୁଂଡର ରଡନିଆଁ ଭିତରେ

ସାତ ପ୍ରାଣୀଂକ ଭୋକ
ଗଉଣୀ ମୁହଁ ମଡାଇ ରଖେ
ମାଣ ପାଇଁ ମାଗିଆଣେ ମୁଠେ ସଜଧାନ
ହଲପ କରେ
ଲଂବ ହୋଇ ମୁଂଡିଆ ମାରେ ବାବୁଆଣୀଙ୍କୁ
ସେଥା ସେଥା ଆଖି ଦି’ଟା ପିଇଯାଏ
ଆଂଜୁଳା ଆଂଜୁଳା ଲୁହ
ବାବୁଆଣୀ ମୁହଁମୋଡି ଚାଲିଯାଂତି ଧପାସି
ଫେରିଆସେ ଏକମୁହାଁ ଶନିଆ
ରାତିକ ପାଇଁ ସଜାଡିବାକୁ ସଂସାର ।

ବେଳେବେଳେ ସ୍ୱପ୍ନ ଦେଖେ ଶନିଆ
ବାବୁଆଣୀଂକ କଲିଜା
କେତେ ମିଠା ହୋଇ ନଥିବ ସତେ ?
ଯିଏ ଡାଉଁସ ଦେହରୁ ପିଇଯାଂତି ରକ୍ତ
ପୁଣି ଗଂଗାଜଳ ପରି ପବିତ୍ର
ସକାଳୁ ସଂଜଯାଏ ଶହେ ମୁଂଡିଆ
ଶନିଆ ଭାବେ
ଏହି ଗଂଗାତ ଏବେ ବୋହୁଚି ମଣିଷ ମଡା
ଭୂତାଣୁ ଆକ୍ରାନ୍ତରେ କେତେ ଛଟପଟ
ଡୋଳା ଲେଉଟାଇଥିବା
ତା ପରି ମୁର୍ଦାର ମାନେ ତ
ଏବେ ମୋକ୍ଷ ପାଉଚଂତି
ସେ ପବିତ୍ର ଜଳରେ ॥

ସର୍ବୋଦୟ ନଗର, ପୁରୀ - ୭୫୨୦୦୨

୬୦୯

# ଲକ୍‌ଡାଉନ୍

*ସୁବ୍ରତ କୁମାର ଦାସ*

ଆତଂକ ଶୋଷି ଲାଗିଛି
ଅଲୁଳାୟିତ କେଳାହଳ ।

ଥଣ୍ଡାରୋଗୀର କାଶ ପରି
ପି.ସି.ଆର କି ଆମ୍ବୁଲାନ୍‌ସର
ସାଇରନ୍
ଅମୀମାଂସିତ ଉପଚାର
ଯାହା ।

ଧୂଳିଧୂଆଁ ଆକ୍ତାମାକ୍ତା
ଫୁର୍ସତହୀନ ଦୌଡ଼
ଏକବାରେ ଥମ୍
ସଘନ ସଂପର୍କରେ ବିବଶତାର ବେଢ଼ି
ଲାଗୁଚି ସମୟ ଥ' ।

ଅନନୂଦିତ ପୀଡ଼ାକୁ
ସାଇତିବାକୁ ଯାଇ
ବିକଳ ମୁଁ ।

ଅଘାଟରେ ନଈପାରିର
ବିବଶ ଦୃଶ୍ୟ
ଅଥୟ... ଅଥୟ ।

ପିଢ଼ି, ପିତୃତ୍ୱ, ଅହଂକାରର
ଦୂରତ୍ୱରୁ 'ହାଇଫେନ' ଉଠେଇ
ଏବେ ଲୁଡୁଦାନ ଭିତରେ
ଗୋଟେ ଅପହୃତ ସ୍ୱପ୍ନ ଓ ଉତ୍ତେଜନାକୁ
ଗୃହବଂଦୀ ବଂଶୀସ୍ୱନର
ନୀଳ ନିମନ୍ତ୍ରଣରେ
ହକାଳି ଦେଉଚି ।

ଶୁଖିଲା ଦୂବ ଦେଇ
ବସନ୍ତରା ଠେକିରୁ
ପାଣି ବୋହିପଡି
ତୁଳସୀମୂଳକୁ ଭିଜେଇ ଦେବାପରି
ଭିଜେଇ ଲାଗିଚି
ମଗଜରେ ଗୋଟେ ଏକ୍‌ଲାପଣ ।

ଜହ୍ନଧୁଆ କାକର ଟୋପାରେ
ଗୋଟେ ନିଃସର୍ତ୍ତ ସମର୍ପଣ
ଛାତିତଳ ବତୀଖୁଣ୍ଟ ତଳେ
ଆସର ଜମେଇଚି ଖୋକାଭାଇ
ଆକାଂକ୍ଷିତ ଆଳାପରେ
କିଚିରି ମିଚିରି ନୂଆ କୋଳାହଳ
ଲାଗୁଚି କବିତା ପରି ।

*ବରିଷ୍ଠ ଅଧ୍ୟାପକ*
*ଓଡ଼ିଆ ଭାଷା ସାହିତ୍ୟ ବିଭାଗ*
*ବରୁଣେଶ୍ୱର ମହାବିଦ୍ୟାଳୟ*
*ଅରେଇ, ଯାଜପୁର - ୨୭*

ꙮꙮꙮ

# ମହାଲୀଳା

*ବିଜୟଲକ୍ଷ୍ମୀ ଦାଶ*

ମହାମାରୀର ମହାଲୀଳା
ଲୁହର ସଲୀଳା,
କୋହର କୁହୁଳା ମନ
ହତାଶାର ନୀଳ ଅପଘନ ।
ଆତଙ୍କିତ ସାରା ସରହଦ
ଯନ୍ତ୍ରଣାର ଯବନିକା ତଳେ
ହଜିଯାଏ ଜୀବନର
ଯେତେ ବାଦ ଯେତେ ଅପବାଦ ।
ଜନଶୂନ୍ୟ ଜନପଦ
ନୀରବତା ନଈ ପରେ ବହେ
ଲୁହ ହୋଇ
ଚାରିଆଡେ ଚରିଯାଏ
ଆଶଙ୍କାର ଅନେକ ପ୍ରବାଦ
ଆଖିକୋଣେ ମାଖିହୁଏ
ଖାଲି ଅବସାଦ ।

ଶବ ଆଉ ଶୋକର ପାହାଡ ସବୁ
ଠିଆ ହୁଏ, ସାମ୍ନାରେ ବି ଚିତା ଜଳେ
ବର୍ତ୍ତମାନ ଲାଗଇ ବିଭତ୍ସ ।
ଅକାଳରେ ଅନ୍ଧକାର ନେସିଦିଏ
ଅବସୋସ ଯେତେ
ଲିଭିଯାଏ ଆଶା ଆଉ
ଆଲୋକର ଉତ୍ସ ।
ମହାମାରୀ ମାୟା ପରି
ପୋଛିଦିଏ -ସୁଖର ସାମ୍ରାଜ୍ୟ
ବିଭାଜିତ ଭାଗ୍ୟ ପରି
ଝୁଲୁଥାଏ ଅଝାଲଟେ
ମରଣର ଦ୍ୱୀପାନ୍ତରେ
ଅଜଣା ଜାହାଜ ।

ଶ୍ରୀକ୍ଷେତ୍ର ଭକ୍ତନିବାସ
ଗ୍ରାଣ୍ଡରୋଡ୍, ପୁରୀ
ମୋ-୯୪୩୯୦୧୨୨୬୭

ଓଁ ୦ ଓଁ



